ଦ୍ୱିତୀୟ ବର୍ଷ

ଜ୍ୟେଷ୍ଠ ମାସ

ପ୍ରଥମ ସଂଖ୍ୟା




ସଂପାଦକ - କୁମାର ବ୍ରଜେନ୍ଦ୍ର ନାରାୟଣ ସିଂହ ଦେବ

ବାର୍ଷିକ ମୂଲ୍ୟ ୬ ଟଙ୍କା

ପ୍ରତି ସଂଖ୍ୟା ଦଶ ଅଣା

Digitized by srujanika@gmail.com



ଦ୍ୱିତୀୟ ବର୍ଷ ଜ୍ୟୈଷ୍ଠ ମାସ ପ୍ରଥମ ସଂଖ୍ୟା

## କୋଶଳ-କଳା-ମଣ୍ଡଳର

ମୁଖପତ୍ର ରୂପେ ପ୍ରକାଶିତ

ସଂପାଦକ ସଂଘ:—

ଶ୍ରୀ କାଳନ୍ଦୀ ଚରଣ ପାଣିଗ୍ରାହୀ
ରାଜ୍ୟରତ୍ନ ଶ୍ରୀ ବଳଭଦ୍ର ବହିଦାର
କବିଚନ୍ଦ୍ର ଶ୍ରୀ କାଳୀ ଚରଣ ପଟ୍ଟନାୟକ
ଶ୍ରୀ ବିଧୁଭୂଷଣ ଗୁହ
ଶ୍ରୀ ସାମୁଏଲ ନାୟକ

ପରିଚାଳକ—
ଶ୍ରୀ ଗଙ୍ଗା ପ୍ରସାଦ ପଣ୍ଡା

Digitized by srujanika@gmail.com

ଓଡ଼ିଶା ସରକାରଙ୍କ ପତ୍ର ନଂ ୫୨୬୮ ଆର ତା ୩-୨-୧୯୩୨ ପତ୍ରରେ
'ଝଙ୍କାର'
ଶିକ୍ଷା ବିଭାଗୀୟ ନିର୍ଦ୍ଦେଶକଙ୍କ ଅନୁମୋଦନ ଲାଭ
ଗୃହୀତ ହୋଇଅଛି ।

# ସୂଚୀ


| ବିଷୟ | | ଲେଖକମାନଙ୍କ ନାମ | ପୃଷ୍ଠା |
|---|---|---|---|
| ୧ ବଳାକା | [ପଦ୍ୟ] | ଶ୍ରୀ ପ୍ରାଣକୃଷ୍ଣ ସାମଲ | ୧ |
| ୨ ଭାରତ କାହାର ? | | ଶ୍ରୀ ବେଣୀ ମାଧବ ପାଢ଼ୀ | ୨ |
| ୩ ପୟୋଧି | [ଗଳ୍ପ] | ଶ୍ରୀ ଗୋପୀନାଥ ପଟ୍ଟନାୟକ | ୫ |
| ୪ ଉତ୍କଳୀୟ ଭାସ୍କର୍ଯ୍ୟ ଓ ପୁରୀ ଦେଉଳ | | ଶ୍ରୀ କୁଞ୍ଜ ବିହାରୀ ଦାଶ | ୯ |
| ୫ ତୁମେ | [ପଦ୍ୟ] | ଶ୍ରୀ କିଶୋରୀ ଚରଣ ଦାସ | ୧୫ |
| ୬ ମଶାଣିତଳେ | [ଗଳ୍ପ] | ଶ୍ରୀ ଲକ୍ଷ୍ମୀଧର ମହାନ୍ତି | ୧୬ |
| ୭ ପଲ୍ଲବ ଓ ତାହାର ଢବ | | ଶ୍ରୀ ସୋମନାଥ ହୋତାଶର୍ମା | ୧୯ |
| ୮ ପରଆପଣା | [ଗଳ୍ପ] | ଶ୍ରୀ ରାଜକିଶୋର ଦାସ | ୨୩ |
| ୯ ଆହ୍ୱାନ | [ପଦ୍ୟ] | ଶ୍ରୀ ପ୍ରମଥ ନାଥ ମିଶ୍ର | ୨୬ |
| ୧୦ ପ୍ରେମ ଓ ତାର ଛନ୍ଦ | [ଗଳ୍ପ] | ଶ୍ରୀ ବଂଶୀଧର ଭୂୟାଁ | ୨୬ |
| ୧୧ ହସ୍ତଶିଳ୍ପ ଶିକ୍ଷା | | ଶ୍ରୀ ନୀଳମଣି ବେହେରା | ୨୯ |
| ୧୨ ଇଂରେଜ ସାହିତ୍ୟର ଗତିଧାରା | | ଶ୍ରୀ ଶୁକଦେବ ଶର୍ମା | ୩୩ |
| ୧୩ ପୁସ୍ତକପରିଚୟ | | | ୪୦ |
| ୧୪ ସାହିତ୍ୟ ସମାଚାର | | | ୪୦ |
| ୧୫ ଯୁଗଧାରା | | ସଂପାଦକୀୟ | ୪୨ |


Digitized by srujanika@gmail.com

# ଚତୁରଙ୍ଗ

ନାଟ୍ୟ-ସଙ୍ଗୀତ-ତତ୍ତ୍ୱଜ୍ଞାଃ ଯେ ସାହିତ୍ୟ-ବିଶାରଦାଃ ।
କଳାସୁ କୁଶଳାଃ ସର୍ବେ ମହୀୟନ୍ତାଂ ମହୀତଳେ ॥

ଦ୍ୱିତୀୟ ବର୍ଷ ✱ ଜ୍ୟୈଷ୍ଠ ସଂକ୍ରାନ୍ତି; ବୃଷ ୧୮ । ୫ । ୪୭ ✱ ପ୍ରଥମ ସଂଖ୍ୟା


## ବଲାକା


ଶ୍ରୀ ପ୍ରାଣକୃଷ୍ଣ ସାମଲ


ହେ ବଲାକା, ମେଘସାଥି ! ହେ କୌଞ୍ଚ ବିହଗ
ସୃଷ୍ଟିର ପ୍ରଥମ ଶ୍ଳୋକ କଲୁ ଉପଭୋଗ
ଘନକୃଷ୍ଣ ମେଘ ପାଶେ ତୋର ଶୁଭ୍ର ଛବି
କଲପନା ସ୍ରୋତେ ଭସାଇଲା କେତେ କବି

କା ନେବେ ଦେଖିଲୁ ତୁରେ ପୁଣ୍ଡରୀକ ସମ
ଯେ ଦେଖିଲା ଯକ୍ଷୀ ନୋହୁ, ବିରହ ଦହନ
ଅଞ୍ଜନ ଶବର ତୋର ରଚିଲ ବିରହ
ବିଚ୍ଛେଦୀରେ ଭୟ ଦେଇ ତେଣୁ ଅମ୍ବର ?

କାହାକୁ ଖୋଇଲୁ ତୁଟରେ ମଞ୍ଜୁ ମଲ୍ଲୀମାଳ
ଅଧରେ କରିଛି ହାର କୃଷ୍ଣା ମେଘ ବାଳା
ମୁଁ ପୃଚ୍ଛି କହଇ ତୋତେ ପର୍ଯ୍ୟ ପକ୍ଷୀଭାବ ଛାଡ଼
କଳାମେଘୀ ପାଟେ ତୁରେ ଗୃହୁ ଧୈର୍ଯ୍ୟ ପାଡ଼

ପୁଲକର କିଶୋରୀ ଜୁଡ଼ା ବେଢ଼ା କୁନ୍ଦହାର;
ମେଘ ପଟେ କିଏଁ କେରି ତୁ ଅବା ଅମର !
ବାଣୀର ବିଜୟ ବାନା ଉଡ଼ାଉ ଆକାଶେ—
ଅଜ୍ଞାନତା ଦୁଗ ଭେଦ, ତଡ଼ିତ ବିକାଶେ

କିଏଁ ଜାଣି ଆଦ ଶିଲ୍ପୀ କୁତୁହଳ ମନା
କୃଷ୍ଣ ମେଘ ସାଥେ ତୋର କରିଛି ଯୋଜନା
ନକ୍ଷତ୍ର ଉଲ୍ଲାସେ ବଢ଼େ ତୋ ଶୁକ୍ଳ ପକ୍ଷ
ଗୌରବ ତୋ ବଢେ ତହିଁ ଲୁଟି କୋଟି ଲକ୍ଷ

ନିର୍ଜୀବ, ପଲ୍ଲବହୀନ ତରୁ ପରେ ବସି
ତେବେ ଭଞ୍ଜ ଇଷ୍ଟ ମନ ଥିଲୁ ଆକରଷି


Digitized by srujanika@gmail.com

## ସ୍ମରଣ

ବୈଦେହୀଶ ବିଳାସରେ ହୋଇ ଉଚେ ସ୍ଥାନ
କରିଛନ୍ତି ଉପଯୁକ୍ତ ତୋହର ସମ୍ମାନ
ଦୁଶ୍ଚିନ୍ତା ବର୍ଜ୍ଜଦେ ହୁଅ ବିବେକର ସାର
ହେ ପୁରାଣ ପକ୍ଷୀ ମୋର ଘେନ ନମସ୍କାର

---

# ଭାରତ କାହାର ?

ଶ୍ରୀ ବେଣୀମାଧବ ପାଢ଼ୀ

ଭାରତବର୍ଷର ଇତିହାସ କାହାର ଇତିହାସ ?

ଦିନେ ଯେଉଁ ଶ୍ୱେତକାୟ ଆର୍ଯ୍ୟଗଣ ହିନ୍ଦୁକୁଶ ଏବଂ ମନ ହ୍ୟର ସମସ୍ତ ଦୁର୍ଲଙ୍ଘ୍ୟ ବାଧା ଭେଦ କରି ଭାରତବର୍ଷରେ ପ୍ରବେଶ କରିଥିଲେ - ଯେଉଁ ଘନାନ୍ଧକାର ସୁବିସ୍ତୀର୍ଣ୍ଣ ଅରଣ୍ୟପୁଞ୍ଜ ଏହି ମହାଦେଶକୁ ଆଚ୍ଛନ୍ନ କରି ରଖିଥିଲା ତାହାକୁ ନିବିଡ଼ ଯବନିକା ସଦୃଶ ଅପସାରିତ କରି ଫଳପୁଷ୍ପ ସୁଶୋଭିତ ଆଲୋକମୟ, ଉନ୍ମୁକ୍ତ ରଙ୍ଗଭୂମିକୁ ଉଦ୍‌ଘାଟିତ କରିଥିଲେ, ସେମାନଙ୍କର ବୁଦ୍ଧି, ଶକ୍ତି ଓ ସାଧନା ଏହି ଇତିହାସର ମୂଳଦୁଆ ରଚନା କରିଥିଲା, ତଥାପି ସେମାନେ କହି ପାରି ନ ଥିଲେ ଯେ ଭାରତବର୍ଷ ଆମର ।

ଆର୍ଯ୍ୟମାନେ ଯେ ଅନାର୍ଯ୍ୟମାନଙ୍କ ସହିତ ମିଶିଯାଇଥିଲେ - ସେଥିରେ କୌଣସି ସନ୍ଦେହ ନାହିଁ । ପ୍ରଥମ ଯୁଗରେ ଯେତେବେଳେ ଆର୍ଯ୍ୟମାନଙ୍କର ପ୍ରଭାବ ଅକ୍ଷୁଣ୍ଣ ଥିଲା ସେହି ସମୟରେ ଅନାର୍ଯ୍ୟ-ଶୂଦ୍ରଙ୍କ ସହିତ ସେମାନଙ୍କର ପ୍ରତିଲୋମ ବିବାହ ଚାଲୁଥିଲା ଏବଂ ପରବର୍ତ୍ତୀ ବୌଦ୍ଧଯୁଗରେ ସେହି ବୈବାହିକ ରୀତି ଆହୁରି ଅବାଧ ହୋଇ ଉଠିଥିଲା । ଏହି ଯୁଗର ଅବସାନ ସମୟରେ ଯେତେବେଳେ ହିନ୍ଦୁ ସମାଜ ନିଜନିଜର କୁସଂସ୍କାରଗୁଡ଼ିକୁ ପୁନଃସଂସ୍କାର କରିବାକୁ ପ୍ରବୃତ୍ତ ହେଲେ ଏବଂ ଶକ୍ତ ପାଷାଣ ଦେଇ ନିଜର ପ୍ରାଚୀର ସୁଦୃଢ଼ କରିବାକୁ ଚେଷ୍ଟିତ ହେଲେ, ସେତେବେଳେ ଦେଶର ଅନେକ ସ୍ଥାନରେ ଏହିପରି ଅବସ୍ଥା ଘଟିଲା ଯେ ଯାଗ ଜ୍ୟୋତିଷ୍ଟୋମାଦି କ୍ରିୟା ସମାପନ ପାଇଁ ଜଣେ ବିଶୁଦ୍ଧ ନୈଷ୍ଠିକ ବ୍ରାହ୍ମଣକୁ ପାଇବା କଠିନତର ହୋଇ ଉଠିଲା, ପୁଣି କେତେକ ସ୍ଥାନରେ ବିଭିନ୍ନ ଦେଶରୁ ମଧ୍ୟ ବ୍ରାହ୍ମଣମାନଙ୍କୁ ନିମନ୍ତ୍ରଣ କରି ଆଣିବାକୁ ହେଲା ଏବଂ କେତେକ ଜାଗାରେ ରାଜାଙ୍କର ଆଦେଶରେ ବ୍ରାହ୍ମଣେତରଙ୍କୁ ମଧ୍ୟ ଉପବୀତ ପିନ୍ଧାଇ ବ୍ରାହ୍ମଣ ରଚନା କରିବାକୁ ପଡ଼ିଥିଲା । ବର୍ଣ୍ଣର ଯେଉଁ ଶୁଭ୍ରତା ନେଇ ଦିନେ ଆର୍ଯ୍ୟମାନେ ଗୌରବବୋଧ କରୁଥିଲେ ଆଜି ସେ ଶୁଭ୍ରତା ମଳିନ ହୋଇଯାଇଛି; ଏବଂ ଆର୍ଯ୍ୟଗଣ ଶୂଦ୍ରଙ୍କ ସହିତ ମିଶି ସେମାନଙ୍କର ବିବିଧ ଆଚାର ଓ ଧର୍ମ, ଦେବତା ଓ ପୂଜା ପ୍ରଣାଳୀ ଗ୍ରହଣ କରି, ସେମାନଙ୍କୁ ସମାଜରେ ଅନ୍ତର୍ଭୁକ୍ତ କରି 'ହିନ୍ଦୁସମାଜ' ନାମରେ ଏକ ସମାଜ ଗଠନ କରିଛନ୍ତି । ବୈଦିକ ସମାଜ ସହିତ ଏହାର କେବଳ ଯେ ଅସାମଞ୍ଜସ୍ୟ ଅଛି, ତାହା ନୁହେଁ, ଅନେକ ଜାଗାରେ ତା'ର ବିରୋଧ ମଧ୍ୟ ପରିଦୃଷ୍ଟ ହୁଏ ।

ଅତୀତର ସେହି ଗୌରବମୟ ଅଧ୍ୟାୟରେ ଭାରତବର୍ଷର ଇତିହାସ ରଚି ଆଣି ପାରିଛନ୍ତି କି ? ବିଧାତା କି ତାହାଙ୍କୁ ଏ କଥା ରେଜଷ୍ଟ୍ରି କରାଇଛନ୍ତି ଯେ ଭାରତବର୍ଷର ଇତିହାସ ହିନ୍ଦୁର କେବଳ ଇତିହାସ ? ହିନ୍ଦୁର ଭାରତରେ ଯେତେବେଳେ ରାଜପୁତ ବୀରମାନେ ପରସ୍ପର ହଣାହଣି ହୋଇ ବୀରତ୍ୱର ଅପବ୍ୟବହାର ଲାଗି

Digitized by srujanika@gmail.com

ଅଭିମାନକୁ ପ୍ରଶ୍ରୟ ଦେଉଥିଲେ ସେହି ଭେଦ ଭାବର ଛିଦ୍ର ଦେଇ ମୁସଲମାନମାନେ ଏ ଦେଶରେ ପ୍ରବେଶ କରି ଚତୁର୍ଦ୍ଦିଗେ ବିସ୍ତୃତ ହୋଇ ପଡ଼ିଲେ ଏବଂ କ୍ରମାନ୍ୱୟରେ ଜନ୍ମଗ୍ରହଣ କରି ଓ ମରି ଏହି ଦେଶର ମାଟିକୁ ନିଜର କରିନେଲେ ।

ଯଦି ଠିକ୍ ଏହି ସ୍ଥାନରେ ପୂର୍ଣ୍ଣଚ୍ଛେଦ ଦେଇ କୁହାଯାଏ - ବେଶ୍ ଆଉ ନାହିଁ - ଭାରତବର୍ଷର ଇତିହାସକୁ ଆମ୍ଭେମାନେ ହିନ୍ଦୁ ମୁସଲମାନଙ୍କର ଇତିହାସ ବୋଲି ଧରିନେବା ତେବେ ଯେଉଁ ବିଶ୍ୱସ୍ରଷ୍ଟା ମାନବ ସମାଜକୁ ସଂକୀର୍ଣ୍ଣ କେନ୍ଦ୍ର ମଧ୍ୟରୁ ବୃହତ୍ତର ପରିଧିର ଦିଗକୁ ଆବର୍ତ୍ତିତ କରାନ୍ତି ସେ କି ତାଙ୍କର ପ୍ଲାନ ବଦଳାଇ ଆମର ସଂକୀର୍ଣ୍ଣତାକୁ ଅନୁମୋଦନ କରିବେ ?

ଭାରତବର୍ଷ ଆମର ହେବ ନା ତୁମର ହେବ, ହିନ୍ଦୁର ହେବ ନା ମୁସଲମାନର ହେବ ଅଥବା ଆଉ କୌଣସି ଜାତି ଆସି ଆଧିପତ୍ୟ ବିସ୍ତାର କରିବ - ବିଧାତାଙ୍କର ଦରବାରରେ ଯେ ସେହି ଅଭିଯୋଗଟି ବେଶୀ ଆଲୋଚିତ ହେଉଛି ତାହା ନୁହେଁ, ତାଙ୍କର କଚେରିରେ ନାନା ପକ୍ଷର ଓକିଲ ନାନା ପକ୍ଷର ଦରଖାସ୍ତ ପେଶ କରି ନାନା ପ୍ରକାର ଯୁକ୍ତି ଦେଖାଇ ଲଢୁଛନ୍ତି - ପରିଶେଷରେ ଦିନେ ମକଦ୍ଦମା ଶେଷ ହେଲେ ହିନ୍ଦୁ, ମୁସଲମାନ, ଇଂରେଜ ନୁହେଁ ତ ଆଉ କୌଣସି ଗୋଟିଏ ଜାତି ଚୂଡ଼ାନ୍ତ ଡିକ୍ରୀ ପାଇ ଯେ ଜୟପତାକା ଉଡ଼ାଇବ ଏ କଥା ନୁହେଁ । ଆମେ ଭାବୁ ଜଗତରେ ସ୍ୱାର୍ଥର ଯୁଦ୍ଧ ଚାଲିଛି, କିନ୍ତୁ ଆମର ଭାବନା ଯେ ଅହଂକାର ବା ଭ୍ରମ ଏଥିରେ ସନ୍ଦେହ ନାହିଁ । ଯୁଦ୍ଧ ଯାହାକି ସେ କେବଳ ସତ୍ୟର ଯୁଦ୍ଧ - ନ୍ୟାୟର ଯୁଦ୍ଧ ।

ଯାହା ସର୍ବାପେକ୍ଷା ଶ୍ରେଷ୍ଠ - ଯାହା ସର୍ବାପେକ୍ଷା ପୂର୍ଣ୍ଣ - ଯାହା ଚରମ ସତ୍ୟ ତାହା ସଭିଙ୍କର ହୃଦ୍‌ପିଣ୍ଡ ସହିତ ସଂଶ୍ଳିଷ୍ଟ ଏବଂ ତାହା କେବଳ ନାନାପ୍ରକାର ଆଘାତ ପ୍ରତିଘାତର ମଧ୍ୟ ଦେଇ ଉନ୍ନତ ଦିଗକୁ ଧାବମାନ ହୁଏ । ଆମର ଯାହା କିଛି ଅଛି ତା'ର ବିନାଶପ୍ରତିରେ ସେତିକି ଅଗ୍ରସର ହେବାକୁ ଚେଷ୍ଟା କରିବା ସେତିକି ପରିମାଣରେ ଆମର ଚେଷ୍ଟା ସାର୍ଥକ ହେବ । ନିଜକୁ - ବ୍ୟକ୍ତି ହିସାବରେ ହେଉ ବା ଜାତି ହିସାବରେ ହେଉ - ଜୟଯୁକ୍ତ କରିବାର ଯେ ଚେଷ୍ଟା ବିଶ୍ୱ ସୃଷ୍ଟିରେ ତାହାର ଗୁରୁତ୍ୱ ଆଦୌ ନାହିଁ ବୋଲି ଚଳେ । ଗ୍ରୀସ୍‌ର ଜୟପତାକା ସିକନ୍ଦରଙ୍କୁ ଆଶ୍ରୟ କରି ମଧ୍ୟ ସମଗ୍ର ପୃଥିବୀରେ ଯେ ସାର୍ବଭୌମତାକୁ ବିସ୍ତାର କରି ପାରିଲା ନାହିଁ ସେତିକିରେ ଗ୍ରୀସ୍‌ର ଦମ୍ଭ ବ୍ୟର୍ଥ ହୋଇଯାଇଛି । ପୃଥିବୀରେ ସେହି ଦମ୍ଭ ମୂଲ୍ୟ କିଛି ନାହିଁ । ରୋମ୍‌ର ବିଶ୍ୱସାମ୍ରାଜ୍ୟ ବର୍ବରର ସଂଘାତରେ ଫାଟିଯାଇ ଖଣ୍ଡ ଖଣ୍ଡ ହୋଇ ସାରା ୟୁରୋପରେ ବିକୀର୍ଣ୍ଣ ହୋଇଥିଲା । ସେଥିରେ ତା'ର ଅହଂକାର ଅପୂର୍ଣ୍ଣ ରହିଗଲା - କିନ୍ତୁ ସେହି କ୍ଷତିପୂରଣ ପାଇଁ ଆଜି ଜଗତରେ କେହି ଜଣେ ସୁଦ୍ଧା ବିଳାପ କରିବାକୁ ଅଛନ୍ତି କି ? ଗ୍ରୀସ୍ ଓ ରୋମ୍ ଆଜି ଯେଉଁ ଅମୂଲ ସମ୍ପଦ ରଖିଯାଇଛନ୍ତି ତାହା ଉପଭୋଗ କରିବାକୁ ତାହାର ସନ୍ତାନ ସମର୍ଥ କି ?

ଭାରତର ଯେ ଇତିହାସ ତା'ର ଏହା ଶେଷ ତାତ୍ପର୍ଯ୍ୟ ନୁହେଁ ଯେ ଏ ଦେଶରେ ହିନ୍ଦୁର ଆଧିପତ୍ୟ ରହିବ ବା ଅନ୍ୟ କାହାର ରହିବ । ଭାରତବର୍ଷରେ ମାନବର ଇତିହାସ ଗୋଟିଏ ବିଶେଷ ସାର୍ଥକତାର ମୂର୍ତ୍ତି ସଂଗ୍ରହ କରିବ ଏବଂ ପରିପୂର୍ଣ୍ଣତାକୁ ଗୋଟିଏ ଅପୂର୍ବ ଆକାର ପ୍ରଦାନ କରି ତାହାକୁ ସମସ୍ତ ମାନବର ପୂଜା ସାମଗ୍ରୀ କରାଇବ । ଏହାଛଡ଼ା ଅନ୍ୟ କୌଣସି କ୍ଷୁଦ୍ର ଅଭିପ୍ରାୟ ଭାରତବର୍ଷର ଇତିହାସରେ ନାହିଁ । ଏହି ପରିପୂର୍ଣ୍ଣତାର ପ୍ରତିମା ନିର୍ମାଣରେ ହିନ୍ଦୁ, ମୁସଲମାନ କି ଇଂରେଜ ଯଦି ନିଜର ବିଶେଷ ଆକାରଟିକୁ ଏକବାର ବିଲୁପ୍ତ କରିଦିଅନ୍ତି - ସେଥିରେ ସ୍ୱାଜାତ୍ୟ ଅଭିମାନର ଅପମୃତ୍ୟୁ ଘଟିପାରେ କିନ୍ତୁ ସତ୍ୟ ବା ମଙ୍ଗଳର ଅପଚୟ ହୁଏନା ।

ବର୍ତ୍ତମାନ ଇଂରେଜ ଜାତି ଆସି ଭାରତବର୍ଷର ଇତିହାସରେ ଗୋଟିଏ ପ୍ରଧାନ ସ୍ଥାନ ଅଧିକାର କରିଛି

Digitized by srujanika@gmail.com

ରହିଛି । ଏହି ଘଟନା କିଛି ଆକସ୍ମିକ ନୁହେଁ, ପାଶ୍ଚାତ୍ୟ ସଂସ୍ରବରୁ ବଞ୍ଚିତ ହୋଇଥିଲେ ଭାରତବର୍ଷ ସମ୍ପୂର୍ଣ୍ଣତାରୁ ମଧ୍ୟ ବଞ୍ଚିତ ହୁଅନ୍ତା । ବର୍ତ୍ତମାନ ୟୁରୋପର ପ୍ରଦୀପ ପ୍ରଜ୍ଜ୍ୱଳିତ ଅବସ୍ଥାରେ ଅଛି । ସେଥିରୁ ଆମର ପ୍ରଦୀପ ପ୍ରଜ୍ଜ୍ୱଳିତ କରି ଆମ୍ଭମାନଙ୍କୁ କାଳର ପଥରେ ଅଗ୍ରସର ହେବାକୁ ହେବ । କେବେ କହନ୍ତି - ବିଶ୍ୱଜଗତରେ ଆଜି ଯାହା ଯାହା ପାଇପାରିବା ତିନି ହଜାର ବର୍ଷ ପୂର୍ବରୁ କେବଳ ଆମର ପିତାମହମାନେ ସେହି ସମସ୍ତ ସଞ୍ଚୟ କରି ଯାଇଛନ୍ତି । କିନ୍ତୁ ଆମ୍ଭେମାନେ ଏତେଦୂର ହତଭାଗ୍ୟ ନୋହୁଁ କିମ୍ବା ଦୁନିଆଁ ଏତେଦୂର ଦରିଦ୍ର ନୁହେଁ । ଆମ୍ଭେମାନଙ୍କୁ ଯାହା କରିବାକୁ ଅଛି ଆମର ପୂର୍ବରେଇ କରାଯାଇଛି - ଏ କଥା ଯଦି ସତ୍ୟ ହୁଏ ତେବେ କର୍ମମୟ ସଂସାରକ୍ଷେତ୍ରରେ ଆମ୍ଭେମାନେ ନିତାନ୍ତ ଅକର୍ମଣ୍ୟଭାବେ ପୃଥିବୀର ଭାର ହୋଇ ପଡ଼ିବା । ଯେଉଁମାନେ ପିତାମହମାନଙ୍କ ଦ୍ୱାରା କେବଳ ସମସ୍ତ ସାଂସାରିକ କାର୍ଯ୍ୟ ସୁସଂପନ୍ନ ହୋଇଯାଇଛି ବୋଲି ଭାବନ୍ତି ଏବଂ ସମସ୍ତ ବିଶ୍ୱାସ ଏବଂ ଆଗ୍ରହ ଦ୍ୱାରା ଆଧୁନିକତାର ସଂସ୍ପର୍ଶରୁ ନିଜକୁ ବଞ୍ଚିତ କରିବାର ଚେଷ୍ଟା କରନ୍ତି - ସେମାନେ ନିଜକୁ କାହିଁକି ବା ବଞ୍ଚାଇ ରଖିବେ ? ନାହିଁ ଅଛି ସେମାନଙ୍କର ବର୍ତ୍ତମାନର ତାଡ଼ନା - ନାହିଁ ଅଛି ଭବିଷ୍ୟତର ଆଶ୍ୱାସନା ? ଯେଉଁ ପ୍ରୟୋଜନ ହେତୁ ଆମ୍ଭେମାନେ ପୃଥିବୀକୁ ଆସିଛେ ସେ ପ୍ରୟୋଜନ ଆମମାନଙ୍କର କ୍ଷୁଦ୍ରତା ମଧ୍ୟରେ ଆବଦ୍ଧ ନୁହେଁ - ତାହା ସମଗ୍ର ମନୁଷ୍ୟ ଜାତିର ସଙ୍ଗେ ଜ୍ଞାନ - ପ୍ରେମ - କର୍ମର ପରିବର୍ଦ୍ଧମାନ ସମ୍ବନ୍ଧରେ ଶୃଙ୍ଖଳିତ । ସେହି ପ୍ରୟୋଜନଟି କେବଳ ନାନା ପ୍ରକାର ଉଦ୍ଭାବନା ପ୍ରବର୍ତ୍ତନାରେ ନିଜେ ଜାଗ୍ରତ ରହେ ଓ ମାନବକୁ ଜାଗରିତ କରେ । ଆମ ମଧ୍ୟରେ ସେହି ଉଦ୍ୟମ ଠିକକର ଅଭାବ ଦେଇ ଇଂରେଜ ଭାରତ ପାଚେରିର ଜୀର୍ଣ୍ଣଦ୍ୱାରଭାଙ୍ଗି ସବଳେ ଗୃହ ମଧ୍ୟରେ ପ୍ରବେଶ କରଛି, ଯେଉଁଦିନ ପର୍ଯ୍ୟନ୍ତ ସଂସାର ଯଜ୍ଞର ନିମନ୍ତ୍ରଣକୁ ତାଙ୍କର କାନ୍ଧ ସହିତ କାନ୍ଧ ମିଶାଇ ଭାରତବାସୀ ଯାତ୍ରାରମ୍ଭ କର ନାହାନ୍ତି, ସେ ପର୍ଯ୍ୟନ୍ତ ସେମାନେ ଆମକୁ ପୀଡ଼ା ଦେଉଥିବେ—ଆରାମରେ ଆଦୌ ଅଳ୍ପ ଶୋଇବାକୁ ଦେବେନାହିଁ ।

ତା ବୋଲି ଯେ ଆକସ୍ମିକଭାବେ ଦୁଃସାହସିକ ବଳ ପ୍ରୟୋଗ କରାଯାଇ ପାରେନା । ତ୍ୟାଗ ଦ୍ୱାରା ବଳ ସମୃଦ୍ଧ ହୁଏ । ଭାରତବାସୀ ଯେତେଦିନ ପର୍ଯ୍ୟନ୍ତ ତ୍ୟାଗଶୀଳ ନ ହୋଇଛି, ଭୟ, ସ୍ୱାର୍ଥ ଓ ସୌଖିନକୁ ଦେଶପାଇଁ ବଳି ନ ଦେଇଛି ସେତେଦିନ ପର୍ଯ୍ୟନ୍ତ ଇଂରେଜ ନିକଟରୁ ସେ ଭିକ୍ଷା କେବଳ ଆଣିବାକୁ ହେବ, ଏବଂ ତାଦ୍ୱାରା ଲଜ୍ଜା ଓ ଅକ୍ଷମତା ବଢ଼ି ଉଠିବ, ନିଜର ଦେଶକୁ ଯେତେବେଳେ ନିଜର ତ୍ୟାଗଦ୍ୱାରା ନିଜର କରି ନେବା, ଯେତେବେଳେ ଦେଶର ଶିକ୍ଷା-ସ୍ୱାସ୍ଥ୍ୟର ଉନ୍ନତି ସକାଶେ ଆମର ସମସ୍ତ ସାମର୍ଥ୍ୟ ନିୟୋଜିତ କରିବା ସେତେବେଳେ ଇଂରେଜଙ୍କ ନିକଟରେ ଏବର ମରି ଦୈନ୍ୟ ଅବଲମ୍ବନ କରିବାକୁ ହେବନାହିଁ କିମ୍ବା ଭ୍ରାତୃତ୍ୱବାଦ ମେଣ୍ଟାଇବାକୁ ତାହାଙ୍କୁ ମଧ୍ୟସ୍ଥଭାବେ ନିମନ୍ତ୍ରଣ କରିବାକୁ ପଡ଼ିବ ନାହିଁ । ସେତେବେଳେ ଦେଶର ସଙ୍ଗେ ଦେଶର ଜାତିର ସଙ୍ଗେ ଜାତିର - ଜ୍ଞାନ ସଙ୍ଗେ ଜ୍ଞାନର—ଚେଷ୍ଟାର ସଙ୍ଗେ ଚେଷ୍ଟାର ଯୋଗସୂତ୍ର ରକ୍ଷିତ ସେତେବେଳେ ବର୍ତ୍ତମାନ ଭାରତ ଇତିହାସରେ ଯେଉଁ ଅଧମିକାର ପର୍ବ ଚାଲିଛି ତାହା ଶେଷ ହୋଇ ପୃଥିବୀର ମହତ୍ତର ଇତିହାସ ମଧ୍ୟରେ ସେ ଉତ୍ତୀର୍ଣ୍ଣ ହେବ । ସେତେବେଳେ ହିନ୍ଦୁ, ମୁସଲମାନ - ଶିଖ - ଇଂରେଜ ସମସ୍ତେ କହିବେ ଭାରତବର୍ଷର ଇତିହାସ ସତ୍ୟର ଇତିହାସ - ପୂର୍ଣ୍ଣର ଇତିହାସ, ତାହା ହିନ୍ଦୁର ନୁହେଁ କିମ୍ବା ଅନ୍ୟ କୌଣସି ଜାତିର ନୁହେଁ ।

Digitized by srujanika@gmail.com

# ପୟୋଧି

ଶ୍ରୀ ଗୋପୀନାଥ ପଟ୍ଟନାୟକ

ନୀଳାମ୍ବର ବେଶ୍ ସୁନ୍ଦର ଚେହେରା । ଦୀର୍ଘ, ଗୌରବର୍ଣ୍ଣ, ବଳିଷ୍ଠ ଦେହ । ନିଜର ଚେହେରା ପ୍ରତି ସେ ଅତ୍ୟନ୍ତ ସଚେତନ ବୋଲି ମନେହୁଏ । ଆଧୁନିକ ଧରଣରେ କଲାର କଟା ହୋଇଛି ବକା ହୋଇ । ମୁଣ୍ଡର କୁଞ୍ଚିତ କେଶରାଶିକୁ କେହି କେବେ ଅସଂଯତ ଅବସ୍ଥାରେ ଦେଖିନି । ସେ ଜାଣେ ଆଜିକାଲି ଯୁଗରେ ସୁନ୍ଦର ଚେହେରାର ଦାମ ଅଛି । ତେଣୁ ସେ କେବେ ଅବହେଳା କରିନି ତାକୁ ପ୍ରକୃତରୂପେ ସଜାଇବାରେ ।

ତାର ରୁଚି ଏକେବାରେ ଅଲଗା ଧରଣର । ସେ କହେ ଦୁନିଆରେ ଉଚ୍ଚନୀଚ, ଅଭିଜାତ ଅନ୍ତ୍ୟଜ, ଧନୀ ଦରିଦ୍ର ଅତ୍ୟାଚାରୀ ଓ ଅତ୍ୟାଚାରିତ ଏ ଦୁଇ ରକମର ବୈସାଦୃଶ୍ୟ ରହି ପାରେନା । ଏ ପୁରାପୁରି ସାମ୍ୟବାଦୀ ନୀତି । ତାପରେ ସେ କହେ ଜାତିଭେଦ ସମାଜକୁ ପଙ୍ଗୁ କରି ଦେଉଛି, ଦୁନିଆରେ ନାରୀ ଓ ପୁରୁଷ କେବଳ ଏହି ଦୁଇଜାତି ବିଶେଷ । ଛୁଆଁ ଅଛୁଆଁ ସମାଜର କଳଙ୍କ । ଏମିତି ସାମ୍ୟବାଦ ଓ ଗାନ୍ଧୀବାଦ ଭିତରେ ସେ ଗୋଟାଏ ରଫା କରି ନେଇଛି । ତେଣୁ ଗାନ୍ଧୀ ଆଉ ଲେନିନ୍ ଉଭୟଙ୍କର ଫଟୋ ତା ଘରର ଶୋଭାବର୍ଦ୍ଧନ କରିବାର ଦେଖାଯାଏ । ତାକୁ ଖଦଡ ପିନ୍ଧିବାର ଲୋକେ ଦେଖିଛନ୍ତି । ଆଉ ପାତଳା ଫିନ୍ ଫିନ୍ ମିଲ୍ ଧୋତି ପିନ୍ଧିବାର ମଧ୍ୟ ଦେଖିଛନ୍ତି । ସେ କହେ ପୋଷାକ ପିନ୍ଧିବାବେଳେ ଦରକାର କେବଳ ଲଜ୍ଜା ନିବାରଣ ହେଲା ମୁଖ୍ୟ ଉଦ୍ଦେଶ୍ୟ ।

ନାରୀ ସମ୍ବନ୍ଧରେ ତାର ମତ ଏକଦମ ଅଲଗା । ସେ ଯୋଉ ଗଳ୍ପରେ ତାର ବନ୍ଧୁ ମହଲରେ ପ୍ରଚାର କରିଛି ନାରୀ ପୁରୁଷ ମଧ୍ୟରେ ପ୍ରେମ ବୋଲି ଗୋଟାଏ ଅଚ୍ଛେଦ୍ୟ ବନ୍ଧନ କିଛି ନାହିଁ । ନାରୀ ପୁରୁଷ ମଧ୍ୟରେ କେବଳ ଯୌନ ସମ୍ପର୍କକୁ ସ୍ୱୀକାର କରାଯାଇପାରେ ମାତ୍ର । ସତରେ କହିବାକୁ ଗଲେ ସେ ଜୀବନରେ କୌଣସି ତରୁଣୀର ପ୍ରେମରେ ପଡ଼ିନି । ତେଣୁ ସେ କହେ ପ୍ରେମ କରିବା ଦୁର୍ବଳତା - ତାକୁ ସେ ଜୟକରି ପାରିଛି ।

ନୀଳାମ୍ବ ଲେଖେ । ବଡ଼ ଲେଖକ ବୋଲି ତାର ନାଁ ଅବଶ୍ୟ ଏଯାଏଁ ଆତ୍ମପ୍ରକାଶ ହୋଇନି । ତେବେ ଗୋଟାଗୋଟି ମନ୍ଦ ଲେଖେନି । ତେଣୁ କବିତା ଗୁଡ଼ିକୁ ସେ ଘୃଣା କରେ, ଆଉ ଏପରିକି ସହକାରୀ ସମ୍ପାଦକ ପଦକୁ ବେଶୀ ପସନ୍ଦ କରେ । ଖୋଦ ସମ୍ପାଦକଙ୍କ କାମକୁ ନୀଳାମ୍ବ ଉପରେ ନିର୍ଭର କରାଯାଇପାରେ ।

ମାଟ୍ରିକ ପାଶ କରି ସାରିବା ପରେ ସେ ଆଉ ପଢ଼ିନି ଉପରକୁ । ସେ କହେ ୟୁନିଭରସିଟିର ଡିଗ୍ରୀ ହାସଲ କଲେ ଉପଯୁକ୍ତ ଶିକ୍ଷା ହେଲାନି । ଭାଷା ସାହିତ୍ୟର କଲଚର ଦରକାର ।

ଭାବୁକ ନୀଳାମ୍ବର ପୁରୀର ଗୃହଟି ସମୁଦ୍ରକୂଳର ଶୋଭା ଉପଲବ୍ଧି କରିବାରେ ଯଥେଷ୍ଟ ସାହାଯ୍ୟ କରିଛି । ସେ ଭୁଲରେ କେବେହେଲେ ସନ୍ଧ୍ୟାଟିକୁ ସମୁଦ୍ର କୂଳ ଛଡ଼ା ଅନ୍ୟ କୌଣସିଠାରେ ଅକାରଣରେ କଟାଇ ଦେଇନି । ଅନେକ କବିତା ସେ ଲେଖିଛି ସମୁଦ୍ରକୁ କେନ୍ଦ୍ରକରି । ପ୍ରତିଦିନର ସମୁଦ୍ରକୂଳର ବୁଲା ବୁଲି ଭିତରେ ଦଳେ ସୁନ୍ଦରୀ କେହି ତାର ଦୃଷ୍ଟି ଆକର୍ଷଣ କରି ପାରେନି । ସେ ସେ ଦିଗରେ ଉଦାସୀନ । ସେ ସେଠିକାର ବର୍ଣ୍ଣବହୁଳ ଜନତାକୁ ଭ୍ରୂକ୍ଷେପ କରେନି, ସେ କେବଳ ସମୁଦ୍ରକୁ ଦେଖିଛି - ତାର ବିରାଟତ୍ୱ ଉପଲବ୍ଧି କରି ଆତ୍ମହରା ହୋଇଛି । ଅସ୍ତଗାମୀ ସୂର୍ଯ୍ୟର ରଶ୍ମି ନୀଳ ଜଳରାଶି ଉପରେ ଯୋଉ ଅନିର୍ବଚନୀୟ

Digitized by srujanika@gmail.com

ଶୋଭା ସୃଷ୍ଟି କରିଛି ତାକୁ ଦେଖି ସେ 'ଆତ୍ମବିସ୍ମୃତ' ହୋଇଛି । ତାର ଭାବନାକୁ ରଙ୍ଗିନ୍ କରି ତାର ଲେଖାକୁ ଖୋରାକ ଯୋଗାଇଛି ଏଇ ଚପଳ ପୟୋର୍ଦ୍ଧି

ସେଦିନ ସନ୍ଧ୍ୟାର ଅବଗୁଣ୍ଠନ ତଳେ ସେଇ ସୁନୀଳ ପାରାବାରର ବେଳାଭୂମିରେ ମଞ୍ଜୁ ସହିତ ଦେଖା । କବି ନୀଳାମ୍ବୁ ଜୀବନରେ ତାର ଆବିର୍ଭାବ ଆକସ୍ମିକ । ଏକେବାରେ ନାରୀ ପ୍ରତି ତାର ସାମ୍ୟବାଦୀ ମତବାଦକୁ ବଦଳେଇ ଦେଇ ତାର ତାରୁଣ୍ୟକୁ ଚଞ୍ଚଳ କରିଦେଇଛି ମଞ୍ଜୁ । ତାର ସବୁ କିଛି ଓଲଟ ପାଲଟ ହୋଇ ଯାଇଛି ।

ଆଜି ମଞ୍ଜୁ ତାର କେତେ ଆପଣାର - ତାର ଜୀବନର ଆନନ୍ଦ ଉତ୍ସାହ ତାର ପ୍ରେରଣା ଦାୟୀ - ସବୁ । ସେ ସେଦିନ କଥା ଭାବେ । ତା ପାଇଁ ସେ କଣ କରିଥିଲା ? ପ୍ରଥମ ପରିଚୟ ଦିନ ହଜିଥିବା ଗୋଟାଏ ସୁନାର କାନଫୁଲ ଖୋଜିଦେବା ଛଡା ବିଶେଷ କିଛି ତ ସେ କରିନି । ଏହି ସାମାନ୍ୟ ସାହାଯ୍ୟ ସେଦିନ ମଞ୍ଜୁ ପରି ଧନୀଘର କନ୍ୟା ଯେ କୌଣସି ଇତର ଭଦ୍ର ଯୁବକଠୁ ପାଇ ପାରିଥାନ୍ତା ।

ମଞ୍ଜୁ ବି: ଏ: କ୍ଲାସର ଛାତ୍ରୀ । ଅବସରପ୍ରାପ୍ତ ଡି:-ଏସ: ପି ଙ୍କର କନ୍ୟା । ଏକମାତ୍ର କନ୍ୟାର ଅଭାବ ଅଭିଯୋଗ ବୃଦ୍ଧ ଶ୍ୟାମଚରଣ ବାବୁ ଚିରକାଳ ପୂରଣ କରି ଆସିଛନ୍ତି । ସ୍ନେହର ଭଣ୍ଡାର ଉଜାଡ଼ କରିଦେଇଛନ୍ତି ତା ପାଖରେ । ଯେଉଁଦିନ ମଞ୍ଜୁ ନୀଳାମ୍ବୁକୁ ତାଙ୍କ ଘରକୁ ଡାକିନେଲା ବୃଦ୍ଧ ସେଦିନ ଆନନ୍ଦ ପ୍ରକାଶ କରିଛନ୍ତି । ନୀଳାମ୍ବୁର ଦୀର୍ଘଜୀବନ କାମନା କରିଛନ୍ତି ଆଶୀର୍ବାଦ ମଧ୍ୟ ଦେଇଛନ୍ତି ।

ନୀଳାମ୍ବୁର ବନ୍ଧୁତା ଆସ୍ତେ ଘନିଷ୍ଠରୁ ଘନିଷ୍ଠତର ହୋଇ ଉଠିଛି । ଅଲକ୍ଷିତରେ ନୀଳାମ୍ବୁ ମଞ୍ଜୁ ପ୍ରତି ଆକୃଷ୍ଟ ହୋଇ ପଡ଼ିଛି । ହଁ ମଞ୍ଜୁ ଶିକ୍ଷିତା, ନୀଳାମ୍ବୁଠାରୁ ବି ଅନେକ ଅଧିକ, ତେବେ ବି ତାଙ୍କ ଭିତରେ ଏଇ ବ୍ୟବଧାନ ତାଙ୍କ ବନ୍ଧୁତାକୁ ମଳିନ କରି ପାରିନି । ଆଜି ବି ସେ ଅବସ୍ଥାର କରଣି ଅନେକ କଥା । ତାକୁ ଦେଖିଲେ ମଞ୍ଜୁ ମୁହଁ ଲାଲ କରେ । ଛୋଟ ହସ ହସେ । ପାଖକୁ ଆସିଲେ ଅଲୋକିତ ହୋଇଉଠେ । କଥା କହୁ କହୁ ଅସମାପ୍ତ ରଖି ତା ଆଡ଼କୁ ଚାହିଁ ରହେ । ତାପରେ ମାନ ଅଭିମାନ ଇତ୍ୟାଦି । 'ଏଇ କଣ ପ୍ରେମ ? ଇଆରି ନାଁ କଣ ଭଲ ପାଇବା ?' ନାରୀର ଯୌବନ ଶୃଙ୍ଖଳ ସେ କେବେ ଦେଖିନି - ଏ ତାର ନୂଆ ଅନୁଭୂତି । ସେ କଣ ମଞ୍ଜୁକୁ ଭଲପାଏ ? ଯେଉଁଦିନ ତାର ଉତ୍ତର ସେ ନିଜଠାରୁ ଆଦାୟ କରି ପାରିଛି 'ମୁଁ ତାକୁ ସତରେ ଭଲପାଏ' ସେଦିନ ସେ ମିନିଟିଏ ସୁଦ୍ଧା ଡେରି କରିନି ଏ ଖବର ମଞ୍ଜୁକୁ ଦେବାରେ । ମଞ୍ଜୁ ତାଠୁ ବେଶି ପଢ଼ିଛି ବୋଲି ତା' ପାଖରେ ଆତ୍ମନିବେଦନ କରିବାକୁ ସେ ପଛେଇ ଯାଇନି ତ । ସେ କହେ ଯୋଉ ପ୍ରଶ୍ନ ପଚାରିବାରେ ପୁରୁଷର ନ୍ୟାଯ୍ୟ ଅଧିକାର ନାରୀ ଉପରେ ଚିରକାଳ ରହିଆସିଛି, ଆଉ ନାରୀ ଯୋଉ ଆହ୍ୱାନ ଶୁଣିବା ପାଇଁ ଚିରଦିନ ଅଧୀର ଭାବରେ ଅନାଇ ରହିଥାଏ ସେ ପ୍ରଶ୍ନ କରିବାରେ ଲଜ୍ଜା ରହି ନ ପାରେ । ତେଣୁ ତାର ଆବେଦନ ବିଫଳ ହବନି । ସତ୍ୟ ସତ୍ୟରେ ସେ ବିଫଳ ହୋଇନି ।

ନୀଳାମ୍ବୁ ମଞ୍ଜୁକୁ ପଚାରେ ସେ କଣ ଜୀବନରେ ତାକୁ ପାଇ ନିଜକୁ ସୁଖୀ କରି ପାରିବ ।

--ପାରିବ - ଏଇ ଛୋଟ ଉତ୍ତରଟିରେ ମଞ୍ଜୁର ଯେ ନିର୍ଭରଶୀଳତା ଫୁଟି ଉଠିଛି - ସେଇ ତା' ପକ୍ଷରେ ଯଥେଷ୍ଟ ।

ଦୁଇଟି ପକ୍ଷୀର ସ୍ୱପ୍ନନୀଡ଼ ରଚନା କରିବାରେ ବୃଦ୍ଧ ଶ୍ୟାମଚରଣ ବାବୁଙ୍କର ଆପତ୍ତି ବ୍ୟର୍ଥ ହୋଇଛି । ତାଙ୍କର ବିବାହ ହୋଇଯାଇଛି । ଯାହା ସତ୍ୟ, ଯାହା ସଂସ୍କାର ଅଭିମୁଖୀ, ତାକୁ ସମାଜପତିଙ୍କର ଭ୍ରୂକୁଞ୍ଚନ କିମ୍ବା ସ୍ଥବିରମାନଙ୍କର ପୁରୁଣା ଗଢ଼ାବନ୍ଧା ଆଇନ କେବେ ଆଉ ଅଟକେଇ ପାରିବନି । ନୀଳାମ୍ବୁର ବିବାହରେ ତାର ବନ୍ଧୁମାନେ ଯଥେଷ୍ଟ ସାହାଯ୍ୟ କରିଛନ୍ତି । ଆଡ଼ମ୍ବରହୀନ ବିବାହ ମଧ୍ୟରେ ମାଳା ବଦଳ କରିହିଁ ତାଙ୍କର ବିବାହ

Digitized by srujanika@gmail.com

ଜୟଶ୍ରୀ ମଣ୍ଡିତ ହୋଇଛି । ମିଳନୋନ୍ମୁଖୀ ଦୁଇଟି ହୃଦୟର ବନ୍ଧନ ସତ୍ୟ ଓ ପ୍ରେମର ବନ୍ଧନ ।

ବୃଦ୍ଧ ଶ୍ୟାମ ବାବୁ କିନ୍ତୁ ଏ ବିବାହଟାକୁ ଭଲ ଭାବରେ ଗ୍ରହଣ କରି ପାରିନାହାନ୍ତି । ତାଙ୍କ ମତରେ ଆଜିକାଲି ଯୁଗର ଯୁବକ ଯୁବତୀ ପ୍ରେମ ବୋଲି ଆଖ୍ୟା ଦେଇ ଯୋଉ ବିବାହ କରିଥାନ୍ତି ତାହା ମିଛ - ତାହା ଭ୍ରମ । ପ୍ରକୃତରେ ପ୍ରେମର ଆଦର୍ଶ ସେମାନେ ବୁଝନ୍ତିନି । ବିବାହପରେ ସେମାନଙ୍କର ଭୁଲ ସେମାନେ ବୁଝିପାରନ୍ତି ପରେ ଆଉ ଉପାୟ ନ ଥାଏ ଜୀବନ ବିଷମୟ ହୋଇ ଉଠେ । ବିଶେଷତଃ ନୀଳାମ୍ବୁ ମଞ୍ଜୁର ସ୍ୱାମୀ ହେବାକୁ ଅଯୋଗ୍ୟ ବୋଲି ତାଙ୍କର ଧାରଣା । ଯେତେବେଳେ ମଞ୍ଜୁ ତାଙ୍କୁ ଅପେକ୍ଷା ନ କରି ନିଜ ଇଚ୍ଛାରେ ନୀଳାମ୍ବୁଙ୍କୁ ବିବାହ କଲା ସେ ଜଳିଉଠିଲେ, ସେ ପ୍ରତିଜ୍ଞା କରିଥିଲେ - ସେମାନଙ୍କର ମୁହଁ ଆଉ ଚାହିଁବେନି ।

ବିବାହ ପରେ ନୀଳାମ୍ବୁକୁ ପୁରୀ ଛାଡିବାକୁ ହୋଇଛି । ତାର ମନେହୁଏ ପୁରୀରୁ ଏମିତି ଚାଲିଯିବା ତା ପକ୍ଷରେ ନିନ୍ଦନୀୟ ହେବ । ହୁଏତ ଲୋକେ କୁତ୍ସା ରଟନା କରିବେ । ସେ ଏହା ସହ୍ୟ କରିବ କେମିତି । କିନ୍ତୁ ମଞ୍ଜୁର ଏକାନ୍ତ ଅନୁରୋଧ ସେ ଏଡ଼ାଇପାରିନି । ସତରେ ସେଦିନ ସେମାନେ ପୁରୀ ହାଓଡ଼ା ଏକ୍ସପ୍ରେସ୍‌ରେ କଲିକତା ଅଭିମୁଖରେ ଯାତ୍ରା କରିଥିଲେ । କବି ନୀଳାମ୍ବୁର ସ୍ୱପ୍ନମୟ ବେଳାଭୂମି ପୁରୀର ଉନ୍ମାଦକର ଦୃଶ୍ୟ ସବୁକୁ ସେଦିନ ସେ ବିଦାୟ ଦେଇ ଆସିଛି । କାଚ ଝରକା ଭିତର ଦେଇ ସନ୍ଧ୍ୟାର ଝାପସା ଆଲୁଅରେ ଦୂର ବନଶ୍ରେଣୀର ପଳାୟମାନ ଦୃଶ୍ୟ ଦେଖି ଦେଖି ସେ ଅନ୍ୟମନସ୍କ ହୋଇ ପଡିଛି । ତାର ମନେ ହେଉଛି ବାଲୁକା ପ୍ରାନ୍ତର ଉପରେ ଉଚ୍ଚ ଉଚ୍ଚ ନଡ଼ିଆଗଛ - ଏଇ ଛୋଟ ଛୋଟ ଦାଣ୍ଡ ଆଉ ସଙ୍କୀର୍ଣ୍ଣ ପଥ । ଏମାନେ ଯେମିତି ତାର ପରମାରା । ଏ ସବୁ କେବଳ ପ୍ରକୃତିର ଶୋଭା ମାତ୍ର ନୁହନ୍ତି - ଏମାନେ ଆମର ଜୀବନସାଥୀ - ଆମର ଦୁଃଖୀ ଦିନର ସାନ୍ତ୍ୱନା ଆମର ଆଶ୍ରୟ । ସେ ଭାବି ଚାଲିଛି - ତାର ଏ ନିରୁଦ୍ଦେଶ ଛାୟାମୟ ଯାତ୍ରା ଯଦି ଲକ୍ଷ ଲକ୍ଷ ଯୁଗ ଧରି ଚାଲନ୍ତା ଏମିତି ଆନନ୍ଦ, ଏମିତି ଉତ୍ସାହ ମଞ୍ଜୁ ଆଉ ସେ ଦୁହେଁ ଚାଲିଥାନ୍ତେ - ଦୂର ପାଖାପାଖି ତାଙ୍କୁ ପଛକୁ ଫେରି ଚାହିଁବାକୁ ସମୟ ହୁଅନ୍ତାନି । ସମ୍ମୁଖରେ ତାର ପଥ - ଦିଗ୍‌ବଳୟବ୍ୟାପୀ - ଯୋଉଠି ମଣିଷର ଆଖି ଆଉ ଆଗକୁ ଯାଏନା, ପ୍ରାନ୍ତ ଦେଶରେ ତାର ଅପାର ସମୁଦ୍ର । ଅନନ୍ତ କାମନାର ଉତ୍ସ - ଅନନ୍ତ ଚଞ୍ଚଳତା - ତାର ଶେଷ କେଉଁଠି ?

ମଞ୍ଜୁ ଡାକରେ ସେ ଚମକି ପଡ଼େ —

'କଣ ଭାବୁଚ' ମଞ୍ଜୁ ପଚାରେ

ଉତ୍ତରରେ ନୀଳ ତାକୁ ଛାତି ଉପରକୁ ଆଉଜେଇ ଆଣୁ ଆଣୁ କହେ - ଆମର ଲକ୍ଷ୍ୟହୀନ ଯାତ୍ରା, ଆଉ ଭବିଷ୍ୟତ ସଂସାର ।

ମଞ୍ଜୁ ଲାଜରେ ତା' ଛାତି ଭିତରେ ମୁହଁ ଲୁଚାଏ - ସେକେଣ୍ଡ କ୍ଲାସର ଛୋଟ କୋଠରିଟି - ଆଉ କେହି ନାହିଁ - ଯେମିତି ତାଙ୍କର ମଧୁଶଯ୍ୟା - ପୁରୀ ଏକ୍ସପ୍ରେସ ଅନବରତ ଛୁଟିଚାଲେ ।

ଭାବୁକ ନୀଳାମ୍ବୁ ପୁରୀର ବେଳାଭୂମିକୁ ଭୁଲିପାରିନି ସେଇ ସମୁଦ୍ର କୂଳର ସ୍ମୃତିକୁ ଅକ୍ଷୁଣ୍ଣ ରଖିବାକୁ ସେ ଆମହର୍ଷ୍ଟ ଷ୍ଟ୍ରିଟରେ ତାର ଛୋଟ ଫ୍ଲାଟଟିର ନାଁ ଦେଇଛି 'ପୟୋଧି' । ସେ କହେ ଏ ଘର ଆଉ ପୁରୀ ସମୁଦ୍ର ଭିତରେ ତଫାତ ତା ମନଭିତରେ ନାହିଁ । ପୁରୀର ସମୁଦ୍ର ତାର ଭାବନାକୁ ରଙ୍ଗୀନ୍ କରି ତାର ଲେଖାକୁ ଯୋଗାଉଥିଲା ଖୋରାକ । ଏଠି ସେ ପାଇଛି ଠିକ୍ ସେଇ ପ୍ରେରଣା ଠିକ୍ ସେଇ ଆନନ୍ଦ ମଞ୍ଜୁଠୁ । ଏ ତାର କଳ୍ପନାର ସମୁଦ୍ର ।

ମାସକପରେ ମାସ ଗଡ଼ିଚାଲେ । ବାସ୍ତବ ସଂସାରକୁ ସେ ଫେରିଆସେ ତାର ସ୍ୱପ୍ନମୟ କଳ୍ପନା ସମୁଦ୍ରରୁ । ଜୀବନ ସଂଗ୍ରାମର ଗୋଟାଏ ଅତ୍ୟନ୍ତ ସ୍ଥୁଳ ସମସ୍ୟା ତା-ଆଗରେ ଆସି ଠିଆହୁଏ । ଓଡ଼ିଶାର କବି ଲେଖିଲେ ପେଟ ପୂରେନି । ସେଦିନ ମନମୋହନ ପୁସ୍ତକାଳୟ

Digitized by srujanika@gmail.com

ତାର ଗୋଟିଏ ନଭେଲର ସ୍ୱତ୍ୱ ଖରିଦ କରି ନେଇଚି ସାମାନ୍ୟ କିଛି ଟଙ୍କା ଦେଇ ଯୋଉଥିରେ ତାର ଘରଭଡା ପୂଜାରୀ ଦରମା ଆଉ ସାମାନ୍ୟ କେତେଟା ଖରଚରୁ ଆଉ କିଛି ବଳିବନି । ମନ ତାର କ୍ଷୁବ୍ଧ ହୋଇଉଠେ କିନ୍ତୁ ମଞ୍ଜୁକୁ ତ ସେ କଷ୍ଟ ଦେଇ ପାରିବନି । ଧନୀଘରର ଝିଅ - ତାର କୌଣସି ଅସୁବିଧା ସେ ସହ୍ୟ କରି ପାରିବନି - ମନ ଖୁସି ରଖିବାକୁ ଦିନେ ସିନେମା ଦିନେ ଥିଏଟର ତ ଦେଖେଇବା ଦରକାର । ମଞ୍ଜୁ କିନ୍ତୁ ମନେ ମନେ ବୁଝିପାରେ । ସେଇଥିପାଇଁ ଏବେ ବୁଲିବା ନାଁରେ ଦିପହରେ ପଡ଼ିଶା ଘରକୁ ଯାଇ ବୁଣିବାକୁ ଶିଖିବା ଆରମ୍ଭ କରିଛି । ମଞ୍ଜୁକୁ ସିନେମାକୁ ଡାକିଲେ ସେ ଆଜିକାଲି କୁହେ ଚାଲ ବରଂ ବୁଲିଯିବା । ସିନେମା-ଘରର ବିଡ଼ି ସିଗାରେଟର ଧୂମ୍ରମୟ ବାୟୁମଣ୍ଡଳ ଅପେକ୍ଷା ଇଡେନ୍ ଗାର୍ଡେନର ଖୋଲା ହାୱା ଯଥେଷ୍ଟ ଭଲ । ବ୍ୟୟ-ସଙ୍କୋଚ ହୋଇ ଆସେ ଆପେ ଆପେ ।

ନୀଳାମ୍ବୁ ସେଦିନ ଗୋଟାଏ ନୂଆ ନଭେଲ ଶେଷ କରିଥାଏ 'ଅନ୍ନଦାତା' - ନୂଆ ଷ୍ଟାଇଲରେ ଲେଖା - ଏକେବାରେ ଅଭିନବ । ନିପୀଡ଼ିତ, ଆଉ ଅତ୍ୟାଚାରିତ ଦୁଃଖୀ ଯାହାଙ୍କର ଆକ୍ରନ୍ଦନ ହୋଇ ଉଠିଛି ଜ୍ୱାଳା-ଯନ୍ତ୍ରଣାରେ ସଂସାରର ସବୁ ଦରଜାରେ ମୁଣ୍ଡ ପିଟି ପିଟି ଯାହାଙ୍କର ପ୍ରାଣ ମରୁଭୂମି ହୋଇ ଉଠିଛି ତାଙ୍କର ପ୍ରାଣ-ବ୍ୟଥା । ମଞ୍ଜୁକୁ ଶୁଣେଇବାକୁ ପାଣ୍ଡୁଲିପି ନେଇ । ତା ପଛେ ପଛେ ପୂଜାରୀଟିକୁ ବିଦାୟ କରି ଦେଇ ମଞ୍ଜୁ ବସିଛି ରୋଷେଇ କରି । ପଚାରିଲେ ସେ କହେ ତାଙ୍କୁ ଆଉ ସହ୍ୟ ଆସେନି - ଚାକର ପୂଜାରୀ ହାତରୁ ଖାଇବାକୁ ଦେଇ ତାର ଚେହେରା କଣ ହେଲଣି । ପାଠ ପଢ଼ିଲେ କଣ ରାନ୍ଧିହୁଏନି ନା କଣ ? ଏବେ ସହରରେ ଚାକର ପୂଜାରୀ ଖାଇବାକୁ ଦେବେଟି ? ଏଥିପାଇଁ ତୃପ୍ତିରେ ନୀଳାମ୍ବୁର ଅନ୍ତର ଭରା ହୋଇ ଉଠେ । ମଞ୍ଜୁ କେତେ ଭଲ - ଆଜିକାଲିର ଶିକ୍ଷିତା ନାରୀଙ୍କଠାରୁ ଯାହା ଆଶା କରାଯାଏନା । ମଞ୍ଜୁ ସେମାନଙ୍କର ଆଦର୍ଶ । ଯାହାଙ୍କୁ ନେଇ ଆଜିକାଲିର ସମାଜ ଗର୍ବ କରିବା ଉଚିତ, ସେମାନେ ନୀଚ ଭାବାପନ୍ନ - ଅନ୍ଧ । ଅହଙ୍କାର ତାଙ୍କର ପ୍ରତି ଶିରାରେ ଶିରାରେ - ତାଙ୍କ ନିକଟରେ ସବୁ ସମ୍ଭାବନା ଆଜି ସ୍ତବ୍ଧ । × ×

ନୀଳାମ୍ବୁ ଆଜିକାଲି କବି ମହଲରେ ଖୁବ୍ ସୁପରିଚିତ ହୋଇଉଠିଛି । ସୁଖ୍ୟାତି ତାର ଗୁଞ୍ଜିଉଠେ - 'ଅନ୍ନଦାତା' ନଭେଲର ଅନୁବାଦ ସବୁ ସାହିତ୍ୟରେ ହୋଇଛି । ମୋଟା ଟଙ୍କାରେ ହିନ୍ଦି ଆଉ ବଙ୍ଗଳାର ସ୍ୱତ୍ୱ ସେ ଦେଇ ପାରିଛି । ପତ୍ର ପତ୍ରିକାରେ ତାର ସୁଖ୍ୟାତି । ଦେଶ ତାଠୁ ଅନେକ ଆଶା କରେ । କଷ୍ଟ କ୍ଲିଷ୍ଟ ପ୍ରାଣ ଦେଇ— ସମାଜର ବିଦ୍ରୂପ ସହ୍ୟ କରି — ଯୋଉମାନେ ଦୁନିଆ ଆଗରେ ହେୟ ତାଙ୍କର ଭାଷା ତାର କଲମ ମୁନରେ ଆତ୍ମପ୍ରକାଶ କରିଛି । ବହିଟି ସେ ମଞ୍ଜୁକୁ ଉତ୍ସର୍ଗ କରିଛି ସେ ଲେଖିଛି—

ସ୍ନେହର ମଞ୍ଜୁ !

ମୁଁ ତମକୁ ସୁଖ ଦେଇ ପାରିନି - ଏଇ ମୋର ଅଭିମାନ - ମୋର ପଥ ମରୁର ପଥ । ଦୁଃଖର ପଥ - ତମେ ଯେ ମୋ ପାଖେ ଆସି ଠିଆହେଲ ସେଇ ମୋର ଗୌରବ, ସେଇ ମୋର ଅହଙ୍କାର । ଆଜିକାଲିର ଶିକ୍ଷିତା ନାରୀଙ୍କର ତମଠୁ ଅନେକ ଶିଖିବାର ଅଛି । ତମେ ତାଙ୍କର ଆଦର୍ଶ । ତମେ ଯଦି ଦୁଃଖ ପାଇଥାଅ ସେ ତମର ପରୀକ୍ଷା । ଯୋଉମାନେ ସହ୍ୟ କରିପାରନ୍ତି ଦୁଃଖ ସେଇମାନଙ୍କର । ଜୀବନର ଅସରନ୍ତି ପଥରୁ ତମେ ନେଇଛ କଣ୍ଟା, ମୋ ପାଇଁ ରଖିଯାଇଛ ଫୁଲ । ଏଇଟି ତମ ହାତରେ ଦେଇ ଭାବୁଛି ବେଶି କିଛି ଦେଇ ପାରିଲିନି । ଇତି ।

ତମର
ନୀଳ

Digitized by srujanika@gmail.com

# ଉତ୍କଳୀୟ ଭାସ୍କର୍ଯ୍ୟ ଓ ପୁରୀ ଦେଉଳ

ଶ୍ରୀ କୃଷ୍ଣବିହାରୀ ଦାଶ, ଏମ୍. ଏ

ସଂସ୍କୃତି ସଭ୍ୟତାର ପରିମାପକ । ଯେଉଁ ଦେଶର କଳା, ସାହିତ୍ୟ, ସଙ୍ଗୀତ, ଭାସ୍କର୍ଯ୍ୟ, ଯେତେ ଉନ୍ନତ, ସେ ଦେଶ ସେତିକି ସଭ୍ୟ ବୋଲି ପରିଗଣିତ ହୁଏ । ବିଶ୍ୱ ଚକ୍ଷୁରେ ଜାତିର ମର୍ଯ୍ୟାଦା ସଂସ୍କୃତିହିଁ ନିୟନ୍ତ୍ରଣ କରେ । ଭାରତ, ଗ୍ରୀସ୍, ଇଟାଲି, ମିଶର, ସେହି ହିସାବରେ ସାରା ପୃଥିବୀରେ ଅତି ଉଚ୍ଚସ୍ଥାନ ଲାଭ କରିଅଛନ୍ତି । ଉତ୍କଳ ଭାରତବର୍ଷର ଏକ ପ୍ରଦେଶ ମାତ୍ର । ଉତ୍କଳୀୟ ସଂସ୍କୃତି ଭାରତୀୟ ସଂସ୍କୃତିର ଏକ ଅଂଶ ହେଲେ ବି ତାର ମୌଳିକତା ଏତେଦୂର ପରିସ୍ଫୁଟ ଯେ ବହୁ ସଂସ୍କୃତି ପୁସ୍ତକରେ ତାହା ଏକ ସ୍ୱତନ୍ତ୍ର ଅଧ୍ୟାୟ ଖୋଲିଛି । ଉତ୍କଳ ଭାରତର ହୃତ୍ପିଣ୍ଡ, ଉତ୍କଳୀୟ ସଂସ୍କୃତି ଭାରତ ଜନନୀର ନୟନ ତାରା । ଭାସ୍କର୍ଯ୍ୟରେ ଉତ୍କଳ ଭାରତର ସବୁ ପ୍ରଦେଶକୁ ଟପି ଯାଇଛି । ଏପରିକି ପରବର୍ତ୍ତୀ ଆର୍ଯ୍ୟ-ଭାରତୀୟ ଭାସ୍କର୍ଯ୍ୟ ବୋଇଲେ ଉତ୍କଳୀୟ ଭାସ୍କର୍ଯ୍ୟକୁ ବୁଝାଯାଏ ।

ମହେଞ୍ଜୋଦାରୋ ହରପ୍ପା କୀର୍ତ୍ତି ଅତି ପ୍ରାଚୀନ । ମଥୁରା, ବୃନ୍ଦାବନ, ବାରଣାସୀ, ଓ ଦକ୍ଷିଣ ଭାରତୀୟ ମନ୍ଦିରମାନଙ୍କର କାରୁକଳା ମନୋହର ହେଲେହେଁ ତହିଁରେ ନାନା ଶିଳ୍ପ ଶୈଳୀର ପ୍ରଭାବ ପଡ଼ି ମୌଳିକତା ନଷ୍ଟ ହୋଇଯାଇଛି । ଉତ୍କଳ ଅଭ୍ୟୁଦୟବେଳେ ଭାରତବର୍ଷର ପ୍ରଦେଶ-ମାନଙ୍କରେ ସାଂସ୍କୃତିକ ପ୍ରଭାବ ବିସ୍ତାର କରିଥିଲା, କିନ୍ତୁ ନିଜେ ପ୍ରଭାବିତ ହୋଇ ନ ଥିଲା । ଫଳତଃ ଉତ୍କଳୀୟ ତଥା ଭାରତୀୟ ଭାସ୍କର୍ଯ୍ୟର ମୌଳିକ ରୂପରେଖ କାହାର ପ୍ରଭାବରେ ପରିବର୍ତ୍ତିତ ହୋଇ ପାରିନାହିଁ ।

ତାଜମହଲ ବହୁ ଶୈଳୀର ଏକ ସମାବେଶ । କଳା ପାରିପାଟ୍ୟରେ ଏହା ଉତ୍କୃଷ୍ଟ ହେଲେବି ଶିଳ୍ପ ନିପୁଣତା ଏବଂ ଇନ୍ଦ୍ରିୟମୟୀ ସୂକ୍ଷ୍ମ କାରୁକାର୍ଯ୍ୟର ବିଚାରରେ କୋଣାର୍କର ସୂର୍ଯ୍ୟ ମନ୍ଦିର ତାଜମହଲଠାରୁ ବହୁ ଉଚ୍ଚରେ । ତାଜମହଲ ଭାରତ ସମ୍ରାଟ ସାଜାହାନଙ୍କ କୀର୍ତ୍ତି । କୋଣାର୍କ ମନ୍ଦିର ନିର୍ମାତା ଲାଙ୍ଗୁଳା ନରସିଂହଦେବ ଜଣେ ଉତ୍କଳୀୟ ରାଜାମାତ୍ର । ସେହି ହିସାବରେ ଭଗ୍ନ କୋଣାର୍କର କଳା ପରିପାଟୀ ସହିତ ତାଜମହଲର ଆଡ଼ମ୍ବରମୟ ଗୌରବକୁ ତୁଳନା କଲେ ଆହୁରି ଆଶ୍ଚର୍ଯ୍ୟ ହେବାକୁ ହୁଏ । ତାଜମହଲ ମର୍ମରର ଏକ ମଧୁମୟ ସ୍ୱପ୍ନ । କୋଣାର୍କ କଳା ମୂର୍ତ୍ତିର ଏକ କଳ୍ପନା ବିଳାସ ! ଏକ ଦିବସ ପରି ସୁ-ସ୍ପଷ୍ଟ । ଅନ୍ୟ ରାତ୍ରି ପରି ଗଭୀର ରହସ୍ୟମୟ ।

ଓଡ଼ିଆ କଳ୍ପନା ବିଳାସୀ । ବିଶ୍ୱର ରନ୍ଧ୍ରେ ରନ୍ଧ୍ରେ ରୂପର ମାୟାମୃଗ ଛୁଟିଛି । ରସ-ଦ୍ରବିତ, ଭାବ-ଉଚ୍ଛ୍ୱସିତ ଓଡ଼ିଆର କବି ପ୍ରାଣ ଧାଇଁଛି ତାର ପଛରେ ଆତ୍ମହରା ହୋଇ । ସୌନ୍ଦର୍ଯ୍ୟର ଇନ୍ଦ୍ରଧନୁ ମଖାଇ ଦେଇଛି ତାର ଅନ୍ତରରେ ଶାଶ୍ୱତର କି ଏକ ରଙ୍ଗୀନ୍ ଛାୟା । ରୂପର କୁହୁକ କାଉଁରୀ ସ୍ପର୍ଶରେ ସେ ହୋଇଛି ପାଗଳ ।

ଅସୀମ ସୌନ୍ଦର୍ଯ୍ୟ ଧରା ଦେଇଛି ରସାଳ ହୋଇ ଏକ ସସୀମ କର୍କଶ ପାଷାଣରେ । ଅନ୍ତର ରସରେ ରସାଣିତ କରି ସେ ଦେଇଛି ସତ୍ୟ ଶିବ ସୁନ୍ଦରକୁ ରୂପ ଯାହା ଏକ ଜାତୀୟ ସମ୍ପଦ ହୋଇ, ବିଶ୍ୱଜାତିର ଛାତି ଗର୍ବରେ ଫୁଲାଇ ଦେଇଛି । ଏହି ଅସୀମ ଅନନ୍ତ ଲାବଣ୍ୟ ସୃଷ୍ଟି କି ମନୁଷ୍ୟର ?

ସାଧାରଣ ଚକ୍ଷୁରେ ସୌନ୍ଦର୍ଯ୍ୟ ମୋହରେ ଏକ ରଙ୍ଗୀନ୍ କୁହୁଡ଼ି ସୃଷ୍ଟି କରି ମୁହୂର୍ତ୍ତିକ ମଧ୍ୟରେ ଅଦୃଶ୍ୟ ହୁଏ । କିନ୍ତୁ ରୂପ ସ୍ରଷ୍ଟାର ଅନ୍ତରରେ ଛନ୍ଦହୁଏ ତା'ର ଶାଶ୍ୱତ ଶୋଭା ।

Digitized by srujanika@gmail.com

ଶିଳ୍ପ ଓଡ଼ିଆର ଜାତିଗତ ସମ୍ପଦ । କେତେକ ବ୍ୟକ୍ତିଗତ ଶିଳ୍ପ ରଚନା ସର୍ବଦେଶ ଓଡ଼ିଶା ସୃଷ୍ଟି କରିନାହିଁ ! ଶିଳ୍ପୀର ହୃଦୟ ନେଇ ଓଡ଼ିଆ ଜାତି ପୃଥିବୀରେ ଜନ୍ମ ହୋଇଛି । ସୂର୍ଯ୍ୟ ସହିତ କିରଣ, କୁସୁମ ସହିତ ସୌରଭ, ଅଗ୍ନି ସହିତ ଉଷ୍ଣତା ଯେପରି ନିବିଡ଼ ଭାବରେ ସଂଯୁକ୍ତ, କଳା ସହିତ ଉତ୍କଳୀୟ ସେହିପରି ଅଙ୍ଗାଙ୍ଗୀ ଭାବରେ ସଂପୃକ୍ତ । ସୃଜନ-ପ୍ରବୃତ୍ତି ଓଡ଼ିଶାର ପ୍ରକୃତିଗତ । ଏଥିରେହିଁ ବିଶ୍ୱର ସକଳ ଜାତିଠାରୁ ଉତ୍କଳର ବୈଶିଷ୍ଟ୍ୟ ଫୁଟି ଉଠିଛି ।

ଓଡ଼ିଶା ଏକ ମନ୍ଦିରମୟ ଦେଶ । ପ୍ରତି ଗ୍ରାମରେ ଦେବଦେବୀ ମନ୍ଦିର । ଏକା କ୍ଷୁଦ୍ର ନୟାଗଡ଼ ଷ୍ଟେଟରେ ୧୧୦୦ ମନ୍ଦିର ଅଛି । ସାରା ଉତ୍କଳରେ ମନ୍ଦିର ସଂଖ୍ୟା ଏକଲକ୍ଷରୁ ନିଶ୍ଚୟ ବେଶୀ ହେବ । ବଣ ବୁଦାର ଭଙ୍ଗା ମନ୍ଦିର ମଧ୍ୟରେ କେତେ ଯେ ଦେବଦେବୀ ଅଜ୍ଞାତ ରହିଛନ୍ତି କିଏ କଳନା କରିବ ? ଏ ଧରଣୀ ମାଟି ଆଡେଇ ଦେଲେ କେଉଁ ଯୁଗର ସୂକ୍ଷ୍ମ କାରୁକାର୍ଯ୍ୟମଣ୍ଡିତ ମୂର୍ତ୍ତି ବାହାରି ପଡ଼ି ଅତୀତ ସଭ୍ୟତାର ଅନେକ କଥା କହିଯାଏ ।

ଅତି ଦୁଃଖର କଥା, ଓଡ଼ିଆ ନିଜ ସଂସ୍କୃତି ଓ ସଭ୍ୟତା ବିଷୟ ଜାଣିବାକୁ ଇଚ୍ଛାକଲେ ବୈଦେଶିକ ମତ ଉପରେ ନିର୍ଭର କରେ । ଉତ୍କଳୀୟ ଭାସ୍କର୍ଯ୍ୟ ସମ୍ବନ୍ଧରେ ନିରପେକ୍ଷ ଅଭିମତ ପାଇବା ଏକ ବିଡ଼ମ୍ବନା । ଓଡ଼ିଆ ଜାତିର ଅମାବାସ୍ୟା ଦେଖି କେତେକ ପଡ଼ୋଶୀ ପଣ୍ଡିତ ଏହା ନିଜ ନିଜ ଦେଶର କୀର୍ତ୍ତି ବୋଲି ଦାବୀ କରିବାକୁ ଲଜ୍ଜା ବୋଧ କରୁନାହାନ୍ତି । ବୋଧହୁଏ ସେମାନଙ୍କ ଦେଶର ରାଜାମାନେ ଅତି ପରୋପକାରୀ ଥିବାରୁ ନିଜ ଦେଶ ଛାଡ଼ି ଅନ୍ୟ ଦେଶରେ ମନ୍ଦିର ନିର୍ମାଣ କରାଇଥିଲେ ! ଧନ୍ୟ ନିଃସ୍ୱାର୍ଥପରତା ! ଧନ୍ୟ ବିଶ୍ୱପ୍ରେମ ! ସମ୍ଭବ ହୋଇଥିଲେ ଏହି ତଥା-କଥିତ ମନୀଷୀମାନେ ଓଡ଼ିଶାର ମନ୍ଦିର ଗୁଡ଼ିକ ଟେକି ନେଇ ନିଜ ଦେଶରେ ବସାଇ ସାରନ୍ତେଣି ! ଦୁଃଖର ବିଷୟ ଯେଉଁ ବିରାଟ ଶିଳାଖଣ୍ଡମାନ ଓଡ଼ିଆମାନେ ଅନାୟାସରେ ମନ୍ଦିର ଉପରକୁ ଟେକି ଦେଇଥିଲେ, ଆଧୁନିକ ଯନ୍ତ୍ରପାତି ସାହାଯ୍ୟରେ ଉର୍ବର ବୁଦ୍ଧି ଖର୍ଚ୍ଚ କରି ସେଥିରୁ ଗୋଟିକୁ ଦୁଇଗଡ କରି ବି ସେମାନେ ବହି ନେବାକୁ ସମର୍ଥ ହେଲେନାହିଁ । ଏହାହିଁ ସେମାନଙ୍କର ମନ୍ଦିର ନିର୍ମାଣ ଶକ୍ତିର ଲଜ୍ଜାହୀନ ପରିଚୟ !

ଭୁବନେଶ୍ୱରରୁ ଅନେକ ପାର୍ଶ୍ୱଦେବତା ଉଭେଇ ଯାଉଛନ୍ତି କିପରି ? ଅଶିକ୍ଷିତ ପଣ୍ଡାମାନେ ସାମାନ୍ୟ ଅର୍ଥରେ ସନ୍ତୁଷ୍ଟ ହୋଇ ମୂର୍ତ୍ତି ଚୋରିରେ ସାହାଯ୍ୟ କରୁଥିବା ଦୃଷ୍ଟାନ୍ତ ଅତି ଅଳ୍ପ ନୁହେଁ । ସେହି ମୂର୍ତ୍ତି ସ୍ୱଦେଶର କୌଣସି ଏକ ଗୁପ୍ତ ସ୍ଥାନରେ ପୋତାହୁଏ । କିଛିଦିନ ପରେ ପ୍ରତ୍ନତତ୍ତ୍ୱ ଅନୁସନ୍ଧାନକାରୀ ଉକ୍ତ ମନୀଷୀ ଉକ୍ତସ୍ଥାନ ଖୋଳାଇ ମୂର୍ତ୍ତି ଆବିଷ୍କାରର ଗୌରବ ଲାଭ କରି ସ୍ୱଦେଶରେ ଜଣେ ବିଶିଷ୍ଟ ଐତିହାସିକ ବୋଲି ପରିଚିତ ହୁଅନ୍ତି । ସ୍ୱଦେଶର କୀର୍ତ୍ତି ବୋଲି ପତ୍ର-ପତ୍ରିକାରେ ଡିଣ୍ଡିମ ବଜାଯାଏ । ଓଡ଼ିଆ ସବୁ ଦେଖି ନ ଦେଖିଲା ପରି ରହେ । ଓଡ଼ିଆ ସବୁ ଦେଖି ନେଖେନାହିଁ ।

ଅଭ୍ୟୁଦୟ ବେଳେ ଉତ୍କଳର ବିଭବ ପାର୍ଥିବ ବିଳାସ ବ୍ୟସନରେ ବେଶୀ ବ୍ୟୟିତ ହୋଇନାହିଁ । ଓଡ଼ିଆ କ୍ଷଣର ଉପାସକ ନୁହେଁ, ଶାଶ୍ୱତର ପୂଜାରୀ । ଅପାର ମଧୁର ସୁଖ ସ୍ରୋତରେ ହୃଦୟକୁ ଭସାଇଦେବା ଅତି ସାଧାରଣ କଥା । ସେ ଦିଗରୁ ନିବୃତ୍ତ ଏକ ଜାତିର ସଂଯମ ଶକ୍ତିର ପରିଚୟ ଦିଏ । ମନ୍ଦିର ନିର୍ମାଣ କ୍ଷଣିକ ରୂପ-ସୃଜନ ଖିଆଲର ପରିତୃପ୍ତି ନୁହେଁ । ଏହା ସମଗ୍ର ଜାତିର ଯୁଗ ଯୁଗ ସାଧନାର ଅପୂର୍ବ ସିଦ୍ଧି । ଶିଳ୍ପ ନିପୁଣତା ହାସଲ କରିବାକୁ କେତେ ଅଧ୍ୟବସାୟ, ଏକାଗ୍ରନିଷ୍ଠା ଆବଶ୍ୟକ ହୋଇଥିବ କିଏ କଳନା କରିବ ?

କାହାର ଅନୁକରଣ ନୁହେଁ, ଏହା ଏକ ମୌଳିକ ସୃଷ୍ଟି ଯାହା ସୃଜନଶୀଳତା, ଗଭୀର ଅନ୍ତର୍ଦୃଷ୍ଟି, ଐକାନ୍ତିକ ସାଧନା, ସୂକ୍ଷ୍ମଶିଳ୍ପ-ଚାତୁରତା, ଏବଂ ଈଶ୍ୱରଦତ୍ତ ପ୍ରତିଭା ଉପରେ ନିର୍ଭର କରେ । ଓଡ଼ିଆ ଜାତିର ସବୁଥିଲା ।

Digitized by srujanika@gmail.com

ସମସ୍ତ ସୁଖ ସୌଭାଗ୍ୟକୁ ଜଳାଞ୍ଜଳି ଦେଇ ସେ ଲାଗିଥିଲେ ଅଦୃଷ୍ଟପୂର୍ବ ଶିଳ୍ପ ସୃଜନରେ । ଯଶଃ ପିପାସା ସେମାନଙ୍କ ଅନ୍ତରରେ କଳୁଷର ରେଖା ଟାଣିପାରି ନ ଥିଲା । ଗୋଟିଏ ଜାଗାରେ ବେଠି ଖଟାଇ ରାଜଶକ୍ତି ଏହା କରି ନ ଥିଲା । ତାହା ହୋଇଥିଲେ ଶ୍ରେଷ୍ଠ ଶିଳ୍ପର ଇଙ୍ଗିତ ମିଳନ୍ତା କାହିଁ ? ଏହା ଯଥାର୍ଥରେ ଜାତିର ଅନ୍ତର୍ନିହିତ ପ୍ରତିଭାର ଅଦ୍ଭୁତ ସ୍ଫୁରଣ ।

ଓଡ଼ିଆ ଧର୍ମ୍ମଭୀରୁ । ଓଡ଼ିଶାର ଧର୍ମ୍ମ ସହିଷ୍ଣୁତା ପୃଥିବୀରେ ଦୁର୍ଲ୍ଲଭ । ଏକ ଗ୍ରାମରେ ଶାକ୍ତ, ସୌର, ଵୈଷ୍ଣବ, ମହିମା, ମୁସଲମାନ, ଓ ଖ୍ରୀଷ୍ଟିୟାନ ଧର୍ମ୍ମାବଲମ୍ବୀ ବାସ କରିପାରନ୍ତି । ଅଥଚ କାହାପ୍ରତି କାହାର ବିଦ୍ୱେଷ ନାହିଁ । ନିଜ ଧର୍ମ୍ମୋନ୍ନତି ଲାଗି ପରଧର୍ମ୍ମ ଧ୍ୱଂସ ଅନିବାର୍ଯ୍ୟ ବୋଲି ସେମାନେ ମନେ କରନ୍ତିନାହିଁ । ବିଶ୍ୱଧର୍ମ୍ମର ସମନ୍ୱୟ ଉତ୍କଳରେହିଁ ଘଟିଛି । ଏହି ଧର୍ମ୍ମ-ପ୍ରବୃତ୍ତିହିଁ ମନ୍ଦିର ନିର୍ମ୍ମାଣର ପ୍ରଧାନ କାରଣ । ସାହିତ୍ୟରେ ଯେପରି ଭାସ୍କର୍ଯ୍ୟ ଉପରେ ମଧ୍ୟ ସେହିପରି ଏହି ଧର୍ମ୍ମର ପ୍ରଭାବ ଗଭୀର ରେଖାପାତ କରିଥିଲା । ଗିରିଗୁହା ଛାଡ଼ି ମଣିଷ ଶେଷରେ ନବତଳ ପ୍ରାସାଦକୁ ଆସିଲା । ନିଜର ବାସସ୍ଥଳୀ ଯାହିଁ ତାର ଯଦି ଏତିକି ଆଗ୍ରହ, ତାର ଆରାଧ୍ୟ ଦେବତା ପାଇଁ ସିଏ ଯେ କାରୁକାର୍ଯ୍ୟ ପୂର୍ଣ୍ଣ ମନୋହର ମନ୍ଦିର ନିର୍ମାଣ କରିଦେବାକୁ ଖୋଜିବ ଏଥିରେ ଆଶ୍ଚର୍ଯ୍ୟ ହେବାର କି ଅଛି ? କୌଣସିମତେ ପାଷାଣ ସ୍ତୂପ ମଧ୍ୟରେ କର୍ମ୍ମଜ୍ଞାନ ଓ ଭକ୍ତିର ଲକ୍ଷ୍ୟ, ଚତୁର୍ବର୍ଗର ହେତୁ, ମୋକ୍ଷଦାତା ଭଗବାନଙ୍କୁ ରଖିବା ଓଡ଼ିଶାର କଳା ଉନ୍ନତ ରୁଚି ପ୍ରତି ଇଙ୍ଗିତ । ସେଥିପାଇଁ ଜଣେ Ruskin କହିଛନ୍ତି The divine is the soul of all representations of Art. ତେଣୁ ମନ୍ଦିରମାନଙ୍କରେ କାରୁକଳାର ପରିପାଟୀ । କେତେ ରାଜବାଟି, ଦୁର୍ଗ ଧୂଳି ହୋଇଯାଉଛି । କିନ୍ତୁ ଗଭୀର ଧର୍ମ୍ମ ପ୍ରବୃତ୍ତି କୀର୍ତ୍ତି ସ୍ଥାୟୀ କରିବା ନିମିତ୍ତ ଅକ୍ଳାନ୍ତ ଚେଷ୍ଟା ଯୋଗୁଁ ଦେବ ମନ୍ଦିର ଅକ୍ଷୁଣ୍ଣ ରହିଛି । ନିଜ ବାସ ଗୃହ ଅପେକ୍ଷା ଦେବ ମନ୍ଦିରକୁ ସୁନ୍ଦର କରିବା ପ୍ରାଚୀନ ପ୍ରବୃତ୍ତି । ଆଜିକାଲି ଅବଶ୍ୟ ବିପରୀତ ଦେଖା ଯାଉଛି ।

ମାନବର ଅନ୍ତରର ବିଭିନ୍ନ ପ୍ରବୃତ୍ତି ସହିତ ଶିଳ୍ପ ସୃଷ୍ଟିର ନିବିଡ଼ ସମ୍ପର୍କ ଅଛି । ସେ ହିସାବରେ ଭାସ୍କର୍ଯ୍ୟ ପାଞ୍ଚ ପ୍ରକାର । (୧) ପୂଜା ଆରାଧନା ପ୍ରଭୃତି ପାର ଲୌକିକ ପ୍ରବୃତ୍ତିର ଚରିତାର୍ଥତା ଲାଗି ଧର୍ମ୍ମ ମନ୍ଦିରମାନ ନିର୍ମ୍ମିତ ହୁଏ । ଯଥା— ପୁରୀ ବଡ଼ ଦେଉଳ, ଭୁବନେଶ୍ୱର ଲିଙ୍ଗରାଜ ମନ୍ଦିର, କୋଣାର୍କ ସୂର୍ଯ୍ୟ ମନ୍ଦିର, ଜମା ମସ୍‌ଜିଦ୍‌ ପ୍ରଭୃତି ।

(୨) ପ୍ରିୟଜନର ସ୍ମୃତିରକ୍ଷା ଲାଗି ଯଥା— ତାଜମହଲ ।

(୩) ଯୁଦ୍ଧ ଉଦ୍ଦେଶ୍ୟରେ — ଯଥା — ଦିଲ୍ଲୀ, ଚୁନାର, ଭରତପୁରର ଦୁର୍ଗାବଳୀ, ବାରବାଟୀ, ବିଜାନାଗରୀ, ଚଉଦ୍ୱାର, ଚୁଡ଼ଙ୍ଗଗଡ଼, ଜଉଗଡ଼, ଓ ରାଇବଣିଆ ପ୍ରଭୃତି ।

(୪) ଶାସନକାର୍ଯ୍ୟ ଚଳାଇବା ଉଦ୍ଦେଶ୍ୟରେ ଯଥା— ଦେୱାନଖାସ୍‌ ଦେୱାନିଆମ

(୫) ବାସଗୃହ ଉଦ୍ଦେଶ୍ୟରେ ଯଥା— ରାଜା, ଜମିଦାର ଓ ବଣିକଙ୍କ ଅଟ୍ଟାଳିକା ।

ଓଡ଼ିଶାରେ ଉକ୍ତ ପାଞ୍ଚ ଜାତୀୟ କୀର୍ତ୍ତି ଥିଲା । କେବଳ ଦେବ ମନ୍ଦିର ଛଡ଼ା ଅନ୍ୟମାନଙ୍କ ଧ୍ୱଂସାବଶେଷ ମାତ୍ର ଅଛି । ଭାରତୀୟ ଶିଳ୍ପ ରଚନା ଶୈଳୀ ୩ ପ୍ରକାର । ଯଥା ଦ୍ରାବିଡ଼ୀୟ, ଚାଲୁକ୍ୟୀୟ, ଓ ଆର୍ଯ୍ୟ ଭାରତୀୟ, ଶେଷୋକ୍ତ ଶୈଳୀରେ ଉତ୍କଳୀୟ ମନ୍ଦିରଗୁଡ଼ିକ ନିର୍ମ୍ମିତ ହୋଇଥିଲା । ଦ୍ରାବିଡ଼ୀୟ ଓ ଚାଲୁକ୍ୟୀୟ ମନ୍ଦିରରେ ଅନେକ ମହଲା ଥାଏ । କିନ୍ତୁ ଉତ୍କଳୀୟ ମନ୍ଦିର ଏକ ମହଲା ମାତ୍ର ଉତ୍କଳୀୟ ମନ୍ଦିରର ସ୍ଥାୟିତ୍ୱ ଲାଗି ଏହାହିଁ ଦାୟୀ ।

କେଉଁ ସ୍ଥାନରେ ମୂଳଦୁଆ ତିଆରି କଲେ ତାହା ମନ୍ଦିର ସୁଦୃଢ଼ ରହିବ ତାହା ଉତ୍କଳୀୟମାନଙ୍କ ଭଲ-

Digitized by srujanika@gmail.com

ଭାବରେ ଜଣାଥିଲା । ଏମ୍ନି ପୁରାଣ କଥିତ ଶିଳ୍ପ ନିୟମ ଦ୍ୱାରା ସେମାନେ ନିୟନ୍ତ୍ରିତ ହେଉଥିଲେ । "ଅଗ୍ନି-ପୁରାଣେ ଅଷ୍ଟ କହି—" ଶିଳ୍ପ ଚନ୍ଦ୍ରିକା ବ୍ରାହ୍ମଣ, କ୍ଷତ୍ରିୟ ବୈଶ୍ୟ ଓ ଶୂଦ୍ରଙ୍କ ମନ୍ଦିର ନିର୍ମାଣ ଲାଗି ସ୍ୱତନ୍ତ୍ର ସ୍ଥାନ ନିରୂପିତ ହେଉଥିଲା । ଭସ୍ମ ଓ ଅସ୍ଥି ଥିବା ସ୍ଥାନରେ ମନ୍ଦିର ନିର୍ମାଣ କରିବାକୁ ବାରଣ କରା ଯାଉଥିଲା । ପବିତ୍ର ମୃତ୍ତିକା ଉପରେ ବ୍ରାହ୍ମଣ ଓ ମଦଗନ୍ଧ ବାହାରୁଥିବା କଳା ମାଟିରେ ଶୂଦ୍ରଙ୍କ ମନ୍ଦିର ନିର୍ମିତ ହେଉଥିଲା ।

ଦିଗ ନିର୍ଣ୍ଣୟ ଲାଗି ଶଙ୍କୁ ବ୍ୟବହାର କରାଯାଉଥିଲା । ଉତ୍କଳୀୟ ଦିଗ ନିର୍ଣ୍ଣୟ, ଆଧୁନିକ କମ୍ପାସ ସାହାଯ୍ୟରେ ଦିଗ ନିର୍ଣ୍ଣୟ ସଙ୍ଗେ ପ୍ରାୟ ମିଳୁଛି ।

" ଚକ୍ର ସୂତ୍ରରେ ଯେ ଜାଣିଲ
ଯୋଡା ମାପି ଶଙ୍କୁ କଲ "

ଶି: ଚ:

ପଥର ଉଠାଇବା ଲାଗି ଦେଉଳ ଚାରିପଟେ ବାଲି ଗଦା କରୁଥିଲେ । କୋଣାର୍କ ଓ ପୁରୀରେ ଏହା ସମ୍ଭବ ହୋଇପାରେ । ଭୁବନେଶ୍ୱରରେ ଏତେ ବାଲି ଆସିଲା କାହୁଁ ?

ମନ୍ଦିର ୫ ପ୍ରକାର । (୧) ଏକରଥ । ଏହା ସମତଳ ଭୂମି ଉପରେ ନିର୍ମିତ ଏକ ବର୍ଗକ୍ଷେତ୍ର । ପର୍ଶୁରାମ ଦେଉଳର ଜଗମୋହନ ଓ ବେତାଳ ଦେଉଳର ବିମାନ ଏକରଥ ।

(୨) ତ୍ରିରଥ— ଏହାର କେନ୍ଦ୍ର ମିଳନ୍ଥର ନାହିଁ । ଦୁଇଟି କୋଣକ ପାଗ ଅଛି । ପର୍ଶୁରାମ ଦେଉଳର ବିମାନ ତ୍ରିରଥ ।

(୩) ପଞ୍ଚରଥ – ଏଥିରେ ଦୁଇଟି ରାହାପାଗ, ଦୁଇଟି କୋଣକ ପାଗ, ଓ ଦୁଇଟି ଅନର୍ଥ ପାଗ ଥାଏ । ଲିଙ୍ଗରାଜ ଦେଉଳ ବିମାନ, ଅନନ୍ତ ବାସୁଦେବ, ବ୍ରହ୍ମେଶ୍ୱର, ଭାସ୍କରେଶ୍ୱର, ମେଘେଶ୍ୱର, ରାଜାରାଣୀ, ରାମେଶ୍ୱର, ସିଦ୍ଧେଶ୍ୱର, କେଦାରେଶ୍ୱର, ପ୍ରଭୃତି ଦେଉଳ ପଞ୍ଚରଥ ।

(୪) ସପ୍ତରଥ – ଏଥିରେ ଦୁଇଟି କୋଣକ ପାଗ, ୪ଟି ଅନର୍ଥ ପାଗ, ଓ ଗୋଟିଏ ରାହାପାଗ ଥାଏ । ନବରଥ– ଏଥିରେ ଚାରୋଟି କୋଣକ ପାଗ, ୪ଟି ଅନର୍ଥ ପାଗ, ଓ ଗୋଟିଏ ରାହାପାଗ ଥାଏ । ଶ୍ରୀ ଦେଉଳର ବିମାନ ଓ ଜଗମୋହନ ନବରଥ ।

ରେଖ ଓ ପୀଢ ଭେଦରେ ଏହା ପୁଣି ଦୁଇ-ଭାଗରେ ବିଭକ୍ତ । ରେଖ ଦେଉଳ ସିଧାହୋଇ ଉପରକୁ ଉଠିଥାଏ । ପୀଢ ଦେଉଳରେ ଲହରୀ ପରେ ଲହରୀ ପରି ପାଷାଣର ସ୍ତର ଥାଏ ।

ପୀଢ ଦୁଇଭାଗରେ ବିଭକ୍ତ । (୧) ନାହାଗୁଳିଆ, (୨) କାଠଗୁଳିଆ । ନାହାଗୁଳିଆରେ ପିରାମିଡର ଉଚ୍ଚତା ବାଢ଼ର ୬ ଭାଗର ୫ ଭାଗ । କପିଳେଶ୍ୱର ଭୋଗମଣ୍ଡପ ଏବଂ ମୁକ୍ତେଶ୍ୱରର ଜଗମୋହନ ନାହାଗୁଳିଆର ଦୃଷ୍ଟାନ୍ତ । ଲିଙ୍ଗରାଜ ମନ୍ଦିରର ଜଗମୋହନ ଏବଂ ଅନନ୍ତ ବାସୁଦେବ ଜଗମୋହନ କାଠ ଗୁଳିଆର ଉଦାହରଣ ।

ରେଖ ଦେଉଳରେ ବିଭିନ୍ନ ଅଂଶର ବିଭିନ୍ନ ନାମ ଅଛି । ଯଥା — ତଳପତ୍ତନ, ପୀଠ, ବାଢ଼, ରଥକ, ବେକି, ଅମଳକ, କର୍ପୂରୀ ଓ କଳସ । ବାଢ ଚାରିପ୍ରକାର - ଜଂଘା ବା ପଞ୍ଚକର୍ମ । ବନ୍ଧନ ବା ଉର୍ଦ୍ଧକର୍ମ, ଶିଖାଉ ସପ୍ତକାମା ଜଂଘା ପାଞ୍ଚପ୍ରକାର— ପାଦ, କୁମ୍ଭ, ପଟା, କୋଣି, ବସନ୍ତ । ପୀଢ ଦେଉଳର ବିଭିନ୍ନ ଅଂଶର ବିଭିନ୍ନ ନାମ ଅଛି । ଯଥା — ପୀଠ, ପାଦ, କୁମ୍ଭ, ପଟ, କୋଣି, ବସନ୍ତ, ଘଡଚକଡା, ବେକି, ଅଁଳ, କଳସା, ପାଦ, ଘଡ, ହାଣ୍ଡି, ଜଂଘା, ବର୍ଣ୍ଣି ବନ୍ଧନ, କୋଣାପାଗ, ରାହାପାଗ, ଓ ଅନର୍ଥ ପାଗ ପ୍ରଭୃତି ।

ଉତ୍କଳୀୟ ମନ୍ଦିରର ଦେବତା ଥିବା ଅଂଶକୁ ବିମାନ, ଓ ଅନ୍ୟାନ୍ୟ ଅଂଶକୁ ଜଗମୋହନ, ଭୋଗମଣ୍ଡପ,

Digitized by srujanika@gmail.com

ନାଟ ମନ୍ଦର ବୋଲି କହନ୍ତି ।

ଅଙ୍ଗର ବିଭିନ୍ନ ପ୍ରତ୍ୟଙ୍ଗର ତାରତମ୍ୟ ଜ୍ଞାନ ଉତ୍କଳୀୟମାନଙ୍କର ଯଥେଷ୍ଟ ଥିଲା । ମନୁଷ୍ୟ ଶରୀରକୁ ସେମାନେ ପୁଙ୍ଖାନୁପୁଙ୍ଖ ଭାବେ ପରୀକ୍ଷା କରି ମୂର୍ତ୍ତି ନିର୍ମାଣ କରୁଥିଲେ ।

"ନବତାଳ ପ୍ରମାଣେନ୍ତୁ, ମୁଖଂ ତାଳମିତଂ ସ୍ମୃତମ ଚତୁରଙ୍ଗୁଳଂ ଲଲାଟଂ ସ୍ୟାଦଥୋ ନାସା ତଥୈବ ନାସିକାଧସ୍ତ ହନ୍ୱନ୍ତଂ ଚତୁରଙ୍ଗୁଳଂ ମାଟିତମ୍ ଚତୁରଙ୍ଗୁଳା ଭବେନ୍ତ୍ର ଗ୍ରୀବା ତାଳେନ ହୃଦୟଂ ପୁନଃ"

ଇତ୍ୟାଦି

ଉକ୍ତ ନିୟମ ଅନୁସରଣ କରୁଥିବାରୁ ଅଙ୍ଗ ସୌଷ୍ଠବରେ କୌଣସିଏ ତ୍ରୁଟି ରହୁ ନଥିଲା ।

ମୂର୍ତ୍ତି ନିର୍ମାଣରେ ଆଦର୍ଶ ରୂପସୃଷ୍ଟି ସେମାନଙ୍କର ଲକ୍ଷ୍ୟ ଥିଲା ।

ବାସ୍ତବ ଜଗତରେ ସମ୍ଭବତ ଯେ କୌଣସି ଦେହ ନିର୍ମାଣ କରି ମନ୍ଦିରରେ ଖଞ୍ଜିବାକୁ ସେମାନେ ଘୃଣା କରୁଥିଲେ ।

ଶିଳ୍ପ ସୃଷ୍ଟିରେ ସୌନ୍ଦର୍ଯ୍ୟହିଁ ସେମାନଙ୍କର ଏକମାତ୍ର ଆଦର୍ଶ ଥିଲା ।

"କଟି କଟିବ ସିଂହସମ । ହୃଦୟ ଦେଶ ଅନୁପମ ନାଭିକୁ ଗମ୍ଭୀର କରିବ । ଉରୁଦ୍ୱୟ ଯେ ଧ୍ରୁବଦେଭ"

ଇତ୍ୟାଦି

ଶି: ଚ:

ମୂର୍ତ୍ତିମାନଙ୍କ ଦେହରେ ଶିରା ପ୍ରଶିରା ନ ଥିବାରୁ ତାହା ଅବାସ୍ତବ, ବୋଲି ପାଶ୍ଚାତ୍ୟ କଳାବିତ୍‌ମାନେ ସମାଲୋଚନା କରିଥାନ୍ତି । ଶିରା ନ ଦେବାର କାରଣ କଳାରଚନା ପାଟବର ଅଭାବ ନୁହେଁ । ଯାଜପୁରର କଙ୍କାଳିନୀ ଚାମୁଣ୍ଡା ଏବଂ ଅଷ୍ଟାଦଶଭୁଜା ଦୁର୍ଗା ମୂର୍ତ୍ତିରେ ପେଶିର ଶିରାଗୁଡ଼ିକ ଅଦ୍ୟାପି, ସୁସ୍ପଷ୍ଟ ରହିଛି । ଶିରା ନ ଦେବାର ଏକ ଉଦ୍ଦେଶ୍ୟ ରହିଛି । ଦୀର୍ଘ ବପୁ ହୃଷ୍ଟ-ପୁଷ୍ଟ ବଳିଷ୍ଠ ମନୁଷ୍ୟର ମୂର୍ତ୍ତି ନିର୍ମାଣ କରିବା ଉତ୍କଳୀୟ ଶିଳ୍ପୀର ଉଦ୍ଦେଶ୍ୟ । ସୁସ୍ଥ ମନୁଷ୍ୟର ଶିରା-ପ୍ରଶିରା ଦେଖାଯାଏ କି ?

ଦେବତା ବପୁକୁ କରିବ
ନିର୍ମଳ ବିନ୍ଦୁ ନ ରହିବ
କାହିଁବା ଉଚନୀଚ ନୋହେ
ପେଶି କାର୍ଯ୍ୟର ସ୍ଥାନ ନୁହେଁ ।

ଶି: ଚ:

ଉତ୍କଳୀୟ ଭାସ୍କର୍ଯ୍ୟର ବୈଶିଷ୍ଟ୍ୟ କେବଳ ମୁକ୍ତେଶ୍ୱର ଓ ପର୍ଶୁରାମେଶ୍ୱର ମନ୍ଦିରକୁ ବାଦ୍ ଦେଲେ ଉତ୍କଳର ସବୁ ଦେବଦେବୀ ମନ୍ଦିର ପୂର୍ବ ମୁଖୀ ।

ମନ୍ଦିରରେ ବାତାୟନ ନାହିଁ । ଏହା ଆର୍ଯ୍ୟ ଭାରତୀୟ ଶୈଳୀର ଏକ ବିଶେଷତ୍ୱ । ମନ୍ଦିରରେ ପାଣି ପବନ ପଶି କିଛି କ୍ଷତି କରିପାରେ, ଏହି ଆଶଙ୍କାରେ ସେମାନେ ମନ୍ଦିରରେ ବାତାୟନ ରଖୁ ନଥିଲେ । ତା-ଛଡ଼ା ମନ୍ଦିର ମନୁଷ୍ୟର ବାସ ଗୃହ ନୁହେଁ । ତେଣୁ ଏଥିରେ ଗବାକ୍ଷ ରଖିବାର ବିଶେଷ ଆବଶ୍ୟକତା ବି ଅନୁଭୂତ ହୁଏନାହିଁ । ମନ୍ଦିର ବାରମ୍ବାର ଭାଙ୍ଗି ଯାଉଥିବାରୁ ତାର ଚିର ସ୍ଥାୟିତ୍ୱ ଲାଗି ଉତ୍କଳୀୟ ମନ-ପ୍ରାଣ ଢାଳି ଦେଇଥିଲେ । ତେଣୁ ସେ ଦୃଷ୍ଟିରୁ ଗବାକ୍ଷ ବାଦ'ଦେବା ଆଦୌ ବିଚିତ୍ର ନୁହେଁ ।

ଉତ୍କଳୀୟ ମନ୍ଦିରଗୁଡ଼ିକ ଆତ୍ମତ୍ୟାଗର ସୁବର୍ଣ୍ଣ ଦୃଷ୍ଟାନ୍ତ । ସବୁ ସୁଖ, ଶାନ୍ତି, ସୌଭାଗ୍ୟ ମଣିଷ ବଳି-ଦେଇଛି କଳାର ଚରଣରେ । ନିଜକୁ ହଜାଇ ଦେଇଛି ଦେବତାର ସୌନ୍ଦର୍ଯ୍ୟ ଭିତରେ । ସବୁ ଦେବତାର କାର୍ଯ୍ୟ, ମନୁଷ୍ୟ ନିମିତ୍ତ ମାତ୍ର । ଶିଳ୍ପୀ ଭିତରର ଦେବତା ଏହି-କଥା କହି ଉଠେଛି । ଏହି ସ୍ଥିର କୀର୍ତ୍ତି ଲାଗି ମଣିଷ ଆତ୍ମ-ବଡ଼ିମା ଦେଖାଇବ ? ଅହଙ୍କାର କରିବ ? ନିଜକୁ ବଡ଼-କରି ଦେଖାଇବା ସେ କାଳର ନୀତି ବିରୁଦ୍ଧ କଥା, ଆତ୍ମ

Digitized by srujanika@gmail.com

ବିଜ୍ଞାପନ ଏକ ପାପ । କଳା ବ୍ୟକ୍ତିଗତ ନୁହେଁ, ଜାତିର, ଦେଶର, ବିଶ୍ୱର ଏବଂ ଭଗବାନଙ୍କର । ତାଙ୍କର ପ୍ରତିଭାରେ ତାଙ୍କୁହିଁ ଆଲାତ କରାଯାଏ । ମଣିଷର ବାହାଦୂରୀ କାହିଁକି ? ସୃଜନ ଶକ୍ତି ଅହଙ୍କାରରେ କଳୁଷିତ ହୁଏ ନାହିଁ କି ? ଆତ୍ମ ପ୍ରଖ୍ୟାପନ ଉଦ୍ଦେଶ୍ୟ ହୋଇଥିଲେ ବିଶିଷ୍ଟ ଶିଳ୍ପୀମାନଙ୍କର ନାମ ଅବଶ୍ୟ ମନ୍ଦିରମାନଙ୍କରେ ଅଙ୍କିତ ହୋଇଥାଆନ୍ତା ।

ଅନାସକ୍ତ ଭାବ ଅନ୍ୟଏକ ବିଶେଷତ୍ୱ । ଶିଳ୍ପୀର ଅଧିକାର କେବଳ କର୍ମ କରିବାରେ । ସେ ସଂସାରରୁ ଗୌରବ ଆଶା କରିବ କାହିଁକି ? ଦ୍ୱିଧା ଦ୍ୱନ୍ଦ୍ୱ ନ ରଖି ନିର୍ମଳ ଅନାସକ୍ତ ଭାବରେ ହୃଦୟର ସର୍ବଶ୍ରେଷ୍ଠ ମହତ୍ ଦାନ ସେ ଢାଳି ଦେଇଯାଏ । ଭଲମନ୍ଦ ଫଳ ବିଚାର କରିବାର ତାର କି ଅଧିକାର ଅଛି ?

ଅନ୍ତରରେ ଭକ୍ତିଭାବ ସୃଷ୍ଟି କରିବାର କଳାର ପ୍ରଭାବ ଅସାଧାରଣ । ମନୋବିଜ୍ଞାନତତ୍ତ୍ୱ ଉତ୍କଳୀୟମାନଙ୍କୁ ଭଲଭାବରେ ଜଣାଥିଲା । କାରୁକାର୍ଯ୍ୟ ପ୍ରଗତିଶୀଳ ସଭ୍ୟ ଜାତୀୟ ଜୀବନର ଏକ ସୂଚୀପତ୍ର । ମନ୍ଦିର ସଜାଇବାରେ ଉତ୍କଳୀୟ ଶିଳ୍ପୀ ପୂର୍ଣ୍ଣତା ଲାଭ କରିଛନ୍ତି । କାରୁକାର୍ଯ୍ୟ-ହୀନ ମନ୍ଦିର ସ୍ୱାର୍ଥପରତାର ଏକ ପ୍ରତୀକ, ଜାତିର ଦୁର୍ଗତିର ସଙ୍କେତ । ଆଧୁନିକ ଉତ୍କଳୀୟ ମନ୍ଦିର ବୃଥା କାରୁ କଳା ହୀନ । ଦୁର୍ଦ୍ଦିନ ଘନଘଟାର ସ୍ପଷ୍ଟ ସଙ୍କେତ ସେଥିରୁ ମିଳୁଛି ।

ଦେଉଳରେ ଆଲୋକ ଛାୟାର ଲୀଳା ବିଳାସ ପ୍ରଦର୍ଶନ ଉତ୍କଳୀୟ କଳା ସ୍ୱାତନ୍ତ୍ର୍ୟର ଅନ୍ୟଏକ ନିଦର୍ଶନ ।

ଭାସ୍କର୍ଯ୍ୟ ଉତ୍କଳର ଏକ ଧର୍ମରେ ପରିଣତ ହୋଇଛି । ଇଉରୋପୀୟ ତଥା ଗ୍ରୀକ୍ କଳା ବାସ୍ତବବାଦୀ କିନ୍ତୁ ଉତ୍କଳୀୟ କଳା ଗଠନଶୀଳ, ବ୍ୟଞ୍ଜନାମୂଳକ ଏବଂ ଆଦର୍ଶବାଦୀ । ଗ୍ରୀସ ଦେଶର ଉଲଗ୍ନ ପ୍ରସ୍ତର ମୂର୍ତ୍ତି ବହୁ ପ୍ରଶଂସିତ ହୋଇଛି । ଶିଳ୍ପ ଚନ୍ଦ୍ରିକାରେ ଅଛି ।

" ଅଲଙ୍କାରରେ ଭଗ୍ନନାରୀ । ତାଠାରୁ ଉଲଗ୍ନ-ସୁନ୍ଦରୀ "

ପାଶ୍ଚାତ୍ୟ କଳା ବହିରାବରଣ ଦେଇ ସନ୍ତୁଷ୍ଟ । ପାଶ୍ଚାତ୍ୟ ଜୀବନ ପ୍ରଣାଳୀ ସହିତ ଏହି କଳାର ଘନିଷ୍ଠ ସମ୍ପର୍କ ରହିଛି । ପ୍ରାଚ୍ୟକଳା ଜୀବନକୁ ଭିତରଆଡୁ ଦେଖେ । ବାହାର ପ୍ରଦର୍ଶନୀରେ ତାର ତୃପ୍ତି ନାହିଁ । ଭାରତୀୟ ଜୀବନ ସହିତ ଅସଂପୃକ୍ତ ଗଭୀର ଅନ୍ତର୍ଦୃଷ୍ଟି-ହୀନ ମନୁଷ୍ୟ ଭାରତୀୟ କଳା ଯଥାର୍ଥ ଭାବରେ ବୁଝି-ପାରିବ ନାହିଁ । ପ୍ରାଚ୍ୟକଳାର ବାହାର ସଙ୍କେତ ଭିତରର ବିରାଟ କଳା ବସ୍ତୁକୁ ଆଲୋକ ଦେଖାଏ । ଏହା ଆମକୁ ସ୍ଥୂଳରୁ ସୂକ୍ଷ୍ମ, ଅଣୁରୁ ମହୀୟାନ୍ ଏବଂ ସସୀମରୁ ଅସୀମକୁ ଆକର୍ଷଣ କରିନିଏ । ପ୍ରତ୍ୟେକ ମୂର୍ତ୍ତିରେ ମନୋହର ଅଲଙ୍କାର-ମୟ ଆବେଷ୍ଟନୀ ଛଡ଼ା ଅସ୍ପଷ୍ଟ ଅଥଚ ଗଭୀର ଇଙ୍ଗିତ ରହିଛି । କଳା ଭିତରେ ସତ୍ୟ ଶିବ ସୁନ୍ଦର ଲାଭ ସାଧନା ବିଶ୍ୱର କୌଣସି ଜାତି ଏତେ ବେଶୀ କରିନାହିଁ । ଉତ୍କଳହିଁ ନିଖିଳ ବିଶ୍ୱକଳା ସାଧନାର ସୁଯୋଗ୍ୟ ପ୍ରତିନିଧି । ଐତିହାସିକ ଶ୍ରୀ ମନମୋହନ ଗାଙ୍ଗୁଲି Orissa and her remains ରେ ଉତ୍କଳୀୟ ଭାସ୍କର୍ଯ୍ୟର ଉତ୍କୃଷ୍ଟତା ଦେଖାଇବାକୁ ଯାଇ ଯଥାର୍ଥରେ କହିଛନ୍ତି —

" Orissan sculpture is superior to the sarcenic Greek and Roman by reason of having the representative or symbolic treatment in a d d i t i o n to the purely aesthetic one resorted to."

—— X ✱ X ——

Digitized by srujanika@gmail.com

# ତୁମେ

କିଶୋରୀ ଚରଣ ଦାସ ଏମ୍. ଏ.

ଦେହର ପ୍ରତିମା ତୁମେ ।
ମଣିଷର ଦେହ ନେଇ ନାରୀ ତୁମେ
ରୂପସୀ, ମୃଣ୍ମୟୀ !

ମୁହିଁ ମୁଗ୍ଧ ଦେହଭୃଙ୍ଗ, ଖୋଜେ ତାର ନିବିଡ଼ ଉତ୍ତାପ,
ଆଶ୍ଲେଷର ତପ୍ତ ଅନୁଭବ, ମାଂସର ବିଳାସ ।
ମୁହିଁ ପୁଣି ନାରୀମନ୍ତ୍ରୀ, ପ୍ରତି ଦେହେ ପ୍ରତି ଅଙ୍ଗେ ତୁମାର
ତୁମରି ଯେ ତନୁ-ଦାନେ କର ମୋତେ କୁସୁମ-କୋମଳ !
ନୟନ-ବିଳାସ ଦିଅ ରୂପମୟୀ ରୂପର ବନିତା ।
ବରଣୀୟା ପ୍ରିୟତମା ! ସେହି ମୋର ପ୍ରଣୟ-ମମତା ! !
କିନ୍ତୁ
ଦେହର ପ୍ରତିମା ଖାଲି ?
ଶରୀର ଶୃଙ୍ଖଳ ଫେଇ ତୁମେ ନିକ
ରୂପର ବାଙ୍ମୟୀ ?

ପ୍ରକାଶ--ଦାମିନୀ ନାରୀ ଯୁଗାନ୍ତର--ଆଦମ--ମାନବୀ,
ଭାଷା ଦିଅ ଲେଖନୀରେ, ତୂଳିକାରେ ଲେଖିଦିଅ ଛବି ।
ଶୁଭ୍ର-ଜ୍ୟୋତି-ତୁମେ ମୋର ପ୍ରାଣମୟୀ ସରସ୍ୱତୀ ସତେ ।
କହିବାର, ଫୁଟିବାରି, ଗାଇବାର ଶକ୍ତି ଦିଅ ମୋତେ ! !
ଉପଭୋଗ ନୁହେଁ, ନିବିଡ ସେ ଦେହ-ଅନୁଭୂତ,
ତାଠାରେ ନେଇ ଜନମୁଖେ ଶୁଣାଇବି ମୂର୍ତ୍ତିର ଗୀତ ! !

ତେବେ—
ଅଦେହୀ ନୁହଁ କି ତୁମେ ? ..
ପୂର୍ଣ୍ଣତା-ଦାୟିନୀ ତୁମେ ନୁହଁ କି ଗୋ,
ଅମରୀ, ଚିନ୍ମୟୀ ?

ପ୍ରକାଶର ଅନ୍ୱେଷଣ ଖାଲି ଯିନା କଳ୍ପ-ଲୋକ ପାଇଁ,
ସବୁ ଭାଷା, ଛନ୍ଦଗୀତ, ସପନରେ ଲହରହେ କାହିଁ ।
ମନର ନିଜର କଥା ଖୋଜେ ନିକ ଆତ୍ମାର ପରଶ ?
ଭାଷା ଯେତେବେ ସତ୍ୟ, ଶିବ-ମୂହୂର୍ତ୍ତିରେ ହୁଏ କି ଗୋ ଶେଷ?
ଦେହର ମିଳନ ନେଇ ଉଲ୍ଲସିତ ଭାବନା ସମ୍ଭାର—
ଭବଧାରା ମୁହେଁନିକ ଚିରନ୍ତନୀ ଅଧ୍ୟାତ୍ମ-ବିହାର ?
ନୁହଁ ଖାଲି ନାରୀ ତୁମେ—
ସୁକୁମାରୀ, ଅବଳା ବାଳିକା
ନୁହଁ ଖାଲି ଦେହ —
ଖାଲି ମନ —
ଖାଲି ଆତ୍ମା —
ମୟୀ !

ରଚିବ ତୁମକୁ ମୁଁ ଯେ ସମଗ୍ର 'ଏ ଜୀବନ-ଆଧାର'
ଏକାଧାରେ, ଅନୁଭୂତ, ସାଧନା ଓ ଉପଲବ୍ଧି ମୋର ! !

Digitized by srujanika@gmail.com

# ମଶାଣି ତଳେ

ଶ୍ରୀ ଲକ୍ଷ୍ମୀଧର ମହାନ୍ତି

"କିଏ ?"

"ମୁଁ"

"ତୋ ନାଁ କଣ ବେ ।"

'ମୁଁ ନେଡ଼ା ।"

"ନେଡ଼ା ?"

"ହୁଁ"

ତୁ କଣ ଲାଶ ଆଣିଛୁ ? ଯା ପଳା ଏଠୁ । ଯା ଆଜି କୋଉଠି ସକେଇ ହେବୁ । କୁଅଁଡ଼ୁ ଗୋଟାଏ ଅସି ରାତଅଧକୁ ସବୁଦିନ ହାଜର ଯେ, ମଣିଷର ଟିକିଏ ପଲକ ବି ପଡ଼ୁ ନାହିଁ । କିଲେ ଯାଉଛୁଟି ଏଠୁ । ...... ସୁକୁଟାର ପାଟିରୁ ଏତିକ ଶୁଣି ବିଚରାଟି ତାର ଛୋଟ ବୁଢ଼ୁଲିଟି ଧରି ସମୁଦ୍ର କୂଳେ କୂଳେ କୁଆଡେ଼ ଉଭେଇ ଗଲା ।

ଉଃ ! କି କଡ଼ା ତାର ଭାଷା ! କି କର୍କଶ ତାର ବ୍ୟବହାର । ନଳ ପଳଂପଳ କଳା ମଚମଚ ଦେହଟା — ନାଲ ନାଲ ଆଖି — ଜଗତରେ ତାର ଅନ୍ୟ ବ୍ୟବସାୟ କିଛି ନାହିଁ । ଏଇ ମଡ଼ା ଆଉ ମଡ଼ା ବୁହାଳିମାନଙ୍କ ସହିତ ତାର ବେଉଷା । ସ୍ୱର୍ଗ ଦ୍ୱାରର ସେଇ କବର ଘେରା ଗୁମ୍ଫି ଘରଟା ଭିତରେ ଲୋକଟା ପଡ଼ିଥାଏ । ଯେତେବେଳେ ଅଦୂର ରାସ୍ତା ଉପରୁ ସମୁଦ୍ରର ଘୁ ଘୁ ଗର୍ଜନ ଭେଦକରି ଶୁଣାଯାଏ "ରାମନାମ ସତ୍ୟ ହେ ରାମ ନାମ 'ସତ୍ୟ ହେ" - ଲୋକଟା ନିଜକୁ ଟିକିଏ ସଜାଡ଼ିନିଏ । ପାଖରେ ଶୋଇଥିବା କୁକୁର ଗଣ୍ଡାକ ନିଜକୁ ଡାକା କରି ନିଅନ୍ତି ଟପ୍ ଚଞ୍ଚଳ । ଲୋକଟା ତାର ସେଇ ମୁଣ୍ଡା ଖାତା ଉପରେ ପେନ୍‌ସିଲଟା ରଖି ପଚାରେ ... ... "କୋଉଠୁ ଆଇଲ ଏ ନାଥି" ... ...... ଉତ୍ତର ପାଏ "ବଡ଼ ଡାକ୍ତରଖାନା" ... ... ... 'ନାଁ କଣ ?" କୋକେଇଟାକୁ ତଳେ ଥୋଇଦେଇ ନୂଆ ମାଲଭାଇ ପଚାରେ ... ..."କାହାର ?" ... ସୁକୁଟା ଉତ୍ତର ଦିଏ "ନାଥର" (ଲାଶ୍) ତାପରେ ତାର ଖାତାରେ ମଡ଼ାଟାର ଶେଷ ଜୀବନର ସ୍ମୃତି ରୂପେ ତାର ନାଁଟା ଚଢ଼ିଯାଏ ।

ଯେତେବେଳେ ସମୁଦ୍ରର ହାଲ୍‌କା କାଲୁଆ ପବନ ବାଜି, ଚିତାଟା ହୁ ହୁ ହୋଇ ଜଳିଉଠେ, ମାଂସଗୁଡ଼ାକ ଛେଲ ଛେଲ ହୋଇ ଓହଳିପଡ଼ି ଧଳା ହୋଇଯାଏ । ଅସ୍ଥିଟା ଧନୁପରି ସେତେବେଳେ ହୋଇ ବୁଲିଯାଏ । ସୁକୁଟାର କଣ କମ୍ ଆନନ୍ଦ । ନିଆଁଟା ଭଲକରି ଧରି-ଆସିଲେ ମାଲଭାଇଗୁଡ଼ାକ ସୁକୁଟାର ଦାୟିତ୍ୱରେ ଚିତାଟାକୁ ରଖିଦେଇ, ଯେ ଯୁଆଡେ଼ ପଳାନ୍ତି । ସୁକୁଟା ଯାର ଭିତରେ ତାର କାମ ଆରମ୍ଭ କରିଦିଏ । କୋକୁଆର ସେଇ ମୂଳ ବାଉଁଶଟାରେ, ଜଳନ୍ତା କାଠ-ଗୁଡ଼ାକ ଭିତରକୁ ଫିଙ୍ଗିଦିଏ । ମାରେ ଗୋଟେ କେଞ୍ଚା ଯେ, ମଡ଼ାଟାର ପେଟରେ ଏପଟେ ପଶି ସେପଟେ ବାହାରି ପଡ଼େ । ଦରପୋଡ଼ା ମଡ଼ାଟାକୁ ଟାଣି ନେଇଯାଏ ଛିହାଡ଼େ । ପୋଡ଼ା ବାଇଗଣଟାକୁ ଚୂଲିରୁ ଅଣିବାପରେ ଧୂଆଁ ବାହାରୁଥିଲା ପରି, ଧୂଆଁଗୁଡ଼ାକ ତାର ମୁହଁପଟେ କଣ ଖୋଜୁଥାଏ । ମୁଣ୍ଡର ଖପୁରିଟା ତତଲା ଲୁହାପରି ଲାଲ ଟହଟହ ଦିଶୁଥାଏ । ତାପରେ ଭୋକିଲା କୁକୁର-ଗୁଡ଼ାଙ୍କର ଆକ୍ରମଣ ହୁଏ ଯାରି ଉପରେ । ଗଲମା ଗଲମ କଡ଼୍‌ମଡ଼୍ କଟ୍‌ରଟ୍ ସବୁ ଶେଷ ।

ଜଳନ୍ତା କାଠଗୁଡ଼ାକ ବାଲିରେ ଲିଭାଇ ସୁକୁଟା ସେସବୁ ଘରକୁ ବୋହି ନେଇଯାଏ । ହଇଜା ବସନ୍ତ ଲାଗିଲାବେଳେ ସୁକୁଟାର ହୁଏ ପାଳିଆ, ମଡ଼ା ଉପରେ ମଡ଼ା ଆସି ଗଦା ହୋଇଯାନ୍ତି । ମଡ଼ା ବୁହାଳିମାନେ ସୁକୁଟାକୁ ଟଙ୍କା ଧରାଇଦେଇ ଭୟରେ ପଳାନ୍ତି । ଏହାଛଡ଼ା ମଧ୍ୟ କାହା ନାକରେ ନାକ ମାଣ୍ଡୁଟାଏ, କାହା ହାତରେ, ବାଡ଼ ଦିଏଟେ, କାହା-ଦେହରୁ ଗୁଦଟାଏ

Digitized by srujanika@gmail.com

ବେଶ ଲଭ —

ନେତ ଜେବେବେଳେ ସମୁଦ୍ର କୂଳେ କୂଳେ ଯାଇ ସେ ଲାଟ ସାହେବ କୋଠିପାଖେ ହେଲଣି, ଏକଥା ତାକୁ ଜଣାନାହିଁ । କୋଠି ଗୁରିପଟରେ ଦେବଦାରୁ ପାର୍ଶ୍ୱର ତ ସମୁଦ୍ରଡାକ - ଖୁବ୍ ତୋଫା - ନେତ ଠିକଏ ଚମକିପଡ଼ିଲା । ତାର ଛାତି ଦମ୍ ଦମ୍ ହେଲା … … "ଏଁ ! ଏ ପୁଣି କଣ । ମୁଁ କେଉଁଠାକୁ ଆସିଲି ଏ କଣ ସେଇ ଡାକତରଖାନା ।"

ବଜୁଳି ଆଲୁଅଗୁଡ଼ାକ ତାକୁ ଆଖିମିଟିକା ମାରିଲାପରି ଲାଗିଲା । ତାର ଇଚ୍ଛାହେଲା ସେ ହାତରେ ଗୋଟାଏ ଲୁଗା ଧରି ପଣିପାତ୍ରା - ମାଇକ୍ରଣଅଟାର ଚୁଟି ଧରି ପଚାରନ୍ତା "ଦେ - କେଉଁଠି ରଖିଛୁ ଦେ" ଉନ୍ମତ୍ତ ହୋଇ ନେତ ପଶିଯାଉଥିଲା ସିଆଡ଼େ ।

"କୌନ୍‌ହେ" । ଧାଡ଼ରି ସେପଟୁ ସଶସ୍ତ୍ର ପୁଲିସଟା ଜଡ ପାଲଟିଗଲା … … ନେତର ଚେତା ଆସିଲା "ନାଁ । ଏଇଟାତ ସେ ଘର ନୁହେଁ । ଏଠିଲେତ ଗଛ ନାଇ । ତେବେ ମୁଁ କୁଆଡେ ଯାଉଛି ? ମୁଁ ପଗ ଦଉଡ଼ି ଦେବ ? ନାଁ ଲୋକେ କଣ କହିବେ ? ଯିବ ।"
… … … … ଗୁଡ଼ିଅଡେ ଖାଲି ବାଲି ।

ଆହା ଗାଉଁଲି ଝିଅଟିଏ ସେ । ଯାହାକୁ ଦେଖି ଆମ ପାଗଳ କବିର ଲେଖନୀଟା ଠିକଏ ଚଞ୍ଚଳ ହୋଇଉଠେ । ହୟେଟାର ଚେଙ୍ଗପର ଉପରଟା ତାର ଧୂଳିଧୂସରିଆ ହେଲେବି, ଭିତରଟା ତାର ରସ ଭରି ମିଠା - ଖୁବ ସୁନ୍ଦର ।

ଏଇ ଦଶଦିନ ତଳେ ଯେତେବେଳେ ସେ ମୋର ଗୋଡତଳେ ଅସି ଲମ୍ବହୋଇ ପଡ଼ିଗଲା, ମୋର ଉପରେ ସବୁ ନିର୍ଭର କରି, ନଣ୍ଟୁଆକୁ ଆଣି ମୋର ପାଖରେ ପକାଇଦେଲା, ମୋ ଆଖିରେ ଆଉ ଲୁହ ରହିଲାନାହିଁ । ମୁଁ ତାକୁ ଡାକ୍ତରଖାନାକୁ ନେଇ ରହିପାରିଲି ନାହିଁ ମନ ଆଉ ଡାକ୍ତରଙ୍କର ଲଗାମ ଟାଣିଥିବି । କାଏ ଶୁଣୁଛ, କାଏ ହାରୁଛି । ଏ ସବୁ ଦେଖି ନେତର ଲୁହ ଶୁଖି ଯାଇଥିଲା ବୋଧହୁଏ । ସେଇ ନେଳିଆ ଆକାଶଟା ଆଡ଼କୁ ଅନାଇ ନେତ ନିଶ୍ଚଳ ହୋଇ ବସିଥାଏ ।

ଡାକିଲା ନେତାଂ ସେହିଦ୍ୱାରେ କାହିଁକି ବସିଛୁ । ଏଂଦେଇ ଉପରକୁ ଆ । " ମୋର ଅନୁରୋଧ ଭାଙ୍ଗି ନପାରି, ସେ ଠିକଏ କାନ୍ଥ ଆଡ଼କୁ ଘୁଞ୍ଚି ଆସିଲା । ଡାକ୍ତରବାବୁ ନଣ୍ଟୁଆର କଣ ଦେଖିଲେ କେଜାଣି । ସାବୁନିଆଟାରେ ହାତଟାକୁ ଧୋଇଦେଇ କହିଲେ "ହଁ । ଲେଖିଦେଉଛି । ଯାକୁ କଲେରା ହାସପାତାଲକୁ ନେଇଯାଅ ।

"କଲେରା" । ମୋ ଛାତିଟା ଦମ୍ ଦମ୍ ହେଲା । ବୋକା ନା କଣ ? ଯାହାର ମୋଟେ ଝାଡ଼ା ହୋଇନାହିଁ କଲେରା କଣ ? ପଚାରିବାକୁ ସାହସ ହେଲାନାହିଁ । ତଥାପି ପଚାରିଲି । "ବାବୁ ! ଯାକୁ କଲେରା ୱାର୍ଡ଼କୁ ନେବ କାହିଁକି ?" ଉତ୍ତରଟା ଠିକଏ କର୍କଶ ସ୍ୱରରେ ଆସିଲା । ଥରେ ତ କହିଲି, ନେଇଯାଅ ବୋଲି । ଯାଅ ଏଠାରେ ସିନ୍ ସିନ୍ କରନାହିଁ ।

ଡାକିଲା ରି - କ୍ - ସା !

ବାଟରେ ଯାଉ ଯାଉ ନେତ ମୋତେ ପଚାରିଲା "ବାବୁ ! ଏ ଜଣ ଭଲ ହେଇଯିବେ ନାହିଁ" …… ମୁଁ କହିଲି ହଁ ହଁ । ନିଶ୍ଚୟ । ଆଉ କଣ ଏତେବାଟ ଆସିଛୁ ଭଲ ନ କରି ନେବାକୁ ? "କହିଲି" ହେଲଟି ବାବୁ ଦେଖନ୍ତୁ, କଂସା ଧାରଣ ବନ୍ଧା ପକାଇ ପାଞ୍ଚଟା ଟଙ୍କା ଆଣିଥିଲି ଯେ, ସବୁ ଏଇ ଗାଡ଼ି ଖର୍ଚ୍ଚରେ ଗଲା । ତେବେମତ ଯାଙ୍କ ଭାଇ ସନେଇଙ୍କ କଥା ଜାଣିନ । ଆସିଲାବେଳକୁ, ଠିକ୍ ପାଖରେ ଅଛିବେ କଣ । ଓଲଟି କହିଲେ କଣ ନା, "ଯାଉଛ ଯାଅ, ସିଆଡେ ସିଆଡେ ବଡଦାଣ୍ଡକୁ ଯିବୁ ।"

ରିକ୍‌ସାର ଘଣ୍ଟିଟା, ଠନ୍, ଠନ୍ ହୋଇ ଟେଣ୍ଟୁଆରେ ବାଜିଉଠିଲା । ମୁଁ ସିଗାରେଟଟିଏ ହୁଙ୍କାକରି ଧୂଆଁ ଛାଡ଼ିଲି ।

Digitized by srujanika@gmail.com

ତା'ଆର ଦିନ, ସକାଳ ନଅଟା । ମୁଁ ଗଲବେଳକୁ ଡାକ୍ତର ଆଣ୍ଟୁଆ ମାଡ଼ିବଟିଏ ଦେଇ ତାଙ୍କ ଗୋଡ ଦୁଇଟି ଆଉଁସି ଦେଉଛୁ । ଆଉ ଟେକେଟଟା ରୋଗୀ ଖଟିଆ ଉପରେ ଜଳଜଳ କରି ଚାହିଁଛନ୍ତି ବଡ଼ କରୁଣ ଦୃଷ୍ଟିରେ ।

" ଯମ୍ବୁଲିଲ୍, କେତ ଭଲଅଛୁ ତ ? " ବଡ ଧୀରେ ସେ କହିଲା " ହଁ ଟିକିଏ " ନଛୁଆ ମୁଣ୍ଡଟା ମୋ-ପାଖକୁ ଟିକିଏ ବୁଲାଇ କହିଲା " ବାବା ! ତୁମେ ଟିକିଏ ଟିକିଏ ଆସୁଥିବ । ଏଇଟା କଣ ଜାଣେ ବାବା ! ତମକୁ ଦେଖିଲେ, ମୋ ମନରେ ଟିକିଏ ଦମ୍ଭ ଆସୁଛି । ନିହେଲେ ୨ ଘଣ୍ଟା ହେବ ... ଭଗବାନ ! "

ମୁଣ୍ଡ ଉପରେ ଟଙ୍ଗା ହୋଇଥିବା କାର୍ଡ଼ଟା ଉପରେ ମୋର ଆଖି ପଡ଼ିଲା । ମୁଁ ... । କେତେ ତା-କିଦିନରୁ ପଇସାଟିଏ କାଢ଼ି ମୋ ହାତକୁ ବଢ଼ାଇଦେଲା " ବାବୁ ! କାଲି ଟିକିଏ ଅ... ଆଉ ପୁଅଙ୍କ ପାଇଁ ଟିକିଏ ଦାନ୍ତକାଠି ଆଣିବ । " ... ପଇସାଟି ଦେଖି ... ଲାଗିଲା ... ଓଦା ... ନସ ହସ ...

ସେ ଦିନ ଅଫିସରେ କଣ କାମ ପଡ଼ିବାରୁ ଯାଇ-ପାରିଲି ନାହିଁ । ତା ଆରଦିନ ନାଲିଆ ସୂର୍ଯ୍ୟ ନଉଠୁଣୁ ମୁଁ ଉଠିଲି । ଦାନ୍ତକୁ ଗୋଟାଏ ମୁଣ୍ଡିଆ ମାରି, ଦାନ୍ତକାଠି ବିଡ଼ାକ ହାତରେ ଧରି ବାହାରିପଡ଼ିଲି । ଅନ୍ୟଦିନ ପରି ଯୋତା ମଚମଚ କରି ଲମ୍ବା ହଲଟା ଭିତରେ ପଶିଗଲି । ରୋଗୀଗୁଡ଼ାକ, ବାବୁ ଆସିଲେ ବୋଲି ଭାବି ଟିକିଏ ପ୍ରକୃତସ୍ଥ ହୋଇଗଲେ । ମୁଁ ପଶିଗଲି, ସେଇ କୋଣକୁ ।

ଏ କଣ ? !!! ଖାଲି ଖଟଟା ! ନଛୁଆ ? ନେତ ? ମୋ ଛାତିଟା ଧପ୍ ଧପ୍ ହେଲା ... ... କପାଳରୁ ଝାଳ ବୋହିଲା—

ହାଉଯାକ ବାରଣ୍ଡାରେ ବସି କଣ ଗୋଟାଏ ଚିନ୍ତା କରୁଛନ୍ତି । ମୋର ଆଖି ପଡ଼ିଲା ତାର-ଉପରେ । ବାହାରକୁ ଯାଇ ଦେଖିଲି । ବୁଢ଼ା ରୋଗୀଟାଏ ବାରଣ୍ଡାର ଗୋଟାଏ କଣକୁ ବସିଛି । ମୋତେ ଦେଖି ସେ ଆରମ୍ଭ କଲା ... ... " ବାବୁ ! କାଲି ରାତିରୁ ସେ ମଲାଣି ଯେ ସେ ହାଡ଼ଟା, ତା ଦେହରୁ ଜାମାଟାକୁ କାଢ଼ି ନେଇ, ତାକୁ ୧୦'ରେ ପକାଇଦେଇଛି । ଆଉ କେତ ମାଇପ ଲୋକ ଯାକୁ ଦେଖି କାଲି ସେ କାନ୍ଦାଉ ଅଚେତା ହୋଇ ଯାଇଥିଲା । କନ୍ଦାକନ୍ଦ କରିବାରୁ ଦାବୁଆଣୀ ତାକୁ ଧମକ ଦେଲେ । ସେତକବେଳୁ ତାର କଣ ହୋଇଚ ଯେ, କାହାକୁ କିଛି କହୁ ନାହିଁ । "

ଚାହିଁଲି—ବାରଣ୍ଡାର ସେପଟେ, ନଛୁଆର ନାଣ୍ଟା ସୁଦ୍ ଲଙ୍ଗଳ ହୋଇ ଯାଉଛି । କାଉ ଦୁ'ଟା କଟାଳ ଉପରେ ବସି, ଆଖି ଦୁଇଟାକୁ ନୁଖି ବାରେ ଲାଗିଛନ୍ତି । ଖଣ୍ଡିଆ ଖାଦର ମାଂସ ଭିତରେ ନଛୁଆର ଡେଲା ଦିଇଟା ... ଗୃଧ୍ରି ... ଆଡେ ।

ଡାକିଲି " ନେତ ! ନେତ ! " ମୂକ ପରି ସେ ସେମିତ ବସିଥାଏ । ଆଉଥରେ ଡାକିଲି । କି ଗୋଟାଏ ଭୀଷଣ ଦୃଷ୍ଟି ସେ ମୋ ଆଡ଼କୁ ନିକ୍ଷେପ କଲା ! ପାଗଳଙ୍କ ପରି ଉଠି ... ହୋଇ, ମୋ ହାତରୁ ଦାନ୍ତକାଠି ବିଡ଼ାକ ଝିଙ୍କିନେଇ ବଉଡ଼ାଟାକୁ ଦାନ୍ତରେ ଟିକି ଟିକି କରି ଚୂରିଆଡ଼େ ଫୋପାଡ଼ିଦେଲା - ବୁଝି ପାରିଲି, ନେତର ଅବସ୍ଥା !

ନର୍ସଟା ଭିତରୁ ଗାଳିକରି ଉଠିଲା " କଣ ହେଉଚି ସେଠାରେ ? ଚଞ୍ଚଳ ଇଲେକ୍ ନେବାର ବ୍ୟବସ୍ଥା କର । ଇଆଡ଼େ, ସେ ଗନ୍ଧରେ, ରୋଗୀଗୁଡ଼ାକ ରୋଗ ଧରୁନାହାନ୍ତି ନ ହେଲେ ଆମେ ହାଡ଼ ହାଡ଼ ଫୋପାଡ଼ି ଦବୁ " ... ... ମନଟା କିପରି ମୋର ରାଗି ଉଠିଲା । ... ହେଲି କହିଦେଇନ୍ତି " ତୁମେ କଣ ... ! ତୁମେ କଣ ଅନ୍ଧ ? ଦେଖିପାରୁଛ ଏଇ ନିରୀହା ନାରୀଟିର ଅବସ୍ଥା ? " ମୋର ଦେହ ମୁଣ୍ଡର ଶିରାଗୁଡ଼ାକ ଛିଡ଼ିଗଲା ପରି ଲାଗିଲା ।

Digitized by srujanika@gmail.com

ତାପରେ ନଟିଆର ଶବଟା ସେଇ ସ୍ୱର୍ଗଦ୍ୱାରର, ବାଲି ଖଣ୍ଡିକ ଉପରେ, ହାଲୁକା ପବନ ଲାଗି, ଧୂଳିଆର କାଠରେ ହୁ-ହୁ ହୋଇ ଜଳି ଉଠିଲା। ଯାର ଶେଷ ସ୍ୱାକ ରଖିଲା ଧୂଳିଆର ସେଇ ଗୀତାଟା।

ଦୁଇଦିନ ପରେ—

ନେଡ଼ ଶୁଣିପାରିଲା ପୋଲିସର କର୍କଶ ଶବ୍ଦ "କୌନ୍ ହେ। ସେ ଉପରକୁ ଚାହିଁଲା। ଜଣକଟା ପାଗଳ କୁକୁର ପରି ଭୈଁ ଭୈଁ ହୋଇ ତା ଆଡ଼କୁ ଗୋଡ଼ାଇ ଆସୁଛି। ପୁଣି ଫେରିଲା ନେଡ଼। ନିଶାର ଗର୍ଜନ। ସ୍ୱର୍ଗଦ୍ୱାରର, ସେଇ ଠିକ୍ କବରଘେରା ବାଲି ପଡ଼ିଆ ପାଉଁଶ ଗଦାଟାକୁ ନେଡ଼ ଖୋଳିବାରେ ଲାଗିଲା। କେତେବେଳେଣି ଧୋତି ଅଣି କାନିରେ ବାନ୍ଧିଲା, ସେଥିପାଇଁ ପାଉଁଶ ଅଣି ମୁହଁପାକୁ ବୋଳିଲା। ସେତେବେଳେ ତାର ପାଗଳ ମନଟା ବୁଝିପାରିଲା ନାହିଁ ଯେ, ଏଇ ଦୁଇଦିନ ଭିତରେ ସେଇ ପାଉଁଶ ଗଦା ଉପରେ, କେତେଥର ଝଡ଼ହ, ପୋଡ଼ା ପାଉଁଶ ହୋଇଗଲାଣି — କୁକୁରଟା, ସେଇ ଘରଭିତରୁ ସେତେବେଳେ ଭେ ଭେ ହୋଇ ଭୁକି ଉଠିଲା। ସେ ତାଙ୍କ ପଛ ଗୁରୁଆଡ଼େ ଚାହିଁଲା। ସତେ ଅବା ତାକୁ କିଏ କହିଦେଉଛି।

"ଛୋ ନାଁ କଣରେ ? ତୁ କଣ ଲାଗି ଆସିଛୁ ? ଯା ଯା ପଳା ଏଠୁ"

କୁଆଡେ଼ ଗଲା କେଜାଣି ?

# ପଲ୍ଲବ ଓ ତଦୀୟ କବି

ଶ୍ରୀ ବ୍ୟୋମନାଥ ହୋତୃଶର୍ମା

ପ୍ରଣେତା ଓ ପ୍ରକାଶକ ଶ୍ରୀଯୁକ୍ତ ଯୋଗେଶଚନ୍ଦ୍ର-ହେ: ମା: 'ଦାସ୍ତା' ହାଇସ୍କୁଲ, ବାଲେଶ୍ୱର ଜିଲ୍ଲା। ମୂଲ୍ୟର ଉଲ୍ଲେଖ ନାହିଁ।

ଆମର ମାତୃ ସାହିତ୍ୟ— ଓଡ଼ିଆ ସାହିତ୍ୟ ପଦ୍ୟ-ବହୁଳ— ଏହା ଯେପରି ସତ, ତନ୍ମଧ୍ୟରୁ କବିତା ପଦ-ନାଚ୍ୟ ମଧ୍ୟକେ ଧରାଗଲେ ଯେ ପଦ୍ୟ ନିହାତି ଏହା ମଧ୍ୟ ସେପରି ସତ— ପ୍ରକୃତ କବିତାର ସଂଖ୍ୟା ନିତାନ୍ତ ଅଳ୍ପ। ସେହି କବିତା ପୁଣି ନାନା ପ୍ରକାରର। ଅଧିକାଂଶ ପ୍ରେମ ଭାବର - ପ୍ରେମ ରସର। ଅବହମାନ କାଳରୁ ଏ ପ୍ରେମ କବିତା—କବିତା ରାଜ୍ୟର ମୂଳ ସ୍ଥାନଟି ଅଧିକାର କରି ଆସିଅଛି କହିଲେ ଚଳେ। ତେବେ ଅବଶ୍ୟ ରୁଚି ପରିବର୍ତ୍ତନ ଅନୁଯାୟୀ ଏ ସମୟରେ ସେସ୍ଥାନ ବିପ୍ଳବ ଭାବାତ୍ମକ କବିତାହିଁ ଅଧିକାର କରିଅଛି। କାହିଁକନା ଏ ହେଲା ଶକ୍ତିଜାତ - ପ୍ରଧାନ ଯୁଗ।

ସୁତରାଂ ଆଲୋଚ୍ୟ କବିତା ସୁ ପ୍ରାଚୀନ ଖଣ୍ଡିକ ପ୍ରେମ ଧର୍ମୀ ହେଲେହେଁ ଏହାର ଅନୁଭୂତି ମୂଳକ ସରସ-ସ୍ନିଗ୍ଧ ଭାବ, ସରଳ ଭାଷା, ଅତି ଆଧୁନିକ ଛନ୍ଦ, ତଥା-ପ୍ରକାଶଭଙ୍ଗୀ ପ୍ରତି ଲକ୍ଷ୍ୟକଲେ ଏହା ମାମୁଲି ପଦ୍ୟ ଶ୍ରେଣୀଭୁକ୍ତ ରଚନା ବୋଲି କୌଣସି ସାହିତ୍ୟ ରସିକ ପାଠକ ଏହାକୁ ମନେ କରିବେ ନାହିଁ, ଏହା ନିଃସନ୍ଦେହ। କାହିଁକନା ହୃଦୟର ନୈରାଶ୍ୟମୟ ପ୍ରେମ-ଅନୁଭୂତିହିଁ ହେଲା ଏ କବିତା ଗୁଡ଼ିକର ପ୍ରାଣ। ସେ ହିସାବରେ ଏ ହେଲା ନିରାଶ ପ୍ରେମିକର ଏକ ମର୍ମୋଚ୍ଛ୍ୱାସ — ମର୍ମ-ପ୍ରଦେଶରୁ ନିଃସୃତ କ୍ରନ୍ଦନ ବାଣୀ। ଯହିଁରେ ଅନୁଭୂତିର ଏତେ ପ୍ରାବଲ୍ୟ କୃତ୍ରିମତା ବା ତହିଁରେ ଆସିବ କାହୁଁ ? ଫଳତଃ ଏଗୁଡ଼ିକ ମୌଳିକ, ସ୍ୱତଃ ରହି ମାତ୍ରଅଛି ଏ-ଗୁଡ଼ିକରେ ମୌଳିକତା।

ଯାହାହେଉ ଆଲୋଚ୍ୟ କବିତାଗୁଡ଼ିକ ଏ ଭଳି

Digitized by srujanika@gmail.com

ପରିସ୍ଥିତିରେ ରଚିତ । ସୁତରାଂ ତଦୀୟ ଉଦାହୃତମାନ କବିଙ୍କର ଏ ପ୍ରେମ କବିତାମାନ କବିଙ୍କୁ ସୁଖର କବି ନ କରି କରିଅଛି ଦୁଃଖର କବି, ଆଶାର କବି ନ କରି କରିଅଛି ନିରାଶାର କବି ମିଳନର କବି ନ କରି କରିଅଛି ବିରହର କବି ।

ମୂଳତଃ ପ୍ରେମ କବିତା ହେଲେହେଁ ବିଷାଦର ସ୍ୱର ବେଦନାର ସ୍ୱର ଝଙ୍କୃତ ଏଥିରେ । ତେଣୁହିଁ ଆମ୍ଭ ନିକଟରେ ଏହା ହୋଇ ପାରିଅଛି ସୁଖପାଠ୍ୟ । ଇଂରାଜ ମହାକବି 'ଶେଲି'ଙ୍କର ମହାବାଣୀ Our sweetest songs are those that tell of saddest thoughts. ଆମ୍ଭମାନଙ୍କର ସବୁଠାରୁ ମଧୁର ଗୀତିକା କେବଳ ସେହିସବୁ ଯହିଁରେ ପ୍ରତିଧ୍ୱନିତ ହୋଇଛି ଆମ ହୃଦୟର ନିଭୃତତମ ବେଦନାର କଥା ।

କହିବା ବାହୁଲ୍ୟ ଯେ ସେହି ଏକ ଦୁଃଖ, ନୈରାଶ୍ୟବାଦ ପ୍ରକାଶିତ କରିଅଛି । ନିମ୍ନୋକ୍ତମତେ ଭିନ୍ନ ଭିନ୍ନ କବିତାରେ ଭିନ୍ନ ଭିନ୍ନ ରୂପେ - ଅଥଚ ପ୍ରତ୍ୟେକର ମୂଳ ଉତ୍ସ ହେଲା ଏକ ।'
ଉଦାହରଣ ସ୍ୱରୂପ 'ଆଜି' କବିତାଟିରେ —

ଗୋଷ୍ପଦେ ନାହିଁ ଉଠଇ ସିନ୍ଧୁର
ମଧୁ ତାନ
କର୍ଣ୍ଣରେ ମୋ ଆସେନି ତେସନ
'ପ୍ରେମର ଗାନ ।

ହୃଦୟ ରାଣି !
ତୁମନାମ ଧରି ରଖିଗଲ ଏହି
ମରମ ବାଣୀ ! !

ଅନୁଭୂତ ସୁଖ ଅପେକ୍ଷା, ଆନନ୍ଦ ଅପେକ୍ଷା ସେ ସମସ୍ତର ସ୍ମୃତିରେ ଯେପରି ଅଧିକତର ସୁଖ, ଅଧିକତର ଆନନ୍ଦ, ପ୍ରେମ ଅପେକ୍ଷା ପ୍ରେମର ସ୍ମୃତିରେହିଁ ଯେପରି ଅଧିକତର ସୁଖ ତଥା ଆନନ୍ଦ, ସନ୍ଦେହ ନାହିଁ । ଆଲୋଚ୍ୟ ନିରାଶ ପ୍ରେମିକ କବି ତେଣୁ ଏ ତତ୍ତ୍ୱ ଠିକକ ହୃଦୟଙ୍ଗମ ପୂର୍ବକ କହୁଅଛନ୍ତି - ଅଶ୍ରୁ ରୁଦ୍ଧ କଣ୍ଠରେ କହୁଅଛନ୍ତି

'ବଂଶୀ ତେବେ ଉଠୁରେ ପୁଣି ବାଜି କରୁଣ ସ୍ୱରେ,
ଯେ ସ୍ୱରେ ସଖି ମିଳାଇ ସ୍ୱର ପ୍ରଥମ ବୟସରେ'
ଆସିଥିଲ ମୋ ପୁରରେ ! ! ଇତ୍ୟାଦି ।

ପ୍ରେମ ଜଗତର ଏ ଗୋଟିଏ ପରୀକ୍ଷିତ ସତ୍ୟ ( ଅବଶ୍ୟ ମନସ୍ତତ୍ତ୍ୱ ଅନୁଯାୟୀ ) ଯେ ପ୍ରେମାସ୍ପଦର ଧ୍ୟାନରେ ଏପରି କି ତାର ସାମାନ୍ୟ ସ୍ମରଣରେ ମଧ୍ୟ ଯେଉଁ ସୁଖ ମିଳେ ତାର ଗୁରୁତ୍ୱ ଊଣା ନୁହେଁ - ଏପରି ଏକ ବ୍ୟାପାର ତାହା ପ୍ରେମିକ ପକ୍ଷରେ । ଏ ଅବସ୍ଥାକୁ ଲକ୍ଷ୍ୟ କରି ଏ ତତ୍ତ୍ୱ ଠିକକ ମନେ ମନେ ଉପଲବ୍ଧି କରିପାରି କବି ତେଣୁ ଏହା ସାହାଯ୍ୟରେ ସାନ୍ତ୍ୱନା ଖୋଜିବାରେ ତତ୍ପର । 'ଷୋଡ଼ଶୀ' ପଦ୍ୟରେ ତେଣୁ ସେ କହୁଅଛନ୍ତି-

'ଅମର ଗୀତି ସମ,
ମୋ କାନେ ଅହରହ
ପୀୟୂଷ ଢାଳି ହରୁ ବେଦନା ଦୁଃସହ

ହେ ବର ତରୁଣୀ ଗୋ ଯୁବତୀ
ତୋ ମଧୁ ମନ କିଣା ଭାରତୀ
ଶୁଭ୍ର ଶୁଚି ସ୍ମୃତି ମୂରତି ! !

କେବଳ ମାତ୍ର ଦୈହିକ ମିଳନ ଯୋଗୁଁ ଯେ ପ୍ରେମାସ୍ପଦ ସହ ପ୍ରେମ ସୁଖ ସମ୍ଭୋଗ କରିବା ସମ୍ଭବପର ନଚେତ୍ ନୁହେଁ ଏପରି କିଛି କଥା ନାହିଁ - କଳ୍ପନାର ଆଶ୍ରୟରୁ ମଧ୍ୟ ଏ ସୁଖ ଠିକକ ସମ୍ଭୋଗ କରାଯାଇପାରେ- କରାଯାଇଥାଏ ମଧ୍ୟ । ବରଂ ଏ ସୁଖ ସୀମାବଦ୍ଧ ନୁହେଁ- ଅସୀମ । ଏ ତତ୍ତ୍ୱ ମନେ ମନେ ହୃଦୟଙ୍ଗମ କରିପାରି ଆଲୋଚ୍ୟ ନିରାଶ ପ୍ରେମିକ କବି ତାଙ୍କର 'ପ୍ରିୟା' ସହ ପ୍ରେମଜନିତ କାଳ୍ପନିକ ସୁଖମାନ ସମ୍ଭୋଗ ପରେ ତାଙ୍କଠାରୁ ବିଦାୟ ଗ୍ରହଣ ପୂର୍ବକ 'ଭଲ ଥାଅ ସଖି' କବିତାରେ କହୁଛନ୍ତି—

Digitized by srujanika@gmail.com

ଆଜଥରେ ତେବେ ଢାଳ ମଦିରା
ବିଦାୟ ନେବାରି ଆଗେ,
ମମ ଆନତ ଅଧର ଭାଗେ
ଢାଳ ଢାଳ ସଖି ! ଢାଳ ମଦିରା' !!

କାଳ୍ପନିକ ସୁଖ ସମ୍ଭୋଗ ବାହାରେ 'ସ୍ୱପ୍ନ' ରେ ମଧ୍ୟ ଯେ ପ୍ରେମାସ୍ପଦ ସହ ପ୍ରେମଜନିତ ସୁଖମାନ ସମ୍ଭୋଗ କରାଯାଇପାରେ, ଏ ତତ୍ତ୍ୱ ଠିକ୍ ମଧ୍ୟ ହୃଦୟଙ୍ଗମ କରି ନିରାଶ ପ୍ରେମିକ କବି ନିଜର ସେହି 'ପ୍ରିୟା' ସହ ସ୍ୱପ୍ନରେ ମଧ୍ୟ ପ୍ରେମଜନିତ ସୁଖମାନ ସମ୍ଭୋଗ କରୁଅଛନ୍ତି । ତେଣୁହିଁ 'ଅଭିସାରିକା' କବିତାରେ ସେ କହୁଅଛନ୍ତି—

'ବୁଝାଏଁ ମୁଁ ଯେତେ ଅବୁଝ ପ୍ରିୟା ସେ ବୁଝେନା,
ପ୍ରେମଲଗା ସେତ କୁଳମାନ କିଛି ମାନେନା !!

ପ୍ରେମିକ ନିଜ ପ୍ରେମାସ୍ପଦର ଅଦର୍ଶନରେ ବ୍ୟାକୁଳ ହୋଇ ଉଠେ, ଏପରିକି ଅନେକ ସମୟରେ ଏହା ଫଳରେ ସମସ୍ତ ଜଗତ ତା ପକ୍ଷରେ ଶୂନ୍ୟ - ମହାଶୂନ୍ୟ ବୋଧହୁଏ । ସାଂସାରିକ ସୁଖମାନ ମଧ୍ୟ ଯେ ତ୍ରିବୋଧ ହୋଇ ଉଠେ ଦୁଃଖ, କଷ୍ଟ ବୋଲି ଏ ତତ୍ତ୍ୱ ଠିକ୍ କେବଳ ଉପଲବ୍ଧି ନୁହେ ନିରାଶ ପ୍ରେମିକ କବି ସେହି 'ପ୍ରାଣପ୍ରିୟା' ଙ୍କୁ ହରାଇ ତେଣୁହିଁ 'କାହିଁ ପ୍ରିୟା' କବିତାରେ କହୁଅଛନ୍ତି—

କାହିଁ ପ୍ରିୟା
କାହିଁ ନବୀନ ବୟସୀ
ବାଳିକା ବଧୂ
ନିଶା ଶେଷେ ଯିଏ
ଚୁପେ କାନେ କାନେ
ଡାକିବ ମଧୁ !!

ଏହାପରେ କବି 'ପିପାସା' କବିତାରେ ପ୍ରେମ ପିପାସା ଅନୁଭବ କରୁଅଛନ୍ତି, 'ବିଜୟିନୀ' କବିତାରେ ତାଙ୍କୁ ବିଜୟିନୀ ରୂପେ କଳ୍ପନା କରି ଆନନ୍ଦ ଅନୁଭବ କରୁଅଛନ୍ତି । 'ପଥ ଭୁଲି' କବିତାରେ ସେ (ପ୍ରିୟା) ଯେ ତାଙ୍କ ପାଖକୁ ଥରେ ମାତ୍ର ଆସିଥିଲେ ଏବଂ ତାହା ଯେ ତାଙ୍କର ପରମ ସୌଭାଗ୍ୟବଶତଃହିଁ ସମ୍ଭବ ପାରିଅଛି, ଏହାକୁ ସ୍ମରଣ ପୂର୍ବକ ସେ ଅନୁଭବ କରୁଅଛନ୍ତି— 'ସମ୍ପୃକ୍ତ' । 'ପୁଲକ' କବିତାରେ ସେ ଯେ ଅନ୍ତତଃ ଥରେମାତ୍ର ନିଜର ଜୀବନ କାଳ ମଧ୍ୟରେ ନାରୀ ପ୍ରେମ-ପଥର ପଥିକ, ଏଣୁ ସେ ସୌଭାଗ୍ୟବାନ୍, ଏହା ମୁକ୍ତ କଣ୍ଠରେ ସ୍ୱୀକାର କରୁଅଛନ୍ତି ।

'ପଣ' କବିତାରେ ଚେଷ୍ଟା ସତ୍ତ୍ୱେ - ଶତଚେଷ୍ଟା ସତ୍ତ୍ୱେ ସେ ଯେ ସେହି ପ୍ରିୟାଙ୍କୁ ମନରୁ ଭୁଲି ପାରୁନାହାନ୍ତି ; ଏ ବିଷୟରେ, ସେ ଯେ ଅକ୍ଷମ - ଏକାନ୍ତ ଅକ୍ଷମ ଏ ଭାବ ଠିକ୍ ମୁକ୍ତ କଣ୍ଠରେ ସେ ପ୍ରକାଶ କରୁଅଛନ୍ତି ।

'ଯେତେବେଳେ ପ୍ରିୟା' କବିତାରେ ତାଙ୍କ ସେହି 'ପ୍ରିୟା' ର ସର୍ବବ୍ୟାପୀ ରୂପ ସେ ପ୍ରତ୍ୟକ୍ଷ କରୁଅଛନ୍ତି ଅନ୍ତରରୁ ବାହାରେ ସବୁଠାରେ ଯେପରି କି ସେ ତାଙ୍କୁ ପ୍ରତ୍ୟକ୍ଷ କରୁଅଛନ୍ତି - ଏହି ଭାବ !!

'ଗୁହାରି' କବିତାରେ ସେହି ପ୍ରାଣପ୍ରିୟାଙ୍କୁ ନିଜର ପ୍ରେମ ଗୁହାରି ଜଣାଇବାକୁ ଯାଇ ତାହା ଅନ୍ୟାନ୍ୟ ନ ହୁଏ ଯେପରି ସେଇ ଗୁହାରି ଠିକ୍ ଜଣାଇବାରେ ମଧ୍ୟ ସେ ତ୍ରୁଟି କରିନାହାନ୍ତି !!

'ଅଭିମାନେ' କବିତାରେ ସେହି ପ୍ରିୟାଙ୍କର ଅଭିମାନିନୀ ମୂର୍ତ୍ତି ସେ ଚିତ୍ରଣ କରୁଅଛନ୍ତି - ଅବିଶ୍ୟ କଳ୍ପନା - ଶକ୍ତି ବଳରେ !!

'ଏ ଜୀବନେ ବିଦା' କବିତାରେ କବି ଏ ଜୀବନରେ ଯେବେ ସେହି ଚିର ବାଞ୍ଛିତ 'ପ୍ରିୟା' ସହ ପ୍ରେମ ସୁଖ ସମ୍ଭୋଗ ଆଶା ସଫଳ ନ ହେଲା ତେବେ ଜନ୍ମ କର୍ମ ସବୁ ଯେ ବୃଥା, ଏ ଭାବ ସୁନ୍ଦର ରୂପେ ପ୍ରକାଶ କରୁଅଛନ୍ତି !!

Digitized by srujanika@gmail.com

'ଅବୁଝ' କବିତାରେ ବିରହ ଯେ ମିଳନର ମୂଳ, ପ୍ରକାରାନ୍ତରରେ ଏ ଦାର୍ଶନିକ ଭାବ ଠିକ ପ୍ରକାଶ ପୂର୍ବକ କବି ଆନନ୍ଦ ବିଭୋର !!

'ପ୍ରେମର ଗାନ' କବିତାରେ କବି ବିଶ୍ୱବ୍ୟାପୀ ପ୍ରେମ[illegible]ଙ୍କ ଅଭାସ ପ୍ରଦାନ କରି ଯାଇଅଛନ୍ତି !!

'[illegible] ବିରହିଣୀ' କବିତାରେ କବି ସେହି ପ୍ରିୟାଙ୍କୁ ଏକ ବିରହିଣୀ ରୂପେ ଚିତ୍ରିତ କରି ଯାଇଅଛନ୍ତି !!

'ଜାଗ ସଖି' କବିତାରେ ସତେ ଯେପରି ଶୋଇଥିବା ପ୍ରିୟାର ପାଖେ ଠିଆ ହୋଇ କବି ତାହାଙ୍କୁ ଉଠାଉଅଛନ୍ତି - ଏ ମନୋଭାବ ସୁସ୍ପଷ୍ଟ !!

'ଆସ' କବିତାରେ କବି ସେହିପରି କାଳ୍ପନିକ ମଧୁମୟୀ ଧରାର ପ୍ରାକୃତିକ ଶୋଭାରାଶି ମଧ୍ୟରେ ନିର୍ମାଣ ପୂର୍ବକ ତାଙ୍କୁ ସେଠାକୁ ଯିବାପାଇଁ ଆହ୍ୱାନ କରୁଅଛନ୍ତି ।

'ବ୍ୟାଧି' କବିତାରେ କବି ପ୍ରକାଶ କରୁଅଛନ୍ତି ଯେ ଏ ନୈରାଶ୍ୟମୟ ପ୍ରେମ - ଜନିତ ଯେଉଁ ପ୍ରେମ - ବ୍ୟାଧି ସେହି ପ୍ରିୟା - ବିରହରେ ତାଙ୍କୁ ଘୋଟିଅଛି ସେଥିରୁ ତାଙ୍କର ଆଉ କିଛି ନ ହେଉ, ପ୍ରେମ ନାମରେ ସେହି ବିରାଟ ସତ୍ପ୍ରେମ ମଧ୍ୟ ସମୟରେ ହୋଇପାରେ କାହିଁକିନା ପାର୍ଥିବ ପ୍ରେମରୁହିଁ ଆସିଥାଏ ସେଇ ପ୍ରେମ, ଅପାର୍ଥିବ ସେଇ ପ୍ରେମ !!

'ସରଗ' କବିତାରେ କବି ପ୍ରକାଶ କରୁଅଛନ୍ତି ଯେ ସେହି ଚିରବାଞ୍ଛିତ 'ପ୍ରିୟା' ର ବାସସ୍ଥାନହିଁ 'ସ୍ୱର୍ଗ' ସିନା ତାଙ୍କ ପକ୍ଷରେ ! ନଚେତ୍ ସ୍ୱର୍ଗ ଆଉ କଣ ?

ସର୍ବଶେଷ 'ବିଦାୟ' କବିତାରେ କବି ସେହି ପ୍ରାଣପ୍ରିୟାଠାରୁ ଅଶ୍ରୁ ସଜଳ ନୟନରେ ବିଦାୟ ଗ୍ରହଣ ପୂର୍ବକ ପୁସ୍ତକଟିର ଉପସଂହାର କରିଅଛନ୍ତି !!

ଯଥା—

'ଲୋକେ ବହେ ଯଦି
ସେ ଦିନ ଏହି ଗାନେ,
ଗଲେ ମୁଁ ଗଲି ଯାହା
ତୁମରି ପ୍ରିୟ ନାମେ' !!

ଯାହାହେଉ ପ୍ରଥମ ଉଦ୍ୟମରେ ଏକ ଉଦୀୟମାନ କବି ରୂପେ ( Romantic ) ଓଡ଼ିଆ ସାହିତ୍ୟ ଜଗତରେ ଦେଖା ଦେଇଥିବାରୁ ଲେଖକଙ୍କର ଭବିଷ୍ୟତ ଉଜ୍ଜ୍ୱଳ ବୋଲି ଆମେ ମନେକରୁଁ ।

ଏଥିରେ ସମ୍ପୂର୍ଣ୍ଣ ରୂପେ ନ ହେଲେହେଁ ଅନେକ ପରିମାଣରେ ସେ କୃତକାର୍ଯ୍ୟ ହୋଇପାରିଅଛନ୍ତି, ସନ୍ଦେହ ନାହିଁ ।

ଆଶାକରୁଁ ଯତିପାତ, ବ୍ୟବହାର୍ଯ୍ୟ ଛନ୍ଦ ନିୟମ ଆଦି ମାମୁଲି କେତୋଟି ବିଷୟରେ ଅଧିକତର ସତର୍କ ହେବେ ସେ ଭବିଷ୍ୟତରେ ।

ଛପା, କାଗଜ ମଧ୍ୟ ଏ କାଗଜ - ଦୁର୍ଭିକ୍ଷ ସମୟରେ ମନ୍ଦ ହୋଇନାହିଁ ।

Digitized by srujanika@gmail.com

# ପର ଆପଣା

ଶ୍ରୀ ରାଜକିଶୋର ଦାସ

ରାଗରେ ଅଧୀର ହୋଇ ମଦନା ଗର୍ଜିଲା । ନବୀନାକୁ ମାରି ଆଜି ସେ ତାର ହାଡଗୋଡ ଚୂନା ନ କଲେ ତାର ଶାନ୍ତି ନାହିଁ । 'ବାର ଜଣଙ୍କ ଘରେ ପୂରେଇଲା ବାର ନାଁ ପକା କାମ କଲା, ନାଁ ଆଜି ତାର ଶେଷ' ଭାବି-ଭାବି ଯାଉଁ ଯାଉଁ ଦାମା ମା ପୀଠରେ ଅଟକେଇ ଦେଇ କହିଲା " କଣ କରେ ମଦନ ? " ଭାଙ୍ଗି ଦୋକାନର ଚଟା ଉପରକୁ ଆଉଜି ନାଇଁ ମଦନା ତାର ଭାଗ୍ୟହୀନତାର ବର୍ଣ୍ଣନା ଦଉ ଦଉ ଦାମା ମା ପାନ ଖଣ୍ଡେ ବଢେଇ ଦେଇ କହିଲା "ମୁଁ ତ ରୋଜ ଆକଟ କରୁଛି - ଚନ୍ଦିଙ୍କରେ ସେ କଣ ମନରେ ପୂରେଉଛି ।" ଘଡ଼ିଏ ଖଣ୍ଡେ ଦାମା ମା ସାଙ୍ଗରେ ମନଖୋଲା ସଂସାର ଭଲ ମନ୍ଦ କଥା ଗପି ମଦନା ସେଦିନ ଫେରି ଆସିଲା ।

ଭଲରେ ମନ୍ଦରେ ମଦନା ଏ ସାହିକୁ ଆସିଲେ ଦାମା ମା ପାନ ଖଣ୍ଡେ, ଗଞ୍ଜା ନିଶ ଟିକିଏ, ଆଉ କୋଉଦିନ କଣ କିଛି ଗପ ଜମେଇଲା ଭଲି ଜିନିଷ ଦିଏ । ଘଣ୍ଟାଏ ମଧ୍ୟରେ ଆପଣା ଆପଣା କଥା କହି ପେଟ ବାଟରେ ଯିଏ ଯାଆନ୍ତି । ଏ ମୁମୂର୍ଷୁ ଜୀବନରେ ଶୈଶବରେ ସୂକ୍ଷ୍ମ ସମ୍ପର୍କଟି ଅକ୍ଷୁଣ୍ଣ ହୋଇ ରହିଯାଇଛି । ମଦନା କୋଉଠି ଦାମା ମାର କେହି ନାହିଁ । ଭାଙ୍ଗି ଦୋକାନଟି ଭିତରେ ବାଲ୍ୟବୈଧବ୍ୟରୁ ଏ କ୍ଳେଶହୀନ ବୟସ ଯାଏ ଜୀବନ-ଧାରର ଝାଂଜି, ବତାସ, ବାଧା ସବୁ କାଟି ଦେଇଛି । ଭଲ ମନ୍ଦ ଗ୍ରାହକ, ଧୋବ ଧାଉଳିଆ କେତେ ଯାଇଛନ୍ତି, ଅଛି କେବଳ ସେ ଆଉ ମଦନା ପର ଆପଣା ହୋଇ ଦି ଜଣ ।

ନବୀନା ଗୁଡ଼ି ଉଡାଏ - ନଈରେ ଡିଏଁ - ଗୁଳି ଖେଳେ । ବାପ ତାର ତାକୁ ମାରି ମାରି ଗଲାଣି । କଲଣି ତଥାପି ସେ ଚେତୁନାହିଁ ।

ବାପା ତାର ଭାବେ - ନବୀନାଟା କଣ ଏମିତି ରହିଲା । ଭାବିଲାବେଳକୁ ତାର ଆଉ ସମୟ ନଥିଲା । ଛୁଟ ବେମାରୀରେ ଆଠମାସ ହେଲା ଘରେ କୋଉଠି ଲାଗି ହେଲାଣି । ହୁଁ ହୁଁ ହୋଇ କାଶି କାଶି ତାର ଛାତି ଛିଣ୍ଡି ରକ୍ତ ବହିଲାଣି । ଜୀବନ ସନ୍ଧ୍ୟାରେ ସେ ନବୀନାର ଭବିଷ୍ୟତ ଦେଖେ ଘୋର ଅବସାଦ

ନବୀନା ଗୋଡ ପକେଇ ନାଚି ନାଚି ଗଲାଆସେ ଦାମା ମା ଦୋକାନକୁ । ଦାମା ମା ଚିଡ଼େ " ଭୁତ ଆଇଲା, ଅ ଲୋକର କି ପାହୁଲାର ଜିନିଷ ନାହିଁ । ଏଠି ହାତ ମାର - ସେଠି ଖେଳେଇ ପକା - ହେ କଣ ? " ଦାମା ମାକୁ ଭଲକୁଥ ଦେଖାଯାଏନା । ଶନାବାଦାମକୁ ହାତ ବଢେଇଲେ ନବୀନା ଏ ପାଖରେ କୋଷଟିଏ ଅଣ୍ଟାରେ ମାରେ ।

ବୁଢ଼ୀ ଦଳଦାର ହେଲାଣି - ପିଲାଟା ରୋଜ ହରକତ କରୁଛି । ବାପଟା ୨ ଦିନେ ସରି ହେଲାଣି - ମନରେ ଟିକିଏ ହେଲେ ପଶୁନାହିଁ । ଦାମା ମା ଚିଡେ । ଦାପାଠାନ୍ତ ପିବ ପିଦ ହେଲାଣି ପିଲାଟା କଣ କରିବ... ।
ସବୁବେଳେ ଚିଡ଼େ - ଠାଉଁ ଠାଉଁ କଥା ବି କହେ ତଥାପି ନବୀନା ପାଇଁ ଲୁଚିଛପି ମନଟା କାହିଁ ଦେଲେ-ଦେଲେ ବିକଳ ହୋଇ ଉଠେ 'ନବୀନାର କଣ ହେବ !'

ହାଡ଼ ଗୁରିଖଣ୍ଡ । ପାଉଁଶିଆ ମୁହଁ । ବାଳ ଫୁରୁ-ଫୁରୁ । ହେଡ଼ଙ୍ଗା ଦେହ ଖଣ୍ଡିକରେ ଅଧନା ପେଣ୍ଟଟିଏ— ଉପରେ ତାଳିପକା କୋଟଟି ମଳିଆ ଫତେଇଟିଏ ଲଗାଇ ଦେଇ ନବୀନା କଟକର ଏ କଣରୁ ସେ କଣ ଖୋଜ ପାଇଥିବ, ଦାମା ମା ଦୋକାନ ପାଖରେ ଟୋମଟା ନାଚ ନାଚହୋଇ ସେ ପଳାଏ - ଆଖିରେ ପଡିଲେ ବୁଢ଼ୀ

Digitized by srujanika@gmail.com

ମୁହଁରେ - 'ଇଠରେ ଲଣ୍ଠଣ ଟିକିଏ ଶସ୍ତା । ବାପା କେମିତି ଇଠରେ ।' ସେତେବେଳକୁ ନବୀନା ଗଡ଼ଗଡ଼ିଆ ମହାଦେବ ମନ୍ଦିର ନିକଟରେ । ନଇଁ ନଇଁ ବୁଢ଼ୀ ଫେରି ଆସେ ତା ଡାଟିଲଗା ଦୋକାନକୁ - ମନର ଅଭିମାନ 'ଯା'କୁ ତ ଆଉ ବଳ ପାଇଲି ନାହିଁ ।'

ସେଇ ସାଇକଲ ମୁଟିଆ ଟୁଅକୁ ପାଣିକି ଠେଲିଦେଲା ଅଥଳ ତଳ ପାଣି । ପୋଡକୁ ଦାମା ମା ଧୋଇବାକେ ପାଦେ ହିସ୍ସ ନେବାକି ସେ ଜୀବନ ପାଇଲା । ନଇଲେ ହରିଆ ଯୋଉ ଗୁଣ୍ଡା ସେ କଣ ରଖିଥାନ୍ତା । ସେଇଥିରେତ ହରିଆ ମଦନା ଘରକୁ ଆସି ତା' ସେଗ ବଇଁଶୀ ପାଖରେ ବାରଇଂଗୀ କରି ଗାଳେ ଖୋଧିଲା - "ଏଇ ଫିଲ୍ ଜାଟେଲ୍କ - ହେଁ ... ... ଗୁଲିଲା ଶଗଡ଼ରେ ହାତ ଦଉଚି ... ." ହରିଆ ମନ ଅଭିମାନ ମେଟେଇ ଫେରେ । ତା' କଥାକୁ ଜବାବ ଦେବାକୁ ମଦନାର ବେଲ ଅର୍ଜନ ଥିଲା । "ହେଟିଆଖାର ଏଡ଼େଁ ପଥର - ଛଦଡ଼ - ମୁଁ ମଲା ବିଛଣାରେ ... !' ଲୁହ ଗଡେଇ ମଦନା ମନେ ମନେ ମୁହଁବ ରେଧେ । 'ନବୀନାଟ କରେଛ - କାହାକୁ କହିବ ? ମନ ଭିତରେ ତାର ଏତକ ଉଠି ପୁଣି ଉଭେଇଯାଏ । ଫେର ନୂଁ ନୂଁ ଫେର ଝଲକାଏ ରକ୍ତ !

ଦାମା ମା ନବୀନା ପଛ ହେଇ ହରିଆକୁ କେତେ-କଥା କହିଲା । ପାକିଲା ବାଳିଆ ବୁଢ଼ୀ କଥାରେ ହରିଆ ପରତେ ଗଲା । ନଇଲେ ସେ ଯୋଉ ଗୁଣ୍ଡା - ନବୀନା ହାଡଗୋଡ଼ ଚୂନା କରିଥାନ୍ତା ।

ନବୀନା ଏବେ ଆଉ ବୁଲେନା । କୋଉ ସାଇରେ କୋଠାକାମ ହେଲେ କୋବା ବାଡାଏ । କୋବା ବାଡ଼େଇବା ପାଇଁ ତାର ବଳ ନଥିଲା । କଅଁଳିଆ ହାତ ଦି'ଟିରେ କୋବା ବାଡ଼େଇ ସେ ପଇସା ନେଇ ଫେରେ । ଅନ୍ଧାର ଘରେ ପଶିଲାବେଳକୁ ତା' ମନରେ ସବୁଠା ... - ଘମାଘୋଟିଆ ଅନ୍ଧାର ... ପଣି ଦେଖେ ବାଡ଼ା ... ଝାଁ ଝାଁ ଲିଭିଟି ... ଅଲ ଦିଶିବନାହିଁ ... ... ହିଁ ... ...

ବୋଲନ୍ତି - ଜାମୁଡ଼ାଳି, ନାଉରୀ ଗୀତ, ନାବକେଳି ଇତ୍ୟାଦି । ମିସ୍ତ୍ରୀ ସର୍ଦ୍ଦାର ତାଙ୍କ ସେମାନଙ୍କ ବୋଲେଇ ଉନ୍ମାଦ ଜଗାଏ - ପିଲାଏ ଗୀତରେ ଭୁଲି କାମ କର-ଯାଆନ୍ତି - କୋବା ବାଡ଼ାନ୍ତି । ପିଲାଙ୍କୁ ଭୁଲେଇ-ଭଳେଇ ମିସ୍ତ୍ରୀ କାମ ନିଏ, ବାବୁଙ୍କର କୋଠା ନିଅଁ ଉପରୁ ଝୋମଝାଲା ହୋଇ ଉଠେ - ମିସ୍ତ୍ରୀ ପଇସା ଜମେଇ ମନଫୁଲାଣିଆ ଗୀତ ଗାଏ । ପିଲାଙ୍କ ପେଟ ପୂରେନା - ମିସ୍ତ୍ରୀ ଯା ଦିଏ ଅଣ୍ଟାରେ ମାରି ଓଜର ନକରି ଚାଲିଯାଆନ୍ତି ।

ନବୀନା ଗୀତ ବୋଲୁ ବୋଲୁ ଫାଙ୍କା ଆକାଶକୁ ଅନେଇ ଦି' ଧାର ଲୁହ ଝାରି ପକେଇଲା । ହାତବନ୍ଦ ହେବା ଦେଖି ମିସ୍ତ୍ରୀ ଆଡ଼ୁଆରେ ପଚାରିଲା - " କରେ ନବୀନା ... ହାତ ବନ୍ଦ କାହିଁ ? " ନବୀନା ଚମକି ପଡ଼ି ଲୁହ ପୋଛି ପୁଣି ହାତ ଚଳାଏ - ଗୀତ ଲଗେଇ ବୋଲିଯାଏ ( ଜାମୁଡ଼ାଳି କହିବ ଗୋଟିଏ କଥା ... ।

କାଲି ହାତ ଦରଜ ହୋଇଥିଲା - ତେଲ ମାଲିସ କରିଥିଲା । ଦାମା ମାଠୁଁ ଔଷଧ ଆଣି ଲଗାଇଥିଲା । ମିସ୍ତ୍ରୀ ଜାଣେନା । ଦରଜ ହାତରେ ପୁଣି କୋବା ବାଡେଇ ପଇସା ନେଇ ଘରକୁ ଫେରେ । ଫେରନ୍ତା-ବାଟରେ ମନରେ ପାଠ ଛୁଏଁ - 'କାମକୁ ଆଇଲାବେଳେ ବାପା କାହିଁ କିଛି କହୁନଥିଲା ...।'

ସତକୁ ସତ ବେଶୀଦିନ ଗଲାନାହିଁ । ବାପୀ ତାର କାଣ୍ଡ ବେମାରିରେ ଗଲା ... ।

ଦିନ ଯାଇଛି । 'କାଠଯୋଡ଼ି ଭିଡ଼ି ବଢ଼ିଚି । ହନୁମାନ ଘାଟର ପଥର ବନ୍ଧ ଉପରୁ ଫୁଲିଲା ପାଣି ମୁଅ ଉପରକୁ ପିଲାଏ ଡିଆଁ ମାରୁଛନ୍ତି । ନବୀନା ମଇଳା ଗାମୁଛା ଖଣ୍ଡିକ କାନ୍ଧରେ ପକାଇ ନଈ ଆଡ଼କୁ ଗଲା । ଦେଖିଲା, ସାଙ୍ଗ ସାଥୀଯାକ ଡେଇଁଛନ୍ତି, ତା' ଦୁଷ୍ଟାମି ଯୋଗୁଁ ତାକୁ କେହି ଏବେ ଭଲ ପାଉନାହାନ୍ତି ପାଖରେ ବସେଇ ନାହାନ୍ତି । ମନରେ ତାର ଅଭିମାନ ଭରିଗଲା - ଖାଲି - ସେହି ବଡଲୋକର ପିଲାମାନ ସାଙ୍ଗ

Digitized by srujanika@gmail.com

ସେଥ କେତେ କଣ ପଡ଼ିଲଣି । ନବୀନାକୁ ଏକୁଟିଆ ଠିଆ ହେବା ଦେଖି ଶାମ ପଚାରିଲା - କିରେ ନବୀନା, ମୁଁ ହମାରି କାହିଁ ଠିଆ ହେଇଚୁ । ଆ ଡେଇଁବା । ନବୀନା ମନରୁ ସବୁ ବାଦବିଛେଦ, ମାନ ଅଭିମାନ ଧୋଇଗଲା । କହିଲା " ତୁ ଜାଣିନୁକି, ମୋ ବାପା ଆଜକି ୭ ଦିନ ହେଲା ମଲାଣି " । ଦୁଖା, ଗୋବିନ୍ଦା ପଲେଇ ଯିଏ ଯେତକ ପାଣିରେ ଥିଲେ ଉଠିଆସି ଥର ଥର କରି ପଚାରିଗଲେ 'ଇରେ ତୋ ବାପ ମରିଗଲା ?' ନବୀନାର ମୁହଁ ଉପରେ ଦୁଃଖର ଗୋଟିଏ କଳାପର୍ଦ୍ଦା ଟାଣି ହେଇଗଲା ।

ପଲେଇ ବାହାରି ଆସି କହିଲା " ଆବେ ପାଣିରେ ଡେଇଁବା " । ପିଲାଙ୍କ ମେଳରେ ନବୀନା ଭୁଲିଗଲା ଡେଇଁଲା ପ୍ରାଣିକୁ । ପିଲାଙ୍କ ସଙ୍ଗରେ ପୁଣି ଖେଳବୁଲି ପିଲାମନ ତାର ଭୁଲିଯାଇଛି ଇହ ସଂସାରର ଅପ୍ରୀତିକର ଅବସାଦ । ବୋଧା ମଣିଷ ସେ ନୁହଁ - ପିଲାଟିଏ କେବଳ ।

ଫେର ନବୀନା ବେମୁରବ୍ୟା ହୋଇ ବୁଲୁଚି । ଫେର ଗୁଡ଼ି ଉଡ଼ା । ଗୁଲି ଖେଳ, ଦାମା ମା ଦୋକାନରୁ ହାତ ପାଞ୍ଚ କରି କୋଷ ନବା । ଦାମା ମା ଏଣିକି ବେଶୀ ଚିଡ଼ିଲାଣି । ପିଲାଟା ଉତ୍ପାତ କରୁଚି । ତା ଦିହରେ ଯାଏନା - ପିଲାଟାଏତ କଣ କରିବ । ନ-କହିଲେ ବି ସେ ଯାଉନି । ଦିନେ ସେ ଭାବିଲା 'ଟାଣି-କରି ଦିପଦ କହିଦେବ - ଯିବ କୁଆଡେ । ଏମିତି ଗାଳି ଖାଇଲେ ଚପଲାମି ଛାଡ଼ିଯିବ ନାହିଁ '।

ଦାମା ମା କେତେବେଳେ କଣ କହିପକାଏ - ଫେର ଜିଭ କାମୁଡ଼ିପକାଏ - ପଛରେ ପସ୍ତାଏ 'ଅଥାଳା ପିଲାଟାଏ ପରା ··· ' ସେତକ ଦରଦ ତାର ଅଛେ !

ବୈଶାଖର ଗୋଟିଏ ସଂଧ୍ୟା, ପଇସା କେତୋଟି ଆଣି ନବୀନା ଅଇଲା 'କ୍ୟାପିଟାଲ୍'ର ଗୁଳୁଣ୍ଡା ଗଛମୂଳ ତାଟି ଦୋକାନକୁ । ତା' ମୁହଁରେ ବସନ୍ତ ! ଆଇଚି କଦଳୀ ନେଲେ ଘଣା କରିବ । ଆଜି ଏ ଜୀବନ ସ୍ୱାହାସ୍ୱରେ ସେ ନିଜକୁ ନିଜେ । କଦଳୀ ନେଇ ଫେର ଯାଇଚି ଦାମା ମାକୁ ହରକତ କରିନାହିଁ - କୋଷ ବାଦାମରେ ହାତ ମାରିନାହିଁ । ନିଷ୍ଠୁର ପିଲାଟି ପରି ସ୍ଥିର ହୋଇ ଘରକୁ ଆଇଚି - ବେଗ ସ୍ପୃହାରେ ସେ ଅସି-ଧାର ଦବିଯାଇଚି । ହୋଉ ପାଇଲା ମଣିଷ ଭଳିଆ ସେ ନୀରବରେ ଫେରି ଆଇଚି ଘରକୁ ।

ଦିନ କେତୋଟି ଯାଇଚି—

ଦାମା ମା ମନରେ କାହିଁ ଆଇଲା —

'ନବୀନା କାହିଁ ଏବେ ଆସୁନି - ସେ ଦିନତ ଆସିଥିଲା । କିଛିତ କହିଲାନି । ଜାଁ ପାଟି ଫିଟି ବି କିଛି କଲାନାହିଁ ? ··· ମୁଣ୍ଡ ବସିଗଲାଣି ପରା ? ହଁ ହଁ । ସେ କଣ ସବୁଦିନେ ଏମିତି ଚପଲା ଥିବ । ଯାଉଚି ଆଜ ଦେଖିବି ଚଗଲା ଟୋକା କଣ କରୁଚି । ବାପତ ଗଲା -- ଏବେ ଆଉ କିଏ କହିବାକୁ ଅଛି କି — ବେପରୁଆ — '।

ଭାବୁ ଭାବୁ ଦାମା ମା ଆଉ ପାଇରେ ହେଲାଣି - ନବୀନା ଘର ଆଗକୁ ଅଛି । ଦାମା ମା ଦେଖିଲା ମିଂରଟାଏ କଣ ଆସୁଚି - ଫେର ଯାଉଚି । ପାଖରେ ହାତ ହଲେଇ ଫାଜିଲ୍ ଧରଣୀ ଯାଉଥିଲା । ଦାମା ମା ଅଟକାଇ ନେଇ ତାକୁ ପଚାରିଲା - ମିଂରରେ କି ସବୁ ଯାଉଚନ୍ତି କରେ ? ଧରଣୀ କହିଦେଇ ଚାଲିଗଲା- " ଠାକୁରାଣୀ ଲାଗିଚି " ··· । ଧାଇଁଲ ଧାଇଁଲ ବୁଢ଼ୀ ଯାଇଁ ଦେଖେ ନବୀନା ଘର ଭିତରୁ ଚାରିଟି ଲୋକ 'ରାମନାମ ସତ୍ୟ ହେ' କହି ବାହାରିଗଲେ ।

ଦୁଷ୍ଟ ନବୀନା ସଂସାର ଛାଡ଼ି ଚାଲିଯାଇଚି ·· !!

ଦାମା ମା ଫେରି ଅଇଲା ନଇଁଲା ଅଣ୍ଟାରେ ହାତ ଦେଇ, ଆଖିରେ ତାର ଲୁହର ଅବିରତ ଧାର ।

ସେ ଦେଖେ - ଚିନାବାଦାମ ଥୁଆ ହୋଇଚି - କୋଷ ଖୋଳଟି ସେଇଠି । ତାର ଚାରିପାଖରେ ଯେମିତି

Digitized by srujanika@gmail.com

କଏ ଇଂରେଜାଲି ଖେଳା କହୁଛି - 'ପର୍ଣ୍ଣପାକର ଚ୍ଲୋବ୍ ନେବ - ନାଇଁ ବାଦାମ ନେବ ....'।

'ବୁଢ଼ୀ ମୁହଁ ମୋଡ଼ି ଦେଖେ—

କେହ୍ବନାହିଁ - ଖାଲି ଭାବିଛି ମିଂଜ ମିଂଜ ହୋଇ ଜଳୁଛି !!!

## ଆହ୍ବାନ

ଶ୍ରୀ ପ୍ରମଥ ନାଥ ମିଶ୍ର

ପୂର୍ବ - ଗଗନ ଉଜ୍ଜ୍ୱଳ କରି ବାଲ - ତପନ ଭୂଷିତ,
ଜାଗ୍ରତ ହୁଅ ଭାରତ ପୁର - ଗଣ ହେ,
ସର୍ବ ଅଶୁଭ ଖଣ୍ଡନ - କାରୀ ଶୌର୍ଯ୍ୟ - ବୀର୍ଯ୍ୟ ଦାୟକ
ଆଗତ, କର ସ୍ୱାଗତ ଆବାହନ ହେ !

ପାର୍ଦ୍ଧ ରଜନୀ ସାର୍ଦ୍ଧ ଶତେକ ବର୍ଷର ଶୋକ-ସନ୍ତାପ -
ଲକ୍ଷିତ ହେଉ ପଶ୍ଚାତେ ତବ ଆଜ ହେ,
ପୂର୍ବ-ଭାରତ-ଗର୍ବ-ଗରିମା ଖର୍ବ ଯା' କରୁଛି ଲାଞ୍ଛିତ-
ଜାଗ୍ରତ କର, ଜାଗ୍ରତ ଗଣ-ରାଜ ହେ !

ଅମୃତ - ବରପୁତ୍ର ତୁମେତ, ଅମୃତ ତବ ସାଧନା -
ବକ୍ଷେ ବିତର ଉତ୍ସରିତ କରି ଲାଭ ହେ-
ଶାନ୍ତି - ଉଦକ ସିଞ୍ଚନ କରି ତପ୍ତ ଧରଣୀ ବକ୍ଷରେ
ସ୍ଥାପନ କର ସାମ୍ୟ ଓ ସଦ୍ଭାବ ହେ !!

## ପ୍ରେମ୍ ଓ ତାର ଛନ୍ଦ

ଶ୍ରୀ ବଂଶୀଧର ଭୂୟାଁ

ନବମୀ ଚନ୍ଦ୍ରର ପୂର୍ଣ୍ଣ ବିକଶିତ ହସ ଲହରୀରେ ଭାସି ବୁଲୁଛି ଅଦିନିଆ ଖଣ୍ଡ ଖଣ୍ଡ ହାଲକା ମେଘ । ପଥ ପାର୍ଶ୍ୱସ୍ଥ ତରୁଚ୍ଛାୟା ତଳେ ଦୁଇଟି ପ୍ରଫୁଲ୍ଲମନା ତରୁଣ ତରୁଣୀ ଆଳାପ କରୁ କରୁ ଭାବ ପ୍ରବଣ ତରୁଣଟି ହଠାତ୍ ଚୁମ୍ବନ କରି ବସିଲା ଶ୍ରୀଯୁକ୍ତା ତରୁଣୀକୁ । ତରୁଣୀର ମୁଖ ଆରକ୍ତ କଲା ଲଜ୍ଜାରେ ଓ କ୍ଷୋଭରେ । ଅଦ୍ୟକାର କଥାର ଭାରାକ୍ରାନ୍ତ ମନ ନେଇ ସେ ଗୃହାଭିମୁଖୀ ହେଲା । ଭଦ୍ରଲୋକର ବ୍ୟବହାରରେ ତା ମନ ବିକ୍ଷୁ

Digitized by srujanika@gmail.com

ହୋଇ ଉଠେ । ତା ଅନ୍ତଃକରଣ ଅନୁଭବ କଲା ଗୋଟାଏ ଦୁଃସହ ଅପମାନ । ତାଙ୍କୁ ଓ ତା ନାରୀତ୍ୱକୁ ।

ତରୁଣଟି ହତ୍‌ଚକିତ ହୋଇ ଚାହିଁ ରହିଲା କିଛିକ୍ଷଣ ତା ମୁହଁକୁ । ପ୍ରବୃତ୍ତି-ବଶବର୍ତ୍ତୀ ବିଶ୍ୱାସ ଶିଥିଳତା ମଝିରେ ମଝିରେ ସେ ବି ନିଜକୁ ସଂଯତ କରିଛି ଏବଂ ନିଜର ମାନବିକତାକୁ କରିଛି ଧିକ୍‌କାର । ଦ୍ୱିଧାଜଡ଼ିତ ପଦରେ କିଛିଦୂର ଅଗ୍ରସର ହୋଇ ସେ ଡାକିଲା, 'ମଳିନା ଦେବୀ' ! ତରୁଣୀ ଶୁଣି ମଧ୍ୟ ଶୁଣିଲା ନି । ଧୀର ନମ୍ର ପଦକ୍ଷେପରେ ସେ ଆଗେଇ ଚାଲିଛି । ତରୁଣ ଅନୁଧାବନ କଲା ଏବଂ ତାରି ମୁଖୋମୁଖୀ-ବାମ-ପାର୍ଶ୍ୱସ୍ଥ ହୋଇ ଆତ୍ମଶ୍ଳେଷ ମିଶା କଣ୍ଠରେ କହିଲା "କ୍ଷମା କରିବେ, ବଡ଼ ଭୁଲଟାଏ କରି ବସିଲି"। ତରୁଣୀ ସେମିତ ଆଗେଇ ଚାଲିଛି । ମୁହଁଟି ବିଷଣ୍ଣତା ଭରା । ବଡ଼ ବଡ଼ ଆଖି ଦିଓଟି ସ୍ଥିର ଓ ମୌନ । ସେ କିଛି କହିଲା ନି ।

ମତେ କ୍ଷମା କରିବେ, ମଳିନା ଦେବୀ,

ଆପଣଙ୍କ ନରି ବାବୁଙ୍କ ବନ୍ଧୁ ଭାବରେ କେବଳ ଜାଣେ ଆପଣ ଏତେ ଅଭଦ୍ର ବୋଲି ଜାଣି ନ ଥିଲି ।

ତରୁଣଟି ନୀରବ ପଦକ୍ଷେପରେ ଚାଲିଥାଏ ମଳିନାର ପାଖେ ପାଖେ । ମଳିନାକୁ ଅସହ୍ୟ ବୋଧ-ହେଲା । ସେ ତା ଗତିକୁ ଦ୍ରୁତତର କରି କହିଲା, 'ଆପଣ ଫେରି ଯାନ୍ତୁ ଜଗଦୀଶ ବାବୁ'। —ଦେଖାନ୍ତୁ—

"ଫେରି ଯାନ୍ତୁ ଆପଣ" । ସେ ଦ୍ରୁତ ପଦକ୍ଷେପରେ ଦୌଡ଼ିବାକୁ ଚେଷ୍ଟାକଲା କିନ୍ତୁ ପାରିଲା ନି । ରାସ୍ତା କଡ଼ର ଗୋଟାଏ ସିମେଣ୍ଟ ଚଉତରା ଉପରେ ତାର ବେଦନାବ୍ୟାକୁଳ ଅଙ୍ଗଲତାକୁ ସେ ଟଳେଇ ଦେଲା । ନବମୀ ଚାନ୍ଦଟି ଖଣ୍ଡେ କଳା ବାଦଲ ତଳୁ ଉଙ୍କି ମାରୁ ମାରୁ ଆଉ ଗୋଟାଏ ବାଦଲ ତାକୁ ଗ୍ରାସ କଲା ତାର ଅଲକ୍ଷିତରେ । ଜଗଦୀଶ ଫେରିଲା ନରିଲୁ ଚନ୍ଦ୍ରା-ସଂସ୍ପୃଷ୍ଟ ବ୍ୟଥା ପ୍ରାଣନେଇ ।

( ୨ )

ନବ ଓ ମଳିନାର ବିଭାଘର ହେବାର ପାଞ୍ଚ ବର୍ଷ ଗତ ହୋଇ ଗଲାଣି । ଭାବୁକ ଜଗଦୀଶ ଏ ପର୍ଯ୍ୟନ୍ତ ବିଭା ନ ହୋଇ ଆତ୍ମସଂଯମୀ ହେବାକୁ ଶିଖିଛି । ସେ ଗୋଟାଏ ଲାଗାରେ ଅତ୍ୟାଚାର କରି ସୁଦ୍ଧା ବିବାହର ବରଷ୍ଟିଳ ପର୍ଯ୍ୟନ୍ତ ମଳିନା ଜଗଦୀଶକୁ କଥା କହୁ ନି ବରଂ ତାକୁ ଘୃଣା ଦୃଷ୍ଟିରେ ଦେଖିଛି । କିନ୍ତୁ ବର୍ଷକ ପରେ ଅଓ୍ୟୁ ଆପ୍ତେ ତାର ଆତ୍ମାଭିମାନ ଲୋପ ପାଇଛି ଏବଂ ସ୍ୱାମୀର ବନ୍ଧୁ ହିସାବରେ ଜଗଦୀଶକୁ ଟିକିଏ ବେଶୀ ମାତ୍ରାରେ ଆଦର କରିଛି । ନରେନ୍ଦ୍ର ଅଫିସକୁ ଯାଏ ସକାଳ ଆଠ ଟାରେ ଆସେ ପାଞ୍ଚ ଟାରେ । କିନ୍ତୁ ବସା ପାଖନ୍ତୁ କର୍ମକ୍ଷେତ୍ରର ଦୂରତ୍ୱ ଟିକିଏ ବେଶୀ ଥିବାରୁ ସେ ବିଶ୍ରାମର ଅବସରଟା ମଧ୍ୟ ଅଫିସରେ କଟେଇ ନିଏ । ଚାକର ଖାଇବା ନେଇଯାଏ ଅଫିସକୁ ।

ନରେନ୍ଦ୍ର ଆଜ ସକାଳ ଆଠ ଟାରେ ଅଫିସକୁ ଆସିବା ପରେ ପରେ ଜଗଦୀଶ 'ନରି' 'ନରି' ଡାକି ଯାଇ ପିଧା ପହଞ୍ଚିଲା ବୈଠକ ଖାନାରେ । ବୈଠକଖାନା ଶୂନ୍ୟ । ଅନତି ଟେବୁଲ ଉପରେ କେଇଖଣ୍ଡ ସଦ୍ୟ ପ୍ରକାଶିତ ଉପନ୍ୟାସ ଓ ପତ୍ରିକା ବିକ୍ଷିପ୍ତ । ଦୈନିକ ଖବର କାଗଜଟା ଉପରେ ଦ୍ରୁତଗତିରେ ନୟନ ଚାଳନ କରୁ କରୁ ଚେୟାର ଉପରେ ସେ ଢଳି ପଡ଼ିଲା । ଚାକର ଟୋକା ହଠାତ୍ ଦେଖି ଆଗ୍ରହରେ ପଚାରିଲା "କେତେବେଳୁ ଆସିଲେ ବାବୁ ! ଆମ ବାବୁ ତ ଇତୁଣିକା ଚାଲି ଗଲେଣି ।" ଖବର କାଗଜର ପ୍ରଧାନ ପ୍ରଧାନ ଶିରୋନାମ ଉପରେ ଥରେ ନଜର ବୁଲେଇ ଆଣି ସେ ଉଠି ଛିଡ଼ା ହେଲା । ଗୃହ-କାର୍ଯ୍ୟରତା ମଳିନାକୁ ଭିତରୁ ଡାକି ଗପ କରିବାର ସ୍ପୃହାକୁ ଦମନ କରି ସେ ବାହାର ଆସିଲା ଦରଜା ପାଖକୁ ।

ବାଃ ବାଃ ବେଶ୍ ଆପଣ, ଜଗଦୀଶ ବାବୁ ଶୁଣନ୍ତୁ । ଜଗଦୀଶ ଛିଡ଼ାହେଲା । "ଚାଲିଯାଉଛନ୍ତି ଏତେ ଶୀଘ୍ର ? ଆପଣଙ୍କ ବନ୍ଧୁ ତ ଏଇକ୍ଷଣି ବାହାରି-ଗଲେ ।" ଜଗଦୀଶ କିଛି ନିକଟକୁ ଆସେ ଆପସ୍ତ

Digitized by srujanika@gmail.com

ପାହାଚ ଚଳି ଉଠି ଆସିଲା । "ଏତେ ସକାଳୁ ଅସି ଫେର ମାଇଟ୍ରେ କଥା କଣ ? କିଛି କାମ ଥିଲା ବୋଧେ ? ଆସନ୍ତୁ ବସନ୍ତୁ ନା" । ମଲିନା ଏକପ୍ରକାର ଜବରଦସ୍ତି କରି ଜଗଦୀଶଙ୍କୁ ଗୋଟାଏ ଚେୟାର ଉପରେ ବସାଇ ଦେଲା ।

ଜଗଦୀଶ ଆରମ୍ଭ କଲା ଦ୍ୱିଧାହୀନ ପ୍ରସନ୍ନ ଗଳାରେ 'ସକାଳର ସମସ୍ତ ଆବର୍ଜନା ଶେଷ କଲା ପରେ ଆଉ ଘରେ ରହିବାକୁ ମୋଟେ ଇଚ୍ଛା ହୁଏନି ।'

"— ଆବର୍ଜନା ? ଓଃ ପ୍ରାତଃକର୍ମ ଗୁଡ଼ାକ ନା ? ଆପଣଙ୍କ କର୍ମକ୍ଷେତ୍ରରେ କୈତେଦୂର ଅଗ୍ରସର ହେଲେ ?" ଜଗଦୀଶ ପତ୍ରିକାର ଗୋଟାଏ ପୃଷ୍ଠା ଓଲଟାଇ ଓଲଟାଇ କହିଲା, "ଅଗ୍ରସର ହେଲି ଆଉ କୁଆଡ଼ି ? ଏଇମାତ୍ର ତ ପ୍ରଥମ ପାଦ ରଖିଛି ।" ମଲିନା ହସିଉଠିଲା ଏବଂ ଜଗଦୀଶ କଥାର ସୁରରେ ସୁରରେ ତା ହସର ଢେଉ ମିଶିଗଲା ଗୋଟାଏ ଅପୂର୍ବ ଛନ୍ଦ ସୃଷ୍ଟି କରି । ପରିସ୍ଥିତିଟାକୁ ବେଶ୍ ହାଲ୍କା କରି ତୋଳିଲା ମଲିନା । ଜଗଦୀଶ ହସଟାକୁ ଉପଭୋଗ କରି ପ୍ରସନ୍ନ ଦୃଷ୍ଟିରେ ଅନେଇଲା ମଲିନାର ମୁଖ ମଣ୍ଡଳକୁ । ପାଞ୍ଚବର୍ଷ ଆଗର ମଲିନା ଆଜି ଢେର ଆଗକୁ ଆଗେଇଛି, କିନ୍ତୁ ସେ ଯେଉଁଠି ସେଇଠି । ହସରେ ପୂର୍ଣ୍ଣଚ୍ଛେଦ ନଥାଣି ମଲିନା ପ୍ରଶ୍ନ ଉପରେ ପ୍ରଶ୍ନ ଖଞ୍ଜାଇ ପକାଇଲା, 'ଆପଣ ବାହା ହେଉ ନାହାନ୍ତି କାହିଁକି ? ଆପଣଙ୍କ ବାପା କଣ ପ୍ରସ୍ତାବ ଉତ୍ଥାପନ କରୁ ନାହାନ୍ତି ? ଆପଣ କଣ କାହାକୁ 'ଲଭ୍' କରନ୍ତି ଜଗଦୀଶ ବାବୁ'?

ଶିକ୍ଷିତା ଯୁବତୀ ଓ କଲେଜର ପଞ୍ଚମ ବର୍ଷ ଛାତ୍ରୀ ମଲିନା ଯେତେବେଳେ 'ପ୍ରେମ' ଶବ୍ଦର ଉଚ୍ଚାରଣରେ ଲଜ୍ଜା ପ୍ରକାଶ କରି ଇଂରେଜୀ 'ଲଭ୍' ଶବ୍ଦର ଆଶ୍ରୟ ନେଲା ଜଗଦୀଶ ନହସି ରହି ପାରିଲା ନି । ଜଗଦୀଶ ହସକୁ ସମର୍ଥନ କରି ମଲିନା ମଧ ହସି ଉଠିଲା ଅନାବିଳ ଗଳାରେ । କିନ୍ତୁ ପରମୁହୂର୍ତ୍ତରେ ଜଗଦୀଶ ହସଟାକୁ ଅସମ୍ଭବ ରକମରେ ଆତ୍ମସାତ୍ କରି ଚେୟାର ଛାଡ଼ି ଉଠି ପଡ଼ିଲା, ଆସୁ ଯାଏଁ ।

"— ଏ କଣ ? ଏଇ ଦେଖନ୍ତୁ, ମୋଟେ ନଅଟା ଦଶ । ସେ ଯାହାହେଉ ମୁହଁ ନଖୋଲି ଆପଣଙ୍କୁ ମୁଁ ଛାଡ଼ୁନି । ଆସନ୍ତୁ" ।

ମଲିନା ପଛେ ପଛେ ଜଗଦୀଶ ଗଲା ଭିତର କୋଠରୀକୁ । ସଜ୍ଜିତ କୋଠରୀରେ ପ୍ରବେଶ ମାତ୍ରେ ଜଗଦୀଶର ଦୃଷ୍ଟି ଆକର୍ଷଣ କଲା ଟେବୁଲ ଉପରେ ରଖା ହୋଇଥିବା ମଲିନା ଓ ନଳିନୀର ଖଞ୍ଜେ 'ଫୁଲ ବଣ' ଫଟୋ । ଘରର ପଶ୍ଚିମ ପାଖ ଗୋଟାଏ ମାଳତୀ ଲତାର ଦୃଶ୍ୟ । ଦୁହିଁଙ୍କ ଓଠରେ ସ୍ମିତହାସ୍ୟର ଆଭାସ । ନଳିନୀର କବରୀଡ଼ମ୍ବର ଭର୍ତ୍ତି (ଓ ତା ପାଖ) ଲଗି ଈଷତ୍ ବଙ୍କିମ ଗ୍ରୀବାରେ ଦଣ୍ଡାୟମାନା ମଲିନା । —"ଏଇଟି ଏବେ ନୂଆ ଉଠେଇଛନ୍ତି ବୋଧେ ?" କୌଣସି ଉତ୍ତର ପାଇଲାନି । ପରେ ପରେ ମଲିନା ଆବିର୍ଭାବ ହେଲା ଦୁଇ କପ୍ ଚା ଓ ସାମାନ୍ୟ ଜଳଖିଆ ସହ । "ଆସନ୍ତୁ ଜଗଦୀଶ ବାବୁ ।" ଦୁହେଁ ଆସି ଚା ଟେବୁଲ ପାଖରେ ବସିଲେ । ମଲିନା ପିଇଲା ଖାଲି କପେ ଚା । ଜଗଦୀଶ ଗୋଟାଏ ବିସ୍କୁଟ ନେଇ ଚା ପାନ କଲା । ଦୁହେଁ ନୀରବ । ଦୁହିଁଙ୍କର ଦୃଷ୍ଟି ଅନତ । ଜଗଦୀଶ ପ୍ରଥମେ କଥାର ସ୍ତବ୍ଧତା ଭଙ୍ଗ କରିବାକୁ ଯାଇ ଦେଖିଲା ମଲିନା ତାର ଖୁବ୍ ନିକଟରେ । ମୁହଁଟା ତାର ଗୋଟାଏ ଶ୍ରୀହୀନ କ୍ଷୋଭରେ ଭରି ଉଠିଛି । ଜଗଦୀଶ ତାର ଅନ୍ତର୍ଦୃଷ୍ଟି ନେଇ ପ୍ରଗଲ୍ଭା ନାରୀର ଅନ୍ତରକୁ ବିଚାର କରିବା ପୂର୍ବରୁ, ସେ ଅନୁଭବ କଲା ମଲିନାର ରୋମାଞ୍ଚିତ ସ୍ପର୍ଶ । ତାର ରକ୍ତୋଚ୍ଛ୍ୱାସ ଆରମ୍ଭ ହେଲା । ସେ ଆତ୍ମ ସମ୍ବରଣ କରି ତା ଦେହଟାକୁ ଘୁଞ୍ଚେଇ ଆଣିବା ପୂର୍ବରୁ ଦେଖିଲା ମଲିନା ତା ଦେହରେ ଲଟେଇ ପଡ଼ିଛି । ପ୍ରଣୟପ୍ରାର୍ଥୀ ଦୃଷ୍ଟିରେ ତାର ବ୍ୟାକୁଳତାର ପ୍ରକାଶ । କେଶରାଶି ବିକ୍ଷିପ୍ତ । ଆସମାନି ଶାଢ଼ୀର ଗୋଟାଏ ଭାଗ ତଳେ ଲୋଟୁଛି ।

Digitized by srujanika@gmail.com

ସେ ଜଗଦୀଶଙ୍କୁ ଏକପ୍ରକାର ସ୍ୱଆୟତ୍ତ କରି ପ୍ରଶସ୍ତ-ନିବେଦନ କଣ୍ଠରେ କହିଲା, 'ଜଗଦୀଶ ଦାଦୁ' ! ଜଗଦୀଶର ପ୍ରବୃତ୍ତି ଧାଇଁଲା ତାର ଉଦାମ ଲକ୍ଷ୍ମୋଚ୍ଛ୍ୱାସରେ ହାସ ଦେବାକୁ । ତାର ପ୍ରକମ୍ପିତ ଓଷ୍ଠ ମଳିନାକୁ ଚୁମ୍ବନ କଲା ମୁଖଁରୁ ତାର ଆତ୍ମସଂଯମୀ ପୁରୁଷ-ଚରିତ୍ର ସେଥିରୁ ଟାଣି ଦେଲା କହିଲା । "ମତେ କ୍ଷମା କରିଦ ମଳିନା ।" ସେ ଏକ ପ୍ରକାର ମଳିନାକୁ ଠେଲି ଦେଇ ଦ୍ରୁତଗତିରେ ନିଷ୍କ୍ରାନ୍ତ ହେଲା ସେ କକ୍ଷରୁ !

## ହସ୍ତଶିଳ୍ପ ଶିକ୍ଷା

ଶ୍ରୀ ନୀଳମଣି ବେହେରା

( ସ୍କୁଲରେ ପ୍ରଚଳନୀୟ ଶିଳ୍ପକର୍ମଗୁଡ଼ିକ ସମ୍ବନ୍ଧେ ସଂକ୍ଷିପ୍ତ ଆଲୋଚନା । )

ଆଶ୍ୱାସନାର କଥା, ଶିକ୍ଷାରେ ଶିଳ୍ପକର୍ମର ପ୍ରାଧାନ୍ୟ ଥିବା କଥା ଲୋକେ ଏବେ ବୁଝି ଆସୁଛନ୍ତି । କିନ୍ତୁ ସ୍କୁଲରେ ପ୍ରଚଳନୀୟ ଶିଳ୍ପକର୍ମଗୁଡ଼ିକ ସମ୍ବନ୍ଧେ ବିଭିନ୍ନ ବ୍ୟକ୍ତିଙ୍କର ବିଭିନ୍ନ ମତ ଦେଖାଯାଏ । ଅତଏବ ଏଠାରେ ଅଳ୍ପ କେତେକ ଶିଳ୍ପକର୍ମର ସଂକ୍ଷିପ୍ତ ଆଲୋଚନା ଆବଶ୍ୟକ ମନେ କରେ । ଏଥିଦ୍ୱାରା ପାଠକବୃନ୍ଦଙ୍କ ବହୁ ସନ୍ଦେହ ଦୂର ହୋଇପାରେ ବୋଲି ମୋର ମତ ।

କେହି କେହି କହନ୍ତି, ସ୍କୁଲରେ ମାଟିକାମ ରଖାଯାଉ । ଆଉ କେହି କହନ୍ତି, କାଗଜକାମ ରଖାଯାଉ । ଅନ୍ୟ କେହି କେହି କହନ୍ତି, ବାଉଁଶ ବେତ କାମ ରଖିଲେ ଭଲ ହେବ । ଏବଂ କେହି କେହି କହନ୍ତି, ଛାତ୍ରମାନେ କିଛି କିଛି ସୂତା କାଟନ୍ତୁ । ଆଜିକାଲି ଲୁଗାର ବଡ଼ ଅଭାବ, ଏଣୁ ସୂତାକଟା ସଙ୍ଗେ ସଙ୍ଗେ ଲୁଗା ବୁଣା ମଧ୍ୟ ସେମାନେ ଶିଖିବା ଉଚିତ ବୋଲି କାହାର କାହାର ମତ । ମାଟିକାମଠାରୁ କୁମ୍ଭାରକାମ ଶିଖିଲେ ସେମାନଙ୍କର ବହୁ ଉପକାର ହେବ ବୋଲି ମଧ୍ୟ କଏ କଏ ମତ ଦେଇଥାନ୍ତି । ଆମ ଭାରତ କୃଷିପ୍ରଧାନ ଦେଶ, ଅତଏବ ସ୍କୁଲରେ କୃଷି ଶିକ୍ଷା ଦିଆଯାଉ ବୋଲି ଅନେକଙ୍କର ଅଭିପ୍ରାୟ । ତାଳପତ୍ର, ଖଜୁରୀ ପତ୍ର, ଛୋଟ ଏବଂ ନଡ଼ିଆ କତାରେ ନାନା କାର୍ଯ୍ୟ ଛାତ୍ରମାନଙ୍କୁ ଶିଖାଇବାକୁ ହେବ ବୋଲି ବେଳେବେଳେ ବିଭାଗୀୟ କର୍ତ୍ତୃପକ୍ଷ ଆଦେଶ ଜାରି କରିଥାନ୍ତି । କିଏ କେଉଁଠାରେ କାଗଜ ତିଆରି ହେବାର ଦେଖିଲେ ତ, ସେହି କାମ ସ୍କୁଲରେ ସେ ପ୍ରଚଳନ କରିବାକୁ ବଦ୍ଧପରିକର ହୁଅନ୍ତି । ସେମାନଙ୍କର ଧାରଣା ଯେ କାଗଜ ତିଆରି ଶିଖିଲେ ଛାତ୍ରମାନଙ୍କୁ ଆଉ କାଗଜ କିଣିବାକୁ ପଡ଼ିବ ନାହିଁ । ଏବଂ ସ୍କୁଲର ଅଫିସକାମ ଓ ଅନ୍ୟାନ୍ୟ କାମ ମଧ୍ୟ ଚାଲିଯିବ । ଆମ ଏଠାରେ ଶିଳ୍ପାଗାର (Manual training class) ରେ କାଠକାମ ଶିକ୍ଷା ଦେବାର ଦେଖି, ଛାତ୍ରଗଣ କାଠକାମ ଶିଖିବା ଉଚିତ ବୋଲି କେହି କେହି ବିବେଚନା କରିଥାନ୍ତି । ମଲାଟ କାମ ଓ ପୁସ୍ତକ ବନ୍ଧାଇ କାମକୁ ବିଶେଷ ପସନ୍ଦ କରିବାର ମଧ୍ୟ ଦେଖାଯାଉଛି । ଦରଜି କାମଠାରୁ ବଳି ଆଉ ଅଧିକ କାମ ନାହିଁ ବୋଲି କେତେ ଲୋକଙ୍କର ଧାରଣା । ଏହିପରି ହସ୍ତଶିଳ୍ପ ସମ୍ବନ୍ଧେ ଭିନ୍ନ ଭିନ୍ନ ବ୍ୟକ୍ତିଙ୍କର ଭିନ୍ନ ଭିନ୍ନ ଧାରଣା ବହୁ ଦିନରୁ ମୁଁ ଦେଖିବାକୁ ପାଉଛି ।

କୌଣସି ଶିଳ୍ପକର୍ମ ସ୍କୁଲରେ ପ୍ରଚଳନ କରିବାବେଳେ

Digitized by srujanika@gmail.com

ସେଥି ସମ୍ବନ୍ଧେ ଅନେକ କଥା ଆମମାନଙ୍କୁ ଦେଖିନେବାକୁ ହେବ । ସ୍କୁଲ ବିଶେଷରେ କାର୍ଯ୍ୟକ୍ରମ ଭିନ୍ନ ଭିନ୍ନ ସ୍କୁଲରେ ଭିନ୍ନ ଭିନ୍ନ ଶିଳ୍ପକାର୍ଯ୍ୟ ଶିକ୍ଷା ଦିଆଯିବା ଉଚିତ । ପ୍ରଧାନତଃ ଶିଳ୍ପକର୍ମର ଶିକ୍ଷାସମ୍ବନ୍ଧୀୟ ମୂଲ୍ୟ ଅର୍ଥାତ୍ ମନର ଉନ୍ନତି ବିଧାନ କରିବାପାଇଁ ଯେଉଁ ମୂଲ୍ୟ ଅଛି, ତାହା ଆମ୍ଭମାନଙ୍କୁ ବିବେଚନା କରିବାକୁ ହେବ । ବିଶେଷଜ୍ଞମାନେ ପରୀକ୍ଷାକରି ସ୍ଥିର କରିଥିବା ଅନେକ ଶିଳ୍ପକର୍ମ ଅଛି । ସେମାନଙ୍କ ମତରେ ସମାଜରେ ପ୍ରଚଳିତ ନାନାବିଧ ବ୍ୟବସାୟ ମଧ୍ୟରୁ ଉତ୍ପାଦନକ୍ଷମ ଶିଳ୍ପକର୍ମଗୁଡ଼ିକ ବାଛି ନେଇ ସ୍କୁଲରେ ପ୍ରଚଳନ କରିବା ବାଞ୍ଛନୀୟ । ସମାଜ ମଧ୍ୟରେ ନାନା ଶିଳ୍ପକର୍ମ ମୂଳି ରହିଛି । ସମସ୍ତପ୍ରକାର ଶିଳ୍ପକର୍ମରେ ସମ ଶିକ୍ଷଣୀୟ ବିଷୟ ପ୍ରଚୁର ଅଛି, ସେପରି କିଛି କଥା ନାହିଁ । ଯେଉଁ ଶିଳ୍ପକର୍ମରେ ଶିକ୍ଷଣୀୟ ବିଷୟର ପ୍ରାଚୁର୍ଯ୍ୟ ଅଛି, ସେହି ଶିଳ୍ପକର୍ମ ସ୍କୁଲରେ ପ୍ରଚଳନ କରିବା ଅତୀବ ବାଞ୍ଛନୀୟ; ପୁଣି ନିର୍ବାଚିତ ଶିଳ୍ପକର୍ମ ଶିକ୍ଷାଦେବା ପ୍ରଣାଳୀର ଉପାଦେୟତା ମଧ୍ୟ ଆମ୍ଭମାନଙ୍କୁ ଦେଖିବାକୁ ହେବ । ହସ୍ତଶିଳ୍ପ-ଶିକ୍ଷାର ଉଦ୍ଦେଶ୍ୟ ନାହିଁ ଯେ ଛାତ୍ରମାନଙ୍କ ମଧ୍ୟରୁ କଳକବ୍ଜାପରି ତିଆରି କରି ପାରୁଥିବେ। କେତେକ କାରିଗର ସୃଷ୍ଟି କରିବ । ଦୁଇଟେଯାକ କଥାର 'କାହିଁକି' ଏବଂ 'କିହେତୁ' ଏହି ସମସ୍ୟା ଛାତ୍ରମାନଙ୍କୁ ପ୍ରାରମ୍ଭରୁ ଉପଲବ୍ଧି କରିବାକୁ ହେବ । ନିମ୍ନଲିଖିତ ଦଶ ଗୋଟି ପ୍ରଶ୍ନ କରି ଶିଳ୍ପକର୍ମରେ ଶିକ୍ଷଣୀୟ ବିଷୟର ପ୍ରାଚୁର୍ଯ୍ୟ ଥିବା ନ ଥିବା କଥା ନିର୍ଦ୍ଧାରିତ କରି ଯାଇପାରେ —

୧ । ନିର୍ବାଚିତ ଶିଳ୍ପକର୍ମ କରିବା ନିମନ୍ତେ ଛାତ୍ରଗଣ ସମର୍ଥ କି ?

୨ । ତାହା ଛାତ୍ରଗଣଙ୍କ ଚିତ୍ତାକର୍ଷଣ କରେ କି ? (ସ୍ଥାୟୀ ଭାବରେ)

୩ । ତିଆରି ଜିନିଷ କାର୍ଯ୍ୟୋପଯୋଗୀ ହୋଇପାରେ କି ନା ?

୪ । ମୋଟା କାମ ହେଲେ ସୁଦ୍ଧା ବ୍ୟବହାର ଯୋଗ୍ୟ କି ?

୫ । ଏଥିମଧ୍ୟରେ ଖେଳା ଓ ପଠନ ଶିକ୍ଷା ହୋଇପାରେ କି ?

୬ । ନିର୍ବାଚିତ ଶିଳ୍ପକର୍ମରୁ ପରିଷ୍କାର ଓ ପରିଚ୍ଛନ୍ନତା ଶିକ୍ଷାଲାଭର ସମ୍ଭାବନା ଅଛି କି ?

୭ । ଗଠନଜ୍ଞାନ ଜନ୍ମେ କି ?

୮ । ତାହା ବିଜ୍ଞାନାନୁମୋଦିତ କି ନୁହେଁ ?

୯ । ଏବଂ ତାହା ପାରମ୍ପର୍ଯ୍ୟକ୍ରମିକ ହୋଇପାରେ କି ? (ସହଜରୁ କଷ୍ଟ; ସ୍ଥୂଳରୁ ସୂକ୍ଷ୍ମ)

୧୦ । ସେଥିଦ୍ୱାରା ହାତର ଓ ଆଖିର ଦକ୍ଷତା ଶିକ୍ଷା ହୁଏ କି ?

ଉପର୍ଯ୍ୟୁକ୍ତ ଅଧିକାଂଶ ପ୍ରଶ୍ନର ଉତ୍ତର ଯଦି କୌଣସି ଶିଳ୍ପକର୍ମକୁ ସମର୍ଥନ କରେ, ତେବେ ତାହା ସ୍କୁଲପାଇଁ ନିର୍ବାଚିତ ହେବା ଉଚିତ, ଏବଂ ଅନ୍ୟାନ୍ୟ କର୍ମଗୁଡ଼ିକ ପରିତ୍ୟକ୍ତ ହେବା ବିଧେୟ ।

ଶିଶୁ ଶ୍ରେଣୀ ଠାରୁ ଆରମ୍ଭ କରି ମାଟ୍ରିକ୍ୟୁଲେସନ ପର୍ଯ୍ୟନ୍ତ ହସ୍ତଶିଳ୍ପ ଛାତ୍ରମାନଙ୍କୁ ଶିକ୍ଷା ଦେବା ନିତାନ୍ତ ପ୍ରୟୋଜନ । ଶିଶୁ, ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ଏହି ଚାରି ଶ୍ରେଣୀରେ ଛାତ୍ରମାନେ ଖେଳିଲା ପରି ଶିଳ୍ପକର୍ମ ଶିକ୍ଷା କରିବେ ଏବଂ ସମ୍ଭବପର ନାନା ପ୍ରକାର ଶିଳ୍ପ ପ୍ରସ୍ତୁତ କରିବେ । କିନ୍ତୁ ଚତୁର୍ଥଶ୍ରେଣୀ ଠାରୁ ମାଟ୍ରିକ୍ୟୁଲେସନ ପର୍ଯ୍ୟନ୍ତ ନିର୍ବାଚିତ ଶିଳ୍ପକର୍ମମାନଙ୍କର ଧାରାବାହିକ ଯାନ, ଆଠ ବର୍ଷ କାଳ ଶିକ୍ଷା କରିବା ପ୍ରୟୋଜନ । ଏଥିନିମନ୍ତେ ଏପରି ଶିଳ୍ପକର୍ମ ନିର୍ବାଚିତ ହେବ, ଯେଉଁଥିରେ କି ଉତ୍ପାଦନକ୍ଷମତା ପରିପୂର୍ଣ୍ଣ ହେବ ; ଏବଂ ଶ୍ରେଣୀର ସମସ୍ତ ଛାତ୍ର ଏକକାଳୀନ କାର୍ଯ୍ୟରେ ନିଯୁକ୍ତ ହୋଇପାରିବେ । ଏ ସବୁ କଥା ବିବେଚନା କରି ଶିକ୍ଷକବୃନ୍ଦ ନିଜ ନିଜର କ୍ଷମତାନୁଯାୟୀ ଶିଳ୍ପକର୍ମ ନିର୍ବାଚନ କରିବା ନିମନ୍ତେ ଅଳ୍ପ କେତୋଟି ଶିଳ୍ପକର୍ମର ସଂକ୍ଷିପ୍ତ ଯୋଜନା ନିମ୍ନରେ ପ୍ରଦତ୍ତ ହେଲା :—

୧ । ମାଟିକାମ :—ଶିଶୁମାନଙ୍କର ଏହା ବଡ଼ ପ୍ରିୟ କାର୍ଯ୍ୟ । ଶିଶୁମାନେ ମାଟି କାମରେ ଯେପରି ଆଗ୍ରହ ଦେଖାନ୍ତି ଅନ୍ୟ କୌଣସି କାମରେ ସେପରି ଦେଖାଇ ନ ଥାନ୍ତି । ଏହା ଶିକ୍ଷା ଦେବା ପାଇଁ ଭିନ୍ନ ବ୍ୟବସ୍ଥା କିଛି ଦରକାର ନାହିଁ, ମଧ୍ୟ ହତିଆରର ଆବଶ୍ୟକତା କିଛି

Digitized by srujanika@gmail.com

ନାହିଁ କହିଲେ ଚଳେ । ମାଟିକାମ ମାଧ୍ୟମରେ ଶିକ୍ଷା ଦିଆ ଯାଇପାରେ । ଏହି କୋମଳ ଏବଂ ନମନୀୟ କାର୍ଯ୍ୟରେ ଶିଶୁମାନଙ୍କର ଗଠନ ଜ୍ଞାନ ଅତ୍ୟୁତ୍ତମ ହୁଏ । ଶିଶୁ ଶ୍ରେଣୀଠାରୁ ଆରମ୍ଭକରି ପ୍ରଥମ ଚାରି ଶ୍ରେଣୀରେ ଶିକ୍ଷା ଦେବାର ଏହା ଏକ ଉପଯୁକ୍ତ ଶିଳ୍ପକର୍ମ । ଶ୍ରେଣୀର ସମସ୍ତଛାତ୍ରଙ୍କୁ ଏହି ଧାରାରେ ଏକକାଳୀନ ଅବସ୍ଥା ରଖାଯାଇପାରେ ।

୨ । ତାଳପତ୍ର କାମ:— ଏହି କାମ କରିବାକୁ ଛାତ୍ରଗଣ ସମର୍ଥ, କିନ୍ତୁ ସେଥିପ୍ରତି ସେମାନଙ୍କର ଆଗ୍ରହ ସ୍ଥାୟୀ ଭାବେ ଜନ୍ମି ପାରେ ନାହିଁ; କାର୍ଯ୍ୟଟି ମଧ୍ୟ ଧାରାବାହିକ ହୋଇ ପାରେ ନାହିଁ ଓ ଶିକ୍ଷଣୀୟ ବିଷୟର ପ୍ରାଚୁର୍ଯ୍ୟ ଦେଖା ଯାଏ ନାହିଁ । ଉପର୍ଯ୍ୟୁକ୍ତ ଅଧିକାଂଶ ପ୍ରଶ୍ନର ଉତ୍ତର ଉକ୍ତ କାର୍ଯ୍ୟର ସପକ୍ଷରେ ମତ ଦେଉ ନାହିଁ ।

୩ । କାଗଜ ତିଆରି କାମ :— ବାରବର୍ଷରୁ ଅଧିକ ବୟସର ଛାତ୍ରଗଣ ଏହା କାର୍ଯ୍ୟ କରିବାକୁ ସମର୍ଥ, କିନ୍ତୁ ତହିଁରେ ସେମାନଙ୍କର ଆଗ୍ରହ ସେତେ ଜନ୍ମେ ନାହିଁ । ତିଆରି କାଗଜ କୌଣସି କାମରେ ଲାଗେ ନାହିଁ । ଏହି କାର୍ଯ୍ୟରେ ଶୃଙ୍ଖଳା ବା ସଠିକତା କିଛି ଶିକ୍ଷା ହୁଏ ନାହିଁ; ବରଂ ବିଶୃଙ୍ଖଳା ହେବାର ସମ୍ଭାବନା ଅଧିକ । କାରଣ ଶ୍ରେଣୀର ସବୁ ଛାତ୍ରଙ୍କୁ ବ୍ୟାପୃତ ରଖିବା ନିମନ୍ତେ ଏଥିରେ ସେପରି କିଛି କାର୍ଯ୍ୟ ନାହିଁ । ପରିଷ୍କାର ଏବଂ ପରିଚ୍ଛନ୍ନତା ଶିକ୍ଷା ହେବାତ ବହୁ ଦୂରର କଥା । ପ୍ରଧାନତଃ ଏହି କାର୍ଯ୍ୟ ସ୍ୱାସ୍ଥ୍ୟବିଜ୍ଞାନାନୁମୋଦିତ ନୁହେଁ । ଏଥିରେ ଛାତ୍ରମାନଙ୍କୁ ନଇଁ କରି କାମ କରିବାକୁ ପଡେ । ଫଳରେ ସେମାନଙ୍କର କୋମଳ ମେରୁଦଣ୍ଡ ବଙ୍କା ହୋଇଯିବାର ସମ୍ଭାବନା ଥାଏ । ହାତର ଦକ୍ଷତା ଉପାର୍ଜନ ହେବାଭଳି କାର୍ଯ୍ୟ ଏଥିରେ କିଛି ନାହିଁ । ତାହା ଶିକ୍ଷା ଦେବା ପ୍ରଣାଳୀର ଉପାଦେୟତା ମଧ୍ୟ ମୂଳରୁ କିଛି ନ ଥିବା ଭଳି ଅନୁମାନ କରାଯାଏ । ଅତଏବ ଏହି କାମ ସ୍କୁଲରେ ପ୍ରଚଳନୀୟ ନୁହେଁ ।

୪ । କାଗଜ କାମ :— ଶିଶୁ ଏବଂ ଛୋଟ ଶ୍ରେଣୀ ମାନଙ୍କରେ ଶିକ୍ଷା ଦେବା ପାଇଁ ଏହା ଉପଯୁକ୍ତ ବ୍ୟବସାୟ । କାଗଜ ଚିରି ନାନା ରୂପ ଗଠନ କରିବା ଭାଙ୍ଗ ପକାଇ ନାନା ବସ୍ତୁ ନିର୍ମାଣ କରିବା, କଇଁଚିରେ କାଗଜ କାଟି ତାଲ ଇତ୍ୟାଦି ବିଭିନ୍ନ ଆକାର ତିଆରି କରିବା ହେଉଛି ନିମ୍ନ ଶ୍ରେଣୀମାନଙ୍କର ଠିକ୍ କାମ । ଉଚ୍ଚ ଶ୍ରେଣୀମାନଙ୍କରେ କମ୍ପାସ, ତ୍ରିଭୁଜ ଇତ୍ୟାଦି ଯନ୍ତ୍ରମାନ ବ୍ୟବହାର କରି ଜ୍ୟାମିତି ସଂକ୍ରାନ୍ତ ନାନା କାର୍ଯ୍ୟ କରାଯାଇପାରେ । ମଲାଟ କାମରେ ଏହା ଉପଯୁକ୍ତ ପ୍ରଥମ ଭୂମିକା ଅଟେ ।

୫ । ପୁସ୍ତକ ବନ୍ଧାଇ କାମ :— ଏହା ବିଶେଷ ଆଗ୍ରହ ଓ ଆନନ୍ଦ ଜନକ ବ୍ୟବସାୟ । ଏହି କାମରେ ଶିଶୁମାନଙ୍କର ସୃଜନ-କ୍ଷମତା ସ୍ୱଭାବ ଉତ୍ତେଜିତ ହୁଏ । ପୁସ୍ତକ ବନ୍ଧାଇ ବ୍ୟବସାୟର ସମଗ୍ର କାମ ସ୍କୁଲରେ ଛାତ୍ରମାନଙ୍କଦ୍ୱାରା ଯେ ସମ୍ପାଦିତ ହେବ, ତାହା କଳ୍ପନା କରିବା ଉଚିତ ନୁହେଁ । ସେପରି ଆଶାରେ କାର୍ଯ୍ୟ କରିବା ପରିଶେଷରେ ଶିକ୍ଷକଙ୍କ ବିଫଳ ମନୋରଥ ହେବା ଛଡ଼ା ଆଉ କିଛି ଲାଭ ହେବ ନାହିଁ । ଏହି କାର୍ଯ୍ୟର ଅନେକ ଅଂଶ ଛାତ୍ରମାନଙ୍କର ସାଧ୍ୟାତୀତ । ସେ ସବୁ ଯଥୋପଯୁକ୍ତ ଭାବରେ ସଜାଡ଼ି କାର୍ଯ୍ୟ କରିନେବା ଭାର ଶିକ୍ଷକଙ୍କ ଉପରେ ରହିଛି ।

୬ । ମଲାଟ, କାଠ ଏବଂ ଧାତୁ କାମ :— କାଗଜ କାମ ଯେପରି ମଲାଟ କାମର ପୂର୍ବାୟୋଜିନ କର୍ମ, ସେପରି ମଲାଟ କାମ ହେଉଛି କାଠ ଓ ଧାତୁ କାମର ପୂର୍ବାୟୋଜିକ କର୍ମ, ସେହିପରି କାଠକାମ ଧାତୁକାମର ପୂର୍ବାୟୋଜକ କର୍ମ । ମଲାଟ କାମରେ ବିଭିନ୍ନ ପଦାର୍ଥ, ରଙ୍ଗ ଓ ଆକାର ଜ୍ଞାନ ଲାଭ କରିବାକୁ ହୁଏ; ଏବଂ ତହିଁରେ ତିଆରି ଜିନିଷ ଅଳ୍ପ ସମୟ ମଧ୍ୟରେ ସମାପ୍ତ କରା ଯାଇ ପାରେ । ସାମାନ୍ୟ ହାତିଆରରେ ଏହି କାର୍ଯ୍ୟ ଚଳି ଯାଇପାରେ । ଆବଶ୍ୟକ ପଦାର୍ଥଗୁଡ଼ିକ ମଧ୍ୟ ଦାମିକା ନୁହେଁ । ଛାତ୍ର ମାନେ ସଠିକରେ କାର୍ଯ୍ୟ କରିବା । ଦଗରେ ଅତ୍ୟୁତ୍ତମ

Digitized by srujanika@gmail.com


ଶିକ୍ଷା ଲାଭ କରନ୍ତି; ଏବଂ ସେମାନଙ୍କର ଗଠନ ଜ୍ଞାନ ଓ ରଙ୍ଗ-ଜ୍ଞାନ ଆଦର୍ଶଜନକ ହୁଏ । ଇତର ପାଠଗୁଡିକ ପ୍ରଧାନତଃ ଜ୍ୟାମିତି ଓ ଗଣିତ ସହିତ ଏହି କାର୍ଯ୍ୟର ପାରସ୍ପରିକ ସମ୍ପର୍କ ଉପଯୁକ୍ତ ପରିମାଣରେ ରକ୍ଷାକରି ପାରେ । ଶିଶୁ, ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ଶ୍ରେଣୀମାନଙ୍କରେ ନାନା ପ୍ରକାର ପ୍ରାଥମିକ ହସ୍ତକର୍ମ ଖେଳ ପରି ଶିକ୍ଷା ଦେବା ପରେ, ଚତୁର୍ଥ ଶ୍ରେଣୀ ଠାରୁ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ କାଗଜ ଓ ମଞ୍ଜି କାମ ସ୍ୱତନ୍ତ୍ର ଶିକ୍ଷାଦେବା ଦରକାର; ଏବଂ ଅଷ୍ଟମ ଶ୍ରେଣୀଠାରୁ ମାଟ୍ରିକୁଲେସନ ପର୍ଯ୍ୟନ୍ତ କାଠ କାମ ( Wood work ) ଶିକ୍ଷା ଦେଲେ ଛାତ୍ରମାନଙ୍କର ବହୁ ଉପକାର ହୁଏ । ଧାତୁ କାମ ଭିନ୍ନ କରି ଶିକ୍ଷା ଦିଆଯାଇ ପାରେ କିମ୍ବା କାଠ କାମ ସଙ୍ଗେ ମିଶାଇ ତାହା କରା ଯାଇ ପାରେ । ଏସବୁ ଶିଳ୍ପ ଛାତ୍ରମାନଙ୍କୁ ପ୍ରବଳ ଭାବରେ ଏବଂ ଧାରାବାହିକ କ୍ରମେ ଶିକ୍ଷା ଦିଆଯିବା ଅବଶ୍ୟକ । ଆକାର ଓ ମାପ ଶିକ୍ଷା ଦେବା ନିମନ୍ତେ ସେଗୁଡିକରେ ଅନେକ କଥା ଅଛି । ଉପର୍ଯ୍ୟୁକ୍ତ ପ୍ରାୟ ସମସ୍ତ ପ୍ରଶ୍ନର ଉତ୍ତର ଏସବୁ କାର୍ଯ୍ୟର ଅନୁକୂଳ ଅଟେ । ଉକ୍ତ ତିନି ପ୍ରକାର ଶିଳ୍ପରେ ଏକାପରି ଜିନିଷ ତିଆର କରାଯାଇ ପାରେ । ବିଭିନ୍ନ ଉପାଦାନରେ ଏକ ପ୍ରକାର ଜିନିଷ ତିଆର କରିବାଦ୍ୱାରା ଛାତ୍ରମାନେ ବିଭିନ୍ନ ଉପାଦାନର ବିଭିନ୍ନ ଗୁଣ ଉପଲବ୍ଧି କରନ୍ତି ଏବଂ ତୁଳନାତ୍ମକ ଶିକ୍ଷା ଲାଭ କରି ପାରନ୍ତି । ଜ୍ଞାନ ଅଭିବୃଦ୍ଧି ସକାଶେ ଶିଳ୍ପ ଜରିଆରେ ଶିକ୍ଷା ଅତୀବ ପ୍ରଧାନ । ମନକୁ ଉର୍ବର ଏବଂ ସତେଜ କରିବା ନିମନ୍ତେ ଯେଉଁ ଶକ୍ତି ଦରକାର ତାହା ଏସବୁ ଉତ୍ପାଦକ ଶିଳ୍ପକର୍ମରେ ନିହିତ ଅଛି । ଏସବୁ କର୍ମରେ ଶିକ୍ଷଣୀୟ ବିଷୟର ପ୍ରାଚୁର୍ଯ୍ୟ ଯେପରି ଅଛି, ସେଗୁଡିକୁ ଶିକ୍ଷା ଦେବା ପ୍ରଣାଳୀର ଉପାଦେୟତା ମଧ୍ୟ ସେପରି ପୂରି ରହିଛି ।

ଛାତ୍ରମାନଙ୍କ ପକ୍ଷେ ପର୍ଯ୍ୟବେକ୍ଷଣ, ବିଶ୍ଳେଷଣ ଏବଂ ନିର୍ମାଣ କାର୍ଯ୍ୟ ବଡ ଦରକାର ଏବଂ ତହିଁର ସୁବିଧା ଏସବୁ କର୍ମରେ କାମରେ ସମ୍ପୂର୍ଣ୍ଣରୂପେ ରହିଛି । ବିଚାର କରିବା ଏବଂ ବିଚାରସୂକ୍ତ କାର୍ଯ୍ୟ କରିବା ନୀତି ଉକ୍ତ କର୍ମଗୁଡିକରେ ଅମୂଳ୍ୟ ବରାବର ପ୍ରୟୋଗ କରାଯାଇ ପାରେ । ତିଆରି ଜିନିଷ ଛାତ୍ରମାନଙ୍କର ବ୍ୟବହାର ଯୋଗ୍ୟ ହେବା ହେତୁ କାର୍ଯ୍ୟରେ ଆଗ୍ରହ ଜନ୍ମିବା ସ୍ୱାଭାବିକ । ଏହି ଶିଳ୍ପକର୍ମଗୁଡିକରେ ବିଭିନ୍ନ ପ୍ରକାର ଉପକରଣ ଏବଂ ହତିଆର ପ୍ରଚୁର ପରିମାଣରେ ବ୍ୟବହାର କରାଯାଇ ପାରେ, ଏବଂ ବହୁତ ଓ ବିଭିନ୍ନ ଆଦର୍ଶ-ଜିନିଷ ତିଆର କରାଯାଇ ପାରେ; ଅତଏବ ଏହି ଉତ୍ପାଦକ ଶିଳ୍ପକର୍ମଗୁଡିକ ସବୁ ସ୍କୁଲରେ ପ୍ରଚଳନ କରିବା ସୁବିଧାଜନକ ।

ଏତଦ୍‌ବ୍ୟତୀତ ଆହୁରି ଅନେକ ପ୍ରକାର ଶିଳ୍ପ କର୍ମ ଅଛି । ସେସବୁ ଅନ୍ୟ ଏକ ପ୍ରବନ୍ଧରେ ଉଲ୍ଲେଖ କରାଯିବ । ପରିଶେଷରେ ମୋର ବକ୍ତବ୍ୟ, ଛାତ୍ରମାନଙ୍କୁ ଗୁଡିଏ ଶିଳ୍ପକର୍ମ ଚାଳୁଲ୍ୟ ଭାବରେ ଶିକ୍ଷା ଦେବା କୌଣସି ଉପକାରକୁ ଆସେ ନାହିଁ । ଗୋଟିଏ ବା ଦୁଇଟି ଶିଳ୍ପକର୍ମ ଧାରାବାହିକ କ୍ରମେ ଶିକ୍ଷା ଦେଲେ ଯଥେଷ୍ଟ । ସୁବିଧା ହୁଏତ, ପ୍ରଧାନ ଶିଳ୍ପକର୍ମକୁ ସମ୍ବନ୍ଧ ରଖି ଅନ୍ୟ କେତୋଟି ଶିଳ୍ପକର୍ମ ଉଭୟ ଶିକ୍ଷକ ଏବଂ ଛାତ୍ରମାନଙ୍କର ଶକ୍ତି ଓ ସମୟକୁ ଧରି ଶିକ୍ଷା ଦେବା ଭଲ କଥା କିନ୍ତୁ ସମସ୍ତଙ୍କର ମନେ ରଖିବା ଉଚିତ ଯେ, ନିଜ ହାତରେ ଶିଳ୍ପକର୍ମ କରି ଛାତ୍ରଗଣ ଯେଉଁ ଶିଳ୍ପକୌଶଳ ଲାଭ କରିବେ, ତାହା ସେମାନଙ୍କର ବୟସ ଓ ଶକ୍ତିକୁ ଧରି ଯଥାସାଧ୍ୟ ଉତ୍କୃଷ୍ଟତର ହେବାହିଁ ବଡ ପ୍ରଧାନ । ଯଥାସାଧ୍ୟ ଉତ୍କୃଷ୍ଟତର କାର୍ଯ୍ୟ କରିବାକୁ ଚେଷ୍ଟା କରିବାରେ କେବଳ ଶିକ୍ଷା ସମ୍ବନ୍ଧୀୟ ଉପକାରିତା ରହିଛି । ଛାତ୍ରମାନଙ୍କ କାର୍ଯ୍ୟରେ କାରିଗରର ଚିକ୍‌କଣତା ଦେଖିବାକୁ ଅବଶ୍ୟ ମିଳିବ ନାହିଁ; ଲକ୍ଷ୍ୟ କିନ୍ତୁ ଉତ୍କୃଷ୍ଟତର କାର୍ଯ୍ୟ କରିବାରେ ସେମାନଙ୍କର ଚେଷ୍ଟା ଯେପରି ରହିବ ।

—XOX—

Digitized by srujanika@gmail.com



# ଇଂରେଜ ସାହିତ୍ୟର ଗତିଧାରା

ଶ୍ରୀ ଶୁକଦେବ ଶର୍ମା

## ଅଷ୍ଟାଦଶ ଶତାବ୍ଦୀ ।

ଅଷ୍ଟାଦଶ ଶତାବ୍ଦୀରେ ଇଂରେଜମାନଙ୍କ ଜୀବନରେ ଗଣତନ୍ତ୍ର ଆଉ କେବଳ ଆଦର୍ଶ, ଅବାସ୍ତବ ହୋଇନାହିଁ ପାର୍ଲିମେଣ୍ଟ ବା ଜନସଭା ଏକଚ୍ଛତ୍ର ରାଜାଠାରୁ ସମସ୍ତ ରାଜନୈତିକ କ୍ଷମତା ହସ୍ତଗତ କରିଛି । ଶତାବ୍ଦୀର ପ୍ରଥମାର୍ଦ୍ଧରେ ଦେଖାଯାଏ ଯେ ଏହି କ୍ଷମତା ଅଧିକାର କରିବାଲାଗି ସାମନ୍ତମାନଙ୍କର ନାୟକତ୍ୱରେ ଜନସାଧାରଣ ବିଭିନ୍ନ ଦଳରେ ବିଭକ୍ତ, ଦଳମାନଙ୍କ ମଧ୍ୟରେ ଦଳାଦଳି ନିତିଦିନର ଘଟଣା, ଫଳତଃ ରାଜନୀତି ଲାଞ୍ଛିତ ଧପ୍‌ପାବାଜର ଜୁଆଖେଳ ହୋଇଛି । ଏ ପ୍ରକାର ପରିସ୍ଥିତିରେ ଉଚ୍ଛ୍ୱସିତ ବା ଅନୁପ୍ରାଣିତ ହେବାଲାଗି କୌଣସି ଉପାଦାନ ନ ଥିଲା; ଲୋକଙ୍କ ମଧ୍ୟରେ କେବଳମାତ୍ର ସମାଲୋଚନା କରିବାର ଆକାଂକ୍ଷା ପ୍ରବଳ ଓ କୁତ୍ସା ରଟିବାର ପ୍ରୟାସ ଯଥେଷ୍ଟ । ଗଣତନ୍ତ୍ରର ନବାଗତ ଦାୟିତ୍ୱ ଯେତେବେଳେ ଲୋକମାନେ ନିଜ କାନ୍ଧକୁ ନେଲେ ସେତେବେଳେ ପ୍ରତ୍ୟେକ ବିଷୟ ପ୍ରତି ନଜର ପଡ଼ିଲା ବୈଷୟିକ ଦୃଷ୍ଟିକୋଣରୁ, ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଓ ସମାଧାନ ହେଲା କେବଳ ଯୁକ୍ତିର ପ୍ରାବଲ୍ୟରେ । ଶତାବ୍ଦୀର ଶେଷାର୍ଦ୍ଧରେ ସମାଜର ଶିରା-ଶିରା ବ୍ୟାପି ରହିଥିବା କୁନୀତି ଓ କୁସଂସ୍କାର ବିରୁଦ୍ଧରେ ଜନମତ ପ୍ରବଳ ହୋଇ ଉଠିଲା, ଜନସାଧାରଣ ଗଣତନ୍ତ୍ର ଉପରେ ପ୍ରତିଷ୍ଠିତ ସମାଜକୁ ମୁକ୍ତ କ୍ଷମା ନ କରି ପୁରାତନ ସାମନ୍ତୀୟ ପ୍ରଥାର ମିଥ୍ୟାମାନ ଅନୁଷ୍ଠାନଗୁଡ଼ିକୁ ବ୍ୟଙ୍ଗ ଉପହାସରେ ଉଡ଼ାଇଦେଲା ଓ ଗଣତନ୍ତ୍ରର ସ୍ଖଳନକୁ ସମାଲୋଚନା କଲା ।

ଏହି କାଳର ସାମାଜିକ ଜୀବନ ପ୍ରତି ଆଖି ପକାଇଲେ ଆମେ ଏକ ବିରାଟ ବୈପ୍ଳବିକ ପରିସ୍ଥିତିର ସମ୍ମୁଖୀନ ହେଉ । ଏହି ଯୁଗରୁ ଯନ୍ତ୍ରସଭ୍ୟତା ଆରମ୍ଭ ହେଲା । ଜୀବନଧାରଣ ଲାଗି କୃଷି ଉପରେ ନିର୍ଭର କରି ଯେଉଁ ଜନତା ବିକ୍ଷିପ୍ତ ହୋଇ କ୍ଷୁଦ୍ର ଗ୍ରାମମାନଙ୍କରେ ବାସ କରୁଥିଲେ ସେମାନେ ବର୍ତ୍ତମାନ ବଡ଼ ବଡ଼ ଶିଳ୍ପକେନ୍ଦ୍ରକୁ ଗଲେ ମଜୁରିଆ ହୋଇ । ଦେଶର କୃଷିଜୀବୀମାନଙ୍କ କୁଡ଼ିଆ ଦୁଆର ବନ୍ଦ ହେଲା; ତାଳଗଛ ପ୍ରମାଣ ଚିମ୍‌ନିରୁ ଧୂଆଁର ଅବିରାମ ସ୍ରୋତ ଛୁଟିଲା କାରଖାନା-ଘରୁ । ଏଥିପୂର୍ବେ ଜାତୀୟ ସଂସ୍କୃତି ଉପରେ ପଲ୍ଲୀ ଯେଉଁ ପ୍ରଭାବ ବିସ୍ତାର କରିଥିଲା, ତାହା ଏ କାଳକୁ ଆଉ ନାହିଁ । ସହରର ଗୃହ ଓ ଘାଟ ଆଜି ଏ ଯୁଗର ସାଂସ୍କୃତିକ କେନ୍ଦ୍ର; କବି, ନେତା, ବ୍ୟବସାୟୀ, ଦାର୍ଶନିକ — ସମସ୍ତଙ୍କର ମେଳ ଜମେ ସେଇଠି । ସହରର ଆବହାୱାରେ ପରିପୁଷ୍ଟ ଏ ଯୁଗର ସଂସ୍କୃତିରେ କଳ୍ପନା-

Digitized by srujanika@gmail.com

ଜିଜ୍ଞାସିତା ଦେଲେ, ଘରେ ଗଭୀର ସ୍ଥାନର ଏକାନ୍ତ ଅଭାବ, ଶୁଷ୍କ ହୃଦୟ ନିର୍ମଳିତ ବିର୍ଯ୍ୟେଭ ନଗର ଷଡ଼, ପରିସର ମଧ୍ୟରେ ସଙ୍କୁଚିତ ହୋଇପଡ଼ିଛି ଏବଂ ଗ୍ରାମ୍ୟ ଚଳଣି ପ୍ରଭୃତି ଜୀବନର ଅଗଭୀର ଅଭିବ୍ୟକ୍ତିରେ କବି ଓ ଭାବୁକର ଦୃଷ୍ଟି ନିବଦ୍ଧ ହୋଇଯାଉଛି ।

ନାଗରିକ ଜୀବନର ଉପରେ ଚିତ୍ର ଏ ଯୁଗର ଇଂରେଜ ସାହିତ୍ୟରେ ଗଦ୍ୟ ସାହିତ୍ୟର ଉତ୍ପତ୍ତି ଓ ବିକାଶର କାରଣ ନିର୍ଦ୍ଦେଶ କରେ । ଏହି ଯୁଗ ଉତ୍କୃଷ୍ଟ କବିତା ଲାଗି ଉପଯୋଗୀ ନୁହେଁ; ଜନମତକୁ ସଂଗଠିତ କରିବା ଲାଗି, ସହରର ଦ୍ୟୁତି ଜନତାକୁ ଏକାନ୍ତ ଦୈନିକ ଆନନ୍ଦ, ସମ୍ବାଦ, ରାଜନୈତିକ ବିଜ୍ଞପ୍ତି ଓ ସାମାଜିକ ଆଦର୍ଶ ଯୋଗାଇବା ଲାଗି ଲୋଡ଼ା ଗଦ୍ୟ, ଲୋଡ଼ା ସମ୍ବାଦପତ୍ର, ରଚନା, ଉପନ୍ୟାସ । ଅଷ୍ଟାଦଶ ଶତାବ୍ଦୀ ପ୍ରଧାନତଃ ଗଦ୍ୟ ସାହିତ୍ୟର ଯୁଗ, ଏ କାଳର ପଦ୍ୟ ବି ଗଦ୍ୟଠାରୁ ଆପଣାର ବୈଶିଷ୍ଟ୍ୟ ରକ୍ଷା କରିପାରି ନାହିଁ ।

ଜନମତ ଦ୍ୱାରା ଏ ସମୟରେ ବିଭିନ୍ନ ଦଳ ଓ ବ୍ୟକ୍ତି ବିଶେଷଙ୍କର ଶକ୍ତି ବୃଦ୍ଧି ବା ହ୍ରାସ ଲଭୁଥିବାରୁ ଧନିକ ସାମନ୍ତମାନେ ପ୍ରତିପକ୍ଷ ଦଳ ବା ପ୍ରତିଦ୍ୱନ୍ଦ୍ୱୀ ବିରୁଦ୍ଧରେ ଜନମତକୁ ସଂଗଠିତ କରିବାକୁ ସଚେଷ୍ଟ ହେଉଥିଲେ । କୁତ୍ସା ଓ ଅପକୀର୍ତ୍ତିମୂଳକ ଭାଷାରେ ଏକ ରାଜନୈତିକ ଦଳ ଅପର ରାଜନୈତିକ ଦଳକୁ ଆକ୍ରମଣ କରୁଥିଲା, ବ୍ୟଙ୍ଗ ଓ ଉପହାସ କରି ଜନସାଧାରଣଙ୍କ ଚକ୍ଷୁରେ ତାହାର ମର୍ଯ୍ୟାଦା କ୍ଷୁଣ୍ଣ କରିବାକୁ ଚେଷ୍ଟା କରୁଥିଲା । ସାମନ୍ତମାନେ ସେମାନଙ୍କର ଏହି ଅଭୀଷ୍ଟ ସାଧନା ଲାଗି ସାହିତ୍ୟିକମାନଙ୍କର ସାହାଯ୍ୟ ଲୋଡ଼ୁଥିଲେ ଓ ଶତାବ୍ଦୀର ପ୍ରଥମ ଭାଗରେ ସାହିତ୍ୟିକର ପ୍ରତିଭା ବିଶିଷ୍ଟ ରାଜନୈତିକ ନେତା ବା ଦଳର ପୃଷ୍ଠପୋଷକତାରେ ବିକାଶ ଲାଭ କରିବାର ସୁଯୋଗ ପାଇଲା । ଶତାବ୍ଦୀର ଶେଷଭାଗରେ ଦେଖାଯାଏ ଯେ ଜନସାଧାରଣ ସାହିତ୍ୟର ପୃଷ୍ଠପୋଷକତା ନିଜ ଉପରେ ନେଇଛନ୍ତି । ମାସିକପତ୍ର ଓ ବାହ୍ୟିକ ଉପରେ ନିର୍ଭର କରି ସାହିତ୍ୟିକ ଆପଣାର ସ୍ୱାଧୀନମତ ବ୍ୟକ୍ତ କରି-ପାରୁଛି ।

କହିବା ଅନାବଶ୍ୟକ, ଅଷ୍ଟାଦଶ ଶତାବ୍ଦୀର ପଦ୍ୟ ଗଦ୍ୟର ନାମାନ୍ତର, ଏହା ମାନବର ମୌଳିକ ଅନୁଭୂତି ଓ ଗଭୀର ଭାବନାଚୟକୁ ସ୍ପର୍ଶ କରେନାହିଁ, କେବଳ ମାତ୍ର ଜୀବନର ବହିରାଡ଼ମ୍ବର ଯେମିତି ଏହା ସଂଗଠିତ ।

ଜନ୍ ଡ୍ରାଇଡେନ୍ ( ଖ୍ରୀ ୧୬୩୧ - ୧୭୦୦ ) ଏ ଯୁଗର ପ୍ରଧାନ କବି । ଦଳଗତ ରାଜନୀତି ଏ ଯୁଗର ଧର୍ମ, ଦଳଗତ ରାଜନୀତି ସହିତ ସଂପୃକ୍ତ ରହିବାଦ୍ୱାରାହିଁ କେବଳ ଏ ସମୟରେ କବି ତାର ପ୍ରତିଷ୍ଠା କରି ପାରୁଥିଲା । ଡ୍ରାଇଡେନ୍‌ଙ୍କର ପ୍ରତିଭାର ବିକାଶ ସେହି ଦିଗରେ । ପ୍ରଥମେ ଡ୍ରାଇଡେନ୍ ନାଟକରେ ହାତଦେଲେ ପ୍ରାୟ କୋଡ଼ିଏ ଖଣ୍ଡ ନାଟକ ସେ ପ୍ରଣୟନ କରିଛନ୍ତି କିନ୍ତୁ ନାଟ୍ୟକାର ହିସାବରେ ତାଙ୍କର ପ୍ରତିଷ୍ଠା ହୋଇ ପାରି-ନାହିଁ । ୧୬୭୦ ରେ ଯେତେବେଳେ ରାଜ ଅନୁଗ୍ରହ ଲାଭକରି ଡ୍ରାଇଡେନ୍ ଇଂଲଣ୍ଡର ରାଜକବି ହେଲେ, ପ୍ରତିଦ୍ୱନ୍ଦ୍ୱୀ ଦଳମାନେ ତାଙ୍କପ୍ରତି ଈର୍ଷାନ୍ୱିତ ହେଲେ ଏବଂ ଡ୍ରାଇଡେନ୍‌ଙ୍କୁ ବ୍ୟଙ୍ଗ କରି ଦି ରିହର୍ସାଲ ( The Rehearsal ) ନାମକ ବ୍ୟଙ୍ଗ କବିତା ପ୍ରକାଶ କଲେ । ଡ୍ରାଇଡେନ୍ ତାର ପ୍ରତିଶୋଧ ନେଲେ ଏବସାଲୋମ୍ ଏଣ୍ଡ୍ ଏକିଟୋଫେଲ (Absalom & Achitophe) କାବ୍ୟରେ; ଏହି କାବ୍ୟରେ ରାଜା ଓ ମନ୍‌ମାଉଥ୍, ସେଫ୍‌ଟସବରୀ ଓ ବକିଂହାମ ପ୍ରଭୃତି ସାମନ୍ତମାନଙ୍କର କାର୍ଯ୍ୟକଳାପର ସମାଲୋଚନା କରାଯାଇଛି । ମେଡେଲ ( Medal ) ଓ ମେକ୍‌ଫ୍ଲେକ୍‌ନୋ ( Macflecknoe ) ନାମକ ବ୍ୟଙ୍ଗ କବିତାରେ ଡ୍ରାଇଡେନ୍ ପୂର୍ବବତ୍ ରାଜନୈତିକ ନେତା, ଦଳ ଓ ସାହିତ୍ୟିକମାନଙ୍କୁ ବିଦ୍ରୂପ କରିଛନ୍ତି । କ୍ଷଣସ୍ଥାୟୀ ସମସ୍ୟା ଉପରେ କବି ତାଙ୍କର ସାମର୍ଥ୍ୟ ନିୟୋଜିତ କରିଥିଲେ ବି ତାଙ୍କର କବିତାରୁ କବିଙ୍କର ଅସାମାନ୍ୟ ପ୍ରତିଭାର ଯଥେଷ୍ଟ ପରିଚୟ ମିଳେ ।

ଆଲେକଜାଣ୍ଡର ପୋପ୍ ଏ ଯୁଗର ଜଣେ ପ୍ରତିଷ୍ଠା-ପନ୍ନ କବି । ପୋପ୍‌ଙ୍କର ପିତା ଧନଶାଳୀ ନ ଥିଲେ । ପୋପ୍‌ଙ୍କର ଶିକ୍ଷା ବିଦ୍ୟାଳୟରେ ହୋଇପାରିଲାନାହିଁ;

Digitized by srujanika@gmail.com

କିନ୍ତୁ ପୋପ୍‌ଙ୍କର ପୁସ୍ତକ ଅଧ୍ୟୟନ ଲାଗି କପରି ଗୋଷ୍ଠୀ ଟଙ୍କ ଥାଏ । ଯାହିଁ ଯେଉଁଠି ବନ୍ଧ ପାଇଲେ ସବୁ ଗୋଟେଇ ପଢ଼ନ୍ତି । ଅବାଲ୍ୟରୁ ପୋପ୍‌ଙ୍କର ଶରୀର ଅତଶୟ କ୍ଷୀଣକାୟ ଥିଲା, ରୋଗ ଥିଲା ତାଙ୍କ ଜୀବନର ଚିର ସହଚର । ପିଲାଦିନରୁହିଁ ପୋପ୍‌ଙ୍କର ପଦ୍ୟ ରଚନା କରିବା ପ୍ରବୃତ୍ତି ପ୍ରକାଶ ପାଇଥିଲା, -ପ୍ରବାଦ ଅଛି କବିତା ରଚନା କରି ବୃଥା ସମୟ ନଷ୍ଟ କରୁଥିବା ଅଭିଯୋଗରେ ପୋପ୍‌ଙ୍କର ପିତା ତାଙ୍କୁ ଶାସ୍ତି ଦେଉଥିବାବେଳେ ପିତାଙ୍କୁ ପ୍ରହାର ଦେବାରୁ ବାରଣ କରିବାକୁ ଯାଇ ପୋପ୍‌ଙ୍କର ମୁହଁରୁ ପଦ୍ୟ ଆକାରରେ ବାହାରି ପଡ଼ିଥିଲା ପଦେ ।

ପୋପଙ୍କ କାବ୍ୟ ମଧ୍ୟରୁ ଚାରିଗୋଟିର ନାମ ଉଲ୍ଲେଖଯୋଗ୍ୟ :— ବେଣୀହରଣ , ଡନ୍‌ସିଆଡ୍ , ମନୁଷ୍ୟ ସମ୍ବନ୍ଧେ ରଚନା ( Essays on Man ), ସମାଲୋଚନା ପ୍ରବନ୍ଧ ( Essays on Critisism ) । ପ୍ରଥମୋକ୍ତ କାବ୍ୟର କଥାବସ୍ତୁ ରାଜଦରବାରର ଏକ ରମଣୀଙ୍କର ବେଣୀକୁ ଜଣେ ଯୁବକ ସାମନ୍ତ ଚତୁରତାରେ କାଟିଦେଲେ, ଫଳରେ ତୁମୁଳ ଗୋଳମାଳର ସୃଷ୍ଟି ହେଲା । ଏହି କାବ୍ୟରେ ରାଜଦରବାର ତଥା ସମସାମୟିକ ଜାତୀୟ ଜୀବନରେ ଯେଉଁ ଚପଳତା ପରିଲକ୍ଷିତ ହେଉଥିଲା, ତାହା ରୂପ ପାଇଛି । ଡନ୍‌ସିଅଡ୍ ରାଜନୈତିକ ଓ ସାମାଜିକ ଜୀବନରେ ଯେଉଁ କୁତ୍ସିତ ବାଦାନୁବାଦ ଲାଗିରହିଥିଲା ତାହାର ଏକ ଜୀବନ୍ତ ଛବି ଆଙ୍କିଛି । 'ମନୁଷ୍ୟ ସମ୍ବନ୍ଧେ ରଚନା' କାବ୍ୟରେ କବି ଯୁଗର ଦାର୍ଶନିକ ରୂପରେ ମନୁଷ୍ୟର ଧର୍ମ ଓ କର୍ତ୍ତବ୍ୟ ସମ୍ବନ୍ଧରେ ନୀତିବଚନ ରଚନା କରିଛନ୍ତି । କବିଙ୍କର ତଥାକଥିତ ଦାର୍ଶନିକ ଭାବ ପ୍ରକୃତରେ ସାମାଜିକ କାର୍ଯ୍ୟଦାଳନା ଓ ବୈଷୟିକ ବନ୍ଧନରେ ସୀମାବଦ୍ଧ ।

ପୋପଙ୍କ କବିତା ଉଚ୍ଛ୍ୱସିତ ମାନବାତ୍ମାର ବାଣୀ ନୁହେଁ, ଯୁକ୍ତି ଓ ତର୍କ ଉପରେ ତାର ପ୍ରତିଷ୍ଠା । ସହରଜୀବନ ଏ ଯୁଗରେ ସକଳ କର୍ମର କେନ୍ଦ୍ର ଥିବାରୁ ସେହି ଜୀବନର ଛବି ଏ ଯୁଗରେ କବି ଆଙ୍କିବାରେ ବ୍ୟସ୍ତ । ସହରର ଜୀବନରେ ବ୍ୟକ୍ତିଗତ ସୁଖ ଦୁଃଖ ଜନତାର ଗହଳରେ କାହିଁ ଲୁଚି ଯାଇଥିଲା, କେବଳମାତ୍ର ବେଶଭୂଷା, ଢଙ୍ଗଢାଙ୍ଗର ପାର୍ଥକ୍ୟରେ ବ୍ୟକ୍ତିତ୍ୱ ଜାଗି ରହିଥିଲା ଯାହା ଅପରର ବ୍ୟବହାର ପାର୍ଥକ୍ୟରେ ଯେଉଁ ସାମାନ୍ୟ ଅସୌଜନ୍ୟକତା ପରିଲକ୍ଷିତ ହେଉଥିଲା, ତାହା ଏକ ବ୍ୟକ୍ତିଠାରୁ ଅପରକୁ ଶିଖାଇ ଦେଉଥିଲା । କବି ତାଙ୍କର କବିତାରେ ଏହି ଅସୌଜନ୍ୟକତାକୁ ବ୍ୟଙ୍ଗ କରିଛନ୍ତି, ଉପହାସ କରିଛନ୍ତି । ପୋପ୍ ତଥା ଏ ଯୁଗର ଅନ୍ୟାନ୍ୟ କବିଙ୍କର କବିତାରେ ଉଚ୍ଛ୍ୱାସର ଏକାନ୍ତ ଅଭାବ ପରିଲକ୍ଷିତ ହେଲେବି ତାଙ୍କର ପଦ୍ୟ ସାର୍ଥକତା ଲାଭ କରିଛି ବ୍ୟଙ୍ଗ ସାହିତ୍ୟ ସୃଷ୍ଟି କରି ।

ଶତାବ୍ଦୀର ଶେଷାର୍ଦ୍ଧରେ ସାମାଜିକ ମନୋବୃତ୍ତିରେ ଏକ ପରିବର୍ତ୍ତନ ଦେଖାଯାଏ । ଲୋକେ ଆଉ ନଗରର ଚାକଚକ୍ୟ ଓ ଅଗଭୀର ଜୀବନ ବିଷୟକ ଚିନ୍ତାରେ ମଗ୍ନ ନ ରହି ଅଧିକ ଦାର୍ଶନିକ ଭାବରେ ସାମାଜିକ ଘଟନା ଓ ଜୀବନର ସମାଲୋଚନା କରୁଛନ୍ତି । ସହରର ସଭ୍ୟତାରେ ଲୋକେ ଆଉ ଆଶାନ୍ୱିତ ନୁହନ୍ତି, କଳ-ସଭ୍ୟତା ବଢ଼ୁଥିବାରେ ଲୋକଙ୍କ ମନରେ ପ୍ରତିକ୍ରିୟା ଦେଖାଦେଲାଣି ତେଣୁ ଜନ୍‌ସନ୍, କାଉପର, କଲିନ୍‌ସ, ଗୋଲ୍ଡସ୍ମିଥ୍ ପ୍ରଭୃତିଙ୍କ କବିତାରେ ଆଉ ସେ ଶୃଙ୍ଖଳା ଦେଖିବାକୁ ମିଳେ ନାହିଁ; ସେମାନଙ୍କର ସ୍ୱର ଗଭୀର, ଭାଷା ରୁଚିଯୁକ୍ତ-ମୂର୍ତ୍ତି । ଏମାନଙ୍କର କବିତା ଉଚ୍ଛ୍ୱାସମୟୀ ହୋଇ ନଥିଲେ ବି ଏହି କବିମାନେ ଗ୍ରାମ ଓ ପ୍ରକୃତି ପ୍ରତି ଦୃଷ୍ଟି ଫେରାଇଛନ୍ତି, ସରଳ ଜୀବନର ମର୍ଯ୍ୟାଦା ବୁଝିଛନ୍ତି । ଟୋମସ୍ ଗ୍ରେ ନାମକ ଏହି କାଳର ଜଣେ କବି ' ପଲ୍ଲୀ ଶ୍ମଶାନରେ ବିଳାପ ' ( Elegy ) ନାମକ ଏକ କବିତା ରଚନା କରି ସାହିତ୍ୟରେ ଅମରତ୍ୱ ଲାଭ କରିଛନ୍ତି । କବିତା ସୁଦୀର୍ଘ ନ ହୋଇଥିଲେ ମଧ୍ୟ କବି ପଲ୍ଲୀଜୀବନର କେତୋଟି ଦୃଶ୍ୟକୁ ସରଳ ଭାଷାରେ ଜୀବନ୍ୟାସ ଦେଇ ତହିଁରେ ମନୁଷ୍ୟର ଅନନ୍ତ ବ୍ୟକ୍ତିତ୍ୱ ପ୍ରତିପାଦିତ କରିଅଛନ୍ତି, ଜୀବନରେ ଉତ୍କୃଷ୍ଟ ସୁଯୋଗ ପାଇଥିଲେ ଅନାମଧେୟ ଗ୍ରାମବାସୀମାନେ ମଧ୍ୟ ମିଲ୍‌ଟନ୍ ଓ କ୍ରମ୍‌ୱେଲ୍ ହୋଇ ପାରିଥାନ୍ତେ ବୋଲି ଦୃଢ଼ମତ ବ୍ୟକ୍ତ କରିଛନ୍ତି । ଏହି କବିତାଟି ଅତି ହୃଦୟସ୍ପର୍ଶୀ, କରୁଣରସାପ୍ଲୁତ ଓ ଇଂରେଜ ଜନସାଧାରଣଙ୍କ ଅତି ପ୍ରିୟ ।

Digitized by srujanika@gmail.com

ଉଜୁଡ଼ାପଲ୍ଲୀ ( The Deserted Village ) ନାମକ ଏକ କବିତାରେ କବି ଗୋଲ୍ଡସ୍ମିଥ୍ କଳସଭ୍ୟତା ଓ ଶିଳ୍ପ ବିପ୍ଳବକୁ ତୀବ୍ର ସମାଲୋଚନା କରି ଫେରି ମାଗୁଛନ୍ତି ତାଙ୍କର ବାଲ୍ୟକାଳରେ 'ଅବର୍ଣ୍ଣ୍,' ପଲ୍ଲୀରେ ଯାହା ଥିଲା । ସେଠି ପାଠୁଆ ବୋଲି ଗାଁ ଅବଧାନ, ଧର୍ମଗୁରୁ ବୋଲି ଗିର୍ଜାର ଯାଜକମାନେ, କିନ୍ତୁ ସମସ୍ତେ ମୁଠାଏ ଖାଇବାକୁ ପାଉଥିଲେ, ହସ ଖୁସିରେ କାଳ କାଟୁଥିଲେ । ଶିଳ୍ପ ବିପ୍ଳବ ହେଲା, ବିରାଟ କାରଖାନାମାନ ବସିଲା, କେତେ ଅଟ୍ଟେ ଦେଶର ମହାଧନୀ ଲୋକଙ୍କରେ ପୁଞ୍ଜିପତି ହୋଇ ଭବ୍ୟ ପ୍ରାସାଦ ନିର୍ମାଣ କଲେ, କିନ୍ତୁ ଅନ୍ୟ ପକ୍ଷରେ ଗାଁର ଲୋକେ ସହରକୁ ଆସିଲେ, ନରକ ସମାନ ବସ୍ତିରେ ଦାରିଦ୍ର୍ୟ ରୋଗ ମଧ୍ୟ ହୋଇ କାଳ କାଟିଲେ । ଏହା କଣ ଜାତୀୟ ଉନ୍ନତି ? ଗ୍ରାମ୍ୟ ଜୀବନର ସୁଖଶାନ୍ତି ଏଠି କାହିଁ ? ଜାତିର ବଳଶାଳୀ ଜନତା ଆଜ କାହିଁ ? ଜନସାଧାରଣଙ୍କୁ ହୀନବଳ ଓ ମୁମୂର୍ଷୁ କରି ଏ ବାଣିଜ୍ୟ-ଲବ୍ଧ ମୁନାଫା କେଉଁଥିକି ଯାଏ ? ଏହି ପ୍ରଶ୍ନ ନେଇ କବି ବିବ୍ରତ ହୋଇ ପଡ଼ିଛନ୍ତି, ସାମାଜିକ ଜୀବନର ଗତିପଥ ଲକ୍ଷ୍ୟ କରି ମର୍ମାହତ ହୋଇ ଜାତିକୁ ସାବଧାନ କରାଇ ଦେଇଛନ୍ତି । ଏହି କବିତାରେ କବି ପଲ୍ଲୀର ସାମାଜିକ ଜୀବନର ଯେଉଁ ଛବି ଅଙ୍କିଛନ୍ତି ତାହା ଅତି ବାସ୍ତବ ଓ ମୁଗ୍ଧକର । ବିଷୟଟି ଅର୍ଥନୈତିକ ହେଲେ ମଧ୍ୟ ଭାଷା ଉଚ୍ଛ୍ୱାସମୟୀ ନ ହେଲେବି ଓ ଛନ୍ଦ ସାବଲୀଳ ହୋଇ ନ ଥିଲେ ମଧ୍ୟ କବିଙ୍କର ପ୍ରକାଶଭଙ୍ଗୀ, ଚରିତ୍ର ଚିତ୍ରଣ, ସାମାଜିକ ଜୀବନର ଯଥାଯଥ ବର୍ଣ୍ଣନା ଓ ଅଭିବ୍ୟକ୍ତି ହେତୁ କବିତାଟି ଅତି ଉପାଦେୟ ହୋଇ ଉଠିଛି ।

ଏହି ଯୁଗର ରଙ୍ଗମଞ୍ଚ ଅଧିକ ଉନ୍ନତିଲାଭ କରିଥିଲେବି ଏ କାଳର ନାଟକମାନ ଅତି ନିମ୍ନସ୍ତରର । ରଙ୍ଗମଞ୍ଚରେ ଦୃଶ୍ୟ ସମାବେଶର ବ୍ୟବସ୍ଥା ଏ ସମୟକୁ ପ୍ରଚଳିତ ହେଲାଣି ଓ ନାଟକ ଲେଖା ମଧ୍ୟ ବେଶ୍ ଅର୍ଥପ୍ରସୂ ହେଲାଣି । ନାରୀ ଚରିତ୍ରମାନଙ୍କରେ ବାଳକମାନଙ୍କର ସ୍ଥାନ ଅଭିନେତ୍ରୀମାନେ ପୂରଣ କଲେଣି । କିନ୍ତୁ ସମସାମୟିକ ଜୀବନ ଉଚ୍ଚାଙ୍ଗ ନାଟକ ବିକାଶ ପଥରେ ଅନ୍ତରାୟ ଥିଲା । ଯେଉଁବେଳେ ପ୍ୟୁରିଟାନ୍‌ମାନେ ରାଜନୀତିରେ ବଳଶାଳୀ ଥିଲେ, ନାଟ୍ୟକଳାକୁ ସେମାନେ ଆଦୌ ଆଦର କରୁ ନ ଥିଲେ । ଫଳତଃ କ୍ରମୱେଲଙ୍କ ଶାସନ କାଳରେ ଅଳ୍ପ କେତେଖଣ୍ଡ ନୀରସ ଉପଦେଶାତ୍ମକ ନାଟକ ବ୍ୟତୀତରେକେ ଅନ୍ୟ କୌଣସି ନାଟକ ପ୍ରକାଶ ପାଇ ନଥିଲା । ରାଜାଙ୍କର ପୁନଃପ୍ରବେଶ ପରେ ଇଂରେଜୀ ସାହିତ୍ୟରେ ବହୁତ ନାଟକ ପ୍ରଣୀତ ହେଲା ସତ, କିନ୍ତୁ ନିରଭିଳାଷୀ ନିଷ୍କ୍ରିୟ ରାଜାଙ୍କର କାଳକ୍ଷେପ କରିବାଲାଗି ଉପାଦାନ ଯୋଗାଇଦେବା ଥିଲା ଏ ଗୁଡ଼ିକର ଉଦ୍ଦେଶ୍ୟ । ଏ ନାଟକମାନଙ୍କରେ ବିଷୟର ଗୁରୁତ୍ୱ ନାହିଁ, ଗଭୀର ଭାବରାଶିର ଅଭିବ୍ୟକ୍ତି ନାହିଁ, ଅଛି ମଜା ଓ ତାମସା, ହାସ୍ୟଲାଗି ପ୍ରଚୁର ସାମଗ୍ରୀ ଆଦି ରସାତ୍ମକ ଅଶ୍ଳୀଳତା, ଆଉ ବ୍ୟବହାରଗତ ରଙ୍ଗରସ । ଏହି ନାଟକମାନ ଗଦ୍ୟରେ ଲେଖାଯାଉଥିଲା ଓ ଚତୁର ଉକ୍ତି ଥିଲା ଭାଷା ଚମତ୍କାରିତାର ମାପକାଠି । ଫରାସୀ ମିଳନାନ୍ତ ( comedy ) ନାଟକର, ବିଶେଷତଃ ମୋଲିଏର୍, ରସିନ୍ ପ୍ରଭୃତି ନାଟ୍ୟକାରଙ୍କ ରୀତିର ଛାୟା ଏ ସମୟର ନାଟକରେ ଅତି ପ୍ରାଞ୍ଜଳ । ଏହି ନାଟ୍ୟକାରମାନଙ୍କ ମଧ୍ୟରେ ଡ୍ରାଇଡେନ୍ ସ୍ରାଡବେଲ ଏଥେରେଜ୍, ଉଇଚର୍ଲେ, କନ୍‌ଗ୍ରିଭ, ଭାନ୍‌ବ୍ରେଙ୍କ ନାମ ଉଲ୍ଲେଖ ଯୋଗ୍ୟ ।

ଏହି ସାମାଜିକ ଢଙ୍ଗଢାଙ୍ଗ ବିଷୟକ ମିଳନାନ୍ତ ନାଟକ ( comedy of manners ) ଶତାବ୍ଦୀର ଶେଷ ଭାଗକୁ ଅଧିକ ମାର୍ଜିତ ଓ ରୁଚିସମ୍ପନ୍ନ ହୋଇଯାଇଥିଲା । ଗୋଲ୍ଡସ୍ମିଥ୍‌ଙ୍କର She stoops to conquer ନାଟକ ସାମାଜିକ ବ୍ୟବହାର ନେଇ ସଙ୍ଗଠିତ ହୋଇଥିଲେ ମଧ୍ୟ ତହିଁରେ ଚରିତ୍ର ଚିତ୍ରଣ ପ୍ରାଞ୍ଜଳ ଓ ସବଳ, ଦୃଶ୍ୟ ସମାବେଶ ସୌଷ୍ଠବ ମଣ୍ଡିତ, ହାସ୍ୟରସ ପରିମାର୍ଜିତ ଓ ରୁଚିକର ।

ଅଷ୍ଟାଦଶ ଶତାବ୍ଦୀର ସାମାଜିକ ଜୀବନ ଗଦ୍ୟ ସାହିତ୍ୟର ବିକାଶ ଓ ପ୍ରସାରଲାଗି ଥିଲା ଏକାନ୍ତ ଉପଯୋଗୀ । ଏଥିପୂର୍ବେ କବିତା ପିପାସୁ ପାଠକମାନେ

Digitized by srujanika@gmail.com

ଗଦ୍ୟକୁ ବିଶେଷ ଆଦର କରି ଶିଖି ନ ଥିଲେ; ଲେଖକମାନେ ବି ସମସାମୟିକ ଉଚ୍ଛ୍ୱାସମୟ ଜୀବନକୁ ପ୍ରକାଶ କରିବା ଲାଗି ପଦ୍ୟର ଆଶ୍ରୟ ନେଉଥିଲେ । ଏହି ଯୁଗରେ ଜୀବନ ଗଦ୍ୟମୟ ହୋଇଥିଲା; ଲୋକଙ୍କ ମନରେ ଅଦ୍ଭୁତର ସଂଭାବନା ଲାଗି ସ୍ଥାନ ନାହିଁ, ଆଶ୍ଚର୍ଯ୍ୟ ହେବାର କିଛି ନାହିଁ । ଲୋକେ ପ୍ରତ୍ୟେକ ସମସ୍ୟାର ସମାଧାନ ଲାଗି ଯୁକ୍ତିତର୍କର ଆଶ୍ରୟ ନେଲେ; ସମାଲୋଚନା ମନୋବୃତ୍ତି ସମସ୍ତଙ୍କର, ରାଜନୀତିରେ ସମସ୍ତେ ଭାଗଦାର । ଯୁଗର ସମ୍ମୁଖୀନ ସମସ୍ୟାମାନ ମେଣ୍ଟାଇବା ଲାଗି ଗଦ୍ୟ ଆବଶ୍ୟକ । ଲେଖକମାନେ ଦେଖିଲେ ଆଳଙ୍କାରିକ ଭାଷା ଛାଡି ସମସ୍ତଙ୍କର ବୋଧଗମ୍ୟ, ସରଳ ଭାଷାରେ ସେମାନଙ୍କର ଚିନ୍ତାଧାରା ପ୍ରକାଶ କରିବାଦ୍ୱାରା ହିଁ ସେମାନେ ଅଧିକ ଜନପ୍ରିୟ ହୋଇ ପାରିବେ । ରାଜନୀତି ଓ ସମାଜରେ ଗଣତନ୍ତ୍ରର ପ୍ରତିଷ୍ଠା ହେତୁ ସମ୍ବାଦପତ୍ରର ଆବଶ୍ୟକତା ଅନୁଭୂତ ହେଲା । ଫଳରେ ଟାଟ୍ଲର, ସ୍ପେକ୍ଟେଟର, ରବଲର୍ ‘ବି’ ପ୍ରଭୃତି ସାମୟିକ ପତ୍ର ପ୍ରକାଶ ଲାଭ କଲା ଏବଂ ଅଳ୍ପ ସମୟ ମଧ୍ୟରେ ବିଶେଷ ଜନପ୍ରିୟ ହୋଇ ପାରିଲା । ଏହିସବୁ ସାମୟିକ ପତ୍ରମାନଙ୍କରେ ନାନା ରଚନା ( Essay ) ପ୍ରକାଶ ପାଇଲା । ଗୁଡ଼ିଏ କଫି ଖଣ୍ଡିରେ ଗରମ ପଷ୍ଟରେ ଏହିସବୁ ରଚନାର ମୂଲ୍ୟ ଓ ସାର୍ଥକତା ବହୁତ । ରଚନାରେ ଉତ୍ଥାପିତ ନାନା କଥା ଓ ପ୍ରସଙ୍ଗର ଆଲୋଚନା ସହିତ ତାହାର ଶୈଳୀ ଓ ପ୍ରକାଶଭଙ୍ଗୀଦ୍ୱାରା ଚିତ୍ତ-ବିନୋଦନ, ଉଭୟେ ମିଳିତ ହେବା ଦ୍ୱାରା ବହୁ ଆଳାପର ଧୂମରେ ପାଠକ ମଜ୍ଜି ଯାଉଥିଲା । ସପ୍ତଦଶ ଶତାବ୍ଦୀରେ ବେକନ ଅଳ୍ପ କେତୋଟି ରଚନା ପ୍ରକାଶ କରି ଇଂରେଜ ସାହିତ୍ୟରେ ରଚନାର ସଂଭାବନା ଲାଗି ଯେଉଁ ଆଭାସ ଦେଇଥିଲେ ସେହି ରଚନା ଏହି ଯୁଗରେ ଏଡିସନ୍, ଷ୍ଟିଲ, ଜନ୍‌ସନ୍, ଗୋଲ୍ଡସ୍ମିଥ୍ ପ୍ରଭୃତି ଲେଖକଙ୍କ ହାତରେ ପରିପକ୍ୱତା ଲାଭ କଲା । ଏଡିସନ୍ ଆଦି ରଚନା ଲେଖକ ସମସାମୟିକ ଜୀବନର ଦୋଷ ଗୁଣ ଦର୍ଶାଇ ସମାଜ ସଂସ୍କାର ଲାଗି ନାନା ଉପଦେଶ ଏହି ରଚନାମାନଙ୍କରେ ଦେଇଛନ୍ତି । କିନ୍ତୁ ଏହି ଉପଦେଶଗୁଡ଼ିକ ହାସ୍ୟରସ ଓ ଅନ୍ୟାନ୍ୟ କଥା ଛଳରେ ଏପରି ରସାପ୍ଲୁତ ହୋଇଯାଇଛି ଯେ ନୀତି ଶିକ୍ଷାର ତିକ୍ତତା ସେଥିରେ ଆଦୌ ନାହିଁ ।

ଇଂଲଣ୍ଡର ଗଳ୍ପ ସାହିତ୍ୟ ଏହି ଯୁଗରେ ବିଶେଷ ଉନ୍ନତି ଲାଭ କରିଥିଲା । ଏଥିପୂର୍ବେ ଗଦ୍ୟସାହିତ୍ୟର ବହୁଳ ପ୍ରସାର ନ ଥିବାରୁ ଗଳ୍ପ ଓ ଆଖ୍ୟାୟିକାମାନ କବିତାରେ ଲିପିବଦ୍ଧ ହେଉଥିଲା । ଏହା ଗଳ୍ପସାହିତ୍ୟର ବିକାଶ ପଥରେ ବିଶେଷ ଅନ୍ତରାୟ ହୋଇଥିଲା । ଏହି ସମୟରେ ଗଦ୍ୟ ସାହିତ୍ୟର ପ୍ରସାର ହେବା ସଙ୍ଗେସଙ୍ଗେ ଗଳ୍ପସାହିତ୍ୟ ଗଦ୍ୟର ଆଶ୍ରୟ ଗ୍ରହଣ କଲା । ଗଦ୍ୟର ପରିସର ବୃହତ୍ତର, ବିଷୟବସ୍ତୁକୁ ପ୍ରକାଶ କରିବାକୁ ତାହାର କ୍ଷେତ୍ର ମୁକ୍ତତର ।

ଏହି କାଳର ଜୀବନର ସମାଲୋଚନା କଲେ ଜଣାଯାଏ ଯେ ଲୋକେ କଳ୍ପନାବିଳାସିତା ଛାଡ଼ି ବାସ୍ତବ ଜୀବନରେ ଅଧିକ ଆଗ୍ରହ ପ୍ରକାଶ କରୁଥିଲେ । ସାମାଜିକ ପରିସ୍ଥିତିରେ, ବାସ୍ତବ ପରିସର ମଧ୍ୟରେ ଲୋକେ ଯେଉଁ ଅନୁଭୂତି ଲାଭ କରୁଥିଲେ, ଏ ଯୁଗର କବି, ଲେଖକ ଓ ଚିନ୍ତକର ସେହି ଅନୁଭୂତିକୁ ଚିତ୍ରିବାରେ ତତ୍ପର ହୋଇଛନ୍ତି । କାଳ୍ପନିକ, ଅସଂଭବ ରୂପ କାହାଣୀ ଏ କାଳର ବୈଷୟିକ ମନୋବୃତ୍ତିକୁ ସନ୍ତୁଷ୍ଟ କରି ନ ପାରେ । ତେଣୁ ଗଳ୍ପରଚକମାନେ ସେମାନଙ୍କର ଗଳ୍ପ ଲାଗି ବାସ୍ତବ ପରିସ୍ଥିତି ସୃଷ୍ଟି କଲେ, ସମ୍ଭବପର ଘଟଣାମାନ କଳ୍ପନା କଲେ, ଚରିତ୍ରଗୁଡ଼ିକ ହେଲେ ସତ ସତ ନରନାରୀ । ବାସ୍ତବ ଜୀବନକୁ ସ୍ପର୍ଶ କରି, ବାସ୍ତବ ଜୀବନକୁ ଚିତ୍ର କରି ଆଖ୍ୟାୟିକାର ସୃଷ୍ଟି ପ୍ରଥମେ ଏହି ଯୁଗରେ ହେଲା । ଏହି ନୂତନ ଉଦ୍ଭାବନାର ନାମ ନଭେଲ୍ ବା ଉପନ୍ୟାସ । ଉପନ୍ୟାସର ପ୍ରଥମ କଳ୍ପନା ଇଂରେଜ ସାହିତ୍ୟିକମାନେ କରିଥିବାରୁ ବିଶ୍ୱସାହିତ୍ୟ ଏହି ବିଶିଷ୍ଟ ଦାନ ଲାଗି ଇଂରେଜସାହିତ୍ୟ ନିକଟରେ ଋଣୀ ।

ରୀତିମତ ଉପନ୍ୟାସ ପ୍ରକାଶ ପାଇବା ପୂର୍ବରୁ ଇଂରେଜସାହିତ୍ୟର ଏହି ଯୁଗରେ ଦୁଇଟି ପୁସ୍ତକ ପ୍ରକାଶ ପାଇଥିଲା, ଯାହା ଉପନ୍ୟାସ ସାହିତ୍ୟର ଅଗ୍ର

Digitized by srujanika@gmail.com

ନିକଟ ଧୋଇ ଆସିଥିଲ । ଡେନିଏଲ୍ ଡିଫୋଙ୍କର ପ୍ରସିଦ୍ଧ ପୁସ୍ତକ ରବିନ୍‌ସନ୍ କ୍ରୁଶୋ ୧୭୧୯ ଖ୍ରୀଷ୍ଟାବ୍ଦରେ ପ୍ରକାଶିତ ହେଲ । ରବିନ୍‌ସନ୍ ନାମକ ଜଣେ ଯୁବକ ଘରୁ ପଳାଇ ଯାଇ ଜାହାଜରେ ଯାଉ ଯାଉ ତାହାର ଧ୍ୱଂସ ହେବାରୁ ଅଜଣା ଅଶ୍ରୁତ ଏକ ଦ୍ୱୀପରେ ଲାଗି, ବନ୍ୟ ଲୋକଙ୍କ ମଧ୍ୟରେ କିପରି ଜୀବନ ଯାପନ କରି, ଶେଷରେ ନିଜ ଦେଶକୁ ଫେରି ଆସିଲା ତାହାର ଇତିବୃତ୍ତ ଭ୍ରମଣ କାହାଣୀ ଛଳରେ ପ୍ରକାଶ କରାଯାଇଛି । ଏହି ଗଳ୍ପରେ ପ୍ରତ୍ୟେକ ବସ୍ତୁରିର ଏପରି ଠିକ୍‌ଠିକ୍ ବର୍ଣ୍ଣନା ଅଛି ଯେ ଘଟଣାଟି ସମ୍ପୂର୍ଣ୍ଣ ସତ୍ୟପ୍ରାୟ ପ୍ରତୀତ ହୁଏ । ଏହି ଗଳ୍ପ ପଢି ଇଂଲଣ୍ଡର ବହୁ ଲୋକଙ୍କର ବହୁ କାଳ ଧରି ଧାରଣା ଥିଲା ଯେ ରବିନ୍‌ସନ୍ କ୍ରୁଶୋ ନାମକ ବ୍ୟକ୍ତି ଜଣେ ଲୋକ ଥିଲା ।

ସୁଇଫ୍ଟ ( Swift ) ଙ୍କର ଗଲଭରର 'ଭ୍ରମଣ କାହାଣୀ' ଗ୍ରନ୍ଥ (ଖ୍ରୀ ୧୭୨୬) ଗଲଭରର ଜାହାଜ ବୁଡିଯିବାରୁ ସେ ପ୍ରଥମେ କ୍ଷୁଦ୍ରକାୟ ମାନବର ଏକ ଦେଶରେ ଲାଗିଲେ । ଅତି-କ୍ଷୁଦ୍ରକାୟ ଓ ଅତି ବିଶାଳକାୟ ଲୋକମାନଙ୍କ ମଧ୍ୟରେ ତାହାର ଅନୁଭୂତିମାନ ଅଦ୍ଭୁତ ପ୍ରକାରର । ଏହି ଆଖ୍ୟାୟିକାରେ ଗଳ୍ପର ଆବରଣରେ ରାଜନୈତିକ ଓ ସାମାଜିକ କେତେକ ଅନୁଷ୍ଠାନପ୍ରତି କ୍ରୂର ଆକ୍ରୋଶ କରାଯାଇଥିଲା । ଏହାର ଟୁହାଟିକୁ ଛାଡିଦେଲେ ବି ଗଳ୍ପଟି ଅତ୍ୟନ୍ତ ଚିତ୍ତାକର୍ଷକ ଓ ଆମୋଦଜନକ । ଏଥିରେ ଅବାସ୍ତବ ଓ ଅସମ୍ଭବ ଘଟଣାର ସମାବେଶ ହୋଇଥିଲେ ମଧ୍ୟ ସ୍ୱିଫ୍ଟ କିପରି ଠିକ୍‌ଠିକ୍ ବର୍ଣ୍ଣନାର ଚମତ୍କାରିତା ବଳରେ ପାଠକମନରେ ସତ୍ୟପ୍ରତୀତ ଜାତ କରିପାରୁଛନ୍ତି, ତାହା ଲକ୍ଷ୍ୟ କରିବାର କଥା ।

ଉପନ୍ୟାସ ସାହିତ୍ୟର ପ୍ରଥମ ସୃଷ୍ଟି ହେଲା ୧୭୪୦ ଖ୍ରୀଷ୍ଟାବ୍ଦରେ । ସାମୁଏଲ ରିଚାର୍ଡ଼ସନ୍ (Samuel Richardson) ନାମକ ଛାପାକାଳର ଜଣେ ସାମାନ୍ୟ ଅଳ୍ପଶିକ୍ଷିତ କର୍ମଚାରୀ ପାମେଲା ବା ଧର୍ମର ଜୟ ( Pamela or Virtue Rewarded ) ନାମକ ଗଳ୍ପସାହିତ୍ୟ ପ୍ରକାଶ କରନ୍ତି । ଏହି ଗଳ୍ପର ବୈଶିଷ୍ଟ୍ୟ, ଏହାର ଘଟଣା-ଗୁଡ଼ିକ ସତ୍ୟପ୍ରାୟ ପ୍ରତୀତ ହେଉଥିଲା, ବାସ୍ତବ ଜୀବନ ନେଇ ଏହା ଗଠିତ ହୋଇଥିଲା । ଅଧ୍ୟାବଧି କେବଳ ଇଂରେଜୀ ସାହିତ୍ୟ ନୁହେଁ, ବରଂ ଯେ କୌଣସି ସାହିତ୍ୟର ଯେଉଁ ସମସ୍ତ ଗଳ୍ପ ରଚିତ ହୋଇଥିଲା, ସେହିଁରେ କଳ୍ପନାର ବାହୁଲ୍ୟ ପରିଲକ୍ଷିତ ହେଉଥିଲା, ସେହିଁର ବର୍ଣ୍ଣିତ ଘଟଣାବଳୀ ବାସ୍ତବ, ସାମାଜିକ ଜୀବନଠାରୁ ବହୁତ ଦୂରରେ ଥିଲା । ସେସବୁ କାହାଣୀ ଓ ରୂପକଥା ଯାହାଙ୍କୁ ବାସ୍ତବ ଜୀବନର ରଙ୍ଗ ଦେଇ ଏ ଯେଉଁ ନୂତନ ପ୍ରକାରର ସୃଷ୍ଟି ହେଲା, ତାହା ଉପନ୍ୟାସ[Novel] ନାମରେ ଅଭିହିତ ହୋଇ ସାହିତ୍ୟର ଏକ ବିଶିଷ୍ଟ ଅଙ୍ଗରୂପେ ଗଣ୍ୟ ହେବାକୁ ଲାଗିଲା । ରିଚାର୍ଡ଼ସନ୍‌ଙ୍କ ପ୍ରଥମ ଉପନ୍ୟାସର ପ୍ରକାଶଠାରୁ ଉପନ୍ୟାସ-ସାହିତ୍ୟର ଆଦର କ୍ରମାଗତ ବଢ଼ିଚାଲିଛି ।

ରିଚାର୍ଡ଼ସନ୍ ଅତି ଚମତ୍କାର ଚିଠି ଲେଖି ପାରୁଥିଲେ । ତାଙ୍କର ପାମେଲା ଓ ପରବର୍ତ୍ତୀ ଉପନ୍ୟାସମାନଙ୍କର ପ୍ରକାଶଭଙ୍ଗୀ ମଧ୍ୟ ପତ୍ରର ଆଦାନପ୍ରଦାନରେ । ପାମେଲାର କଥାବସ୍ତୁ ଦରିଦ୍ର ଏକ ବାଳିକାର ପ୍ରେମ । ଧନୀ ପ୍ରେମିକ ସହିତ ତାର ପ୍ରେମ ପଥରେ ପ୍ରଧାନ ଅନ୍ତରାୟ ହୋଇ ଛିଡ଼ା ହୋଇଛି ଦୌଲତ; ପାମେଲା ଏ ସମସ୍ୟାର ସମ୍ମାନଜନକ ସମାଧାନ କରିପାରିଛି ବିବାହଦ୍ୱାରା । ପରବର୍ତ୍ତୀ ' କ୍ଲାରିସା ' ଉପନ୍ୟାସରେ ନାୟିକାର ଧନ-ଦୌଲତ ଯଥେଷ୍ଟ କିନ୍ତୁ ନାୟକ ଅତି ଦରିଦ୍ର, ଅର୍ଥଦାର୍ଥ କ୍ଲାରିସାର ପ୍ରେମ କ୍ଲାରିସାର ଜୀବନକୁ ଦୁଃଖମୟ କରି-ଦେଇଛି, ପରିଶେଷରେ ଦୁଃସହ ବିରହରେ ତାର ମୃତ୍ୟୁ ଘଟିଛି ।

ରିଚାର୍ଡ଼ସନ୍‌ଙ୍କର ଉପନ୍ୟାସଗୁଡିକ ସରଳ ଓ ସୁଖ-ପାଠ୍ୟ । ସାମାଜିକ ପରିବେଷ୍ଟନୀମଧ୍ୟରେ ଦୈନନ୍ଦିନ ଜୀବନର ଘଟଣାପ୍ରବାହରେ ଯେଉଁ କ୍ଷୁଦ୍ର ଓ ବୃହତ୍ ଭାବପ୍ରବଣତା ପ୍ରକାଶଲାଭ କରିଥାଏ, ଔପନ୍ୟାସିକ ସେସବୁକୁ ଅତି ଯତ୍ନସହକାରେ ଲକ୍ଷ୍ୟ କରି ପାରିଥିଲେ ।

Digitized by srujanika@gmail.com

ତେଣୁ ତାଙ୍କର ଲେଖାଗୁଡ଼ିକ ଭାବପ୍ରବଣତାରେ ରସାପ୍ଲୁତ ହୋଇଅଛି । ନାରୀଚରିତ୍ର ଚିତ୍ରଣ କରିବାରେ ରିଚାର୍ଡସନ୍ଙ୍କ ଦକ୍ଷତା ବହୁ ଔପନ୍ୟାସିକଙ୍କର ଈର୍ଷା ଜନ୍ମାଏ । ରିଚାର୍ଡସନ୍ଙ୍କର ଦୋଷଦର୍ଶୀମାନେ ତାଙ୍କର ନୀତିଶିକ୍ଷା ଦେବାର ପ୍ରବୃତ୍ତିକୁ ନାପସନ୍ଦ କରିଥାନ୍ତି । କିନ୍ତୁ ମନେ ରଖିବାକୁ ହେବ ଯେ ନୀତିଶିକ୍ଷାକୁ ସାହିତ୍ୟରେ ପ୍ରଧାନ ଏକ ଅଙ୍ଗ କରି ଥୋଇବାରେ ରିଚାର୍ଡସନ୍ ଯଦି ଦୋଷୀ, ତେବେ ତାଙ୍କ ଯୁଗର ପ୍ରଧାନ ପ୍ରଧାନ କବି ଓ ସାହିତ୍ୟିକ ମଧ୍ୟ ସେହି ଦୋଷରେ ଦୁଷ୍ଟ; ଏହା ଯୁଗର ପ୍ରଭାବ ମାତ୍ର ।

ହେନରୀ ଫିଲ୍ଡିଙ୍ଗ୍ ( Henry Fielding ) ପ୍ରଥମେ ନାଟ୍ୟକାର ହିସାବରେ ପରିଚିତ ହୋଇଥିଲେ ମଧ୍ୟ ଔପନ୍ୟାସିକ ଭାବରେ ଇତିହାସ ତାଙ୍କୁ ମନେ ରଖିଛି । ପାମେଲା ଉପନ୍ୟାସର ସାଫଲ୍ୟ ଦେଖି ଫିଲ୍ଡିଙ୍ଗ୍ ଉପନ୍ୟାସ ଲେଖିବାକୁ ମନସ୍ଥ କଲେ । ତାଙ୍କର ଉପନ୍ୟାସମାନଙ୍କରେ ସମସାମୟିକ ଜୀବନର ଆଚାର ବ୍ୟବହାରର ନକ୍ସା ଚିତ୍ର ଆମେ ପାଇଥାଉଁ । ଏହି ଆଚାର ବ୍ୟବହାରରେ ଯେଉଁ ଚାପଲ୍ୟ ଓ ଅଗଭୀରତା ପରିଲକ୍ଷିତ ହେଉଥିଲା, ବାହ୍ୟ ଆଡମ୍ବର ଓ ଶୃଙ୍ଖଳ୍ୟର ପୃଷ୍ଠତରେ ଯେଉଁ କୁତ୍ସିତତା ଲୁକ୍କାୟିତ ଥିଲା, ଫିଲ୍ଡିଙ୍ଗ୍ ସେସବୁକୁ ବ୍ୟଙ୍ଗଉପହାସ କରିଛନ୍ତି । ରିଚାର୍ଡସନ୍ଙ୍କର ଗାମ୍ଭୀର୍ଯ୍ୟପୂର୍ଣ୍ଣ ଉପଦେଶାତ୍ମକ ଉପନ୍ୟାସର ପାଠକମାନେ ଫିଲ୍ଡିଙ୍ଗ୍ଙ୍କର ହାସ୍ୟରସମୟ ପ୍ରକାଶ-ଭଙ୍ଗୀରେ ସଜୀବତା ଓ ସରସତା ଉପଲବ୍ଧି କରିପାରିଥିଲେ । ଟମ୍ସ ଜୋନ୍ସ ଓ ଜୋନାଥନ୍ ୱାଇଲ୍ଡ ତାଙ୍କର ବିଶିଷ୍ଟ ଉପନ୍ୟାସ ।

ଉପନ୍ୟାସ-ଲେଖା ଏପରି ବହୁ ସାହିତ୍ୟିକଙ୍କୁ ପ୍ରଲୋଭିତ କରିବାକୁ ଲାଗିଲା, ସେମାନଙ୍କ ମଧ୍ୟରେ ଏଠାରେ ସ୍ମଲେଟ୍ ଓ ଷ୍ଟର୍ନେଙ୍କ ନାମ ଉଲ୍ଲେଖଯୋଗ୍ୟ । ବହୁସଂଖ୍ୟକ ଲେଖିକା ମଧ୍ୟ ଉପନ୍ୟାସରେ ହାତ ଦେଲେ । ଏହି ନାରୀ ଔପନ୍ୟାସିକାମାନଙ୍କ ମଧ୍ୟରେ ପଲ୍ଲୀନିବାସୀ ଏକ ଧର୍ମ ପୁରୋହିତଙ୍କ କନ୍ୟା ଜେନ୍ଅଷ୍ଟିନ୍ ( Jane Austen ) ବିଶିଷ୍ଟ ସ୍ଥାନ ଅଧିକାର କରନ୍ତି । ଗାର୍ହସ୍ଥ୍ୟଜୀବନର ଠିକଣା ଚିତ୍ର ଦେବାରେ, ପଲ୍ଲୀ-ଜୀବନରେ କ୍ଷୁଦ୍ର କ୍ଷୁଦ୍ର ଘଟଣା ନେଇ ଯେପରି ପାରିବାରିକ ଓ ସାମାଜିକ ସୁଖଦୁଃଖ ଆଶା ଓ ନିରାଶା ଗଠିତ ହୋଇଥାଏ, ତାହାର ନିଖୁଣ ଛବି ଆଙ୍କିବାରେ ଜେନ୍ଅଷ୍ଟିନ୍ଙ୍କର ବିଶେଷ ଦକ୍ଷତା ଥିଲା । ଅନାସକ୍ତଭାବରେ ସେ ଗ୍ରାମ-ବାସୀଙ୍କର ଅଳସ ମନ୍ଥର ଜୀବନର ଗତି ବର୍ଣ୍ଣନା କରି ଯାଇଛନ୍ତି, ତାଙ୍କ ଉପନ୍ୟାସରେ ବିରାଟ ରୋମାଞ୍ଚକର କୌଣସି ଘଟଣା ଘଟି ନାହିଁ, ପାଠକ ମନରେ ରୋମାଞ୍ଚ ବା ଶିହରଣ ଲାଗି ଉପାଦାନ ନାହିଁ କିନ୍ତୁ ଉପନ୍ୟାସଗୁଡ଼ିକର ସାର୍ଥକତା ଜୀବନର ଅନାବିଳ ଅନତିରଞ୍ଜିତ ଛବି ଆଙ୍କିବାରେ ।

ଅଷ୍ଟାଦଶ ଶତାବ୍ଦୀର ପଦ୍ୟକୁ ଅନେକ ସମାଲୋଚକ କବିତା ବୋଲି ମାନିବାକୁ ନାରାଜ । ସେ ପଦ୍ୟରେ ହୃଦୟକୁ ସ୍ପନ୍ଦିତ କରିବାର ଉପାଦାନ ଅତ୍ୟଳ୍ପ । ଅଷ୍ଟାଦଶ ଶତାବ୍ଦୀର ପଦ୍ୟସାହିତ୍ୟ ଯେପରି ଦରିଦ୍ର, ସମସାମୟିକ ଗଦ୍ୟସାହିତ୍ୟ ସେହିପରି ସମୃଦ୍ଧ ଓ ଉନ୍ନତ । ଅଷ୍ଟାଦଶ ଶତାବ୍ଦୀଠାରୁ ଇଂରେଜୀ ଗଦ୍ୟସାହିତ୍ୟ ନିର୍ଦ୍ଦିଷ୍ଟ ରୂପ ଗ୍ରହଣ କଲା, ଗଦ୍ୟସାହିତ୍ୟ କ୍ରମଶଃ ଜନପ୍ରିୟ ହେବାକୁ ଲାଗିଲା । ଅତଃପର ଯୁଗମାନଙ୍କରେ ଯେଉଁ ଗଦ୍ୟସାହିତ୍ୟ ଗଢିଉଠିଛି, ତାର ମୂଳଭିତ୍ତି ଏହି ଯୁଗରେ ।

Digitized by srujanika@gmail.com

## ପୁସ୍ତକ ପରିଚୟ

ଶ୍ରୀ ବିକ୍ରମ ଦେବ ବର୍ମ ରଚନାବଳୀ — ଏ ଗ୍ରନ୍ଥରେ ଜୟପୁରର ମହାରାଜା ରାଜର୍ଷି ଶ୍ରୀ ବିକ୍ରମ ଦେବବର୍ମଙ୍କ ରଚନାବଳୀ ସଂଗୃହୀତ ଏବଂ ଶ୍ରୀ ଗୋପୀନାଥ ମହାନ୍ତି ଏମ୍. ଏ. ଙ୍କ ଦ୍ୱାରା ପ୍ରକାଶିତ । ଏଥିର ମୂଲ୍ୟ-ମନୋଯୋଗ ସହ ଆମୂଳଚୂଳ ପାଠ, ଏବଂ ୩ ଟଙ୍କା । ଏହି ଦ୍ୱିବିଧ ମୂଲ୍ୟରୁ ଜଣାଯାଏ ଯେ ଯେଉଁମାନଙ୍କୁ ଉପହାରସ୍ୱରୂପେ ଦିଆଯିବ ସେମାନଙ୍କ ପାଇଁ ପ୍ରଥମ ଏବଂ କ୍ରେତାମାନଙ୍କ ପାଇଁ ଦ୍ୱିତୀୟ ପ୍ରକାର ମୂଲ୍ୟ ନିର୍ଦ୍ଧାରିତ ହୋଇଅଛି ! ଏ ଗ୍ରନ୍ଥ ୫୬୭ ପୃଷ୍ଠାରେ ସମାପ୍ତ । ଏଥିରେ କବିତା, ପ୍ରବନ୍ଧ ନାଟକାଦି ଥିଲେ ହେଁ କବିତାଂଶ ବେଶୀ । ଜୀବନର ଅଧିକାଂଶ ସମୟ ତେଲୁଗୁଭାଷୀ ଅଞ୍ଚଳରେ ଅତିବାହିତ କରିଥିଲେହେଁ ମାତୃଭାଷା ଓଡ଼ିଆପାଇଁ ସେ ଅକାତରେ ବିପୁଳ ଅର୍ଥ ଦାନ କରି ଯାଇଛନ୍ତି । ଏହିପରି ନୃପତିଙ୍କୁ ଲକ୍ଷ୍ୟକରି କବି କହିଛନ୍ତି:—

ବାହ୍ୟେ ସଂସାରୀ ଯେ ସ୍ୱଭାବେ ବୈରାଗୀ
ଦେହେ ମାତ୍ର ରାଜା ମନେ ମହାତ୍ୟାଗୀ ।

ରାଜ୍ୟରତ୍ନ ଶ୍ରୀ ବଳଭଦ୍ର ବହିଦାର

## ସାହିତ୍ୟ ସମାଚାର

ରାଜ୍ୟରତ୍ନ ଶ୍ରୀ ବଳଭଦ୍ର ବହିଦାର

ପଣ୍ଡିତ ଶ୍ରୀ ନୀଳକଣ୍ଠ ରଥଙ୍କ ରଚିତ "ସୀତାପ୍ରେମତରଙ୍ଗିଣୀ" ଗ୍ରନ୍ଥ ପ୍ରକାଶ ମାନନୀୟ କଳାହାଣ୍ଡି ମହାରାଜାଙ୍କଠାରୁ ଏକହଜାର ଟଙ୍କା ପୁରସ୍କାର ପାଇଥିବା କଥା 'ଚତୁରଙ୍ଗ'ର ଗ୍ରାହକଗ୍ରାହିକାମାନଙ୍କୁ ଏଥିପୂର୍ବେ ଜଣାଇ ଦେଇଥିଲୁଁ ! ଏହି ଗ୍ରନ୍ଥର ପାଣ୍ଡୁଲିପି ଦେଖିଲେ ଜଣାଯାଏ ଯେ ଏହାର ପଦଗୁଡ଼ିକ ସ ବା ଶ ଆଦ୍ୟାନୁପ୍ରାସ ନିୟମରେ ରଚିତ ଏବଂ ଅନେକର ଗୋଟିଏ ଗୋଟିଏ ପଦ ଏକାଧିକ ଅର୍ଥବ୍ୟଞ୍ଜକ । ପାଠକ-ପାଠିକାମାନଙ୍କ ଅବଗତି ନିମନ୍ତେ ଉକ୍ତ ଗ୍ରନ୍ଥର ପ୍ରଥମ ପଦଟି ନିମ୍ନରେ ପ୍ରଦତ୍ତ ହେଲା । ଏପରି ପଦ ରଚନାପାଇଁ କେତେ ମାନସିକ ପରିଶ୍ରମ ଦରକାର ସହଜରେ ଅନୁମେୟ ।

ଏପରି ଅନେକ ଗ୍ରନ୍ଥ କବିଙ୍କଠାରେ ଅଛି । ତାହା ଅର୍ଥାଭାବରୁ ପ୍ରକାଶିତ ହୋଇ ପାରୁନାହିଁ । ଆମ୍ଭେ ଶୁଣିଅଛୁଁ ଯେ ଓଡ଼ିଶା ସରକାର କେବଳ ଐତିହାସିକ ଓ ବୈଜ୍ଞାନିକ ଗ୍ରନ୍ଥ ପ୍ରକାଶ ପାଇଁ ଆର୍ଥିକ ସାହାଯ୍ୟ ଦେଇ ପାରନ୍ତି । ସାହିତ୍ୟିକ ଗ୍ରନ୍ଥ ପାଇଁ କିଛି ଟଙ୍କା ଦେଲେ ହୁଅନ୍ତା ନାହିଁ କି ?

## ସୀତା ପ୍ରେମ ତରଙ୍ଗିଣୀ

ପ୍ରଥମ ଛାନ୍ଦ

(ମଙ୍ଗଳାଚରଣ)

**ରାଗ—ମଙ୍ଗଳ**

ଶ୍ରୁମତିଂ ବନ୍ଦଇ ଦୀନବାନ୍ଧବ ସିନ୍ଧୁ ସାରି
ସଦା କମଳାନନ୍ଦକ ତମ ଚାହିଁ ହରି । ୧ ।

Digitized by srujanika@gmail.com

## ସୁହୃଦାନନ୍ଦତରଣୀ ଟୀକା

ସ୍ମରି ସୀତା ଶୀତାଂଶୁ ବଦନ ରଘୁନାଥ
ସୁହୃଦ ବୋଧନେ ସତେ ହୋଇବ ସମର୍ଥ
ସୀତା ପ୍ରେମ ତରଙ୍ଗିଣୀ ସୁପ୍ରକାଶ ଅଣେ
ସୁହୃଦାନନ୍ଦ ତରଣୀ ଟୀକା ପରକାଶେ ।

ନିର୍ବିଘ୍ନରେ ଗ୍ରନ୍ଥର ପରି ସମାପ୍ତ ହେବା ସକାଶେ ଗ୍ରନ୍ଥକାର କାବ୍ୟର ପ୍ରଥମରେ ପ୍ରଧାନ ନାୟକ ବିଷ୍ଣୁ ବା ରାମ ଓ ସେ ସୂର୍ଯ୍ୟବଂଶୀୟ ଥିବା ହେତୁ ସୂର୍ଯ୍ୟ ଏବଂ ରାମ-ତାରକମନ୍ତ୍ରର ପ୍ରଧାନ ଉପାସକ ଭାବରେ ଶିବଙ୍କୁ ତ୍ରିବିଧାର୍ଥରେ ନମସ୍କାର କରି କହୁଅଛନ୍ତି ।

(୧) ବିଷ୍ଣୁପକ୍ଷେ — ଯେ ଦୀନବାନ୍ଧବ (ଦୀନବନ୍ଧୁ) ସଦା (ସର୍ବଦା ବା ସବୁକାଳରେ) ଯେ କମଳା (ଲକ୍ଷ୍ମୀ) ତାହାଙ୍କର ଆନନ୍ଦକ (ଆନନ୍ଦ କାରକ ବା ଦାୟକ) କିମ୍ବା ସନ୍ତ (ସଜ୍ଜନ) ଶ୍ରୀ (ବ୍ରହ୍ମା) କମଳା (ଲକ୍ଷ୍ମୀ) ଏମାନଙ୍କର ଆନନ୍ଦକ (ଆନନ୍ଦଦାୟକ ଅଟନ୍ତି । ପୁଣି ତମ (ରାହୁ) ତାହାଙ୍କୁ ଚକ୍ରେ (ଚକ୍ରଦ୍ୱାରା) ହରି (ହରଣକାରୀ, ନାଶକ) ଏପରି ଅଟ ହେ ହରି (ବିଷ୍ଣୁ ବା ରାମ) ତୁମ୍ଭଙ୍କୁ ସୁମନେ (ଉତ୍ତମ ମନରେ) ବନ୍ଦଇ (ବନ୍ଦନା କରେଁ ।)

(୨) ସୂର୍ଯ୍ୟପକ୍ଷେ— ଦିନବାନ୍ଧବ (ଦିବସବନ୍ଧୁ) ସଦା (ସବୁବେଳେ) କମଳ (ପଦ୍ମ) ଆନନ୍ଦକ ପ୍ରଫୁଲ୍ଲକାରୀ); ପୁଣି ତମ ଚକ୍ରେ (ଅନ୍ଧକାର ସମୂହକୁ) ହରି (ନାଶକରି ବା ହରଣକାରୀ) ଅଟ ହେ ହରି (ସୂର୍ଯ୍ୟ) ତୁମ୍ଭଙ୍କୁ ସୁମନେ (ପୁଷ୍ପାଞ୍ଜଳି ଦେଇ) ବନ୍ଦଇ (ବନ୍ଦନା କରେଁ) ।

(୩) ଶିବପକ୍ଷେ — ଦୀନବାନ୍ଧବ (ଶ୍ମଶାନବନ୍ଧୁ-ଦୀନସ୍ୟାର୍ତ୍ତ ବାସରେ ଦୁଃଖେ ଶ୍ମଶାନେର ପ୍ରୟୋଜନେ ଇତରଭସ) ସଦା (ସର୍ବଦା) କମଳ (ମୃଗ) (ପରଶୁ ମୃଗବରା ଭୀତି ହସ୍ତଂ ପ୍ରସନ୍ନଂ ଇତି ଧ୍ୟାନଂ) ଆନନ୍ଦକ (କ୍ରିମୂଲଲ-କାସ୍ତି-ପଶୁପତି ଏହି ନାମ ହେତୁ) ତମ (ଅଜ୍ଞାନ) ଚକ୍ରେ (ସମୂହକୁ) ଯେ ହରି (ହରଣକାରୀ) ଅଥବା ତମଚକ୍ର (ତମୋଗୁଣ ରାଜ୍ୟରଧାମ) ର (କନ୍ଦର୍ପ-ର କାର ଉତ୍ପତ୍ତେ କାମ) ତା ପ୍ରତି ହରି (ଯମ-ଯମାଗ୍ନିଲେନ୍ଦ୍ର ଚନ୍ଦ୍ରାର୍କ ବିଷ୍ଣୁ ସିଂହାଂଶୁ ବାଜିଷୁ) ତୁଲ୍ୟ ଅଟନ୍ତି । ଏପରି ଯେ ହରି (ଶଙ୍କର) ତୁମ୍ଭଙ୍କୁ ସୁମନେ (ଉତ୍ତମ ମନରେ) ବନ୍ଦଇ (ବନ୍ଦନାକରେଁ) ।

——×୦×——

Digitized by srujanika@gmail.com

# ଯୁଗଧାରା

## ନବବର୍ଷ :—

'ଚତୁରଙ୍ଗ'ର ଚଉଠି ସଂଖ୍ୟାର ପରିସମାପ୍ତିରେ ଆଜି ଫେର ତାର ନୂଆ ବର୍ଷ ଆରମ୍ଭ ହେଲା ! ପୁରୁଣା ବରଷର ଶେଷ ଆଡ଼କୁ ଯେଉଁ ଗତ ମନ୍ଥରତା ଯେଉଁ ଶ୍ଳଥତା ଆସି ପଡ଼େ, ଆଜି ସେ ସବୁ ଝାଡ଼ି ଉଠି ମନେ ହେଉଛି — ଫେର ଆମେ ନୂଆ ବରଷର ତୋରଣ ଦ୍ୱାର ପ୍ରାନ୍ତରେ ପହଞ୍ଚିଲୁଁ । ପ୍ରାସାଦ ଭିତରେ ଯେ କି ରହିଛି, ଆମ ପାଇଁ କେଉଁ ସମ୍ଭାବ୍ୟମୋଳି ମଣି ମୁକ୍ତା ସଞ୍ଚିତ ରହିଛି, ଆମେ ଜାଣୁନା । ଏହି ବର୍ଷର ସିଂହଦ୍ୱାର ପ୍ରାନ୍ତରେ ପହଞ୍ଚି ମନେ ହେଉଛି - ନୂଆ ସକାଳର ଆଲୋକ ପଡ଼ୁଛି ତାହା ଉପରେ । ମନେ ହେଉଛି, ଶୀତର ଝଡ଼ା ପତରର ଭିତରୁ ନବ ବସନ୍ତର ଉଦ୍ଭବ ପରି ପୁରୁଣା ଭିତରୁ ଆମେ ହଠାତ୍ ନୂଆ ହୋଇ ଜାଗି ଉଠୁଛୁଁ । ଏହି ନବୀନତାର ନିଶା ଆଜି ଆମକୁ ବି ଉନ୍ମତ୍ତ କରୁଛି ।

ବୋଧହୁଏ ଏହାହିଁ ପ୍ରକୃତିର ନିୟମ । ପୁରୁଣା ବରଷର ଗତ ଯେତେବେ ଶ୍ଳଥ ହୋଇ ଆସେ, ହଠାତ୍ ଆସି ଦେଖାଦିଏ ନୂତନ ବର୍ଷ ତାର ନୂଆ ପତ୍ର, ନୂଆ ଫଲ-ଭାର ନେଇ । ଆଉ ଥରେ ଫୁଲ ଫୁଟେ । ଗଛର ଡାଳରେ ରଙ୍ଗ ଧରେ ଆଉ ଥରେ - ଧରଣୀର ରୂପ ଯାଏ ବଦଳି । ହଠାତ୍ ଦିନେ ଏହି ଅତି ପୁରୁଣା ପୃଥିବୀ ସୁଷୁପ୍ତିରୁ ଜାଗି ଉଠି ଆଉ ଥରେ କାମରେ ଲାଗିଯାଏ - ନୂଆ ପ୍ରେରଣା, ନୂଆ ଉଦ୍ଦୀପନା ପାଇ ।

'ଆଜି ଆମେ ନୂଆ ବରଷରେ ପାଦ ବଢ଼ାଇଛୁଁ' ଏହି ସାମାନ୍ୟ କଥା ଆମକୁ ଯେତେ ଆନନ୍ଦ ଦେଉଛି, ସାରା ଓଡ଼ିଶା ଅଧିବାସୀ ଆମ ଉପରେ ପ୍ରଶଂସା ପରେ ପ୍ରଶଂସା ଅଜାଡ଼ି ଦେଲେ ବି ଏତେ ଆନନ୍ଦ ମିଳନ୍ତା ନାହିଁ । ସାପ ଯେପରି ତାର ଖୋଳସ ଛାଡ଼ି ପ୍ରତିଥର ନୂଆ ହୋଇ ଉଠେ, ଆମେ ବି ପୁରୁଣା ବରଷର ଖୋଳସ ଛାଡ଼ି ପ୍ରତିଥର ନୂଆ ହୋଇ ଉଠୁଛୁଁ । ପ୍ରତିଥର ଏହି ନୂଆ ବର୍ଷ ଆମର କର୍ମଭାରକ୍ଳାନ୍ତ ଉତ୍ସାହହୀନ ଜୀବନରେ ହଠାତ୍ ନବ ନବ ଆଶାର ରଙ୍ଗୀନ ଅନୁପ୍ରେରଣା ଦେଇ । ବୋଧହୁଏ ଏପରି ହେଉ ନ ଥିଲେ ଆମର ଏହି ପୁରୁଣା ଧରଣୀ ଏତେ ପ୍ରାଚୀନ ହୋଇ ଯାଆନ୍ତା ଯେ, ଏଠାରେ ଆଶା କରିବାର, ଆକାଂକ୍ଷା କରିବାର, ଉଦ୍ଯୋଗ ଓ ଉଦ୍ୟମ ଚଳାଇବାର କିଛି ରହନ୍ତା ନାହିଁ -- ଏକ କଥାରେ ଏଠାରେ ଯୌବନ ବୋଲି ଯାହା କିଛି ଅଛି, ଅନେକ ଦିନରୁ ତାହା ନିଃଶେଷ ହୋଇ ଯାଆନ୍ତାଣି ।

ତେଣୁ ଆଜି ଯୋଡ଼ ହସ୍ତରେ 'ଚତୁରଙ୍ଗ'ର ଏହି ନୂତନ ବର୍ଷକୁ ଆମେ ସ୍ୱାଗତ ଜଣାଉଛୁଁ — ଏଥି ସଙ୍ଗେ ଏହି କାମନା କରୁଛୁଁ - ଏହିବର୍ଷ ଆମ ଆଶା, ଆକାଂକ୍ଷା ଓ ସାଧନାର ପରମବର୍ଷ ହେଉ ।

ଏହି ନୂଆ ବର୍ଷର ନୂଆ ଭାବ ନେଇ ଆମେ ଯେତେବେଳେ ଓଡ଼ିଶାର ସାହିତ୍ୟ ଆଡ଼କୁ ଚାହୁଁଛୁଁ, ଆମକୁ ହତାଶ ହେବାକୁ ପଡ଼ୁଛି । ଏଠାରେ ନୂତନତ୍ୱ କାହିଁ — କାହିଁ ନୂଆ ଛନ୍ଦ - ନୂଆ ଶୈଳୀ - ନୂତନ ପ୍ରକାଶ ଭଙ୍ଗୀ ? ନୂଆ ସୃଷ୍ଟି କାହିଁ ? କାହିଁ କବି - କାହିଁ ଶିଳ୍ପୀ, ଯିଏ ଏହି ନବୀନତାର କାଉଁରୀ କାଠି ପରଶରେ ଆମର ପୁରୁଣା ଧାରଣା ସବୁକୁ ରଙ୍ଗିଲ ଛବିଳ କରିଦେବ ? ଅବଶ୍ୟ ଏହା ଆମର ଜୀବିତ କବିମାନଙ୍କୁ ଆକ୍ଷେପ ନୁହେଁ - ବାଣୀର ଦେଉଳରେ ରୂପର ଦୀପାଳି ଜାଳି ଯାଇଛନ୍ତି ଯେଉଁମାନେ, ସେମାନେ ସମସ୍ତେ ଜାତିର ନମସ୍ୟ । ଆମେ ଆହ୍ୱାନ କରୁଛୁଁ ସେହି ଅନାଗତ କବି ଓ ଶିଳ୍ପୀକୁ ଯିଏ ଆସିନାହିଁ - ଯାର ପ୍ରତୀକ୍ଷାରେ ଦେଶସାରା ଠିକ୍ ଆଷାଢ଼ର ପ୍ରାକ୍କାଳରେ ତୃଷିତା ଧରଣୀର ମେଘମାଳାକୁ ଡାକି ବସିଥିବା ପରି ଚାହିଁ ବସିଛି - ଯିଏ ଆମର

Digitized by srujanika@gmail.com

ଧାରଣାତୀତ କବି - ଯିଏ ଆମର ଏହି ସାହିତ୍ୟକୁ କରିବ ବିଶ୍ୱ ସାହିତ୍ୟର ସମାସନରେ ଅଧିଷ୍ଠିତ । ଆଜି ଆମର ଏହି ନୂତନ ବର୍ଷର ପ୍ରାରମ୍ଭରେ ଏହି କଥାହିଁ ବାରଂବାର ମନେ ପଡ଼ୁଛି - ଏହି କବି, ନୂତନ ଶିଳ୍ପୀ କାହିଁ ?

ଅବଶ୍ୟ ସାହିତ୍ୟ କ୍ଷେତ୍ରରେ ନୂତନ ବୋଲି କିଛି ଜିନିଷ ନାହିଁ - ସେହି ପୁରୁଣା କଥା ପ୍ରତିଥର ନୂଆ ନୂଆ ସାଜ ସାଜି ଆମ ଆଗରେ ଆସି ଛିଡ଼ା ହେଉଛି - ଅବଗୁଣ୍ଠନବତୀର ଦେହରେ ନବବଧୂର ବେଶ ଦେଖି ଆମେ ନବାଗତା ବୋଲି ଯାହାକୁ ସାଦରେ ବରଣ କରି ନେଉଛେଁ, ସିଏ କି ସତେ କୁମାରୀ ? କୌଣସି କବିର, କୌଣସି ଶିଳ୍ପୀର ଆଗରେ କେବେ କି ତାର ମୁହଁର ଓଢ଼ଣାଟିକି ଖୋଲି ହୋଇ ନାହିଁ ? କବିର ନୂତନତ୍ୱ ଏ ଦିଗରେ ନାହିଁ । ଅତି ସନାତନ କଥା କେତୋଟାକୁ ଅତି ଆଧୁନିକ ବେଶ ପିନ୍ଧାଇ ପାରିବାରେ କବିର ନୂତନତ୍ୱ - ତାର ମୌଳିକତା ।

## ଏମାନଙ୍କ ସାବଧାନ :—

କିନ୍ତୁ ଆମର ସାହିତ୍ୟରେ ଆଜଯାଏ ପୁରୁଣା ବାଦ ବିସମ୍ବାଦ ନେଇ ମାରାମାରି ଚାଲିଛି । ତାର୍କିକମାନେ 'ତୈଳାଧାର କି ପାତ୍ର ନା ପାତ୍ରାଧାର ତୈଳ' ନେଇ ଯୁକ୍ତି ତର୍କ ଚଳାଇଲା ପରି ଆମେ 'ନି' ଓ 'ନାହିଁ' ର ପ୍ରୟୋଗ ନେଇ ମଥା ଫଟାଫଟି କରିବାକୁ ଉପକ୍ରମ କରି ଦେଇଛେଁ । 'ନି' ନିଷେଧାର୍ଥକ ଶବ୍ଦ, ନା ନିଶ୍ଚୟାର୍ଥକ ଶବ୍ଦ - ଏହିକଥା ଭାବି ଭାବି ଆମର ଆଖିରୁ ନିଦ ବି ଉଭାଇ ଯିବାକୁ ବସିଛି । ଅନ୍ୟକଥା ଭାବିବାର ସମୟ ନାହିଁ ? ଅଥଚ କାବ୍ୟଲକ୍ଷ୍ମୀ ଆମମାନଙ୍କ ଅଲକ୍ଷରେ ମୁରୁକି ମୁରୁକି ହସୁଥିବେ, ସେ ଆଡ଼କୁ କାହାର ଖିଆଲ ନାହିଁ । ଆମର ପାଦ ତଳରେ ସେହି ପ୍ରବଳ ଭଞ୍ଜୀୟ ମାଟି ରହିଛି ନା ରବୀନ୍ଦ୍ରନାଥଙ୍କ ଜଗତରୁ ବନ୍ୟା ଆସି ସେହି ମାଟି ଧୋଇ ନେଇ ଆଉଛି, ଏହି ତଥ୍ୟର ଦୁଶ୍ଚିନ୍ତାରେ ଆମ ମୁହଁରେ ଅନ୍ନାହାର ରୁଚୁ ନାହିଁ । ତେଣୁ ଆମେ କହୁଛୁ - ଏମାନଙ୍କ ସାବଧାନ । ଏମାନେ କିଏ ? ପରିଚୟ ଦେବାର ପ୍ରୟୋଜନ ନାହିଁ 'ଏମାନଙ୍କୁ' ସମସ୍ତେ ଜାଣନ୍ତି । ଏମାନେ ସବୁ ଦେଶରେ, ସବୁ ଜାତିରେ ରହିଥାନ୍ତି । ଯେତେବେଳେ ଦୁର୍ଜୟ ବନ୍ୟା ନେଇ ପ୍ରଗତି ମାଡ଼ି ଆସିବାକୁ ଯାଏ, ଏମାନେ ତୁମୁଳ କୋଳାହଳ ଉଠାଇ ଆମର ନିଦ୍ରାରେ ବ୍ୟାଘାତ ଘଟାନ୍ତି । କିନ୍ତୁ ଦୁଃଖର ବିଷୟ ଆମେ ସାହିତ୍ୟର ଲଗାମ ଏମାନଙ୍କ ହାତରେ ଛାଡ଼ି ଦେଇଛେଁ । ତେଣୁ ପ୍ରଗତିର ଅଶ୍ୱ ଦୌଡ଼ିବାକୁ ଯାଇ ମଧ୍ୟ ପୂର୍ଣ୍ଣ ସ୍ୱାଧୀନତା ପାଉନାହିଁ । ଏମାନଙ୍କ ହାତରୁ ରାଶ ଛଡ଼ାଇ ନ ଆଣିଲେ ଓଡ଼ିଆ ସାହିତ୍ୟର ଉନ୍ନତି ନାହିଁ ।

ଆଜି ଆମେ ଭଞ୍ଜଙ୍କୁ ଅନୁସରଣ କରିବା ଉଚିତ ନା ରାଧାନାଥଙ୍କୁ ଅନୁସରଣ କରିବା ଉଚିତ — 'ଅପରାନ୍ତ' ଶବ୍ଦ ଓଡ଼ିଆ ନା ବଙ୍ଗଳା, ଏସବୁ ବିଷୟ ନେଇ ମସୀ ଚିତ୍ର କରିବାର ସମୟ ଚାଲି ଯାଇଛି । ଶତ ଶତ ବଙ୍ଗଳା ଓ ହିନ୍ଦୀ ଶବ୍ଦକୁ ଓଡ଼ିଆ ଭାଷା ତାର ନିଜସ୍ୱ ଶବ୍ଦ କରିପାରେ - ଯେପରି ଇଂରେଜୀ - ସାହିତ୍ୟ 'ଜଙ୍ଗଲ', 'ଦରବାର' ପ୍ରଭୃତି ଶବ୍ଦକୁ ନିଜର କରି ନେଇଛି - ଯେପରି ପଡ଼ୋଶୀ ବଙ୍ଗ ସାହିତ୍ୟ ହିନ୍ଦୀ, ଉର୍ଦ୍ଦୁ, ଓଡ଼ିଆରୁ ଶହ ଶହ ଶବ୍ଦ ନିଜ ସାହିତ୍ୟରେ ପ୍ରବେଶ କରାଉଛି; ଇଂରେଜୀ ଶୈଳୀ ଓ ଇଂରେଜୀ ପ୍ରୟୋଗର ଅନୁକରଣରେ ନୂତନ ନୂତନ ଛନ୍ଦ ଉଦ୍ଭାବନ କରୁଛି । ଓଡ଼ିଆ ସାହିତ୍ୟ ଯେଉଁଦିନ ଏହି ସତ୍ୟ ଠିକ୍ କି ଭୁଲିଛି, ସେହି ଦିନୁଁ ତାର ଅଧଃପତନର ଆରମ୍ଭ ହୋଇଛି । ଭୀରୁ ଯିଏ, ସିଏହିଁ ଗୃହଆଡ଼େ କବାଟ ବନ୍ଦ କରି ଦେଇ ଭଦଲେଶ ହୀନତାର ଆରାଧନା କରେ ! ଭାବେ, ସବୁ ଠିକ୍ ଅଛି । ବାପ, ଦାଦାର ଅମଳରେ ଯେପରି ଥିଲା, ଆଜି ବି ସମସ୍ତ ଠିକ୍ ସେହିପରି ରହିଛି ଅଛି । କୌଣସିଠାରୁ ବୃଦ୍ଧି ବା କୌଣସି କାରଣରୁ ହ୍ରାସ ଲଭିବାର ସମ୍ଭାବନା ନାହିଁ । କାହିଁ, କବି ସୂର୍ଯ୍ୟ ଯୁଗରେ ତ ଏପରି ଘଟାନ୍ତି ନାହିଁ । ସେମାନଙ୍କର ସାହସ ଥିଲା; ତେଣୁ ସେମାନେ ଅଜାତରଟରେ ନେଇ ... ପାରୁଥିଲେ ; ଆମର ସାହିତ୍ୟରେ ଏକ ମାଟି ଚଳିଲା ଧନ୍ୟ ଯୋଗ ,

Digitized by srujanika@gmail.com

ରଖିବାର ପ୍ରବୃତ୍ତି ଆମକୁ ଛାଡ଼ିବାକୁ ହେବ । ଆମେ ଦେଖୁଁ - ଯାହା ସୃଷ୍ଟି ଲଭୁଛି, ତାହା ପ୍ରଗତିର କି ନୁହେଁ ? ତାହା କେତେଦୂର ଆମ ମନରେ ନୂତନତ୍ୱ ଓ ମୌଳିକତ୍ୱର ବାସନା ପରିପୂରଣ କରୁଛି ଏବଂ ଏହି ନୂତନତ୍ୱର ଅନୁସନ୍ଧାନରେ କବି ଓ ସାହିତ୍ୟିକ ବାନ୍ଧା ରାସ୍ତା ଛାଡ଼ି ବିପଥରେ ଚାଲିବାକୁ କେତେଦୂର ସାହସ ବାନ୍ଧିଛନ୍ତି ? ଏହାହିଁ ଆମର ଏହି ଯୁଗରେ ସାହିତ୍ୟ ବିଚାରର ମାନଦଣ୍ଡ ହେଉ । ଏହାରି ଅନୁସନ୍ଧାନରେ ବାହାରିବେ ଯେଉଁମାନେ, ସେମାନେ ଭୟ ଶଙ୍କିତ ପଦ ବିକ୍ଷେପରେ ଯାଆନ୍ତୁ ନାହିଁ - ସେମାନେ ଯାଆନ୍ତୁ ଅବାଧ ଗତି - ଅଦାୟସ୍ଫୂର୍ତ୍ତି - ପୂର୍ଣ୍ଣ ସ୍ୱାଧୀନତା । କିନ୍ତୁ ସ୍ୱାଧୀନତା ଅର୍ଥରେ କେହି ଯେପରି ଯଥେଚ୍ଛାଚାରିତାକୁ ନ ବୁଝନ୍ତି ! ଏହି ଦୁଇଟି ଜିନିଷ ସମ୍ପୂର୍ଣ୍ଣ ଭିନ୍ନ ପ୍ରକୃତିର । ସ୍ୱାଧୀନତା ମାନେ ଗଢ଼ିବାର ସ୍ୱାଧୀନତା, ଭାଙ୍ଗିବାର ନୁହେଁ ।

ତେଣୁ ଆମର ଏହି ନବବର୍ଷର ପ୍ରାରମ୍ଭରେ ଆମେ ଓଡ଼ିଶାର ଯୁବକ ସାହିତ୍ୟିକଗଣଙ୍କ ପ୍ରତି ଆହ୍ୱାନ କରୁଛୁ - 'ଏ ମାନଙ୍କ ସାବଧାନ' ।

## ସଂପାଦନର ଦାୟିତ୍ୱ:-

ଆଗାମୀ ବର୍ଷ ଜୁନ ମାସ ଭିତରେ ବ୍ରିଟିଶ ସରକାର ଭାରତ ତ୍ୟାଗ କରି ଯିବେ -- ପ୍ରଧାନ ମନ୍ତ୍ରୀ ଆଟ୍‌ଲି ତାଙ୍କର ଫେବ୍ରୁୟାରୀ ୨୦ ତାରିଖ ବିବୃତିରେ ଏହି ମର୍ମରେ ଏକ ଘୋଷଣା ଦେଇ ଅଛନ୍ତି । ତେଣୁ ଦିନ ଯେତିକି ଗଡ଼ି ଯାଉଛି, ଆମେ ସ୍ୱାଧୀନତାର ସେତିକି ନିକଟତର ହେଉ ଅଛୁ । କ୍ଷମତା କାହା ହାତକୁ ହସ୍ତାନ୍ତରିତ ହେବ-ଗୋଟିଏ କେନ୍ଦ୍ରୀୟ ଶକ୍ତି ହାତକୁ ନା ଛଅଟି ବିଶେଷରେ କେତୋଟିଏ ପ୍ରାଦେଶିକ ବ୍ୟବସ୍ଥା ପରିଷଦଂକୁ ମଧ୍ୟ, ଏ ବିଷୟରେ କିଛି ଜଣା ନାହିଁ -- ଏ ସମ୍ବନ୍ଧରେ ଫେବ୍ରୁୟାରୀ ୨୦ ତାରିଖ ବିବୃତି ଅସ୍ପଷ୍ଟ । ତେଣୁ ଆମେ ଅଖଣ୍ଡ ଭାରତ ନା ବିଭକ୍ତ ଭାରତର ଉତ୍ତରାଧିକାରୀ ହେବା, ଏ ବିଷୟରେ କାହାର ବିଶେଷ କିଛି ସ୍ପଷ୍ଟ ଧାରଣା ଥିଲା ପରି ଜଣା ପଡ଼ୁ ନାହିଁ । ତେଣୁ ଗୃହଯୁଦ୍ଧ ଘଟିବାର ଅବଶ୍ୟମ୍ଭାବୀ କି ନା ଏ ବିଷୟରେ ବି ବେଶୀ କିଛି ଜଣା ନାହିଁ । ଏହି ସମୟରେ ସଂପାଦନାର ଦାୟିତ୍ୱ ଯେ କେତେ ଆମେ ଜାଣୁ । ଦେଶର ଅଧିବାସୀମାନଙ୍କୁ ଆଗାମୀ ସ୍ୱାଧୀନତା ପାଇଁ ପ୍ରସ୍ତୁତ କରି ରଖିବାକୁ ହେବ । ଯାହା କିଛି ଆସୁ ସେମାନେ ଯେପରି ଆଶାର ସହିତ, ସାହସର ସହିତ ତାହା ଗ୍ରହଣ କରି ପାରନ୍ତି । କିନ୍ତୁ ଆମର ଏ ପତ୍ରିକା ରାଜନୀତିମୂଳକ ନୁହେଁ । ରାଜନୀତି କ୍ଷେତ୍ରରୁ ଦୂରରେ ରହି ଆମେ ଦେଶର କୃଷ୍ଟିଗତ ପ୍ରଚେଷ୍ଟା ଉପରେ ହିଁ ବେଶୀ ଜୋର୍ ଦେଇ ଆସିଛୁ । ଭାରତ ସ୍ୱାଧୀନ ହେଲା ବେଳେ ଅର୍ଥନୈତିକ ସମସ୍ୟା ପରେ ଦେଶର କୃଷ୍ଟିଗତ କର୍ମୋଦ୍ୟମ ହିଁ ସବୁର ଆଗକୁ ଆସିବ, ଏଥିରେ କିଛି ସନ୍ଦେହ ନାହିଁ । କୃଷ୍ଟିମୂଳକ ପ୍ରଚେଷ୍ଟା ଦିଗରେ ଜୋର୍ ନ ଦେଲେ ଭାରତ ସେ ଜାତି ଓ ଦେଶଗୁଡ଼ିକ ଭିତରେ ନିଜର ଗୌରବମୟ ଆସନ ଅଧିକାର କରି ପାରିବ ନାହିଁ, ଏ କଥା ବି ଆମେ ଜାଣୁ । ଭାରତ-ଭାଗ୍ୟରେ ଏହି ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତରେ ଦିଲ୍ଲୀରେ ଆନ୍ତଏସିଆ ସମ୍ମିଳନୀର ଅଧିବେଶନ ଆମ ଉକ୍ତିର ସତ୍ୟତା ପ୍ରମାଣ କରୁଛି । ଏହି ସମୟରେ ଓଡ଼ିଶାକୁ ବି ଆମେ ସବୁ ସଂକୀର୍ଣ୍ଣତା ଦୂର କରି ଦେଇ କୃଷ୍ଟିମୂଳକ କାର୍ଯ୍ୟକଳାପ ଦିଗରେ ନିଜର ସମସ୍ତ ଶକ୍ତି ନିୟୋଗ କରିବାକୁ ଆମେ ଆହ୍ୱାନ କରୁଛୁ । ସାହିତ୍ୟ ସଙ୍ଗୀତ ଓ ଅନ୍ୟାନ୍ୟ ଲଳିତ କଳାରେ ଅନ୍ୟ ପ୍ରଦେଶର ସମକକ୍ଷ ନ ହେଲେ ଓଡ଼ିଶା ଭାରତର ଏହି ଭାବୀ ଗୌରବର କିପରି ବା ଅଂଶୀଦାର ହେବ ? ଓଡ଼ିଶାରେ ସେହି ଆନ୍ତର୍ଜାତିକ ବ୍ୟକ୍ତିତ୍ୱ କାହିଁ -- ଏତେ ଦୂରକୁ ବା ଯିବୁ କାହିଁକି ସର୍ବଭାରତୀୟ ବ୍ୟକ୍ତିତ୍ୱ ବା କାହିଁ -- କବି କାହିଁ, ଲେଖକ କାହିଁ -- କାହିଁ ଶିଳ୍ପୀ -- କାହିଁ ସଙ୍ଗୀତଜ୍ଞ, କାହିଁ କଳା-ସମାଲୋଚକ, କାହିଁ ସର୍ବ-ଭାରତୀୟ ଖେଳବାଡ଼, ଯେଉଁମାନେ ନିଜ ଜାତିର ମୁଖ ଉଜ୍ଜ୍ୱଳ କରିବେ ? ଏ କଥା ହୃଦୟଙ୍ଗମ କରିବାର ଏବେ ସମୟ ଆସିଛି ଯେ, ଆମର ବିକାଶ ସର୍ବତୋମୁଖୀ

Digitized by srujanika@gmail.com

ନ ହେଲେ ଏବଂ ଆମେ ଜୀବନ ଧାରାକୁ ସ୍ୱତନ୍ତ୍ର ଭାବରେ ଉପଭୋଗ କରିବାକୁ ନଶିଖିଲେ, ଜାତି ହିସାବରେ ଆମର ପ୍ରତିଷ୍ଠା ଖୁବ୍ ସୁଦୃଢ଼ ହେବା ସମ୍ଭବପର ନୁହେଁ । ଏ ଦିଗରେ କାହାରି ଆପ୍ରାଣ ଚେଷ୍ଟା ଓ ସାଧନା ଥିଲା ପରି ଜଣାଯାଏ ନାହିଁ । ଓଡ଼ିଶା ସରକାରଙ୍କ ମଧ୍ୟ ଜନଗଣଙ୍କୁ ଏ ଦିଗରେ ଉତ୍ସାହିତ କରିବାପାଇଁ ଯେଉଁ କର୍ତ୍ତବ୍ୟ ରହିଛି, ତାହା ପାଳନ କରୁଥିଲା ପରି ଜଣାଯାଏ ନାହିଁ । ସବୁ ଦିନ କି ଓଡ଼ିଶା ପଛରେ ରହିବ, ନା ସେ ଅନ୍ୟ ପ୍ରଦେଶଗୁଡ଼ିକର ହାତ ଧରାଧରି ହୋଇ ସମାନ ତାଳରେ ଚାଲି ଶିଖିବ ?

## ବଙ୍ଗ ବିଭକ୍ତି ଆନ୍ଦୋଳନ:—

ଅନେକ ସମୟରେ କୃଷ୍ଟିମୂଳକ ସମସ୍ୟା ରାଜନୀତିର ପୋଷାକ ପିନ୍ଧି ଆସେ । ବଙ୍ଗ - ବିଭକ୍ତିର ପାଇଁ ଆଜି ଯେଉଁ ତୁମୁଳ ଆନ୍ଦୋଳନ ଚାଲିଛି, ଏହା ଏହିପରି ଏକ ସମସ୍ୟା । ଏତେ ଦିନ ଧରି ବଙ୍ଗାଳୀ-ହିନ୍ଦୁ ନିଜ ସଂସ୍କୃତିର ଯେଉଁ ଗଗନଚୁମ୍ବୀ ସୌଧ ତୋଳିଥିଲା, ତାହା ଆଜି ଜିନ୍ନାଙ୍କର ଖିଆଲବଶତଃ ଧୂଳିସାତ୍ ହୋଇ ଯିବାକୁ ବସିଛି । ଯଦି ବର୍ତ୍ତମାନ ସାଂପ୍ରଦାୟିକ ବିଦ୍ୱେଷ ଆମ ଜାତୀୟ ଜୀବନରେ ଚଳମାନ୍ ଏକ ଛାୟାଚିତ୍ର ପରି ଆସି ହଠାତ୍ ଚାଲିଯାଆନ୍ତା, ତାହା ହେଲେ ଏତେ ଭୟ କରିବାର କିଛି ନ ଥିଲା ।

କିନ୍ତୁ ତାହା ତ ନୁହେଁ ! ଯେଉଁମାନେ ବଙ୍ଗାଳୀ-ହିନ୍ଦୁର କୃଷ୍ଟି ଓ ସଂସ୍କୃତି, ତାର ଭାଷା, ଆଚାର ବ୍ୟବହାର ସବୁ ଲୋପ କରିଦେବାକୁ ବସିଛନ୍ତି, ସେମାନେ ତ ଯୁକ୍ତିର ମୁହଁ ଚାହୁଁ ନାହାନ୍ତି । ବଙ୍ଗାଳୀ ହିନ୍ଦୁର ନିରାପତ୍ତାର କଥା ଛାଡ଼ି ଦେଲେ ମଧ୍ୟ ଏହି ଆନ୍ଦୋଳନ ପଛରେ ସାଂସ୍କୃତିକ ସମସ୍ୟା ବେଶ ବଡ଼ ହୋଇ ଉଠିଛି । ଦେଶରେ ସାଂପ୍ରଦାୟିକ ସମସ୍ୟା ଯେପରି ଭୀଷଣ ଆକାର ଧାରଣ କରିଛି ଏବଂ ଭାରତ ବିଭକ୍ତିର ଦାବୀ ଯେପରି ଦିନକୁ ଦିନ ଉଗ୍ରରୁ ଉଗ୍ରତର ହୋଇ ଉଠୁଛି, ନିଜର ଏକ ସ୍ୱତନ୍ତ୍ର ପ୍ରଦେଶ, ସ୍ୱତନ୍ତ୍ର ଶାସନ ସ୍ଥାପନ ନ କଲେ ବଙ୍ଗାଳୀ ହିନ୍ଦୁଙ୍କ ଆଉ ରକ୍ଷା ନାହିଁ । ଯେଉଁ ହିନ୍ଦୁମାନେ ପୂର୍ବ ବଙ୍ଗରେ ଅନ୍ୟର ଶାସନ ତଳେ ପଡ଼ିବେ, ସେମାନେ ମଧ୍ୟ ନିଜର ଆଶ୍ରୟ ଓ ନିରାପତ୍ତାର ବ୍ୟବସ୍ଥା କାଏମ କରିବା ପାଇଁ ପଶ୍ଚିମବଙ୍ଗର ଗଭର୍ଣ୍ଣମେଣ୍ଟ ଉପରେ ନିର୍ଭର କରି ପାରିବେ ସେମାନେ ସମ୍ପୂର୍ଣ୍ଣ ଅସହାୟ ନୁହନ୍ତି ସେମାନଙ୍କର ନିଜର ଗଭର୍ଣ୍ଣମେଣ୍ଟ ଅଛି ଯିଏ ସେମାନଙ୍କର ସୁଖ ସୁବିଧା ଦେଖିବାପାଇଁ ସବୁବେଳେ ତତ୍ପର- କେବଳ ଏହି ଧାରଣା ଓ ଏହି ବିଶ୍ୱାସ ରଖି ପାରିବାର ବଳରେ ହିଁ ସେମାନେ ପାକିସ୍ଥାନୀ ପୂର୍ବବଙ୍ଗରୁ ନ୍ୟାୟସଙ୍ଗତ ବ୍ୟବହାର ଆଶା କରି ପାରିବେ ।

ଅନେକେ ମନେ କରନ୍ତି ପଞ୍ଜାବ ଓ ବଙ୍ଗ ବିଭକ୍ତି ଦାବୀ ପରାଜୟ ମନୋବୃତ୍ତିର ପରିଚାୟକ— ଏପରି କଲେ ପାକିସ୍ଥାନକୁ ସ୍ୱତଃ ମାନି ନିଆଯାଏ । କିନ୍ତୁ ନିଷ୍କରୁଣ ବାସ୍ତବତାର ସମ୍ମୁଖୀନ ହେବା ପରାଜୟ ମନୋବୃତ୍ତି ନୁହେଁ । ବରଂ ଭାରତ ବିଭକ୍ତି ଉପରେ ଆସ୍ଥାବାନ୍ ଯେଉଁମାନେ, ସେମାନଙ୍କ ଅଞ୍ଚଳରେ ପୁନ-ବିଭକ୍ତି ଘଟାଇବା ପ୍ରଥମ ବିଭକ୍ତି-ଦାବୀର ଉପଯୁକ୍ତ ଜବାବ ।

ଲର୍ଡ କର୍ଜନ ଯେତେବେଳେ ବଙ୍ଗବିଭକ୍ତି ଘଟାଇବାକୁ ଯାଆନ୍ତି ତାଙ୍କର ସେହି ପ୍ରଚେଷ୍ଟା ବିରୁଦ୍ଧରେ ତୁମୁଳ ଆନ୍ଦୋଳନ ଚାଲିଥିଲା ଯେଉଁଥିରୁ ଭାରତୀୟ ଜାତୀୟ ଆନ୍ଦୋଳନର ଉତ୍ପତ୍ତି । ସେହି ଦିନଠାରୁ ପ୍ରତ୍ୟେକ ବଙ୍ଗାଳୀର ବଙ୍ଗରୁ କୌଣସି ପ୍ରକାର ବ୍ୟବଚ୍ଛେଦ ଘଟାଇବା ବିରୁଦ୍ଧରେ ଏକ ତୀବ୍ର ବିତୃଷ୍ଣା ରହିଛି । ଏହା ସତ୍ତ୍ୱେ ବର୍ତ୍ତମାନ ବାସ୍ତବତାର ପରିସ୍ଥିତି ଆଡ଼କୁ ଆଖି ରଖି ବଙ୍ଗ-ବିଭକ୍ତି ପାଇଁ ପ୍ରଥମ ପ୍ରସ୍ତାବ ଆଣିଲେ ଯେଉଁମାନେ, ସେମାନେ ସାହସିକତା ପାଇଁ ପ୍ରଶଂସାର୍ହ । ଏହି କାରଣରୁ ହିଁ ବର୍ତ୍ତମାନର ଏହି ବଙ୍ଗ-ବ୍ୟବଚ୍ଛେଦ ପ୍ରସ୍ତାବ ବିରୁଦ୍ଧରେ ପ୍ରଥମେ ପ୍ରଥମେ

Digitized by srujanika@gmail.com

ହିନ୍ଦୁମାନଙ୍କ ଭିତରୁ ଆପତ୍ତିର ସ୍ୱର ଉତ୍ଥିତ ହୋଇଥିଲା । ବର୍ତ୍ତମାନ ଶତକଡ଼ା ୯୮ ଭାଗ ହିନ୍ଦୁ ବଙ୍ଗ-ବିଭକ୍ତିର ସପକ୍ଷରେ । ସେମାନଙ୍କ ଜାଣିବା ଦରକାର ଯେ ନିଜ ସଂସ୍କୃତି ରକ୍ଷା କରିବା ପାଇଁ ତାଙ୍କର ଏହି ଅଭିଯାନ ଚେଷ୍ଟା ସତ୍ତ୍ୱେ ଏହି ବ୍ୟବଚ୍ଛେଦ ଆନ୍ଦୋଳନ ପଛରେ ଦ୍ୱାଗ ଭାରତର ସମ୍ମାନଭୂତ ରହିଛି ।

ସମାପ୍ତ

## ନିୟମାବଳୀ:—

(୧) ଚତୁରଙ୍ଗ ପ୍ରତ୍ୟେକ ଓଡ଼ିଆ ମାସର ପ୍ରଥମ ଦିନ ପ୍ରକାଶିତ ହେବ । ଲେଖକମାନଙ୍କୁ ଅନୁରୋଧ ଯେ ନିଜ ନିଜର ରଚନା କାଗଜର ଗୋଟିଏ ପାଖରେ ଲେଖିବେ ।

(୨) କୌଣସି ପ୍ରବନ୍ଧ ବା ରଚନା ସାଧାରଣତଃ ଚତୁରଙ୍ଗର ୬ ପୃଷ୍ଠାରୁ ଅଧିକ ନ ହେବା ବାଞ୍ଛନୀୟ । ଉପଯୁକ୍ତ ଡାକ ଟିକଟ ଯୋଗାଇଲେ ଅମନୋନୀତ ରଚନା ଫେରସ୍ତ ଦିଆଯିବ । ଅମନୋନୀତ ରଚନା ପାଇଁ ସମ୍ପାଦକ କୌଣସି କାରଣ ଦର୍ଶାଇବାକୁ ବାଧ୍ୟ ନୁହନ୍ତି ।

(୩) କେବଳ ରଚନା ସମ୍ପାଦକଙ୍କ ଠାକୁ ପଠାଇବା, ଗ୍ରାହକ, ବିଜ୍ଞାପନ ଇତ୍ୟାଦି ଯାବତୀୟ ପରିଚାଳନା ସଂକ୍ରାନ୍ତ ବିଷୟରେ ପରିଚାଳକ 'ଚତୁରଙ୍ଗ'କୁ ଲେଖିବେ ।

(୪) ପତ୍ରାଦି ଆଦାନ ପ୍ରଦାନର ସୁବିଧା ପାଇଁ ସ୍ୱ ପ୍ରବନ୍ଧ ଆଦିରେ ଆପଣା ଆପଣା ନାମ ସହିତ ଠିକଣା ଲେଖିବା ପାଇଁ ଲେଖକ ଲେଖିକା ମାନଙ୍କୁ ଅନୁରୋଧ ।

ସମ୍ପାଦକ
'ଚତୁରଙ୍ଗ'
ବଲାଙ୍ଗିର

## ବିଜ୍ଞାପନ

୧—ଚତୁରଙ୍ଗର ଦ୍ୱିତୀୟ ବର୍ଷର ବାର୍ଷିକ ମୂଲ୍ୟ ସଡ଼ାକ ୫୬୮ ଷାଣ୍ମାସିକ ମୂଲ୍ୟ ୫ ୩।୮ ମାତ୍ର ।
—ପ୍ରତ୍ୟେକ ସଂଖ୍ୟାର ମୂଲ୍ୟ ୫ ୦ ୪୬ ମାତ୍ର । ଗ୍ରାହକ ମୂଲ୍ୟ ଅଗ୍ରିମ ଦେୟ ।
୨—ଚତୁରଙ୍ଗର ପ୍ରଥମ ଓ ସପ୍ତମ ସଂଖ୍ୟାରୁ ନୂତନ ଗ୍ରାହକ ଗ୍ରହଣ କରାଯାଏ ।
୩—ଗ୍ରାହକ ଇଚ୍ଛା କଲେ ଭି. ପି. ରେ ମଧ୍ୟ ପଠାଇ ଦିଆଯିବ
୪—ବିଜ୍ଞାପନ ହାର ସମ୍ବନ୍ଧରେ ପରିଚାଳକଙ୍କୁ ପତ୍ର ଲେଖିବେ ।
୫—ଯେଉଁମାନେ ବିଜ୍ଞାପନ ଦେବେ ନିଜର ବ୍ଲକ ଦେବାକୁ ଚାହିଁଲେ ବ୍ଲକ ମଧ୍ୟ ପଠାଇବେ । ଉପଯୁକ୍ତ ଡାକ ଖର୍ଚ୍ଚ ପଠାଇ ବ୍ଲକ ଫେରସ୍ତ ନେଇ ପାରିବେ । ବ୍ଲକ ଭାଙ୍ଗିଗଲେ ପରିଚାଳକ ଦାୟୀ ନୁହନ୍ତି
୬—କୌଣସି କାରଣ ବଶତଃ ଗ୍ରାହକ ଯଥା ସମୟରେ 'ଚତୁରଙ୍ଗ' ନ ପାଇଲେ ଗ୍ରାହକ ନମ୍ବର ସହ ପରିଚାଳକଙ୍କୁ ଜଣାଇବେ ।
୭—ଅଳ୍ପଦିନ ପାଇଁ ସ୍ଥାନାନ୍ତରକୁ ଗଲେ ସ୍ଥାନୀୟ ପୋଷ୍ଟ ଅଫିସକୁ ଏବଂ ବହୁଦିନ ପାଇଁ ଗଲେ ଆମ୍ଭ ଅଫିସକୁ ଜଣାଇଲେ ଗ୍ରାହକ ଗ୍ରାହିକା ମାନେ 'ଚତୁରଙ୍ଗ' ସତ୍ୱର ପାଇ ପାରିବେ ।

ପରିଚାଳକ
'ଚତୁରଙ୍ଗ'

Digitized by srujanika@gmail.com

# ବିଶେଷ ବିଜ୍ଞପ୍ତି

୧ । ନୃତ୍ୟ, ଚିତ୍ର, ସଙ୍ଗୀତ ପ୍ରଭୃତି କଳା । କୃଷ୍ଟି ଓ ଶିଳ୍ପ ଆଦି ସମ୍ବନ୍ଧରେ ଗବେଷଣାମୂଳକ ପ୍ରବନ୍ଧ ତଥ ପୃଥିବୀ ବିଖ୍ୟାତ ଛଉ ନୃତ୍ୟ ଶିଳ୍ପୀ ଶ୍ରୀ ଭେନ୍ଦ୍ରଜୀବନ କାଞ୍ଜିଲାଲ୍‌ଙ୍କ ଇଛାଥିଲେ, 'ଚତୁରଙ୍ଗ'ର ଶୁଭେନ୍ଦ୍ର-ସଂଖ୍ୟା ହେବ । ୫ଗୋଟି ଅଣା ମାତ୍ର ପଠାଇଲେ ପୋଷ୍ଟେଜ ମାର୍ଫତ ଯୋଗେ ପଠାଇ ଦିଆଯାଏ ।

୨ । ଯେଉଁ ସହୃଦୟ ଗ୍ରାହକମାନେ 'ଚତୁରଙ୍ଗ'ର ୧ମ ବର୍ଷ ୧ମ ସଂଖ୍ୟାରୁ ଗ୍ରାହକ ହୋଇଥିଲେ ସେମାନେ ଦୟାପୂର୍ବକ ୨ୟ ବର୍ଷର ଗ୍ରାହକ ଚାନ୍ଦା ୬ ଟଙ୍କା [ ଛଅଟଙ୍କା ] ମାନ ୧୨ଶ ସଂଖ୍ୟା ପାଇଲା ମାତ୍ରେ ପଠାଇବେ । ଯେଉଁମାନେ ୨ୟ ବର୍ଷ ପାଇଁ ଗ୍ରାହକ ହେବାକୁ ଅସମର୍ଥ ହେବେ ସେମାନେ ତୁରନ୍ତ ଜଣାଇବେ ନଚେତ୍ ୨ୟ ବର୍ଷର ୧ମ ସଂଖ୍ୟା ଭି: ପି: ଯୋଗେ ପଠାଇବାକୁ ବାଧ୍ୟ ହେବୁ । ସ: ଚ:

୩ । ୧ମ ବର୍ଷରେ ଯେତେଗୁଡ଼ିଏ ଲେଖା ଅମନୋନୀତ ହୋଇଛି ସେ ସବୁ ଆମ ପାଖରେ ଅଦ୍ୟାବଧି ଗଚ୍ଛିତ ଅଛି । ସେ ଗୁଡ଼ିକ ଆମେ ଜୁନ ମାସର ପହିଲା ତାରିଖରେ ନଷ୍ଟ କରି ଦେବାକୁ ଯାଉଛୁଁ । ଯେଉଁମାନଙ୍କର ଓ୍ୟାପସ ନେବାର ଅଛି ସେମାନେ ମେ ପୂର୍ବରୁ ଉପଯୁକ୍ତ ଡାକ ଟିକଟ ପଠାଇଲେ ଫେରାଇ ଦିଆଯିବ । ଏଣିକି ପ୍ରତି ତିନି ମାସରେ ଆମେ ଅମନୋନୀତ ଲେଖା ନଷ୍ଟ କରି ଦେବାକୁ ସ୍ଥିର କରିଛୁଁ । ସ: ଚ:

୪ 'ଚତୁରଙ୍ଗ'ର ପ୍ରଥମ ବର୍ଷରେ ଯେକୌଣସି ସଂଖ୍ୟାଠାରୁ ଗ୍ରାହକ ଶ୍ରେଣୀଭୁକ୍ତ ହୋଇ ପାରିବାର ପ୍ରଥା ଥିଲା, ମାତ୍ର ନାନା ଅସୁବିଧା ଦୃଷ୍ଟିରୁ ୨ୟ ବର୍ଷରେ ସେ ପ୍ରଥା ଆମେ ଆଉ ରଖି ନାହୁଁ । 'ଚତୁରଙ୍ଗ'ର ୨ୟ ବର୍ଷରେ କେବଳ ୧ମ ଓ ୭ମ ସଂଖ୍ୟାଠାରୁ ଗ୍ରାହକ ଶ୍ରେଣୀଭୁକ୍ତ କରାଯିବ । ସୁତରାଂ ଗତବର୍ଷ ଯେଉଁ ସହୃଦୟ ଗ୍ରାହକମାନେ ୨ୟ, ୩ୟ, ୪ର୍ଥ, ୫ମ ବା ୬ଷ୍ଠ ସଂଖ୍ୟାରୁ ବାର୍ଷିକ ପାଇଁ ଗ୍ରାହକ ହୋଇଥିଲେ, ସେମାନଙ୍କୁ ବିଶେଷ ସୁବିଧା ଦେଇ 'ଚତୁରଙ୍ଗ'ର ଦ୍ୱିତୀୟ ବର୍ଷର ଗ୍ରାହକ ହିସାବରେ ଯଥାକ୍ରମେ ୫.୫୦, ୫.୦୦, ୪.୫୦, ୪.୦୦, ୩.୫୦ ପଠାଇବାକୁ ଅନୁରୋଧ କରୁଛୁଁ । କହିବା ବାହୁଲ୍ୟ ଯେ, ଉପର୍ଯ୍ୟୁକ୍ତ ମୂଲ୍ୟ ପଠାଇଲେ ସେମାନଙ୍କର ଗ୍ରାହକତ୍ୱର ମିଆଦ ୨ୟ ବର୍ଷର ଶେଷ ପର୍ଯ୍ୟନ୍ତ ରହିବ ।

ଯେଉଁ ସଂଖ୍ୟାରେ ଯେଉଁମାନଙ୍କର ଗ୍ରାହକତ୍ୱର ମିଆଦ ଶେଷ ହେବାର ଅଛି, ଠିକ୍ ସେହି ସଂଖ୍ୟା ପାଇଲାପରେ ନୂତନ ବର୍ଷର ଦେୟ ସେମାନଙ୍କଠାରୁ ଯଦି ନ ପାଉ, ତା' ହେଲେ ପରବର୍ତ୍ତୀ ସଂଖ୍ୟା ଭି: ପି: ଯୋଗେ ପଠାଇବାକୁ ବାଧ୍ୟ ହେବୁ । ଯେଉଁମାନେ ୨ୟ ବର୍ଷ ପାଇଁ ଗ୍ରାହକ ହେବାକୁ ଅସମର୍ଥ ହେବେ, ସେମାନେ ଦୟାକରି ତୁରନ୍ତ ଜଣାଇବେ ।

ପରିଚାଳକ

ଚତୁରଙ୍ଗ

Digitized by srujanika@gmail.com

# ପଞ୍ଚାମୃତ

ଦ୍ୱିତୀୟ ବର୍ଷ — ଆଷାଢ଼ ମାସ — ଦ୍ୱିତୀୟ ସଂଖ୍ୟା

## କୋଶଳ-କଳା-ମଣ୍ଡଳର

ମୁଖପତ୍ର ରୂପେ ପ୍ରକାଶିତ

ସମ୍ପାଦକ ସଂଘ:—

ଶ୍ରୀ କାଳିନ୍ଦୀ ଚରଣ ପାଣିଗ୍ରାହୀ
ସଙ୍ଗୀତଜ୍ଞ ଶ୍ରୀ ବଳଭଦ୍ର ବହିଦାର
କବିଚନ୍ଦ୍ର ଶ୍ରୀ କାଳୀ ଚରଣ ପଟ୍ଟନାୟକ
ଶ୍ରୀ ବଧୂଭୂଷଣ ଗୁରୁ
ଶ୍ରୀ ସାମୁଏଲ ନାୟକ

ପରିଚାଳକ—
ଶ୍ରୀ ଗଙ୍ଗା ପ୍ରସାଦ ପଣ୍ଡା

Digitized by srujanika@gmail.com

ଓଡ଼ିଶା ସରକାରଙ୍କ ପତ୍ର ନଂ: ୫୯୭- ଆର୍ ତା ୩ - ୭ - ୧୯୪୭ ମତେ
'ଚତୁରଙ୍ଗ'
ଶିକ୍ଷା ବିଭାଗୀୟ ପ୍ରତ୍ୟେକ ଅନୁଷ୍ଠାନ ପାଇଁ
ଗୃହୀତ ହୋଇଅଛି ।

# ସୂଚୀ


| ବିଷୟ | | ଲେଖକମାନଙ୍କ ନାମ | ପୃଷ୍ଠା |
|---|---|---|---|
| ୧ ପଲ୍ଲୀ ସଙ୍ଗେ | (ପଦ୍ୟ) | ଶ୍ରୀ ବିପିନ ବିହାରୀ ମହାନ୍ତି | ୪୭ |
| ୨ ନଟରାଜ | | ଶ୍ରୀ ବଳ ରାମ ସାହୁ | ୪୮ |
| ୩ ଭଙ୍ଗାଗଢ଼ା ସଂସାର | (ଗଳ୍ପ) | ଶ୍ରୀ ଚନ୍ଦ୍ର ନାରାୟଣ ପଟ୍ଟନାୟକ | ୪୯ |
| ୪ ନାଓ ନାହିଁର ସାହିତ୍ୟିକ ପ୍ରୟୋଗ | | ଶ୍ରୀ ବୃନ୍ଦାବନ ଚନ୍ଦ୍ର ପଟ୍ଟନାୟକ | ୫୨ |
| ୫ ସୈନିକର ଶେଷୋକ୍ତି | (ପଦ୍ୟ) | ଶ୍ରୀ ଚକ୍ରଧର ରାଉତ | ୫୭ |
| ୬ ସ୍ମୃତିପଥେ | (ଗଳ୍ପ) | ଶ୍ରୀମତୀ ବସନ୍ତ କୁମାରୀ ଦେବୀ | ୫୮ |
| ୭ ସଙ୍ଗୀତ | | ଶ୍ରୀ ମନ୍ମଥ ମୋହନ ବେହେରା | ୬୫ |
| ୮ ଜୟଯାତ୍ରା | (ଗଳ୍ପ) | ଶ୍ରୀ ସାମୁଏଲ୍ ନାଏକ | ୬୭ |
| ୯ କିଶୋର ଚନ୍ଦ୍ରାନନ୍ଦ ଚମ୍ପୂ | | ଶ୍ରୀ ଦେବରାଜ ପାଣିଗ୍ରାହୀ | ୬୯ |
| ୧୦ ବୁଲ୍‌ବାବୁ | (ଗଳ୍ପ) | ଶ୍ରୀ ଯୁଗଳ ଚରଣ ଦାସ | ୭୪ |
| ୧୧ ବିସର୍ଜନ | (ପଦ୍ୟ) | ଶ୍ରୀ ଗୌରାଙ୍ଗ ସିଂ | ୭୭ |
| ୧୨ ଭାରତ ବିଜ୍ଞାନ କଂଗ୍ରେସର ଚତୁଃତ୍ରିଂଶ ଅଧିବେଶନ | | ଶ୍ରୀ ଗୋକୁଳା ନନ୍ଦ ମହାପାତ୍ର | ୭୮ |
| ୧୩ ଇଂରେଜୀ ସାହିତ୍ୟର ଗତିଧାରା | | ଶ୍ରୀ ଶୁକଦେବ ଶର୍ମା | ୮୫ |
| ୧୪ ପୁସ୍ତକ ପରିଚୟ | | | ୯୦ |
| ୧୪ ଯୁଗଧାରା | | ସଂପାଦକୀୟ | ୯୧ |


Digitized by srujanika@gmail.com

# ଚତୁରଙ୍ଗ

ନାଟ୍ୟ-ସଙ୍ଗୀତ-ତତ୍ତ୍ୱଜ୍ଞାଃ ଯେ ସାହିତ୍ୟ-ବିଶାରଦାଃ ।
କଳାସୁ କୁଶଳାଃ ସର୍ବେ ମହୀୟନ୍ତାଂ ମହୀତଳେ ॥

ଦ୍ୱିତୀୟ ବର୍ଷ * ଆଷାଢ଼ ସଂକ୍ରାନ୍ତି; ମିଥୁନ ୧୮ । ୬ । ୪୭ * ଦ୍ୱିତୀୟ ସଂଖ୍ୟା ।

## ପଲ୍ଲୀସଂଜେ

ଶ୍ରୀ ବିପିନବିହାରୀ ମହାନ୍ତି

ସଂଜ ନଇଁଆସେ ପାହାଡ଼ ତଳେ,
ପଲ୍ଲୀବାଳା ମୁଁ ପ୍ରଦୀପ ଜାଳେଁ,
ଦାଅଁ ଦେବତାର ଆଶିଷ ମାଗି
ଢିଅଦୀପ ଜାଳେ ଚଉଁରା ମୂଳେ ।
ଚଉଁରାମୂଳେ ମୁଁ ଜାଳେଁ ସଳିତା;
ଶଙ୍ଖେ ପୂରାଇ ପ୍ରାଣ କବିତା
ବଜାଏଁ ଯେବେ ମୋ ଥରଇ ଛାତି
କଂପିତ ବୁକେ ନମେ ଦେବତା ।

ନମେ ଦେବତା ମୁଁ ପରାଣ ପାତି;
ନମେ ଦେବତା ମୁଁ ନାହିଁ ସେ ସାଥୀ,
ନାହିଁ ପ୍ରିୟ ମୋର; ଏକ ଜଟଳି-
ଥାଏ ପଛେ ମୋର ବିରହୀ ଛାତି ।
ବିରହୀ ଛାତି ମୋ ଖୋଜଇ ସାଥୀ;
ନମେ ଯେବେ ଦାଅଁ ଚରଣେ ନିତି,
ସାଥୀ ରୂପେ ମୋର ଦେବତା ଶିଳେ-
ନାଅଁଛ ସରଗେ ମୋ ପ୍ରେମ ନଛ ।

# ନଟରାଜ

ଶ୍ରୀ ବଳରାମ ସାହୁ

"ଦେହେହଂ ପ୍ରେୟଥିତ୍ୱା ଦେବ ପରମାନନ୍ଦ ସଞ୍ଜିତଃ ।
ନୃତ୍ୟାମି ଯୋଗୀ ସତତଂ ଯସ୍ତଦ୍ବେଦଙ୍ଗବା ଯୋଗବିତ୍ ॥" *

ନୃତ୍ୟକଳା ଭାରତର ଏକ ପ୍ରାଚୀନ କଳା ଅଟେ । ଏହି ଲଳିତ କଳାର ଗୌରବ ଓ ପବିତ୍ରତା ଭାରତରେ ଯେତେ ପ୍ରାଚୀନ ଓ ସମାଦୃତ, ଏବଂ ଏହା ଉନ୍ନତିର ଯେଉଁ ଶୀର୍ଷସ୍ଥାନ ସ୍ପର୍ଶ କରିଛି, ତାର ତୁଳନା ଅନ୍ୟଦେଶରେ ନାହିଁ । କିନ୍ତୁ ଏହାର ପ୍ରକୃତ ମୂଳଦୁଆ କଳ୍ପନା କେଉଁଠାରେ କେଉଁ ଆଦି ଆଳରେ ଲକ୍କାୟିତ, ତାହା ନିଶ୍ଚିତ ଗ୍ରନ୍ଥ ସମୂହ ମଧ୍ୟ ପ୍ରକାଶ କରିବାକୁ ଅପାରଗ । ତେବେ ହିନ୍ଦୁଶାସ୍ତ୍ରାନୁସାରେ ନୃତ୍ୟକଳାର ପ୍ରଥମ ସ୍ରଷ୍ଟା ହେଉଛନ୍ତି ସ୍ୱୟଂ ଶିବ । ପୁରାଣ ପ୍ରସିଦ୍ଧ ପ୍ରଳୟ ଦେବତାଙ୍କ ଶିବ-ତାଣ୍ଡବରୁ ଭାରତର ପ୍ରାଚୀନ ହିନ୍ଦୁ ନୃତ୍ୟକଳା କିପରି ଉଦ୍‌ଭୂତ ହୋଇ କାଳକ୍ରମେ ଏ ଦେଶରେ ପ୍ରଚଳିତ ଓ ପ୍ରସାରିତ ହେଲା, ତାହା ନୃତ୍ୟ-ବିଜ୍ଞାନ ଅନୁସନ୍ଧାନରୁ ଜଣାଯାଏ ।

ଶିବ, ଯାହାଙ୍କୁ କି ନଟରାଜ ( Dancing lord) ଆଖ୍ୟା ଦିଆଯାଏ ; ତାଙ୍କର ନୃତ୍ୟ ବିଷୟରେ ପାତଞ୍ଜଳର ପୌରାଣିକ ଉପାଖ୍ୟାନରେ ଏହି ଗଳ୍ପଟି ଅଛି :— ତାରକମ୍ ଅରଣ୍ୟରେ ବାସ କରୁଥିବା କେତେକ ଧର୍ମବିଦ୍ୱେଷୀ ଋଷିମାନଙ୍କର ଔଦ୍ଧତ୍ୟ ଓ ଗର୍ବକୁ ଖର୍ବ କରିବା ଅଭିପ୍ରାୟରେ ଶିବ, ବିଷ୍ଣୁଙ୍କ ସାହାଯ୍ୟ ଓ ସହାୟତା ଲୋଡ଼ିଲେ । ବିଷ୍ଣୁ, ଶିବଙ୍କର ଏହି ମହାନ୍ ଉଦ୍ଦେଶ୍ୟରେ ସମସ୍ତ ପ୍ରକାର ସାହାଯ୍ୟ କରିବାକୁ ସମ୍ମତି ପ୍ରଦାନ କଲେ ଓ ଦୁହେଁ ଛଦ୍ମବେଶ ଧାରଣକରି ସେହି ଅରଣ୍ୟ ସ୍ଥାନକୁ ଗମନ କଲେ । କିନ୍ତୁ ଋଷିଗଣ, ଶିବ ଓ ବିଷ୍ଣୁଙ୍କର ଏପରି ଅପ୍ରତ୍ୟାଶିତ ଆଗମନରେ ସନ୍ଦେହ କରି ଏହି ଆଗନ୍ତୁକଙ୍କୁ ବିନାଶ କରିବା ଅଭିପ୍ରାୟରେ ତତ୍‌କ୍ଷଣାତ୍ 'ଅଭିଚାର ହୋମ' ଆରମ୍ଭ କରିଦେଲେ । ପରେ ଏହି ଋଷିମାନେ ଭିକ୍ଷୁକ ଛଦ୍ମବେଶୀ ଶିବ ଓ ବିଷ୍ଣୁଙ୍କର କିଛି ଅନିଷ୍ଟ ସାଧନ କରିବା ଉଦ୍ଦେଶ୍ୟରେ ବ୍ୟାଘ୍ର, ସର୍ପ ଓ ଦୈତ୍ୟକୁ ପ୍ରେରଣ କଲେ । କିନ୍ତୁ ନଟରାଜ ଶିବ, ଏମାନଙ୍କ ଦମନ ଓ ବଶ କରି ଦେବଗଣଙ୍କ ଉପସ୍ଥିତିରେ ତାଙ୍କର ରୁଦ୍ର ତାଣ୍ଡବ ଆରମ୍ଭ କରିଥିଲେ । ଶେଷରେ ଏହି ଅରଣ୍ୟବାସୀ ଋଷିଗଣ ପ୍ରଳୟ ଦେବତା ନଟରାଜଙ୍କ ବଶତା ସ୍ୱୀକାର କଲେ । ଶିବ, ବିଷ୍ଣୁଙ୍କର ସହଯୋଗ ଓ ସହାୟତାରେ ନିଜର ଅଭିଳାଷ ପୂରଣ କରି ସ୍ୱଧାମ କୈଳାସପୁରକୁ ପ୍ରତ୍ୟାବର୍ତ୍ତନ କଲେ ।

ଏ ହେଲା ନଟରାଜ ଶିବଙ୍କର ପୌରାଣିକ ନୃତ୍ୟ । ପୁନଶ୍ଚ ନଟରାଜ, ବିଷ୍ଣୁଙ୍କ ସର୍ପବାହନ ଆଦିଶେଷର ଅନୁରୋଧ ଓ ପ୍ରାର୍ଥନାରେ ଦାକ୍ଷିଣାତ୍ୟର ଚିଲ୍ଲାଇ ବା ଚିଦାମ୍ବରମ୍‌ଠାରେ ନୃତ୍ୟର ପୁନରାବୃତ୍ତି କରି ଆଦିଶେଷଙ୍କୁ ମୁଗ୍ଧ ଓ ଚକିତ କରିଥିଲେ । ବର୍ତ୍ତମାନ ସେହି ନୃତ୍ୟ-ଭୂମିକାରେ ନଟରାଜଙ୍କ ବିରାଟ ମୂର୍ତ୍ତି ସାଧାରଣ ଦର୍ଶକ-ମାନଙ୍କ ପାଇଁ ସୁରକ୍ଷିତ ହୋଇଛି ।

ଯାହାହେଉ ଦକ୍ଷିଣବାସୀମାନେ ବିଶ୍ୱାସ କରନ୍ତି ଯେ ସେମାନଙ୍କର ପ୍ରଧାନ ଦୁଇଟି ଭାଷା ତାମିଲ ଓ ସଂସ୍କୃତ, ଧ୍ୱଂସ ଦେବତା ନଟରାଜଙ୍କ ଏକ ହସ୍ତର ଡମ୍ବରୁର ସଙ୍ଗୀତ ଓ ଅନ୍ୟ ହସ୍ତର ପ୍ରଳୟ ଅଗ୍ନିର ଜ୍ଞାନ ଆଲୋକରୁ ଉତ୍ପନ୍ନ ହୋଇଛି । ଅନ୍ୟଦୁଇଟି ହସ୍ତ ମଧ୍ୟରୁ ଗୋଟିଏ ବିଶ୍ୱବାସୀଙ୍କୁ ରକ୍ଷାକବଚ ପ୍ରଦାନ କରେ ଓ ଅନ୍ୟଟି ଅଙ୍ଗୁଳି ସଙ୍କେତ ଦ୍ୱାରା ଆଶ୍ୱାସକ ବାଣୀ ପ୍ରଚାର କରେ ।

ସବୁ ଧର୍ମରେ ସବୁ ଦେଶରେ ଭଗବାନଙ୍କ ସୃଷ୍ଟି-

---

* ନରନାରାୟଣ ଋଷିଙ୍କ ଆଶ୍ରମରେ ଯୋଗତତ୍ତ୍ୱ ବୁଝାଇବାକୁ ଯାଇ ଶିବ ଉକ୍ତ ଶ୍ଳୋକଟି କୂର୍ମ ପୁରାଣରେ ଗାଇଛନ୍ତି ।

Digitized by srujanika@gmail.com

ଶକ୍ତି ସହିତ ଧ୍ୱଂସ ଶକ୍ତିର କଳ୍ପନା କରାଯାଇଛି । ଏହି ଦୃଷ୍ଟିରୁ ହିନ୍ଦୁ ଧର୍ମଶାସ୍ତ୍ର ଅନୁଯାୟୀ ନଟରାଜଙ୍କ ନୃତ୍ୟରେ ମଧ୍ୟ ଏକାଧାରରେ ସୃଷ୍ଟି ଓ ଧ୍ୱଂସର ବିରାଟ ଶକ୍ତି ନିହିତ ଅଛି । ସେ ନୃତ୍ୟରତ ଥିଲାବେଳେ, ତାଙ୍କର ପ୍ରତି ଅଙ୍ଗ ସଞ୍ଚାଳନରେ ଗ୍ରହ ଉପଗ୍ରହ ଚୂର୍ଣ୍ଣ ହୋଇଯାନ୍ତି, ତାଙ୍କର ପ୍ରତ୍ୟେକ ଗତି, ବଙ୍କିମତା ଓ ଭାବଭଙ୍ଗୀ ଥରେ ବିଶ୍ୱକୁ ଗ୍ରାସ କରିବାକୁ ବସେ । ଏତଦ୍‌ବ୍ୟତୀତ ନଟରାଜଙ୍କ ବିରାଟ ପ୍ରତିମୂର୍ତ୍ତିରୁ ମାନବର ଅସ୍ତିତ୍ୱ, ତାର ଜୀବନର ଉପାଦାନ ଓ ବିକାଶର ପରିଚୟ ମିଳେ । ଶିବଙ୍କ ମସ୍ତକରେ ଥିବା ଗଙ୍ଗାର ସାତ ଟିକ ପ୍ରତିଛବି ସୃଷ୍ଟି-ରୂପରେ ସୂଚନା ଦିଏ—ତାଙ୍କର ଆଶୀର୍ବାଦ ପବିତ୍ର ଗଙ୍ଗା-ନଦୀର ଜଳପରି ସ୍ୱଚ୍ଛ ଓ ସର୍ବବ୍ୟାପୀ ।

ଏ ସବୁ ଯାହାହେଉ, କେଉଁ ଅନାଦିକାଳରୁ ବିଶ୍ୱର ଜାଗତିକ ଛନ୍ଦ ସଙ୍ଗେ ଛନ୍ଦ ମିଳାଇ ଆସୁଥିବା ନଟରାଜ, ନୃତ୍ୟକଳାର ଆଦି ଓ ସ୍ୱର୍ଗୀୟ ସ୍ରଷ୍ଟା ଅଟନ୍ତି । ହିନ୍ଦୁ ପ୍ରାଚୀନ ନୃତ୍ୟ ଶାସ୍ତ୍ରରେ ନୃତ୍ୟକଳାର ଯେତେଗୁଡ଼ିଏ ଛନ୍ଦ, କରଣ ଓ ମୁଦ୍ରା ଦୃଷ୍ଟିଗୋଚର ହୁଏ, ସେ ସବୁ ନଟରାଜଙ୍କ ଅଙ୍ଗ ଓ ପାଦ ସଞ୍ଚାଳନରୁ ଆମର ପ୍ରାଚୀନ ଋଷିମାନଙ୍କର ବଳିଷ୍ଠ କଳ୍ପନା ବଳରେ ରୂପ ପାଇ ସୃଷ୍ଟି ହୋଇଥିବାର ଅନୁମାନ । ଆଜି ଏହି ନୃତ୍ୟକଳା ଯୁଗର ବିଭିନ୍ନ ସାଜସଜ୍ଜାରେ ଭାରତୀୟ ଜୀବନ-ଧାରାରୁ ସଭ୍ୟତା ଓ ସଂସ୍କୃତିର ବିକାଶ ସଙ୍ଗେ ସଙ୍ଗେ ସମତାଳ ରକ୍ଷି ଗଢ଼ି ଉଠିବାରେ ସମର୍ଥ ହୋଇଛି ।

ନଟରାଜ ବିଶ୍ୱଜନୀନ ହୋଇଥିବାରୁ ତାଙ୍କର ଭାରତୀୟ କିମ୍ବା ହିନ୍ଦୁ ଚରିତ୍ର ସଙ୍ଗେ କୌଣସି ସାମଞ୍ଜସ୍ୟ ନାହିଁ—ସେ ସମଗ୍ର ବିଶ୍ୱର ଏକ ନୃତ୍ୟସ୍ରଷ୍ଟା ଏବଂ ନୃତ୍ୟକଳାର ସଜୀବ ପ୍ରତିମୂର୍ତ୍ତି ବା ଜୀବନ୍ତ ପ୍ରତୀକ ଅଟନ୍ତି ।

## ଭଙ୍ଗାଗଢ଼ା ସଂସାର

ଶ୍ରୀ ଚକ୍ରନାରାୟଣ ଖଟୁଆର

ତିକ୍ତ ଅତୀତକୁ ଭୁଲିବାପାଇଁ ସେ ଦେଇଥିଲା ଜୀବନ ମଦ୍ୟ ବୋତଲରେ । ଭୁଲି ପାରିନି । ଭୁଲି ବି ପାରିବନି । ହଁ ଭୁଲେ ସେ କେତେକ୍ଷଣ ପାଇଁ, କିନ୍ତୁ ଯେତେବେଳେ ମଦ୍ୟର ନିଶା ଲଭିଆସେ - ଆସେ ସ୍ମରଣ - ଗୋଟାଏ ଦିନର କଥା ପଡ଼େ ମନେ ଯାହା ତାର ଭୁଲିଣିଆ ମନଟାରେ ଆଣେ ଆକର୍ଷଣ ସଂସାର ପାଇଁ । ସେ ଜାଣେ ସଂସାର ବୋଇଲେ ଗୋଟାଏ ମୋହମାୟା ମାତ୍ର - ସେଇ ସଂସାରକୁ ଭୁଲିବା ପାଇଁ ସେ ନେଇଛି ଆଶ୍ରୟ ମଦ୍ୟ ବୋତଲର । ଠିକ୍ ମରୁଭୂମିରେ ଓଟ ବା ପ୍ରଶାନ୍ତ ମହାସାଗରରେ ଜାହାଜ ଭଳି ।

ବୋତଲ ପରେ ବୋତଲ ଚାଲେ । ସାଥି ତାର ବୋତଲ । ସଂସାରରେ ସବୁ ସାଥିଙ୍କୁ ବାଦ ଦେଇ ସେ କରିଛି ନୂଆ ସାଥି । ସେହି ତାର ଦହିତ ହୃଦୟର ମନ୍ଦାକିନୀ ଧାର । ଶତ ବୁଭୁକ୍ଷୁ ପ୍ରାଣରେ ଅମୃତର ସ୍ୱାଦ । ତାକୁ ନେଇ ସେ ଭୁଲେ - ଜଗତ ଭୁଲେ ।

ଆଜି ରାମଶଙ୍କରର ବୋତଲ ଫମ୍ପା । ପଇସାପତି ନାହିଁ । ମଦ ଦୋକାନିଟା ଆଉ କେତେଦିନ ବାକି ଦେବ । ଗୋଟାଏ ବଡଲୋକ ଯାତ୍ରୀକୁ ଜଣ୍ଡା ପାଖେ ଯୁଟାଇଦେଇ ସେ ପାଇଥିଲା ଦୁଇଟା ରୁପେଲି ମୁଦ୍ରା - ଦୁଇ ତିନିଦିନ ଚଳେ - ସେ କାହିଁ ରହିବ ପକ୍ଷୀ ନ-ହେଲେବି ପକ୍ଷୀଠୁଁ ବଳେ । ସାମାନ୍ୟ ଟିକିଏ ସୁବିଧା ପାଇଲେ ଉଡ଼ିଯାଏ ଆଉ କାହା ହାତକୁ । କିଏ କେତେ

Digitized by srujanika@gmail.com

ଜଗ ଚୁଲୁଛି ? ଦୁଇଦନ ହେଲଣି ଗାଡ଼ିକୁ ଯିବା ବନ୍ଦ - ମିଳୁ କେଉଁଠୁ ? ଷ୍ଟେସନର ପ୍ଲାଟଫର୍ମ ଉପରେ ଯେ ଥିଲେ ନିଶେଲ ପାଇଁ ଲୋକଙ୍କୁ ଦରକାର - ମିଳିଆ କାମ ! ଗଲେ ମିଳିଲୁ ନୋହିଲେ ଉପାସ । ଆଜି ଆଶା ସକାଳ ଏକ୍ସପ୍ରେସ ନ ଦେଖିଲେ - କୋଡଲିଆ ବୁଝିବ ।

ଯା ଘରର ଝରକା ଦେଇ ବାଦାମୀ ରଙ୍ଗର ସୂର୍ଯ୍ୟ କିରଣ ଲାଗିଲା ରାମଶଂକରର ମୁହଁରେ । ଖାଇ ଛାତିରେ ବୁଲି ଆସି ଉକ ଉକ ମୁହଁଟାକୁ ଆବରଣ କରି ଅଛି କାଳିମାର ଗୋଟାଏ ଛାୟା । କେଶ ଗୁଡ଼ାକ ଦେଖା-ଯାଉଥାଏ ଅନେକ ଶୈବାଳ ତୁଲ୍ୟ - ବାଦାମୀ ରଙ୍ଗରେ ଆସ୍ତେ ଆସ୍ତେ ମିଳାଇ ଯିବାକୁ ବସିଲା ଉଠିଲେ ରାମଶଂକର - ଅଜାଣରେ ଟାଣି ବୋତଲଟା । ଭାବିଲେ ଜୀବନ ... ... ... - ଦେଖା ମିଳିବ ନବ ଯୌବନ ... ... ... ... । ... ... ଶଶୀ ଅନ୍ୟ ସ୍ଥା-ଘରେ ... ... ... । ଉଦ୍ଦାମ ... ... ... । ... ... ବୋତଲଟି ... ଦେଲ ଗୋଟାଏ ... - ପ୍ରିୟା ... - ପୁଅ ସେ - ସେ ତାର ସବୁ ।

... କୋଠାରୁ ଭାସି ଆସିଲା ଗୋଟାଏ କ୍ରନ୍ଦନର ରୋଳ । ଖୁବ୍ କ୍ଷୀଣ କଣ୍ଠ । ନାରୀ ହେବ ପରା । ଓଃ କ କରୁଣ ସେ - ହୃଦୟସ୍ପର୍ଶୀ ।

ଠିକ୍ ଶଶୀର ସ୍ୱର ପରି - ନା ସେ କାହୁଁ ଆସିବ ? ବନ୍ଦ କରୁନାହିଁ । ଟାଁରେ ପଡ଼ିଲ ଚାହାଳ । ତାଙ୍କ ହାତ ପକାଇ ଦେଇ ଉପରେ ବସି ରହିଲେ ଟାଁର ଭେଣ୍ଡିଆ । ମାନ ମହତକୁ ମାରି ସମ୍ଭ୍ରାନ୍ତ କଥା ମାନି ଥିଲେ ରାମଶଂକର । ଘରେ ଏକା ଶଶୀ - କୋଳରେ ବରଷକର ପୁଅ - ... ଉଠି ଦେହ ରାମଶଂକରର । ଭୁଲି-ଯିବା ପାଇଁ କାଢ଼ିଲି ବୋତଲ, ଶୂନ୍ୟ ବୋତଲଟା ଦେଇ ... ସାନ୍ତ୍ୱନା ।

" ମରିଗଲି ମା - ମା-ର-ନା- ଏତେ ବଡ଼ ଗରବରେ ... ନିଠାଇ ପାରିଲନି ପଡ଼ିଗଲି " - ଓଃ କ ମର୍ମନ୍ତୁଦ ଶବ୍ଦ କାନ୍ଦଣା - ସେ କଣ୍ଠସ୍ୱର ନାରୀର ନୁହେଁ - ଗୋଟିଏ ବାଳିକାର ହେବ ପରା । ଅତ ନରମ ଗଳା ।

ରାମଶଂକରର ଭାବି ଗୁଲିଛି - ବନ୍ଧ ଡେଇଁ ପାଣି ଚାଲି ଆସିଲା । ଭାସିଗଲେ ଟାଁର ଭେଣ୍ଡିଆ ଗୁଡ଼ିକ - ଚୋଡ ମୁହ ସେଟିକି ସଂଭାଳ ଚଡ଼ିବା । ନିଜେ ବି ଭାସିଗଲା ସେଇ ମୁଅରେ । ଗୋଟାଏ ଧକ୍କାରେ ପାଇଲା ଚେତନା ଓଃ ଗୋଟାଏ ଗଛ - ପ୍ରାଣ ରଖିଲା । ମନଟା ତାର କାନ୍ଦି ଉଠିଲା ଶଶୀ ପାଇଁ - ବରଷକର ଝିଅଟିଏ କୋଳରେ । ରାଜରାଣୀ ପରି ରୂପ - କାହିଁ ଥିବ ସେ ? ଯାଇଛନ୍ତି, ସବୁ ସେ ଯାଇଛି ଆଜି ଫେରିବନି ପ୍ରକାଣ୍ଡ ବନ୍ୟାର ଉଦ୍ୱେଳିତ ଜଳରାଶି ଭିତରେ ସେ ଥିବ । ଆଖି ... ଖୋଲିଲା ରାମଶଂକରର ।

ତାର ସେ ସନ୍ତପ୍ତ ହୃଦୟରେ ବାଧା ସୃଷ୍ଟି କରି ଶୁଭିଲା ସେ ସ୍ୱରଟି । " ନା-ନା ମୁଁ ଗୁଲିଯାଉଛି ପଛେ-ଭାଉ ମାରନା - ଏଁ-ଏଁ " - ଫେରି ... ରାମଶଂକର ଗୋଟାଏ ଦଶବର୍ଷର ବାଳିକା - କ ... ସୁ ମୁହଁଟି- ଦରିଦ୍ରତା ଓ ପୀଡ଼ନର ମଧ୍ୟଦେଇ ଫୁଟି ଉଠୁଛି ତାର ସୁଲଳିତ ମୁଖପଦ୍ମଟି - ଠିକ୍ ଶ୍ମଶାନର ତୁଳସୀ ପରି । ଚିଲଟି ଲୋକଙ୍କ ଲଗୁଡ଼ ଆଗେଇବା । ଆଗରେ ଛକ କିଏ କାହାଁକି ପଚାରିବ ? ଚାଲିଛି ଲକ୍ଷ୍ୟହୀନ ଭାବେ ଗୁଲିଛି ।

ମନର ବେଦନା ଅପସରି ଆସିଲା । ତା ସୁହୃତ ମଧ୍ୟ କେଜାଣି କାହିଁ ଗଲା ମଦ୍ୟପାନ ଲାଲସା କମିଆସିଲା - ନା ଦଗ୍ଧ ହୃଦୟରେ ସାନ୍ତ୍ୱନା ଆଣି ପାରିବନି ସେ । କାଲି ଦିନେ ଦୁଇଦିନ ନ ମଇଲେ ତ ସ୍ୱାନ୍ତ୍ୱନା ଆଣି ପାରିଲନି । ନିଅରିଲା । ଯାତ୍ରୀ ବସାର ବାରଣ୍ଡାରେ ବସି ରହିଲା ନିଶ୍ଚଳ ଓ ନିସ୍ତବ୍ଧ ଭାବରେ । ଗାଧୁଆ ହୋଇନି ନ ଖାଇବା ବି । ... ପରି ବସି ହେଉଛି । କୋଳାହଳ ... ବୋଲି ... ଦେଲେ ... ଆସୁଛି ।

ସେଇ ନେଇଥ ... ଅଟଳ ଅଗରେ ... 

ପରଦାଟି ଘୁଂଚୁଇ ନେଇଛନ୍ତି ସେଇ ବାଳିକାଟି ଧୀରେ-ଧୀରେ ଚାଲିଛି ।

ଶଶୀର ଚେହେରା ପରି ଚେହେରା । ଠିକ ... ମୁହଁ ପରି - ତେବେ ଏ କଣ ତାର ··· । ନା ହୋଇ ପାରେନା ।

କେତେଦିନ ଧରି ଏ ଚାଳରୁ ସେ ଚାଳ ଏ ଗଛରୁ ସେ ଗଛ ସେ ବୁଲି ଦେଖିଛନ୍ତି । ଗାଁର ଛୁଆଙ୍କୁ ଦେଖିଛନ୍ତି ତା ପାଖେ ଅନ୍ୱେଷଣ କରିଛନ୍ତି । କେତେ ଲୋକଙ୍କ ମୁହଁ ଦେଖିଛନ୍ତି । କିନ୍ତୁ ସେ ଦେଖିନି ତାଙ୍କୁ ଅତି ଆପଣାର ମୁହଁ ଦୁଇଟି । ଆଉ ବି ଦେଖି ପାରିବେନି । ବୁକୁଫଟା ...ଟାଏ ... ଆସିଲା ରାମଶଂକରର — ।

" କ... ଛୁ ? - କାହିଁକି କାନ୍ଦି କାନ୍ଦି ଚାଲି ଆସିଲୁ "? ପଚାରିଲା ରାମଶଂକର ।

ପିଲାଟି ଚାହିଁ ରହିଲା କାଠପରି । କେତେ ଲୋକ ଦେଖିଲେଣି - କାହିଁ କିଛିତ ପଚାରିଲେନାହିଁ - ଏ କିଏ ? - ଉତ୍ତର ଦେଲା ନୀରବ ଗଳାରେ

" - ଦୁଃଖୀଟିଏ ମଉସା - ଦୁଇଦିନ ହେଲାଣି କିଛି ଖାଇନି, ଗୋଟାଏ ପଇସା । "

ଥରିଉଠିଲା ମଦୁଆ ରାମଶଂକରର ଆତ୍ମା - କି କରୁଣ ସ୍ୱର - ଦୁଇଦିନ ହେଲା ଖାଇନି । ଆଗରେ ଜଳଖିଆ ଦୋକାନ । ନୂଆଖାଲରୁ ଚାଲିଆସିଥିବା ଦଙ୍ଗାଳିଙ୍କର ଭିଡ଼ ଭାଡ଼ । ଟଙ୍କା ଝଣଝାଣ - ଚାକର ଟୁଆଙ୍କ ନାଲିଝାଳ ।

ନିଜ ... ପାଖଟିରେ ଦୁଃଖୀ ବାଳିକାଟିକୁ ବସାଇ ଚାଲିଲା । ... ଆଣିବ - ପୁରି ? ହଁ - ଆଉ କଣ ତରକାରୀ ? ନା - ରାଗ ହୋଇପାରେ । ତେବେ କଣ ମିଠେଇ ? ପିଲାଟି ମିଠା ଖାଇବାକୁ ଭଲ ପାଏତ ? ଅନ୍ୟପାଇଁ ଖାଦ୍ୟ ସଂଗ୍ରହ କରି ଦଶବର୍ଷ ପରେ ଆଜି ଏ ନୂଆ ଅନୁଭୂତି ।

ଲେଉଟିଲା ରାମଶଂକର । ଭୋକ ଓ ମାତର

ଏକାନ୍ତ ନିର୍ଭରରେ ପିଲାଟି ଆଶ୍ରୟ ନେଇଛି ନିଦ୍ରା-ଦେବୀଙ୍କ ଅଭୟ କୋଳରେ ।

ମୁଣ୍ଡ ପାଖରେ ବସି ବାଳିକାଟିର ରୂପଲାବଣ୍ୟ ପ୍ରତି ନା' ଦକ୍ଷ ଥାଣି ହୋଇଗଲା - ଠିକ୍ ଶଶୀର ମୁହଁ- ଦଶବର୍ଷ ତଳର ଘଟଣା - ନାଚିଲା ଆଖିରେ । ଛୋଟ ପିଲାଟିଏ ଆଉ ତା ମା ଘରେ । ଆଉ ଗାଁର କେଉଁଠା ଠୋକା ଦୁଆରେ ଡାକୁଛନ୍ତି - ଚାଲିଆ ରାମଶଂକର ବନ୍ଧୁ ନୃଚିବା ଉତ୍ସରେ ।

ସେଇ ତାର ଶେଷ ଦେଖା - ସ୍ତ୍ରୀ ଆଉ ବୁକୁର ରକ୍ତ ପ୍ରତିମା 'ଜ୍ୟୋତ୍ସ୍ନା' ସହିତ । ସେଇ ତାର ଶେଷ ବିଦାୟ ସଂସାରରୁ । ଆଜି ପୁଣି ଛୋଟ ସଂସାରଟିର ନବ ଆଶା, ଅନ୍ଧାରର ଉଜ୍ଜ୍ୱଳ ମୁଣ୍ଡ ଟେକୁଛି । ବାଳିକାଟିହିଁ ତାର ସୂଚନା - ନିରାଶ୍ରୟ, ନିଃସ୍ୱ ବାଳିକା, ନିରୁଦ୍ଦେଶ କେହିନାହିଁ ବୋଧହୁଏ ।

ପିଲାଟି ଖାଇଲା । ଗୋଟାଏ ଆନନ୍ଦ ମର୍ମେ ମର୍ମେ ଅନୁଭବ କଲା ରାମଶଂକର । ଦଶବର୍ଷ ପରେ ତାର ଅର୍ଜନ ତାରି ଅନ୍ନ ଆଜି ଖାଇଛି ଜଣେ । ଦଶବର୍ଷ ପୂର୍ବେ ଏହି ଜଣକୁ ଖୁଆଇ ସନ୍ତୁଷ୍ଟ କରିବା ପାଇଁ ସେ କରୁଥିଲା ହାଡଭଙ୍ଗା ପରିଶ୍ରମ । ଜଣକୁ ଦୁଇଜଣ ହେଲା । ଆହୁରି ଅର୍ଜିବାକୁ ପଡ଼ିବ । ରକ୍ତ ମାଂସ ଖଟାଇ । ସେଥିରେ ନଥିଲା ତାର ଦୁଃଖ ବରଂ ତୃପ୍ତିଭରା ଗୋଟାଏ ନିଶ୍ୱାସ ମନର ଅଜାଣତରେ ବାହାରି ଆସୁଥିଲା । ସବୁ ଆଜି ସ୍ୱପ୍ନ... ବାଲି । ତାର ରୋଜଗାର, ତାର ଅର୍ଜନ, ଆଜି ବ୍ୟର୍ଥ ।

" କିଏ ଅଛି ତୋର ମା -"

" ଥିଲେ ଆଉ କିଏ - ହୋ ପଦାର ତା ଦୁଆର ହୋଇଥାନ୍ତି କି ? ମଲାବେଳେ ଜଣେ ମୁସଲମାନ ମୋତେ ପାଳି ରଖିଥିଲେ । ସେ କେବଳ କହନ୍ତି ମୁଁ କୁଆଡେ ବ୍ରାହ୍ମଣ ଘର ଝିଅ ଆଉ କିଛି ସେ ମୋତେ କହନ୍ତିନି - ପଚାରିଲେ କାନ୍ଦନ୍ତି - ଜାଣେନା ମୋର

Digitized by srujanika@gmail.com

ନନା, ବୋଉ କଏ 'ଜୋଉ ' " - ଲୁହ ପୋଛିଲା ବାଳିକାଟି

".ତେ ନା"?

"ଜ୍ୟୋତ୍ସ୍ନା " -.

ଜୋତ୍ସ୍ନା ଜୋତ୍ସ୍ନା !!' ଦଶବରଷ ତଳର କଥା ରଣ' ଅଧିଲ ରାମଶଙ୍କରର । ଜୋତ୍ସ୍ନା ? ଠିକ୍ ତ ମନେ ଅଛି - ମୋର ଝିଅଟିର ନାମ ଦେଇଥିଲା ଇବ୍ରାହିମ ଆଥିମୋର - ଧଣୀର କନ୍ୟା ବୋଲି - ।

ତେବେ ସେ ମୁସଲମାନ କଣ ଇବ୍ରାହିମ - "ଆଚ୍ଛା ମ ସେ ମୁସଲମାନଙ୍କ ନା ଜାଣୁ - ?",

' ଟାଣେ ମଙ୍ଗିଆ - ଇବ୍ରାହିମ । "

"ତେବେ ତୁ କଣ ମୋରି ଜୋତ୍ସ୍ନା - ମା ମା - ମଲୁସା ' ନୁହେଁ ମା ତୋର ନନା, ନନା ମୁଁ - ମୋ ଜୋତ୍ସ୍ନା "

ପିଲାଟି କାନ୍ଦି ଉଠିଲା - " ନନା ବୋଲି - ।

"ହଁ, ଡାକ ମା - (ସେଇ ( ଟଙ୍କାବା ପାଇଁ ଦୁଇଟି ପୁଅ ଘରେ ତୋତେ ଟେକି ଦେଇଥିଲି ମା ସେଇ ଇବ୍ରାହିମ - ପଠାଣ ହାତକୁ - ସେଇ ତୋତେ ବଞ୍ଚାଇଛି । "

ବାଳିକାଟିକୁ କୋଳକୁ ଉଠାଇ ନେଇ ରାମଶଙ୍କର ତାର ଲୁହଧୁଆ ଗଣ୍ଡ ଦେଶରେ ଦେଲା ଗୋଟାଏ ଚୁମା—

## 'ନ' ଓ 'ନାହିଁ' ର ସାହିତ୍ୟିକ ପ୍ରୟୋଗ

ଶ୍ରୀ ବୃନ୍ଦାବନଚନ୍ଦ୍ର ପଟ୍ଟନାୟକ

ଏଥିପୂର୍ବରୁ 'ନ' ଓ 'ନାହିଁ' ସମ୍ପର୍କରେ ଶଙ୍ଖ ଓ 'ନବଭାରତ' ରେ କେତେକ ଆଲୋଚନା ହୋଇଥିଲା । ତେଣୁ ସେ ଦୃଷ୍ଟିରୁ ଗୌଣ ଭାବରେ ଅଳ୍ପ କେତେଟା କଥା କହିଦେଇ ତା'ର ସାହିତ୍ୟିକ ପ୍ରୟୋଗର ଭିତ୍ତି ସମ୍ପର୍କରେ ଆଲୋଚନା କରିବା ଏ ପ୍ରବନ୍ଧର ମୁଖ୍ୟ ଉଦ୍ଦେଶ୍ୟ ।

ପୁରାତନ ତଥା ଆଧୁନିକ ସାହିତ୍ୟରେ ନାହିଁ ପରି 'ନ' ର ବ୍ୟବହାର ନିଷେଧାର୍ଥରେ ପ୍ରଚୁର ଭାବରେ ଅଛି ଓ ଉଚ୍ଚଶ୍ରେଣୀର ସାହିତ୍ୟିକ ତଥା ଭଦ୍ର ମହଲର କଥିତ ଭାଷାରେ ଏହାର ପ୍ରଚୁର ବ୍ୟବହାର ଆମେମାନେ ଦେଖୁଁ ଓ ବ୍ୟବହାର କରୁଁ ମଧ୍ୟ ।

ନିଶ୍ଚୟାର୍ଥରେ 'ନ' ର ଯେଉଁ ବ୍ୟବହାର ଅଛି ବୋଲି କୁହାଯାଇଛି, ତାହା ପ୍ରତ୍ୟକ୍ଷ ଭାବରେ ନିଶ୍ଚୟାର୍ଥକ ନୁହେ । ଯେପରି ମାନସିଂହଙ୍କର—

" ଧନ ଗଲେ ପୁରୀ ମୋର ହେବ ଅନ୍ଧକାର
ଏ କଥା କି ମୁହିଁ ପ୍ରାଣେ କରନି ବିଚାର "

ଏଠାରେ ଧନ ଗଲେ ପୁରୀ ଯେ ଅନ୍ଧକାର ହେବ, ଏ କଥା କ'ଣ ମୁଁ ପ୍ରାଣରେ ବିଚାର କରିନାହିଁ (ବୋଲି ତୁମେ ଭାବୁଚ ? ତା' ନୁହେ, ମୁଁ ବିଚାର କରିଚି । ) ତେଣୁ 'ନି' ଟା ଏଠାରେ ନିଶ୍ଚୟ ନାହିଁ ଓ ସ୍ପଷ୍ଟ ଭାବରେ ନିଷେଧାର୍ଥକ ଅବ୍ୟୟ । ଶେଷରେ ବିଚାର କରିଛି ବୋଲି ମୀମାଂସା ହେଲେ ମଧ୍ୟ ନାହିଁଟା ସ୍ୱତନ୍ତ୍ର ଭାବରେ 'ହଁ' ହୋଇଯିବ ନାହିଁ । ଶଙ୍ଖ ସମ୍ପାଦକ ମହାଶୟଙ୍କ ଉଦାହରଣରେ " ବାଳକ ବାପକୁ,

Digitized by srujanika@gmail.com

ଭାଇକୁ ବା ଅନ୍ୟ କାହାକୁ କଣ୍ଟି ମାଗିଲା । ଅସ୍ୱୀକାର କଲେ ବାଲକ କହେ - 'ଦଅନ୍, ଦଅନ ।" ଏଠାରେ 'ନ' ମଧ୍ୟ ସେଇ ନିଷେଧାର୍ଥକ ଅବ୍ୟୟ । କାରଣ 'ଦେଉନାହଁ କାହିଁକି ମ ?' ଏହାର ସଂକ୍ଷେପରେ କମେ 'ଦଉନ' କାଇଁକି' 'ଦଉନ ?' ବା 'ଦଅନ ?' ହୋଇଛି । ତେଣୁ ନିଷ୍ଟପ୍ରାର୍ଥରେ ନୁହେ ।

ସମ୍ବଲପୁରର 'ଅଶିକ୍ଷିତ ଗ୍ରାମ୍ୟ ଭାଷା' ରେ 'ନ ଖାଏଁ' 'ନ ଯାଏଁ' ରେ 'ନ' ନିଶ୍ଚୟ ନିଷେଧାର୍ଥକ ଅବ୍ୟୟ । ଅର୍ଥ 'ନାହିଁ' । ଏଠି' ଆମର ଏତିକି କହିବାର କଥା - ସେ ଭାଷାଠୁଁ ଆମ ଭାଷାରେ ପ୍ରୟୋଗର ପ୍ରଭେଦ ସ୍ପଷ୍ଟ, ଆମର ଏଠି 'ନ' ଟା କ୍ରିୟାର ଶେଷରେ ବସେ ଓ ନିଜକୁ ଅଭଦ୍ର ବୋଲି ଅନୁଭବ ନ କରୁଥିବା ଆମମାନଙ୍କ ଦ୍ୱାରା ବ୍ୟବହୃତ ହୁଏ ।

ଭକ୍ତ କବି ଅଭିମନ୍ୟୁଙ୍କ ସଂସ୍କୃତ ଦୃଷ୍ଟିକୁ ବ... ...ଙ୍କ ରଚନା ଅକ୍ଷର ଶୃଙ୍ଖଳାରୁ ମୁକ୍ତ ସେଠ... ...ରେ ଅଶିଷ୍ଟ ପ୍ରୟୋଗ ଅଛେ ଅଣାକରିବାର କୌଣସି କାରଣ ନାହିଁ । ବିଦଗ୍ଧଚିନ୍ତାମଣିର ଗୋଟିଏ ଉଦାହରଣ ଦେଖାଯାଉ—

"ଧୀରେ ଧୀରେନ୍ଦ୍ରଙ୍କୁ ଗିରେ ବୋଧିଣ ସଖୀରି,
ରାଧାଙ୍କୁ କହିଲା ସବୁ ପ୍ରସଙ୍ଗ ବିସ୍ତାରି ।
ଦୁଃଖ ଗୋ, କି କହ କହନ,
କହୁ କହୁ ଧନୀ ହୃଦେ ଜଳଲା ବହନ ॥"

ପୁଣି ବଳରାମ ଦାସଙ୍କର

"କୋଇଲି ... ମଥୁରାକୁ ଯିବନିକି ଧାଇଁ
ମାଧବ ମଧୁସୂଦନ ଆଣିବ ମନାଇ ଲୋ
କୋଇଲି ।"

ପୂର୍ବ ପ୍ରମାଣ ଅନୁସାରେ ଏ ସ୍ଥଳରେ ନିଷେଧାର୍ଥକ ଅବ୍ୟୟ ଓ ଅର୍... ...ନାହିଁ' । ତେଣୁ ପୂର୍ବେ 'ନ' ଶିଷ୍ଟ ପ୍ରୟୋଗ ଥିଲା ... ...ବେ ବି ଅଛି ।

କବି କାବ୍ୟ ସୃଷ୍ଟି କଲାବେଳେ ଶୁଦ୍ଧ 'ନ' 'ନାହି' ପରି ପଦ ସ୍ଥାନରେ ଅଟକି ତାର ବ୍ୟବହାରକୁ ସ୍ୱତନ୍ତ୍ର ଭାବରେ ଭଣ୍ଡେନାହିଁ । ତାହାହେଲେ ସାହିତ୍ୟର ପ୍ରାଣ ଯେଉଁ ଭାବର ସ୍ୱଚ୍ଛନ୍ଦ ଗତି ଏଇ ଅଳଂକାରର ବଂଶୀ ଖାତ ତଳେ ଛଟପଟ ହୁଏ । ସ୍ୱତନ୍ତ୍ର କବିଙ୍କର ଅନ୍ତର୍ନିହିତ ସୂକ୍ଷ୍ମ ରୁଚି ଜ୍ଞାନର ଖାତିରରେ ସ୍ୱତନ୍ତ୍ର ଶୈଳୀ ଓ ଭାବବିନ୍ୟାସ ସ୍ୱତଃ ଆଦୃତ ହୋଇଯାଇଥାଏ । ଓ ଭାବର ସ୍ୱଚ୍ଛନ୍ଦ ଅଭିବ୍ୟକ୍ତି ବେଳେ ପରୋକ୍ଷ ବିନ୍ଦୁ ... ଶବ୍ଦ ଭଣ୍ଡାରରୁ ଭାବର ଠିକ୍ ସମଧର୍ମୀ ଭାଷା ଅଲକ୍ଷ୍ୟରେ ଓ ଅନାୟାସରେ ଯୁଟିଯାଏ । ଏହି ବଶିଷ୍ଟ ରୁଚି ଜ୍ଞାନର ସ୍ୱତଃ ଅବଲମ୍ବିତ ସମଧର୍ମୀ ଭାଷା ବ୍ୟବହାର ଦୁଇଜଣ କବିଙ୍କର ସାମାନ ହୋଇଗଲେ ମଧ୍ୟ ଏକକୁ ଅପରର ଅନୁକରଣ କୁହାଯିବ ନାହିଁ । କାରଣ ଭାଷା ମିଳିଗଲେ ମଧ୍ୟ ଅନ୍ତରର ଯେଉଁ ଭିତରୁ ଭାଷା ବ୍ୟବହାରର ପ୍ରେରଣା ସେ ପାଇଛନ୍ତି, ତାହା ପ୍ରତ୍ୟେକ ପ୍ରତିଭାଶାଳୀଙ୍କଠି ପୂର୍ଣ୍ଣ ମୌଳିକ । ଏକ ହେଲେ ବି କୃତ୍ରିମ ନୁହେ । ତେଣୁ ଏଠି ଅନୁକରଣର ଅବସର ନାହିଁ ।

ତା'ପରେ 'ନ' ଟା କାନକୁ ଶ୍ରାବ୍ୟ କି ଅଶ୍ରାବ୍ୟ, ଏଇଟା ବିଚାର କରାଯାଉ । ଯଦିଓ ଭାଷାକୁ ଭାବଠାରୁ ପୃଥକ୍ କରି ବିଚାର କରିବାଟା ମନୁଷ୍ୟକୁ ... ଦେଖି ପୋଷାକ ପସନ୍ଦ ହେବା ନ ହେବା ବିଚାର କଲା ପରି ହେବ, ତଥାପି ପ୍ରଥମେ ଦେଖାଯାଉ ଭାବର ସମ୍ପର୍କ ଛାଡିଲେ ବି 'ନ' ଓ 'ନାହିଁ' କିପରି ଶୁଭୁଛନ୍ତି । ଏହା ଅବଶ୍ୟ ସ୍ୱୀକାର୍ଯ୍ୟ ଯେ 'ନାହିଁ' ଉଚ୍ଚାରଣର ଧ୍ୱନିରୁ ଗାମ୍ଭୀର୍ଯ୍ୟ ଗୁଣ ଓ 'ନ' ଧ୍ୱନିରୁ ମାଧୁର୍ଯ୍ୟ ଗୁଣ ପ୍ରକାଶ ପାଉଛି । ଗାମ୍ଭୀର୍ଯ୍ୟ ଓ ମାଧୁର୍ଯ୍ୟରୁ କେଉଁଟି ହେଲେ ଅଶ୍ରାବ୍ୟ ନୁହେ । ବରଂ 'ନ' ଠାରୁ 'ନାହିଁ' ଅପେକ୍ଷାକୃତ କଠିନ ଓ 'ନ' 'ନାହିଁ' ଠାରୁ କୋମଳ

ପୁଣି 'ନ' ଟା 'ନାହିଁ' ଅପେକ୍ଷା କୋମଳ ସରଳ ବୋଲି ପ୍ରତି କ୍ଷେତ୍ରରେ 'ନାହିଁ' ବଦଳରେ 'ନ' ର ବ୍ୟବହାର ଯେ ସମର୍ଥିତ ହେବ ତା' ନୁହେଁ ।

Digitized by srujanika@gmail.com

ଅନ୍ୟ କ୍ଷେତ୍ରରେ କଥିତ ଭାଷାକୁ ସାହିତ୍ୟରେ ପ୍ରବେଶ କରାଇବାହିଁ ସେ ସାହିତ୍ୟକୁ ପ୍ରଗତିଶୀଳ ବା ଲୋକ - ସାହିତ୍ୟ କରାଇବା - ଇଆ ବି... ନୁହେ । ଭାଷା ସାଧୁଭାଷା ବା କଥିତ ଭାଷା ହୋଇପାରେ, ମାତ୍ର ତାହା ସେଥିପାଇଁ ସାହିତ୍ୟର ଭାଷା ହେବା ବା ନ ହେବାର କୌଣସି କାରଣ ହେବା ଭୁଲ୍ । ପୁଣି ଯେଉଁ ବ୍ୟାକରଣ ସମ୍ବଳ ପଣ୍ଡିତୀ ଭାଷା ଅନେକ ସମୟରେ କବି ଭାଷାରେ ବିକାର ସୃଷ୍ଟି କରିଥାଏ, ସେହି ପଣ୍ଡିତୀ ନିୟମର ଖାତିରରେ ସାହିତ୍ୟିକ ଭାଷାକୁ ନିୟନ୍ତ୍ରିତ କରିବା ଏକ ସାହିତ୍ୟିକ ଗୁଣ ନୁହେଁ । କାରଣ ସାଧୁଭାଷା ଯେତେ ବ୍ୟାକରଣ ସମ୍ମତ ହେଉନା କାହିଁକି, ତାହା ସ୍ଥୂଳ ପ୍ରୟୋଜନର ଖାତିରରେ ଗଢ଼ି ଉଠିଥାଏ । ମାତ୍ର ସାହିତ୍ୟିକ ବା କବିର ଭାଷା ତା'ର ଅନ୍ତର୍ନିହିତ ଏକ ନିଗୂଢ଼ ରୁଚି ଜ୍ଞାନ ଓ ସୃଷ୍ଟି ଜ୍ଞାନର ପ୍ରେରଣାରେ ସୃଷ୍ଟି ଉଠିଥାଏ । ସାହିତ୍ୟର ମୁଖ୍ୟ ପ୍ରୟାସ ହେଉଛି, ଭାବର ସୌନ୍ଦର୍ଯ୍ୟ ଓ ମହତ୍ତ୍ୱ ଅନୁଯାୟୀ ସୁନ୍ଦର ଓ ମହତ୍ ଭାଷା ସୃଷ୍ଟି କରିବା । ଏହି ନିଦର୍ଶନରେ କବି ଚଳିତ ଭାଷାରୁ ଅପ୍ରଚଳିତ ମାର୍ଜିତ ଭାଷାରୁ ବା ନିଜର କଳ୍ପନା ଶକ୍ତିରୁ ଶବ୍ଦଚୟନ ଶବ୍ଦ ରଚନା ମଧ୍ୟ କରି ସାହିତ୍ୟର ଭାଷା ସୃଷ୍ଟି କରେ । ଏହା ମଧ୍ୟରେ କୃତ୍ରିମତା ଆଦୌ ନାହିଁ ।

ଏହି କବିର ଭାଷାକୁ ସବୁ କ୍ଷେତ୍ରରେ ବ୍ୟବହାର କରିବାକୁ ଆମେ ଅକ୍ଷମ । କାରଣ ଦୈନନ୍ଦିନ ଜୀବନ ମଧ୍ୟରେ ଭାବକୁ ଅନୁଭବ କରିବାର ବା ଭାଷାକୁ ଠିକ୍ ଶିଖିବାର ଅବସର ବା ପ୍ରେରଣା ଆମର ନାହିଁ । ଭାବର ସ୍ୱରୂପ ପ୍ରକାଶରେ କି ଆନନ୍ଦ ଅଛି, କି ସୌନ୍ଦର୍ଯ୍ୟ ଅଛି ତାହା ଅନୁଭବ କରିବାର ଆବଶ୍ୟକତା ବି ଆମଠି ନାହିଁ । ଦୈନନ୍ଦିନ ଜୀବନରେ ଆମେ ଅଡମାବାଦିରେ ସ୍ଥୂଳ ପ୍ରକୃତିର ଦାସ । ମାତ୍ର ସ୍ଥୂଳ ପ୍ରକୃତିକୁ ଅତିକ୍ରମ କରି ସୂକ୍ଷ୍ମ ପ୍ରକୃତିର ଅନ୍ତରରେ ଯେଉଁ ସତ୍ୟଟିକ ତାହାକୁ ସୌନ୍ଦର୍ଯ୍ୟପୂର୍ଣ୍ଣ, ରସପୂର୍ଣ୍ଣ ଓ ମହତ୍ତ୍ୱପୂର୍ଣ୍ଣ କରିବା ସାହିତ୍ୟର ସବୁ କଥା ।

ପ୍ରାକୃତିକ ବସ୍ତୁ ବା ଘଟଣାକୁ ପ୍ରକୃତ ସାହିତ୍ୟିକ ଯେପରି ଠିକ୍ ନକଲ କରି ପାରେନାହିଁ, ପ୍ରାକୃତିକ ଭାଷାକୁ ମଧ୍ୟ ସେହିପରି ସବସ୍ତ କରି ନିଏନାହିଁ । ସାହିତ୍ୟର ବସ୍ତୁ ଯେପରି ଅନ୍ତରାତ୍ମାର ବସ୍ତୁ, ସାହିତ୍ୟର ଭାଷା ମଧ୍ୟ ସେହିପରି ଅନ୍ତରାତ୍ମାର ଭାଷା ।

ଏହି ଭିତ୍ତି ଓ ପ୍ରେରଣାକୁହିଁ ଭାଷାତତ୍ତ୍ୱ ବିଚାରରେ ସାର୍ବଭୌମତ୍ୱ ଦେବାକୁ ହେବ ଓ ଇଆରି ଖାତିରରେ ଭାଷାର ପ୍ରୟୋଗ ସାହିତ୍ୟରେ ନିର୍ଦ୍ଧାରଣ କରିବାକୁ ହେବ ।

ଏହି ଭିତ୍ତିରୁ ଗ୍ରହିଁଲେ ଅ... ଜ୍ଞାନର ପକ୍ଷରେ ପଡ଼େ ଧ୍ୱନି । ଏହି ... ମଧ୍ୟରେ ଭାବ ସହିତ ଅଭି... ସମନ୍ୱୟ ... ଘଟିବାରେ ସାହାଯ୍ୟ କରିଥାଏ ।

ଏହି ଧ୍ୱନି ଦୃଷ୍ଟିରୁ ବର୍ତ୍ତମାନ କେତୋଟି ଉଦାହରଣ ନେଇ ଦେଖାଯାଉ ପ୍ରୟୋଜନର ଭାଷା ଭାବର ଦରଦ ନେଇ କିପରି ରୂପ ପରିବର୍ତ୍ତନ କରୁଛି ।

କସ୍ତୁରବା ଶ୍ରାଦ୍ଧୋତ୍ସବରେ ପ୍ରାର୍ଥନା ପରେ ମହାତ୍ମା ଗାନ୍ଧୀ କହିଲେ - "ସେ ଆମକୁ ଛାଡ଼ି ଚାଲିଯିବା ...କୁ ତିନୋଟି ବର୍ଷ ହୋଇଗଲା ।" ଏହା ପ୍ରୟୋଜନର ଭାଷାରେ ହୋଇଥାନ୍ତା -- କସ୍ତୁରବାଙ୍କ ମୃ... ଆଜିକୁ ତିନିବର୍ଷ ହେଲା । ମାତ୍ର ପ୍ରିୟତମା ସହଧର୍ମିଣୀଙ୍କ କରୁଣ ଓ ମଧୁର ସ୍ମୃତି ଗାନ୍ଧିଜୀଙ୍କ ଅନ୍ତରର ନିଭୃତତମ ପ୍ରଦେଶକୁ ଯେଉଁ ବିଗଳିତ କରୁଛି ସେହି ଭାବର ବିଗଳିତ ପ୍ଲାବନରେ କସ୍ତୁରବାଙ୍କ ନାମ ସହିତ ସଂପୃକ୍ତ ଶବ୍ଦ ଗୁଡ଼ିକ ପ୍ଲାବିତ ହୋଇ ଯାଉଛନ୍ତି । କସ୍ତୁରବାଙ୍କ ମୃତ୍ୟୁ ଜନିତ ଯେଉଁ ପବିତ୍ରତା ମଧୁରତା, ନିଷ୍କାମନତା ଓ କରୁଣତା ଗାନ୍ଧିଜୀଙ୍କର ହୃଦୟକୁ ଆବିଷ୍ଟ କରି ଦେଉଛି, ତାହାର ସ୍ପର୍ଶରେ ତାଙ୍କର ମୁଖ ନିଃସୃତ ଭାଷାର ସ... ରୁକ୍ଷତା ଦୂର ହୋଇଯାଉଛି ଓ କୋମଳ ଭା... କୋମଳତର, ମଧୁରତର, ଗମ୍ଭୀରତର ହୋଇ ଉଠୁଛି । ପ୍ରୟୋଜନର

Digitized by srujanika@gmail.com

ଭାଷାରେ 'ଉନବର୍ଷ' ଯଥେଷ୍ଟ ହେଲେ ମଧ୍ୟ ପ୍ରିୟତମା ପତ୍ନୀଙ୍କର ସ୍ମୃତିର ଦରଦ ନେଇ 'ଉଣେଇଶ' ରୂପେ କୋମଳତର, ମଧୁରତର ରୂପ ଧାରଣ କରିଛି ।

ପୁଣି କବିର ବ୍ୟବସାୟଗତ ଭାବପ୍ରବଣତା । ତେଣୁ ସେଠି ଏହି ପ୍ରେରଣାରେ ଭାଷାନିୟନ୍ତ୍ରଣ ଅଧିକ ସ୍ୱାଭାବିକ । ମାନସିଂ 'ଆଷାଢ଼ ଅଭିସାର'ରେ ଲେଖିଲେ,—

"ମୀଡ଼େ ନ ପାଏ ଯା ବିହଗ, ତା' ଭୁଲି ଖୋଜଇ
ନୀଡ଼ ଛାଡ଼ି ତେଣୁ ସୀମାହୀନ ମେଘେ ହଜଇ ।
ତେଣୁ ପ୍ରିୟା ମୋର କୁସୁମକୋମଳା ତରୁଣୀ,
ନ ପାଇବା ଧନ ଖୋଜ, ଏ ରଜନୀ ଉଡ଼ୁନି ।"

ଏଠାରେ 'ଉଡ଼ୁନି' ର ଧ୍ୱନିରେ ଏକ କୋମଳ ମାଧୁର୍ଯ୍ୟଗୁଣ ଫୁଟି ଉଠୁଛି, ଯାହାକି 'ଉଡ଼ୁନାହିଁ' ରେ ନ ଥାନ୍ତା । ବ୍ୟାକରଣରେ ଏହି 'ଉଡ଼ୁନି' ର ସ୍ଥାନ ନାହିଁ ହେଉ ବା ଏହାର ଅକ୍ଷରିକ ଅର୍ଥ ଆମକୁ ଜ୍ଞାତ ଥାଉ ବା ଅଜ୍ଞାତ ଥାଉ, ଏହାର ବିଶିଷ୍ଟ ଧ୍ୱନିରୁହିଁ ଆମେ ଏକ ଚଳଚିତ୍ର ଦେଖିପାରୁଛୁ,- କବିଙ୍କର କୁସୁମ କୋମଳା ତରୁଣୀ ଯୌବନ ମଣ୍ଡିତ ବକ୍ଷ ଭିତରେ କ୍ଷୁଦ୍ର ବନ୍ଦୀବିହଙ୍ଗ ନେଇ ବିଜୁଳି ଚମକିତ ମେଘମନ୍ଦ୍ରିତ ଆଷାଢ଼ ରାତିରେ କୋମଳ ଅଥଚ ଦ୍ରୁତ ପଦକ୍ଷେପରେ ଚାଲିଛି । କରଯୁଗଳ ନମ୍ର ଅଧର ଆବୃତ କରି ଉରଜ ସହିତ ଚିବୁକର ମିଳନରେ ମଧ୍ୟ ଛୁଡ଼ା କରିଛି । ବଙ୍କଗ୍ରୀବା ଓ ନୁଆଁଣିଆ ପୃଷ୍ଠଭାଗରେ ଲଜ୍ଜା ବେଶୀ ଜଣାପଡ଼ୁଛି ।

କବି ଯାହାର ଆଗମନରେ ତନ୍ମୟ ହେଲା, କେବଳ ତା'ରି ପରିଚୟ ପ୍ରୟୋଜନର ଭାଷାରେ କହିଦେଇ ସନ୍ତୁଷ୍ଟ ହୁଏନାହିଁ । ସେ ନିଜେ ତନ୍ମୟ ହେବା ସଙ୍ଗେ-ସଙ୍ଗେହିଁ ପାଠକକୁ ତା'ରି ପରି ତନ୍ମୟ କରିବାକୁ ଚେଷ୍ଟାକରେ । ନିଜ ଅନ୍ତରର ଗଭୀର ଅନୁଭୂତିକୁ ଭାଷା ମଧ୍ୟରେ ଠିକ୍ ସେ ପ୍ରୟୋଜନର ଓ ବ୍ୟାକରଣର ବାଡ଼ ଅନେକଥର ଡେଇଁ ।

ଏଠାରେ 'ଉଡ଼ୁନି' କୁସୁମକୋମଳା ତରୁଣୀର କ୍ରିୟା ଅଳଙ୍କାର ଶାସ୍ତ୍ର ମୀମାଂସାରେ ନ ଦେଖିଲେ ମଧ୍ୟ ଏକ ମାର୍ଜିତ ରୁଚିର ସୂକ୍ଷ୍ମ ସୌନ୍ଦର୍ଯ୍ୟବୋଧ ନେଇ ନିରୀକ୍ଷଣ କଲେ ଦେଖାଯିବ,- 'ନି' ର ଧ୍ୱନି 'ନାହିଁ' ର ଧ୍ୱନି ଅପେକ୍ଷା ଶ୍ରୁତି-ମଧୁର । ସାଧାରଣତଃ ସାହିତ୍ୟରେ ବିଶେଷତଃ କବିତାରେ ମାଧୁର୍ଯ୍ୟଗୁଣ ପ୍ରକଟିତ କରିବାକୁ ଗଲେ, ଭାଷା ମଧ୍ୟରେ ଳ, ନ ଓ ଇକାର ଉକାରର ପ୍ରଥମ ଶ୍ରେଣୀର ଆବଶ୍ୟକତା ଅଛି । 'ହ' ବା ଆକାରର ସ୍ଥାନ 'ନ' ଓ 'ଘ' କାର ସ୍ଥାନର ନିମ୍ନରେ । ଏଣୁ କୁସୁମକୋମଳା ତରୁଣୀଠାରେ 'ନି' ବର୍ଣ୍ଣ-ସମନ୍ୱିତ 'ଉଡ଼ୁନି' କ୍ରିୟା ତା'ର ସମଧର୍ମୀ ହୋଇଛି ।

ସାଧାରଣ କ୍ଷେତ୍ରରେ ଦେଖିବାକୁ ଗଲେ, ଆମ ଅନ୍ତରର ଅନୁଭୂତି 'ରୁଚି' ରୂପେ ଧ୍ୱନିତ ହୁଏ । 'ଚଞ୍ଚଳ ତରଳ କୁବଳୟ ନୟନ' କହିଲେ, ଏଥିମଧ୍ୟରେ ଥିବା 'ଳ' 'ନ' ଓ ହ୍ରସ୍ୱ 'ଇ'କାରର ଉପସ୍ଥିତି ଓ ଆକାର ବା 'ହ' ଜାତୀୟ ବର୍ଣ୍ଣର ଅନୁପସ୍ଥିତିଜନିତ ଧ୍ୱନିହିଁ ଏକ ବିମଳ, ଉଜ୍ଜ୍ୱଳ କଜଳ-କଳା, କାରୁଣ୍ୟ ନିର୍ମଳ ନୟନର ସ୍ମୃତି ଆମ ମନରେ ପ୍ରକଟ କରୁଛି । କେବଳ 'କମଳ' ଓ 'ପଦ୍ମ' ଏକାର୍ଥ-ବୋଧକ ଶବ୍ଦ ହେଲେ ମଧ୍ୟ ଏହିପରି ନୟନର ରୂପକ ଅଭିବ୍ୟକ୍ତି ସ୍ଥାନରେ 'କମଳ' ଶବ୍ଦ 'ପଦ୍ମ' ଶବ୍ଦଠାରୁ ଅଧିକ ପ୍ରଯୁଜ୍ୟ । ପଦ୍ମର ସ୍ଥାନ ଅନ୍ୟତ୍ର । ଏହା ଏକ ବାର୍ଦ୍ଧକ୍ୟବାନ୍ ପ୍ରେମିକ ବା ନାୟକ ନୟନର ରୂପକ ଭାବରେ ପ୍ରଯୁଜ୍ୟ ।

'ନାହିଁ' ର ପ୍ରୟୋଗ ସେହିପରି ଅନିବାର୍ଯ୍ୟ । କବିର ଅନ୍ତର ଯେଉଁଠି ଗମ୍ଭୀର ହୋଇ ଉଠେ, ସେଠି ସେହି ଭାବର ଅଭିବ୍ୟକ୍ତି ମଧ୍ୟରେ 'ନାହିଁ' ତାର ସମଧର୍ମୀ ରୂପେ ଜୁଟିଯାଏ । ଉଦାହରଣ ସେହି ମାନସିଂଙ୍କ କବିତାରେ ।

ପ୍ରବଳ ପ୍ରତିଦ୍ୱନ୍ଦ୍ୱୀ ଜନତା ଆଗରେ କବି ଯେଉଁଠି ବିପ୍ଳବୀରୂପେ ଠିଆ ହେଉଛନ୍ତି, ତାଙ୍କ ହୃଦୟରେ ଏହି High Seriousness (ଘନଗମ୍ଭୀର ପ୍ରତିଭା) ନିଶ୍ଚୟ ସ୍ଥାନ ଅଧିକାର କରିଛି । ସେ ଜନତା ବିପ୍ଳବର

Digitized by srujanika@gmail.com

ଅଭିଯୋଗ କରି କହିଛନ୍ତି —

" ମୂର୍ଖ ଜନତା ବୁଝୁନାହିଁ ପ୍ରୀତି ରଚନା,
ଏବେ ଆଜି ପାଇଁ ବିଳାପିବା କବା ଘଟଣା । "
(ଧୂପ)

ଏଠାରେ ପ୍ରବଳ ମୂର୍ଖ ଜନତାର କ୍ରିୟା ଭାବରେ ଓ ଗାମ୍ଭୀର୍ଯ୍ୟ ଭାବପୂର୍ଣ୍ଣ ବିହ୍ବଳତାର ଅଭିଯୋଗର ଅଭିବ୍ୟକ୍ତି ମଧ୍ୟରେ ଗମ୍ଭୀର ଧ୍ୱନ୍ୟାତ୍ମକ 'ବୁଝୁନାହିଁ' ର ପ୍ରୟୋଗ ମାଧୁର୍ଯ୍ୟ ଧ୍ୱନ୍ୟାତ୍ମକ 'ବୁଝୁନି' ର ପ୍ରୟୋଗ ଠାରୁ ଅଧିକ ସମୀଚୀନ ହୋଇଛି ।

ଭାଷା ସାଧୁ, ଅସାଧୁ, ଶ୍ରାବ୍ୟ, ଅଶ୍ରାବ୍ୟ ହୋଇ-ପାରେ । ମାତ୍ର ତା'ର ବାହାରେ ଗୋଟାଏ 'Poetic manner ( କାବ୍ୟରୀତି )ବା Poetic vocabulary ( କାବ୍ୟ-ପରିଭାଷା ) ଅଛି ଯାହାର ବ୍ୟବହାରରେ କେବଳ କବିହିଁ ପାରଦର୍ଶୀ । ପୁଣି ତା'ର ପ୍ରୟୋଗକୁ ଗୋଟିଏ ଶବ୍ଦ ନେଇ ବିଚାର କଲେ ଠିକ୍ କଥା ଜାଣି ହେବନାହିଁ ଅନେକ ସ୍ଥଳରେ ଘଟଣା ବିଶେଷରେ କବିର ଶବ୍ଦ ଯୋଜନାର ପ୍ରେରଣା ତାର ସ୍ଥାୟୀ ପ୍ରକୃତି ବା ରୁଚିର ପ୍ରେରଣା ଦ୍ୱାରା ପ୍ରଭାବିତ ହୋଇଥାଏ ।

କବି ସ୍ରଷ୍ଟା । କେତେକ ସ୍ୱେଚ୍ଛାଚାରୀ ଲେଖକ ଛଡ଼ାଙ୍କ ବ୍ୟତୀତ ଯେଉଁ ମୌଳିକ ପ୍ରତିଭାଶାଳୀ କବି ତା'ର ଜୀବନ୍ତ ଅଭିବ୍ୟକ୍ତିରେ ଆମର ନୀରସ ଅନ୍ତରକୁ ସରସ, ପ୍ରାଣବାନ୍ କରି ପାରିଲା, ଯେଉଁ ଅଭିବ୍ୟକ୍ତିର ଶକ୍ତିରେ କବିର ବ୍ୟକ୍ତିଗତ ରୁଷ୍ଟ ଅଭିସାର ପଥ ପଥିକର 'ଚରଣ ଓ ବସନ' କୁ ଟାଣି ଧରି କବିର 'ବିବହିତ ପ୍ରତ୍ୟୟ' କୁ ସମ୍ମାନ କରିବାକୁ ବାଧ କରି ପାରିଲା, ଯେଉଁ କବି ତା'ର ଜୀବନ୍ତ ବ୍ୟଞ୍ଜନାର ତୂଳୀ ସ୍ପର୍ଶରେ ବିଜନ ଚାନ୍ଦନୀ ରାତିରେ କୋଣାର୍କର ନିର୍ଜୀବ ପ୍ରସ୍ତର ପ୍ରତିମା ଅଙ୍ଗରେ 'ଲାସ୍ୟଲୀଳା' ର ଅଦମ୍ୟ ଉଦବେଗ ରଚନା କରିପାରିଲା, ସେହି ବିରାଟ ଶକ୍ତିଶାଳୀ ଅଭିବ୍ୟକ୍ତିର ଭାଷାକୁ ଏହି ସଙ୍କୀର୍ଣ୍ଣ 'ନି ନାହିଁ' ର ଗଣ୍ଡି ମଧ୍ୟରେ ବିଚାର କରିବାର ଅଧିକାର ବା କ୍ଷମତା ଆମର ନାହିଁ ।

ବରଂ ସେହି କବି ଭାଷାର କେଉଁ ପ୍ରୟୋଗ ଗୁଣରେ ଏହା କରିପାରିଲା, ତାକୁହିଁ ଅନୁସନ୍ଧାନ କରି ଆମର ସାହିତ୍ୟ ଓ ବ୍ୟାକରଣ ନିଜକୁ ସେହି ନିୟମରେ ଅଲଙ୍କୃତ କରି ପାରିଲେ ତାହା ଆମର ସାହିତ୍ୟ ପକ୍ଷରେ ପରମ ସୌଭାଗ୍ୟର ବିଷୟ ହେବ ।

—×✣×—

Digitized by srujanika@gmail.com

# ସୈନିକର ଶେଷୋକ୍ତି ।

ଶ୍ରୀ ଚକ୍ରଧର ସାଉତ

ମାଡ଼ିଆସେ ଘନ-ଅନ୍ଧକାର···
ବିପର୍ଣ୍ଣ-ଗୋଧୂଳି ଶେଷରେ··· ଲୁପ୍ତ କରି ତୀବ୍ର କୋଳାହଳ
ଚପଳର ଧରଣୀର; ଜପକଣ୍ଠେ ଘଣ୍ଟିକାର ଗୀତ—
ଶିବିର ପ୍ରାଙ୍ଗଣୁ ଥରେ ଭାସିଆସେ ବିଜୟ ସଙ୍ଗୀତ···,
ଦାମିନୀର ଫିକା ଜହ୍ନ ହାଇତୋଳି···ଦୂର ଚକ୍ରବାଳେ
ଶୀତାର୍ତ୍ତ କଣ୍ଠେ ଶିହରି ସବେ ଶାନ୍ତ ଶ୍ମଶାନ କୋଳେ
ଆହତ ସୈନିକ ପ୍ରାଣେ ଉଚ୍ଚାଟନ ମୃତ୍ୟୁ-ବିଭୀଷିକା !
ବିଳମ୍ବ ତା' ଧମନୀର ରେଖା—
ନାଚଉଠେ ଥରେ—
ବିଷାଦ, ବିବର୍ଣ୍ଣ, ବିଷ··· ଧୈର୍ଯ୍ୟ ନାହିଁ ଧରେ !
ଭାସିଆସେ କାନେ ତାର ବହୁବାର ବିପୁଳ-ଆହ୍ୱାନ···
'ଢାଲରକ୍ତ'···ଦେଶଭକ୍ତ ! ତୁଚ୍ଛେ ତନ୍ଦ୍ରା ଭାଙ୍ଗିଯାଏ ଧ୍ୟାନ
ପରକ୍ଷଣେ ପୁଣି କିଏ ? କହିଯାଏ ଡାକି
"ମରଣର ଅପରାଧୀ ଖୋଲ ଦ୍ୱାର ବେଳନାହିଁ ବାକି
ନିଅ ମୋତେ ଶୀତଳ ପରଶ-
ନିଭୁଥାଉ ଶେଷବାତି···ଜୀବନର ଜୀର୍ଣ୍ଣ-ଅବଶେଷ !

× × × × ×

ହଠାତ୍ ଫିଟିଗଲା ଦ୍ୱାର ଚକିତେ ସୈନିକ—
ଦେଖିଲେ ଚୌଦିଗେ ସେହି ଏକା ଅକସ୍ମିକ ?
ସମ୍ମୁଖେ ଦର୍ଶାଇ ପଥ ଦୁଇ, ସେହି ବିଳମ୍ବ-ପିପାସା—
ଅସନ୍ତ୍ର ପଶ୍ଚାତେ ଏକ ନାରୀମୂର୍ତ୍ତି ଦୂରପଥୁଁ ସେହି—
ନ୍ୟସ୍ତ ପଦେ ଅସମ୍ଭାଳେ ପ୍ରବେଶିଲା; ମୁକ୍ତ କେଶ ପାଶ-
ଶଯ୍ୟାରେ ଶରମ ସ୍ୱେଦ ବହିଯାଏ ବୁକୁଫଟା ଶ୍ୱାସ···—
ନିର୍ବାକ୍ ବିସ୍ମୟେ···ସେହି ସୈନିକରେ ଭାଷା ନାହିଁ ଫୁଟେ
ନୟନର କୋଣ ତୀରେ ଅଶ୍ରୁଧାର ବନ୍ୟାସମ ଛୁଟେ···
ସେ' ତ ପୂର୍ବ ପରିଚିତା ନାରୀ' !
ସମ୍ପୂର୍ଣ୍ଣ ନିଜର···
ନିଭନ୍ତି ମୁହୂର୍ତ୍ତ ଯାଇ ଆଜ ଭୂଇଁ । ତାର ? —

ମଧୁ ସ୍ନିଗ୍ଧ ହେମନ୍ତ ସନ୍ଧ୍ୟାର ,
ସଂଖେଦେ ସୈନିକ ଡାକି କହେ ଧୀରେ ଆସ, ଆସ ରାଣୀ
ଆଜି ମୋର ପ୍ରେମର ବାସ୍ପାଣୀ···
ବହୁପଥ ହୋଇପାର···ଅତିକ୍ରମି 'ନାଟ୍ଟବ୍ୱର-ରେଖା'—
ବେଗବତୀ ପ୍ରଭଞ୍ଜନ ସମା ମୋର ହେ ଅଗ୍ନି-ବଳାକା ! -
ଆସିଅଛ ଯେବେ ଦିଅ ନିଅ 'ଜୟ ଟୀକା'
ସୈନିକର ବୈପ୍ଳବିକ ଜୀବନ୍ତ-ସ୍ୱାକ୍ଷରେ ··· ଜାଳ ତାର
ଗୌରବ-ଭୂମିକା··· ।
ଭାଗ୍ୟବତୀ ନାରୀ !
ବିଜୟିନୀ ଗର୍ବକର ମରଣ ମୋ' ହେଉ ଶାନ୍ତ-ବାରି
ଅତୀତର ସ୍ୱପ୍ନ-ଧୂଳି ପୋଛିଦିଅ ସଖି !
ଏଇ ଶେଷ 'ଜୟ-ମାଲ୍ୟ' ଗଳେ ମୋର ଭବିଷ୍ୟତ ରଖି
ଆଗନ୍ତୁକ ଜନେ ଦେବ ସମ୍ମାନର ଶ୍ରେଷ୍ଠ ଉପହାର—
ଅନ୍ତଃସତ୍ତ୍ୱା ! ଯେ' ଆସିବ ଧରଣୀରେ ମୋ' ସତ୍ତ୍ୱାର
ହୋଇ ରୂପାନ୍ତର !
ପ୍ରାଣଠାରୁ ପ୍ରିୟତର ··· ପ୍ରିୟତମ-ଦେଶ'···
ଯା'ର ଅପମାନ ହୃଦେ ଭରିଦିଏ ମରଣର ତ୍ରାସ···
ଘଣ୍ଟିକା ନବୀନ କରେ ଧମନୀରେ ବଜ୍ରତୋଳେ ଗୀତ—
ତା'ର ପାଇଁ ଗଲା ବାହି ଶେଷରକ୍ତ ଶେଷମୋର ନତ
ମୋ' ମୃତ୍ୟୁରେ ହେଉ ଅବସାନ—
ଧରଣୀର ରକ୍ତବନ୍ୟା, ଆଣୁ ଦେଶେ 'ନବ-ଜାଗରଣ' !
ଏଇ ଶୁଭ-ସମାପ୍ତିର ଅପୂର୍ଣ୍ଣ-କାମନା—
ପୂର୍ଣ୍ଣ ହେଉ ଜନ୍ମାନ୍ତରେ, ପାଉ ଜାତି କର୍ମର ପ୍ରେରଣା !
ସ୍ୱଦେଶର ନରହତ୍ୟା, ଅହେତୁକୀ ବାଦ, ବିସମ୍ବାଦ—
ଶାନ୍ତିର ଆଗମେ ତା'ର ପଡ଼ିଯାଉ ଚିର-ପୂର୍ଣ୍ଣଚ୍ଛେଦ —
ଅନିବାର ଦୁଃଖର ନିର୍ବାଣ···
ବିଦ୍ରୋହୀ - ଶପଥେ ଆଣୁ 'ଯୁଗାନ୍ତର- ଖୋଲିଦେଇ
'ମୁକ୍ତିର-ତୋରଣ' !
ହେ ଚିର-ଯୌବନ-ଯାତ୍ରୀ, ଯାତ୍ରୀ ବାନ୍ଧ 'ଜାଗ୍ରତ-ସୈନିକ'
ମୋ' ଆଶୀଷ ବନ୍ଦ କର୍ଣ୍ଣ ! ମୁକ୍ତିକାମୀ ଜାତିର-ସୈନିକ !

Digitized by srujanika@gmail.com

ଦେଶର ଭବିଷ୍ୟ-ଆଶା ଦେଶଭକ୍ତ-ବୀର'...
ଦେଖି ଗଲୁଁ ମାତୃଆସେ 'ଦୁଃଖ-ନିଶା' ଅମା-ଅନ୍ଧକାର ।
ହସେ 'କାବ୍ୟ-ତାରା'
ପ୍ରଭାତ ହେବାକୁ ଆଉ ନାହିଁ ଡେରି 'ଜାଗ-ସ୍ୱଦେଶବାସ'
ମିଳିବ ସବୁରି କାମ୍ୟ, ମୂର୍ତ୍ତିହେବ ସବୁରି ବାସନା—
ସାକ୍ଷୀ ଥିଲି 'ଇଚ୍ଛାମୟ'...'ଯାହା-ଲାଗି ପ୍ରାଣାନ୍ତ-ସାଧନା

'ଏହି ମୋର ଉକ୍ତି'
ଦେଶପାଇଁ ଗଲ ରକ୍ଷି ଶେଷ ଆଜ ଭକ୍ତ !
ଶିଥିଳିତ ଅବସ୍ଥିର-ଚକ୍ଷୁ
ଦେଇ ଶେଷ-ନମସ୍କାର ନେଉଛି ବିଦାୟ !'
ଥାଅ ସର୍ବେ—
ଚଳିଲି ମୁଁ ମୃତ୍ୟୁ ପରପାରେ... —
ଜୀବନର ସ୍ୱପ୍ନ-ଲିପି...ରଖିଗଲି ଜ୍ୱଳନ୍ତ ଭାଷରେ...!!

## ସ୍ମୃତିପଥେ ।

ଶ୍ରୀମତୀ ବସନ୍ତକୁମାରୀ ଦେବୀ

ଆଶ୍ୱିନ ମାସର ଆରମ୍ଭ ହେଲେ ମଧ୍ୟ ବର୍ଷାର ବିରାମ ନାହିଁ । ଦୁଇଦିନ ହେଲା ସେଇ ବରଷାର ଅବିରାମ ଧାରା ଝର ଝର ଶବ୍ଦ ଶୁଣି ମନରେ କପର ଗୋଟାଏ ବିରକ୍ତି ଧରିଲାଣି । ଯେଉଁଆଡ଼େ ଚାହିଁଲେ ଖାଲି ପାଣି - ପାଣି । କୁଆଡ଼େ ଅଳପ ବୁଲି ଚାଲିଯିବ - ତା'ର ମଧ୍ୟ ଉପାୟ ନାହିଁ । ରାସ୍ତା, ଘାଟ, ପାଣି କାଦୁଅରେ ଭରା ।

ଝର, ଝର, ଝର - ବରଷାର ସେଇ ଏକଟଣା ସୁର ତାଳ ଚାଲିଛି - ଆଜି ଖାଲି କାହିଁକି ମନେ ପଡ଼ୁଛି ତା'ରି କଥା - ସେହି ବିଷଣ୍ଣ ମୁହଁଟିର ବଡ଼ବଡ଼ ଚକ୍ଷୁ, ହସିଟିର ନନ୍ଦିନୀ ଗୃହିଣୀ -

ଆକାଶ ଝରଣା ନିକଟରେ ଗୋଟିଏ ଅସୀମ ନୈକଟ୍ୟର ଖୋଜୁଛି । ହାତ ଦଉଡ଼ି ଛନ୍ଦାଛନ୍ଦ ହୋଇ ତନ୍ଦ୍ରାଳୁ ମୁଗ୍ଧଚେତନା । ବୃଷ୍ଟି ତା'ର ମିଶିଯାଉଛି ବାତାସର ଅବିରାମ ଧାରା ସଙ୍ଗେ । ବିଗତ ଘଟଣା ଗୁଡ଼ିକ ଆସୁଛି ସ୍ମୃତି ପଥରେ, ଗୋଟିକ ପରେ ଗୋଟିଏ—

ଟ୍ରେନ ଚାଲିଛି ଧୂ ଧୂ ଭିଟବୋଟବେ - ସେଦିନ ଏହିପରି ବରଷ ନଥିଲେ ମଧ୍ୟ ସୁନୀଳ ଆକାଶ ଟାଣି ଦେଇଥିଲା ତାର ମୁହଁ ଉପରକୁ କଳାମେଘର ଏକ ଘନ ଆବରଣ । ଝୁଲୁଝୁଲିଆ ପବନ ଆସି କମ୍ପାଇ ଯାଉଥିଲା ତା'ର ପିନ୍ଧା ଲୁଗାଟିକୁ । ପ୍ରକାଶ ଚିନ୍ତାରେ ବିଭୋର—

"ମହାଶୟ, ଗାଡ଼ିର ଦରଜାଟା ଖୋଲିଦିଅନ୍ତୁ ଦୟାକରି - ଶୀଘ୍ର ଖୋଲନ୍ତୁ ।" ଭଦ୍ରଲୋକଙ୍କ କଣ୍ଠସ୍ୱର ତା'ର ଚିନ୍ତା ସ୍ରୋତକୁ ବାଧା ଦେଲା । ଇମ୍ ଭୁବନେଶ୍ୱର ଷ୍ଟେସନ 'କେତେବେଳେ ହୋଇଯାଇଛି, ଅଥଚ ସେ ଜାଣିପାରିନି ।

"ମହାଶୟ, ଶୀଘ୍ର - ଶୀଘ୍ର ଖୋଲିଦିଅନ୍ତୁ ଦ୍ୱାରଟା ଟ୍ରେନଟା ଯେ ଏହିକ୍ଷଣି ଛାଡ଼ିଦେବ ।"

ବ୍ୟାକୁଳ ସ୍ୱର ଶୁଣି ପ୍ରକାଶ ଖୋଲିଦେଲା ଦୁଆରଟା । ଘର୍ମାକ୍ତ କଳେବର ଭଦ୍ରଲୋକ, ତାଙ୍କ ସଙ୍ଗରେ ଥିବା ସ୍ତ୍ରୀ ଓ କନ୍ୟାଙ୍କୁ ଆଦେଶ ଦେଲେ ଶୀଘ୍ର ଉପରକୁ ଉଠିବାପାଇଁ । ପ୍ରାୟ ଗାଡ଼ି ଛାଡ଼ିବାକୁ ବସିଲାଣି । ସ୍ତ୍ରୀ ଓ କନ୍ୟାଙ୍କୁ ଚଢ଼ାଇ ଦେଇ ନିଜେ ଜିନିଷପତ୍ର କେତୋଟି ତରତର ହୋଇ ଉଠାଇ ଦେଉଁ ଦେଉଁ ଗାଡ଼ି

Digitized by srujanika@gmail.com

ଛାଡ଼ିଦେଲା । ଭଦ୍ରଲୋକ ରେଲିଂ ଧରି ଚାଲନ୍ତା ଗାଡ଼ିକୁ ଉଠିପଡ଼ିଲେ । ଧୀରେ ଧୀରେ ଦୁଆରଟା ବନ୍ଦ କଲାପରେ ଗୋଟିଏ ଦୀର୍ଘଶ୍ୱାସ ପକାଇ ଛାଡ଼ି ବସିଲେ ବେଞ୍ଚଟା ଉପରେ । ତା'ପରେ ପକେଟରୁ ମଳିନ ରୁମାଲ ଖଣ୍ଡିକ କାଢ଼ି ମୁହଁର ଝାଳ ପୋଛୁଁ ପୋଛୁଁ କହିଲେ, "ଓଃ ମହାଶୟ, କେତେ ଅଳ୍ପ ସମୟ ଗାଡ଼ିଟା ଷ୍ଟେସନରେ ରହୁଛି । ଜିନିଷ ପତ୍ର, ପିଲାଛୁଆଙ୍କୁ ସାଙ୍ଗରେ ଧରି ଗାଡ଼ିରେ ଚଢ଼ିବା ଯେ କି କଷ୍ଟ ! ବା, ବା !!

ଅନ୍ୟ ଗୋଟିଏ ବେଞ୍ଚରେ ଜଡ଼ସଡ଼ ହୋଇ ବସିଲେ ତାଙ୍କ ସ୍ତ୍ରୀ ଓ କନ୍ୟା । ଝିଅଟି ଏକଦୃଷ୍ଟିରେ ଚାହିଁ ରହିଛି ପ୍ରକାଶ ଆଡ଼କୁ । ଭଦ୍ରଲୋକଙ୍କ ସହିତ କଥାବାର୍ତ୍ତା କରୁଁ କରୁଁ ପ୍ରକାଶ ଚାହିଁଲା ଝିଅଟି ଆଡ଼କୁ । ଦୃଷ୍ଟି ସହିତ ଦୃଷ୍ଟିର ମିଳନ ହେବା ସଙ୍ଗେ ସଙ୍ଗେ ଝିଅଟି ସଲଜ୍ଜ ଭାବରେ ନିଜର ଦୃଷ୍ଟି ତଳକୁ କରିଦେଲା । ସେହି କ୍ଷଣକ ମଧ୍ୟରେ ପ୍ରକାଶ ଦେଖିଥିଲା ଦୁଇଟି ଛଳ ଛଳ ଆଖିର କରୁଣ ଦୃଷ୍ଟି - କଳାକୋଳା ଦୁଇଟି ଯେପରି ଜଳରେ ଭାସୁଥିଲା ।

ଭଦ୍ରଲୋକଙ୍କ କଥାରୁ ଜଣାଗଲା ଯେ ସେ ଭୁବନେଶ୍ୱରରେ କିରାଣୀ କାମ କରନ୍ତି । ସମ୍ପ୍ରତି କନ୍ୟାର ବିବାହ ପାଇଁ ଆୟୋଜନ କରିବାକୁ କଟକ ଯାଉଛନ୍ତି । କଟକରେ ତାଙ୍କର ଜଣେ ଘନିଷ୍ଠ ଆତ୍ମୀୟଙ୍କ ଘର । ସେହିଠାରେ ରହିବେ । ଭଦ୍ରଲୋକ ଥରେ କନ୍ୟା ଆଡ଼କୁ ଦୃଷ୍ଟି ନିକ୍ଷେପ କରି କହିଲେ, "ଈଶ୍ୱରଙ୍କ କୃପାରୁ ଯଦି ହାତକୁ ଦୁଇହାତ ହୋଇଯାନ୍ତା - " କଥାଟା ଅର୍ଦ୍ଧ ସମାପ୍ତ ରହିଗଲା ।

ଭଦ୍ରଲୋକ ତା'ପରେ ପ୍ରକାଶର ପରିଚୟ ଚାହିଁଲେ ସଂକ୍ଷେପରେ ପ୍ରକାଶ ଦେଲା ନିଜର ପରିଚୟ । ଦାମ୍ଭିକ ଗଳାରେ ତା'ର ଜଣାଇଦେଲା, ସେ 'ରାୟବାହାଦୁର କାଶୀନାଥ ମହାପାତ୍ରଙ୍କର ଏକମାତ୍ର ପୁତ୍ର । ଭଦ୍ରଲୋକ ଯେପରି କୃତ୍ୟ କୃତ୍ୟ ହୋଇଗଲେ । କହିଲେ, "ଏଁ, ତୁମେ ତାଙ୍କର ପୁଅ ! ଭଲ, ଭଲ । ଜାଣ, ତୁମ ବାପା- ଦିନେ ମୋର ଛାତ୍ରାବସ୍ଥାରେ ବନ୍ଧୁ ଥିଲେ । ଦୁଇଜଣ ଯାକ ପରୀକ୍ଷାରେ ଫାର୍ଷ୍ଟ, ସେକେଣ୍ଡ ହେଉଥିଲୁ । ଅର୍ଥ ଅଭାବରୁ ମୁଁ ଆଉ ପାଠ ପଢ଼ି ପାରିଲିନାହିଁ, ରହିଗଲି ତଳେ । ଆଉ ତୁମ ବାପା - ଆଜି ରାୟବାହାଦୁର - ଆଃ ଦୁନିଆରେ ଅର୍ଥହୀନ ମଣିଷକୁ କେତେ ତଳକୁ ନେଇଯାଏ !"

ଦୀର୍ଘ ନିଶ୍ୱାସଟିଏ ପକାଇ ଭଦ୍ରଲୋକ କଥା ବନ୍ଦ କଲେ - ମୁହଁରେ ଯେପରି ନିରାଶାର ଛାୟା ଖେଳିଗଲା - ମୁହଁରୁ ତାଙ୍କର ଜଣାପଡ଼ୁଥାଏ ଅତି ଭଲଭାବରେ ସଂସାର ଚଳଉଥିଲେ ଜୀବନଟା ତାଙ୍କର ପେଷିହୋଇଯାଇଛି ବୟସ ଚାଳିଶି ଏକଚାଳିଶି ହେବ - କିନ୍ତୁ ଦେଖା-ଯାଉଥାନ୍ତି ଯେପରି ଷାଠିଏ ବର୍ଷର ବୃଦ୍ଧ -

ହଠାତ୍ ବିରକ୍ତିଭରା କଣ୍ଠରେ ସେ ଡାକିଲେ "ମିନୁ, ମିନାଲୋ ପାଣି ଗିଲାସେ ଦେଉ ।"

ପିତାଙ୍କର ରୁକ୍ଷ କଣ୍ଠର ଆହ୍ୱାନ ଶୁଣି ଝିଅଟି ଯେପରି ଅଧିକ ସଙ୍କୁଚିତ ହୋଇଗଲା । ସେ ଯେପରି ପିତାଙ୍କର ବିରକ୍ତିର ଏକମାତ୍ର କାରଣ । ଜଡ଼ସଡ଼ ଭାବରେ ସାଙ୍ଗରେ ଆଣିଥିବା ପାଣି ସୋରେଇରୁ ଗୋଟିଏ ଦରଭଙ୍ଗା ଟିଣ ଗିଲାସରେ ପାଣି ଢାଳିଦେଇ ପିତାଙ୍କ ସମ୍ମୁଖରେ ଧଲେ । ଭଦ୍ରଲୋକ ଏକ ନିଃଶ୍ୱାସରେ ସେତକ ପିଇଦେଲେ । ଝିଅଟି ନିର୍ବାକ୍ ଭାବରେ ଗିଲାସଟି ନେଇ ଯଥାସ୍ଥାନରେ ରଖି ନିଜ ସ୍ଥାନକୁ ଫେରିଗଲା ।

ଭଦ୍ରଲୋକ କଥା ଆରମ୍ଭ କଲେ, "ପ୍ରକାଶ ବାବୁ ଗୋଟିକ ପରେ ଗୋଟିଏ ଚାରି ଚାରିଟା ପୁଅ ମଲାପରେ ଏ ରାକ୍ଷସୀ ଆସିଲା । ସେ' ବି ମରିଯାଇଥିଲେ ଭଲ-ହୋଇଥାନ୍ତା ବୋଧହୁଏ । ଯା' ଜନ୍ମଠାରୁ ଶନି ଯେପରି ମୋ ଘରେ ପଶିଲା । ମକଦ୍ଦମାରେ ଜମି ଯମାଣ ଗୁଡ଼ାକ ଯା' ଲାଗି ସବୁଗଲା ମୋର - ଧନଗଲା, ଘରଗଲା - ଏବେ ଖାଲି ମୁଁ ଯିବାକୁ ବାକି ଅଛି ।"

ପ୍ରକାଶ ଶୁଣିଛି ନା ନାହିଁ - ସେଥିପ୍ରତି ଭଦ୍ରଲୋକଙ୍କ ନଜର ନାହିଁ - ନିଜ ମନକୁ ମନ ବକି ବକି ହୋଇ

Digitized by srujanika@gmail.com

ଯାଉଛନ୍ତି ।

ପ୍ରକାଶ ପରେ ଆଉ ବେଞ୍ଚ ଆଡ଼କୁ ଦୃଷ୍ଟି ନିକ୍ଷେପ କଲା । ଅପରିଚିତ ମଣିଷ ଆଗରେ ନିଜର ନିନ୍ଦାବାଦ ଶୁଣି କନ୍ୟାଟିର ବିଷଣ୍ଣ ମୁହଁଟି ଅଧିକ ଶୁଖିଯାଇଛି - ନିତାନ୍ତ ଅପରାଧିନୀ ପରି ସେ ବସିଛି - ମା ତା'ର ସ୍ୱାମୀଙ୍କ ଆଡ଼କୁ ଚାହିଁ ନିର୍ଦ୍ଦେଶ କରୁଛନ୍ତି କଥା ବନ୍ଦ କରିବାକୁ କିନ୍ତୁ ଭଦ୍ରଲୋକଙ୍କ ସେଥିପ୍ରତି ନଜର ନାହିଁ - ଅପରିଚିତଙ୍କ ଆଗେ ଏପରି ନିଜର କଥା କହିବା ଯେ ଉଚିତ ନୁହେଁ, ସେଥିପ୍ରତି ବୋଧହୁଏ ତାଙ୍କର ଲକ୍ଷ୍ୟ ନାହିଁ ।

ପ୍ରକାଶ ଅବାକ୍ ହୋଇଗଲା, ଏମିତି କନ୍ୟା ପ୍ରତି ପିତାଙ୍କର ବ୍ୟବହାର ଦେଖି । ଅର୍ଥର ପ୍ରଭାବ ଯେ ସ୍ନେହ, ମମତା ଉପରେ ମଧ୍ୟ ପଡ଼େ, ତା' ସେ ଜାଣି ନ-ଥିଲା - ଭଦ୍ରଲୋକଙ୍କ କଥା ଯେ ତା' କାନରେ ପଶୁଛି ତା' ମନେ ହେଉନି - କି ଏକ ମୋହର ଆବିଷ୍ଟ ହୋଇ ସେ ଚାହୁଁଥିଲା ବାରମ୍ବାର କନ୍ୟା ମିନତି ପ୍ରତି - ବାରମ୍ବାର ପରସ୍ପରର ଦୃଷ୍ଟି ମିଳିତ ହେଉଥିଲା ଏବଂ ପ୍ରତିଥର ସଲଜ୍ଜ ଦୃଷ୍ଟି ତଳକୁ ନେଉଥିଲା ମିନତି-

କଟକ ଷ୍ଟେସନ ହେଲା - ଭଦ୍ରଲୋକ ବିଦାୟ ମାଗି ଜଣାଇଲେ ଯେ ସେ ନିଶ୍ଚୟ ଯିବେ ପ୍ରକାଶର ଘରକୁ - ପ୍ରକାଶର ଅଜ୍ଞାତସାରରେ ତା'ର ଦୃଷ୍ଟି ଯାଇ ପଡ଼ିଲା ମିନତି ଉପରେ - ମିନତିର ମିନତିଭରା ଆଖିରେ ସେହି କରୁଣ ଦୃଷ୍ଟି - ଘଡ୍ ଘଡ୍ ଘର୍ଘ୍ -

ନିକଟରେ କେଉଁଠି ପଡ଼ିଲା ବଜ୍ର - ଘନ ଘନ ବିଜୁଳିର ଆଲୁଅ ଚମକି ଉଠିଲା - ପ୍ରକାଶ ମୁହୂର୍ତ୍ତକ ପାଇଁ ବାସ୍ତବ ଜଗତକୁ ଫେରି ଆସିଲା

ଅଦୂର ବେଲ ଗଛରେ ଆଶ୍ରୟ ନେଇଛନ୍ତି ଦୁଇଟି ପକ୍ଷୀ - ବର୍ଷାରେ ଭିଜିଯାଇଛି ସାରା ଦେହ - ଲୁମପାଳ ଝାଙ୍କୁରି ଉଠିଛି - ଗୋଟିଏ ପକ୍ଷୀର ବକ୍ଷତଳେ ମୁଣ୍ଡ ରଖି ବସିଛି ଅନ୍ୟ ପକ୍ଷୀଟି ଆଖି ଦୁଇଟା ବନ୍ଦକରି ବେଲଗଛ ଡାଳରୁ ପଡ଼ୁଛି ଟପ୍ ଟପ୍ ପାଣି - ବର୍ଷାର ସେହି ଅବିରାମ ଧାରା - ପାଣିର ଛୁଞ୍ଚଡ଼ା ଆସି ବାଜୁଛି ଦେହରେ ।

ପ୍ରକାଶ ଚଉକିଟା ଘୁଞ୍ଚାଇ ବସିଲା - ଅଳ୍ପ ଶୀତ କରୁଛି

ହଁ, ଭଦ୍ରଲୋକଙ୍କ ଦ୍ୱିତୀୟ ସାକ୍ଷାତ ପାଇଥିଲା ପ୍ରାୟ ଅଠଦିନ ପରେ - ତା'ରି ସ୍ୱଗୃହରେ - ବାପା ତା'ର ସାଦର ଆହ୍ୱାନ କରି ବସାଇଥିଲେ

ଅନେକ ଦିନ ପରେ ଦୁଇ ବନ୍ଧୁଙ୍କର ସାକ୍ଷାତ - ଅବସ୍ଥାର ପରିବର୍ତ୍ତନରେ ଜଣେ ବିଚାରପତି, ଆଉଜଣେ ସାମାନ୍ୟ କିରାଣୀ

ରାତିରେ ଖାଇବସିଲାବେଳେ କଥାଟା ପଡ଼ିଲା - ପ୍ରକାଶର ମା ରମା ଦେବୀ ଅଦୂରରେ ବସି ସ୍ୱାମୀ ପୁଅଙ୍କ ଆହାର ତଦାରଖ କରୁଥିଲେ । ନୀରବରେ ଖିଆଟା ଚାଲିଥିଲା । ପ୍ରଥମରେ ବାପା ଆରମ୍ଭ କଲେ କଥାଟା - " ରମା, ଆଜି ବିମଳ ଆସିଥିଲା, ଜାଣିଛ ? "

ମା କହିଲେ " କେଉଁ ବିମଳ ମ ! "

ବାପା କହିଲେ, " ବିମଳ ମ, ଯାହାର କଥା ଅନେକ ସମୟରେ ତୁମକୁ ମୁଁ କହେଁ । ସେ ଆସିଥିଲା ଆଜି । ଉଃ, ଅବସ୍ଥାର କି ପରିବର୍ତ୍ତନ ! ହେଇ କାଲିର କଥା ପରି ମନେ ହେଉଛି, ବିମଳ ଆଉ ମୁଁ ଆମ୍ଭ ଟୋକା ଦଳରେ ଖେଳୁଥିଲୁଁ ଲୁଚକାଳି । ଆଜି ସେ ସାମାନ୍ୟ କିରାଣୀ । ତା' ଅବସ୍ଥା ଦେଖିଲେ ଭାରି କଷ୍ଟ ହେଉଛି । "

ବାପାଙ୍କ ସ୍ୱର ଗାଢ ହୋଇ ଆସିଲା - ତାଙ୍କ କଥା ଶୁଣି ମା' କହିଲେ, " ହଁ, ହେଲା, ଏବେ କଣ ହୋଇଛି ? ସେ କାହିଁକି ଆସିଥିଲେ ? ଟଙ୍କା ପାଇଁକି ?

ମା'ଙ୍କ ପ୍ରଶ୍ନରେ ବାପା କହିଲେ " ଟଙ୍କା ! ! ନା, ରମା, ବିମଳ କାହା ନିକଟରେ କେବେ ହାତ ପାତନି-

Digitized by srujanika@gmail.com

ଆଜି ପାଉଚେନି ମଧ୍ୟ । ଆଜି ଘର, ବିଲ, ବାଡ଼ି, ସବୁ ତା'ର ଯାଇଛି । ସେ' ଚାକିରିଟି ଛଡ଼ା କିଛି ସମ୍ବଳ ନାହିଁ ତା'ର । ଷାଠିଏ ଟଙ୍କା ! ତାତଲା କରେଇରେ ପାଣି ଟୋପାଏ ପରି । ମାସ ନ ପୂରୁଣୁ କୁଆଡ଼େ ଉଡ଼ିଯାଉଛି । ହଁ, ସେ ଆସିଥିଲା ଏଇ ଦେଖା କରିବାକୁ । ଝିଅଟିର ବିବାହ ସବୁ ଠିକ୍ ଠାକ୍ ହୋଇଥିଲା - ଏବେ କୁଆଡ଼େ ପାତ୍ରଘର ମାଗୁଛନ୍ତି ଛ' ଶହ ଟଙ୍କା । ଛ' ଶହ ଟଙ୍କା ! ଛ'ଟା ପଇସା ମଧ୍ୟ ଦେବାର ସାମର୍ଥ୍ୟ ନାହିଁ ତା'ର । ସେଥିପାଇଁ ଭାଙ୍ଗିଗଲା ବିବାହ ପ୍ରସଙ୍ଗ । ଝିଅଟାକୁ ଆସି ହେଲାଣି ଚଉଦ ବରଷ । ଆଃ ଲୋକଟାର ଅବସ୍ଥା ଦେଖିଲେ ମନରେ ଭାରି କଷ୍ଟ ହେଉଛି । ଅଚ୍ଛା, ରମା, ଆମ ପ୍ରକାଶ ସଙ୍ଗେ ତାକୁ ବାହା କଲେ କ'ଣ ହ'ନ୍ତା ନାହିଁ ? ପ୍ରକାଶ ମଧ୍ୟ ସେ ଝିଅଟିକୁ ଦେଖିଛି । ଲୋକଟି ତା'ହେଲେ ବଞ୍ଚିଯାନ୍ତା ।

ମା' ପାଟି କରି ଉଠିଲେ, "ଛିଃ ଆମ, ସେଇ ଗରିବ କଉଠୁଣିଆ ଘରୁ ଝିଅ ଆଣିବ କାହିଁକି ? ଆମ ପ୍ରକାଶକୁ କ'ଣ କନ୍ୟା ମିଳିବେ ନାହିଁ ?"

ବାପା କହିଲେ, "କନ୍ୟା ମିଳିବେ - କିନ୍ତୁ ରମା, ଏଇଟି କଲେ ଜଣଙ୍କର ଦୁଃଖ ଆମେ ନାଶ କରି ପାରିବା । ଯଦି ସେ ଝିଅ ପାଠ ଶାଠ ପଢ଼ି ନଥାଏ, ଏଠାକୁ ଆଣି ପଢ଼ାଇବା । କ'ଣ ହେଲା, ଆଜିକାଲି ତ ସେଇଆ ହେଉଛି ।"

ଶେଷକୁ ବାପାଙ୍କ ଏକାନ୍ତ ଜିଦ୍‌ରେ ମା' ଦୋ ଦୋ ପାଞ୍ଚ ହୋଇ ମତ ଦେଲେ । ଏଥର ଦରକାର ପ୍ରକାଶର ମତ । ଥରେ ମିନତିକୁ ଘରକୁ ଆଣିବା ଠିକ୍ ହେଲା । ରମା ଦେଖିବେ ଏବଂ ପ୍ରକାଶର ମଧ୍ୟ ଦେଖା ହେବ ।

ତା' ପରଦିନ ଖଣ୍ଡିଏ ରିକ୍‌ସାରେ ବିମଳ ସ୍ତ୍ରୀ ଆଉ କନ୍ୟାଙ୍କୁ ଧରି ପହଞ୍ଚିଲେ । ଏତେବଡ଼ କୋଠାଘର, ନାନା ବଡ଼ ଦାମିକା ଜିନିଷପତ୍ର ଦେଖି ମା ଓ ଝିଅ ଏକାବେଳେ ସଙ୍କୁଚିତ ହୋଇପଡ଼ିଲେ । ରମା ସେମାନଙ୍କୁ ସମ୍ବର୍ଦ୍ଧନା କରି ନେଇ ବସାଇଲେ ଗୋଟିଏ ବଡ଼ଘରେ କୁସନ୍ ଦିଆ ଚଉକି ଉପରେ । ଅନଭ୍ୟାସ ଯୋଗୁଁ ଚଉକିରେ ବସିବାକୁ ବଡ଼ ଅସୁବିଧା ହେଲା ସେମାନଙ୍କୁ ! କିଛିକ୍ଷଣପରେ ପ୍ରକାଶକୁ ଡାକ ପଡ଼ିଲା ।

ଆଧୁନିକ ନବଯୁଗର ଯୁବକ ସେ । ଲଜ୍ଜା କରିବାର କୌଣସି କାରଣ ନାହିଁ । ବେଶ୍ ନିଃସଙ୍କୋଚ ମନରେ ସେ ପଶିଲା ଘର ଭିତରକୁ । କେତେ କାଳର ଧୋଇତ ଉଠିଥିବା ସାଧାରଣ ଶାଢ଼ୀଟିଏ ପିନ୍ଧିଛି ମିନତି । ହାତରେ ରେଶମୀ ଚୁଡ଼ି ଓ ଦୁଇଟା ଚୁଡ଼ି ମିଶି ଗୁଡ଼ି ଗୁଡ଼ି ପଟେ । ମା' ତା'ର ଅନେକ ଯତ୍ନରେ ସାଜ ଦେଇଛନ୍ତି । ସବୁଠାରୁ ସୁନ୍ଦର ଦିଶୁଛି କପାଳ ଉପରେ ନାଲି ସିନ୍ଦୂର ଟୋପା । ଦାରିଦ୍ର୍ୟ ହେତୁ ଦେହରେ ଚପଳ ଗୋଟାଏ ମଳିନତାର ଛାପ । ପ୍ରକାଶ ଅନୁସନ୍ଧାନୀ ଦୃଷ୍ଟି ନେଇ ଚାହିଁଲା । ପ୍ରକାଶର ସେ ଦୃଷ୍ଟି ସମ୍ମୁଖରେ ମିନତି ଏକାନ୍ତ ଜଡ଼ସଡ଼ ହୋଇଗଲା । ତଥାକଥିତ ସଭ୍ୟସମାଜ ସହିତ ମିଶିବାର ସୁଯୋଗ ସେ ଏ ପର୍ଯ୍ୟନ୍ତ ପାଇନାହିଁ । ମୁହଁଟା ତଳକୁ କରିଦେଲା ସେ । ନିଜର ମୁହଁଟାକୁ ପ୍ରକାଶର ସେ ଦୃଷ୍ଟି ସମ୍ମୁଖରୁ ଲୁଚାଇବାକୁ ।

ମିନତିକୁ ଅତ୍ୟନ୍ତ ସୁନ୍ଦର ବୋଲିବା ଅନୁଚିତ । ସାଧାରଣ ପଲ୍ଲୀ ବାଳିକାଙ୍କର ସରଳମୂର୍ତ୍ତି ତା'ର । ଦେହର ବର୍ଣ୍ଣ ଅତି ଗୋରାନୁହେଁ କି ଅତି କଳାନୁହେଁ । ଶାନ୍ତ ମୁଖଟିରେ ସେହି ଉଜ୍ଜ୍ୱଳ ବିଶାଳ ଚକ୍ଷୁ ଦୁଇଟି ବ୍ୟତୀତ ଉପନ୍ୟାସ ବର୍ଣ୍ଣିତା ନାୟିକାସୁଲଭ ସୌନ୍ଦର୍ଯ୍ୟ ତା'ର କିଛି ନ ଥିଲା ।

ମା କହିଲେ, "ପ୍ରକାଶ, କ'ଣ ମତ ଦେ ବାପା ।"

ଏତେ ଶୀଘ୍ର କୌଣସି ଉତ୍ତର ଦେବା ପ୍ରକାଶ ଉଚିତ ମନେ କଲାନାହିଁ । ସେତେବେଳେହିଁ ମତ ଦେଇଥିଲେ ବୋଧହୁଏ ଭଲ ହୋଇଥାନ୍ତା । କାରଣ, ଆଉ କେଉଁଥିରେ ନ ହେଲେ ମଧ୍ୟ ମିନତିର ସେହି କରୁଣ ଦୃଷ୍ଟିରେ ମୋହିତ ହୋଇ ଯାଇଥିଲା ସେ । ଇତସ୍ତତଃ କରି ପ୍ରକାଶ ଉତ୍ତର ଦେଲା, "ମା, ମୁଁ ·

Digitized by srujanika@gmail.com

କିଛିକ୍ଷଣ ଭାବି ମତ ଦେବ ।"

ମା ସମ୍ମତ ହେଲେ । କିନ୍ତୁ ତମକ ଚାହିଁଲା ମିନତି । ଆଶାକରିଥିଲା ବୋଧହୁଏ ପ୍ରକାଶ ତା' ସମ୍ମୁଖରେ ମତ ଦେବ । ଭୀତ ତ୍ରସ୍ତ-ଚଞ୍ଚଳ ସେଇ କରୁଣ ଦୃଷ୍ଟି ଯେପରି ଲୋଟି ପଡିବାକୁ ଚାହୁଁଥିଲା ପ୍ରକାଶର ପାଦତଳେ ସେ ଦୃଷ୍ଟିରେ ଥିଲା ଯାଚଞ୍ଚା । ସେ ଦୃଷ୍ଟିରେ ଥିଲା ଏକାନ୍ତ ଅନୁରୋଧ । "ତୁମେ ସମ୍ମତ ହୁଅ, ତୁମେ ସମ୍ମତ ହୁଅ ।" ଉଷାଚୁଣୀର ଦୃଷ୍ଟି ପରି ଥିଲା ସେଇ ଦୃଷ୍ଟି - ଯେଉଁ ଦିନ ସେଇ ଦୃଷ୍ଟି ଦେଇ ମରିଥିଲା ସେ ଉଷା । "ତୁମେ ସମ୍ମତ ହୁଅ, ତୁମେ ସମ୍ମତ ହୁଅ ।" ପ୍ରକାଶ ଘରୁ ବାହାରି ଆସିଲା - ଏଇ ଚୌକିଟିରେ ବସି ସେ ଭାବୁଥିଲା ସେ ଦିନ - ମନ ଚାହୁଁଥିଲା ମତ - ପ୍ରକାଶର ତରୁଣ ମନ ଭିତରେ ଜାଗିଥିଲା ରଙ୍ଗିନ୍ କଳ୍ପନାର ମୂର୍ତ୍ତି । ସୁନ୍ଦରୀ, ସୁଶିକ୍ଷିତ ସମ୍ଭ୍ରାନ୍ତ ବଧୂଟିଏ ଆସିବ ତା'ର ଘରକୁ ସୁନ୍ଦର କରି ଅଧରରେ ଖେଳୁଥିବ ତା'ର ବହୁମୂଲ୍ୟ ପରି ହାସ୍ୟ-ମୁହୁଁଟି ହୋଇଥିବ ଠିକ୍ ଗୋଟିଏ ଛବିରେ ଅଙ୍କା ମୂର୍ତ୍ତି ପରି । କେଉଁ ଅବିବାହିତ ତରୁଣର ମନରେ ଏ ଆଶା ଜାଗି ନ ଥାଏ । କିନ୍ତୁ ସାଧାରଣରେ ତ ତା' ପୂରଣ ହୁଏନାହିଁ । ମନ ମଧ୍ୟରେ ଅଙ୍କା ହୋଇଥିବା ସେ ଛବି କଅଁଳେ ଉଭେଇଯାଏ । ବାସ୍ତବରେ ସେଇ ସାଧାରଣ ସ୍ତ୍ରୀକୁ ପାଇ ସେ ହୁଏ ସୁଖୀ । ପ୍ରକାଶ କିନ୍ତୁ ନିଜ ମନକୁ ବୁଝି ପାରୁନାହିଁ - ମିନତି କଥା ଭାବିବାକୁ ଗଲେ ମନେପଡେ ସେ ତ ତା'ର ତରୁଣ ମନର ରଙ୍ଗିନ୍ ଛବି ନୁହେଁ - ତା ପକ୍ଷରେ ତାର କଳ୍ପନାର ଛବି ପରି ସୁନ୍ଦର ସ୍ତ୍ରୀ ପାଇବା ଅସମ୍ଭବ କିଛି ନୁହେଁ । କାରଣ ସେ ସବୁ ଦିଗରୁ ଏକପ୍ରକାର ସୁପାତ୍ର - ଧନରେ, ରୂପରେ, ଗୁଣରେ କେଉଁଠି ତା'ର ଊଣା ଅଛି । ମିନତି କ'ଣ ତା'ର ଉପଯୁକ୍ତ ? ଏତେ ଶୀଘ୍ର କ'ଣ ତାର ରଙ୍ଗିନ୍ କଳ୍ପନା ଉଭେଇ ଯାଇ ଏହିପରି ରୂଢ଼ ବାସ୍ତବତାରେ ପରିଣତ ହେବ ? ମନ ଭିତରୁ ସେ ଶୁଣିବାକୁ ପାଇଲା, "ମିନତି ତୋ' ପାଇଁ ଅନୁପଯୁକ୍ତ । ତୁ' ଇଚ୍ଛାକଲେ ବଡ଼ ଘରର ଶିକ୍ଷିତା ସୁନ୍ଦରୀ ତରୁଣୀ ଲାଭ କରିପାରିବୁ । ତୋ' ପକ୍ଷରେ ଏହି ଗ୍ରାମ୍ୟ ଅଶିକ୍ଷିତା ବାଳିକା ନିତାନ୍ତ ଅନୁପଯୁକ୍ତ । ତାହାଙ୍କ ଏପରି ବାଳିକାକୁ ନିଜର ସହଧର୍ମିଣୀ ରୂପେ ବରଣ କରି ନିଜର ସୁଖମୟ ଜୀବନର ଆଶାକୁ ମାଟି କରିଦେବୁ ?

ସୁନ୍ଦର ଜିନିଷଟା ସମ୍ମୁଖରେ ଥିଲାପାଇଁ ତାହାର ସୌନ୍ଦର୍ଯ୍ୟ ବା ମର୍ଯ୍ୟାଦା ଜଣାପଡ଼ିନାହିଁ । ସେ ସମ୍ମୁଖରୁ ଗଲାପରେହିଁ ଜଣାପଡ଼େ ତା'ର ସମସ୍ତ ଗୌରବ

ପ୍ରକାଶ ଭାବିବାକୁ ଲାଗିଲା

ସେ ଦିନ ତା'ର ମଧ୍ୟ ହୋଇଥିଲା ସେହିପରି ଗତି । କଳ୍ପନାର କୃତ୍ରିମ ଚଷମା ପିନ୍ଧି ସେ ଦେଖିପାରୁନଥିଲା, ପ୍ରକୃତ ସୌନ୍ଦର୍ଯ୍ୟ - ବସ୍ତୁଟାକୁ ହେୟ ମନେକରି ସେ ଦୂରକୁ ଫିଙ୍ଗିଦେଇଥିଲା ସତ୍ୟ ସୌନ୍ଦର୍ଯ୍ୟଟାକୁ ସ୍ୱେଚ୍ଛାରେ । ସେ ଅମତ ପ୍ରକାଶ କରିଥିଲା - କାରଣଟା ଜଣାଇଥିଲା, ଏଇ ଅଳ୍ପ ବୟସରେ ସେ ଏତେବଡ଼ ଦାୟିତ୍ୱ ମୁଣ୍ଡାଇବାକୁ ଚାହେଁନାହିଁ ।

କଥାଟା ବାପା ଓ ବିମଳ ବାବୁଙ୍କ ଆଗରେ କହିଦେଇ ପ୍ରକାଶ ଚାଲିଆସିଲା । ସେହି କ୍ଷଣିକ ଭିତରେ ସେ ଦେଖିବାକୁ ପାଇଥିଲା, ବିମଳ ବାବୁଙ୍କ ସଦାହସ ମୁଖ ପରିମ୍ଳାନ । ଛାତ ଉପରକୁ ଆସି ସେ ଠିଆ ହୋଇଥିଲା । ତଳେ ରାସ୍ତାରେ ରିକ୍ସାରେ ବିମଳବାବୁ ସ୍ତ୍ରୀ ଓ କନ୍ୟାକୁ ବସାଇ ନିଜେ ଚାଲିବାକୁ ଆରମ୍ଭକଲେ । ସେତେବେଳେ ସେ ଦେଖିଥିଲା, ରିକ୍ସାରେ ଉପବିଷ୍ଟା କନ୍ୟାକୁ ସେଇ ରାସ୍ତା ମଝିରେ ବିମଳବାବୁ କହୁଥିଲେ, "ପୋଡ଼ା କପାଳୀ ତୁ' ମତେ ନ ଖାଇ ସନ୍ତୁଷ୍ଟ ହେଉନାହୁଁ । କି କପାଳ ନେଇ ଆସିଛୁ କେଜାଣି - ଟିକେ ଦେଖିଲେ ମିଳିଥିବା ପାତ୍ର ଖସି ଚାଲିଯାଉଛନ୍ତି -" ମିନତିର ମୁହଁଟି ହୋଇଯାଇଥିଲା ପାଂଶୁ ବିବର୍ଣ୍ଣ, ଅଧରଟି କ୍ଷଣକ ପାଇଁ କମ୍ପି ଉଠିଥିଲା - ବିମଳ ପତ୍ନୀଙ୍କୁ କହିଲେ; "କି ଅଶିକ୍ଷିତା ସ୍ତ୍ରୀଟେ ପାଇଥିଲି ! କପାଳକୁ ମୋର ସବୁ ଠେଲି ଦେଲିଣି - ଝିଅଟାକୁ ଟିକେ ଭଲକରି ସଜାଇ ଦେଇ ପାରୁନାହଁ ? ଏଇ ବଡ଼ ଘରର ଝିଅ ଗୁଡ଼ାକ

Digitized by srujanika@gmail.com

ମିନୁଠାରୁ କି ଅଧିକ ସୁନ୍ଦର ! ଅଥଚ କେତେ ସୁନ୍ଦର ସାଜଗୋଜ ହୋଇଛନ୍ତି । ଦେଖିଲେ ଚକ୍ଷୁ ହେବନି । ଏଥର ତୁମେ ଦ୍ୱିଭଜଣ ମତେ ଖାଇ ସନ୍ତୁଷ୍ଟ ହୁଅ - ମୁଁ ଆଉ ଖୋଜି ପାରିବିନି ବର । ଗୁର ଗୁର୍‌ଣ୍ଡା ଗଲେ, ଇଜ୍ୟ ମଧ୍ୟ ଯାଇଥିଲେ ଭଲ ହୋଇଥାନ୍ତା - ମତେ ସାଧିବାକୁ ସେ' ଖାଲି ବସିରହିଲା - ଆଃ ଝିଅର କପାଳରେ ଦଇତ କଲକ୍ଷୀ ମଧ୍ୟ ଜୁଟୁନି ! ନ ହେଲେତ ଯୋଗିଣୀ ଅଛ, କୁଅ ଅଛି ନିଜେ ଯାଆନ୍ତା, ମତେ ବ ରକ୍ଷା କରି ଦିଅନ୍ତା - " ବିମଳବାବୁ ଗର ଗର ହେଲେ ରାଗରେ

ବସନ୍ତ ମୁଖରେ ସ୍ତ୍ରୀ ଉତ୍ତର ଦେଲେ, " ନୂଆବର ସମ୍ମୁଖରେ ଏପରି କାହିଁକି ହେଉଛ ମ ? "

ମୁହଁ ପର୍ବ ବିବର୍ଣ୍ଣ ହୋଇ ଯାଇଥିଲା ମିନାତିର ମୁହଁଟା - ସେଦିନ ପ୍ରକାଶ ଭାବିଥିଲା ଯେ ମିନାତି ତା'କୁ ଭଲ ପାଇଥିଲା । ବୋଧହୁଏ ସେଇଥିପାଇଁ ବିବାହର ପ୍ରସ୍ତାବ ଭାଙ୍ଗିଯିବାରେ ତା'ର ମୁହଁଟା ମଳିନ ହୋଇ ଯାଇଥିଲା । ଏଇ ଧାରଣା ତା'ର ମନରେ ମଧ୍ୟ ଆଣି ଦେଇଥିଲା ଗର୍ବ, ଆଣି ଦେଇଥିଲା ପୌରୁଷଭାବ - ତାକୁ ଦେଖି କିଏ ତା'କୁ ସ୍ୱାମୀରୂପେ ପାଇବାକୁ ନ ଚାହିଁବ ? ନିଜର ଚେହେରା ପାଇଁ ସେ ସର୍ବଦା ଗର୍ବିତ । ତା' ନିକଟରେ ପୁଣି ମିନାତି ! ! ଛିଃ, ଅଳ୍ପକେ ସେ ରକ୍ଷା ପାଇଗଲା - ନ ହେଲେ ତ ହଁ କରି ଦେଉଥିଲା ପ୍ରଥମରେ - ଝିଅଟିର ଦୃଷ୍ଟିରେ ମାଦକତା ଅଛି - ନହେଲେ, ତା' ଭଳି ମଣିଷ ମୁଗ୍ଧ ହୋଇ ଯାଇଥାନ୍ତା । କି ସୁନ୍ଦର ଭାବରେ ଝିଅଟି ଚାହିଁଥାଏ ।

ରାତିରେ ଖାଇଲାବେଳେ ପିତା ବିଷାଦଭରା କଣ୍ଠରେ ମାଙ୍କୁ କହିଲେ, " ରମା, ବିମଳଙ୍କୁ କିଛି ଟଙ୍କା ଯାଚିଲି ମିନାତି ଲାଗି । ଟଙ୍କା ପାଇଲେ ମିନାତିର ବିଭାଘର ନେଇ ଏତେ ଚିନ୍ତା କରିବାକୁ ପଡ଼ିବ ନାହିଁ ବୋଲି । କିନ୍ତୁ ବିମଳ ଗ୍ରହଣ କଲେନାହିଁ - ବିମଳ ଯେପରି ବିରକ୍ତ ହୋଇ ଉଠିଲେଣି ସେ' ପରେ ଝିଅଟିର ଅବସ୍ଥା କ'ଣ ହେବ କେଜାଣି ? " ଏହା ସହିତ ସହିତ ମନେ ପଡ଼ିଲା ପ୍ରକାଶର ତା'ର କଲେଜ ଜୀବନ ପରର କଥା । ବନ୍ଧୁ ରମେଶ ଆସିଥିଲା । ଏ ବିଷୟକୁ ନେଇ ଗୋଟିଏ ଆଲୋଚନା ହୋଇଥିଲା । ରମେଶ ପଚାରିଲା, " କିରେ, ତୁ' ପୁଣି କାହିଁକି ମନା କଲୁ ମ ଶୁଣିବ ବୋଲି ? କଲେଜ୍‌ରେ ତ ଏତେ ଏତେ ବକ୍ତୃତା ଝାଡ଼ୁଥିଲୁ ( ଆମେ ଧନୀଘର ପୁଅମାନେ ଯଦି ଗରିବ ଘରର ଝିଅ-ମାନଙ୍କୁ ଉଦ୍ଧାର ନ କରିବା ତା'ହେଲେ ଆଉ କିଏ କରିବ ? କନ୍ୟା ଦାୟଗ୍ରସ୍ତ ପିତାମାନଙ୍କୁ ଆମେ ଯଦି ସାହାଯ୍ୟ ନ କରିବା, ତେବେ କିଏ କରିବ ? ) ଏବେ କ'ଣ ସେ ବୁଦ୍ଧି କୁଆଡ଼େ ଉଡ଼ିଗଲା ? "

ରମେଶର ତାଚ୍ଛଲ୍ୟ ଭରା ପ୍ରଶ୍ନରେ ପ୍ରକାଶ ସେଦିନ ବିଚଳିତ ହୋଇ ପଡ଼ିଥିଲା । ବନ୍ଧୁ ନିକଟରେ ପରାଜୟର ଗ୍ଲାନି ଏଡ଼ି ଦେବା ପାଇଁ ସେ କହିଥିଲା । ତା'ର ଉତ୍ତରରେ, " ନା, ରମେଶ, ତୁ' ମତେ ଭୁଲ ବୁଝୁଛୁ । ମୁଁ ତ ସେଥିପାଇଁ ମନା କରିନି । " ରମେଶ ପୁଣି ପ୍ରଶ୍ନ କଲା, " ଆଉ କେଉଁଥି ପାଇଁ ମନା କରିଥିଲୁ ? " ପ୍ରକାଶ ମନେ ମନେ ଠିକ୍ କରି ନେଇଥିଲା ଉତ୍ତରଟା - ନିଜର ବିକୃତ ଭାବକୁ ଲୁଚାଇ ସେ କହିଥିଲା, " ଏଇ ବାଲିକା ବିବାହ ପ୍ରଥାର ବିରୋଧ କରିବା ପାଇଁ ମୁଁ ମନା କରିଦେଲି । ଚଉଦ ବର୍ଷର ବାଳିକାକୁ ବିବାହ ଦେବା ଉଚିତ ନୁହେଁ - ଏତେ ଅଳ୍ପ ବୟସରେ ପର-ଘରକୁ ଯାଇ ଚଳିବା ତା' ପକ୍ଷରେ କଷ୍ଟକର । ଝିଅକୁ ସତର ଅଠର ବର୍ଷ ବୟସ ପର୍ଯ୍ୟନ୍ତ ଅବିବାହିତା ରଖିବା ଉଚିତ । ଚଉଦ ବର୍ଷରେ ବଧୂ ହୋଇ ଅଳ୍ପ ବୟସରେ ମା ହେଲେ ତାର ଜୀବନର ମାଧୁରୀ ଆଉ କେଉଁଠାରେ ରହିଲା ? ଅପରିଣତ ବୟସରେ ମାତୃତ୍ୱର ଦାୟିତ୍ୱ ତା'ର ଜୀବନ ଛାରଖାର କରିଦେବ । ଏଇ ଅଳ୍ପ ବୟସରେ ବିବାହ ଯୋଗୁଁ ଆଜି ରୁଗ୍ଣ ମାତା, ରୁଗ୍ଣ ସନ୍ତାନଙ୍କର ସଂଖ୍ୟା ବଢ଼ି ଚାଲିଛି ଦେଶରେ ବୁଝିଲୁ ରମେଶ, ମୁଁ ସେଇଥିପାଇଁ ମନା କରିଦେଲି ବାପାଙ୍କୁ "

ରମେଶ ଅଂଶରେ ଏତେବଡ଼ ବକ୍ତୃତାଟେ ଝାଡ଼ିଦେଇ

Digitized by srujanika@gmail.com

ସେ ଇଚ୍ଛା ମାଡ଼ିଯାଇଥିଲା ସେଇ ଦିନ - ପ୍ରକାଶର ଭାବନା ଆହୁରି ପାଣ୍ଡୁର ହୋଇଆସେ ।

ବର୍ଷାଟା ଧୀରେ ଧୀରେ ଛାଡ଼ି ଆସୁଥାଏ ।

ଧୀରେ ଧୀରେ ତା' ମନ ପଟରେ ଉଦୟ ହେଲା ଆଜ ଗୋଟିଏ ବିଶେଷ ଦିନର କଥା ବେଦନାରେ ଅନୁଶୋଚନାରେ ଭରିଗଲା ବକ୍ଷଟା ତା'ର - ସେ ଦିନ- ସେ ଦିନ - ସେ ବୁଝିପାରିଲା ତାର ଭୁଲ ।

ଅଫିସ୍ ଘରେ ବାପା ବସି କି କାମ ଗୋଟାଏ କରୁଥାଆନ୍ତି - ପାର୍ଶ୍ବ ପଢ଼ାଘରେ ବସି ସେ ପଢ଼ୁଥିଲା- ହଠାତ୍ ଶୁଣିପାରିଲା ବିମଳବାବୁଙ୍କ କଣ୍ଠସ୍ୱର - ଉତ୍କର୍ଣ୍ଣ ହୋଇ ରହିଲା ଶୁଣିବାକୁ - ବିମଳବାବୁ କହୁଛନ୍ତି, "କାଶୀନାଥ, କିଛି ଟଙ୍କା ଦେବୁ କି'ରେ ।" ବାପାଙ୍କୁ ବିମଳବାବୁ ଭିକ୍ଷା ମାଗୁଛନ୍ତି ଦେଖି ବିସ୍ମିତ ହୋଇଥିଲା ସେ - ବାପା ମଧ ବୋଧହୁଏ ବିସ୍ମିତ ହୋଇଥିଲେ - କିଛି ସମୟପରେ ତାଙ୍କର ବିସ୍ମିତ କଣ୍ଠ ଶୁଣାଗଲା, "କାହିଁକିରେ ବିମଳ ?"

ତା'ପରେ ସେ ଶୁଣିପାରିଲା ବିମଳ ବାବୁଙ୍କର ନୀରସ କଣ୍ଠସ୍ୱର - ସେ ସ୍ୱରରେ ଯେପରି ଥିଲା ଅଫୁରନ୍ତ ତିକ୍ତତା ଥିଲା ଅନନ୍ତ ହାହାକାର ।

"ନାହିଁ ଭାଇ, - ମିନୁର ବିବାହ ପାଇଁ ତୁ ଯାହା ଦେଇଥିଲୁ ସେଇଁ ଟଙ୍କା ମୁଁ ତା ନେଇନାହିଁ । ଆଜି ମୋର ଦେହଟାକୁ ପୋଡ଼ି ଦେବାପାଇଁ ଦରକାର ଟଙ୍କା ନେଉଥିବାପାଇଁ ଆଜି ମାଗିବାକୁ ଆସିଛି - "

ଅକାଳରେ ଖାଲି ଶବ୍ଦର ହୋଇଗଲା ଝିମ୍ ଝିମ୍- ତାଙ୍କ ମୁହଁଟାକୁ ଚାହିଁ ସେ ଠିଆହେଲା—

ବାପାଙ୍କର ମଧ ସେଇ ଅବସ୍ଥା ବୋଧହୁଏ - କମ୍ପିତ କଣ୍ଠରେ କହିଲେ ସେ, "କ'ଣ କହୁଛୁ ବିମଳ ?"

ବିମଳ ବାବୁ ଫୁଙ୍କପଟି କହିଲେ, "ହଁ, ମୁଁ ନିଜେ ତା'କୁ ମାରିଦେଇଛି - କିନ୍ତୁ ହାତରେ ନୁହେଁ - ଖାଲି କଟୁ କଥାରେ । ମୋର ଜାଳାମୟ କଥା ସେ ଆଜ ସହି ପାରିଲା ନାହିଁ - ମା' ମୋର ବିଷ୍ କରିଲା ମୁଁ ମୁହଁରେ ଯାହା କହୁଛି ଅନ୍ତରରେ ମଧ ତା' ଗୁହୁଁଛି ବୋଲି - ବୁଝିଲି । ସେ ସତରେ ମଲେ ମୁଁ ରକ୍ଷା ପାଇବି ବୋଲି କାଲି ରାତିରେ ସେ ବେଙ୍କରେ ଦେଇଛି ଦାଉଡ଼ । ଉଃ କି କଷ୍ଟରେ ମରିଥିବ ସେ ! ! ସକାଳୁ ଉଠି ମୁଁ ଦାରଣ୍ଡାକୁ ଗଲି - କଣ ଦେଖିଲି ଜାଣିଛୁ କାଶୀ, ଦେଖିଲି ମୋ ମିନୁ ଝୁଲୁଛି ଶୂନ୍ୟରେ - ମୁହଁଟା ତାର ହୋଇଯାଇଛି ବିବର୍ଣ୍ଣ - "

ବିମଳବାବୁ ମୁହୂର୍ତ୍ତିକ ପାଇଁ ରହିଗଲେ "କାଶୀନାଥ ମରିଗଲାବେଳେ ମଧ ସେ ମୋର ମଙ୍ଗଳ ଚାହିଁ ମରିଛିରେ - ଛୋଟେ କାଗଜଟିରେ ଲେଖିଦେଇଛି -ତା'ର ମୃତ୍ୟୁ ପାଇଁ କେହି ଦାୟୀ ନୁହନ୍ତି । ସେ ମଲେ କାଳେ ମୋ ଉପରେ ଲୋକେ ସନ୍ଦେହ କରିବେ - ତାର ପାଷଣ୍ଡ ପିତା କାଳେ ବିପଦରେ ପଡ଼ିବ ବୋଲି ଆଗରୁ ସବୁ ପରିଷ୍କାର କରିଦେଇ ଯାଇଛି - ସେ ମୋ ହାତରୁ ରକ୍ଷା ପାଇଗଲା - ମଡେ ମଧ ରକ୍ଷା କରିଗଲା - ଅଭାଗିନୀ ମିନୁର ମୋର ଜୀବନଟା ବ୍ୟର୍ଥ ହୋଇଗଲା-

ବଡ଼ ଆଶା କରିଥିଲିରେ କାଶୀନାଥ - ଏକମାତ୍ର କନ୍ୟା ମୋର - ତା'ର ବିବାହ ଦେବି - ସେ ସୁଖରେ ଘର ଦୁଆର କରିବ - ସବୁ ବୃଥା ହୋଇଗଲା - ସବୁ ବୃଥା ହୋଇଗଲା

ପ୍ରକାଶ ସେହିପରି ଠିଆହୋଇ ରହିଲା - ଦୁନିଆରୁ ଗୋଟିଏ ପ୍ରାଣ ଚାଲିଗଲା - ଏହିପରି କେତେ ନିରୀହ ପ୍ରାଣ ଯେ ନୀରବରେ ଚାଲିଯାଇଛନ୍ତି କିଏ ଜାଣେ ? ଆଖି ଆଗରେ ଭାସି ଆସିଲା ମିନୁର ସଜଳ ଚକ୍ଷୁ ଦୁଇଟିର କରୁଣ ଦୃଷ୍ଟି - ଆଉ ଭାସି ଆସିଲା ସେ ଦିନ ଉପେକ୍ଷିତା ହୋଇ ଚାଲି ଯାଉଥିବାବେଳେ ତା' ମୁହଁଟି କେତେଥର - ଉକ୍ରଟଥର ସେ ସଜାସଜା ହୋଇ ଠିଆ ହୋଇଛି କେତେ ଲୋକଙ୍କ ଆଗରେ ନିଜର ରୂପର

Digitized by srujanika@gmail.com

ପସରା ମେଲାଇ । ଆଶା - କିଏ କିଣିନେବେ । କିନ୍ତୁ - ବିଫଳ ହେଲା ତା'ର ସବୁ ଆଶା - ସମସ୍ତେ ଚାହିଁ ଚାହିଁ ଗଲେ - କେହି ଆଦର କରି ତୋଳି ନେଲେନି ତାକୁ - ଝରା କୁସୁମ ପରି ସେ ପଡ଼ିରହିଲା - ଉପେକ୍ଷିତା ହୋଇ ଆଉ ସହି ପାରିଲାନି ଏ ଅପମାନ - ଦୁନିଆରୁ ବିଦାୟ ନେଇଗଲା - ଦୁନିଆ ତାକୁ ବିଦାୟ ଦେଲା ଅତି ନିର୍ମମ ଭାବରେ -

ତା' ନିଜ ଆଗରେ ମଧ୍ୟ ଦିନେ ସେ ଆସି ଠିଆ ହୋଇଥିଲା, ଭିକାରୁଣୀ ବେଶରେ - ଭିକ୍ଷା ମାଗିଥିଲା - ସେ ଫେରେଇ ଦେଇଥିଲା ତାକୁ ସେ ଦେଇଥିଲା ତାକୁ ଶେଷ ଆଘାତ -

ପ୍ରକାଶ ବୁଝିପାରିଲା ତା'ର ଭୁଲ - ସେ ଦିନ ମିନତି ତାକୁ ଭଲ ପାଇ ବିବାହ ହେଲନି ବୋଲି ପାଂଶୁ ମୁଖରେ ଫେରିଯାଇ ନଥିଲା - ସେଦିନ ତା'ର ମୁଖର ଭାବ ସେପରି ହୋଇଥିଲା ପିତାମାତାଙ୍କ ଚିନ୍ତାର ଜ୍ୱାଳାରୁ ମୁକ୍ତ କରିପାରି ନଥିଲା ବୋଲି -

ବାରମ୍ବାର ଉପେକ୍ଷିତା ହୋଇ ସେ ବାପମାଙ୍କୁ ଶାନ୍ତି ଦେବାପାଇଁ ନିଜକୁ ବଳି ଦେଇଥିଲା ଅତି ନିର୍ମମ ଭାବରେ ।

ସେହିଦିନଠାରୁ ସବୁବେଳେ ଆଖି ଆଗରେ ପ୍ରକାଶର ନାଚେ ତା'ର ଛଳ ଛଳ ଆଖି ଦୁଇଟିର ବ୍ୟଥାଭରା ଦୃଷ୍ଟି, ମନେହୁଏ ଯେପରି ସେ ଦୃଷ୍ଟି ଭର୍ତ୍ସନା କରୁଛି ତାକୁ - ପ୍ରକାଶ ବିବାହ କରିନି ଏଯାଏଁ - ସବୁବେଳେ ମନେ ହେଉଛି ଯଦି ସେଦିନ ସେ ଆଦରି କରି ଗ୍ରହଣ କରିଥାନ୍ତା ମିନତିକୁ, ତାହେଲେ ଅମୂଲ୍ୟ ପ୍ରାଣଟାର ହୋଇଥାନ୍ତା ରକ୍ଷା ।

ପ୍ରକାଶ ଦୀର୍ଘ ନିଶ୍ୱାସଟିଏ ପକାଇ ଚାହିଁଲା - କ୍ରନ୍ଦନର ବେଗ ପ୍ରଶମିତ ହୋଇଛି, ଆକାଶର - ଆଜି ଗମ୍ଭୀର ହୋଇ ରହିଁଛି ମୁହଁଟା - ସେହି ମେଘଢଙ୍କା ଆକାଶ ଆଡ଼କୁ ଚାହିଁଲା ପ୍ରକାଶ - ଆକାଶ ବକ୍ଷରେ ଯେପରି ଛଳ ଛଳ ଆଖି ଦୁଇଟିର କରୁଣ ଚାହାଣୀ - ଫେରାଇନେଲା ମୁହଁଟାକୁ ସେ ।

ପୂର୍ବ ଆକାଶର ବକ୍ଷ ଉପରେ ଧୀରେ ଧୀରେ ଫୁଟିଉଠି ଦିଶୁଛି ଇନ୍ଦ୍ରଧନୁ - ସ୍ପଷ୍ଟ ଦିଶୁଛି ସୁରେଖା ରଙ୍ଗ ... —

## ସଙ୍ଗୀତ

ଶ୍ରୀ ମଥୁରା ମୋହନ ବେହେରା

ସଙ୍ଗୀତ ଯେ ଗୋଟିଏ ମନୋମୁଗ୍ଧକର ବିଷୟ ତାହା ସର୍ବଜନ ବିଦିତ । ତେଣୁ ସଙ୍ଗୀତ ରସାଭିଜ୍ଞ ବ୍ୟକ୍ତି ସଙ୍ଗୀତ ଦ୍ୱାରା ଚିତ୍ତାକର୍ଷଣ କରି ମାନବର ଅସହନୀୟ ଶୋକ, ଦୁଃଖ ହରଣ କରି ଆନନ୍ଦ ସାଗରରେ ଭସାଇ ପାରେ । ବର୍ତ୍ତମାନ ଦେଖାଯାଉଛି ଉତ୍କଳରୁ ସଙ୍ଗୀତ ଚର୍ଚ୍ଚା ହ୍ରାସ ପାଉଥିବାରୁ ଲୋକମାନେ ଆନନ୍ଦ ଓ ଉତ୍ସାହ-ହୀନ ହୋଇ ପଡୁଛନ୍ତି । ମାନସିକ ସ୍ଫୁର୍ତ୍ତି ନ ହେଉଥିବାରୁ କାର୍ଯ୍ୟକାରୀ ଶକ୍ତି ମଧ୍ୟ କମି ଯାଉଅଛି । ସୁତରାଂ ମନୁଷ୍ୟର ଶାରୀରିକ, ମାନସିକ ଓ ନୈତିକ ଶକ୍ତିକୁ ବୃଦ୍ଧି, ପୁଷ୍ଟି, ବଳିଷ୍ଠ ଓ ତେଜୀୟାନ୍ କରିବା ପାଇଁ ଉପଯୁକ୍ତ ସଙ୍ଗୀତ ଏକମାତ୍ର ଉପାଦେୟ ବସ୍ତୁ । ତେଣୁ ସଙ୍ଗୀତ ସମ୍ବନ୍ଧରେ କିଛି ଲେଖିଲି ।

ଗୀତ । " ଧାତୁ ମାନ ସମାହାରୋ ଗୀତମିତ୍ୟଭିଧୀ...

Digitized by srujanika@gmail.com

ଧୀମତେ ” ଇତି ଭରତଃ

ଷଡ୍‌ଜାଦି ସପ୍ତ ସ୍ୱରର ନାମ ଧାତୁ, ଓ ବର୍ଣ୍ଣ ଉଚ୍ଚାରଣ କାଳର ନାମ ମାତ୍ରା । କଣ୍ଠ ନିଃସୃତ ଧାତୁ ଓ ମାତ୍ରା ଦ୍ୱାରା ମିଳିତ ନାନାରସ ପରିପୂରିତ ଛନ୍ଦୋବଦ୍ଧ କବିତା ସମନ୍ୱିତ ଗୀତ କୁହାନ୍ତି । ଗୀତ ଦ୍ୱିବିଧ । ଅନିବଦ୍ଧ ଓ ନିବଦ୍ଧ । ବର୍ଣ୍ଣହୀନ ବିହୀନ କେବଳ ଧାତୁର ଯୋଗରେ ବୀଣା, ବେଣୁ ଇତ୍ୟାଦି ଯନ୍ତ୍ରରେ ଯେଉଁ ଗୀତ ସମ୍ପାଦିତ ହୁଏ ତାହାର ନାମ ଅନିବଦ୍ଧ । ବୀଣାଦି ଯନ୍ତ୍ର ମାନଙ୍କରେ ନାସା, କଣ୍ଠ, ତାଳୁ ଇତ୍ୟାଦି ବର୍ଣ୍ଣ - ଉଚ୍ଚାରଣ ସ୍ଥାନମାନ ନଥିବାରୁ ସେଥିରୁ ବର୍ଣ୍ଣ ଉଚ୍ଚାରଣ ସମ୍ଭବେ ନାହିଁ । ସେଥିପାଇଁ ବର୍ଣ୍ଣବିହୀନ ହୋଇ କେବଳ ଧାତ୍ୱାଦି ଯୋଗରେ ଯନ୍ତ୍ର ଗୀତ ହୋଇଥାଏ । ଧାତୁ ଏବଂ ବର୍ଣ୍ଣ ଉଭୟ ଯୋଗରେ ଯେଉଁ ଗୀତ ମନୁଷ୍ୟ କଣ୍ଠରେ ତାଳ - ନିୟମ ସମ୍ପନ୍ନ ହୁଏ, ତାହାକୁ ନିବଦ୍ଧ କହାନ୍ତି । ଏହି ନିବଦ୍ଧ ଗୀତ ନାନାପ୍ରକାର ଯଥା, ଆଳାପାଦି ।

ଆଳାପ — ଅନୁଲୋମ, ବିଲୋମ, ଗମକ, ତାନ, ଲୟ, ମୂର୍ଚ୍ଛନା, ସ୍ୱରଯୋଗରେ ରାଗରାଗିଣୀର ରୂପ ମୂର୍ତ୍ତିମାନ୍ କରିବାର ନାମ ଆଳାପ । ଆଳାପରେ କୌଣସି ପ୍ରକାର ତାଳର ପ୍ରୟୋଗ ଦେଖାଯାଏ ନାହିଁ । କେବଳ ବିଳମ୍ବିତ, ମଧ୍ୟ ଓ ଦ୍ରୁତ ଏହି ତିନି ପ୍ରକାର ଲୟ ଦ୍ୱାରା ରାଗାଦିର ଆଳାପ ହୁଏ । କୌଣସି ଗୀତ ବା ଶ୍ଳୋକର ଯେପରି ଚାରି ଚରଣ ଥାଏ, ଆଳାପରେ ମଧ୍ୟ ସେହିପରି ଚାରି ଚରଣ ଅଛି । ପ୍ରଥମ ଚରଣକୁ “ ଅସ୍ଥାୟୀ ” ଦ୍ୱିତୀୟ ଚରଣକୁ “ ଅନ୍ତରା ” ତୃତୀୟ ଚରଣକୁ “ ସଞ୍ଚାରୀ ” ଏବଂ ଚତୁର୍ଥ ଚରଣକୁ “ ଆଭୋଗ ” କହନ୍ତି । ନେ, ତେ, ରେ, ରି, ନ, ନା, ତୋ, ମ୍, ଇତ୍ୟାଦି କେତେକ ବର୍ଣ୍ଣ ଯୋଗେ ଆଳାପ କରାଯାଏ । ଏବଂ ପ୍ରଥମେ ବିଳମ୍ବିତ ପରେ କ୍ରମାନ୍ୱୟରେ ମଧ୍ୟ ଓ ଦ୍ରୁତ ଲୟ ଦ୍ୱାରା ସାଧ୍ୟାନୁସାରେ ବିସ୍ତୃତ ପର୍ଯ୍ୟନ୍ତ ବିସ୍ତାର କରିବାର ପ୍ରସିଦ୍ଧି ଅଛି ।

ସମସ୍ତ ଗୀତ ତ୍ରିବିଧ — ଶୁଦ୍ଧ, ସାଲଗ ଓ ସଙ୍କୀର୍ଣ୍ଣ ରାଗରାଗିଣୀ । “ ରଞ୍ଜକତ୍ୱାତ୍ ରାଗଃ - ଇତି ଭରତଃ । “ ଯସ୍ୟ ଶ୍ରବଣ ମାତ୍ରେଣ ରଞ୍ଜନ୍ତେ ସକଳାଃ ପ୍ରଜାଃ । ସର୍ବେଷାଂ ରଞ୍ଜନାଦ୍ଧେତୋ ସ୍ତେନ ରାଗ ଇତି ସ୍ମୃତଃ । ”

ଇତି ସୋମେଶ୍ୱର ମତଂ ।

ଷଡ୍‌ଜାଦି ସପ୍ତସ୍ୱର ମଣ୍ଡିତ, ଶ୍ରୁତି, ଅଙ୍ଗ, ଗମକ ଏବଂ ମୂର୍ଚ୍ଛନାଦି ସଂଯୁକ୍ତ ଚିତ୍ତରଞ୍ଜନକାରୀ ଧ୍ୱନି ବିଶେଷକ ରାଗ କହନ୍ତି । ଏହା ମନର ଭାବ ଅଥବା ପ୍ରକୃତିର ଶୋଭାର ପ୍ରକାଶକ ।

ଶାସ୍ତ୍ରରେ ଉଲ୍ଲେଖ ଅଛି ଯେ ପୃଥିବୀର ସୃଷ୍ଟି କାଳରେ ମହାଦେବଙ୍କର ପଞ୍ଚମୁଖରୁ ଶ୍ରୀ, ଭୈରବ, ପଞ୍ଚମ, ବସନ୍ତ ଓ ମେଘ ଏହି ପାଞ୍ଚ ଓ ପାର୍ବତୀଙ୍କ ମୁଖରୁ ବୃହନ୍ନଟ ବା ନଟ ନାରାୟଣ ନାମରେ ଏକ, ଏପ୍ରକାର ଛଅ ଗୋଟି ରାଗ ପ୍ରଥମେ ସୃଷ୍ଟି ହୋଇଥିଲା । ଏହି ଛଅ ରାଗର ନାମ ସମ୍ବନ୍ଧରେ ମତଭେଦ ପରିଲକ୍ଷିତ ହୁଏ । ସେ ଯାହାହେଉ ଆଦି ରାଗ ଛଅଗୋଟି । ଏହି ଛଅ ରାଗର ପ୍ରତ୍ୟେକର ଛଅ ଛଅ ରାଗିଣୀ ଭାର୍ଯ୍ୟା ରୂପରେ ନିର୍ଦ୍ଧାରିତ ଅଛନ୍ତି । ଯଥା— ମାଳଶ୍ରୀ, ତ୍ରିବଣୀ ଗୌରୀ, କେଦାର; ମଧୁମାଧବୀ ଓ ପାହାଡ଼ୀ ଏହି ଛଅ ଶ୍ରୀ ରାଗର ଭାର୍ଯ୍ୟା । ଦେଶ, ଦେବଗିରି; ବରାଡ଼ୀ ତୋଡ଼ୀ, ଲଳିତ ଓ ହିନ୍ଦୋଳ (ମତାନ୍ତରେ ହିନ୍ଦୋଳକୁ ରାଗ ବୋଲି କହନ୍ତି ) ବସନ୍ତ ରାଗର ସ୍ତ୍ରୀ । ବିଭାସ, ଭୂପାଳୀ, କର୍ଣ୍ଣାଟ, ବଡ଼ହଂସ, ମାଳବୀ ଓ ପଟ ମଞ୍ଜରୀ, ପଞ୍ଚମ ରାଗର ଭାର୍ଯ୍ୟା । ବଙ୍ଗାଳୀ, ସିନ୍ଧୁ, ରାମକେଳି, ଗୁଣକେଳି, ଗୁର୍ଜରୀ ଓ ଭୈରବୀ - ଭୈରବ ରାଗର ପତ୍ନୀ । ମହଲ୍ଲାର, ସୁରଟ, ସାୟୋରୀ, କୌଶିକ, ଗାନ୍ଧାର ଓ ହର ଶୃଙ୍ଗାର - ମେଘ ରାଗର ରାଗିଣୀ । କାମୋଦ, କଲ୍ୟାଣ, ଆଭୀରୀ, ନାଟିକା, ସାରଙ୍ଗ ଓ ହାମ୍ବୀର - ନଟନାରାୟଣ ଅଥବା ବୃହନ୍ନଟର ପତ୍ନୀ । ଏହି ଆଦି ଛଅ ରାଗ ଓ ଛତିଶ ରାଗିଣୀର ପରସ୍ପର ମିଳନରେ ବହୁବିଧ ଉପରାଗ ଓ ଉପରାଗିଣୀ ଉତ୍ପନ୍ନ ହୋଇ ଅଛନ୍ତି । ଅଦ୍ୟ ଏତଦ୍ଦ୍ୱାରା ବିସ୍ତାରରେ ଅନାବଶ୍ୟକ ।

# ଲକ୍ଷ୍ୟଯାତ୍ରା

ଶାମୁଏଲ ନାଏକ

ରାଜଧାନୀର ବ୍ୟସ୍ତ ଚଞ୍ଚଳ ରାଜପଥ—

ଜନସ୍ରୋତର ବିରାମ ନାହିଁ । ପ୍ରତିମୁହୂର୍ତ୍ତି ଦେହ ସହିତ ଦେହର ସଂଘର୍ଷ ଚାଲିଛି ତଥାପି ଜୀବନ ସହିତ ଜୀବନର ସମ୍ପର୍କ ନାହିଁ । ପ୍ରତ୍ୟେକେ ନିଜ ନିଜର ସମସ୍ୟା ନେଇ ବ୍ୟସ୍ତ, ଅନ୍ୟପ୍ରତି ଦୃଷ୍ଟିପାତ କରିବାକୁ କାହାର ଅବସର କାହିଁ ? ଯେଉଁ ଅବସ୍ଥାକୁ ଆସିଲେ ଜଣେ ଅନ୍ୟଜଣର ସୁଖ ଦୁଃଖ ପ୍ରତି ନିସ୍ପୃହ, ଅନାସକ୍ତ ହୋଇପଡ଼େ, ବସ୍ତୁ ଜଗତର ଭଲମନ୍ଦକୁ ନିର୍ଲିପ୍ତ ନିର୍ବିକାର ଦୃଷ୍ଟିରେ ଅବଲୋକନ କରିପାରେ ଜଗତର ସେହି ଅବସ୍ଥା ପ୍ରଗତିର ପ୍ରତୀକ । ଯାତ୍ରା ପଥରେ ସାଥୀ ସଙ୍ଗୀ ମିଳନ୍ତି ଅନେକ କିନ୍ତୁ ସହାନୁଭୂତି ମିଳେ କେତେଜଣଙ୍କ ଠାରୁ । ଆଧୁନିକ ସଭ୍ୟତା ଜନତା ସୃଷ୍ଟି କରିଛି କିନ୍ତୁ ଏକତାକୁ କରିଛି ହତ୍ୟା ।

ରାଜପଥ ଉପରେ ଠିଆହୋଇ ଦେଖୁଥିଲି ଜନତା ? ନା, ବରଂ ଦେଖିବାକୁ ଚେଷ୍ଟା କରୁଥିଲି ସେମାନଙ୍କୁ ଯେଉଁମାନଙ୍କର ଏକକ ସଂଯୋଗରେ ଜନତାର ସୃଷ୍ଟି । କିନ୍ତୁ ହତାଶ ହେଲି ଜନତା ମଧ୍ୟରେ ଜୀବନର ସନ୍ଧାନ ମିଳିଲା ନାହିଁ । ମଣିଷର ଜୀବନକୁ ଘେରି ଯେଉଁ ରହସ୍ୟର ଆବରଣ ଅଛି ତାକୁ ଅପସାରିତ କରି ମଣିଷର ପ୍ରକୃତ ପରିଚୟ ସଂଗ୍ରହ ମଣିଷ ପକ୍ଷରେ ଅସାଧ୍ୟ । ଯଦି କେହି ରହସ୍ୟୋଦ୍‌ଘାଟନ କରିବାର ଅଲୌକିକ ଶକ୍ତିର ଅଧିକାରୀ ହୋଇଥାନ୍ତି ତାହେଲେ ଦେଖିଥାନ୍ତେ - ମଣିଷ ନୁହେଁ କିନ୍ତୁ ମଣିଷ ନାମର ରହସ୍ୟ ଆବରଣ ତଳେ ଆବିଷ୍କାର କରିଥାନ୍ତେ ହିଂସା, ଦ୍ୱେଷ, ଦ୍ୱନ୍ଦ୍ୱ, ବିଦ୍ରୂପର ଅମାନୁଷିକ ନିର୍ଲଜ୍ଜ ଅଭିବ୍ୟକ୍ତି ? ମଣିଷର ବାହ୍ୟିକ ଅଭିନୟ ତଳେ ଯେ ଅନୁଦ୍‌ଘାଟିତ ରହସ୍ୟ ପ୍ରଚ୍ଛନ୍ନ ରହିଛି ତାର ଇତିହାସ ଦେବତାମାନଙ୍କର ମଧ୍ୟ ଅଗୋଚର, ଆତ୍ମ-ପରିଚୟ ଗୋପନ କରିବାର ଯେଉଁ ଅକୁଣ୍ଠ ପ୍ରୟାସ ତାହା ମନୁଷ୍ୟର ପ୍ରକୃତି ବା ସ୍ୱଭାବ ଗତ ନୁହେଁ । ସଭ୍ୟତାର ଅଗ୍ରଗତି ସହିତ ତାହା ମନୁଷ୍ୟର ପ୍ରବୃତ୍ତିଗତ ହୋଇ ପଡ଼ିଛି ।

ଅତି ସାଧାରଣ ଜନତା କିନ୍ତୁ ସେହି ଅତି ସାଧାରଣ ଜନତାକୁ ନିଶ୍ଚିହ୍ନ କରି ଯେଉଁ ଗଣ୍ଡ-ଦୃଶ୍ୟଟି ଆଖି ଆଗରେ ପଡ଼ିଲା ତାହା ସାଧାରଣ ନୁହେଁ । ତା ପ୍ରତି ମଣିଷ ନିର୍ଲିପ୍ତ ରହିପାରେ ନାହିଁ । ଜନତା ମଧ୍ୟରେ ଚାଲିଛନ୍ତି ଦୁଇଟି ନିରୁଦ୍ଦେଶ ଯାତ୍ରୀ କିନ୍ତୁ ଜନତା ସହିତ ସେମାନଙ୍କର କୌଣସି ଯୋଗସୂତ୍ର ନାହିଁ । ଅନ୍ୟ ପାଞ୍ଚ ଜଣଙ୍କ ପରି ସେମାନେ ଆଗକୁ ଚାଲିଛନ୍ତି କିନ୍ତୁ ଲକ୍ଷ୍ୟ-କଲେ ଯେ କେହି ବୁଝିପାରିବ ଯେ ସେମାନେ କେବଳ ଯାତ୍ରୀ । ସେମାନଙ୍କର ଲକ୍ଷ୍ୟ ନାହିଁ, ଗନ୍ତବ୍ୟ ନାହିଁ — ଚାଲିବା ହିଁ ସେମାନଙ୍କ ଜୀବନର ଏକମାତ୍ର ଲକ୍ଷ୍ୟ ।

ଜୀବନରେ ଚିନ୍ତା କରିଥିଲି ଯେ ଦୁଃଖ ନେଇ ଯେଉଁ କାତରୋକ୍ତି ତାହା ଦୁଃଖବାଦୀର ଅର୍ଥହୀନ ଆତ୍ମବଞ୍ଚନା । ମଣିଷ କଣ ସତରେ ଏମିତି ଅବସ୍ଥାରେ ପହଞ୍ଚିପାରେ ଯେଉଁଠାରେ ଜୀବନ ତା ପକ୍ଷରେ ମରୁଭୂମିର ମରୀଚିକା ହୋଇପାରେ ? ଅନ୍ନ, ଆଶ୍ରୟ ଓ ଆଶା ତା ନିମନ୍ତେ ଦୁର୍ଲଭ ହୁଏ ? କିନ୍ତୁ ଆଜି ଦାରିଦ୍ର୍ୟର ଯେଉଁ ରୂପ ଦେଖିଲି ସେଥିରେ ଜୀବନର ଏହି କ୍ରୂର ସିଦ୍ଧାନ୍ତ ଆଖି ଆଗରେ ଗୋଟିଏ ମୁହୂର୍ତ୍ତରେ ଚୂର୍ଣ୍ଣବିଚୂର୍ଣ୍ଣ ହୋଇ ଧୂଳିରେ ମିଶିଗଲା । ଏଇ ପୁରୁଷ, ଏଇ ନାରୀ - ରାଜପଥ ଜନତାର କୋଳାହଳକୁ ଉପହାସ କରି ସେମାନଙ୍କର ବେଦନାର୍ତ୍ତ ଆର୍ତ୍ତନାଦରେ ଆକାଶକୁ ବିଦୀର୍ଣ୍ଣ କରିଦେଲେ ସେମାନଙ୍କର ଦାରିଦ୍ର୍ୟ କଣ ଅଧିକ ପ୍ରାଣସ୍ପର୍ଶୀ ହୋଇପାରି ନଥାନ୍ତା ? ସେମାନଙ୍କର ଅସହାୟ ନିଃସମ୍ବଳତା ସେମାନଙ୍କ କପାଳରେ ଯେଉଁ ପରିଚୟ ପତ୍ର ଲେଖିଦେଇଛି ତାର ଅଭିବ୍ୟକ୍ତି ନିମନ୍ତେ ବୋଧହୁଏ ଉପଯୁକ୍ତ ଭାଷାର ସୃଷ୍ଟି ହୋଇନାହିଁ ।

ଆଗେ ଆଗେ ଚାଲିଛି ପୁରୁଷ - ଜୀବନ ଯୁଦ୍ଧର

Digitized by srujanika@gmail.com

ପରାଜୟ ଗ୍ଳାନିରେ ତାର ଅନମିତ ମୁଣ୍ଡ ତଳକୁ ନଇଁ ପଡ଼ିଛି । ଦେହର ଲଜ୍ଜାକୁ ଗୋପନ କରିବା ନିମନ୍ତେ ତାର ଦେହରେ କେବଳ ଶତ ଛିନ୍ନ କନା ଖଣ୍ଡିଏ ଅଛି, ପାଦରେ ଅପରିମେୟ କ୍ଳାନ୍ତି ଓ ସୁଦୀର୍ଘ ଯାତ୍ରା ପଥରୁ ସଂଗୃହୀତ ଅଗଣିତ ଆଘାତର ଚିହ୍ନ ।

ପଛେ ପଛେ ଚାଲିଛି ନାରୀ । ପରିଧେୟର ଶତଛିନ୍ନ ଅଞ୍ଚଳ ତଳେ ଛାତି ପାଖରେ ସେ ଯାହା ଧରିଛି, ଦୁଇଟି ହାତର ଶଙ୍କିତ ସତର୍କତା ପ୍ରତି ଲକ୍ଷ୍ୟ କଲେ ମନେହେବ ତାହା ଯେପରି ତା ଜୀବନର ଅନ୍ତିମ ସର୍ବସ୍ୱ । ବୟସ ? ହୁଏତ ପଚିଶ କିନ୍ତୁ ପଚାଶ କହିଲେ ମଧ୍ୟ ଅସଙ୍ଗତ ହେବନାହିଁ । ତା'ର ବୟସର ହିସାବ ନେବା ନିମନ୍ତେ ତା'ର ନିଜର ବା ଅନ୍ୟ କାହାର କୌଣସି ଦିନ ପ୍ରୟୋଜନ ବୋଧ ହୋଇନାହିଁ । ନାରୀର ଅସ୍ତିତ୍ୱକୁ ସାର୍ଥକ କରିବା ନିମନ୍ତେ ଯେଉଁ ଦାୟିତ୍ୱବୋଧର ପ୍ରୟୋଜନ ଅନେକ ଦିନରୁ ସେତକ ତା'ର ଜୀବନ କେନ୍ଦ୍ରରୁ ଲୁପ୍ତ ହୋଇଯାଇଛି । ସଂସାର କ୍ଷେତ୍ରରେ ଯେଉଁଠାରେ ନାରୀର ପ୍ରୟୋଜନୀୟତାକୁ ଉପେକ୍ଷା କରାଯାଏ ସେଠାରେ ନାରୀର ହୁଏ ଅପମୃତ୍ୟୁ । ଏଇ ଆଗରେ ଯେଉଁ ପୁରୁଷ ଚାଲିଛି ତାର ଜୀବନକୁ ପୂର୍ଣ୍ଣ କରିବା ନିମନ୍ତେ ପଛରେ ଚାଲିଥିବା ନାରୀର ଯଦି ପ୍ରୟୋଜନ ନ ଥାଏ ତେବେ ସେ ନାରୀର ଅସ୍ତିତ୍ୱର ମୂଲ୍ୟ କଣ ?

ପୁରୁଷ ଥରକ୍ ଥର ପଛକୁ, ଅନାଇ ମୁଣ୍ଡ ହଲାଇ ଭାର୍ଯ୍ୟାକୁ ସଙ୍କେତ ଦେଉଛି ବୋଧହୁଏ ଶୀଘ୍ର ଚାଲିବା-ପାଇଁ, କିନ୍ତୁ ଭାର୍ଯ୍ୟା ତାର ସେ ଆଦେଶକୁ ଭ୍ରୂକ୍ଷେପ କରୁନାହିଁ । ତାର ଗତି ପୂର୍ବପରି ମନ୍ଥର । ଚାଲୁ ଚାଲୁ ସେ ହୁଏତ ଭାବୁଛି - କାହିଁକି ? ଏ ପୁରୁଷକୁ କାହିଁକି ସେ ଅନୁସରଣ କରୁଛି ? ସେ ଏ ପୁରୁଷଠାରୁ କଣ ପାଇଛି କଣ ପାଇବାର ବା ଅପେକ୍ଷା କରେ ? - ତଥାପି ନାରୀ ଚାଲିଛି ପୁରୁଷର ପଛେ ପଛେ ଯେପରି ସ୍ମରଣାତୀତ କାଳରୁ ନିଜର ପ୍ରୟୋଜନ ଅନାକାଂକ୍ଷିତ ଜାଣି ସୁଦ୍ଧା ଶତ ଲାଞ୍ଛନା ଅପମାନ ସହି ନାରୀ ପୁରୁଷର ସଙ୍ଗଚ୍ୟୁତ ହେବାକୁ କାମନା କରିନାହିଁ ।

ହଠାତ୍ ନାରୀର ଶତଛିନ୍ନ ପରିଧେୟର ଛିନ୍ନ ଅଞ୍ଚଳ ତଳେ ଚାଞ୍ଚଲ୍ୟ ଜାଗେ ଯେପରି କୌଣସି ଅଙ୍ଗ-ଶୂନ୍ୟ ଜୀବ ଜୀର୍ଣ୍ଣ ଅଞ୍ଚଳ ତଳୁ ମୁକ୍ତି ପାଇବା ନିମନ୍ତେ ଅଦମ୍ୟ ସଂଗ୍ରାମ କରୁଛି । ତା'ପରେ ଯାହା ଘଟିଲା ତାହା ବୋଧହୁଏ ସୃଷ୍ଟି ଇତିହାସରେ ଚିର ପୁରାତନ ଚିରନ୍ତନ ବସ୍ତୁ । ଧୀରେ ଅଞ୍ଚଳ ତଳୁ ଛୋଟ ଗୋଟିଏ ମୁଣ୍ଡ ଓ ତା ପଛେ ପଛେ ଛୋଟ ଦୁଇଟି ହାତ ବାହାରି ଆସେ - ଛୋଟ ଶିଶୁର ଛୋଟ ଦୁଇଟି ହାତ । ସେହି ଦୁଇଟି ଚଞ୍ଚଳ ଅସ୍ଥିର ହାତ ଯେପରି କେଉଁ ଦୁଷ୍ପ୍ରାପ୍ୟ ଅନନ୍ତ ସନ୍ଧାନରେ ଥରକ ଥର ବିଫଳ ମନୋରଥ ହୋଇ ସୁଦ୍ଧା ଶେଷ ଚେଷ୍ଟାରୁ ବିମୁଖ ହେବାକୁ ରାଜି ନୁହେଁ । ଶିଶୁ ଥରକ ଥର ମୁଖ ବ୍ୟାଦାନ କରୁଛି ସେ ମୁଖବ୍ୟାଦାନ ମଧ୍ୟରେ ମିଳୁଛି ଅଦମ୍ୟ ତୃଷାର ଆଭାସ । ଅସୀମ ସାଗରକୁ ଶୋଷଣ କଲେ ମଧ୍ୟ ସେ ତୃଷାର ନିବୃତ୍ତି ହେବ କି ନାହିଁ ସନ୍ଦେହ ।

କିଏ କହେ ଅଶ୍ଳୀଳ । ନାରୀ ପକ୍ଷରେ ଯାହା ଅଶ୍ଳୀଳ ନିର୍ଲଜ୍ଜକର ସେହି ଲଜ୍ଜା ହିଁ ମାତୃତ୍ୱକୁ ଗୌରବାନ୍ୱିତ କରେ । ଆଖି ଆଗରେ ଦେଖେ ନାରୀର ଅପମୃତ୍ୟୁ ଓ ସେହି ଧ୍ୱଂସର ଚିତା ଭସ୍ମତଳୁ ଜାଗି ଉଠେ ମାତୃତ୍ୱର ଚିର ଗୌରବମୟୀ ମୂର୍ତ୍ତି । ମା'ର ଅପୂର୍ଣ୍ଣ ରସାଧାରରେ ମୁହଁ ଲଗାଇ ଶିଶୁ ତୃପ୍ତିରେ ଆଖି ବନ୍ଦ କରେ, ତା'ର ଚଞ୍ଚଳ ହାତ ଦୁଇଟି ସ୍ଥିର ନିଶ୍ଚେଷ୍ଟ ହୁଏ ଯେପରି ତାର ଅନନ୍ତ ସନ୍ଧାନର ଶେଷ ହୋଇଛି ଦୁର୍ଲଭ ତା'ର ହସ୍ତଗତ, ତାହା ଆଉ ହସ୍ତଚ୍ୟୁତ ହେବନାହିଁ ।

ଏ ଦୃଶ୍ୟ ଆଡ଼କୁ ଅନେକ ସମୟ ପର୍ଯ୍ୟନ୍ତ ନିଷ୍ପଲକ ଦୃଷ୍ଟିରେ ଅନାଇ ଏହାର ଦୁର୍ଭାଗ୍ୟ ପରୀକ୍ଷଣକାଳ ପୂର୍ବ ଅନ୍ତ-ସ୍ଥଳ କରୁଣାରେ ଆର୍ଦ୍ର ହୋଇ ଉଠୁଥିଲା । ନିଜକୁ ଧିକ୍କାର ଦେଲି । ମାତୃତ୍ୱକୁ କରୁଣା ଦୃଷ୍ଟିରେ ଦେଖିବ ପୁରୁଷ । ପୁରୁଷର ସେ ମହତ୍ତ୍ୱ କାହିଁ ? ଏହି ମାତୃମୂର୍ତ୍ତି କଣ ଯୁଗ ଯୁଗ ଧରି ରୁକ୍ଷ ପୁରୁଷର ପାଷାଣ ହୃଦୟକୁ ଦ୍ରବୀଭୂତ କରିନାହିଁ ? ମାତୃମୂର୍ତ୍ତିର ବେଦୀ ତଳେ କଣ ଯୁଗ ଯୁଗ ଧରି ପୁରୁଷର ଅନମିତ ମସ୍ତକ ନତ ହୋଇନାହିଁ ?

Digitized by srujanika@gmail.com

ମୋର ମୁଣ୍ଡ ଆପେ ଆପେ ନଇଁପଡ଼ିଲା - ଅଶ୍ଳୀଳତାର ଗ୍ଳାନିକର ଲଜ୍ଜାରେ ନୁହେଁ, ମାତୃମୂର୍ତ୍ତିର ଚରଣତଳେ ଭକ୍ତିରେ ।

ପ୍ରଥମେ ପୁରୁଷ, ତା' ପଛେ ପଛେ ମା - ରାଜଧାନୀର ଜନତା ମଧ୍ୟରେ ହୁଏତ ଶରଧାନ ନିମନ୍ତେ ଦୁହେଁ ଅଦୃଶ୍ୟ ହୋଇଗଲେ । ମୁଁ ମଧ୍ୟ ଫେରିଲି କିନ୍ତୁ ଜୀବନର ଏହି ନୂତନ ଅଭିଜ୍ଞତା ନେଇ ଯେ ଅପରିସୀମ ଦୈନ୍ୟ ଓ ଶତଛିନ୍ନ ଅଞ୍ଚଳ ତଳେ ଯେଉଁ ଅପରାଜେୟ ପ୍ରାଣଶକ୍ତି ଯୁଗ ଯୁଗର ନବଜନ୍ମ ଲାଭ କରି ଆସୁଛି, ସେ ଅମର, ତାର ଅଜସ୍ର ସ୍ରୋତ ଧାରେନାହିଁ । କାରଣ ସେହି ଶକ୍ତି ହିଁ ଯୁଗ ଯୁଗ ଧରି ଜଗତର ଅନ୍ତଶ୍ଚେତନାର ଅଗ୍ରଗତିକୁ ନିୟନ୍ତ୍ରିତ କରୁଛି ।

ରାଜଧାନୀର ରାଜପଥରେ ଦୁଇଜଣ ହତଭାଗ୍ୟ ମାନବ ସନ୍ତାନ କିନ୍ତୁ ଅନାଗତ ଭବିଷ୍ୟତର ଅଙ୍କୁର ଜଣଙ୍କର ବକ୍ଷ ଲଗ୍ନ ।

ଫୁଲ ମୂଲର ପଥର ନାଁସ୍ପ ନାଇସମ୍ବଳ ନାହିଁ । କିନ୍ତୁ ସେ କାହା ହେବାର ନାହିଁ । - ସେ କେବଳ ମା ନୁହେ !!

— —XOX— — —

## କିଶୋରଚନ୍ଦ୍ରାନନ୍ଦ ଚମ୍ପୂ

ଶ୍ରୀ ଦେବରାଜ ପାଣିଗ୍ରାହୀ

'ଚମ୍ପୂ' ଦ୍ୱ୍ୟର୍ଥବୋଧକ ଶବ୍ଦ ନୁହେ । ମହାମନୀଷୀମାନେ ସର୍ବସମ୍ମତକ୍ରମେ ସ୍ଥିର କରିଅଛନ୍ତି ଯେ 'ଚମ୍ପୂ' ଗଦ୍ୟ ପଦ୍ୟ ସମ୍ମିଳିତ ରଚନା । ଶ୍ରୀ କୁଳମଣି ଦାଶ ଅଳଙ୍କାର ତରଙ୍ଗିଣୀରେ ଲେଖିଅଛନ୍ତି ଯେ "ଗଦ୍ୟ ଓ ପଦ୍ୟ ଏହି ଉଭୟାତ୍ମକ କାବ୍ୟକୁ ଚମ୍ପୂ ବୋଲାଯାଏ" ପୂର୍ଣ୍ଣଚନ୍ଦ୍ର ଭାଷାକୋଷରେ ଲିଖିତ ଅଛି ଯେ "ଚମ୍ପୂ ଗଦ୍ୟ ଓ ପଦ୍ୟ ମିଶ୍ରିତ କାବ୍ୟ ଗ୍ରନ୍ଥ ।" କବିସମ୍ରାଟ ଗ୍ରନ୍ଥାବଳୀରେ ଶ୍ରୀ କୁଳମଣି ଦାଶ ଲେଖିଅଛନ୍ତି ଯେ "ସଂସ୍କୃତ ଆଳଙ୍କାରିକମାନେ, 'ଗଦ୍ୟପଦ୍ୟମୟଂ କାବ୍ୟଂ ଚମ୍ପୂରିତ୍ୟଭିଧୀୟତେ' ଚମ୍ପୂର ଏହିପରି ସଂଜ୍ଞା ନିର୍ଦ୍ଦେଶ କରିଅଛନ୍ତି ।" ମନିୟର ଉଇଲିୟମସ ସଂସ୍କୃତ ଶବ୍ଦ ଚମ୍ପୂକୁ ନିମ୍ନମତେ ଇଂରେଜୀରେ ଟୀକା କରିଅଛନ୍ତି :—

"A kind of elaborate and highly artificial composition in which the same subject is continued through alternations in prose and verse."

ଅର୍ଥାତ୍ "ଏକ ପ୍ରକାର ବହୁ ଶ୍ରମଯୁକ୍ତ ଏବଂ ଅତିଶୟ ଦକ୍ଷତା ସମ୍ପନ୍ନ ରଚନା ଯେଉଁଥିରେ ଗୋଟିଏ ବିଷୟ ଗଦ୍ୟ ଓ ପଦ୍ୟ ମିଶ୍ରଣରେ ପର୍ଯ୍ୟାୟକ୍ରମେ ବର୍ଣ୍ଣନା କରାଯାଇଅଛି ।" ପ୍ରସିଦ୍ଧ ତାରାନାଥ ତର୍କବାଚସ୍ପତି ବାଚସ୍ପତ୍ୟ ଅଭିଧାନରେ "ଗଦ୍ୟପଦ୍ୟମୟୀ ବାଣୀ ଚମ୍ପୂରିତ୍ୟଭିଧୀୟତେ" ଚମ୍ପୂର ଏହିପରି ଟୀକା କରିଅଛନ୍ତି । ଅତଏବ ଚମ୍ପୂ ଏକାଧିକ ଅର୍ଥ ସମ୍ବଳିତ ଶବ୍ଦ ନୁହେଁ ।

ଭାବର ସ୍ପଷ୍ଟୀକରଣାର୍ଥ ଏବଂ କବିତା ବିଷୟରେ ସରସତା ଓ ଆହ୍ଲାଦିନୀ ଶକ୍ତି ଗାଢ଼ କରିବା ନିମିତ୍ତ ସଂସ୍କୃତ ଆଳଙ୍କାରିକମାନେ ଚମ୍ପୂ ପ୍ରୟୋଗ କରିଥାନ୍ତି । ଅର୍ଥବିସ୍ତାର ଏବଂ ବ୍ୟାଖ୍ୟାକରଣ ପାଇଁ ଗଦ୍ୟହିଁ ପ୍ରକୃଷ୍ଟ ଯେଣୁ । ପଦ୍ୟର ଛନ୍ଦୋବନ୍ଧବିଧି - ବେଡ଼ିରେ ବାନ୍ଧିହୋଇ କବି ରଚନା ବିଷୟକୁ ସୁବୋଧ୍ୟ କରିପାରେ ନାହିଁ ବୋଲି ସେ ଗଦ୍ୟର ଆଶ୍ରୟ ନେଇଥାଏ । ଅବଶ୍ୟ ପଦ୍ୟର ଭାଷା ଅପେକ୍ଷାକୃତ ଲଳିତ ଓ ଶ୍ରୁତିମଧୁର ।

Digitized by srujanika@gmail.com

କିନ୍ତୁ ଭାବର ଅବାଧ ପ୍ରକାଶନ ଓ ଭାଷାର ମାଧୁର୍ଯ୍ୟ ଏବଂ ଲାଳିତ୍ୟ ନିମିତ୍ତ ଗଦ୍ୟ ଓ ପଦ୍ୟ ଉଭୟଙ୍କୁ ଦରକାର । ସୁତରାଂ ସଂସ୍କୃତ ଭାଷାରେ ବହୁତ ଗଦ୍ୟପଦ୍ୟାତ୍ମକ ଚମ୍ପୂ ରହିଅଛି । ଯଥା :— ଗଙ୍ଗା ଚମ୍ପୂ, ନଳ ଚମ୍ପୂ, ମହାଭାରତ ଚମ୍ପୂ, ଚମ୍ପୂ ରାମାୟଣ ଇତ୍ୟାଦି ।

ଓଡ଼ିଆ ସାହିତ୍ୟରେ ଚମ୍ପୂର ଅଭାବ ନାହିଁ । ସଚ୍ଚିଦାନନ୍ଦ ଚମ୍ପୂ ଓ ରାସ ଚମ୍ପୂ, କିଶୋର ଚନ୍ଦ୍ରାନନ ଚମ୍ପୂ ଓ ରତ୍ନାକର ଚମ୍ପୂ ଏବଂ ଭଞ୍ଜଙ୍କ ଚମ୍ପୂ ବା ଚଉପଦୀ ଭୂଷଣ ଓଡ଼ିଆ ଭାଷାରେ ଉଲ୍ଲେଖଯୋଗ୍ୟ ଗଦ୍ୟପଦ୍ୟାତ୍ମକ କାବ୍ୟଗ୍ରନ୍ଥ । କବିସୂର୍ଯ୍ୟ ବଳଦେବ ରଥ ପ୍ରଣୀତ କିଶୋରଚନ୍ଦ୍ରାନନ ଚମ୍ପୂର ସଂକ୍ଷିପ୍ତ ନାମ କିଶୋରୀ ଚମ୍ପୂ, ସୁଲଳିତ ଛନ୍ଦରେ ରଚିତ ରାଧାକୃଷ୍ଣ କେଳି ବର୍ଣ୍ଣନାତ୍ମକ କାବ୍ୟ । ଏଥିରେ 'କ' ଠାରୁ 'କ୍ଷ' ପର୍ଯ୍ୟନ୍ତ ୩୪ ଟି ଅକ୍ଷରରେ ୩୪ ଟି ଭିନ୍ନ ଭିନ୍ନ ରାଗ-ରାଗିଣୀଯୁକ୍ତ ସଙ୍ଗୀତ ଅଛି । ପ୍ରତ୍ୟେକ ସଙ୍ଗୀତ ବସ୍ତୁତଃ ଗୋଟିଏ ଗୋଟିଏ ଚଉପଦୀ ଅର୍ଥାତ୍ ଚାରି ପଦିଆ ଗୀତ । ପ୍ରତି ଚଉପଦୀ ଶେଷରେ କବି ମୂଳ ସଙ୍ଗୀତର ଭାବ ନେଇ ଗୋଟିଏ ଲେଖାଏଁ ସଂସ୍କୃତ ଶ୍ଳୋକ ଯୋଡ଼ି ଦେଇଅଛନ୍ତି । ଶ୍ରୀ କୁଳମଣି ଦାଶ ଏହାର କାରଣ ନିମ୍ନମତେ ନିର୍ଦ୍ଦେଶ କରିଅଛନ୍ତି :— "ତେଣୁ ସ୍ପଷ୍ଟ ପ୍ରତୀତ ହୁଏ ଯେ ଓଡ଼ିଆରେ ଚମ୍ପୂ ଲେଖିବା ତାଙ୍କର ମୁଖ୍ୟ ଉଦ୍ଦେଶ୍ୟ ଥିଲା । ମାତ୍ର ଓଡ଼ିଆରେ ଗଦ୍ୟପଦ୍ୟମୟୀ ଭାଷାର ଅଭାବ ଦେଖି ସେ ତହିଁରେ ଚମ୍ପୂର ଅନ୍ୟତର ଅଂଶ ଗଦ୍ୟ - ସନ୍ନିବେଶ କାମନାରେ ସଂସ୍କୃତ ଗଦ୍ୟ ବ୍ୟବହାର କରି କାବ୍ୟକୁ ସର୍ବାଙ୍ଗ ସୁନ୍ଦର କରିବା ଲାଗି ଗୋଟିଏ ଗୋଟିଏ ସଂସ୍କୃତ ଶ୍ଳୋକ ତାହା ସଙ୍ଗେ ସଙ୍ଗେ ରଚନା କରି ଦେଇଛନ୍ତି ।" ଫଳତଃ ଦାଶଙ୍କର ମତ ଏହି ଯେ "ବଳଦେବଙ୍କ ସମୟରେ ଆମ୍ଭମାନଙ୍କ ଭାଷାରେ ଗଦ୍ୟ ସାହିତ୍ୟ ନ ଥିଲା । ତେଣୁ ସେ ସଂସ୍କୃତ ଭାଷାକୁ ଏହି ଅଭାବ ପୂରଣ ନିମିତ୍ତ ସହକାରିଣୀ ରୂପେ ଗ୍ରହଣ କରି ନିଜ ଉଦ୍ଦେଶ୍ୟ ସମ୍ପାଦନ କରିଯାଇଅଛନ୍ତି ।" କିନ୍ତୁ ବିଜୟଚନ୍ଦ୍ର ମଜୁମଦାରଙ୍କ ମତ ସମ୍ପୂର୍ଣ୍ଣ ଭିନ୍ନ । ସେ ଲେଖିଅଛନ୍ତି :—

As a Sanskrit scholar, he tried to avoid giving the name Champu to a mere collection of song, and this is why his chautisa songs, entitled the ' kishori, chandranana champu, have been introduced by some mixed composition in prose and verse.

ଅର୍ଥାତ୍ ସେ ତ ଜଣେ ସଂସ୍କୃତ ବିଦ୍ୱାନ୍; କେବଳ ପୁଞ୍ଜିଏ ସଙ୍ଗୀତକୁ ସେ ଚମ୍ପୂ ଆଖ୍ୟା ଦିଅନ୍ତେ କିପରି ? ଅତଏବ ସ୍ୱପ୍ରଣୀତ କିଶୋରୀଚନ୍ଦ୍ରାନନ ଚମ୍ପୂ ନାମକ ଚଉତିଶା ଧରଣରେ ଲିଖିତ ସଙ୍ଗୀତ ଗ୍ରନ୍ଥରେ ସେ ଗଦ୍ୟପଦ୍ୟାତ୍ମକ କାବ୍ୟ ପୂରାଇଦେଇ ଅଛନ୍ତି ।"

ଦାଶ-ମଜୁମଦାର ମତକୁ ପୁଙ୍ଖାନୁପୁଙ୍ଖରୂପେ ପରୀକ୍ଷା କଲେ ପ୍ରତୀୟମାନ ହୁଏ ଯେ ଦାଶଙ୍କ ପ୍ରମାଣ ମୁଖ୍ୟ, ମଜୁମଦାରଙ୍କ ଗୌଣ ଅଟେ । ଦାଶଙ୍କ ମତ ଚୂଡ଼ାନ୍ତ, ନିରାଟ ସତ୍ୟ ଏବଂ ସ୍ପଷ୍ଟ ଓ ସୁବୋଧ୍ୟ, ମଜୁମଦାରଙ୍କ ମତ ସତ୍ୟାଭାସ ମାତ୍ର । ଦାଶଙ୍କର ଯୁକ୍ତି ହେଉଛି ଯେ "ବଳଦେବଙ୍କ ସମୟରେ ଆମ୍ଭମାନଙ୍କ ଭାଷାରେ ଗଦ୍ୟ ସାହିତ୍ୟ ନ ଥିଲା ।" ଏହି ଉକ୍ତି ବାସ୍ତବିକ ସମୀଚୀନ ଅଟେ । ଏହାର ଯଥେଷ୍ଟ ପ୍ରମାଣ ରହିଅଛି । ଆମ ଉତ୍କଳ ସାହିତ୍ୟର ଇତିହାସ ପାଠକଲେ ବୋଧହୁଏ ଯେ ଉପେନ୍ଦ୍ର ବା କାବ୍ୟଯୁଗ ( ଖ୍ରୀ ୧୬୦୦ - ୧୮୫୦ )ରେ ପ୍ରାଚୀନ ଉତ୍କଳ - ସାହିତ୍ୟ - କୁଞ୍ଜ କବିଶିରୋମଣିଙ୍କ ମନପୁଲକିଆ ଗୀତରେ ମୁଖରିତ ହୋଇଥିଲା ।

"Every one suddenly burst out singing;

O but every one was a bird; and the song was wordless; the singing will never be done"

ସକଳେ ସହସା ଗାଇ ଉଠିଲେ ଅହୋ ! ପ୍ରତ୍ୟେକେ ଗୋଟିଏ ଗୋଟିଏ ବିହଙ୍ଗ, ସେମାନଙ୍କ କଣ୍ଠ

Digitized by srujanika@gmail.com

ନିଃସୃତ ସଙ୍ଗୀତ - ଲୀଳା - ପ୍ରବାହ ନିରବଚ୍ଛିନ୍ନଭାବେ ବହିବାକୁ ଲାଗିଲା । ସେହି ସଙ୍ଗୀତ ଅନନ୍ତ, ତାର ବିରାମ ନାହିଁ ।

ହଣ୍ଟର ସାହେବଙ୍କ ଓଡ଼ିଶାର ଇତିହାସରୁ ଜଣାଯାଏ ଯେ ଏହି ସମୟରେ ଉପେନ୍ଦ୍ର ଭଞ୍ଜ, ଅଭିମନ୍ୟୁ ସାମନ୍ତ ସିଂହାର, ସଦାନନ୍ଦ କବିସୂର୍ଯ୍ୟ ବ୍ରହ୍ମା, ଭକ୍ତଚରଣ ଦାସ, ଭୀମାଧୀବର, ଜଳନ୍ତର କବିସୂର୍ଯ୍ୟ ରାୟଗୁରୁ, କୃଷ୍ଣସିଂହ, କୃପାସିନ୍ଧୁ ଦାସ, ପୀତାମ୍ବର ରାଜେନ୍ଦ୍ର, ଗଦାଧର - ପଟ୍ଟନାୟକ, ଚନ୍ଦ୍ରମଣି ମହାନ୍ତି, କୁଞ୍ଜବିହାରୀ ପଟ୍ଟନାୟକ ମାଗୁଣୀ ପଟ୍ଟନାୟକ, ନୀଳାମ୍ବର ଭଞ୍ଜ, ଲୋକନାଥ ନାୟକ ପଦ୍ମନାଭ ପଣ୍ଡା, ବୈଦିକ ଶ୍ରୀ ଚନ୍ଦନ, ଅଗ୍ନି ଦାସ, ବ୍ରଜନାଥ ଦାସ, ଦୀନବନ୍ଧୁ ଦାଶ, ଭିକାରୀ ପଟ୍ଟନାୟକ, ଲୋକନାଥ ବିଦ୍ୟାଧର, ହରିକୃଷ୍ଣ ମହାପାତ୍ର, ସଦାଜୟ ଆଦି ଅନେକେ ବିଖ୍ୟାତ କବି ✵ ଜନ୍ମଗ୍ରହଣ କରି ଆମ ଭାଷା ଓ ସାହିତ୍ୟର ପ୍ରଭୂତ କଲ୍ୟାଣ ସାଧନ କରିଅଛନ୍ତି । କାବ୍ୟ ଯୁଗରେ ଉତ୍କଳ ଥିଲା ସଙ୍ଗୀତକାରୀ ବିହଙ୍ଗ କୁଳର ନୀଡ଼ ( a nest of singing birds ) । ଏହି ଯୁଗରେ ବୈଦେହୀଶ-ବିଳାସ, କୋଟି ବ୍ରହ୍ମାଣ୍ଡସୁନ୍ଦରୀ, ଲାବଣ୍ୟବତୀ, ବିଦଗ୍ଧ-ଚିନ୍ତାମଣି, ମଥୁରାମଙ୍ଗଳ, ପ୍ରବନ୍ଧ ପୂର୍ଣ୍ଣଚନ୍ଦ୍ର, କିଶୋର-ଚନ୍ଦ୍ରାନନ୍ଦ ଚମ୍ପୂ, ବ୍ରଜବିହାର, ପ୍ରେମତରଙ୍ଗିଣୀ, ଛାନ୍ଦ ରତ୍ନପ୍ରଭା, ରସକଲ୍ଲୋଳ ଆଦି ଅସଂଖ୍ୟ କାବ୍ୟଗ୍ରନ୍ଥ ରଚିତ ହୋଇଥିଲା । ଏହି ଦେଢ଼ଶହ ବର୍ଷ ଭିତରେ ଓଡ଼ିଆ ସାହିତ୍ୟ - ସିନ୍ଧୁ ଯେପରି ହାବୋଲ ବାଣ ସମ ଉଚ୍ଛୁଳିଉଠି ଗଗନ ସ୍ପର୍ଶ କରିଥିଲା ତାହା ଭାବିଲେ ସ୍ୱତଃ ମନେହୁଏ ଯେ ଉତ୍କଳ ଜନନୀଠାରେ ବାଣୀ ବନ୍ଦୀ ହୋଇ ନ ଥିଲେ ଏହା କଦାପି ସମ୍ଭବ ନ ଥାନ୍ତା ।

ସୁତରାଂ ଏହି ପଦ୍ୟ ବହୁଳତା ବୀଣାପାଣିଙ୍କର କୃପା - ଅନୁଗ୍ରହର ନିଦର୍ଶନ ମାତ୍ର । ପ୍ରାଚୀନ ଓଡ଼ିଆ କବି-ମାନଙ୍କର ମୌଳିକ ଚିନ୍ତାଧାରାବିଧୌତ ସୁଲଳିତ କବିତାରେ ଯେଉଁ ସାହିତ୍ୟକଳା କୁଶଳତାର ପରାକାଷ୍ଠା ଓ ଶିଳ୍ପନୈପୁଣ୍ୟ ଫୁଟିଅଛି ତାହାର ପଟାନ୍ତର ଜଗତରେ ନାହିଁ କହିଲେ ଚଳେ । ଶ୍ରୀ ଜଗବନ୍ଧୁ ସିଂହ ପ୍ରାଚୀନ ଉତ୍କଳରେ ଲେଖିଅଛନ୍ତି " ପ୍ରାଚୀନ ଉତ୍କଳ ସାହିତ୍ୟ ଭଣ୍ଡାରର ଅଧିକାଂଶ ପଦ୍ୟସାହିତ୍ୟରେ ପରିପୂର୍ଣ୍ଣ । ଗଦ୍ୟ ସାହିତ୍ୟ କ୍ୱଚିତ ଦେଖାଯାଏ ... ... ଛାନ୍ଦଲେଖା ପ୍ରାଚୀନ ଉତ୍କଳ ସାହିତ୍ୟର ଗୋଟିଏ ବିଶେଷତ୍ୱ, ଏ ବିଶେଷତ୍ୱ ଅନ୍ୟ କୌଣସି ସାହିତ୍ୟରେ ଦେଖାଯାଏ-ନାହିଁ ... ... ... ପ୍ରାଚୀନ ଉତ୍କଳ ସାହିତ୍ୟ ଲେଖକ ପ୍ରାୟ ସମସ୍ତ କବିମାନେ ପଦ୍ୟର ଆଶ୍ରୟ ନେଇଥିବାର ଦେଖାଯାଏ × × × ପଦ୍ୟର ନାନା ଶାଖା ପ୍ରଶାଖା ଅଛି, ମାତ୍ର ସ୍ଥୂଳତଃ ପ୍ରାଚୀନ ଓଡ଼ିଆ ସାହିତ୍ୟ ପଦ୍ୟରେ ସମଲଙ୍କୃତ × × × ଏହି ପଦ୍ୟ ବହୁଳତା ଦେଖି ଜଣାଯାଏ ଯେ ପ୍ରାଚୀନ ଉତ୍କଳ କେତେବେଳେ ସୁଖ-ସ୍ୱାଚ୍ଛନ୍ଦ୍ୟରେ କାଳଯାପନ କରୁଥିଲା । ଗୀତ ଗାଇବା ସେ କାଳର ସାଧାରଣ ରୀତି ଥିଲା । ଲୋକେ ଗୀତରେ ଅନୁରକ୍ତ ଥିଲେ । ଗଦ୍ୟ ଅପେକ୍ଷା ଲୋକେ ସେତେବେଳେ ପଦ୍ୟକୁ ବେଶି ଆଦର କରୁଥିଲେ । ପଦ୍ୟ ସହଜରେ ମୁଖସ୍ଥ ହୋଇପାରେ । ଏହି କାରଣରୁ ପଦ୍ୟ ସାହିତ୍ୟ ପ୍ରାଚୀନ ଉତ୍କଳରେ ବିଶେଷ ଆଧିପତ୍ୟ ଲାଭ କରିଥିଲା ।

ବର୍ତ୍ତମାନ ପ୍ରଶ୍ନ ଉଠୁଛି ଯେ ଯଦି କବିସୂର୍ଯ୍ୟ ଓଡ଼ିଆରେ ଗଦ୍ୟ ପଦ୍ୟମୟୀ ସାହିତ୍ୟର ଅଭାବ ଦେଖିଲେ ସେ ଏହି ଅଭାବ ପୂରଣ ନିମିତ୍ତ ସଂସ୍କୃତ ଭାଷାକୁ କାହିଁକି ଗ୍ରହଣ କଲେ ? ଏହି ପ୍ରଶ୍ନର ଉତ୍ତର

✵ ହଣ୍ଟର ସାହେବ ନିମ୍ନୋକ୍ତ କବିମାନଙ୍କର ନାମ ଦେଇନାହାନ୍ତି :— ଧନ ଭଞ୍ଜ, ଗୋପାଳକବି, ପୀତାମ୍ବର ଦାଶ, ଯଦୁମଣି ମହାପାତ୍ର, ଲକ୍ଷ୍ମଣ ମିଶ୍ର, ରାମ ଦାଶ, ଦାଶରଥି ଦାଶ, ଜାହ୍ନୁ ଦାଶ, ନିଶଙ୍କରାୟ-ରାଣୀ, କବି ହରକୃଷ୍ଣ, କୃଷ୍ଣଚରଣ ପଟ୍ଟନାୟକ ସୂର୍ଯ୍ୟମଣି ଚମ୍ପାଉ ପଟ୍ଟନାୟକ, ଗୋପାଳକୃଷ୍ଣ ପଟ୍ଟନାୟକ, ଭରତ ବେହେରା, ଭୁବନେଶ୍ୱର କବିଚନ୍ଦ୍ର, ଅରକ୍ଷିତ ଦାସ ଶିଶୁରାମ ଦାସ, କାଶୀରାମ ଗଡ଼ି, ଭୂପତି କବି, ପୁରୁଷୋତ୍ତମ ମାନଧାତା, ତ୍ରିବିକ୍ରମ ଭଞ୍ଜ ଓ ନରସିଂହ ସେଣ । ଏମାନେ ଭଞ୍ଜ ଯୁଗକୁ ଅଳଙ୍କୃତ କରିଥିଲେ ।

Digitized by srujanika@gmail.com

ସହଜରେ ଅନୁମେୟ । ପ୍ରାଚୀନ ଉତ୍କଳ ତଥା ଭାରତରେ ସଂସ୍କୃତଭାଷା ଉତ୍କର୍ଷ ଲାଭ କରିଥିଲା । ସଂସ୍କୃତ ସାହିତ୍ୟ ସ୍ରୋତ ସମଗ୍ର ପ୍ରାଚୀନ ଭାରତକୁ ପ୍ଲାବିତ କରିଥିଲା । "ଉତ୍କଳ ସଂସ୍କୃତ ଚର୍ଚ୍ଚାର ଲୀଳା - ଭୂମି ଥିଲା କହିଲେ ଚଳେ । ଉତ୍କଳରେ ସଂସ୍କୃତ ଭାଷାର ବହୁଳ ଚର୍ଚ୍ଚା ହେଉଥିଲା ଏବଂ ପ୍ରାଧାନ୍ୟ ଲାଭ କରିଥିଲା । ଉତ୍କଳୀୟ କବିମାନେ ସଂସ୍କୃତ ଭାଷାରେ ପ୍ରଚୁର ଗ୍ରନ୍ଥ ପ୍ରଣୟନ କରି ଯାଇଅଛନ୍ତି । ସନନ୍ଦ, ଦାନପତ୍ର, ଅନୁଶାସନ ପତ୍ରମାନ ସଂସ୍କୃତ ଭାଷାରେ ଲେଖା ଯାଉଥିଲା । ଏ ସବୁ ଦେଖି ମନେହୁଏ ସଂସ୍କୃତ ବ୍ୟାବହାରିକ ଭାଷା ରୂପେ ଅଧିକାଂଶ ସ୍ଥଳେ ବ୍ୟବହୃତ ହେଉଥିଲା ।" ପ୍ରାଚୀନ ଉତ୍କଳରେ ସଂସ୍କୃତ ଭାଷାରେ ଅଭିଜ୍ଞତାହିଁ ପାଣ୍ଡିତ୍ୟ ବୋଲି ପରିଗଣିତ ହେଉଥିଲା । ବ୍ରାହ୍ମଣ, କରଣ, କ୍ଷତ୍ରିୟ ପ୍ରଭୃତି ଲୋକେ ସଂସ୍କୃତ ପଢୁଥିଲେ । ରାଜସଭାରେ ସଂସ୍କୃତ ଚର୍ଚ୍ଚା ହେଉଥିଲା । ରାଜଦ୍ୱାରେ ପ୍ରବେଶ ଲାଗି ସଂସ୍କୃତ ଜ୍ଞାନ ମୁଖ୍ୟ ସମ୍ବଳ ଥିଲା । ସଂସ୍କୃତ ଜ୍ଞାନ ଅନୁଯାୟୀ ପଣ୍ଡିତମାନେ ରାଜ ଦରବାରରେ ପୁରସ୍କାର ପାଉଥିଲେ । ରାଜାଙ୍କ ଆନୁକୂଲ୍ୟରେ ପଣ୍ଡିତମାନେ ସଂସ୍କୃତ ଭାଷାରେ ଗ୍ରନ୍ଥ ପ୍ରଣୟନ କରୁଥିଲେ । କହିବା ବାହୁଲ୍ୟ ମାତ୍ର ଯେ ଉପେନ୍ଦ୍ର ଭଞ୍ଜ, ଅଭିମନ୍ୟୁ କବିସୂର୍ଯ୍ୟ ଆଦି ଓଡ଼ିଆ ସାହିତ୍ୟ ବିଶାରଦମାନେ ସଂସ୍କୃତଭାଷାରେ ମଧ୍ୟ ପାରଦର୍ଶିତା ଲାଭ କରିଥିଲେ । ଉତ୍କଳ ସାହିତ୍ୟର ଇତିହାସରେ ଲିଖିତ ଅଛି ଯେ କବିସୂର୍ଯ୍ୟ "ଜଣେ ସଂସ୍କୃତ ପଣ୍ଡିତ ଥିଲେ । ଉତ୍କଳର ପ୍ରତି ରାଜଦ୍ୱାରରେ ସେ ସମ୍ମାନିତ ହେଉଥିଲେ ।" ଗୋପାଳଚନ୍ଦ୍ର ପ୍ରହରାଜ ଲେଖିଅଛନ୍ତି ଯେ "କବି ଜୀବିତ କାଳରେ ଜଳନ୍ତର ଆଠଗଡ, ପୁରୀର ରାଜଦରବାରରେ ସମ୍ମାନିତ ଓ ପୁରସ୍କୃତ ହେଉଥିଲେ ... × ... ଉତ୍କଳରେ କବିଙ୍କ ସମସାମୟିକ ରାଜନ୍ୟ ସମାଜ ଶତ ଶତ କବି ଓ ପଣ୍ଡିତଙ୍କୁ ଆଶ୍ରୟ ଦେଇ ସେମାନଙ୍କୁ ସରସ୍ୱତୀଙ୍କ ସେବାରେ ଲାଗିବା ପାଇଁ ସୁବିଧା ଦେଉଥିଲେ । ଫଳତଃ ଉତ୍କଳର ରାଜସଭାମାନ 'କୁମ୍ଭହଂସ କେଳିସର' ଥିଲା ... × × କବି ତେଉଁ ରାଜାମାନଙ୍କ ବାଞ୍ଛାନୁରେ ରହି ଉତ୍କଳର ସଙ୍ଗୀତ କୁଞ୍ଜକୁ ମୁଖରିତ କରିଅଛନ୍ତି ଆଜି ଏହି ସଙ୍ଗୀତମାନଙ୍କ ଯୋଗୁଁ ସେହି ସେହି ଆଶ୍ରୟ ଦାତାମାନଙ୍କ ନାମ ଅମରାର୍ଷରେ ବିରାଜୁଛି ।" ସଂକ୍ଷେପରେ ବୋଲଯାଇପାରେ ଯେ ତତ୍କାଳୀନ ଆଠଗଡର ରାଜା ବାଲୁଙ୍କେଶ ହରିଚନ୍ଦନ ଜଗଦ୍ଦେବଙ୍କ ଆଶ୍ରୟରେ ଜୀବନର ଅଧିକାଂଶ ସମୟ କଟାଇ କବି ସ୍ୱୀୟ ଆଶ୍ରୟ ଦାତାଙ୍କ ମନୋରଞ୍ଜନ ନିମିତ୍ତ ଏବଂ ପଣ୍ଡିତ ମଣ୍ଡଳୀ ତଥା ଲୋକ ସାଧାରଣଙ୍କ ପ୍ରୀତି-ସମ୍ପାଦନାର୍ଥେ କିଶୋରଚନ୍ଦ୍ରାନନ୍ଦ ଚମ୍ପୂର ଗଦ୍ୟାଂଶ ସଂସ୍କୃତ ଭାଷାରେ ଲେଖିଅଛନ୍ତି ।

ସେ ଯାହାହେଉ, କିଶୋରଚନ୍ଦ୍ରାନନ୍ଦ ଚମ୍ପୂ ଓଡ଼ିଆ ଭାଷାରେ ଆଦର୍ଶ ଗଦ୍ୟପଦ୍ୟାତ୍ମକ କାବ୍ୟ । ଓଡ଼ିଆ ସାହିତ୍ୟର ଏହା ଏକ ଭୂଷଣ, ଏକ ସମୁଜ୍ଜ୍ୱଳ ରତ୍ନ । ଓଡ଼ିଆ ଜାତିର ଏହା ଗର୍ବର ଧନ, ମହତ୍ତ୍ୱର ଅଳଙ୍କାର, ସଭ୍ୟତାର ସ୍ୱର୍ଣ୍ଣରେଖା, ସଂସ୍କୃତିର ଧାରା ଏବଂ ମାନବିକତାର ମୁକୁର । ଗୋପାଳଚନ୍ଦ୍ରଙ୍କ ମତରେ "ଚମ୍ପୂ ଖଣ୍ଡି ଆମ ଓଡ଼ିଆ ଭାଷାର ଗୋଟିଏ ବିଶିଷ୍ଟ ସମ୍ପଦ (classics) ।" ଭାବର ବୈଚିତ୍ର୍ୟ, ଭାଷାର ଚରମୋତ୍କର୍ଷ ଏବଂ ରୂପକାଳଙ୍କାରର ଯଥାଯୋଗ୍ୟତାରେ 'କିଶୋରୀ ଚମ୍ପୂ'ର ପଠାନ୍ତର ନାହିଁ "ଜଗତେ ତୁଳନା ସେହି ତାର ସିନା ।" ଏହାର ଭାବ ଯେପରି ଗଭୀର ଓ ସୁନ୍ଦର, ଭାଷା ଯେପରି ସୁବୋଧ ଓ ପରିମାର୍ଜିତ ଛନ୍ଦୋବନ୍ଧ ମଧ୍ୟ ସେହିପରି ଅଭିନବ ଓ ରୁଚ୍ୟନମୋଦିତ । ସୁତରାଂ ଏହାର ଲୋକପ୍ରିୟତା ଅଦ୍ୟାପି ଅକ୍ଷୁଣ୍ଣ ରହିଅଛି । କିଶୋରୀ ଚମ୍ପୂ ପୀୟୂଷମୟ, ମଧୁରିମ ସ୍ୱରୂପ ଏବଂ "ଛଣା ସୁଧା ପରି ଦିଶେ ।" "ଏଥିରୁ ଯେତିକି ମନ୍ଥି ଥୋପି ଦେଲେ, ସେତିକ ପୁଣି ଝରିଉଠେ, ଯେତିକ ଗଳିପଡ଼େ, ସେତିକ ଥାଇ ପୁଣି ତହିଁରେ ମଧୁର ରସ ପୂରି ।" ଏଥିରେ ଅନିର୍ବଚନୀୟ ସୁଖ, ଅପାର୍ଥିବ ଆନନ୍ଦ ଭଗବତ୍ କୃପା, ଈଶ୍ୱର-ପ୍ରସାଦ ନିହିତ ଅଛି । ପ୍ରେମ ଓ କରୁଣ ରସରେ ରସାଣିତ କରି । ରାଧାକୃଷ୍ଣ ନାମ ପ୍ରେମ ମନ୍ତ୍ରରେ ଜୀବନ୍ୟାସ କରି, ଭଗବତ୍ ପ୍ରେମମାଳାରେ ବିଭୂଷିତ କରି, ମାହିଁ ନଥିବା ଅଲୌକିକ ଛନ୍ଦରେ ଭାଷାକୁ ଛନ୍ଦ କରି ଚମ୍ପୂ ଖଣ୍ଡିକ ପ୍ରଣୟନ କରି

Digitized by srujanika@gmail.com

ଅମରତ୍ୱ ଲାଭ କରିଅଛନ୍ତି । ଅତଏବ କବିବର ରାଧାନାଥ 'ଚିଲିକା' ଖଣ୍ଡକାବ୍ୟରେ ଗାଇଅଛନ୍ତି :—

" ଧନ୍ୟ ତୁଥେ ! ତୁମ୍ଭ ଜନ୍ମ ଶୁଭକ୍ଷଣେ,
ମୃତ୍ୟୁଞ୍ଜୟ ତୁମ୍ଭେ ଉଇଲା ଭୁବନେ
ତୁମ୍ଭ ମାଟି ଦେହ ଗ୍ରାସିଛି ଶ୍ମଶାନ,
ମାତ୍ର ଯଶୋଦେହେ ତୁମ୍ଭେ ଆୟୁଷ୍ମାନ ! "

କିଶୋରୀ ଚମ୍ପୂକୁ " ଶୋକ ପାଶୋରା ଅପ୍ସରା ଭୁବନ " କହିଲେ ଅତ୍ୟୁକ୍ତି ହେବନାହିଁ । ଏହାର ଚିତ୍ତାକର୍ଷଣୀ ଶକ୍ତି ଚୁମ୍ବକସମ ଅଟେ । ଏହି କାବ୍ୟ ତାଜମହଲ, ଏହି ଗୃହକଳାଶାଳା ପ୍ରତ୍ୟେକ ଓଡ଼ିଆ ପ୍ରାଣକୁ ନିଜର କରି ନେଇଅଛି । ଓଡ଼ିଶାର ପ୍ରତ୍ୟେକ ପୁରପଲ୍ଲୀରେ ଆବାଳ ବୃଦ୍ଧବନିତା ସମସ୍ତେ ଚମ୍ପୂ ଆବୃତ୍ତି କରନ୍ତି । ସେମାନଙ୍କ ହୃଦୟକୁ ଚମ୍ପୂର ମଧୁମୟ ସ୍ୱର ଲହରୀ, ବିଶ୍ୱବିମୋହନ ରସମୟୀ ଭାଷା, ଓ ମାଧୁର୍ଯ୍ୟ ରସମନ୍ଦାକିନୀ ଧାରା ରସାପ୍ଲୁତ କରିଦିଏ । କିଶୋରୀ ଚମ୍ପୂରେ କି ମାଦକତା, କି ରହସ୍ୟ ନିହିତ ଅଭିନବତ୍ୱ, କି ଅସାଧାରଣ ମୋହିନୀ ଶକ୍ତି, କି ଲାସମୟତା ଅଛି କେଜାଣି ଏହାକୁ ଥରେ ଯେ ଆବୃତ୍ତି କରେ ସେ ଉଦ୍‌ଭ୍ରାନ୍ତ ହୋଇଉଠେ । ଚମ୍ପୂ ଖଣ୍ଡି ଆବୃତ୍ତିକାରୀକୁ ମତୁଆଲା କରିଦିଏ, ଉନ୍ମାଦ କରିଦିଏ । ତରୁଣ କର୍ମକ୍ଷେତ୍ରରେ ରତ ଥାଇ ମୁଗ୍ଧା ଯନ୍ତ୍ର ପୁତ୍ତଳିକାବତ୍ ଗାଇ ଥକାଏ :—

" ବିରହିଣୀରେ,
ବିନା ତୋ ପ୍ରୀତି କେ ଗତି ଅଛି ଜଗତୀରେ । ପଦ ।
ବୋଲି ଦେଲି ସିନା ଗୋଲେ ହସି,
ହେଲେ ତୋ ସମ କାହିଁ ବିଶ୍ୱାସୀ,
ବାନ୍ଧିବାକୁ ମୋ ମନ ତୁ ପାଶି,
ଶେଷପରେ ମୋ ହୃଦନ୍ତର ତୋଟେ ଜଣାରେ । "

ତରୁଣୀ ସ୍ୱୀୟ ବୀଣାବିନିନ୍ଦୀ କଣ୍ଠରେ କିଶୋରୀ ଚମ୍ପୂ ଆବୃତ୍ତି କରି ଗୀତ ରାଗରେ ବିହ୍ୱଳ ହୋଇ ଭୁଲିଯାଏ । ତାର କାନ୍ତ, ନୀତ, ସ୍ୱଭାବ, ବଂଶ, ବ୍ରତଫଳ ଇତ୍ୟାଦି । ଙ୍କର ଅରୁଚି ଯେତେ ଗରିଷ୍ଠ ହେଉନା କାହିଁକି ସହସା ବିଦୂରିତ ହୋଇଯାଏ । ପ୍ରେମରେ ପାଗଳିନୀ ହୋଇ ସେ ମନେକରେ " ମଲ୍ଲୀ ଯିବ କି ଭଗ୍ନ ରଜରେ । " ଜ୍ୟୋତ୍ସ୍ନା - ପରିପ୍ଲୁତ ଚିଲିକା ବକ୍ଷରେ ଯେଉଁକ୍ଷଣି ଚପଳ ନାବିକ ମାନିନୀ କିଶୋରୀଙ୍କ ସଦୃଶ୍ୟ 'ଗ' ଚମ୍ପୂ ଝଙ୍କାର ତୋଳେ :—

" ଗଲାଣିତ ଗଳ୍ପ କଥାରେ ସଙ୍ଗାତ,
ପ୍ରଭାତେ ସିନା ମୁଁ ତୋଟେ ପଚାରିଲି
ଦଲି ପଡ଼ିବାରୁ ବ୍ୟଥା । "

ସେହି ସୁନ୍ଦର କରୁଣ ରସାତ୍ମକ ଗୀତ ନାଦରେ ଚିଲିକାର ନିସ୍ତବ୍ଧତା ଭାଙ୍ଗିଯାଏ, ସୁପ୍ତ ଜ୍ୟୋତ୍ସ୍ନାର ନିଦ୍ର ଘୁଞ୍ଚିଯାଏ, ସମୀରଣ ଚଞ୍ଚଳ ହୋଇ ଉଠେ, ପ୍ରକୃତି କାତର ହୋଇପଡ଼େ ଏବଂ ପ୍ରତିଧ୍ୱନି ସମବେଦନାପୂର୍ଣ୍ଣ ହୃଦୟରେ ସେହି ରାଗିଣୀରେ ଯୋଗ ଦେଇ ମୃଦୁ ମଞ୍ଜୁଳ ସ୍ୱରରେ ଗାଏ :—

" ଗଲାଣିତ ଗଳ୍ପ କଥାରେ ସଙ୍ଗାତ; " ଅନୁକାଳୁ
" ତୀରେ ଗିରିଗୁହା ଯୋଗଦେଲେ ତହିଁ,
ସମୀରେ ନୋଲି ତା ଦଗେ ଦଗେ ବହି,
ସେ ଉତ୍ତରେ ହୋଇ ହରଷେ ଉଚ୍ଛଳ,
ଚିଲିକା ! ତୋ ରୀତି ତହିଁ ଦେଲେ ତାଳ । "

ଚିଲିକା କୂଳରେ ରାଧାନାଥ ନାବିକମାନଙ୍କ କଣ୍ଠନିଃସୃତ ଚମ୍ପୂ ଶୁଣି ଆତ୍ମହରା ହୋଇ ଗାଇଅଛନ୍ତି :—

" ଭାଲେରି - ଶିଖରେ ସନ୍ଧ୍ୟା - ତାରା ଦେଖି
ଅସନ୍ତ ଏକାକୀ ମହୋଲ୍ଲାସେ ଟେକି,
ତାଙ୍କ କଣ୍ଠୁ କବିସୃଷ୍ଟ ଗୀତାମୃତ,
ଦୂରୁଁ ବହିଆସେ ଚିଲିକା ମାରୁତ,
ଉଲ୍ଲାସର ଆତ୍ମା ପ୍ରାଚ୍ୟ ଗୀତ - ତାନ
ହ୍ରଦ ନୀଳ ବକ୍ଷେ କରେ ଅଧିଷ୍ଠାନ,
ବସନ୍ତ ନୌବଗେ ମଧୁର - ହାସିନୀ
ବଗଙ୍ଗନା ଜ୍ୟୋତ୍ସ୍ନା ଦୁକୂଳ - ବାସିନୀ,

Digitized by srujanika@gmail.com

ଭବାନ୍ତର ପୁଣି ଖଣ୍ଡେ କରେ, ଜାତି
'ଗଳଣିତ ଗଳ୍ପ କଥାରେ ସଙ୍ଗୀତ' "
"କୃଷ୍ଣହଂସ କେଳୀସର" ଆଠଗଡ଼ ରାଜ୍ୟର

ନାଗେଶ୍ୱର କୁଞ୍ଜରେ ପ୍ରଥମେ ଉଦିତ ହୋଇ ଆଜି କିଶୋରୀ ଚମ୍ପୂ ଅକଳଙ୍କ ପୂର୍ଣ୍ଣ ସୁଧାକର ତୁଲ୍ୟ ନୈସର୍ଗିକ ସଙ୍ଗୀତ କୌମୁଦୀରେ ଜଳ ସ୍ଥଳ ଆକାଶ ଆଚ୍ଛନ୍ନ କରି ଦେଇଅଛି । ଏହା ହିଁ ତାହାର ପରିଚୟସୂଚକ । ତାହାର ଲୋକାନୁରାଗ ତାର ପରିମାପକ । ପ୍ରେମ-ରସସାଗରରେ ଚମ୍ପୂ ଖଣ୍ଡେ ଗଢ଼ିତ । "ସେ ତ ସୁଧାରସ ଅମୋଦଦାୟୀ," "ଉଲ୍ଲାସର ଆତ୍ମା," କାଳ-"ଚମ୍ପୂଙ୍କ ନିଶାଣ - ନାୟିକା ଭିତ୍ତି" ତାକୁ ସ୍ପର୍ଶ କରି ପାରିବ କି ? ସମୟ ଯେତିକି ଦୌଡ଼ୁଛି, ତାର ଅନଙ୍ଗ ମୋହନ ବେଶ, ମୁନିମନ ଭୁଲା ରୂପ, 'ପଙ୍କଜ କୁନ୍ଦ ସୁନ୍ଦର ମନ୍ଦହାସ' ସେତିକି ଝଲକି ଉଠୁଛି । ତାହା ଯେତିକି ପ୍ରାଚୀନ ହେଉଛି, ସେତିକି ନୂତନ, ସତେଜ, ସୁନ୍ଦର ହୋଇ ଉଠୁଛି । କିଶୋରୀ ଚମ୍ପୂ ନିତ୍ୟନୂତନ, ସୌନ୍ଦର୍ଯ୍ୟର ପ୍ରତିମୂର୍ତ୍ତି, ତୃପ୍ତିର ଚିର ନିର୍ଝର । ଏହାର ଜରା ନାହିଁ, ନାଶ ନାହିଁ, ଦୁଃଖ ନାହିଁ, ଦୁର୍ଦ୍ଦାନ୍ତ ପ୍ରାବୃଟ କାଳ ନାହିଁ, - ଅଛି କେବଳ ଯୌବନ, ଜୀବନ ଆନନ୍ଦ ଏବଂ ଚିର ବସନ୍ତ ସମୟ । ଏଥିରେ ବର୍ଣ୍ଣିତ ପ୍ରେମ ମଧୁର, ବିରହ ସୁମଧୁର, ଆନନ୍ଦ ସୁସ୍ୱାଦୁ, ଦୁଃଖ ମଧୁମୟ, ମାନ ସୁରସ, ମିଳନ ମଧୁରିମ ଏବଂ କରୁଣରସ ସୁଧାମୟ । କିଶୋରୀ ଚମ୍ପୂ ମାଧୁର୍ଯ୍ୟର ଲୀଳା ଭୂମି, ଆନନ୍ଦର ରଙ୍ଗମଞ୍ଚ, ପ୍ରେମର ଶୋଭାବନ ଅପ୍ସରା, ସୁଖର ଅସରନ୍ତି ଭଣ୍ଡାର, ଏବଂ 'ସର୍ବସୁଖାନନ୍ଦ ମନ୍ଦିର' । ତହିଁରେ "ଲାବଣ୍ୟ ଲହରୀ କରେ ଗତ, ଆହ୍ଲାଦ କି ବିଶେଷତ ? ମୂର୍ତ୍ତି ।" ଆମ୍ଭେମାନେ ଚମ୍ପୂ ଖଣ୍ଡିକ ଯେତେଥର ପଢ଼ୁ "ଅମୃତ ପାନରେ ଉଲ୍ଲାସ ମନରେ ସନ୍ତୋଷ ମନରେ କେବେହେଁ ନ ଭାଜିଲା ।" କିଶୋରୀ ଚମ୍ପୂ "ଲୁଚିପାରେ, ରସ ବରଷିଲା ପରା ଦଶି ଆସେ" ଏହି କବିତାକୁ ପଢ଼ିଲେ ମନେହୁଏ "କି ଲୁଟ ହୁଏ ଆନନ୍ଦ ହାଟ ।" ଅତଏବ ପ୍ରେମତନ୍ମୟ ମନରେ କବି ଚିନ୍ତାମଣି ମହାନ୍ତି ଗାଇଅଛନ୍ତି :—

"ଅଷ୍ଟାଦୁର୍ଗ ରାଜ୍ୟେ ଉଇଁ କବିସୂର୍ଯ୍ୟ ରତ୍ନ
ଧାର୍ମିକ, ପଣ୍ଡିତ ନବରସେ ସୁରସିକ
ଗାଇଲା ଚମ୍ପୂ, ଚୌପଦୀ ଆଦି ଯେଉଁ ଗୀତ
ଗଭୀର ଭାବ ବ୍ୟଞ୍ଜକ, ସରଳ, ମଧୁର,
ତାର ମଧୁମୟୀ ଭାଷା ଉତ୍କଳ କର୍ଣ୍ଣରେ
ଢାଳି ଦେଉଅଛି ସଦା ସ୍ୱର୍ଗୀୟ ପୀୟୂଷ ।

---

# ବୁଲା ବାବୁ

## ଯୁଗଳଚରଣ ଦାସ

ବିରାଟ ଜାମସେଦପୁର ସହର - ଅଗଣିତ ଲୋକ - କର୍ମମୟ ମାଟି, ସମସ୍ତ ଜନ ସମାଜ ଆପଣା କାମରେ ବ୍ୟସ୍ତ - ଅନ୍ୟର ସୁଖ ଦୁଃଖ ବୁଝିବାରେ କାହାର ସମୟ ଅଛି ?

କିନ୍ତୁ ଜଣଙ୍କ ଉପରେ ସମସ୍ତଙ୍କର ନଜର ପଡ଼ୁଛି, ସେ କିଏ, 'ବୁଲା' - ବୁଲା କୁକୁର ନୁହେଁ, ସେ ଅମର ପରି ଜଣେ ମନୁଷ୍ୟ ଏତେ ବିରାଟ ସହରରେ ସେ ସମସ୍ତଙ୍କର ପରିଚିତ ହେଲା କେମିତି ? ତାହା ହିଁ ଆଶ୍ଚର୍ଯ୍ୟ କଥା—

ବୁଲା ? ବୁଲା ନୁହେଁ ଅନେକ ଲୋକ ତାଙ୍କୁ ବୁଲା-ବାବୁ ବୋଲି କହନ୍ତି । ବୁଲାବାବୁର ବସା କେଉଁଠାରେ କେଉଁଠି ରହେ ଓ କଣ ଖାଏ ତାର ଖବର ଏତ

Digitized by srujanika@gmail.com

ବିସ୍ତୃତ ସହରରେ ଜଣେ ବୋଲି କେହି ରଖିନାହିଁ ।

ବୁଲାବାବୁ ପିଲା ନୁହେଁ, ଯୁବକ ନୁହେଁ, ୫୦ ବର୍ଷର ବୃଦ୍ଧ, ସକାଳେ, ସଂଜେ ସେ ସହରର ପ୍ରଧାନ ରାସ୍ତା ଦେଇ ଯା' ଆସ କରେ, ବେଶଭୂଷା ଦେଖିଲେ ଜଣାଯାଏ ଯେମିତି ପାଗଳ - କାନ୍ଧ ଉପରେ ଗୋଟାଏ ବୁଜୁଲି, ଦୁଇପାଖକୁ ଝୁଲି ପଡ଼ିଥାଏ, ଦେହରେ କାମିଜ୍ ତା ଉପରକୁ ଜହର ଲମ୍ବିଆ ଫତେଇ, କେବେ କେବେ ଲୁଗା ପିନ୍ଧେ, ଆଉ କେବେ କେବେ ପ୍ୟାଣ୍ଟ, ଆଖିରେ ଚଷମା, ଅଉ ଗୋଡରେ କଠଉ । କଠଉ ଦୁଇଟି ମାଡ଼ ସେ ଠକ୍ ଠକ କରି ଗ୍ରୁଲଥାଏ ସହରର ପ୍ରଧାନ ରାସ୍ତା ଉପରେ । ଭୁଲରେ କେବେହେଲେ ବୁଲାବାବୁ କାହା ସଙ୍ଗରେ କଥାଭାଷା ହେବାର କେହି ଦେଖିନାହିଁ । ଆଂଗୁଠିରେ ଗାର ଗଣି ଗଣି କଣ ହିସାବ ଗୁଣି ହୋଇ ସେ ଗ୍ରୁଲେ, ଦୁନିଆଁରେ ତାର ଯେପରି କେହି ଜଣେହେଲେ ପରିଚିତ ନାହିଁ । କିମ୍ବା କାହାସଙ୍ଗେ ପରିଚିତ ହେବାକୁ ତାର ଇଚ୍ଛା ନାହିଁ—

କେବେ କେବେ ସହରର ପ୍ରଧାନ ପ୍ରଧାନ ମିଠାଇ ଦୋକାନରେ ବୁଲାକୁ ବସିବାର ଲୋକେ ଦେଖନ୍ତି, - ଦୋକାନଗୁଡ଼ିକ ବୁଲାର ବଡ ପରିଚିତ, ଆସେ, ଆସି ବସେ, କାହାକୁ କିଛି ମାଗ, ଯାଚ କରେନାହିଁ । ଦୋକାନୀ ନିଜ ଖୁସିରେ କେବେ, ଅଲୁଚପ, କେବେ ନିମିକି ଗ୍ରୁ ଦିଏ, ବୁଲା ଖାଏ, - ଉଠେ, ସହରର ପ୍ରଧାନ ରାସ୍ତା ଉପରେ ଗ୍ରୁଲେ ଧୀରେ ଧୀରେ—

ସହରରେ ରହିବା ପରେ ବୁଲାବାବୁକୁ ଏମିତି ମୁଁ ବହୁ କେତେଥର ଦେଖିଛି । ମନକୁ ମନ ଗୋଟାଏ ସ୍ୱାଭାବିକ ପ୍ରଶ୍ନ ଆସେ; ଲୋକଟା ବିଷୟରେ ଜାଣିବାକୁ ଇଚ୍ଛାହୁଏ ।

ସେଥିଲାଗି ବୁଲାବାବୁ ପଛରେ କେତେଥର ଅନୁସରଣ କରିଛି । ପ୍ରାୟେ ଏକା ସାଙ୍ଗରେ ଗ୍ରୁଲି, ପଗ୍ରୁରିବାକୁ ମନହୁଏ, କିନ୍ତୁ କାଳେ ତା ମନରେ କଷ୍ଟ ହେବ, ବା ମୋ ଉପରେ ବିରକ୍ତ ହେବ ସେଥିଲାଗି ପଗ୍ରୁରିବାକୁ ସାହସ ହୁଏନାହିଁ । ତା ପାଖରେ ଗ୍ରୁଲିଥିବା ସମୟରେ ଅଚାନକ ତାକୁ ଅନାଏ, ସେ ବି ମୋ ଆଡ଼େ ଅନାଏ, ଗ୍ରୁରି ଆଖି ଏକ ହୋଇଯାଏ ବୁଲାବାବୁ ଆଖି ଫେରାଇ ନିଏ, ଫେରେ ଗ୍ରୁଲେ ।

ଶୀତଦିନ, ରାତି ୮ ଟା ହେବ - ହଠାତ୍ ବୁଲାବାବୁ ସଙ୍ଗେ ଦେଖାହେଲା । ସହରର ଷ୍ଟେସନରୁ ବୁଲାବାବୁ ଫେରୁଥାଏ । ବୁଲାବାବୁ ପଛରେ ଚାଲିଲି । ବୁଲାବାବୁର ଜୀବନ ଇତିହାସ ଜାଣିବାକୁ ବଡ଼ ଇଚ୍ଛାହେଲା । ମନରେ ସାହସ ଆଣିଲି ଶୀତଦିନ ଲାଗି ରାସ୍ତାର ଲୋକ ହେଲେ ଟିକିଏ କମି ଆସୁଥାଏ ।

"କଥାଭାଷା" ସବୁ ହିନ୍ଦିରେ କହିଲି କ୍ଷମା କରିବେ, ଆପଣଙ୍କ କଥା ଜାଣିବାକୁ ବହୁଆଁ ମୋର ଭାରି ମନ ହେଉଛି । ୭ ବର୍ଷହେଲା ଦେଖୁଛି, କି ଶୀତ, କି ବର୍ଷା କି ଖରା, ଆପଣ ସବୁଦିନେ ରାସ୍ତା ଉପରେ ଦେଇ "ବୁଲୁଥାନ୍ତି"—

ବୁଲାବାବୁ କଥାଟା ବୁଝିଲା କି ନାହିଁ କେଜାଣି ? କିଛି ଉତ୍ତର ମିଳିଲାନାହିଁ । ଦୁହେଁ ଆଉଟିକିଏ ଆଗେଇ ଗ୍ରୁଲିଲୁ କିନ୍ତୁ ଦୁହେଁ ନୀରବ—

ଆଉଥରେ ବଙ୍ଗଳାରେ ପଗ୍ରୁରିଲି ତଥାପି ବି ଉତ୍ତର ମିଳିଲା ନାହିଁ—

ମନେ ମନେ ଭାବିଲି, "ତେବେ ଥରେ ଇଂରାଜୀରେ ପଗ୍ରୁରି ଦେଖେ ?" କିନ୍ତୁ କାହିଁ ଏଥରବି ଉତ୍ତର ମିଳିଲା ନାହିଁ —

ମନରେ ବଡ ସନ୍ଦେହ ହେଲା - ତେବେ ଲୋକଟା କେଉଁ ପ୍ରଦେଶର ? କଣ କିଛି ବୁଝି ପାରୁନି - ନା ଜୀବନରେ ବ୍ରତ କରିଛି କାହାସଙ୍ଗେ କଥାଭାଷା କରିବ-ନାହିଁ ?

ମନକୁ ଏହି ପ୍ରଶ୍ନ ଆସିଲା - ତେବେ ଓଡ଼ିଆରେ ପଗ୍ରୁରିବି ? ଭୟ ଲାଗିଲା । ମନକୁ ଯେମିତି କିଏ ଘୋର ଆଘାତ କଲା - ଯେଉଁ ଜାତି ସଂହିଭୂମି ଆମର ବୋଲି

Digitized by srujanika@gmail.com

ସଭା ସମିତିରେ ବକ୍ତୃତା ଦିଏ, ସେ ଛାତିରେ ଆପଣା ଆପଣା ଭିତରେ ପ୍ରଥମେ ହିନ୍ଦିରେ କଥାବାର୍ତ୍ତା ଆରମ୍ଭ କରେ - ଜାମସେଦପୁର ସହରରେ ଓଡ଼ିଆ ବୋଲି ନିଜକୁ ପରିଚୟ ନ ଦେବାଲାଗି ପ୍ରଥମେ ଧଙ୍କା ପେଲ କହେ ? ଛି, ଛି ମୁ ପେଟରେ କେମିତି ଏହାକୁ ଓଡ଼ିଆରେ ପଚାରିବି ?

ତଥାପି ଓଡ଼ିଆରେ ପଚାରିଲି । ଆମେ ଦୁହେଁ ଚାଲୁ ଚାଲୁ ହଠାତ୍ ବୁଲିବାବୁ ଠିଆ ହୋଇଗଲେ । ହସିଲେ ଗୋଟାଏ ହସ ଅଭିନୟରେ ଯେମିତି ଛାଣି ହସନ୍ତି, ଠିକ୍ ସେମିତିଆ । ସେ ହସରେ ମୁ ଥରି ଉଠିଲି—

ବୁଲିବାବୁ କହିଲେ, "ତେମେ ଓଡ଼ିଆ ? ତୁମର ଓଡ଼ିଆ କହିବାକୁ ସାହସ ଅଛି" ?

ମୁଁ କଣ କହିବି ? ମୋ ପାଟିରୁ କଥା ବାହାରୁ ନ ଥାଏ ?

ସେ ପେରେ ଆରମ୍ଭ କଲେ "ଆଜିକି ୨୦ ବର୍ଷ ହେଲାଣି ମୁଁ ଏ ସିଂହଭୂମରେ ଅଛି - ଜାମସେଦପୁର ସହରକୁ ଆସିବା ମୋର ଆଠବର୍ଷ ହେଲାଣି, କିନ୍ତୁ ଆଜଯାଏ ମୋତେ କେହି ଓଡ଼ିଆରେ ପଚାରି ନାହାନ୍ତି ତୁମେହିଁ ପ୍ରଥମେ ଆଜି ପଚାରିଛ—

ତୁମକୁ ଉତ୍ତର ନ ଦେବି ? ନିଶ୍ଚୟ ଦେବି । ପୁଣି ହସିଲେ ହସ ।

ବୁଲିବାବୁ ପୁଣି ଆରମ୍ଭ କଲେ, "ତୁମେ କଣ ଏହି କଳଘରେ କାମ କର ?"

"ଆଜ୍ଞା ହଁ"

"ତୁମକୁ ମୋ ଜୀବନ ଇତିହାସ କହିବା ପୂର୍ବରୁ ତୁମକୁ ପ୍ରତିଜ୍ଞା କରିବାକୁ ହେବ । ଭୀଷଣ ପ୍ରତିଜ୍ଞା ? ହୁଏତ ତୁମକୁ ଘର, ସ୍ତ୍ରୀ, ପିଲାଙ୍କ ମାୟା ମମତା ତୁଟାଇବାକୁ ହେବ । ଭୀଷ୍ମଙ୍କ ପରି ଅଟଳ ଅଭୁ ସଂଯମୀ ହେବାକୁ ହେବ, ପାରିବ ?

ପ୍ରଫୁଲ୍ଲ ଅନନ୍ତ ମିଶ୍ରେ ଯେତେବେଳେ ଏହି ସିଂହଭୂମିରେ ଦେହ ଘରେ ଘରେ ଓଡ଼ିଆ ପ୍ରଚାର କରୁଥିଲେ - ସେଇ କେଉଁ କାଳରୁ ମୁଁ ଏଠାରେ ଅଛି ! କିନ୍ତୁ ଜଣେ ଜଣେ ହେଲେ ଓଡ଼ିଆ କର୍ମୀ ଆଜଯାଏ ମୋତେ ମିଳିନାହିଁ - ଦୁଇ ଆପଣେ ଥିଲେ ଜଣେ ବାଙ୍କ ଯେଉ ଜଣେ ଦୁଇଜଣ ଅଛନ୍ତି, ସେମାନେ ସଦା ବ୍ୟସ୍ତ ଓଡ଼ିଆଙ୍କ ନେତା ହେବାର ଲାଗି ଚଳନ୍ତି । ତାଙ୍କୁ ବେଳନାହିଁ । ଅଉ କିଏ ଅଛନ୍ତି ? ନା, ଯେ ଅଛନ୍ତି କେବଳ ତାଙ୍କର ପଦ ଲାଳସା ପାଲ ଉପରେ ଠିଆ ହୋଇ ବଡ଼ ହେବାର ଆଶା । ଛି, ଛି, କି କଦର୍ଯ୍ୟ ଆଜି ଓଡ଼ିଶାର ସନ୍ତାନ ?

ହଠାତ୍ ବୁଲିବାବୁ ରହିଗଲେ, କହିଲେ, "ହଁ ଭୁଲିଗଲି । ପ୍ରଥମେ ତୁମେ ପ୍ରତିଜ୍ଞା କର - ଧର୍ମକୁ ସାକ୍ଷୀ ରଖି । ଏ ଭୀଷଣ ପ୍ରତିଜ୍ଞାରେ ବ୍ରତୀ ହୋଇ ପାରିବ ? କୁହ, ଶୀଘ୍ର କୁହ ?"

'ଆଜ୍ଞା, ମୁଁ ସଂସାରୀ - ନଅଟି ପ୍ରାଣୀ ମୋ ଦେହକୁ ରହିଛନ୍ତି—

କେମିତି ଏମାନଙ୍କ ଭାର କାହା ଉପରେ ନ ଦେଇ ମୁଁ କଣ କରିପାରେ କହନ୍ତୁ ଆପଣ

ବୁଲିବାବୁ ଭୀଷଣ ରାଗିଗଲେ - ଗୋଟାଏ ତାଚ୍ଛଲ୍ୟ ହସ ହସି, ତୁମେ ବଡ଼ ଅକାଳ କୁଷ୍ମାଣ୍ଡ - ଯାଅ ଦୂରେଇ ଯା - ଭୁଲରେ ଅନ୍ୟଦିନେ ସାମନାକୁ ଆସିବ-ନାହିଁ ମୋର -"

ଝଡ ଦ୍ରୁତଗତିରେ କଠଉ ଠକ୍ ଠକ୍ କରି ବୁଲିବାବୁ ଚାଲିଗଲେ—

ମୁହଁରୁ ମୋର କଥା ବାହାରିଲା ନାହିଁ । ବୁଲିବାବୁ ଅଦୃଶ୍ୟ ହେବାଯାଏ ତାଙ୍କ ଗତିପଥକୁ ମୂକଙ୍କ ପରି ଅନାଇ ରହିଥାଏଁ —

Digitized by srujanika@gmail.com

# ବିସର୍ଜନ

ଶ୍ରୀ ଗୌରାଙ୍ଗ ସଁ

ଦେବ ! ଜୀବନର କେଉଁ ଏକ ମଙ୍ଗଳ ଲଗନେ
ଦେଖିଥିଲି ତୁମରେ ମୁଁ ପୁଣ୍ୟମୟ ଦରଶନ-ନୟନେ-
ତୁଚ୍ଛ ମୋର ଜୀବନର ପ୍ରତି ତନ୍ତ୍ରୀ ଶତସୁର ଧରି
ସାଧନାର କଶାଘାତେ ହୁଏତ ବା ଯାଇଥିଲା ମରି ।

ହୁଏତ ବା ଯାଇଥାନ୍ତା ଏ ଜୀବନ ଆଜି ଅନ୍ତରେ ବିତି
ନ ଦେଇ ସାଧକ ତାର ତୁମ ପଦେ ଅନ୍ତର ପ୍ରଣତି ।
ତୁମରି ବୀଣାର ସୁରେ ଶୁଷ୍କ ତନ୍ତ୍ରୀ ଧରଣ ନ ପାରି
କରୁଣ-ଆବେଗରେ ତବ ଆଗମନୀ ନ ପାରନ୍ତା ଗାଇ ।

ସାଧକର ବେଶଭୂଷା ଦେବାପାଇ ସେଦିନ ଗୋ ତୁମେ
ଉଭାହେଲ ଆଗେ ମୋର କରେ ଧରି ସତ୍ୟ ଆଉ ପ୍ରେମେ ।
ବସାଇଲ ଟେକି ମୋର ଅନ୍ତରର ପୂଜା ବେଦୀ ପରେ
ପ୍ରେମ-ଧର୍ମେ ଦୀକ୍ଷାଦେଲ ଗୋ କଲ୍ୟାଣି ! ସେଦିନ ଯେ ମୋତେ ।

ତୁମରି ଅଶିଷ ସ୍ପର୍ଶେ ଶତେଥିଲା ନବବଳ ଜାଗି
ଅଧୀର ଅନନ୍ଦ-ଦାତି ନୀଚତାର ବନ୍ଧ ଦେଲ ଭାଙ୍ଗି ।
ତ୍ରିତ ଚେତେ ମୋ ଅଖି ତଳେ ଢାଳିଥିଲା ଯେ ଦୀପ୍ତି ଝଲକ
ସନ୍ତାପର ମୋହଲେଖା ଉଇଁଥିଲା ଶାନ୍ତିର ଆଲୋକେ ।
ମୁକ୍ତି ତବ ବେଣୀ ହେଲା ସାଧକର ବିଜୟ ପତାକା
ନୀଳ ଚେତେ ଶିବାଦେଶେ ରଚିଦେଲା ଆତଙ୍କର ରେଖା ।

× × × ×

ଦେବ ! ମୁଣ୍ଡେ ଦାଗି ସ୍ୱପ୍ନ କେବେ ସାଧକ ଦେଖେ କି ?
ଜୀବନର କେତେ ଶିକ୍ଷା ହୁଏତ ବା ରହିଗଲା ବାକି ।
ପୂଜା ବେଦୀ ଟେକି କରି ଆଜି ତୁମେ ଯାଇଅଛ ଭୂଲି-
ସାଧନାର ପଥେ ଛାଡ଼ି ଏ ଜୀବନେ ମୁକ୍ତି ମୁଁ ଜାଣି ।

ବିଦାୟ କ୍ଷଣର ତୁମ ସ୍ନେହଭରା ଅଶିଷ ଗୃହାଣି
ଜୀବନର ବ୍ରତପଥେ ଦେଇଗଲ ଯେ କର୍ତ୍ତବ୍ୟ ଆଣି ।
ତାହାକି ସାଧନା ଯିବ ଯେତେ ଯେତେ ଜନମ ତା ବିତି
ଅକ୍ଷୁଣ୍ଣ ଚିତେ ଜାଳିଯିବ ସାଧକ ତାଁ ପ୍ରେମର ଆରତି ।

—×❉×—

Digitized by srujanika@gmail.com

# ଭାରତୀୟ ବିଜ୍ଞାନ କଂଗ୍ରେସର ଚତୁଃତ୍ରିଂଶ ଅଧିବେଶନ

ଶ୍ରୀ ଗୋକୁଳାନନ୍ଦ ମହାପାତ୍ର

ଭାରତୀୟ ବିଜ୍ଞାନ କଂଗ୍ରେସ ଭାରତୀୟ ବୈଜ୍ଞାନିକମାନଙ୍କର ସର୍ବପ୍ରଧାନ ଅନୁଷ୍ଠାନ ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ । ଏହା ପ୍ରତିବର୍ଷ ଭାରତର ବିଭିନ୍ନ ସ୍ଥାନମାନଙ୍କରେ ବିଶିଷ୍ଟ ବୈଜ୍ଞାନିକମାନଙ୍କ ସଭାପତିତ୍ୱରେ ବସି ଆସୁଅଛି । ଏହି ଅନୁଷ୍ଠାନଟି ଗତ ପ୍ରଥମ ମହାସମର ସମୟରେ ୧୯୧୪ ମସିହାରେ ସଗଠିତ ହୋଇଥିଲା । ବିଭିନ୍ନ ପ୍ରଦେଶର ଓ ସ୍ଥାନର ବୈଜ୍ଞାନିକମାନଙ୍କ ନିଜ-ନିଜ ମଧ୍ୟରେ ଭାବର ଆଦାନ ପ୍ରଦାନ ନିମିତ୍ତ ଏହା ସବୁଠାରୁ ବେଶୀ ଉପଯୋଗୀ । ଏତଦ୍‌ବ୍ୟତୀତ ବାହାରୁ ନିମନ୍ତ୍ରିତ ବୈଜ୍ଞାନିକମାନଙ୍କ ସମ୍ପର୍କରେ ଆସିବା ପାଇଁ ଏହା ଏକ ପ୍ରଧାନ ସୁଯୋଗ । କଂଗ୍ରେସର ଚତୁଃତ୍ରିଂଶ ଅଧିବେଶନ ଗତ ଜାନୁୟାରୀ ମାସ ୩ ତାରିଖଠାରୁ ୮ ତାରିଖ ପର୍ଯ୍ୟନ୍ତ ଭାରତର ରାଜଧାନୀ ଦିଲ୍ଲୀସହରଠାରେ ମହାସମାରୋହରେ ଅନୁଷ୍ଠିତ ହେଲା । ଅନ୍ୟାନ୍ୟ ବର୍ଷର ଅଧିବେଶନଠାରୁ ଏହା ଅଧିକ ଆଡ଼ମ୍ବର ସହକାରେ ଅନୁଷ୍ଠିତ ହୋଇଥିଲା ବୋଲି ମନେହୁଏ । ଏଥିରେ ସାଧାରଣ ସଭାପତିର କାର୍ଯ୍ୟ କରିଥିଲେ ଭାରତର ଅନ୍ତର୍ବର୍ତ୍ତୀ ସରକାରର ଉପସଭାପତି ପଣ୍ଡିତ ଜବାହରଲାଲ ନେହେରୁ । ଅଧିବେଶନରେ ଯୋଗ ଦେବାପାଇଁ ଭାରତର ନାନା ସ୍ଥାନରୁ ସହସ୍ରାଧିକ ବୈଜ୍ଞାନିକ ଓ ବିଜ୍ଞାନ ଛାତ୍ର ଦିଲ୍ଲୀ ସହରରେ ସମବେତ ହୋଇଥିଲେ । ଆମେରିକାର ଯୁକ୍ତରାଜ୍ୟ, କାନାଡ଼ା, ୟୁରୋପର ଇଂଲଣ୍ଡ, ଫ୍ରାନ୍ସ, ରୁଷିଆ, ଓ ଚୀନ ଅଷ୍ଟ୍ରେଲିଆ ପ୍ରଭୃତି ଦେଶମାନଙ୍କରୁ ବହୁବିଶିଷ୍ଟ ବୈଜ୍ଞାନିକମାନଙ୍କୁ ଏଥିରେ ଯୋଗ ଦେବାପାଇଁ ନିମନ୍ତ୍ରଣ କରାଯାଇଥିଲା । ସେମାନଙ୍କ ମଧ୍ୟରୁ ପ୍ରାୟ ବିଂଶାଧିକ ବୈଜ୍ଞାନିକ ଯୋଗ ଦେବାପାଇଁ ଆସିଥିଲେ ।

ଭାରତୀୟ ଜାତୀୟ କଂଗ୍ରେସ ପରି ବିଜ୍ଞାନ କଂଗ୍ରେସ ଏକ ବିରାଟ ଅନୁଷ୍ଠାନ ନୁହେଁ । ଜାତୀୟ କଂଗ୍ରେସର ସଭ୍ୟ ତୁଳନାରେ ଏହାର ସଭ୍ୟ ସଂଖ୍ୟା ଖୁବ୍ କମ୍ । ଜାତୀୟ କଂଗ୍ରେସ ଯେପରି କେତେଗୁଡ଼ିଏ ବିଶିଷ୍ଟ ରାଜନୀତିଜ୍ଞଙ୍କ ବାଚିତ ହଜାର ହଜାର ସାଧାରଣ ସଭ୍ୟଙ୍କ ଦ୍ୱାରା ଗଠିତ ସେହିପରି ବିଜ୍ଞାନ କଂଗ୍ରେସ ସାମାନ୍ୟ କେତେକ ବିଶିଷ୍ଟ ବୈଜ୍ଞାନିକମାନଙ୍କ ସମଷ୍ଟି ବ୍ୟତୀତ ଶତ ଶତ ବିଜ୍ଞାନ ଛାତ୍ରଙ୍କ ଦ୍ୱାରା ଗଠିତ । ଗତ ଅଧିବେଶନର କାର୍ଯ୍ୟ ବିବରଣୀ କହିବାକୁ ଯିବା ପୂର୍ବରୁ କଂଗ୍ରେସର ବିଭିନ୍ନ ବିଭାଗ ଓ କାର୍ଯ୍ୟକାରୀ କମିଟି ଓ ଗବେଷଣା କାଉନ୍‌ସିଲ ବିଷୟରେ ପାଠକ ପାଠିକାମାନଙ୍କୁ କିଛି କହିବା ଦରକାର । ଉପରୋକ୍ତ କମିଟି ଗୁଡ଼ିକରେ ଭାରତର ପ୍ରସିଦ୍ଧ ବୈଜ୍ଞାନିକମାନେ ଯେ ଜଡ଼ିତ ଏଥିରେ କାହାରି ଅଣୁମାତ୍ର ସନ୍ଦେହ ନାହିଁ । ଭାରତୀୟ ବୈଜ୍ଞାନିକମାନଙ୍କ ନାମ ସହିତ ପରିଚିତ ହେବା ସୁବିଧା ଆମ ଓଡ଼ିଆ ଭାଷାରେ କେବେ ଘଟିନାହିଁ । ଆଶାକରେଁ ମୋର ଏହି ପ୍ରବନ୍ଧ ଦ୍ୱାରା ଏହି ଅଭାବଟି କେତେକ ପରିମାଣରେ ଦୂରୀଭୂତ ହେବ ।

ଜାତୀୟ କଂଗ୍ରେସ ପରି ବିଜ୍ଞାନ କଂଗ୍ରେସ ଗୋଟିଏ କାର୍ଯ୍ୟକାରୀ କମିଟି ଦ୍ୱାରା ଶାସିତ ହୁଏ । ଏହି କାର୍ଯ୍ୟକାରୀ କମିଟିକୁ ପ୍ରତିବର୍ଷ ସଭ୍ୟ ନିର୍ବାଚିତ ହୋଇ ଆସନ୍ତି । କାର୍ଯ୍ୟକାରୀ କମିଟିର ସଭ୍ୟ ନିର୍ବାଚନ ପ୍ରତିବର୍ଷ ବାର୍ଷିକ ସମ୍ମିଳନୀରେ ଅନୁଷ୍ଠିତ ହୁଏ । ଗତ କାର୍ଯ୍ୟକାରୀ କମିଟିରେ ନିମ୍ନଲିଖିତ ବ୍ୟକ୍ତିମାନେ ସଭ୍ୟଥିଲେ ।

୧ । ଅଧ୍ୟାପକ ଏମ୍, ଆଫଜଲ୍ ହୁସେନ—
ଗତବର୍ଷର ସଭାପତି

୨ । ପଣ୍ଡିତ ଜବାହରଲାଲ୍ ନେହେରୁ—
ନୂତନ ସଭାପତି

୩ । ଅଧ୍ୟାପକ ଏମ୍ କ୍ୱାରେଶୀ—
ସାଧାରଣ ସମ୍ପାଦକ

୪ । ଅଧ୍ୟାପକ ପ୍ରଶାନ୍ତଚନ୍ଦ୍ର ମାହାଲାନୋବିଶ—
ସାଧାରଣ ସମ୍ପାଦକ

Digitized by srujanika@gmail.com

୫ । ଅଧ୍ୟାପକ ପ୍ରିୟଦାରଞ୍ଜନ ରାୟ— କୋଷାଧ୍ୟକ୍ଷ
୬ । ଡାକ୍ତର କେ. ବିଶ୍ୱାସ
୭ । ଅଧ୍ୟାପକ ଏସ୍. ଏନ୍. ବୋଷ
୮ । ଡାକ୍ତର ଏସ୍ .ଏଲ୍ .ହୋରା
୯ । ସାର୍ କେ. ଏସ୍ .କ୍ରିଷ୍ଣନ୍
୧୦ । ଡାକ୍ତର ଅର୍ .ସି. ମଜୁମଦାର
୧୧ । ଅଧ୍ୟାପକ ଏସ୍ .କେ. ମିତ୍ର
୧୨ । ଡାକ୍ତର ଏମ୍ .ଆର୍ .ସିଦ୍ଦିକ୍
୧୩ । ଡାକ୍ତର କେ. ପି. ସେନ୍
୧୪ । ଡାକ୍ତର ଡବ୍ଲିଉ. ଡି. ବେଷ୍ଟ
୧୫ । ଡାକ୍ତର ଡି. ମୁଖାର୍ଜି
୧୬ । ସାର୍ ଶାନ୍ତିସ୍ୱରୂପ ଭଟନାଗର
୧୭ । ଅଧ୍ୟାପକ ଡି. ଏସ୍. କୋଠାରୀ ସ୍ଥାନୀୟ ସମ୍ପାଦକ

ଏହି କାର୍ଯ୍ୟକାରୀ କମିଟିର ମେମ୍ବରମାନଙ୍କ ମଧ୍ୟରୁ ଅଧିକାଂଶ ଆନ୍ତର୍ଜାତିକ ବିଜ୍ଞାନରେ ନିଜର୍ ନାମ ରଖିଛନ୍ତି । ତେଣୁ ଏଥିରୁ ବିଜ୍ଞାନ ଉତ୍ସାହୀ ବ୍ୟକ୍ତିମାନେ ବଡ଼ ବଡ଼ ବୈଜ୍ଞାନିକମାନଙ୍କ ନାମ ସହିତ ପରିଚିତ ହୋଇପାରିବେ ।

ବର୍ଷସାରା କଂଗ୍ରେସର କାର୍ଯ୍ୟ ପରିଚାଳନା ପାଇଁ କାର୍ଯ୍ୟକାରୀ କମିଟି ଦାୟୀ । କିନ୍ତୁ ବାର୍ଷିକ ଅଧିବେଶନ ସମୟରେ ରସାୟନ, ପଦାର୍ଥ ବିଦ୍ୟା ପ୍ରଭୃତି ବିଭିନ୍ନ ବିଭାଗରେ କାର୍ଯ୍ୟ ସୁପରିଚାଳନା ପାଇଁ ଗୋଟିଏ ଗୋଟିଏ ବିଭାଗୀୟ କମିଟି ଥାଏ । ଏହି କମିଟିମାନଙ୍କରେ କେତେଗୁଡ଼ିଏ ସଭ୍ୟ ଥାନ୍ତି ଓ ପ୍ରତ୍ୟେକ କମିଟି ପାଇଁ ଜଣେ ଜଣେ ସଭାପତି ନିର୍ବାଚିତ ହୋଇଥାନ୍ତି । ଯେଉଁମାନେ ପୂର୍ବବର୍ତ୍ତୀ ବର୍ଷମାନଙ୍କରେ କୌଣସି ବିଭାଗର ସଭାପତି ହୋଇଥାନ୍ତି ସେମାନେ ଏହି ବିଭାଗୀୟ କମିଟିମାନଙ୍କରେ ସାଧାରଣତଃ ସଭ୍ୟ ହୋଇ ଥାନ୍ତି । ସୁଖର ବିଷୟ ଯେ ଉଦ୍ଭିଦ ବିଭାଗରେ ଓଡ଼ିଶାରୁ ଏକମାତ୍ର ସଭ୍ୟ ହୋଇଛନ୍ତି ଅଧ୍ୟାପକ ପ୍ରାଣକୃଷ୍ଣ ପରିଜା । ସେ ପୂର୍ବରୁ ଉଦ୍ଭିଦ ବିଦ୍ୟା ବିଭାଗର ସଭାପତି ହୋଇଥିଲେ । ତାଙ୍କ ବ୍ୟତୀତ ଓଡ଼ିଶାରୁ ଆଉ କେହି ଏ ପର୍ଯ୍ୟନ୍ତ କୌଣସି ବିଭାଗରେ ସଭ୍ୟ ବା ଅନ୍ୟ କୌଣସି ସ୍ଥାନ ଅଧିକାର କରିନାହାନ୍ତି । ଏହି ବିଭାଗୀୟ କମିଟିମାନଙ୍କରୁ କୌଣସି ବିଶିଷ୍ଟ ବୈଜ୍ଞାନିକ ସଭ୍ୟ ନ-ହୋଇ ଛାଡ଼ି ଯାଇନାହାନ୍ତି । ବିଭିନ୍ନ ବିଭାଗରେ ସଭ୍ୟ-ମାନଙ୍କ ନାମ ଏଠାରେ ଦେବା ସମ୍ଭବପର ନୁହେଁ । ବର୍ତ୍ତମାନ ସୁଦ୍ଧା ବିଜ୍ଞାନ କଂଗ୍ରେସରେ ତେରଗୋଟି ବିଭିନ୍ନ ବିଭାଗ ଅଛି । ଗତ ୩୪ଶ ଅଧିବେଶନରେ ନିମ୍ନଲିଖିତ ବ୍ୟକ୍ତିମାନେ ବିଭାଗୀୟ ସଭାପତିର ଆସନ ଅଳଙ୍କୃତ କରିଥିଲେ ।

| ବିଭାଗର ନାମ | ସଭାପତିଙ୍କର ନାମ ଓ | ସେମାନଙ୍କର ଠିକଣା |
|---|---|---|
| ୧ । ଗଣିତ | ଅଧ୍ୟାପକ ଡି: ଡି: କୋସାମ୍ବି | ବୋମ୍ବେ |
| ୨ । ଷ୍ଟାଟିଷ୍ଟିକ୍ସ | ମିଷ୍ଟର ଆର୍: ସି: ବୋଷ୍ | କଲିକତା |
| ୩ । ପଦାର୍ଥ ବିଦ୍ୟା | ଡାକ୍ତର କେ: ବେନାର୍ଜି | କଲିକତା |
| ୪ । ରସାୟନ | ଡାକ୍ତର ପି: କେ: ବୋଷ୍ | ରାଞ୍ଚି |
| ୫ । ଭୂବିଦ୍ୟା ଓ ଭୂଗୋଳ | ଡାକ୍ତର ପି: ଏସ୍: ପିଚ୍ଚମୁଥୁ | ବାଙ୍ଗାଲୋର |
| ୬ । ଉଦ୍ଭିଦ ବିଦ୍ୟା | ଅଧ୍ୟାପକ ଏ: ସି: ଯୋସୀ | ଲାହୋର |
| ୭ । ପ୍ରାଣୀ ବିଦ୍ୟା | ଡାକ୍ତର ଜି: ଡି: ଭାଲେରାଓ | ଇଜାତ୍ ନଗର |
| ୮ । ଆନ୍ଥ୍ରୋପୋଲୋଜି | ଡାକ୍ତର ମିସେସ୍: ଇରାବତୀ କାର୍ଭେ | ପୁନା |
| ୯ । ଡାକ୍ତରୀ ବିଜ୍ଞାନ | ଅଧ୍ୟାପକ ଜି: ପଣ୍ଡା | କଲିକତା |
| ୧୦ । କୃଷି ବିଜ୍ଞାନ | ମିଷ୍ଟର ଏନ୍: ଏଲ୍: ଦତ୍ତ | କଏମ୍ବାଟୋର |
| ୧୧ । ଶରୀର ବିଜ୍ଞାନ | ଅଧ୍ୟାପକ ଏସ୍: ଏହ୍: ରହମାନ୍ | ହାଇଦ୍ରାବାଦ୍ |
| ୧୨ । ମନସ୍ତତ୍ତ୍ୱ ବିଜ୍ଞାନ | ପି: ଏସ୍: ନାଇଡୁ | ଏଲାହାବାଦ୍ |
| ୧୩ । ଇଞ୍ଜିନିୟରିଂ ଓ ଧାତୁ ବିଦ୍ୟା | ଏଚ: ପି: ଭାଉମିକ୍ | କଲିକତା |

Digitized by srujanika@gmail.com

କାର୍ଯ୍ୟକାରୀ କମିଟି ବ୍ୟତୀତ ଆଉ ଗୋଟିଏ ସାଧାରଣ କାଉନ୍‌ସିଲ ଥାଏ । ଏହି କାଉନ୍‌ସିଲ ବାର୍ଷିକ ଅଧିବେଶନ ସମୟରେ ବେଳେବେଳେ ବସିଥାଏ । ଭାରତର ପ୍ରସିଦ୍ଧ ବୈଜ୍ଞାନିକମାନଙ୍କ ମଧ୍ୟରୁ ପ୍ରାୟ ଅଧିକାଂଶ ଏହି କାଉନ୍‌ସିଲରେ ଥାନ୍ତି । ପ୍ରତ୍ୟେକ ମେମ୍ବରଙ୍କ ବ୍ୟତୀତ ଏଥିରେ ଅନ୍ୟାନ୍ୟ ମେମ୍ବରଗୁଡ଼ିକ ସ୍ଥାୟୀ ମେମ୍ବର ହିସାବରେ ଥାନ୍ତି । ଡାକ୍ତର ପ୍ରାଣକୃଷ୍ଣ ପରିଜା ଏହି କାଉନ୍‌ସିଲରେ ଏକମାତ୍ର ଓଡ଼ିଆ ସଭ୍ୟ ଅଛନ୍ତି । ଦୁଃଖର ବିଷୟ ଯେ ତାଙ୍କ ବ୍ୟତୀତ ଅନ୍ୟ କେହି ଓଡ଼ିଆ ଏହି କାଉନ୍‌ସିଲରେ ମେମ୍ବର ହୋଇ ପାରିନାହାନ୍ତି । ଆଶା-କରାଯାଏ ନିକଟ ଭବିଷ୍ୟତରେ ଏହି ଅଭାବଟି ଦୂରୀଭୂତ ହେବ । ୧୯୩୩ ଠାରୁ ୧୯୪୫ ପର୍ଯ୍ୟନ୍ତ କଂଗ୍ରେସର ଭୂତପୂର୍ବ ସାଧାରଣ ସଭାପତିମାନେ ଏହି କାଉନ୍‌ସିଲରେ ସ୍ଥାୟୀ ମେମ୍ବର ଅଛନ୍ତି । ଭୂତପୂର୍ବ ସାଧାରଣ ସମ୍ପାଦକ ଓ କୋଷାଧ୍ୟକ୍ଷମାନେ ମଧ୍ୟ ଏହି କାଉନ୍‌ସିଲରେ ସଭ୍ୟ ଭାବରେ ଥାନ୍ତି । ଏତଦ୍‌ବ୍ୟତୀତ କଂଗ୍ରେସଦ୍ୱାରା ମନୋନୀତ ସାତଜଣ ମେମ୍ବର ଏଥିରେ ରହିଥାନ୍ତି । ନିମ୍ନଲିଖିତ ବ୍ୟକ୍ତିମାନେ କଂଗ୍ରେସ ଦ୍ୱାରା ମନୋନୀତ ହୋଇ ଗତ ସାଧାରଣ କାଉନ୍‌ସିଲରେ ସଭ୍ୟ ଥିଲେ ।

୧ । ଡାକ୍ତର ନାଜର ଅହମଦ୍
୨ । ଡାକ୍ତର ପି: ଏସ୍: ଗିଲ୍
୩ । କୁମାରୀ ଏଲ୍: ଏ: ବେକର୍
୪ । ଡାକ୍ତର କ: ପି: ମଜୁମ୍‌ଦାର
୫ । ଡାକ୍ତର ଏସ୍: ସି: ମିତ୍ର
୬ । ଡାକ୍ତର ଜ: ନାରାୟଣ
୭ । ଡାକ୍ତର ବ: ବିଶ୍ୱନାଥ

ବିଭାଗୀୟ ସଭାପତିମାନେ ମଧ୍ୟ ଏହି କାଉନ୍‌ସିଲରେ ସାଧାରଣ ସଭ୍ୟ ଅଛନ୍ତି । କାର୍ଯ୍ୟକାରୀ କମିଟି ଯେଉଁଗୁଡ଼ିକୁ ନିଷ୍ପତ୍ତି କରି ଜନ ପାଖରେ ସେଗୁଡ଼ିକର ନିଷ୍ପତ୍ତି ଏହି କାଉନ୍‌ସିଲ ଦ୍ୱାରା ହୁଏ ।

ବିଜ୍ଞାନ କଂଗ୍ରେସରେ ଉପରୋକ୍ତ ବିଭାଗମାନ ବ୍ୟତୀତ "ବିଜ୍ଞାନ ଓ ଏହାର ସାମାଜିକ ସମ୍ପର୍କ" ନାମକ ଆଉ ଗୋଟିଏ ସବ୍‌କମିଟି ଅଛି । ଏଥିରେ ନିମ୍ନଲିଖିତ ବ୍ୟକ୍ତିମାନେ ଗତ ଅଧିବେଶନରେ ସଭ୍ୟ ଥିଲେ ।

୧ । ଜବହରଲାଲ୍ ନେହେରୁ
୨ । ଏମ୍: କ୍ୱାରେଶୀ
୩ । ପ୍ରଶାନ୍ତଚନ୍ଦ୍ର ମାହାଲାନୋବିଶ୍
୪ । ପ୍ରିୟଦା ରଞ୍ଜନ ରାୟ
(୫ - ୧୭) ବିଭାଗୀୟ ସଭାପତି (ଉପରେ ଲୁହା-
ହୋଇଥିବା ତେରଜଣ)
୧୮ । ଏସ୍. ଏନ୍. ବୋଷ
୧୯ । ଡାକ୍ତର ଫାଉଲର
୨୦ । ପି: ଏଇଚ କୁଠାର
୨୧ । ଏଇଚ: କେ: ମିତ୍ର
୨୨ । ଡାକ୍ତର କେଓ୍ୱାଲ ମଟ୍‌ଓ୍ୱାନି
୨୩ । ବି: ମୁଖାର୍ଜି
୨୪ । ଡାକ୍ତର ମେଘନାଦ ସାହା
୨୫ । ଅଧ୍ୟାପକ ବିନୟକୁମାର ସରକାର
୨୬ । ଡାକ୍ତର ଓ୍ୱେଷ୍ଟ
୨୭ । ଏ: ସି: ଉକିଲ
୨୮ । ଡ: ଏନ୍: ଓ୍ୱାଡ଼ିଆ
୨୯ । ଡ: ଏମ୍: ସେନ୍

ଉପରୋକ୍ତ ପରିଚ୍ଛେଦମାନଙ୍କରୁ ପାଠକ ପାଠିକାମାନେ ଗତ ଅଧିବେଶନରେ କାର୍ଯ୍ୟ କରୁଥିବା ସଭ୍ୟ ଓ ବିଭାଗୀୟ ସଭାପତିମାନଙ୍କ ନାମ ଜାଣିପାରିଲେ । ବର୍ତ୍ତମାନ କଂଗ୍ରେସ ଅଧିବେଶନର କାର୍ଯ୍ୟ ବିବରଣୀ ବର୍ଣ୍ଣନା କରାଯାଉ ।

କଂଗ୍ରେସର ଗତ ଅଧିବେଶନ ଦିଲ୍ଲୀ ବିଶ୍ୱବିଦ୍ୟାଳୟର ପ୍ରାଙ୍ଗଣରେ ପଣ୍ଡିତ ଜବହରଲାଲ୍ ନେହେରୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ସ୍ୱାଗତ ସମ୍ବର୍ଦ୍ଧନା କମିଟି ଦ୍ୱାରା ପଣ୍ଡିତ ନେହେରୁ ଓ ଭାରତ ବାହାରୁ ଆସିଥିବା ବୈଜ୍ଞାନିକମାନଙ୍କୁ ସଂବର୍ଦ୍ଧନା କରାଯାଇଥିଲା । ଦିଲ୍ଲୀ ବିଶ୍ୱବିଦ୍ୟାଳୟର ଭାଇସ୍‌ଚାନସେଲର ସାରୁ

Digitized by srujanika@gmail.com

ମରିଶ୍ ଗୟୃର୍ ସ୍ଥାନୀୟ ସମ୍ବର୍ଦ୍ଧନା କମିଟିର ସଭାପତି ଥିବାରୁ ପ୍ରଥମେ ଗୋଟିଏ କ୍ଷୁଦ୍ର ବକ୍ତୃତା ଦେଇଥିଲେ । ଭାରତ ବାହାରୁ ଆସିଥିବା ବୈଜ୍ଞାନିକମାନେ ନିଜ ନିଜ ଦେଶରୁ ଆଣିଥିବା ଶୁଭବାର୍ତ୍ତାମାନ ପଢ଼ି ଶୁଣାଇଦେଲେ । ଇଂଲଣ୍ଡର ରୟେଲ ସୋସାଇଟିର ପ୍ରେସିଡେଣ୍ଟ ସାର୍ ହେନେରୀ ଡେଲ୍ (Sir Henry Delte) ନିମ୍ନଲିଖିତ ବାର୍ତ୍ତା ବିଜ୍ଞାନ କଂଗ୍ରେସକୁ ପଠାଇଥିଲେ ।

"There is a general desire among the men of Science in Britain for more intimate collaboration with those in India who are working for the advancement of know ledge in the same fields of research" ✱ ଅର୍ଥାତ "ଇଂଲଣ୍ଡର ବୈଜ୍ଞାନିକମାନଙ୍କର ପ୍ରବଳ ଇଚ୍ଛା ଯେ ସେମାନେ ଏକପର ବିଜ୍ଞାନ ଉନ୍ନତି ନିମିତ୍ତ ଗବେଷଣା କରୁଥିବା ଭାରତୀୟ ବୈଜ୍ଞାନିକମାନଙ୍କ ସହିତ ଘନିଷ୍ଠ ସମ୍ପର୍କ ସ୍ଥାପନ କରିବେ ।" ରୟେଲ ସୋସାଇଟି ସଭାପତି ବ୍ୟତୀତ ମାର୍ଶାଲ ସ୍ମୁଟ ଓ ମାନ୍ୟବର ଚର୍ଚ୍ଚିଲଙ୍କର ✱✱ ଶୁଭବାର୍ତ୍ତା ପ୍ରଧାନ । ସର୍ବଶେଷରେ ସଭାପତି ନେହେରୁ ନିଜର ବକ୍ତୃତା ଆରମ୍ଭକଲେ । ଭାରତର ଭାବୀ ଉନ୍ନତି କଳ୍ପେ ବିଜ୍ଞାନର ଦାୟିତ୍ୱ ସମ୍ପର୍କରେ ନାନା କଥା ବୁଝାଇଥିଲେ ।

ଇଉରୋପ ଓ ଆମେରିକାରୁ ଆସିଥିବା ବୈଜ୍ଞାନିକମାନଙ୍କ ସଂଖ୍ୟା ୧୯୩୮ ମସିହା କଂଗ୍ରେସର ରୌପ୍ୟ ଜୁବୁଲି ଅଧିବେଶନରେ ଆସିଥିବା ବୈଜ୍ଞାନିକମାନଙ୍କ ସଂଖ୍ୟାଠାରୁ ଅଧିକ କୋଲି ମନେହୁଏ । ଭାରତ ସହିତ ଅନ୍ୟାନ୍ୟ ଦେଶର ବୈଜ୍ଞାନିକମାନେ ସଦିଚ୍ଛା ସ୍ଥାପନ କରିବାପାଇଁ ପ୍ରତିନିଧି ପଠାଇଥିଲେ । ଯେଉଁମାନେ ଆସିଥିଲେ ସେମାନେ ଆନ୍ତର୍ଜାତିକ ବିଜ୍ଞାନରେ ଖୁବ୍ ନାମ କରିଛନ୍ତି । ଆମେରିକା ଓ ଇଉରୋପର ବିଭିନ୍ନ ଅନୁଷ୍ଠାନମାନ ନିମ୍ନଲିଖିତ ବ୍ୟକ୍ତିମାନଙ୍କୁ ପଠାଇଥିଲେ ।

୧ । ବ୍ରିଟେନରୁ ଆସିଥିବା ବୈଜ୍ଞାନିକ—

(କ) ରୟେଲ ସୋସାଇଟି ତରଫରୁ—

୧ । ସାର୍ ହେରଲ୍ଡ ସ୍ପେନ୍ସର ଜୋନ୍ସ-ରାଜ ଜ୍ୟୋତି...

୨ । ଅଧ୍ୟାପକ ପି ଏମ୍ ଏସ୍ ବ୍ଲାକେଟ

୩ । ସାର୍ ଡି. ଆର୍ କି ଥମ୍ସନ୍ (Sar D .Archy Thomson

୪ । ଅଧ୍ୟାପକ ଡବ୍ଲିଉ ବ୍ରାଉନ୍ (Prof. W. Browr

୫ । ଅଧ୍ୟାପକ ଏଲ୍, ଜେ ମର୍ଡେଲ (Prof. L. J Mordell )

---

✱ The Hindustan Times - Science Congress Supplement 3rd fanuary 1947 page 7.

✱✱ "I am very glad to have the opportunity to send through you my greetings and good wishes to Indian men of science and esopecially to the six Indian fellows of the royal society - Raman, Saha, Sahni, Krishnan, Bhabha and Bhatnagar -- of which I am honourned to be myself a fellow. It is the great tragedy of our time that the fruits of science should by a montrous perversion have been turned on so vaste a scale to evil ends, But that is no fault of science. Seience has given to this generation the means of unlimited disaster or of unlimited progress. When this War is won we shall have averted disaster There will remain the greater task of directing knowledge lastingly towards the purposes of peace and good. In this task the scientists of the world united by the bond of a single purpose which overrides all bounds of race and language can play a leading and inspiring part."

Hindustan Times
S. C. S.

Digitized by srujanika@gmail.com

୨ । ମିଷ୍ଟର ଫିଲିପ୍ ବ୍ରୁସ ହ୍ୱାଇଟ (Mr. Phillip bruce White )

( ଖ ) ବ୍ରିଟିଶ୍ କାଉନ୍‌ସିଲ ତରଫରୁ—
ସାର୍ ଏନଙ୍ଗସ ଗିଲେନ୍ (Sir Angus Gllan)

( ଗ ) ବ୍ରିଟିଶ୍ ଆସୋସିଏସନ ତରଫରୁ—
ଅଧ୍ୟାପକ ମୁନରୋ ଫକ୍ସ (Prof Munro fox)

୨ । କାନାଡ଼ାରୁ ଆସିଥିବା ବୈଜ୍ଞାନିକ—

( କ ) କାନଡ଼ା ରୟେଲ ସୋସାଇଟି ତରଫରୁ—
ଅଧ୍ୟାପକ ଆର ବି ଥମସନ୍ ( Prof R. B. Thomson)

( ଖ ) କାନାଡ଼ାର ଜାତୀୟ ଗବେଷଣା କାଉନ୍‌ସିଲ ତରଫରୁ—

୧ । ଡାକ୍ତର ଡବଲିଉ, ଏଫ୍, ହାନା
୨ । ଡାକ୍ତର ଟି,ଏଲ,ଟାଣ୍ଟନ୍ ( Dr. T, L, Tantn )
୩ । ଡାକ୍ତର ଅର, ଡବ୍ଲିଉ,'ବଇଲ ( Dr. R, W, Boyle )

୩ । ଯୁକ୍ତ ରାଜ୍ୟରୁ ଆସିଥିବା ବୈଜ୍ଞାନିକ—

(କ) ଆମେରିକାନ୍ ଏସୋସିଏସନ୍ ଅଫ ଆଡଭାନ୍‌ସମେଣ୍ଟ ଅଫ୍ ସାଇନ୍‌ସ ( American Aseociation of Advancment of science ) ତରଫରୁ —

୧ । ମିଷ୍ଟର ଆଲବର୍ଟ୍ ଏଫ୍ ବ୍ଲାକସଲେ (Mr. Albort of Blakeslea )
୨ । ଡାକ୍ତର ଡବଲିଉ ଏଡୱାର୍ଡ ଡେମିଙ୍ଗ ( Dr. W. Edward Demming )

( ଖ ) ଆମେରିକାନ୍ ନେସନାଲ୍ ଏକାଡେମୀ ଅଫ୍ ସାଇନ୍‌ସ (American Accademy of science) ତରଫରୁ —

୧ । ଡାକ୍ତର ଇ ନିଉଟନ ହାରଭେ (Dr E. Newton Harvey )
୨ । ଡାକ୍ତର ଅସକାର ରିଡ଼ଲ (Dr. Oscar Ridzle)
୩ । ଡାକ୍ତର ହାର୍ଲୋ ସାପେଲେ ( Lr. Harlow shapley)

୪ । ଫ୍ରାନସରୁ ଆସିଥିବା ବୈଜ୍ଞାନିକ —

୧ । ଅଧ୍ୟାପକ ହାଡ଼ମାଡ଼
୨ । ମ୍ୟାଡାମ୍ ହାଡ଼ମାଡ଼

୫ । ଚୀନରୁ ଆସିଥିବା ବୈଜ୍ଞାନିକ—
ଡାକ୍ତର ଭେସୁପୁଆ ( Dr Veshupua)

୬ । ସୋଭିଯେଟ ରୁଷିଆରୁ ଆସିଥିବା ବୈଜ୍ଞାନିକ —
୧ । ଅଧ୍ୟାପକ ଭଲଗିନ୍ ( Prof. V. P. volgin )
ଅଧ୍ୟାପକ ପେଭଲେଭ୍‌ସ୍କି ( Prof. Pavlevsky )
ଓ ଅନ୍ୟ ଦୁଇଜଣ ।

ପଣ୍ଡିତ ଜହରଲାଲ ନେହେରୁଙ୍କ ବକ୍ତୃତା ପରେ ପ୍ରଥମ ଦିନ ପାଇଁ ବିଜ୍ଞାନ କଂଗ୍ରେସର ସାଧାରଣ ସଭାର କାର୍ଯ୍ୟ ଶେଷ ହେଲା ।

ବିଜ୍ଞାନ କଂଗ୍ରେସ ତରଫରୁ ଦିଲ୍ଲୀ ବିଶ୍ୱବିଦ୍ୟାଳୟ ଓ କାଉନ୍‌ସିଲ ଅଫ ସାଇଣ୍ଟିଫିକ୍ ଏଣ୍ଡ ଇନଡ଼ଷ୍ଟ୍ରିୟାଲ ରିସର୍ଚ୍ଚ ( ବିଜ୍ଞାନ ଓ ଶିଳ୍ପ ଗବେଷଣା ଅନୁଷ୍ଠାନ ) ଗୃହରେ ଗୋଟିଏ ବିଜ୍ଞାନ ପ୍ରଦର୍ଶନୀର ବନ୍ଦୋବସ୍ତ କରାଯାଇଥିଲା । ଏହି ପ୍ରଦର୍ଶନୀକୁ ଭାରତର ନାନା ବୈଜ୍ଞାନିକ ଅନୁଷ୍ଠାନମାନଙ୍କରୁ ଓ ଦିଲ୍ଲୀର ବିଜ୍ଞାନ ଓ ଶିଳ୍ପ ଗବେଷଣା ଅନୁଷ୍ଠାନ ( Council cf Scientific & Industrial Research ) ରୁ ଅନେକଗୁଡ଼ିଏ ବିଜ୍ଞାନ ସମ୍ବନ୍ଧୀୟ ଦର୍ଶନଯୋଗ୍ୟ ପଦାର୍ଥ ଅଣାଯାଇଥିଲା । ସାଧାରଣ ଲୋକଙ୍କୁ ରେଡାର ( Radar ) ସମ୍ବନ୍ଧରେ ବୁଝାଇବାକୁ ଯୁଦ୍ଧବିଭାଗ ଦ୍ୱାରା ଗୋଟିଏ ରେଡ଼ାର ଯନ୍ତ୍ର ଅଣାଯାଇଥିଲା । ଏତଦ୍‌ବ୍ୟତୀତ ଭାରତରେ କିପରି ଜଳସେଚନ ଗବେଷଣା ( Irrigation Research ) ବନ୍ୟବିଭାଗ ଗବେଷଣା ( Forest Research ) ଓ ବନ୍ୟା ସମସ୍ୟା ସମାଧାନ ନିମିତ୍ତ ଗବେଷଣା କରାଯାଉଅଛି, ସେ ସମ୍ପର୍କରେ ନାନାଦି ବିଷୟ ଲୋକମାନଙ୍କୁ ଦେଖା ହୋଇଥିଲା । ଡେରାଡୁନର ବନ୍ୟ ଗବେଷଣା କେନ୍ଦ୍ର ଓ ରାଞ୍ଚିର ଲାଖ ଗବେଷଣା କେନ୍ଦ୍ରରୁ ନାନାପ୍ରକାର ନମନୀୟ ପଦାର୍ଥ ( plastics ) ରୁ ତିଆରି ହୋଇଥିବା କେତେ ପ୍ରକାର ନିତ୍ୟ ବ୍ୟବହାର୍ଯ୍ୟ ପଦାର୍ଥ ପ୍ରଦର୍ଶନୀକୁ ଆସିଥିଲା ।

୧୯୪୮ ମସିହାରେ କଲିକତାରେ ହୋଇଥିବା ଜାତୀୟ ଅଧିବେଶନ ପରେ ଜନସଂଖ୍ୟା ସମସ୍ୟାରେ ବିଶିଷ୍ଟ

Digitized by srujanika@gmail.com

ବୈଜ୍ଞାନିକମାନଙ୍କ ଦ୍ୱାରା ପାଠ୍ୟ ବକ୍ତୃତା ଦେବାର ବନ୍ଦୋବସ୍ତ କରାଯାଇଥିଲା । ପ୍ରଥମ ଦିନ ସନ୍ଧ୍ୟାବେଳେ ଭାରତର ପ୍ରସିଦ୍ଧ ବୈଜ୍ଞାନିକ ସାର ସି, ଭି, ରମଣ୍ ମାସ ବିଷୟରେ ଗୋଟିଏ ବକ୍ତୃତା ଦେଇଥିଲେ । ଉକ୍ତ ସଭାରେ ପଣ୍ଡିତ ଜହରଲାଲ ନେହେରୁ ସଭାପତିଙ୍କର ଆସନ ଅଲଙ୍କୃତ କରିଥିଲେ । ତହିଁ ପରଦିନ ପୃଥିବୀର ବିଖ୍ୟାତ ବୈଜ୍ଞାନିକ ପି, ଏମ୍, ଏସ୍, ବ୍ଲାକେଟ 'କସ୍‌ମିକ୍ ରଶ୍ମି ସମ୍ବନ୍ଧରେ ଆଧୁନିକ ଗବେଷଣା' ବିଷୟରେ ବକ୍ତୃତା ଦେଇଥିଲେ । ତୃତୀୟ ଦିନ ଦୁଇଗୋଟି ବକ୍ତୃତା ଦେବାର ବନ୍ଦୋବସ୍ତ କରା ହୋଇଥିଲା । ଦ୍ୱିତୀୟ ଦିନଠାରୁ ଅଧିବେଶନର ଶେଷ ପର୍ଯ୍ୟନ୍ତ ନିମ୍ନଲିଖିତ ବୈଜ୍ଞାନିକମାନେ ବକ୍ତୃତା ଦେଇଥିଲେ ।

ଅଧ୍ୟାପକ ଅଲ୍‌ବର୍ଟ ହ୍ୱାକସ୍‌ଲେ

ଅଧ୍ୟାପକ ନିଉଟନ୍ ହ୍ୱାଇଟେ - 'ପ୍ରାଣୀ ଅଟେଳ'

ଅଧ୍ୟାପକ ଓ ଆର୍କି ଅନସନ - 'ମୋର ଶିକ୍ଷକ ଓ ସ୍ୱନବନ୍ଧୁ'

ଅଧ୍ୟାପକ ମୁନରୋ ଫକ୍ସ - 'ପ୍ରାଣୀଶ୍ୱାସ ବିଷୟରେ ଆଧୁନିକ ଗବେଷଣା'

ଅଧ୍ୟାପକ ସାଓ୍ୱଲେ - 'ବିସ୍ଫୋଟ'

ଅଧ୍ୟାପକ ମର୍ଡେଲ - 'ସମାନୁକଳନ'

ଅଧ୍ୟାପକଂରିଡ଼ଲ -

ଅଧ୍ୟାପକ ମେଘନାଦ ସାହା

ସାର ହ୍ୱେନସରଜେନ୍ସ - 'ଦୀପ୍ତ ନକ୍ଷତ୍ର'

ପ୍ରଥମଦିନ ଅଧିବେଶନ ଶେଷ ହେବା ଦ୍ୱିତୀୟ ଦିନଠାରୁ ବିଭାଗୀୟ ସଭାମାନ ବସିଲା । ଏହି ସଭାମାନଙ୍କରେ ବିଭାଗୀୟ ସଭାପତିମାନେ ସଭାପତିର କାର୍ଯ୍ୟ ଚଳାଇଥିଲେ । ପ୍ରତ୍ୟେକ ସଭାପତି ନିଜ ନିଜ ବିଭାଗରେ ଗୋଟିଏ ମୂଲ୍ୟବାନ ବକ୍ତୃତା ଦେଇଥିଲେ । ଉକ୍ତ ବକ୍ତୃତାଗୁଡ଼ିକ ଖୁବ୍ ସାରଗର୍ଭକ ଓ ଚିତ୍ତାକର୍ଷକ ହୋଇଥିଲା ।

*ଚାରି ତାରିଖ ଦିନ ଅପରବେଳା ଜାତୀୟ ପଦାର୍ଥ ବିଦ୍ୟା ବିଜ୍ଞାନାଗାର ( National Physical Laboratory ) ର ମୂଳଦୁଆ ସ୍ଥାପନ ପାଇଁ ଗୋଟିଏ ସାଧାରଣ ସଭା ଆହ୍ୱାନ କରାଯାଇଥିଲା । ବିଜ୍ଞାନାଗାର ଦିଲ୍ଲୀର ପୁସା କୃଷି ଗବେଷଣା ଅନୁଷ୍ଠାନ ନିକଟରେ ସ୍ଥାପିତ ହେବ ବୋଲି ପୂର୍ବରୁ ଠିକ୍ ହୋଇଥିଲା । ଭାରତର ମଧ୍ୟବର୍ତ୍ତୀକାଳୀନ ସରକାରର ଉପସଭାପତି ପଣ୍ଡିତ ଜବାହରଲାଲ ନେହେରୁ ଏହାର ମୂଳଦୁଆ ସ୍ଥାପନ କରିଥିଲେ । ଏହି ସଭାରେ ମୂଲ୍ୟବାନ ବକ୍ତୃତା ଦେଇଥିଲେ ଭାରତର ପ୍ରସିଦ୍ଧ ବୈଜ୍ଞାନିକ ସାର ଶାନ୍ତି ସ୍ୱରୂପ ଭାଟନଗର । ଏ ଭାରତର ସ୍ୱାଧୀନତା ସଙ୍ଗେ ସଙ୍ଗେ ଦେଶର ବିଜ୍ଞାନ କିପରି ଅଗ୍ରଗତି କରିବା ଦରକାର ଭାଟନଗର ସେକଥା ବୁଝାଇଥିଲେ । ଭାରତୀୟ ଯୋଜନା କମିଟି, ଦ୍ୱାରା ( National Planning Committee India ) ର ରିପୋର୍ଟ ପ୍ରସ୍ତାବିତ ସାତଗୋଟି ମୌଳିକ ଗବେଷଣା ଅନୁଷ୍ଠାନ (Fundamental Research Institute) ମଧ୍ୟରୁ ଯେ ଏହା ଗୋଟିଏ ଏଥିରେ ସନ୍ଦେହ ନାହିଁ । ବିଲାତର ଜାତୀୟ ପଦାର୍ଥ ବିଦ୍ୟା ଗବେଷଣାଗାରର ଅନୁକରଣରେ ଏହା କିପରି ଗଢ଼ିଉଠିଛି, ସେ ଭଲରୂପେ ବୁଝାଇଥିଲେ । ପଦାର୍ଥ ବିଦ୍ୟାରେ ଗବେଷଣା କରିବାକୁ ହେଲେ ଗୋଟିଏ କେନ୍ଦ୍ର ଅନୁଷ୍ଠାନ ଯେ ନିହାତ ଦରକାର ଓ ଏହି କେନ୍ଦ୍ର ଅନୁଷ୍ଠାନ ଉପରେ ଦେଶରେ ବିଜ୍ଞାନର ଉନ୍ନତି ଯେ ନିର୍ଭର କରୁଛି ଏଥିରେ ସନ୍ଦେହ ନାହିଁ ବୋଲି ସେ କହିଥିଲେ ।

---

* Science and culture vol. xii —1947 March No 9 Indian Science Congress Supplement.

⇔ Address by Prof. Sir Santi Swarup Bhatnagar, Director of Scientific and Industrial Research Science Congress pamphlet 1947 N. P. L. foundation store laying ceremony.


Digitized by srujanika@gmail.com

ବିଜ୍ଞାନ କଂଗ୍ରେସର ଅଧିବେଶନ ସଙ୍ଗେ ସଙ୍ଗେ ଭାରତୀୟ ବୈଜ୍ଞାନିକ ସମ୍ମିଳନୀ ( Scientific Workers Association ) ର ସମାବର୍ତ୍ତନ ଉତ୍ସବ ଅନୁଷ୍ଠିତ ହୋଇଥିଲା । ଏହି ସମ୍ମିଳନୀଟି କଲିକତାର ପ୍ରସିଦ୍ଧ ଅଧ୍ୟାପକ ଓ ବୈଜ୍ଞାନିକ ଡାକ୍ତର ମେଘନାଦ-ସାହାଙ୍କ ଆନୁକୂଲ୍ୟରୁ ଅନୁଷ୍ଠିତ ହୋଇଥିଲା ଓ ଏଥିରେ ଅସ୍ଥାୟୀ ଭାବରେ ଅଧ୍ୟାପକ ସାହା ସଭାପତିର କାର୍ଯ୍ୟ କରୁଥିଲେ । ଆମେରିକାର ବୈଜ୍ଞାନିକ ସମ୍ମିଳନୀ ଓ ଇଂଲଣ୍ଡର ବୈଜ୍ଞାନିକ ସମ୍ମିଳନୀର ଅନୁକରଣରେ ଏହି ସମ୍ମିଳନୀ ଗଠିତ ହୋଇଅଛି । ଭାରତରେ ବୈଜ୍ଞାନିକ ଓ ବିଜ୍ଞାନ ଛାତ୍ରମାନଙ୍କର ସୁବିଧା ଦେଖିବା ଓ ସେମାନଙ୍କ ମଧ୍ୟରେ ଯେପରି ବେକାର ସମସ୍ୟା ଉପସ୍ଥିତ ନ ହୁଏ ସେ ଦିଗରେ ଚେଷ୍ଟା କରିବା ଏହି ସମ୍ମିଳନୀର ପ୍ରଧାନ ଉଦ୍ଦେଶ୍ୟ ।

ଆସନ୍ତା ୩୫ଶ ଅଧିବେଶନ ପାଇଁ ସାର୍ ରାମ୍‌ନାଥ ଚୋପ୍ରା ( Sir RamnathChopra ) କଂଗ୍ରେସର ସାଧାରଣ ସଭାପତି ନିର୍ବାଚିତ ହେଲେ । ତାଙ୍କ ବ୍ୟତୀତ ଗଣିତ, ରସାୟନ, ପଦାର୍ଥ ବିଦ୍ୟା ଇତ୍ୟାଦି ବିଭାଗରେ ସଭାପତିମାନେ ନିର୍ବାଚିତ ହେଲେ । *

* Science and culturi Vol XII 1946- 47 No 9 page 483

Digitized by srujanika@gmail.com



# ଇଂରେଜ ସାହିତ୍ୟର ଗତିଧାରା

ଶ୍ରୀ ଶୁକଦେବ ଶର୍ମା

## ରୂପ ସାହିତ୍ୟର ଅଭ୍ୟୁତ୍ଥାନ ( ଖ୍ରୀ ୧୭୮୦ - ୧୮୪୦ )

ଅଷ୍ଟାଦଶ ଶତାବ୍ଦୀରେ ଇଂଲଣ୍ଡର ବୈଷୟିକ ସମୃଦ୍ଧି ତଥା ସଂସ୍କୃତିଗତ ଜୀବନ ସହର ଓ ଶିଳ୍ପକେନ୍ଦ୍ରକୁ ମେରୁ କରି ଗଢ଼ି ଉଠିଥିଲା; ସହରର ଗୃହଚାକଚକ୍ୟ, ବାହ୍ୟାଡମ୍ବର, ବାକ୍‌ସ୍ଫୂର୍ତ୍ତି, ଗୁଳିଚଳନ ଓ ଆଦବ-କାୟଦା ଗହଳରେ ମାନବ ହୃଦୟର ଗଭୀର ଭାବରାଶି କେଉଁଆଡ଼େ ହଜି ଯାଉଥିଲା, ପଲ୍ଲୀ ଓ ପ୍ରକୃତି ପ୍ରତି ଉପର ଏକ ଔଦାସୀନ୍ୟ ଭାବ; ଲୋକେ ଯୁକ୍ତିତର୍କରେ ମାତି ରହି କଳ୍ପନାବିମୁଖୀ ହୋଇ ବିଲକୁଲ କବିତ୍ୱହୀନ ହୋଇ ପଡ଼ୁଥିଲେ । ଏହିପରି ଅଗଭୀର, ଉଚ୍ଛ୍ୱାସହୀନ ନିଷ୍ପନ୍ଦ ଓ ଆକାଂକ୍ଷା ବିରହିତ ଜୀବନ କେତେଦିନ ଭଲଲାଗେ ? କ୍ରମେ ଏହି ସହରର ସଭ୍ୟତା ବିରୁଦ୍ଧରେ ପ୍ରତିକ୍ରିୟା ପ୍ରକାଶ ପାଇଲା, ଶିଳ୍ପର ପ୍ରସାର ଫଳରେ ଜାତୀୟ ଜୀବନର ଉନ୍ନତି ହେବବୋଲି ଲୋକେ ଯେଉଁ ମୋହରେ ମାତିଥିଲେ, ସେ ମୋହ ଜନତାର ମନରୁ କ୍ରମେ ଦୂରୀଭୂତ ହେବାକୁ ଲାଗିଲା । କାରଖାନାର ଗୃହ-କୋଣ ସଙ୍କୀର୍ଣ୍ଣ ଗଳି ଭିତରେ ଶ୍ରମିକମାନେ ଯେଉଁ ଦୁଃସ୍ଥ ଜୀବନଯାପନ କରୁଥିଲେ, ତାହା ପ୍ରତ୍ୟେକ ଚିନ୍ତାଶୀଳ ଲୋକଙ୍କୁ ବିବ୍ରତ କରି ପକାଇଲା । 'କି ଥିଲା ଏ ଦେଶ, କି ହେଲା ଆଜି' - ଏହି ଭାବ ବହୁ କବି ଓ ଭାବୁକଙ୍କ ମନରେ ବାରମ୍ବାର ଆଘାତ କଲା, ସେମାନେ ପଛକୁ ଫେରି ଚାହିଁଲେ ପଲ୍ଲୀ ଓ ପ୍ରକୃତି ବର୍ତ୍ତମାନ ତାଙ୍କ ପ୍ରାଣକୁ ଗଭୀରଭାବେ ଅଭିଭୂତ କରିବାକୁ ଲାଗିଲା ।

ଏହି ସମୟରେ ଇଂଲଣ୍ଡର ଜାତୀୟ ଜୀବନ ଉପରେ ଫ୍ରାନ୍ସର ପ୍ରଭାବ ଅତି ଗଭୀରଭାବେ ପଡ଼ିଥିଲା । ଫ୍ରାନ୍ସର ସମାଜରେ ସାମନ୍ତବାଦର ଯେ ପ୍ରଭୁତ୍ୱ ଥିଲା, ଶିଳ୍ପବିପ୍ଳବ ( ଖ୍ରୀ. ୧୭୮୯ ) ଫଳରେ ସେ ପ୍ରଭୁତ୍ୱ ବିରୁଦ୍ଧରେ ମିଲ ମାଲିକ ଓ ଶ୍ରମିକଶ୍ରେଣୀ ବିଦ୍ରୋହ କଲେ । ଭଲ୍‌ଟାୟାର ଓ ରୁଷୋଙ୍କ ଶକ୍ତିଶାଳୀ ଲେଖନୀନିଃସୃତ "ମୁକ୍ତି, ସାମ୍ୟ ଓ ମୈତ୍ରୀ"ର ବାଣୀରେ ସମଗ୍ର ଫ୍ରାନ୍ସର ଜନତା ଉଦ୍‌ବେଳିତ ହୋଇ ଉଠିଥିଲା । ଈଶ୍ୱର ସମସ୍ତଙ୍କୁ ସମାନ କରିଛନ୍ତି, ପ୍ରକୃତି ଏକ ଓ ଆରକ ମଧ୍ୟରେ ପାର୍ଥକ୍ୟ ରଖିନାହିଁ, ସମାଜରେ ଦଳେ ଲୋକ ଜୋର ଜବରଦସ୍ତ ଆପଣାକୁ ସାମନ୍ତ ବୋଲାଇ ଅନ୍ୟମାନଙ୍କ ଉପରେ ସେମାନଙ୍କର ପ୍ରଭୁତ୍ୱ ବଜାୟ ରଖିଛନ୍ତି

Digitized by srujanika@gmail.com

ଏହି ଅମଙ୍ଗଳ ବନ୍ଧନରୁ ମନୁଷ୍ୟକୁ ମୁକ୍ତିଲାଭ କରିବାକୁ ପଡ଼ିବ । ଏହି ନୂତନ ଚିନ୍ତାରେ ଫ୍ରାନ୍ସର ଜନତା ସଙ୍ଘବଦ୍ଧ ହୋଇ ରାଜତନ୍ତ୍ର ଲୋପ କରିବାକୁ ରକ୍ତାକ୍ତ ସଂଗ୍ରାମର ସମ୍ମୁଖୀନ ହେଲା, ୧୬ଶ ଲୁଇଙ୍କୁ ଫାଶି-କାଠରେ ଝୁଲାଗଲା ଓ ଫ୍ରାନ୍ସରେ ଗଣତାନ୍ତ୍ରିକ ସରକାର ପ୍ରତିଷ୍ଠା କରିବାକୁ ଉଦ୍ୟମୀ ହେଲା । ଫରାସୀ ବିପ୍ଳବ ୟୁରୋପ ତଥା ଇଂଲଣ୍ଡରେ କଳ୍ପନାଜଗତର ଦ୍ୱାର ଗୁଣ୍ଠିଲ୍ୟ ଖୋଲାଇ ଦେଇଥିଲା । ଇଂଲଣ୍ଡର କବିଙ୍କ ମନରେ 'ମୁକ୍ତି, ସାମ୍ୟ ଓ ମୈତ୍ରୀ'ର ଆଦର୍ଶ ମଧ୍ୟ ଘୃଣ୍ୟାଘାତ କଲା । କବି ଓ ଭାବୁକ ସମାଜର ଦୀର୍ଘକାଳର ଈଶ୍ୱରଦତ୍ତ ବ୍ୟବସ୍ଥା (ଏହାହିଁ ସାମନ୍ତବାଦୀ ସମାଜର ଖ୍ରୀଷ୍ଟିୟାନ ଧର୍ମ ଅଦ୍ୟାବଧି ପ୍ରଚାର କରି ଆସିଥିଲା) ମାନେ ନ କରି ନୂତନ ମାର୍ଗରେ ଚିନ୍ତା କରିବାକୁ ଲାଗିଲେ, ପ୍ରକୃତିକୁ ଅନାବିଳ ଆଦର୍ଶର ପ୍ରତୀକରୂପେ ଉପାସନା କଲେ, ପ୍ରକୃତି ମଙ୍ଗଳମୟ, କଲ୍ୟାଣକାରୀ ଓ ସତ୍ୟଶିବସୁନ୍ଦର ।

ଊନବିଂଶ ଶତାବ୍ଦୀର ପ୍ରଥମଭାଗ ଇଂରେଜୀ କବିତାରେ ଏକ ନୂତନ ଅଧ୍ୟାୟ ଖୋଲିଲା । ଅଷ୍ଟାଦଶ ଶତାବ୍ଦୀର କଳ୍ପନାବିମୁଖତାର ପ୍ରତିକ୍ରିୟା ରୂପେ ରୂପ-କଥାର ପ୍ରାବଲ୍ୟ ଏ ଯୁଗରେ ଲକ୍ଷିତ ହୁଏ । ସହରର ସଭ୍ୟତା, ସମାଜର ଅପ୍ରାକୃତିକତା ବିରୁଦ୍ଧରେ ବିଦ୍ରୋହୀ ଏ କାଳର କବିମାନେ ପଲ୍ଲୀର ସରଳ ଜୀବନ ପ୍ରତି ପ୍ରଶଂସାମୁଖର ହୋଇ ଉଠିଛନ୍ତି, 'ପ୍ରକୃତି' ମଧ୍ୟରେ କବିର ବିରାଟ ସତ୍ୟ ଅନୁଭବ କରିପାରିଛନ୍ତି । ଅଷ୍ଟାଦଶ ଶତାବ୍ଦୀର କବିମାନେ ଯେଉଁ ପରିମାଣରେ ବାସ୍ତବତାର ପକ୍ଷପାତୀ ଥିଲେ ଏ କାଳର କବି ସେହି ପରିମାଣରେ ଆଦର୍ଶବାଦୀ ।

ଏହି ଯୁଗର ସୂତ୍ରପାତ ପ୍ରକୃତରେ ଅଷ୍ଟାଦଶ ଶତାବ୍ଦୀର ଶେଷ ଭାଗରେ ହୋଇଥିଲା । ପୂର୍ବରୁ କହୁଥିଲୁ ଗୋଲ୍ଡସ୍ମିଥ୍ କାଉପର ତାଙ୍କର 'ଦି ଟାସ୍କ' କବିତାରେ ଶିଳ୍ପବିପ୍ଳବର ସମାଲୋଚନା ଓ ଅତୀତର ପଲ୍ଲୀ ଜୀବନକୁ ପ୍ରତ୍ୟୁଜ୍ଜୀବନ କରିଥିଲେ । ତାଙ୍କର ସମ-ସାମୟିକ କବି 'ବର୍ନ୍ସ' ( Burns ) ଗ୍ରାମ୍ୟଭାଷାରେ ପଲ୍ଲୀ ଜୀବନର ସୁନ୍ଦର ଗାନ କରି ଜନସାଧାରଣଙ୍କ ଅତି ପ୍ରିୟ କବି ହୋଇଥିଲେ ।

୧୭୯୮ ଖ୍ରୀଷ୍ଟାବ୍ଦରେ ଗାଥାଗୀତିକା ( Syrical Ballads ) ବୋଲି ୱାର୍ଡସ୍ୱର୍ଥ ଓ କୋଲରିଜଙ୍କର କବିତା ସଙ୍କଳନ ପ୍ରକାଶ ପାଏ । ରୂପ ସାହିତ୍ୟର ଯୁଗ ଏହି ବର୍ଷଠାରୁ ଆରମ୍ଭ ହେଲା ବୋଲି ସାଧାରଣତଃ ଧରାଯାଏ । ଏହି ଗାଥାଗୀତିକାର କବିତାମାନଙ୍କ ମଧ୍ୟରୁ କବି ୱାର୍ଡସ୍ୱର୍ଥ ଯେଉଁ କବିତାଗୁଡ଼ିକ ରଚନା କରିଛନ୍ତି ସେଗୁଡ଼ିକର ବିଷୟବସ୍ତୁ ଅତି ସାଧାରଣ, ବାସ୍ତବ ଜଗତର ଅନୁଭୂତିରୁ ଗୃହୀତ, କିନ୍ତୁ କବିଙ୍କର ଭାବୋଚ୍ଛ୍ୱାସର ମହିମା ସ୍ପର୍ଶରେ ତାହା ଅପାର୍ଥିବ ହୋଇ ଉଠିଛି । ଅପର ପକ୍ଷରେ କୋଲରିଜଙ୍କ କବିତା-ଗୁଡ଼ିକର ବିଷୟବସ୍ତୁ ଅପାର୍ଥିବ, କିନ୍ତୁ ବର୍ଣ୍ଣନା ଗୁଣରେ କବି ସେଗୁଡ଼ିକୁ ପ୍ରାକୃତିକ, ଅନୁଭୂତିଗ୍ରାହ୍ୟ ବିଷୟ କରି ପାରିଛନ୍ତି । ଏହି କବିତାଗୁଚ୍ଛ ପୂର୍ବଯୁଗର ବିଧିବଦ୍ଧ ଛନ୍ଦ, କଳ୍ପନାବିମୁଖୀ ଓ ନାଗରିକ ଭାବଧାରା ବିରୁଦ୍ଧରେ ବିଦ୍ରୋହ ଘୋଷଣା କରି ମୁକ୍ତତର ଛନ୍ଦ ଓ ଭାଷାରେ ମୁକ୍ତତର ଓ ଗଭୀର ଅନୁଭୂତିମାନ ବ୍ୟକ୍ତ କରିଅଛି । ସହର ଛାଡ଼ି ପ୍ରକୃତି ଓ ପଲ୍ଲୀଜୀବନର ରସ ଫୁଟାଇବାକୁ ଉଦ୍ୟମୀ ହୋଇଛି ।

ଏହି ରୂପ-ସାହିତ୍ୟ ଯୁଗର ସ୍ରଷ୍ଟା ଓ ଉଦ୍ଗାତାର ସମ୍ମାନ ୱାର୍ଡସ୍ୱର୍ଥଙ୍କୁ ଦିଆଯାଇଥାଏ । ୱାର୍ଡସ୍ୱର୍ଥଙ୍କ ଜୀବନ ସରଳ ଅଚଞ୍ଚଳ ଧାରାରେ ପ୍ରବାହିତ ହୋଇଥିଲା, ଉଚ୍ଛୃଙ୍ଖଳ ଘଟଣାବଳୀ ଦ୍ୱାରା ତାହା ବିଶୃଙ୍ଖଳମୟ ନୁହେଁ । ଆବାଲ୍ୟରୁ ଚିନ୍ତାଶୀଳ, ବିଦ୍ୟାନୁରାଗୀ, ୱାର୍ଡସ୍ୱର୍ଥ ତାଙ୍କର ସ୍କୁଲ ପଢ଼ାଦିନରୁ ହିଁ ସତ୍ୟର ସନ୍ଧାନରେ ଅସ୍ଥିର ହୋଇ ଉଠିଥିଲେ । ତାଙ୍କ ଜୀବନର ଏକ ଘଟଣା ବାହ୍ୟ ଜଗତର ଅସ୍ତିତ୍ୱ ସତ୍ୟ କି ମାୟା, ଏ ବିଷୟରେ ସନ୍ଦିହାନ ହୋଇ ୱାର୍ଡସ୍ୱର୍ଥ ଥରେ ପଥର କାନ୍ଥରେ ଚ, ଚ, ମୁଣ୍ଡ ପିଟିଥିଲେ ।

Digitized by srujanika@gmail.com

ୱାର୍ଡସ୍‌ୱାର୍ଥ ତଥା ଏ ଯୁଗର ପ୍ରାୟ ସବୁ କବି ସମାଧିତତ୍ତ୍ୱରେ ( mysticism ) ଆସ୍ଥାବାନ୍ ଥିଲେ । ସମାଧିସ୍ଥ ଅବସ୍ଥାରେ କବି ଅତୀନ୍ଦ୍ରିୟ ସତ୍ୟର (mystic truth ) ଦର୍ଶନଲାଭ କରନ୍ତି । ଏହି ସତ୍ୟ ହେତୁବାଦ୍ ସାହାଯ୍ୟରେ ପ୍ରତିପାଦିତ ହୋଇ ନ ପାରିଲେ ମଧ୍ୟ, କବି ତାହାର ସତ୍ୟତା ବିଶ୍ୱାସ କରନ୍ତି । ୱାର୍ଡସ୍‌ୱାର୍ଥ ବିଶ୍ୱାସ କରୁଥିଲେ ଯେ ପ୍ରକୃତିର ଶିଷ୍ୟତ୍ୱ ଗ୍ରହଣକରିବା-ଦ୍ୱାରା ଆମେ ଭଗବାନଙ୍କ ନିକଟତର ହୋଇପାରିବା; ପ୍ରକୃତିର ପ୍ରତ୍ୟେକ ପଦାର୍ଥ, ସାମାନ୍ୟ ଫୁଲ ଓ ଲତା, ସର୍ବବ୍ୟାପ୍ତ ପୁରୁଷ ଭଗବାନଙ୍କର ସତ୍ତା ଅନାବିଳ ଭାବରେ ଧାରଣ କରିଅଛି; ଆମର ସମାଜରେ, ମନୁଷ୍ୟର ଅନ୍ତରରେ ଯେଉଁ ସକଳ କୁତ୍ସିତତା ପରିଲକ୍ଷିତ ହୁଏ, ସେ ସକଳ ଦୂର କରିପାରେ କେବଳ ପ୍ରକୃତିର ସାନ୍ନିଧ୍ୟ । ପ୍ରକୃତିର ସାନ୍ନିଧ୍ୟ କଲୁଷହାରୀ, ଶାନ୍ତିପ୍ରଦ ଓ ନୈସର୍ଗିକ । ବ୍ଲେକ୍ କିନ୍ତୁ ୱାର୍ଡସ୍‌ୱାର୍ଥଙ୍କର ଓଲଟା କଥା କହିଛନ୍ତି । ସର୍ବପରିବ୍ୟାପ୍ତ ସତ୍ତାକୁ ଅନୁଭବ କରିବାରେ ପ୍ରଧାନ ଅନ୍ତରାୟ ହୋଇ ଛିଡ଼ା ହୋଇଛି - ପ୍ରକୃତି । ପ୍ରକୃତିରେ ବ୍ୟାଘ୍ର ପରି ହିଂସ୍ର ଓ ମେଷ ଛାଗଳ ପରି ନିରୀହ ଜୀବ ଦେଖିବାକୁ ମିଳେ, ଏହି ଅନୈକ୍ୟର ସମ୍ମୁଖୀନ ହୋଇ ମନୁଷ୍ୟ ସନ୍ଦିହାନ ହୋଇଉଠେ - ଏ କଣ ଏକ ଈଶ୍ୱରଙ୍କର ସୃଷ୍ଟି ? ପ୍ରକୃତିର ମାୟାଜାଲ ଛେଦ କରିପାରିଲେ କେବଳ ମନୁଷ୍ୟ ସର୍ବମୟ ଭଗବତ୍ ସତ୍ତାର ସନ୍ଧାନ ପାଇପାରିବ - ଅନ୍ୟଥା ନୁହେଁ । ସେଲି ବିଶ୍ୱାସ କରନ୍ତି ଆକାର ଓ ପ୍ରକାର ନେଇ ପଦାର୍ଥଗତ ସ୍ଥୂଳ ଚକ୍ଷୁରେ ଦୃଶ୍ୟମାନ ଏହି ସକଳ ଅନୈକ୍ୟସତ୍ତ୍ୱେ ଏକ ଅତୀନ୍ଦ୍ରିୟ ସୌନ୍ଦର୍ଯ୍ୟର ସତ୍ତା ବିଶ୍ୱମୟ ବ୍ୟାପିରହିଛି; ସକଳ କାର୍ଯ୍ୟ ସେହି ସୌନ୍ଦର୍ଯ୍ୟ ସତ୍ତାଦ୍ୱାରା ନିୟନ୍ତ୍ରିତ । ଏହି ପାର୍ଥିବ ବନ୍ଧନରୁ ମୁକ୍ତିହିଁ କେବଳ ଆମକୁ ସେହି ଅମର ସତ୍ତାର ଆଲୋକ ଦେଇପାରିବ । ସମାଧିତତ୍ତ୍ୱଲବ୍ଧ ସତ୍ୟ ଏକ ଅପରଠାରୁ ପୃଥକ୍ ହୋଇଥିଲେ ମଧ୍ୟ ସେହି ସତ୍ୟର ଅନୁପ୍ରେରଣା କବିଙ୍କର କଣ୍ଠରେ ବିଶ୍ୱାସଜନିତ ଉଚ୍ଛ୍ୱସିତ ବାଣୀ ଆଣିଦିଏ । ସତ୍ୟୋପଲବ୍ଧି ଆନନ୍ଦରେ ଏ ଯୁଗର କବିମାନେ ମୁଖର, ଭାବାତୁର । ଏହି ହେତୁ ଏହି ଯୁଗ ବହୁସଂଖ୍ୟକ ଗୀତି କବିତା ( Zyrical poems ) ଦ୍ୱାରା ଇଂରେଜ ସାହିତ୍ୟକୁ ସଜୀବ ଓ ସମୃଦ୍ଧ କରିଥିଲା ।

କବି ସାମୁଏଲ ଟେଲର୍ କଲେରିଜ୍ ( coleridge ) ୱାର୍ଡସ୍‌ୱାର୍ଥଙ୍କ ଘନିଷ୍ଠ ବନ୍ଧୁ ଥିଲେ । କଲେରିଜ୍‌ଙ୍କର ଅସାଧାରଣ ପ୍ରତିଭା ଥିଲା । ଅତ୍ୟଳ୍ପ ବାକ୍ୟ ପ୍ରୟୋଗରେ ସେ ଯେପରି ଭାବରେ ରୂପ ରସ ଦେଇ ବର୍ଣ୍ଣନା କରି-ପାରୁଥିଲେ, ତାହା ପାଠକ ଓ ସମାଲୋଚକଙ୍କୁ ମୁଗ୍ଧ ଚକିତ କରିଥାଏ । ଏହି ବର୍ଣ୍ଣନା ଗୁରୁତ୍ୱ ଫଳରେ ସେ ଅଧିଭୌତିକ ଘଟନାବଳୀକୁ ସ୍ୱାଭାବିକ କରି ଥାପି ପାରୁଥିଲେ । କବି କିନ୍ତୁ ଅଳ୍ପ ବୟସରେ ଅଫିମ ନିଶାର ବଶବର୍ତ୍ତୀ ହୋଇ ପଡ଼ିବାରୁ ତାଙ୍କର ପ୍ରତିଭା ବିଶେଷ ବିକାଶଲାଭ କରିପାରିଲା ନାହିଁ । ତଥାପି 'ପୁରାତନ ନାବିକ', 'କ୍ରିଷ୍ଟାବେଲ୍', ଅସମାପ୍ତ 'କୁବ୍ଲେ ଖାଁ' କବିତାମାନ ତାଙ୍କୁ ଇଂରେଜ ସାହିତ୍ୟରେ ବିଶିଷ୍ଟ ଆସନ ଦେଇଅଛି ।

ରୁଷୋ ଓ ଭଲ୍‌ଟେୟାରଙ୍କ କଣ୍ଠରେ ଯେଉଁ 'ସାମ୍ୟ ମୁକ୍ତି ଓ ମୈତ୍ରୀ' ଫରାସୀ ବିପ୍ଳବର ମୂଳମନ୍ତ୍ର ହୋଇଥିଲା, ସାମନ୍ତବାଦର ମୂଳୋତ୍ପାଟନ ଓ ଗଣତାନ୍ତ୍ରିକ ସମାଜର ପ୍ରତିଷ୍ଠାରେ ଜୀବନର ଯେଉଁ ସମ୍ଭାବନା ବିକାଶଲାଭ କରିଥିଲା, ତାହାରି ବିହ୍ୱଳ ବାଣୀ, ଇଂଲଣ୍ଡର ଯୁବଶକ୍ତିର ଅଧିନାୟକ ବାଇରନ୍ ( Byron ) ସେଲି (Shelley) ଓ କିଟ୍‌ସ ( keats ) ଙ୍କ ଲେଖନୀରେ ଫୁଟିଉଠିଲା । ଦୂର ଅତୀତ ଯେତେବେଳେ କିଟ୍‌ସଙ୍କ ଚିନ୍ତାଧାରାକୁ ରଞ୍ଜିତ କରିଛି, ଯେତେବେଳେ ସେଲିଙ୍କର ବଳଶାଳୀ କଳ୍ପନା ଭବିଷ୍ୟତ୍ ପ୍ରତି ଧାବିତ, ବାଇରନ୍ ସେତେବେଳେ ଉଦ୍ଦାମ ଜୀବନ ନେଇ ବ୍ୟସ୍ତ । ପିଲାଦିନୁ କବର ପାଇବା ପର୍ଯ୍ୟନ୍ତ ବାଇରନ୍‌ଙ୍କ ଜୀବନ ପାରିବାରିକ, ସାମାଜିକ, ନୈତିକ, ଆର୍ଥିକ ଓ ରାଜନୈତିକ ନାନା କ୍ଲେଶ ଦ୍ୱାରା ବନ୍ଧୁର, ଦୁଃଖମୟ । ତାଙ୍କର ସୁନ୍ଦର ଦେହରେ ଲେଙ୍ଗଡ଼ାଗୋଡ଼ ଏକ ବିରୋଧ ସୃଷ୍ଟି କରିଥିଲା; ଚରିତ୍ରଗତ ଦୋଷ ତାଙ୍କର ଥିଲା ଅନେକ । ସକଳ ଦୋଷ ସତ୍ତ୍ୱେ ବାଇରନ୍ ତାଙ୍କ ଯୁଗର ଥିଲେ

Digitized by srujanika@gmail.com

ଜଣେ ବଳଶାଳୀ ଲେଖକ । ସେକ୍ସପିୟରଙ୍କ ପରେ ୟୁରୋପଖଣ୍ଡରେ ଦେଶେ ଦେଶେ ସମ୍ମାନାର୍ହ ହୋଇଥିଲେ ବାଇରନ୍ ଓ ତାଙ୍କର ପ୍ରଭାବ ୟୁରୋପୀୟ ସାହିତ୍ୟକୁ ପ୍ରଭାବିତ କରି ପାରିଥିଲା । ବାଇରନ୍ ତାଙ୍କର ଆଦର୍ଶବାଦକୁ ଜୀବନ୍ତ ଜୀବନ ପ୍ରତି ପ୍ରୟୋଗ କରି ଅନ୍ୟାୟ ଓ ଅତ୍ୟାଚାରର ତୀବ୍ର ପ୍ରତିବାଦ କରି ଉଠିଥିଲେ, ଗ୍ଲାନି ଓ କୁଶାସନ ବିରୁଦ୍ଧରେ ବିଦ୍ରୋହ ଘୋଷଣା କରିଥିଲେ । ଜନତାର ମୁକ୍ତି ଲାଗି ତାଙ୍କର ଲେଖନୀ ଚାଳନା କରିଥିଲେ । ତାଙ୍କ ସୃଷ୍ଟ ଚରିତ୍ରମାନେ ବାଇରନ୍‌ଙ୍କ ଚିନ୍ତାଧାରାର ଅନୁରୂପ - ଦୁଃସାହସିକ, ଉଦ୍ଧତ, ଅଧୀର, ତେଜୋମୟ ଓ ପ୍ରେମିକ ପୁରୁଷ, ଯେ କେହି ଅନ୍ୟାୟ ଦେଖେ, ସେଠି ଯୁଦ୍ଧ ଘୋଷଣା କରେ । ତାଙ୍କର କବିତା କୌଣସି ସମାଧିତତ୍ତ୍ୱର ଅଧ୍ୟାତ୍ମିକ ଚେତନା ଦ୍ୱାରା ଝଂକୃତ ନହେଲେ ବି ତୀବ୍ର ଅନୁଭୂତି ତାଙ୍କର ସ୍ୱରକୁ କରିଛି ତେଜୋଦୃପ୍ତ, ଭାଷାକୁ ତୀବ୍ର ଓ ଭାବକୁ ବଳଶାଳୀ । ଭାବର ଉନ୍ମାଦନାରେ କବି ଏପରି ବିଚଳିତ ହୋଇପଡନ୍ତି ଯେ ଭାଷାର ଦୁର୍ବଳତା ତାଙ୍କର ଆଦୌ ନଜର ପଡ଼େନାହିଁ । ଫଳତଃ ତାଙ୍କର କବିତାରେ ବହୁ ସ୍ଥଳରେ ଭାଷା ଗଦ୍ୟର ଭାଷା, ଛନ୍ଦହୀନ ଓ ଲାଳିତ୍ୟ ବର୍ଜିତ । ୟୁରୋପରେ ତାଙ୍କର ବିପୁଳ ନାମ ସତ୍ତ୍ୱେ ଇଂରେଜସାହିତ୍ୟରେ ତାଙ୍କର ଉଚ୍ଚ ଶ୍ରେଣୀ ନୁହେଁର ସମାଲୋଚକମାନେ ତାଙ୍କଲାଗି ଏକ ନିମ୍ନସ୍ତର ନିର୍ଦ୍ଧାରିତ କରିଛନ୍ତି । ତାଙ୍କ କବିତାରେ ସୁନ୍ଦର ସୁନ୍ଦର ଅତି ଚମତ୍କାର ପ୍ରାକୃତିକ ବର୍ଣ୍ଣନା ଦେଖିବାକୁ ମିଳେ - ଅତି ବାସ୍ତବ, ଜୀବନ୍ତ ଓ ସତ୍ୟମୂଳକ ଛବି । ସମାଲୋଚକମାନଙ୍କର ବିରୋଧ ସତ୍ତ୍ୱେ, ଏ କଥା ସମସ୍ତେ ସ୍ୱୀକାର କରନ୍ତି ଯେ ବାଇରନ୍ ତାଙ୍କ ଯୁଗର ସର୍ବଶ୍ରେଷ୍ଠ ପ୍ରତିଭାବାନ୍ କବି ଥିଲେ ଓ ତାଙ୍କର ଦୃଷ୍ଟି ଦୂରପ୍ରସାରୀ ଥିଲା । ଗ୍ରୀସର ସ୍ୱାଧୀନତା ସଂଗ୍ରାମ ଚେତେଇଦେଲେ ତେଜ ଜ୍ୱାଳ, ମୁକ୍ତିର ପ୍ରତୀକ କବି ବାଇରନ୍ ଚିନ୍ତା ଓ ଭାବରାଜ୍ୟରେ ନିଜକୁ କଳ ରଖିପାରିଲେ ନାହିଁ - ଯୁଦ୍ଧର ଗୋଳାବାରୁଦ ଭିତରକୁ ସେ ଆପଣା ଛାଏଁ ଝାସଦେଲେ । ସେଠିରେ ଅତ୍ୟଧିକ ଶାରୀରିକ ପରିଶ୍ରମ ହେତୁ ସେ ରୋଗାକ୍ରାନ୍ତ ହୋଇ ଯୁବା ବୟସରେ ଦେହତ୍ୟାଗ କଲେ । ଜନତାର ମୁକ୍ତିକାମୀ କବିଙ୍କର ଅଧିକ ସଙ୍ଗତ ମରଣ କଣ ହୋଇପାରେ ? ବାଇରନ୍‌ଙ୍କର ପ୍ରଧାନ କାବ୍ୟ ମଧ୍ୟରେ - ଚାଇଲ୍ଡ ହାରଲ୍ଡ, ଡନ୍‌ଜୁଆନ୍, ମାନ୍‌ଫ୍ରେଡ୍ ଓ ଲରା ।

ସେଲି ଆବାଲ୍ୟରୁ କଳ୍ପନାବିଳାସୀ ଥିଲେ; ମୁକ୍ତି-କାମନା ତାଙ୍କ ଚରିତ୍ରର ବୈଶିଷ୍ଟ୍ୟ । ହେରିୟେଟ୍ ୱେଷ୍ଟବ୍ରୁକ୍ ନାମକ ବାଳିକାର ପ୍ରତି ପାରିବାରିକ ଜୀବନରେ ଯେ ଅନ୍ୟାୟ ହେଉଥିଲା, ତାହାର ପ୍ରତିବାଦ କରିବାକୁ ଯାଇ ସେଲି ଶେଷରେ ତାହାକୁ ବିବାହ କରିଥିଲେ । କିନ୍ତୁ କିଛିକାଳ ପରେ ସେଲି ପ୍ରଥମେ ପତ୍ନୀକୁ ପରିତ୍ୟାଗ କରି ଦ୍ୱିତୀୟବାର ଦାରପରିଗ୍ରହ କଲେ । ସେଲି ମଧ୍ୟ ବାଇରନ୍‌ଙ୍କ ପରି ମୁକ୍ତି ସଂଗ୍ରାମର ସୈନିକ ହେବା ଲାଗି ଇଂଲଣ୍ଡ ଛାଡି ଆୟର୍ଲାଣ୍ଡ ଯାଇଥିଲେ କିନ୍ତୁ ସେଠାକାର କୌଣସି ପରିସ୍ଥିତି ଉତ୍ସାହ ପ୍ରକାଶ କରି ନ ଥିବାରୁ ତାଙ୍କୁ ନିରାଶ ହୋଇ ପ୍ରତ୍ୟାବର୍ତ୍ତନ କରିବାକୁ ପଡ଼ିଥିଲା । ତିରିଶ ବର୍ଷ ସମୟରେ ନୌକା କ୍ରୀଡା କରୁ କରୁ ଇଟାଲୀରେ ତାଙ୍କର ଆକସ୍ମିକ ମୃତ୍ୟୁ ଘଟିଲା ।

ସେଲି ଜୀବନ୍ତ ଜୀବନର ଦାରିଦ୍ର୍ୟ, ଅନ୍ୟାୟ ଓ କୁତ୍ସିତତାରେ ମର୍ମାହତ ହୋଇ ଏକ ସୁସ୍ଥ, ଆଦର୍ଶମୟ ଭବିଷ୍ୟତର କଳ୍ପନା କରିଛନ୍ତି । ଏହି ସଂସାରକୁ ନୂଆ ଏକ ଛାଞ୍ଚରେ ଢାଳିବା, ପୃଥିବୀ ଉପରେ ନନ୍ଦନ ସୃଷ୍ଟି କରିବା ତାଙ୍କର କାମନା । ମାନବ ସମାଜର ପ୍ରଗତି ପ୍ରେମବଳରେହିଁ ସମ୍ଭବ; ନୈସର୍ଗିକ ଭାବ କେହିଁ ପ୍ରେମର ତୁଳିକାରେ ପ୍ରତ୍ୟେକ ପଦାର୍ଥକୁ ସୁନ୍ଦର କରିଦିଏ । ଦାସତ୍ୱ ଓ ବନ୍ଧନ ଏ ସଂସାରର ସକଳ କଳୁଷ ଓ କୁତ୍ସିତତା ଲାଗି ଦାୟୀ - ବାହ୍ୟ ବନ୍ଧନକୁ ଭାଙ୍ଗିଦେଇ ଅନ୍ତରର ବାଣୀ ଦ୍ୱାରା ଚାଳିତ ହୁଅ - ଜୀବନର ସେହି ମାର୍ଗରେହିଁ ପ୍ରକୃଷ୍ଟ ବିକାଶ । 'ଇସ୍‌ଲାମ୍‌ର ବିଦ୍ରୋହ' 'ବନ୍ଧନହୀନ ପ୍ରୋମିଥିୟସ୍', 'ଅପରାଜିତା ଗୀତିନାଟ୍ୟ' ପ୍ରଭୃତି କବିତାରେ ସେ ଏହି ସମାଧିତତ୍ତ୍ୱ ବ୍ୟାଖ୍ୟାନ କରି ଯାଇଛନ୍ତି, ସମାଜକୁ ଏହି ନିର୍ଦ୍ଦେଶ ଦେଇ ଯାଇଛନ୍ତି । ସେଲିଙ୍କର ଭାଷା କଳ୍ପନାଦୀପ୍ତ, ଭାବମୟ, ଚୁମ୍ବକୁଳ

Digitized by srujanika@gmail.com

ଓ ଗୋମୟ ।

କିଟ୍‌ସଙ୍କ କଣ୍ଠରେ ସମାଜତତ୍ତ୍ୱର 'ୟୁରେକା' ନାହିଁ କୌଣସି ନୈସର୍ଗିକ ଭାବଦ୍ୱାରା ତାଙ୍କର ଚିନ୍ତାରାଶି ଉତ୍‌କ୍ଷିପ୍ତ ନୁହେଁ । ବସ୍ତୁଗତ ସୌନ୍ଦର୍ଯ୍ୟରେ ସେ ମୁଗ୍ଧ; ରୂପରସଗନ୍ଧମୟ ଏ ଜୀବନର ସୁଖଦୁଃଖ, ଆନନ୍ଦ ଓ ଅଶ୍ରୁ ସମ୍ପଦ, ଅତି ପ୍ରିୟ । ଏ ଜୀବନକୁ, ଏ ଦୁନିଆକୁ, ସେ ବଦଳାଇବାକୁ ଚାହାନ୍ତି ନାହିଁ - କେବଳ ଭଲ ପାଆନ୍ତି । ତାଙ୍କର କବିତାର ସ୍ୱର ଅତି ନରମ, ଦରଦୀ, ପ୍ରାଣସ୍ପର୍ଶୀ । 'ଇସାବେଲା', 'ଏଣ୍ଡିମିୟନ୍', 'ଅଟମାନ୍ତ' 'ହାଇପେରିୟନ୍' ଓ କେତେଗୁଡ଼ିଏ ଗୀତି କବିତା ଲେଖି ଅଳ୍ପ ବୟସରେ - ଛବିଶ ବର୍ଷ ବୟସକାଳରେ ଯକ୍ଷ୍ମା-ରୋଗରେ ସେ ଦେହତ୍ୟାଗ କଲେ । ତାଙ୍କର କବି-ପ୍ରତିଭା ପୂର୍ଣ୍ଣତା ଲାଭ କରିବାକୁ ଅବସର ପାଇନାହିଁ କିନ୍ତୁ ଯେ କେତୋଟି ଲେଖା ସେ ଇଂରେଜୀ ସାହିତ୍ୟକୁ ଦେଇଯାଇଛନ୍ତି ସେଥିରେ ତାଙ୍କର ଆପଣା ଅନୁଭୂତିରେ 'ସୁନ୍ଦରରେ ତୃପ୍ତିର ଅବସାଦ ନାହିଁ' କିଟ୍‌ସଙ୍କର 'A thing of Beauty is joy for ever ) ର ପ୍ରତିଧ୍ୱନି ।

କବି ହିସାବରେ ସାର ୱାଲ୍‌ଟର୍ ସ୍କଟ୍‌ଙ୍କୁ ମନେ-ରଖିବାର ଯଥେଷ୍ଟ କାରଣ ଥିଲେମଧ୍ୟ ଔପନ୍ୟାସିକ ରୂପେ ସେ ଅଧିକ ପରିଚିତ ଥିଲେ । ସ୍କଟଲଣ୍ଡର ରାଜଧାନୀ ଏଡିନବରାରେ ଜନ୍ମ, ସ୍କଟ୍ ପାର୍ବତ୍ୟ ଅଞ୍ଚଳର ଜୀବନ ସହିତ ବିଶେଷ ପରିଚିତ ଥିଲେ । ତାଙ୍କର ଉପନ୍ୟାସ ସ୍କଟ୍‌ଲାଣ୍ଡର ଅତୀତ ଜୀବନକୁ ରୂପଦାନ କରିଛି, ସାମନ୍ତ-ମାନଙ୍କର ଉଚ୍ଛୃଙ୍ଖଳ ବୀରତ୍ୱ ଓ ଦୁଃସାହସିକ କର୍ମର ବର୍ଣ୍ଣନା କରିଛି, ଯୁଦ୍ଧ ଓ ହତ୍ୟା, ଅବରୋଧ ଓ ମୁକ୍ତିର କାହାଣୀ କହିଛି । ଭାଷା ପ୍ରତି ବିଶେଷ ନଜର ଦେଇ-ନ ଥିଲେ ବି କଥାବସ୍ତୁର ମାଦକତାରେ ସେ ପାଠକ-ମାନଙ୍କୁ ଭସାଇ ନେଇଯାନ୍ତି । ସ୍କଟ୍ ବହୁତଗୁଡ଼ିଏ ଉପନ୍ୟାସ ଲେଖିଯାଇଛନ୍ତି, ଯେ ସବୁ ୱେଭର୍ଲି ଉପନ୍ୟାସମାଳା ନାମରେ ବିଖ୍ୟାତ । କବିତାରେ ମଧ୍ୟ ସେହି ପ୍ରକାର ଅତୀତ ଚରିତ । 'ଶେଷ କବିର ପଦ୍ୟ' 'ମାର୍ମିଅନ୍' ଓ 'ହ୍ରଦର ରମଣୀ' ତାଙ୍କର କାବ୍ୟ ।

ମୁଁ ମାତ୍ର ଅଳ୍ପସଂଖ୍ୟକ କବି ଓ ଲେଖକଙ୍କର ପରିଚୟ ଦେଲି । ଏମାନଙ୍କ ଛଡ଼ା ଏ ଯୁଗରେ ବହୁ କବି ଓ ଲେଖକ ସେମାନଙ୍କର ଦାନରେ ସାହିତ୍ୟକୁ ସମୃଦ୍ଧ କରିଛନ୍ତି । ଏ ଯୁଗ ପ୍ରଧାନତଃ କବିତାର ଯୁଗ । ନୂତନ ନୂତନ ଛନ୍ଦର ସୃଷ୍ଟି, ସାବଲୀଳ ଆବେଦନ-ଭଙ୍ଗୀ, ଶତଚିତ୍ରସମ୍ବଳିତ ରୂପଜାଲ, ଉଚ୍ଛ୍ୱାସର ଗଭୀରତା ଆବେଗର କ୍ଷିପ୍ରତା, କଳ୍ପନାର ବନ୍ଧନହୀନ ଗତି ଓ ଚିନ୍ତାଧାରାର ବହିର୍ମୁଖ ପରିସର - ଏ ସବୁ ଏକତ୍ର ଏ ଯୁଗକୁ ଇଂରେଜ ସାହିତ୍ୟର ଏକ ଗୌରବମଣ୍ଡିତ ଅଧ୍ୟାୟରେ ପରିଣତ କରିଛି ।

Digitized by srujanika@gmail.com

## ପୁସ୍ତକ ପରିଚୟ

**୧ । ନୂତନ ଓଡ଼ିଆ ପତ୍ରିକା :—**

ଏ ମଧ୍ୟରେ ଆମ୍ଭେମାନେ "ବୀଣା", "ଯୁଗଯାତ୍ରୀ" ଓ "ଜ୍ୟୋତ୍ସ୍ନା" ଏଇ ତିନୋଟି ନୂତନ ଓଡ଼ିଆ ପତ୍ରିକା ଉପହାର ପାଇଛୁଁ ।

ବୀଣା — ବିଚ୍ଛିନ୍ନାଞ୍ଚଳର ଏକମାତ୍ର ମାସିକ ପତ୍ରିକା ରୂପେ ଶ୍ରୀଯୁକ୍ତ ମଧୁସୂଦନ ଦେବ ବି: ଏ: ଙ୍କର ସମ୍ପାଦନା ନେଇ ବ୍ରହ୍ମପୁରରେ ପ୍ରକାଶ ପାଏ । ବାର୍ଷିକ ମୂଲ୍ୟ ସଡାକ ୫ ୪ ୯ ମାତ୍ର । ବିଚ୍ଛିନ୍ନ ଅଞ୍ଚଳରେ ଓଡ଼ିଆଜାତିର କଳା ସଂସ୍କୃତିର ପରିପୂର୍ଣ୍ଣ ବିକାଶ ସାଧନ ଓ ପୂର୍ଣ୍ଣାଙ୍ଗ ଉତ୍କଳ ଗଠନ ପାଇଁ ନୂଆ ଜାଗରଣ ଆଣିବା ମନ୍ତ୍ର ତାର ଉଦ୍ଦେଶ୍ୟ ବୋଲି ଅନୁମିତ ହୁଏ । ପ୍ରଥମ ସଂଖ୍ୟାରେ ସମୟୋପଯୋଗୀ ଲେଖାର ପ୍ରକାଶ ଦେଖି ଖୁସିହେଲୁଁ । ଆମେ ପତ୍ରିକାର ଦୀର୍ଘଜୀବନ କାମନା କରିବା ସଙ୍ଗେ-ସଙ୍ଗେ ବିଚ୍ଛିନ୍ନ ଅଞ୍ଚଳର କର୍ମୀବୃନ୍ଦଙ୍କୁ ଅନୁରୋଧ କରୁଁ ଯେ 'ବୀଣା' ର ପ୍ରସାର ପାଇଁ ସେମାନେ ଯେପରି ଚେଷ୍ଟା କରିବେ, ଉତ୍କଳର ଅନ୍ୟାନ୍ୟ ମୁଖପତ୍ର ଗୁଡ଼ିକର ପ୍ରସାର ଦିଗରେ ସେମାନଙ୍କର ସେହି ଚେଷ୍ଟାର ଅଭାବ ରହିବ-ନାହିଁ ।

ଯୁଗଯାତ୍ରୀ — ସ୍ୱର୍ଣ୍ଣପ୍ରଭା ପାଠାଗାର ନୟାଗଡ଼ରୁ ତ୍ରୈମାସିକ ପତ୍ର ରୂପେ ପ୍ରକାଶିତ ହୋଇଅଛି । ବାର୍ଷିକ-ମୂଲ୍ୟ ସଡାକ ୫ ୧ । ୮ । ଦ୍ୱିତୀୟ ସଂଖ୍ୟାରେ ପାଠୋପଯୋଗୀ ଲେଖା ଆମ୍ଭମାନଙ୍କୁ ଖୁସି କରିଛି । ଆମେ ଏହାର ପରସଂଖ୍ୟାଗୁଡ଼ିକୁ ଆହୁରି ସୁନ୍ଦରଭାବରେ ଦେଖିବାର ଆଶା ପୋଷଣ କରୁଁ ।

ଜ୍ୟୋତ୍ସ୍ନା — ଜାଗରଣ ଗ୍ରନ୍ଥାଗାର, ନୟାଗଡ଼ରୁ ତ୍ରୈମାସିକ ପତ୍ର ରୂପେ ପ୍ରକାଶିତ । ପୃଷ୍ଠପୋଷକ ନୟାଗଡ଼ାଧୀଶ୍ୱର ରାଜା ଶ୍ରୀ କୃଷ୍ଣଚନ୍ଦ୍ର ସିଂହ ମାନ୍ଧାତା । ସମ୍ପାଦକଙ୍କ ବ୍ୟତୀତ ଆଉ ସାତଜଣ ବିଶିଷ୍ଟ ସାହିତ୍ୟିକଙ୍କୁ ନେଇ ଏକ ସମ୍ପାଦକ ମଣ୍ଡଳୀ ଗଢ଼ାଯାଇଛି । ପ୍ରଥମ ସଂଖ୍ୟାର ଲେଖା ମଧ୍ୟରେ ଦକ୍ଷଯଜ୍ଞ, ଅଁଳାଧାର, ଅଭିନବର୍ତ୍ତୀ, ସ୍ମୃତି ପ୍ରଭୃତି କେତୋଟି ଲେଖା ଉଚ୍ଚ-ଦରର ବୋଲି ମନେହେଲା । ପୃଷ୍ଠପୋଷକଙ୍କ ନିର୍ଦ୍ଦେଶାନୁସାରେ ଏହି ତ୍ରୈମାସିକଟି ମାସିକ ପତ୍ର ରୂପେ ପ୍ରକାଶ ପାଇବାର ସମ୍ଭାବନା । ଆମେ ଏହି ଶୁଭ କ୍ଷଣର ପ୍ରତୀକ୍ଷାରେ ରହିଲୁଁ ।

**୨ । ପହିଲି ବଉଳଦର ଅଶ୍ରୁ :—**

ଲେଖକ ଶ୍ରୀ ସଚ୍ଚିଦାନନ୍ଦ ପଟ୍ଟନାୟକ । ଅରୁଣୋଦୟ ପ୍ରେସରୁ ପ୍ରକାଶିତ ହୋଇଛି । ମୂଲ୍ୟ ଆଠଅଣା ମାତ୍ର । ଛଅଟି ଗଳ୍ପ ଏହି ପୁସ୍ତକରେ ସ୍ଥାନ ପାଇଛି । ତରୁଣ ଗଳ୍ପ ଲେଖକଙ୍କର ଏହି ଅଭିନବ ଉଦ୍ୟମକୁ ପ୍ରଶଂସା କରିବାକୁ ହେବ । ବାସ୍ତବ ଅନୁଭୂତିରେ କଳ୍ପନାର ରଙ୍ଗ ମିଶାଇ ଲେଖକ ଗଳ୍ପଗୁଡ଼ିକୁ ସୁଖପାଠ୍ୟ କରିପାରି ଅଛନ୍ତି । ଉତ୍କଳ-ଭାରତୀଙ୍କର ନୀରାଜନା ମଣ୍ଡପରେ ଆମେ ତାଙ୍କର ଅନ୍ୟ ଅବଦାନ ଆହୁରି ମାର୍ଜିତ ଭାବରେ ଦେଖିବାର ଆଶା ରଖିଲୁଁ ।

**୩ । ଉଡନ୍ତା ବୋମା :—**

ଲେଖକ ଶ୍ରୀ ଲକ୍ଷ୍ମୀନାରାୟଣ ମହାନ୍ତି । ଅରୁଣୋଦୟ ପ୍ରେସରୁ ପ୍ରକାଶିତ । ମୂଲ୍ୟ ବାରଅଣା ମାତ୍ର । ପ୍ରଚ୍ଛଦ-ପଟର ଛବି ମନୋହର ହୋଇଛି । ଛୋଟଗଳ୍ପ କେତୋଟି ପୁସ୍ତିକାର କଳେବର ମଣ୍ଡନ କରିଛି । ଲକ୍ଷ୍ମୀନାରାୟଣ ବାବୁ ଗଳ୍ପ ଲେଖକ ଭାବରେ ଉତ୍କଳରେ ସୁପରିଚିତ । ଉତ୍କଳର ମାସିକ ପତ୍ର ପତ୍ରିକାରେ ତାଙ୍କର ଗଳ୍ପ ପ୍ରକାଶ ପାଏ । ଉଡନ୍ତା ବୋମାରେ ପ୍ରକାଶିତ ଗଳ୍ପ ମଧ୍ୟରୁ କେତୋଟି ଉଚ୍ଚଦରର । ମନସ୍ତତ୍ତ୍ୱ ଆଡ଼କୁ ଗଳ୍ପଗୁଡ଼ିକର ପ୍ରକାଶଭଙ୍ଗୀ ଢଳିଲେ ଆହୁରି ଉପଯୋଗୀ ହୁଅନ୍ତା ।

**୪ । ଜାଗରଣ :—**

ଗତ ତା ୨୪ - ୮ - ୪୬ ଇ: ଦିନ କଲିକତାରେ

Digitized by srujanika@gmail.com

ଅନୁଷ୍ଠିତ 'ପ୍ରବାସୀ ଉତ୍କଳ ମଧୁ-ବୈଶ୍ୟ ସମ୍ମିଳନୀ' ର ପ୍ରାରମ୍ଭିକ ଇତିହାସ ରୂପେ ବିତରଣୀ - ପୁସ୍ତିକା । ଲେଖକ - ସମ୍ମିଳନୀର ସଂପାଦକ ଶ୍ରୀଗଜେନ୍ଦ୍ରଦେବ ସାହୁ ।

ପ୍ରବାସରେ ଏପରି ଏକ ସମ୍ମିଳନୀ ସଂଗଠନ କରିବାର କାରଣ - ପ୍ରବାସୀ ଭ୍ରାତୃବୃନ୍ଦଙ୍କୁ ଏକତା ମନ୍ତ୍ରରେ ଦୀକ୍ଷିତ କରି ମଧୁ ବୈଶ୍ୟ ସମାଜକୁ ଦୃଢ଼ୀଭୂତ କରିବା ଏବଂ ପରସ୍ପର ସହଯୋଗ ଦ୍ୱାରା ଅନୁଷ୍ଠାନଟିକୁ ସ୍ଥାୟୀ ରଖିବା । ଶିକ୍ଷା ସଭ୍ୟତାର ପ୍ରସାର, ସାମାଜିକ କୁସଂସ୍କାର ଦୂରୀକରଣ, କ୍ଷୁଦ୍ର ଦଳଗତ ଭେଦଭାବର ବିଲୋପ ସାଧନ ଏହାର ଅନ୍ୟତମ ଉଦ୍ଦେଶ୍ୟ । ପ୍ରବାସୀ ଓଡ଼ିଆଙ୍କ ଏତାଦୃଶ ଏକତା ବାସ୍ତବିକ ପ୍ରଶଂସାର୍ହ । ଅଗଷ୍ଟ ୧୬ ତାରିଖ ଚାନ୍ଦ୍ରତୋଳ ନେଇ ଯେଉଁ ପ୍ରବାସୀ ମଧୁ - ବୈଶ୍ୟ ଭାଇମାନେ ଦିଲ୍ଲୀରେ ସାଙ୍ଗ ହୋଇଛନ୍ତି, ସେମାନଙ୍କ ପାଇଁ ଆମେ ଆନ୍ତରିକ ଅନୁତପ୍ତ ।

ସମାଜର ବିପ୍ଳବୀ ତରୁଣମାନଙ୍କ ହୃଦୟରେ ଜାଗ୍ରତ ଆନନ୍ଦ ଉଦ୍ଦେଶ୍ୟରେ ଲିଖିତ 'ଜାଗରଣ' ଓ 'ଆହ୍ୱାନ' କବିତା ଦୁଇଟି ସରସ ଓ ସୁଖପାଠ୍ୟ ହେଲେହେଁ ସ୍ଥାନେ ସ୍ଥାନେ ଛନ୍ଦପତନ ପରିଲକ୍ଷିତ ହେଲା । ଆମେ ଏହି ସମାଜର ସଫଳତା କାମନା କରୁଁ ।

— —XOX— —

# ଯୁଗଧାରା

## ଉତ୍କଳ ବିଶ୍ୱବିଦ୍ୟାଳୟ ଓ ସଂସ୍କୃତ ଶିକ୍ଷା

ଆମେ ଖୁସି ହୋଇଛୁଁ ଯେ ସ୍କୁଲଗୁଡ଼ିକରେ ସଂସ୍କୃତକୁ ଅତିରିକ୍ତ ବିଷୟ କରି ମଝିରେ ଉତ୍କଳ ବିଶ୍ୱବିଦ୍ୟାଳୟ ଯେଉଁ ଭୁଲ କରିଥିଲେ ତାହା ସଂଶୋଧନ କରି ନେଇଛନ୍ତି ।

ଭାରତର ସଂସ୍କୃତ ସଙ୍ଗେ ଜଡ଼ିତ ଏହି ଭାଷାର ଏହି ରୂପ ଅଧୋଗତି ଦେଖି ମନେ ହେଉଥିଲା ଅଚିରେ ଏପରି ଦିନ ଆସିବ ଯେଉଁ ଦିନ ସଂସ୍କୃତଜ୍ଞ ବୋଲି ଓଡ଼ିଶାରେ କେହି ରହିବେ ନାହିଁ । ଆଗେ ବାଧ୍ୟତାମୂଳକ ଭାବରେ ମେଟ୍ରିକ୍ୟୁଲେସନ୍ କ୍ଲାସ ପର୍ଯ୍ୟନ୍ତରେ ସଂସ୍କୃତ ଶିକ୍ଷା ଦିଆଯାଉଥିଲା । କିନ୍ତୁ ମଝିରେ ଏହି ନିୟମର ପରିବର୍ତ୍ତନ ହୋଇଥିଲା । ଯେ କୌଣସି ଛାତ୍ର ଇଚ୍ଛା ଅନୁସାରେ ବାଧ୍ୟତାମୂଳକ ଗୋଟିଏ ଓଡ଼ିଆ ବିଷୟ ସହିତ ସଂସ୍କୃତ କିମ୍ବା ଆଉ ଗୋଟିଏ ଓଡ଼ିଆ ବିଷୟ ନେଇ ପାରିବାର ବ୍ୟବସ୍ଥା କରାଯାଇଥିଲା । ଫଳରେ ଅଧିକ କଷ୍ଟସାଧ୍ୟ ସଂସ୍କୃତକୁ ଛାଡ଼ି ଅପେକ୍ଷାକୃତ ସରଳ ଓଡ଼ିଆ ବିଷୟକୁ ଅତିରିକ୍ତ ବିଷୟ ହିସାବରେ ନେବାର ଛାତ୍ରମାନଙ୍କ ମଧ୍ୟରେ ପ୍ରବୃତ୍ତିଗତ ଅନୁରାଗ ଦେଖାଯାଉଥିଲା । ଏହି ବିଧାନର ସମର୍ଥକଗଣ ଏହା ସପକ୍ଷରେ ନିମ୍ନରୂପେ ଯୁକ୍ତି ଦେଖାନ୍ତି - ଯେଉଁ ଛାତ୍ରମାନେ ଇଞ୍ଜିନିୟରିଂ ବା ଅନ୍ୟ କୌଣସି ବ୍ୟବସାୟ ସମ୍ବନ୍ଧୀୟ ବିଭାଗକୁ ଯିବେ ସେମାନଙ୍କ ପାଇଁ ସଂସ୍କୃତ ଶିକ୍ଷା କି କାମରେ ଆସିବ ? ତାହାହେଲେ ସଂସ୍କୃତ ଶିକ୍ଷା ପଛରେ ଚାରି ବର୍ଷର ଅମୂଲ୍ୟ ସମୟ ନଷ୍ଟ କରି ସେମାନଙ୍କର କି ବା ଲାଭ ହେବ ? ଏ ଯୁକ୍ତି ଅନୁସାରେ ଛାତ୍ରମାନଙ୍କୁ ବାଧ୍ୟତାମୂଳକ ସଂସ୍କୃତ ଶିକ୍ଷାରୁ ଅବ୍ୟାହତି ଦିଆଯାଇ ସଂସ୍କୃତକୁ ତାର ଉଚ୍ଚ ଆସନରୁ ପଦଚ୍ୟୁତ କରାଯାଇଥିଲା । ଏହିଦ୍ୱାରା ଉଚ୍ଚଶିକ୍ଷାକୁ ଯେ ଉପଯୋଗୀ କରାଯାଇଥିଲା ଏଥିରେ ସନ୍ଦେହ ନାହିଁ । କାରଣ ବ୍ୟବସାୟ ଓ ନାନା ବ୍ୟବସ୍ଥା ସମ୍ବନ୍ଧୀୟ ଶିକ୍ଷା-ପାଇଁ ଓଡ଼ିଆ, ଇଂରେଜୀ ଓ ଅଙ୍କ ପ୍ରଭୃତିର ଜ୍ଞାନହିଁ ବିଶେଷ

Digitized by srujanika@gmail.com

ଦରକାର । ସଂସ୍କୃତ ଯାହାକି ମୃତ ଭାଷାରୂପେ ପରିଗଣିତ ତାହା ବ୍ୟବସାୟ ପ୍ରଭୃତିରେ କାମରେ ଲାଗିବାର କୌଣସି ସମ୍ଭାବନା ନାହିଁ । କିନ୍ତୁ ଏହିଠାରେ ମନୀଷୀ ଏନାଟୋଲ ଫ୍ରାନ୍ସଙ୍କ କଥାହିଁ ମନେପଡେ । ଉଚ୍ଚଶିକ୍ଷା ସମ୍ବନ୍ଧରେ କହିବାକୁ ଯାଇଁ ସେ ଲେଖିଛନ୍ତି । "It is doutful whether secondary education ought to have what is useful as its sole object it is far too general for that."

ଉଚ୍ଚଶିକ୍ଷାର ପ୍ରଧାନ ଉଦ୍ଦେଶ୍ୟ ମଣିଷ ତିଆରି କରିବା - କିପରିଭାବରେ ଚିନ୍ତା କରିବାକୁ ହେବ ତାହାର କୌଶଳଟିକୁ ଶିଖାଇବା । ତାହା ନ ହୋଇ ଯଦି କେବଳ ବ୍ୟବସାୟୀ ବା କୌଣସି ବିଶେଷ ବୃତ୍ତି ବିଶିଷ୍ଟ ଏକ ଧରଣର ମଣିଷ ଗଢ଼ିବାହିଁ ଏହାର ଉଦ୍ଦେଶ୍ୟ ହୋଇଥାନ୍ତା, ତାହାହେଲେ ଏହି ଅନୁଷ୍ଠାନକୁ ଜାତୀୟ ଜୀବନରେ ଯେଉଁ ଉଚ୍ଚ ସ୍ଥାନ ଦେଇଅଛୁଁ, ତାହା ଆମେ ଦଅନ୍ତୁ କି ନାହିଁ ସନ୍ଦେହଜନକ । ପୁଣି ଆନାଟୋଲ ଫ୍ରାନ୍ସଙ୍କ ଭାଷାରେ - "It secondary education ought to form man and not any one type of man. It ought to teach how to think. A sensible man will be satisfied if he succeeds in this and will not expect from it many other things as well.

ଲାଟିନ ଶିକ୍ଷା ସମର୍ଥନ କରି ଆନାଟୋଲ ଯେଉଁ ସବୁ ମନ୍ତବ୍ୟ ପ୍ରକାଶ କରିଛନ୍ତି ପ୍ରତ୍ୟେକ କ୍ଲାସିକେଲ ଭାଷାପାଇଁ ଏବଂ ବିଶେଷତଃ ସଂସ୍କୃତ ପାଇଁ ମଧ୍ୟ ତାହା ପ୍ରଯୁଜ୍ୟ ହୋଇପାରେ - "All those among us who have thought forcibly have learnt to think in Latin. I donot exaggerate when I say that when a man is ignorant of Latin he is ignorant of the sovereign power of speech. All tongues are obscure besides it Latin literature is more suitable than any other to from the mind. .... — —" "Rome had simple and powerful ideas, but not a great number of them. But it is because of that very fact that she is an incomparable educator. Since her time, humanity has concieved profunder ideas, the world has thrilled anew by coming into contact with things. So much is true. It is also quite true that to equip youth, nothing has the power of Latin"

ଏହି କାରଣରୁହିଁ ପ୍ରତ୍ୟେକର କ୍ଲାସିକ ଶିକ୍ଷା କରିବା ପ୍ରୟୋଜନ ହୁଏ । ଆଗରେ ଲୋକେ ସେମାନଙ୍କର ବକ୍ତବ୍ୟ ସରଳ କଥାରେ - ସରଳ ଭାବରେ - ସରଳ ଛନ୍ଦରେ ପ୍ରକାଶ କରୁଥିଲେ - ତେଣୁ ସେମାନେ ଯାହା କହିବାକୁ ଯାଉଥିଲେ ସେଥିରେ ଅସ୍ପଷ୍ଟତା ବା ଅବସ୍ଥଗ୍ରା ଭାବ କିଛି ନ ଥିଲା । ଆଜିକାଲି ଯେ କୌଣସି ଲେଖା ସଙ୍ଗେ ପୁରାତନ ଲେଖା ତୁଳନା କଲେ ଏହି ସତ୍ୟ ପ୍ରତିପାଦିତ ହୁଏ । Barnard shaw ଙ୍କ କଥା ଧରାଯାଉ । shaw ଙ୍କ ଲେଖା ଅତୁଳନୀୟ ହୋଇପାରେ କିନ୍ତୁ ଭାବ, ଭାଷା ଘଟଣା ଓ ତୀକ୍ଷ୍ଣ ବ୍ୟଙ୍ଗର ଦୁର୍ଭିଚକ୍ରରେ କେତେ ଶିକ୍ଷାର୍ଥୀ ତାଙ୍କଠାରୁ କଅଣ ଶିଖିପାରେ ? ଏହି କାରଣରୁହିଁ ପ୍ରତ୍ୟେକ ସ୍କୁଲରେ କ୍ଲାସିକ ଶିକ୍ଷା ଅପରିହାର୍ଯ୍ୟ ଯାହା ନ ହେଲେ ଉଚ୍ଚଶିକ୍ଷା ଅସମ୍ପୂର୍ଣ୍ଣ ରହିଯାଏ । ଏଠାରେ କୁହାଯାଇପାରେ ଯେତେବେଳେ କଲିକତା ବିଶ୍ୱବିଦ୍ୟାଳୟର ସ୍କୁଲ ସମ୍ମୁଖରେ ବାଧ୍ୟତାମୂଳକ ସଂସ୍କୃତ ଶିକ୍ଷା ଉଠାଇ ଦେବାର ପ୍ରସ୍ତାବ ଆସେ, ଏହା ବିରୁଦ୍ଧରେ ଚାରିଆଡ଼େ ଘୋର ଆପତ୍ତି ଶୁଣାଯାଏ । ଉତ୍କଳ ବିଶ୍ୱବିଦ୍ୟାଳୟ ସଂସ୍କୃତ ଶିକ୍ଷା ପୁନର୍ବାର ବାଧ୍ୟତାମୂଳକ କରି ଆଗର ଭୁଲ ସଂଶୋଧନ କରି ନେଇଛନ୍ତି ।

## ଭାରତର ନୂଆ ରାଜନୈତିକ ବ୍ୟବସ୍ଥା

ଜୁନ ୩ ତାରିଖରେ ବ୍ରିଟିଶ ସରକାରଙ୍କ ବହୁ ଆପେକ୍ଷିତ

Digitized by srujanika@gmail.com

ବେତାର ଘୋଷଣା ଶୁଣାଗଲା । ଯେଉଁମାନେ ଭାରତର ଐକ୍ୟରେ ବିଶ୍ୱାସୀ, ସେମାନଙ୍କ ପାଇଁ ଭାରତ ବ୍ୟବଚ୍ଛେଦର ସମ୍ଭାବନା ନିଶ୍ଚୟ ସନ୍ତୋଷପ୍ରଦ ହୋଇ ନାହିଁ । ଶଙ୍କରାଚାର୍ଯ୍ୟ ଅମଳରୁ ଯେଉଁ ସୁଦୃଢ଼ ଐକ୍ୟର ଭିତ୍ତିରେ ଭାରତର କୃଷ୍ଟି ସ୍ଥାପନ ହୋଇ ଯାଇଥିଲା ଆଜି ଏତେଦିନ ପରେ ହଠାତ୍ ତାହା ଛିନ୍ନ ହୋଇଯିବାକୁ ବସିଛି, ଏହା ଯେପରି ସତ୍ୟ ଏହା ବି ସେହିପରି ସତ୍ୟ ଯେ ଏତେଦିନର ରାଜନୈତିକ ଅନିଶ୍ଚିତତାର ଏହିଠାରେ ଅବସାନ ହେଲା । ଆମର ମନେହୁଏ କଂଗ୍ରେସ ଏହି ପ୍ରସ୍ତାବ ଗ୍ରହଣ କରି ରାଜନୈତିକ ଦୀର୍ଘଦର୍ଶିତାହିଁ ପରିଚୟ ଦେଇଛି ।

ପଣ୍ଡିତ ଜହରଲାଲ ନେହେରୁ ତାଙ୍କର ବେତାର ବାର୍ତ୍ତାରେ କହିଲେ, "ହୋଇପାରେ ଏ ପଥ ଦେଇ ଆମେମାନେ ଆମ ସ୍ୱପ୍ନର ଅଖଣ୍ଡ ଭାରତକୁ ଅଧିକ ଶୀଘ୍ର ପହଞ୍ଚିବା ଏବଂ ତାହା ବଳିଷ୍ଠତର ଓ ସୁଦୃଢ଼ତର ଭିତ୍ତି ଉପରେ ପ୍ରତିଷ୍ଠିତ ହେବ ।"

ଜାତୀୟତାବାଦୀଗଣ ପାକିସ୍ଥାନ ପାଇବାକୁ ଯାଉଛନ୍ତି, କିନ୍ତୁ ତାହା ସେମାନଙ୍କ ମନର ଅଖଣ୍ଡ ଭାରତ ନୁହେଁ । ସେହିପରି ଜିନ୍ନା ସାହେବ ବି ଏହି ପ୍ରସ୍ତାବ ଅନୁସାରେ ଯେଉଁ ପାକିସ୍ଥାନ ପାଇବାକୁ ଯାଉଛନ୍ତି ତାହା ତାଙ୍କ ଆଶା ଓ ଆକାଂକ୍ଷାର ବହୁ ନିମ୍ନରେ । ଏହି ପାକିସ୍ଥାନ ଏପରି ଖଣ୍ଡ ଓ ଛିନ୍ନ ହୋଇଛି ଯେ ଏହା ଅର୍ଥନୈତିକ ଦୃଷ୍ଟିରୁ ସମ୍ଭବପର ହୋଇପାରିବ କି ନାହିଁ ଅନେକେ ସନ୍ଦେହ କରୁଛନ୍ତି । କାରଣ ଯେଉଁ ଯୁକ୍ତି ବଳରେ ମୁସଲମାନଗଣ ପାକିସ୍ଥାନ ଦାବୀ କରୁଛନ୍ତି ସେହି ଯୁକ୍ତିରେ ବଙ୍ଗ ଓ ପଞ୍ଜାବର ହିନ୍ଦୁ ଓ ଶିଖ ଏହି ଦୁଇ ପ୍ରଦେଶକୁ ମୁସଲମାନୀ ଓ ଅମୁସଲମାନୀ ଅଞ୍ଚଳରେ ବିଭକ୍ତ କରିବାର ପ୍ରସ୍ତାବ ଆସିଛି । ଏପରି ସ୍ଥଳରେ ଆସାମର ସିଲେଟ୍ ଜିଲ୍ଲାର ମୁସଲମାନଗଣ ପୂର୍ବବଙ୍ଗ ପ୍ରଦେଶରେ ଯୋଗ ଦେବାକୁ ସମ୍ମତ ହେଲେ ମଧ୍ୟ ଜିନ୍ନା ସାହେବଙ୍କ ପୂର୍ବ ପାକିସ୍ଥାନ ରାଜନୈତିକ ଓ ଅର୍ଥନୈତିକ ଦୃଷ୍ଟିରୁ କେତେଦୂର

ସମ୍ଭବପର ହେବ ଭାବିବା କଥା । ପୁଣି ସିଲେଟ ପୂର୍ବବଙ୍ଗ ସଙ୍ଗେ ଯୋଗ ଦେବା ସମ୍ଭାବନା ଖୁବ୍ କମ ରହିଛି । ଆନ୍ତଃ ଆଜି ଆସାମ ପ୍ରଦେଶୀୟ ଲିଗ ସଭାପତିଙ୍କ ଏହି ମର୍ମର ଏକ ବିବୃତି ପତ୍ରିକାରେ ପଢ଼ି ଏହି ଧାରଣା ଆହୁରି ଦୃଢ଼ମୂଳ ହେବାକୁ ଯାଉଛି ଯେ ସିଲେଟ୍ ପୂର୍ବ ପାକିସ୍ଥାନର ମଧ୍ୟରେ ଥାଇଁ ପାରୁ ଅସମ୍ଭବ ହେବ । ସେହିପରି ପାକିସ୍ଥାନର ଭାଗ୍ୟ ନିର୍ଭର କରୁଛି, ଉତ୍ତର ପଶ୍ଚିମ ସୀମାନ୍ତ ପ୍ରଦେଶର ଜନମତ ଉପରେ । ଏହି ପ୍ରସ୍ତାବ ଅନୁସାରେ ସେଠାରେ ଯେଉଁ ଜନମତ (referendum) ନିଆଯିବ ତାହା ଯଦି ପାକିସ୍ଥାନରେ ଯୋଗଦେବା ବିରୁଦ୍ଧରେ ଯାଏ ତାହାହେଲେ ପଶ୍ଚିମ ପାକିସ୍ଥାନ୍ ମଧ୍ୟ ଅସ୍ଥିର ହେବ । କିନ୍ତୁ ସେ ପ୍ରଦେଶ ଯଦି ମିଶିଯାଏ ତଥାପି ପଶ୍ଚିମ ଭାଗ ଯୋଗୁଁ ପାକିସ୍ଥାନ ଏକ ଅତି ଦୁର୍ବଳ ରାଷ୍ଟ୍ରଠାରୁ ଅଧିକ କିଛି ହେବ ନାହିଁ । ପୁଣି ନଜର ଦେଶ ଭିତରେ ପାକିସ୍ଥାନକୁ ଯେଉଁ କରିଡ଼ର ବିଭାଗ ଦେବାକୁ ପଡ଼ିବ ତାହା ପାକିସ୍ଥାନର ଅର୍ଥନୀତି ଉପରେ ଏକ ଦୁର୍ବହ ବୋଝ ହୋଇ ରହିବ । ଯଦ୍ୟପି ଏହି ବ୍ୟବସ୍ଥା କେବିନେଟ ମିଶନର ମେ ୧୬ ତାରିଖର ପ୍ରସ୍ତାବିତ ଶାସନ ପଦ୍ଧତିଠାରୁ ଭଲ ବୋଲି ମନେହୁଏ । ଏହି ପ୍ରସ୍ତାବ ଅନୁସାରେ ଆମେ ଅଖଣ୍ଡତା ହରାଇବାକୁ ବସିଥିଲେ ମଧ୍ୟ ଦୁର୍ବଳ ଶାସନ କେନ୍ଦ୍ର ପରିବର୍ତ୍ତେ ପାଇବା ଏକ ସୁଦୃଢ଼ ଶକ୍ତିଶାଳୀ କେନ୍ଦ୍ର ସରକାର ଯାହା ଭାରତର ଶାନ୍ତି ଓ ସମୃଦ୍ଧି ପାଇଁ ନିତାନ୍ତ ଅପରିହାର୍ଯ୍ୟ । ଭାରତ ବିଭକ୍ତ ହେବାକୁ ଯାଉଛି କିନ୍ତୁ ମନେହୁଏ ଏହା ଚିରସ୍ଥାୟୀ ହେବ । ସେଦିନ ଦୂରରେ ନାହିଁ ଯେଉଁ ଦିନ ବିଭକ୍ତ ଭାରତର ଅଞ୍ଚଳ ପୁନର୍ମିଳନ ଘଟିବ ସେହି ଅଦୂର ଭବିଷ୍ୟତର ଅପେକ୍ଷାରେ ଆମେ ଆଶା ଓ ବିଶ୍ୱାସର ସହିତ ରହୁଁ ।

**ଜୀବନ ଯାତ୍ରାରେ ସୌନ୍ଦର୍ଯ୍ୟ ବୋଧର ସ୍ଥାନ**

---

"କେବଳ ଜୀବନଧାରଣ ପାଇଁ କଳା ଓ ସୌନ୍ଦର୍ଯ୍ୟ ଅପରିହାର୍ଯ୍ୟ ନୁହନ୍ତି – କିନ୍ତୁ ଏମାନଙ୍କ ବିନା ଏକ ଉନ୍ନତ

Digitized by srujanika@gmail.com

ଜୀବନ ସମ୍ଭବପର ନୁହେଁ । କିଛି ଉପାୟରେ ଜୀବନଟାକୁ ବଞ୍ଚାଇ ରଖିବାଠାରୁ ମଣିଷର ପରିବର୍ତ୍ତିତ ଉଦ୍ଦେଶ୍ୟ ରହିଛି । ଜୀବନ ଓ ରାଜନୈତିକ ବିଶୃଙ୍ଖଳାର ସ୍ରୋତରେ ଆମେ ସୌନ୍ଦର୍ଯ୍ୟ ଓ କଳାର ଆବଶ୍ୟକତା ଭୁଲିଯିବାକୁ ବସିଛୁ । କିନ୍ତୁ ଆମର ଭୁଲିଯିବା ଉଚିତ ନୁହେଁ ଯେ ସୁନ୍ଦର ଜୀବନଯାପନ ଭାରତର ବୈଶିଷ୍ଟ୍ୟ ଥିଲା । ”

କବିଗୁରୁ ରବୀନ୍ଦ୍ରନାଥଙ୍କ ସପ୍ତଅଶୀତିତମ ଜନ୍ମବାର୍ଷିକୀ ପାଳନ ଉଦ୍ଦେଶ୍ୟରେ ଅନୁଷ୍ଠିତ ଶିଳ୍ପୀ ଶ୍ରୀଯୁକ୍ତ ସୁଧୀରଞ୍ଜନ ଖାସ୍ତଗିରଙ୍କ ଚିତ୍ର ଓ ଭାସ୍କର୍ଯ୍ୟର କଳା ପ୍ରଦର୍ଶନୀ ଉଦ୍‌ଘାଟନ ପ୍ରସଙ୍ଗରେ ଶ୍ରୀମତୀ ବିଜୟଲକ୍ଷ୍ମୀ ପଣ୍ଡିତ ଉପରୋକ୍ତ ମନ୍ତବ୍ୟ ପ୍ରକାଶ କରିଥିଲେ ।

ଏ ସବୁ ରାଜନୈତିକ ନେତ୍ରୀ ମୁହଁର କଥା ହେଲେହେଁ କଳାମୋଦୀମାନେ ଏଥିରେ ଚିନ୍ତା କରିବାର ଅନେକ କିଛି ଅବସର ପାଇବେ ।

ପୁରାତନ ଭାରତରେ ଧର୍ମର ପରିକଳ୍ପନା ପ୍ରାଚୀନ ଭାରତୀୟମାନଙ୍କ ଏହି ସୌନ୍ଦର୍ଯ୍ୟ ଜ୍ଞାନରହିଁ ପଦେ ପଦେ ପରିଚୟ ଦିଏ । ସେମାନେ ବୁଝିଥିଲେ ଯେ ସୌନ୍ଦର୍ଯ୍ୟହିଁ ସତ୍ୟ ଓ ସତ୍ୟହିଁ ସୌନ୍ଦର୍ଯ୍ୟ । ତେଣୁ ନାନା ଧର୍ମାନୁଷ୍ଠାନ ମଧ୍ୟରେ ଏକ ସର୍ବବ୍ୟାପ୍ତ ସୌନ୍ଦର୍ଯ୍ୟମୟ ସତ୍ତାର ଉପଲବ୍ଧି ସେମାନଙ୍କର ସତ୍ୟାନୁସନ୍ଧାନ ପ୍ରକ୍ରିୟାରେ ଦେଖା ଦେଇଥିଲା । ସେମାନେ ବୁଝିଥିଲେ ଭଗବାନ୍ ଭଗବାନ୍ ନୁହନ୍ତି ଯଦି ସେ ସୁନ୍ଦର ନୁହନ୍ତି, ତେଣୁ ସର୍ବ ସୌନ୍ଦର୍ଯ୍ୟର ଆଧାର ପ୍ରକୃତିରୁହିଁ ସେମାନେ ସେମାନଙ୍କ ଧର୍ମାନୁପ୍ରେରଣା ଖୋଜିଥିଲେ ଏବଂ ପ୍ରକୃତିର ସୌନ୍ଦର୍ଯ୍ୟମୟ ରହସ୍ୟଗୁଡ଼ିକରେ ଐଶୀ ଲୀଳାର ଆବିଷ୍କାର କରିଥିଲେ । ଏପରି ନ ହୋଇଥିଲେ ହିରଣ୍ୟ ଗର୍ଭ ଅଗ୍ନି, ଅରୁଣ ସାରଥି-ରଥ, ରକ୍ତବସନା ଉଷା, ନୀଳୋଦଧିର ଅଧିଷ୍ଠାତା ବରୁଣଙ୍କର ଦେବତ୍ୱ ଆରୋପ, ଧର୍ମାନୁଷ୍ଠାନରେ ଧୂପ, ଦୀପ, ଫୁଲ, ଦୁବ, ଶ୍ରୀଫଳ, ଆମ୍ରତୋରଣର ବହୁଳ ବ୍ୟବହାର ନିରର୍ଥକ ବୋଲି ମନେହୁଏ । ଏହି ଧର୍ମର ବାନ୍ଧଣିରେ ପୁରାତନ ଜୀବନଧାରା ଏପରି ଭାବରେ ଗ୍ରଥିତ ହୋଇଯାଇଥିଲା ଯେ ହିନ୍ଦୁର ଅନ୍ତରର ବ୍ୟବହାର, ରାଜନୀତି, ଅର୍ଥନୀତି, ସମାଜନୀତି ସବୁଥିରେ ଏକ ଉଚ୍ଚ ସୌନ୍ଦର୍ଯ୍ୟ ବୋଧର ପରିସ୍ଫୁଟନ ଦେଖାଯାଏ । ଏହି ସର୍ବବ୍ୟାପୀ ସୌନ୍ଦର୍ଯ୍ୟବୋଧକୁ ବାଦ ଦେଇ ଦେଖିଲେ ପୁରାତନ ଜୀବନ ପ୍ରଣାଳୀରେ ଆଧୁନିକ ମନର ପ୍ରଶଂସା କରିବାର କିଛି ରହେନାହିଁ ।

କିନ୍ତୁ ବର୍ତ୍ତମାନ ଦିନ ବଦଳିଯାଇଛି । ରାଜନୈତିକ ପରାଧୀନତା, ଦାରିଦ୍ର୍ୟ ଓ ବୁଭୁକ୍ଷାର ଚାପରେ ଆମେ ସେହି ପୁରାତନ ସୌନ୍ଦର୍ଯ୍ୟବୋଧ ତ ଭୁଲିଯାଇଛୁ; ଅଧିକନ୍ତୁ ଆମର ଗୃହଦ୍ୱାରରେ କଦର୍ଯ୍ୟତା, କୁତ୍ସିତତା ଓ ବୀଭତ୍ସତାର ଜଞ୍ଜାଳ ସ୍ତୂପୀକୃତ ହେବାର ଦେଖି ମଧ୍ୟ ନିଶ୍ଚେଷ୍ଟ ରହୁଛୁ । ଅବଶ୍ୟ ଏହି ବିଂଶ ଶତାବ୍ଦୀରେ ଆଉ ଥରେ ଶ୍ୟାମଳ ବନଶ୍ରୀ ଘେରା ତପୋବନର ଶାନ୍ତସ୍ଥଳକୁ ଫେରିଯାଇ ପାରିବାନାହିଁ । ଯେକୌଣସି ରୂପରେ ପ୍ରଭାବିତ ବିଂଶ ଶତାବ୍ଦୀର ଜୀବନ ଧାରା ସଙ୍ଗେ ସେହି ପୁରାତନ ସୌନ୍ଦର୍ଯ୍ୟବୋଧ କେତେଦୂର ସାମଞ୍ଜସ୍ୟ ରକ୍ଷା କରି ଚାଲିପାରେ ତାହାର ଉପାୟ ଉଦ୍ଭାବନ ସ୍ୱାଧୀନ ଭାରତର ଜଟିଳତର ନ ହେଲେ ମଧ୍ୟ ହେବ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସମସ୍ୟା । ତାହା ନ ହେଲେ ଆମର ଉତ୍ତରାଧିକାରକୁ ଅସ୍ୱୀକାର କରାଯିବ ।

<u>ପ୍ରହରାଜଙ୍କ ଭାଷାକୋଷ</u> :—

ଓଡ଼ିଆ ଭାଷାକୁ ସ୍ୱର୍ଗତ ଗୋପାଳଚନ୍ଦ୍ର ପ୍ରହରାଜଙ୍କ ଏହା ଗୋଟିଏ ବିଶିଷ୍ଟ ଅବଦାନ ହେଲେହେଁ ଏବଂ ଏହାର ଆନ୍ତର୍ଜାତିକ ପ୍ରତିଷ୍ଠା ଥିଲେହେଁ ଏଥିର କେତେକ ସ୍ଥାନରେ ଭ୍ରମ ପ୍ରମାଦ ରହିଯାଇଥିବାରୁ ସେ ସବୁ ସଂଶୋଧନର ବ୍ୟବସ୍ଥା କରିବାପାଇଁ ଓଡ଼ିଶାର କେତେକ ବ୍ୟକ୍ତି ଉତ୍କଳ ସାହିତ୍ୟ ସମାଜକୁ ଖଣ୍ଡେ ଆବେଦନ ପତ୍ର ପଠାଇଥିଲେ ବୋଲି ଶୁଣାଯାଏ । ଏହି ଆବେଦନ “ ସମାଜ ” ପତ୍ରିକାରେ ତା ୨୬ । ୨ । ୪୬ ଇ: ରେ ମଧ୍ୟ ପ୍ରକାଶିତ ହୋଇଥିଲା । ଏ ମଧ୍ୟରେ ବର୍ଷାଧିକ କାଳ ଗତ ହୋଇଥିଲେହେଁ ଉତ୍କଳ ସାହିତ୍ୟ ସମାଜର ସମ୍ପାଦକ ଏ ସମ୍ବନ୍ଧରେ କଅଣ କାର୍ଯ୍ୟାନୁଷ୍ଠାନ କରିଛନ୍ତି ଜଣାଯାଇନାହିଁ । ଏହା ଅତ୍ୟନ୍ତ ଦୁଃଖର ବିଷୟ ।

Digitized by srujanika@gmail.com

ଆମ୍ଭେ ଅବଗତ ହୋଇଅଛୁଁ ଯେ ଓଡ଼ିଶା ଗଭର୍ଣ୍ଣମେଣ୍ଟ ଏ ସମାଜକୁ ବାର୍ଷିକ ପଚଶ ହଜାର ଟଙ୍କା ଦିଅନ୍ତି । ଏହି ଟଙ୍କା ଯଦି ଏପରି ସତ୍‌କାର୍ଯ୍ୟରେ ବ୍ୟୟିତ ନ ହୁଏ ତେବେ ଉକ୍ତ ଦାନର ସଦ୍‌ବ୍ୟବହାର କରାଯାଉଅଛି ବୋଲି କିଏ କହିବ ? ଆଶାକରୁଁ ସମ୍ପାଦକ ମହାଶୟ ଏ ସମ୍ବନ୍ଧରେ ଶୀଘ୍ର ଯତ୍ନବାନ୍ ହେବେ ।

ସମାପ୍ତ

Printed & Published by Ganga Prasad Panda at the Kalamandal Printing Press
Balangir, Patna State.

Digitized by srujanika@gmail.com

## ନିୟମାବଳୀ:—

(୧) ଚତୁରଙ୍ଗ ପ୍ରତ୍ୟେକ ଓଡ଼ିଆ ମାସର ପ୍ରଥମ ଦିନ ପ୍ରକାଶିତ ହେବ । ଲେଖକମାନଙ୍କୁ ଅନୁରୋଧ ଯେ ନିଜ ନିଜର ରଚନା କାଗଜର ଗୋଟିଏ ପାଖରେ ଲେଖିବେ ।

(୨) କୌଣସି ପ୍ରବନ୍ଧ ବା ରଚନା ସାଧାରଣତଃ ଚତୁରଙ୍ଗର ୬ ପୃଷ୍ଠାରୁ ଅଧିକ ନ ହେବା ବାଞ୍ଛନୀୟ । ଉପଯୁକ୍ତ ଡାକ ଟିକଟ ଯୋଗାଇଲେ ଅମନୋନୀତ ରଚନା ଫେରସ୍ତ ଦିଆଯିବ । ଅମନୋନୀତ ରଚନା ପାଇଁ ସମ୍ପାଦକ କୌଣସି କାରଣ ଦର୍ଶାଇ ବାକୁ ବାଧ୍ୟ ନୁହନ୍ତି ।

(୩) କେବଳ ରଚନା ସମ୍ପାଦକଙ୍କ ପାଖକୁ ପଠାଇ ଚାନ୍ଦା, ଗ୍ରାହକ, ବିଜ୍ଞାପନ ଇତ୍ୟାଦି ଯାବତୀୟ ପରିଚାଳନା ସଂକ୍ରାନ୍ତ ବିଷୟରେ ପରିଚାଳକ 'ଚତୁରଙ୍ଗ'କୁ ଲେଖିବେ ।

(୪) ପତ୍ରାଦି ଆଦାନ ପ୍ରଦାନର ସୁବିଧା ପାଇଁ ସ୍ୱ ପ୍ରବନ୍ଧ ଶୀର୍ଷରେ ଆପଣା ଆପଣା ନାମ ସହିତ ଠିକଣା ଲେଖିବା ପାଇଁ ଲେଖକ ଲେଖିକା ମାନଙ୍କୁ ଅନୁରୋଧ ।

ସମ୍ପାଦକ
ଚତୁରଙ୍ଗ'
ବଲାଙ୍ଗିର

## ବିଜ୍ଞାପନ

୧—ଚତୁରଙ୍ଗର ଦ୍ୱିତୀୟ ବର୍ଷର ବାର୍ଷିକ ମୂଲ୍ୟ ସଡ଼ାକ ଟ ୬/ ଷାଣ୍ମାସିକ ମୂଲ୍ୟ ଟ ୩/ ମାତ୍ର ।
—ପ୍ରତ୍ୟେକ ସଂଖ୍ୟାର ମୂଲ୍ୟ ଟ ୦ ୫୦ ମାତ୍ର । ଗ୍ରାହକ ଚାନ୍ଦା ଅଗ୍ରିମ ଦେୟ ।
୨—ଚତୁରଙ୍ଗର ପ୍ରଥମ ଓ ସପ୍ତମ ସଂଖ୍ୟାରୁ ନୂତନ ଗ୍ରାହକ ଗ୍ରହଣ କରାଯାଏ ।
୩—ଗ୍ରାହକ ଇଚ୍ଛା କଲେ ଭି. ପି. ରେ ମଧ୍ୟ ପଠାଇ ଦିଆଯିବ ।
୪—ବିଜ୍ଞାପନ ହାର ସମ୍ବନ୍ଧରେ ପରିଚାଳକଙ୍କୁ ପତ୍ର ଲେଖିବେ ।
୫—ଯେଉଁମାନେ ବିଜ୍ଞାପନ ଦେବେ ନିଜର ବ୍ଲକ ଦେବାକୁ ଚାହିଁଲେ ବ୍ଲକ ମଧ୍ୟ ପଠାଇବେ । ଉପଯୁକ୍ତ ଡାକ ଖର୍ଚ୍ଚ ପଠାଇ ବ୍ଲକ ଫେରସ୍ତ ନେଇ ପାରିବେ । ବ୍ଲକ ଭାଙ୍ଗିଗଲେ ପରିଚାଳକ ଦାୟୀ ନୁହନ୍ତି
୬—କୌଣସି କାରଣ ବଶତଃ ଗ୍ରାହକ ଯଥା ସମୟରେ 'ଚତୁରଙ୍ଗ' ନ ପାଇଲେ ଗ୍ରାହକ ନମ୍ବର ସହ ପରିଚାଳକଙ୍କୁ ଜଣାଇବେ ।
୭—ଅଳ୍ପଦିନ ପାଇଁ ସ୍ଥାନାନ୍ତରକୁ ଗଲେ ସ୍ଥାନୀୟ ପୋଷ୍ଟ ଅଫିସକୁ ଏବଂ ବହୁଦିନ ପାଇଁ ଗଲେ ଆମ ଅଫିସକୁ ଜଣାଇଲେ ଗ୍ରାହକ ଗ୍ରାହିକା ମାନେ 'ଚତୁରଙ୍ଗ' ଠିକ୍‌ରେ ପାଇ ପାରିବେ ।

ପରିଚାଳକ
'ଚତୁରଙ୍ଗ'

Digitized by srujanika@gmail.com

# ଉତ୍କଳ

ଦ୍ୱିତୀୟ ବର୍ଷ | ଶ୍ରାବଣ ମାସ | ତୃତୀୟ ସଂଖ୍ୟା ।

## କୋଶଳ-କଳା-ମଣ୍ଡଳର

ମୁଖପତ୍ର ରୂପେ ପ୍ରକାଶିତ

ସଂପାଦକ ସଂଘଃ—

ଶ୍ରୀ କାଳନ୍ଦୀ ଚରଣ ପାଣିଗ୍ରାହୀ
ସାହିତ୍ୟରତ୍ନ ଶ୍ରୀ ବଳଭଦ୍ର ବହିଦାର
କବିଚନ୍ଦ୍ର ଶ୍ରୀ କାଳୀ ଚରଣ ପଟ୍ଟନାୟକ
ଶ୍ରୀ ବିଧୁଭୂଷଣ ଗୁହ
ଶ୍ରୀ ସାମୁଏଲ ନାୟକ

ପରିଚାଳକ—
ଶ୍ରୀ ଗଙ୍ଗା ପ୍ରସାଦ ପଣ୍ଡା

Digitized by srujanika@gmail.com

ଓଡ଼ିଶା ସରକାରଙ୍କ ପତ୍ର ନଂ ୫୯୭୦ ଆର୍ ତା ୩-୨-୧୯୪୭ ମତେ

'ଚତୁରଙ୍ଗ'

ଶିକ୍ଷା ବିଭାଗୀୟ ପ୍ରତ୍ୟେକ ଅନୁଷ୍ଠାନ ପାଇଁ

ଗୃହୀତ ହୋଇଛି ।

# ସୂଚୀ


| | ବିଷୟ | | ଲେଖକମାନଙ୍କ ନାମ | ପୃଷ୍ଠା |
|---|---|---|---|---|
| ୧ | ବନେ ବସନ୍ତେ | (ପଦ୍ୟ) | ଶ୍ରୀ କାଳୀ ଚରଣ ପଟ୍ଟନାୟକ | ୯୬ |
| ୨ | ମଧୁଲିଟ | (ଗଳ୍ପ) | ଶ୍ରୀମତୀ ପ୍ରେମ ଲତା ଦାଶ | ୯୭ |
| ୩ | ବାସ୍ତବ | (ପଦ୍ୟ) | ଶ୍ରୀ ବ୍ରଜ ମୋହନ ମହାନ୍ତି | ୧୦୦ |
| ୪ | ସୁନାଫୁଲ | (ନାଟିକା) | ଶ୍ରୀ ନବ କିଶୋର ଦାଶ | ୧୦୧ |
| ୫ | ମଣିପୁର ଷ୍ଟେଟିଅଲ୍‌ର ଅତୀତ ବିଭବ | | ଶ୍ରୀ କେଦାର ନାଥ ମହାପାତ୍ର | ୧୦୪ |
| ୬ | ପ୍ରଥମ ପରମା | (ପଦ୍ୟ) | ଶ୍ରୀ ଦଣ୍ଡ ପାଣି ମିଶ୍ର | ୧୦୯ |
| ୭ | ମାତୃକ୍ଷୁଧା | (ଗଳ୍ପ) | ଶ୍ରୀମତୀ ହେମଲତା ମାନସିଂହ | ୧୧୧ |
| ୮ | ପୁରାତନ ପାଟଣାର ଅନ୍ୟନାମ କୋଶଳ ନୁହେଁ କି? | | ରାଜ୍ୟରତ୍ନ ଶ୍ରୀ ବଳଭଦ୍ର ବହିଦାର | ୧୧୫ |
| ୯ | ପଥ ପ୍ରାନ୍ତେ | (ପଦ୍ୟ) | ଶ୍ରୀ ପଠାଣି ପଟ୍ଟନାୟକ | ୧୧୯ |
| ୧୦ | ପଡ଼ୋଶୀ | (ଗଳ୍ପ) | ଶ୍ରୀ ଭୀମ ସେନ ସାହୁ | ୧୨୦ |
| ୧୧ | ବିଶ୍ୱ ସାହିତ୍ୟରେ ପ୍ରାଚ୍ୟ ନାଟକ | | ଶ୍ରୀ ସିଦ୍ଧେଶ୍ୱର ହୋତା | ୧୨୪ |
| ୧୨ | ଇଂରେଜୀ ସାହିତ୍ୟର ଗତିଧାରା | | ଶ୍ରୀ ଶୁକଦେବ ଶର୍ମା | ୧୩୩ |
| ୧୩ | ପୁସ୍ତକ ପରିଚୟ | | | ୧୩୮ |
| ୧୪ | ଯୁଗଧାରା | | ସମ୍ପାଦକୀୟ | ୧୩୯ |


Digitized by srujanika@gmail.com

## ନିୟମାବଳୀ:—

(୧) ଚତୁରଙ୍ଗ ପ୍ରତ୍ୟେକ ଓଡ଼ିଆ ମାସର ପ୍ରଥମ ଦିନ ପ୍ରକାଶିତ ହେବ । ଲେଖକମାନଙ୍କୁ ଅନୁରୋଧ ଯେ ନିଜ ନିଜର ରଚନା କାଗଜର ଗୋଟିଏ ପାଖରେ ଲେଖିବେ ।

(୨) କୌଣସି ପ୍ରବନ୍ଧ ବା ରଚନା ସାଧାରଣତଃ ଚତୁରଙ୍ଗର ୬ ପୃଷ୍ଠାରୁ ଅଧିକ ନ ହେବା ବାଞ୍ଛନୀୟ । ଉପଯୁକ୍ତ ଡାକ ଟିକଟ ଯୋଗାଇଲେ ଅମନୋନୀତ ରଚନା ଫେରସ୍ତ ଦିଆଯିବ । ଅମନୋନୀତ ରଚନା ପାଇଁ ସମ୍ପାଦକ କୌଣସି କାରଣ ଦର୍ଶାଇବାକୁ ବାଧ୍ୟ ନୁହନ୍ତି ।

(୩) କେବଳ ରଚନା ସମ୍ପାଦକଙ୍କ ପାଖକୁ ପଠାଇ ଚାନ୍ଦା, ଗ୍ରାହକ, ବିଜ୍ଞାପନ ଇତ୍ୟାଦି ଯାବତୀୟ ପରିଚାଳନା ସଂକ୍ରାନ୍ତ ବିଷୟରେ ପରିଚାଳକ 'ଚତୁରଙ୍ଗ'କୁ ଲେଖିବେ

(୪) ସମ୍ବାଦ ଆଦାନ ପ୍ରଦାନର ସୁବିଧା ପାଇଁ ସ୍ୱ ପ୍ରବନ୍ଧ ଶୀର୍ଷରେ ଆପଣା ଆପଣା ନାମ ସହିତ ଠିକଣା ଲେଖିବା ପାଇଁ ଲେଖକ ଲେଖିକା ମାନଙ୍କୁ ଅନୁରୋଧ ।

ସମ୍ପାଦକ
ଚତୁରଙ୍ଗ
ବଲାଙ୍ଗିର

## ବିଜ୍ଞାପନ

୧—ଚତୁରଙ୍ଗର ଦ୍ୱିତୀୟ ବର୍ଷର ବାର୍ଷିକ ମୂଲ୍ୟ ସଡ଼ାକ ୫୬୯ ଷାଣ୍ମାସିକ ମୂଲ୍ୟ ୫ ୩।୯ ମାତ୍ର ।
—ପ୍ରତ୍ୟେକ ସଂଖ୍ୟାର ମୂଲ୍ୟ ୫ ୦ ୪୬ ମାତ୍ର । ଗ୍ରାହକ ଚାନ୍ଦା ଅଗ୍ରିମ ଦେୟ ।
୨—ଚତୁରଙ୍ଗର ପ୍ରଥମ ଓ ସପ୍ତମ ସଂଖ୍ୟାରୁ ନୂତନ ଗ୍ରାହକ ଗ୍ରହଣ କରାଯାଏ ।
୩—ଗ୍ରାହକ ଇଚ୍ଛା କଲେ ଭି. ପି. ରେ ମଧ୍ୟ ପଠାଇ ଦିଆଯିବ ।
୪—ବିଜ୍ଞାପନ ହାର ସମ୍ବନ୍ଧରେ ପରିଚାଳକଙ୍କୁ ପତ୍ର ଲେଖିବେ ।
୫—ଯେଉଁମାନେ ବିଜ୍ଞାପନ ଦେବେ ନିଜର ବ୍ଲକ ଦେବାକୁ ଚାହିଁଲେ ବ୍ଲକ ମଧ୍ୟ ପଠାଇବେ । ଉପଯୁକ୍ତ ଡାକ ଖର୍ଚ୍ଚ ପଠାଇ ବ୍ଲକ ଫେରସ୍ତ ନେଇ ପାରିବେ । ବ୍ଲକ ଭାଙ୍ଗିଗଲେ ପରିଚାଳକ ଦାୟୀ ନୁହନ୍ତି
୬—କୌଣସି କାରଣ ବଶତଃ ଗ୍ରାହକ ଯଥା ସମୟରେ 'ଚତୁରଙ୍ଗ' ନ ପାଇଲେ ଗ୍ରାହକ ନମ୍ବର ସହ ପରିଚାଳକଙ୍କୁ ଜଣାଇବେ ।
୭—ଅଳ୍ପଦିନ ପାଇଁ ସ୍ଥାନାନ୍ତରକୁ ଗଲେ ସ୍ଥାନୀୟ ପୋଷ୍ଟ ଅଫିସକୁ ଏବଂ ବହୁଦିନ ପାଇଁ ଗଲେ ଆମ୍ଭ ଅଫିସକୁ ଜଣାଇଲେ ଗ୍ରାହକ ଗ୍ରାହିକା ମାନେ 'ଚତୁରଙ୍ଗ' ସତ୍ୱର ପାଇ ପାରିବେ ।

ପରିଚାଳକ
'ଚତୁରଙ୍ଗ'

———*———

Digitized by srujanika@gmail.com

# ଚତୁରଙ୍ଗ

ନାଟ୍ୟ-ସଙ୍ଗୀତ-ତତ୍ତ୍ୱଜ୍ଞାଃ ଯେ ସାହିତ୍ୟ-ବିଶାରଦାଃ ।
କଳାସୁ କୁଶଳାଃ ସର୍ବେ ମହୀୟନ୍ତାଂ ମହୀତଳେ ॥

ଦ୍ୱିତୀୟ ବର୍ଷ ❋ ଢାଦଶ ସଂକ୍ରାନ୍ତି; କର୍କଟ ୧୮ । ୭ । ୪୭ ❋ ତୃତୀୟ ସଂଖ୍ୟା


## ବନେ ବସନ୍ତ

ଶ୍ରୀ କାଳୀଚରଣ ପଟ୍ଟନାୟକ

ଜହ୍ନ ବୁଡ଼ା ସଞ୍ଜା, ଆଖି ଅପହୁଁଚ
ନେଳିଆ ଗୁନ୍ଧୁଆ ତଳେ
କାହୁଁକି କେଜାଣି, ନାଚୁଛି ଅନ୍ତରେ
ବସିଲି ମୁଁ ଢଳେ ଢଳେ ।
ଫୁରୁବେ. ଜଳୁଛି ରୁପେଲି ବହୁଢ଼ି
ଦକ୍ଷିଣା ମାରୁଛି ବାଆ
ଫୁଲର ନ କଣ୍ଠ ଠେସି ହୋଇଗଲା
ନିଲଜ ହେଲାର ସାହା ।
ପାଶୋରି ଘରର ବୋଝର ଦୁଆରେ
ବାରଦୀ କଏ ସେ ଆସେ
ଉଁକି ମାରି ମୁହଁ ମୁହଁ ଆଖି ଦେଲେ
ତାହାଙ୍କୁ ଛପିଲି ଗାଛେ ।
ବାକରେ ଶୁଣିଲି ଏତିକି ବେଳରେ
କୁହୁ କୁହୁ କୁହୁ କୁହୁ
ହେଜି ପାରୁନାହିଁ ମୋ କାନ ଶୁଣିଲା
କିସ ସେ 'କୁହୁ' ନା 'ଉହୁ' ।

ଠଉର କରି ମୁଁ ହାର ନ ପାଇଲି
ଚେତା ମୋର ଅଛି ନାକି
ଏଇ ଗୁଡ଼ ଅବା ଏଇମିତ ଗୁଡ଼
ସେ ଦିନ ସଞ୍ଜରେ ଠିକ ।
କୁଞ୍ଜତଳେ ଏଇ ମିଳନ ସ୍ଥଳର
ଆସିନ ଥିଲା କି ନାଇଁ,
ଏଇ ମଲ୍ଲୀ ଅସି ଗେହ୍ଲାଇ ହେବାର
ମନେ ପଡ଼େ ଛଇ ଛଇ ।
ମେଲା ଆଖିଆଗେ ଜୀଅନ୍ତା ସପନ
ଗୋଟି ଗୋଟି ଭାସିଗଲା
କିଏ ପର ମୋର କିଏ ଆପଣାର
ଅଟକିଲା ନ ପଡ଼ିଲା ।
କେତେ ମୋର ବୋଲି ସେ ପର ଦିନକୁ
ଆପଣାର କରିଥିଲା,
ସେ ଦିନ ହଜାଇଲି, ସେଇ ସଞ୍ଜ ଜହ୍ନ
କେତେ ଯେ ଖୋଜି ହେଲି ।

Digitized by srujanika@gmail.com

ଝଡୁଆ ପୃଥିବୀ, ଅମାନିଆ ବାଆ,
ସେ ଦିନର କଥା ହେତେ
କଏ ଅପରାଧୀ, କେ ଅଟେ ପାତକୀ
ସଙ୍ଗେ ଡାକିଲ କେତେ।

ହାତ ଧରାଇ ମୁଁ ବନସ୍ତୀ କହିଲ
"ଆସ ଯିବେ କଥା କୁହ"
ଚମକିଲ ଯାଇ ଖୋଲି ହାତରେ ମୋ
ଦୁ' ଟୋପା ତାତଲ ଲୁହ।

## ମଟ୍ଲିଟ

ଶ୍ରୀମତୀ ପ୍ରେମଲତା ଦାଶ

ଦୁନ୍ତ ଆଖିପତାରେ ଘୋର ଗୃହିଣୀ ଉପର ଭ୍ରୂଯୁଗଳରେ ଦର୍ପଣର ସଙ୍କେତ ଦେଉଛନ୍ତି । ସରୁ ଅଧରରେ କ୍ଷୀଣ ହାସ୍ୟରେଖା ଫୁଟିଉଠୁ । ଲଲାଟରେ ଚୂର୍ଣ୍ଣ କୁନ୍ତଳ ଖେଳୁଅଛି । ଜୁଡ଼ା ଉପରେ କେତକୀ ଦବଟା ରହିଛି । ଧାନଶୀର୍ଷ ବାହୁ ଯୁଗଳରେ ଚମ୍ପକ ଅଙ୍ଗୁଳି ଫୁଟାଉଛି । ତନୁରୁ କଟିରେ ଝୀନ ଅମ୍ବର ଜଡ଼ାଇଛନ୍ତି ।

ବାସ୍ତବିକ ଶ୍ରୀଧର ମୂର୍ତ୍ତିକୁ ଯଥାର୍ଥ ଜୀବନ୍ତ କରି ଗଢ଼ିଛି । ଏଇଆ ତାର ଅପରାଜିତା !!!

ସ୍ତ୍ରୀ ତାର କଥା ପ୍ରସଙ୍ଗରେ ଦିନେ କହିଥିଲା । କତା ମୋର ବଡ଼ ସୁଲକ୍ଷଣୀ । ନାହାକ କହନ୍ତି, ସେ ରାଜରାଣୀ ହେବ ।

ଶ୍ରୀଧର ମନେ ମନେ ହସି - ବିଦ୍ରୂପ କରି କହିଥିଲେ । "ପାଗଳ ହେଲୁ, କତା ତୋର ? ଗରିବ ମହାରଣା ଘରେ ଜନ୍ମି କତା ତୋର ରାଜରାଣୀ ହେବ ?"

କିନ୍ତୁ ସେଇଦିନ୍ ଶ୍ରୀଧର ପ୍ରାଣରେ ଯା ବେଦନା ହେଲା ସେ ବୁଝିନି । ଅଳଙ୍କାର ଦାମୀ ନାଇ ଭଲ ଶାଢ଼ୀ ଖଣ୍ଡେ ଝିଅ କତା ଯେତେବେଳେ ତା ଆଗରେ ଗୁହାରି ପାଏ ପେଟ ତାର ମୁହଁରେ । କତାର ବର୍ଣ୍ଣ ଶ୍ୟାମଳ ସତ କିନ୍ତୁ ଅଙ୍ଗରେ ତାର ଝଲି ଉଠୁଛି ଲାବଣ୍ୟ । ମନରେ କେତେ ବେଦନା କେତେ କଳ୍ପନା ନେଇ ଶ୍ରୀଧର ଗଢ଼ିଥିଲା କତାର ମୂର୍ତ୍ତି । ଠିକ୍ କତାପରି ତାର । ଏବେ ମୂର୍ତ୍ତି ଆଡ଼େ ଅନାଇଲେ କତା ଆଡ଼େ ଚାହିଁ ପେଟ ତାର ଫୁଲି ଉଠିଲା ।

ଆଜି ରାଜକୁମାରଙ୍କର ସ୍ୱୟଂବର ଦିନରେ ସେଇ ମୂର୍ତ୍ତିଟିକୁ ଭେଟିଦେଇ ଶ୍ରୀଧର ମନର ଉପମାନ ଦେଖାଇ ଦେଉଛି । କତା ତାର ରାଜରାଣୀ ନ ହେଉ ପଛେ ରାଜପ୍ରାସାଦରେ ତ ତାର ସ୍ଥାନ ରହିବ ।

ରାଜକୁମାର ପୁରଞ୍ଜନ କ୍ଷଣକାଳ ସ୍ତବ୍ଧ ରହି ସେ ମୂର୍ତ୍ତି ଆଡ଼େ ଚାହିଁ ରହିଲେ । ତାପରେ ଶ୍ରୀଧର ଆଡ଼େ ଚାହିଁ ପଚାରିଲେ " ଜଗତରେ କଣ ଏ ଶୋଭା ସମ୍ଭବ ଶ୍ରୀଧର ? "

ନୀରବରେ ଶ୍ରୀଧର ମୁହଁରେ କେବଳ ତୃପ୍ତିର ଆନନ୍ଦ ଫୁଟି ଉଠିଥିଲା ।

ଦେହରେ ଶକ୍ତି ଦଖଳ କରି ରହିଛି । କେଉଁ କେତେ କାଳ ଧରି ଅଶ୍ରୁ ଧାର ଲମ୍ବି ଯାଉଛି । ଅପରାଜିତା ଉଠି ଆସୁଥିଲା ଉପରକୁ । ମୃଦୁ ପଦକ୍ଷେପରେ ପଥର ଧାଡ଼ିରେ ହସି ଉଠିଥିଲା ।

Digitized by srujanika@gmail.com

"ରାଜକୁମାର ଶିକାରକୁ ଯାଉଛନ୍ତି" କହି ମଝିଆଡ଼ୁ ସଖୀ ପୁଷ୍ପା ତାର ସଙ୍ଗୀ ଅଂଚଳଟାକୁ ଭିଡ଼ିଦେଲା ।

ଅପରାଜିତା ଅଟକିଗଲା । ଭ୍ରମର ଡେଣା ପରି ତା'ର କ୍ଷଣିକାଲାଗି ସ୍ଥିର ହୋଇଗଲା । ଆଗେ ଆଗେ ସୈନ୍ୟ ସାମନ୍ତ ଘୋଡ଼ା ଛୁଟାଇ ଚାଲିଛନ୍ତି; ପଛେ ପଛେ ରାଜକୁମାର ପୁରଞ୍ଜନ ।

କ୍ଷଣେକାଳ ଲାଗି ରାଜକୁମାର ସେଇ ଝରକା ପାଖରେ ଅଟକିଗଲେ । କ୍ଷଣକ ଲାଗି ତାଙ୍କର ଆଖି ଲାଗିଗଲା ଅପରାଜିତା ଉପରେ ।

"ଏ ଯେ ସେଇ ରୂପ" କହି କହି ରାଜକୁମାର ଅଧୀର ହୋଇ ପଡ଼ିଲେ ।

ଅପରାଜିତାର ଦୃଷ୍ଟି ନଇଁ ଆସିଲା । ସେ ଦେବ ପ୍ରତିମା ପରି ଠିଆ ହୋଇ ରହିଲା ।

ପଛଆଡ଼ୁ ପୁଷ୍ପା କହିଲା "ଜିତା ! ଆଗକୁ ଦେଖିଲୁ" କିନ୍ତୁ ଜିତା ନୀରବ ! ! !

ଧୂଳିର ମେଘ ଉଡ଼ି ସୈନ୍ୟ ସାମନ୍ତ ଆଗକୁ ଛୁଟିଲେ । କିନ୍ତୁ ରାଜକୁମାରଙ୍କ ପଛରେ ଅଟକିଗଲା ସଖା ମଦନ । ରାଜକୁମାରଙ୍କ ଧଳା ଘୋଡ଼ା ପଛରେ ତାର କଳା ଘୋଡ଼ା ଅଟକିଗଲା । ଜିତା ଚଂଚଳ ହୋଇ ଉଠିଲା । ସ୍ଥିର ପଦ୍ମପାଖୁଡ଼ା ଭିତରେ ଭୃଙ୍ଗ ଝୁଲିଉଠିଲା । ସେ ଆଗକୁ ପାଦ ବଢ଼ାଇ ଧୀରେ ଧୀରେ ମିଶିଗଲା ଦରବାରୀ ଭିଡ଼ରେ । କୁମାର ପ୍ରାସାଦ ଆଡ଼େ ବାହୁଡ଼ିଲେ ।

ଜିତା ଚାଲିଗଲା ସତ, କିନ୍ତୁ ଆଖିରେ ତାର ମାଦକତା !! ଅନ୍ତରରେ ତାର କାମନା !! କ୍ଷଣିକ ଭିତରେ ସବୁ ଓଲଟ ପାଲଟ !! ଜୀବନ ମନେହେଲା ...

ନାରୀ ରାଜକୁମାର ଚାଲିଗଲେ ତା ଅନ୍ତରରେ ଗୋପନ ପ୍ରଦେଶରେ ତାଙ୍କର ନାଁଟା ହାତରେ ଲେଖନୀ ନଥିଲେ ସତ । କିନ୍ତୁ ଆଖିରେ ସ୍ୱପ୍ନାଗିତ ଥିଲା ?

ପୁରଞ୍ଜନ !! ପୁରଞ୍ଜନ !! ଥରେ ଦୁଇଥର ସେ ଅସ୍ପଷ୍ଟ ସ୍ୱରରେ କହିପକାଇଲା । ତାପରେ ଚମକିଲା ପରି ଚାହିଁଲା, କେହି ଶୁଣିନାହାଁନ୍ତି ତ ? ମନେହେଲା ତାର ପାଖିକିଛି ଅଛି ସବୁଥିରେ ସେ ଲେଖିପକାନ୍ତା ସେଇ ନାଁଟା; ଦେହରେ ହରିତାଳ ରଙ୍ଗ ଦେଇ ଲେଖନ୍ତା ସେଇ "ପୁରଞ୍ଜନ" !!

ସେ ଲେଖନୀ ଧରି ଭୂର୍ଜ ପତ୍ର ଉପରେ ଲେଖିଲା "ପ୍ରିୟତମ ମୋର !" ପରକ୍ଷଣରେ ଜିଭ କାମୁଡ଼ିଲା ପାଗଳୀ ନାଁ କ'ଣ ? ସେ ଯେ ରାଜକୁମାର !!

ପୁରଞ୍ଜନ ଶିକାର ଯାତ୍ରୀ ଶିକାରକୁ ଯାଇଥିଲେ ସତ କିନ୍ତୁ ନିଜେ ଶିକାରୀ ଜାଲରେ ପଡ଼ିଗଲେ । ଫେରିଆସି ଚାହିଁଲେ ସେଇ ମୂର୍ତ୍ତି । ଠିକ୍ ସେଇ ରୂପ !! ଠିକ୍ ସେହିପରି ଛିଟା ଛିଟା ଆଖି !! କିନ୍ତୁ ଲୋଭନୀ ଯାଚିତା ଦେହ ଜୁଡ଼ା ପରିବର୍ତ୍ତେ ପୃଷ୍ଠ ଦେଶରେ ଝୁଲୁଥିଲା ଯମୁନାର ଲହରୀ !! ଅଙ୍ଗୁଳିରେ ସତ୍ୟ ବସନ ଆହୁରି ସୁନ୍ଦର ଦିଶୁଥିଲା ।

ସେ ଆବେଗରେ ଡାକିଲେ – "ଜିତା !!!" ତାପରେ ମୃଦୁ ଗଣ୍ଡଦେଶରେ ଚୁମ୍ବନ ଆଙ୍କି କହିଲେ – "ଜାଣୁ ? ତୁ ମୋର ମନ ଚୋରାଇ ନେଇଛୁ ।"

ରାଜକୁମାରଙ୍କ ଅନ୍ତରଟା ଠିକ୍ ଖାଲିଟା ହୋଇଯାଇଛି । ମନେହେଲା ସେ ତାଙ୍କର ଅନ୍ତରର ସମସ୍ତ ବ୍ୟଥା, ସମସ୍ତ ବେଦନା ଜିତା ଆଗେ କହିପକାଇଛନ୍ତି ।

ଆରଦିନ—

ଜିତା ଶିବ ମନ୍ଦିରରେ ମୁଣ୍ଡ ନୁଆଁଇ ଓଳଗି ହେଉଥିଲା । ମୁକୁଳା କେଶରାଶି ତାର ଆଗକୁ ଖସିପଡ଼ିଥିଲା ମୁହଁ ଢାଙ୍କି ଭିତରେ ତାର ଶିବଙ୍କ ପାଖରେ ଜଣାଉଥିଲା ଜାଣି କିଏ ଜାଣେ ? କିନ୍ତୁ ସେ

Digitized by srujanika@gmail.com

ଦଶୁଥିଲା ରାଜକୁମାରଙ୍କ ମନଗହନର ଗୁମ୍ଫା । ପହଞ୍ଚି ଶୁଣିଲା "ଲତା ।"

ଲତା ଚମକିଲା ପରି ଚାହିଁଲା । ଆଖିକି ତାର ବିଶ୍ୱାସ କରି ପାରିଲାନାହିଁ । ପରକ୍ଷଣରେ ଚମକି ଚାହିଁଲା କେହି କୁଆଡ଼େ ନାହିଁ ତ ? ସଖୀ ପୁଷ୍ପା ବି ଆଜି ସଙ୍ଗରେ ଆସିନି । କିଏ ସେ ଆସିଥିଲା ମନକୋଳି ଭୋଳାନାଥଙ୍କ ପାଖେ କ'ଣ ଜଣାଇବ ବୋଲି । ମନେ ମନେ ସେ ଶିବଙ୍କୁ ପ୍ରଣତି କଲା ।

"ମୁଁ ତୋତେ ପ୍ରାଣଭରି ଭଲପାଏଁ ଲତା," ରାଜକୁମାର ମୁଗ୍ଧ ନୟନରେ ଲତା ଆଡ଼େ ଚାହିଁଲେ !

ଲତାର ଓଠରୁ ପଦେ ମାତ୍ର କଥା ଫୁଟିଲା ନାହିଁ ସତ । କିନ୍ତୁ ଅଧରରେ କ୍ଷୀଣ ହାସ୍ୟରେଖା ଫୁଟାଇ ଯିମିତି ସେଇ କଥାର ଦୁଆ ଦେଇ ଆଖିରେ ଆଖିରେ ସେ କହିଲା ମୁଁ ତୁମକୁ ଭଲପାଏଁ ରାଜକୁମାର ।"

ତାପରେ ଜହ୍ନ ମିଶିଗଲା ଦୂର ଦିଗ୍‌ବଳୟ ସେପାଖରେ—

ନିର୍ଜନ ନିଶୀଥରେ—

ଧରଣୀର ସବୁଜ ଗାଲିଚା ଉପରେ ରାଜକୁମାରଙ୍କ କୋଳ ଉପରେ ମଥା ରଖି ଶୋଇଥିଲା ଲତା ।

ତାର ନାଲିଆ ଅଧରରେ ଅଧର ଛୁଆଇଁ ରାଜକୁମାର ଡାକିଲେ "ଲତା"

ଲତା ଆଖିରେ ମାଦକତା ଭରି କହିଲା । "ରାଜକୁମାର" । "ମୁଁ ତତେ ପ୍ରାଣଭରି ଭଲପାଏଁ, ଜାଣୁ ଲତା ?"

"ଆଉ ମୁଁ ତୁମକୁ—" କହୁ କହୁ ଲତାର କଣ୍ଠ ଅଟକିଗଲା । ଦୂର ଦିଗ୍‌ବଳୟ ଅନ୍ତରାଳରୁ ପହରିକିଆ ବିଲୁଆଟାଏ ଭୁକି ଉଠିଲା । ସେ ଚଞ୍ଚଳ ହୋଇ ଉଠିଲା ଯିବାକୁ ।

ରାଜକୁମାର ତାର ଗୋଲାପ ଗଣ୍ଡ ଉପରେ ଅଧର ଛୁଆଁଇ କହିଲେ "ତୁମେ ପରାକୁ ଯିବାକୁ ଏତେ ଚଞ୍ଚଳ ଲତା । ତୋ ମୂର୍ତ୍ତି ମୋ ପାଖେ ସ୍ଥିର ! ପଦରେ ତୋର ଅଳତା ରଞ୍ଜି, ଗଳାରେ ତୋର ପୁଷ୍ପହାର ଖଞ୍ଜି - ମୁଁ ଆନନ୍ଦ ପାଏଁ ।

ଲତା ଗୁଲି ଯାଇ କାନେ କହିଲା - "ମୁଁ ବି ମନରେ ତୁମକୁ ସଜାଇ ତାଠାରୁ ବେଶୀ ଆନନ୍ଦ ପାଏଁ ରାଜକୁମାର ।"

ମୂର୍ତ୍ତିଟା ଏବେ ବେଶରେ କେମିତି ଅଳତା ରଞ୍ଜିଥିଲେ ରାଜକୁମାର । ପାଖରେ ତାଙ୍କର ସୁବର୍ଣ୍ଣ ଥାଳିରେ ସଜା ପୁଷ୍ପହାର ଚନ୍ଦନ ।

ଦରଆଉଜା କବାଟ ମୁକୁଳାଇ ଘର ଭିତରେ ପ୍ରବେଶ କଲା ମଦନା ।

ରାଜକୁମାର ତା ଆଡ଼େ ଚାହିଁ କହିଲେ - "ଲତା, ମୋର କି ସୁନ୍ଦର ଦଶୁଛି ଦେଖିଲୁ ।"

ମଦନା ଚକ୍ଷୁର ପଲକେ ପଲକେ ଫୁଟିଉଠିଲା ଘୃଣା କହିଲା "ରାଜକୁମାର ଅପରାଜିତା, ଶିଳ୍ପୀ ଶ୍ରୀଧରର କନ୍ୟା ।"

ଅଧରରେ ହାସ୍ୟର ରେଖା ଫୁଟାଇ ରାଜକୁମାର କହିଲେ "ମୁଁ ଜାଣେ ମଦନା ! ।"

"ଜାଣି ଜାଣି ଆପଣ ତା ଆଡ଼କୁ ଢଳି ପଡ଼ୁଛନ୍ତି ? ଯାହା ହେଉ ଏ ନୁହେଁ ସେ ଅନ୍ତଃସତ୍ତ୍ୱା ।"

"ମାତୃତ୍ୱ ତ ନାରୀର ଗୌରବ ମଦନା !"

"ତେବେ ଜାଣିଛନ୍ତି ? ରାଜାଦେଶରେ ଶ୍ରୀଧରର ମୁଣ୍ଡକାଟ ଆଦେଶ । ଆଉ ତାରି କନ୍ୟା ଅପରାଜିତା ଆଜି ବନ୍ଦିନୀ ।"

"ଲତା ବନ୍ଦିନୀ ? ?" ରାଜକୁମାର ଚମକିପଡ଼ିଲେ ।

Digitized by srujanika@gmail.com

"ହଁ ବନ୍ଦିନୀ । ମୁଣ୍ଡକାଟ ହୋଇଥାନ୍ତା କିନ୍ତୁ ସେ ଅନ୍ତଃସତ୍ତ୍ୱା ।

ରାଜକୁମାର ଚମକିପଡ଼ି ମୂର୍ତ୍ତିର ପଦ ଦୁଇଟା ଧରି-ପକେଇ କହିଲେ - "ମୋତେ କ୍ଷମା ଦେ ଛଡା । ତୁ ଆଜ ମୋରିଲାଗି ବନ୍ଦିନୀ । କିନ୍ତୁ କଠିର ଉରବାସୀ ମୋର ପିତୃବକ୍ଷ ଲାଗି ବ୍ୟାକୁଳ ।"

ମଞ୍ଜୁମୟୀ ମଞ୍ଜୁମାଳା ଯେଉଁଦିନ ରୂପର ଚନ୍ଦ୍ର ଉଦ୍ଧଆ ଜାଳି ରାଜକୁମାରଙ୍କ ଶୟନ କକ୍ଷକୁ ଆଲୋକିତ କରିଦେଲେ - ରାଜକୁମାର ଚମକି ପଡ଼ିଲେ - "ଏତେ ରୂପ କ'ଣ ମାନବୀଠାରେ ସମ୍ଭବ ?"

ମଧୁକର ଫୁଲରୁ ମଧୁ ଲୁଟି ଉଡ଼ିଗଲାବେଳେ - ଶେଷଥର ଲାଗି ଫୁଲର କାନରେ ଯେଉଁ ବ୍ୟଥାର ଗୀତ ଗାଇଦେଇ ଯାଏ, ଅନ୍ୟ ଫୁଲରୁ ମଧୁ ଲୁଟିଲାବେଳେ ତାର କଣ ସେ ଫୁଲ କଥା ମନେ ଥାଏ ?

# ବାସ୍ତବ

ଶ୍ରୀ ବ୍ରଜମୋହନ ମହାନ୍ତି

ସ୍ତବ୍ଧ ଅନ୍ଧ ବନ୍ଧୁ ରାଜପଥ
 ସୁପ୍ତମଗ୍ନ ପ୍ରିୟ ନସୁନ୍ଦର
ଶାନ୍ତ ପକ୍ଷୀ ସୁପ୍ତ ପତ୍ରନୀଡେ,
 ରାତ୍ରି ଆଜ ମଧୁ ଜ୍ୟୋତ୍ସ୍ନାଭରା ।୧।

ମୃଦୁ ଗୁଞ୍ଜ ପଥପ୍ରାନ୍ତେ ଧୀରେ
 ଚଳେ ଏକା ଯେତେ ମୁ ସୁନ୍ଦର
ହୃଦେ ଉଠେ ପ୍ରଣୟର ଝଡ଼
 ପ୍ରିୟା ଲାଗି ପ୍ରାଣ ମୋ ଅସ୍ଥିର ।୨।

ଚକ୍ଷୁପ୍ରାନ୍ତେ ଦେଖା ପ୍ରୀତିମେଳ
 ଗୃହେ ପ୍ରିୟା ନିତ ଦୀର୍ଘପଥେ
ସ୍ୱପ୍ନ ଆଶା ଲଭେ ସତ୍ୟ ପ୍ରେମ
 ବିଶ୍ୱେ ଅବା ସମାଟ ମୁ ସତେ ।୩।

Digitized by srujanika@gmail.com

# ସୁନାଫୁଲ

ଶ୍ରୀ ନବକିଶୋର ଦାସ

[ 'ସୁନାଫୁଲ' ଏକ ଦାର୍ଶନିକ - ନାଟକ ଏହାର ନାମ ଦେଇଛୁ "ନୀଳା" । "ନୀଳା" ଶବ୍ଦଟି ଆମର ଅତି ପୁରୁଣା କିନ୍ତୁ ଏହା ତାହାର ଏକ ନୂଆ ରୂପ ]

ପ୍ରଥମ ଅଙ୍କ — ୧ମ ଦୃଶ୍ୟ

[ ଶରତ ଋତୁ । ଗୋଧୂଳି । ମଞ୍ଜୁ-ପୁରୀ ଷ୍ଟେସନ ଅଦୂରରେ ଗୋଟିଏ କୋଠାର ଏକ ଉଚ୍ଚ ବାରଣ୍ଡା । ବାରଣ୍ଡାର ପଶ୍ଚିମ ପାଖକୁ ବନ୍ତୀର୍ଣ୍ଣ ଶାଗୁଆ ଧାନବିଲ । ଅଦୂର ଦୂରକୁ ମାନସ ନାମକ ନୀଳ ପାହାଡ଼ । ପାହାଡ଼ ଓ କ୍ଷେତ ମଝିରେ କେତୋଟି ତାଳଗଛ । କ୍ଷେତ ମଝିରେ 'ଜୀବନ' ନଈ ବହିଯାଉଛି । ମଞ୍ଜୁପୁରୀ ସଣୀହଂସପୁରର ବାରଣ୍ଡାରେ ଦୁଇଟି ଶିଶୁ ଛିଡ଼ାହୋଇ ଏହି ଦିଗଗୁଡ଼ିକୁ ଦେଖୁଛନ୍ତି । ସେମାନେ ମହାରାଜା ଜିତାମିତ୍ରଙ୍କର ରାଜପୁତ୍ର ଓ କନିଷ୍ଠା କନ୍ୟା । ରାଜପୁତ୍ରଙ୍କ ନାମ ସୁଶୀଳ । ରାଜକୋମାରୀଙ୍କ ନାମ ମାନସୀ । ଉଭୟଙ୍କ ବୟସ ନଅ, ଦଶ ବର୍ଷ ଭିତରେ । ବାରଣ୍ଡାରେ ଆଉ କେହି ନଥିଲେ । ବାରଣ୍ଡାରେ ଖଣ୍ଡିଏ ଗାଲିଚା ପଡ଼ିଥିଲା । ପିଲା ଦୁଇଟି ଅବେଗ ନୟନରେ ପଶ୍ଚିମ ଦିଗକୁ ଅନାଇ ରହିଛନ୍ତି । ନୀଳ ଆକାଶରେ ଅସ୍ତଗାମୀ ସୂର୍ଯ୍ୟ ସେମାନଙ୍କ ଦୃଷ୍ଟି ଆକର୍ଷଣ କରୁଅଛି । ବାରଣ୍ଡାକୁ ଲାଗି ସଣୀହଂସପୁରର ଫୁଲ ବଗିଚା ।

ମାନସୀ— ଦେଖୁଛୁ ନା ?

ସୁଶୀଳ— ତୁ ଦେଖୁଛୁ ନା ?

ମାନସୀ— ମୁଁ ଦେଖି ନଥିଲେ କଣ ପଚାରନ୍ତି ?

ସୁଶୀଳ— କଣ ଦେଖୁଛୁ ?

ମାନସୀ— ଏହି ଯେ ନେଳିଆ ପାହାଡ଼ ନୁହେଁ ?

ସୁଶୀଳ— ଓହୋ' - ହୋ; ଏହି ଆମ "ମାନସ - ପାହାଡ଼" ତୁ ସେଇଟାକୁ ଅନା ତ ?

ମାନସୀ— କିଅଣ ?

ସୁଶୀଳ— ତୁ ଅନାଉ ନାହୁଁ ?

ମାନସୀ— ମୁଁ ତ ସେ ଅନାଉଛି !

ସୁଶୀଳ— ଦେଖ୍, କମିତ ସୂର୍ଯ୍ୟ ଯାଉଛନ୍ତି ମା କୋଳକୁ ... ।

ମାନସୀ— ଦେଖ ନା ଭାଇ ! କମିତ ଶାଗୁଆ ବିଲ ! ଏହି ଯେଉଁ ତାଳଗଛ ନାହିଁ, ତାର ଉପରେ ଗୋଟିଏ ଭଦଭଦଳିଆ ଚଢ଼େଇ ବସା କରିଛି !

ସୁଶୀଳ— ତୁ କଣ ଦେଖିଛୁ ?

ମାନସୀ— ହଁ ଭାଇ, ସେଦିନ ମା ମୋତେ ଦେଖାଇ-ଦେଲା । କି ସୁନ୍ଦର ତା ପକ୍ଷୀଗୁଡ଼ାକ, ନେଳିଆ ସରଗ ଭଳି ! ସେ ଫର ଫର ହୋଇ ଉଡ଼ିଗଲା । ଭାଇ ! ( ପାଖକୁ ଲାଗି ଆସି ) ଲୁଅଣେ ଭଦଭଦଳିଆ ଚଢ଼େଇ ଦେଖିଲେ ଶୁଭହୁଏ ?

ସୁଶୀଳ— କିଏ କହିଲା ?

ମାନସୀ— ମା

ସୁଶୀଳ— ହଁ, ମୁଁ ଶୁଣିଛି । ଠିକ୍ କି ନାହିଁ କହି ପାରିବି ନାହିଁ ।

ମାନସୀ— କହି ପାରିବୁ ନାହିଁ ? ମା କଣ ମିଛ

Digitized by srujanika@gmail.com

କହନ୍ତି ?

ସୁଶୀଲ— କିଏ କହିବ ?

ମାନସୀ— ବାବା, ମା କଣ ମିଛ କହନ୍ତି ?

ସୁଶୀଲ— ( ହସି ) ଯାଃ ( ଦୂରକୁ ଠେଲିଦେଇ ) ତୁ ବଡ ଗପୁଡି ! [ ଦୁହେଁଯାକ ପୁଣି ପାଖକୁ ପାଖକୁ ଲାଗି ଛିଡ଼ାହୋଇ ରହିଲେ । ଟିକେଇ ଟିକେଟେ କି ଶାଳ ସରଗରେ ଉଡ଼ିଗଲେ । ମାନସୀ ପୁଣି ନୀରବତା ଭାଙ୍ଗି ପଚାରିଲା ]

ମାନସୀ— ଭାଇ ! ଏହି ସେ ହଳଦିଆ ଫୁଲ ଗଛ ପାଖରେ କି ଫୁଲ ?

ସୁଶୀଲ— କାହିଁ ?

ମାନସୀ— ଦେଇ ପରା, ହଳଦିଆ, ହଳଦିଆ

ସୁଶୀଲ— ଓହୋ - ହୋ, ଦେଖିଲଣି ଯେ - ( ଦୌଡ଼ି-ଯିବାକୁ ଉଦ୍ୟତ )

( ସୁଶୀଲ ଦୌଡ଼ିଗଲା — )

ମାନସୀ— ଭାଇ ମୁଁ ଆଗେ ଦେଖିଛି, ମୋର ହେଉଅଛି ! ( ତା ପଛରେ ଦୌଡ଼ିବାକୁ ଉଦ୍ୟତ )

[ ଏହି ସମୟରେ ବାରଣ୍ଡାକୁ ପଶି ଆସିଲେ ଜଣେ ଯୁବତୀ, ହାତରେ ଗୋଟିଏ ବୀଣା । ଯୁବତୀଙ୍କ ନାମ ବିବେକୀ । ବୟସ ପଚିଶ, ଷୋହଳ । ସେ ଅତି ସୁନ୍ଦରୀ ରାଜବଂଶୀୟ ସାଧବ ଝିଅ । ଜ୍ୟେଷ୍ଠା ରାଜକନ୍ୟା ମା ଲକ୍ଷ୍ମୀଙ୍କର ମିତଣୀ । ତାଙ୍କ ସଙ୍ଗରେ ମଧ୍ୟ ଆସିଲେ ଲକ୍ଷ୍ମୀ, ପିଲାମାନଙ୍କ ଦୌଡ଼ ଦେଖି ।

ବିବେକୀ— ( ସୁଶୀଲକୁ ଲକ୍ଷ୍ୟ କରି ) କହୋ, ଏମିତି ଦୌଡ଼ୁଛ କାହିଁ ?

( କିଛି ନ ଶୁଣି ଦୁହିଁଙ୍କୁ ଭିତରକୁ ଦୌଡ଼ିଗଲେ )

ଲକ୍ଷ୍ମୀ— ସେ କଣ କାହା କଥା ଶୁଣିବ ? ତୁମେ ବସ ଗୋ ! ( ଉଭୟ ଆଗରୁ ପଡ଼ିଥିବା ଚୌକିରେ ବସିଲେ ) ଅଜି ତୁମର ଗାଇବା ପାଳି ପଡ଼ିଛି ।

ବିବେକୀ— ( ହସି ) କିଆଁ ମ ?

ଲକ୍ଷ୍ମୀ— ଦେଖୁନା ପାଗ !

ବିବେକୀ— କି ପାଗ ? ତୋ ଘରର ଏ ପଛପଟ ବାରଣ୍ଡା ଖଣ୍ଡି ବେଶ୍ ଲାଗେରେ ! ଅଜି ପାହାଡ଼ଟା କି ସୁନ୍ଦର !

( ବିବେକୀ ବୀଣାରେ ଝଙ୍କାର ଦେଲା )

ଲକ୍ଷ୍ମୀ— ତମେ ତ କଣ ନ ଦେଖିଲା ଭଳି କହୁଛ ? ପାହାଡ଼ ଆଙ୍କୁ ଅଜି ସେଇପଟୁ କି ସୁନ୍ଦର ଦେଖାଯାଉଛି !

ବିବେକୀ— ହଁଗୋ, ତୁମର ଭଳି । ଧାନକ୍ଷେତ ପରା ଲକ୍ଷ୍ମୀ ଦେବୀଙ୍କର ଲୀଳା-ଭୂଇଁ ! ତମେ ତମ ନୂଆ ଗୀତଟା ମୋତେ ଅଜି ଶୁଣାଇବ ?

ଲକ୍ଷ୍ମୀ— ନା-ନା, ତମେ ପହିଲେ ଗାଅ ! ତମକୁ ସେ-ଗୀତଟା କେଉଁ ଅଜଣା ?

ବିବେକୀ— ତାହାହେଲେ ଆସ ମିଳି ଦୁହେଁଯାକ ଗାଇବା ।

ଲକ୍ଷ୍ମୀ— ସେଥିରେ ମୋର ରାଜି !

( ବିବେକୀ ବୀଣା ବଜାଇବାକୁ ଆରମ୍ଭ କଲା )

ବିବେକୀ ଓ ଲକ୍ଷ୍ମୀ—

ଉଷାର ଅରୁଣ ପ୍ରେମ ମମ ଯେମନ ଶ୍ୟାମଳ ଭବେ,
ଶରତ ସନ୍ଧ୍ୟାର ଦୂର ତାରକା ଭଳି ଉଜ୍ଜଳି ନଭେ ।

Digitized by srujanika@gmail.com

ବନ୍ଧୁ ବେଦନା ପ୍ରାଣେ ଶାନ୍ତି ସୁଧା -
କି ଶୁଭ ମନ୍ତ୍ରରେ ଭରେ ମଧୁ ବସୁଧା !
ବିରହୀ ପରଶେ ପ୍ରାଣେ ପ୍ରୀତି ଲଭେ;
ଉଷାର ଅରୁଣ ସମ ମମ ସପନ ଶ୍ୟାମଳ ଭବେ ।
(ଶୁଣ) କୋକିଳର ସେତେ ମରମ ବଥା
ପ୍ରତି ରଜନୀ ପ୍ରାଣେ ଜଗାଉଛି
ଶୁନା ଦୋଳ ସୁଖର କଥା
ଜୀବନର ସୁଖଦୁଃଖେ ଆନନ୍ଦ ନୀର
ଶ୍ରାବଣ ଜଳଦ ସମ ଦେଉଛି ଢାଳି
ଲତିକା ପର
ଉଷା,-ସଞ୍ଜ-ବାତାୟନେ ଖେଳଇ ଯବେ
ଉଷାର ଅରୁଣ ସମ ମମ ସପନ ଶ୍ୟାମଳ ଭବେ ।

[ ବୀଣା ବଜା ବନ୍ଦ ହେଲା । ମାନସୀ ହଠାତ୍ ସୁନ୍ଦର ଆଡେ ଭାସି ବୁଲୁଥିବା - ମାନସୀ ଓ ସୁଶୀଳ ଧଇଁସଇଁ ହୋଇ ପୁଣି ଦୌଡ଼ିଆସିଲେ - ଦୁହିଁଙ୍କ ହାତରେ ହଳଦିଆ କନିଅର ଫୁଲରୁ ଗୋଛାଏ ଲେଖାଁ ]

ଲକ୍ଷ୍ମୀ — କିରେ ଏ କଣ ? କୁଆଡେ ଦୌଡ଼,ଦୌଡ଼ ହୋଇ ଯାଇଥିଲ ?

ସୁଶୀଳ — ମାନସୀ ପରି ଫୁଲ ପାଇଁ ଅଡି ଲଗାଇଲା ।

ମାନସୀ — କାହିଁ ଦେଇ ! ଭାଇ ଅଗ ଦୌଡ଼ିଲା ଏ ଫୁଲ ଦେଖି । ମୁଁ ତାଙ୍କୁ ଦେଖାଇ ଦେଲି ଖାଲି ହାତ ଠାରିକି !

ଲକ୍ଷ୍ମୀ — ହଉ, ହଉ, ତୁହ ଅଛ ମାଙ୍କ ଆଗରେ କହୁଛୁ ଯେ —

ମାନସୀ — ( ଫୁଲଗୁଡ଼ାକ ତଳେ ପୋଥା ଉଠେଇ ) ନା ଦେଇ, ମୁଁ ପରି ଗୀତ ଶିଖିବି । ମୋ ତାନପୁରା କାହିଁ ?

( ମାନସୀ ଭଲ ଚିଲଟି ଭଲ ସେହି ଗାଲିଚାରେ ବସି ପଡିଲା )

ବିବେକୀ - ରଜାପୁଅ, ଜମିଦାରିଅ ହିନା 'ସୁନାଫୁଲ' ତୋଳା ଖେଳନ୍ତି, ଏ ଭୁଛା ହଳଦିଆ କନିଅର ଫୁଲଗୁଡ଼ାକ କଣ ହେବ ?

ମାନସୀ — କି ଫୁଲ ? କି ଫୁଲ ? ( ମାନସୀ ବିବେକୀ ପାଖକୁ ଲାଗି ଆସିଲା )

ସୁଶୀଳ — ସୁନାଫୁଲ ! ତମ ବାଡିରେ ଫୁଟିଛି ?

ବିବେକୀ — (ହସି) ଦେଖୁଛନା ବାଜଜେମା ! ତୁମ ଭାଇ ଭଉଣୀଙ୍କ ବୁଦ୍ଧି କି ?

ଲକ୍ଷ୍ମୀ — ଯାଃ, ସୁଶୀଲ ପଢ଼ିବୁ ପା…

ସୁଶୀଳ — ତା ସବୁଛି । ଏ ବେଳ ଛୁଟି, ବାବା କହିଲେ ଖେଳିବାକୁ …

ଲକ୍ଷ୍ମୀ — ସୁନାପୁଅ ତାଙ୍କର, ସବୁବେଳେ ଖେଳ - ।

ସୁଶୀଳ — ସୁନାପୁଅ ନୁହେଁ ? ମାନସୀ ତୁ ସେ ଗୀତଟା ଗା-
କଣ ସେହି ଗୀତ ?
ଛୁଟି ଦିନ ପାଠ ପଢ଼ିବା ନାହିଁ
ଖେଳିବ ଖାଲି ଖେଳ…

ମାନସୀ — ନୀଳ ସରଗ ତଳେ
ଶାଗୁଆ ଘାସ ପରେ

ସୁଶୀଳ — ବଇଁଶୀ ବାଇ ନାଚିବା ଖାଲି
କଟାଇ ସାରାବେଳ !

ବିବେକୀ — ଖେଳିଲେ ଖାଲି କଣ ହେବ ? ଯଦି ରଜାପୁଅ, ଜମିଦାରିଅ ହୋଇ 'ସୁନାଫୁଲ'ରେ ଖେଳ ନ ଖେଳିଲ, ତୁମର ସେ କି ଖେଳ ?

ଲକ୍ଷ୍ମୀ — (ହସି) ତମର ପରି ସାଧବଘର, ସୁନା ରୁପାର କାରବାର, ତମେ ନିଶ୍ଚୟ 'ସୁନାଫୁଲ' ରେ ଖେଳ ଖେଳୁଥିବ ?

ବିବେକୀ — ( ହସି ଓ ଗମ୍ଭୀର ହୋଇ ) ନିଶ୍ଚୟ, ମୋ ଭାଇତ ସାତସମୁଦ୍ର, ତେର ନଦୀ ପାର ହୋଇ

Digitized by srujanika@gmail.com

ଯାତ୍ରି ବଣିକ କଣ କେତେ ଦୂର ଦ୍ୱୀପକୁ - ତାଙ୍କର ସମୁଦ୍ର ଲହଡ଼ିରେ କେତେ ଦିନ ରାତି କଟିଯାଏ, ସେହିତ ମୋତେ 'ସୁନାଫୁଲ କଥା କହୁଥିଲେ ?

ଲକ୍ଷ୍ମୀ — ସତେ, ସୁନାଫୁଲ !

ବିବେକୀ — ନିଶ୍ଚୟ, ସୁନାଫୁଲ ଯେ ସରଗ, ମର୍ତ୍ତ୍ୟରେ ଆପଣାଛାଏ ଆପେ ଫୁଟି ଆପେ ଝଡ଼ୁଛି !

ଲକ୍ଷ୍ମୀ — (ହସି) କଣ କହୁଛ ଗୋ ?

ବିବେକୀ — (ବିସ୍ମୟର ସହିତ) ସତ ଗୋ ରାଜଜେମା ସତେ ? ତୁମେ ତ ପଢ଼ିନାହିଁ ?

ଲକ୍ଷ୍ମୀ — ମୋତେ ତୁମେ ସୁନାର 'ନୀଳ କମଳ'ଟିଏ ଆଣିଦେବ ତେବେ ?

ବିବେକୀ — (ହସି) ମୁଁ କାହୁଁ ପାଇବି ? ମୋର ସୁମନ ଭାଇ ସେ କଥା କହିପାରିବେ !

ଲକ୍ଷ୍ମୀ — ତମ ସୁମନ ଭାଇଙ୍କୁ କହି ଗୋଟିଏ ଆଣିଦେବ (ନେଇଦୁଇଟି ଏମାନଙ୍କ କଥା ଗମ୍ଭୀର ହୋଇ ଶୁଣୁଥିଲେ )

ସୁଶୀଳ — କାହିଁକି ଦେଈ, ଆମର ବାବାଙ୍କୁ କହି ବଣିଆଙ୍କ ହାତରେ ଗଢ଼େଇନେବା ନାହିଁ ?

ବିବେକୀ — ବଣିଆ ଗଢ଼ା ସୁନାଫୁଲ ? ମୁଁ କ'ଣ ସେହି ସୁନାଫୁଲ କଥା କହୁଥିଲି ?

ଲକ୍ଷ୍ମୀ — ଆଉ !

ବିବେକୀ — ( କଥା ଭୁଲେଇ ) ମୁଁ ଯାଉଛି ରାଜଜେମା ଡେରି ହେଲାଣି, ବୋଉ ଗାଳିଦେବ ।

ମାନସୀ — ( ଉତ୍ତେଜିତ ହୋଇ ) ବିବେକୀ ଦେଈ, ତୁ ବଡ଼ ମିଛୁଆ...

[ ଲକ୍ଷ୍ମୀ ନୀରବ ଓ ଗମ୍ଭୀର ହୋଇଗଲେ । ସୁଶୀଳ କିଛି ନ ବୁଝି ଭଳି ଫୁଲଗୁଡ଼ିକ ଗୋଟାଏ ଜାଗାରେ ଜମା କରିନେଇ ବସିପଡ଼ିଲେ । ମାନସୀ ସେହି ଅଜ୍ଞାତ ପାହାଡ଼ ଜୀବନ-ନଈ ଆଡ଼କୁ ଧ୍ୟାନମଗ୍ନ ଥିଲା ଭଳି ଚାହିଁ ରହିଲେ

ଲକ୍ଷ୍ମୀ — ବିବେକୀ, ତମେ ବଡ଼ ଅଡ଼ୁଆ ଲୋକ । ଏ-ପିଲାଏ ତମ କଥା ଶୁଣି ରାଜବାଟୀରେ ଏଣିକି ଅଝଟ ଲଗାଇବେ 'ସୁନାଫୁଲ" ପାଇଁ, କିଏ କେଉଁଠୁ ଆଣିଦେବ ସୁନାଫୁଲ ?

ବିବେକୀ — ( ଉଠ୍ ଉଠ୍ ବସିପଡ଼ିଲା । ସମସ୍ତଙ୍କୁ ଭୁଲେଇବା ପାଇଁ ବାଉଁଶରେ ଗୋଟିଏ ମଧୁର ଗୀତ ବଜାଇବାକୁ ଆରମ୍ଭ କରିଦେଲା । କିଛି-ସମୟ ପରେ )

ସୁଶୀଳ — ଦେଈ ! ସୁନାଫୁଲ ?

ମାନସୀ — ମୁଁ ଯାଉଛି କି ସୁମନ ଭାଇଙ୍କ ପାଖରୁ 'ସୁନାଫୁଲ' ନେଇ ଦୌଡ଼ି ଆସିବ !

( ଲକ୍ଷ୍ମୀଙ୍କଠାରୁ ବିବେକୀ ବିଦାୟ ନେବାକୁ ଉଦ୍ୟତ )

ବିବେକୀ — ଗାଳି ଦେବନାହିଁ ଗୋ ରାଜଜେମା - ସୁନାଫୁଲ ଦୁନିଆରେ ଅଛି, ଆଉ ପ୍ରତି-ଯୁଗରେ ମଣିଷ ସୁନାଫୁଲ ପାଇଛି ... ...

ଲକ୍ଷ୍ମୀ — ପାଇଛି ?

ବିବେକୀ — ପାଇନାହିଁ କେବଳ, ନିଜ ବଗିଚାରେ ଫୁଟାଇଛି ଏ କନିଅର ଫୁଲ ଭଳି ।

( ବାଂଶୀ ଧରି ବିବେକୀର ପ୍ରସ୍ଥାନ । ସୁଶୀଳ, ମାନସୀ ପୁଣି ଦୌଡ଼ାଦୌଡ଼ି ହୋଇ ଗଲେ ବିବେକୀ ପଛରେ )

ଲକ୍ଷ୍ମୀ — ଆରେ ଆରେ ଯାଅରେ, ସୁନାଫୁଲ ଚାଲିରେ ଯେ ଦେଖିକୁ ଚିହ୍ନା କରିବ ?

( ଲକ୍ଷ୍ମୀ ସେମାନଙ୍କର ପଛରେ ମଧ୍ୟ ପ୍ରସ୍ଥାନ )

( କ୍ରମଶଃ )

—×✤×—

## ବାଣାପୁର ଝରିଆଳର ଅତୀତ ବୈଭବ

ଶ୍ରୀ କେଦାରନାଥ ମହାପାତ୍ର

ପ୍ରାୟ ତିନିବର୍ଷ ପୂର୍ବେ ପ୍ରାଚୀନ ଉତ୍କଳରେ ଗୋଲକ୍ୟ ମଠ ନାମକ ଏକ ପ୍ରବନ୍ଧ ମୋ ଦ୍ୱାରା ସହକାର ମାସିକ ପତ୍ରିକାରେ ପ୍ରକାଶିତ ହୋଇଥିଲା । (୧) ସେଥିରେ ପାଟଣା ହେଁ ଅନ୍ତର୍ଗତ ରାଣୀପୁର ଝରିଆଳରେ

(୧) ପ୍ରାଚୀନର ଉତ୍କଳରେ ଗୋଲକ୍ୟ ମଠ ସହକାର ୨୩ଶ ଭାଗ ୧ମ ସଂଖ୍ୟା ପୃ ୪୪୭—୪୫୦

Digitized by srujanika@gmail.com

ଗୋଟିଏ ଗୋଲକୀ ମଠ ଥିବାର କେତେକ ପ୍ରମାଣ ପ୍ରଦର୍ଶିତ ହୋଇଥିଲା । କିନ୍ତୁ ଉକ୍ତ ପ୍ରବନ୍ଧରେ ଗୋଲକୀ ମଠର ସମସ୍ତ ନିରୂପଣ କରିବାପାଇଁ ସମ୍ଭବ ହୋଇ ନଥିଲା । କଳାହାଣ୍ଡି ପଶ୍ଚିମ-ପ୍ରାନ୍ତ ଅଞ୍ଚଳର ପ୍ରାଚୀନ ଇତିହାସ ଅନୁସନ୍ଧାନ କରୁଁ କରୁଁ ଏହି ମଠର ନିର୍ମାତା 'ଗଗନ ଶିବ'ଙ୍କ ସମ୍ବନ୍ଧରେ କେତେକ ନୂତନ ପ୍ରମାଣ ମିଳିଛି । ତାହା ସାହାଯ୍ୟରେ ରାଣୀପୁର-ଝରିଆଲସ୍ଥ ପ୍ରାଚୀନ କୀର୍ତ୍ତିମାନଙ୍କର ସମସ୍ତ ସ୍ଥିରରୂପେ ନିରୂପିତ ହୋଇପାରେ ।

ସେଠାରେ ଏକ ପ୍ରାଚୀନ ଶିବମନ୍ଦିରରେ ଥିବା ଶିଳାଲିପିରୁ ଜଣାଯାଏ ଯେ 'ଗଗନ ଶିବ' ନାମକ ଜଣେ ପ୍ରସିଦ୍ଧ ଶୈବାଚାର୍ଯ୍ୟ 'ରାଣୀପଦ୍ର'ରେ କିଛୁକାଳ ଅବସ୍ଥାନ କରି ପ୍ରସିଦ୍ଧ ଶମ୍ଭୁ 'ସୋମେଶ୍ୱର'ଙ୍କର ମହିମା କୀର୍ତ୍ତନ କରିଥିଲେ । (କେତେକଙ୍କ ମତରେ ଗଗନ ଶିବ ଏହି ସୋମେଶ୍ୱର ମନ୍ଦିର ନିର୍ମାଣ କରିଥିଲେ । ) ପ୍ରାଚୀନ ଭାରତର ଲେଖମାନ ଆଲୋଡ଼ନ କରୁଁ କରୁଁ ହଠାତ୍ ରାଷ୍ଟ୍ରକୂଟବଂଶୀୟ କୃଷ୍ଣ (ତୃତୀୟଙ୍କର କାରହଦ୍ ତାମ୍ରଶାସନରେ) (2) 'ଗଗନ ଶିବ'ଙ୍କର ନାମ ମିଳିଲା । ସେ ମଧ୍ୟ ନାନା ବିଦ୍ୟା ପାରଗ ଜଣେ ପ୍ରସିଦ୍ଧ ଶୈବାଚାର୍ଯ୍ୟ ଥିଲେ । ଏହି ଶାସନଟି ୮୮୦ ଶକ ସମ୍ବତ ବା ୯୫୮ ଖ୍ରୀଷ୍ଟାବ୍ଦରେ ପ୍ରଦତ୍ତ ହୋଇଥିଲା । ଏଥିରୁ ଜଣାଯାଏ ଯେ ତୃତୀୟ କୃଷ୍ଣ (ଅକାଲ ବର୍ଷ ଓ ବଲ୍ଲଭ) ପ୍ରସିଦ୍ଧ ଶୈବାଚାର୍ଯ୍ୟ ଗଗନଶିବଙ୍କୁ କାଙ୍କେମ ନାମକ ଗ୍ରାମ ପ୍ରଦାନ କରିଥିଲେ । ଏହି ଗଗନଶିବ ଈଶାନ ଶିବଙ୍କର ଶିଷ୍ୟ ଥିଲେ । ତାମ୍ରଶାସନରେ ଲେଖାଅଛି ଯେ "ଈଶାନ ଶିବାଚାର୍ଯ୍ୟ ଶିଷ୍ୟାୟ ମହାତପସ୍ୱିନେ ସକଳ ଶାସ୍ତ୍ର ସିଦ୍ଧାନ୍ତ ପାରଗାୟ ଗଗନ ଶିବାୟ × × ।" ଏହି ତୃତୀୟ କୃଷ୍ଣ ଚେଦୀ ବା କଳଚୁରୀ ବଂଶୀୟ ଯୁବରାଜ ଦେବ (ପ୍ରଥମ)ଙ୍କର ନାତି (ଝିଅର ପୁଅ) ଥିଲେ । ତେଣୁ ତୃତୀୟ କୃଷ୍ଣଙ୍କଠାରୁ ସାହାଯ୍ୟପ୍ରାପ୍ତ ଗଗନ ଶିବ ତାଙ୍କର ମାମୁ ଚେଦୀ ବଂଶୀୟ ଲକ୍ଷ୍ମଣରାଜଙ୍କ (ଯୁବରାଜ ଦେବଙ୍କ ପୁତ୍ର) ରାଜ୍ୟକୁ ଆସି ସେଠାରେ ଧର୍ମପ୍ରଚାର ଓ ଶୈବକୀର୍ତ୍ତି ପ୍ରତିଷ୍ଠା କରିବା ସର୍ବାଦୌ ସମ୍ଭବପର । ସେ କାଳରେ ଏହି ସମ୍ପ୍ରଦାୟର ଶୈବାଚାର୍ଯ୍ୟମାନେ ବହୁ ଦୂରବର୍ତ୍ତୀ ଦେଶମାନଙ୍କରେ ରାଜାନୁଗ୍ରହ ପ୍ରାପ୍ତହୋଇ ଏପରି କୀର୍ତ୍ତି ପ୍ରତିଷ୍ଠା କରିଥିବାର ଉଦାହରଣ ମିଳେ । ବିଶ୍ୱେଶ୍ୱର ଶିବ ଗୌଡ଼ ଦେଶବାସୀ ହୋଇମଧ୍ୟ କାକତୀୟ ବଂଶୀୟ ଗଣପତି ଦେବଙ୍କ ସାହାଯ୍ୟ ପାଇ ଅନ୍ଧ୍ର ଦେଶରେ ଏକ ଗୋଲକୀ ମଠ ସ୍ଥାପନ କରିଥିଲେ ତେଣୁ ଗଗନ ଶିବ ଲକ୍ଷ୍ମଣରାଜଙ୍କ ସାହାଯ୍ୟ ପାଇ ରାଣୀପୁର ଝରିଆଲରେ କୀର୍ତ୍ତି ପ୍ରତିଷ୍ଠା କରିଥିବା ସର୍ବଥା ସମ୍ଭବପର । ଗୋଆଲିୟର ଷ୍ଟେଟ ଅନ୍ତର୍ଗତ ଝାନ୍ସି ନିକଟବର୍ତ୍ତୀ ରଣୋଡ଼ ନାମକ ସ୍ଥାନରେ ଥିବା ଏକ ପ୍ରାଚୀନ ଶିଳାଲେଖରେ (3) ବ୍ୟୋମଶିବ ନାମକ ଏକ ପ୍ରସିଦ୍ଧ ଶୈବାଚାର୍ଯ୍ୟଙ୍କର ନାମ ମିଳେ । ସେଥିରେ ତାଙ୍କର ଗୁରୁ ପରଂପରା ନିମ୍ନକ୍ରମେ ପ୍ରଦତ୍ତ ହୋଇଛି ।

କଦମ୍ବ ଗୁହାଧିବାସୀ,

|

ଶଙ୍ଖମଠିକାଧିପତି,

|

ତେରମ୍ବ ପାଳ,

|

ଆମର୍ଦ୍ଦକ ତୀର୍ଥନାଥ,

|

ପୁରନ୍ଦର (ରାଣୀପଦ୍ରଠାରେ ଗୋଟିଏ ମଠ ନିର୍ମାଣ କରିଥିଲେ),

|

କବଚଶିବ

|

ସଦାଶିବ (ରାଣୀପଦ୍ରଠାରେ ଯୋଗସାଧନ କରିଥିଲେ)

|

ହୃଦୟେଶ (ଚେଦୀ ବଂଶୀୟ ଲକ୍ଷ୍ମଣରାଜଙ୍କର ଗୁରୁ ଥିଲେ)

|

ବ୍ୟୋମଶିବ (ସେ ରାଣୀପଦ୍ରର ଲୁପ୍ତ ଗୌରବ ଉଦ୍ଧାର କରିଥିଲେ)

ବର୍ତ୍ତମାନ ବ୍ୟୋମ ଶିବ ଓ ଗଗନ ଶିବଙ୍କର ସମ୍ପର୍କ

2 Karhad plates of Krishna III - E. Ind Vol. IV 1876 - 97 p. p. 278 - 290

3 Ranod Inscription of Vyomasiva, E Indica Vol I p. p. 355 - 357

Digitized by srujanika@gmail.com

ନିରୂପଣ କରିବା ଆବଶ୍ୟକ । ପ୍ରସିଦ୍ଧ ଐତିହାସିକ ଛାବ୍ରାଙ୍କ ମତରେ ଏହି ଦୁଇବ୍ୟକ୍ତି ଏକ ଓ ଅଭିନ୍ନ । କାରଣ ରୂପେ ସେ ଲେଖିଛନ୍ତି ଯେ ରଣୋଡ଼ ଶିଳାଲେଖରେ ବ୍ୟୋମଶିବ ଯଥାକ୍ରମେ ଗଗନେଶ, ବ୍ୟୋମଶମ୍ଭୁ, ବ୍ୟୋମେଶ, ଗଗନଶଶିମୌଳି ପ୍ରଭୃତି ନାମରେ କଥିତ ହୋଇଛନ୍ତି । ତେଣୁ ଉଭୟଙ୍କୁ ଏକ ବ୍ୟକ୍ତିରୂପେ ନିଃସନ୍ଦେହରେ ଗ୍ରହଣ କରାଯାଇପାରେ । (4) ବ୍ୟୋମ ଶିବଙ୍କର ଗୁରୁ ହୃଦୟେଶ ଚେଦୀ ବା କାଳଚୁରି ବଂଶୀୟ [illegible] ଲକ୍ଷ୍ମଣରାଜଙ୍କର ଗୁରୁଥିବା ବିଲହାରୀ ପ୍ରସ୍ତରଲେଖ (5) ରୁ ଜଣାଯାଏ । ହୃଦୟ-ଶିବଙ୍କ ଗୁରୁଙ୍କ ଗୁରୁ ନାମ 'ମଧୁମତେୟ' ବୋଲି ଦିଆଯାଇଛି । ଚନ୍ଦ୍ରେହ ଶିଳାଲେଖରୁ ଜଣାଯାଏ ଯେ 'ଶିଖା ଶିବ' ମଧୁମତୀ ନାମକ ସ୍ଥାନରେ ନିଜର ପ୍ରଧାନ ପ୍ରଚାର କେନ୍ଦ୍ର ସ୍ଥାପନ କରିଥିଲେ । ରଣୋଡ଼ ଲେଖରେ ହୃଦୟେଶଙ୍କ ଗୁରୁଙ୍କ ଗୁରୁଙ୍କ ନାମ 'କଚଶିବ' । କଚର ଅର୍ଥ ଶିଖା । ତେଣୁ କଚଶିବ ଓ ଶିଖାଶିବ ଏକ ବ୍ୟକ୍ତି । 'ଗୁରଗି' ଲେଖରେ ଶିଖାଶିବ ଚୂଡ଼ାଶିବ ରୂପେ ବର୍ଣ୍ଣିତ ହୋଇଛନ୍ତି । ଅତଏବ ମଧୁମତେୟ, ଚୂଡ଼ାଶିବ, ଶିଖାଶିବ ଓ କଚଶିବ ଏକ ବ୍ୟକ୍ତିଙ୍କର ବିଭିନ୍ନ ନାମମାନ । ରଣୋଡ଼ ଓ ବିଲହାରୀ ଉଭୟ ଲେଖରେ ପ୍ରଥମ ଶୈବାଚାର୍ଯ୍ୟ କଦମ୍ବ-ଗୁହାଧିବାସୀ ରୂପେ କଥିତ ହୋଇଛନ୍ତି । ଏହି ଦୁଇ ଲେଖ-ରେ ବର୍ଣ୍ଣିତ ଗୁରୁ ପରମ୍ପରା ମଧ୍ୟରେ ବିଶେଷ ସାମଞ୍ଜସ୍ୟ ଥିବାରୁ ହୃଦୟେଶ ଓ ହୃଦୟ ଶିବଙ୍କୁ ଏକ ବ୍ୟକ୍ତିରୂପେ ଗ୍ରହଣ କରିବା ସର୍ବଥା ଯୁକ୍ତିଯୁକ୍ତ । ହୃଦୟଶିବ ଚେଦୀ-ବଂଶୀୟ କୋଶଳ ଓ ଉତ୍କଳବିଜେତା ଲକ୍ଷ୍ମଣରାଜଙ୍କ ଗୁରୁ ଥିଲେ । ଲକ୍ଷ୍ମଣରାଜ ପ୍ରାୟ ଖ୍ରୀ: ୯୩୦-୯୫୦ ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ । ଅତଏବ ଲକ୍ଷ୍ମଣରାଜ ଓ ତାଙ୍କ ଗୁରୁ ହୃଦୟ ଶିବଙ୍କ ଶିଷ୍ୟ ଗଗନଶିବ ସମକାଳୀନ ଥିଲେ । ପୂର୍ବବର୍ଣ୍ଣିତ ଝୀରହିଦ ତାମ୍ର ଶାସନରୁ ଜଣାଯାଏ ଯେ ଗଗନଶିବ ୯୬୮ ଖ୍ରୀଷ୍ଟାବ୍ଦରେ ଜୀବିତ ଥିଲେ । ତେଣୁ ବ୍ୟୋମେଶଙ୍କ ଶିଷ୍ୟ ଗଗନଶିବ ଓ ରାଷ୍ଟ୍ରକୂଟରାଜ ତୃତୀୟ କୃଷ୍ଣଙ୍କ ଗୁରୁ ଗଗନଶିବ ସମକାଳୀନ ଓ ଏକ ସମ୍ପ୍ରଦାୟ ଭୁକ୍ତ ହୋଇଥିବାରୁ ଏକ ବ୍ୟକ୍ତି ହୋଇପାରନ୍ତି । ଆଉ ମଧ୍ୟ ଚେଦୀବଂଶ ଓ ରାଷ୍ଟ୍ରକୂଟ ବଂଶ ମଧ୍ୟରେ ଘନିଷ୍ଠ ବୈବାହିକ ସମ୍ବନ୍ଧ ଥିବାରୁ ତୃତୀୟ କୃଷ୍ଣଙ୍କ ଗୁରୁ ଗଗନ ଶିବ କୃଷ୍ଣଙ୍କ ମାତୁଳ ଲକ୍ଷ୍ମଣରାଜଙ୍କ ପୃଷ୍ଠପୋଷକତାରେ କୋଶଳର ପୂର୍ବଭାଗରେ ଧର୍ମପ୍ରଚାର ଓ କୀର୍ତ୍ତି ପ୍ରତିଷ୍ଠା କରିଥିବା ସର୍ବଥା ସମ୍ଭବପର ।

ବର୍ତ୍ତମାନ ରଣୋଡ଼ ଲେଖବର୍ଣ୍ଣିତ 'ରଣୀପଦ୍ର' ର ଅବସ୍ଥିତି ନିର୍ଣ୍ଣୟ କରିବା ଆବଶ୍ୟକ । କେତେକ ଐତିହାସିକ ଏହି 'ରଣୀପଦ୍ର' କୁ ଗୋୟାଲିୟର ରାଜ୍ୟସ୍ଥିତ ନରୱରି ନିକଟବର୍ତ୍ତୀ ରଣୋଡ଼ ସହିତ ଚିହ୍ନିତ କରନ୍ତି । କିନ୍ତୁ ଏହା ଯୁକ୍ତିସଙ୍ଗତ ନୁହେଁ । କାରଣ ପଦର ବା ପଦ୍ର ପ୍ରତ୍ୟୟଯୁକ୍ତ ଗ୍ରାମମାନ କଳାହାଣ୍ଡି ପାଟଣା ରାୟପୁର ପ୍ରଭୃତି ଅଞ୍ଚଳରେ ବହୁସଂଖ୍ୟାରେ ଦେଖାଯାଏ । ଅଥଚ ଏପରି ଗ୍ରାମ ପଶ୍ଚିମ ଭାରତରେ ବିରଳ । ଏବେ-ମଧ୍ୟ କଳାହାଣ୍ଡି ଓ ପାଟଣାରେ ଏପରି ଶହ ଶହ ଗ୍ରାମ ଦେଖିବାକୁ ପାଉ । କଳାହାଣ୍ଡି ରାଜ୍ୟରେ ରାଜପଦର, ପିପ୍ଲିପଦର, ଶୀଉଳାପଦର, ଟେଙ୍କପଦର, ଡାଞ୍ଜିପଦର, ନୂଡେଗଲପଦର, ଗୁଆପଦର, ପେଣ୍ଡାପଦର, ଉର୍ଲାପଦର, ପ୍ରଭୃତି ଏପରି ଶହ ଶହ ଗ୍ରାମ ଅଛି । ଏଥିମଧ୍ୟରୁ ରାଜ-ପଦର ( ଆଧୁନିକ ବେଲଖଣ୍ଡି ) ରୁ ସପ୍ତମାତୃକା, ଦଶମହାବିଦ୍ୟା ପ୍ରଭୃତି ଷଷ୍ଠ ଓ ସପ୍ତମ ଶତାବ୍ଦୀରେ ନିର୍ମିତ ବହୁ ପ୍ରାଚୀନ କୀର୍ତ୍ତି ଭୂତ୍ଖାଦନ ଫଳରେ ବାହାରିଛି । ଏହି ଗ୍ରାମର ପ୍ରାଚୀନ ନାମ ରାଜପଦର । ଏହାର ଗୋଟିଏ ଅଂଶକୁ ରାଜପଡ଼ା ବୋଲି ମଧ୍ୟ କହନ୍ତି । ସେହିପରି ବର୍ତ୍ତମାନ ରାଣୀପୁରର ପ୍ରାଚୀନ ନାମ ରାଣୀପଦର ହେବା ସୁନିଶ୍ଚିତ । ଉଭୟ ସ୍ଥାନର ପ୍ରାଚୀନ କୀର୍ତ୍ତିମାନ ଭଲ ଭଲ ପର୍ଯ୍ୟବେକ୍ଷଣ ଦ୍ୱାରା ମୋର ବର୍ତ୍ତମାନ ଦୃଢ଼ ଧାରଣା ହେଲାଣି ଯେ ତେଲନଦୀ ତୀରବର୍ତ୍ତୀ ରାଜପଦର ( ବେଲଖଣ୍ଡି ) ଓ ତେଲର ଉପନଦୀ ଉତ୍ତେଇ ନଦୀକୂଳସ୍ଥ ରାଣୀପୁର (ରାଣୀପଦର) ମଧ୍ୟରେ ଅତୀତରେ ଅତି ଘନିଷ୍ଠ ସମ୍ବନ୍ଧ ଥିଲା । ମନେହୁଏ ସେପରି କୌଣସି ଭାରତବିଖ୍ୟାତ ନୃପତି ( ସୋମ-

---

4 Ranipurjharial Inscription by B. Ch. Chhabra M. A. M. O. L. Ph. D.
5 Bilhari Stone Inscription E. Indica Vol. I p. 25

Digitized by srujanika@gmail.com

ବଂଶୀୟ ) ଓ ତାଙ୍କର ପାଟରାଣୀ ଯଥାକ୍ରମେ ରାଜୀପଦର ଓ ରାଣୀପଦରରେ ନିଜ ନିଜର କୀର୍ତ୍ତି ପ୍ରତିଷ୍ଠା କରିଥିଲେ । କେବେ ଏ ବିଷୟରେ ଗଭୀର ଗବେଷଣା ନହେଲେ ସ୍ଥିର ସିଦ୍ଧାନ୍ତରେ ଉପନୀତ ହେବା ସମ୍ଭବ ନୁହେଁ । ପାଟଣା ଅଞ୍ଚଳରେ ମଧ୍ୟ ମୁରାପଦର, ଗିଡେଇଲ-ପଦର, ବଡ଼ଖାପଦର, ବେଲପଦର, କଡ଼ପଦର ଇତ୍ୟାଦି ବହୁଗ୍ରାମ ମିଳେ । ତେଣୁ ଶିଳାଲିପି ବର୍ଣ୍ଣିତ 'ରାଣୀପଦ୍ର'କୁ ରାଣୋଡ ପରବର୍ତ୍ତିରେ ରାଣୀପୁର ନହୋଇଥିଲା, ସହିତ ତନ୍ନିତ କରିବା ଅଧିକ ଯୁକ୍ତିସଙ୍ଗତ ପ୍ରମାଣସିଦ୍ଧ । ଏହାର ପ୍ରଧାନ କାରଣ ଏହି ଯେ ସିଦ୍ଧାନ୍ତିକ ଶୈବାଚାର୍ଯ୍ୟ-ମାନଙ୍କର ପ୍ରସିଦ୍ଧ ଧର୍ମକେନ୍ଦ୍ରମାନଙ୍କରେ ଚଉଷଠି ଯୋଗିନୀ ମନ୍ଦିର ପ୍ରାୟତଃ ପ୍ରତିଷ୍ଠିତ ହୋଇଥିଲା । ଯଥା ପ୍ରାଚୀନ ତ୍ରିପୁରୀ ନିକଟବର୍ତ୍ତୀ ଆଧୁନିକ ଜବଲପୁର ରାଜ୍ୟସ୍ଥ (୧) ବିଲହାରି ଓ (୨) ଭେଡ଼ାଘାଟ ଏବଂ ଶୋଣ-ନଦୀ ତୀରବର୍ତ୍ତୀ (୩) ମୃଦଗେହ ଓ (୪) ମାର୍ଗୀ ଗ୍ରାମ ପରି ରାଣୀପୁର ଓ ଝରିଆଲରେ ଗୋଟିଏ ଗୋଲକୀ ମଠ ଓ ଚଉଷଠି ଯୋଗିନୀ ମନ୍ଦିର ଅଦ୍ୟାବଧି ବିଦ୍ୟମାନ । ତେଣୁ ଲେଖବର୍ଣ୍ଣିତ 'ରଣୀପଦ୍ର' ଯେ ରାଣୀପୁର ଏଥିରେ ସନ୍ଦେହ କରିବାର କାରଣ ନାହିଁ । ପୁନଶ୍ଚ 'ରାଣୋଡ଼' ଗ୍ରାମ ନିକଟରେ ଚଉଷଠି ଯୋଗିନୀ ମନ୍ଦିର ଦେଖାଯାଏ ନାହିଁ । ରାଣୋଡକୁ ନାରୋଡ଼ ମଧ୍ୟ କହନ୍ତି । ତେଣୁ ରାଣୀପଦ୍ର ରାଣୋଡ଼ ହେବା ସମ୍ଭବପର ନୁହେଁ ।

ଏ ସମସ୍ତ ବିଚାର ଦୃଷ୍ଟିରୁ ରାଣୀପୁରର ଅତୀତ ଇତିହାସ ନିମ୍ନକ୍ରମରେ ଲେଖାଯାଇପାରେ ।

ରାଣୀପୁରର ଇତିହାସ — ସୋମ ବା କେଶରୀ ବଂଶ ରାଜତ୍ୱ କାଳରେ ଏହା ଗୋଟିଏ ପ୍ରସିଦ୍ଧ ଧର୍ମକେନ୍ଦ୍ର ଥିଲା । ଏଠାରେ ଥିବା ଅତି ପ୍ରାଚୀନ ବର୍ତ୍ତମାନ ଲୁପ୍ତପ୍ରାୟ ଇଷ୍ଟକ ମନ୍ଦିରଟି ଏହି ବଂଶର କୀର୍ତ୍ତି । ନବମ ଶତାବ୍ଦୀର ଶେଷ ଭାଗରେ ସୋମବଂଶର ଦୁର୍ବଳତାର ସୁଯୋଗ ନେଇ ତ୍ରିପୁରୀ ( ଜବଲପୁର ନିକଟସ୍ଥ ) ର ଚେଦୀ ବା କାଲଚୁରି ବଂଶୀୟ ଶକ୍ତିଶାଳୀ ନୃପତିମାନେ ପାଟଣା ଓ ସମ୍ବଲପୁର ଅଞ୍ଚଳରେ ନିଜର କ୍ଷମତା ବିସ୍ତାର କରିଥିଲେ । ଏହାପୂର୍ବରୁ ଏହା ଗୋଟିଏ ପ୍ରସିଦ୍ଧ ଶୈବ ଓ ତାନ୍ତ୍ରିକ ପୀଠ ଥିଲା । ଏହାର ମାହାତ୍ମ୍ୟରେ ମୁଗ୍ଧ ହୋଇ ସୁପ୍ରସିଦ୍ଧ ପୁରନ୍ଦର ଶିବ ( ସେ କଳଚୁରି ରାଜବଂଶର ଗୁରୁ ଥିବା ଲେଖମାନଙ୍କରେ ବର୍ଣ୍ଣିତ ହୋଇଛନ୍ତି) ପ୍ରଥମେ ରାଣୀପଦ୍ର-ଠାରେ ଗୋଟିଏ ମଠ ( ସମ୍ଭବତଃ ଗୋଲକୀ ମଠ ) ନିର୍ମାଣ କରିଥିଲେ । ପୁରନ୍ଦର ପ୍ରସିଦ୍ଧ ଲକ୍ଷ୍ମଣରାଜ (୯୩୦-୯୫୦ ଖ୍ରୀଷ୍ଟାବ୍ଦ ) ଙ୍କର ଦୁଇପୁରୁଷ ପୂର୍ବବର୍ତ୍ତୀ ଥିଲେ । ତାହାହେଲେ ପୁରନ୍ଦର ପ୍ରାୟ (୯୩୦-୫୦) ୮୮୦-ଖ୍ରୀଷ୍ଟାବ୍ଦ ପୂର୍ବରୁ ବିଦ୍ୟମାନ ଥିବାର ମନେହୁଏ । ରାଣୋଡ ଶିଳାଲିପିରେ ସ୍ପଷ୍ଟଭାବରେ ଲେଖା ଯାଇଛି ଯେ ମତ୍ତମୟୂର ଓ ରାଣୀପୁର ନାମକ ଦୁଇଟି ସ୍ଥାନରେ ପୁରନ୍ଦର ଶିବ ଦୁଇଟି ମଠ ପ୍ରତିଷ୍ଠା କରିଥିଲେ । ରାଣୀପୁର ଝରିଆଲର 'ଚଉଷଠି ଯୋଗିନୀ' ମନ୍ଦିର ପୁରନ୍ଦରଙ୍କ ପ୍ରେରଣାରେ ଉକ୍ତ ଅଞ୍ଚଳର ... ସୋମବଂଶୀ ରାଜା ନିର୍ମାଣ କରିଥିବାର ମନେହୁଏ । କାରଣ ରାଜେନ୍ଦ୍ର ଚୋଳଙ୍କ ବିଜୟ ପର୍ଯ୍ୟନ୍ତ ( ୧୦୨୦ ଖ୍ରୀଷ୍ଟାବ୍ଦ କଳାହାଣ୍ଡି - ପାଟଣା ସମ୍ବଲପୁର ଅଞ୍ଚଳ ସୋମବଂଶୀ ନୃପତିମାନଙ୍କ ଦ୍ୱାରା ଶାସିତ ହୋଇଥିବାର ବହୁ ଅକାଟ୍ୟ ପ୍ରମାଣ ମିଳେ । ୩୦୪ ଚେଦୀଅବ୍ଦ ବା ୯୩୨ ଖ୍ରୀଷ୍ଟାବ୍ଦରେ ଲିଖିତ ପ୍ରବୋଧ ଶିବଙ୍କ ଗୁର୍ଗି ଶିଳାଲେଖରେ ପୁରନ୍ଦରଙ୍କ ନାମ ମିଳେ । ଏଥିରୁ ଜଣାଯାଏ ଯେ ପୁରନ୍ଦର ପ୍ରବୋଧ ଶିବଙ୍କ ତିନିପୁରୁଷ ପୂର୍ବବର୍ତ୍ତୀ ଥିଲେ । ଯଥା ପୁରନ୍ଦର - ଶିଖାଶିବ ପ୍ରଭାବ ଶିବ - ପ୍ରବୋଧ ଶିବ । ତେବେ ପୁରନ୍ଦର ୯୩୯-ଖ୍ରୀଷ୍ଟାବ୍ଦ ( ପ୍ରବୋଧ ଶିବଙ୍କ ସମୟ ) ର ତିନି ପୁରୁଷଙ୍କୁ ହାରାହାରି ୨୫ ବର୍ଷ ହିସାବରେ ୭୫ ବର୍ଷ ପୂର୍ବରେ ବା ପ୍ରାୟ ୮୯୭ ଖ୍ରୀଷ୍ଟାବ୍ଦରେ ଜୀବିତ ଥିଲେ । ଉଭୟ ଗଣନାରୁ ସ୍ପଷ୍ଟ ଜଣାଯାଏ ଯେ ୮୮୦ - ୮୯୭ ଖ୍ରୀଷ୍ଟାବ୍ଦ ମଧ୍ୟରେ ଅଥବା ନବମ ଶତାବ୍ଦୀର ଶେଷ ଭାଗରେ ପୁରନ୍ଦର ଶିବଙ୍କ ଆବିର୍ଭାବ ଓ ସେ ଙ୍କ ଦ୍ୱାରା ରାଣୀପଦ୍ର ବା ରାଣୀପୁରଠାରେ ମଠ ପ୍ରତିଷ୍ଠା ହୋଇଥିଲା । ସେହି ରାଣୋଡ଼ ଶିଳାଲିପିରୁ ଜଣାଯାଏ ଯେ ପୁରନ୍ଦରଙ୍କ ଶିଷ୍ୟଙ୍କ ଶିଷ୍ୟ ସଦାଶିବ ( ପ୍ରାୟ ୯୨୫ - ୯୫୦ ) ରାଣୀପଦ୍ରଠାରେ ଯୋଗସାଧନା କରିଥିଲେ । ସଦାଶିବଙ୍କ ଶିଷ୍ୟ ହୃଦୟେଶ

Digitized by srujanika@gmail.com

ବା ହୃଦୟ ଶିବ ଚେଦୀ ନୃପତି ଲକ୍ଷ୍ମଣରାଜଙ୍କର ଗୁରୁ ଥିଲେ । ବିଲହାରୀ ପ୍ରସ୍ତର ଲେଖରେ ଲକ୍ଷ୍ମଣରାଜ କୋଶଳନାଥଙ୍କୁ ପରାସ୍ତ କରି ଗୋଟିଏ କାଳୀୟ ମୂର୍ତ୍ତି ନେଇଯାଇଥିବା ଓ ତାକୁ ପୁନର୍ବାର ସୋମେଶ୍ୱର ମହାଦେବଙ୍କଠାରେ ଲାଗି କରି ଥିବାର ବର୍ଣ୍ଣନା ମିଳେ ।

ଯଥା—

" ଜିତ୍ୱା କୋଶଳନାଥ ମୋଜ୍ଜ୍ୱ ନୃପତେ
ରାଷ୍ଟ୍ରା ଯେ କାଳୀପ୍ରେ
ରତ୍ନା ସ୍ୱର୍ଣ୍ଣମୟଃ ସ ଯେନ ବିହିତ
ସୋମେଶ୍ୱରାଭ୍ୟର୍ଚ୍ଚନ୍
ହସ୍ତ୍ୟା ଯଃ କରି - ବାହି - ଶୁଭ୍ର ବସନ ସ୍ରକ୍
ଚନ୍ଦନାଦୀନ୍ ପୁନଃ
ସଂସାରଶ୍ରମ ଶାନ୍ତୟେତ ବିନତ
ଭୂଷ୍ଣାବଭୂଦ୍ଭୂଃ ପ୍ରଭୁଃ "

ଲେଖବର୍ଣ୍ଣିତ ସୋମେଶ୍ୱରଙ୍କୁ ଗୁଜରାଟସ୍ଥିତ ସୋମନାଥ ବୋଲି ସମସ୍ତ ଐତିହାସିକ ଭ୍ରାନ୍ତ ଭାବରେ ଗ୍ରହଣ କରି ନେଇଛନ୍ତି । କିନ୍ତୁ ଗଗନ ଶିବଙ୍କ ଦ୍ୱାରା ଅର୍ଚ୍ଚିତ ରାଣୀପୁରର ସୋମେଶ୍ୱର ଚେଦୀ ବଂଶୀୟ ଲକ୍ଷ୍ମଣରାଜଙ୍କ ଦ୍ୱାରା ଅର୍ଚ୍ଚିତ ହୋଇଥିବାର ପୂର୍ଣ୍ଣ ସମ୍ଭାବନା । କାରଣ ପ୍ରାଚୀନ ଶିଳାଲେଖମାନଙ୍କରୁ ସ୍ପଷ୍ଟ ଜଣାଯାଏ ଯେ ପୂର୍ବକାଳରେ ହିନ୍ଦୁ ନରପତିମାନେ ବିଜିତ ରାଜ୍ୟର ଶ୍ରେଷ୍ଠ ଓ ପ୍ରତିଷ୍ଠିତ ଦେବ ଦେବୀଙ୍କୁ ଆରାଧନା ଅର୍ଚ୍ଚନା ଓ ବିପୁଳ ଦାନାଦି କାର୍ଯ୍ୟକୁ ଗୌରବ ଓ ଯଶଃ ବର୍ଦ୍ଧକ ମନେକରୁଥିଲେ । ତେଣୁ କୋଶଳନାଥଙ୍କୁ ପରାସ୍ତ କରି ତାଙ୍କର ଆରାଧ୍ୟ ଦେବତା ସୋମେଶ୍ୱରଙ୍କୁ ଚେଦୀ ନୃପତି ଆରାଧନା କରିଥିବା ଅଧିକ ସମୀଚୀନ । ଲକ୍ଷ୍ମଣରାଜ ଗୁଜରାଟ ଜୟ କରିଥିବାର କୌଣସି ପ୍ରମାଣ ନାହିଁ । ତେଣୁ ଗୁଜରାଟର ସୋମନାଥଙ୍କୁ ସେ ପୂଜା କରିଥିଲେ-ବୋଲି କହିବା ସତ୍ୟର ଅପଳାପ ମାତ୍ର ।

ଗୁର୍ଗି ଲେଖରୁ ଜଣାଯାଏ ଯେ ଲକ୍ଷ୍ମଣରାଜଙ୍କ ପିତା ପ୍ରଥମ ଯୁବରାଜ ଦେବ ସୋମନାଥ ପ୍ରଭୁଙ୍କୁ ଖାରୋପକ ଚନ୍ଦ୍ରପୁରୀ ଓ ନଲେଶ୍ୱର ଷେତ ନାମକ ତିନୋଟି ଗ୍ରାମ ପ୍ରଦାନ କରିଥିଲେ । ଏହି ତିନୋଟି ଗ୍ରାମ ବିଳାସପୁର ଜିଲ୍ଲାରେ ଅବସ୍ଥିତ ଥିବାର ପ୍ରମାଣିତ ହେଲାଣି । କିନ୍ତୁ ଏହି ସୋମନାଥ ଗୁଜରାଟର ସୋମନାଥ ବୋଲି କେତେକ ଐତିହାସିକ ମତ ପ୍ରକାଶ କରନ୍ତି । କିନ୍ତୁ ଏହା ମଧ୍ୟ ସମୀଚୀନ ନୁହେଁ । କାରଣ ରାଣୀପୁରର ସୋମେଶ୍ୱର ମହାଦେବ ସେଠାରେ ଥିବା ଗଗନଶିବଙ୍କ ଲେଖର ତୃତୀୟ ପଂକ୍ତିରେ 'ସୋମେଶନାଥ' ରୂପେ ମଧ୍ୟ କଥିତ ହୋଇଛନ୍ତି । ତେଣୁ ଗୁର୍ଗି ଲେଖର ସୋମନାଥ ଏହି ସୋମେଶନାଥ ବା ସୋମେଶ୍ୱରଙ୍କୁ ମଧ୍ୟ ବୁଝାଏ । ତେଣୁ ଲକ୍ଷ୍ମଣରାଜଙ୍କ ପରି ତାଙ୍କ ପିତା ମଧ୍ୟ ଏହି ସୋମେଶ୍ୱରଙ୍କ ଶ୍ରୀବୃଦ୍ଧି ସାଧନ କରିଥିଲେ ।

ମନୀଷୀ ଫ୍ଲେଟ୍‌ଙ୍କ ମତରେ ଗଗନଶିବ ସୋମେଶ୍ୱର ମହାଦେବଙ୍କୁ ପ୍ରତିଷ୍ଠା କରିଥିଲେ । କିନ୍ତୁ ଉପରଲିଖିତ ଆଲୋଚନାରୁ ଏହାର ସତ୍ୟତା ପ୍ରମାଣିତ ହେଉନାହିଁ । କାରଣ ଶୈବାଚାର୍ଯ୍ୟ ଗଗନଶିବଙ୍କ ପୂର୍ବବର୍ତ୍ତୀ ଲକ୍ଷ୍ମଣରାଜ ଓ ତାଙ୍କ ପିତା ପ୍ରଥମ ଯୁବରାଜ ଦେବଙ୍କ ପୂର୍ବରୁ ମଧ୍ୟ ସୋମେଶ୍ୱର ବା ସୋମେଶନାଥ ବା ସୋମନାଥ ମହାପ୍ରଭୁ କୋଶଳ ଖଣ୍ଡରେ ବିଶେଷ ଖ୍ୟାତି ଲାଭ କରିଥିଲେ । ବୋଧହୁଏ ଏହି ଖ୍ୟାତିରେ ଆକୃଷ୍ଟ ହୋଇ ପୁରନ୍ଦରଶିବ ପ୍ରାୟ ୮୮୦ - ୮୯୭ ଖ୍ରୀଷ୍ଟାବ୍ଦ ) ରାଣୀପୁର ବା ରାଣୀପଦ୍ର ଠାରେ ଗୋଟିଏ ମଠ ପ୍ରତିଷ୍ଠା କରିଥିଲେ । ସୋମେଶ୍ୱର ମହାଦେବ ସୋମବଂଶୀୟ କୌଣସି ପ୍ରସିଦ୍ଧ ନରପତି ଥିବେ ସମ୍ଭବତଃ ଉଦ୍ଯୋତ କେଶରୀଙ୍କ ପରବର୍ତ୍ତୀ ସୋମେଶ୍ୱର ଦେବଙ୍କ ଦ୍ୱାରା ପ୍ରତିଷ୍ଠିତ ହୋଇଥିଲେ । ଗଗନ ଶିବଙ୍କ ଆଗମନ ସମୟ ବା ଦଶମ ଶତାବ୍ଦୀର ମଧ୍ୟ ଭାଗକୁ ଏହା ଗୋଟିଏ ପ୍ରାଚୀନ ଶୈବ ପୀଠ ରୂପେ ପରିଣତ ହୋଇଥିଲା । ରାଣୋଡ଼ ଲେଖରୁ ଜଣାଯାଏ ଯେ ଗଗନଶିବ ସେଠାରେ ପ୍ରତିଷ୍ଠିତ ମଠ ନିକଟରେ ଗୋଟିଏ ବିରାଟ ଜଳାଶୟ ନିର୍ମାଣ କରିଥିଲେ । ଏହି ଜଳାଶୟର ମହାତ୍ମ୍ୟ ବର୍ଣ୍ଣନା ଏହି ଲେଖର ପ୍ରାଧାନ୍ୟ ଉଦ୍ଦେଶ୍ୟ ଥିଲା । କାରଣ କେବଳ ଏହାର ବର୍ଣ୍ଣନା ୨୦ଟି ଶ୍ଳୋକ ( ୪୫ - ୬୪ ) ରେ ଲିପିବଦ୍ଧ ହୋଇଛି । ଏହି ବର୍ଣ୍ଣିତ

Digitized by srujanika@gmail.com

ଜଳାଶୟଟି ସୋମେଶ୍ୱର ମନ୍ଦିର ନିକଟରେ ବର୍ତ୍ତମାନ ବିଦ୍ୟମାନ ଥିବା ବିରାଟ ଜଳାଶୟ ହେବା ସୁନିଶ୍ଚିତ । କାରଣ ରାଣୀପୁରର ଏହା ସର୍ବବୃହତ୍ତ ଜଳାଶୟ । ଏହା ବ୍ୟତୀତ ସେ ଗୋଟିଏ ଉଦ୍ୟାନ ଓ ଶିବ, ଉମା, ନାଟେଶ୍ୱର ଓ ବିନାୟକ ପ୍ରଭୃତି ଦେବତାଙ୍କ ପାଇଁ ମନ୍ଦିରମାନ ନିର୍ମାଣ କରିଥିଲେ ।

ଗଗନଶିବ ଉତ୍ତର ତେରମ୍ବ ଗୁହା ବିନିର୍ଗତ ଥିବା ରାଣୀପୁର ଲେଖରୁ ଜଣାଯାଏ । ତେରମ୍ବ ଗୋଟିଏ ପ୍ରସିଦ୍ଧ ସ୍ଥାନ ଥିଲା । କାରଣ ପୁରନ୍ଦରଙ୍କ ଗୁରୁଙ୍କ ଗୁରୁ ତେରମ୍ବି ପାଳ ଅର୍ଥାତ୍ ତେରମ୍ବ ତୀର୍ଥର ନାଥ ବା ଅଧିବାସୀ ଥିଲେ ✱

ଉତ୍ତରର ଅର୍ଥ ଉତ୍ତର ଦିଗରେ ଅବସ୍ଥିତ । ପଣ୍ଡିତ ମିରାଶୀ ତେରମ୍ବିକୁ ତେରହି ନାମକ ଗୋଆଲିୟର ରାଜ୍ୟସ୍ଥ ଏକ ସ୍ଥାନ ସହିତ ଚିହ୍ନିତ କରିଛନ୍ତି । ସେଠାରୁ ଯାଇ ସେ ପ୍ରଥମେ ସାମ୍ଭକୂଟ ନୃପଙ୍କ ଗୁରୁତ୍ୱ ଲାଭ କରି ପରେ ତାଙ୍କ ମାମୁ ଲକ୍ଷ୍ମଣରାଜଙ୍କ ଆଶ୍ରୟରେ କୋଶଳର ପ୍ରସିଦ୍ଧ ରାଣୀପଦ୍ର ଠାରେ ଶୈବଧର୍ମର ବିକାଶ ପାଇଁ ନାନା କୀର୍ତ୍ତି ପ୍ରତିଷ୍ଠା କରିଥିଲେ ।

ଉପସଂହାର — ରାଣୀପୁର ( ରାଣୀପଦ୍ର ) ସୋମବଂଶ ରାଜତ୍ୱର ମଧ୍ୟଭାଗରେ ଅର୍ଥାତ୍ ଅଷ୍ଟମ ଶତାବ୍ଦୀଠାରୁ ଗୋଟିଏ ପ୍ରସିଦ୍ଧ ଶୈବ ପୀଠ ଥିଲା । ସେ ଠା ରେ ସୋମବଂଶୀ ସୋମେଶ୍ୱର ଦେବ ପ୍ରସିଦ୍ଧ ସୋମେଶ୍ୱର ମହାଦେବଙ୍କ ମନ୍ଦିର ନିର୍ମାଣ କରିଥିଲେ । ନବମ ଶତାବ୍ଦୀର ଶେଷଭାଗରୁ ସୋମବଂଶ ଦୁର୍ବଳ ହୋଇ ପଡ଼ିବାରୁ ତ୍ରିପୁରୀର ଚେଦୀବଂଶୀୟ ରାଜାମାନେ କୋଶଳ ଅଞ୍ଚଳରେ ପ୍ରବଳ ହୋଇ ପଡ଼ିଲେ । ସେ ମା ନେ ସିଦ୍ଧାନ୍ତିକ ସଂପ୍ରଦାୟର ପ୍ରଧାନ ପୃଷ୍ଠପୋଷକ ଥିଲେ । ଏହି ବଂଶୀୟ କୌଣସି ରାଜା ସମ୍ଭବତଃ କୋଶଳ ବିଜେତା ମୁଗ୍ଧତୁଙ୍ଗ ପ୍ରସିଦ୍ଧ ଧବଳଙ୍କ ସାହାଯ୍ୟରେ ପ୍ରସିଦ୍ଧ ପୁରନ୍ଦର ଶିବ ରାଣୀପୁରଠାରେ ନବମ ଶତାବ୍ଦୀର ଶେଷଭାଗରେ ଗୋଟିଏ ମଠ ( ଗୋଲକୀ ମଠ ) ନିର୍ମାଣ କରିଥିଲେ । ଏହି ବଂଶୀୟ ଯୁବରାଜ ଦେବ ( ପ୍ରଥମ ) ଓ ତାଙ୍କ ପୁତ୍ର ଲକ୍ଷ୍ମଣରାଜ ରାଣୀପଦ୍ରର ସୋମେଶ୍ୱରଙ୍କ ଭକ୍ତ ଥିଲେ ଓ ତାଙ୍କ ପାଇଁ ଅନେକ ଗ୍ରାମ ଓ ମୁଦ୍ରାବିଧି ଖଞ୍ଜିଥିଲେ । ଦଶମ ଶତାବ୍ଦୀର ମଧ୍ୟଭାଗରେ ଗଗନଶିବ ନାମକ ଜଣେ ପ୍ରସିଦ୍ଧ ଶୈବାଚାର୍ଯ୍ୟ ରାଣୀପଦ୍ର ଠାରେ ଅନେକ କୀର୍ତ୍ତି ପ୍ରତିଷ୍ଠା କରି ଏହି ସ୍ଥାନର ମହାତ୍ମ୍ୟ ବୃଦ୍ଧି କରିଥିଲେ । ମୂଳତଃ ସପ୍ତମ ଶତାବ୍ଦୀର ମଧ୍ୟଭାଗରୁ ଦଶମ ଶତାବ୍ଦୀର ଶେଷ ପର୍ଯ୍ୟନ୍ତ ରାଣୀପଦ୍ର (ରାଣୀପୁର) କୋଶଳ ଅଞ୍ଚଳର ଏକ ପ୍ରସିଦ୍ଧ ଶୈବକ୍ଷେତ୍ର ଥିଲା । ଏହି ନୂତନ ଐତିହାସିକ ତଥ୍ୟର ପ୍ରକାଶ ଦ୍ୱାରା କୋଶଳ ଇତିହାସରେ ଗୋଟିଏ ଗୌରବମୟ ଅଧ୍ୟାୟ ଉନ୍ମୁକ୍ତ ହେଲା ବୋଲି ଲେଖକର ଆଶା ଓ ବିଶ୍ୱାସ ।

## ପ୍ରଥମ ସଂରମା

ଶ୍ରୀ ଦଣ୍ଡପାଣି ମିଶ୍ର

ମୋ ପ୍ରାଣବାନ୍ଧବ,
ପଚାରିଛ କେଉଁ ଦିନ ଯିବ;
ତୁମର ସେ ବିଭଳ ପ୍ରାସାଦ,

ତଳେ ତାର ଆମୋଦ ପ୍ରମୋଦ,
ଗୋଟି ଗୋଟି ଯାହା ଅଛ ଲେଖି,
କି ଉତ୍ତର ଦେବ ତାର ?

✱ ଅଥା କଦମ୍ବ ଗୁହାଧିବାସୀ ଶଙ୍ଖ ମଠିକାଧିପତି ଓ ଆମର୍ଦ୍ଦକ ତୀର୍ଥନାଥ

Digitized by srujanika@gmail.com

ଘୂରେ ବୁଲେ ମୋର ଏଣେ ଆଖି ।
ଭାଦ୍ରବର ନୀଳ ଘନକେଶ
ଦିନକର ତନଥର ବେଶ
ମନେପଡ଼େ, ପଡ଼େ ମନେ ଆଜ
ଭାଙ୍ଗି ଦିଅ, ଦିଅ ଗୋ ତା କ୍ଷଣେ-
ବ୍ୟଥା ମୋର ଲାଗିଲାଣି ପ୍ରାଣେ,
ଏଇ ମୋର କହିବାର କଥା
ହୁଅ ଅବା ନହ ତୁମେ ରାଜି ।
ଯୁବକର ସୁଠାମ ସୁନ୍ଦର
ଆଧୁନିକ ! ବେଶ ପରିପାଟୀ
ଜାଣ ଥରେ କାଲ ତାକୁ
କେଉଁ ଦିନ, ଖାଇଲାଣି ଗ୍ରଠି;
ଆଖିର ଚଷମା ଧାରେ
ସଂସାରର କୁହୁକ ମନ୍ତ୍ର
ସବୁ ଯାହା ଥିଲା ଦିନେ
ଦେଖ ଆଜି ହେଲାଣି ଅନ୍ତର
ତେଣୁ ମୋ ମାନସି,
ସାବଧାନ ହୁଅ ଆଉ ଥରେ
ପଡ଼ିଯିବ, ଗଉଲ ପଦ ଖସି ।
ଲେଖିବନି ଆଉ ପ୍ରେମପତ୍ର
ଛାପିବନି ସେଥି ତୁମ ଚିତ୍ର
ଢାଳିବନି ମୋହିନୀ ମନ୍ତ୍ରରେ
ସୁବାସିତ ଦରବ ତମର
ଲୋଡ଼ା ଆଜ ନାହିଁ ଧୂଏ
ବୁଝିବାକୁ ସେ ସବୁ ଖବର ।
ଏବେ ବଡ ସୃଷ୍ଟି,
ଦେଖ ତୁମେ କେତେ ଦୂର
ଯାଇଅଛୁ ଭଲ ତା' ଦୃଷ୍ଟି ।
ତୁମ ରସେ ସେହି ପଲ୍ଲୀଗ୍ରାମେ
ଦିନେ ମିଶି ଯାଇଥିଲେ ଆମେ
ମନେକର ଆଜ
କେତେ ଘରେ ଥିଲା ଚୂଲ
କେତେଘର ଯାଇଥିଲା ଭାଜି ।
ଥିଲେ କେତେ ନାରୀ ନାହିଁ ବାସ
କେତେ କରୁଥିଲେ ଉପବାସ
ଯୁବକ ପାଲଟିଥିଲା ଅକାଳର ବୁଢ଼ା
" ସତେ ତାଙ୍କ ପ୍ରାଣ କି ଅଲୋଡ଼ା "
ଥିଲାଟି ଯିଏ କହ
କି କରିବ ତାଙ୍କଲାଗି
ଏତେଦିନ ଗଲାଣି ତ ବହି

ତୁମର ମକର-
ପିଲାଦିନେ ଖେଳୁଥିଲା
ସଙ୍ଗେ ଯାଇ ନଦୀ ଧୂଳି ଘର
ସଙ୍ଗେ ତାର ଆସିଥିଲେ
ସେ ଦିନ ଯେ ତୁମକୁ ସଙ୍ଗୋଳି
ଜାଣିଛ ତ ବଇଦ୍ରର କଷାଘାତେ
ହେଉଥିଲେ କିଏବି ସନ୍ତୁଳି
ସବୁ ତ ଜାଣିଛ
ମୋ କଥାକୁ ମଣିବ କି ମିଛ ?
ଏଇ ଦୂର ପ୍ରାନ୍ତ
ଅନୁଭବେ ଏଇଠି ମୁଁ ମାହା
ତୁମେ ତାହା ମଣିବନି ଭ୍ରାନ୍ତ
କୋନିକାନଶୁ ନହିଁ ଏଠି ଭାଷା
ଅଦିନରେ ଭୁଟେ ଲକ୍ଷ ଆଶା
ଖାଲି ପେଟଲାଗି,
ଖଟି ଖଟି ସାରାଦିନ
ଏଠି ଲୋକ ମରେ ଭିକ୍ଷା ମାଗି ।

କେଉଁ ନଦୀକୂଳେ
କେଉଁ ସେଉମୂଳେ
ଆହ୍ଲାଦର ଆମୋଦର ଉଦ୍ୟାନେ ଉଦ୍ୟାନେ
କେଉଁ ବଂଶୀସ୍ୱର ଲାଗି ବସିବନି ରାତି ରାତି ଜାଗି
ଗୁଞ୍ଜିବନି ଆଉ ବାତାୟନେ ।

ସଜନୀ ଗୋ ମୋର,
ଭୁଲିଯାଅ ଜୀବନର ଯେତେ କାରବାର
ସେଦିନ ଦଉଡ଼ ଝୁସି କହିଥିଲି କଥା
ମିଶିଥିଲା ଆଖିପତା ସଙ୍ଗେ ଆଖିପତା
ମଣୁଥିଲି ଯାହା ସାର୍ଥକତା

Digitized by srujanika@gmail.com

ଯେଣେ ଆଜ ଜୀବନର ଏକ ଦୁର୍ବଳତା ।
ଜାଣିଚି ମୁଁ ସେ ଦିନର କ୍ଷଣିକ ସ୍ୱପନକୁ
ତୁମ ବୁକେ ହୋଇଲଣି ଏବେ ଦୁର୍ବିସହ
କିନ୍ତୁ ଗୋ କୁମାରୀ !
ଏଣେ ଏଯେ କଥା ଉଠେ
ମଶାଣିର ବୁକୁ ଭେଦିକରି ।
ସେ ଲାଗି ତୁମରି ଅଙ୍ଗେ ଫୁଟାଅ ଗୋ ଜ୍ୟୋତି
କମଳ କୋମଳ ରକ୍ତେ ଆଣୁ ନୂଆ ସ୍ଫୂର୍ତ୍ତି
ଆଙ୍କିଦିଅ ଅମର ସଙ୍କେତ-
ଏ ସୃଷ୍ଟିଲତାରେ ଯେମନ, ଯେମନ ମହାଶାନ୍ତି

ଆଗୋ ପ୍ରାଣସମା,
ଯେ ବହ୍ନିର ହୁଅ ତୁମେ ପ୍ରଥମ ପରମା
ବଳ୍ ବନ ପାହାଡର ତଳେ
ଝଡେ ଯାର, ଯାର ଝଡେ ପ୍ରାଣ
ତାରଲାଗି ହୁଅ ହୁସିଆର
ମୋର ଏହି କଥାଟିକି ମାନ !
ଯେ ଗଢିଲା ସୁନ୍ଦର ଦୁନିଆ
ତାରଲାଗି କାନ୍ଦୁ ତୁମ ହିଆ
କାଲ ଯୁଗ ବନ୍ଦା
ତୁମରି ଲଲାଟେ ମୋର ଗଢିଉଠୁ ଅମର ଭାରତ ।

# ମାତୃସୁଧା

ହେମଲତା ମାନସିଂ

ସଅଡୁ ବେଣ୍ଟାଟାକୁ ହଲାଇ ହଲାଇ ଆସି ବନ୍ଦୁ ଡାକିଲା, ବୋଉ ଜଲଦି ଭାତ ଦବୁଟି । ଏମ ବାସ୍ ଆସିଯିବ । ବୋଉ କହିଲେ, ଟିକିଏ ଠକୁକୁ ନେ ମା । ମୁ ତରକାରୀଟାକୁ ବଘାରି ଦିଏ । ସେ କ'ଣ ମନେ କିଛି କରେଇ ଦଉଛି ଖାଲି ଏଥିରେ ଲାଗ୍, ସେଥିରେ ଲାଗ୍ । ହଁ ହଁ ଏଇନା ତ ମୁଁ ତାକୁ ନେଇଥିଲି ମୋ ଲୁଗା ଚିରିଆ କରିଦବ ।

ଲୁଗା ଚିରିଆ ହୋଇଯିବ ? ତୋର ପୁଅ ଝିଅ ହେଲେ ତାଙ୍କୁ ସବୁ ଧରିବୁନି । ପକାଇ ଦେବୁ । ମୁହଁଟିକୁ ଫୁଲାଇଦେଇ ବନ୍ଦୁ କହିଲା, ମୋର କାହିଁକି ପୁଅ ଝିଅ ହେବେ ମା । ମୁଁ କଣ ବାହା ହେବି ଯେ । ମୁଁ ତ ପଢିବି ।

ବୋଉ ଟିକିଏ ମୁରୁକେଇ ହସି କହିଲେ, ସମସ୍ତେ ଏମିତି କହିଥାଆନ୍ତି । ସେତେବେଳେ ଯଦି କହନ୍ତୁ, ବୋଉ ମୋ ପୁଅକୁ ଟିକିଏ ଧରିଲୁ ? ଠେକି କାଢିଦେବି ।

ବନ୍ଦୁ ଦଶମ ଶ୍ରେଣୀରେ ପଢେ । ସବୁଠୁ ବଡ । ଭାଇ ଭଉଣୀ ସମସ୍ତେ ତା'ଠୁ ସାନ । କେଟକ ସହର । ବାପା ତାର କଣ୍ଟ୍ରାକ୍ଟର । ଅଳ୍ପ ବହୁତ ଟଙ୍କା ଚଳନ୍ତି । କିନ୍ତୁ ବନ୍ଦୁ ପାଇଁ ମୁକ୍ତ ହସ୍ତ । ତାଙ୍କ ଇଚ୍ଛା ଝିଅ ଦୁ'ଅକ୍ଷର ପଢୁ । ନ ପଢିଲେ କ'ଣ ଭଲ ବରଘର ମିଳିବେ ? ଆଜିକାଲି ତ ସେ କାଳ ଗଲାଣି । ଆଗକାଳେ ସିନା କାମଧନ୍ଦା ପାଇଛି ଦେଖି ଘର ଚଳେଇବା ଲାଗି ବୋହୂ କରୁଥିଲେ । ଏବେ ତ ପାଠ ଦେଖୁଛନ୍ତି । ଅଲଅଲି ବନ୍ଦୁ ଉଆଁ ମାରି ସ୍ଫୁର୍ତ୍ତି କରି ବୁଲେ । ପଢା ଛଡା ଅନ୍ୟ କିଛି କାମ କରେନା । ବୋଉ ତାର ନିଜେ ସବୁ କରନ୍ତି ପାରନ୍ତୁ ବା ନ ପାରନ୍ତୁ କଣ କରିବେ ।

ବର୍ଷକ ପରେ ……… …

ଆଜି କ୍ଲାସରେ ପିଲାଙ୍କ ଭିତରେ ଭାରି ଚହଲ ପଡିଛି । ସମସ୍ତେ ଟିପୁଡିଟାପର ହେଉଛନ୍ତି । ମିସ୍ ଦାଶ କେତେଥର ଟେବୁଲ ବାଡେଇ ସାରିଲେଣି, ସେଆଡକୁ କାହାରି ନଜର ନାହିଁ । ଏ ତା' ପାଖକୁ ସେ ତା' ପାଖକୁ କାଗଜ ଟିକକରେ କ'ଣ ଲେଖି ପଠାଉଛନ୍ତି

Digitized by srujanika@gmail.com

ଦିଆହୋଇ ହେଉଛନ୍ତି । ଏ ଗୃହାଙ୍ଗଣର ରହସ୍ୟ ଅଜଣା ନୁହେଁ । କେବଳ ବନ୍ଧୁର ବାହାଘର । କିଏ ପଛଆଡ଼ୁ ତା' ବେଣୀଟାକୁ ଟାଣିଦେଇ କହୁଛି, ଏଇ, ମନେ ପକେଇବୁ ? ନାଁ, ବରକୁ ପାଇ ପାସୋରି ଦେବୁ ନା । ଆଉ କିଏ ତାକୁ ଅନେଇଦେଇ ମୁରୁକେଇ ମୁରୁକେଇ ହସୁଛନ୍ତି କିଏ କରି କରି ହୋଇ ହସି ଲାଣି । କିଏ ନ-ଜାଣିଲାପରି କୌତୁକରେ ଚିମୁଟି ଦେଉଛି । ମିସ୍ ଦାସ ଅତ୍ୟନ୍ତ ବିରକ୍ତ ହୋଇ ଉଠିଲେଣି । ତାଙ୍କ ମୁହଁ ଗମ୍ଭୀର ଓ ରାଗରେ ଥମ୍ ଥମ୍ । ଗୋଟି ଗୋଟି କରି ପଚାରି ଥକିଲେଣି ସେ ଯେ ଘଟଣା କ'ଣ ! ଶେଷରେ ରେଖା ବନ୍ଧୁର ବିବାହ ବିଷୟ କହିବାରୁ ସେ ମଧ୍ୟ ହସ ଫୁଟାଇଲେ । ବନ୍ଧୁକୁ ଚାହିଁ ପଚାରିଲେ କେବେ ? ଆମକୁ ନିମନ୍ତ୍ରଣ କରିବୁ ନା ? ! ବନ୍ଧୁ ଠିଆହୋଇ, ମୁହଁ ତଳକୁ ପୋତି ଶାଢ଼ୀର ଧଡ଼ିଟିକୁ ହାତରେ ଧରି ମକଚିବାକୁ ଲାଗିଲା । ମିସ୍ ଦାସ କହିଲେ, "ହେଉ ବସ" । ତା'ପରେ କ୍ଲାସକୁ ଚାହିଁ ଅଲଜେବ୍ରା କରିବାକୁ ନମ୍ବର ଡାକିଲେ ଓ ଗାମ୍ଭୀର୍ଯ୍ୟ ରଖି କହିଲେ "ଦେଖ, କେହି ଗୋଳମାଳ କଲେ ପ୍ରିନ୍ସପାଲଙ୍କୁ ଯାଇ କହିଦେବି" । ସଙ୍ଗେ ସଙ୍ଗେ କ୍ଲାସ ନିସ୍ତବ୍ଧ ହୋଇଗଲା । କୌଣସିମତେ ଧୀରସ୍ଥିର ଭାବରେ ପିରିୟଡ଼ଟି କଟିଲା । ତା'ପରେ ମିସ୍ ସାହୁଙ୍କର ଇଂଲିଶ୍ । ସେ ଆସୁ ଆସୁ ଇ ଭିତରେ ପୁଣି ସେହିପ୍ରକାର କଳରବ ଶୁଭିଲା । ଗୋଳମାଳ ବେଶୀ-ଦୂରକୁ ଆଗେଇନାହିଁ । ମିସ୍ ସାହୁ ଯୋତା ମସ୍ ମସ୍ କରି ପହଞ୍ଚିଗଲେ ହାତରେ ବ୍ୟାଗ୍ ଝୁଲାଇ । ପିଲାଏ ଆଶା ତାଙ୍କ କାନକୁ ଚାହିଁ ଦେଲେ ଦୋଳାୟମାନ ଇୟାରିଂ ବଦଳରେ ଆଜି ଶୋଭାପାଉଛି କାନଫଣା । ପମ୍ପ ହାତ ଛିଟ ବ୍ଲାଉଜ୍ ଉପରେ ଧଳାବଗ ମଲ୍‌ମଲର ଲୁଗା କୁଞ୍ଚେଇ ହୋଇ ପଛକୁ ପଡ଼ୁଛି । ନୂଆ ଷ୍ଟାଇଲରେ ସେ ଆସନ୍ତି । ତାଙ୍କର ନବ ନବ ସାଜପାଇଁ ସେ ପ୍ରିୟ ଝିଅଙ୍କ ପାଖରେ ସୁପରିଚିତ । କେଉଁଦିନ ସେ ପଣତ ଆଗକୁ ପକାଇ ହିନ୍ଦୁସ୍ଥାନୀ ଢଙ୍ଗରେ ଲୁଗା ପିନ୍ଧନ୍ତି । ତାଙ୍କ ଗମ୍ଭୀର ମୁହଁକୁ ଚାହିଁଲେ ପିଲାଏ କିନ୍ତୁ ଭୟରେ ଥରହର ହୁଅନ୍ତି । ତମର ପଢ଼ା ହୋଇଛି ସୁଲତା ? । 'ଦା ହୋମ କାମିଙ୍ଗ' ଟା ଲେଖି ଆଣିଛ ? ହଉ, ଖାତା ଆଣ । ସେ ଏଣ୍ଡ୍ରିରୁ 'ହ୍ୱିସ୍‌ଲର'ର ଓନାଟ ଡାକି ଦେଲେ, ଯେ ଶୁଣି ନ ପାରିଲା ଅଜଥରେ ପଚାରିଲେ ସେ ବିରକ୍ତ ହୁଅନ୍ତି । ତାଙ୍କ କ୍ଲାସରେ ପିଲାମାନେ ଗୋ ଳ ମା ଳ କରିବାକୁ ସାହସ କରନ୍ତିନି । ଅତ୍ୟନ୍ତ ଅଧୀର ସହକାରେ କେବେଠି ପିରିୟଡ଼ କଟିଲା । ସମସ୍ତେ ଟିଫିନ୍ ଛୁଟିକୁ ଉଦ୍‌ଗ୍ରୀବ ହୋଇ ଚାହିଁ ରହିଥିଲେ । ଘଣ୍ଟା ନ ପଡ଼ୁଣୁ ପିଲାଏ ସେଦିନ କ୍ଲାସରୁ ବାହାରିପଡ଼ିଲେ । ବନ୍ଧୁକୁ ଚକାକାରରେ ଘେରି ବେଢ଼ି ବସିଲେ ଗାର୍ଲସ୍କୁଲର ନରମ ଘାସର ଗାଲିଚା ଉପରେ ।

ତୋ ବରକୁ ଦେଖିଛୁ ବନ୍ଧୁ । କେମିତି, ସୁନ୍ଦର ନାଁ ? କ'ଣ କରନ୍ତି ସେ ? ଏକାସାଙ୍ଗରେ ଚାରିଆଡ଼ୁ ନାନା ପ୍ରଶ୍ନ ।

ଆରେ ବଦମାସମାନେ ଶୁଣିବେ ସେ । କେତେ ପାଟି କରୁଛ । ମୁଁ କିଛି ଜାଣିନି, ଯା । ଲାଜ ଲାଜ ମିଶା ସ୍ୱରରେ ବନ୍ଧୁ କହିଲା ।

ମଲା କହୁନୁ, ଆମେ କ'ଣ କାହାକୁ କହିଦେଉଛୁ । ବାହାହବୁ, ଜାଣିନ ?

ମୋ ଜାଣିବାରେ କ'ଣ ଅଛି । ବାପା ବୋଉ ଜାଣନ୍ତିନା । ଆମ ଘରେ କ'ଣ ଦେଖାଚାହାଁର ସୁବିଧା ଅଛି ଯେ ମୁଁ ଜାଣିବି । ସେମାନେ ଦିନେ ମତେ ଦେଖିବାକୁ ଆସିବାରୁ ମୁଁ ଜାଣିଲି ନା ।

କ'ଣ ପସନ୍ଦ ହେଲା, ତୁ ପୁଣି ପସନ୍ଦ ହବୁନି । ତୋଠୁ ବେଶି ସୁନ୍ଦର କିଏ ଅଛି ସେ ସ୍କୁଲରେ । କହି କୁନ୍ଦ ତା' ଗାଲଟାକୁ ଚିପିଦେଲା ! କୁନ୍ଦ ଆଉ ବନ୍ଧୁ ଦିହେଁ ସୁଇଟ୍ ବସୁଥିଲେ ।

ହଁ ପସନ୍ଦ ହେଲା ଯେ ଦେବାନେବାରେ ଗୋଳମାଳ ଥିଲା । ତାଙ୍କ ବାପା ଆଗ୍ରହୀ ହୋଇ ନାନା ଚେଷ୍ଟା କରୁଥିଲେ । ଜାଣ୍ୟା ଦେଖିଗଲୁଁ ଯଦି ସୁବିଧା ହବ କରିବୁ । ପୁଅ ତ ଏମ୍ ଏସ୍ ସି ପଢ଼ୁଛି । ପଣ୍ଡାପାଳା ସବୁ । ତା' ଇଚ୍ଛା । ଏମିତି କେତେ କ'ଣ

Digitized by srujanika@gmail.com

ସମସ୍ତେ ସମସ୍ୱରରେ କହି ଉଠିଲେ । ଆମ ବିନ୍ଦୁଙ୍କୁ ତ ନେବେ । ଅଉ ପୁଣି ନେବେ କ'ଣ । କେମିତି ଲୋକ ମନୋନୟନ । ହେଁ ହେ ହେଇ ହାଟିପିଟିଦେଇଲେ ତେଣୁ । ରହିମ ତା' ପରେ କହିଲା ଶୁଣ । ଟିକା-ଟିପ୍ପଣୀ କାହିଁକି କାଟି ଦେଉଛ । ଘଣ୍ଟା ପଡ଼ିଯିବ । ଘଣ୍ଟା ପଡ଼ିବା ଆଗରୁ ଠିକ୍ କରିନେଇଥିଲେ । କିଏ ବିନ୍ଦୁ କଣ୍ଟ-ହେଲା ।

ଏବେ ସ୍କୁଲ ହେଲା । ସେଇ କ୍ଲାସ୍ ଭିତରେ କଲେ । ଯିଏ, ଅଛନ୍ତି, ଏଠିଏ ଲୋକ । ସର୍ବନାମ ବ୍ୟବହାର କଲେଣି । ମାଷ୍ଟ କ'ଣ କହିଲେ କାହିଁକି ? ମିହି ଗଳାରେ ପଚାରିଲା ବିନ୍ଦୁର ଏକାନ୍ତ ବନ୍ଧୁ ରଶ୍ମି । ବିନ୍ଦୁ ତାକୁ ଆଖି ମାରିଦେଲା, ପଛେ କହିବ ।

ଢଂ ଢଂ ଢଂ ଘଣ୍ଟା ପଡ଼ିଲା । ଘଣ୍ଟା ପଡ଼ିବାରୁ କିଏ ... ଜଣ ଦଉଡ଼ି ଯିବାକୁ ହେଉଥିଲେ । କିଏ ଟେପଡା, କୋଷ୍ଠ, କିଏ ଚିନାବାଦାମ ଛଡ଼ାଇ ଖାଉଥିଲା, ଆରବାର କରି ଖାଇ ଟାପୁରେ ମୁହଁ ପୋଛୁ ପୋଛୁ କ୍ଲାସକୁ ଦଉଡ଼ିଲେ । ମୁହୂର୍ତ୍ତକେ ସମସ୍ତ ସ୍କୁଲଟା ନୀରବ ହୋଇଗଲା ।

ବିଦାୟବେଳେ ଛଳଛଳ ଆଖିରେ ରଶ୍ମି କହିଲା, ଚିଠି ଦେବୁ ବିନ୍ଦୁ । ଭୁଲିଯିବୁନି । ମୁଁ ବି ଦେବି । ତୋର ନୂଆ ଅଡ୍ରେସଟା ପାଇଲେ ହେଲା । ଜାଣିଛୁ ମିସେସ୍ । ପଦବିଟା କ'ଣଟି ମହାପାତ୍ର ।

ହଁ, ଭଟ ପାଇଲି, ବିନ୍ଦୁ କହିଲା । ଅଉ ସମସ୍ତେ ବି ତା'ଠୁ ବିଦାୟ ମାଗିନେଲେ ଆଲିଙ୍ଗନ ଓ ଚୁମ୍ବନ ଦେଇ କାଉସ୍ତାନୀ ଷ୍ଟେସନ୍‌ରେ

× × ×

ପଢ଼ିବା ଦିନର ସେ ଦିନଗୁଡ଼ା ଅଉ ନାହିଁ । ବିନ୍ଦୁ ଏବେ ପୂର୍ଣ୍ଣ ସନ୍ତାନର ଜନନୀ । ପିଲାଦିନର ସାଙ୍ଗସାଥିଙ୍କ କଥା ତା'ର କ୍ୱଚିତ୍ ମନେପଡ଼େ । କେବେ କାହା ସାଥିରେ କଥାବାର୍ତ୍ତା ହୋଇଯିବେଲେ । ଚବିଶ୍ ଘଣ୍ଟା ତାକୁ ପିଲାଙ୍କ ଚିନ୍ତା ଘେରିଥାଏ । ବଡ ପୁଅଟି ସ୍କୁଲକୁ ଯିବ । ସମୟ ମୁତାବକ ଟିଫିନ । ଖାତା, ପେନ୍‌ସିଲ କେଉଁଠି ହଜାଇଦେଲା, ଖୋଜା ଲାଗିଥିବ । ସାନଟି ଦୁଧ ଖାଇବ ନାହିଁ, ଭାରି ଅଳିଅଳ । ଝିଅଟିରେ ବାପା ବାଲ ଉଡ଼ିଗଲେ । ଓଳି କାଉ ଖାଇବୁ ନେ କହି ତାକୁ ଖୁଆଇବାକୁ ପଡ଼େ । ଯୌବନର ରଙ୍ଗିନ ସ୍ୱପ୍ନ କୁଆଡ଼େ ଉଭେଇ ଗଲାଣି । କେବେ ବେଳେ ସେ କହିବାରି ଶୁଣାଯାଏ, ମୋ ଜୀବନ । ତାହାହେଲେ ସେତେ ଜଞ୍ଜାଳ । ରଶ୍ମି, ଅଳକା, ସରଯୂ ଏମାନେ ବାହା ନ ହୋଇ ନୂଆ ଭଲ ଅଛନ୍ତି । ସ୍ୱାସ୍ଥ୍ୟ ଓ ମନକୁ ସୁସ୍ଥ ରଖିବାକୁ ଯଦି ଗୃହିଣୀ ହେବ ଏ ଧରଣୀ ପଣ ଛାଡ଼ିବାକୁ ହେବ । ପ୍ରକୃତରେ ବିନ୍ଦୁର ପୂର୍ବ ରୂପଶ୍ରୀ ମଉଳି ଗଲାଣି । ନିଦ ଲାଗୁଥିଲେ ଶୋଇବାକୁ ତର ନାହିଁ । ସିଏ ଖାଇନାହାନ୍ତି, ତାଙ୍କୁ ଅପେକ୍ଷା କରିବାକୁ ହେବ । ଛୋଟ ପୁଅଟିକୁ ଉଠାଇବା ପ୍ରତିକ୍ଷା କରିବାକୁ । ରନ୍ଧାଘର ଝରକା ଦରଜା ଲାଗି ନାହିଁ । ବିରାଡ଼ି ପଶି ଦୁଧ, ମାଛ ଯାହା ଥିବ ଶେଷ କରିଦେବ । ଏଇପରି ଛୋଟ ଛୋଟ ନାନା କାମ ଭିତରେ ତା' ଫୁରସତ ନାହିଁ କମ ଥାଏ ସାଙ୍ଗିମାନଙ୍କ କଥା ବୁଝିବାକୁ । ସେ କେତେ-ଦିନ ଶୁଣିଲାଣି ରଶ୍ମି ଏବେ କଲେଜ ଲେକ୍ଚରର ହୋଇ ଆସିଛି । ଦେଖିବାକୁ ଯିବ ଯିବ ହେଉଛି ଯାଇପାରୁନି ।

ଗୁରୁବାରଟା କ ପାଞ୍ଚଟା ବାଜିଥିବ । ବିନ୍ଦୁ ପିଲାଗୁଡ଼ିକର ଛୋଟ ଝିଅଟିକୁ କୁଣ୍ଡା ବଦଳାଇ ପରିଷ୍କାର ପୋଷାକ ଲଗାଇ ଦେଲା । ମୁହଁଟି ମାନ ଓଦା ଗାମୁଛାରେ ପୋଛିଦେଲା, ଗୋରଚନା ଟୋପା ଲଗାଇ ଦେଉଛି । ସେ ଅଉ ଟିଏ ଆସିଲା ବେଣି । ତା'ର ଜର୍ଜେଟ ଶାଢ଼ୀ ଅନ୍ତରାଳରୁ ଅଲଙ୍କାର ବାହାରକୁ ଦିଶୁଛି । ପାଦରେ ତା'ର ନାଲି ମଖମଲ୍ ବନା ଉପରେ ସୁନେଲି ଜରିର କାମ କରା ଗୋଲାପ ଫୁଲର ଚପଲ । ହାତରେ ବାନ୍ଧିଛି ସୁନାର ଗୋଟାଏ ଛୋଟ ରିଷ୍ଟୱାଚ । କ'ଣ କରୁଛୁ କିଲୋ ? ଏଇଟି କ'ଣ ତୋ ସାନଟି ଥି କହି ତାକୁ ସେ କାଖକଲା । ଭାରି ସୁନ୍ଦର ପିଲାଟିଏ ତ । ଅଚାନକ ନ ଚିଠି ମୋ ପାଖକୁ କେମିତି ଚାଲିଆସିଲୁ, ଦୋଷ୍ ମ ବିନ୍ଦୁ । ଠିକ୍ ଚୋରି ପରି ହୋଇଛ ନା ? ରଶ୍ମିକୁ ଏତେଦିନ

Digitized by srujanika@gmail.com

ହଠାତ୍ ଦେଖି ଥତମତ ଖାଇଗଲା ବଂଧୁ । ବାରଣ୍ଡାଟା ମଇଳା ହୋଇ ପଡ଼ିଛି । ଏଠି ଗୋଟାଏ ଖେଳନା ଦେଖୁଛ ସେପଟେ ଗୋଟାଏ ଢାଳ ଥୁଆ ହୋଇଛି । ନିଜର ଅଧା ମଇଳା·ନାଡ ଘୋ । କସ୍ତୁରୀକୁ ଅନାଇଦେଇ ସଙ୍କୁଚିତ ହୋଇ ଉଠିଲା ସେ । ରଶ୍ମି ତା' ଝିଅକୁ ଧରି ଗେଲ କରୁଥିବାର ଦେଖି ତାର ଭାବାବେଶ କଟିଗଲା । ଠିଆହେଲା ଯେ ଚଉକିଟା ଅଣୁ । ଅରେ ସପନା, ଦାଣ୍ଡଘରୁ ଚଉକିଟା ଅଣିଲୁ ।

ନାହିଁ ନାହିଁ ଚଉକି କଣ ହେବ ମୁଁ ଏଇଠି ସପରେ ବସୁଛି କହି ସପଟିକୁ ଟାଣିଆଣି ବସିଲା ରଶ୍ମି । କ'ଣ ସବୁ ଭଲ ? ବହୁତ ଦିନପରେ ଦେଖା ନା ? ପ୍ରାୟ ପନ୍ଦର ବର୍ଷ ହେବ । ମତେ ଚିହ୍ନି ପାରୁନଥିଲି । ତୁ ଖୁବ୍ ଶୁଖି ଯାଇଛୁ । କିନ୍ତୁ ବେଶ୍ ମଜାରେ ଅଛୁ ।

ଏତେ ପୁଣି ଚିହ୍ନି ପାରିବନି କହି ବନ୍ଧୁ ରଶ୍ମିଙ୍କ କୁଣ୍ଡାଇ ପକାଇଲା ଅନାବିଳ ଆନ୍ତରିକତାରେ । ମଜାରେ କ'ଣ ଅଛୁଁ ମ । ମଜା ଜାଣେ ନା ? ଆମେ ତ ସବୁ ପରାଧୀନା । ତମେ ସିନା ସ୍ୱାଧୀନା ହେଇ ଯେତେବେଳେ ଯାହା ମନକଲ କରୁଛ ।

ହଁ ଲୋ କାହାର ସିନା ଗୋଟାଏ । ଆମର ତ ସତର ଘରତା । ସବୁଙ୍କ ମନ ନେବାପାଇଁ ଚାକର ହେବ । ସବୁବେଳେ ଡରଟି ; କୁଆଡ଼େ ଟିକେ ଭୁଲି ଭୁଲି ଯିବ । ତା'ର କଣ ସମସ୍ୟା ଅଛି ? ଡାକ୍ତରଖାନା ଉଠନ୍ତି ସାର ଘରକୁ ଆସିଥିବେ । ସିଆଡ଼ୁ ଆସିବ ଡ୍ରେକଣ୍ଟ କେଶ୍ ଅଫିସ୍ । ଆଜି ମୁଁ ଖସି ପଳାଇ ଆସିଛିନା । ତା' ପରେ ପିଲାଙ୍କର ଗପର ଦୁଅ ପାଠିଲା । ସଙ୍ଗୀମାନଙ୍କ ମଧ୍ୟରୁ କିଏ କିଏ ବାହାହୋଇ ଗଲେଣି । କିଏ ମାଷ୍ଟରାଣୀ ହୋଇଛି ଇତ୍ୟାଦି । କଇସା ଭଲ ଖୁବ କାଟି ଏ ପାଇଥିଲୁ ମ । ତାକୁ ଛାଡ଼ିଦେଇ ସେ ପୁଣି ବାହାହେଲା । ସ୍ୱର୍ଣ୍ଣକୁ ତୋର ମନେ ଅଛି ନା ? ଦେଖିବାକୁ କିଏର ଟିକିଏ ଘନ । ତା' ସ୍ୱାମୀଟା ଅତି କଦାକାର । ସେଦିନ ସିନେମାରେ ତାଙ୍କୁ ଭେଟିଥିଲି । ସେ ଖୁବ୍ ସୁଖୀ ଦିଶୁଥିବା ଜଣାଗଲା । ତା' ସ୍ୱାମୀ ରୂପ ମନେ ପଡ଼ିଲେ ମୋ ଦେହ ଶିହରି ଉଠୁଛି । ବିଜୟାର ଶାଶୁଟା ବଡ଼ ଉଦଣ୍ଡୀ । ସ୍ୱର୍ଣ୍ଣ ବି ସେମିତ । ତାକୁ ଖାଲି ମାରଧର କରୁଛନ୍ତି । ମୁଁ ହୋଇଥିଲେ ଘର ଛାଡ଼ି ପଳାଇ ଆସନ୍ତିଣି ।

ପଳାଇ ଆସିବ କାହିଁକି ? ସମାଜ କ'ଣ କହିବ । ବାପ ମା କଣ ସବୁଦିନେ ରଖିବେ । ଫେରନ୍ତ ପଠାଇବେ । ତୋର ଖୁବ୍ ଭଲ ମ ରଶ୍ମି । ନିଜେ ରୋଜଗାର କରୁଛୁ କେହି କହିବାକୁ ନାହାଁନ୍ତି କି ବୋଲିବାକୁ ନାହିଁ ।

ମଣି କହୁନାହାନ୍ତି, ଛାଡ଼ୁଛନ୍ତି । ବାର କଥା ଉଠାଉଛନ୍ତି ନା । ଏକା ସ୍କୁଲରେ କାମ କରୁଛୁଁ । ଡାକ୍ତରମାନଙ୍କ ହସିକରି ପଦେ କଥା କହିଲେ କି ସାଥୀ ହୋଇ କୁଆଡ଼େ ଗଲେ ଯାହାଙ୍କ ପାଇଁ ଖଟୁଥାଉ ସେଇ ରୋଗୀମାନେ ପର ଯାଇ ଆଖିରେ ଦେଖିଲାପର ନାନା କଥା ଉଠାଉଛନ୍ତି ।

ବଂଧୁ ସବୁ ଫେରି ସେଦିନ ରାତିରେ ରଶ୍ମିଙ୍କ ଭଲ ନିଦ ହେଲାନି । ବଂଧୁର ଝିଅଟି ତା ଆଖିରେ ନାଚି ଯାଉଥାଏ । ଜନନୀ କୋଳରେ ବସି ତା' ପଣତକୁ ଟୁଲ ଟୁଲ କରି ଟାଣି କାନରେ ଫିସ୍ ଫିସ୍ କରି ପଚାରୁଥାଏ, ମା, ଏ କିଏ ମ । ବଂଧୁ କହିଲା, ଇଏ ତୋର ଆଉ ଗୋଟାଏ ମା । ତା'ର ଇଚ୍ଛା ହେଉଥାଏ, ସେଇ ଟିକିମୁହଁଟିକି କୋଳରେ ପୂରାଇ ଛାତିରେ ଚାପି ଧରି ଶୋଇ ପଡ଼ନ୍ତା । ମନଇଚ୍ଛା ତାକୁ ଆଦର କରନ୍ତା । ଏଇ ନିଃସଙ୍ଗ ଜୀବନ ତଳେ ସବୁରି ଅନ୍ଧକାର ଭିତରେ ବଂଧୁର ସେଇ ପରିପୂର୍ଣ୍ଣ ପରାଧୀନ ଜୀବନଟି ତା ନିକଟରେ ଲୋଭନୀୟ ହୋଇ ଉଠିଲା ।

Digitized by srujanika@gmail.com

# ପୁରାତନ * ପାଟଣାର ଅନ୍ୟନାମ କୋଶଳ ନୁହେଁ କି ?

ରାଜ୍ୟରତ୍ନ ଶ୍ରୀ ବଳଭଦ୍ର ବହିଦାର

"କୋଶଳୀ" ଙ୍କ "whither koshal" (କୋଶଳ କେଉଁଠାରେ) ନାମକ ପୁସ୍ତକ ପାଠକରି ମାନ୍ୟବର ମହତାବ ଗୋଟିଏ ବିବୃତି ୧୯ ତାରିଖ ନଭେମ୍ବର ସନ ୧୯୪୬ ଇସବିର "ଦୈନିକ ଆଶା"ରେ ପ୍ରକାଶ କରିଥିଲେ । ତହିଁରେ ସେ କହିଥିଲେ ଯେ, "ବସ୍ତର, କଳାହାଣ୍ଡି, ପାଟଣା, ରାଇଗଡ଼, ଶକ୍ତି, ସାରଙ୍ଗଗଡ଼, ବୌଦ୍ଧ, ବାମଣ୍ଡା, ରେଢ଼ାଖୋଲ, ସୋନପୁର, ବଣାଇ, ଗାଙ୍ଗପୁର ଓ ସମ୍ବଲପୁର ସମେତ ମହାନଦୀର ଉପର ଓ ମଧ୍ୟ ଉପତ୍ୟକା ଅଞ୍ଚଳ କଦାପି କାଳେ "କୋଶଳ" ନାମରେ ପରିଚିତ ନ ଥିଲା ।" ଏହି ଏବଂ whither koshal (କୋଶଳ କେଉଁଠାରେ) ନାମକ ପୁସ୍ତକ ମୁଁ ପଢିଲା ପରେ "କୋଶଳ କାହିଁ ?" ନାମରେ "ଚତୁରଙ୍ଗ"ର ସମ୍ପାଦକଙ୍କଠାରୁ ଯେଉଁ ପତ୍ର ଲେଖିଥିଲି ତାହା ୭ମ ସଂଖ୍ୟା "ଚତୁରଙ୍ଗ"ରେ ସ୍ଥାନ ପାଇଅଛି । ଯେଉଁ ସବୁ ପ୍ରମାଣ ଉପରେ ନିର୍ଭର କରି ମାନ୍ୟବର ମହତାବ ଉକ୍ତ ଅଞ୍ଚଳର ନାମ କେବେ କୋଶଳ ନ ଥିଲା ବୋଲି କହନ୍ତି ତାହା ଗବେଷଣାମୂଳକ କିମ୍ବା ସାହିତ୍ୟିକ ପତ୍ରରେ ପ୍ରକାଶ କରିବା ପାଇଁ ତାଙ୍କୁ ସେହି ପତ୍ରରେ ଅନୁରୋଧ କରିଥିଲି । ଆଜି-ପର୍ଯ୍ୟନ୍ତ ଏ ସମ୍ବନ୍ଧେ ଉକ୍ତ ପ୍ରକାର କୌଣସି ପତ୍ରରେ ସେ ଲେଖିଥିବାର ଜଣା ଯାଉନାହିଁ । ତତ୍ପରେ ରେଭେନ୍ସା କଲେଜର ଇତିହାସ ସଂସଦର ଆନୁକୂଲ୍ୟରେ ସେହି କଲେଜ ହଲରେ ପ୍ରଦତ୍ତ ତାଙ୍କର କଳିଙ୍ଗର ଇତିହାସ ସମ୍ବନ୍ଧୀୟ ଭାଷଣ ତା ୩ । ୧୨ । ୪୬ ଇଂ ର "ଦୈନିକ ସମାଜ"ରେ ପ୍ରକାଶିତ ହେଲା । ଏହି ଭାଷଣରୁ ଜଣାଯାଏ ଯେ ଏଥିରେ କୋଶଳ ଶବ୍ଦ ନ ଥିଲେହେଁ ତାଙ୍କର ପୂର୍ବବର୍ତ୍ତୀ ବିବୃତି ନିର୍ଭୁଲ ବୋଲି ପ୍ରମାଣ କରିବା ନିମନ୍ତେ ସେ କହନ୍ତି, "ପୁରାଣ, ସାହିତ୍ୟିକ ଲେଖା ଓ କିମ୍ବଦନ୍ତୀ ଉପରେ ନିର୍ଭର ନ କରି ଲିପି-ମାନଙ୍କ ଉପରେ ନିର୍ଭର କରିବା ଉଚିତ ।"

ଐତିହାସିକ ତଥ୍ୟ ଆବିଷ୍କାର ସମ୍ବନ୍ଧେ ସେ ଏପରି ମତ ପ୍ରକାଶ କରନ୍ତି । "ଲିପି" ଶବ୍ଦ ଦ୍ୱାରା କି-ପ୍ରକାର ଲିପିକୁ ସେ ଲକ୍ଷ୍ୟ କରନ୍ତି ଉକ୍ତ ଭାଷଣରୁ ଜଣା ଯାଉନାହିଁ । ତେବେ କେବଳ ଲିପି ଉପରେ ନିର୍ଭର କରି ଉତ୍କଳର ପୁରାତନ ଐତିହାସିକ ତଥ୍ୟ ଆବିଷ୍କୃତ ହୋଇ ନ ପାରେ, ଏହା ମୋର ଧାରଣା । 'ପ୍ରାଚୀନ ଉତ୍କଳ" ପ୍ରଣେତା ଶ୍ରୀ ଜଗବନ୍ଧୁ ସିଂହ ଏବଂ "ଓଡ଼ିଶା ଇତିହାସର ଲେଖକ ଶ୍ରୀ ଅକ୍ଷୟ କୁମାର ଚକ୍ରବର୍ତ୍ତୀ ସୁଦ୍ଧା ଏହି ମତର ସମର୍ଥକ । କାରଣ ଶ୍ରୀ ଜଗବନ୍ଧୁ ସିଂହ ତାଙ୍କ ବହିର ୩ ପୃଷ୍ଠାରେ ଲେଖିଛନ୍ତି "ଉତ୍କଳର ଧାରାବାହିକ ଇତିହାସ ନାହିଁ କହିଲେ ଅତ୍ୟୁକ୍ତି ହେବନାହିଁ । ପୁରାଣ ଶିଳାଲିପି, ତାମ୍ରଶାସନ, କିମ୍ବଦନ୍ତୀ, ପ୍ରାଚୀନ ଗ୍ରନ୍ଥ, ମାଦଳା ପାଞ୍ଜି ଉତ୍କଳର ପ୍ରଧାନ ଐତିହାସିକ ସମ୍ବଳ ।" ଏବଂ ଶ୍ରୀ ଅକ୍ଷୟ କୁମାର ଚକ୍ରବର୍ତ୍ତୀ ତାଙ୍କ ପୁସ୍ତକର "ନିବେଦନ"ରେ ଲେଖନ୍ତି "ଇତିହାସ ଅତୀତର ବିବରଣ । ସେଥିପାଇଁ ପୂର୍ବକାଳର ଜ୍ୟୋତିଷ, ତନ୍ତ୍ର, ଚିକିତ୍ସା ଓ ଧର୍ମଶାସ୍ତ୍ରର ଅନ୍ତର୍ଗତ ସମୁଦାୟ ଶାସ୍ତ୍ର ଇତିହାସକୁ ଉପକରଣ ଯୋଗାଉଥିବାରୁ ସେ ସବୁ ଐତିହାସିକର ମୁଖ୍ୟ ଅବଲମ୍ବନ ।" ଏହି ଉଭୟ ଐତିହାସିକଙ୍କ ଏପରି ମତ ହେଲେହେଁ ମାନ୍ୟବର ମହତାବଙ୍କ ମତ ଅନୁଯାୟୀ ପୌରାଣିକ, ସାହିତ୍ୟିକ ଏବଂ କିମ୍ବଦନ୍ତୀକ ପ୍ରମାଣ ପରିତ୍ୟାଗ ପୂର୍ବକ କେବଳ ତାମ୍ରଶାସନ ଏବଂ ପୂର୍ବକାଳୀନ ଚୀନ ପରିବ୍ରାଜକଙ୍କ ଭ୍ରମଣ ବୃତ୍ତାନ୍ତ ଉପରେ ଅବଧାରିତ ନିମ୍ନୋକ୍ତ କେତୋଟି ଐତିହାସିକ ଅଭିମତ ଏଠାରେ ଉଲ୍ଲେଖ କରିବା ସମୀଚୀନ ବୋଧକରେଁ ।

ସ୍ୱର୍ଗତ ପ୍ୟାରୀମୋହନ ଆଚାର୍ଯ୍ୟ ଓଡ଼ିଶାର ପ୍ରଥମ

* ପୁରାତନ ଶବ୍ଦ ଦ୍ୱାରା ପାଟଣାରେ ଚୌହାଣ ରାଜତ୍ୱର ପୂର୍ବବର୍ତ୍ତୀ ସମୟକୁ ଲକ୍ଷ୍ୟ କରାଯାଇଅଛି । [ ଲେଖକ ]

Digitized by srujanika@gmail.com

ଐତିହାସ କ ଏବଂ ତାଙ୍କର ବହିର ନାମ "ଓଡ଼ିଶାର ଇତିହାସ।" ଏହି ବହିର ୪୬ ପୃଷ୍ଠାରେ ସେ ଲେଖିଛନ୍ତି "ବର୍ତ୍ତମାନ ଯେ ଖଣ୍ଡି କେତେ ତମ୍ବାପଟ୍ଟା ମିଳିଅଛି ସେ ସବୁରୁ ପ୍ରତୀୟମାନ ହୁଅଇ ଯେ ମହାନଦୀର ପାର୍ଶ୍ୱବର୍ତ୍ତୀ ପ୍ରଦେଶ ଖଣ୍ଡର ନାମ କୋଶଳ ଥିଲା। × × × ଉକ୍ତ କୋଶଳ ରାଜ୍ୟରେ ଜନ୍ମେଜୟଦେବ ନାମକ ଏକ ରାଜା ଥିଲେ।"

ଏହାଙ୍କର ପରବର୍ତ୍ତୀ ଐତିହାସିକ ବୋଧହୁଏ ସ୍ୱର୍ଗତ ଅଭିରାମ ଭଞ୍ଜ ଏମ୍. ଏ. ବି. ଏଲ୍ ଏବଂ ତାଙ୍କ ପ୍ରଣୀତ ପୁସ୍ତକର ନାମ "ଉତ୍କଳ ପ୍ରାଚୀନ ଓ ତ ଶା ଇତିହାସ।" ଏଥିର ୧୬ ପୃଷ୍ଠାରେ ସେ ଲେଖିଛନ୍ତି "ଏବେ କେତେଖଣ୍ଡି ତମ୍ବାପଟ୍ଟା ମିଳିଅଛି। ସେମାନଙ୍କରେ ଯାହା ଲେଖା ଅଛି ତହିଁରୁ ଜଣାଯାଏ ଯେ ତମ୍ବାପଟ୍ଟାମାନ ଲେଖା ହେଲା କାଳକୁ ଖୋର୍ଦ୍ଧା ଅଞ୍ଚଳ ଓଡ଼ିଶା ନାମରେ ଏବଂ ମହାନଦୀର ପାର୍ଶ୍ୱବର୍ତ୍ତୀ ଦେଶ କୋଶଳ ନାମରେ ପରିଚିତ ହେଉଥିଲା। ସେହି କୋଶଳ ଦେଶରେ ଜନ୍ମେଜୟ ଦେବ ନାମକ ଜଣେ ରାଜା ଥିଲେ।"

ସ୍ୱର୍ଗତ ବିଜୟଚନ୍ଦ୍ର ମଜୁମଦାର ବି. ଏ. ବି. ଏଲ୍. ଜଣେ ଐତିହାସିକ ଗବେଷକ ଏବଂ ତାମ୍ରଶାସନ ଲିପିର ଅନୁବାଦକ। ତାଙ୍କର ଯେଉଁ ପୁସ୍ତକ ଇଂରାଜୀ ଭାଷାରେ ମୁଦ୍ରିତ ହୋଇଅଛି ତାହାର ନାମ Orissa in the making (ଓଡ଼ିଶା ଇନ୍ ଦ ମେକିଂ।) ଏହି ବହିର ୭୬ ପୃଷ୍ଠାରେ ଅଛି:—

"Hiwen Tsiang says in describing the old route from Kalinga to Kosola that one had to pass through wild country of hills and forests. He states that there stands a high mountain on the northern frontier of Kalinga and proceeding from it north-west through forests and mountains 1800 li we come to the country of Kosola, ... ... ... one clearly sees ... ... the distance he gives of his route points to the district of Sambalpur. ... ... It has been established beyond any doubt on the evidence of the inscriptions of the Soma vansi Rajas that the Sambalpur tract was included within the Kosala Desa in the 9th or the 10th century A. D."

(ଅନୁବାଦ — କଳିଙ୍ଗରୁ କୋଶଳ ଯିବାର ପୁରାତନ ମାର୍ଗ ବର୍ଣ୍ଣନା କଲାବେଳେ ହୁଏନ୍‌ସାଂ କହନ୍ତି ଯେ ଏ ମାର୍ଗରେ ମନୁଷ୍ୟକୁ ପାହାଡ଼ ଓ ଜଙ୍ଗଲ ପୂର୍ଣ୍ଣ ଅନାବାଦୀ ଦେଶ ମଧ୍ୟରେ ଯିବାକୁ ହୁଏ। ସେ କହନ୍ତି, କଳିଙ୍ଗର ଉତ୍ତର ସୀମାରେ ଗୋଟିଏ ଉଚ୍ଚ ପର୍ବତ ଅଛି ଏବଂ ସେଠାରୁ ଉତ୍ତର-ପଶ୍ଚିମ ଦିଗରେ ଜଙ୍ଗଲ ଓ ପର୍ବତ ବାଟେ ୧୮୦୦ ଲି ଗଲାପରେ ଆମ୍ଭେମାନେ କୋଶଳ ଦେଶକୁ ଆସିଲୁଁ। × × × ଆମ୍ଭେ ସ୍ପଷ୍ଟ ଦେଖୁଅଛୁଁ ଯେ × × ମାର୍ଗର ଯେଉଁ ଦୂରତା ସେ ଦେଇଛନ୍ତି ତାହା ସମ୍ବଲପୁର ଜିଲ୍ଲାର ସଙ୍କେତ। × × ସୋମବଂଶୀ ରାଜାମାନଙ୍କର ଖୋଦିତ ଲିପି ଦ୍ୱାରା ଏହା ନିଃସନ୍ଦେହରୂପେ ପ୍ରମାଣିତ ହୁଏ ଯେ ଖ୍ରୀଷ୍ଟୀୟ ୯ମ ବା ୧୦ମ ଶତାବ୍ଦୀରେ ସମ୍ବଲପୁର ଅଞ୍ଚଳ କୋଶଳ ଦେଶର ଅନ୍ତର୍ଗତ ଥିଲା।)

ଓଡ଼ିଶାର ସ୍ୱର୍ଗତ ପଣ୍ଡିତ କୃପାସିନ୍ଧୁ ମିଶ୍ର ଏମ୍. ଏ. ଜଣେ ଲବ୍ଧ ପ୍ରତିଷ୍ଠ ଐତିହାସିକ। ଏହାଙ୍କର ଅକାଳ ମୃତ୍ୟୁପରେ ସ୍ୱର୍ଗତ ଉତ୍କଳମଣି ଗୋପବନ୍ଧୁ ଦାସ ଲେଖିଛନ୍ତି "ଇତିହାସ ପ୍ରତ୍ନତତ୍ତ୍ୱର ଆଲୋଚନାରେ କୃପାସିନ୍ଧୁ ନିଜ ବାର୍ଯ୍ୟ ଓ ଗୁଣ ଯୋଗେ ସୁପରିଚିତ।" ଏପରି ପ୍ରତ୍ନତତ୍ତ୍ୱ ବିଶାରଦଙ୍କ ମତର ଗୁରୁତା ଅବଶ୍ୟ ବେଶୀ। ଏହାଙ୍କ ପ୍ରଣୀତ "ଉତ୍କଳ ଇତିହାସ"ର ୪୦ ପୃଷ୍ଠାରେ ଲେଖା ହୋଇଅଛି "କୋଶଳ ରାଜ୍ୟ ବର୍ତ୍ତମାନ ସମ୍ବଲପୁର, କଳାହାଣ୍ଡି, ବସ୍ତର, ଷସୁରଗଡ଼ ପ୍ରଭୃତି ନେଇ ଗଠିତ ହୋଇଥିଲା। ଏହାର ନାମ ଦକ୍ଷିଣ କୋଶଳ ଥିଲା।"

"ପ୍ରାଚୀନ ଉତ୍କଳ" ପ୍ରଣେତା ଶ୍ରୀଯୁକ୍ତ ଜଗବନ୍ଧୁ

Digitized by srujanika@gmail.com

ସେହି ଭଳି ପୁସ୍ତକରେ କେତେକ ଖୋଦିତ ଲିପିର ଆଲୋଚନା କରିଛନ୍ତି । ସେ ଏ ପୁସ୍ତକର ୫୯୩ ପୃଷ୍ଠରେ ଲେଖନ୍ତି "ବିଜୟ ବାବୁ" (ପୂର୍ବୋକ୍ତ ବିଜୟଚନ୍ଦ୍ର-ମଜୁମଦାର) ସୋନପୁରରୁ ଛଅଗୋଟି ତାମ୍ର ଶାସନ ପାଇଛନ୍ତି, ସେ ତାର ଅନୁବାଦ ଲେଖିଛନ୍ତି ।" ଏହି ତାମ୍ରଶାସନମାନଙ୍କରେ ଉଲ୍ଲିଖିତ ସତଲମା ଗ୍ରାମ ସମ୍ବଲପୁର ଜିଲ୍ଲାରେ, ନଉପୁର ସିଂହ (ଆଧୁନିକ ନଉପୁରସିଂଘା) ବଙ୍କଟେନ୍ତୁଳୀ (ଆଧୁନିକ ବଙ୍କତେନ୍ତୁଳୀ) ଏବଂ ନବନା (ଆଧୁନିକ ନବନା) ଗ୍ରାମମାନ ସୋନପୁର ରାଜ୍ୟରେ ଏବଂ ମୁରସିଂଘ (ଆଧୁନିକ ମୁରସିଂ) ଗ୍ରାମ ପାଟଣା ରାଜ୍ୟରେ ଅବସ୍ଥିତ ।

ଶ୍ରୀଯୁକ୍ତ ଜଗବନ୍ଧୁ ସିଂହ ପୁସ୍ତକର ୫୫୭ ପୃଷ୍ଠାରେ ଲେଖନ୍ତି "ସୋନପୁର ଅନ୍ତର୍ଗତ ନବନା ଏବଂ ସମ୍ବଲପୁର ଅନ୍ତର୍ଗତ ସତଲମା ଗ୍ରାମମାନ ତାମ୍ର-ଶାସନରେ କୋଶଳ ଦେଶାନ୍ତର୍ଗତ ବୋଲି ଉଲ୍ଲେଖ ଅଛି । ବିଜୟ ବାବୁ ଅନୁମାନ କରନ୍ତି ଯେ ପ୍ରାଚୀନ କାଳରେ ସମ୍ବଲପୁର ଏବଂ ତଦନ୍ତର୍ଗତ ଗଡ଼ଜାତମାନ କୋଶଳ ଅର୍ଥାତ୍ ଦକ୍ଷିଣ କୋଶଳର ଅଂଶ ଥିଲା ଏବଂ ବିଲାସପୁର ଜିଲ୍ଲାର ରତନପୁର କୋଶଳର ରାଜଧାନୀ ଥିଲା ।" ଏହି ଅନୁମାନ ଯେ ଯୁକ୍ତିସଙ୍ଗତ ଏଥିରେ ସନ୍ଦେହର ଅବକାଶ ନାହିଁ ।

ସ୍ୱର୍ଗତ ଶ୍ରୀ ରାମଚନ୍ଦ୍ର ମଲ୍ଲିକଙ୍କ ଇତିହାସର ନାମ "ସଂକ୍ଷିପ୍ତ କୋଶଳ ଇତିହାସ ।" ପାଟଣା ଏବଂ ସମ୍ବଲପୁର ରାଜବଂଶ ଏବଂ ରାଜ୍ୟଶାସନର ବର୍ଣ୍ଣନା ଏଥିର ଜ୍ଞାତବ୍ୟ ବିଷୟ, ଏ କଥା ମୋର ପୂର୍ବ ପ୍ରବନ୍ଧରେ ଲେଖି ସାରିଅଛି । ଏ ବହିର ମୁଖବନ୍ଧରେ ଗ୍ରନ୍ଥକର୍ତ୍ତା ଲେଖନ୍ତି "ଚୀନ ପରିବ୍ରାଜକ ହୁଏନ୍‌ସାଂ ତାଙ୍କର ଭ୍ରମଣ ବୃତ୍ତାନ୍ତରେ ଉଲ୍ଲେଖ କରିଛନ୍ତି "କୋଶଳ ରାଜ୍ୟ କଲିଙ୍ଗ ଅର୍ଥାତ୍ ଚନ୍ଦ୍ରଭାଗା (କୋଣାର୍କ) ଠାରୁ ୩୧୭ ମାଇଲ ଦୂରରେ ଅଛି ଓ କୃଷ୍ଣାନଦୀ ତୀରସ୍ଥିତ ଧରଣୀ କୋଟ ବା ଅମରାବତୀ ଠାରୁ ୨୦୦ ମାଇଲ ଦୂରରେ ଅଛି । ଅତଏବ × × ଏହି ପାଟଣା ରାଜ୍ୟ ଯେ କୋଶଳ ଅଟେ ଏଥିରେ ସନ୍ଦେହ ନାହିଁ ।" ବିଜୟ ବାବୁଙ୍କ ଲେଖାରୁ ଜଣାଯାଏ ଯେ ହୁଏନସାଂଙ୍କ ଦୂରତାର ମାପର ନାମ ଲି । ବୋଧହୁଏ ପାଠକମାନଙ୍କ ସହଜ-ବୋଧ ହେବାପାଇଁ ଶ୍ରୀ ରାମଚନ୍ଦ୍ର ମଲ୍ଲିକ ଲି କୁ ମାଇଲରେ ପରିଣତ କରି ଲେଖିଛନ୍ତି ।

ଶ୍ରୀଯୁକ୍ତ ଅକ୍ଷୟ କୁମାର ଚକ୍ରବର୍ତ୍ତୀ "ଓଡ଼ିଶା ଇତିହାସ" ନାମକ ଗ୍ରନ୍ଥରେ ବର୍ଣ୍ଣନା କରାଇଛନ୍ତି । ତହିଁରେ ସେ ଲେଖନ୍ତି "ପୂର୍ବକାଳରେ କୋଶଳ ରାଜ୍ୟ ବର୍ତ୍ତମାନ କାଳର ସମ୍ବଲପୁର, ରାୟପୁର, କଳାହାଣ୍ଡି ବସ୍ତର ଇତ୍ୟାଦି ଜିଲ୍ଲାର ପଶ୍ଚିମରେ ଥିବା ରାଜ୍ୟ-ମାନଙ୍କୁ ନେଇ ଗଠିତ ହୋଇଥିଲା । ଏହାକୁ ଦକ୍ଷିଣ କୋଶଳ କହନ୍ତି ।"

ସ୍ୱର୍ଗତ ଆର୍‌ ଡି ବେନାର୍ଜି ଜଣେ ପ୍ରସିଦ୍ଧ ପ୍ରତ୍ନତତ୍ତ୍ୱବିତ୍ ଏବଂ ଐତିହାସିକ । ତାଙ୍କର History of Orissa [ଓଡ଼ିଶାର ଇତିହାସ] ନାମକ ପୁସ୍ତକ ଦୁଇ ଭାଗରେ ବିଭକ୍ତ । ପ୍ରଥମ ଭାଗର ୧୩୦ ପୃଷ୍ଠାରେ ସେ ଲେଖନ୍ତି "Already before 634 A. D. Pulikesin II had conquered southern Kosola and Kalinga." (୬୩୪ ଖ୍ରୀଷ୍ଟାବ୍ଦ ପୂର୍ବରୁ ୨ୟ ପୁଲକେଶିନ୍ ଦକ୍ଷିଣ କୋଶଳ ଏବଂ କଳିଙ୍ଗ ଜୟକରି ସାରିଥିଲେଣି ।) ପୁଣି ଏହି ଗ୍ରନ୍ଥର ୧୪୨ ପୃଷ୍ଠାରେ ଲେଖାଅଛି Yaun chwang's * description of Maha Kosola or the southern Kosola is very long on account of the association of that country with the great Buddhist scholar Nagarjuna. He went to southern Kosola by retracing his steps north ward for three hundred miles through dense Jungles on both the slopes of the Eastern Ghats."

ଅନୁବାଦ—[ବୌଦ୍ଧ ମନୀଷୀ ନାଗାର୍ଜ୍ଜୁନଙ୍କ ସହିତ ମହା

* ସେହି ପ୍ରବନ୍ଧ ଲିଖିତ Hiuen Tsiang ଏବଂ Yuau chwang ଜଣେ ବ୍ୟକ୍ତିଙ୍କ ନାମ । ଉଚ୍ଚାରଣ ଭେଦରୁ ଇଂରେଜୀ ବନାନରେ ପାର୍ଥକ୍ୟ ଥିବା ଜଣାଯାଏ — ଲେଖକ ।

Digitized by srujanika@gmail.com

କୋଶଳ ଜମ୍ବା ଦକ୍ଷିଣ କୋଶଳର ସମ୍ପର୍କ ହେତୁରୁ ଏହି ଦେଶ ବିଷୟକ ଯୁଆଂ ଚୁଆଙ୍ଗଙ୍କର ବିବରଣ ଅତି ଦୀର୍ଘ । ପୂର୍ବଘାଟ ପର୍ବତମାଳାର ଦୁର୍ଗମ ଗଣ୍ଡୱାଣୀୟ ଭୂମିର ନିବିଡ଼ ଜଙ୍ଗଲ ମଧ୍ୟରେ ୩୦୦ ମାଇଲ ଉତ୍ତର ଦିଗକୁ ଫେରି ସେ ଦକ୍ଷିଣ କୋଶଳକୁ ଗଲେ । ]

ରେଭେନ୍ସା କଲେଜ ହଲରେ ଭାଷଣରେ ମାନ୍ୟବର ମହତାବ କହିଛନ୍ତି " ଇତିହାସକୁ ବିକୃତ ଭାବରେ ଉପସ୍ଥାପିତ କରିବା ଅନୁଚିତ ଓ ଅନ୍ୟାୟ ।" ଐତିହାସିକମାନଙ୍କର ପୂର୍ବୋକ୍ତ ମତାମତରେ କୋଶଳ ବା ଦକ୍ଷିଣ କୋଶଳ ନାମକ ରାଜ୍ୟ ପୂର୍ବକାଳରେ ଥିଲା କି ନାହିଁ, ପୁରାତନ ପାଟଣା ଅଞ୍ଚଳ କୋଶଳର ନାମାନ୍ତର କି ନୁହେଁ ଏବଂ Whither Kosola [ କୋଶଳ-କାହିଁ ] ବହିର ଲେଖକ ଇତିହାସକୁ ବିକୃତ କି ଅବିକୃତ ଭାବରେ ଉପସ୍ଥାପନ କରିଛନ୍ତି ପାଠକ ପାଠିକା ମାନେ ବିଚାର କରନ୍ତୁ ।

୧୪ ତାରିଖ ନଭେମ୍ବର ୧୯୪୬ ଇସ୍ବୀରେ "ଦୈନିକ ଆଶା" ରେ ମାନ୍ୟବର ମହତାବଙ୍କ ଯେଉଁ ବିବୃତି ପ୍ରକାଶ ପାଇଅଛି ତହିଁରେ ସେ କହିଛନ୍ତି " ଆଜିଯାଏ ଯେଉଁ ସବୁ ଖୋଦିତ ଲିପିମାଳା ମିଳିଛି ତହିଁରୁ କୌଣସି ରାଜ୍ୟର ଭୌଗଳିକ ସୀମା ସୂଚିତ ହେଉନାହିଁ ।" ଏହା ଅବିସମ୍ବାଦିତ ସତ୍ୟ ହୋଇଲେହେଁ ଇତିହାସ ଲେଖିବାକୁ ଗଲେ ସମ୍ପର୍କୀୟ ଅନ୍ୟାନ୍ୟ ଅନେକ ଉପାଦାନ ଖୋଜି ସଂଗ୍ରହ କରିବାକୁ ହୁଏ । କିନ୍ତୁ ଆଶ୍ଚର୍ଯ୍ୟର ବିଷୟ ଏହି କି ରେଭେନ୍ସା କଲେଜ ହଲରେ ପ୍ରଦତ୍ତ ତାଙ୍କର ଯେଉଁ ଭାଷଣ ତା ୨-୧୨-୪୬ ଇସ୍ବୀରେ " ହିନ୍ଦୁସ୍ଥାନ ଷ୍ଟାଣ୍ଡାର୍ଡ " ଖବର କାଗଜରେ ପ୍ରକାଶିତ ହୋଇଅଛି ତାହା ଏ ସମ୍ବନ୍ଧରେ ଅଚଳ । ଏଥିରେ ନିମ୍ନୋକ୍ତ ଅଂଶ ଏଥିର ପ୍ରମାଣ,

" Regarding the areas comprising TriKalinga Sj Mahtab said that from all evidence available it can be said that it included Sambalpur, Patna state, Bastar state."

[ ଅନୁବାଦ— ତ୍ରିକଳିଙ୍ଗର ଆୟତନ ସମ୍ବନ୍ଧରେ ଶ୍ରୀଯୁକ୍ତ ମହତାବ କହିଲେ ଯେ ଯେଉଁ ସବୁ ପ୍ରମାଣ ମିଳିଅଛି ତହିଁରୁ ଏହା କୁହାଯାଇପାରେ ଯେ ସମ୍ବଲପୁର ପାଟଣା ଷ୍ଟେଟ, ବସ୍ତର ଷ୍ଟେଟ୍ ଏଥିର ଅନ୍ତର୍ଗତ ଥିଲା । ]

ଯେଉଁ ସବୁ ଖୋଦିତ ଲିପି ଉପରେ ନିର୍ଭର କରି ସେ ଏହା କହନ୍ତି ତହିଁରେ ଏହି ରାଜ୍ୟମାନଙ୍କର ଭୌଗଳିକ ସୀମା ବର୍ଣ୍ଣିତ ହୋଇଅଛି କି ? ସମ୍ବଲପୁର, ପାଟଣା ଷ୍ଟେଟ ଏବଂ ବସ୍ତର ଷ୍ଟେଟ ଲିପି ଦ୍ୱାରା ଏ ସବୁର ଭୌଗଳିକ ସୀମା ସୂଚିତ ହେଉନାହିଁ କି ? ଇତିହାସ ପ୍ରଣୟନ କରିବାକୁ ଗଲେ ରାଜ୍ୟର ସୀମା-ସମ୍ବନ୍ଧୀୟ ଉପାଦାନ ସଂଗ୍ରହ କରି ମାନଚିତ୍ର ଅଙ୍କନ କରାଯାଏ । କାରଣ ମାନଚିତ୍ରର ସାହାଯ୍ୟ ବ୍ୟତିରେକେ ପାଠକମାନଙ୍କ ମନରେ ବର୍ଣ୍ଣିତ ଘଟଣାର ସ୍ପଷ୍ଟ ଧାରଣା ଜନ୍ମାଇବା ଦୁଷ୍କର ।

ଉକ୍ତ ଭାଷଣରୁ ଏହା ମଧ୍ୟ ଜଣାଯାଏ ଯେ ସେ ଅହମଦ ନଗର ଦୁର୍ଗରେ ବନ୍ଦୀ ହୋଇଥିଲାବେଳେ ଖୋଦିତ ଲିପିମାନଙ୍କର ପୁଙ୍ଖାନୁପୁଙ୍ଖ ଆଲୋଚନା କରି ଯେଉଁ ସିଦ୍ଧାନ୍ତରେ ଉପନୀତ ହୋଇଅଛନ୍ତି ତାହା ଏହି

" Tri Kalinga is not the combination of more than one Kingdom but is the name of a district tract of land which was in between Kalinga in the east and Kosola in the west"

[ ଅନୁବାଦ:— ତ୍ରିକଳିଙ୍ଗ ଏକାଧିକ ରାଜ୍ୟର ସମଷ୍ଟି ନୁହେଁ । ତାହା ଗୋଟିଏ ଭୂଖଣ୍ଡ ଅଞ୍ଚଳର ନାମ ଯାହାର ପୂର୍ବଦିଗରେ କଳିଙ୍ଗ ଏବଂ ପଶ୍ଚିମ ଦିଗରେ କୋଶଳ ଥିଲା । ]

ବର୍ତ୍ତମାନ ପ୍ରଶ୍ନ ଏହିକି ମାନ୍ୟବର ମହତାବଙ୍କ ମତରେ ପୁରାତନ କେଉଁ ଅଞ୍ଚଳ ସେହି ସମୟରେ କୋଶଳ ନାମରେ ପରିଚିତ ଥିଲା ଏବଂ ତାଙ୍କ ମତରେ ଏଥିର କି ପ୍ରମାଣ ଅଛି ଜାଣିବାପାଇଁ ଅନେକଙ୍କର ଇଚ୍ଛା ।

Digitized by srujanika@gmail.com

# ପଥପ୍ରାନ୍ତେ

ଶ୍ରୀ ପଠାଣି ପଟ୍ଟନାୟକ

ଦିବସର ଅବସାନ ପରେ କର୍ମବଶେ କ୍ଲାନ୍ତ ରବିକର,
ଅବସର ଘେନିଅଛି ଯହୁଁ ରଙ୍ଗାୟିତ ବାରୁଣୀ ପଟଳ ।

ଅସ୍ତ୍ରକରେ ରୂପାୟିତ ଧରା, ପ୍ରକୃତର ଏ ରୂପକ ସଜ୍ଜା,
ସ୍ୱପ୍ନପ୍ରିୟ କବି ଦେଖେ ରହି ମାନସୀର ଗୁଛିଗଲୁ ଲଜ୍ଜା ।

ନାଡ଼ମୁଖୀ ହୁଏ କୋକବଧୂ, ଗାଭୀଦଳ ଗ୍ରାମପଥେ ଫେରେ,
ବହୁଦୂରେ ଶଙ୍ଖଘଣ୍ଟା ବାଜେ, ପଥିକର ତନ୍ଦ୍ରା ସୃଷ୍ଟି କରେ ।

ଦିଗ୍‌ବଳୟେ ଧୂମ୍ର ନୀଳ ଅଭ୍ର, ଅପସରି ହୁଅଇ ପାଟଳ,
ଦଳ ଦଳ ଶୂନ୍ୟ ଗୃହୀ ସଙ୍ଗେ, କଳରବେ ଫୁଟିରେ ଜଳାଞ୍ଚଳ ।

ନିର୍ଝରଣୀ କୁଳୁ କୁଳୁ ଧ୍ୱନି, କାକଳିର ତରଙ୍ଗ ହିଲ୍ଲୋଳେ,
ଭାସିଆସେ ଶୂନ୍ୟ ମାର୍ଗପଥେ, ଜନପଦେ ଅଦ୍ଧହିଁ ନିରୋଳେ ।

ସାମିଆନା ଆକାଶର ତଳେ, ତାରାସାଥେ ଚନ୍ଦ୍ର ଖେଳିବୁଲେ,
ବଜଦର ସ୍ୱପ୍ନପୁରୀ ତଳେ ପଲ୍ଲୀବାଳା ମାୟାସୃଷ୍ଟି ତୋଳେ ।

ହଳଧାରୀ ଧୀର କୃଷି ଭାଇ, ଗୃହକ୍ଷେତ ମୋଡ଼ପାଖେ ରହି,
ଡାକଦିଏ "ପଡ଼ୋଶୀ ଭାଇରେ, ଯିବୁକିନା ଘରଆଡେ ମୋ ସହି"

ଧନାଗାର ତଳେ ରହି ରହି ଝଙ୍କାରଣୀ ପଟାଉ ଉଡ଼ାଳେ,
ଧରଣୀରେ କରଇ ସ୍ୱାଗତ, ନିରଜନ ଶ୍ମଶାନ ତଳେ ।

ନିଶାଚର ଶୃଗାଳ ସହିତେ କରୁଛନ୍ତି ତହିଁ ବିହରଣ,
ଫୁଲ୍‌ଫୁଲ୍ ହୋଇ ଖେଳିବୁଲେ ପଲ୍ଲୀତଳେ ସଜ ସମୀରଣ ।

ଆଶାଲୋକ ବୁଦ୍‌ବୁଦ୍ ସମାନ, ଛପିଗଲେ ରବି ଅନ୍ତରାଳେ,
ଅନ୍ତରାଳେ ଲୁଚେ ଜନପଦ, ଅନ୍ଧାରର ଘନ ବକ୍ଷତଳେ ।

Digitized by srujanika@gmail.com

# ପଡ଼ୋଶୀ

ଶ୍ରୀ ଭୀମସେନ ସାହୁ

ସବୁଜନର ଚନ୍ଦ୍ରାତପରି ସେହି ନୀଳ ଆକାଶ । ବୁଜ୍ ବୁଜ୍‌କିଆ ଛୋଟ ଛୋଟ ଛୋଟ ଜଙ୍ଗଲ ପରି ଆକାଶରେ ଖଣ୍ଡ ଖଣ୍ଡ ଧଳା, କଳା ମେଘ, ତା ପାଖେ-ପାଖେ ଶତ ଶତ ଚକ୍ ଚକିଆ ତାରା, ଲକ୍ଷ ବୃନ୍ଦ ଅନ୍ଧାରରେ ଭାରି ସୁନ୍ଦର ଦିଶେ । ଏଇ ଆକାଶ ଦେଖି କବି ଲେଖେ କବିତା, ଚିତ୍ରକର ଆଙ୍କେ ଛବି, ଭାବୁକର ଆସେ ଭାବନା, ବୈରାଗୀର ହୁଏ ଚେତନା ଆଉ ଦୁଃଖ । ଏମିତି ସୁନ୍ଦର ଚନ୍ଦ୍ରାତପ, ସ୍ୱଚ୍ଛ ଆକାଶ ତଳେ ଛୋଟ ଗାଁ ଟିଏ ମିଶିଉଠେ ପ୍ରତି ସନ୍ଧ୍ୟା ସମୟରେ ଅନ୍ଧାରରେ ଯାଏ ପ୍ରତି ଜଆଁସ ରାତିର ଅନ୍ଧାରେ ।

ଗାଁ ଟି ଥିଲା ଛୋଟ, — ନୂଆ ଛୋଟ ଦଶବର୍ଷ ତଳେ ଆଖପାଖ ଜଙ୍ଗଲ ଖୋଲା ପଡ଼ିଆ; ଘର ଥିଲା ମୋଟେ ୧୦-୧୫ ଟି । ମିଳୁଥିଆ ଲାଗୁଥିଲା ଛାଟି, ସଞ୍ଜହେଲେ ଘର-ପାଖେ ବାଘଆ ଭୁକୁଥିଲା । କିନ୍ତୁ ଆଜି ଘର ବଢ଼ିଛି, ମଣିଷ ବଢ଼ିଛି, ସେଇଟି ହୋଇଯାଇଛି ଗୋଟାଏ ଗାଁ, ଦେଢ଼ଶହ କି ଦୁଇଶ ଘର ବସ୍ତି । ବେଶି ମୁସଲମାନ, କମ୍ ହିନ୍ଦୁ । ମିଳାମିଶା ଚଳଣି, ମିଳାମିଶା ଖିଆପିଆ ବି । କେତେଦିନ ଅଲଗା ଅଲଗା ହୋଇ ରହିବେ, କଣ ଦାନିକଥା କଣ ହୋଇଛି, ଏମିତି କେତେବର୍ଷ କେତେ-ଯୁଗ ଏକାଠି, ଏକା ଜାଗାରେ ରହିବାର ବାସନା ଅଛି । କିଏ ବା ଜାଣିଛି ଏତେ ଧର୍ମକୁ, ସାଙ୍ଗ ବନ୍ଧୁ, ବାନ୍ଧବ, ସଙ୍ଗାତ, ମଇତ୍ର, ସବୁଥିଲେ ମୁହଁ ଚିହ୍ନାଚିହ୍ନି ସେଠ ପୁଣି ଭେଦ କିବ ··· ଗୋଟିଏ ଜାତି । ଆଲ୍ଲା, ଜଗନ୍ନାଥ ଏକ, ମସଜିଦ ଆଉ ମନ୍ଦିର ଏକ, ଏକ ରକ୍ତ ମାଂସର ମନୁଷ୍ୟ, ଏକ ଭଗବାନର ସନ୍ତାନ । ମିଛ ଏ ବନ୍ଧ, ବାଡ଼ । ମନ ବୁଝେ, ଜାଣିଶୁଣି ବା ଅଜାଣତରେ ଏକ ଧର୍ମ ଆପେ ଆପେ ଅନ୍ୟ ଧର୍ମରେ ମିଶେ । ଦୁହିଁଙ୍କ ଭିତରେ ହୁଏ ବନ୍ଧୁତା — ଘନିଷ୍ଠ ବନ୍ଧୁତା ।

ଗାଁର ଝାମ୍ପୁଲା ବରଗଛ ମୂଳକୁ ଲାଗିଲାଗି ହୋଇ ଦିଟା କଣ୍ଡା ଘର, ବଡ଼ ଧରଣର । ଗୋଟିଏ ଘରେ ରହେ ଦିଲଭର ଖାଁ ଆଉ ଗୋଟିଏ ଘରେ ରହେ ଦୟାନିଧି ସାହୁ । ଦୟାନିଧି ସାହୁର ଦୁଆର ମୁହଁରେ ଛୋଟ ଦୋକାନଟିଏ । ଛୋଟ ଜିନିଷ ବେଶୀ । ତାର ଗୃହ-ଜଣିଆଁ ଛୋଟ ସଂସାରଟି ଚଳିଯାଏ ଆନନ୍ଦରେ ସେଇ ଦୋକାନ ଲାଭରେ ।

ଦିଲଭର ନତଦାନ ଯୁବକାଳରେ ଜଠନ ମାଟି ସଙ୍ଗେ ମାଟି ସଙ୍ଗେ ଦେହକୁ ମାଟି କରେ, ଦେହର ଝାଳ ଦେହରେ ମାରେ । ସୂର୍ଯ୍ୟ ଦେବତା ପଶ୍ଚିମ ଆକାଶକୁ ଢଳିଲେ, ପକ୍ଷୀଗୁଡ଼ାକ ପ୍ରିୟା ସହିତ ମିଳନର ଗୀତ ଗାଇ ଗାଇ ବସାକୁ ବାହୁଡ଼ିଲେ ଦିଲଭର ଘରକୁ ଫେରେ । ଗୋରୁ ଦିହଟା ତାର ହୋଇପାଇଥାଏ ଯୋଡ଼ା ଅନାର ପର କଳା । ସେ ଯୁବକ କାର ମାଟିରେ ଫଳାଏ ସୁନା, ଜମି ତାର ହସିଉଠେ ଭରା ଫସଲରେ, ଦିଲଭରର ଶୁଖିଲା ମୁହଁରେ ହସ ଫୁଟେ । ତାର ସ୍ତ୍ରୀ ହସେ ଆଉ ତାର ପାଠବସ୍ତର ଝିଅଟି ବି ହସେ ।

ଛୋଟ ଝିଅ ଛୋଟକୁ, ଛୋଟ ମିଶିଯାଏ ଛୋଟ ସାଙ୍ଗରେ ହୃଦୟକୁ ଖୋଲିଦେଇ । ଦିଲଭରର ଛୋଟ ସଂସାର ସହିତ ଦୟାନିଧିର ଛୋଟ ସଂସାର ମିଶିଯାଏ । ଦୟାନିଧିର ସ୍ତ୍ରୀ ଫୁଲକୁ ମିଳିଯାଏ ଗୋଟାଏ ବଡ଼ ସାଙ୍ଗ, ଦିନ ରାତି ତାଙ୍କର ବିତିଲେ ବାପ ଘରର କେତେଇ ପୁରୁଣା କଥାମାନ ।

ସଞ୍ଜହେଲେ ଦିଲଭର ଆସେ ଦୟାନିଧିର ଦୋକାନକୁ ଟିକିଏ ମନଖୋଲା ଗପ କରିବାକୁ । ରାମ-ପଟନା, ମୁଲ୍ଲା ମଲାନା, ରହିମାନ ଖାଁ, ଲଛପୁର, ଗୋପଅ

Digitized by srujanika@gmail.com

ବେଙ୍ଗ ଏମିତି କେତେ ଅଘଟଣ । ଦୋକାନଟି ଟିକିଏ ମୁଖାପେକ୍ଷା ଗହଳ ହୋଇ ଉଠେ ।

ବାର କଥା ଉଠେ — ମହାତ୍ମା ଗାନ୍ଧିଙ୍କ ପର-ଉପକାର, ସୁଭାଷ ବୋଷଙ୍କର ବିଦେଶରେ ଯିବା — ଏମିତି କେତେ କଥା । ସେଇଠି ନ ଥାଏ ହିନ୍ଦୁ, ମୁସଲମାନର ଭେଦଭାବ, ସେଇଠି ନ ଥାଏ ପରର ହତ୍ୟା ଲୁଟ ବା ପରର ଅନିଷ୍ଟ ...... ରାତି ବେଶୀହୁଏ ସବୁ ଗୋଟି ଗୋଟି ହୋଇ ଘରକୁ ଯାଆନ୍ତି; ଏକା ରହିଯାଏ ଦଲଭର ମିଆଁ । ମିଆଁଙ୍କୁ ନିଦ ଆସେ, ସେ ପାଟି ମେଲକରି ହାଇ ମାରୁ ମାରୁ କହେ “ ଆଉ ସାଙ୍ଗପୁଅ କାହିଁକି ଡେରି କରୁଚ ଦୋକାନ ବନ୍ଦ କରୁନା ? ଦୟାନିଧି ଉଠେ ଦୋକାନରେ ପଟା ଲଗାଏ ।

ଅଳ୍ପକି ଗୁଡ଼ି ପାଞ୍ଚଦିନ ହେଲା ଦଲଭର ମିଆଁର ଝିଅ ‘ଉଜାଲା’କୁ ଭାରି ଜର । ଆଜି ସବୁଠୁ ବେଶୀ । ବୁଢ଼ା ମିଆଁର ମୁହଁରେ ହସ ନାହିଁ, ଆଖିରେ ତାର ଲୁହ । ‘ଛାତିରେ ତା ଚମକ । ଗୋଟିଏ ବୋଲି ଝିଅ, ସେଥିରେ ପୁଣି ଭଗବାନଙ୍କର ଏଡ଼େ ଛନ୍ଦ କପଟ କଥା ଭାବି ମିଆଁ ଆଖିରୁ ଲୁହ ଝରେ । ଗରମ ଲୁହ ଦୁ ଧାର ବୁଢ଼ୀ ଧଡ଼ିଆ ଚମ ଉପରେ ବୋହିଆସେ, ହୃଦୟରେ ଆସେ ଟିକିଏ ସାନ୍ତ୍ୱନା । ଏଇ ସମୟରେ ‘ଉଜାଲା’ କଣ ଗୁଡ଼େ ବକି ବିକଳିଆ ହୋଇ କହେ । ମିଆଁର ଛାତି ଧଡ଼କି ଉଠେ ।

ବୁଢ଼ା ମିଆଁ କାଲି ରାତିଯାକ ଅନିଦ୍ରା । ଆଜି ଉଜାଲାର ମା ବି । ଦୁହେଁ ଦୁ ଦିନ ହେଲା ସେଇ ଝିଅଟି ପାଖେ, ଚୁଲିରେ ନିଆଁ ଜଳିନି — ହାଣ୍ଡିଗୁଡ଼ା ଫାଙ୍କ ।

ଦୟାନିଧି ଚମକି ପଡ଼ିଲା ସ୍ତ୍ରୀର କଥା ଶୁଣି ‘ଉଜାଲାକୁ ଜର — ଭାରି ଜର’ । ତାକୁ ଆଉ ଘରେ ରହିବାକୁ ଭଲ ଲାଗିଲାନି, ପାଦ ଯୋଡ଼ାକ ଆପେ ଆପେ ଭିଡ଼ି ହୋଇଗଲା ମିଆଁ ଘରକୁ । ମିଆଁ ଦୟାନିଧିକୁ ଦେଖି କେତେ କାନ୍ଦିଲା । ଦୟାନିଧି ମିଆଁକୁ ସାନ୍ତ୍ୱନା ଦେଉଁ ଦେଉଁ ତା ଅଜାଣତରେ ତା ଆଖିରେ ଦେଖା-ଦେଲା ଦି ଟୋପା ଲୁହ । ଧୀରେ ଧୀରେ ଯାଇ ଉଜାଲା ମୁଣ୍ଡରେ ହାତ ମାରିଲା ...... ଭୀଷଣ ତାତି — — ପଚାରିଲା ଗାଁ ବଇଦଠୁଁ କଣ ଔଷଧ ଆଣି ଦେଇଥିଲ ? ‘ ହଁ କିଛି ଧରିଲନି । ’ ଦୟାନିଧି ଧୀରେ ଧୀରେ ଘରର ବାହାରକୁ ଯାଉଁ ଯାଉଁ କହିଲା “ ଯାଉଛି ସହରକୁ ଡ଼ାକ୍ତର ଡାକି ଆଣିବା ପାଇଁ । ”

ଦୟାନିଧିର ଗୋଡ ଯୋଡ଼ାକ ତାକୁ ଖୁବ୍ ଜୋରରେ ଟାଣି ଆଣିଲା ସହରକୁ । ସେତେବେଳେ ଦେହରେ ଥାଏ ତାର ଗୋଟିଏ ମଇଳା ଗାମୁଛା । ଉଠିଲା ଡାକ୍ତରଙ୍କ ଦୋକାନକୁ । ଡ଼ାକ୍ତର ଦେଖି ନ ଦେଖିଲା-ପରି କଥାବାର୍ତ୍ତା ହେଉଥାନ୍ତି କେତେଜଣ ଯୋଗଲ ବାବୁଙ୍କ ସଙ୍ଗେ । ଦୟାନିଧି ବେକରେ ଗାମୁଛା ପକେଇ ଠିଆ ହେଲା । କେତେ ସମୟ ପରେ କଥାବାର୍ତ୍ତା ସରିଲା । ଡ଼ାକ୍ତର ବାବୁ ଚଷମା କରରେ ଦୟାନିଧିକୁ ଚାହିଁ ପଚାରିଲେ କୁଆଡ଼େ ଆସିଲ ? ଦୟାନିଧି ଟିକିଏ ଶଙ୍କିଯାଇ କହିଲା “ ଆଜ୍ଞା ମୋର ... ଝିଅକୁ ଭାରି ଜର ହୋଇଛି ଟିକିଏ ଚାଲନ୍ତୁ । ପ୍ରଶ୍ନ ହେଲା ଏଠୁ ତମ-ଘର କେତେ ଦୂର ? ଆଜ୍ଞା ୨ । ୩ ମାଇଲ ହେବ । ଏତେ ଦୂର ! ‘ଫିସ ପଚିଶଟଙ୍କା ଆଉ ଗାଡ଼ିଭଡ଼ା ଦଶ ଟଙ୍କା ଦେଇ ପାରିବ’ ? ଡାକ୍ତର କହିଲେ । ‘ଗରିବ ଲୋକ ଏତେ ଟଙ୍କା ... ।’ ଡାକ୍ତର ବାବୁ ଟିକିଏ କଡ଼ା ଗଳାରେ କହିଲେ ତାହାହେଲେ ତୁମେ ଅନ୍ୟ ଡାକ୍ତର ପାଖକୁ ଯାଇପାର । ଦୟାନିଧି ଚୁପ ହୋଇ ଠିଆହେଲା, ପାଟିରେ ତାର କଥା ନାହିଁ । ଆଖି ଆଗରେ ଦେଖାଗଲା ତାର ଦେଖି ଆସିଥିବା ମିଆଁର କରୁଣ ଛବି । ରହି ରହି କହିଲା ‘ ଆଜ୍ଞା ଦେବି, ଟିକିଏ ଜଲଦି ଚାଲନ୍ତୁ । ’ ଡାକ୍ତର ବାବୁ ଗାଡ଼ିରେ ବସିଲେ; ଗାଡ଼ି ଚାଲିଲା ଗାଁ ଆଡ଼େ ।

ଡାକ୍ତର ବାବୁଙ୍କ ଔଷଧରେ ଉଜାଲାର ଜର କମି-ଆସିଲା । ବୁଢ଼ା ବୁଢ଼ୀ ବସିଥାନ୍ତି ଉଜାଲା ମୁଣ୍ଡ ଉପରେ । ଦୟାନିଧି ଜାଣିଛି ବୁଢ଼ା ବୁଢ଼ୀ କାଲିଠୁଁ କିଛି ଖାଇ-ନାହାନ୍ତି । ଘରକୁ ଯାଇ ସ୍ତ୍ରୀକୁ ରାନ୍ଧିବାକୁ କହିଲା ।

Digitized by srujanika@gmail.com

ରକ୍ଷା ସାହେବ। ପରେ ଦୟାନିଧି କହିଲା "ମିଆଁ ପୁଅ ଉଜାଲାର ଦେହ ଭଲ ହୋଇଯିବ, ତୁମେ କାହିଁକି ଉପାସ ଭୋକରେ ବସିଛ ଦେହ ଖରାପ ହେବ, ଆସ ଆମ ଘରେ ଗଣ୍ଡେ ଖାଇ ଆସିବ। ମିଆଁ କହିଲା "ନାଁ ଭାଇ ମୋତେ ଭୋକ ହଉନି, ପରେ ଖାଇବି। ଦୟାନିଧି ବହୁତ ବଳେଇବା ପରେ ବି 'ନାହିଁ' ଶବ୍ଦ ଶୁଣିଲା, ମନ ତାର ଦବିଗଲା। ସେ କହିଲା "ମିଆଁ ପୁଅ ତୁମେ ମୁସଲମାନ ଆଉ ମୁଁ ହିନ୍ଦୁ, କଣ ଜାତି ଯିବ ବୋଲି ଭାବୁଛ। ସେଦିନ ଦିଲ୍ଲୀ ଗାଁକୁ ଆମର ସେ କଂଗ୍ରେସ ବାବୁ ଜଣେ ଆସି କହୁଥିଲେ, ହିନ୍ଦୁ, ମୁସଲମାନ ଏକ, ହିନ୍ଦୁ ଦେହରେ ଯେପରି ନାଲିଆ ଗରମ ରକ୍ତ ପ୍ରବାହିତ ହୁଏ ମୁସଲମାନ ଦେହରେ ସେମିତି ପ୍ରବାହିତ ହୁଏ। ହିନ୍ଦୁ ମଣିଷ ଯେମିତି, ମୁସଲମାନ ମଣିଷ ସେମିତି, ରାମ ସିଏ ରହିମ ସିଏ," କହୁଁ କହୁଁ ଦୟାନିଧିର ଆଖି ଲୁହରେ ଜକେଇ ଆସିଲା। ମିଆଁ ଜାଣିଲା ଦୟାନିଧିକି ବାଧିଛି ସେ ଦୟାନିଧିର ପିଠି ଆଉଁସି ଆଉଁସି କହିଲା "ମନ କଷ୍ଟ କରୁଛ ସାଉ ପୁଅ? କେଉଁ ଦିନ ମୋ ପାଟିରୁ ଏ ଜାତି କଥା ଶୁଣିଛ,? ମୁଁ ତ ମନେକରେ ଏ ମିଛ ବନ୍ଧ ବାଡ଼। ଆମେ ସମସ୍ତେ ଏକ ମଣିଷ ଜାତି, ଗୋଟାଏ ମାଆର ପୁଅ — ଭାଇ, ଆମ ଭିତରେ ପୁଣି କାହିଁ ରହିବ ଭେଦଭାବ, ସାଉପୁଅ ସେଥିକି ମୁଁ ନାହିଁ କରିନି ଖାଇବାକୁ, ଉଜାଲାଯୋଗୁଁ ପେଟକୁ ମୋର ଭାତ ଯାଉନି ଆଉ ତା ମା ଗଲା ଦିନ କାନ୍ଦୁଛି ... ...। ଦୟାନିଧି ପ୍ରତିବାଦ କରି କହିଲା "ନା ଆଉ ଖାଇବ ଗଣ୍ଡେ, ପେଟରେ ଦାନା ନ ପଡ଼ି ମୁହଁ କଣ ହେଲାଣି! ତୁମେ ଖାଇକରି ଆସିଲେ ଉଜାଲାର ମାଆ ଯିବ।" ବୁଢା ମିଆଁର ପାଟିରୁ କଥା ବାହାରିଲାନି ସେ ଉଠିଲେ।

ଶଗଡ଼ ଚକ ବୁଲିଲା ପରି ପୃଥିବୀ ବୁଲିଲା। ରାତିହେଲା ଦିନ, ଅନ୍ଧାର ହେଲା ଆଲୁଅ, ଉଜାଲା ମୁହଁରେ ଫୁଟି ଉଠିଲା ପୁଣି ସେଇ ପୂର୍ବ ହସ। ଦେହ ତାର ଭଲ ହୋଇ ଆସିଲା। ଦୟାନିଧି ଉଜାଲାର ମାଉଁସିଆ ଗାଲ ଦିଟାକୁ ଟିପି ଦେଉଁ ଦେଉଁ କହିଲା "ମାଆ ମୋର କେତେ ଶୁଖିଗଲାଣି ଦିନ ୮।୧୦ରେ।" ମିଆ ବୁଢ଼ା ଟିକିଏ ହସି କହିଲା "ଉଜାଲାକୁ ମୁଁ ଫେରି ପାଇଲି କେବଳ ସାଉ ପୁଅ ତମରି ଯୋଗୁଁ।" ଦୟାନିଧି କହିଲା 'ମଣିଷ ହାତରେ କଣ ଅଛି ବାବୁ ଲୋକେ ଭଗବାନ।' ମିଆଁ ବୁଢ଼ା ଘର ଭିତରକୁ ଯାଇ ପେଡ଼ିରୁ ଟଙ୍କା ଆଣି କହିଲା "ସାଉ ପୁଅ ନିଅ ଏ ଟଙ୍କା ସେଦିନ ମୋ ପାଇଁ ଦେଇଥିଲ ପରା ଡାକ୍ତର ବାବୁଙ୍କୁ।" ଦୟାନିଧି କହିଲା "ତାହା ହେଲେ ତୁମେ ମୋତେ ପରବୋଲି ଭାବିଛ ନା? ଉଜାଲା କଣ ମୋର ଝିଅ ନୁହେଁ, ମୋର ପୁଅ କଣ ତୁମର ପୁଅ ନୁହେଁ? ଟଙ୍କା ୫।୭ ଟା ଦେଇଛି ଅଧିକ କରିଛି କଣ?" ମିଆଁ ଟଙ୍କା ହାତରେ ଧରି ସେମିତି ଠିଆ ହୋଇଥାଏ। ଦୟାନିଧି ବୁଢ଼ା ହାତରୁ ଟଙ୍କା ଆଣି ମିଆଁର ଛେଣ୍ଡା ଜାକେଟ ପକେଟରେ ଟଙ୍କାତକ ଭରି ଦେଲା। ବୁଢ଼ା ମିଆଁ ଦୟାନିଧିକୁ ଚାହିଁ ଟିକିଏ ହସିଲା ଆଉ ଦୟାନିଧି ତାକୁ ଟାଣି ଟାଣି ବାହାରକୁ ଆଣୁ ଆଣୁ କହିଲା "ଆସ ଆମ ଦୋକାନରେ ବସିବା।"

ଅଗଷ୍ଟ ୧୬ ତାରିଖ, ନରହତ୍ୟାର ପ୍ରଧାନ ଦିନ। ଭାରତ ଇତିହାସର କଳଙ୍କ ଆଉ ମର୍ମାହତ ଘଟଣା। ହିନ୍ଦୁ ମୁସଲମାନ ଭିତରେ ହାଣମାରି। କି ନୃଶଂସ ସ୍ୱଭାବ ବାସ୍ତବିକ ନିରୀହ ବ୍ୟକ୍ତିମାନଙ୍କର ହତ୍ୟା ... ... ପାପ! ... ... ମହାପାପ!! କଲିକତାର ଏ ନୃଶଂସ ହତ୍ୟାରେ ଚାରିଆଡ଼େ ଆତଙ୍କ ସୃଷ୍ଟି ହେଲା।

ତୁରନ୍ତ ବାଇଦ ଚାରିଆଡ଼େ ବ୍ୟାପିଗଲା। ସେଦିନ ସଂଧ୍ୟାରେ ଦୟାନିଧି ଦୋକାନ ସଫା କରୁ କରୁ କହିଲା "ମିଆ ପୁଅ ପାକିସ୍ଥାନ କଣ କି?, କଣ ସେଇଯୋଗୁଁ କଲିକତାରେ ଚାରିଆଡ଼େ ହଣା ମରା ହୋଇଛି। ମିଆଁ ପୁଅ ଉତ୍ତର ଦେଲା 'ବାଜେ କଥା, ମିଛରେ ଗୋଟାଏ ଦୁଆ ଧରି ହଣା ମରା, ଯେ ଏ ହଣା ମରା ଆରମ୍ଭ କରିଛି ସେଥିରେ ସେ ଜଣଙ୍କର ସ୍ୱାର୍ଥ ରହିଛି ତାହା ନୁହେଁ, ରହିଛି ଦୁଇଜଣଙ୍କର କିଛି କାମ କରୁଛି ଇଂରେଜଙ୍କର ପେଞ୍ଚ! କିନ୍ତୁ ଜାଣିଥାଅ ସାଉ ପୁଅ, ଏହା କଦାପି ସମ-

Digitized by srujanika@gmail.com

ମୁସଲମାନଙ୍କର ଇଚ୍ଛା ନୁହେଁ ।" ଦୟାନିଧି ଶୁଣୁ ଶୁଣୁ କହି ପକାଇଲା 'ମିଛରେ ଭାଇ ଭାଇ ଭିତରେ କଳି ।' ଆଉ କଣ କହିଥାନ୍ତି । ଏ ସମୟରେ ୬ । ୪ ଜଣ ଆସି ସଭିଡ଼ା ମାଡିଲେ ।

ଆସ୍ତେ ଆସ୍ତେ ଭୟ ଗାଁ ମାନଙ୍କରେ ଚହଟିଲା । ମୁସଲମାନ ବହୁଳ ଗାଁ ମାନଙ୍କରେ ସହରର ମଦାଟିଆ ଗୁଣ୍ଡା ମୁସଲମାନମାନେ ଆସି ତାଙ୍କର ସାଆଣ୍ଟାଦାଆ ଖଣ୍ଡାକୁ ପରୀକ୍ଷା କରିନେଲେ ହିନ୍ଦୁ ମାନଙ୍କର ବେକହାଣି ।

ଘଢ ଦାବଢା, ଅମାବାସ୍ୟାର ଅନ୍ଧାର, ମୁହଁକୁ ମୁହଁ ଦିଶୁନି, ହଠାତ୍ ଗାଁରେ ହଙ୍ଗାମା ଆରମ୍ଭ ହେଲା । ସହରରୁ ଆସିଥିବା ଦୁଇଶହ ସଶସ୍ତ୍ର ମୁସଲମାନ ହିନ୍ଦୁ ଘରମାନ ଘେରାଉ କରିନେଲେ । ଚାରିଆଡ଼େ ହାହାକାର ଶବ୍ଦ, ଚିତ୍କାର, ପଳାଇଯାଇ ଆତ୍ମରକ୍ଷା କରିବାର ଚେଷ୍ଟା । ହଠାତ୍ ଦୟାନିଧି ଘରେ ପଶିଗଲେ ୧୦ । ୧୫ ଜଣ ଗୁଣ୍ଡା । ଦୁଆର ମୁହଁରେ ଆସି ଆଗୁଳିଲା ଦଲଭର ମିଆଁ । ଜଣେ ମୁସଲମାନ ତାକୁ ବାହାର କରିଦେବାକୁ କହିଲା । ଦଲଭର ଶକ୍ତ କରି ଦୁଆରବନ୍ଧ ଧରୁଁ ଧରୁଁ କହିଲା "ତୁମ୍ଭେ ଚାଲିଯାଅ ଏଠାରୁ, ଅମେ ଚାହୁଁନା ଆମ ଭାଇର ମୃତ୍ୟୁ, ଅମେ ଚାହୁଁନା ପାକିସ୍ଥାନ, ଆମେ ଚାହୁଁନା ଆମର ମାଆକୁ ହାଣି ଦୁଇଗଡ କରିଦେବାକୁ । ଆମେ ଚାହୁଁ ଶାନ୍ତି ପାଇବୁଁ, ଦୁଇ ଭାଇ ହାତ ଧରାଧରି ହୋଇ ଆମର ମା କୋଳରେ ବୁଲିବୁ । ମୁସଲମାନ ଗୁଣ୍ଡାମାନେ ଆଉ ଅପେକ୍ଷା କରି ପାରିଲେନାହିଁ, ପଶି ଆସିଲେ ଘର-ଭିତରକୁ । ଦଲଭର ଦଉଡ଼ି ଯାଇ ଦୟାନିଧିକୁ ପଛରେ ରଖି ଠିଆହେଲା କହିଲା "ମାରିବ ମାର, ଅଗେ ମୋତେ ମାର ପାକିସ୍ଥାନ ଗଢ଼ ମୋ ଉପରେ ।" ତା କଥା କାହାର କାନରେ ପଶିଲନାହିଁ । ଜଣେ ମୁସଲମାନ ଗୁଣ୍ଡା ଦଲଭରକୁ ଭିଡ଼ିଆଣି ଦୟାନିଧିକୁ ହତ୍ୟାକଲା । ଆଉ ଜଣେ ମୁସଲମାନ ଗୁଣ୍ଡା ଦୟାନିଧିର ୩ ବର୍ଷର ଝିଅକୁ ଖଣ୍ଡାରେ ଦୁଇଫାଳ କରି ଖୁବ୍ ବଡ଼ ପାଟିରେ ହସି-ଉଠିଲା । ଦଲଭର ସମ୍ଭାଳିଲା ନାହିଁ ପଛଆଡ଼ୁ ଦଉଡ଼ି ଆସି ଝାମ ମାରି ଦୟାନିଧିର ବାର ବର୍ଷର ପୁଅକୁ ନେଇ ମିଶିଗଲା କେଉଁ ଅନ୍ଧାର ଭିତରେ । ଆଉ ପଛକୁ ଶୁଣିପାରିଲା ଦୟାନିଧି ସ୍ତ୍ରୀର ମରଣ କାଳର ଚିତ୍କାର । ଏହି ସମୟରେ କିଏ ପଛେ କହୁଥିଲେ "ପାକିସ୍ଥାନ କି ଜୟ ।"

ସକାଳୁ ଦେଖାଗଲା ହିନ୍ଦୁ ଘରେ ଲୋକର ନାଇଁ । ଆଉ କେତେଟା ଘର ଦୁ ଧୁ ହୋଇ ଜଳୁଛି । ଦଲଭର ମିଆଁ କାନ୍ଦି କାନ୍ଦି ଆଖି ତାର ଲାଲ ଆଉ ଉଜାଲା ଆଉ ତା ଦବାଉ ଆଖିରେ ଲୁହ । ଦଲଭର ଦୟାନିଧିର ପୁଅ ଗୋପୀନାଥକୁ କୋଳରେ ଜାକି ଧରି କାନ୍ଦି ପକାଇଲା । ତାର ମନେ ପଡ଼ିଲା ସେ ଦିନର କଥା — ଦୟାନିଧିର କଥା — "ତୁମ ଉଜାଲା କଣ ମୋର ଝିଅ ନୁହେଁ, ନା ମୋର ପୁଅ ତୁମର ପୁଅ ନୁହେଁ ।" ଲୁହ ମାନିଲାନି ଝରିଲା ଅବିରାମ ଗତିରେ । ମିଆଁ ବଡ଼ ପାଟିରେ କହି-ଉଠିଲା "ହଁ ହଁ । ଗୋପୀନାଥ ତୁ ମୋର ପୁଅ ଆଉ ଉଜାଲା ତୋର ଭଉଣୀ ଠିକ୍ କହିଥିଲା ଦୟାନିଧି"— ତା ପରେ ଆଖିରୁ ଝରିଲା ଲୁହ ।

ଜୟହିନ୍ଦ୍

Digitized by srujanika@gmail.com

# ବିଶ୍ୱ ସାହିତ୍ୟରେ ପ୍ରାଚ୍ୟ ନାଟକ *

ଶ୍ରୀ ସିଦ୍ଧେଶ୍ୱର ହୋତା

ପ୍ରଥମ ବର୍ଷ ଚତୁରଙ୍ଗ ଅଷ୍ଟମ ସଂଖ୍ୟାରେ ପ୍ରକାଶିତ 'ବିଶ୍ୱସାହିତ୍ୟରେ ନାଟକର ସ୍ଥାନ ଅବକାଶ' ପ୍ରବନ୍ଧର ଉପସଂହାରରେ ଲେଖକ ଲେଖିଛନ୍ତି ଯେ "ବର୍ତ୍ତମାନ ଆମ ଦେଶରେ ସାର୍ଥକ ନାଟକ ଏ ପର୍ଯ୍ୟନ୍ତ ରଚିତ ହୋଇନାହିଁ । ଅଧିକାଂଶ ନାଟକ ରଙ୍ଗମଞ୍ଚରେ ବହୁବାର ଅଭିନୀତ ହୋଇ ଦର୍ଶକମାନଙ୍କର ଉପଭୋଗର ସାମଗ୍ରୀ ହୋଇଥିଲେ ମଧ୍ୟ ପାଶ୍ଚାତ୍ୟ ସାହିତ୍ୟରେ ଆମ୍ଭେମାନେ ଯେଉଁ ନାଟକ ଦେଖିବାକୁ ପାଉଁ ସେମାନଙ୍କ ସଙ୍ଗରେ ସମତାଳରେ ପଦକ୍ଷେପ କରିବାକୁ ଏମାନେ ସମର୍ଥ ହୋଇନାହିଁ ।" ଲେଖକଙ୍କ ମତରେ ସାର୍ଥକ ନାଟକ ଆମଦେଶରେ ଆଦୌ ନାହିଁ । ଏ ପର୍ଯ୍ୟନ୍ତ ମଧ୍ୟ ସାର୍ଥକ ନାଟକ ରଚନାର ପ୍ରୟାସ କେହି କରିନାହାନ୍ତି । ଦ୍ୱିତୀୟ ବାକ୍ୟରେ ପ୍ରଥମ ବାକ୍ୟ ପରେ ଲେଖକ ନିଶ୍ଚିତ ନୁହନ୍ତି ବରଂ ତହିଁର ବିରୁଦ୍ଧ ଭାବାପନ୍ନ ବାକ୍ୟ ପ୍ରକାଶ କରିଛନ୍ତି ଅର୍ଥାତ୍ ଯେ କେତୋଟି ନାଟକ ରଙ୍ଗମଞ୍ଚରେ ବହୁବାର ଅଭିନୀତ ହୋଇଛି, ସେହି ନାଟକ ଦର୍ଶକଙ୍କୁ ଆନନ୍ଦ ଦେଲେ ମଧ୍ୟ ପାଶ୍ଚାତ୍ୟ ନାଟକ ସଙ୍ଗେ ସମାନ ହୋଇ ପାରିନାହିଁ । ଏପରି ମତ ଯଥାର୍ଥ ନୁହେଁ । ଏହି ଭ୍ରାନ୍ତ ମତର ଦୂରୀକରଣ ପାଇଁ 'ବିଶ୍ୱ ସାହିତ୍ୟରେ ପ୍ରାଚ୍ୟ ନାଟକ' ନିଜର ସ୍ୱତନ୍ତ୍ର କଳା ନେଇ କିପରି ପାଶ୍ଚାତ୍ୟ ନାଟକ ସଙ୍ଗେ ଏକାସନ ଲଭିଛି ଓ ପାଶ୍ଚାତ୍ୟ ଜଗତରେ କିପରି ସାର୍ଥକ ନାଟକ ବୋଲି ପ୍ରତିପାଦିତ, ଏହାହିଁ ଆଲୋଚ୍ୟ ।

ନାଟକର ଆଲୋଚନା ନାଟକୀୟ କଳା ଉପରେ ନିର୍ଭର କରେ । ତେଣୁ ସମାଲୋଚକ ଯେ କେବଳ Aristotle ଙ୍କ ମତବାଦ ନେଇ ଆଲୋଚନାରେ ବ୍ରତୀ ହେବ ଏହା ନିଶ୍ଚିତ ସତ୍ୟ ନୁହେଁ । ବରଂ ସମଧର୍ମୀ ଅନ୍ୟ କୌଣସି ପ୍ରତିଭାଶାଳୀ ବ୍ୟକ୍ତିଙ୍କ ମତ ଗ୍ରହଣ କରି ଆଲୋଚନା ହୋଇପାରେ । ସେହିମତ ଗ୍ରହଣ କରି ଶ୍ରୋତା ନିଜର ଅନୁଭୂତି, ଗବେଷଣା ଓ ସାଧନା ସାହାଯ୍ୟରେ ବିଶ୍ୱ ଜଗତର ନାଟ୍ୟକଳାରେ ଉପନୀତ ହୋଇପାରେ । ଗ୍ରୀକ୍ ନାଟକରେ Aristotle ଯେପରି ପ୍ରାଚ୍ୟ ଜଗତରେ ଭରତ ମୁନି ସେପରି । ସାହିତ୍ୟ ଭାବ ଜଗତର ବସ୍ତୁ । ସେଥିରେ ରସାନୁଭୂତି, ମାନବର ବାସ୍ତବ ଜୀବନ, ସାମାଜିକ, ଆର୍ଥିକ ଅବସ୍ଥାର ଅମଳ ଧବଳ କଳ୍ପନାରେ ସିଞ୍ଚିଛି । ଅତଏବ ଜଗତରେ ମନୀଷୀମାନଙ୍କର ବାଣୀ ସମାନ ପଦବୀ ଗ୍ରହଣ କରେ । ଏଣୁ ସାହିତ୍ୟ ଖଣ୍ଡ ଓ ଅଖଣ୍ଡ । ଖଣ୍ଡ ସାହିତ୍ୟ ଏକଦେଶଦର୍ଶୀ ଓ ଅଖଣ୍ଡ ସର୍ବଦେଶଦର୍ଶୀ । ସାହିତ୍ୟର ଅଖଣ୍ଡ ପ୍ରାଣହିଁ ବିଶ୍ୱପ୍ରାକୃତ । ସାହିତ୍ୟ ଅନୁଷ୍ଠାନର ପ୍ରୟୋଜନୀୟତାରୁ ଦୃଶ୍ୟ ଓ ଶ୍ରାବ୍ୟ ଏବଂ ଆକୃତି ଦର୍ଶନରୁ ଗଦ୍ୟ ଓ ପଦ୍ୟ ଭାବରେ ଗ୍ରହଣୀୟ । ଦୃଶ୍ୟକାବ୍ୟ ବା ନାଟକ ପ୍ରୟୋଜନୀୟତା ଦୃଷ୍ଟିରେ ଭାବ ଓ କାର୍ଯ୍ୟପୂର୍ଣ୍ଣ । ତେଣୁ ନାଟକୀୟ କଳା ମାନବ ଜୀବନର ପ୍ରଧାନ ଉପାଦେୟ ବସ୍ତୁ । ସେ ହେତୁରୁ Aristotle ଙ୍କ ପରି ଭରତ ମୁନି ନିଜ ନାଟ୍ୟଶାସ୍ତ୍ର (Rules on Dramaturgy) ରେ ନାଟକୀୟ ଯୋଗସୂତ୍ର ଆଲୋଚନା କରିଛନ୍ତି ।

Aristotle ଙ୍କ three unities ପରି ଭରତ ସମୟ, କାଳ, ଦୃଶ୍ୟ [time action and place] ଉଲ୍ଲେଖ କରିଛନ୍ତି । ପାଶ୍ଚାତ୍ୟ ନାଟକ କଳାରେ ଯେପରି ଏକ ରସର ସ୍ଫୁରଣ, ଦୃଶ୍ୟ ପରିବର୍ତ୍ତନର ଆବଶ୍ୟକତା ଥିଲା, ପ୍ରାଚ୍ୟ ନାଟକରେ ତାହା ନାହିଁ । ବରଂ ଏକ ରସକୁ ମୁଖ୍ୟଭାବରେ ଗ୍ରହଣ କରି ଅନେକ ଗୌଣରସ ନାଟକରେ ଦେଖା ଦେଇଛି । ଉଦ୍ଦେଶ୍ୟ ଗୌଣରସ ସାହାଯ୍ୟରେ ମୁଖ୍ୟ ରସର ପରିପୁଷ୍ଟି । ଏହି ପରିପୁଷ୍ଟି ରଙ୍ଗ ମଞ୍ଚରେ ଅଭିନେତା, ଅଭିନେତ୍ରୀମାନଙ୍କର ମାନସିକ ଦ୍ୱନ୍ଦ୍ୱ, ଦୃଶ୍ୟ ପରିବର୍ତ୍ତନ, ପ୍ରାକୃତିକ ସୌନ୍ଦର୍ଯ୍ୟର ସାବଲୀଳତା, କଥା-

* ସମ୍ବଲପୁରର ନବଗୁଞ୍ଜର ସାହିତ୍ୟ ସମିତିରେ ପଠିତ ।

Digitized by srujanika@gmail.com

ବସ୍ତୁ ପ୍ରଭୃତି ନାନା ବିଷୟରେ ନିର୍ଭର କରିଥାନ୍ତି । ତେଣୁ ନାଟକୀୟ କଳାର ବାସ୍ତବତା [ realism ] ମଧ୍ୟ ଉଚ୍ଚତର ହୋଇଉଠିଛି ଅଭିନୟରେ ସାତ୍ତ୍ୱିକ, ଆଙ୍ଗିକ, ବାଚିକ ଓ ଆହାର୍ଯ୍ୟ ପ୍ରଭୃତି ପ୍ରୟୋଜନୀୟ ବସ୍ତୁର ସଙ୍ଗତିରେ । ଦର୍ଶକ ସମାଜକୁ ରଙ୍ଗମଞ୍ଚରେ ଆନନ୍ଦ ଦାନହିଁ ଅଭିନୟ । ଆନନ୍ଦ ରସ ନାମରେ ଖ୍ୟାତ, ଏହି ଆନନ୍ଦର ବିଭିନ୍ନତା ଅଛି । ପ୍ରତ୍ୟେକ ଦର୍ଶକ, ଅଭିନେତା, ଅଭିନେତ୍ରୀମାନଙ୍କ ଠାରୁ ଯେଉଁ ଅନୁଭୂତି ଲାଭ କରନ୍ତି ବସ୍ତୁର ସମ୍ମିଳିତ ଆନନ୍ଦ-ଠାରୁ ତାହା ଭିନ୍ନ । ଏଥିରେ ନାନା କାରଣ ନିହିତ ଅଛି । ମାନସିକ ଦ୍ୱନ୍ଦ୍ୱର ପ୍ରତ୍ୟକ୍ଷ ଭାବ, ଭାବପ୍ରକାଶରେ ଅଙ୍ଗ ପ୍ରତ୍ୟଙ୍ଗର ଭଙ୍ଗୀ, ଭାବମୂର୍ତ୍ତି ଭାଷା ଓ ବେଶଭୂଷାର ସାଜସଜ୍ଜା । ଏ ସମସ୍ତ ପାଶ୍ଚାତ୍ୟ ଜଗତରେ ସମୟାନୁକ୍ରମେ କ୍ରମଶଃ ବିକଶିତ । ନାଟ୍ୟଶାସ୍ତ୍ରରେ ଭରତ ଉଲ୍ଲେଖ କରିଛନ୍ତି ୮ମ ଅଧ୍ୟାୟରେ :—

ଆଙ୍ଗିକୋ, ବାଚିକଶ୍ଚୈବ ହ୍ୟାହାର୍ଯ୍ୟଃ ସାତ୍ତ୍ୱିକ ସ୍ତଥା
ଜ୍ଞେୟସ୍ତ୍ୱଭିନୟୋ ବିପ୍ରା ଶ୍ଚତୁର୍ଦ୍ଧା ପରିକଳ୍ପିତଃ ।
[ ୯ ଶ୍ଲୋକ ]

ଏହି ଅଭିନୟ ପାଇଁ ସ୍ୱତନ୍ତ୍ର ଗୃହ ଥିଲା । ଏଥିରେ ନାଟ୍ୟକଳାର ପରିପୂର୍ଣ୍ଣତା ପାଇଁ ଯଥାଯଥ ପ୍ରମାଣ ଅନୁସାରେ ରଙ୍ଗ ଗୃହ ନିର୍ମିତ ହୋଇଥିଲା । ନାଟ୍ୟ-ଶାସ୍ତ୍ରର ୨ୟ ଅଧ୍ୟାୟରେ

ବିକୃଷ୍ଟଶ୍ଚତୁରସ୍ରଶ୍ଚ ତ୍ର୍ୟସ୍ରଶ୍ଚୈବ ତୁ ମଣ୍ଡପଃ
ତେଷାଂ ତ୍ରୀଣି ପ୍ରମାଣାନି ଜ୍ୟେଷ୍ଠଂ ମଧ୍ୟଂ ତଥାବରମ୍ ।
ପ୍ରମାଣମେଷାଂ ନିର୍ଦ୍ଦିଷ୍ଟଂ ହସ୍ତଦଣ୍ଡ ସମାଶ୍ରୟମ୍
ଶତଞ୍ଚାଷ୍ଟୌ ଚତୁଃଷଷ୍ଟି ର୍ହସ୍ତା ଦ୍ୱାତ୍ରିଂଶ ଦେବବା ।
ଅଷ୍ଟାଧିକଂ ଶତଂ ଜ୍ୟେଷ୍ଠଂ ଚତୁଃଷଷ୍ଟିସ୍ତୁ ମଧ୍ୟମମ୍ ।
କନୀୟସ୍ତୁ ତଥା ବେଶ୍ମ ହସ୍ତା ଦ୍ୱାତ୍ରିଂଶ ଦିଷ୍ୟତେ
ଦେବାନାଂ ତୁ ଭବେଜ୍ଜ୍ୟେଷ୍ଠଂ ନୃପାଣାଂ ମଧ୍ୟମଂ ଭବେତ୍
ଶେଷାଣାଂ ପ୍ରକୃତୀନାଂ ତୁ କନୀୟଃ ସଂ ବିଧୀୟତେ ।
[ ୯ - ୧୧ ]

ଚତୁରସ୍ର, ବର୍ଗକ୍ଷେତ୍ର ଓ ତ୍ର୍ୟସ୍ର ଅର୍ଥାତ୍ ସମ-ତ୍ରିଭୁଜାକୃତି ବିଶିଷ୍ଟ ରଙ୍ଗ ଗୃହ ଥିଲା ପ୍ରତ୍ୟେକ ଦେବ-ରାଜା ଓ ମାନବ ଭେଦରେ ତିନିଭାଗରେ ବିଭକ୍ତ । ଦେବମାନଙ୍କ ପାଇ ୧୦୮ ହାତ ଲମ୍ବା ୬୪ ହାତ ଓସାରୁ ବିଶିଷ୍ଟ ଚତୁର୍ଭୁଜାକୃତ, ୧୦୮ ହାତ ଲମ୍ବା ଓ ଓସାର-ଯୁକ୍ତ ବର୍ଗକ୍ଷେତ୍ର, ୧୦୮ ହାତ ବାହୁ ବିଶିଷ୍ଟ ସମ-ତ୍ରିଭୁଜାକୃତି ରଙ୍ଗ ଗୃହ ନିର୍ମିତ ହୋଇଥିଲା । ରାଜା-ମାନଙ୍କ ୬୪ ହାତ ଲମ୍ବ ଓ ୩୨ ହାତ ଓସାର ବିଶିଷ୍ଟ ଚତୁର୍ଭୁଜାକୃତ, ୬୪ ହାତ ବାହୁଯୁକ୍ତ ବର୍ଗକ୍ଷେତ୍ର ଓ ସମତ୍ରିଭୁଜାକୃତି ରଙ୍ଗ ଗୃହ ନିର୍ମିତ ହୋଇଥିଲା । ଏଥିରୁ ସ୍ପଷ୍ଟ ଅନୁମିତ ହୁଏ ଯେ ବହୁ ପ୍ରାଚୀନକାଳରେ ଅଭିନୟ ସ୍ୱତନ୍ତ୍ର ରଙ୍ଗ ଗୃହରେ ହେଉଥିଲା ।

ନାଟକରେ ସ୍ଥଳପରିବେଶ ତଦନୁରୂପ ବିଷୟଯୁକ୍ତ ବସ୍ତୁ ଦେଖାଯାଏ । ନାଟକୀୟ ନାୟକ ନାୟିକା ପ୍ରସିଦ୍ଧ ଉଦାର ଓ ମୁଗ୍ଧା ଶ୍ରେଣୀର । ସେ ସମସ୍ତର ପୂର୍ଣ୍ଣବିକାଶ ପାଇଁ ବିଳାସାଦି ଗୁଣ ସାହାଯ୍ୟ କରେ । ଅଙ୍କ ପ୍ରବେଶ ସମ୍ପୃକ୍ତ ନାଟକ ବାସ୍ତବତା ରୂପ ଗ୍ରହଣରେ ସମର୍ଥ ହୁଏ । ଏଥିରୁ ସ୍ପଷ୍ଟ ଅନୁମିତ ଯେ କଥାବସ୍ତୁ [ plot ] ଚରିତ୍ର ଚିତ୍ରଣ [ characters] ଓ ସ୍ଥାନ [ place ] ପ୍ରଭୃତିକ ( ଦୁଇଟି ଅଙ୍କ ବା ଦୃଶ୍ୟର ସଂଯୋଜକ ପାତ୍ର ବିଶେଷ ] ଭାରତୀୟ ନାଟ୍ୟ କଳାରେ ଫୁଟିଥିଲା । ଏହି ପ୍ରସଙ୍ଗରେ ନାଟ୍ୟଶାସ୍ତ୍ର ୧୮ଶ ଅଧ୍ୟାୟରେ

ପ୍ରଖ୍ୟାତଂ ବସ୍ତୁବିଷୟେ ପ୍ରଖ୍ୟାତୋ ଦାତ୍ତ ନାୟକଂ ଚୈବ
ରାଜର୍ଷି ବଂଶଚରିତଂ ତଥୈବ ଦିବ୍ୟାଶ୍ରୟୋ ପେତମ୍ ॥
ନାନା ବିଭୂତି ସଂଯୁକ୍ତ ମୃଦ୍ଧି ବିଳାସାଦିଭିର୍ଗୁଣୈଶ୍ଚ ।
ଅଙ୍କ ପ୍ରବେଶକାଢ୍ୟଂ ଭବତିହି ତନ୍ନାଟକଂ ନାମ । ଇତ୍ୟାଦି
[ ୧୦ - ୧୧ ]

ନାଟକର ପରିଣତି ଚରିତ୍ରର ଅବସ୍ଥା ନିର୍ଦ୍ଦେଶ ଓ ରସ ପ୍ରକାଶରେ । ଏଣୁ ନାନାବସ୍ଥା କୃତ ନାଟ୍ୟଂ ନାଟକୀୟ କଳାର ପରିପୁଷ୍ଟି ଦ୍ୟୋତକ । କାରଣ ନାନା ଅବସ୍ଥା ଦେଇ ବର୍ଣ୍ଣିତ ବସ୍ତୁ ଚରିତ୍ର ଦ୍ୱାରା ମଧୁମୟ ହୁଏ । ସେଥିରେ ରସ ଉତ୍କୃଷ୍ଟ ସ୍ଥାନ ଲାଭକରି ମହତ୍ତ୍ୱ ବଢ଼ାଏ । ତେଣୁ ପ୍ରାଚ୍ୟ ନାଟ୍ୟକଳାରେ ସୌଷ୍ଠବ ରସ ଓ ସ୍ଫୁରଣ-

Digitized by srujanika@gmail.com

ମାଇ ଅବିରାମ ଚେଷ୍ଟା ନ ଥିଲା । ରସମାନଙ୍କର ଘନ ଘନ ପରିବର୍ତ୍ତନ ନାଟକକୁ ଜୀବନ ଦିଏ । ତେଣୁ ନାଟ୍ୟଶାସ୍ତ୍ରରେ ଶୃଙ୍ଗାର [love] କରୁଣ [pathos] ବୀର [valour] ରୌଦ୍ର, ହାସ୍ୟ [humor] ଭୟାନକ [fear] ବୀଭତ୍ସ ପ୍ରଭୃତି ଅଠୋଟି ରସର ନାମୋଲ୍ଲେଖ ହୋଇଛି । ନାଟ୍ୟଶାସ୍ତ୍ରର ୬ଷ୍ଠ ଅଧ୍ୟାୟରେ

ଶୃଙ୍ଗାର ହାସ୍ୟ କରୁଣ ରୌଦ୍ର ବୀରଭୟାନକାଃ
ବୀଭତ୍ସା ଦ୍ଭୁତ ସଙ୍କାଶ୍ଚେତ୍ୟଷ୍ଟୌ ନାଟ୍ୟେରସାଃ ସ୍ମୃତାଃ ।
[ ୧୫ - ୧୬ ]

ଏହାର ମହତ୍ତ୍ୱ ଦର୍ଶକ ଓ ଅଭିନେତା- ଅଭିନେତ୍ରୀ ଉପରେ ସମ୍ପୂର୍ଣ୍ଣ ନିର୍ଭର କରେ । ସେମାନେ ନାନା ଦ୍ରବ୍ୟ; ଗୁଣ, କାର୍ଯ୍ୟ ପ୍ରଭୃତି ଗ୍ରହଣ କରି ନିଜକୁ ରସ-ତରଙ୍ଗରେ ଭସାଇ ପାରନ୍ତି । ଏ ସମସ୍ତର ଭିତ୍ତି ମାନବିକ ପ୍ରବୃତ୍ତି ସାହାଯ୍ୟରେ । ତେଣୁ ମାନବ ଜୀବନ ସଙ୍ଗେ ଏମାନଙ୍କର ନିବିଡ଼ ସମ୍ପର୍କ ରହିଛି । ଏହି ସମ୍ପର୍କ ରସାନୁଭୂତିରେ, ନାଟ୍ୟକଳାକୁ ବାସ୍ତବରୂପ ଦେଇଥାଏ । ତେଣୁ ନାଟ୍ୟଶାସ୍ତ୍ରର ୬ଷ୍ଠ ଅଧ୍ୟାୟରେ

ଯଥା ବହୁଦ୍ରବ୍ୟ ଯୁତୈର୍ବ୍ୟଞ୍ଜନୈର୍ବହୁଭି ର୍ଯୁତମ୍
ଆସ୍ୱାଦୟନ୍ତି ଭୁଞ୍ଜାନା ଭକ୍ତଂ ଭକ୍ତ ବିଦୋଜନାଃ ।
ଭାବାଭିନୟ ସମ୍ବନ୍ଧାନ୍ ଭାବୟନ୍ତି ରସାନିମାନ୍,
ଆସ୍ୱାଦୟନ୍ତି ମନସା ତସ୍ମାନ୍ନାଟ୍ୟରସାନ ସ୍ମୃତାଃ ।
( ୬୩-୩୪ )

ତରକାରିରେ ନାନା ପ୍ରକାର ପରିପରିବା ପଡେ । ସେମାନଙ୍କର ସ୍ୱାଦ୍ ବଢ଼ାଇବା ପାଇଁ ନାନା ମସଲା ଦିଆଯାଏ । ଭକ୍ତିରସଜ୍ଞ ଭକ୍ତ ଯେପରି ଭକ୍ତି ଲଭେ, ଭୋକ୍ତା ଯେପରି ଭୋଜନ ଦ୍ୱାରା ସନ୍ତୋଷ ଲାଭକରେ, ସେପରି ଦର୍ଶକ ରସ ନିଷ୍ପାଦିତ ନାନା ଅଭିନୟର ମାଧୁର୍ଯ୍ୟ ଉପଲବ୍ଧି କରେ । ଏହି ଅନିର୍ବଚନୀୟ ଅନୁଭୂତିହିଁ ନାଟ୍ୟ ରସରେ କଥିତ । ତେଣୁ ଏଥିରେ ପାତ୍ର ଓ ପାତ୍ରୀ ଦର୍ଶକ ଓ ଲେଖକଙ୍କର ସ୍ୱାତନ୍ତ୍ର୍ୟ ଲୋଡ଼ା । ପ୍ରତ୍ୟେକ ସ୍ୱାତନ୍ତ୍ର୍ୟ ବଳରେ ଅସମ୍ଭବ ସମ୍ଭବରେ ପରିଣତ ହୁଏ, ବାସ୍ତବ ଆଦର୍ଶରେ ଅବାସ୍ତବ ବାସ୍ତବରେ ଭରିଉଠେ । ତେଣୁ ଶିଳ୍ପନୈପୁଣ୍ୟ ଓ କଳ୍ପନାର ବିକାଶ ରହିଛି । ସେମାନଙ୍କ ସାହାଯ୍ୟରେ ଦର୍ଶକ ବସ୍ତୁର ମର୍ମହିକୁ ବାସ୍ତବ ରୂପରେ ଉପଭୋଗ କରନ୍ତି । ଏପରି ନାଟକ ସାର୍ଥକ ବା ଦାମ୍ଭିକ ନାଟକରେ ଗୃହୀତ ହୁଏ । ନାଟ୍ୟଶାସ୍ତ୍ର ଲେଖକ ଭରତ ଯେତେବେଳେ ଏପରି ସଙ୍କା ନିର୍ଦ୍ଦେଶ କରିଛନ୍ତି, ଏଥିରେ ଆଦୌ ସନ୍ଦେହନାହିଁ ଯେ ପ୍ରାଚ୍ୟ ନାଟକରେ ମଧ୍ୟ ସାର୍ଥକ ନାଟକ ଅଛି ଓ ତାହା ପ୍ରାଚୀନ ହେଲେ ମଧ୍ୟ ବିଶ୍ୱସାହିତ୍ୟରେ ସ୍ଥାନ ଅଧିକାର କରିଅଛି । ଏହାର ପ୍ରକୃତ ଉଦାହରଣ ନାଟକଗୁଡ଼ିକର ମହତ୍ତ୍ୱ ଆଲୋଚନା ପ୍ରସଙ୍ଗରେ ଦିଆଯିବ ।

ରସ ଅନୁଯାୟୀ ଶବ୍ଦଯୋଜନା ଏକାନ୍ତ ପ୍ରୟୋଜନ । ପାତ୍ର ବା ପାତ୍ରୀ ସ୍ୱମାନସିକ ଦ୍ୱନ୍ଦ୍ୱ ପ୍ରକାଶ ପାଇଁ ଉଲ୍ଲିଖ୍ୟ ଶବ୍ଦବର୍ଣ୍ଣିତ ଭାଷା ଗ୍ରହଣ କରିବା ଉଚିତ । ଏ କଥା ମଧ୍ୟ ନାଟ୍ୟଶାସ୍ତ୍ରର ବିଂଶ ଅଧ୍ୟାୟରେ ବର୍ଣ୍ଣିତ ।

ରୌଦ୍ରେ ଭୟାନକେ ଚୈବ ବିଜ୍ଞେୟାରଭଟୀ ବୁଧୈଃ
ବୀଭତ୍ସେ କରୁଣେ ଚୈବ ଭାରତୀ ସମ୍ପ୍ରକୀର୍ତ୍ତିତା । (୬୪)

ରୌଦ୍ର ଓ ଭୟାନକ ରସରେ ଆରଭଟୀ, ବୀଭତ୍ସ କରୁଣ ରସରେ ଭାରତୀ ଓ ଅନ୍ୟାନ୍ୟ ରସରେ ଭାରତୀ ବୃତ୍ତି ( style ) ଗ୍ରହଣୀୟ । ହିନ୍ଦୁ ନାଟ୍ୟ କଳାରେ ଭାଷା ଓ କଥୋପକଥନ ଭିତରେ ମଧ୍ୟ ବିଶେଷ ଜୋର ଦିଆ-ଯାଇଛି । ଭାଷା ଭାବର ଦ୍ୟୋତକ । ପାତ୍ର ବା ପାତ୍ରୀର ମନସ୍ତତ୍ତ୍ୱ ଭାଷାର ଜୀବନ । ଏଥିରେ ବର୍ତ୍ତମାନର ବିକାଶ ଅଛି । ଏଣୁ ନାଟକରେ ପାତ୍ରପାତ୍ରୀ ଭେଦରେ ଭାଷା, ଭାବ ଓ କାର୍ଯ୍ୟର ଭିନ୍ନତା ଦେଖାଯାଏ । ଏ ଦିଗରୁ ବାସ୍ତବତାର ଚିହ୍ନ ରହିଛି ବୋଲି କୁହାଯାଇପାରେ ।

ଏ ସମସ୍ତର ମୂର୍ତ୍ତି ବିକାଶ ଓ ଦର୍ଶକର ଚିତ୍ତ-ବିନୋଦନ ପାଇଁ ନୃତ୍ୟ ନାଟକର ଏକ ଅପରିହାର୍ଯ୍ୟ ଅଙ୍ଗ । ଏହା କେବଳ ମୂକାଭିନୟ ନୁହେଁ ବରଂ ବୀଣା ବାଦ୍ୟ ସଙ୍ଗୀତ, ରାଗ ଓ ସ୍ୱରମାଧୁର୍ଯ୍ୟରେ ଶବ୍ଦମୟ । ଏହା ଷଡ୍ବୃତ୍ତରୁ ବୃହତ୍ତ ବୃହତ୍ତର ବୃତ୍ତରେ ଗତିକରେ । ଏହି-

Digitized by srujanika@gmail.com

ନୃତ୍ୟ ହିନ୍ଦୁ ସଂସ୍କୃତିର ବିଶେଷତ୍ୱ ଓ ଧର୍ମପ୍ରାଣ ହିନ୍ଦୁର ଜଗତକୁ ଏକଦାନ । ତାଣ୍ଡବ ନୃତ୍ୟରେ ଶିବଙ୍କର ରୁଦ୍ରତ୍ୱ ଓ ଲାସ୍ୟ ନୃତ୍ୟରେ ପାର୍ବତୀଙ୍କ କାନ୍ତରୂପ ଜଗତରେ ଫୁଟିଛି ସବୁ ସମ୍ପ୍ରଦାୟ ଓ ସବୁ ଦେଶରେ । ଛଉନାଚ ମଧ୍ୟ ଆଧୁନିକ ଜଗତକୁ ଚମତ୍କୃତ କରୁଛି । ଏହା ଏପରିଭାବରେ ପ୍ରାଧାନ୍ୟ ଲାଭ କରିଛି ଓ ହିନ୍ଦୁ ଜାତି ଏପରି ସଙ୍ଗୀତ ଓ ନୃତ୍ୟରେ ମୁଗ୍ଧ ହୋଇଛି ଯେ ସର୍ବଦା ନାରଦ ବୀଣାଧର, ଶଙ୍କର ପାର୍ବତୀ ଏକତ୍ରରେ ଭୀମକାନ୍ତ ରୂପ ନେଇ ଉଭୟଙ୍କ ମିଳନରେ ଦେଖାଦିଅନ୍ତି । ଏହା ନାଟ୍ୟଶାସ୍ତ୍ର ଲେଖକଙ୍କ ପୂର୍ବରୁ ଚଳିଆସୁଛି ବୋଲି ଜଣାଯାଏ । "ଇତି ଶ୍ରୀ ନନ୍ଦିକେଶ୍ୱର ବିରଚିତେ ଭରତାର୍ଣ୍ଣବେ ନାଟ୍ୟାର୍ଣ୍ଣବେ ସୂଚିତ ଶ୍ଳୋକେ ସମ୍ପ୍ରଦାୟ ପ୍ରକରଣଂ ନାମ ପଞ୍ଚଦଶୋଧ୍ୟାୟଃ ।" ଅର୍ଥାତ୍ ନନ୍ଦିକେଶ୍ୱର ରଚିତ ନାଟ୍ୟାର୍ଣ୍ଣବରେ ୧୫ଶ ଅଧ୍ୟାୟରେ ସମ୍ପ୍ରଦାୟର ବର୍ଣ୍ଣନା ଦେଖାଯାଏ । ଏହା ମହାମୁନି ଭରତଙ୍କ ପୂର୍ବବର୍ତ୍ତୀ । ପ୍ରମାଣ ସ୍ୱରୂପ "The school of Nandikesor seems to be older than Bharatas and from the available works bearing on Nandin, one is tempted to say that he has doveloped conventional side of Nrtya, sangita and natya to a remarkable degree. Bharata seems to have rejected much of Nandin's technique and accepts only such forms as are really found in actual life or just to suit the theatrical conventions which he calls natyadharmi" V. Raghavan in Natyadharmi and Lokadharmi

ନନ୍ଦି ନାମରେ ଉଲ୍ଲିଖିତ ଗ୍ରନ୍ଥ ଏ ପର୍ଯ୍ୟନ୍ତ ଯାହା ମିଳିଅଛି, ସେଥିରୁ ଜଣାଯାଏ ଯେ ସେ ଭରତଙ୍କର ବହୁ ପୂର୍ବର ନାଟ୍ୟ ଗବେଷକ । ନନ୍ଦିକେଶ୍ୱର ନାଟ୍ୟ, ସଙ୍ଗୀତ ଓ ନୃତ୍ୟକଳାର ଉତ୍କୃଷ୍ଟ ବିକାଶ କରିଛନ୍ତି ବୋଲି ଯେ କୌଣସି ବ୍ୟକ୍ତି ଆକୃଷ୍ଟ ହୋଇ ପାରିବେ । ଭରତ ନନ୍ଦିଙ୍କର ଉପର୍ଯ୍ୟୁକ୍ତ କଳା ଗବେଷଣା କରି ଅନେକ କିଛି ବର୍ଜନ କରିଛନ୍ତି । ସେ ବାସ୍ତବ ଜୀବନର ସମ୍ପୃକ୍ତ ରଙ୍ଗାଭିନୀତ ନାଟ୍ୟକଳା ଗ୍ରହଣ କରି ତାକୁ ନାଟ୍ୟଧର୍ମୀ ଆଖ୍ୟା ଦେଇଛନ୍ତି ।

ମିଳନାନ୍ତକ (comedy) ନାଟକ ହିନ୍ଦୁ ଦୃଷ୍ଟିରେ ପ୍ରାଧାନ୍ୟ ଲଭିଛି । ପ୍ରାଚ୍ୟ ସଭ୍ୟତାରେ ମାନବ ଜୀବନର ଚରମ ଅଙ୍ଗ ଦୁଃଖପୂର୍ଣ୍ଣ ବୋଲି ଦାର୍ଶନିକମାନଙ୍କ ମତ ନୁହେଁ । ସାମାଜିକ ପ୍ରାଣୀ ହୋଇ ନିଜ କର୍ମ ଅବହେଳା ହେତୁ ମନୁଷ୍ୟ ମର୍ତ୍ତ୍ୟରେ ଜନ୍ମଲାଭ କରେ । ନିଜ ଜୀବନରେ ପବିତ୍ର ଭାବ ପାଇଁ ନାନା କଠୋର ସାଧନାର ବଶବର୍ତ୍ତୀ ହୋଇ ଦୁଃଖ ସୁଖ ଭୋଗକରେ । ଏହାର ପ୍ରଧାନ ଉଦ୍ଦେଶ୍ୟ ମୁକ୍ତି । ଏହି ମୁକ୍ତି ଭକ୍ତିଶ୍ରଦ୍ଧାରେ ଓ କର୍ତ୍ତବ୍ୟ କର୍ମ ସମ୍ପାଦନରେ । ତେଣୁ ଏହି ତତ୍ତ୍ୱ ହିନ୍ଦୁ ନାଟକରେ ପ୍ରତିଫଳିତ । ନାନା ଜୀବନର ନାନା ବିଷାଦମୟ ଚିତ୍ର ଅଦୃଷ୍ଟର ବଶବର୍ତ୍ତୀ ହୋଇ ଚିତ୍ରିତ ହୋଇଅଛି; କିନ୍ତୁ ଶେଷରେ ବିରହୀ ଚରିତ୍ରମାନଙ୍କର ମିଳନ । ଦାର୍ଶନିକ ନିକଟରେ ଏହି ମିଳନ ସ୍ୱର୍ଗୀୟ ମିଳନ (divine comedy) ରୂପେ ଗଣ୍ୟ । ଏହି ଆନନ୍ଦ ଏକାନ୍ତଭାବରେ ପାପତାପଶୂନ୍ୟ ଆନନ୍ଦ । ଏଣୁ କବି, ଔପନ୍ୟାସିକ ଓ ନାଟ୍ୟକାର ଆନନ୍ଦ ସେମାନଙ୍କ ସତ୍ୟଂ ଶିବଂ ସୁନ୍ଦରଂ ରୂପେ କଳ୍ପନା କରିଅଛନ୍ତି । Aristotle ଯେତେବେଳେ ବିୟୋଗାନ୍ତକ (tragedy) ନାଟକର ପ୍ରାଧାନ୍ୟ ଓ ମିଳନାନ୍ତକ (comedy) ନାଟକର ଗୌଣତ୍ୱ ପ୍ରତିପାଦନ କରିଛନ୍ତି, ହିନ୍ଦୁ ଋଷିମାନେ ମିଳନାନ୍ତକ ନାଟକର ଚରମ ଉପାଦେୟତ୍ୱ ବର୍ଣ୍ଣନା ଓ ପ୍ରଚାର କରିଛନ୍ତି । ତେଣୁ ବିଶ୍ୱସାହିତ୍ୟରେ ଉଭୟର ଉପଯୋଗିତା ଓ ପ୍ରାଧାନ୍ୟ ଅଛି କିନ୍ତୁ ପ୍ରବନ୍ଧ ଲେଖକର ଆଲୋଚନା ଏକାଙ୍ଗ ହୋଇ ରହିଛି । comedy (ମିଳନ) ନାଟକ ଯେ ନିମ୍ନଶ୍ରେଣୀର କଳା ଓ ରୋମୀୟ ସଭ୍ୟତାରେ ବାସ୍ତବରୂପ ଲାଭ କରିଛି ଏହା ପ୍ରକାଶ ପୂର୍ବରୁ ପ୍ରାଚ୍ୟ ନାମର ଉଲ୍ଲେଖ କରାଗଲା । ଭାରତୀୟ ସଭ୍ୟତାରେ ନାଟ୍ୟକଳା ସମ୍ପୂର୍ଣ୍ଣ ପୃଥକ ଭାବରେ ବିକାଶ ଲଭିଛି । ଏହି ସଭ୍ୟତା ବରଂ ପୃଥିବୀରେ ଆଦି ସଭ୍ୟତା । ଭାରତୀୟ ସଭ୍ୟତାରେ ନାଟ୍ୟକଳା, ବିଶେଷତଃ ମିଳନ ପୂର୍ଣ୍ଣ ନାଟକ ପ୍ରାଚୀନ ଓ ଏହା ପ୍ରାଧାନ୍ୟ ଲାଭ-

Digitized by srujanika@gmail.com

ସାହିତ୍ୟରେ ସ୍ଥାନ ଦେଇଅଛନ୍ତି । ସମାଲୋଚକ ଓ ଗବେଷକମାନେ ଦେଇଥିବା ନିମ୍ନଲିଖିତ ମତ ଏହି ପ୍ରସଙ୍ଗରେ ଆଲୋଚନାର ବିଷୟ । ଏ ସ୍ଥଳରେ ପାଶ୍ଚାତ୍ୟ ଗବେଷକ ମାନଙ୍କର ମତ କେବଳ ଦେଇଛୁ ଓ ପ୍ରାଚ୍ୟ ଗବେଷକମାନଙ୍କର ମତ ପ୍ରବନ୍ଧର କଳେବର ବୃଦ୍ଧି ଭୟରେ ଦେଇନାହିଁ ।

ପ୍ରଥମତଃ ହିନ୍ଦୁ କୃଷ୍ଟିରେ ନାଟ୍ୟକଳା ଅପୌରୁଷେୟ ତାହା ବେଦରେ ଦେଖାଯାଏ । ଯମ ଯମୀ, ସରମ ପାଣି ପ୍ରଭୃତିଙ୍କର କଥୋପକଥନ ତାହାର ପରିଚୟ । ବୈଦିକ ସାହିତ୍ୟ ସଂହିତା, ମହାଭାରତ, ରାମାୟଣ ପ୍ରଭୃତିରେ ନାଟ୍ୟକଳାର କ୍ରମିକ ବିକାଶ ଦେଖାଯାଏ । ସମସ୍ତ ଅନୁଯାୟୀ ଏହି କଳାର ବିକାଶର ଚରମସୀମା ଭରତ ପ୍ରଦର୍ଶନ କରିଛନ୍ତି । ସେଥିରୁ ତାଙ୍କ କୃତ ନାଟ୍ୟଶାସ୍ତ୍ର ସାମାନ୍ୟ ଶାସ୍ତ୍ରୀୟ ଶାସ୍ତ୍ର ରୂପରେ ରହିଥିବା ନ ହୋଇ ବରଂ ବେଦ ନାମ ଗ୍ରହଣ କରିଅଛି । ସଙ୍ଗୀତ ଦାମୋଦରରେ ନିମ୍ନ ପ୍ରମାଣ ଦେଖାଯାଏ ।

" ଇଷ୍ଟାନୁଷ୍ଠୀୟତେ ବ୍ରହ୍ମା ଶକ୍ରେଣାଭ୍ୟର୍ଥିତଃ ପୁରା
ଚାକ୍ଷୁଷକଳ୍ପସ୍ୟ ବେଦେଭ୍ୟୋ ନାଟ୍ୟ ବେଦନ୍ତୁ ପଞ୍ଚମମ୍ ।
ଉପବେଦୋଽଥ ବେଦାଶ୍ଚ ଚତ୍ୱାରଃ କଥିତ ସ୍ମୃତୌ
ଉତ୍କ୍ରାନ୍ତ ବେଦଃ ଗାନ୍ଧର୍ବଃ ଶିବେନୋକ୍ତ ସ୍ୱୟମ୍ଭୁବେ ।
ତେନାପି ଭରତାୟୋକ୍ତ ସ୍ତେନ ମର୍ତ୍ତ୍ୟେ ପ୍ରଚୁରିତଃ
ଶିବା ତଦାନି ଭରତା ସ୍ତସ୍ମାଦସ୍ୟ ପ୍ରଯୋଜକାଃ । "

ଇନ୍ଦ୍ର ଏହି ନାଟ୍ୟ ବେଦ ପାଇଁ ଶିବଙ୍କୁ ପୂଜା କରିଥିଲେ । ଋକ୍ ଯଜୁ ସାମ ଓ ଅଥର୍ବ ବେଦରୁ ସଂଗୃହୀତ ହୋଇ ନାଟ୍ୟ ବେଦ ୫ମ ବେଦ ନାମରେ କଥିତ । ଏହା ମଧ୍ୟ ନାନା ଉପବେଦରେ ବିଭକ୍ତ । ବ୍ରହ୍ମା ଶିବଙ୍କଠାରୁ ଶିକ୍ଷା କରି ଭରତ ମୁନିଙ୍କୁ ଏହି ନାଟ୍ୟକଳା ସମ୍ବନ୍ଧରେ ଶିକ୍ଷା ଦେଇଥିଲେ ଓ ବ୍ରହ୍ମାଙ୍କ ଆଦେଶ ପାଇ ମର୍ତ୍ତ୍ୟର ମାନବମାନଙ୍କୁ ଭରତ ଏହା ଶିକ୍ଷା ଦେଇଛନ୍ତି । ଏଥିରୁ ଜଣାଯାଏ ଯେ ଭରତ ଯେପରି ଏକ ପୌରାଣିକ ଧାରା କଳ୍ପିତ ବିଗ୍ରହ । ଅବଶ୍ୟ ହିନ୍ଦୁ ନାଟ୍ୟକଳାର ଉତ୍ପତ୍ତି ଓ କ୍ରମବିକାଶ ଆଲୋଚନା କଲେ ପ୍ରଧାନତଃ ଦୁଇଟି ପ୍ରମାଣ ଉପରେ ନିର୍ଭର କରେ । ପ୍ରଥମଟିର ପୌରାଣିକ ସ୍ତର ( Legendary stage ) ଓ ଦ୍ୱିତୀୟରେ ଐତିହାସିକ ଯୁଗ ( Historical stage)

ଐତିହାସିକ ତତ୍ତ୍ୱ ପୁରାତନ ବିଷୟର ଗବେଷଣା ବିଶେଷତଃ ଶିଳାଲିପି ଓ ସାହିତ୍ୟରୁ ସଂଗୃହୀତ ତଥ୍ୟ ଦ୍ୱାରା ପ୍ରମାଣ କରାଯାଇପାରେ । ଋକ୍ ବେଦରେ ବିଭିନ୍ନ ଦେବତାଙ୍କର କଥୋପକଥନ ବର୍ଣ୍ଣିତ ଅଛି । ଏହି ଉପାଖ୍ୟାନ ଶତପଥ, ବ୍ରାହ୍ମଣ, ହରିବଂଶ, ବିଷ୍ଣୁପୁରାଣ, କଥାସରିତ୍ ସାଗରରେ ବର୍ଣ୍ଣିତ ହୋଇଅଛି । 'ଭୂମିଷ୍ଠ-ଶ୍ଳୋକଂ ଗାୟନ୍ତି ( ଶତପଥ ବ୍ରାହ୍ମଣ ) ଇତ୍ୟାଦି ପ୍ରସଙ୍ଗରେ Prof Levi କହିଛନ୍ତି The art of musi? had been fully developed in the vedic age ଅର୍ଥାତ୍ ସଙ୍ଗୀତ ବୈଦିକ ଯୁଗରେ ପୂର୍ଣ୍ଣବିକାଶ ଲାଭ କରିଥିଲା । Dr, Hertel ମଧ୍ୟ ଏହି ପ୍ରସଙ୍ଗରେ କହିଛନ୍ତି Indian Drama is but a growth of the dialogues and the vedic hymns represent the beginings of a dramatic art ' ଅର୍ଥାତ୍ ଭାରତୀୟ ନାଟକ ବୈଦିକ ସ୍ତୁତି ଓ ପରସ୍ପର ଆଳାପ ଦ୍ୱାରା ଆରମ୍ଭ ହୋଇ କ୍ରମବିକାଶ ଲାଭ କରିଅଛି । ଯମ, ନଚିକେତା, ଶ୍ୱେତକେତୁ ଓ ତାଙ୍କ ପିତାଙ୍କର ପରସ୍ପର କଥୋପକଥନ ଛଳରେ ଉପନିଷଦରେ ମଧ୍ୟ କ୍ରମିକ ବିକାଶ ଲଭିଛି । ପାଣିନୀଙ୍କ ଅଷ୍ଟାଧ୍ୟାୟୀ ସୂତ୍ରରେ ମଧ୍ୟ କେତେକ ପ୍ରମାଣ ଦେଖାଯାଏ । ଯଥା :—

ପାରାଶର୍ଯ୍ୟ ଶିଳାଳିଭ୍ୟାଂ ଭିକ୍ଷୁନଟ ସୂତ୍ରୟୋଃ । ୪ । ୩ । ୧୧୦
କର୍ମନ୍ଦ କୃଶାଶ୍ୱାଦିନିଃ । ୪ । ୩ । ୧୧୧

ଶିଳାଳୀ ଓ କୃଶାଶ୍ୱ ଶବ୍ଦର ଅର୍ଥ ଅଭିନେତା (actor) ଏମାନେ ନଟଙ୍କ ନାଟ୍ୟସୂତ୍ର ବ୍ୟବହାର କରିଛନ୍ତି । 'ଶୈଳୂଷ' ବାଲ୍ମୀକିଙ୍କ ରାମାୟଣରେ ଦେଖାଯାଏ ବାଜସନେୟୀ ସଂହିତା ଓ ଶୁକ୍ଳ ଯଜୁର୍ବେଦରେ 'ନୃତ୍ତାୟ ସୂତଂ ଗୀତାୟ ଶୈଳୂଷଂ ନଟଂ' ବୋଲି ବ୍ୟାଖ୍ୟା କରିଛନ୍ତି । ବାଲ୍ମୀକିଙ୍କ ରାମାୟଣରେ ନାଟକଗୁଡ଼ିକର

Digitized by srujanika@gmail.com

ନଟ ଓ ସଙ୍ଗୀତର ଉଲ୍ଲେଖ ଅଛି ।

ରାମଚନ୍ଦ୍ର ପିତୃସତ୍ୟ ପାଳି ବନବାସ ଗଲେ । ଦଶରଥ ସ୍ୱପ୍ନାନୁଭୂତିମ ପୂର୍ବକୁ ହରାଇ ପ୍ରାଣତ୍ୟାଗ କଲେ । ଭରତ ସେତେବେଳେ ମାମୁଁ ଘରେ ଥାଇ ଅପ୍ରତ୍ୟାଶିତ ସ୍ୱପ୍ନ ଦେଖି ବ୍ୟାକୁଳ ହୋଇ ଚିତ୍କାର କରି ଉଠିଲେ । ତେଣୁ ଆନନ୍ଦ ଦାନ ଉଦ୍ଦେଶ୍ୟରେ ଗୀତ ନାଚ - ନୃତ୍ୟ ମିଳନାନ୍ତକ ନାଟକର ଅଭିନୟ କରାଇଥିଲେ । ବାଲ୍ମୀକିଙ୍କ ରାମାୟଣ ଅଯୋଧ୍ୟାକାଣ୍ଡରେ ବର୍ଣ୍ଣିତ ଅଛି —

ବାଦୟନ୍ତି ତଥା ଶାନ୍ତିଂ ଲାସୟନ୍ତ୍ୟପି ଚାପରେ
ନାଟକାନ୍ୟପରେ ପ୍ରାହୁର୍ହାସ୍ୟାନି ବିବିଧାନିଚ ।

ଭରତ ନିଜ ପିତୃ ମୃତ୍ୟୁକୁ ଅସିବା ସଙ୍ଗେ ସଙ୍ଗେ ରାଜସିଂହାସନ ଦେଖିବାକୁ ଚଳେ । ମାର୍କଣ୍ଡେୟ ଓ ଅନ୍ୟାନ୍ୟ ପଣ୍ଡିତଗଣ ଅରାଜକତା ବର୍ଣ୍ଣନା ପ୍ରସଙ୍ଗରେ କହିଲେ,

ନାରାଜକେ ଜନପଦେ ପ୍ରହୃଷ୍ଟ ନଟ ନର୍ତ୍ତକାଃ
ଉତ୍ସବାଶ୍ଚ ସମାଜାଶ୍ଚ ବର୍ଦ୍ଧନ୍ତେ ରାଷ୍ଟ୍ରବର୍ଦ୍ଧନାଃ ।
'ଅଯୋଧ୍ୟାକାଣ୍ଡ'

ଅଶାନ୍ତ ପୂର୍ଣ୍ଣ ରାଜଧାନୀରେ ସାମାଜିକ ଉତ୍ସବ, ନୃତ୍ୟାଭିନୟ ପ୍ରଭୃତି ଏକାବେଳକେ ହେଉନାହିଁ ।

ରାମାୟଣରେ ମଧ୍ୟ ଉଲ୍ଲେଖ ଅଛି ଯେ ରାମଚନ୍ଦ୍ର ବହୁ ଭାଷା ସମ୍ବଳିତ ନାଟକ ପଢ଼ି ଆନନ୍ଦଲାଭ କରିଛନ୍ତି ଯଥା —ବୈତ୍ୟଂ ଶାସ୍ତ୍ରସମୂହେଷୁ ପ୍ରାପ୍ତ ବ୍ୟାମି ଶ୍ରକେଷୁଚ (୨।୧।୨) । ମହାଭାରତ, ମାର୍କଣ୍ଡେୟ ପୁରାଣ ପ୍ରଭୃତିରେ ନାଟ୍ୟକଳା ଓ ଅନୁଷ୍ଠାନ ସମ୍ବନ୍ଧରେ ସୂଚନା ମିଳେ । ଅତଏବ ଏହି ଗ୍ରନ୍ଥ ଗୁଡ଼ିକ ଲେଖାହେବା ପୂର୍ବରେ ହିନ୍ଦୁ ସଭ୍ୟତାରେ ନାଟ୍ୟକଳା ସାମାଜିକ ଉତ୍ସବ ରୂପେ ଗ୍ରହଣ କରାଯାଇଥିଲା । ରାମାୟଣ, ମହାଭାରତ ପ୍ରଭୃତିର ସମୟ ପାଶ୍ଚାତ୍ୟ ଗବେଷକମାନେ ଅନ୍ତତଃ ୧୦୦୦ ଖ୍ରୀ: ପୂ: ବୋଲି ଗ୍ରହଣ କରିଛନ୍ତି । ପାଣିନୀ ମଧ୍ୟ ଖ୍ରୀ: ପୂ: ୮ମ ଶତାବ୍ଦୀର ଲୋକ । ଏ ସମସ୍ତ ଦୃଷ୍ଟିରୁ ସ୍ପଷ୍ଟ ଯେ ନଟ, ନର୍ତ୍ତକ' ନର୍ତ୍ତକୀ ପ୍ରଭୃତିରେ ନିଃସନ୍ଦେହ ଧାରଣା ହିନ୍ଦୁ କୃଷ୍ଟିରେ ସମ୍ୟକ୍ ପ୍ରବେଶ କରି ଆସିଛି । ଏଣୁ ନାଟ୍ୟଶାସ୍ତ୍ର ଲେଖକଙ୍କ ଭରତ ଅନ୍ତତଃ ଖ୍ରୀ: ପୂ: ୧୦୦୦ ବର୍ଷର ଲୋକ କହିଲେ ଅପଳାପ ହେବନାହିଁ । କିନ୍ତୁ ଗ୍ରୀକ୍ ମନୀଷୀ Aristotle ଖ୍ରୀ: ପୂ: ୩୮୪ ରେ ଜନ୍ମଗ୍ରହଣ କରି ଖ୍ରୀ: ପୂ: ୩୨୨ ରେ ଇହଲୀଳା ସାଙ୍ଗ କରିଛନ୍ତି । ଏହାଙ୍କ ପୂର୍ବ ମନୀଷୀଗଣ Aeschyles (ଏସ୍କାଇଲସ) ଖ୍ରୀ: ପୂ: ୬୦୦ Phrgnichus ଖ୍ରୀ: ପୂ: ୫୧୧ ରେ ଗ୍ରୀକ୍ ସଭ୍ୟତାର ଆଦି ନାଟ୍ୟକଳା ଲେଖକ । ଅତଏବ ଏ କ୍ଷେତ୍ରରେ ଯେ କିପରି Aristotle ଙ୍କ ନାଟ୍ୟକଳା ବିନା ନାଟକ ସମାଲୋଚନା ସମ୍ଭବ ହେବନାହିଁ ଜଣାଯାଏ ନାହିଁ । ଯେତେବେଳେ ହିନ୍ଦୁ କୃଷ୍ଟି, ହିନ୍ଦୁର କାବ୍ୟ, ନାଟକ, ଉପନ୍ୟାସ ପ୍ରଭୃତି ଚରମ ସୀମାରେ ପହଞ୍ଚି ଭାରତବର୍ଷ ଜଗତର ସଭ୍ୟତମ ଦେଶ ବୋଲି ପରିଚିତ, ସେତେବେଳେ ଏମାନଙ୍କର ଅସ୍ତିତ୍ୱ ନ ଥିଲା ।

Poetics of Aristotle ରେ three unities [time, place ଓ action, the beginning the middle ଓ the end (ଆରମ୍ଭ, ମଧ୍ୟ, ଓ ଅନ୍ତ୍ୟ) ର କେବଳ ମାତ୍ର ଉଲ୍ଲେଖ ଦେଖାଯାଏ । କିନ୍ତୁ ନାଟ୍ୟ ଶାସ୍ତ୍ରପରି, Aristotles Poetics ଏପରି ଭାବରେ ବିଶ୍ଳେଷିତ ହୋଇ ନାହିଁ । ବରଂ ଭରତ ସ୍ୱ ଗ୍ରନ୍ଥରେ ଅଙ୍କଅନୁସାରେ ନାଟକର ବିଭିନ୍ନ ନାମ (techinque) ଦର୍ଶାଇଛନ୍ତି । ଯଥା:— ନାଟକ, ପ୍ରକରଣ, ସମବକାର, ଈହାମୃଗ, ଡିମ, ବ୍ୟାୟୋଗ, ଉତ୍ସୃଷ୍ଟିକାଙ୍କ, ପ୍ରହସନ (farce), ଭାଣ, ବୀଥୀ ଇତ୍ୟାଦି । କଥାବସ୍ତୁ (plot) ମଧ୍ୟ ବିଭିନ୍ନଭାଗରେ ଅବସ୍ଥାଅନୁସାରେ ବିଭକ୍ତ ହୋଇଛି ଯଥା:— ପତାକା, ବୀଜ, ବିନ୍ଦୁ ପ୍ରାପ୍ତ୍ୟାଶା, ପ୍ରକରୀ ଇତ୍ୟାଦି । ନାଟ୍ୟକଳା ଅନୁସାରେ ନାୟକ, ନାୟିକା-ଭେଦ, ସେମାନଙ୍କର ମନସ୍ତତ୍ତ୍ୱ, ନାନାଭାବ, ବିଭାବ, ଅନୁଭବର ବର୍ଣ୍ଣନା ମିଳେ । ନାଟକ ପ୍ରଥମରେ ସୂତ୍ରଧାର, ନଟ ବା ନାନ୍ଦୀ ରଙ୍ଗ ମଞ୍ଚରେ ଆବିର୍ଭୂତ ହୋଇ

Digitized by srujanika@gmail.com

ସ୍ତୁତିଗାନ ( chorus ) କରେ । ଏହା ଯେ Greek dramaturgn ( ନାଟ୍ୟକଳା ) ରେ କେବଳ ଅଛି ବୋଲି ପ୍ରବନ୍ଧ ଲେଖକ ବର୍ଣ୍ଣନା କରିଛନ୍ତି ତାହା କହିବା ଯଥାର୍ଥ ହୋଇ ନାହିଁ । ନାଟ୍ୟକଳାର ସୂକ୍ଷ୍ମ ସୂକ୍ଷ୍ମ ବିଭାଗ ପ୍ରତି ଗବେଷଣା କଲେ ସ୍ପଷ୍ଟ ଧାରଣା ହୁଏ ଯେ କେବଳ ଯେ ପାଶ୍ଚାତ୍ୟ ଜଗତହିଁ ସବୁ ଦିଗରେ ଅଗ୍ରଗତି କରିଛି ତାହା ନୁହେଁ ବରଂ ପ୍ରାଚ୍ୟ ଜଗତ ବହୁ ପୂର୍ବରୁ କୃଷ୍ଟି ଓ ସଭ୍ୟତାର ବିଜୟ ଡିଣ୍ଡିମ ବଜାଇ ପାରିଥିଲା ଏବଂ ଏହା ଯେଉଁ ଅମୂଲ୍ୟ ରତ୍ନ ଜଗତକୁ ଦେଇ ଯାଇଛି ତାହା ଯୁଗ ଯୁଗ ବ୍ୟାପୀ ସାଧନାର ମହୋଜ୍ଜ୍ୱଳ ରତ୍ନ । ଏପରି ସ୍ଥଳେ ବିଶ୍ୱ-ସାହିତ୍ୟରେ ନାଟକର କ୍ରମ ବିକାଶର, ଲେଖକ ଏପରି ଆଶଙ୍କା କୁଳ ମତ ପ୍ରକାଶ କରିବା ଶୋଭନୀୟ ହୋଇ ନାହିଁ । ଏହି ପ୍ରସଙ୍ଗରେ ପାଶ୍ଚାତ୍ୟ ଗବେଷକମାନେ ଯେଉଁ ମତ ଦେଇଛନ୍ତି, ସେଥିରୁ ମଧ୍ୟ ଆମ୍ଭମାନଙ୍କର ଅନେକ ଶିଖିବାର ଅଛି । Sir William Jones ଙ୍କର ମନ୍ତବ୍ୟ ଏହି ଯେ, The language is more perfect than the Greek, more copious than the Latin and more exquisite than the either could easily produce dramas quite independent of the Greeks; the yavanas [ Ionians ]

ଏହି ଭାଷା ଗ୍ରୀକଠାରୁ ବିଶୁଦ୍ଧତର, ଲାଟିନଠାରୁ ପ୍ରଚୁରତର ଓ ଉଭୟଙ୍କ ଅପେକ୍ଷା ସୁନ୍ଦରତର । ଏମାନେ ଗ୍ରୀକ୍ ଓ ଯବନ ପ୍ରଭୃତିଙ୍କଠାରୁ ସ୍ୱତନ୍ତ୍ର ଭାବରେ ନାଟ୍ୟକଳା ତିଆରି କରିବା ସ୍ୱାଭାବିକ । Dr. Ward ତାଙ୍କର Encyclopaedia Britanica ରେ କହିଛନ୍ତି,

'There is no real evidence for assuming any influence of Greek Examples upon the Indian drama at any stage of its progress.'

ବାସ୍ତବିକ ବସ୍ତୁତଃ ପ୍ରମାଣ ନାହିଁ । ଭାରତୀୟ ନାଟ୍ୟକଳାର କ୍ରମ ବିକାଶର କୌଣସି ସ୍ତରରେ ଗ୍ରୀକ୍ ନାଟ୍ୟକଳାର ପ୍ରଭାବ ପଡ଼ିଛି ବୋଲି । ଅତଏବ ଭାରତୀୟ ନାଟ୍ୟକଳାର କ୍ରମ ବିକାଶ ଓ ଜଗତକୁ ନାଟକ ରୂପରେ ତାର ଦାନ ଯୁଗେ ଯୁଗ ପ୍ରଶଂସ୍ୟ ।

କେଉଁ ନାଟକ ନିଜର ଗୁଣାବଳୀଦ୍ୱାରା ସାର୍ଥକ ନାଟକ ବୋଲି ଗୃହୀତ ଓ ବିଶ୍ୱ ସାହିତ୍ୟରେ ତାର ଅମୂଲ୍ୟ ଦାନହିଁ ଆଲୋଚ୍ୟ ? ସୁବନ୍ଧୁ ଜଣେ ବହୁ ପ୍ରାଚୀନ ନାଟକ ଲେଖକ । ଯେ ମୁଗ୍ଧ, ପ୍ରଶାନ୍ତ, ଭାସ୍ୱର, ଲଳିତ ଓ ସମଗ୍ର ଭେଦରେ ନାଟକକୁ ପାଞ୍ଚ ଭାଗରେ ବିଭକ୍ତ କରିଛନ୍ତି । ଏମାନଙ୍କ ମଧ୍ୟରେ ବାସବଦତ୍ତା ନାଟ୍ୟଧାର ପ୍ରଧାନ । 'ନାଟ୍ୟାପ୍ରିତଂ ଚ ବାସବଦତ୍ତା ନାଟ୍ୟଧାରେ ପ୍ରତିପଦ ଦୃଶ୍ୟତେ' ବାକ୍ୟଟି ବାସବଦତ୍ତା ନାଟ୍ୟଧାର ନାଟକରେ ବର୍ଣ୍ଣିତ । ଏହି ନାଟକଟି ବହୁବାର ରଙ୍ଗ-ମଞ୍ଚରେ ଅଭିନୀତ ହୋଇ ଦର୍ଶକ ସମାଜକୁ ଆନନ୍ଦ ଦେଇଛି ନିଜର ବାସ୍ତବ ଚରିତ୍ର ଓ ବାସ୍ତବ କଥା ଛଳରେ । ଏହି ନାଟକରେ ଅଭିନେତାମାନେ ଯେ ନାଟ୍ୟକଳା ଦେଖାଇଛନ୍ତି ତାହା ସ୍ତ୍ରୀ-ଚରିତ୍ର female role ଦ୍ୱାରା ହୋଇଛି । ଅତଏବ ଏହାର ସ୍ଥାନ ବିଶ୍ୱ ଦରବାରରେ ହେୟ ନୁହେଁ । ଐତିହାସିକଙ୍କ ମତରେ ଖ୍ରୀ: ପୂ: ୪ଥ ଶତାବ୍ଦୀରେ ଏହି ନାଟ୍ୟକାର ନାଟ୍ୟକଳାରେ ଖ୍ୟାତି ଲଭିଥିଲେ ।

ଖ୍ରୀ: ପୂ: ୪ର୍ଥ ଶତାବ୍ଦୀରେ ଭାସନାମରେ ଜଣେ ପ୍ରସିଦ୍ଧ ନାଟ୍ୟକାର ଭାରତୀୟ ନାଟ୍ୟକଳାରେ ବିଶେଷତ୍ୱ ଲଭିଥିଲେ ବୋଲି ପରବର୍ତ୍ତୀ ନାଟ୍ୟକାର କାଳିଦାସ, ବାଣ, ଦଣ୍ଡିନ୍ ପ୍ରଭୃତି ସ୍ୱକୃତିରେ ଉଲ୍ଲେଖ କରିଛନ୍ତି । ପ୍ରମାଣ ସ୍ୱରୂପ କାଳିଦାସ ମାଳବିକାଗ୍ନିମିତ୍ରରେ 'ପ୍ରଥିତ ଯଶସାଂ ଭାସ ସୌମିଲ୍ଲକ କବି ପୁତ୍ରାଦୀନାଂ । 'ପୁରାଣ ମିତ୍ୟେବ ନ ସାଧୁ ସର୍ବଂ ନଚାପି କାବ୍ୟଂ ନବମିତ୍ୟବଦ୍ୟମ୍' ଅର୍ଥାତ୍ ବିଖ୍ୟାତ ଭାସ, ସୌମିଲ୍ଲକ ଓ କବିପୁତ୍ରଙ୍କ ପରି ଏହା ନୂତନ କାବ୍ୟ ଓ ପ୍ରାଚୀନ ହୋଇଥିଲେ ସବୁ ଶୋଭନ ହୋଇ ନ ପାରେ ବୋଲି ଜିତେ ସନ୍ଦେହ ପ୍ରକାଶ କରିଛନ୍ତି । ହର୍ଷ ଚରିତରେ ପ୍ରସିଦ୍ଧ ଔପନ୍ୟାସିକ ବାଣ 'ସୂତ୍ରଧାର କୃତାରମ୍ଭୈର୍ନାଟକୈର୍ବହୁଭୂମିକୈଃ,

Digitized by srujanika@gmail.com

ସପତାକୈର୍ଯଶୋ ଲେଭେ ଭାସଃ ଦେବ କୁଳୈରିବ' ଅର୍ଥାତ ଭାସ ଦେବକୁଳର ବୃହତ୍‌ସ୍ତମ୍ଭରେ ସୂତ୍ରଧାରଦ୍ୱାରା ନାଟକ ଆରମ୍ଭ କରି ଅଭିନେତା ଓ ଅଭିନେତ୍ରୀ ଯୁକ୍ତ ନାଟକୀୟ କଳାଦ୍ୱାରା ପତାକା, ପ୍ରକାଶ ପ୍ରଭୃତି କଥା- ବସ୍ତୁର ବିଭିନ୍ନ ଭଙ୍ଗୀଦ୍ୱାରା ନାଟକମାନ ଲେଖିଥିଲେ । ଜୟଦେବ 'ହାସୋ ଭାସଃ' ଭାସ ସରସ୍ୱତୀଙ୍କର ଅମଳ- ହାସ୍ୟ ବୋଲି ବର୍ଣ୍ଣନା କରିଛନ୍ତି । ଏହାପରେ ଅଭିନବ ଗୁପ୍ତ, ବାଣ ପ୍ରଭୃତି ଆଳଙ୍କାରିକ, ସମାଲୋଚକମାନେ ଭାସଙ୍କର ନାଟ୍ୟକଳାର ଦୃଷ୍ଟିରୁ ନିଜ ଗ୍ରନ୍ଥମାନଙ୍କରେ ବର୍ଣ୍ଣନା କରିଛନ୍ତି । ଏ ପର୍ଯ୍ୟନ୍ତ ଯାହା ନାଟକ ମିଳିଛି, ସେଥିରେ ସ୍ୱପ୍ନବାସବଦତ୍ତା ଓ ଚାରୁଦତ୍ତ ମୌଳିକତାପୂର୍ଣ୍ଣ ନାଟକ ଦୁଇଟି ରଙ୍ଗମଞ୍ଚ ପାଇଁ ଉତ୍କୃଷ୍ଟ ପ୍ରତୀତ ହୁଏ । ଏଥିରେ ନାୟକ ଓ ନାୟିକା ରାଜକୁଳ ସମ୍ଭୂତ ନ ହୋଇ ନିମ୍ନ କୁଳ ସମ୍ଭୂତ ହେଲେ ମଧ୍ୟ ବାସ୍ତବ ଜୀବନର ସୁନ୍ଦର ସ୍ପଷ୍ଟଭାବରେ ଦର୍ଶକଙ୍କୁ ଚମତ୍କୃତ କରିଛି । ଭାଷାରି ମାର୍ଜ୍ଜିତତା ମଧ୍ୟ ସମ୍ୟକ୍ ରକ୍ଷିତ ।

Dr. Winternitz ଲେଖିଛନ୍ତି, 'indeed these thirteen plays ascribed to Bhasa are the works of a genius who was thoroughly conversant with the technique of the stage and who it si apparent, knew what actual stage-representation is'

(ରଙ୍ଗଗୃହର କଳାରେ ପାରଦର୍ଶୀ ନାଟ୍ୟରଥୀ ଭାସଙ୍କର ଏହି ୧୩ ଟି ନାଟକରୁ ସ୍ପଷ୍ଟ ଜଣାଯାଏ ଯେ ରଙ୍ଗମଞ୍ଚରେ ପ୍ରକୃତ ଅଭିନୟ ତାଙ୍କୁହିଁ ସମ୍ପୂର୍ଣ୍ଣ ମାଲୁମ ଥିଲା । ) ଏହି ପ୍ରସଙ୍ଗରେ ନିମ୍ନବାଣୀ ଉଲ୍ଲେଖ ଯୋଗ୍ୟ ।

Bhasa's language possessed a peculiar grace, his dramas are well designed and variety of characters was their feature and in versatility of imagery and originality of conception he attained a name:

ଅସାଧାରଣ ମାଧୁର୍ଯ୍ୟପୂର୍ଣ୍ଣ ଭାଷା ପ୍ରସୂତ ନାଟକାବଳୀ ଓ ବହୁଳ ଚରିତ୍ରର ବୈଶିଷ୍ଟ୍ୟ ବ୍ୟଞ୍ଜନାରେ ସର୍ବପ୍ରକାର ଦୃଶ୍ୟର କୁଶଳତା ଓ ନବୀନ ଚମତ୍କାରିତା ଯୋଗୁଁ ଭାସ ଶ୍ରେଷ୍ଠତ୍ୱ ଲାଭ କରିଛନ୍ତି । ଏହି ନାଟକାବଳୀର ଉତ୍କର୍ଷ ନିଦର୍ଶନ ଗୁଡ଼ିକ ଯୁଗ ଯୁଗ ଧରି ସବୁ ଦେଶରେ ମୂଲ୍ୟ ପାଇବାର ପାରେ । ଦେଶୀ ପାଶ୍ଚାତ୍ୟ ଗବେଷକମାନଙ୍କର ହୃଦୟରେ ଏହି ନାଟକାବଳୀ ଚମତ୍କୃତି ପ୍ରଦାନ କରିଛି ।

ହିନ୍ଦୁ ନାଟ୍ୟ ଇତିହାସରେ ଶୂଦ୍ରକ ଉତ୍କୃଷ୍ଟ ସ୍ଥାନ ଲାଭ କରିଛନ୍ତି । ଏହାପରି କେତେକଙ୍କ ମତରେ ସେ ପୌରାଣିକ ବ୍ୟକ୍ତି ବୋଲି ପ୍ରଥମେ ଧରାଯାଇଥିଲା, ପରେ ଗବେଷଣାଦ୍ୱାରା ଜଣା ଯାଉଛି ଯେ ସେ କବି ଓ ନାଟ୍ୟ- ରଥୀ କାଳିଦାସଙ୍କ ପୂର୍ବବର୍ତ୍ତୀ ଓ ଭାସଙ୍କ ପରବର୍ତ୍ତୀ । ଅତଏବ Pargiter ଙ୍କ ମତ ଅନୁସାରେ ସେ ଖ୍ରୀ: ପୂ: ୩ୟ ଶତାବ୍ଦୀ ପୂର୍ବରୁ ନୁହନ୍ତି । ସମସ୍ତ ସାରୂପ୍ୟ ଦୃଷ୍ଟିରେ ମତ ଦ୍ୱୈଧ ଦେଖାଗଲେ ମଧ୍ୟ ସେ ଯେ କାଳିଦାସଙ୍କ ପୂର୍ବବର୍ତ୍ତୀ ଏଥିରେ ଆଉ କୌଣସି ସନ୍ଦେହ ନାହିଁ । ଶିଳାଲିପି ଓ ନାନା ଐତିହାସିକ ତତ୍ତ୍ୱ (Archaelogical point of view) ଦ୍ୱାରା ପ୍ରମାଣିତ ହୋଇଛି ଯେ କବି ଓ ନାଟ୍ୟକାର କାଳିଦାସ ଖ୍ରୀ: ପୂ: ୧ମ ଶତାବ୍ଦୀର ଲୋକ । ଶୂଦ୍ରକଙ୍କ ରଚିତ ନାଟକାବଳୀ ମଧ୍ୟରେ ବିଶ୍ୱ ସାହିତ୍ୟର ନାଟକୀୟ କଳାରେ ସ୍ଥାନ ପାଇବା ଭଳି ମୃଚ୍ଛକଟିକ । (The clay cart) ଉଲ୍ଲେଖ ଯୋଗ୍ୟ । ଏଥିରେ ନାୟକ ଚାରୁଦତ୍ତ ଜଣେ କୁଳୀନ ବ୍ରାହ୍ମଣ ଓ ପ୍ରଧାନ ନାୟିକା ବସନ୍ତସେନା ଜଣେ ପ୍ରବୀଣା ବେଶ୍ୟାର କନ୍ୟା । ଏହି ଉଭୟଙ୍କ ମଧ୍ୟରେ ସ୍ନେହର ଆଦାନପ୍ରଦାନହିଁ ନାଟକର ପ୍ରଧାନ କଥାବସ୍ତୁ । ଏହା ସୁପରିସ୍ଫୁଟ କରିବା ପାଇଁ ବିଭିନ୍ନ କୁଳରୁ ଚରିତ୍ର ଗ୍ରହଣ କରି ହିନ୍ଦୁ ସମାଜର ବାସ୍ତବରୂପ ଓ ଜୀବନର ବାସ୍ତବ ଛବି ଦେଇ ନାଟ୍ୟ କଳାର ବିକାଶ

Digitized by srujanika@gmail.com

ଲେଖକ ଏପରି ଭାବରେ କରିଛନ୍ତି ଯେ ପ୍ରତ୍ୟେକପଦରେ କଥାବସ୍ତୁର ଜଟିଳତା, ମାନବୀୟ ପ୍ରକୃତିର ସୂକ୍ଷ୍ମ-ମୂର୍ତ୍ତିତତ୍ତ୍ୱ ଓ ନାଟ୍ୟକଳାର କ୍ରମ ବିକାଶ-ବୈଶିଷ୍ଟ୍ୟ ପାଶ୍ଚାତ୍ୟ ନାଟ୍ୟକାର ସେକ୍ସପିୟରଙ୍କ ସଙ୍ଗେ ସର୍ବାଂଶରେ ତୁଳନୀୟ । ଏହି ମୃଚ୍ଛକଟିକ ନାଟକ ସମ୍ବନ୍ଧରେ ପାଶ୍ଚାତ୍ୟ ଲେଖକମାନେ ଯେଉଁ ମତ ପ୍ରକାଶ କରିଛନ୍ତି, ପ୍ରତ୍ୟେକ ପ୍ରାଚ୍ୟ ମାନବର ତାହା ପ୍ରଣିଧାନର ବିଷୟ ।

Mr. A. A. Macdonell ନିଜର Sanskrit Literature (ସଂସ୍କୃତ ସାହିତ୍ୟର ଇତିହାସ) ରେ ଲେଖିଛନ୍ତି

"The clay cart is marked by originality and good sense and is unique in its specialities. It furnished an interesting picture of the kind of luxury that prevailed in those days. Altogether this play abounds in comic situations, besides containing many serious scenes, some of which even border the tragic. Its author is pre-eminent among Indian playwrights for the distinctively dramatic qualities of vigour life and action no less than sharpress of characterisation being thus allied in genius to Shakespeare"

ମୃଚ୍ଛକଟିକ ନାଟକ, ଉତ୍କୃଷ୍ଟ ଭାବ ଓ ବୈଶିଷ୍ଟ୍ୟ ବିଶେଷରେ ପୂର୍ଣ୍ଣ । ସେ ସମୟର ବିଳାସର କୌତୂହଳୋଦ୍ଦୀପକ ଚିତ୍ରରେ ଏହା ପୂର୍ଣ୍ଣ । ସୋନ ଉପରେ ଏଥିରେ ହାସ୍ୟ-ରସର ପରିସ୍ଥିତି ଓ ଅନେକ ଅବସ୍ଥା ଗୁରୁତ୍ୱପୂର୍ଣ୍ଣ ହୋଇ ମଧ୍ୟ ରହିଛି । ଯେଉଁଥିରେ ଅନେକ କରୁଣ ରସମୟ । ଏହି ଲେଖକ, ଭାରତୀୟ ନାଟ୍ୟକାରମାନଙ୍କ ମଧ୍ୟରେ ବଳିଷ୍ଠତର କାର୍ଯ୍ୟ ଓ ଜୀବନ ପ୍ରକୃତ ନାଟକୀୟ ଗୁଣାବଳୀ ପାଇଁ ଅଦ୍ୱିତୀୟ । ଚରିତ୍ର ଚିତ୍ରଣ ଓ ପ୍ରତିଭାର ପ୍ରଖରତାରେ ସେକ୍ସପିୟରଙ୍କ ସଙ୍ଗେ ସେ ତୁଳନୀୟ ।

ଅଧ୍ୟାପକ H. H. Wilson କହିଛନ୍ତି "The Mricchakatika is many respects the most human of all the Sanskrit plays. There is something strikingly Shakespearian in the skilful drawing of characters, the energy and life of the large number of personages in the play, and in the directness and clearness of the plot itself .... The chief value of the Mricchakatika, aside from its interest as a drama lies in the graphic picture it presents of a very interesting phase of every day life in ancient India" etc.

ସଂସ୍କୃତ ନାଟକାବଳୀରେ ମୃଚ୍ଛକଟିକ ଅନେକାଂଶରେ ମାନବୀୟ ପ୍ରକୃତିପୂର୍ଣ୍ଣ । ଚରିତ୍ର ଚିତ୍ରଣର ଦକ୍ଷତାରେ, ବହୁସଂଖ୍ୟକ ନାଟକୀୟ ବ୍ୟକ୍ତିମାନଙ୍କର ଶକ୍ତି ଓ ଜୀବନ ବିକାଶରେ, କଥାବସ୍ତୁର ସରଳତା ଓ ସ୍ୱାଭାବିକତାରେ ସେକ୍ସପିୟରଙ୍କ ଗୁଣାବଳୀ ପ୍ରକାଶିତ । ନାଟକୀୟ କଳା ବ୍ୟତୀତ ଏଥିରେ ସେ ସମୟରେ ଭାରତୀୟମାନଙ୍କର ଦୈନନ୍ଦିନ ଜୀବନର ସରସ ଚିତ୍ର ମଧ୍ୟ ବିକଶିତ ।

କ୍ରମଶଃ

Digitized by srujanika@gmail.com



# ଇଂରାଜ ସାହିତ୍ୟର ଗତିଧାରା

## ଭିକ୍ଟୋରିଆ ଯୁଗ ( ୧୮୩୦ — ୧୯୦୮ )

ଶ୍ରୀ ଶୁକଦେବ ଶର୍ମା ।

ଫରାସୀ ବିଦ୍ରୋହପରେ ଫ୍ରାନ୍‌ସ ନେପୋଲିୟନଙ୍କ ଅଧିନାୟକତ୍ୱରେ ୟୁରୋପରେ ଏକ ବିରାଟ ଶକ୍ତିରୂପେ ପ୍ରତିଷ୍ଠା ଲାଭ କରି ଇଂରେଜ ଜାତିର ବାଣିଜ୍ୟ ଓ ସାମ୍ରାଜ୍ୟ ପଥରେ ପ୍ରଧାନ ପ୍ରତିଦ୍ୱନ୍ଦୀ ହୋଇ ଛିଡାହେଲା । ଫଳରେ ଇଂଲଣ୍ଡ ଓ ଫ୍ରାନ୍‌ସ ମଧ୍ୟରେ ଯୁଦ୍ଧ ଲାଗିଲା, ଯୁଦ୍ଧରେ ଇଂରେଜମାନେ ଜୟଯୁକ୍ତ ହେଲେ ( ଖ୍ରୀ: ଅ:- ୧୮୧୫ ) ସେମାନଙ୍କର ବାଣିଜ୍ୟ ପ୍ରସାର ଲାଗି ପଥ ବର୍ତ୍ତମାନ ସୁଗମ ହୋଇଗଲା । ଭିକ୍ଟୋରିୟାଙ୍କ ଶାସନ-କାଳ ( ଖ୍ରୀ: ଅ: ୧୮୧୫—୧୯୦୧ ) ମଧ୍ୟରେ ଯେଉଁ ସମାଜ ପ୍ରତିଷ୍ଠିତ ହେଲା, ସେଥିରେ ମିଲ୍‌ମାଲିକ ବା ବୁର୍ଜୁୟାମାନେ ବାଣିଜ୍ୟରୁ ପ୍ରଚୁର ଧନ ଉପାର୍ଜନ କଲେ ମଧ୍ୟବିତ୍ତମାନେ ମଧ୍ୟ ତହିଁରୁ ଦି ପଇସା ପାଇଲେ, ଅବଶ୍ୟ କୁଲି ମଜୁରିୟାଙ୍କର ଭାଗ୍ୟ ଲେଉଟିଲା ନାହିଁ । ବେଲ ଥାଟିଲେ କାହାର କି ଯାଏ ? ଏହି ସମାଜରେ ଆମେ ଦେଖୁଁ ବିଜ୍ଞାନ ପ୍ରସାର ଲାଭ କରୁଛି, ରାଜନୀତିରେ ଗଣତନ୍ତ୍ର ଆସିଗଲାଣି (ରିଫର୍ମ୍ ଆକ୍ଟ୍, ଫ୍ୟାକ୍ଟ୍ରୀ ଆକ୍ଟ ପ୍ରାଥମିକ ଶିକ୍ଷା ଆଇନ ପ୍ରଭୃତି ) ସଂସ୍କାର ଲାଭ କରୁଅଛି । ଶତାବ୍ଦୀଶେଷରେ ମନୁଷ୍ୟ ବିଜ୍ଞାନ ଉପରେ ଅଧିକ ଆସ୍ଥାବାନ୍ ହୋଇପଡୁଛି, ବାସ୍ତବ ଜୀବନ ପ୍ରତି ଅଧିକ ଦୃଷ୍ଟିପାତ କରୁଛି, ଦୁଃଖଦୈନ୍ୟ ଖାଲି ଭଗବାନଙ୍କ ଉପରେ-ଲଦିଦେଇ ସେ ନିଦ ଯାଉନାହିଁ, ତାହାର କାରଣ ଅନୁସନ୍ଧାନ କରୁଛି, ପ୍ରତିକାର ଉଦ୍‌ଭାବନ କରୁଛି । ଡାର୍‌ଉଇନ୍‌ଙ୍କର ବିବର୍ତ୍ତନବାଦ ଅର୍ଥାତ୍ ନୋହାର ନୌକାରୁ ପ୍ରତି ପ୍ରାଣୀର ବଂଶ ଉଦ୍ଭବ ନ ହୋଇ ଏହା କିପରି ଏକ ବିବର୍ତ୍ତନ ମଧ୍ୟ ଦେଇ ଏକରୁ ଅପରର ଉଦ୍‌ଭବ ହୋଇଅଛି - ଏହା ବୈଜ୍ଞାନିକ ମନୋଭାବର ଉଜ୍ଜ୍ୱଳ ଦୃଷ୍ଟାନ୍ତ । ବିଜ୍ଞାନ ହେଲା ନବଯୁଗର ବାଇବେଲ । ସର୍ବହରା ସମ୍ପ୍ରଦାୟ ବର୍ତ୍ତମାନ ସଂଗଠିତ ହୋଇନାହାନ୍ତି, ସେମାନଙ୍କ ମଧ୍ୟରେ ଜାଗରଣ ଦେଖା ଦେଇନାହିଁ, ମଧ୍ୟବିତ୍ତଙ୍କ ଅଧିନାୟକତ୍ୱରେ ଏଠି ସେଠି ସେମାନଙ୍କର ଅବସ୍ଥାର ଉନ୍ନତି ଲାଗି କିଛି କରାଯାଉଛି, ବିଶ୍ୱାସ କରାଯାଉଛି ସଂସ୍କାର ଦ୍ୱାରା ସମାଜର

Digitized by srujanika@gmail.com

ଦୋଷତ୍ରୁଟି ସବୁ ଦୂର କରାଯାଇ ପାରିବ । ଏ ସମାଜରେ ଶିକ୍ଷାର ପ୍ରସାର ହୋଇଛି । ମତପାର୍ଥକ୍ୟର ଅଭାବ ନାହିଁ । ଜ୍ଞାନ କାହାରି ଏକଚାଟିଆ ହୋଇ ରହିନାହିଁ ।

ପୂର୍ବବର୍ତ୍ତୀ କଳ୍ପନା ବହୁଳ ଉଚ୍ଛ୍ୱସିତ ରୂପ-କବିତାଠାରୁ ଭିକ୍ଟୋରିୟା ଯୁଗର ସାହିତ୍ୟ ସାମାଜିକ ଜୀବନର ନିକଟବର୍ତ୍ତୀ ହୋଇଛି, ସମାଜର ଉନ୍ନତି ଲାଗି ତାର କର୍ତ୍ତବ୍ୟ ଅଛି ବୋଲି ଉପଲବ୍ଧି କରିପାରିଛି, ସାହିତ୍ୟ ବାସ୍ତବ ଜୀବନର ଚିତ୍ର ଆଙ୍କୁଛି, ବିଜ୍ଞାନର କଥା ନ କହି ବିଜ୍ଞାନସମ୍ମତ କଥା କହୁଛି, ସାମାଜିକ ସଂସ୍କାର ଲାଗି ସ୍ୱର ଟେକୁଛି, ମାର୍ଗ ନିର୍ଦ୍ଧାରଣ କରୁଛି । କବିତା - ସାହିତ୍ୟରେ ମାତ୍ର ଦୁଇଜଣ କବି ଖ୍ୟାତି ଅର୍ଜନ କରି ପାରିଥିଲେ—ଆଲ୍‌ଫ୍ରେଡ୍‌ ଟେନିସନ୍‌ ଓ ରବର୍ଟ ବ୍ରାଉନିଂ । ଜୀବନରେ ଉଚ୍ଛ୍ୱାସ ଓ କଳ୍ପନାବିଳାସ ଲାଗି ଅବସର ନ ଥିବାହେତୁ କବିତା ପାଇଁ ଏହି ଯୁଗ ଅନୁକୂଳ ହୋଇ ନ ଥିଲା; ଯୁକ୍ତି, ବର୍ଣ୍ଣନା, ସାମାଜିକ ଚିତ୍ର, ବିଶଦ ବ୍ୟାଖ୍ୟାନ ଲାଗି ଗଦ୍ୟ ପ୍ରଶସ୍ତ, ଗଦ୍ୟ ହିଁ ଅଧିକ ଆଦର ବଢ଼ିଥିଲା । ତଥାପି ଟେନିସନ୍‌ ଓ ବ୍ରାଉନିଂଙ୍କ ଲେଖନୀରୁ କବିତା ଭଣ୍ଡାରକୁ ଏ ଯୁଗର ଦାନ ଅତ୍ୟଳ୍ପ ବୋଲି ଗଣ୍ୟ ହୋଇ ନ ପାରେ । ଉଭୟ କବି କବିତାର ଏକାନ୍ତ ଉପାସକ ଥିଲେ ଏବଂ ସେ ଯୁଗର ଭାବଧାରା ସେହିମାନଙ୍କର କବିତାରେ ପ୍ରାଣ ପାଇଛି, ମୂର୍ତ୍ତିମନ୍ତ ହୋଇଛି ।

ଟେନିସନ୍‌ (ଖ୍ରୀ: ଅ: ୧୮୦୯ — ୧୮୯୨) ଯୁବାବସ୍ଥାରୁ ସାହିତ୍ୟ ସାଧନାରେ ମନ ବଳାଇଥିଲେ । ତାଙ୍କର ବନ୍ଧୁ ଆର୍ଥର ହାଲାମ୍‌ଙ୍କର ଅକାଳ ମୃତ୍ୟୁରେ ଗଭୀରଭାବେ ବ୍ୟଥିତ ହୋଇ ସେ 'ସ୍ମୃତି' (In Memotiam) ନାମକ ଏକ କାବ୍ୟ ଲେଖିବାକୁ ଆରମ୍ଭ କଲେ । ଏହି ଗ୍ରନ୍ଥରେ ଜୀବନ, ମୃତ୍ୟୁ ଓ ତତ୍ପର ଜୀବନ ବିଷୟରେ ତାଙ୍କର ଦାର୍ଶନିକ ଚିନ୍ତା ଲିପିବଦ୍ଧ କରିଅଛନ୍ତି । ଅଳ୍ପକାଳ ମଧ୍ୟରେ କବି ରୂପରେ ଟେନିସନ୍‌ ନିଜର ପ୍ରତିଷ୍ଠା ଲାଭ କରି ପାରିଥିଲେ ଏବଂ ଖ୍ରୀ: ଅ: - ୧୮୫୦ ରେ କବି ଓ୍ୱାର୍ଡ଼ସ୍‌ୱାର୍ଥଙ୍କ ମୃତ୍ୟୁପରେ ସେ ଇଂଲଣ୍ଡର ରାଜକବି ମନୋନୀତ ହେଲେ । ଟେନିସନଙ୍କ ଜୀବନ ବୈଚିତ୍ର୍ୟମୟ ନ ଥିଲା, ଉତ୍ଥାନ ଓ ପତନ ଦ୍ୱାରା ବନ୍ଧୁର ହୋଇ ନ ଥିଲା, ଏକ ଶାନ୍ତିମୟ ଜୀବନ ସେ ନିର୍ବାହ କରିଥିଲେ । ବନ୍ଧୁ କାବ୍ୟର ରଚୟିତା ଟେନିସନ୍‌ଙ୍କ ପ୍ରଥମ କବିତାମାନଙ୍କ ଉପରେ ରୂପ-ସାହିତ୍ୟର ଛାପ ପଡ଼ିଛି - ବିଶେଷତଃ କବି କୀଟ୍‌ସ୍‌ଙ୍କର । ଏ କାଳ ମଧ୍ୟରେ ଲେଖା ହୋଇଥିବା କବିତାମାନଙ୍କରେ କବି କେବଳ ମାତ୍ର ଆଦର୍ଶ ରାଜ୍ୟରେ ଭ୍ରମିଛନ୍ତି, ସ୍ୱପ୍ନ-ରାଜ୍ୟର କଳ୍ପନା କରିଛନ୍ତି । ପରବର୍ତ୍ତୀ କବିତା (ଖ୍ରୀ: ଅ: ୧୮୪୨ ପରେ) ମାନଙ୍କରେ କବି ସାମାଜିକ ଜୀବନର ସମସ୍ୟା ନେଇ ବ୍ୟସ୍ତ, ସମସାମୟିକ ଚିନ୍ତା-ଧାରା ପ୍ରତି ଅଧିକ ଶ୍ରଦ୍ଧା ପ୍ରଦର୍ଶନ କରିଛନ୍ତି । 'ରାଜଜେମା' (The Princess) କବିତାରେ କବି ଖୋଲଖୋଲ ଭାବରେ ନାରୀ ସମସ୍ୟା ଉପରେ ତାଙ୍କର କାବ୍ୟକୁ ପ୍ରତିଷ୍ଠିତ କରିଛନ୍ତି । କିନ୍ତୁ କବି ଏ ସମସ୍ତ ସମସ୍ୟା ଉପରେ ଲେଖୁଥିଲାବେଳେ ବି ସିଧା ସଳଖ କଥାଟା କହିବାକୁ ପଛାଇଛନ୍ତି - କଳ୍ପନା ଓ ବାସ୍ତବ ମଧ୍ୟରେ ଏକ ଆପୋଷ ସୃଷ୍ଟି କରିବାକୁ ଚେଷ୍ଟା କରିଛନ୍ତି, ଫଳତଃ କାବ୍ୟଗୁଡ଼ିକର ଅବୟବ ସୁସ୍ଥ ଓ ସୁଗଠିତ ହୋଇ ପାରିନାହିଁ । ରୂପସାହିତ୍ୟର ଉପଯୋଗୀ କଳ୍ପନା ସହିତ ସମସାମୟିକ ସମସ୍ୟାର ସମ୍ମିଶ୍ରଣ କରିବାରେ ରାଧାନାଥ ଟେନିସନ୍‌ଙ୍କର ପଦାଙ୍କ ଅନୁସରଣ କରିଛନ୍ତି ମଧ୍ୟ । ରାଧାନାଥ ଟେନିସନ୍‌ଙ୍କର ଭକ୍ତ ଥିଲେ ଓ କବି ଟେନିସନଙ୍କ କାବ୍ୟ ଓ ଶୈଳୀ ରାଧାନାଥଙ୍କୁ ଗଭୀର-ଭାବେ ପ୍ରଭାବିତ କରିଥିଲା ।

ଟେନିସନ୍‌ ପ୍ରକୃତିକୁ ଜୀବନ୍ତ କରି କଳ୍ପନା କରିନାହାନ୍ତି । ଘର ସଜାଇବା ଲାଗି ଯେପରି ଫୁଲ ଓ ଫଳ ଆମେ ଲୋଡ଼ିଥାଉଁ, ସେହିପରି ଟେନିସନ୍‌ ପ୍ରକୃତିକୁ ଆଣି ତାଙ୍କର କାବ୍ୟ ମଧ୍ୟରେ ଖଞ୍ଜିଦେଇ ସୌନ୍ଦର୍ଯ୍ୟ ବୃଦ୍ଧି କରିଛନ୍ତି ମାତ୍ର । ଯହିଁ ଦୁଃଖ ଓ ଶୋକର ଚିତ୍ର ଦିଆ-ଯାଇଛି, ସେଠି ପ୍ରକୃତିକୁ ଦୀନ, ରୁକ୍ଷ ଭାବରେ ଫୁଟାଇ କବି ତାଙ୍କର ରସକୁ ଅଧିକ ଗଭୀର କରିବାକୁ ଚାହିଁଛନ୍ତି । ଟେନିସନ୍‌ ପ୍ରକୃତିର ଯେଉଁ ଚିତ୍ର ଆଙ୍କୁଥିଲେ, ତାହା

Digitized by srujanika@gmail.com

ଖାମ୍ ଖିଆଲ ନୁହେଁ, ବିଜ୍ଞାନ ସମ୍ମତ । ବାହ୍ୟଜଗତରେ ସତ୍ୟମୂଳକ ଘଟଣା ଉପରେ ସେ ଶିଳ୍ପୀର ତୂଳିକା ଚଳାଇ ତାକୁ ଚିତ୍ରିତ କରୁଥିଲେ ।

ମଧ୍ୟବିତ୍ତ ସମ୍ପ୍ରଦାୟର ଦୃଷ୍ଟିକୋଣରୁ କବି ଜୀବନକୁ ଦେଖିଛନ୍ତି । ଏକ ଦିଗରେ ଅଭିଜାତ ପ୍ରତି ସମ୍ମାନ, ଶାନ୍ତିମୂର୍ତ୍ତି ଜୀବନ ପ୍ରତି ଶ୍ରଦ୍ଧା, ଅପର ଦିଗରେ ଦାରିଦ୍ର୍ୟପୀଡ଼ିତଙ୍କ ପ୍ରତି ସହାନୁଭୂତି, ସଂସାର ଜଟିଳତାରେ ପୂର୍ଣ୍ଣ ଥିଲା ହିଁ, ସମାଜରୁ ସମସ୍ତ ଆବର୍ଜନା ଦୂର କରିବାର ଆକାଂକ୍ଷା ପ୍ରାଚୁର୍ଯ୍ୟ ବ୍ୟସ୍ତ ଅଭିଜାତ ଜୀବନର ଚିତ୍ର ଆଙ୍କିଛନ୍ତି — ରାଜା, ଧାର୍ମିକ, ବଣିକଶ୍ରେଣୀ, ଭିକ୍ଷୁକଙ୍କୁ । ଦାରିଦ୍ର୍ୟର ଦୃଷ୍ଟିକୋଣରୁ ସେ ସମାଜକୁ ବିଚାର କରନାହାନ୍ତି । ତାଙ୍କ ଲେଖାରେ ବିଦ୍ରୋହର ବହ୍ନି ନାହିଁ, ଆଦର୍ଶର ଉନ୍ମାଦନା ନାହିଁ, ଶେଲିଙ୍କର ତେଜସ୍ୱିତା ନାହିଁ, ଅଛି ମଧୁର ଶାନ୍ତିମୟ ସୁରର ଉଦ୍‌ବୋଧ ।

ଭାଷାଶୈଳୀ ଉପରେ ଟେନିସନ୍ ବହୁତ ଜୋର ଦେଉଥିଲେ । ଚିତ୍ରିତ ଭାଷା ଓ ଭାବଦ୍ୟୋତକ ପ୍ରକାଶ-ଭଙ୍ଗୀ ପ୍ରତି ସେ ଯେଉଁ ପରିମାଣରେ ଯତ୍ନବାନ୍, ଭାଷାର ମାର୍ଜିତ, କଥାବସ୍ତୁର ଶୃଙ୍ଖଳତା ପ୍ରତି ବ୍ରାଉନିଂ ସେହି ପରିମାଣରେ ଉଦାସୀନ । ଟେନିସନ୍ ଯାହାକୁ ଦର୍ଶନ ବୋଲି ଆଖ୍ୟା ଦେଇ ଅତି ଯତ୍ନ ସହକାରେ ଚିତ୍ରିତ ଭାଷାବୃନ୍ତରେ ସଜାଉଥାନ୍ତି, ଯାହାକୁ ତାଙ୍କର ବାଣୀ ବୋଲି ସମସ୍ତଙ୍କ ଆଗରେ ବାଢ଼ିଥାନ୍ତି ତାହା ଅନେକ ସମୟରେ ଅତି ତୁଚ୍ଛ ଭାବନା ମାତ୍ର । ଅପର-ପକ୍ଷରେ ବ୍ରାଉନିଂ ଅତି ଉଚ୍ଚ ଆଦର୍ଶକୁ ଅସ୍ପଷ୍ଟ, ଦୀନ ଭାଷାରେ ପ୍ରକାଶ କରିଥାଆନ୍ତି — ଭାଷା ଚୟନ ପଦ୍ଧତିକୁ ବଲ୍‌କୁଲ୍ ଅବହେଳା କରି ।

ବ୍ରାଉନିଂ (ଖ୍ରୀ: ଅ: ୧୮୧୨—୧୮୮୯) ଶୈଶବ ଅବସ୍ଥାରୁ ତାଙ୍କର ଧୀମତ୍ତା ଓ କବିତ୍ୱର ପରିଚୟ ଦେଉଥିଲେ । ତାଙ୍କୁ ଯେତେବେଳେ ମାତ୍ର ବାରବର୍ଷ ବୟସ, ସେ ତାଙ୍କର ପ୍ରଥମ କବିତାଗୁଚ୍ଛ ଲେଖିଥିଲେ କିନ୍ତୁ ପ୍ରକାଶକ ଅଭାବରେ ସେ ସେଗୁଡ଼ିକୁ ଚୁଲ୍ଲୀରେ ପକାଇଦେଲେ । ତଥାପି ସେ ଲେଖିବା ଛାଡ଼ି ଦେଇ ନ ଥିଲେ । କିନ୍ତୁ ବହୁକାଳ ଯାଏ ତାଙ୍କ କବିତା ଇଂଲଣ୍ଡରେ ଆଦୃତ ହୋଇ ନ ଥିଲା । ଯୌବନରେ ସେ ଏଲିଜାବେଥ୍ ବାରେଟ୍ ବୋଲି ଜଣେ ବୟୋଜ୍ୟେଷ୍ଠା ନାରୀକବିଙ୍କର କବିତାରେ ମୁଗ୍ଧ ହୋଇ ତାଙ୍କ ସହିତ ବିବାହ କରିବାକୁ ମନସ୍ଥ କଲେ । କିନ୍ତୁ କନ୍ୟାର ପିତା ବିବାହ ଲାଗି ସମ୍ମତ ନ ହେବାରୁ ସେମାନେ ଗୋପନରେ ବିବାହ ହୋଇ ଇଂଲଣ୍ଡ ଛାଡ଼ି ଇଟାଲୀ ଚାଲିଗଲେ । ଇଟାଲୀରେ ବ୍ରାଉନିଂଙ୍କର ଜୀବନର ବହୁବର୍ଷ କଟିଥିଲା ଓ ଇଟାଲୀ ବ୍ରାଉନିଂଙ୍କର କବି ପ୍ରତିଭାକୁ ଅନେକାଂଶରେ ପ୍ରଭାବିତ କରିଥିଲା । ଯୌବନ ଓ ପ୍ରେମଗୀତିକା କବିଙ୍କ କଣ୍ଠ ଭରି ଯାଇଛନ୍ତି, ଆନନ୍ଦମୟ ଉଚ୍ଛ୍ୱାସପୂର୍ଣ୍ଣ ଗାନ । କବିଙ୍କର ମତରେ ପ୍ରେମର କାଞ୍ଚନ-ସ୍ପର୍ଶ ଧରଣୀର ସବୁ ଦୁଃଖଦୈନ୍ୟ ଦୂରକୁ ଠେଲିଦିଏ, ଜୀବନକୁ ନବଯୌବନରେ ଅଭିଷିକ୍ତ କରେ ।

ବ୍ରାଉନିଂ ଅତି ଉଚ୍ଚ କୋଟୀର ଆଶାବାଦୀ ଥିଲେ । ପ୍ରତ୍ୟେକ ବିଷୟକୁ ସେ ଏକ ନୂଆ ଦୃଷ୍ଟିକୋଣରୁ ଦେଖୁଥିଲେ । ବ୍ରାଉନିଂଙ୍କ ମତରେ ଆମେ ଧର୍ମର ଲଉଡ଼ି ଧରି ଜୀବନର ଗତିପଥ ଚାଲି ପାରିବା ନାହିଁ, ପ୍ରକୃତିର ସ୍ରୋତରେ ବି ଆପଣାକୁ ଭସାଇ ଦେଇ ପାରିବା ନାହିଁ । ପ୍ରକୃତିରେ ଭଲ ଓ ମନ୍ଦ ଉଭୟ ଅଛି, ତାହାର ନୀତିଶିକ୍ଷା ବିଷୟରେ କୌଣସି ପ୍ରଶ୍ନ ଉଠି ପାରେନାହିଁ । ଭାଗ୍ୟ ଉପରେ ବି ନିର୍ଭର କରାଯାଇ ନ ପାରେ, କାରଣ ଅନେକ ସମୟରେ ତ ଧର୍ମର ପରାଜୟ ଓ ପାପର ଜୟ ହୋଇଥାଏ ! କେବଳ ଆପଣା ଆତ୍ମାର ବାଣୀ ଶୁଣିବା । ତାହା ଭ୍ରାନ୍ତି ଉପରେ ପ୍ରତିଷ୍ଠିତ ହେଲେ ବି ଆତ୍ମାର ବାଣୀଦ୍ୱାରା ଚାଳିତ ଜୀବନ ଅର୍ଥହୀନ ନୁହେଁ । ଅନ୍ତରର ବାଣୀ ମନରେ ବଳ ଦିଏ, ଅଭିଳାଷର ସଞ୍ଚାର କରେ, ହୃଦୟକୁ ଶକ୍ତିମାନ୍ କରେ, ପ୍ରାଣକୁ ଉଦ୍ଦୀପିତ କରେ, ସେଥିପାଇଁ ତାହା କାମ୍ୟ । ଯେଉଁ ପ୍ରାଣରେ ସ୍ପନ୍ଦନ ନାହିଁ, ଯେଉଁ ଜୀବନରେ ବ୍ୟକ୍ତିତ୍ୱ ଲୋପ ପାଇଛି, ସେ ଜୀବନର ମୂଲ୍ୟ ନାହିଁ, ଅର୍ଥ ନାହିଁ । ଏହି ମୌଳିକ ତତ୍ତ୍ୱ ପ୍ରୟୋଗ କରି ବ୍ରାଉନିଂ କେତେକ ବ୍ୟକ୍ତିଙ୍କର ଚରିତ୍ର

Digitized by srujanika@gmail.com

ମାନଙ୍କର କବିତାରେ ଫୁଟାଇଛନ୍ତି - ଆପାତତଃ ସାମାନ୍ୟ ଭ୍ରଷ୍ଟ କେତୋଟି ଜୀବନ; କିନ୍ତୁ ଅନ୍ତରର ନାର୍ଶଦ୍ୱାର ପ୍ରଣୋଦିତ ହୋଇଥିବାରୁ ସେହି ସବୁ ମହାନ ହୋଇ ପରିଛି, ସେହି ଭ୍ରଷ୍ଟ ଜୀବନ ଅର୍ଥପୂର୍ଣ୍ଣ ହୋଇଛି । ବ୍ରାଉନିଂଙ୍କର ଏହି କବିତା ଗୁଡ଼ିକରେ ସେମାନଙ୍କର ନାଟ୍ୟକାର ପ୍ରତିଭା ପ୍ରତିଭାତ ହୋଇଛି ଚରିତ୍ରର ନିଜ ଦୃଷ୍ଟିକୋଣରୁ ସେ ଦୁନିଆକୁ ଦେଖିଛନ୍ତି, ସେମାନଙ୍କର ମନୋଭାବ, କ୍ଷଣିକ ଭାବନାକୁ ଫୁଟାଇ ପାରିଛନ୍ତି । ବ୍ରାଉନିଂଙ୍କର କବିତାବଳୀ ମଧ୍ୟରେ ପିପା ପାସେସ୍ ( Pippa Passes ) ନାଟକୀୟ କବିତାବଳୀ ରଜା ଭିକ୍ଟର ଓ ରଜା ଚାର୍ଲସ ।

ଏ ଯୁଗରେ ଅନ୍ୟ କବିମାନଙ୍କ ମଧ୍ୟରେ ରୋଜେଟି ( Rossetti ), ମରିସ୍ ( morris ), ସୁଇନ୍‌ବର୍ଣ୍ଣ ( Swinburne ) ଓ ବ୍ରାଉନିଂଙ୍କ ସ୍ତ୍ରୀ ଏଲିଜାବେଥ୍ ବ୍ରାଉନିଂ ଉଲ୍ଲେଖଯୋଗ୍ୟ । ରୋଜେଟିଙ୍କ ଷ୍ଟାଇଲ୍, ମୋରିସ୍‌ଙ୍କର ସୌନ୍ଦର୍ଯ୍ୟ ପିପାସା, ସୁଇନ୍‌ବର୍ଣ୍ଣଙ୍କର ଲାଳିତ୍ୟ ସେମାନଙ୍କର ଲେଖାକୁ ଆଦରଣୀୟ କରିଛି । ଏଲିଜାବେଥ୍ ବ୍ରାଉନିଂଙ୍କର ଦାନ ମୂଲ୍ୟବାନ୍ ଚତୁର୍ଦ୍ଦଶପଦୀ କବିତା ଗୁଚ୍ଛ ।

ଜନସାଧାରଣଙ୍କ ମଧ୍ୟରେ ଶିକ୍ଷାର ବହୁଳ ପ୍ରଚାର ହେବାରୁ ଗଦ୍ୟ ସାହିତ୍ୟର ଅଧିକ ଲୋଡ଼ା ହେଲା, ବିଶେଷତଃ ଗଳ୍ପ ଓ ଉପନ୍ୟାସର । ଏହି ସମୟରେ ଇଂଲଣ୍ଡରେ ଶିଳ୍ପକେନ୍ଦ୍ର ସଂଖ୍ୟା ବହୁତ ବଢ଼ିଯାଇଥାଏ- ଅଧିକାଂଶ ଲୋକେ ନଗରବାସୀ । ସ୍କଟ୍, ଜେନ୍ ଅଷ୍ଟିନ୍ ପ୍ରଭୃତି ଯେଉଁ ଉପନ୍ୟାସ ଲେଖିଥିଲେ ସେଥିରେ ନଗରବାସୀ ସେମାନଙ୍କର ଜୀବନର ଛବି ପାଉନ୍ତେ-ନାହିଁ - ଗ୍ରାମ୍ୟ ଜୀବନ ନେଇ ତାହା ଗଠିତ ହୋଇଥିଲା । ଚାର୍ଲସ୍ ଡିକେନ୍‌ସ୍ ( Charles Dickens ) ସହରର ଜୀବନକୁ ଚିତ୍ର କରି ଉପନ୍ୟାସ ଲେଖିବାରେ ପ୍ରଥମ । ବାଲ୍ୟବୟସରେ ଦାରୁଣ ଦାରିଦ୍ର୍ୟର ସମ୍ମୁଖୀନ ହୋଇ ସେ ସହରତଳି ଜୀବନ ସହିତ ଅତି ଘନିଷ୍ଠ ଭାବେ ପରିଚିତ ଥିଲେ । ଡିକେନ୍‌ସ୍ ଉଚ୍ଚଶିକ୍ଷା ପାଇବାର ସୁଯୋଗ ପାଇ ନ ଥିଲେ । ପ୍ରଥମେ ମୋହରର, ପରେ ସର୍ଟ୍‌ହ୍ୟାଣ୍ଡ ଲେଖକ ହୋଇ ଆପଣାର ଜୀବିକା ନିର୍ବାହ କରିଥିଲେ । କରୁଣ ରସ ସହିତ ହାସ୍ୟରସ ମିଳାଇ ଲେଖିବାର ଅଦ୍ଭୁତ କୌଶଳ ଡିକେନ୍‌ସ୍‌ଙ୍କର ଉପନ୍ୟାସକୁ ପାଠକ ନିକଟରେ ଆଦୃତ କରି ପାରିଥିଲା । ଏକ ଆଖିରେ ହସାଇ, ଆର ଆଖିରେ କନ୍ଦାଇ ଡିକେନ୍‌ସ୍ ସମାଜ ସଂସ୍କାର ଲାଗି ଉପାଖ୍ୟାନ ଛଳରେ ଅତର୍କିତ ଭାବରେ ନୀତିଶିକ୍ଷା ଦିଅନ୍ତି । ତାଙ୍କର ଲେଖା ମାନବିକତାରେ ପୂର୍ଣ୍ଣ, ସବୁରି କଷ୍ଟରେ ତାଙ୍କର ସହାନୁଭୂତି ବିପୁଳ ଓ ଉଦାର । ଦରିଦ୍ର ବସ୍ତି ଚରିତ୍ର ଓ ଘଟଣାକୁ ଆଖି ଆଗରେ ନଚେଇ ଦେବାର ଶକ୍ତି ତାଙ୍କର ଥିଲା । ହାସ୍ୟ ରସର ବାହୁଲ୍ୟ ହେତୁରୁ ଡିକେନ୍‌ସ୍‌ଙ୍କ ଚରିତ୍ର ଚିତ୍ରଣ ଅଧିକାଂଶ ସମୟରେ କାର୍ଟୁନ ଛବି ଭଳି ହୋଇଥାଏ । ବଳିଷ୍ଠ କଳ୍ପନା, ଅଦ୍ୱିତୀୟ ଶୈଳୀ, ଜୀବନ୍ତ ବର୍ଣ୍ଣନା, ଚରିତ୍ର ଚିତ୍ରଣ କରିବାରେ ଚମତ୍କାରିତା ଡିକେନ୍‌ସ୍‌ଙ୍କୁ ଇଂଲଣ୍ଡର ସର୍ବଶ୍ରେଷ୍ଠ ଔପନ୍ୟାସିକ ଆସନ ଦେଇଅଛି । ତାଙ୍କର ବହୁ ଉପନ୍ୟାସ ମଧ୍ୟରୁ ମାତ୍ର କେତୋଟିର ନାମ ଦିଆଗଲା — ପିକ୍‌ୱିକ୍, ଡେଭିଡ୍, କପରଫିଲ୍ଡ, ଓଲିଭର ଟୁଇଷ୍ଟ, ନିକୋଲାସ୍ ନିକୋଲବି ।

ଏ ଯୁଗର ଆଉ ଏକ ବଡ଼ ଔପନ୍ୟାସିକ ହେଉଛନ୍ତି ଉଇଲିୟମ୍ ଥ୍ୟାକରେ ( Willam make Peace Thackeray ) । ଥ୍ୟାକରେ କଲିକତାରେ ( ଖ୍ରୀ: ଅ: ୧୮୧୧ ) ଜନ୍ମ, ତାଙ୍କର ପିତା ଥିଲେ ଇଷ୍ଟ ଇଣ୍ଡିଆ କମ୍ପାନୀର ଜଣେ କର୍ମଚାରୀ । ସାତବର୍ଷ ବେଳେ ଥ୍ୟାକରେ ଇଂଲଣ୍ଡକୁ ଫେରି ଆସିଲେ । ତାଙ୍କ ପ୍ରଧାନ ଉପନ୍ୟାସ ମଧ୍ୟରେ ଏସ୍‌ମଣ୍ଡ, ଭେନିଟି ଫେଆର୍ ( Vanity Fair ), ରାଉଣ୍ଡ ଏବାଉଟ୍ ପେପର୍ସ ( Rowndabout Papers ), ଆଗନ୍ତୁକ ( The New-Comer ) । ଥ୍ୟାକରେ ସମାଜର ତଥାକଥିତ ଦୁଷ୍ଟଚରିତ୍ର, ଠକ ଓ ପାଜିମାନଙ୍କର ମନସ୍ତତ୍ତ୍ୱ ପ୍ରକାଶ କରିବାରେ ବିଶେଷ ଦକ୍ଷତା ଦେଖାଇଛନ୍ତି । ଏକଦିଗରେ ଡିକେନ୍‌ସ୍ ଯେପରି ଜାତୀୟ ଦୁର୍ବଳତାକୁ ବ୍ୟଙ୍ଗ କରିଛନ୍ତି, ଥ୍ୟାକରେ ଅପର ଦିଗରେ ସେହିପରି ସାମାଜିକ ପାରଂପରିକ ରୀତିକୁ ବିଦ୍ରୂପ କରିଛନ୍ତି

Digitized by srujanika@gmail.com

ଡିକେନ୍‌ସ୍‌ଙ୍କର ଲେଖାରେ ଅନ୍ତରଞ୍ଜନ ବହୁ ସ୍ଥଳରେ ଦେଖାଯାଏ । ଥେକରେ କିନ୍ତୁ ଅତି ଦାମ୍ଭିକ ଢଙ୍ଗରେ ଅଭିଜାତ ପକ୍ଷପାତୀ ।

ଏହି ଯୁଗରେ ଅନ୍ୟାନ୍ୟ ବହୁ ଉପନ୍ୟାସ-ଲେଖକ ଓ ଲେଖିକା ସାହିତ୍ୟର କଳେବର-ବୃଦ୍ଧି ସାଧନ କରିଛନ୍ତି । ଭିକ୍ଟୋରିଆ ଯୁଗର ଶେଷଭାଗରେ ଆମେ ଦୁଇଜଣ ଔପନ୍ୟାସିକଙ୍କର ନାମ ଶୁଣିବାକୁ ପାଉଁ — ଜର୍ଜ ମେରିଡ଼ିଥ୍ ଓ ଟୋମସ୍ ହାର୍ଡି (Thomas Hardy) । ମେରିଡ଼ିଥ୍ ସମସାମୟିକ ଜାତୀୟ ରୀତି-ନୀତିର ବର୍ଣ୍ଣନା କରି ଜାତୀୟ ଦୋଷଦୁର୍ବଳତା ଓ ଗୁଣ-ପ୍ରତି ପାଠକମାନଙ୍କର ଦୃଷ୍ଟି ଆକର୍ଷଣ କରିଛନ୍ତି । ହାର୍ଡି କଳ୍ପନା କରିଛନ୍ତି ଏକ ଭାଗ୍ୟଚକ୍ର - ଅଚେତନ, କଲ ଭଲ - ଯାହା ଧର୍ମାଧର୍ମ ନିର୍ବିଶେଷରେ ମନୁଷ୍ୟର ଜୀବନକୁ ନିୟନ୍ତ୍ରିତ ବା ନିଷ୍ପେଷିତ କରୁଛି । ତାଙ୍କର ଉପନ୍ୟାସଗୁଡ଼ିକର ଗଳ୍ପ ଏହି ଦର୍ଶନ ଉପରେ ପ୍ରତିଷ୍ଠିତ ମେରିଡିଥ୍ ଜୀବନରେ ଆନନ୍ଦ ଓ ଆଲୋକ ଦେଖିଥିଲେ, ହାର୍ଡି ଦୁଃଖ ଓ ନୈରାଶ୍ୟର ଅନ୍ଧକାରରେ ତାଙ୍କର ଉପନ୍ୟାସଗୁଡ଼ିକୁ ଅତି ମର୍ମନ୍ତୁଦ କରିଛନ୍ତି । ତତ୍‌କାଳୀନ ସମାଜରେ ବହୁ ସତ୍ ଲୋକଙ୍କର ଦାରିଦ୍ର୍ୟ ଓ ଦୁରବସ୍ଥା ଓ ବହୁ ଅସତ୍ ଲୋକଙ୍କର ବୈଷୟିକ ଉନ୍ନତି ଦେଖି ଧର୍ମାଧର୍ମ ଦୃଷ୍ଟିକୋଣରୁ ଏ ବୈଷମ୍ୟର କୌଣସି ସମାଧାନ ନ ପାଇ ଏକ ଦିଗରେ ମେରିଡିଥ୍ 'ଜୀବନରେ ସୁଖଦୁଃଖ, ଭଲମନ୍ଦ ଲାଗି ରହିଛି, ସବୁ ଉପଭୋଗ କର' କହି ସନ୍ତୁଷ୍ଟ ରହିଛନ୍ତି, ଅପର ଦିଗରେ ହାର୍ଡି ଏକ କାଳ୍ପନିକ ଭାଗ୍ୟଚକ୍ର ଦ୍ୱାରା ସମସ୍ୟାର ଏକ ସରଳ ସମାଧାନ କରି ଦେଇଛନ୍ତି ।

ଜନ୍ ରସ୍‌କିନ୍ ଓ ଟୋମସ୍ କାର୍ଲାଇଲ୍ ନାମକ ଦୁଇଜଣ ପ୍ରତିଭାଶାଳୀ ବ୍ୟକ୍ତି ଏହି ଯୁଗରେ ଜନ୍ମଗ୍ରହଣ କରିଥିଲେ । ଏମାନଙ୍କର ସାହିତ୍ୟକୁ ଦାନ ବିପୁଳ ହୋଇ ନ ଥିଲେ ବି ଯୁଗର ଚିନ୍ତାଧାରାକୁ ଏମାନେ ବିଶେଷଭାବେ ପ୍ରଭାବିତ କରିଥିଲେ । ରସ୍କିନ୍‌ଙ୍କର ପ୍ରତିଭା ବହୁମୁଖୀ ଥିଲା । ସେ ଏକାଧାରରେ ଥିଲେ ଚିତ୍ରକଳା ତଥା ସାହିତ୍ୟର ସମାଲୋଚକ, ସମାଜ ସଂସ୍କାରକ ଓ ଶିକ୍ଷାବିତ୍ । ଶିଳ୍ପ ସଭ୍ୟତାରେ ଯେଉଁ ଦୋଷ ଦେଖା-ଦେଇଥିଲା - ଧନହିଁ ମୂଳ - ଏହି ମନୋଭାବ ବିରୁଦ୍ଧରେ ସେ ପ୍ରଚାର କରିଥିଲେ ଯେ କର୍ମ ଓ ଜୀବନ ସତ୍ୟ, କାମ୍ୟ, ଧନ ନିମିତ୍ତ ମାତ୍ର । ନିମିତ୍ତକୁ ଆମେ ଜୀବନର ଉଦ୍ଦେଶ୍ୟ ବୋଲି ଭାବିବା ହେତୁ ସମାଜରେ ଏତେ ଦୈନ୍ୟ, କୁଣ୍ଠିତତା ସ୍ଥାନ ପାଇଛି । ଯୁଗର କୁଳବୃଦ୍ଧ ଶିକ୍ଷାଗୁରୁ କାର୍ଲାଇଲ୍ ବ୍ୟକ୍ତିତ୍ୱ ଉପରେ ବେଶି ଜୋର ଦେଉଥିଲେ । ବଳଶାଳୀ ବ୍ୟକ୍ତିତ୍ୱ ଦ୍ୱାରା ଯୁଗ ପ୍ରବର୍ତ୍ତିତ ହୁଏ, ସମାଜର ଉତ୍ଥାନ ହୁଏ । ବୀର ମାନବ ଜାତିର ଶ୍ରେଷ୍ଠପୁରୁଷ, ତାହାରି ପ୍ରଭାବ, ବୁଦ୍ଧି ଓ ବ୍ୟକ୍ତିତ୍ୱ ସମାଜରୁ ସବୁ କଳଙ୍କ ଦୂର କରେ । ଏହି ଚିନ୍ତାଧାରା ଉପରେ କାର୍ଲାଇଲଙ୍କର ଅଧିକାଂଶ ଲେଖା ପ୍ରତିଷ୍ଠିତ । ବୀର ଓ ବୀରପୂଜା, ଫରାସୀବିପ୍ଳବ, କ୍ରମୱେଲ ପ୍ରଭୃତି ତାଙ୍କର ପ୍ରସିଦ୍ଧ ରଚନା । ଐତିହାସିକ ବିଷୟମାନ ନେଇ ସେ ଘଟଣାଗୁଡ଼ିକ ପଛରେ ଥିବା ଦାର୍ଶନିକ ସତ୍ୟ ପ୍ରତିଷ୍ଠା କରିଛନ୍ତି ଓ ସମସାମୟିକ ମନସ୍ତତ୍ତ୍ୱ ଦିଗରୁ ବିଷୟର ବିଚାର କରିଛନ୍ତି । ଏହାଦ୍ୱାରା ଐତିହାସିକ ବିଷୟବସ୍ତୁ ଗୁଡ଼ିକ ଜୀବନ୍ତ ଓ ନାଟକୀୟ ହୋଇ ଉଠିଛି, ଆଉ ଶୁଷ୍କ ଘଟଣାର ସମନ୍ୱୟ ହୋଇ ରହିନାହିଁ ।

ଶତାବ୍ଦୀର ଶେଷକୁ ଜୀବନରେ ଏକ ନବଧାରା ଦେଖାଦେଲା । ରାଜାରାଜୋଡ଼ାର ଏକଛତ୍ର ଶାସନକୁ ଯେଉଁ କୁଳସଭ୍ୟତା ଲୋପ କରି ଗଣତନ୍ତ୍ର ପ୍ରତିଷ୍ଠା କରିବା ଦ୍ୱାରା ଲୋକମାନଙ୍କ ମନରେ ଆଶାର ସଞ୍ଚାର କରିଥିଲା, ସେ ସଭ୍ୟତା ବୁର୍ଜୁୟାର ଶୋଷଣ ଫଳରେ ଏକ ଉତ୍କଟ ଆକାର ଧାରଣ କରିଥାଏ । ଦେଶର ଶ୍ରମିକ ପେଟର ଦାଉରେ ଚିତ୍କାର କରିବାକୁ ଆରମ୍ଭ କଲେ, ଜନସାଧାରଣଙ୍କ ପକ୍ଷରେ ଜୀବନ କ୍ରମଶଃ ଦୁର୍ବହ ହୋଇ ଉଠିଲା, ଲୋକେ ଅନୁଭବ କଲେ ଯେ ଏ ସମାଜରେ କାହିଁ ଦୋଷ ରହିଯାଇଛି । ଲୋକଙ୍କର ଆଶାର ସୌଧ ତୁଟି ପଡ଼ୁଛି, ବାୟୁରେ ହାହାକାରର ଆର୍ତ୍ତନାଦ, ଅଦୂରରେ ପୁଞ୍ଜିବାଦର ଉତ୍କଟ ସମସ୍ୟା - ଏହି ସମୟରେ ପଟପରିବର୍ତ୍ତନ ହେଲା ବିଂଶ ଶତାବ୍ଦୀକୁ, ଆଧୁନିକ ଜୀବନକୁ ।

—XOX—

Digitized by srujanika@gmail.com

# ପୁସ୍ତକ ପରିଚୟ

## ନେତାଜୀ ସୁଭାଷ

ଲେଖକ ଶ୍ରୀଯୁକ୍ତ ରାମପ୍ରସାଦ ମହାନ୍ତି । ପ୍ରକାଶ ଭାର ଗ୍ରହଣ କରିଛନ୍ତି ଅରୁଣୋଦୟ ପ୍ରେସ ମୂଲ୍ୟ ୪ଟଙ୍କା ମାତ୍ର ।

ନେତାଜୀଙ୍କ ଜୀବନ ଚରିତ୍ର ଉଣା ଅଧିକେ ଏ ଦେଶର ପ୍ରତ୍ୟେକ ଦେଶପ୍ରେମୀଙ୍କୁ ଜଣା । ଏ ଭଳି ବୀର ପୁରୁଷଙ୍କ ଜୀବନୀ ଯେତେ ବହୁଳ ଭାବରେ ପ୍ରକାଶ କରାଯାଇ ପାରନ୍ତା; ବୋଧହୁଏ ଲେଖକ ଉତ୍କଳ-ଦେଶର ସମସ୍ତ ପାଠକମାନଙ୍କର ଆର୍ଥିକ ଅବସ୍ଥା ଅନୁଭବ କରି ସେ ଭଳି ବିସ୍ତୃତ ପୁସ୍ତକ ନ ଲେଖି କ୍ଷୁଦ୍ରାକାରରେ ଅଳ୍ପ ମୂଲ୍ୟରେ ପ୍ରକାଶ କରିଅଛନ୍ତି । ଦରିଦ୍ର ପାଠକ ଶ୍ରେଣୀରେ ମଧ୍ୟ ଏହି ବହିର ବହୁଳ ପ୍ରଚାର ହେବ । ଲେଖକ ନେତାଜୀ ସୁଭାଷଙ୍କର ଜୀବନୀ ବଡ଼ ସୁନ୍ଦର ଭାଷାରେ ପ୍ରକାଶ କରି ପାରିଅଛନ୍ତି । ଆମେ ଏହି ଲେଖକଙ୍କ ଠାରୁ ଏହି ଭଳି ବୀର ଜୀବନୀ ମାଳା ଆହୁରି ଦେଖିବାର ଆଶା କରୁ ।

## ମୁକ୍ତିର ଆହ୍ୱାନ

ଲେଖକ ଶ୍ରୀ ଚନ୍ଦ୍ରମଣି ପାଣିଗ୍ରାହୀ । ମୂଲ୍ୟ ଛଅଣା ମାତ୍ର

ସ୍ୱାଧୀନ ଭାରତୀୟ ଯୁକ୍ତରାଷ୍ଟ୍ର ଭିତରେ ଏକ ସ୍ୱାଧୀନ ସହଯୋଗୀ, ଅର୍ଥନୈତିକ ବୈଷମ୍ୟ ବିହୀନ ସମାଜତାନ୍ତ୍ରିକ ଉତ୍କଳ ରାଷ୍ଟ୍ରର ପ୍ରତିଷ୍ଠା କଳ୍ପନା କରି ଲେଖକ ପୁସ୍ତକ ପ୍ରଣୟନ କରିଅଛନ୍ତି । ଆମର ଆଶା ପ୍ରତ୍ୟେକ ଓଡ଼ିଆ ପାଠକ ପୁସ୍ତକଟି ପଢ଼ି ନିଶ୍ଚୟ ଲେଖକଙ୍କର ଚିନ୍ତା ଓ କଳ୍ପନାର ଅନୁପ୍ରେରଣା ଲାଭ କରିବେ ।

Digitized by srujanika@gmail.com

# ଯୁଗଧାରା

## ଭାଗ ଭାଗ ଭାରତ

ଇଂରେଜ ସରକାର ଭାରତକୁ ପୂର୍ଣ୍ଣ ସ୍ୱାତନ୍ତ୍ର ଶାସନ କ୍ଷମତା ଦେବା କଥା । ୧୯୪୬ ମସିହା ମଇ ମାସ ୧୬ ତାରିଖ ବେଳାତ ମନ୍ତ୍ରୀ ମିସନ ଘୋଷଣାରୁ ଜଣାପଡ଼ିଥିଲା । ତେବେ ଭାରତକୁ ଗୋଟାଏ ଦେଶ ରୂପେ ସ୍ୱୀକାର କରି କଂଗ୍ରେସ ଓ ମୁସଲିମ ଲିଗ ଦୁଇଟି ଦଳକୁ ସମ୍ମିଳିତ ଭାବରେ ସେହି କ୍ଷମତା ମିଳିବ କି ନାହିଁ ସେ ସମ୍ବନ୍ଧରେ ନାନା ସନ୍ଦେହ ଓ ଜଳ୍ପନା କଳ୍ପନା ବର୍ଷେ ହେଲା ଲୋକଙ୍କ ମନରେ ଚାଲିଥିଲା । ଗତବର୍ଷ ମଇ ୧୬ ତାରିଖଠାରୁ କଲିକତାରେ ହିନ୍ଦୁ ମୁସଲମାନଙ୍କ ମଧ୍ୟରେ ଯେଉଁ ଭୟାବହ ହତ୍ୟାକାଣ୍ଡ ଘଟିଲା ସେଥିରୁ ଦୁଇଟି ଜାତି ଏକତ୍ର ରହିବା ଅସମ୍ଭବ ବୋଲି ପ୍ରମାଣ ମିଳିଥିଲା । କଲିକତାଠାରେ ଏହି ହତ୍ୟାକାଣ୍ଡ ଭାରତର ବିଭିନ୍ନ ପ୍ରଦେଶରେ ଓ ବିଭିନ୍ନ ସ୍ଥାନରେ ବ୍ୟାପିଥିଲା । ବଙ୍ଗ ପ୍ରଦେଶର କଲିକତା, ନୁଆଖାଲି, ପଞ୍ଜାବ ପୁଣି ବିହାରରେ ଦୁଇ ଜାତି ମଧ୍ୟରେ ହତ୍ୟାର ବିଭୀଷିକା ଦେଖି ଉଠି ଭାରତ ଯେ ଗୋଟାଏ ଜାତି ନୁହେ ଏହି କଥାକୁ ବାରମ୍ବାର ପ୍ରମାଣ କଲା ।

ଏହା ଫଳରେ ଏବେ ହିନ୍ଦୁସ୍ଥାନ ଓ ପାକିସ୍ଥାନ ରୂପେ ଭାରତବର୍ଷ ଦ୍ୱିଖଣ୍ଡିତ ହୋଇଗଲା । ଇଂରେଜ ସରକାର ଶିଖ୍, ହିନ୍ଦୁ ଓ ମୁସଲମାନ ନେତାମାନଙ୍କ ପରାମର୍ଶରେ ଏହିପରି ଦୁଇଟି ରାଜ୍ୟ ରୂପେ ଭାରତକୁ ସ୍ୱୀକାର କରି ଓ ନେତାମାନଙ୍କ ସମ୍ମତି ଅନୁରୂପ ଦୁଇ ରାଜ୍ୟକୁ ପୂର୍ଣ୍ଣ ସ୍ୱାତନ୍ତ୍ର ଶାସନ କ୍ଷମତା ହସ୍ତାନ୍ତର କରି ଭାରତବର୍ଷରୁ ଆଗାମୀ ବର୍ଷ ଜୁନ ମାସ ମଧ୍ୟରେ ବିଦାୟ ନେବେ ବୋଲି ଜଣାଇ ଦେଇଛନ୍ତି ।

କିନ୍ତୁ ପ୍ରଧାନତଃ ଭାରତ ଦୁଇଭାଗରେ ବିଭକ୍ତ ହେଲେ ମଧ୍ୟ ଏହିପରି ଏକ ଭେଦ ସୃଷ୍ଟି ଫଳରେ ଦେଶୀୟ ରାଜ୍ୟମାନଙ୍କ ମଧ୍ୟରୁ ହାଇଦ୍ରାବାଦ ନିଜାମଙ୍କ ପ୍ରମୁଖ ବଡ ବଡ ରାଜ୍ୟମାନେ ସମ୍ପୂର୍ଣ୍ଣ ସ୍ୱାଧୀନ ହେବାପାଇଁ ଦାବୀ କରିଛନ୍ତି । କ୍ଷୁଦ୍ର କ୍ଷୁଦ୍ର ରାଜ୍ୟମାନେ ମଧ୍ୟ ମିଳିତ ଭାବରେ ପୂର୍ବ ଗଡ଼ଜାତ ଓ ଦାକ୍ଷିଣାତ୍ୟ ରାଜନ୍ୟ ମଣ୍ଡଳୀ ଭଳି ରାଷ୍ଟ୍ରସଂଘ ଗଠନ କରି ସ୍ୱୀୟ ସ୍ୱାର୍ଥ ସଂରକ୍ଷଣ ପାଇଁ ଉଦ୍ୟମ କରୁଛନ୍ତି ।

## ଏଥିପାଇଁ କିଏ ଦାୟୀ ?

ଗାନ୍ଧିଜୀ କହିଛନ୍ତି ଯେ ଭାରତରେ ଏହି ଭେଦ ସୃଷ୍ଟି ପାଇଁ କାହାରିକୁ ଦାୟୀ କରାଯାଇ ନ ପାରେ । ଏହା କେବଳ ପରିସ୍ଥିତିର ପ୍ରେରଣା ଓ ଘଟଣା ଚକ୍ରର ଅବଶ୍ୟମ୍ଭାବୀ ପରିଣତି । ଏଥିଲାଗି ସେ ଇଂରେଜ ସରକାର କିମ୍ବା ମୁସଲିମ ଲିଗ କାହାରି ଉପରେ ଦୋଷ ଦେଉନାହାନ୍ତି । କାହାରିଙ୍କି ଦୋଷ ଦେବାର ବାଟ ବୋଧ ହୁଏନାହିଁ । ପୁଣି ସ୍ୱଏତ ସେ ବୁଝୁଥିବେ ଯେ ଭାରତର ସବୁଠାରୁ ବଡ ଓ ଶକ୍ତିଶାଳୀ ରାଜନୀତିକ ଅନୁଷ୍ଠାନ ରୂପେ କଂଗ୍ରେସ ଯେତେବେଳେ ଏହି ଦେଶକୁ ଏକତ୍ରିତ କରି ନ ପାରିଲା ସେତେବେଳେ ଏ ଦାୟିତ୍ୱ ତାହାରି କିମ୍ବା ତାଙ୍କର ନିଜର ହୋଇପାରେ । ଏଥିଲାଗି ମଧ୍ୟ ଜଣେ ନାରୀ ତାଙ୍କ ଉପରେ ଦୋଷ ଦେଇ ସେ କାହିଁକି ମୃତ୍ୟୁ ପର୍ଯ୍ୟନ୍ତ ଅନଶନ କରିବେନାହିଁ ବୋଲି ପଚାରିଥିବାରୁ ଗାନ୍ଧିଜୀ ତାହାର ଜବାବ ଦେଇ କହିଛନ୍ତି, ଯେ ସେ କଂଗ୍ରେସର ଜଣେ ସେବକମାତ୍ର । କଂଗ୍ରେସ ନେତାମାନେ ଯେତେବେଳେ ଏହି ଯୋଜନାରେ ଲିଗ୍ ଓ ଶିଖ୍ ନେତାମାନଙ୍କ ସହିତ ଏକମତ ହୋଇଛନ୍ତି ତେଣୁ ସେ ଉକ୍ତ ସିଦ୍ଧାନ୍ତକୁ ମାନିନେବାକୁ ବାଧ୍ୟ । ଅବଶ୍ୟ ଗାନ୍ଧିଜୀ ଏବେ ମଧ୍ୟ ଆଶା ପୋଷଣ କରନ୍ତି ଯେ ଏହି ଭେଦ ପରେ ପୁଣି ମିଳନ ସମ୍ଭବ ହୋଇପାରେ ଓ ଜିନାଙ୍କ ସହିତ ଭିନ୍ନ ଭିନ୍ନ ସ୍ଥାନ ବୁଲି ସାମ୍ପ୍ରଦାୟିକ ସମସ୍ୟା ସେ ସମାଧାନ କରିପାରନ୍ତି । କିନ୍ତୁ ସେ ସମାଧାନ ଯେ ପୂର୍ବରୁ ହୋଇ ନ ପାରିଲା ଓ କଂଗ୍ରେସକୁ ଜିନା କେବଳ ହିନ୍ଦୁ ଅନୁଷ୍ଠାନ ବୋଲି

Digitized by srujanika@gmail.com

ଯାହା କହୁଥିଲେ ଶେଷରେ ତାହାକୁ ଯେ ସେହିଭଳି ପ୍ରମାଣିତ କଲେ ଏ କଥା ଅଉତ ବୁଝିବାକୁ ବାକି ରହିଲାନାହିଁ । ଅଉ ମଧ୍ୟ ବୁଝିବାକୁ ବାକି ରହିଲାନାହିଁ ଯେ ଯେଉଁମାନେ ଭାରତର ନେତା ରୂପେ ଜାତୀୟ ସ୍ୱାଧୀନତା ପାଇଁ ଲଢୁଥିଲେ କିମ୍ବା ଯେଉଁ ପତ୍ରପତ୍ରିକା ଜାତୀୟବାଦୀ ବୋଲି ନିଜର ପରିଚୟ ଦେଉଥିଲେ ସେହିମାନେହିଁ ପରୋକ୍ଷରେ ବା ପ୍ରତ୍ୟକ୍ଷରେ ହେଉ, ଇଚ୍ଛାରେ ହେଉ ବା ଅନିଚ୍ଛାରେ ହେଉ, ସାମ୍ପ୍ରଦାୟିକତାର ତୀବ୍ର ବିଷ ଉଦ୍‌ଗୀରଣ ଲାଗି ଅଳ୍ପାଧିକ ପରିମାଣରେ ଦାୟୀ ବୋଲି ଧରିବାକୁ ହେବ । ଅନ୍ୟ କାହାରିକୁ ଦାୟୀ କରାଗଲେ କଂଗ୍ରେସର ନେତୃତ୍ୱ ବା କର୍ତ୍ତୃତ୍ୱ ତେବେ ରହିବ କେଉଁଠାରେ ?

## ସମାଧାନର ପଥ

ପୃଥକ୍ ହେବା ପରେ ଯେଉଁ ଆଶାବାଦୀ ଭାରତୀୟ ନେତାମାନେ ହିନ୍ଦୁ ମୁସଲମାନଙ୍କର ପୁନର୍ମିଳନ ଘଟିବ ବୋଲି ବିଚାରନ୍ତି, ସେହିମାନଙ୍କର ଏ ଦିଗରେ ଯଥେଷ୍ଟ କର୍ତ୍ତବ୍ୟ ଅଛି । ଦୁଇ ସମ୍ପ୍ରଦାୟ ମଧ୍ୟରୁ ତିକ୍ତ ଭାବ ଘୁଞ୍ଚାଇ ପୁଣି ବନ୍ଧୁଭାବରେ ସେମାନଙ୍କୁ ମିଳାଇବା ଓ ପାକିସ୍ଥାନ ହିନ୍ଦୁସ୍ଥାନ ଗୋଟାଏ ରାଜ୍ୟରେ ପରିଣତ କରିବା ସହଜ ସାଧ୍ୟ ନୁହେଁ; କଥାରେ ଅଛି "ଭିନେ ହେଲା ଭାଇ ପଡ଼ଶା ପଣକୁ ଯୋଗାଏ ନାହିଁ ।" ତେଣୁ ଏ ଦୁହେଁ ମିଳିତ ହେବା ଅପେକ୍ଷା ଅନ୍ୟ କୌଣସି ବାହ୍ୟ ଶକ୍ତିକୁ ଡାକିଆଣି ପରସ୍ପରକୁ ଦମନ କରିବା ଚେଷ୍ଟାରେ ଭାରତ ଇତିହାସର ପୁନରାବୃତ୍ତି କରିବେ କି ନାହିଁ ତାହା କିଏ ଜାଣେ ଓ ଇଂରେଜମାନେ ଭାରତକୁ ଆସିବା ପୂର୍ବରୁ ଏ ଦେଶର ଗୃହ ବିବାଦ ଓ ଅନ୍ତର୍ଯୁଦ୍ଧ ଯେପରି ସେମାନଙ୍କ ପଥକୁ ସୁଗମ କରି ଦେଇଥିଲା, ଆଜି ଦୁଇଶହ ବର୍ଷ ପରେ ସେମାନେ ଏଠାରୁ ଚାଲି-ଯାଉଥିବାବେଳେ ଠିକ୍ ସେହିଭଳି ଅବସ୍ଥା ଘଟୁଛି କି ନାହିଁ କିଏ କହିବ ? ତଥାପି ଦେଶରେ ଏ ଘଡ଼ି ସଙ୍କଟ-ବେଳେ ପ୍ରତ୍ୟେକ ଚିନ୍ତାଶୀଳ ଶିକ୍ଷିତ ନେତୃସ୍ଥାନୀୟ ବ୍ୟକ୍ତି ନିଜ ନିଜର କର୍ତ୍ତବ୍ୟ ହୃଦୟଙ୍ଗମ କରିବା ଉଚିତ । ସମ୍ବାଦ ପତ୍ର ଓ ସାହିତ୍ୟ ପତ୍ରର ସମ୍ପାଦକମାନେ ମଧ୍ୟ ମୁଖ୍ୟତଃ ମିଳନ ପାଇଁ ଉଦ୍ୟମ-ଶୀଳ ହେବା ଆବଶ୍ୟକ । କଳା କୃଷ୍ଟି ବା ସଂସ୍କୃତିର ଯେଉଁମାନେ ଉପାସକ ସେମାନେ ମଧ୍ୟ ଭାରତୀୟ ସଂସ୍କୃତିକୁ ଏକ ଅଖଣ୍ଡ ଅବିଭାଜ୍ୟ ସଂସ୍କୃତି ରୂପେ ଚିନ୍ତା କରିବା ଆବଶ୍ୟକ । ପରସ୍ପର ସାହିତ୍ୟ ସଂସ୍କୃତିକୁ ଆମ୍ଭେମାନେ ଯେପରିମାଣରେ ସମ୍ମାନ ଦେଖାଇବ । ପରସ୍ପରକୁ ବୁଝିବାର ପଥ ସେତିକି ସୁଗମ ହେବ ଓ ପରସ୍ପର ମଧ୍ୟରେ ମିଳନ ସହଜ ହେବ ।

## ସାହିତ୍ୟର କର୍ତ୍ତବ୍ୟ

ଭାରତୀୟମାନେ ଯେ ଗୋଟିଏ ଜାତି ନୁହିଁ ଭାରତର ସ୍ୱାର୍ଥ ଯେ ପୃଥିବୀ ପୃଷ୍ଠରେ ଅନ୍ୟାନ୍ୟ ଦେଶର ସ୍ୱାର୍ଥ ଭଳି ଗୋଟିଏ ଅଖଣ୍ଡ ଅଚ୍ଛେଦ୍ୟ ସ୍ୱାର୍ଥ ତାହା ପ୍ରତ୍ୟେକ ଶିକ୍ଷିତ ବ୍ୟକ୍ତି ପ୍ରମାଣ କରିବା ଯେତିକି ଆବଶ୍ୟକ ସାହିତ୍ୟ କ୍ଷେତ୍ରରେ ମଧ୍ୟ ପ୍ରତ୍ୟେକ ଲେଖକଙ୍କର ଲେଖନୀ ଏହି ଦିଗରେ ପରିଚାଳିତ ହେବ ସେତିକି । ପ୍ରତ୍ୟେକ ଗ୍ରନ୍ଥକାର, କବି, ନାଟ୍ୟକାର, ଔପନ୍ୟାସିକ, ପତ୍ରପତ୍ରିକାର ସମ୍ପାଦକ ଓ ଲେଖକ ହସ୍ତରେ ବର୍ତ୍ତମାନ ଏକ ଗୁରୁ ଦାୟିତ୍ୱ ନ୍ୟସ୍ତ ଅଛି । ଭାରତବର୍ଷର ରାଜନୀତିକ ଜୀବନରେ ଯେଉଁ ଆମୂଳ ପରିବର୍ତ୍ତନ ଆସିଅଛି ପୁଣି ତାହାର ଭାବ ସମାଜରେ ଯେତେ ପଡ଼ିବ, ସେହି ପରିସ୍ଥିତିର ସମ୍ମୁଖୀନ ହୋଇ ଏ ଦେଶକୁ ଦୁଃଖ ଦୁର୍ଦ୍ଦିନରୁ ଉଦ୍ଧାର କରିବା ସଙ୍ଗେ ସଙ୍ଗେ ନୂତନ ପରିସ୍ଥିତିକୁ ଗ୍ରହଣ କରିବା ପାଇଁ ଯଥାର୍ଥରେ ଶକ୍ତି ସାହସ ଆଣିଦେବ ସାହିତ୍ୟ, କଳା ବା କୃଷ୍ଟି । ପୃଥିବୀର ସବୁ ଜାତିଙ୍କ ଦୃଷ୍ଟି ଭାରତର ଏହି ନୂତନ ପରିବର୍ତ୍ତନ ପ୍ରତି ଆକୃଷ୍ଟ ହୋଇଅଛି । ପୁଣି ସବୁ ଦେଶର ଇତିହାସର ଯାହା ଆଲୋଚନା କଲେ ଦେଖାଯାଏ ଯେ ପ୍ରତ୍ୟେକ ଜାତିର ଅଭ୍ୟୁତ୍ଥାନର ପ୍ରାରମ୍ଭରେ ଭୀଷଣ ଗୃହ ବିବାଦ ରକ୍ତପାତ ହତ୍ୟା ପ୍ରଭୃତି ସାମାଜିକ ବିଶୃଙ୍ଖଳା ଦେଖା ଦେଇଥାଏ । ଭାରତରେ ଏହି ବିଭୀଷିକାକୁ ଏଡ଼ିବା-ପାଇଁ ରାଜନୀତି କ୍ଷେତ୍ରରେ ମଧ୍ୟ ଅହିଂସା ନୀତିର ଗୋଟାଏ ପ୍ରାଧାନ୍ୟ ଅଛି । କିନ୍ତୁ ଏହି ନୀତିର ଅନେକ ଭକ୍ତ ମଧ୍ୟ

Digitized by srujanika@gmail.com

ଅଙ୍କ ତାହା ପାଦପାଖେ ପକାଇ ଥିବାର ଦେଖାଯାଏ । ରାଜନୀତି କିମ୍ବା ସମାଜ କ୍ଷେତ୍ରରେ ନେତାମାନେ ଭାରତକୁ ହତ୍ୟା ବିଭୀଷିକାରୁ ବଞ୍ଚାଇବା ପାଇଁ ଏହି ନୀତି ଓ ଆଦର୍ଶକୁ ପ୍ରାଧାନ୍ୟ ଦେବା ଯେତିକି ବାଞ୍ଛନୀୟ ସାହିତ୍ୟକାର ଲେଖନୀ କିମ୍ବା ଶିଳ୍ପୀର ତୁଳୀ ମଧ୍ୟ ସେ ବାଟରେ ନିୟୋଜିତ ହେବା ସେତିକିଟି ଲୋଡ଼ା ।

## ଅନ୍ୟାନ୍ୟ ବିଭାଗ

ସାହିତ୍ୟ ଏବଂ ଶିଳ୍ପକଳା ଛାଡ଼ିଦେଲେ ବୈଜ୍ଞାନିକ ଐତିହାସିକ, ଭୌଗୋଳିକ, ପ୍ରତ୍ନତତ୍ତ୍ୱବିତ୍ ପ୍ରଭୃତି ସମସ୍ତଙ୍କର ମହାଭାରତୀୟ ବେଦ ଓ ମହାଭାରତୀୟ ମିଳନହିଁ ଏକମାତ୍ର ଲକ୍ଷ୍ୟ ନ ହେଲେ ଏ ଦେଶ ପୃଥିବୀ ପୃଷ୍ଠରେ ଗୋଟିଏ ଜାତି ବୋଲି ସ୍ୱତନ୍ତ୍ର ହେବା ସମ୍ଭବ ନୁହେ । ବିଶ୍ୱ ଦରବାରରେ ଭାରତକୁ ତାହାର ନିଜସ୍ୱ ଆସନ ଅଧିକାର କରିବାକୁ ହେଲେ ସବୁ ଶ୍ରେଣୀର ଲୋକଙ୍କୁ ହିଁ ଗୋଟିଏ ବଳିଷ୍ଠ ସମ୍ପ୍ରଦାୟ ଗଠନ କରିବାକୁ ପଡ଼ିବ । ଯେଉଁ ବିଜ୍ଞ ପ୍ରତ୍ନତତ୍ତ୍ୱ ଗବେଷଣା କରନ୍ତି କିମ୍ବା ଇତିହାସ ଅନୁଶୀଳନ କରନ୍ତି ତାଙ୍କୁ ମଧ୍ୟ ମନେରଖିବାକୁ ହେବ ଯେ ତାଙ୍କର ଗ୍ରନ୍ଥ ବା ଗବେଷଣାରୁ ଯେପରି ଏ ଦେଶରେ ଭେଦ ଭାବ ସୃଷ୍ଟି ନ ହୋଇ ମୈତ୍ରୀ ଓ ସଦ୍‌ଭାବର ସଞ୍ଚାର ହୁଏ ।

ସ୍କୁଲ କଲେଜରେ ଛାତ୍ରମାନଙ୍କୁ ଯେଉଁ ପାଠ୍ୟପୁସ୍ତକ ଦ୍ୱାରା ଶିକ୍ଷା ଦିଆଯାଏ ସେହି ପାଠ୍ୟ ବିଷୟ ଗୁଡ଼ିକର ମଧ୍ୟ କଠୋର ନିୟନ୍ତ୍ରଣ ଆବଶ୍ୟକ । ବେଶିରୁ ଜାତିଭେଦ, ସାମ୍ପ୍ରଦାୟିକ ବିଦ୍ୱେଷ ଉଠାଇବା ଦିଗରେ ଭୂଗୋଳ ଇତିହାସଠାରୁ ଆରମ୍ଭ କରି ଅଙ୍କ ସାହିତ୍ୟ ଆଦି ସକଳ ବିଷୟରେ ଏହି ଦିଗକୁ ଲକ୍ଷ୍ୟକରି ପାଠ୍ୟ-ପୁସ୍ତକ ଲିଖିତ ହେବା ଲୋଡ଼ା । ଉଦାହରଣ ସ୍ୱରୂପ ଭାରତର ଭୂଗୋଳ ଯେ ହିନ୍ଦୁସ୍ଥାନ ବା ପାକିସ୍ଥାନ ରୂପେ ଦୁଇ-ଭାଗରେ ଖଣ୍ଡିତ ନୁହେଁ, ପୁଣି ତାଜମହଲ କିମ୍ବା କୋଣାର୍କ ମନ୍ଦିର କେବଳ ମୁସଲମାନ ବା ହିନ୍ଦୁମାନଙ୍କର ଐତିହାସିକ କୀର୍ତ୍ତି ନ ହୋଇ ଭାରତୀୟ ଶିଳ୍ପକଳାର ଚିନ୍ତାଧାରା ଯେ ତାହାଙ୍କର ଚରମ ବିକାଶ ଲାଭ କରିଛି ଏହି ଧାରଣା ଛାତ୍ରମାନଙ୍କ ମନରେ ଜନ୍ମାଇଦେବା ଉଚିତ ।

## ଇଂରେଜଙ୍କ ବିଦାୟର ଅର୍ଥ ଭାରତର ସ୍ୱାଧୀନତା ନୁହେ—

ଇଂରେଜମାନେ ଏ ଦେଶରୁ ବିଦାୟ ନେଇ ଗଲେ ଅର୍ଥ ଯେ ଭାରତବର୍ଷ ସ୍ୱାଧୀନତା ଲାଭକଲା, ଏହି କଥା ଭାବିବା ମାରାତ୍ମକ ଭ୍ରମ । ଶାସନ କ୍ଷେତ୍ରରେ ଇଂରେଜ-ମାନଙ୍କ କର୍ତ୍ତୃତ୍ୱ ଲୋପ ପାଇବ ଓ ଭାରତୀୟମାନେ ସେହି କର୍ତ୍ତୃତ୍ୱକୁ ନିଜ ହାତରେ ନେବେ କିନ୍ତୁ ଏହି ଦେବା-ନେବା ଭିତରେ ପୁଣି କର୍ତ୍ତୃତ୍ୱକୁ ହାତରେ ନେଇ ଯଥାଯଥ ରୂପେ ତାହାକୁ ବ୍ୟବହାର କରିବା ସମ୍ବନ୍ଧରେ ବହୁ ଶିକ୍ଷଣି ବଞ୍ଚାଇଯାଉଛି । ଭାରତବର୍ଷର ପଡ଼ୋଶୀ ରାଜ୍ୟ ଚୀନରେ ବିଦେଶୀ କର୍ତ୍ତୃତ୍ୱ ନ ଥାଇ ସ୍ୱଦେଶୀ ଥିଲେ ମଧ୍ୟ ଯୁଗ ଯୁଗ ଧରି ଅନ୍ତର୍ବିବାଦ ଫଳରେ କିମ୍ବା ଜାପାନର ଆକ୍ରମଣ ଫଳରେ ସେ ଦେଶର ଭାଗ୍ୟ ପଞ୍ଜିକା ଯେପରି ପ୍ରତିକୂଳ ହୋଇ ରହିଛି ଓ ବିଶ୍ୱ ଦରବାରରେ ମାନବ ସଭ୍ୟତାର ଏକ ପ୍ରାଚୀନତମ ତୀର୍ଥକ୍ଷେତ୍ର ଚୀନକୁ ଯେଉଁ ନଗଣ୍ୟ ସ୍ଥାନ ମିଳିଛି, ତାହା କାହାରିକୁ ଅବିଦିତ ନାହିଁ । ଇଂରେଜମାନେ ଚାଲିଯିବା ଦ୍ୱାରା ଭାରତୀୟ ସ୍ୱାଧୀନତାର ଅର୍ଥ ଯଦି ଚୀନର ସ୍ୱାଧୀନତା ଭଳି ହୁଏ ତାହାହେଲେ କେବଳ "ନାହିଁ ମାମୁଁଠାରୁ କଣା ମାମୁଁ ଭଲ" ବୋଲି ଭାରତକୁ ଯବରଦସ୍ତି ସନ୍ତୁଷ୍ଟ ରହିବାକୁ ହେବ ସିନା ! କିନ୍ତୁ ଚୀନ ଭଳି ଯଦି ବର୍ଷ ବର୍ଷ ଧରି ରକ୍ତପାତ, ଗୃହ ବିବାଦ, ଓ ବୈଦେଶିକ ଆକ୍ରମଣରେ ପଡ଼ିବାକୁ ହୁଏ ତାହାହେଲେ ମହୁରଗରୁ ଯାଇ କାନ୍ତାରରେ ପଡ଼ିବା ଭଳି କଥା ।

ଏହାପରେ ଭାରତୀୟ ସ୍ୱାଧୀନତାର ରୂପ ଯଦି ପାକିସ୍ଥାନରେ ବା ହିନ୍ଦୁସ୍ଥାନରେ ସାମ୍ପ୍ରଦାୟିକବାଦ ବା ବିବାଦ ଉପରେ ଭିନ୍ନ ଆକାର ଧାରଣ କରେ ଓ ଦୈନିକ ନରହତ୍ୟା ଓ ନର ରକ୍ତର ସ୍ରୋତରେ ଭାରତର ସ୍ୱାଧୀନତା ନାବ ଚାଳିତ ହୁଏ ସେଥିଲାଗି

Digitized by srujanika@gmail.com

ସବୁ ସ୍ୱାର୍ଥର ସମ୍ମିଳନ ଉଦ୍ୟମ ହେଲେ ସମ୍ଭବ ହେବ ତାହା କହିବା କଠିନ ।

କାରଣ କଂଗ୍ରେସ ରାଜନୀତିରେ ଅହିଂସା ଭଳି ମାନବ ସମାଜର ସର୍ବୋଚ୍ଚ ନୀତି ବା ଆଦର୍ଶ ଥିଲେହେଁ ଓ ଏହା ସମଗ୍ର ପୃଥିବୀର ଏକ ଅଦ୍ୱିତୀୟ ନୀତି ବା ଆଦର୍ଶ ହେଲେ ମଧ୍ୟ ଏହି ନୀତି ବା ଆଦର୍ଶ ନୂଆଖାଲି, ବିହାର କିମ୍ବା ପଞ୍ଜାବରେ ବିଶେଷ କିଛି ସୁଫଳ ଦେଖାଇ ଥିବାର ଜଣାଯାଏ ନାହିଁ । ଭାରତୀୟ ରାଜନୀତି କ୍ଷେତ୍ରରେ ଅହିଂସା ଧର୍ମ ଥାଉଁ ଥାଉଁ ଏହି ସବୁ ସ୍ଥାନରେ ଯେଉଁ ବୀଭତ୍ସ ହତ୍ୟା ବିଭୀଷିକା ଦେଖା ଦେଲା ତାହାର ପୁନରାବୃତ୍ତି ଅନ୍ୟ ରୂପରେ ବା ଆକାରରେ ଅନ୍ୟ ସ୍ଥାନରେ ଯେ ଦେଖା ନ ଦେବ ତାହା କୁହାଯାଇ ନ ପାରେ । ବରଂ ତୃତୀୟ ପକ୍ଷ ରୂପେ ଇଂରେଜ ଶାସନ କର୍ତ୍ତୃତ୍ୱ ଅଦ୍ୟାପର୍ଯ୍ୟନ୍ତ ଭାରତର ବିଭିନ୍ନ ସ୍ୱାର୍ଥକୁ ଯେପରି ଆବୃତ କରି ରଖିଥିଲା ତାହା ଅପସରି ଯିବା ମାତ୍ରେ ଉକ୍ତ ସ୍ୱାର୍ଥ ଗୁଡ଼ିକ ମଧ୍ୟରେ ସଂଘର୍ଷର ଆକାର ଯେ ଭୀଷଣତର ହେବ, ଏହାର ସମ୍ଭାବନା ଅଧିକ ।

## କଂଗ୍ରେସର ଛଦ୍ମବେଶ

କଂଗ୍ରେସ ଯେତେ ଶକ୍ତିଶାଳୀ ଓ ତ୍ୟାଗୀ ବା ପୂଜ୍ୟ ନେତାମାନଙ୍କ ଦ୍ୱାରା ପରିପୁଷ୍ଟ ହେଲେହେଁ ଏହା ଯେ ଦୋଷ ଶୂନ୍ୟ ନୁହେଁ, ପୁଣି ବାଣିଜ୍ୟ ବ୍ୟବସାୟୀମାନଙ୍କର ସ୍ୱାର୍ଥ ସହିତ ଏହା ଯେ ନାନା ଭାବରେ ଜଡ଼ିତ ହୋଇ ପଡ଼ୁଛି, ସେଥି ସଙ୍ଗେ ସଙ୍ଗେ ଅନ୍ୟାନ୍ୟ ସକଳ ସ୍ୱାର୍ଥକୁ ମଧ୍ୟ ଏହାକୁ ସ୍ୱୀକାର କରିବାକୁ ହେବ । ନାନା ଦିଗରୁ ଧନିକ ବ୍ୟବସାୟୀମାନଙ୍କର ସ୍ୱାର୍ଥ କଂଗ୍ରେସର ନୀତି ଉପରେ ପ୍ରଭାବ ବିସ୍ତାର କରିଥିବାରୁ ଓ ନାନା କ୍ଷେତ୍ରରେ ଏହି ଧନିକ ବ୍ୟବସାୟୀମାନଙ୍କ ସହିତ ଶ୍ରମିକମାନଙ୍କ ସ୍ୱାର୍ଥର ସଂଘର୍ଷ ଘଟିଥିବାରୁ ସେହି ସକଳ କ୍ଷେତ୍ରରେ କଂଗ୍ରେସ ନେତୃତ୍ୱ ଦୁର୍ବଳ ହୋଇ ପଡ଼ୁଛି । ଅଦ୍ୟାପି ମଧ୍ୟ ଏହି କାରଣରୁ କଳା ଯୋଗେଇ ବା ଚୋରାବଜାର ଅବାଧରେ ଚାଲିଛି । ବରଂ କାହାରି କାହାରି ମତରେ ଖୋଦ୍ ସରକାରଙ୍କ ଦ୍ୱାରା ଏଠାର ଶାସନ ଚାଲିଥିବା-ବେଳେ ଚୋର-ବଜାରି, ବ୍ୟବସାୟୀ ଲୋକଙ୍କୁ ଯେଉଁଭଳି ଗିରଫ କରାଯାଇ ଦଣ୍ଡ ଦିଆଯାଉଥିଲା ବର୍ତ୍ତମାନ ସେଭଳି ହେବା ତ ଦୂରର କଥା, ସେହିମାନଙ୍କୁ ହିଁ ଠିକ୍‌କମିଟି ତଦାରଖ ନିଯୁକ୍ତ କରାଯାଇଅଛି ।

ଅବଶ୍ୟ ଧନିକ ବ୍ୟବସାୟୀମାନଙ୍କୁ ଧରି ଶିଳ୍ପ ବାଣିଜ୍ୟର ପ୍ରସାର କରିବା ସଙ୍ଗେ ସଙ୍ଗେ ରାଜନୀତି କ୍ଷେତ୍ରରେ ନିଜ ନିଜର ଦଳକୁ ବଳଶାଳୀ କରିବାର ଉଦାହରଣ ପୃଥିବୀର ଅନ୍ୟାନ୍ୟ ଦେଶରେ ମଧ୍ୟ ଦେଖାଯାଏ । ତଥାପି ଏହି ଭଳି ଉପାୟ ଦ୍ୱାରା ଭାରତ ଜାତୀୟ କଂଗ୍ରେସ ଯଦି ଶକ୍ତି ସଞ୍ଚୟ କରେ ତାହାହେଲେ ଶ୍ରମିକ ବା କୃଷକ ସମସ୍ୟାରେ ସମାଧାନ କରିବା କଥା ଯେ କେବଳ ରାଜନୀତିକ ଫନ୍ଦିର ଗୋଟାଏ ଛଦ୍ମବେଶ ମାତ୍ର ସେଥିରେ ଆଉ ସନ୍ଦେହ ରହିବ କି ?

## ଜିନାଙ୍କ ନୀତି ଓ ଦେଶୀୟ ରାଜ୍ୟ

ମୁସଲିମ୍ ଲିଗ୍‌ର ନେତା ମହମ୍ମଦ ଆଲି ଜିନା ଭାରତକୁ ଭାଗ ଭାଗ କରିବାକୁ ଯାଇ ଅନେକଙ୍କର ଅପ୍ରିୟ ହୋଇ ପଡ଼ିଥିଲେହେଁ ଓ ଦେଶର ସମୂହ ସ୍ୱାର୍ଥ ଦୃଷ୍ଟିରୁ ତାହାଙ୍କର ନୀତି ଭେଦାତ୍ମକ ବୋଲି ବାହାରକୁ ଦେଖା-ଦେଲେହେଁ କିମ୍ବା ଆଧୁନିକ ରାଜନୀତିରେ ସାମ୍ପ୍ରଦାୟିକ ସ୍ୱାର୍ଥର ପ୍ରବର୍ତ୍ତନ ମଧ୍ୟଯୁଗୀୟ ମନୋଭାବର ପରିଚୟ ଦେଉଥିଲେହେଁ ଭାରତୀୟ ମୁସଲମାନ ସମ୍ପ୍ରଦାୟର ମତ ଗତିର ନାୟକତ୍ୱ କରି ସେ ଯେ ତାଙ୍କର ନୀତିକୁ ଅତି ନିଖୁଣ ଭାବରେ ସ୍ପଷ୍ଟ ନିର୍ମଳ ନିରପେକ୍ଷ କରି ରଖିପାରନ୍ତି ଓ ତାହା ମଧ୍ୟରେ ଭିନ୍ନ ଭିନ୍ନ ସ୍ୱାର୍ଥକୁ ଜଡ଼ିତ କରି କୌଣସି ସ୍ୱାର୍ଥର ସୁରକ୍ଷା ଲାଗି ଅସମର୍ଥ ହୋଇ ନାହାନ୍ତି ତହିଁରେ ସନ୍ଦେହର ଅବକାଶ ନାହିଁ ।

ଭାରତର ଦେଶୀୟ ରାଜ୍ୟମାନେ ହିନ୍ଦୁସ୍ଥାନ ବା ପାକିସ୍ଥାନ ଶାସନ ସଂଘରେ ଯୋଗ ଦେବେକି ନାହିଁ ସେ ସମ୍ବନ୍ଧରେ ମୁସଲିମ୍ ଲିଗର ମତାମତ ଏଥିପୂର୍ବେ ଯାହା ସେ ଜଣାଇଥିଲେ ଆଉଥରେ ମଧ୍ୟ ତାହାରି ସୂଚନା ଦେଇ ସେ କହିଛନ୍ତି ଯେ ଅଧୀନ ଭୁକ୍ତିରୁ ଓ ମହାମହିମ

Digitized by srujanika@gmail.com

ସମ୍ରାଟଙ୍କର ଜୁନ ୩ ତାରିଖ ସରକାରୀ ଘୋଷଣା ଦୃଷ୍ଟିରୁ ଦେଶୀୟ ରାଜ୍ୟମାନେ ଖାସ ଭାରତ ଭଳି ସାର୍ବଭୌମ କ୍ଷମତା ଲାଭ କରିଥିବାରୁ ହିନ୍ଦୁସ୍ଥାନ ବା ପାକିସ୍ଥାନ ଅଥବା କୌଣସି ସ୍ଥାନରେ ଯୋଗ ଦିଅନ୍ତୁ ବା ନ ଦିଅନ୍ତୁ ସେମାନଙ୍କର ଆଭ୍ୟନ୍ତରୀଣ ବ୍ୟାପାରରେ ମୁସଲିମ୍ ଲିଗ୍‌ର ହସ୍ତକ୍ଷେପ କରିବା ନୀତି ବିରୁଦ୍ଧ।

କଂଗ୍ରେସ ନେତାମାନେ ଅବଶ୍ୟ ସାର୍ବଭୌମ କ୍ଷମତା ରାଜାମାନଙ୍କୁ ମିଳିବ କିମ୍ବା ରାଜ୍ୟର ଜନସାଧାରଣଙ୍କୁ ମିଳିବ ସେ ସମ୍ବନ୍ଧରେ ସେମାନଙ୍କର ଚିରାଚରିତ ଅଭ୍ୟାସ ଅନୁଯାୟୀ କେତେକ ଜଟିଳ ପ୍ରଶ୍ନର ଉତ୍ଥାପନ କରିଛନ୍ତି। କିନ୍ତୁ ହିନ୍ଦୁସ୍ଥାନ କିମ୍ବା ପାକିସ୍ଥାନ ଭଳି ଦେଶୀୟ ରାଜ୍ୟଗୁଡ଼ିକର ଆତ୍ମ ନିୟନ୍ତ୍ରଣ ଯେ ସେମାନଙ୍କ ଉପରେ ନିର୍ଭର କରେ ରାଜାପ୍ରଜାର ମଧ୍ୟରେ ବୁଝାମଣା ହୋଇ ଯେଉଁ ଶାସନ ସଂସ୍କାର ପ୍ରବର୍ତ୍ତିତ ହେବ ତାହା ଉପରେ ବାହାରର କୌଣସି ତୃତୀୟ ପକ୍ଷର ହସ୍ତକ୍ଷେପ କରିବା ଯେ ବଡ଼ ସଙ୍ଗତ ନୁହେଁ ଏ କଥା କେବଳ ଜିନ୍ନାଙ୍କ ଭଳି ଅଭିଜ୍ଞ ପଣ୍ଡିତ ଓ ରାଜନୀତି ବିଶାରଦ ପକ୍ଷରେ ବୁଝିବାର କଥା ନୁହେଁ। ଯେ କୌଣସି ସାଧାରଣ ବ୍ୟକ୍ତି ପକ୍ଷରେ ବୁଝିବା ମଧ୍ୟ ସହଜ ବୋଲି ମନେ ହେଉଥାଏ। ହିନ୍ଦୁସ୍ଥାନର ଆଭ୍ୟନ୍ତରୀଣ ବ୍ୟାପାରରେ ଯଦି ପାକିସ୍ଥାନର କିଛି କହିବାର ନ ଥାଏ ତାହାହେଲେ ରାଜ୍ୟମାନଙ୍କର ସାର୍ବଭୌମ କ୍ଷମତା ଫେରି ପାଇବା ସ୍ଥଳେ ସେମାନଙ୍କର ଆଭ୍ୟନ୍ତରୀଣ ପରିସ୍ଥିତି ସମ୍ବନ୍ଧରେ ହିନ୍ଦୁସ୍ଥାନ କିମ୍ବା ପାକିସ୍ଥାନର କର୍ତ୍ତୃପକ୍ଷଗଣ କୌଣସି ପ୍ରକାର ନିର୍ଦ୍ଦେଶ ସୂଚନା, ପ୍ରତିବେଦନ ଦେବା ନ୍ୟାୟ ଶାସ୍ତ୍ରର ସୂତ୍ର ମଧ୍ୟରେ ଥିବାପରି ଜଣାପଡ଼େ ନାହିଁ। ଭାରତୀୟ ଦେଶୀୟ ରାଜ୍ୟମାନଙ୍କ ଇତିହାସ ପରିସ୍ଥିତି ପୁଣି ରାଜାପ୍ରଜାର ସମ୍ପର୍କ ଓ ପ୍ରଜାମାନଙ୍କ ସ୍ୱାର୍ଥ ଖାସ ଭାରତର ଇତିହାସ ଓ ପ୍ରଜା ସ୍ୱାର୍ଥଠାରୁ ଯେ ବହୁପରିମାଣରେ ପୃଥକ୍ ଏହା ନ ବୁଝି ଦେଶୀୟ ରାଜ୍ୟର ଆଭ୍ୟନ୍ତରୀଣ ସମସ୍ୟାରେ କଂଗ୍ରେସର ହସ୍ତକ୍ଷେପ ପୁଣି କୌଣସି କୌଣସିଠାରେ ଷଡ଼ଯନ୍ତ୍ର ରାଜ୍ୟମାନଙ୍କୁ ଖାସ୍ ଭାରତ ସଙ୍ଗେ ମିଶାଇ ଦେବାର ପ୍ରସ୍ତାବ ଦ୍ୱାରା କଂଗ୍ରେସ ଯେଉଁ ଜଟିଳ ପରିସ୍ଥିତିର ଅବତାରଣା କରିଅଛନ୍ତି ତାହା ପ୍ରଣିଧାନର ଯୋଗ୍ୟ। ଖାସ୍ ଭାରତରେ ଜମିଦାର, ବ୍ୟବସାୟୀ କୃଷକ ବା ଶ୍ରମିକ ସମସ୍ୟାମାନ ସୁଧାରିବା, ପୁଣି ଭାଷା ସୂତ୍ରରେ ପ୍ରଦେଶ ଗଠନ ପ୍ରଭୃତି ବହୁ ସମସ୍ୟା ସଙ୍ଗେ ହିନ୍ଦୁସ୍ଥାନ ଓ ପାକିସ୍ଥାନ କଳହ ମେଣ୍ଟାଇବା ଆଗରୁ ଏପରିକି ଆମ୍ଭମାନଙ୍କର ନିକଟରେ ଥିବା ହୀରାକୁଦ ବନ୍ଧ ସମସ୍ୟା ଓ ସମ୍ବଲପୁର ଭାଇମାନଙ୍କର ଓଡ଼ିଶାରୁ ବିଚ୍ଛିନ୍ନ ହେବାର ଦାବୀ ଗୁଡ଼ିକର କୌଣସି ମୀମାଂସା ହେବା ପୂର୍ବରୁ ଗଡ଼ଜାତ ଭିତରେ ପଶି ଏଠାରେ ମଧ୍ୟ ଅର୍ଥନୀତିକ ଶୋଷଣ କରିବାର ଯେଉଁ ବ୍ୟବସ୍ଥା ହେଉଛି ସେଥିପ୍ରତି ଗଡ଼ଜାତବାସୀ ସାବଧାନ ହେବା ଉଚିତ।

## ଗୋପବନ୍ଧୁ ସ୍ମୃତି

ପଣ୍ଡିତ ଗୋପବନ୍ଧୁ ଦାସଙ୍କର ଜନ୍ମବାର୍ଷିକ ଶ୍ରାଦ୍ଧ ଉପଲକ୍ଷ୍ୟରେ କଟକରେ ଏବଂ ଓଡ଼ିଶାର ନାନା ସ୍ଥାନରେ ଉତ୍କଳବାସୀ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ଗୋପବନ୍ଧୁ ଏକାଧାରରେ କବି, ସାହିତ୍ୟିକ, ସାମ୍ବାଦିକ ଓ ଦେଶସେବକ ରୂପେ ନାନା କ୍ଷେତ୍ରରେ ଉତ୍କଳର ପଥ ପ୍ରଦର୍ଶକ ହୋଇଥିଲେ। ସାହିତ୍ୟ କ୍ଷେତ୍ରରେ ସମ୍ବାଦ ପତ୍ର — ସମ୍ପାଦକ ରୂପରେ ତାହାଙ୍କର ଭାଷା ଭାବ ଓ ଦୃଷ୍ଟିକୋଣ ଯେପରି ନିର୍ମଳ ଓ ସରଳ ଥିଲା ଦେଶ ସେବକ ରୂପେ ସେହି କାରଣରୁ ସେ ଜନପ୍ରିୟ ହୋଇପାରିଥିଲେ। ଗୋପବନ୍ଧୁଙ୍କ ସମୟରୁ ଓଡ଼ିଶା କୋଡ଼ିଏ ବର୍ଷ ପୂର୍ବେ ଯାହା ଥିଲା ଆଜି ତାହା ନାହିଁ। ଆଜି କେବଳ ମଦାନ୍ଧତା, କ୍ଷମତା ଲୋଭ, ଅହଂକାର ପ୍ରଭୃତି ହୀନବୃତ୍ତିଚୟ ମନ୍ଦନ ଦେଖା ଦେଇଅଛି। ଗୋପବନ୍ଧୁଙ୍କ ନେତୃତ୍ୱରେ କିମ୍ବା ତାହାଙ୍କ ଅନ୍ତେ ଯେଉଁମାନେ ଦିନେ ଦେଶପାଇଁ ସତ୍ୟାଗ୍ରହ କରି କାରାବରଣ କରିଥିଲେ ସେହିମାନେ ଆଜି ସରକାରୀ କର୍ତ୍ତୃତ୍ୱ ଲାଭକରି ହୀରାକୁଦ ବନ୍ଧ ଆନ୍ଦୋଳନର ସତ୍ୟାଗ୍ରହୀମାନଙ୍କୁ ଗିରଫ କରୁଛନ୍ତି। ଏପରିକି ନାରୀ ସତ୍ୟାଗ୍ରହୀମାନଙ୍କ ଉପରେ ମଧ୍ୟ ନିର୍ଯାତନା ହେଉଥିବାର ବହୁ ପ୍ରମାଣ ମିଳୁଛି। ଏଠାରେ

Digitized by srujanika@gmail.com

ଅବସ୍ଥା ଏପରି ସାଂଘାତିକ ହୋଇଛି ଯେ ଭୂତପୂର୍ବ କଂଗ୍ରେସ ମନ୍ତ୍ରୀ ଓ ସମ୍ବଲପୁରର ଜଣେ ନିଷ୍ଠାପର ଦେଶ ସେବକ ଶ୍ରୀଯୁକ୍ତ ବୋଧରାମ ଦୁବେ କଂଗ୍ରେସରୁ ତଥା ଶାସନ ବିଧାୟକ ସଭା ଓ ଓଡ଼ିଶା ବ୍ୟବସ୍ଥା ସଭାରୁ ମଧ୍ଯ ଇସ୍ତଫା ଦେବାକୁ ବାଧ୍ୟ ହୋଇଛନ୍ତି । ଗୋପବନ୍ଧୁ ଜୀବନ୍ତ ଥିଲେ ଏଭଳି ପରିସ୍ଥିତି ଉପୁଜନ୍ତା କି ନାହିଁ କିମ୍ବା ସେ କ୍ଷେତ୍ରରେ ତାଙ୍କର କର୍ତ୍ତବ୍ୟ କଣ ହୁଅନ୍ତା ତାହା ଆମ୍ଭମାନଙ୍କର ବିଚାର୍ଯ୍ୟ । କିନ୍ତୁ ସମ୍ବଲପୁରବାସୀଙ୍କୁ ଗିରଫ କରିବା ପୂର୍ବରୁ ସେ ଯେ ନିଜେ ଗିରଫ ହେବାକୁ ପ୍ରସ୍ତୁତ ହୁଅନ୍ତେ ସେଭଳି ଉଦାହରଣ ତାଙ୍କ ଜୀବନରେ ବିରଳ ନୁହେ ।

ସମାପ୍ତ

## ବିଶେଷ ବିଜ୍ଞପ୍ତି

୧ । ନୃତ୍ୟ, ଶିଳ୍ପ, ସଙ୍ଗୀତ ପ୍ରଭୃତି କଳା । କୃଷ୍ଟି ଓ ଛଉ ନାଚ ସମ୍ବନ୍ଧରେ ଗବେଷଣାମୂଳକ ପ୍ରବନ୍ଧ ତଥ ପୃଥିବୀ ବିଖ୍ୟାତ ଛଉ ନୃତ୍ୟ ଶିଳ୍ପୀ ସୁଭେନ୍ଦ୍ର-ଜୀବନୀ ଜାଣିବାକୁ ଇଚ୍ଛାଥିଲେ, 'ଚତୁରଙ୍ଗ'ର ସୁଭେନ୍ଦ୍ର-ସଂଖ୍ୟା ପଢନ୍ତୁ । ଏଗାର ଅଣା ମାତ୍ର ପଠାଇଲେ ପୋଷ୍ଟେଲ ସାର୍ଟିଫିକେଟ ଯୋଗେ ପଠାଇ ଦିଆଯାଏ ।

୨ । 'ଚତୁରଙ୍ଗ'ର ପ୍ରଥମ ବର୍ଷରେ ଯେ କୌଣସି ସଂଖ୍ୟାଠାରୁ ଗ୍ରାହକ ଶ୍ରେଣୀଭୁକ୍ତ ହୋଇ ପାରିବାର ପ୍ରଥା ଥିଲା, ମାତ୍ର ନାନା ଅସୁବିଧା ଦୃଷ୍ଟିରୁ ୨ୟ ବର୍ଷରେ ସେ ପ୍ରଥା ଆମେ ଆଉ ରଖି ନାହୁଁ । 'ଚତୁରଙ୍ଗ'ର ୨ୟ ବର୍ଷରେ କେବଳ ୧ମ ଓ ୭ମ ସଂଖ୍ୟାଠାରୁ ଗ୍ରାହକ ଶ୍ରେଣୀଭୁକ୍ତ କରାଯିବ । ସୁତରାଂ ଗତବର୍ଷ ଯେଉଁ ସହୃଦୟ ଗ୍ରାହକମାନେ ୨ୟ, ୩ୟ, ୪ର୍ଥ, ୫ମ ବା ୬ଷ୍ଠ ସଂଖ୍ୟାରୁ ବାର୍ଷିକ ପାଇଁ ଗ୍ରାହକ ହୋଇଥିଲେ, ସେମାନଙ୍କୁ ବିଶେଷ ସୁବିଧା ଦେଇ 'ଚତୁରଙ୍ଗ'ର ଦ୍ୱିତୀୟ ବର୍ଷର ଗ୍ରାହକ ହିସାବରେ ଯଥାକ୍ରମେ ୫୯୲, ୫୬, ୫୯୲, ୫୪, ୫୩୲ ପଠାଇବାକୁ ଅନୁରୋଧ କରୁଁ । କହିବା ବାହୁଲ୍ୟ ଯେ, ଉପର୍ଯ୍ୟୁକ୍ତ ମୂଲ୍ୟ ପଠାଇଲେ ସେମାନଙ୍କର ଗ୍ରାହକତ୍ୱର ମିଆଦ ୨ୟ ବର୍ଷର ଶେଷ ପର୍ଯ୍ୟନ୍ତ ରହିବ ।

ଯେଉଁ ସଂଖ୍ୟାରେ ଯେଉଁମାନଙ୍କର ଗ୍ରାହକତ୍ୱର ମିଆଦ ଶେଷ ହେବାର ଅଛି, ଠିକ ସେହି ସଂଖ୍ୟା ପାଇଲାପରେ ନୂତନ ବର୍ଷର ଦେୟ ସେମାନଙ୍କଠୁଁ ଯଦି ନ ପାଉଁ, ତା' ହେଲେ ପରବର୍ତ୍ତୀ ସଂଖ୍ୟା ଭି: ପି: ଯୋଗେ ପଠାଇବାକୁ ବାଧ୍ୟ ହେବୁଁ । ଯେଉଁମାନେ ୨ୟ ବର୍ଷ ପାଇଁ ଗ୍ରାହକ ହେବାକୁ ଅସମର୍ଥ ହେବେ, ସେମାନେ ଦୟାକରି ତୁରନ୍ତ ଜଣାଇବେ ।

ପରିଚାଳକ
**ଚତୁରଙ୍ଗ**

Printed & Published by Ganga Prasad Panda at the Kalamandal Printing Press
Balangir, Patna State.

Digitized by srujanika@gmail.com

## ନିୟମାବଳୀ:—

(୧) ଚତୁରଙ୍ଗ ପ୍ରତ୍ୟେକ ଓଡ଼ିଆ ମାସର ପ୍ରଥମ ଦିନ ପ୍ରକାଶିତ ହେବ । ଲେଖକମାନଙ୍କୁ ଅନୁରୋଧ ଯେ ନିଜ ନିଜର ରଚନା କାଗଜର ଗୋଟିଏ ପାଖରେ ପରିଷ୍କାର ଭାବେ ଲେଖିବେ ।

(୨) କୌଣସି ପ୍ରବନ୍ଧ ବା ରଚନା ସାଧାରଣତଃ ଚତୁରଙ୍ଗର ୬ ପୃଷ୍ଠାରୁ ଅଧିକ ନ ହେବା ବାଞ୍ଛନୀୟ । ଉପଯୁକ୍ତ ଡାକ ଟିକଟ ଯୋଗାଇଲେ ଅମନୋନୀତ ରଚନା ଫେରସ୍ତ ଦିଆଯିବ । ଅମନୋନୀତ ରଚନା ପାଇଁ ସଂପାଦକ କୌଣସି କାରଣ ଦର୍ଶାଇ ବାକୁ ବାଧ୍ୟ ନୁହନ୍ତି ।

(୩) କେବଳ ରଚନା ସଂପାଦକଙ୍କ ଠାକୁ ପଠାଇ ଚାନ୍ଦା, ଗ୍ରାହକ, ବିଜ୍ଞାପନ ଇତ୍ୟାଦି ଯାବତୀୟ ପରିଚାଳନା ସଂକ୍ରାନ୍ତ ବିଷୟରେ ପରିଚାଳକ 'ଚତୁରଙ୍ଗ'କୁ ଲେଖିବେ ।

(୪) ପତ୍ରାଦି ଆଦାନ ପ୍ରଦାନର ସୁବିଧା ପାଇଁ ସ୍ୱ ପ୍ରବନ୍ଧ ଆଦିରେ ଆପଣା ଆପଣା ନାମ ସହିତ ଠିକଣା ଲେଖିବା ପାଇ ଲେଖକ ଲେଖିକା ମାନଙ୍କୁ ଅନୁରୋଧ ।

ସମ୍ପାଦକ
ଚତୁରଂଗ'
ବଲାଂଗିର

### ବିଜ୍ଞାପନ

୧—ଚତୁରଙ୍ଗର ଦ୍ୱିତୀୟ ବର୍ଷରେ ବାର୍ଷିକ ମୂଲ୍ୟ ସଡ଼ାକ ୫୬୮ ଷାଣ୍ମାସିକ ମୂଲ୍ୟ ୫ ୩।୮ ମାତ୍ର ।
—ପ୍ରତ୍ୟେକ ସଂଖ୍ୟାର ମୂଲ୍ୟ ୫୦ ୪୬ ମାତ୍ର । ଗ୍ରାହକ ଚାନ୍ଦା ଅଗ୍ରିମ ଦେୟ ।
୨—ଚତୁରଙ୍ଗର ପ୍ରଥମ ଓ ସପ୍ତମ ସଂଖ୍ୟାରୁ ନୂତନ ଗ୍ରାହକ ଗ୍ରହଣ କରାଯାଏ ।
୩—ଗ୍ରାହକ ଇଚ୍ଛା କଲେ ଭି. ପି. ରେ ମଧ୍ୟ ପଠାଇ ଦିଆଯିବ ।
୪—ବିଜ୍ଞାପନ ହାର ସମ୍ବନ୍ଧରେ ପରିଚାଳକଙ୍କୁ ପତ୍ର ଲେଖିବେ ।
୫—ଯେଉଁମାନେ ବିଜ୍ଞାପନ ଦେବେ ନିଜର ବ୍ଲକ ଦେବାକୁ ଚାହିଁଲେ ବ୍ଲକ ମଧ୍ୟ ପଠାଇବେ । ଉପଯୁକ୍ତ ଡାକ ଖର୍ଚ୍ଚ ପଠାଇ ବ୍ଲକ ଫେରସ୍ତ ନେଇ ପାରିବେ । ବ୍ଲକ ଭାଙ୍ଗିଗଲେ ପରିଚାଳକ ଦାୟୀ ନୁହନ୍ତି
୬—କୌଣସି କାରଣ ବଶତଃ ଗ୍ରାହକ ଯଥା ସମୟରେ 'ଚତୁରଙ୍ଗ' ନ ପାଇଲେ ଗ୍ରାହକ ନମ୍ବର, ସହ ପରିଚାଳକଙ୍କୁ ଜଣାଇବେ ।
୭—ଅଳ୍ପଦିନ ପାଇଁ ସ୍ଥାନାନ୍ତରକୁ ଗଲେ ସ୍ଥାନୀୟ ପୋଷ୍ଟ ଅଫିସକୁ ଏବଂ ବହୁଦିନ ପାଇଁ ଗଲେ ଆମ୍ଭ ଅଫିସକୁ ଜଣାଇଲେ ଗ୍ରାହକ ଗ୍ରାହିକା ମାନେ 'ଚତୁରଙ୍ଗ' ସତ୍ୱର ପାଇ ପାରିବେ ।

ପରିଚାଳକ
'ଚତୁରଙ୍ଗ'

Digitized by srujanika@gmail.com

# ଉତ୍କଳ[illegible]

ଦ୍ୱିତୀୟ ବର୍ଷ ଭାଦ୍ରବ ମାସ ଚତୁର୍ଥ ସଂଖ୍ୟା।

## କୋଶଳ-କଳା-ମଣ୍ଡଳର

ମୁଖପତ୍ର ରୂପେ ପ୍ରକାଶିତ

ସଂପାଦକ ସଂଘ:—

ଶ୍ରୀ କାଳିନ୍ଦୀ ଚରଣ ପାଣିଗ୍ରାହୀ
ସମ୍ପାଦକ ଶ୍ରୀ ବଳଭଦ୍ର ବହିଦାର
ପରିଚାଳକ ଶ୍ରୀ କାଳୀଚରଣ ପଟ୍ଟନାୟକ
ଶ୍ରୀ ଚନ୍ଦ୍ରଭୂଷଣ ଗୁପ୍ତ
ଶ୍ରୀ ହାମୁଦୋଲ ନାୟକ

ପ୍ରତିପାଳକ—
ଶ୍ରୀ ଗଙ୍ଗା ପ୍ରସାଦ ଶର୍ମା

Digitized by srujanika@gmail.com

ଓଡ଼ିଶା ସରକାରଙ୍କ ପତ୍ର ନଂ ୫୧୬ ଅର୍ ତା ୩ ୨-୧୯୪୭ ନିର୍ଦ୍ଦେଶ

'ଚତୁରଙ୍ଗ'

ଶିକ୍ଷା ବିଭାଗୀୟ ପ୍ରତ୍ୟେକ ଅନୁଷ୍ଠାନ ପାଇଁ
ସ୍ୱୀକୃତ ହୋଇଛି ।

# ସୂଚୀ


| | ବିଷୟ | | ଲେଖକମାନଙ୍କ ନାମ | ପୃଷ୍ଠା |
|---|---|---|---|---|
| ୧ | ପ୍ରସବଧ | (ପଦ୍ୟ) | ଶ୍ରୀମତୀ ସରଳା ଦାସ | ୧୪୫ |
| ୨ | ବିଶ୍ୱ ସାହିତ୍ୟରେ ପ୍ରାଚ୍ୟ ନାଟକ | | ଶ୍ରୀ ସିଦ୍ଧେଶ୍ୱର ହୋତା | ୧୪୬ |
| ୩ | ମଧ୍ୟବିତ୍ତ ସମାଜ | | ଶ୍ରୀ ଶଶିଭୂଷଣ ରାୟ | ୧୫୨ |
| ୪ | , !!! | (ଗଳ୍ପ) | ଶ୍ରୀ ଅର୍ଜୁନ ଚରଣ ଦାସ | ୧୬୧ |
| ୫ | ସମାଲୋଚନା | (ପ୍ରବନ୍ଧ) | ଶ୍ରୀ ଯଦୁନାଥ ଦାସ | ୧୬୫ |
| ୬ | ଭାରତୀୟ ସଙ୍ଗୀତରେ ରାଗ ସ୍ୱର | | ଶ୍ରୀ ରାଧାରମଣ ବସୁ | ୧୬୬ |
| ୭ | ପ୍ରଶସ୍ତି | (ପ୍ରବନ୍ଧ) | ଶ୍ରୀ ରାଜକିଶୋର ପଟ୍ଟନାୟକ | ୧୭୦ |
| ୮ | ଉପେକ୍ଷିତା | (ଗଳ୍ପ) | ଶ୍ରୀ ଗୋପାଳ ଚନ୍ଦ୍ର ପଟ୍ଟନାୟକ | ୧୭୨ |
| ୯ | ସୁନାଫୁଲ | (ନାଟିକା) | ଶ୍ରୀ ନବ କିଶୋର ଦାସ | ୧୭୬ |
| ୧୦ | ଦେବଯାନୀ | (ପଦ୍ୟ) | ଶ୍ରୀ ଜଗନ୍ନାଥ | ୧୮୦ |
| ୧୧ | ଅନ୍ତର୍ଜାତିକ ଶିକ୍ଷା, ବିଜ୍ଞାନ ଓ ସଂସ୍କୃତିକ ଅନୁଷ୍ଠାନ | | ଶ୍ରୀ ଭୂପେନ୍ଦ୍ର ପ୍ରସାଦ ଗୁରୁ | ୧୮୧ |
| ୧୨ | ଫଲ୍ଗୁ | (ପଦ୍ୟ) | ଶ୍ରୀ ରମାକାନ୍ତ ସାହୁ | ୧୮୫ |
| ୧୩ | ସୁଧାନାଥଙ୍କ ବେଦାନ୍ତ ଗୀତା ଓ ଗ୍ରୀକ୍ ଗଳ୍ପ | | ଶ୍ରୀ ହରେକୃଷ୍ଣ ଚନ୍ଦ୍ର ନାୟକ | ୧୮୬ |
| ୧୪ | ପୁସ୍ତକ ପରିଚୟ | | | ୧୯୧ |
| ୧୫ | ସମ୍ପାଦନା | | ସମ୍ପାଦକଦ୍ୱୟ | ୧୯୨ |


Digitized by srujanika@gmail.com

# ଚତୁରଙ୍ଗ

ନାଟ୍ୟ-ସଙ୍ଗୀତ-ତତ୍ତ୍ୱଜ୍ଞାଃ ଯେ ସାହିତ୍ୟ-ବିଶାରଦାଃ ।
କଳାସୁ କୁଶଳାଃ ସର୍ବେ ମହୀୟନ୍ତାଂ ମହୀତଳେ ॥

ଦ୍ୱିତୀୟ ବର୍ଷ ✱ ଭାଦ୍ରବ ସଂକ୍ରାନ୍ତି; ସିଂହ ୧୮।୮।୪୭ ✱ ଚତୁର୍ଥ ସଂଖ୍ୟା


## ଯକ୍ଷବଧୂ


ଶ୍ରୀମତୀ ରାଜଶ୍ରୀ ଦାସ ।


ପ୍ରୀତି ସୁକୁମାର ମରମ ପାଖୁଡ଼ା ଭିଜାଇ
ଶତ ସ୍ୱପନର ବିଳାସ ତୁଳିକା ରଙ୍ଗାଉଣି
ଫୁଟିଗଲା ଦିନ ବ୍ୟର୍ଥ ବାସର ସଜାଇ
ଯଉବନ କଳାକଣ୍ଠିତ ପୁଷ୍ପ କାନନେ ।
ଅମାନିଶା କାହିଁ ପାହିଲା
ବିଦ୍ୟାଧରୀର ତପ୍ତ ଯାତନା ଏଡ଼ାଇ—
ଯାଇଥିବା ପଥେ ବନ୍ଧୁ ବାହୁଡ଼ି ନଇଲା ॥

ଆକୁଳେ ଗୁହାଁଳା ବିଜନ କୁଞ୍ଜ ଭବନେ
ମିଳନ ବୀଣାର ନନ୍ଦନ ଗୀତି ରଚନା
ମଧୁମାସ ଆସି ଫେରିଗଲା ପିକ କୂଜନେ
ମଳୟ ଚହଲା ଅତସୀ ଅଧର ରସନା ।
ଅଭିସାର ମାଟି ହୋଇଲା
ବିଷ ଫୁଟାଇ ଦୁଃଖର ଖର ଦହନେ
ଦୃଷ୍ଟିର ଚଟେ କେତେ ଦବାନଳି ଜଳିଲା ॥

ପହିଲା ଆଷାଢ଼େ ବର୍ଷାର ଶୁଭ ଆଗମ
ଚିକଣାଇ ଦେଲା ଧରଣୀର ଶ୍ୟାମ ତନୁରେ
ନରମ ଶୀତଳ ଶୀକର-ସିକତ ସରମ,
ବିରହୀ ସଖୀର ମେଘଦୂତ ଗତି ପଥରେ—
ଜାଗି ଉଠିଲା ଆକୁଳି
ଯକ୍ଷବଧୂର ବିରହ କାତର ମରମ
କମ୍ପିତ ହେଲା ଲକ୍ଷ ବେଦନା ଉଚ୍ଛ୍ୱାଳି ॥

ଗୈରିକ ଚୂଡ଼ା ଛୁଇଁ ବରଷା ଉଠିଲା ପୁଲକି
ଅଳକାପୁରୀର ଅବସାଦ କରି ମୁକୁଳା,
ଚଳା ବାଦଲର ଲଘୁ ସଙ୍ଗରେ ନିରେଖି
ମଞ୍ଜନେ ଦର୍ପଣ ମନୋରଥ ଝୀନ ଦୁକୂଳା ।
ବନ୍ଧନ ଶେଷ ନ ହେଲା
ଧନପତି କିନ୍ତୁ ଅଭିଶାପୁ ଲଭି ମୁକତି
ରମଣୀର କୋଳ କାନ୍ତ ବାହୁଡ଼ି ନଇଲା ॥


Digitized by srujanika@gmail.com

ଗୃହକୀ ସମାନ ଶୂନ୍ୟେ ରହିଲା ଅନାଇ
ପଦ୍ମଶ ପତ୍ରର ଶୁଭ୍ର ସନ୍ଦେଶ ମନାସି
ଜଡ ବାରିବାହ ଶୂନ୍ୟରେ ଗଲା ଉଭାଇ
କୈଳାସ ଶିରେ ସଉଧ କଳସ ପରଶି ।
ଆର୍ଦ୍ର ହେମାଳ ବତାସ
ସୁନ୍ଦରୀ କଳା ଭ୍ରମର ଚିକୁର ଉଡ଼ାଇ
ମନର ଗହନେ ଲେଖିଦେଲା ଘନ ପରାସ ।।

ଅଙ୍ଗର ରକ୍ତ ଶୀର୍ଣ୍ଣ ଶିଥିଳ ହୋଇଲା
ଦୁଃସହ ହେଲା ଯଉବନ ଜ୍ୱାଳା ଯେ
ରୂପବତୀ ତନୁ କନକ ଦୀପ୍ତି ଖସିଲା
ନିଶ୍ୱାସ ତା'ର ଭରିଲା କୁବେର ନିଳୟ
ବିରହିଣୀ ହୃଦ ବ୍ୟଥାରେ;
ମୁଦିବ ଶରତେ ଘନକାଳ ଗତ ହୋଇଲା
ମରୁଭୂର ତୃଷା ବହିରହିଲା ମନରେ ।
ବରଷର ଶେଷ ନ ହେଲା
ଧନପତି କରୁ ଅଭିଶାପୁ ଲଭି ମୁକତି
ଶ୍ୟାମଗିରି କୋଳୁ କାନ୍ତ ବାହୁଡି ନଇଲା ।।

## ବିଶ୍ୱ ସାହିତ୍ୟରେ ପ୍ରାଚ୍ୟନାଟକ *

ଶ୍ରୀ ସିଦ୍ଧେଶ୍ୱର ହୋତା

(ପୂର୍ବ ପ୍ରକାଶିତ ପରେ)

ମହାକବି କାଳିଦାସ, ପୃଥିବୀର ପ୍ରସିଦ୍ଧ ନାଟ୍ୟକାର, କବି, ସୌନ୍ଦର୍ଯ୍ୟ ରସିକ ଓ ଭାବ ଶିଳ୍ପୀ । ତାଙ୍କ ରଚିତ ମାଳବିକାଗ୍ନି ମିତ୍ର, ବିକ୍ରମୋର୍ବଶୀ, ଶକୁନ୍ତଳା ନାଟକ ମଧ୍ୟରେ ଶକୁନ୍ତଳାହିଁ ଜଗତକୁ ଉଦ୍‌ବୁଦ୍ଧ କରିଛି । ତେଣୁ ପୃଥିବୀ ପ୍ରସିଦ୍ଧ ଜର୍ମାନ କବି Goethe ଶକୁନ୍ତଳାର ନାଟ୍ୟକଳା ଓ ତାର ପରିଣତି ଉପଲବ୍ଧି କରି ନିମ୍ନବାଣୀ ଜଗତକୁ ଚିରକାଳପାଇଁ ଦାନ କରିଛନ୍ତି :

" Wouldst thou the young year's blossoms
and the fruits of its decline
And all by which the soul is charmed,
enraptured, feasted, fed ?
Wouldst thou the earth and heaven itself
in one sole name combine ?
I name, thee O' Sakuntala, and all
at once is said "

* ସମ୍ବଲପୁରର ନବଗୁଞ୍ଜର ସାହିତ୍ୟ ସମିତିରେ ପଠିତ

Digitized by srujanika@gmail.com

ଏଥିରୁ ସ୍ପଷ୍ଟ ଯେ, କାଳିଦାସଙ୍କ ନାଟକାବଳୀରେ ପାତ୍ରାପାତ୍ରୀ ନିର୍ବାଚନ, ଚରିତ୍ର ଚିତ୍ରଣ, କଥୋପକଥନ, ଭଙ୍ଗୀ, ସ୍ୱର୍ଗୀୟ ସୌନ୍ଦର୍ଯ୍ୟ, ମାର୍ଦ୍ଦବ ଓ ପ୍ରୀତିର କୁହୁକ ସ୍ପର୍ଶ ଅନବଦ୍ୟ ମଞ୍ଜୁ ଭାଷା ଇତ୍ୟାଦି ସମ୍ୟକ୍ ବିକଶିତ ହୋଇ ଦୁଷ୍ମନ୍ତ ଓ ଶକୁନ୍ତଳାଙ୍କ ଦିବ୍ୟ ପ୍ରେମରେ ଚିରକାଳ ପାଇଁ ବାନ୍ଧି ରଖିଛି । ଏଣୁ ଏପରି ସମସ୍ୟା ମୂର୍ତ୍ତି ପରିସ୍ଥିତି ଲେଖକ ସୃଷ୍ଟିକରି ସମାଜ, ଦେଶ ପ୍ରଭୃତିର ସମ୍ମୁଖୀନ ହୋଇ ସମାଧାନ କରିଛନ୍ତି ଯେ ତାଙ୍କ ମୃତ୍ୟୁର ସହସ୍ର ସହସ୍ର ବର୍ଷପରେ ନାନା ବିଷମସ୍ଥ ପରିସ୍ଥିତି ଭିତରେ ମଧ୍ୟ ଶକୁନ୍ତଳା ଅମର ହୋଇ ରହିଛି ଓ କାଳିଦାସ ପ୍ରାଚ୍ୟ ସଭ୍ୟତାରେ ଶୀର୍ଷସ୍ଥାନ ଲାଭକରି ପାଶ୍ଚାତ୍ୟ ଦେଶକୁ ନିଜ ଦେଶର ଗୌରବର ପରିଚୟ ଦେଉଛନ୍ତି । ଯାହା ଅମର, ଘାତ ପ୍ରତିଘାତ ଭିତରେ ଲୀଳାମୟ ଉଜ୍ଜ୍ୱଳ ଉଠେ କିନ୍ତୁ ବିନଷ୍ଟ ହୁଏ ନାହିଁ । ଶକୁନ୍ତଳା ମଧ୍ୟ ଶାଶ୍ୱତ ସତ୍ୟ ଜଗତକୁ ଦେଉଅଛି, ଦେଇଅଛି ଓ ଦେଉଥିବ ଏଥିରେ ଦ୍ୱିଧାର କାରଣ କିଛି ନାହିଁ ।

ମହାଭାରତରୁ ସାମାନ୍ୟ କଥାବସ୍ତୁ ଶକୁନ୍ତଳା ନାଟକରେ ନେଇ କବି ଦୁର୍ବାସା ମୁନିଙ୍କ ଯଥାଯଥ ଭାବରେ ରଙ୍ଗମଞ୍ଚରେ ଅବତୀର୍ଣ୍ଣ କରାଇଛନ୍ତି । ମହାଭାରତର ଅସାର ଓ ନୀରସ କଥାବସ୍ତୁ ଏଥିରେ ସରସ ଓ କଳ୍ପନାବିଳାସପୂର୍ଣ୍ଣ । ଏଣୁ ଏଥିରେ ଲେଖକଙ୍କର ଶିଳ୍ପନୈପୁଣ୍ୟ ଦର୍ଶକ ଓ ପାଠକ ସମାଜକୁ ଦେଶ, କାଳ, ପାତ୍ର ନିର୍ବିଶେଷରେ ବାସ୍ତବ ରୂପ ଦେଇ ବିଶ୍ୱାସ ସୃଷ୍ଟି କରିଅଛି । ଏହା ସାର୍ଥକ ହେବନାହିଁ କାହିଁକି ? ପ୍ରସିଦ୍ଧ ଦାର୍ଶନିକ Humboldt ଏହି ଶକୁନ୍ତଳା ନାଟକର ଉପାଦେୟତ୍ୱ ସମାଲୋଚନା କରି କହିଛନ୍ତି :—

'Kalidas, the celebrated author of the Sakuntala is a masterly describer of the influence which nature exercises upon the minds of lovers. Tenderness in the expression of feelings and richness of creative fancy have assigned to him his lofty place among the poets of all nations.'

ଶକୁନ୍ତଳାର ବିଖ୍ୟାତ ଲେଖକ କାଳିଦାସ ପ୍ରେମିକର ମାନସ-ପ୍ରତିଫଳିତ ପ୍ରକୃତିର ଆଧିପତ୍ୟ ଚିତ୍ରଣରେ ଉତ୍କୃଷ୍ଟ ଶିଳ୍ପୀ । ତାଙ୍କର ଭାବ ବର୍ଣ୍ଣନାରେ ମାର୍ଦ୍ଦବ ଓ ଉଦ୍‌ବୁଦ୍ଧ କଳ୍ପନାର ପ୍ରାଚୁର୍ଯ୍ୟହିଁ ତାଙ୍କୁ ସକଳ ଜାତୀୟ କବି ମଧ୍ୟରେ ଉଚ୍ଚ ସ୍ଥାନ ଦେଇଅଛି ।

ଏହିପରି ଶକୁନ୍ତଳା ନାଟକଟିରେ ବିଶ୍ୱ ସାହିତ୍ୟରେ ଉତ୍କୃଷ୍ଟ ନାଟକର ଯେ ଦୃଷ୍ଟିପ୍ରାଣମାନ୍ୟପୂର୍ଣ୍ଣ ଗୁଣାବଳୀ ବିକଶିତ, ସେଥିରେ ସନ୍ଦେହର କାରଣ କିଛି ନାହିଁ । କି ପ୍ରାଚ୍ୟ କି ପାଶ୍ଚାତ୍ୟ ସମସ୍ତେ ଏକ ମୁଖରେ ଶକୁନ୍ତଳା ନାଟକର ଅମରତ୍ୱ ପ୍ରଶଂସା କରିଛନ୍ତି ।

ଏଠାରେ ଶକୁନ୍ତଳା ପ୍ରସଙ୍ଗରେ Sir Willian Jones ଙ୍କର ମନ୍ତବ୍ୟ ଅଲୋଚ୍ୟ ।

'No composition of Kalidasa displays more than the richness of his poetical genius, the exuberance of his imagination, the warmth and play of his fancy, his profound knowledge of the human heart his delicate appreciation of its most refined and tender imotions, his familiarity with workings and counter working of its conflicting feelings in shortmore entitles him to the rank of Shakespeare.'

ଅର୍ଥାତ୍ ଶକୁନ୍ତଳା ବିନା କାଳିଦାସଙ୍କର ଅନ୍ୟାନ୍ୟ ରଚନା କବିପ୍ରତିଭାର ବାହୁଲ୍ୟ, କଳ୍ପନା ବିଳାସର ଆଧିକ୍ୟ, ସୂଚନାର ମହତ୍ତ୍ୱ ଓ ଜୀବନୀ ଶକ୍ତି, ମାନବ ହୃଦୟର ଗଭୀର ଜ୍ଞାନ, ମାର୍ଜିତ ଓ ମୃଦୁଭାବପ୍ରବଣତାର ଅବିକଳ ସମାଲୋଚନା, ଅନୁକୂଳ ଓ ପ୍ରତିକୂଳ ଭାବରେ ଦ୍ୱନ୍ଦ୍ୱ ଯଥାଯଥ ଭାବରେ ଚିତ୍ରଣ କରି ନାହିଁ । ତେଣୁ ସଂକ୍ଷେପରେ ତାଙ୍କୁ ସେକ୍ସପିୟରଙ୍କ ସଙ୍ଗେ ଉପଯୁକ୍ତ ସ୍ଥାନ ଦେବାରେ ଯୋଗ୍ୟ ବୋଲି ଜଣାଯାଏ ।

ଏହି ଶକୁନ୍ତଳା ନାଟକ ସମାଲୋଚନା ପ୍ରସଙ୍ଗରେ Schlagel କହିଛନ୍ତି ।

The drama of Shakuntala presents through its oriental brilliancy of colouring, so striking a resemblance upon the whole to our romantic drama, that it might be suspected the love of

Digitized by srujanika@gmail.com

Shakespeare had influenced the translator.' ଏହି ଶକୁନ୍ତଳା ନାଟକରେ କବି ପ୍ରାଚ୍ୟର ବର୍ଣ୍ଣୋଜ୍ଜ୍ୱଳ ବର୍ଣ୍ଣନା ଭଙ୍ଗୀ ମଧ୍ୟରେ ଏପରି ପ୍ରେମର ରସ ପରିବେଷଣ କରିଅଛନ୍ତି ଯେ ସ୍ଥଳବିଶେଷ ମନେହୁଏ ଯେ ସେକ୍ସପିୟର-ଙ୍କର ଶୃଙ୍ଗାର(love)ରସ ଅନୁବାଦକଙ୍କୁ ସମ୍ୟକ୍ ଭାବରେ ପ୍ରଭାବିତ କରିଅଛି । ଅତଏବ ସେକ୍ସପିୟରଙ୍କର ନାଟକ ଓ କାଳିଦାସଙ୍କ ଶକୁନ୍ତଳାରେ ସାଦୃଶ୍ୟ ସମ୍ପୂର୍ଣ୍ଣ ଭାବରେ ଅଛି ।

ପାଶ୍ଚାତ୍ୟ ଜଗତରେ ହାସ୍ୟରସ Elcment of humour ର ଅବତାରଣା ଇଉରୋପୀୟ ମଧ୍ୟ ଯୁଗରେ ଲିଖିତ ନାଟକରେ ସ୍ଥାନ ପାଇଥିଲା । ସେମାନେ ନିଜ ନାଟକର ସୌନ୍ଦର୍ଯ୍ୟ ବଢ଼ାଇବା ପାଇଁ ଅନେକ ସମୟରେ Fool & Jester ର(ବୋକା ଓ ବିଦୂଷକ) ଅବତାରଣା କରିଥିଲେ । ଜଗତରେ ଏପରି ବୋଲି ଲୋକ ଦେଖାଯାନ୍ତି ବୋଲି ଅନୁଭବ କରି ସେମାନେ ବାସ୍ତବ ଚିତ୍ର ଉଦ୍ଦେଶ୍ୟରେ ଏମାନଙ୍କୁ ସ୍ଥାନ ଦେଇଥିଲେ । ଏହା ଇଉରୋପୀୟ ନାଟକର ଇତିହାସରେ ନୂତନତ୍ୱ ବୋଲି Pischel ସ୍ୱରଚିତ Home of the Puppet plays ରେ ଦେଖାଇଛନ୍ତି । ତେଣୁ ତାଙ୍କ ଭାଷାରେ
' Vidusaka is the original of the buffoon who appears in rhe plays of mediaeval Europe.' ଓ ଏହା ମହାମାନ୍ୟ ଗ୍ରୀକ Eschylees, Euripides ଓ Sophacles ଙ୍କର ନାଟକରେ ନାହିଁ ।

ଠିକ୍ ସମାଲୋଚକ ଦେଖିବା ଉଚିତ, ପ୍ରାଚ୍ୟ ଜଗତରେ ନାଟ୍ୟକଳାର ମହତ୍ତ୍ୱ ଓ ତାର ଜଗତକୁ ଦାନ, ଭାସ, କାଳିଦାସ ପ୍ରଭୃତି ନାଟ୍ୟରଥୀମାନଙ୍କ ନାଟକରେ ବିଦୂଷକ Jester ସ୍ଥାନ ପାଇଛି । ସେଠାରେ ସେ କେବଳ ନିର୍ବୋଧରୂପରେ ଦେଖା ଦେଇ ନାହିଁ । ଜଗତଟାକୁ ଗୋଟାଏ ନାମ ଖିଅଲ ଭାବରେ ଅବସ୍ଥା କ୍ରମରେ ଗ୍ରହଣ କରି ଜୀବନର ଉପଭୋଗ କରିବା ପାଇଁ ସ୍ୱ ସଖା ରାଜାଙ୍କୁ ସର୍ବଦା ଉପଦେଶ ଦେଇଛି । ଦୁଃଖ, ଶୋକର ଘନଘଟାରେ ମଧ୍ୟ ସେ ପଥଦର୍ଶୀ । ତେଣୁ ସାଧାରଣତଃ ଇଉରୋପୀୟ ନାଟକରେ ବିଦୂଷକ ପରି ହିନ୍ଦୁ ନାଟ୍ୟକଳାରେ ଏହାର ସ୍ଥାନ ନୁହେଁ । ବରଂ ବିଦୂଷକ ହାସ୍ୟ ରସର ଚପଳ ଗତି ଦର୍ଶକ ମନରେ ପରିଣତି ପ୍ରଧାନ ଚରିତ୍ର ତଥା ନାଟ୍ୟକଳାରେ ସୌନ୍ଦର୍ଯ୍ୟ ସମ୍ୟକ୍ ବଢ଼ାଇଛି । ଏପରି ଦାନ ଜଗତରେ ବିରଳ ଓ ଏହି ଦାନହିଁ ବିଶ୍ୱକୁ ପ୍ରଥମ ଦାନ ।

ସମୟ ଓ ଅବସ୍ଥାର ଗତି ବଦଳିବା ସଙ୍ଗେ ସଙ୍ଗେ ଘଟଣାର ଗତି ବଦଳେ । ଶିଳ୍ପୀର ଦୃଷ୍ଟି କୋଣରେ ତାଙ୍କର ନୂତନ ଛବି ଦେଖାଦିଏ । ଏହା ମଧ୍ୟ ପ୍ରାଚ୍ୟ ନାଟ୍ୟକଳାରେ ଘଟିଛି । କେବଳ ପ୍ରୀତି ଛଟା ନାଟକରେ ପ୍ରଧାନ କଥା ବସ୍ତୁ ଓ ଲକ୍ଷ୍ୟ ହୋଇ ନାହିଁ ବରଂ ଐତିହାସିକ ତଥ୍ୟ ଗ୍ରହଣ କରି ରାଜନୀତିର ମହାତତ୍ତ୍ୱ କବି ରଙ୍ଗମଞ୍ଚରେ ସ୍ଥାନ ଦେଇ ନାଟ୍ୟକଳାର ବିଶେଷତ୍ୱ ଦେଖାଇଛନ୍ତି । ଏହି ପ୍ରସଙ୍ଗରେ କାଳିଦାସ, ଅଶ୍ୱଘୋଷ ଓ ବିଶାଖଦତ୍ତ ପ୍ରଭୃତି ନାଟ୍ୟକାରଙ୍କ ନାମ ଉଲ୍ଲେଖ ଯୋଗ୍ୟ ।

କାଳିଦାସଙ୍କର ନାଟ୍ୟକଳା କେବଳ ଦୁଷ୍ମନ୍ତ ଶକୁନ୍ତଳାଙ୍କର ପ୍ରଣୟ ଲହରୀରେ ଆବଦ୍ଧ ନାହିଁ । ସେ ଇତିହାସର ଶୁଷ୍କ କଥାକୁ ମଧ୍ୟ ସରସ ସୁନ୍ଦର କରି ପାରିଛନ୍ତି ନିଜର ଭାବ, ମାନସିକ ଦ୍ୱନ୍ଦ୍ୱ, ପାତ୍ର ପାତ୍ରୀ ନିର୍ବାଚନର ସୁପରିପାଟୀ ଓ ଘଟଣା ସଂସ୍ଥାନର ଗୁରୁତ୍ୱ ବଳରେ । ମାଳବିକାଗ୍ନିମିତ୍ର ଏହି ଧରର ଉଚ୍ଚ ନାଟକ । ବିଦିଶା ରାଜା ଅଗ୍ନିମିତ୍ରଙ୍କ ରାଜଦରବାରରେ ସ୍ୱରାଜପୁରୀର ଅନ୍ତର୍ଦ୍ୱନ୍ଦ୍ୱ ନାଟ୍ୟକାର କାଳିଦାସଙ୍କର ନାଟ୍ୟ ପ୍ରତିଭାର ମାଧ୍ୟମ ବିକାଶ ଏଥିରେ ଦେଖାଯାଏ ଓ ଏହି ବିକାଶର ପରିପୂର୍ତ୍ତି ଶକୁନ୍ତଳା ନାଟକରେ । ଏହା ସାମାନ୍ୟ ସୂଚନା ପ୍ରାଚୀନ ସାହିତ୍ୟରେ ଅନ୍ୟାନ୍ୟ ନାଟକଲେଖକଙ୍କୁ ଉତ୍ସାହ ଓ ପ୍ରେରଣା ଦେଇଛି । ତାହାଫଳରେ ଅଶ୍ୱ-ଘୋଷ, ବିଶାଖଦତ୍ତ ପ୍ରଭୃତି ନାଟ୍ୟରଥୀଙ୍କର ଜଣୃଣୀ ଐତିହାସିକ ନାଟକାବଳୀରେ ଦେଖାଯାଏ । ସେଥିରେ ପ୍ରେମ ବା ଶୃଙ୍ଗାରରସର ମହତ୍ତ୍ୱ ପ୍ରତିଷ୍ଠିତ ହୋଇନାହିଁ । ରାଜ୍ୟଲାଭପାଇଁ ଯେତେ ଉପାୟ ଅବଲମ୍ବନ କରାଯାଇ ପାରେ, ସ୍ୱଲକ୍ଷ୍ୟ ସାଧନା ପାଇଁ ଯେତେ ବୁଦ୍ଧି କୁଶଳତା ହୋଇପାରେ, ତାହାହିଁ ଅଶ୍ୱଘୋଷଙ୍କର ସାରିପୁତ୍ର

Digitized by srujanika@gmail.com

କରଣ ଓ 'ବିଶାଖଦତ୍ତଙ୍କର ମୁଦ୍ରାରାକ୍ଷସରେ ଦେଖାଯାଏ । ସାତପୂର୍ବ ନାଟକର କଥାବସ୍ତୁ ଶୁଦ୍ଧୋଦନ, ମୌଦ୍ଗଲ୍ୟାୟନ ଓ ସାରିପୁତ୍ରଙ୍କୁ ବୌଦ୍ଧଧର୍ମରେ ଦୀକ୍ଷିତ କରାଇବା । ସେଥିପାଇଁ ପ୍ରତିଦୃଶ୍ୟରେ ପ୍ରତ୍ୟେକ, ମାନବଠାରେ ବହୁଗର ପାନ ହୋଇଛନ୍ତି । ସେଥିରେ ବାସ୍ତବ ଜୀବନର ମହତ୍ତ୍ୱ ପ୍ରକଟିତ । ବୁଦ୍ଧ ଓ ସାରିପୁତ୍ର ମଧ୍ୟରେ ଲେଖକ ଦର୍ଶନତତ୍ତ୍ୱପୂର୍ଣ୍ଣ କଥାବାର୍ତ୍ତାରେ ନାଟକୀୟ ଛଟା ଫୁଟାଇଛନ୍ତି ଓ ନାଟକର ସମାପ୍ତି ଆଶୀର୍ବାଦୀଦ୍ୱାରା ହୋଇଅଛି । ମାନବଜୀବନର ମୁକ୍ତି ଜାଗତିକ ସୁଖରେ ନାହିଁ ବୋଲି ସ୍ପଷ୍ଟ ସିଦ୍ଧାନ୍ତ ନାଟକଟିରେ ପ୍ରକାଶ ପାଇଛି ।

ବିଶାଖଦତ୍ତଙ୍କ ମୁଦ୍ରାରାକ୍ଷସ ନାଟକ ନାଟ୍ୟ ଇତିହାସରେ ଅଦ୍ୱିତୀୟ । ଏଥିରେ ସକଳ ଘେନରୁ ବିଭିନ୍ନ ଜାତିରୁ ଲେଖକ ଚରିତ୍ର ଗ୍ରହଣକରି ଘଟଣାର ଚମତ୍କୃତ ସମ୍ୟକ୍ ଦେଖାଇଛନ୍ତି । ଏଥିରେ ନନ୍ଦବଂଶର ଉଚ୍ଛେଦ ଓ ମୌର୍ଯ୍ୟବଂଶର ସ୍ଥାପନହିଁ ବର୍ଣ୍ଣିତ କଥାବସ୍ତୁ । ଏଥିରେ ମହାପଦ୍ମନନ୍ଦଙ୍କ ପ୍ରଧାନମନ୍ତ୍ରୀ ରାକ୍ଷସଙ୍କର ପ୍ରଭୁଭକ୍ତି, ବଳବୁଦ୍ଧି, ରାଜନୀତିର ଦକ୍ଷତା ପ୍ରକାଶ ପାଇଛି । ଚାଣକ୍ୟର କୂଟନୀତି, ଚନ୍ଦ୍ରଗୁପ୍ତଙ୍କର ରାଜ୍ୟଲୋଭ, ଚଣ୍ଡାଳ, ଚନ୍ଦନ ଦାସ, ମଳୟକେତୁ ପ୍ରଭୃତି ବିଭିନ୍ନ ଚରିତ୍ରମାନଙ୍କର ସଖ୍ୟପ୍ରୀତି, ପ୍ରତିହିଂସା ପ୍ରଭୃତି ମାନବୀୟ ପ୍ରବୃତ୍ତି ସମ୍ୟକ୍ ଫୁଟିଛି । ଏଣୁ ଏହା ମାନବଜୀବନର ଜଟିଳ ସମସ୍ୟାର ଏକ ଦୁରନ୍ତ ସମାଧାନ । ଏହାର ତାଙ୍କ ନାଟକର ଜନ୍ମ ୬ଷ୍ଠ ଶତାବ୍ଦୀର ଦ୍ୱିତୀୟ ଭାଗରେ । ଏହି ନାଟକ ବିଶ୍ୱସାହିତ୍ୟର ନାଟକରେ ଯେ ଉଚ୍ଚ ସ୍ଥାନ ଲଭିପାରେ ନିମ୍ନ ପଙ୍କ୍ତି ତାହାର ସାକ୍ଷୀ । Prof. Wil[illegible] ଙ୍କ ଭାଷାରେ "X X

Well designed at the beginning, Vigorously pushed on, now under cover, now on open track, though resisted yet ever advancing straight towards the goal, and turning to profit the incidental events on the way, and rapidly developing into complete success, the plot possesses the chief requisites of a piece of art-unity in variety entire subordination of the indivisual factors under one idea and plan, and harmonious co-operation of the parts to one crowning effect. It may be difficult in the whole range of dramatic literature to find a more successful illustration of the rule. The play commands itself further on the point of interest which, once awakened, is continullay kept up by change of scenery of persons, of opposing views and conflicting events and by a variety of life like descriptions, some of them highly poetic and telling."

Prof. Hegglin ମଧ୍ୟ ଏହି ନାଟକ ଭାବୃଷି ପ୍ରକାଶରେ Prof. Wilson ଙ୍କ ସଙ୍ଗେ ଏକମତ ହୋଇଛନ୍ତି ।

ଭବଭୂତି ଖ୍ରୀଷ୍ଟାବ୍ଦ ୭ମ ଶତାବ୍ଦୀ ଶେଷଭାଗର । ତାଙ୍କର ଲେଖାମଧ୍ୟରେ ଉତ୍ତରରାମଚରିତ ହିଁ ବିଶେଷ ସ୍ଥାନ ଅଧିକାର କରିଛି । "ଉତ୍ତରେ ରାମଚରିତେ ଭବଭୂତି ର୍ବିଶିଷ୍ୟତେ" ଉକ୍ତିଟି ଭାରତୀୟ ବିଜ୍ଞ ବ୍ୟକ୍ତି ମଧ୍ୟରେ ସୁପ୍ରଚଳିତ । ଏହି ନାଟକର କଥାବସ୍ତୁ ରାମଚନ୍ଦ୍ରଙ୍କର ଉତ୍ତରଜୀବନ ବର୍ଣ୍ଣନା, ସୀତାଦେବୀଙ୍କର ବନବାସ କଷ୍ଟ, ଲବକୁଶଙ୍କର ଶୌର୍ଯ୍ୟ ପ୍ରଭୃତିର ସ୍ଫୁରଣ, ସମ୍ୟକ ଜୀବନ ଦେଇଛି ସେହି ବର୍ଣ୍ଣନାକୁ । କବିଙ୍କର କଥାବସ୍ତୁ ଓ ଚରିତ୍ରଗୁଡ଼ିକୁ ତାଙ୍କର ଅମର ଲେଖନୀ ନବୀନ ଭାବରାଜିରେ ଅମର କରିଛି । ତେଣୁ ଭବଭୂତି କବି କାଳିଦାସଙ୍କ ସମାନ ସ୍ଥାନ ଲଭିଛନ୍ତି ସାହିତ୍ୟ-ଗଗନରେ ଓ ନାଟକୀୟ ବର୍ଣ୍ଣନାର ଗୁରୁତ୍ୱରେ । ଯଦ୍ୟପି କଥାବସ୍ତୁ ପରିବର୍ତ୍ତନ ବାଧିତ ତଥାପି ଲେଖକଙ୍କର କୃତିତ୍ୱ ନାଟକୀୟ କଳାରେ ଦେଖାଯାଏ । Prof. Wilson ଙ୍କ ଭାଷାରେ:—

"The catastrophe is differently brought about in the Ramayan and the Raghuvansa and the poetical account of Rama and his race closes in a different manner. Rama discovers his sons in consequence of their recital of the Ramayan at his sacrifice and Sita upon her innocence being recognised

Digitized by srujanika@gmail.com

by the people is suddenly carried off by the Goddess of Earth and disappears forever. The denoucement is very judiciously altered to her reunion with her sons and husbands in the play."

ତେଣୁ ଏ ସବୁ ଦୃଷ୍ଟିରୁ ସମାଲୋଚକମାନେ ମତ ପ୍ରକାଶ କରିଛନ୍ତି ଯେ ଏହି ନାଟକ ଜଗତର ନାଟ୍ୟ ଇତିହାସରେ ଉଚ୍ଚସ୍ଥାନ ଅଧିକାର କରିଛି । ସେମାନଙ୍କ ଭାଷାରେ —

" play holds a high place in the theatrical literature of the world."

ଏହି ପ୍ରସଙ୍ଗରେ କୁହାଯାଇପାରେ ଯେ କାଳିଦାସ ଓ ଭବଭୂତି ଉଭୟେ ଗୁଣ, ଜ୍ଞାନ, ନାଟ୍ୟପ୍ରତିଭା ପ୍ରଦର୍ଶନରେ ସମସ୍ଥାନ ଲାଭ କଲେ ମଧ୍ୟ ପ୍ରତ୍ୟେକଙ୍କର ବିଶେଷତ୍ୱ ରହିଛି, ଯାହାଯୋଗୁଁ ନାନା ଦେଶକାଳର ପ୍ରତିକୂଳ ଅବହାଓ୍ୱା ଭିତରେ ସେମାନେ ଅମର ହୋଇ ଜାତିକୁ ନୂତନ ପ୍ରାଣ ଦେଇଛନ୍ତି । ଶୃଙ୍ଗାର-ରସର ପ୍ରାଧାନ୍ୟରେ କାଳିଦାସଙ୍କର ଓ କରୁଣ (Pathos) ରସର ବାସ୍ତବରୂପରେ ଭବଭୂତିଙ୍କର ବିଶେଷତ୍ୱ ଜଗତରେ ପ୍ରସିଦ୍ଧ । ତେଣୁ 'କାରୁଣ୍ୟଂ ଭବଭୂତିରେବ ତନୁତେ' ଉକ୍ତିର ଯଥାର୍ଥ ଦ୍ୟୋତକ ଉତ୍ତରରାମଚରିତ କରୁଣ ରସରେ ଲେଖକଙ୍କର ଖ୍ୟାତି "ଏକୋରସଃ କରୁଣ ଏବ ନିମିତ୍ତ ଭେଦାତ୍ ଭିନ୍ନଃ ପୃଥକ୍ ପୃଥଗିବାଶ୍ରୟତେ ବିବର୍ତ୍ତାନ୍" ଅର୍ଥାତ୍ କରୁଣହିଁ ଏକ ବିଶିଷ୍ଟ ରସ । କାରଣ ନେଇ ଭିନ୍ନ ଭିନ୍ନ ରୂପରେ ପ୍ରକାଶିତ । ବିବର୍ତ୍ତିତ ହେବୁ ପୃଥକ୍ ସ୍ଥାନ ଆଶ୍ରୟ କରେ । ଏହି ଶ୍ଳୋକରୁ ସହଜେ ଭବଭୂତିଙ୍କର ବିଶେଷତ୍ୱ ଅନୁମେୟ । ଏଣୁ ସମାଲୋଚକମାନେ ନିମ୍ନ ସିଦ୍ଧାନ୍ତରେ ପହଞ୍ଚିଛନ୍ତି

"The characters of Kalidas are more romantic idealistic their conception, those of Bhababhuty are more realistic and varied."

କାଳିଦାସ ଚରିତ୍ରମାନଙ୍କର ଚିନ୍ତାଧାରାରେ ଆଦର୍ଶ ଓ କଳ୍ପନା ଦେଇଛନ୍ତି କିନ୍ତୁ ଭବଭୂତିଙ୍କର ଚରିତ୍ରରାଜି ବାସ୍ତବ ଓ ବିଭିନ୍ନ ।

ଶ୍ରୀହର୍ଷଙ୍କର ନାମ ଏହି ନାଟ୍ୟ ଇତିହାସରେ ଉଲ୍ଲେଖଯୋଗ୍ୟ । ଏହି ବ୍ୟକ୍ତି ୭ ମ ଶତାବ୍ଦୀର ଲୋକ । Itsing ଙ୍କ ଭ୍ରମଣ ବୃତ୍ତାନ୍ତରେ ନାଗାନନ୍ଦ, ରତ୍ନାବଳି, ଦାମୋଦର ଗୁପ୍ତ, ନାଟକର ନାମ ଦେଖାଯାଏ । ତାହା ବ୍ୟତୀତ ଚୈନିକ ବିବରଣୀ, ଶ୍ରୀ ବଜ୍ରସୂ-ପ୍ରଶସ୍ତି ନିଧାସାହସ୍ତଙ୍କ, ଛନ୍ଦପ୍ରଶସ୍ତି ପ୍ରଭୃତି ଅଛି । ଏମାନଙ୍କ ମଧ୍ୟରେ ବର୍ତ୍ତମାନ ରତ୍ନାବଳି ଓ ନାଗାନନ୍ଦ ଉଲ୍ଲେଖଯୋଗ୍ୟ । ରତ୍ନାବଳି ନାଟକରେ ପୂର୍ବ ନାଟକପରି ଶୀଘ୍ର ପ୍ରସାର ସମ୍ୟକ୍ ଭାବରେ ନାହିଁ । ହିନ୍ଦୁ ଚରିତ୍ରର ବୈଶିଷ୍ଟ୍ୟ ହ୍ରାସ ହୋଇଛି ଦେଶର ରାଜନୈତିକ ଆର୍ଥିକ ଓ ସାମାଜିକ ଅବସ୍ଥା ଯୋଗୁଁ । ବାସ୍ତବ ଜୀବନ ସହିତ ଏମାନଙ୍କର ଗୂଢ଼ ସମ୍ପର୍କ ରହିଛି । ତେଣୁ ଏହା ପ୍ରାଚୀନ ଓ ନବୀନ ସ୍କୁଲର ଲେଖକମାନଙ୍କର ଯୋଗସୂତ୍ର । ଏହି ରତ୍ନାବଳି ନାଟକର ୩ ୟ ଅଙ୍କ ଭୁଲର ମିଳନ (comedy of errors), ବାସବଦତ୍ତା ଓ ରତ୍ନାବଳୀ ମଧ୍ୟରେ ଶୃଙ୍ଗାର (love) ନେଇ କଳହ । ଏଥିରେ ନାୟକ ତୁଳନାରେ ନାୟିକାମାନେ ବିଶେଷ ସ୍ଥାନ ପାଇ ନାଟକର ସୌନ୍ଦର୍ଯ୍ୟ ସମ୍ୟକ୍ ବଢ଼ାଇଛନ୍ତି । ତେଣୁ ଏହି ବୈଶିଷ୍ଟ୍ୟ ତାଙ୍କୁ ଅମର ରଖିଛି । ନାଗାନନ୍ଦରେ ବୌଦ୍ଧଧର୍ମର ପ୍ରଚୁର ପଣ୍ଡିତ କଥାବସ୍ତୁ । ଏଥିରେ ନାୟିକା ରତ୍ନାବଳି ନାଟକର ନାୟିକା ପରି ସମଗୁଣ ସମ୍ପନ୍ନା । ଏଣୁ ସମାଲୋଚକ ଉଭୟଙ୍କର ଉପାଦେୟତା ଆଲୋଚନା ପ୍ରସଙ୍ଗରେ ପ୍ରକାଶ କରିଛନ୍ତି-

Harsa depicts emotions of selfsacrifice charity, magnanimity and resolution in the teeth of death."

ଅର୍ଥାତ୍ ହର୍ଷ ଭାବଟୃଷ୍ଣା ଆତ୍ମବଳି, ଦାନ, ଉଦାରତା ଓ ସଙ୍କଳ୍ପ-ମରଣର ସମ୍ମୁଖୀନ ଅବସ୍ଥାରେ ଦର୍ଶାଇଛନ୍ତି ।

ଏହି ପ୍ରସଙ୍ଗରେ ଭଟ୍ଟନାରାୟଣଙ୍କର ବେଣୀସଂହାର,

Digitized by srujanika@gmail.com

ମୁରାରିଙ୍କର ଅନର୍ଘ ରାଘବ ଓ ରାମାନନ୍ଦଙ୍କର ଜଗନ୍ନାଥ-ବଲ୍ଲଭ ନାଟକ ନଜର ମାଧୁର୍ଯ୍ୟ ଓ ପରବର୍ତ୍ତୀ ନାଟ୍ୟ କଳାରେ ନାଟକର କ୍ରମ ବିକାଶରେ ନୂତନତ୍ୱ ସୃଷ୍ଟି କରିଛନ୍ତି । ବେଣୀ ସଂହାର ନାଟକ ସମାଲୋଚକ ଭାଷାରେ:— 'The romance of the war' ଏ ଥିରେ ଅଦ୍ୱୈତ ଦର୍ଶନର ବିକାଶ ସୂଚିତ । ଅନର୍ଘ ରାଘବ ନାଟକର ଚରିତ୍ର ଚିତ୍ରଣ, ବର୍ଣ୍ଣନାଭଙ୍ଗୀ ଓ ଛନ୍ଦାଧାରର ନୂତନତ୍ୱ ଦେଖାଯାଏ । ହିନ୍ଦୁମାନେ ଏହା ସମ୍ୟକ୍ ପ୍ରକାଶ କରି ନଥିବାରୁ Prof. Wilson ଦୁଃଖର-ସହିତ କହିଛନ୍ତି:—

"The Hindus of these days are little able to estimate purity of conception, delicacy of feeling or brilliancy of fancy."

ସେ ସମୟର ହିନ୍ଦୁମାନେ ଛନ୍ଦାଧାରର ମୁଗ୍ଧତା, ଭାବରାଜିର ମାଧୁର୍ଯ୍ୟ ଓ କଳ୍ପନାର ସୂକ୍ଷ୍ମତା ଅନୁଭବ କରିବାରେ ସମର୍ଥ ନୁହନ୍ତି । ଜଗନ୍ନାଥବଲ୍ଲଭ ନାଟକରେ କୃଷ୍ଣଲୀଳାବର୍ଣ୍ଣିତ । ଏହା ଉତ୍କଳର ଏକ ମହା ଦାନ । ସମାଲୋଚକଙ୍କ ଭାଷାରେ:-

"It is a play in five acts describing the youthful sports of krisna designed like the Persian plays of Europe to place the early life of the diety as an attractive spectacle."

ଏହା ବୈଷ୍ଣବଧର୍ମର ଲୀଳାମୃତ ନାଟକରେ ପ୍ରଗ୍ରଥିତ ହୋଇ ଦେଶବାସୀଙ୍କୁ ଉଦ୍‌ବୁଦ୍ଧ କରାଇଛି ।

ସମସ୍ୟାର ଗତି ବଡ଼ ବିଚିତ୍ର । ଆଧୁନିକ ଯୁଗରେ ଶ୍ରେଷ୍ଠ ଔପନ୍ୟାସିକ Shaw ଇଂରାଜୀ ରଙ୍ଗମଞ୍ଚରେ ନାନା ପରିବର୍ତ୍ତନ ଆଣିଛନ୍ତି । ଏପରିକି କଥାବସ୍ତୁ ନେଇ ନାଟକ ଲେଖିଛନ୍ତି । ସେହି ନାଟକଗୁଡ଼ିକ ଭାବପ୍ରଧାନ ( drama of ideas ) ବୋଲି ପରିଚିତ ! ଏହି ପ୍ରସଙ୍ଗରେ ଜଣାଯିବ ଯେ ଏହି ଭାବପ୍ରଧାନ ନାଟକ ପ୍ରାଚ୍ୟ ସଭ୍ୟତାରେ ପ୍ରଥମେ କଥୋପକଥନ ଛଳରେ କୃଷ୍ଣଯଜୁର୍ବେଦ, ବୃହଦାରଣ୍ୟ-କୋପନିଷଦରେ ଦେଖାଯାଏ । ପଞ୍ଚତନ୍ତ୍ରରେ ପଶୁପକ୍ଷୀ ମାନଙ୍କ ପ୍ରବୃତ୍ତି ନେଇ ଜୀବନର ନାନା ଜଟିଳ ସମସ୍ୟା ସମାଧାନ କରିଛନ୍ତି । ଏ ସମସ୍ତ allegorical ନାଟକ ବିକାଶର ପ୍ରଥମ ସ୍ତର । ଉଦାହରଣ ସ୍ୱରୂପ:-

ଅହଂ ଦେବେଭ୍ୟୋ ହବ୍ୟଂ ବହାମୀତି ବାଗବ୍ରବୀତ୍, 'ଅହଂ ଦେବେଭ୍ୟଂ ଇତି ମନଃ' ... ନ ବାଗ୍ ଜୁହୁ ବନ୍ନିତାବ୍ରବୀତ୍, ତସ୍ମାତ୍ ମନସା ପ୍ରଜାପତୟେ ଜୁହୁତ ଇତ୍ୟାଦି କୃଷ୍ଣ ଯଜୁର୍ବେଦ । ବାଣୀ କହେ ମୁଁ ଦେବତା-ମାନଙ୍କର ପୂଜା ଦ୍ରବ୍ୟ ନେଉଛି । ମନ କହେ ମୁଁ ଦେବତାମାନଙ୍କ ପାଇଁ ନେଉଛି, ବାଣୀ-ଦ୍ୱାରା ହେଉ ନାହିଁ ତେଣୁ ମନଦ୍ୱାରା ପୂଜା ହେଉଛି ଇତ୍ୟାଦି ।

ଏହିପରି କ୍ରମଶଃ ସାଧାରଣ ସମାଜରୁ ପୂର୍ଣ୍ଣନାଟକ ଦେଖିବାକୁ ମିଳେ । କୃଷ୍ଣ ମିଶ୍ର ଏ ଦିଗରେ ଜଣେ ଅଭିନବ କଳା ପ୍ରବର୍ତ୍ତକ । ସେ ଅଦ୍ୱୈତ ଦର୍ଶନ ଶାସ୍ତ୍ରର ଉପଯୋଗିତା ଆଲୋଚନା କରିଛନ୍ତି ସ୍ୱକୃତ ପ୍ରବୋଧ ଚନ୍ଦ୍ରୋଦୟ ନାଟକରେ । ସେଥିରେ ମାନବ ଜୀବନରେ ଉଦ୍‌ବେଗ, ବ୍ୟବହାର ଓ ନାନା ଜଟିଳ ସମସ୍ୟାର ସମ୍ମୁଖୀନ ହୋଇଛି । ଲେଖକ ୬ଷ୍ଠ ଶତାବ୍ଦୀର ଲୋକ । ତାଙ୍କ ନାଟକରେ ମାନବର ଭୁଲ (error), ପାପ (Vice), ଧର୍ମ, କାରଣ, ନିର୍ବାଣ ପ୍ରଭୃତି ରଙ୍ଗମଞ୍ଚରେ ଅବତୀର୍ଣ୍ଣ ହୋଇଛନ୍ତି । ଅନ୍ୟାନ୍ୟ ନାଟକ ପରି ଏ ନାଟକଟି ସର୍ବଗୁଣରେ ପରିପୂର୍ଣ୍ଣ Gold strucker Koingsburg, Herzal ପ୍ରଭୃତି ଗବେଷକମାନେ ଜର୍ମାନୀ ଭାଷାରେ Taylor Schuler Masdo-nell Levi ପ୍ରଭୃତି ଇଂରାଜୀଭାଷାରେ ଅନୁବାଦ ଓ ସମାଲୋଚନା କରି ଯେଉଁ ମତ ପ୍ରକାଶ କରିଛନ୍ତି,ତାହା ପ୍ରତ୍ୟେକ ଦେଶପ୍ରେମୀ ଭାରତୀୟ ମାନବ ଜାଣିବା ଦରକାର ।

ଏହି ଧରଣର ନାଟକ ଲେଖକ କେବଳ କୃଷ୍ଣ ମିଶ୍ର ନୁହନ୍ତି, ଗୋକୁଳ ନାଥ, ଯଶପାଳ, ଭୂମିନାଥ, ଯାଦବଦେବ, ପ୍ରଭୃତି ନାଟ୍ୟକାରମାନେ ଏହି ଭାବପ୍ରଧ

Digitized by srujanika@gmail.com

ନାଟକ ଲେଖି ଅକ୍ଷୟ ସଂପଦ ଭାରତୀୟ ସଂସ୍କୃତ ଭଣ୍ଡାରକୁ ଦେଇଛନ୍ତି । ସମ୍ରାଜ ୧୯ଶ ଶତାବ୍ଦୀର ଶେଷ ଭାଗରେ ଶ୍ରୀଦାମ ଚରିତ ନାଟକ ଲେଖିଛନ୍ତି । ସେଥିରେ Poverty, Folly, Fortune ପ୍ରଭୃତି ବିଶେଷ ଚରିତ୍ର ଭାବରେ ସ୍ଥାନ ଲଭି ନାଟ୍ୟ କଳାରେ ଯୁଗାନ୍ତର ଆଣିଛନ୍ତି ।

ଏହା ବ୍ୟତୀତ ଛାୟା ନାଟକ, ନୃତ୍ୟ ନାଟକ, ସଙ୍ଗୀତ ନାଟକ ପ୍ରଭୃତି ବିଭିନ୍ନ ନାଟକର ମଧ୍ୟରେ ଏହି ଭାରତୀୟ କୃଷ୍ଟିରେ ଦେଖାଯାଏ । ଯଦ୍ୟପି ପ୍ରାଚ୍ୟ ସଭ୍ୟତାର ବିକାଶ ପାଇଁ ବର୍ତ୍ତମାନ ସମସ୍ତ ଦ୍ୱାରରୁଦ୍ଧ, ତଥାପି ପ୍ରାଚ୍ୟ ନାଟକ ପାଶ୍ଚାତ୍ୟବାସୀଙ୍କୁ ଉଦ୍‌ବୁଦ୍ଧ କରୁଛି ଏହାହିଁ ଆନନ୍ଦର ବିଷୟ । ଏପରି ସ୍ଥଳେ ବିଶ୍ୱ-ସାହିତ୍ୟରେ ନାଟକର କ୍ରମ ବିକାଶ ଲେଖକ କିପରି ଯେ ଏକାବେଳକେ ଅନ୍ତି ବାଣୀ ଶୁଣାଇଛନ୍ତି, ତାହାହିଁ ଆଶ୍ଚର୍ଯ୍ୟ ଲାଗେ । ଆମର ସର୍ବସ୍ୱ ଦାବି ଥାରି ଲୋକ-ମାନେ ହିଁ ଭଜୁଥିବା ବେଳେ, ଆତ୍ମଘାତୀ ନିଜଧନକୁ ହତାଦର କରି ଫିଙ୍ଗିବା ଦୋଷର ବିଷୟ ନୁହେଁ କି ?

# ମଧ୍ୟ ବିତ୍ତ ସଂକଟ

ଶ୍ରୀ ଶଶିଭୂଷଣ ରାୟ ।

( ଉତ୍କଳ ସାହିତ୍ୟ ସମାଜର ବିଶେଷ ଅଧିବେଶନରେ ପଠିତ )

ଏ ଯୁଗରେ ମଧ୍ୟବିତ୍ତ ସମ୍ପ୍ରଦାୟର ଅର୍ଥାତ୍ ସାଧାରଣ ଗୃହସ୍ଥ ଭଦ୍ରଲୋକଙ୍କର ଦୁର୍ଗତିର ସୀମା ନାହିଁ ଏହା ଅସଙ୍କୋଚରେ ବୋଲାଯିବ । ସକଳ ଦେଶରେହିଁ ମଧ୍ୟବିତ୍ତ ଶ୍ରେଣୀ ମଧ୍ୟରୁ ଅଧିକାଂଶ ପ୍ରତିଭାଶାଳୀ ଲୋକ ଜନ୍ମଗ୍ରହଣ କରିଥାଆନ୍ତି । ଇଉରୋପରେ ମଧ୍ୟ ଏହାହିଁ ଦେଖାଯାଏ । ଇଉରୋପରେ ଯେଉଁମାନେ କୌଳିକ ଶକ୍ତି ବିଜ୍ଞାନର ଆଲୋଚନା କରିଥାଆନ୍ତି, ସେମାନେ ସ୍ୱୀକାର କରନ୍ତି ଯେ ଉନ୍ନତ ବଂଶରେହିଁ ପ୍ରତିଭା ଓ ମନୀଷାଶାଳୀ ଲୋକ ଅଧିକ ଜନ୍ମି ଥାଆନ୍ତି । ଆଜିକାଲି ଇଉରୋପରେ ଆମ୍ଭମାନଙ୍କ ଦେଶଭଳି ମଧ୍ୟବିତ୍ତ ଶ୍ରେଣୀ ନାହିଁ । ଫିଉଡାଲ୍ ସିଷ୍ଟମ୍ ଅର୍ଥାତ୍ ଜାଏଗିରିଦାରୀ ବ୍ୟବସ୍ଥାର ବିଲୋପ ସହିତ ସେଠାରେ କାଞ୍ଚନ-କୌଳିନ୍ୟରହିଁ ପ୍ରତିଷ୍ଠା ହେଉଅଛି, ଏହା ଫଳରେ ଇଉରୋପରେ ନୂତନ ବ୍ୟବସ୍ଥାରେ ମଧ୍ୟବିତ୍ତ ଶ୍ରେଣୀର ଆବିର୍ଭାବ ହେଉଅଛି । ପୂର୍ବେ ସେଠାରେ ମଧ୍ୟବିତ୍ତ ଶ୍ରେଣୀ ମଧ୍ୟରୁ ପ୍ରତିଭାଶାଳୀ ବ୍ୟକ୍ତି ଆବିର୍ଭୂତ ହେଉଥିଲେ । ବର୍ତ୍ତମାନ ସେଠାରେ ଯେପରି ନାନା ସମ୍ପ୍ରଦାୟର ସମ୍ମିଶ୍ରଣରେ ମଧ୍ୟବିତ୍ତ ଶ୍ରେଣୀ ଗଠିତ ହେଉଅଛି, ସେହିପରି ସେହି ଶ୍ରେଣୀରୁ ଆଉ ପୂର୍ବଭଳି ପ୍ରତିଭାଶାଳୀ ଲୋକ ଅଧିକ ସଂଖ୍ୟାରେ ଉଦ୍ଭୂତ ହେଉନାହାନ୍ତି । ଇଂଲଣ୍ଡରେ ମଧ୍ୟ ପ୍ରତିଭାର ଦୈନ୍ୟ ଉପସ୍ଥିତ ହୋଇଅଛି, ଏ କଥା ଅନେକ ଇଂରାଜ ସ୍ୱୀକାର କରନ୍ତି । ସମ୍ପ୍ରତି ଗୋଟିଏ ଇଂରାଜ-ସମ୍ପାଦିତ ସମ୍ବାଦ-ପତ୍ରରେ ଲିଖିତ ହୋଇଥିଲା ଯେ ଇଂଲଣ୍ଡର ପ୍ରତିଭାଶାଳୀ ଲୋକେ ବର୍ତ୍ତମାନ ବ୍ୟବସାୟ ବାଣିଜ୍ୟରେ ଆତ୍ମ-ନିୟୋଗ କରିଅଛନ୍ତି ବୋଲି ସେଠାରେ ସାହିତ୍ୟ, ବିଜ୍ଞାନ ଓ ଦର୍ଶନରେ ପ୍ରତିଭାର ପରିଚୟ ମିଳୁନାହିଁ । ବିଶ୍ୱବିଖ୍ୟାତ Maxim Gorkie କହୁଅଛନ୍ତି

"Culture is in danger, the cultured nations are exhausted and are becoming primitive and the victory remains on the side of universal stupity

ଯାହାହେଉ ସେ ଚିନ୍ତାରେ ଆମ୍ଭମାନଙ୍କ ଉଦ୍‌ବେଗ ହେବାର ନିରର୍ଥକ ।

Digitized by srujanika@gmail.com

କିନ୍ତୁ ଆମ୍ଭମାନଙ୍କର ଏହି ମଧ୍ୟବିତ୍ତ ସମ୍ପ୍ରଦାୟକୁ ... ଗି ଆମ୍ଭମାନଙ୍କ ଦେଶରେ ପ୍ରତିଭା, ମନୀଷା ପ୍ରଭୃତି ... ର ପଥ ରକ୍ଷା କରିବାକୁ ହେବ । ପୂର୍ବେ ଏହି ... ର ପ୍ରାୟ ସମସ୍ତଙ୍କରହିଁ କିଛି କିଛି ଭୂସମ୍ପତ୍ତି ... ଶ ଓ ଲାଖରାଜ ଜମିଗୁଡ଼ିକ ଏହାର ପ୍ରମାଣ ସ୍ୱରୂପ । କାହାରି କାହାରି ସ୍ୱାଧୀନ ବୃତ୍ତି ମଧ୍ୟ ଥିଲା । ସେତେବେଳେ ଏହି ସମ୍ପ୍ରଦାୟଲୋକେ ସ୍ୱାଧୀନ ଓ ସ୍ୱଚ୍ଛନ୍ଦଭାବରେ ଜୀବନଯାତ୍ରା ନିର୍ବାହରେ ଅଭ୍ୟସ୍ତ ଥିଲେ; ବିଳାସିତାରୁ ସେମାନେ ବହୁଦୂରରେ ରହିଥିବାରୁ, ଉଚ୍ଚ ଶାସ୍ତ୍ରରେ ଆତ୍ମନିୟୋଗ କରୁଥିଲେ । ଆଜି ଏହି ମଧ୍ୟବିତ୍ତ ସମାଜ ବିଳାସରେ ନିମଗ୍ନ ଏବଂ ବୃତ୍ତିହୀନତା ଫଳରୁ ଜୀବନ ଯାତ୍ରା ନିର୍ବାହ ସକାଶେ ଅତିମାତ୍ର ବ୍ୟାକୁଳ । ଏହି ହେତୁରୁ ସେମାନେ ପ୍ରତିଭା ଓ ମନୀଷା ହରାଇ-ଦେଇ ଅତି ଦ୍ରୁତ ବେଗରେ ଧ୍ୱଂସ ମୁଖରେ ଅଗ୍ରସର । ମାନସିକ ଉତ୍କର୍ଷ ସକାଶେ ଏମାନେ ବହୁ ଲୋକଙ୍କର ଚକ୍ଷୁଶୂଳ ହୋଇ ପଡ଼ିଅଛନ୍ତି । ଆଜି ଯେଉଁ ପାଶ୍ଚାତ୍ୟ ଶିକ୍ଷାର ମୋହରେ ପଡ଼ି ଆମ୍ଭେମାନେ ଉତ୍କଟ ସାମ୍ୟବାଦୀ ହୋଇଅଛୁଁ, ସେହି ପାଶ୍ଚାତ୍ୟ ବିଜ୍ଞାନହିଁ ତାର ସ୍ୱରରେ ମୌଳିକ ଶକ୍ତିର ପ୍ରାଧାନ୍ୟ ଘୋଷଣା କରୁଅଛି । ଏତିକ ସର୍ବଦା ସ୍ମରଣ ରଖିବାକୁ ହେବ, ଭାଙ୍ଗିବା ବଡ଼ ସହଜ, କିନ୍ତୁ ଗଢ଼ିବା କଠିନ । ମଧ୍ୟବିତ୍ତ ଲୋକଙ୍କର ଅବସ୍ଥା ବର୍ତ୍ତମାନ ଯେପରି ହୋଇଅଛି, ଏହି ଅବସ୍ଥା ଯଦି ଆଉ କିଛିଦିନ ରହିଲେ, ତାହାହେଲେ କେତେକାଳ ପରେ ଏହି ସମ୍ପ୍ରଦାୟ ନିର୍ବଂଶ ସୁତରାଂ ନିର୍ମୂଳ ହୋଇଯିବ । ଯେବେ ଏହା ଘଟିଯାଏ ନାନା କାରଣରୁ ତାହା ଅତ୍ୟନ୍ତ ଶୋଚନୀୟ ବ୍ୟାପାର ହେବ ।

୫୦ ବର୍ଷରୁ ଅଧିକ ହେଲା ସମଗ୍ର ଜଗତବ୍ୟାପୀ ସାଂଘାତିକ ଅର୍ଥନୈତିକ ସଙ୍କଟ ଚାଲିଅଛି । ଜଗତରୁ ବ୍ୟବସା ବାଣିଜ୍ୟ କମିଅଛି, ସଙ୍ଗେ ସଙ୍ଗେ ଭାରତବର୍ଷର ମଧ୍ୟ କମି ଯାଇଅଛି । ନ୍ୟୂନାଧିକ ଭାବରେ ସକଳ ଦେଶରେ ଏହି ସମସ୍ୟା ପ୍ରବଳ ଭାବରେ ଦେଖା-ଦେଇଅଛି ଏବଂ ପ୍ରାୟ ପ୍ରତ୍ୟେକ ଦେଶରେ କିପରି ଏହାର ପ୍ରତୀକାର ହେବ ତାହାର ଚେଷ୍ଟା ହେଉଅଛି ।

ଭାରତବର୍ଷରେ ଏହି ଉଦ୍ଦେଶ୍ୟ ନେଇ ଗୋଟିଏ ଲେଖାଏଁ କର୍ମପନ୍ଥା ପ୍ରତ୍ୟେକ ପ୍ରଦେଶରେ ବ୍ୟାପକ ରୂପେ ପ୍ରତିଷ୍ଠିତ ହେବାର ଆୟୋଜନ ହେଉଅଛି । ଏହି ସବୁ ପ୍ରତିଷ୍ଠାନ ଦ୍ୱାରା ଦେଶର ଧନ ବଢ଼ିବ, ଉତ୍ପନ୍ନ ଦ୍ରବ୍ୟର ପରିମାଣ ବଢ଼ିବ ଏବଂ ନିଷ୍କର୍ମା କମ୍ବା ବେକାର ଲୋକଙ୍କର ଅନ୍ନସଂସ୍ଥାନ ହେବ ।

ନୂତନ ଶିଳ୍ପ ସଂସ୍ଥାନ ଗଢ଼ାଇବାକୁ ହେଲେ ଶିଳ୍ପ ପ୍ରତିଷ୍ଠାନର ମୂଳଧନ ଧନୀମାନେ ଯୋଗାଇ ... ଲଭ୍ୟାଂଶ ମଧ୍ୟ ସେହିମାନେ ପାଇବେ । ... ବେତନରେ କେତେକ ଲୋକ ଅବଶ୍ୟ ... ହେବେ । ଯେଉଁମାନଙ୍କର ପ୍ରକୃତ ଅଭାବ ହେଉଅଛି ସେମାନଙ୍କର ଅଭାବ ବଢ଼ିବ । ଅବଶ୍ୟ ଏ କଥା ସ୍ୱୀକାର କରିବାକୁ ହେବ ଯେ ପୃଥିବୀର ସମସ୍ତ ଦେଶର ଏହି ଅବସ୍ଥା । ଶିଳ୍ପ ବାଣିଜ୍ୟରୁ ଧନୀଙ୍କର ଧନ ବୃଦ୍ଧି ହେଉଅଛି । ଭାରତବର୍ଷରେ ସାଧାରଣଙ୍କର ଆୟ କମିଲେହେଁ ମୋଟର ଗାଡ଼ିର ଆମଦାନି ବଢ଼ି ଯାଇଅଛି, ଏ କଥା ଅସ୍ୱୀକାର କରିବାର ଉପାୟ ନାହିଁ । କିନ୍ତୁ ଶିଳ୍ପ ପ୍ରତିଷ୍ଠାନ ନ ବଢ଼ାଇଲେ ଅନ୍ୟ ଉପାୟ କଣ ?

ଭାରତବର୍ଷରେ ବର୍ତ୍ତମାନ ଆନ୍ତର୍ଜ୍ଜାତିକ ବାଣିଜ୍ୟ ପ୍ରଥା ପ୍ରବର୍ତ୍ତିତ ହେବା ପୂର୍ବରୁ ନିମ୍ନଶ୍ରେଣୀର ଲୋକଙ୍କର ଅବସ୍ଥା ଅନେକ ଭଲ ଥିଲା । ସେତେବେଳେ ଦେଶର କ୍ଷୁଦ୍ର କୁଟୀର-ଶିଳ୍ପଗୁଡ଼ିକ ଦ୍ୱାରା ସ୍ଥାନୀୟ ପ୍ରୟୋଜନ ମେଣ୍ଟି ଯାଉଥିଲା । କୃଷିଜୀବୀମାନଙ୍କର କୃଷିକାର୍ଯ୍ୟ ବ୍ୟତୀତ ଅନ୍ୟ ଆୟର ମଧ୍ୟ ଉପାୟ ରହିଥିଲା । ଏଥିରେ କୃଷି-ସମୟରେ କୃଷି କରି ଏବଂ ଅନ୍ୟ ସମୟରେ ନାନାରୂପ କାର୍ଯ୍ୟ କରି ସେମାନେ ସମସ୍ତ ବର୍ଷ ରୋଜଗାର କରୁଥିଲେ । ଏହା ଉପରନ୍ତୁ କଳର ସୁଲଭ ବିଦେଶୀ ପଣ୍ୟ ଆସି ସମସ୍ତ କ୍ଷୁଦ୍ର ଉଚ୍ଚ ଶିଳ୍ପର ସର୍ବନାଶ କରିଦେଲା । ଏଥିରେ ଏହି ଫଳ ହେଲା ଯେ ସମାଜର ବିଶେଷତଃ କୃଷକମାନଙ୍କର ଅର୍ଥନୈତିକ ବନ୍ଧନ ଶିଥିଳ ହୋଇଗଲା, କିନ୍ତୁ ଆନ୍ତର୍ଜ୍ଜାତିକ ବାଣିଜ୍ୟର ଅନ୍ୟ ଗୋଟିଏ ଦିଗ ଏହି ଅବସ୍ଥାକୁ କେତେକ ପରିମାଣରେ

Digitized by srujanika@gmail.com

ଭଲ ଅଡ଼କୁ ପେଷାଇ ହେଲା । କୃଷି ପ୍ରଧାନ ଭାରତବର୍ଷରେ କୃଷିଜାତ ଦ୍ରବ୍ୟାଦିର ପ୍ରୟୋଜନୀୟତା ବିଦେଶରେ ବଢିଗଲା ଏବଂ ଏଥିରେ କିଛି ସୁବିଧା ମଧ୍ୟ ହେଲା । ଏହା ଉପରୁ ଜଗତରେ ଅର୍ଥନୈତିକ ମହାସଙ୍କଟର ଉପସ୍ଥିତି ପ୍ରଭାବରୁ ଭାରତବର୍ଷର ରପ୍ତାନି କଞ୍ଚା ମାଲର ମୂଲ୍ୟ ଯେଉଁ ଅନୁପାତରେ କମିଗଲା, ସେଥିରୁ କମିଗଲା ଶିଳ୍ପଜାତ ଦ୍ରବ୍ୟାଦିର ମୂଲ୍ୟ । କଞ୍ଚାମାଲ ଉତ୍ପାଦକମାନେ ସେମାନଙ୍କର ଦ୍ରବ୍ୟାଦି ସବୁ ବିକ୍ରୟ କରି ଯେଉଁ ଟଙ୍କା ପାଇଲେ ତହିଁରେ ଆବଶ୍ୟକ ଗ୍ରାସ ସଂଗ୍ରହ କରି ଜୀବନଯାତ୍ରା ପକ୍ଷରେ ଅତି ପ୍ରୟୋଜନୀୟ ଦ୍ରବ୍ୟାଦି କିଣିବାର ବିଶେଷ ସାମର୍ଥ୍ୟ ସେମାନଙ୍କର ରହୁ ନାହିଁ । କିନ୍ତୁ ପକ୍ଷାନ୍ତରରେ ଧନୀମାନଙ୍କ କିଣିବାର କ୍ଷମତା (ଅର୍ଥାତ୍ ହାତରେ ଅନେକ ଟଙ୍କା) ବଢିଲା ଏହାର ପ୍ରମାଣ ଏତିକି ଯେ ଏହି ଅର୍ଥସଙ୍କଟ ସମୟରେ ଦେଶର ବହିର୍ବାଣିଜ୍ୟ ଅନେକ କମିଗଲେ ମଧ୍ୟ ଏଦେଶରେ ବିଳାସ ଦ୍ରବ୍ୟର ଆମଦାନୀ ଅନେକ ବଢିଅଛି, ସୁତରାଂ ଆମ୍ଭମାନଙ୍କ ଦେଶରେ ଧନବଣ୍ଟନ ମଧ୍ୟରେ ଯେ ଯଥେଷ୍ଟ ଅସାମଞ୍ଜସ୍ୟ ଓ ଅସାମ୍ୟ ରହିଅଛି ତାହା ଦିନକୁ ଦିନ ବୃଦ୍ଧିପ୍ରାପ୍ତ ହେଉଅଛି ଏହା ଅସ୍ୱୀକାର କରିବାର ଉପାୟ ନାହିଁ ।

ସକଳ ଦେଶରେ, ସକଳ ସମାଜରେ ସାଧାରଣତଃ ୩ ଶ୍ରେଣୀର ଲୋକ ଦେଖାଯାଆନ୍ତି । ୧ମ ଧନୀ ସମ୍ପ୍ରଦାୟ, ୨ୟ ମଧ୍ୟବର୍ତ୍ତୀ ସମ୍ପ୍ରଦାୟ ଏବଂ ୩ୟ ଶ୍ରମିକ ସମ୍ପ୍ରଦାୟ । ଏହି ତିନ ଶ୍ରେଣୀର ଲୋକଙ୍କ ମଧ୍ୟରୁ ପ୍ରଥମ ଓ ତୃତୀୟ ଶ୍ରେଣୀର ଲୋକଙ୍କର ପରିଚୟ ଦେବାର ପ୍ରୟୋଜନ ନାହିଁ । ସେମାନେ ନିଜ ନିଜ ପ୍ରଭାବରେ ନିଜେ ନିଜେ ପରିଚିତ । ଯେଉଁମାନେ ଧନୀ ସେମାନଙ୍କର ଗ୍ରାସାଚ୍ଛାଦନ ସମ୍ବନ୍ଧରେ ଚିନ୍ତା ନାହିଁ ପ୍ରୟୋଜନୀୟ ଅଥବା ଅପ୍ରୟୋଜନୀୟ କୌଣସି ବିଷୟରେ ବ୍ୟୟ କୁଣ୍ଠାର ଆବଶ୍ୟକ ନାହିଁ । ଏଭଳି ଧନୀ ଆମ୍ଭମାନଙ୍କ ଦେଶରେ ମୁଷ୍ଟିମେୟ । କିନ୍ତୁ ଇଉରୋପ ଏବଂ ଆମେରିକାର ଧନୀମାନଙ୍କ ତୁଳନାରେ ଏମାନେ ହିମାଳୟର ତୁଳନାରେ କ୍ଷୁଦ୍ରାତିକ୍ଷୁଦ୍ର ଶିଳାଖଣ୍ଡ । ମିତବ୍ୟୟିତା ନ କରି ଦୁଇ ଏକ ପୁରୁଷ ଚଳି ପାରିବେ ଏ ଭଳି ଧନୀ ଏ ଦେଶରେ ନାହାନ୍ତି କହିଲେ ଅତ୍ୟୁକ୍ତିର ସମ୍ଭାବନା ନାହିଁ ।

ଏ ଯୁଗରେ ତୃତୀୟ ସମ୍ପ୍ରଦାୟହିଁ ବିଶେଷ କ୍ଷମତାଶାଳୀ ହୋଇ ଉଠିଅଛନ୍ତି । ଏହି ସମ୍ପ୍ରଦାୟ କାୟିକ ପରିଶ୍ରମ ଦ୍ୱାରା ଜୀବିକା ଅର୍ଜନ କରନ୍ତି । ଏମାନେ ସମାଜର ଚଳାଉଛନ୍ତି । ଏମାନେ ନଥିଲେ ସମାଜ ଯେ କେବଳ ଉନ୍ନତ ମାର୍ଗରେ ଅଗ୍ରସର ହୋଇ ନପାରେ ଏହାନୁହେଁ ଅଧିକନ୍ତୁ ସମାଜର ସମସ୍ତ କାର୍ଯ୍ୟ ଅଚଳ ହୋଇଯାଏ । ଏମାନଙ୍କ ମଧ୍ୟରେ ଅନେକ ଦରିଦ୍ର ଅଛନ୍ତି, ଏହି ହେତୁରୁ ଏମାନେ ସହଜରେ ସର୍ବସାଧାରଣଙ୍କର ଦୃଷ୍ଟି, ଦୟା ଏବଂ ସହାନୁଭୂତି ଆକର୍ଷଣ କରିପାରନ୍ତି । କାବ୍ୟ, ନାଟକ, ଉପନ୍ୟାସ ଗଳ୍ପ ପ୍ରଭୃତିର ସାହାଯ୍ୟରେ ଏମାନଙ୍କ ଉପରେ ଜନସାଧାରଣଙ୍କର ସହାନୁଭୂତି ଉଦ୍ରେକ କରିବାର ପ୍ରକୃତ ଚେଷ୍ଟା ସକଳ ଦେଶରେ ହେଉଅଛି । ଏହା ବ୍ୟତୀତ ଏମାନଙ୍କ ହସ୍ତରେ ଏ ଯୁଗରେ ଗୋଟିଏ ସାଂଘାତିକ ଅସ୍ତ୍ର ପଡ଼ିଅଛି - ତାହା ଧର୍ମଘଟ । ଧର୍ମଘଟ ସାହାଯ୍ୟରେ ଏମାନେ ସମାଜକୁ ଏବଂ ସାମାଜିକ କାର୍ଯ୍ୟକୁ ଅଳ୍ପ ସମୟ ମଧ୍ୟରେ ପଙ୍ଗୁ କରିଦେଇ ପାରନ୍ତି । ଇଉରୋପରେ ଏହି ଅସ୍ତ୍ର ସାହାଯ୍ୟରେ ଏହି ଶ୍ରେଣୀର ଲୋକ ନିଜର ଅବସ୍ଥା ଅନେକ ଉନ୍ନତ କରି ନେଇଅଛନ୍ତି । ଏ ଦେଶରେ ମଧ୍ୟ ଧର୍ମଘଟର ଆମଦାନୀ ହେଲାଣି । ମେଜର ଏଟଲି ଆଜିକାଲି ବ୍ରିଟିଶ ସାମ୍ରାଜ୍ୟର ପ୍ରଧାନ ମନ୍ତ୍ରୀ । ସେ ଯେତେବେଳେ ସାଇମନ କମିଶନର ଅନ୍ୟତମ ସଦସ୍ୟରୂପେ ଭାରତକୁ ଆସିଥିଲେ ସେତେବେଳେ କହିଥିଲେ "Revolutions come from the stomach" ଅର୍ଥାତ୍ ଜଠରରୁ ବିପ୍ଳବର ଆବିର୍ଭାବ ହୋଇଥାଏ । ଏ କଥା ଅତ୍ୟନ୍ତ ସତ୍ୟ । ସଂସ୍କୃତ ନୀତିଶାସ୍ତ୍ର ମଧ୍ୟ କହୁଅଛି "ବୁଭୁକ୍ଷିତଂ କିଂ ନ କରୋତି ପାପଂ ?" ଯେଉଁ ବ୍ୟକ୍ତି ଜଠର କ୍ଷୁଧାରେ ଜଳୁଅଛି ସେ କେଉଁ ପାପ ନ କରିପାରେ ? ସଂସାରର ସକଳ ପ୍ରକାର ପାପହିଁ କ୍ଷୁଧା କାତର ଲୋକହିଁ କରିପାରେ । ଜଠର କ୍ଷୁଧାନଳରେ ଦଗ୍ଧ ହେଲେ ମନୁଷ୍ୟ ଆଉ ହିତାହିତ, ଭଲ ମନ୍ଦ, ସମ୍ଭବ ଅସମ୍ଭବ, କର୍ତ୍ତବ୍ୟ ଅକର୍ତ୍ତବ୍ୟ ପ୍ରଭୃତି ଧୈର୍ଯ୍ୟ

Digitized by srujanika@gmail.com

ସହଜରେ ଚିନ୍ତା କରି ନପାରେ, ଏହି ହେତୁରୁ ସେମାନେ କ୍ଷିପ୍ତପ୍ରାୟ ହୋଇ କୁକର୍ମ କରିଥାଆନ୍ତି । ଏଥିପାଇଁ ସେମାନଙ୍କୁ ଦୋଷ ଦେବା ଅସଙ୍ଗତ । ଯେଉଁ ବ୍ୟବସ୍ଥା ହେତୁରୁ ସେମାନଙ୍କର ଏ ଭଳି ଦଶା ହୁଏ ସେହି ବ୍ୟବସ୍ଥାକୁ ଦୋଷ ଦେବାହିଁ ନ୍ୟାୟସଙ୍ଗତ । ଊନବିଂଶ ଶତାବ୍ଦୀରେ ଫରାସୀ ରାଷ୍ଟ୍ରବିପ୍ଳବ ଗୋଟିଏ ନୂତନ ଯୁଗର ପତ୍ତନ କରି ଦେଇଅଛି ଏହା ସତ୍ୟ, କିନ୍ତୁ ସେହି ଫରାସୀ ବିପ୍ଳବର ମୂଳ କାରଣ କଅଣ ଜଠରଜ୍ୱାଳା ନୁହେଁ ?

କିନ୍ତୁ ଆଜିକାଲି ମଧ୍ୟବର୍ତ୍ତୀ ସମାଜର ଦୁଃଖ ଓ ଦାରିଦ୍ର୍ୟ ଅତିରିକ୍ତ ଭାବରେ ବୃଦ୍ଧି ପାଇଅଛି । କେବଳ ଭାରତରେ ଯେ ଏମାନଙ୍କର ଦୁଃଖ ଓ ଦାରିଦ୍ର୍ୟ ବୃଦ୍ଧି ପାଇଅଛି ତାହା ନୁହେଁ, ପୃଥିବୀର ସକଳ ଦେଶରେହିଁ ଏମାନଙ୍କର କଷ୍ଟ ଅଧିକ ହୋଇଅଛି । ଗୋଟିଏ ସମ୍ବାଦ ପତ୍ରରେ ଲେଖା ପଢ଼ିଥିଲି ବିଲାତରେ ମଧ୍ୟଶ୍ରେଣୀର ଲୋକଙ୍କ କଷ୍ଟ ସମଧିକ ବଢ଼ି ଯାଇଅଛି - କିନ୍ତୁ ଏମାନଙ୍କର ଛାତି ଫାଟିଯାଉଥିଲେହେଁ ମୁହଁ ଫିଟୁନାହିଁ । ବିଲାତରେ ଯେବେ ଏହି ଅବସ୍ଥା ହୁଏ, ତାହାହେଲେ ଆମ୍ଭମାନଙ୍କ ଦେଶର ମଧ୍ୟଶ୍ରେଣୀର ଲୋକଙ୍କ କଷ୍ଟ କେତେ ଅଧିକ ତାହା ସହଜରେ ଅନୁମେୟ । ବିଲାତରେ ମଧ୍ୟଶ୍ରେଣୀ ଲୋକଙ୍କ କର୍ମକ୍ଷେତ୍ର ଅତ୍ୟନ୍ତ ବିସ୍ତୃତ । ଭାରତରେ ମଧ୍ୟ ବ୍ରିଟେନର ମଧ୍ୟଶ୍ରେଣୀର ବହୁଲୋକେ କର୍ମ କରି ପ୍ରଚୁର ଆୟ କରିଥାଆନ୍ତି । ଏହା ବ୍ୟତୀତ ଇଂଲଣ୍ଡର ଉପନିବେଶ ସମୂହରେ, ଇରାକ, ପାଲେଷ୍ଟାଇନ୍, ମିଶର ପ୍ରଭୃତି ଦେଶରେ ବିଲାତର ମଧ୍ୟ-ଶ୍ରେଣୀର ଲୋକେ ଭଲଭାବରେ ଜୀବିକାର୍ଜନ କରିଥାଆନ୍ତି ସକଳ ବିଭାଗରେ ଏମାନେ କାର୍ଯ୍ୟକରି ସୁଦ୍ଧା ସେମାନଙ୍କର ଯେବେ କଷ୍ଟ ହୋଇଥାଏ, ତାହାହେଲେ ଭାରତବର୍ଷର ମଧ୍ୟଶ୍ରେଣୀସ୍ଥ ଲୋକଙ୍କର କଷ୍ଟ ଅତି ସହଜରେ ବୁଝାଯିବ ।

ବର୍ତ୍ତମାନ ଜିଜ୍ଞାସ୍ୟ ଏହି ମଧ୍ୟଶ୍ରେଣୀ କେଉଁମାନେ ? ଯେଉଁମାନେ ଶିକ୍ଷିତ ବ୍ୟକ୍ତିମାନଙ୍କର ବ୍ୟବସାୟ, ଶିଳ୍ପ-ସେବା ଏବଂ ଲେଖାପଢ଼ା ଜାଣିବା ଲୋକଙ୍କର ଗ୍ରହଣ କରନ୍ତି ସେମାନେହିଁ ମଧ୍ୟବର୍ତ୍ତୀ ଶ୍ରେଣୀ ବୋଲି କଥିତ ହୋଇଥାଆନ୍ତି । ଏମାନେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ଜାତୀୟ କାର୍ଯ୍ୟରେହିଁ ଆତ୍ମନିୟୋଗ କରିଥାଆନ୍ତି । ଏମାନଙ୍କ ମଧ୍ୟରେ ଦୁଇଦଳ ଅଛନ୍ତି । ଡାକ୍ତର, ବ୍ୟବହାରଜୀବୀ, ଇଞ୍ଜିନିୟର, ଉଚ୍ଚ ସରକାରୀ କର୍ମଚାରୀ ଏବଂ ବ୍ୟବସାଦାର ସମ୍ପ୍ରଦାୟ ଏମାନଙ୍କ ମଧ୍ୟରେ ଉଚ୍ଚ ଦଳର ଲୋକ ବୋଲି ଗଣ୍ୟ । ଦ୍ୱିତୀୟ ଦଳର ଲୋକମାନଙ୍କ ମଧ୍ୟରେ କିରାଣୀ, ସମ୍ବାଦପତ୍ର ଲେଖକ, ଶିକ୍ଷକ, କ୍ଷୁଦ୍ର ବ୍ୟବସାୟୀ ଓ ଦୋକାନୀ ପ୍ରଭୃତି । ଏହି ଦୁଇ ଦଳର ଲୋକେ ମଧ୍ୟଶ୍ରେଣୀ ବୋଲି ଗଣ୍ୟ । ଏହି ଶ୍ରେଣୀର ଲୋକମାନଙ୍କ ମଧ୍ୟରୁ ଅସାଧାରଣ ପ୍ରତିଭା ଓ ମନୀଷାସମ୍ପନ୍ନ ଲୋକଙ୍କର ଆବିର୍ଭାବ ହୋଇଥାଏ । ସମାଜର ଶାନ୍ତିରକ୍ଷାର ସ୍ୱାର୍ଥରେ ଏମାନେ ଧୈର୍ଯ୍ୟବାନ୍ ଏବଂ ଅଯଥା କଳରବ ପ୍ରିୟ ନୁହନ୍ତି । ଶ୍ରମିକ ସମ୍ପ୍ରଦାୟ କୋଳାହଳ ଏବଂ ଚିତ୍କାର କରି ନିଜମାନଙ୍କ ପ୍ରତି ଶାସକ ଓ ରାଜନୀତିଜ୍ଞମାନଙ୍କର ଦୃଷ୍ଟି ଆକର୍ଷଣ କରୁଥାଆନ୍ତି - କିନ୍ତୁ ମଧ୍ୟଶ୍ରେଣୀ ତାହା କରନ୍ତିନାହିଁ - କରିପାରନ୍ତିନାହିଁ ସେମାନେ ସାଧାରଣତଃ କଷ୍ଟସହିଷ୍ଣୁ ଏବଂ ଅଳ୍ପରେ ସନ୍ତୁଷ୍ଟ । କିନ୍ତୁ ଅଧୁନା ଦ୍ରବ୍ୟାଦି ଦୁର୍ମୂଲ୍ୟ ହୋଇଅଛି ଏହା ଉପରେ ଶ୍ରମିକ ସମ୍ପ୍ରଦାୟ କ୍ରମାଗତହିଁ ଅଧିକ ପାରିଶ୍ରମିକ ପାଇଁ ଦାବୀ କରୁଅଛନ୍ତି ବୋଲି ସେହି ଦୁର୍ମୂଲ୍ୟତା ଅଧିକ ବୃଦ୍ଧି ପାଉଅଛି । କିନ୍ତୁ ମଧ୍ୟଶ୍ରେଣୀର ଆୟ ତଦନୁପାତରେ ବୃଦ୍ଧି ପାଉନାହିଁ । ବ୍ୟବହାର-ଜୀବୀମାନେ ସବୁ କ୍ଷେତ୍ରରେ ପୂର୍ବଭଳି ଅର୍ଥ ପାଉନାହାନ୍ତି, ଦୋକାନୀ ଓ ବ୍ୟବସାୟୀମାନେ ଯୁଦ୍ଧକାଳର ନୂଆ ଶବ୍ଦ "କଳା ପୋତେଇ" ବ୍ୟତୀତ ଅଧିକ ଲାଭ ପାଉନାହାନ୍ତି । ସରକାରୀ ଚାକର, ଇଞ୍ଜିନିୟର ପ୍ରଭୃତିଙ୍କର ଆୟ ତ ସୀମାବଦ୍ଧ । କିରାଣୀ, ସମ୍ପାଦକ ପ୍ରଭୃତିଙ୍କର ଆୟ କିଛି-କିଛି ବୃଦ୍ଧି ହେଲେହେଁ ଟଙ୍କାର ମୂଲ୍ୟ ହିସାବରେ ସେମାନଙ୍କର ଆୟ ଅନେକ କମି ଯାଇଅଛି । ଏହି ଶ୍ରେଣୀର ଲୋକେ ଗୋଟିଏ ଗୋଟିଏ ବିଶିଷ୍ଟ କାର୍ଯ୍ୟରେ ଲିପ୍ତ ହୁଅନ୍ତି ଏବଂ ଘଡ଼ିର କଣ୍ଟା ଭଳି ନିୟମିତ ଭାବରେ କାର୍ଯ୍ୟ କରିଥାଆନ୍ତି । କିନ୍ତୁ ଅଧୁନା ଏହି ଶ୍ରେଣୀର

Digitized by srujanika@gmail.com

ଲୋକଙ୍କର ଯେ କଷ୍ଟ ହୋଇଅଛି ତାହାର ପ୍ରତୀକାର କରି କ୍ଷମତା ସେମାନଙ୍କର ଏକାବେଳକେ ନାହିଁ । ସେମାନଙ୍କର ସମଶ୍ରେଣୀର ଲୋକମାନଙ୍କ ମଧ୍ୟରେ ନିଷ୍ପର୍ଦ୍ଧା ଅଥବା ବେକାରର ସଂଖ୍ୟା ଅତ୍ୟନ୍ତ ପ୍ରବଳ ହେବାରୁ ସେମାନେ ବରଂ ଅଧିକ ଭୀତହୋଇ ଉଠୁଅଛନ୍ତି । ଦୁଃଖର ବିଷୟ ଏତିକି ଯେ ଏହି ଶ୍ରେଣୀର ଲୋକମାନଙ୍କ ପ୍ରତି କାହାରି ସହାନୁଭୂତି ଆକୃଷ୍ଟ ହେଉନାହିଁ । ଏହି ଶ୍ରେଣୀର ଲୋକମାନଙ୍କ ମଧ୍ୟରୁହିଁ ପ୍ରତିଭା ଓ ମନୀଷାର ଉଦ୍ଭବ ହୋଇଥାଏ ଏବଂ ଏହି ଶ୍ରେଣୀ ମଧ୍ୟରୁ ସାଧୁ ଓ ବିପ୍ଳବୀ ବ୍ୟକ୍ତି ଆବିର୍ଭୂତ ହୋଇଥାଆନ୍ତି । ସକଳ ଦେଶରେହିଁ ଏହି ଶ୍ରେଣୀ ପ୍ରକୃତ ସମ୍ମାନର ଅଧିକାରୀ । ଏହି ଶ୍ରେଣୀର ଲୋକହିଁ ସମାଜରେ ସଭ୍ୟତା ବିସ୍ତାରରେ ସହାୟତା କରିଥାଆନ୍ତି । ଶିକ୍ଷାରେ, ସୌଜନ୍ୟରେ, ବୁଦ୍ଧିରେ ଏବଂ ଜ୍ଞାନଗବେଷଣାରେ ଏହି ଶ୍ରେଣୀହିଁ ସର୍ବାଗ୍ରଗଣ୍ୟ । ରାଜନୀତି, ସମାଜନୀତି, ଧର୍ମନୀତି ପ୍ରଭୃତିର ଆଲୋଚନା ଓ କାର୍ଯ୍ୟରେ ଏହି ଶ୍ରେଣୀର ଲୋକହିଁ ଅଧିକ ଆତ୍ମନିୟୋଗ କରିଥାଆନ୍ତି । ଏହି ଶ୍ରେଣୀର ଲୋକ ମଧ୍ୟରୁ ଦେଶର ବରିଷ୍ଠ ରାଜନୀତିକ ଓ ରାଷ୍ଟ୍ରପରିଚାଳକବର୍ଗ ଆବିର୍ଭୂତ ହୋଇଥାଆନ୍ତି । ଏହି ହେତୁରୁ ବଳବତ୍ତର ରାଜନୀତିକ ଗଣ ଏହି ଶ୍ରେଣୀର ଲୋକମାନଙ୍କ ସ୍ୱାର୍ଥରକ୍ଷାରେ ଅଧିକ ଅବହିତ । ଗୋଟିଏ କଥାରେ ଏହି ମଧ୍ୟବର୍ତ୍ତୀ ଶ୍ରେଣୀହିଁ ସମାଜର ମେରୁଦଣ୍ଡ ।

ସ୍ୱାଧୀନ ଦେଶରେ ଯେଉଁ କାରଣରୁ ଏହି ଶ୍ରେଣୀର ଲୋକେ ସମ୍ମାନିତ ହୋଇଥାଆନ୍ତି ପରାଧୀନ ଦେଶରେ ସେହି କାରଣରୁ ଏହି ଶ୍ରେଣୀର ଲୋକେ ଅବଜ୍ଞାତ ହୋଇଥାଆନ୍ତି । ଭୌତିକ ଶକ୍ତି ପ୍ରଭାବରୁ ଏହି ଶ୍ରେଣୀର ଲୋକେ ମନୀଷା ଓ ପ୍ରତିଭାର ଅଧିକାରୀ ଏବଂ ରାଜନୀତି ଓ ସମାଜନୀତିରେ ପାରଦର୍ଶୀ ହୋଇଥାଆନ୍ତି । ସେମାନଙ୍କର ବୁଦ୍ଧି ଅତି ତୀକ୍ଷ୍ଣ ଏବଂ ଶିକ୍ଷାର ପ୍ରବୃତ୍ତି ଓ ଜ୍ଞାନର ପିପାସା ଅତ୍ୟନ୍ତ ଅଧିକ । ବର୍ତ୍ତମାନ ସମୟରେ ସେମାନଙ୍କୁ ଯେଉଁ ଶିକ୍ଷା ପ୍ରଦତ୍ତ ହେଉଅଛି ତାହା ଅତିଶୟ ବ୍ୟୟବହୁଳ ଓ ଜୀବନୀ କ୍ଷୟକର ହେଲେହେଁ ଏମାନେ ଶିକ୍ଷାଲାଭରୁ ନିବୃତ୍ତ ହୋଇ ନ ଥାଆନ୍ତି ।

ସେମାନଙ୍କର ଅନୁରାଗ ରଞ୍ଜିତ ଭାବାବେଗ ସୁନ୍ଦରଭାବରେ ସମତାପ୍ରାପ୍ତ; ଆଧ୍ୟାତ୍ମିକ ଉନ୍ନତିସାଧନ ଆଡ଼କୁ ଏମାନଙ୍କର ମନୋନିବେଶ ମଧ୍ୟ ଅନନ୍ୟସାଧାରଣ । ଭାରତବର୍ଷର ମଧ୍ୟବିତ୍ତ ସମାଜରୁ କେଶବଚନ୍ଦ୍ର ସେନ, ରାମକୃଷ୍ଣ ପରମହଂସ, ବିବେକାନନ୍ଦ, ନାନକ, ଶଙ୍କରାଚାର୍ଯ୍ୟ, ତୁକାରାମ, ଦୟାନନ୍ଦ ସରସ୍ୱତୀ, ତୈଲଙ୍ଗ ସ୍ୱାମୀ ପ୍ରଭୃତି କେତେ ଧର୍ମସଂସ୍କାରକ ଓ ଧର୍ମ ପ୍ରବର୍ତ୍ତକ ଅବତୀର୍ଣ୍ଣ ହୋଇ ଭାରତ ଭୂମିକୁ ଧନ୍ୟ କରିଅଛନ୍ତି । ଏହାର କେତେ ଶତ ବର୍ଷ ପୂର୍ବରୁ ଚୈତନ୍ୟଦେବ ମଧ୍ୟବିତ୍ତ ସମାଜରେ ଜନ୍ମଗ୍ରହଣ କରି ଦେଶରେ ଯେ ଭାଗବତୀ ଭକ୍ତିର ଭାବଗଙ୍ଗା ପ୍ରବାହିତ କରି ଦେଇଥିଲେ ତାହା ବ୍ରହ୍ମ-କମଣ୍ଡଳୁ ନିଃସୃତ ପତିତପାବନୀ ସୁରଧୁନୀ ଭଳି ପବିତ୍ରତାର ପ୍ଳାବନରେ କେବଳ ଯେ ବଙ୍ଗ, ବିହାର ଏବଂ ଓଡ଼ିଶାକୁ ଭସାଇ ଦେଇଥିଲା ତାହାନୁହେଁ, ଏହାର ତରଙ୍ଗ ସମଗ୍ର ଭାରତକୁ ପ୍ଳାବିତ କରି ସମ୍ପ୍ରତି ସମୟରେ ଆମେରିକାର କୂଳରେ ପହଞ୍ଚି ଅଭିଘାତ କରୁଅଛି । ଏହା ବ୍ୟତୀତ କେତେ ଭକ୍ତ ଯେ ମଧ୍ୟବିତ୍ତ ବଂଶରେ ଅବତୀର୍ଣ୍ଣ ହୋଇ ଦେଶକୁ ଧନ୍ୟ କରିଅଛନ୍ତି ତାହାର ସଂଖ୍ୟା କରିବା ଅସମ୍ଭବ । ଓଡ଼ିଶାର ଭକ୍ତକବି ଜଗନ୍ନାଥ ଦାସ, ଦୀନକୃଷ୍ଣ ଦାସ, ଅଭିମନ୍ୟୁ ସାମନ୍ତସିଂହାର ଏବଂ ଗୋପାଳକୃଷ୍ଣ ପଟ୍ଟନାୟକ ପ୍ରଭୃତି ଏହି ମଧ୍ୟବିତ୍ତ ବଂଶରୁ ଅବତୀର୍ଣ୍ଣ ।

ମାତ୍ର ଏ ଯୁଗରେ ଏହି ମଧ୍ୟବିତ୍ତ ସମାଜ ଏକ ଧ୍ୱଂସ ପଥରେ ଦ୍ରୁତ ଅଗ୍ରସର ହେଉଅଛି । ଅନେକ ସ୍ଥଳରେ ଦେଖାଯାଉଅଛି ଅନେକ ଗ୍ରାମର ମଧ୍ୟବିତ୍ତ ସମାଜର ବହୁ ପରିବାର ନିର୍ବଂଶ ହୋଇ ଯାଉଅଛନ୍ତି ।

କାହିଁକି ଏପରି ହେଉଅଛି ? ଏହାର ଉପାୟ ଅବା କଅଣ ? ଭଦ୍ର ସମ୍ପ୍ରଦାୟର ବୃତ୍ତିଲୋପହିଁ ଏହାର ମୁଖ୍ୟ ଏବଂ ମାଲେରିଆ ଓ ଅନ୍ୟାନ୍ୟ ସଂକ୍ରାମକ ରୋଗହିଁ ଏହାର ସହଯୋଗୀ କାରଣରୂପେ ବୋଧହୁଏ । ପୂର୍ବେ ଏହି ଭଦ୍ର ସମାଜର ଜୀବିକା ସକାଶେ ଉତ୍କଟ ଚିନ୍ତା ନ ଥିଲା । ସାମାନ୍ୟ ଭୂସମ୍ପତ୍ତିର ଉପରେ ଏବଂ ଅନ୍ୟାନ୍ୟ

Digitized by srujanika@gmail.com

କାର୍ଯ୍ୟରେ ସେମାନଙ୍କର କୌଣସି ପ୍ରକାର ଜୀବିକା ନିର୍ବାହିତ ହେଉଥିଲା । ବର୍ତ୍ତମାନ ସେ ଦିନ ଗୁଡ଼ିକ ଚାଲିଗଲାଣି, ବର୍ତ୍ତମାନ ଭଦ୍ର ସମାଜରେ ବହୁ ଲୋକ ଉଦରାନ୍ନର ସଂସ୍ଥାନରେ ଅସମର୍ଥ, ଏହା ଉପରେ ପୀଡ଼ା ହେଲେ ସେମାନଙ୍କ ମଧ୍ୟରୁ ଅନେକହିଁ ଚିକିତ୍ସାର ବ୍ୟୟ ନିର୍ବାହରେ ଅକ୍ଷମ । ଏମାନଙ୍କର ଆର୍ଥିକ ଅବସ୍ଥା ଅତି ନିମ୍ନ ସ୍ତରରେ ପହଞ୍ଚିଅଛି । ଏମାନଙ୍କ ମଧ୍ୟରେ ଯେଉଁମାନେ ପ୍ରଚୁର ଅର୍ଥବ୍ୟୟ ଏବଂ ଜୀବନ ଶକ୍ତି କ୍ଷୟ କରି ବିଶ୍ୱବିଦ୍ୟାଳୟର ଏମ୍. ଏ. ପରୀକ୍ଷୋତ୍ତୀର୍ଣ୍ଣର ଗୌରବ ବହନ କରୁଅଛନ୍ତି ସେମାନେ ମାସିକ ୨୫।୩୦ ଟଙ୍କା ଉପାର୍ଜନ ସକାଶେ ଲାଳାୟିତ । ଅଥଚ ଏ କାଳରେ ଜଣେ ମୂଲିଆ ମାସକୁ ୩୦ ଟଙ୍କାରୁ ଅଧିକ ଉପାର୍ଜନ କରିଥାଏ ।

ଏହି ଭଦ୍ରଲୋକମାନଙ୍କ ମଧ୍ୟରେ ଜୀବନ ସଂଗ୍ରାମ ଅତିଶୟ ତୀବ୍ର ଭାବରେ ଆତ୍ମପ୍ରକାଶ କରିଅଛି । ଏହି ଭଦ୍ରଲୋକ ଶ୍ରେଣୀର ଏ ଯୁଗରେ ବିଶେଷ ପରିବର୍ତ୍ତନ ଘଟିଅଛି । ବଙ୍ଗ ଦେଶରେ ପୂର୍ବେ ଯେପରି ବ୍ରାହ୍ମଣ, କାୟସ୍ଥ ଏବଂ ବୈଦ୍ୟ ଏହି ତିନି ସମାଜର ଲୋକେ ଶିକ୍ଷିତ ବ୍ୟକ୍ତିମାନଙ୍କ ବୃତ୍ତି ଅବଲମ୍ବନ କରି ଜୀବିକାର୍ଜନ କରୁଥିଲେ ଉତ୍କଳରେ ସେହିପରି ବ୍ରାହ୍ମଣ, କରଣ, ଖଣ୍ଡାଏତ ଏବଂ ମହାନ୍ତି ନାମଧାରୀ ଜାତିମାନେ ଏ ବିଷୟରେ ଅଗ୍ରଣୀ ଥିଲେ । ତେଣୁ ଏହି ଶ୍ରେଣୀର ଲୋକଙ୍କ ମଧ୍ୟରୁ ଯେଉଁମାନେ ଲେଖାପଢ଼ା ଶିଖିଲେ ସେମାନେ ପୈତୃକ ପେଶା ଛାଡ଼ି ଚାକିରିକରୁ ନ ଥିଲେ । ସେମାନେ ପୈତୃକ ପେଶା ଅବଲମ୍ବନ ଶ୍ରେୟ ବୋଲି ମନେ କରୁଥିଲେ । ଲେଖକ ବାଲ୍ୟକାଳରେ ଦେଖିଅଛି ବଙ୍ଗ-ଦେଶରେ ବ୍ରାହ୍ମଣ, କାୟସ୍ଥ ଓ ବୈଦ୍ୟ ଏହି ତିନି ଜାତିହିଁ ଇଂରାଜୀ ଶିକ୍ଷାକରି ସରକାରୀ କାର୍ଯ୍ୟ କରିବାରେ ଲାଗିଗଲେ ସେହି ସମୟରେ ଧୋତି ଉପରେ ଚାପକାନ୍ ପିନ୍ଧିଥିବା ଏକ ଶ୍ରେଣୀର ମନୁଷ୍ୟ ଆବିର୍ଭୂତ ହେଲେ । ଏମାନେ ପ୍ରଥମରେ ଭଦ୍ରଲୋକ ନାମରେ ଅଭିହିତ ହୋଇଥିଲେ । ଏହି ପ୍ରଥା ଓଡ଼ିଶାରେ ମଧ୍ୟ ଅନୁକୃତ ହୋଇଥିଲା । ଏହା ପୂର୍ବରୁ ଭଦ୍ରଲୋକ ଶ୍ରେଣୀ ବୋଲି କୌଣସି କଥାରେ ବହୁଳ ପ୍ରଚଳନ ନ ଥିଲା ।

ବର୍ତ୍ତମାନ ଏହି ଭଦ୍ରଲୋକ ଶ୍ରେଣୀର ସଂଖ୍ୟା ଅନେକ ବୃଦ୍ଧି ପାଇଅଛି । ବର୍ତ୍ତମାନ ଇଂରାଜୀ ଶିକ୍ଷା ଆଉ ତିନି ଗୋଟି ବର୍ଣ୍ଣ ମଧ୍ୟରେ ନିବଦ୍ଧ ନାହିଁ । ବର୍ତ୍ତମାନ ସକଳ ଶ୍ରେଣୀର ଲୋକହିଁ ଚାକିରି ପାଇବା ଲୋଭରେ ଇଂରାଜୀ ବିଦ୍ୟା ଅଧ୍ୟୟନ କରୁଅଛନ୍ତି । କୃଷି ବ୍ୟବସାୟୀ ଓ ଶିଳ୍ପୀ ସମାଜର ବାଳକମାନେ ଓକିଲ ଡାକ୍ତର ପ୍ରଭୃତି ଉଚ୍ଚପଦ ଏବଂ ଅଧିକ ବେତନର କିରାଣୀ ପଦ ପାଇବା ସକାଶେ ବିଦ୍ୟାଅର୍ଜ୍ଜନ କରୁଅଛନ୍ତି ଏବଂ ପୈତୃକ ପେଶା ପରିତ୍ୟାଗ ପୂର୍ବକ କିରାଣୀ ପ୍ରଭୃତି ହୋଇ ଭଦ୍ରଲୋକ ଆଖ୍ୟା ଧାରଣ କରିଅଛନ୍ତି । ସୁତରାଂ ଏଥିରେ ବେକାର ସଂଖ୍ୟା ବଢ଼ି ଯାଇଅଛି । ଏ ମଧ୍ୟରୁ ଯେଉଁମାନେ ଜମିଦାରୀ ଓ ମହାଜନୀ ସିରସ୍ତାରେ କାର୍ଯ୍ୟ କରନ୍ତି ସେମାନଙ୍କ ସଂଖ୍ୟା ମଧ୍ୟ ଅଳ୍ପ-ନୁହେଁ । ଏମାନଙ୍କ ମଧ୍ୟରୁ ଅଧିକାଂଶହିଁ ପଲ୍ଲୀଗ୍ରାମରେ ରହନ୍ତି । ଏମାନେ ଯେବେ କୃଷି କାର୍ଯ୍ୟ ତଥା କୁଟୀର ଶିଳ୍ପର ଉନ୍ନତି ସାଧନରେ ଆତ୍ମ ନିୟୋଗ କରନ୍ତି, ତାହାହେଲେ ସମାଜର ଅନେକ ଉପକାର ହୋଇପାରିବ । ଏହା ବ୍ୟତୀତ ଅର୍ଦ୍ଧଶିକ୍ଷିତ ଓ ସ୍ୱଳ୍ପ ଶିକ୍ଷିତ ଲୋକେ ଅର୍ଥାଭାବରୁ ସହରକୁ ଆସି ଚାକିରିର ସନ୍ଧାନ କରିପାରନ୍ତି ନାହିଁ ବୋଲି ପଲ୍ଲୀ ଗ୍ରାମରେ ନିଷ୍କର୍ମା ହୋଇ ବେକାର ଅବସ୍ଥାରେ ଅବସ୍ଥାନ କରୁଅଛନ୍ତି ଏବଂ ମାମଲା ମକଦ୍ଦମାର ତଦ୍ୱିର ପ୍ରଭୃତି କରି ଅର୍ଦ୍ଧାଶନରେ ଜୀବନଯାତ୍ରା ନିର୍ବାହ କରୁଅଛନ୍ତି । ଏମାନଙ୍କୁ ଯେବେ ଉନ୍ନତ କୃଷି କୌଶଳ ଶିକ୍ଷା ପ୍ରଦତ୍ତ ହୁଏ ତାହାହେଲେ ଯେ ଏମାନେ କେବଳ ଭଲଭାବରେ ଜୀବିକାର୍ଜ୍ଜନ କରି ପାରିବେ ତାହା ନୁହେଁ - ବରଂ ଦେଶର ଧନ ବୃଦ୍ଧିରେ ଅନେକ ପରିମାଣରେ ସହାୟ ହୋଇ ପାରିବେ ।

ଲେଖକର ଜଣେ ବନ୍ଧୁ ଅଳ୍ପଦିନ ପୂର୍ବେ ଗୋଟିଏ ଦୋଅଣି ଲେଖକ ସମ୍ମୁଖରେ ପକାଇଦେଇ କହିଲେ 'ଦେଖୁଛନ୍ତି କି କାଣ୍ଡ ?' ଲେଖକ ତହୁଁ କହିଲା "କଅଣ ହେଲା ?" ଉତ୍ତର ହେଲା "ଦେଖନ୍ତୁ ଅନ୍ଧକାରରେ ଚଳାଇଦେଲା ।" ଦୋଅଣିଟା ଭଲକରି ଦେଖି ଲେଖକ କହିଲା "ନା, ଏହା ଅଚଳ ନାହିଁ ।"

Digitized by srujanika@gmail.com

ବନ୍ଧୁବର କହିଲେ "କଅଣ କହିଲେ ଚଳିବ ନାହିଁ ? "ମୋ ପାଖରେ ତାହାର ବାଧ ଟଳିଯିବ ।"

ରିକ୍ସାବାଲାକୁ ଏମ୍ପି ହୃଷ୍ଟରେ ଟାଳିଦେବାକୁ ତ୍ରୁଟି କଲେନାହିଁ । ମ୍ଲେନ୍ଟଙ୍କ ଭାନ୍ଧୁ ମନେ ମନେ ହସିଲି । ଗୋଟିଏ ବ୍ୟାଙ୍କରେ ଦଶ ଦଶ ଗୃହକର୍ମା କରନ୍ତି, ସୁତରାଂ ସେହି ଅଚଳ ଦୋଅଣିକୁ ସଚଳ କରିବାକୁ କିଛିମାତ୍ର କଷ୍ଟ ହେବନାହିଁ ଏବଂ ବୋଧହୁଏ ସ୍ୱେ କାର୍ଯ୍ୟ ଅନ୍ଧକାରରେ ସମ୍ପନ୍ନ ହେବ ! ଏଭଳି ଭାବରେ ସେ ଦୋଅଣି ହୁଏତ ଦୀର୍ଘଦିନ୍ ଧରି ଅସଂଖ୍ୟ ଲୋକର ହାତକୁ ହାତରେ ବୁଲୁଥିବ ।

ସେହି ଅଚଳ ଦୋଅଣି ଭଳି ନିତ୍ୟ ନୂତନ ଅନନ୍ତ ସମସ୍ୟା ଏହି ପୃଥିବୀରେ ଗଜା ମାଡ଼ି ଉଠୁଅଛି କିନ୍ତୁ ସେଥିପାଇଁ ହତାଶ ହେଲେ ଚଳିବ ନାହିଁ, ବନ୍ଧୁବରଙ୍କ ଭଳି ସେହିପରି ଚଳାଇବାର ବିଦ୍ୟାଟିକି ଆୟତ୍ତ କରିବା ଆବଶ୍ୟକ । ଏହା ହେଲେ ଭାବନା ନଥିବ ।

ବେକାର ସମସ୍ୟା ବୋଲି ଯେଉଁ କଥାଟି ଦେଶ ଅଙ୍ଗ ସମଗ୍ର ପୃଥିବୀ ବ୍ୟାପୀ ଅନ୍ଦୋଳନ ଚାଲିଅଛି ଭାବ ଦେଖିଲେ ତାହାର ମୂଳରେ ଦେଖି କେତେଗୁଡ଼ିଏ ଲୋକର ଅଚଳତ୍ୱ ।

ପୃଥିବୀରେ ଜନ୍ମଗ୍ରହଣ କରି ସ୍ୱଚ୍ଛନ୍ଦ ଭାବରେ ଜୀବନଯାତ୍ରା ଯେବେ ନ କରି ପାରିଲି ତେବେ ବଞ୍ଚିରହି ଲାଭ କଅଣ ? 'ହା ଅନ୍ନ, ହା ଅନ୍ନ' ବୋଲି କ୍ଷୁଧିତ ଅସଂଖ୍ୟ ଲୋକ ଚିତ୍କାର କରୁଅଛନ୍ତି ଏବଂ ତାହା କେବଳ ଆମ ଦେଶରେ ନୁହେଁ, ଇଂଲଣ୍ଡ, ଫ୍ରାନ୍ସ, ଜର୍ମାନି, ରୁଷିଆ ଏବଂ ଅମେରିକା ପ୍ରଭୃତି ଦେଶରେ ସୁଦ୍ଧା ଏହାର ପ୍ରତିକାର କେହି କରିପାରି ନାହାନ୍ତି । ସେ ସବୁ ଦେଶରେ ସହସ୍ର ସହସ୍ର ଲୋକ ଖାଲି ପେଟ ଦେଖାଇ କ୍ଷୁଧିତ ମାର୍ଚ୍ଚ କରି ବୁଲୁଛନ୍ତି ।

କାହିଁକି ଏପରି ହେଉଅଛି କିଏ ଜାଣେ ? ହୁଏତ ପ୍ରକୃତିର ନିୟମହିଁ ଏହି । ବହୁଜନହିଁ ବହୁତ ଦୁର୍ଭୋଗ୍ୟ ।

ଦେହରେ ଯାହାର ଶକ୍ତି ଅଛି, ହୃଦୟରେ ବଳ ଅଛି ଏବଂ ମସ୍ତିଷ୍କରେ ବୁଦ୍ଧି ଅଛି ସେହି ବଞ୍ଚି ରହିବ ଏବଂ ଅପରକୁ ମାରି ବଞ୍ଚି ରହିଥିବ । ଜୀବ ଜଗତର ଏହି ସତ୍ୟକୁ ଦେହର ବଳରେ କେହି ଏ ପର୍ଯ୍ୟନ୍ତ ଟଳାଇ ପାରିନାହାନ୍ତି ।

ଛାତିରେ ଯେତେବେଳେ କ୍ଷୁଧା ଉହୁଙ୍କ ଉଠେ ସେତେବେଳେ ଲୋକେ କ୍ଷିପ୍ର ହୋଇ ଖାଦ୍ୟ ଖୋଜି ବୁଲେ । କିନ୍ତୁ ସେ ଜିନିଷ ସେମାନେ ସେମାନଙ୍କର ଅନ୍ତରର ଜଡ଼ ବୁଦ୍ଧି ଶକ୍ତିରେ ଦେଖି ପାରନ୍ତି ନାହିଁ, ସେମାନେ ଦେଖନ୍ତି ଆର୍ଥିକ ଅନ୍ନାନ୍ତ ଅସାମ୍ୟ ତଥା ସାମାଜିକ ଅବ୍ୟବସ୍ଥା ।

ଭୂଲୋକରେ ଅସଂଖ୍ୟ ମନୁଷ୍ୟ, ସୁତରାଂ ବୈଚିତ୍ର୍ୟ ମଧ୍ୟ ଅନନ୍ତ । ବିଭିନ୍ନ ମନୁଷ୍ୟର ବିଭିନ୍ନ ବୃତ୍ତି ଚିରକାଳ ରହିଥିବ, ଏହା ଫଳରୁ କର୍ମର ପ୍ରକାର ଭେଦ ଏବଂ ସୁଖଦୁଃଖର ତାରତମ୍ୟ ଲାଗି ରହିଥିବ । ସ୍ଥୂଳ ପ୍ରବୃତ୍ତିର କ୍ଷୁଧା ମେଣ୍ଟାଇ ମନୁଷ୍ୟ ତୃପ୍ତ ହୋଇ ପାରେ ନାହିଁ, କେହି କେହି ଅନ୍ୟରୂପ ରସାସ୍ୱାଦନ ପ୍ରକାଶେ ମଧ୍ୟ ବ୍ୟାକୁଳ ହୁଅନ୍ତି । ନିଜର ବ୍ୟକ୍ତିତ୍ୱ ପ୍ରତି ମନୁଷ୍ୟର ମମତା ଅଛି, 'ଅହଂ' ବୋଧର ଯେଉଁ ଆନନ୍ଦ ତାହା ବିସର୍ଜନ ଦେବାକୁ ସେ ପୀଡ଼ିତ ହୁଏ ।

ନିଜର ବ୍ୟକ୍ତିତ୍ୱ ଅକ୍ଷୁଣ୍ଣ ରଖିବାକୁ ଚିରକାଳ ସ୍ୱାର୍ଥର ଦ୍ୱନ୍ଦ୍ୱ ଚାଲିଅଛି ଏବଂ ଏହି ସ୍ୱାର୍ଥର ଦ୍ୱନ୍ଦ୍ୱରୁହିଁ ପରସ୍ପରର ଠେଲାଠେଲି ଲାଗି ରହିଅଛି । ଏହି ଠେଲାଠେଲି ବ୍ୟାପାରରେ ଯେଉଁମାନେ ଦୁର୍ବଳ, ଅଶକ୍ତ ସେହିମାନେହିଁ ଦୁଃଖଭୋଗ କରୁଅଛନ୍ତି ।

ମିଠା କଥା ଶୁଣାଇ କିମ୍ବା ଅଦୃଷ୍ଟର ଔଜ୍ଜ୍ୱଲ୍ୟ ଦେଖାଇ ମନୁଷ୍ୟର ଦୁଃଖ କେହି ଏ ପର୍ଯ୍ୟନ୍ତ ଦୂର କରି ପାରିନାହିଁ । କ୍ଷୁଧିତର ମୁହଁରେ ଟିକିଏ ଖାଦ୍ୟ ଟେକି-ଦେବାପାଇଁ ଯେଉଁମାନେ ବଡ଼ ବଡ଼ ବାଣୀ ଶୁଣାଇ ମହା ମାନବ ନାମରେ ଅଭିହିତ ହୋଇଅଛନ୍ତି ସେମାନେ ସଜ୍ଞାନ କିମ୍ବା ଅଜ୍ଞାନରେ କେତେବେଳେ ଯେ ଶ୍ରେଷ୍ଠ

Digitized by srujanika@gmail.com

ସହିତ ଲକ୍ଷ୍ମୀ ସଂଗ୍ରହ କରି ନେଅନ୍ତି ଏବଂ ପ୍ରଥମ ଶ୍ରେଣୀର ଗାଡ଼ିରେ ଚଢ଼ି ଆରାମ ଉପଭୋଗ କରନ୍ତି ଏହାର ପ୍ରମାଣ ଅନେକଙ୍କର ଅଜଣା ନାହିଁ ।

ମାନବ ପ୍ରେମ ସକାଶେ ନ୍ୟାୟରେ ବନ୍ଧ ହୋଇ କିମ୍ବା ହରିଜନର ଉନ୍ନୟନ ସକାଶେ ବିଂଶ ଦିନ ଉପବାସ କରି ସହୃଦ୍ ସହସ୍ରଙ୍କ ମନରେ ସୁବୁଦ୍ଧି ଜାଗ୍ରତ କରାଇବାର ଚେଷ୍ଟା ହୋଇପାରେ, କିନ୍ତୁ ତହିଁରେ କଳ୍ପନାର ସ୍ୱର୍ଗ ଗଢ଼ି ଉଠିବ ନାହିଁ । ପୃଥିବୀରେ ଚିରକାଳ ଶତ ଶତ ଲୋକ ମଜଲି ମଜଲିସରେ ଦାନ କରନ୍ତି ଏବଂ ଲକ୍ଷ ଲକ୍ଷ ଲୋକ ଦୁଃଖଭୋଗ କରନ୍ତି । ଏହା ସକାଶେ ଆମ୍ଭେମାନେ କଷ୍ଟ କ୍ଳେତଣ୍ଟ କରିପାରୁଁ କିମ୍ବା କାନ୍ଦି କାନ୍ଦି ଅବସନ୍ନ ହୋଇ ଯାଇପାରୁଁ, କିନ୍ତୁ ସେହିପର୍ଯ୍ୟନ୍ତ କିନା ? ଯାହାର ଶକ୍ତି ଅଛି ଏବଂ ଯେ ଏହି ଲେଖକର ବନ୍ଧୁବର୍ଗଙ୍କ ଭଳି ଅଚଳ ଟୋଳଣି ଚଳାଇବାର କୌଶଳ ଆୟତ୍ତ କରିଅଛନ୍ତି ସେ ଏ ସଂସାରରେ ବଞ୍ଚି ରହିବାର ଅଧିକାରୀ ।

ବର୍ତ୍ତମାନ ପ୍ରସଙ୍ଗ ଅଗ୍ରଯାଉ । ମଧ୍ୟବିତ୍ତ ସମାଜର ନିଷ୍କର୍ମା ସମସ୍ୟା ପ୍ରବଳ ହେବାର ସ୍ଥୂଳ ଭାବରେ ଜଣାଇଅଛୁ । ବର୍ତ୍ତମାନ ପ୍ରଶ୍ନ ଏହାର ପ୍ରତିକାରର ଉପାୟ କଅଣ ? ଏହି ସମସ୍ୟାହିଁ ସର୍ବାପେକ୍ଷା ପ୍ରବଳ ଓ ପ୍ରଧାନ ହୋଇଅଛି । ପଲ୍ଲୀ ଗ୍ରାମର ସବୁ ସ୍ଥାନରେ ଶୁଣାଯାଏ ନିଷ୍କର୍ମା ଓ ଉମେଦ୍ୱାର ସଂଖ୍ୟାରେ ଦେଶ ପ୍ଳାବିତ ହୋଇ ଯାଉଅଛି । ସମସ୍ତେହିଁ ଚାକିରୀର ପ୍ରାର୍ଥୀ — ଚାକିରୀ କିଏ ଦେବ ଏହା ବୁଝିବା କଠିନ । ବହୁ ଅସହାୟ ଲୋକର ଚାକିରୀ ମିଳୁନାହିଁ, ଅନେକଙ୍କର ଅପର୍ଯ୍ୟାପ୍ତ ଓ ଅସ୍ୱାସ୍ଥ୍ୟକର ଖାଦ୍ୟ ଗ୍ରହଣ କରି ଧୀରେ ଧୀରେ ମୃତ୍ୟୁ ପଥରେ ଅଗ୍ରସର । ଆଜିକାଲି ମଧ୍ୟବିତ୍ତ ସମାଜରେ ନାନାରୂପ କ୍ଷୟ ରୋଗର ଅଧିକାର କାରଣ ପୁଷ୍ଟିକର ଖାଦ୍ୟର ଅଭାବ ଏବଂ ମ୍ୟାଲେରିଆ । କର୍ମାଭାବ ଜନିତ ଅର୍ଥାଭାବହିଁ ପୁଷ୍ଟିକର ଖାଦ୍ୟାଭାବର କାରଣ, ସୁତରାଂ ଏହି ସମାଜରେ ବେକାର ସମସ୍ୟାର ସମାଧାନହିଁ ଆମ୍ଭମାନଙ୍କ ପକ୍ଷରେ ସମଧିକ ପ୍ରୟୋଜନୀୟ ।

ଯେବେ ଏହି ସମସ୍ୟା ସମାଧାନର ବିଶେଷ ଭାବରେ ଚେଷ୍ଟା ନ ହୁଏ ତାହାହେଲେ ଓଡ଼ିଶାରୁ ପ୍ରତିଭା ଓ ମନୀଷା ପ୍ରଭୃତିର ଉତ୍ସ ମଧ୍ୟବିତ୍ତ ସମାଜରୁ ଉଚ୍ଛିନ୍ନ ହୋଇଯିବ ଏବଂ ସମସ୍ତ ଦେଶ କେବଳ କୃଷୀ ଓ ମୂଲିଆର ବାସ ଭୂମିରେ ପରିଣତ ହୋଇଯିବ ।

ଲେଖକର ମନେହୁଏ ବେକାର ସମସ୍ୟାର ସମାଧାନ କରିବାକୁ ହେଲେ ସର୍ବପ୍ରଥମରେ କେତୋଟି ମୁଖ୍ୟ କାର୍ଯ୍ୟ ଆବଶ୍ୟକ :—

ପ୍ରଥମ— ମ୍ୟାଲେରିଆର ଉଚ୍ଛେଦ । ମ୍ୟାଲେରିଆ ପ୍ରଭାବରୁ ମଧ୍ୟବିତ୍ତ ସମାଜର ଏକଆଡ଼େ ଯେପରି ପ୍ରତିଭା, ମନୀଷା ପ୍ରଭୃତିର କ୍ଷୟ ହେଉଅଛି, ଅନ୍ୟଆଡ଼େ ସେହିପରି ଉତ୍ସାହ ଉଦ୍ୟମ, କର୍ମଶକ୍ତି ଓ କଷ୍ଟସହିଷ୍ଣୁତା ପ୍ରଭୃତି ଲୋପ ପାଉଅଛି । ଓଡ଼ିଶାର ପଲ୍ଲୀ ଗ୍ରାମରେ ଶିଶୁ ମୃତ୍ୟୁର ଆଧିକ୍ୟ ପ୍ରାୟ ସବୁବେଳେ ଶୁଣିଥାଉଁ । ଏହାର କାରଣ ମ୍ୟାଲେରିଆ ସୁତରାଂ ମ୍ୟାଲେରିଆ କିପରି ନିବାରିତ ହେବ ସମସ୍ତଙ୍କର ଏହି ଚେଷ୍ଟାହିଁ କର୍ତ୍ତବ୍ୟ ।

ଦ୍ୱିତୀୟ— ଶିକ୍ଷାର ପରିବର୍ତ୍ତନ । ବର୍ତ୍ତମାନ ସମୟରେ ଆମ୍ଭମାନଙ୍କର ଶିକ୍ଷା ପ୍ରତିଷ୍ଠାନ ସମୂହରେ ଯେଉଁ ଶିକ୍ଷା ପ୍ରଦାନର ବ୍ୟବସ୍ଥା ହୋଇଅଛି ତାହା ଆମ୍ଭମାନଙ୍କୁ ଜୀବନ ସଂଗ୍ରାମରେ ଜୟୀ କରିବାର ଉପଯୋଗୀ ନୁହେଁ । ଏ ଶିକ୍ଷା ମନୁଷ୍ୟର କର୍ମ ଶକ୍ତିକୁ ଜାଗ୍ରତ କରି ପାରେ ନାହିଁ । ଏହା ଫଳରୁ ଦଳ ଦଳ ହୋଇ ଉପନ୍ୟାସ ପାଠକ ଓ ଲେଖକର ସୃଷ୍ଟି ହେଉଅଛି, କିନ୍ତୁ "କାର୍ଯ୍ୟର ଲୋକ" ଅଳ୍ପହିଁ ହେଉଅଛନ୍ତି । ଏ ଶିକ୍ଷାରେ ଲୋକଙ୍କର କଳ୍ପନା ଶକ୍ତି ପ୍ରସ୍ଫୁଟିତ ହୋଇ ଉଠୁଅଛି, ବିଚକ୍ଷଣତା ଓ ପରିଣାମଦର୍ଶିତାର ପୁଷ୍ଟିଲାଭ ହେଉନାହିଁ । ଯେଉଁ ଶିକ୍ଷା ମନୁଷ୍ୟକୁ ଜୀବନ ସଂଗ୍ରାମରେ ଜୟୀ କରିବାର ଶକ୍ତିଗୁଡ଼ିକୁ ସଞ୍ଚିତ କରି ନପାରେ, ସେ ଶିକ୍ଷା ଶିକ୍ଷାହିଁ ନୁହେଁ । ଲୋକେ ଯହିଁରେ ଚାକିରୀର ଉମେଦ୍ୱାରୀ ନ କରି ମୋଟ ଭାତ ଓ ମୋଟା ଲୁଗାର ସଂସ୍ଥାନ କରିପାରନ୍ତି ସେହିଭଳି ଶିକ୍ଷା ସମସ୍ତଙ୍କୁ ଦେବାହିଁ କର୍ତ୍ତବ୍ୟ । ଯୁବକ-

Digitized by srujanika@gmail.com

ମାନଙ୍କୁ ସ୍ୱାବଲମ୍ବୀ କରିବାକୁ ହେବ । ଆଜିକାଲି ସ୍ଥାନେ ସ୍ଥାନେ ଶିଳ୍ପକାର୍ଯ୍ୟ ଶିଖାଇବାର ବ୍ୟବସ୍ଥା ହୋଇଅଛି ସତ୍ୟ, କିନ୍ତୁ ଏତିକିରେ ଚଳିବ ନାହିଁ, ଯୁବକମାନଙ୍କୁ ବ୍ୟବସାୟୀ, ଦୋକାନୀ ଓ ଦଲାଲ ପ୍ରଭୃତିଙ୍କ କାର୍ଯ୍ୟର ଶିକ୍ଷା ଦେବାକୁ ହେବ ଉଚିତ । ଶିକ୍ଷାଗୋଷ୍ଠୀ ସମୂହରେ ତାଙ୍କୁ ଧରି ମାରିବାର କୌଶଳ ଓ ପ୍ରତିବାଦ ବନ୍ଧା କଣାର ହିସାବ ଶିଖା ଦେବାର ଆବଶ୍ୟକ ।

ତୃତୀୟ— ବିଳାସ ବର୍ଜ୍ଜନ । ଆଜିକାଲି ଆମ୍ଭମାନେ ବିଳାସୀ ଓ ବାବୁଗିରିରେ ଅତ୍ୟନ୍ତ ଅଭ୍ୟସ୍ତ । ବିଳାସ ଓ ବାବୁଗିରିକୁ ଆମ୍ଭେମାନେ ଭଦ୍ରତାର ମାପକାଠି ବୋଲି ମନେକରୁଁ । ଏହାହିଁ ଆମ୍ଭମାନଙ୍କ ସର୍ବନାଶର ମୂଳ, ଅଧଃପତନର କାରଣ ଏବଂ ବେକାର ସମସ୍ୟା ସମାଧାନର ଅନ୍ତରାୟ ସ୍ୱରୂପ ଦଣ୍ଡାୟମାନ । ଯେଉଁ ଦେଶରେ କିରାଣୀଗିରି ବ୍ୟତୀତ ମଧ୍ୟବିତ୍ତ ସମାଜର ଅନ୍ୟ କୌଣସି କାର୍ଯ୍ୟ ନାହିଁ ଏବଂ ସେହି କିରାଣୀ ଗିରିରେ ଦିନକୁ ଦିନ ପ୍ରତିଦ୍ୱନ୍ଦ୍ୱୀର ସଂଖ୍ୟା ବୃଦ୍ଧି ପାଉଅଛି ସେ ଦେଶରେ ଏ ମନୋବୃତ୍ତି ଚଳିବ କି ? ବିଦେଶୀ ଅନୁକରଣ ପ୍ରଭାବରୁ Face Powder କିମ୍ବା Lip stick ଏବଂ Cream ଓ Snow ପ୍ରଭୃତିର ଅଜସ୍ର ଓ ଅହେତୁକ ବ୍ୟବହାର ଛଡ଼ାଇ ଦେବାକୁ ହେବ । ଗୋଟିଏ କଥା ମନେ ରଖିବାକୁ ହେବ ଉପାର୍ଜ୍ଜନର ନୂତନ ପନ୍ଥା ସ୍ଥିରୀକୃତ ନ ହେଲେ ବେକାର ସମସ୍ୟାର ସମାଧାନ ଅସମ୍ଭବ । ସେହି ଅଭିନବ ପନ୍ଥାକୁ ଯେ ବାବୁଗିରି ସହିତ ସାମଞ୍ଜସ୍ୟୀଭୂତ କରାଯିବ, ଏହା କେବେହେଁ ମନେ ହୁଏନାହିଁ ?

ଗୋଟିଏ କଥା ସର୍ବଦା ସ୍ମରଣ ରଖିବାକୁ ହେବ କେବଳ ବେତନ ଗ୍ରହଣ କରି ସେବକ ହେଲେ ଉପାର୍ଜ୍ଜନ କିମ୍ବା ସମ୍ମାନର ପରାକାଷ୍ଠା ହୁଏନାହିଁ । ସ୍ୱାଧୀନ ଭାବରେ ଜୀବିକା ଅର୍ଜ୍ଜନର ଚେଷ୍ଟା କରିବାକୁ ହେଲେ ସ୍ୱାଧୀନ ଭାବରେ ଧନ ଉପାର୍ଜ୍ଜନ କରିବାକୁ ହୋଇଥାଏ । ଯେଉଁ ସମସ୍ତ ଯୁବକ ପଲ୍ଲୀଗ୍ରାମରେ ନିକର୍ମା ଅବସ୍ଥାରେ ରହିଅଛନ୍ତି, ସେମାନେ ଅନେକ ଚେଷ୍ଟା କରି ଗୃହକର୍ମ ପାଉନାହାନ୍ତି ସେମାନେ ଯେବେ ନିଜ ଘରର ପାର୍ଶ୍ୱସ୍ଥ ଜମି ପରିଷ୍କାର କରାଇ କୌଣସି ପରିବା ଲଗାନ୍ତି ତାହାହେଲେ ସାମାନ୍ୟ ଉପାର୍ଜ୍ଜନ ତ ହେବ । ବୁଝିବାକୁ ହେବ ଗୃହକର୍ମ ଆଉ ମିଳିବ ନାହିଁ । ବର୍ତ୍ତମାନ ଉପାର୍ଜ୍ଜନର ଅନ୍ୟ ପନ୍ଥା ଦେଖିବାକୁ ହେବ । ଏ ଭଳି ଅବସ୍ଥାରେ ଦେହ ଓ ମନକୁ ଅନ୍ୟ ଶ୍ରମସାଧ୍ୟ କାର୍ଯ୍ୟ ପାଇଁ ପ୍ରସ୍ତୁତ କରିବାକୁ ହେବ । ଚୁଲି ବିକାଳୀର କାର୍ଯ୍ୟ ଆରମ୍ଭ କରି ଅନେକ ମାରୱାଡ଼ୀ ଧନକୁବେର ହୋଇଥାଆନ୍ତି ଆମ୍ଭେମାନେ ଅନେକ ସମୟରେ ଦେଖିଅଛୁଁ । ଆମ୍ଭେମାନେ ଏହି କାର୍ଯ୍ୟକୁ ଘୃଣା କରୁଁ ବୋଲି ଚିରକାଳ ଦାସତ୍ୱ କରି କଟାଉଥାଉଁ । ଅସଲ କଥା ଆମ୍ଭମାନଙ୍କର ଏହି ମନୋବୃତ୍ତି ବଦଳାଇବାକୁ ହେବ ।

ଚତୁର୍ଥ— ବ୍ୟୟ ବହୁଳ ସାମାଜିକ ରୀତିର ପରିହାର । ବଙ୍ଗଦେଶର ଅନୁକରଣ ପ୍ରଭାବରୁ କନ୍ୟା-ବିବାହ ପ୍ରଭୃତିର ବ୍ୟୟ ବାହୁଲ୍ୟ ପ୍ରତ୍ୟେକଙ୍କର ବିଲୋପ ସାଧନ । ଏହା ନ କଲେ ସାଧାରଣ ଭାବରେ ଯୁବକ ମଧ୍ୟବିତ୍ତ ସମାଜ ଉଠେଇ ପାରିବେ ନାହିଁ ।

ପରିଶେଷରେ ଏଠାରେ ପ୍ରସଙ୍ଗତଃ ଗୋଟିଏ କଥା ପ୍ରକାଶ କରିବାକୁ ମନ ବଳାଇଲି । ସମସ୍ତେ ଜାଣନ୍ତି ଏ କାଳରେ ପ୍ରତ୍ୟେକ ଖାଦ୍ୟ ଦ୍ରବ୍ୟରେ ଯେଉଁ ମିଶାଣ ରହିଅଛି ତାହା ଆହାର କରି ଶରୀରର ସ୍ୱାସ୍ଥ୍ୟ ଅକ୍ଷୁଣ୍ଣ ରହିବ କି ? ଗୁଡ଼ରେ ଚକଡ଼ା ବାଲି ମିଶିଲେ ଗୁଡ଼ଜଳ ଧୋଇବା ସମୟରେ ବାଲି ବାହାରିଯିବ ମାତ୍ର ସୋରିଷରେ ମାଣ୍ଡିଆ, ଗୋଲମରିଚରେ ଅମୃତଭଣ୍ଡା ବା ଶୁଖିଲାମଞ୍ଜି ଯଦି ମିଶାଇ ଦିଆଯାଏ ତାହା ବାଛିବା ବେଳକୁ ବାରି ହେବ କି ? ତେଲ, ଘିଅ କଥାତ ସମସ୍ତଙ୍କୁ ଜଣା, ତାହାର ଉଲ୍ଲେଖ ନିଷ୍ପ୍ରୟୋଜନ । ଲେଖକ ତାହାର ଯୌବନ ଏବଂ ପ୍ରୌଢ଼କାଳରେ ଦେଖିଅଛି ଏହି ପ୍ରକାର ତେଲ, ଘିଅ ସବୁ କର୍ତ୍ତୃପକ୍ଷଙ୍କ ଆଦେଶାନୁସାରେ ପ୍ରକାଶ୍ୟ ସ୍ଥାନରେ ପ୍ରଭୂତ ପରିମାଣରେ ପୋଡ଼ା ହେଉଥିଲା । ମାତ୍ର ଏ କାଳରେ ଏ ଗୁଡ଼ିକ

Digitized by srujanika@gmail.com

ପ୍ରକାଶ୍ୟ ସ୍ଥାନରେ ଅବାଧ୍ ବିକ୍ରୟ ହେଉଅଛି । ଲେଖକର ଜନ୍ମାବଧି ମାଛ ସହିତ ସମ୍ପର୍କ ନ ଥିଲେହେଁ ଶତ ଶତ ସ୍ଥାନରେ ମାଛ ବିକ୍ରୟ ହେବାର ଦେଖିଅଛି । କିନ୍ତୁ କଟକ ସହରରେ ପ୍ରକାଶ୍ୟ ଦିବାଲୋକରେ ଯେଉଁ ବାଲିଗୋଳା ମାଛ ବିକ୍ରୟ ହୁଏ, ସମଗ୍ର ଓଡ଼ିଶା ଏବଂ ଭାରତବର୍ଷର ନାନାସ୍ଥାନ ଭ୍ରମଣ କରି ତାହା ଦେଖିନାହିଁ । ମାଛ ପାଣିରୁ ଆସିଲା, ତହିଁରେ ବାଲି ଆସିଲା କେଉଁଠାରୁ ? ବଡ଼ମାଛ ପେଟ ମଧ୍ୟରୁ ବାଲି ବାହାରିବ ନାହିଁକି ! ଥରେ ଏହି କଟକ ସହରର ଗୋଟିଏ ସ୍ଥାନରେ ଏହି ଲେଖକ ଦେଖିଥିଲା ମାଛ ବେପାରୀ ଗୋଟିଏ ବଡ଼ ମାଛ ପନଖିରେ କାଟୁଥିଲା ଏବଂ ସଙ୍ଗେ ସଙ୍ଗେ ଶିଶିରୁ କିଅଣ କାଢ଼ି ଲଗାଉଥି ମାଛ ଖଣ୍ଡରେ ବୋଳି ଦେବାଦ୍ୱାରା ରକ୍ତ ଲାଗିଥିବାର ଭ୍ରମ ହେଉଅଛି । ମଡ଼ା ମାଛକୁ ସଜଧରା ମାଛରୂପେ ଏଭଳି ଚଳାଇବାର ଅଭିନୟ ଲେଖକ ଦେଖି ବିସ୍ମିତ ହୋଇଥିଲା । ନଡ଼ିଆ ତେଲରେ କିରାସିନି ମିଶ୍ରିତ ଥାଏ ଏବଂ କିରାସିନି ତେଲରେ ପାଣି ମିଶ୍ରିତ ଥାଏ । ଏ କଥା ସମସ୍ତେ ଜାଣନ୍ତି ! ଗହମ ଅଟାରେ ଗୁଣ୍ଡଲଗୁଣ୍ଡ ଓ ବୁଟ ବେସନରେ ଖେସାରି ଅଟା ମିଶ୍ରିତ ଥାଏ । ଏ ସବୁ ସମସ୍ତେ ବ୍ୟବହାର କରି ଲୋକଙ୍କର ସ୍ୱାସ୍ଥ୍ୟ କିପରି ଅକ୍ଷୁଣ୍ଣ ରହିବ ? ମଧ୍ୟବିତ୍ତ ଶ୍ରେଣୀର ଏ ଗୁଡ଼ିକ ପ୍ରାୟ ସର୍ବଦା ଆବଶ୍ୟକ ହୋଇଥାଏ ।

——x0x——

# !!!

ଶ୍ରୀ କସ୍ତୁରି ଚରଣ ଦାଶ

ସେଦିନ ହୋଇଥାଏ ଶୁକ୍ରବାର । ତରତରିଆରେ ମୋର କାମ କେତୁଟା ତୁଟେଇ ଦେଇ ବାହାରିପଡ଼ିଲି ବନ୍ଧୁ ମହେନ୍ଦ୍ରଙ୍କୁ ଗାଡ଼ି ଚଢ଼େଇଦେଇ ଆସିବାପାଇଁ । ଦୁହେଁ ଓଡ଼ିଶାର ବର୍ତ୍ତମାନ ପରିସ୍ଥିତି ବିଷୟରେ ନାନା କଥା ଆଲୋଚନା କରୁଁ କରୁଁ ପହଞ୍ଚିଲୁଁ ହାଓଡ଼ା ଷ୍ଟେସନରେ, ସେତେବେଳକୁ ନାଗପୁର ପାସେଞ୍ଜର ଲାଗି ଯାଇଥିଲା । ଗାଡ଼ିରେ ସେତେ ଭିଡ଼ ନ ଥିଲା । ତେଣୁ ସେ ଠିକଏ ଆରାମରେ ବସିଲେ । ମୁଁ ମଧ୍ୟ ତାଙ୍କ ନିକଟରେ ବସି ପ୍ୟାଓ ସ୍ୟାଓ ଦ' ଚାରି କଥା ହେଲା । ଛାଡ଼ି ଚାଲି ଆସିବାକୁ ମନ ନ ଥାଏ ମାତ୍ର ନିଷ୍ଠୁର ଗାଡ଼ି ମୋ ମନର କଥା ବୁଝି ପାରିଲାନାହିଁ, ସେ ଗୋଟାଏ ସତର୍କ ଘଣ୍ଟି ବଜାଇଦେଇ ତା'ର ଯାତ୍ରା ସୁରୁ କରିଦେଲା । ମୁଁ ତାଙ୍କ ମୁହଁ ଲୁଚିଯିବାଯାଏ ସେହି ଆଡ଼କୁ ଚାହିଁ ଠିଆହୋଇ ରହିଲି । ଯେତେବେଳେ ମୋ ଆଖି ଆଗରୁ ଲିଭିଗଲେ, ସେତେବେଳକୁ ରାତି ସାଢ଼େ ଦଶଟା ।

ଏକାକୀ ଫେରୁଥାଏଁ । ମନରେ ନାନା ଆଶଙ୍କା । ସେତେବେଳକୁ ବି ଷୋ'ଳ ଅଗଷ୍ଟର ହୃଦୟ ବିଦାରକ ଦୃଶ୍ୟ ମନରୁ ପାଶୋର ଯାଇ ନ ଥାଏ । ତେବେ ବି ମୁଁ ସାହସ କରି ଆଗକୁ ପାଦ ପକାଉଥାଏଁ । ଆସି ପହଞ୍ଚିଲି ହରିଡ଼ା ପୋଲ ଉପରେ । ପୋଲଟି ଏକ ପ୍ରକାର ନିର୍ଜ୍ଜନ କହିଲେ ଚଳେ । ଘଡ଼ିକେ ଗାଡ଼ିଏ ଖଣ୍ଡେ ଅଧେ ମଟର ଗାଡ଼ି ଖୁବ୍ ଦ୍ରୁତ ଗତିରେ ସେହି ବାଟଦେଇ ଚାଲି ଯାଉଥାଏ । ମୁଁ ପୋଲ ଏ ମୁଣ୍ଡରୁ ଯାଇଁ ସେ ସେ ମୁଣ୍ଡରେ ପହଞ୍ଚିଛି ଠିକ୍ ସେତିକିବେଳେ ଗୋଟିଏ ମୋଟରଗାଡ଼ି ଖୁବ୍ ଦ୍ରୁତ ଗତିରେ ସେହି ବାଟଦେଇ ଚାଲିଗଲା । ତା ସଙ୍ଗେ ସଙ୍ଗେ ଶୁଭିଗଲା ଗୋଟିଏ ଆର୍ତ୍ତନାଦ – " ଉଲୋ ବୋଉଲୋ ! "

Digitized by srujanika@gmail.com

ମୁଁ କିଛି ବୁଝି ପାରିଲିନାହିଁ । ମୁହୂର୍ତ୍ତିକ ପାଇଁ ପାଦ ଦୁଇଟି ମୋର ଅଜାଣତରେ ସେଇଠାରେ ଅଟକି ଗଲା । ଚାରିଆଡ଼କୁ ଥରେ ଆଖି ବୁଲେଇ ନେଇ ଦେଖିଲି - ମୋଠୁଁ ଅଳ୍ପ ଦୂରରେ ସେ ରାସ୍ତା କଡ଼କୁ କ'ଣ ଗୋଟାଏ ପଡ଼ିଛି ! ମୁଁ ଧୀରେ ପଦକ୍ଷେପରେ ସେହି ଅଡ଼କୁ ଅଗ୍ରସର ହେଲି । ଦେଖିଲି ଗୋଟିଏ ମଣିଷ । କେତେ କାଳର ମଇଳା ଲୁଗାଖଣ୍ଡେ ପିନ୍ଧିଛି । ଦେହରେ ସାତଛିଣ୍ଡା ଗେଞ୍ଜି ଖଣ୍ଡେ । ତାର ଚେତା ବୁଡ଼ିଯାଇଛି । ଗୋଡ଼ରୁ ଧାର ଧାର ହୋଇ ରକ୍ତ ଭାସିଯାଉଛି । ମୁଁ ଏବେ କଣ କରିବି ମୋତେ କିଛି ବୁଦ୍ଧି ଦିଶାଗଲାନାହିଁ । ଅଧିକନ୍ତୁ ବ୍ୟକ୍ତି ଯେ ଗୋଟିଏ ହତଭାଗ୍ୟ ଓଡ଼ିଆ ଏଥିରେ ମୋର ସନ୍ଦେହ ନଥିଲା । ଅନ୍ୟ କୌଣସି ଉପାୟ ନ ଦେଖି ପକେଟରୁ ରୁମାଲ ଖଣ୍ଡିକ ବାହାର କରି ନିକଟସ୍ଥ ପାଣିକଳରୁ ଓଦାକରି ଆଣି ତା' ମୁହଁରେ ଦେଲି । ରାସ୍ତା କଡ଼ରୁ ଉଠେଇ ନେଇ ଫୁଟପାଥ ଉପରେ ଶୁଆଇ ଦେଲି । ସେହିପରି ଭାବରେ ପନ୍ଦରଟି ମିନିଟ୍ କଟିଗଲା । ତା'ପରେ ସେ ଧୀରେ ଆଖି ଖୋଲି ମୋ ଆଡ଼କୁ ଚାହିଁଲା । ସେତେବେଳେ ମୋ ମନ ଆନନ୍ଦରେ ଘର ଧରୁ ନ ଥାଏ । ସେ କ୍ରମାଗତ ଅନ୍ତତଃ ପାଞ୍ଚମିନିଟ୍ ପର୍ଯ୍ୟନ୍ତ ଅପଲକ ନୟନରେ ଅନାଇ ରହିଲା । ଏତେମ ତା'ର ଗୃହିଣୀ ହିଂସାଳୁ ଚୈତନ୍ୟରେ ହୋଇଆସିଲା । ତା'ର ଏପରି ଭାବଭଙ୍ଗୀ ଦେଖି ମୋତେ ଟିକିଏ ଡର ଲାଗିଲା । ମାତ୍ର ମୁଁ ମୋ ହୃଦୟର ଦୁର୍ବଳତା ତା' ପାଖରେ ଗୋପନ ରଖି ତାକୁ ପଚାରିଲି - "ବର୍ତ୍ତମାନ ଟିକିଏ ଭଲ ଲାଗୁଛି ?

ସେ ପାଗଳଙ୍କ ପରି ହସି ଉଠିଲା । ମୋ ପାଖରୁ ଟିକିଏ ଆଡ଼କୁ ଘୁଞ୍ଚିଯାଇ ରୁକ୍ଷ ସ୍ୱରରେ ମୋତେ କହିଲା "ତୋତେ କିଏ ହୁକୁମ ଦେଲା ମୋ ଦେହ ସ୍ପର୍ଶ କରିବାପାଇଁ ।"

ମୁଁ ଲୋକଟିଠାରୁ ଏପରି ବ୍ୟବହାର ପାଇବି ବୋଲି ଆଶା କରି ନ ଥିଲି । ତା' କଥା ଶୁଣି ମୋ ମନ ଚିଡ଼ି ଯାଇଥିଲା । ମନେ ମନେ ଭାବିଲି - ଉପକାରର କ'ଣ ପ୍ରତ୍ୟୁପକାର ଏଇଆ ? ଲୋକଟି କଥାର ଉତ୍ତର ଦେବାକୁ ଯାଇ କହିଲା - "ମୋତେ କେହି ହୁକୁମ୍ ଦେଇନାହାନ୍ତି ସତ; କିନ୍ତୁ ମୁଁ ଓଡ଼ିଆ ହିସାବରେ ଓଡ଼ିଆ ପ୍ରତି ଯାହା କର୍ତ୍ତବ୍ୟ ତାହାହିଁ କରିଛି ।"

ସେ ଅଦ୍ଭୁତ ଜୋରରେ ହସି ଉଠିଲା । ହସି ହସି ହସ ବନ୍ଦ ହେବାରୁ କହିଲା - "ଓଡ଼ିଆ ? ଓଡ଼ିଆ କିଏ !! ତୁ ଓଡ଼ିଆ !!!"

ମୁଁ ଲୋକଟିର ଏପରି ଅଭଦ୍ରୋଚିତ ବ୍ୟବହାରରେ ବହୁ ଚିଡ଼ି ଯାଇଥିଲି । ମନ ହେଉଥିଲା ତା' ଗାଲରେ ଦୁଇଟି ଚାପୁଡ଼ା ଲଗେଇ ଦେବାପାଇଁ । ମାତ୍ର ତାର ସେତେବେଳର ହିଂସ୍ର ମୂର୍ତ୍ତି ଦେଖି ମୁଁ ଡରିଯାଇଥିଲି । ତା' କଥାରେ କିଛି ଉତ୍ତର ଦେବାପାଇଁ ଉଚିତ ମନେ କଲିନାହିଁ ।

ସେ ପୁଣି ବଜ୍ର ଗମ୍ଭୀର କଣ୍ଠରେ ପଚାରିଲା - "ତୁ କ'ଣ ନିଜକୁ ଓଡ଼ିଆ ବୋଲି ପରିଚୟ ଦେବାକୁ ଚାହୁଁ ?"

ମୁଁ ସେତିକିବେଳକୁ ମୋର ନିଜତ୍ୱ ହରାଇ ବସିଥିଲି । ତା' କଥାଗୁଡ଼ିକ ମୋତେ କଟା ଘା'ରେ ଚୂନ ବୋଳିଲା ପରି ଲାଗୁଥିଲା । ମୁଁ ଜୋର ଗଳାରେ କହିଲି - "ମୁଁ ଓଡ଼ିଆ ନୁହେଁ ତ ଆଉ କ'ଣ ?"

ସେ ମୋ କଥାରେ ଦବିଗଲା ନାହିଁ । ବରଂ ଦ୍ୱିଗୁଣିତ ଉତ୍ସାହରେ ନାଚିଉଠି କହିଲା - "ସାବଧାନ ! ତୁ ନିଜକୁ ଓଡ଼ିଆ ବୋଲି ପରିଚୟ ଦେଇ ପବିତ୍ର ଓଡ଼ିଆ ଜାତିର ମର୍ଯ୍ୟାଦା ନଷ୍ଟ କରନା ।"

ମୁଁ ଲୋକଟିଠାରୁ ଏପରି କଥାବାର୍ତ୍ତା ଶୁଣି ତା' ପାଖରେ ଅଉ ଠିଆହେବା ଉଚିତ ମନେ କଲିନାହିଁ । ମନେ ମନେ ଭାବିଲି ଏହା ନିଶ୍ଚୟ ଗୋଟେ ପାଗଳ । ତା' ନ ହୋଇଥିଲେ ଏପରି ବାଜେ କଥା ଗୁଡ଼ାଏ ଭୁକନ୍ତା କାହିଁକି — !! ଆଗକୁ ପାଦ ପକାଇଲି ।

Digitized by srujanika@gmail.com

କିନ୍ତୁ ସେ ଅଦ୍ଭୁତ କଡ଼ା ଗଳାରେ କହିଲା - " ମୋତେ ଏଠାରେ ଏପରି ଅବସ୍ଥାରେ ଛାଡ଼ିଦେଇ ପଳେଇ ଯିବାର ଚେଷ୍ଟା କଲେ ତୋର ଅମଙ୍ଗଳ ଛଡ଼ା ମଙ୍ଗଳ ହେବନାହିଁ । "

ମୋ ମନରେ ପାପ ଛୁଇଁଲା । ଆଗକୁ ପଡ଼ିଥିବା ପାଦଟି ପୁଣି ପଛକୁ ଫେରିଆସିଲା । ସେ ପୁଣି ମୋତେ କହିଲା " ସାବଧାନ ! ତୁ ଏଇଠାରୁ କେଉଁଠାରେ ହେଲେ ଓଡ଼ିଆ ବୋଲି ତୋର ପରିଚୟ ଦେବୁନାହିଁ । "

ମୁଁ ତାକୁ ପଚାରିଲି - " କାହିଁକି ? "

ସେ ମୋତେ କହିଲା - " ତୁ ଏଠାରେ କ'ଣ କରୁ ? "

ମୁଁ କହିଲି - " ଚାକିରି କରେଁ । "

ସେ ହସି ଉଠିଲା ବଦ୍ରୁପର ହସ । ତା' ହସ ଶୁଣି ମୋ ଅନ୍ତର ଭିତରଟା ଥରିଉଠିଲା । ହସ ବନ୍ଦ-ହେବାରୁ ସେ କହିଲା - " ତୁ ଯେ କହୁଛୁ ମୁଁ ଓଡ଼ିଆ, କିନ୍ତୁ ଓଡ଼ିଆ କ'ଣ ପରର ଗୋଲାମି କରେ । ତାର ପାଖରେ ନତ ମସ୍ତକ ହୁଏ ! ! " ମୋ ପାଟିରୁ ଆଉ କଥା ବାହାରିଲା ନାହିଁ । ମୁଁ ନୀରବ ରହିବା ଦେଖି ସେ ମୋତେ ପୁଣି ପଚାରିଲା - " ଏବେ ଆଉ ଓଡ଼ିଆ ବୋଲି ତୁ ନିଜକୁ ପରିଚୟ କରାଇବୁ ? "

ମୁଁ ଥଙ୍ଗ ଅଙ୍ଗ ହୋଇ କହିଲି - " ମୋର ଘର ଓଡ଼ିଶାରେ, ମୁଁ ନିଜେ ଓଡ଼ିଆ, କିନ୍ତୁ ନିଜକୁ ଓଡ଼ିଆ ବୋଲି ପରିଚୟ ନ କରାଇବି ବା କିପରି ? "

ସେ ସେତେବେଳକୁ ବଡ଼ ଗମ୍ଭୀର ହୋଇଯାଇଥିଲା ମୋତେ କହିଲା - " କିଏ କହୁଛି ତୋ ଘର ଓଡ଼ିଶାରେ ବୋଲି ? ତୋତେ ନିଦ୍ରାଣ ଧରି ଆସେ ! ମଦର ତୋଳା ଆସେ ! ! ବୋଇତ ଚଳେଇ ଆସେ ! ! ! "

ମୁଁ କହିଲି - " ନାଁ । "

- " ତେବେ ? ତେବେ ତୁ ଓଡ଼ିଆ ହେଲୁ କିପରି ? ଓଡ଼ିଆ ତ କେବେ ପରର ଗୋଲାମି କରି ଶିଖିନାହିଁ ! ! ପରକୁ ଅନୁକରଣ କରି ଶିଖିନାହିଁ । ତା'ର ଅକଳନ୍ତ ସମ୍ପଦ ଅଛି ଅନ୍ୟ ଜାତିମାନେ ଅନୁକରଣ କରିବାପାଇଁ । ସେ ନିଜେ ଆବିଷ୍କାରକ, ସେ ପୁଣି ଅନ୍ୟର ମାମୁଲି ପଦାର୍ଥକୁ ଅନୁକରଣ କରିବ ! ! ! "

ସେ ସେତେବେଳକୁ ଜଠେ ବସିଥିଲା । କ୍ରୋଧିତା ଫଣିନୀ ପରି ତା' ନାକରୁ ଦୀର୍ଘଶ୍ୱାସ ବାହାରୁଥିଲା । ଦେହରୁ ରକ୍ତଧାର ପ୍ରତି ତା'ର ଖିଆଲ ନ ଥିଲା । ମୁଁ ଅପରାଧୀଟି ଭଳି ତା'ରି ଆଗରେ ଛିଡ଼ା ହୋଇଥିଲି । ସେ ନବ ନିର୍ମିତ ହାବଡ଼ା ପୋଲ ଆଡ଼କୁ ଅଙ୍ଗୁଳି ଦେଖାଇ କହିଲା - " ଦେଖୁଛୁ ଏହି ପୃଥିବୀ ବିଖ୍ୟାତ ପୋଲକୁ ? "

- " ମୁଁ କହିଲି - ' ହଁ "

- " ଯିଏକୁ କିଏ ତିଆର କରିଛି ଜାଣୁ ? "

ମୁଁ କିଛି କହିଲିନାହିଁ ।

ସେ କହିଲା - " ବୋଧହୁଏ ଜାଣୁନା । ତୋର ବା ଜାଣିବା ଦରକାର ଅଛି କ'ଣ ? ଆମ ଦେଶର ଯେଉଁମାନେ ହିତାକାଂକ୍ଷୀ ସେମାନେ ତ କେବେ ଜାଣିବାକୁ ଚେଷ୍ଟା କରିନାହାନ୍ତି । ତୁ ବା ତାର ଗୂଢ଼-ରହସ୍ୟ ଜାଣିବାକୁ କାହିଁକି ମନ ବଳାଇବୁ ! କିନ୍ତୁ ଯିଏକୁ ତିଆର କରିଛନ୍ତି ମୁଁ, ଆଉ ମୋରି ଭଳିଆ ଶତ ଶତ ଅଭାଗା ଓଡ଼ିଆ ଶିଳ୍ପୀମାନେ ଯା'ର ପ୍ରତି ବୁଲେଟଟି ଅଣ୍ଟିବାରେ ଓଡ଼ିଆ ଶିଳ୍ପୀର ରକ୍ତ ପାଣି ହୋଇଛି । କିନ୍ତୁ ସେ ସେଇ ବାରଣା ମଜୁରୀ ଛଡ଼ା ବେଶୀ ପାଇନାହିଁ । ଓଡ଼ିଆ ଶିଳ୍ପୀର ହାତ ନ ଲାଗିଥିଲେ ଏ ପୋଲଟି ତିଆରି ହେବା ଅସମ୍ଭବ ହୋଇ ପଡ଼ିଥାଆନ୍ତା " । ସେ କହି ଚାଲିଥାଏ ।

ମୁଁ କେବଳ ତା' ମୁହଁକୁ ଅନାଇଥାଏ । " ଓଡ଼ିଆ-

Digitized by srujanika@gmail.com

ଜାତି ଗୋଟାଏ ସାମାନ୍ୟ କୁଲି ଜାତି ନୁହେଁ । ଯିଏ, ସିଏ ନିଜକୁ ଓଡ଼ିଆ ବୋଲି ପରିଚୟ ଦେଇ ଜାତିର ମର୍ଯ୍ୟାଦା ହାନି କରିବା ଛଡ଼ା ଗୌରବ ବୃଦ୍ଧି କରୁ ନାହାନ୍ତି । କିନ୍ତୁ ହତଭାଗା ଓଡ଼ିଆ ଶିଳ୍ପୀର ଆଜି ଅବସ୍ଥା କହିଲେ ନ ସରେ ।

" ମଜା ମାରୁଛନ୍ତି କେଉଁମାନେ ଜାଣୁ ! ଆଦର ପାଉଛନ୍ତି କେଉଁମାନେ ଦେଖିଛୁ ! ! ଯେଉଁମାନେ ପାଶ୍ଚାତ୍ୟ ସଭ୍ୟତାକୁ ଅନୁକରଣ କରି ପାରିଛନ୍ତି । ଯେଉଁମାନେ ବିଦେଶୀ ଭାଷାକୁ କଣ୍ଠସ୍ଥ କରି ଅନର୍ଗଳ ବକି ଚାଲିଛନ୍ତି, ସେହିମାନେ ଆଜି ଏ ନକଲି ଦୁନିଆରେ ବଡ଼, ଶିକ୍ଷିତ ଓ ଆଦରଣୀୟ । ଆଉ ଯିଏ ନିଜ ମାତୃଭୂଇଁର ସାହିତ୍ୟ, ସଂସ୍କୃତି, କଳା, ବିକାଶ କରିବାକୁ ଚାହୁଁଛି ସେ ସେମାନଙ୍କ ଆଖିରେ ହେୟ, ଦୃଣ୍ୟ ହୋଇ ରହିଛି । ଆଜିକାଲିକାର ନକଲି ଉଚ୍ଚ ଶିକ୍ଷିତମାନେ ଥରେ ଭାବୁଛନ୍ତି କି, ଆମେ ଯେ ତାଙ୍କର ପାଠ ପଢ଼ାଠୁଁ ଆରମ୍ଭ କରି, ଚାଲି-ଚଳନ, ଖିଆ-ପିଆ ସବୁ ଅନୁକରଣ କରି ଚାଲିଛୁଁ - ମାତ୍ର ସେ ଆମର କେଉଁଠା କଥା ଅନୁକରଣ କରୁଛନ୍ତି ! ! ! "

" ହାୟ, ଏଇ ଦୁର୍ଦ୍ଦିନ ଯେ କେବେ ଆମ ଭାରତ ଭୂଇଁରୁ ଅପସରି ଯିବ, କେବେ ଯେ ମୋ ଭାଇଏ କୁହୁଡ଼ି ପଣ୍ଡରିବାର ପ୍ରକୃତ ଅର୍ଥ ବୁଝିପାରିବେ, କେବେ ଯେ ମୋ ଦେଶ ଶିଳ୍ପୀର ଶିଳ୍ପ ଚାତୁରୀର ପ୍ରକୃତ ଅର୍ଥ ବୁଝିପାରି ତା'ର ଆଦର କରିବ, ସେଇ କଥା କେବଳ ମୁଁ ଅହରହ ଭାବୁଛିଁ । "

ଏତକ କହି ସାରିବାପରେ ତା' ଆଖି ପଡ଼ିଲା ନିଜ ଗୋଡ ଉପରେ । ସେ ଟିକିଏ ହସିଲା, କହିଲା - " ଦେଖୁଛୁତ ମୋ ଗୋଡର ଅବସ୍ଥା ! ବଡ଼ଲୋକମାନେ କେମିତି ଆନନ୍ଦରେ ବିଚରଣ କରୁଛନ୍ତି । ମୋରି ଭଳି ଧନଅଭାବୀମାନେ ମଶା ମାଛି ପରି ଏହି କଲିକତା ସହରରେ କେତେ ଯେ ଅକାଳରେ ଜୀବନ ଦେଉଛନ୍ତି, ତା'ର ହିସାବ ରଖୁଛି କିଏ" !

" କିନ୍ତୁ ହଁ, ଦୁନିଆରେ ଉତ୍ଥାନ ପତନ ଲାଗି ରହିଛି । ହୁଏତ ଆଜି ଆମକୁ କେହି ଆଦର କରୁନାହାନ୍ତି ଆମର ପତନ ହୋଇଛି, ଓଡ଼ିଶାର ସୌଭାଗ୍ୟ ରବି ଅସ୍ତ ହୋଇଛନ୍ତି, କିନ୍ତୁ ଦିନ ଆସୁଛି ଅସ୍ତମିତ ରବି ପୁଣି ଉଦିତ ହେବେ । ସେତେବେଳେ କିନ୍ତୁ ନବ ବେଶରେ ! ନବ କଳେବରରେ ! ! ସୌଭାଗ୍ୟ କିରଣ ଛିଞ୍ଚି ଛିଞ୍ଚି ! ! ! "

ସେତେବେଳକୁ ସେ ଆନନ୍ଦରେ ଆତ୍ମହରା ହୋଇ ଯାଇଥିଲା । ତା'ର ମୁହଁରେ ପୁଲକର ଜ୍ୟୋତି ଦପ୍ ଦପ୍ ହୋଇ ଜଳି ଉଠୁଥିଲା । ତା'ର ଆଉ ଆହତ ଗୋଡ଼ଟି ପ୍ରତି ଖିଆଲ ନ ଥିଲା । ସେ ବସିଥିବା ଜାଗାରୁ ଉନ୍ମାଦଙ୍କ ଭଳି ଉଠିପଡ଼ି କହି ଚାଲିଲା - " ସେତେବେଳେ ଜଗତ ଜାଣିବ ଓଡ଼ିଆର କୀର୍ତ୍ତି-କଳାପ । ଦୁନିଆ ବୁଝିବ ଓଡ଼ିଆର ଶିଳ୍ପ କୌଶଳ ! ! ସମସ୍ତେ ତାକୁ ଆଦର କରିବେ, ସମ୍ମାନ ଦେବେ, ସେତେବେଳେ ଆମମାନଙ୍କର ଆସନ ହେବ କେତେ…

କିନ୍ତୁ ତା' ପାଟିର କଥା ଶେଷ ହେଲାନାହିଁ । ସେ ତା' ଭଙ୍ଗା ଗୋଡ଼ଟିରେ ଛିଡ଼ାହୋଇ ନ ପାରି ମାଟି ସଡ଼କଟିରେ ଢଳି ପଡ଼ିଲା । ଆଖି ପିଛୁଳାକେ ଆଉ ଖଣ୍ଡିଏ ଦ୍ରୁତଗାମୀ ମଟର ତା'ରି ଉପରେ ମାଡ଼ି ଚାଲିଗଲା । ମୁଁ ବୁଦ୍ଧି ବିବେକ ଶୂନ୍ୟ ହୋଇ ଦଉଡ଼ିଗଲି ତା' ପାଖକୁ । ସେ ସେତେବେଳକୁ ଆଖି ବୁଜି-ଦେଇ ସାରିଥିଲା । ମୁଁ ତାକୁ ଭିଡ଼ିଧରି ହଲାଇଦେଇ ଡାକିଲି - " ଶିଳ୍ପୀ ! … ଶିଳ୍ପୀ ! ! … ଶିଳ୍ପୀ ! ! ! …

କିନ୍ତୁ କୌଣସି ଉତ୍ତର ପାଇଲି ନାହିଁ । ଅଳ୍ପ ସମୟ ପରେ ସେ ଟିକିଏ ଆଖି ମେଲି ଚାହିଁଲା, ଇଙ୍ଗିତରେ ମାଗିଲା ମଧ୍ୟ ପାଣି । ମୁଁ ରୁମାଲଟି ଓଦା କରି ଆଣି ତା' ପାଟିରେ ଚିପୁଡ଼ି ଦେଲି । ସେ ଦୁଇ ଢୋକ ପିଇଲା । ଅସ୍ପଷ୍ଟ ସ୍ୱରରେ କହିଲା " ସେତେବେଳେ ଆମମାନଙ୍କ ଆସନ ହୋଇଥିବ ଉଚ୍ଚରେ ବହୁ ଉଚ୍ଚରେ … … … ଦାସ୍ … …"

Digitized by srujanika@gmail.com

ସବୁ ଶେଷ ହୋଇଗଲା ··· ମୁଁ ନାଇ ପାଖରେ ହାତ ଦେଇ ଦେଖିଲି ନିଃଶ୍ୱାସ ବନ୍ଦ । ମନ ବଡ଼ ଖରାପ ହୋଇଗଲା । ଠିକ୍ ସେତିକିବେଳେ ଗୋଟିଏ ପୁଲିସ୍ ଅଫିସର ପହଞ୍ଚି ଯାଇଁ ମୋତେ ରୁକ୍ଷ ସ୍ୱରରେ ପଚାରିଲେ - " କ୍ୟା ହୁଆ ବାବୁଜୀ ? "

ମୁଁ କହିଲି - " ଗୋଟିଏ ଅଭାଗା ଶିଳ୍ପୀ ତା'ର ପଞ୍ଚ ଜୀବନ ହରାଇଛି । "

ସେ କହିଲେ - " ଏ ସାଲେ ଲୋଗନେ ସମ୍ପ୍ରତି ବହୁତ ଝମେଲା କରତା ହୈ, ମର୍ ଗୟା, ତୋ ହାମ୍ କୁ ଏକ୍ ଝମେଲାମେଁ ଡାଲ୍ ଦିୟା । "

ମୋରି ତା' କଥା ପ୍ରତି କାନ ନ ଥିଲା । ମୁଁ ଭାବୁଥିଲି କେଉଁଠି କଥା । ମୋର ମନେହେଲା ରେଙ୍ଗୁନ୍ ସିଙ୍ଗାପୁରଠୁଁ ଆରମ୍ଭ କରି ଓଡ଼ିଶାର ପୁର ପଲ୍ଲୀରେ ମଧ୍ୟ ଏହିପରି କେତେ ଯେ ଶତ ଶତ ଓଡ଼ିଆ ଶିଳ୍ପୀ ପେଟ ବିକଳରେ, ଅଭାବ ଅସୁବିଧାରେ ଜୀବନ ହରାଉଛନ୍ତି ତା'ର ହିସାବ ହୁଏତ କେହି ରଖିପାରୁ ନ ଥିବେ । କିନ୍ତୁ ଏମାନଙ୍କୁ ଯଥା-ସୁବିଧା ସୁଯୋଗ ଦିଆଯାଆନ୍ତା ଏମାନେ ପୁଣି ଏକ ଐତିହାସିକ ଉତ୍କଳ ଦେଶ ସୃଷ୍ଟି ନ କରନ୍ତେ ସେ କଥା କିଏ କହିପାରିବ ! ! !

ମୁଁ ଆଉ ସେଠାରେ ଛିଡ଼ାହୋଇ ରହିବାକୁ ଉଚିତ ମନେ କଲିନାହିଁ । ଶିଳ୍ପୀଙ୍କୁ ଯୋଡ଼ ହସ୍ତ ହୋଇ ପୁଲିସର ଅଜାଣତରେ ଗୋଟିଏ ପ୍ରଣାମ କରି ଆଗକୁ ପାଦ ପକାଇଲି । ମାତ୍ର ଶିଳ୍ପୀଙ୍କର କଥା କେତେଥର ମୋ କାନରେ ବାରବାର ପ୍ରତିଧ୍ୱନିତ ହେବାକୁ ଲାଗିଲା " ତୁ ଯେ ନିଜକୁ ଓଡ଼ିଆ ବୋଲି ପରିଚୟ ଦେବାକୁ ଯାଉଛୁ,"

ତୋତେ କହଣ ଧରି ଆସେ !

ମନ୍ଦିର ତୋଳି ଆସେ ! !

ବୋଇତ ଚଳେଇ ଆସେ ! ! !

## ସମାଲୋଚନା

ଶ୍ରୀ ରଘୁନାଥ ଦାସ

— ବଗଲି —

ପାଠ ମଣ୍ଡପରେ ଏଇ ଯେ ବଡଗ ଡେଙ୍ଗା ଦୁଇ ଡାଳ
ତାହାର ତଳେ ଦାଣ୍ଡୁଛନ୍ତି କି —?
          କେତେ ଭଙ୍ଗା ପଡ଼ା ଗୃହ;
ସେଇଟି ।

—ବଗୁଲି—

ସେଇଟି କଣ ?

—ବଗଲା—

ସେଠି — ମଣିଷ-ଥିଲେ —
          ଗାଁ ଥିଲା —
          ଥିଲା ଘରବାଡ଼ି —
ବଳଦ ଗାଈ, ଛେଳି ମେଣ୍ଢା, ଶୁଆ ଆଉ ଶାରୀ !
          କାଉ କୋଇଲି ଶବ୍‌ବା ଆଗୁ
କନିଆ ଟୋକୀ ବାପ୍ରପାଡ ମାରୁଛି,
          ସ୍ୱତ ଆଉଙ୍କୁ ଗାଉଥି ପାରେ —

Digitized by srujanika@gmail.com

ବୋଲବେ କସ ଉଠିଲେ କିଏ ? ମରିବ ସିନା ଲାଜେ ।
ପଧାନ ପୁଅ କାଲି ଅଧାଁରୁ ବଳଦ ଯୋଚି ହଳେ
ଯାଏ —
ଗାଁ ଦାଣ୍ଡରେ ଛିଗ ଘୋଷାର
ସାଅାଁତ ଘରେ ଡାକଟେ ମାର
ପାଟିରେ ଯାକି ଚୂନ ପତର କଲେ ।
ଦେଉଳ ଦେହେ ପଚ୍ଛମପଟେ ଏବେ ବି ଲାଗି ରହିଛି
କପହ ଗ୍ଳଲୀ —
ଯୋଉଠି - ବସେ
ଅବଧାନର ଗହିଳା ଗୁଠଶାଳୀ;
ସାବଧାନ ଲୋ ! ପାକୁଆ ବୁଢା ସାଇତଥାଏ ଛାଟ
ଟିଠ ଉପରେ ପାହାରେ ଦବ କୁଣ୍ଡିଛୁ ଯେବେ ପାଠ ।
ସକାଳଠାରୁ ସ୍ନାହାନ ସାରେ ଟୋସେଇ ନଚରେ
ଜାଣେ ମେ ପର ମନ୍ତ୍ର କିସ
ଯନ୍ଦ୍ରରେ ଭଜେ ପହଡ ଦଅଁଙ୍କର
ଘଣ୍ଟବାଜେ, ଶଙ୍ଖଡାକେ, ମଥାଟମରେ ସୂର୍ଯ୍ୟ ଉଦେବେ
ଚଢେ
କୁସୁମ ଡାଲ, ଅଣେଇ ମାଲୀ, ସକାଳ ନାଡ ବଢେ— ।
ସେଣେ —
ଘୋଟଣିକୂଳେ ମାଇପ ସଭ୍ଯ - କେତେ ଯେ କଥା ଭାଷା
ଗୋପନ କଥା, ସପନ କଥା, ଦୁଃଖସୁଖ, ବେଦନା
ଆଉ ଆଶା —
କାଳିଆ ପାଣି ଉଜଳ ଦିଶେ - ନାଲିଅା କଇଁ ଦୋଳେ
ଘୁଠରେ ବସ ଅଳସ ହାତେ କୋଉ ରମଣୀ
ହଳଦୀ ତେଲ ଚିଟାଲ ଦେହେ ବୋଳେ ।
ସେ ପଟେ —
ଗାଁ ଦାଣ୍ଡରେ ହାଟ ବପଟ
ଦେଖାଏ, ମୁଣ୍ଡପୋଡ କେଳା
କା' ଘରୁ ମିଳେ ଚବଡ ଭାତ
କିଏ ବା, ପଖାଳ ଶାଗ ଦେଲା ।
ଟାଂଗିଅାଙ୍କ ଉଲରେ ଥିଲେ
ପଡ଼ିଆ ହୋଇ ପଡ଼ିଛି ଯାହା - ଏହି ବଜନ, ବଲେ
ଚଷା ଉଠାଏ ରତନ ଚୂଡ ଧାନ,
ତନ୍ତୀ ବୁଣେ କୁଂଭପକା ଶାଢ଼ୀ
ବେହରା ଘରେ କ୍ଷୀର ଲବଣୀ ଭାସେ
କେଉଟ ଦିଏ ଭେକଟି ମାଛ ଭେଟି
କପଡା ଯେତେ ଶଫେଦ୍ କରେ ଶେଠି
ଶଫେଦ୍ ଦିଶି, ତୋହର ପଣି ଭଲ

— ବଗୁଲି —

ଏବେ ନିଜନ ଦିଶେ—

ବଗଲା

ନିଜନ ଏବେ ଲକ୍ଷ୍ମୀଛଡା ଥଳୀ—

ବଗୁଲି

କିଅାଁ ?

ବଗଲା

ମଣିଷ ହେଲା ମଣିଷଖିଆ,
ସମାଜ ହେଲା ଆନ
ଉଦଉଦଆ - ଦନ୍ଦିପହରେ
ଏହି ଗହରେ
ଡାଗଡା ଯେତେ, ଭେଣ୍ଡିଆ ସାଥେ ଡାଂଗଶୀର
ହୋଇଲା ଦନେ ଭେଟ
ସବୁର ଦେଖୁ ଶିଖିଲା ଲହୁ ଏକା କୃଷ୍ଣ ସାହୁ
ବୋଲାଇଚହଲା ଶେଠ ।
ଡାର, ମୁନଫା ନିଶା ନୁଲା ଅଖିରେ
ଜନତା ଦିଶେ ସାନ ।
ଅଟଗୋ, ସମାଜ ହେଲା ଅନ
ଚଷା ଶୋଇଲା ପେଟରେ ଭୋକ ମାରି
ମାମଲା ଶେଷ ହୋଇ କୋର୍ଟରେ ବଟେଇ ଗଲା ହାରି
ଗୋସାଇଁ ସାର କଟିଲା ଟପଷା କଲିକତାର
କୋଇଲଖିଆ ଚୁଲି
କମାର ହେଲା ବର୍ମାଦେଶ କୁଲି
ବାଉରି ସାଇ କା କଥା କହିବ ? ଲୋ—
ସବୁଠି ବୁଢା ଦାଗୀ

Digitized by srujanika@gmail.com

ବାକି ଯେ ଲୋକ

ଏ ଗାଁ, ସେ ଗାଁ ବାରଦୁଆର
ଭିକ ମୁଠିଏ ମାଗି ।

ବଗୁଲି

ହଜାର ଜନ ଢୋଟିଙ୍କ କାଟି ଜନ୍ମେ ହୋଇବ ଧନୀ !

ବଗଲା

ହାଃ, ହାଃ ଯେମିତି—
ଲୋଟି ଟିଟିକା ମାରିଲେ ଭିଏ ଗୋଟିଏ ରାଜବଣୀ ।

ବଗୁଲି

ଏବେ ଏ ଥାନରେ—

ବଗଲା

ମଣିଷ ନାହିଁ, ଅଛି ତାର ହାଡ଼,
ଯୋଗଯୋଗରେ ନାହିଁକି ଆଉ ଗୋଟିଏ କଇଁନାଡ଼
ହଇଲେ ଗୁହାଁ ଧୋବ ଦଶ୍ୟତ - ଗାଁଅର ସେହି ଡାଳ ।

ବଗୁଲି

ମୋର ଘୁଣ ଭିତର ଉଠୁଛି କିଆଁ ଥରି
ଚାଲ ହୋ ସଖା ଏ ଥାନ ଛାଡ଼ି ଉଡ଼ିଯିବା
ସଦାୟ ଦେଶେ ଯାହିଁ—
ସଂସାରର ଦୁଃଖ କାଟି
ସମାଜ ଯହିଁ ଛୁଟିଛି ବେଗେ ଜୀବନ ନାହା ବାହି ।

ବଗଲା

ଯିବା—

ବଗୁଲି

ସାଥି, ପସାର ଡେଣା—

ବଗଲା

ସାଥି, ପଛକୁ ଅନା
ସେହି ସେ ଥାନେ ଘୋଟିଲା ଏବେ ମରଣ ଛାଇ

ବଗୁଲି

ସେ ସୀମା ଛାଡ଼ି ଆସିଛେଁ ଉଡ଼ି
ଓଃ, ନାହିଁ, ନାହିଁ, ନାହିଁ ।

# ଭାରତୀୟ ସଙ୍ଗୀତରେ ଶ୍ରୁତି-ବିଚାର

ଶ୍ରୀ ରାଧାରମଣ ରାୟ

ଏହି ଶ୍ରୁତି ସମ୍ବନ୍ଧରେ ଯେଉଁ ବିଚାର ବା ବ୍ୟବହାର ଭାରତୀୟ ସଙ୍ଗୀତରେ ଦେଖାଯାଏ ତାହା କୌଣସି ବିଦେଶୀୟ ସଙ୍ଗୀତରେ ନାହିଁ ।

ଶ୍ରୁତି ସମ୍ବନ୍ଧରେ ବିଚାର କରିବା ପୂର୍ବରୁ ଶ୍ରୁତିର ଅର୍ଥ ଜାଣିବା ବିଶେଷ ଆବଶ୍ୟକ । ଏହା ସଂସ୍କୃତ ଶବ୍ଦ । "ଶ୍ରୁ" ଧାତୁରେ "କ୍ତି" ପ୍ରତ୍ୟୟ କଲେ ଶ୍ରୁତି ଶବ୍ଦ ହୁଏ ଅର୍ଥାତ୍ ଯାହାକି ଶ୍ରବଣେନ୍ଦ୍ରିୟ ବା ( organ of sound ) କାନଦ୍ୱାରା ଗ୍ରହଣ କରାଯାଏ ତାକୁ ଶ୍ରୁତି କହନ୍ତି । ଏହି ଶ୍ରୁତି ସମ୍ବନ୍ଧରେ କିଛି କହି ବୁଝାଇବା ପୂର୍ବରୁ ଆମର ମୂଳ ସ୍ୱର ସମ୍ବନ୍ଧରେ କିଛି ଜ୍ଞାନ ଥିବା ପ୍ରୟୋଜନୀୟ ।

ସଙ୍ଗୀତ ଜଗତରେ "ଶ୍ରୁତି" ବିଷୟର ବାସ୍ତବିକ ଦୁର୍ବୋଧ ବୋଲି ବିବେଚିତ ହୋଇ ଆସୁଅଛି । 'ଶ୍ରୁତି' ସମ୍ବନ୍ଧରେ ଜ୍ଞାନ ହୁଏତ କାହାରି ପକ୍ଷରେ ସମ୍ଭବ ହୋଇ

Digitized by srujanika@gmail.com

ପାରେ, କିନ୍ତୁ ଉକ୍ତ ଶ୍ରୁତିକୁ କଣ୍ଠ ବା ଯନ୍ତ୍ର ଦ୍ୱାରା ସ୍ପଷ୍ଟ-ଭାବରେ ପ୍ରକାଶ କରିବା ସମ୍ପୂର୍ଣ୍ଣ ଅସମ୍ଭବ, ବିଶେଷତଃ ବର୍ତ୍ତମାନ ସଙ୍ଗୀତରେ । ଅନେକ ଓସ୍ତାଦ୍ ଅଛନ୍ତି ପ୍ରଶ୍ନ କଲେ କହିବେ "ଶ୍ରୁତି ୨୨ ଗୋଟି ଅଛି" ମୋର ଯେତେଦୂର ମନେହୁଏ ହୁଏତ ସେମାନଙ୍କର ଶ୍ରୁତିର ସ୍ଥାନ-ଜ୍ଞାନ କାହାରି ଅଛି କି ନାହିଁ ସନ୍ଦେହ ।

ଆଧୁନିକ ବିଂଶ ଶତାବ୍ଦୀରେ ସଙ୍ଗୀତର ପ୍ରଧାନ ପଥ ପ୍ରଦର୍ଶକ ପଣ୍ଡିତ ଭାତଖଣ୍ଡେ ମଧ୍ୟ ଏହିଂଜାଣିଥିଲେ ଶ୍ରୁତି ବିଷୟର ବିଷୟରେ ପରିଷ୍କାର କରି ନ ଦେଇ ମାନେ ମାନେ ବାଟ କାଟିଛନ୍ତି । ତାଙ୍କର ପ୍ରକାଶିତ ପୁସ୍ତକରେ କୌଣସି ସ୍ଥାନରେ 'ଶ୍ରୁତି' ବିଷୟରେ ବିଶଦ ରୂପେ କିଛି ଲେଖା ନାହିଁ । ଅନେକେ କହିଥାନ୍ତି ଯେ ଆମର 'ସା' ଠାରୁ 'ନି' ପର୍ଯ୍ୟନ୍ତ ୧୨ ଗୋଟି ସ୍ୱରର ବ୍ୟବହାରରେ କାମ ଚଳିଯାଉଛି, ବୃଥାରେ ୨୨ ଶ୍ରୁତି ଝଂଝଟରେ ପଡ଼ି ମୁଣ୍ଡ ଖରାପ କରିବା ପ୍ରୟୋଜନ କଣ ? ବାସ୍ତବିକ ଏ କଥା ମୋ ମତରେ ସତ । ପ୍ରାଥମିକ ଶିକ୍ଷାର୍ଥୀମାନଙ୍କ ପକ୍ଷରେ ଶ୍ରୁତିବିଷୟର ଗୁରୁପାକ ଖାଦ୍ୟପରି ଅହିତକର ଅଟେ । କିନ୍ତୁ ଉଚ୍ଚ ସଙ୍ଗୀତ ସମୟରେ ଏହାର ଅସ୍ତିତ୍ୱର ଆଭାସ ନିଷ୍ଠା ଶ୍ରୁତି ଜ୍ଞାନ ବିନା ଅଧିକାଂଶ ରାଗର ପ୍ରକୃତ ରୂପ ବ୍ୟକ୍ତ କରିହୋଇ ନ ପାରେ ଯଥା— ଗୋଟିଏ ସାମାନ୍ୟ ଉଦାହରଣରେ ଦେଖାଯାଏ — ପଣ୍ଡିତ ଭାତଖଣ୍ଡେଙ୍କ ମତାନୁସାରେ ଦରବାରୀକାନଡ଼ା 'ଭୈରବୀ' ଓ 'ଭୀମପଲଶ୍ରୀ' ଏହି ତିନୋଟି ରାଗରେ 'ଗା' କୋମଲ ବ୍ୟବହୃତ ହୁଏ । କିନ୍ତୁ ସାଧାରଣ ହାରମୋନିୟମରେ ଯେଉଁମାନେ ଏହି ତିନୋଟି ରାଗ ଗାଇବେ ସେମାନେ ହାରମୋନିୟମର ଏକମାତ୍ର କୋମଲ 'ଗା' ବ୍ୟବହାର କରିବାକୁ ବାଧ୍ୟ । ଅତଏବ ସେମାନେ ଉପରୋକ୍ତ ତିନୋଟି ରାଗର ତିନୋଟି ପୃଥକ୍ ପୃଥକ୍ ଗାନ୍ଧାରର ସ୍ୱରୂପ ପ୍ରକାଶ କରି ପାରିବେନାହିଁ । ପ୍ରକୃତରେ ଦରବାରୀର ଗାନ୍ଧାର "କୋମଲତମ" ଅର୍ଥାତ୍ ଶୁଦ୍ଧ 'ରେ' ଠାରୁ ଟିକିଏ ଚଢ଼ା ବା ଉଚ୍ଚ । ଭୈରବୀର ଗାନ୍ଧାର "କୋମଲତର" ଅର୍ଥାତ୍ ଦରବାରୀର ଗାନ୍ଧାରଠାରୁ ଟିକିଏ ଚଢ଼ା । ଆଉ ଭୀମପଲଶ୍ରୀର ଗାନ୍ଧାର "କୋମଲ" ଅର୍ଥାତ୍ ଭୈରବୀର ଗାନ୍ଧାରଠାରୁ ଟିକିଏ ଚଢ଼ା ଓ ଶୁଦ୍ଧ ଗାନ୍ଧାରରୁ ଟିକିଏ ନୀଚ । ଅତଏବ ଶୁଦ୍ଧ 'ରେ' ଠାରୁ ଶୁଦ୍ଧ 'ଗା' ପର୍ଯ୍ୟନ୍ତ ଯେଉଁ "କୋମଲତମ" "କୋମଲତର" ଓ "କୋମଲ" ଗାନ୍ଧାରର ବିଭାଗ ଦେଖାଗଲା ସେହିଗୁଡ଼ିକର ନାମ ଶ୍ରୁତି ଅଟେ । ଏବଂ ଏହି ବିଭାଗ ତାରତମ୍ୟ କିମ୍ବା କଣ୍ଠ ବ୍ୟତୀତ ପ୍ରକାଶ କରିବା ଅସମ୍ଭବ ।

ବର୍ତ୍ତମାନ ଆଉ ଏକ ପ୍ରଶ୍ନ ଉଠିପାରେ ଯେ 'ସ୍ୱର' ଅର୍ଥାତ୍ ସା, ରେ, ଗା, ମା, ପା, ଧା, ନି; ର ଆବିଷ୍କାର ପ୍ରଥମ ନା 'ଶ୍ରୁତିର' ଆବିଷ୍କାର ପ୍ରଥମ ?

ପ୍ରାଚୀନ ସଙ୍ଗୀତ ଗ୍ରନ୍ଥରୁ ଯେତେଦୂର ଜଣାଯାଏ ପ୍ରଥମେ ସପ୍ତସ୍ୱରର ଆବିଷ୍କାରହିଁ ହୋଇଥିଲା ।

ବର୍ତ୍ତମାନ ଆଉ ଗୋଟିଏ ପ୍ରଶ୍ନ ମଧ୍ୟ ଉଠିପାରେ, ଉକ୍ତ ସାତୋଟି ସ୍ୱରର ସ୍ଥାନ ଯୋଜନା ବା ସଂସ୍ଥାପନା କି ନିୟମରେ ଗଠିତ ? ଏଟା ମଧ୍ୟ କମ ପ୍ରଶ୍ନ ନୁହେଁ ! ଟିକିଏ ଚିନ୍ତାକଲେ ହଠାତ୍ ଗୋଟିଏ ଉତ୍ତର ମୁଣ୍ଡରେ ଖେଳିଯାଏ :—

ଶାସ୍ତ୍ରରେ ଅଛି ଯେ :—

"ଷଡ଼୍‌ଜଂ ମୟୂରୋବଦତି ଗାବୋ ଋଷଭ ଭାଷିଣଃ
ଅଜାବିକାସ୍ତୁ ଗାନ୍ଧାରଂ କ୍ରୌଞ୍ଚଂ କ୍ୱଣତି ମଧ୍ୟମଂ
ପୁଷ୍ପ ସାଧାରଣେ କାଲେ ପିକଃ କୂଜତି ପଞ୍ଚମଂ
ଧୈବତଂ ହ୍ରେଷତେ ବାଜୀ—
ନିଷାଦଂ ବୃଂହତେ ଗଜଃ ।"

ଅର୍ଥାତ୍— ମୟୂରର ଧ୍ୱନିରୁ 'ସା' ବୃଷଭର ଧ୍ୱନିରୁ 'ରେ' ଛାଗଲର ଧ୍ୱନିରୁ 'ଗା' କ୍ରୌଞ୍ଚ ପକ୍ଷୀର ଧ୍ୱନିରୁ 'ମା' କୋକିଳର ଧ୍ୱନିରୁ 'ପା' ଅଶ୍ୱର ଧ୍ୱନିରୁ 'ଧା' ଏବଂ ହସ୍ତୀର ଧ୍ୱନିରୁ 'ନି' ଏହିପରି ସାତୋଟି ସ୍ୱର ଆବିଷ୍କାର କରା ହୋଇଅଛି । ଏଠାରେ ପ୍ରଶ୍ନ ମଧ୍ୟ ଉଠିପାରେ ଯେ ଭଗବାନଙ୍କ ସୃଷ୍ଟି ଏତେବଡ଼ ଜୀବ ଜଗତରେ ସେମାନେ

Digitized by srujanika@gmail.com

ଶାଳି କୋକିଳ, କୌଞ୍ଚ, ମୟୂର, ପ୍ରଭୃତିଙ୍କ ସ୍ୱରରୁ ସାତୋଟି ସ୍ୱର ବାଛିଲେ କାହିଁକି ଏବଂ ଅସଂଖ୍ୟ ପ୍ରାଣୀର ସ୍ୱରରୁ ଅସଂଖ୍ୟ ସ୍ୱର ଆବିଷ୍କାର କଲେନାହିଁ ?

ଶବ୍ଦ ଗୁଣ ଆକାଶ ତ ଅନନ୍ତ, ସେଥିରୁ ସାତୋଟି ମାତ୍ର କାହିଁକି ନିଆଗଲା ? ଏହାର ଉତ୍ତରରେ ଦେଖାଯାଏ ଯେ ମଧ୍ୟକାଳୀନ ଭାରତୀୟ ସଙ୍ଗୀତ-କାରଗଣ ଷଡ଼୍‌ଜ-ପଞ୍ଚମ ଭାବରେ ସାତୋଟି ସ୍ୱର ସ୍ଥାପନା କରିବା ବିଷୟ କହିଛନ୍ତି, କିନ୍ତୁ ଏ କଥା ପରିଷ୍କାର କରି କହିନାହାନ୍ତି, କେଉଁ ନିୟମରେ "ଷଡ଼୍‌ଜ-ପଞ୍ଚମ" ଭାବରେ ସପ୍ତସ୍ୱର ଆବିଷ୍କୃତ ହେଲା ।

ବହୁ ଗବେଷଣା ଓ ଚିନ୍ତା କଲେ ଜଣାଯାଏ ଯେ ବୀଣା କିମ୍ବା ଅନ୍ୟକୌଣସି ତାର ଯନ୍ତ୍ରର ସହାୟତାରେ ଏହି ସାତୋଟି ସ୍ୱରର ଆବିଷ୍କାର ହୋଇଅଛି । କାହିଁକିନା ଭାରତରେ ଯେତେବେଳେ ବୀଣାର ପ୍ରଚଳନ ନଥିଲା ସେତେବେଳେ ସପ୍ତସ୍ୱରର ଆବିଷ୍କାର ମଧ୍ୟ ହୋଇ ନଥିଲା କହିଲେ ଚଳେ । ବୈଦିକ କାଳରେ ଯେତେବେଳେ 'ସାମଗାନ' ହେଉଥିଲା ସେତେବେଳେ ସେମାନେ ମାତ୍ର 'ସା' 'ମା' 'ପା' ଏହି ତିନି ସ୍ୱରକୁ ହ୍ରସ୍ୱ, ଦୀର୍ଘ ଓ ପ୍ଲୁତ ରୂପରେ ମାନୁଥିଲେ । କେବଳ ଗଳା ଯନ୍ତ୍ରର ସହାୟତାରେ ଏହି ତିନୋଟି ବୃହଦନ୍ତର— ( Mejor Tone ) ସା, ମା ଓ ପା ର ସ୍ଥାପନା ସମ୍ଭବ ହୋଇ ପାରୁଥିଲା । ଅତଏବ ସା, ମା, ପା ଓ ସାଁ ର ମଧ୍ୟରେ ରେ, ଗା, ଧା, ନି ଏହି ଚାରୋଟି ସ୍ୱରର ସଂସ୍ଥାପନା ଯେତେଦୂର ସମ୍ଭବ ବୀଣା ସାହାଯ୍ୟରେ ଷଡ଼୍‌ଜ-ପଞ୍ଚମ ଭାବରେ ସମ୍ଭବ ହୋଇପାରିଛି । ଏହି ଆବିଷ୍କାର ଯେ କିପରିଭାବରେ ହୋଇଥିଲା ତାହା ସହଜରେ ପାଠକଙ୍କର ହୃଦୟରେ ପ୍ରତିଫଳିତ କରିବା ପାଇଁ ଓ ସେମାନଙ୍କ ସନ୍ଦେହ ଭଞ୍ଜନ କରିବାପାଇଁ ଚତୁରଙ୍ଗର ପରବର୍ତ୍ତୀ ସଂଖ୍ୟାରେ ବିଶଦରୂପେ ଆଲୋଚିତ ହେବ । ଅତଏବ ଆମେ ବୁଝିପାରୁଛୁଁ ଯେ ବୀଣାଯନ୍ତ୍ର ସାହାଯ୍ୟରେ ସାତୋଟି ଶୁଦ୍ଧ ସ୍ୱର ଓ ପାଞ୍ଚଟି କୋମଳ ସ୍ୱର ଏପରି ବାରଗୋଟି ସ୍ୱରର ଆବିଷ୍କାର ହୋଇଥିଲା ।

ମନେହୁଏ ସଙ୍ଗୀତ ସାଧକମାନେ ଶତାବ୍ଦୀର ଅନୁଭବ ପରେ ଯେତେବେଳେ ଜାଣିପାରିଲେ ଯେ କେବଳ ବାରଟି ସ୍ୱର ନେଇ ରାଗର ସ୍ୱରୂପ ବିକାଶ ଅସମ୍ଭବ, ସେତେବେଳେ ସେମାନେ ଉକ୍ତ ସ୍ୱରମାନଙ୍କ ମଧ୍ୟରୁ ସ୍ୱରାଂଶ ସ୍ଥାପନ କରିବାର ଆବଶ୍ୟକତା ଅନୁଭବ କଲେ । ଫଳରେ ଆଉ ଦଶଗୋଟି ସ୍ୱରାଂଶ ନିର୍ଦ୍ଧାରିତ ହୋଇ ସଙ୍ଗୀତରେ ବା ରାଗରେ ବ୍ୟବହୃତ ହେଲା ।

ବର୍ତ୍ତମାନ ପାଠକଙ୍କ ମନରେ ଆଉଗୋଟାଏ ପ୍ରଶ୍ନ ଉଠିପାରେ— କୋମଳ ଗାନ୍ଧାରକୁ ସ୍ୱର କହିବୁଁ କାହିଁକି ? କୋମଳତମ' 'କୋମଳତର' ଓ 'କୋମଳ' ଏହି ତିନୋଟି ସ୍ୱରାଂଶକୁ ଭିନ୍ନ ଭିନ୍ନ ସ୍ୱର ନ କହିବୁଁ କାହିଁକି ?

ଏହାର ଉତ୍ତରରେ କୁହାଯାଇପାରେ ଯେ ଶ୍ରୁତି ଓ ସ୍ୱର ମଧ୍ୟରେ କିଛି ତଫାତ ନାହିଁ । ସଙ୍ଗୀତ ପାରିଜାତ କହେ :—

" ଶ୍ରୁତୟଃ ସ୍ୟୁଃ ସ୍ୱରାଭିନ୍ନାଃ ଶ୍ରାବଣତ୍ୱେନ ହେତୁନା
ଅହି କୁଣ୍ଡଳବତ୍ତତ୍ର ଭେଦୋକ୍ତିଃ ଶାସ୍ତ୍ରସମ୍ମତା ।

ଯେତେବେଳେ ବୀଣା ଯନ୍ତ୍ରରେ ଶ୍ରୁତିର ଅଂଶ, ସ୍ପର୍ଶ ବା ମୀଡ଼୍ ଦ୍ୱାରା ସ୍ୱଳ୍ପ ବ୍ୟବହାର ଦେଖାଯାଏ ସେତେବେଳେ ତାହା ଶ୍ରୁତି ରୂପରେ ବିବେଚିତ ହୁଏ; ଆଉ ଯେତେବେଳେ ଶ୍ରୁତି ଉପରେ ସ୍ଥିତି ଅଧିକକ୍ଷଣ ସ୍ଥାୟୀ ହୁଏ ଏବଂ ତାହାର ଶବ୍ଦ ପୂର୍ଣ୍ଣ ରୂପରେ ଶ୍ରୁତି-ଗୋଚର ହୁଏ ତେବେ ତାକୁ ସ୍ୱର କୁହାଯାଏ ।

ଶ୍ରୁତି ଏବଂ ସ୍ୱରର ନାମ ଅବଶ୍ୟ ଭିନ୍ନ ଅଛି; କିନ୍ତୁ ବାସ୍ତବରେ ଉଭୟେ ଏକ ଅଛନ୍ତି । ଯେତେବେଳେ ମଧୁର ଧ୍ୱନି ଯାହାର ଅନ୍ତର ( ) ଦୀର୍ଘ ହୁଏ ଏବଂ ସ୍ଥିତି ବହୁକ୍ଷଣ ସ୍ଥାୟୀ ହୁଏ ସେତେବେଳେ ଗୋଟିଏ ସ୍ୱର ଅନ୍ୟ ସ୍ୱରଠାରୁ ବହୁତ ସ୍ୱତନ୍ତ୍ର ବୋଲି ଅନୁମିତ ହୁଏ । ଅତଏବ ଉକ୍ତ ସ୍ୱରକୁ ସ୍ୱର ବୋଲି କୁହାଯାଏ ।


ଅତଏବ ଶାସ୍ତ୍ରୀୟ ମତରେ ଦେଖାଯାଉଅଛି ଯେ

Digitized by srujanika@gmail.com

'ସା' ଠାରୁ 'ସାଁ' ପର୍ଯ୍ୟନ୍ତ ବାଇଶ ଗୋଟି ଶ୍ରୁତିର ଭାରତୀୟ ସଙ୍ଗୀତରେ ବ୍ୟବହାର ଅଛି । ଯଥା :—

" ଷ୍ଟରୁ ଷ୍ଟରୁ ଷ୍ଟରୁ ଶ୍ରେ‌ୈର୍ବ ଷଡ଼୍‌ଜ ମଧ୍ୟମ-ପଞ୍ଚମାଃ
ଦ୍ୱେ ଦ୍ୱେ ନିଷାଦ-ଗାନ୍ଧାରୌ ତ୍ରିସ୍ତ୍ରୀ ଋଷଭ-ଧୈବତୌ ।
ସଙ୍ଗୀତ ଦର୍ପଣ ।

ଅର୍ଥାତ୍ —ଷଡ଼୍‌ଜ, ମଧ୍ୟମ, ପଞ୍ଚମ ଏହି ତିନୋଟି ସ୍ୱରରେ ଚାରୋଟି କରି ଶ୍ରୁତି । ନିଷାଦ, ଗାନ୍ଧାର ଏ ଦୁଇ ସ୍ୱରରେ ଦୁଇଟି କରି ଶ୍ରୁତି ଏବଂ ଋଷଭ ଧୈବତ ଏ-ଦୁଇ ସ୍ୱରରେ ତିନୋଟି କରି ଶ୍ରୁତି ଅଛି । ନିମ୍ନୋକ୍ତ ନକ୍ସା ପାଠକ ଓ ବିଦ୍ୟାର୍ଥୀମାନଙ୍କ ସୁଗମବୋଧ ପାଇଁ ଦିଆଗଲା, ତଦ୍ୱାରା ସ୍ୱର ଓ ଶ୍ରୁତିର ବ୍ୟବଧାନ ବା ଉଚ୍ଚ ନୀଚ ଭେଦ ସହଜରେ ଅ... ତ ହୋଇଯିବ ।




( ଏହି ନକ୍ସାର ସର୍ବସ୍ୱତ୍ୱ କୋଶଳ କଳାମଣ୍ଡଳ ଦ୍ୱାରା ସଂରକ୍ଷିତ )

## ପ୍ରଣୟ

ଶ୍ରୀ ବ୍ରଜକିଶୋର ପଟ୍ଟନାୟକ

( ୧ )

ଏଇପଥେ ଉଡ଼ିଯାଏ
ପ୍ରିୟାସାଥେ
କପୋତଟି ନିତ,
ମନେହୁଏ—
ନୀଳକାୟେ—
ଚନ୍ଦ୍ରାତପ
ତଳେ,
ପକ୍ଷୀ ଓ ପକ୍ଷିଣୀ
ଗନ୍ଧର୍ବ ଦେବତାର
ଆଶୀର୍ବାଦ ନେଇ,
ଉଡ଼ିଯାନ୍ତି ସତେ !
ପ୍ରଣୟ ସକାଳେ !

( ୨ )

ଏକକୁ ଆରେକ
ଅପେକ୍ଷାର୍ଥୀ ସଦା,

Digitized by srujanika@gmail.com

ଆକାଶର ଅସରନ୍ତି ପଥେ,
ଆଗେ କପୋତ;
ପଛେ କପୋତୀ

( ୩ )

ଉତ୍ତ ପ୍ରାନ୍ତରୁ ପ୍ରାନ୍ତର
କପୋତ ବଗ୍ରସ
ଖୋଜି ବୁଲେ ଖାଦ୍ୟ;
କପୋତୀ
ତା'ର ଚଞ୍ଚୁ ମୁନେ
ପ୍ରିୟ କପୋତର ମୁହଁ
ଖାଦ୍ୟ ଆଣି କରେ ମହଜୁଦ୍ ।

( ୪ )

ପୁରୁଷର ଶ୍ରମ - ଲବ୍ଧ
ନାରୀର ଆକର୍ଷଣେ
ଝରେ ଗମ୍ ଗମ୍,
ନାରୀର ସେବା, ସାନ୍ତ୍ୱନା
ଅଭ୍ର ନୟନର ଔଦାସ୍ୟ
ତା'ର ପ୍ରତିଦାନ;
ପୁରୁଷରେ ଦିଏ ଉତ୍ତେଜନା
ଓ ପ୍ରେରଣା,
ଟାଣିନିଏ ପ୍ରଗତିର ପଥେ ।

( ୫ )

ଆସେ ସନ୍ଧ୍ୟା—
ଆକାଶରେ ପଡ଼ିଯାଏ
ଅଗଣିତ
ହୀରକର ବିନ୍ଦୁ,
କପୋତ, କପୋତୀ
ନୀଡ଼ ଧରି
ନିଅନ୍ତି ବିଶ୍ରାମ ।

( ୬ )

ଉଠିପଡ଼ି ଶାବକଟା
କରେ ଗୋଳମାଳ,
କପୋତୀ ଖାଦ୍ୟ ଦିଏ
ତା'ର ମୁହେଁ,
ଶେଷେ, କୋମଳ ଚୁମ୍ବନେ
କରାଏ ନିଦ୍ରିତ ।
ସବୁ ଶୁନ୍ ଶାନ୍—
ପ୍ରଣୟର ଭାଷା ଫୁଟେ
ଦୁଇ ପ୍ରାଣୀ ମୁଖେ ।

( ୭ )

ପଥିକର
ଦିନକର ଶ୍ରାନ୍ତି
ଆସେ ସରି ।
ଅସନ୍ତା କାଲିର
ଚିନ୍ତା ଭୁଲି କଥା
ଭାବି, ଭାବି
ତନ୍ଦ୍ରାଘୋରେ
ଶୋଇଯାନ୍ତି
ଦୁଇପ୍ରାଣୀ,
ଗୋଟିକର
ସୁଖ, ଦୁଃଖେ
ଆଲୋକ, ଅନ୍ଧାରେ ।
ଅନ୍ୟଠିର
ଅଯାଚିତ
ଭାଗ;
ଏଇ ତ ପ୍ରଣୟ,
ଦୁନିଆର ବାସ୍ତବ ପ୍ରଣୟ !

Digitized by srujanika@gmail.com

# ଉପେକ୍ଷିତା

କୁମାର ଶ୍ରୀ ଗୋପାଲ ଚନ୍ଦ୍ର ପଟ୍ଟନାୟକ

ମ୍ଳାନ ଅବଶ ଗୋଧୂଳି ଅପସରି ଯାଉଛି ।

ଶୁଭ୍ରାୟିତ ରକ୍ତ-ରଶ୍ମି ବିଦାୟ ନେଉଛି । ଘନେଇ ଉଠୁଛି ଉତ୍କଟ ଅନ୍ଧକାରର କାଳ କୃଷ୍ଣାୟିତ ବଉଦ । ଅଖଣ୍ଡ, ଅନାବିଳ ।

ବକୁଳର ସହକାର ଗହଳରେ ଅନ୍ଧାରି ଫାଙ୍କ ଗହ୍ୱରରୁ ଜନ୍ମ ବାନ୍ଧ ବାହାର ଅସୁରି ଚପଳ ମଳୟର ରୂପହୀନ ଅତଟ ସ୍ରୋତ ।

ବାରୁଣୀ ସୁନ୍ଦରୀର ସୁନୀଳ ଅଳକ ତଳେ ଅସ୍ତ ବର୍ଣ୍ଣ-ବିଭାର ପ୍ରତିବିମ୍ବିତ ଛାୟା । ଦଶମୀ ଚନ୍ଦ୍ରର ଲଳିତ ଜ୍ୟୋତ୍ସ୍ନାର ତନ୍ଦ୍ରା ବାଧାହୀନ, ଅପ୍ରତିହତ ।

ଦୂର ପରବତର ଶ୍ୟାମଳୀ ଚୂଡ଼ା ଯୁଁଠି ଅନନ୍ତ ଆକାଶର ବିଶାଳତା ସମକ୍ଷରେ ମଥା ନତ କରି ଆତ୍ମ-ସମର୍ପଣ କରୁଛି, ମୋର ଅବହେଳିତ ଅପଲକ ଦୃଷ୍ଟି ବସିଇଠି ଫେରେ ।

ମସ୍ତିଷ୍କରେ ଅଫଯତ ଛିନ୍ନଭିନ୍ନ ଚିନ୍ତାଧାରା ।

ମୋର ଅତୀତ, ଘଟନାର ଯନ୍ତ୍ରଘର । କେତେ ବିଚିତ୍ର ଘଟନା ଯେ ତା ମଧ୍ୟରେ ମୁଁ ଫେରେ କରୁଛି ତାର ସୁମାରି କେବେ କରିନି ।

ମୋର ଜୀବନର ସୁଖଦୁଃଖକୁ ନିୟନ୍ତ୍ରଣ କରି ଦାରିଦ୍ର୍ୟ - ଅଭାବ - ଯନ୍ତ୍ରଣା ମୋର ଜୀବନ ପଥର ପ୍ରଧାନ ସହଚର ଆତ୍ମୀୟ ହୋଇଥିଲେ । ତେବେବି ତାଙ୍କୁ ବିଦାୟ ଦେଇଛି । କିନ୍ତୁ ସେହି ସ୍ମୃତିର ଛାପ, ସେହି ବନ୍ଧୁତ୍ୱର ବନ୍ଧନ ମୋର ଅନ୍ତର ମଧ୍ୟରେ ଟାଣି ଦେଇଛି ଏକ ଅବିଚ୍ଛେଦ୍ୟ ଗଭୀର ରେଖା ।

ବିସ୍ମୃତିର ଅତଳ ଗର୍ଭରେ ସବୁ ସମାଧି ନେଉଛି । ଚିରଦିନ ଲାଗି । କେବେ ତାକୁ ମୁଁ ଜାଗ୍ରତ କରିନି । ତାର ଚିର ସୁପ୍ତିରୁ ଜୀବନ ପଥରେ ଜାଗରଣ ଆଣି ଦେବାକୁ ମୁଁ ଲୋଡ଼ିନି ।

କିଣ ବା ଲାଭ ସେଥିରେ ?

ତେବେ ବି, ସେଦିନ କାହିଁକି ମୋର ଅନ୍ତର ମଧ୍ୟରେ ଧୀରେ ଧୀରେ ଗୁମୁରି ଗୁମୁରି ଉଠୁଥିଲା ସେହି ଅତୀତ ସ୍ମୃତିର ନୀରବ ଗୁଞ୍ଜନ ।

କାହାରି କରୁଣ ଉଦାସ କଣ୍ଠ—ବାଆରୁ ମୁଠିଏ ଭାତ ମିଳୁ ।

ସ୍ମୃତି ଅନ୍ତର୍ହିତ ହେଲା କ୍ଷଣକ ଲାଗି ।

ତାର ଉଦାସ ମୃଦୁ କଣ୍ଠ ଚଞ୍ଚଳ କରିଥିଲା ମୋତେ ।

କୁମାରୀଟିଏ - ଅରକ୍ଷିତା, କାଙ୍ଗାଳିନୀ ଯୌବନ, ଯା' ଅଙ୍ଗରେ ସ୍ପର୍ଶ କରି ବି ଅନାଦରରେ ପଡ଼ି ବିଦାୟ ନେଉଛି ।

ଅସ୍ଥି କଙ୍କାଳ ସାର ଜୀବ; ଦୁର୍ଭିକ୍ଷ - ଦାରିଦ୍ର୍ୟ - ମଡ଼କର ଜୀବନ୍ତ କୌମାର ଅବତାର । ମଳିଣ ନ୍ୟୁ ଅସ୍ଥି ଚର୍ମ ଗଢ଼ା ଶରୀର, ନଗ୍ନତା ନିବାରଣ କରିବାକୁ ଯଥେଷ୍ଟ ସବଳ ନାହିଁ ଯା'ର । ବସ୍ତ୍ର ଆବରଣ ଭେଦ କରି ଦିଶୁଛି ଅସ୍ଥିର କଣାଣ ସୂଚୀଭେଦ୍ୟ ଅନ୍ଧକାର ମଧ୍ୟରେ ବଳବାନ୍ ଦୀପ୍ତିମନ୍ତ ଆଲୋକ ପରି, ବାତ୍ୟାହତ ନଦୀ ବକ୍ଷର ଉତ୍ତାଳତା ପରି ।

ପ୍ରତିବିମ୍ବରୁ ସତେ ଯେମିତି ଝରି ପଡ଼ୁଛି ବ୍ୟଥିତ ହୃଦୟର ପୁଞ୍ଜୀଭୂତ ବେଦନାର ଅବ୍ୟକ୍ତ କରୁଣତା ।

ବଡ଼ ମର୍ମସ୍ପର୍ଶୀ, ବ୍ୟଥାଦାୟକ ତାର ରୁକ୍ଷ ବେଶ ।

କରୁଣାର ଉଦ୍ରେକ ହେଲା । ଦ୍ରବିଗଲା ମୋର

Digitized by srujanika@gmail.com

ଦରଦୀ ଅନ୍ତର । ହୃଦୟତନ୍ତ୍ରୀରୁ ନିଭୃତତମ ତନ୍ତ୍ରୀରେ ଝଙ୍କାରି ଉଠିଲା ସମବେଦନାଭରା କରୁଣ ରାଗିଣୀର ନୀରବ ମୂର୍ଚ୍ଛନା ।

କାହିଁକି କେଜାଣି ଦର ଛଳ ଛଳ ହେଲା ମୋର ନୟନ ।

ଭଗବାନ୍— ନୀଳଚକ୍ରର ଠାକୁର ଧନୀର ଦେବତାଙ୍କ ବିରୁଦ୍ଧରେ ହୃଦୟ ମୋର ବିଦ୍ରୋହୀ ହୋଇ ଉଠିଲା ।

ଦୁନିଆର ଏଇ ପୁଞ୍ଜିପତି ଶୋଷକ ଶ୍ରେଣୀ, ଦରିଦ୍ରର ରକ୍ତ ତିଳ ତିଳ କରି ଶୋଷି ନେବା ଯା'ର ବିଳାସ, ସେହିମାନେହିଁ ତୁମର ଅର୍ଥାର୍ଥୀ ପରମ ଭକ୍ତ । ତାଙ୍କରି ଦେବତା ତୁମେ, ବାତୁଳ, ସଜୀବ !

କିନ୍ତୁ ଦରିଦ୍ର, ସେ କି ଜାଣେ ତୁମର ଭକ୍ତି । ସେ ନିଃସ୍ୱ ନିର୍ଜୀବ । ତାର କଣ ଅଛି ? କି ଉପଚାର ଦେଇ ତୁମର ପୂଜା କରିବ ? ସେ କଣ ତୁମର ଯୋଗ୍ୟ ପୂଜାର୍ଥୀ ହୋଇ ପାରିବ ? ଧନୀ ପରି ରକ୍ତ ଶୋଷଣ ସେ ନ ଜାଣେନି, ଲୋଡ଼େନି । ତା ଲାଗି ତୁମେ ପଥର, ନିର୍ଜୀବ, ନୀରବ, ସ୍ଥାଣୁ ।

ହାୟ ଭଗବାନ । ତୁମେ ପରା ଦରିଦ୍ରର "ପଥର ଘରର ଠାକୁର ।" ଆଜି ସେହି ଦେଶରେ ପୁଣି ଅଭାବ ଅନାଟନ, ମଡ଼କ ମରୁଡ଼ିର ଅନଧିକାର ଅପ୍ରତୀତ ପ୍ରବେଶ, ଦରିଦ୍ର ପ୍ରତି ଧନିକର ନିର୍ମମ ଅତ୍ୟାଚାର ।

ସତେ କଣ ଓଡ଼ିଆ ଦରିଦ୍ର, ଭାରବାହୀ ଜାତି । ତାର କଣ ଜୀବନ ନାହିଁ ? ନିଷ୍କର୍ମୀ କୋଣାର୍କ, ପୁରୀ, ଭୁବନେଶ୍ୱର ମନ୍ଦିର ତାର ମୂକସାକ୍ଷୀ ହୋଇ ପାରିବେନି ? ଗଜପତି ବୀର ଓଡ଼ିଆ ଜାତିର ଏଇ ଶେଷ ପରିଣତି ?

ସବୁ ଅଛି ତାର । ନାହିଁ ତାର ଉଦ୍ୟମ ଉଦ୍‌ଯୋଗ । ଆଜି ସେହି ସୁଯୋଗ ନେଇ ଯେ ଯାହା ପାରୁଛି ଫମ୍ପା ଅବାଜ କରି କହୁଛି "ମୋର ।" ଅଥଚ ପଙ୍ଗୁ ଅଥର୍ବ ଓଡ଼ିଆ ତାର ମହାଭାରତୀୟ ଉଦାରତା ଘେନି ଜଳ୍ ଜଳ୍ କରି ଚାହିଁ ରହିଚି । କୋଣାର୍କର ଗୁରୁ ସୂକ୍ଷ୍ମ ସ୍ଥାପତ୍ୟ, ଜୟଦେବଙ୍କ ମଧୁର ଅଶ୍ରୁସ୍ରାବୀ ଗୀତଗୋବିନ୍ଦର ଲଳିତ ଗାନ, ଆଜି ବିଦେଶୀର ସମ୍ପତ୍ତି । ଅଥଚ ସେ ନୀରବ, ନିଷ୍ପନ୍ଦ, ଅଚଳ ।

ଏ ଭଳି ଜାତିର ମୁକ୍ତି କାହିଁ ? କେବେହେଁ ଆସିବନି । ଅସମ୍ଭବ ! !!

ଚିନ୍ତାଧାରାରେ ବାଧା ଦେବାକୁ ପୁଣି ଥରେ ଶୁଭିଲା ତାରି କଣ୍ଠ - ବାବୁ ମୁଠିଏ ଭାତ ମିଳୁ । ଦୁ ଦିନ ହେଲା କିଛି ଖାଇନି । ଭୋକ ହଉଚି ବଡ଼ ।

ଚମକି ପଡ଼ିଲି । କହିଲି ହୁଁ, ଏଇ ପଇସାଟିକ ନେ । କିଛି ଖାଇନବୁ । ଆଉ କାଲି ସକାଳୁ ଆସିବୁ ତ ଆଉ ଦେବି । ବୁଝିଲୁ ?

ନିରାନନ୍ଦତା ମଧ୍ୟରେ ହାସ୍ୟରେଖାଟିଏ ଉକୁଟାଇବାକୁ ଉଦ୍ୟମ କରି ସେ ଅନ୍ତର୍ହିତ ହୋଇଗଲା ଧୀରେ ଧୀରେ ।

ତେବେ ବି, ଦୃଷ୍ଟି ମୋର ତାରି ପଛରେ ସମର୍ପିତ ହୋଇ ଉଠିଲା । ମନେ ପଡ଼ିଲା ସବୁ ।

ଖିଆଲି ଦୁନିଆ । ପରିବର୍ତ୍ତନ ଯା'ର ଚିରାଚରିତ ଯୁଗ ଯୁଗର ଅଭ୍ୟାସ ।

ରାଜାକୁ କରେ ପଥର ଭିକାରୀ - ହେୟ, ଘୃଣ୍ୟ, କୁତ୍ସିତ ।

ଆଉ ଅସ୍ଥିଚର୍ମ୍ମ - ବପୁର କୌପୀନ ସୂତ୍ର ଦେଇ ଘର ମୁଠାଏ ଭାତ ଲାଗି ଯେ ଭିକ୍ଷା କରି ବୁଲେ, ଏ ଶୋଷକ-ଦୁନିଆରେ ବଞ୍ଚିବାର ହକ୍ ଯା'ର, ଦିନ ଆସେ ତାର ବି କରମ ବଦଳେ । ତା ମଥାରେ ଝରେ ଗଙ୍ଗ-

Digitized by srujanika@gmail.com

କଳସ । ତା ଲାଗି ସଜାହୁଏ ସୁନାର ସିଂହାସନ ।

ହରିଶ୍ଚନ୍ଦ୍ର - ଅଖଣ୍ଡ ଭାରତରେ ଏକ ଛତ୍ରାଧିପତି, ଜଗନ୍ତ ଶ୍ମଶାନ । ଭୃତ୍ୟ, ଦାସ ।

ଆଜି ରାମଚନ୍ଦ୍ର - କରତୁଳୀ ନାରାୟଣ ସିଂହାସନ ହରାଇ ବନବାସୀ ହୁଅନ୍ତି ।

ଆଜି ଓ କାଲି, ଯା' ମଝିରେ ଆତ୍ମ ପ୍ରକାଶ କରେ ଏକ ବିରାଟ ପରିବର୍ତ୍ତନର ହାଇଫେନ୍ ।

ଦୁନିଆର ଏଇ ଭଙ୍ଗା ଗଢ଼ା ବନ୍ଧନର ଶିକାର ମୋର ଏଇ ଦରିଦ୍ର ଜୀବନର ପୂର୍ବାହ୍ନ— ଯେତେବେଳେ ଦାରିଦ୍ର୍ୟ, ଅନ୍ନବସ୍ତ୍ରର ଅନାଟନ, ଆଉ ଭୟାକର ଜୀବନ ବଞ୍ଚାଇବା ଦାୟିତ୍ୱର ନିର୍ମମ ଶୋଚନୀୟତା ମୋତେ ବହନ କରିବାକୁ ହୋଇଥିଲା— ମର୍ମସ୍ପର୍ଶୀ, ନିରାନନ୍ଦଦାୟକ ।

ସେହି ନିରସ ଛନାଶାୟୀ ଅରକ୍ଷିତ ବାଳକ ଆଜି ଏକ ମୋଟା ଦରମାବାଲା ହାଇସ୍କୁଲର ମାଷ୍ଟର ।

ପରିବର୍ତ୍ତନ— ଏକାବେଳକେ ସ୍ୱର୍ଗ ମର୍ତ୍ତ୍ୟ, ଅମୃତ-ହଳାହଳ ।

ଦାରିଦ୍ର୍ୟର କଠୋର କଷାଘାତର ତିକ୍ତ ଅଭିଜ୍ଞତା ମୋର ରିକ୍ତ ଅନ୍ତର ମଧ୍ୟରେ ହାହାକାର କରି ଉଠିଲା ।

ମନେ ପଡ଼ିଲା କୁମାରୀଟିର ରୂପ—ଯା'ର ରୁକ୍ଷ ଶୁଷ୍କ ବପୁ ମଧ୍ୟରେ ସମାଧି ଦେଇଚି ତାର କୈଶୋରର ଅମଳିନ ରୂପଶ୍ରୀ ।

ଦୃଷ୍ଟି ଦୂରକୁ ଖସିଗଲା । ପାଇଲିନି କିନ୍ତୁ କୁମାରୀଟିକୁ ।

ତାକୁ କେନ୍ଦ୍ର କରି ସଂଶୟ ଆଉ ଧୃଷ୍ଟତାର ରୂପ ନେଇ ସେତେବେଳେ ଅଭାବନୀୟ ଚିନ୍ତାର ବୃତ୍ତ ଟାଣିନେଲି । ମସ୍ତିଷ୍କରେ ଅଙ୍କିନେଲି ଜ୍ୟାମିତିର ଟାହାଡ଼ା ଅଲିଭା ରେଖା ।

ପରିଣାମ ହେଲା— ଅତୀତର ସ୍ମୃତିଶ୍ରାଦ୍ଧ ଅବଚେତନାର ସାହାଯ୍ୟ ସେଦିନ ।

ଜୀବନର କେତେ ମଧୁ ବସନ୍ତ କାଳରେ ଫେନିଳ ଉଚ୍ଛଳ ଲହରୀ ତଳେ ସଲିଳ ସମାଧି ବରଣ କରି ନେଲେଣି । ତାର ସୁମାର କରିବାକୁ କେବେ ବୃଥା ପ୍ରୟାସ କରିନି । ତେବେ ବି ବୋଧହୁଏ ଏଇ ସେ ଦିନ ପରି ଝଲ୍‌ମଲ୍ ହୋଇ ନାଚିଉଠେ ସବୁ ଚଳଚିତ୍ର ପରି ।

ନବୀନ ବସନ୍ତର ଦ୍ୱିରହସିତ ମଲ୍ଲିକା ରାଣୀର ସ୍ନିଗ୍ଧ ସୌରଭ ସେଦିନ କକ୍ଷାଷରେ ଅମରାବତୀର ଐନ୍ଦ୍ରଜାଲିକ କଳ୍ପନାର ରଙ୍ଗୀନ ବିଭବ ସେଦିନ ଯୁଦିନର ସଲଜ୍ଜ ସନ୍ଧ୍ୟାରେ ରମଳା ମୋତେ ତାର କମ୍ର ମଧୁର ହୃଦୟ ଉପହାର ଦେଲା, ସେଦିନ, ମୋର ଯୌବନ - ଚଞ୍ଚଳ ଅନ୍ତରରେ ଜାଗି ଉଠିଥିଲା ପ୍ରଣୟ ଜୁଆରର ଉଚ୍ଛଳ ତରଙ୍ଗ, କୂଳ ଲଙ୍ଘିବାର ବିକ୍ରମ ସେଦିନ ।

ମୋର ଉଦ୍ଦାମ ଯୌବନର ପିପାସୀ ଅନ୍ତରରେ ଛୁଟି ଯାଇଥିଲା ପ୍ରଣୟ - ସୁଧାର ଅସରନ୍ତି ଫଲଗୁ ଧାରା ।

ତାର ଚିକ୍କଣ ଗଣ୍ଡ ଦେଶର ଯୁ-ସ୍ୱଚ୍ଛ ରକ୍ତିମା, ବନ୍ଧୂଳି ଅଧରରେ ଯୁ ସୁଧାଝରା ହାସ, ନିଟୋଳ କପୋଳ ତଳେ କୁଞ୍ଚିତ ଭ୍ରୂର ଯୁ ପ୍ରାଣ ମତାଣିଆଁ ସଙ୍କେତ— ହୃଦୟଭରା ଇଂଗିତ, ସେତକ ମାତ୍ର ଉନ୍ମାଦ କରିଥିଲା ମୋତେ ।

ମୁଁ ଥିଲି ତାର ରୂପର ପୂଜାରୀ— ହୃଦୟ ପ୍ରେମର ନୈବେଦ୍ୟ ଦେଇ ତାର ଯଥାଯୋଗ୍ୟ ପୂଜା କରିଥିଲି ।

ଶୁଭ୍ର ଯାମିନୀର ସ୍ୱଚ୍ଛ ଚନ୍ଦ୍ରିକା ତଳେ ଅଭିସାରିକାର ବେଶ ସାଜି, ମୋର କରରେ ଶୋଇ, ଯେତେବେଳେ ସେ ମୋର ନୂତ ଅସଂଯତ ବିହ୍ୱଳ ଯୌବନକୁ ଉନ୍ମାଦ ହେବାଲାଗି ଇଂଗିତ ଦେଇଥିଲା, ସେତେବେଳେ ମୋତେ ବାସ୍ତବ ଦୁନିଆର କଠୋରତା, ଭୁଲି ରଙ୍ଗୀନ ସ୍ୱପ୍ନମୟ ଅମରାବତୀର କଳ୍ପନା କରିବାକୁ ପଡ଼ିଥିଲା ।

Digitized by srujanika@gmail.com

ଅଗପଛ ଭଲମନ୍ଦର ବାଛ ବିଚାର ମୁଁ ମଣିଥିଲି ଅତି ତୁଚ୍ଛ, ନଗଣ୍ୟ ।

ମୁଁ ହୋଇଥିଲି ପ୍ରେମାନ୍ଧ, ଅସଂଯତ, ଉଚ୍ଛୃଙ୍ଖଳ । ନିଜକୁ ହଜାଇ ବସିଥିଲି ପ୍ରଣୟର ଜୀବନ୍ତତା ମଧ୍ୟରେ ।

ଯୌବନର ଅଦମନୀୟ ପିପାସାର ପ୍ରଲୋଭନରେ ପଡ଼ି ଆମେ ଉଦ୍‌ଭ୍ରାନ୍ତ ହେଲୁଁ । ଚାହିଁ ବୁଝିବାର ଶକ୍ତି ନ ଥିଲା ସେତେବେଳେ ।

ଚୁମ୍ବନ ଆଲିଙ୍ଗନର ମଧୁର ଉତ୍ତେଜନାରେ ଜଳସ୍ରୋତ ପରି ବହି ଚାଲିଲା କାଳସ୍ରୋତ । ଆଉ ସ୍ୱଚ୍ଛନ୍ଦରେ ଗଢ଼ି ଚାଲିଲା ଆମ ପ୍ରଣୟର ବେଗବତୀ ନଦୀ

ଦିନେ ଜାଣିଲି - ରମଳା ଗର୍ଭରେ ସନ୍ତାନ ।

ରମଳା ଅବିବାହିତା ତରୁଣୀର ମନୋବୃତ୍ତି ଘେନି, ଲୋକଲଜ୍ଜା ଅପବାଦକୁ ଏଡ଼ି ମାତୃତ୍ୱ ଗୌରବ ପ୍ରାପ୍ତି କଳ୍ପନାରେ ବିଭୋର ହୋଇ ରହିଲା ।

କିନ୍ତୁ ସେ ପରିସ୍ଥିତି ତାର ଚିରସ୍ଥାୟୀ ହେଲାନି । ଏଡ୍‌ଓ୍ୱାର୍ଡ ମେଡ଼ିକ୍ୟାଲ କଲେଜରେ କନ୍ୟାଟିଏ ଜନ୍ମ-କରି ଶେଷରେ ତାକୁ ଅନୁତାପ ଅନଳ ମଧ୍ୟରେ ଦଗ୍ଧ ହେବାକୁ ପଡ଼ିଲା । ସଂସାର ପ୍ରତି ଜାଗିଲା ବିରାଗ ଭାବ ।

ଲୋକଲଜ୍ଜାରେ ମ୍ରିୟମାଣ ହୋଇ ମୁଁ ଦେଶ ଛାଡ଼ି ପ୍ରବାସୀ ହେଲି । ସଂସାରର ଦୟାଳୁ ପ୍ରକୃତିର ବିଶାଳତା ସମ୍ମୁଖରେ ବାଧ୍ୟ ହୋଇ ରମଳା ନିଜର ଆତ୍ମଘାତର ପଥ ପରିଷ୍କାର କରିନେଲା ।

ରମଳା, ମୋର ଅନ୍ତରର ଅତି ନିକଟ ବାନ୍ଧବୀ ଶେଷରେ ହେଲା ଆତ୍ମଘାତିନୀ । ମୋରି ଲାଗି । ତଥାପି ମୁଁ ବଞ୍ଚି ରହିଲି । ତାର ସ୍ମୃତିର ଅଶ୍ରୁ ତର୍ପଣ ଲାଗି । ଭବିଷ୍ୟତର ଅକଳିତ ବୁକୁ ଚିରି ମୃତ୍ୟୁ, ଅନୁତାପର ସନ୍ଧାନରେ ମୋର ନିର୍ଲଜ୍ଜ ଜୀବନ ଅଗ୍ରସର ହୋଇ ଉଠିଲା

ପାମର ପ୍ରାୟଶ୍ଚିତ୍ତ କରି - ଅନୁତାପର ଅଶ୍ରୁରେ ଦୁଃଖର କୋହରେ, ଚିର ଜୀବନ ଲାଗି ଅଶାନ୍ତି ବରଣ କରି ।

ତଥାପି, ଶାନ୍ତି ମିଳିଲାନି । କର୍ତ୍ତବ୍ୟ କାତର ଛନ୍ଦେ ଛନ୍ଦେ ସେହି ନିରଷ ଶିଶୁ ସନ୍ତାନଟିର ଶୋଚନୀୟ ଦୁର-ବସ୍ଥାର ଅଶ୍ରାବ୍ୟ ଆକୁଳ କ୍ରନ୍ଦନ ମୋର ବ୍ୟଥିତ ପ୍ରାଣକୁ ଅସ୍ଥିର କରିଦେଲା ।

ଗୁପ୍ତରେ ତାର ସନ୍ଧାନ ନେଲି । ଜାଣିଲି, ସେ ବି ନିରୁଦ୍ଦେଶ ।

ଏ କଣ ତେବେ ସେହି ? ମୋର ସେହି ଉପେକ୍ଷିତା ପିତୃମାତୃ ତ୍ୟକ୍ତା କନ୍ୟା ?

ହଁ ଠିକ୍ ତାରି ପରି । ସଜ ଗୋଲାପର ମଞ୍ଜୁରିମା ଧରି ସେ ଯେଉଁ ଦିନ ରମଳା କୋଳରେ ଆଲୁଅ ଜଳାଇ ଦେଇଥିଲା, ସେ ଦିନର ରୂପ ଆଜି ଠିକ୍ ମନେପଡ଼େ ମୋର । ଠିକ୍ ତାରି ପରି, ତାରି ପରି ରୂପ, ତାରି ପରି ରଙ୍ଗ । ତାରି ପରି ସବୁ ।

ତେବେ ଏ କଣ ସେହି ମୋର ଉପେକ୍ଷିତା ନିର୍ଯାତିତା କନ୍ୟା ?

ଇଚ୍ଛାହେଲା, ତାକୁ ପଚାରି ବୁଝିବି ତାର ପରିଚୟ ।

ଜାଗ୍ରତ ନିଦ୍ରାରେ ପୂର୍ଣ୍ଣଚ୍ଛେଦ ଦେଇ ମୁଁ ଦୂରକୁ ଚାହିଁଲି ।

କିଛି ଦିଶୁନି । ଚାରିଆଡ଼େ ଅନ୍ଧକାର, ନିପଟ, କଳା ମଚ୍ ମଚ୍ ଅନାବିଳ, ଅପ୍ରକାଶ ।

କାହିଁକି କେଜାଣି ପ୍ରାଣ ମୋର କାନ୍ଦି ଉଠିଲା ।

* * * *

ପରଦିନ - ଶନିବାର ।

Digitized by srujanika@gmail.com

ସ୍କୁଲ ଚୁଏ ସକାଳରୁ । ହାଇସ୍କୁଲର ମୋଟା ଦରମାବାଲା ଶିକ୍ଷକ ମୁଁ ।

ବାସ୍ତବ ଦୁନିଆର କର୍ମମୟ ଜୀବନରେ ମୋର ଏଇ ପ୍ରଥମ ପ୍ରବେଶ । ସେଥିପାଇଁ କର୍ତ୍ତବ୍ୟର ଗୁରୁତ୍ୱ ସମ୍ପାଦନକୁ ମୁଁ ଲାଗିଥାଏଁ ବେଶୀ ।

ପ୍ରତ୍ୟୁଷର ଅଳସ କରଣ ସ୍ନାତ ଚଞ୍ଚଳ ବୈତରଣୀ ପାର ହୋଇ ମୁଁ ସ୍କୁଲ ରାସ୍ତା ଧରିଲି ।

ବାଳ ଅରୁଣ ରଶ୍ମିର କୋମଳତା ମଧ୍ୟରେ ଅର୍ଦ୍ଧୋତ୍ଥିତ ସହରଟି ନିମଜ୍ଜିତ, ଅଳସିତ, ଅବଶ ।

ରକ୍ତ-ଫୁଲାସ୍ତୃତ ପଥ ପାର୍ଶ୍ୱର ଝଙ୍କାଳିଆ ନିମ୍ବ ଗଛଟି ପ୍ରଭାତୀ ଗୁଞ୍ଜରଣ ଗୀତ ଗାଉଚି ସୁଗନ୍ଧବହ ସମୀର ତାରି ଧୀର ପରଶରେ ଥରି ଥରି ଉଠୁଛି ।

ଆଉ ତାରି ତଳେ ମୋର ସେହି କ୍ଷଣ ପରିଚିତ ବାଳିକାଟି ନୀରବ, ନିସ୍ପନ୍ଦ, ନିଦ୍ରାଜଡ଼ିତ ମୁଦ୍ରିତ ନୟନ, ବ୍ୟଥିତ ଅଙ୍ଗ ସଙ୍କୁଚିତ କରି ପଡ଼ିଚି ତାରି ତଳେ ।

ମନଟା ପାପର ଅଯଥା ଶଙ୍କିତ । ବକ୍ଷରେ ଅଲକ୍ଷିତ ଶିହରଣ ନିରେଖି ଦେଖିଲି, ଅନୁମାନ ଅମୂଳକ ନୁହେଁ ।

ମୃତ ନା ଜୀବିତ ? ମୋର ଉପେକ୍ଷିତା, କନ୍ୟା ଆଜ ମୋରି ଆଗରେ ମରଣ ସାଥିରେ ଲଢ଼େଇ କରୁଚି । ଆଉ ମୁଁ — । ହାୟ ପାଗଳଙ୍କ ପରି ତାର ଦେହ ସ୍ପର୍ଶ କଲି ।

ତୁଷାର ପରି ଶୀତଳ । ମୃତକା ପିଣ୍ଡ ଛାଡ଼ି ଆତ୍ମା ତାର ଉଡ଼ିଯାଇଚି କୁ ଅଚିର ଜୀବନର ସନ୍ଧାନରେ । ମଥା ମୋର ବିଦୀର୍ଣ୍ଣ ହେଲାପରି ବୋଧହେଲା ।

ଅଲକ୍ଷ୍ୟରେ ଝରି ପଡ଼ିଲା ଅଶ୍ରୁର ବିନ୍ଦୁ ଧାରା

ଉପେକ୍ଷିତା କନ୍ୟା ଲାଗି ପ୍ରାଣ ମୋର ବିଟପେଇ ଉଠିଲା । ଯାହା ଲାଗି ମୁଁ ଦିନେ ତାର ମାତାକୁ ଆତ୍ମହତ୍ୟା କରିବାକୁ ଇଙ୍ଗିତ ଦେଇଥିଲି, ତାକୁ ବି ମୁଁ ରକ୍ଷା କରି ପାରିଲିନାହିଁ ।

ହାୟ ମୋର ଭାଗ୍ୟ । ହାୟ ମୋର କନ୍ୟା

ନିର୍ଯାତିତା, ନିର୍ବାସିତା, ଉପେକ୍ଷିତା ।

ପ୍ରାଣରେ ଉକ୍ତାର ରିକ୍ତ କ୍ରୋଧ ଉଠିଲା ।

# ସୁନାଫୁଲ

ଶ୍ରୀ ନବକିଶୋର ଦାସ

( ପୂର୍ବପ୍ରକାଶିତ ପରେ )

୧ମ ଅଙ୍କ ୨ୟ ଦୃଶ୍ୟ—

[ ରାଜ ଅନ୍ତଃପୁର । ଦୁଇଟି ସୁସଜ୍ଜିତ ପଲଙ୍କ । ଗୋଟିକରେ ସୁଶୀଳ, ଅନ୍ୟଟିରେ ମାନସୀ ଶୋଇଛନ୍ତି । ପାଖରେ ଗୋଟିଏ ଟେବୁଲ । ଟେବୁଲ ପାଖରେ କେତେଖଣ୍ଡ କୁସନ ଦିଆ ବେତ ମୋଡ଼ିଆ ଚୌକି । ପଞ୍ଚ ପ୍ରହର ଗତ ଯାଇଛି । ଗୋଟିଏ ଦୋଳିକା ପଲଙ୍କ ପାଖରେ ଛିଡ଼ା ହୋଇଛି । ଆଲୋକ ସେତେ ସ୍ପଷ୍ଟ ନୁହେଁ । ]

ମାନସୀ —
ଭାଇ !

Digitized by srujanika@gmail.com

ସୁଶୀଳ —

କାଅଣ ?

ମାନସୀ —

ତମ ଜର କମିତକା ?

ସୁଶୀଳ —

ତୋର ?

ମାନସୀ —

ମୋ ଜର ଟିକଏ ଊଣା ହୋଇଛି, ମୁଁ ଏଇଠା ବନ୍ଧୁଙ୍କୁ ଖୁଜୁଛି !

ସେବକା —

( ସୁଶୀଳ ଦେହରେ ହାତ ଦେଇ ) ହୀନାପୁଅଙ୍କ ଦେହରେ ଖଇ ଫୁଟୁଛି !

ମାନସୀ —

ମା କୁଆଡେ଼ ଗଲ ?

ସେବକା

ମନ୍ଦିରକୁ ରାଣୀ ମା ଯାଇଛନ୍ତି !

ମାନସୀ —

ବାବା ?

ସେବକା

ଦରବାରରେ ମଣିମା ଥିବେ

ସୁଶୀଳ -

ଖାଲି ଦରବାର, ଦରବାର !

ମାନସୀ —

ଯା, ମାଙ୍କୁ ଡାକ ଆଣିବୁ !
( ସେବକା ପିଲ ଦୁହିଙ୍କୁ ଭଲକ ଘୋଡ଼ାଇ ଦେଇ ଘରୁ ବାହାରଗଲ )

ସୁଶୀଳ —

ମାନସୀ ?

ମାନସୀ —

ଭାଇ ?

ସୁଶୀଳ -

ସୁମନ ଭାଇ କ'ଣ କହୁଲେ ଶୁଣିଲୁ ନା ?

ମାନସୀ —

ହଁ, ସେ ଆମକୁ ବହଲେଇ ଦେଲେ !

ସୁଶୀଳ

ମୁଁ ବାବାଙ୍କୁ ଏ କଥା କହିବ ।

ମାନସୀ

ବାବା ତାଙ୍କୁ କହିଲେ, ସେ ନିଶ୍ଚୟ ସୁନାଫୁଲ ଆଣିଦେବେ

ସୁଶୀଳ —

ତାଙ୍କ ଘରେ ଯେ ସୁନାଫୁଲ ନାହିଁ !

ମାନସୀ —

ଆଉ ?

ସୁଶୀଳ —

ମୁଁ ଜାଣିନା— ଯଦି କ'ଣ କହିଲେ ମୁ ... ଥିଲେ ନାହିଁ ସୁନାଫୁଲ ନ ମିଳିଲେ— ?

ମାନସୀ —

ଆମେ କ'ଣ ଏମିତି ବଛଣାରେ ପଡିଥିବା ?

ସୁଶୀଳ —

କ'ଣ କରିବା ? ଆମକୁତ ହଠାତ୍ ଏ ଜର ମାଡ଼ି ବସିଲା··· ···

ମାନସୀ —

ଜରର ଆମେ କି ଦୋଷ କରିଥିଲେ ?

ସୁଶୀଳ —

ଜର ଜାଣେ । ସୁନାଫୁଲ ମିଳିଲେ ଜର କ'ଣ ତା ବାପ ବି ଛାଡ଼ି ପଳେଇବ !

ମାନସୀ —

ସୁନାଫୁଲ ମିଳିବ ?

ସୁଶୀଳ —

କିଏ କହିବ ?

[ଏହି ସମୟରେ ଘର ଭିତରକୁ ମହାରାଜ ... ଓ ରାଣୀ ... ପ୍ରବେଶ କଲେ । ଦାସ ... କେତେବେଳେ ... ର ନିକଟରେ ଅପେକ୍ଷା କରି ରହିଥିବ ରାଜା, ରାଣୀ ଶିଶୁ ଦୁଇଙ୍କ ଦେହରେ ହାତ ବୁଲାଇ ଜର ଉତ୍ତାପ ଦେଖିଲେ । ଉଭୟ ପାଖରେ ପଡିଥିବା ଅନୁଚ୍ଚ ସଜ୍ଜିତ ଚୌକୀରେ ବସିଲେ । ]

ମାନସୀ —

ମା

Digitized by srujanika@gmail.com

ମୈତ୍ରୀ –

କଅଣ କଲେ ? ଦେହ କ'ଣ ଦେଉଛି ?

[ ରାଣୀ ଯାଇ ପଛକୁ ଯାଇ ମାନସୀ ପାଖରେ ବସି ପଡ଼ିବା ]

ମାନସୀ –

ସୁନାଫୁଲ ଆଣିଛି, ମା ?

ମୈତ୍ରୀ –

( ମହାରାଜଙ୍କୁ ଲକ୍ଷ୍ୟକରି ) ହେଇ ଶୁଣୁନା ? ସେ ଖାଲି ସୁନାଫୁଲ କଥା କହୁଛି ? ଭଲ ହିଁଅଛି କାଲି ସଞ୍ଜବେଳେ ଖେଳୁଥିଲା –

ବିଶ୍ୱମିତ୍ର –

କ ସୁନାଫୁଲ ? ( ମାନସୀ ପ୍ରତି ) ଅଛି ମା, ବଣିଆ ଡାକି କାଲି ମୁଁ ଭାରି ଭାରି ସୁନାଫୁଲ ଗଢ଼ାଇଦେବି !

ସୁଶୀଳ –

ନାହିଁ ବାବା, ବଣିଆ ହାତ ଛଆର ସୁନାଫୁଲ ନୁହେଁ, ଆମେ ଖୋଜୁଛୁ ସୁନାଫୁଲ ମେଘ ସାଗର, ମଝିରେ ଅପଣା ଛାଏଁ ଆପେ ଫୁଟି ଆପେ ଝଡ଼ୁଛି !

ବିଶ୍ୱମିତ୍ର –

(ଆଶ୍ଚର୍ଯ୍ୟ ହୋଇ) ଏଁ — ସୁଶୀଳ ବି ସେହି ସୁନାଫୁଲ କଥା କହୁଛୁ ··· ସୁନାଫୁଲ ? ଅପଣା ଛାଏଁ ଆପେ ଫୁଟି ଆପେ ଝଡ଼ୁଛି ? ସେ ପୁଣି କଅଣ ?

ମୈତ୍ରୀ –

କାଲି ସଞ୍ଜବେଳେ ପିଲମାନେ କଅର ବଗିଚାରୁ କନିଅର ଫୁଲଗୁଡ଼ାଏ ତୋଳି ଆଣିଥିଲେ । ଦିନାନ୍ତ-ବନ୍ତ ସାଥିରେ ଥିବା ବିବେକୀ ଅଛାଟରେ କହିଲା– ରାଜାଘର ପିଲାଏ ସିନା ସୁନାଫୁଲରେ ଖେଳନ୍ତି କନିଅର ଫୁଲଗୁଡ଼ାକ କ'ଣ ହେବ ?

ବିଶ୍ୱମିତ୍ର –

(ହସି)ଏହି ସାମାନ୍ୟ କଥା । ମୁଁ ତ ବର୍ତ୍ତମାନ ଲକ୍ଷ ଲକ୍ଷ ସୁନାଫୁଲ ଗଢ଼ାଇ ଦେବି । ( ସୁଶୀଳ ପାଖକୁ ଯାଇ ) ବାପ ! ତୋ ଦେହ କିମିତି ଲାଗୁଛି ? (ଦେହରେ ହାତ ଦେଇ) ଦେଖିଲଣି ଦେହଟେତ ଯାଇ ଫାଟୁଛି । କେତେ ତାତ ? ରାଜବୈଦ୍ୟ ଆସିଥିଲେ କେତେବେଳେ ?

ମୈତ୍ରୀ –

ସଞ୍ଜବେଳ ପୂର୍ବରୁ ରାଜବୈଦ୍ୟ ଆସିଥିଲେ । ଔଷଧ ଦେଇ ଯାଇଛନ୍ତି ।

ସୁଶୀଳ –

ବାବା !

ବିଶ୍ୱମିତ୍ର –

କଅଣ ବାପ !

ସୁଶୀଳ –

ଆମେ କ'ଣ ଏଣୁ ମଣିଷ ହାତ ଛଆର ସୁନାଫୁଲ ଖୋଜୁଛୁଁ ? ସୁମନ ଭାଇ କ'ଣ କହିଲା ମାନସୀ ?

ମାନସୀ –

ହଁ, ସେହି ଦ୍ୱୀପ··· ଚାରିଆଡେ ଖାଲି ନୀଳସମୁଦ୍ର, ତାଳଗଛ ଉପର ଲହଡ଼ି, କଳାପକ୍ଷୀ ମାଳ ମାଳ ହୋଇ ଉଡ଼ି ଯାଉଥିବେ ନୀଳ ଆକାଶରେ, ଛାଇ ମାଡ଼ି ଆସୁଥିବ, ଆଉ ସେହି ସନ୍ନ୍ୟାସୀ ଯେ ସୁମନ ଭାଇଙ୍କୁ ସୁନାଫୁଲ ଦେଖାଇଦେଲେ ··· ଭାଇ, ନା କ'ଣ ତାଙ୍କର ?

ସୁଶୀଳ –

ଦିବ୍ୟ ଦୃଷ୍ଟି

ମାନସୀ –

ହଁ ଭାଇ ! ଦିବ୍ୟଦୃଷ୍ଟି, ସୁମନ ଭାଇ ତାଙ୍କ ସଙ୍ଗାତଙ୍କ ସଙ୍ଗରେ ପୁଣି ଭାସିଗଲେ ସେହି ସମୁଦ୍ରରେ ··· ସେ କବି ?

ସୁଶୀଳ –

କାଳଜୟୀ !

ମାନସୀ –

ହଁ, ହଁ, ମା ଆମେ ଭାସିଯିବୁ ! ନିଶ୍ଚୟ ଭାସିଯିବୁଁ ··

ସୁଶୀଳ –

ମାନସୀ ! ମୁଁ ଯିବି ତୋ ସାଥିରେ !

ବିଶ୍ୱମିତ୍ର –

( ରାଣୀଙ୍କୁ ଲକ୍ଷ୍ୟକରି ) ପିଲାଏ କ'ଣ ଗୁଡାଏ ଏମିତି ଗପୁଛନ୍ତି ?

ମୈତ୍ରୀ

Digitized by srujanika@gmail.com

ଏମିତିକି ବନ୍ଦ ଶ୍ୱାସ ରହୁଛନ୍ତି । ରାଜବୈଦ୍ୟ କିଛି ଠିକ୍ କରି ପାରୁନାହାନ୍ତି । ତୁମେ ସୁମନଙ୍କୁ ପଚାରନ୍ତୁ ସେ ପିଲାଙ୍କୁ କ'ଣ କହିଥିଲେ ?

ବିଶ୍ୱମିତ୍ର —

( ଯିବାକୁ ଉଦ୍ୟତ ) ହଉ ମୁଁ ଡକାଇ ପଠାଉଛି । ମୋତେ ପୁଣି ଦରବାରକୁ ଯିବାକୁ ହେବ । ମୁଁ ତ ଏମିତି ରୋଗ କେବେ ଦେଖି ନଥିଲି !

[ ବିଶ୍ୱମିତ୍ର ଘରୁ ଚାଲିଗଲେ । ରାଣୀ ଉଠିପଡ଼ିଲେ ଘରକୁ ସେବିକା ଦୁଇଜଣ ପଶିଆସିଲେ ]

ମାନସୀ —

ମା ! ସୁମନ ଭାଇ ଆସିଲେ ?

ସୁଶୀଳ —

ଅସିଲେ ଖାଲି କ'ଣ ହେବ ? ସୁନାଫୁଲ ଆଣିଲେତ ?

ମୈତ୍ରୀ —

ଅରେ ବାପ, ଟିକିଏ ଶୋଇପଡ଼ ଭଲା । ତୁମେ ଦୁହେଁ କେଉଁଠି ଡରିଛକି ?

ପ୍ରଥମ ସେବିକା — ସେବତୀ

ମହାଦେଈ ! ହୁକୁମ ଦେଲେ ନାହାକୁ ସିଦ୍ଧଦାନ୍ତ-ଆସୀକୁ ଡ଼ାକି ଆଣନ୍ତି ରାଜା ଛୁଟିଆ ଘରେ ଏମିତି ମାନ୍ଦିଆ ରହୁଥିଲା, ସେ ଦଅର ଅଢ଼େଇ ଚରଣିଆ ମନ୍ତ୍ରର ପଢି ଝାଡ଼ିଛିକି ନା ନାହିଁ ସବୁ ଛାଡ଼ିଗଲା ।

ଦ୍ୱିତୀୟ ସେବିକା — ମାଳତୀ

ଗୁଣୀ ଆଗରେ ଡାଆଣୀ ?

ମୈତ୍ରୀ —

( ଟିକିଏ ଭାବି ) ହଉ ହଉ, ରାଜା ଆସନ୍ତୁ । କାଲି ତାଙ୍କୁ ଡ଼କାଇବା...

( ପିଲା ଦୁହେଁ ତୋ ତୋ ହୋଇ ହସି ଉଠିଲେ )

ସୁଶୀଳ —

ମା, ଆମକୁ କ'ଣ ଡାଆଣୀ ଲାଗିଛିକି ?

ମାନସୀ —

ଲଙ୍କାମରିଚ ଧୂଆଁ ଏ ସେବତୀ ଆଉ ମାଳତୀଙ୍କ ନାକରେ ଅଗେ ଦେଲୁ ।

(ସେବିକା ଦୁହେଁ ଭୟରେ ପରସ୍ପର ମୁହଁକୁ ଚାହିଁଲେ)

ମା !

ମୈତ୍ରୀ —

କ'ଣ କିଚ୍ଛି ?

ସୁଶୀଳ —

ମା, ସୁନାଫୁଲ ଅଣେଇଲୁ ନାହିଁ ?

( ସ୍ନେହରେ ରାଣୀ ସୁଶୀଳକୁ ନିଜ କୋଳକୁ ଟାଣିନେଲେ । )

ମୈତ୍ରୀ —

ବାପ, ଏମିତି କାହିଁକି ହେଉଛୁ ? ବାବା ପରା ସୁମନକୁ ଡକେଇ ପଠେଇଛନ୍ତି ।

ମାନସୀ —

ସତେ ବୋଉ ? ସତେ ! ସେ ସୁନାଫୁଲ ଆଣିବେ ? ଭାଇ ! ସୁନାଫୁଲ ମିଳିବ, ସୁନାଫୁଲ...

ସୁଶୀଳ —

ସତେ ସୁନାଫୁଲ...

( କ୍ରମଶଃ )

— — ✻ — —

## ଦେବଯାନୀ

—ଜଗଦୀଶ—

କ୍ଷୁବ୍ଧ କ୍ଷୁବ୍ଧ ଦେବଯାନୀ,
ହେଉ ମୁକ୍ତ ଦରବାର—
ଆଜି ତବ ଅଭିଯୋଗ ବାଣୀ ।
ଭୂମିତଳେ ଅଟଳ୍କ ଚନ୍ଦ୍ରିକା;
ଆଭିଜାତ୍ୟ ଗଢ଼ା ତବ କ୍ଷୁଣ୍ଣ ଚନ୍ଦ୍ର ରେଖା
ଲିଭିଁ ପଡେ କାହିଁ । ତେବେ, କହ ଅଭାଗିନୀ !
ଯାଅ ଭୁଲି ରସପୂର୍ଣ୍ଣ କୈଶୋରର ସହସ୍ର ସପନ
ନିଶୀଥ ଆକାଶ ତଳେ ସୁରଭିତ କୁସୁମ ଶୟନ,
ପଡ଼ିରହୁ ପ୍ରଣୟର ବକୁଳ ଅଞ୍ଜଳି
ଅଭିମାନେ ଯାଉ ଶୁଖି ଶର୍ବରୀର ଶେଫାଳୀ,
ଭଗ୍ନ ସୁର ବୀଣା ତବ ଭାଙ୍ଗିଦିଅ ଆଜ
ପ୍ରତୀକ୍ଷାର ବାତାୟନ ପାରେ—
ଆସ ତୁମେ କାନ୍ତିମୟୀ ହେ ଅବହେଳିତା
ଛିଡ଼ାହୁଅ ମୁକ୍ତ ଦରବାରେ ।
ଯୁଗର ଦୁଆରେ ବାଜେ ଜାଗୃତିର ଶଂଖ ଘନ ଘନ,
ତେବେ କାହିଁ ବିରହର ଦୀର୍ଘଶ୍ୱାସ, ସଜଳ ନୟନ ?
ଉପେକ୍ଷାର ଅଗ୍ନିକଣା ଜାଳିଛି ଯେ ବହ୍ନି,
କଂପ୍ରବୁକେ ମୌନ ବ୍ୟଥା କାହିଁ । ତେବେ ତନ୍ୱୀ ?
କବିତ୍ୱର ଚିନ୍ତା ଜଟିଳ; ଜାଗ ଅଭିଶପ୍ତା,
- ଝରିପଡ଼ୁ ତରଳ ମମତା ।
ବନ୍ଧନର ପୁଷ୍ପହାର ଛିନ୍ନ ଯଦି ଆଜି—
ଦଅ ଧୋଇ ଚରଣ ଅଳତା ।
ଦେବତାର କ୍ରୂର ପରିହାସ;
ସ୍ମିତସାର ଫୁଲ୍ଲ ଯୌବନ,
ତୁଚ୍ଛିନ୍ନ ଆଣେ ଦେବଯାନୀ,
ଯାଚି ତେଣୁ, ସାଜି ଅଭିଯାନ ।

Digitized by srujanika@gmail.com

# ଆନ୍ତର୍ଜାତିକ ଶିକ୍ଷା, ବିଜ୍ଞାନ ଓ ସାଂସ୍କୃତିକ ଅନୁଷ୍ଠାନ

## ( UNESCO )*

ଶ୍ରୀ ଉପେନ୍ଦ୍ର ପ୍ରସାଦ ମିଶ୍ର

I am tired with my own life and the
lives of those after me,
I am dying in my own death and the
deaths of those after me, "
T. S. Eliot ' A Song for Simeon

ଆଧୁନିକ ସଭ୍ୟତା ଜଟିଳ ଓ ଆବର୍ଜନାମୟ । ଏଥିରେ ସରଳତାର ସ୍ଥାନ ନାହିଁ । ତା' ବଦଳରେ ଅଛି ପ୍ରତାରଣା ଓ ମୃତ୍ୟୁର ବିଭୀଷିକା ନୃତ୍ୟ । ତେଣୁ ଅନେକ କବି ଦାର୍ଶନିକ ଓ ବୈଜ୍ଞାନିକ ଆଧୁନିକ ପୃଥିବୀର ସଂସ୍କାର ପ୍ରକ୍ରିୟାରେ ସଚେଷ୍ଟ ଏବଂ ସବୁବେଳେ ଦେଖନ୍ତି ନୂତନ ସୃଷ୍ଟିର ସ୍ୱପ୍ନ । କବି ୟେଟ୍‌ସ୍, ହାର୍ଡି, ଏଲିୟଟ୍, ଅଡେନ୍ ଓ ସ୍ପେଣ୍ଡର ପ୍ରଭୃତି କବିମାନଙ୍କ ଲେଖା ପାଠକଲେ ଆଧୁନିକ ସଭ୍ୟତାର ଅବାସ୍ତବତା ସହଜରେ ଜଣାପଡେ । ଉପର୍ଯ୍ୟୁକ୍ତ ପଂକ୍ତିଦ୍ୱୟ କେବଳ କବି ଓ ସଂସ୍କାରକ ଏଲିୟଟ୍‌ଙ୍କ ବ୍ୟକ୍ତିଗତ ଅନୁଭୂତି ନୁହେ । ତାହା ପୃଥିବୀର ଏକ ପ୍ରାନ୍ତରୁ ଅପର ପ୍ରାନ୍ତ ପର୍ଯ୍ୟନ୍ତ ସମସ୍ତେ ଆଜି ମର୍ମେ ମର୍ମେ ଅନୁଭବ କରୁଅଛନ୍ତି ।

ନୂତନ ସୃଷ୍ଟିର ସ୍ୱପ୍ନ ଦେଖି ନୂତନ ସୃଷ୍ଟିର ଗଠନରେ ସଚେଷ୍ଟ ମାନବ ଅନେକ ସମୟରେ ପଥଭ୍ରଷ୍ଟ ହୋଇ ଘୃଣ୍ୟ କାମ କରିଥାଏ । ତେଣୁ ଯୁଦ୍ଧ ଓ ବିଗ୍ରହ ସମ୍ଭବ ହୋଇଥାଏ । ସ୍ୱାର୍ଥାନ୍ଧ ମାନବ ସହଜରେ ଶାନ୍ତିର ପଥ ଦେଖି ପାରେନାହିଁ । ସ୍ୱକର୍ମର କୁଫଳ ଭୋଗକଲାପରେ ତା'ର ଆସେ ଦୁଃଖ ଓ ଅନୁଶୋଚନା । ବିଗତ ମହାଯୁଦ୍ଧରେ ଅଜସ୍ର ଖର୍ଚ୍ଚ ପରେ ଲାଭହେଲା— କେବଳ ଦୁଃଖ, ନିର୍ଯ୍ୟାତନା ଓ ପିଷ୍ଟାଘାତ । କବି ଓ୍ୱେନ୍ ( Owen ) ଙ୍କ ଭାଷାରେ କହିବାକୁ ଗଲେ, ' The pity of war, the pity war distilled " ଏହାହିଁ ବିଗତ ମହାଯୁଦ୍ଧର ମହତ୍ତ୍ୱ ଲାଭ ଓ ମହାର୍ଘ ଶିକ୍ଷା । ଚିରନ୍ତନ ଶାନ୍ତି ଲହରୀ ପ୍ରବାହିତରେ କେବେ ପ୍ରତିଷ୍ଠିତ ହୋଇନାହିଁ । ବୁଦ୍ଧ, ଅଶୋକ, ଯୀଶୁଖ୍ରୀଷ୍ଟ ପ୍ରଭୃତି ମହାପୁରୁଷମାନେ ଏହା ସବୁବେଳେ କହି ଆସିଛନ୍ତି । ବିଂଶ ଶତାବ୍ଦୀରେ ଏକା ମହାତ୍ମା ଗାନ୍ଧୀ ମଧ୍ୟ ବାରମ୍ବାର କହିଥିଲେ— ସତ୍ୟ ଓ ଅହିଂସାରେ କେବଳ ଶାନ୍ତି ସମ୍ଭବ, ତେଣୁ ଜାତି ଜାତି ମଧ୍ୟରେ ଅବିଶ୍ୱାସ ଓ ସନ୍ଦେହ ଦୂର କରିବାକୁ ହେବ । ବନ୍ଧୁତା ଓ ହୃଦୟର ମିଳନରେ ଶାନ୍ତି-ସ୍ତମ୍ଭ ଗଢ଼ାଯାଇ ପାରିବ । ଏହି ଲକ୍ଷ୍ୟ ନେଇ ଆଜି ଗଠିତ ହୋଇଛି UNESCO, ବିଭିନ୍ନ ଜାତିର ସହଯୋଗ ନେଇ ।

ପୃଥିବୀର ବିଶୃଙ୍ଖଳା ଓ ବିରୋଧର ମୂଳ ହେଉଛି ବିଭିନ୍ନ ଜାତି ମଧ୍ୟରେ ମତର ପାର୍ଥକ୍ୟ ଓ ପରସ୍ପର ଜୀବନ ବିଚାରର ଅଜ୍ଞତା । ତେଣୁ ଏହି ମୂଳ କାରଣ ଦୂର କରି ଶିକ୍ଷା ଓ ସାଂସ୍କୃତିକ ସମ୍ବନ୍ଧ ଦ୍ୱାରା ଜାତି ଜାତି ଶାନ୍ତିର ଆବାହନ UNESCO ର ମୂଳ ଉଦ୍ଦେଶ୍ୟ । ତେଣୁ ଏହା ପୂର୍ବରୁ ହିଁ UNESCO ସ୍ଥିର କରିଛି :—

That since war begins in the minds of men, it is in the minds of men that the defences of peace must be constructed.

That ignorance of each other's ways and lives has been a common cause throughout the history of mankind of the suspicion and mistrust between the peoples of the world through which their differences have all too often broken into war.

( Preamble to the constitution )

* United Nations. Educational Scientific and Cultural Organisation .

Digitized by srujanika@gmail.com

ଅର୍ଥାତ୍ ମାନବ ଯୁଦ୍ଧ ପ୍ରସଙ୍ଗ ଉତ୍ଥାପନ କଲା ସମୟରୁ ତାର ମନରେ ଏହି ଭାବ ଉଦୟ ହୋଇଛି ଯେ ତାର ମନରେହିଁ ଶାନ୍ତିର ଅଶ୍ରୟ ସ୍ତମ୍ଭ ନିର୍ମାଣ କରିବାକୁ ହେବ ।

ମାନବ ସମାଜରେ ପ୍ରତ୍ୟେକ ପ୍ରତ୍ୟେକଙ୍କର ଜୀବନ-ଯାତ୍ରା ପ୍ରଣାଳୀରେ ଅନଭିଜ୍ଞ ହେବା ଦ୍ୱାରା ସନ୍ଦେହ ଓ ଅବିଶ୍ୱାସ ସୃଷ୍ଟି ହେବା ସ୍ୱାଭାବିକ । ଲୋକର ଏହି ଦୁର୍ବଳତା ହେତୁରୁହିଁ ସଂଗ୍ରାମ ଦାନବର ଆବିର୍ଭାବ ।

ଏହି ଅନ୍ତର୍ଜାତିକ ଅନୁଷ୍ଠାନ ଗଠିତ ହୋଇଛି ପ୍ରାୟ ୧୬ ମାସ ପୂର୍ବେ । ୟୁ: ଏନ୍: ଓ * ର ସାନ୍‌ଫ୍ରାନ୍‌ସିସ୍କୋ ଅଧିବେଶନରେ ଗୃହୀତ ହୋଇଥିବା ପ୍ରସ୍ତାବର ( ଶିକ୍ଷା ଓ ସାଂସ୍କୃତିକ ସମ୍ବନ୍ଧ ସ୍ଥାପନ ) ନିର୍ଦ୍ଦେଶକ୍ରମେ ଇଂଲଣ୍ଡ ଓ ଫ୍ରାନ୍ସ U. N. O ରେ ଯୋଗ ଦେଇଥିବା ବିଭିନ୍ନ ଜାତିକୁ ଇଂଲଣ୍ଡରେ ଏକ ସଭାପାଇଁ ନିମନ୍ତ୍ରଣ କରିଥିଲେ । ଏହି ସଭା ୧୯୪୫ ସାଲ ନଭେମ୍ବର ୧ ତାରିଖରୁ ପ୍ରାୟ ୧୬ ଦିନ ପର୍ଯ୍ୟନ୍ତ ବସିଥିଲା । ଏଥିରେ ୪୪ଟି ଦେଶ ଯୋଗ ଦେଇଥିଲେ ଏବଂ ନିଜର ମତାମତ ଦ୍ୱାରା U. N. E. S C. O. ର କାର୍ଯ୍ୟପନ୍ଥା ନିୟନ୍ତ୍ରଣ କରିବାରେ ଯଥେଷ୍ଟ ସାହାଯ୍ୟ କରିଥିଲେ । ଉପରୁ କଥିତ ହୋଇଥିବା ଲକ୍ଷ୍ୟ ବ୍ୟତୀତ UNESCO ର ଅନ୍ୟ ଦୁଇଟି ଲକ୍ଷ୍ୟ ହେଉଛି :—

That a peace based exclusively upon the political and economic arrangements of governments would not be a peace which could secure the unanimous, lasting and sincere support of the peoples of the world and that the peace must therefore be founded, if it is not to fail upon the intellectual and moral solidarity of mankind;

2 .... — — The purpose of advancing through the educational and scientific and cultural relations of the peoples of the world, objectives of international peace and of the common welfare of mankind for which the United Nations Organisation was established and which its charter proclaims.

( ୧ ) ଅର୍ଥାତ୍ ଯେଉଁ ଶାନ୍ତି ଶାସକମାନଙ୍କର କେବଳ ରାଜନୈତିକ ତଥା ଅର୍ଥନୈତିକ ବ୍ୟବସ୍ଥାର ଭିତ୍ତି ଉପରେ ପ୍ରତିଷ୍ଠିତ ତାହା ମାନବ ଜାତିର ସମ୍ପୂର୍ଣ୍ଣ ହାର୍ଦ୍ଦିକ ଓ ସ୍ଥାୟୀ ସାହାଯ୍ୟ ପାଇପାରିବା ଭଳି ଶାନ୍ତି ହୋଇ ନ ପାରେ । ସୁତରାଂ ସ୍ଥାୟୀ ଶାନ୍ତିଲାଭ କରିବାକୁ ହେଲେ ତାହା ମାନବ ଜାତିର ନୈତିକ ଓ ବୁଦ୍ଧିବୃତ୍ତିର ଗତ ଏକତା ଉପରେ ପ୍ରତିଷ୍ଠିତ ହେବାକୁହିଁ ହେବ ।

( ୨ ) ...... ଯେଉଁ ଲକ୍ଷ୍ୟର ସାଧନ ପାଇଁ ମିଳିତ ଜାତିସଂଘ ପ୍ରତିଷ୍ଠିତ ହୋଇଛି ଓ ଯାହାର ସନନ୍ଦ ଯେଉଁ ଲକ୍ଷ୍ୟ ଘୋଷଣା କରେ, ତା' ହେଉଛି ପୃଥିବୀ ଜନସାଧାରଣଙ୍କ ଶିକ୍ଷା - ବିଜ୍ଞାନ - କୃଷ୍ଟିଗତ ସମ୍ପର୍କ ସାହାଯ୍ୟରେ ମାନବ ଜାତିର ଅନ୍ତର୍ଜାତିକ ଶାନ୍ତି ଓ ସାଧାରଣ ସୁଖ ସ୍ୱାଚ୍ଛନ୍ଦ୍ୟ ବୃଦ୍ଧି ପାଇଁ କାର୍ଯ୍ୟ କରିବା ।

ଏଥିରୁ ସ୍ପଷ୍ଟ ପ୍ରତୀୟମାନ ହୁଏ ଯେ ସମସ୍ତ ଆନ୍ତର୍ଜାତିକ ଅନୁଷ୍ଠାନ ପରି ଏହାର ଆକାଂକ୍ଷା ଓ ଲକ୍ଷ୍ୟ ଅତୀବ ଉଚ୍ଚ ଓ ମହତ୍ । କିନ୍ତୁ ଲକ୍ଷ୍ୟ ପ୍ରକାଶନରେ କେବଳ କୌଣସି ଅନୁଷ୍ଠାନ ଶେଷ ପାଇବା ଉଚିତ ନୁହେ । ପ୍ରଥମ ମହାଯୁଦ୍ଧପରେ League of Nations ର ଉଦ୍ଦେଶ୍ୟ ମଧ୍ୟ ମହତ୍ ଥିଲା । କିନ୍ତୁ ଏହା ଅସାର ପାଲଟିଗଲା । ମହତ୍ କାର୍ଯ୍ୟ ନାନା ବାଧାବିଘ୍ନର ସମ୍ମୁଖୀନ ହୋଇଥାଏ । ତେଣୁ ସେ ସବୁ ବାଧାବିଘ୍ନକୁ ଭ୍ରୂକ୍ଷେପ ନ କରି ସୁନିର୍ଦ୍ଦିଷ୍ଟ କାର୍ଯ୍ୟପନ୍ଥା ଅନୁସରଣ କରିବା ବିଧେୟ । ସୁଖର କଥା ଯେ ଅତୀତରେ ଯେଉଁ

* UNO — United Nations Organisation.

Digitized by srujanika@gmail.com

ହୋଇଥିବା ଅନୁଷ୍ଠାନ ପରି ଏହି ଅନୁଷ୍ଠାନ ଇଉରୋପ ଓ ଆମେରିକାକୁ ପ୍ରାଧାନ୍ୟ ଦେଇନାହିଁ । ଏହା ଭିନ୍ନ ଉପାଦାନରେ ଗଠିତ । ତେଣୁ ଭାଙ୍ଗିଯିବା ଭଳି ଆଶଙ୍କା ଏଥିରେ ଆଦୌ ନାହିଁ ।

ଆଧୁନିକ ଜଗତ ଭଗବାନଙ୍କ ଉପରେ ଆସ୍ଥା ନରଖି ଗର୍ବ ଅନୁଭବ କରୁଅଛି । କିନ୍ତୁ ଭାରତର ମୁକ୍ତି ଓ ପ୍ରତିଷ୍ଠା ସମ୍ଭବ ହୋଇଛି ଆଧ୍ୟାତ୍ମିକତା ଓ ଈଶ୍ୱର ନିର୍ଭରଶୀଳତା ଉପରେ । ତେଣୁ ମହାତ୍ମା ଗାନ୍ଧୀ ସବୁବେଳେ ଭଗବାନଙ୍କ ଉପରେ ବିଶ୍ୱାସ ରଖି ନିଜ କାର୍ଯ୍ୟପନ୍ଥାରେ ଅଗ୍ରସର ହେବାପାଇଁ ଉପଦେଶ ଦେଇଛନ୍ତି । ଭଗବାନଙ୍କ ଉପରେ ଅନାସ୍ଥା ଓ ଅବିଶ୍ୱାସ ଦ୍ୱାରା କେବେ ଶାନ୍ତି ପ୍ରତିଷ୍ଠା ହୋଇ ପାରିବନାହିଁ । ସାର୍ ସ୍ୱାମୀକ୍ରିଷ୍ଣନ୍ ମଧ୍ୟ ଫେରେସ୍ତେ ହୋଇଥିବା UNESCO ର ପ୍ରଥମ ଅଧିବେଶନରେ କହିଥିଲେ—

When a nation ostentatiously turns away from God and concentrates on worldy success and prosperity it meets with its doom.

ଏହାର ଅର୍ଥ ଏହି ଯେ ଯେଉଁବେଳେ କୌଣସି ଜାତି ଗର୍ବିତ ଭାବରେ ଈଶ୍ୱର ପରାୟଣତା ଛାଡ଼ି ପାର୍ଥିବ ସୁଖ ସମୃଦ୍ଧି ଓ ସଫଳତା ଚିନ୍ତାରେ ଜଡ଼ିତ ରହେ ତାର ଧ୍ୱଂସ ଘଟେ ।

ଏହି ଆଧ୍ୟାତ୍ମିକତା UNESCO କୁ ଭାରତର ଦାନ । ଅନ୍ୟାନ୍ୟ ଦେଶ ଯେଉଁ ବାହାର ମୁକ୍ତି ଓ ଶାନ୍ତିର ସ୍ୱପ୍ନ ଦେଖନ୍ତି ବିଶେଷଜ୍ଞଙ୍କ ଅନାଦରରେ, ଭାରତ ଦେଖାଇବ ମୁକ୍ତିର ପଥ ଓ ଶାନ୍ତିର ଉତ୍ସ ।

ବିଗତ ମହାଯୁଦ୍ଧ ପରେ ଭଗବାନଙ୍କ ଉପରେ ବିଶ୍ୱାସ କ୍ରମେ କ୍ରମେ ବଢ଼ୁଛି । ଅକ୍ଷଶକ୍ତିର ପରାଜୟ ସାମରିକ ସରଞ୍ଜାମ ବା ବୈଜ୍ଞାନିକ ଯନ୍ତ୍ର ଅଭାବରୁ ନୁହେଁ । ଜର୍ମାନୀ ଓ ଜାପାନ ଆଧୁନିକ ବିଜ୍ଞାନ ଜଗତରେ ଅନେକ ଦିଗରେ ଅଗ୍ରଣୀ ହୋଇଥିଲେ ସୁଦ୍ଧା ସେମାନେ ଯୁଦ୍ଧରେ ହାରିଗଲେ କାହିଁକି ? ଏହି ପ୍ରଶ୍ନ ସ୍ୱଭାବତଃ ମନକୁ ଆସେ । ଏମାନେ [illegible] ଯିବାକୁ ହେବନାହିଁ । ସାର୍ ସ୍ୱାମୀକ୍ରିଷ୍ଣନ୍ ଏମାନଙ୍କର ପରାଜୟର କାରଣ ଦର୍ଶାଇବା ପାଇଁ ତାଙ୍କର ଫେରେସ୍ ବକ୍ତୃତାରେ କହିଥିଲେ—

They failed because they were lacking in wisdom and understanding.

ଅର୍ଥାତ୍ ସେମାନେ ହାରିଲେ କାରଣ ସେମାନଙ୍କର ଜ୍ଞାନ ଓ ବୁଝିବାର ଶକ୍ତି ନଥିଲା ।

ଜାତି ଜାତି ଓ ଦେଶ ଦେଶ ମଧ୍ୟରେ ପରସ୍ପରର ଆଶା, ଆକାଂକ୍ଷା ଓ ଭିନ୍ନ ମତ ପ୍ରତି ସମ୍ମାନ ପ୍ରଦର୍ଶନ ଶିକ୍ଷା UNESCO ର ଅନ୍ୟ ଉଦ୍ଦେଶ୍ୟ । ଏହି ‘wisdom’ ଏବଂ ‘understanding’ ଦ୍ୱାରା ବିଭିନ୍ନ ଦେଶ ମଧ୍ୟରେ ସୌହାର୍ଦ୍ଦ୍ୟ ଜନ୍ମାଇବା ଆଦର୍ଶକୁ । ତେଣୁ ଅକ୍ଷଶକ୍ତିର ପରାଜୟ ସମସ୍ତ ଜାତି ପକ୍ଷରେ ଏକ ଏକ ଶିକ୍ଷାର ଉପାଦାନ ହେବା ଉଚିତ ଏବଂ ଭବିଷ୍ୟତରେ ସେହି ଭୁଲ ପୁନର୍ବାର ଯେପରି ନ ହୁଏ ସେଥିପାଇଁ ସଚେଷ୍ଟ ରହିବା ଏକାନ୍ତ ବାଞ୍ଛନୀୟ ।

ଗତବର୍ଷ ଅଗଷ୍ଟ ମାସରେ ହୋଇଥିବା ନ୍ୟୁରେମ୍ବର୍ଗ (Nuremberg) ବିଚାରରେ ହାନ୍ସ ଫ୍ରାଙ୍କ (Franck) ନାମକ ଜଣେ ବନ୍ଦୀ ଜର୍ମାନୀର ପରାଜୟର କାରଣ ବିଷୟରେ କହି ଉଠିଥିଲେ—

Adolf Hitler, the chief accused is not here to give the German People his final summing up. It is not technical shortages or hitches that lost us the war. God Pronounced his judgment on Hitler and on us who, our hearts away from God, served Hitler.

ଅର୍ଥ ଏହି ଯେ ପ୍ରଧାନ ବନ୍ଦୀ ଏଡଲ୍ଫ ହିଟ୍‌ଲର ତାଙ୍କର ଶେଷ ବକ୍ତବ୍ୟ ଜର୍ମାନ ଲୋକଙ୍କୁ ଦେବାପାଇଁ

Digitized by srujanika@gmail.com

ଏଠାରେ ନାହାନ୍ତି । ଯୁଦ୍ଧୋପକରଣର ଅଭାବ କିମ୍ବା ପରସ୍ପରର ମତଭେଦ ଆମ୍ଭମାନଙ୍କର ପରାଜୟର କାରଣ ନୁହେଁ । ଆମ୍ଭେମାନେ ଈଶ୍ୱରେଚ୍ଛାରୁ ଜିତିଲେମାନ ନାହିଁ, କେବଳ ହିଟଲରଙ୍କ ସେବା କରିବା ହେତୁ ଈଶ୍ୱର ଆମ୍ଭମାନଙ୍କ ତଥା ହିଟଲରଙ୍କ ଧ୍ୱଂସ ସାଧନ କରିଅଛନ୍ତି ।

ସମସ୍ତ ଧର୍ମବିରୋଧୀ ଓ ଅବିଶ୍ୱାସୀ ମାନବ ସମାଜକୁ ଏହି ପ୍ରଭୁଙ୍କ ବଧୀର ଉକ୍ତି ସତର୍କବାଣୀ ସ୍ୱରୂପ ହେଉ । ଏଣୁ ଏଥିରୁ ସ୍ପଷ୍ଟ ଅନୁମେୟ ଯେ ପାର୍ଥିବ ଶକ୍ତିରେ ଯେତେ ଶକ୍ତିଶାଳୀ ହେଲେ ମଧ୍ୟ କୌଣସି ଦେଶ ବା ଜାତି ବିଶ୍ୱସ୍ରଷ୍ଟାଙ୍କ ବିଦ୍ରୋହୀ ହୋଇ ନିଜ ଦେଶର ଉନ୍ନତି କଳ୍ପନା କରିବା ଏକ ଭ୍ରାନ୍ତ ଧାରଣା ।

ବିଗତ ମହାଯୁଦ୍ଧର ଅଳ୍ପଦିନ ଅବସାନ ପରେ ତୃତୀୟ ମହାଯୁଦ୍ଧ ପ୍ରତୀକ୍ଷା କରୁଛନ୍ତି । ବର୍ତ୍ତମାନ ଶକ୍ତିମାନଙ୍କ ସମ୍ମିଳନୀର ଅବସାନ ହେଉଛି ମତଭେଦରେ । ଯଦି କୌଣସି କାର୍ଯ୍ୟକାରୀ ପନ୍ଥା ଓ ନିଃସ୍ୱାର୍ଥ ପଥ ସମସ୍ତ ଦେଶ ଅନୁସରଣ ନ କରନ୍ତି ତେବେ ତୃତୀୟ ମହାଯୁଦ୍ଧ ଅନିବାର୍ଯ୍ୟ । ତେଣୁ ଏହି ଯୁଦ୍ଧ ଯେପରି ସମ୍ଭବ ନ ହୁଏ, ତାର ଆମଦାନି କରିବା ସମସ୍ତ ଦେଶ ପକ୍ଷରେ ଆବଶ୍ୟକ । ଆମେରିକାର ଯୁଦ୍ଧ ବିଭାଗ ସେକ୍ରେଟେରୀ ଏଚ୍. ଏଲ୍. ଷ୍ଟିମ୍ସନ୍ * ଆଧୁନିକ ଯୁଦ୍ଧ ବିଗ୍ରହର ବର୍ବରତା ଓ ଅସଭ୍ୟତା ନେଇ ନାଗାସ୍କି ଓ ହିରୋସିମା ଉପରେ ଆଣବିକ ବୋମା ନିକ୍ଷେପଣ ପରେ କହିଥିଲେ—

War in the 20th century has grown steadily more barbarous, more destructive, more debased in all its aspects — — — we must never have another war. This is the lesson men and leaders everywhere must learn . . . .

ଅର୍ଥାତ୍ ସମସ୍ତ ଦୃଷ୍ଟିକୋଣରୁ ବିଚାରକଲେ, ଯୁଦ୍ଧ ଏହି ବିଂଶ ଶତାବ୍ଦୀରେ ଧାରାବାହିକ ଭାବେ ଅଧିକତର ବର୍ବରତା ମୂର୍ତ୍ତି, ଧ୍ୱଂସକାରୀ ଓ ହୀନତର ହୋଇ ଯାଉଛି . . . . ଆଉ ଗୋଟିଏ ଯୁଦ୍ଧ ଆମ୍ଭମାନଙ୍କୁ କେବେହେଁ ଯେପରି ନ ଘଟେ । ପୃଥିବୀର ଜନସାଧାରଣ ନେତୃବୃନ୍ଦଙ୍କୁ ଏହି ଶିକ୍ଷା ନିଶ୍ଚୟ ଗ୍ରହଣ କରିବାକୁ ହେବ ।

ଯୁଦ୍ଧ ଘୃଣ୍ୟ ଓ ନିନ୍ଦନୀୟ, ତେଣୁ ତ୍ୟାଜ୍ୟ — ଏହା କହିବାପାଇଁ ଆମେ କାହାକୁ ଧାର କରି ନାହୁଁ । ବିଗତ ମହାଯୁଦ୍ଧ ଏହା ଆମମାନଙ୍କୁ ଉତ୍ତମ ଶିକ୍ଷା ଦେଇଛି । ତେଣୁ ସର୍ବଶେଷରେ ଦୁଇ ଜର୍ମାନ୍ ଦାର୍ଶନିକଙ୍କ ସହିତ କଣ୍ଠ ମିଳାଇ କହି ଉଠିବା ଉଚିତ —

Not round the inventors of new noises, but round the inventors of new values does the world revolve inaudibly it revolveth.

ପୃଥିବୀ ଉଦ୍‌ଭାବକ ବିଭିନ୍ନବାଦ ଆବିଷ୍କାରକମାନଙ୍କ ଉପରେ ନିର୍ଭରଶୀଳ ହୋଇ ଚଳୁନାହିଁ । ସଭ୍ୟତା ଓ ଉନ୍ନତି-ବିଧାୟକ ତତ୍ତ୍ୱ ଆବିଷ୍କାରକମାନଙ୍କ ନୀରବ ଉଦ୍ଭାବନାରେହିଁ ନିର୍ଭରଶୀଳ ଅଟେ ।

ମୂଳତଃ କହିବାକୁ ଗଲେ UNESCO ର ସ୍ୱପ୍ନର ପରିଣତି ଏହିଠାରେ । ଯୁଦ୍ଧର ଅବସାନ ଓ ପୃଥିବୀର ବିଶୃଙ୍ଖଳା ଏବଂ ଅଶାନ୍ତି ଦୂରକରି ଶାଶ୍ୱତ ଶାନ୍ତିର ପ୍ରତିଷ୍ଠା କରିବା UNESCO ର ଚରମଲକ୍ଷ୍ୟ । ଚିରନ୍ତନ ଶାନ୍ତିର ପ୍ରତିଷ୍ଠା ହୋଇପାରେ ଭଗବାନଙ୍କ ଉପରେ ବିଶ୍ୱାସ ଦ୍ୱାରା ଓ ସଂସ୍କୃତି ଓ ଶିକ୍ଷାର ପ୍ରସାର ଦ୍ୱାରା ; କିନ୍ତୁ ଲକ୍ଷ ଓ ଲକ୍ଷ ଜୀବନ ନାଶ କରି ଶାନ୍ତିର ପ୍ରତିଷ୍ଠା ଚେଷ୍ଟା ଅମୂଳକ ଓ ଭ୍ରାନ୍ତ ।

ଶେଷରେ ପୃଥିବୀରେ ଚିରନ୍ତନ ଶାନ୍ତି ଓ ଶୃଙ୍ଖଳା ପାଇଁ କଣ କରିବାକୁ ହେବ ସେ ବିଷୟରେ ଧାର୍ମିକ ବ୍ୟକ୍ତିଙ୍କ ବକ୍ତୃତାର କେତେକ ଧାଡ଼ି ଉଦ୍ଧାର କରି ଏ ରଚନାର ଉପସଂହାର କରିବି—

* H. L. stimson, secy of war 1911 - 13, secy of state 1929-33, secy of war 1940 45.

Digitized by srujanika@gmail.com

The present perilous condition of the world is due to its positivist attitude of life, to its aversion of metaphysics, to its flight from spiritual values. To improve the world we have to return to an idealist view, to philosophic thought, to spiritual values.

ଅର୍ଥାତ୍ ଜୀବନର ପ୍ରତ୍ୟକ୍ଷ୍ୟ ଅନୁସନ୍ଧିତ୍ସାବୃତ୍ତି ଦର୍ଶନ, ବିଜ୍ଞାନ ପ୍ରତି ଘୃଣା, ଆଧ୍ୟାତ୍ମିକ ଚିନ୍ତାବର୍ଜନ ଜଗତର ବର୍ତ୍ତମାନ ବିପଦ୍‌ପୂର୍ଣ୍ଣ ଅବସ୍ଥାର କାରଣ । ଜ ଉନ୍ନତ କରିବାକୁ ହେଲେ ଆମ୍ଭମାନଙ୍କୁ ଆଦର୍ଶ [illegible] ଦାର୍ଶନିକ ଚିନ୍ତା, ଓ ଆଧ୍ୟାତ୍ମିକ ତତ୍ତ୍ୱ ସମୂହ ଗ୍ରହଣ କରିବାକୁ ହେବ ।

## ଫଲ୍‌ଗୁ

ଶ୍ରୀ ରସାନନ୍ଦ ସାହୁ

ଅୟି ଫଲ୍‌ଗୁ! ତୋର ତୀରେ ପରଦେଶୀ କବି
ବସି ଅଳ୍ପ ହେଲେ ମୁଁ ଦେଖେ ତୋର ସୁନା ଛବି ।
ସେପାରେ ଅଜଣା କେଉଁ ପାହାଡ଼ ଶିଖରେ—
ଶ୍ୟାମଳ ବନାନୀ ଦେଖ; ବହ୍ନି ରକ୍ତ କରେ
ବକ୍ଷଃସ୍ଥିତ ତୋର ନୀଳ ନିର୍ମଳ ସଲିଳେ
ସନ୍ଧ୍ୟା - ରବି ଅସ୍ତ ଯାଏ ହେଉ ରେ ଧୀରେ ଧୀରେ ।
ତୋ ନୀଳ ସଲିଳେ ତାଳି ପ୍ରତିବିମ୍ବ ଗଢ଼
ମଧୁର ଅସ୍ଫୁଟ ଗାନ ଗାଇ ଅବିରତ
ଅଚିହ୍ନା ବିହଙ୍ଗରାଜ ମୋର ମଥା ପରେ
ଉଡ଼ିଗଲେ ସେ ପାରିର ବଣ ଉଦ୍ଦେଶ୍ୟରେ ।
ଆନନ୍ଦେ ମିଳାଇ କଣ୍ଠ ବିହଙ୍ଗମ - ଗାନେ
ନୃତ୍ୟ କରେ ବୀଚିମାଳା ତୋର ବକ୍ଷେ ତାନେ ।
ବିହଙ୍ଗ କୁଳର ଅଟୁ ତୁ ଅନ୍ତର ସାଥୀ,
ପ୍ରତିବିମ୍ବ ରୂପେ ନେଣୁ ରଖିଛୁ ସମ୍ପ୍ରୀତି ।
ତୋ ବକ୍ଷ ସଲିଳେ ସ୍ପର୍ଶ ଦେଲେ ବାରମ୍ବାର
ପକ୍ଷୀକୁଳ ମଣି ହୋଇତେ ଅତି ଆପଣାର ।
ପରଦେଶୀ କବି ମୁହିଁ ଅଚିହ୍ନା ଅଜଣା,
ନିରେଖିଲେ ନାହିଁ ତେଣୁ ହୋଇ ଆନମନା ।
ସେପାରିରେ ନଇଁ ଆସେ ଧୀରେ ସନ୍ଧ୍ୟାରାଣୀ
ବନାନୀରେ ଘନକୃଷ୍ଣ ଚଣ୍ଡତି ଠାଣି ।
ବୃକ୍ଷମୂଳେ ପୁଞ୍ଜୀଭୂତ ହୁଏ ଅନ୍ଧକାର,
ନିକଟ ଓ ଦୂରେ, ପୁଣି ହୁଏ ଆଗୁଆର ।

ସେପାରୁଁ ନାଉରୀ ଆସେ ଧୀରେ ଭେଲା ...
କର୍ମ - କ୍ଲାନ୍ତ ପ୍ରାଣେ ମଧୁ ଭାଟିଆଲି ଗାଇ !
କେଉଁ ସେ ଦେଶର ଏକ ପ୍ରଣୟୀ ଯୁଗଳ
ନିରେଖନ୍ତି ତୋର ଶୋଭା, କରେ ଥାପି କର
ତୋ ବକ୍ଷରେ ଭାସମାନ ଭେଳାପରେ ବସି,
ପ୍ରେମ - ପୁଲକିତ ପ୍ରାଣେ ମନ୍ଦେ ମନ୍ଦେ ହସି ।
ଦେଖିଛି ତୋହର ଫଲ୍‌ଗୁ, ମଧ୍ୟାହ୍ନର ରୂପ,
ଭୀଷଣ ଗର୍ଜ୍ଜନ ତୋଳି ଯେବେ ସ୍ୱସ୍ୱରୂପ
ମାଡ଼ିଆସେ ଜଳରାଶି ତୋର - ଫେଣ ଚୂଡ଼
ଶତ ବାଧାବନ୍ଧ ଭାଙ୍ଗି - ଅଶାନ୍ତ ଓ ମୂଢ଼ !
ଗର୍ବ - ସ୍ଫୀତ ବକ୍ଷ - ଜଳ ଛୁଇଁ ତଟ ଦେଶ,
ଅତର୍କିତେ ଧରୁ ଛୁରି ଓ କି ମହାନ ବେଶ !
କ୍ଷଣକେ ମଉନ - ଶାନ୍ତ, କ୍ଷଣକେ ଭୀଷଣ,
କ୍ଷଣେ ହେଉ ବିଶାଳ ତୁ, କ୍ଷୁଦ୍ର ଆନ କ୍ଷଣ !
ବସୁନ୍ଧରୀ - ପୁଲକ - ସ୍ତବ୍ଧ ଏ କବିର ଚିତ୍ତ
ଏପରି ରହସ୍ୟ ହେଉ ତୋର - ଅଲକ୍ଷିତ ।
ଆଜି ତୋର ତୀରେ ମୁହିଁ, କାଲି ଯିବି ଫେରି
ଚିରେ ମୋର ମାୟା ତୋର ରହିଥିବ ଘେରି ।
ପାରିବିନି ଭୁଲି ତୋର ଶୋଭା ମୁଁ ଜୀବନେ
ଚିରଦିନ ଲାଗି ତାହା ପଡ଼ିଥିବ ମନେ ।
ଆସିବେ ବିଦେଶୀ ଶତ ତୋର ତୀରେ ନିତି
ତେବେ କି ରହିବ ତୋର ମନେ ମୋର ପ୍ରୀତି ?

Digitized by srujanika@gmail.com



# ରାଧାନାଥଙ୍କ କେଦାର ଗୌରୀ ଓ ଗ୍ରୀକ୍ ଗଳ୍ପ

ଶ୍ରୀ ବିନୋଦଚନ୍ଦ୍ର ନାୟକ

ଇଂରାଜୀ କବି ଓ ସମାଲୋଚକ ମ୍ୟାଥ୍ୟୁ ଆର୍ଣ୍ଣୋଲଡ଼ କହନ୍ତି ଯେ ସାହିତ୍ୟ ତଥା କବିତା ସମାଲୋଚନା କରିବାକୁ ଗଲାବେଳେ ତିନୋଟି ଭ୍ରମାତ୍ମକ ସମାଲୋଚନାର ମାନ ଦଣ୍ଡକୁ ଖର୍ବ କରିବାକୁ ପଡ଼େ । ସେହି ତିନୋଟି ଭ୍ରମାତ୍ମକ ହେଉଛି ସାହିତ୍ୟରେ ଐତିହାସିକ ମୂଲ୍ୟ (Historic estimate) ସ୍ୱଦେଶ ପ୍ରୀତି (Patriotic estimate ) ଓ ବ୍ୟକ୍ତିଗତ ସମ୍ପର୍କ ( personal-estimate ) । କୌଣସି କୌଣସି ପାଠକ ପୁରାଣ କବି, କିମ୍ବା ସ୍ୱଦେଶ କବି, କିମ୍ବା ନିଜର ପରିଚିତ ସମ୍ପର୍କୀୟ କବିଙ୍କର କଥା ଶୁଣିଲେ ବିଚଳିତ ହୋଇପଡ଼ନ୍ତି; କିନ୍ତୁ ସର୍ବଦା ଏହି କଥା ମନେରଖିବା ବାଞ୍ଛନୀୟ ଯେ ଉପରୋକ୍ତ ତିନୋଟି ଦୃଷ୍ଟିରୁ ତୁଚ୍ଛ କବିତା ଯେତେ ସମାଦର ଲାଭ କଲେ ମଧ୍ୟ ଶ୍ରେଷ୍ଠ କବିତା ରୂପେ ବିବେଚିତ କଦାପି ହୋଇ ପାରିବ ନାହିଁ ।

ଯେଉଁ କାରଣରୁ କବିତା ସମାଲୋଚକର ମାନ-ଦଣ୍ଡକୁ ମଧ୍ୟ ଉପେକ୍ଷା କରେ ସେହି କାରଣ ସବୁକୁ ଦୃଷ୍ଟିପାତ କରି ସାଧାରଣ କବି ମଧ୍ୟ ସାଧାରଣ ପାଠକ ସମାଜରେ ପ୍ରତିପତ୍ତି ଲାଭ କରିଥାଆନ୍ତି । ରାଧାନାଥ ଏହି ଶ୍ରେଣୀର କବି ମଧ୍ୟରୁ ଅନ୍ୟତମ । ସେ ପ୍ରାଚୀନ ଉତ୍କଳର ଇତିହାସ - ଉପାଖ୍ୟାନ ନାମରେ ଅଳୀକ ଗଳ୍ପ, ଧର୍ମ ନାମରେ କପୋଳ କଳ୍ପିତ ପ୍ରବଞ୍ଚନା ଆଣି ଉତ୍କଳର ପରିସ୍ଥିତି ମଧ୍ୟରେ ଉତ୍କଳୀୟ ବେଶଭୂଷା ପରିଧାନ କରାଇ ନିଜକୁ ପ୍ରଥିତ ଯଶା ଦେଶୀୟ କବି ରୂପେ ପରିଚିତ କରାଇ ପାରିଛନ୍ତି ।

ଉପର୍ଯ୍ୟୁକ୍ତ ଦ୍ୱିତୀୟ ଶ୍ରେଣୀର ଉପାଖ୍ୟାନ ହେଉଛି ରାଧାନାଥଙ୍କ କେଦାରଗୌରୀ ଖଣ୍ଡ କାବ୍ୟର ମୂଳପିଣ୍ଡ । ରାଧାନାଥ ଭୁବନେଶ୍ୱର ସ୍ଥିତ କେଦାର ଗୌରୀ ମନ୍ଦିରକୁ ଏହି ଉପାଖ୍ୟାନର କିମ୍ବଦନ୍ତୀ ସ୍ଥଳ ରୂପେ ଗ୍ରହଣ କରିଛନ୍ତି । ଏହି ଆଦର୍ଶ ପ୍ରେମର ବିୟୋଗାନ୍ତ ମୂଳକ ଗଳ୍ପର ଐତିହାସିକ କାଳ ସେ ଉତ୍କଳର ଲଲାଟେନ୍ଦୁ କେଶରୀଙ୍କର ସମୟରେ ନିରୂପଣ କରିଅଛନ୍ତି । କିନ୍ତୁ ଦୁଃଖର ସହିତ କହିବାକୁ ହେଉଛି ଏହି କେଦାର-ଗୌରୀ ଉପାଖ୍ୟାନ ଉତ୍କଳର ନିଜସ୍ୱ ନୁହେଁ, ତଥା ଏହିପରି କିମ୍ବଦନ୍ତୀ ଭୁବନେଶ୍ୱରରୁ କେଦାରଗୌରୀ

Digitized by srujanika@gmail.com

ମନ୍ଦିର ପଛରେ ନାହିଁ । ଅନଭିଜ୍ଞ ଉତ୍କଳ ରସପିପାସୁ ରାଧାନାଥଙ୍କର କେଦାରଗୌରୀରେ ଐତିହାସିକ ସ୍ଥାନ ଦେଖି ସରଳଭାବରେ କିମ୍ବଦନ୍ତୀକୁ ଉତ୍କଳର ନିଜସ୍ୱ ଗ୍ରହଣ କରିଛନ୍ତି ଏବଂ ଭାବୁକ କେଦାର ଗୌରୀ କୁଣ୍ଡ ପାଖରେ ବସି ଏଇ ଆଦର୍ଶ ପ୍ରେମିକ ପ୍ରେମିକାଙ୍କର ସ୍ମୃତି ମନ୍ଦିରରେ ଅଙ୍କି ଭାବ ଆପ୍ଳୁତ ହୋଇପଡନ୍ତି । ଏଇ କେଦାର ଗୌରୀ ଗଳ୍ପ ଏକ ଗ୍ରୀକ୍ ଗଳ୍ପ । ନନ୍ଦକିଶୋର, ଉପା, ଚନ୍ଦ୍ରଭାଗା ପରି ଏହା ଦ୍ୱୈତମୀର, ଏ ସମ୍ବନ୍ଧରେ ଅନେକ ଲୋକ ପରିଚିତ ନାହାନ୍ତି ।

ଗ୍ରୀକ୍ ଗଳ୍ପରେ ନାୟକ ହୋଇଛନ୍ତି Pyramus ଏବଂ ନାୟିକା ହୋଇଛନ୍ତି Thisby.

ସେକ୍ସପିୟରଙ୍କ ସମୟରେ ଏଇ ସମସ୍ତ ଗ୍ରୀକ୍ ଉପାଖ୍ୟାନର ଏତେ ଆଦର ଇଂଲଣ୍ଡରେ ଥିଲା ଯେ, ସେକ୍ସପିୟର ଏହି ଗଳ୍ପକୁ ତାଙ୍କର A mid summer Nights Dream ର ଅନ୍ତର୍ଭୁକ୍ତ କରିଅଛନ୍ତି । ମୂଳ ଗ୍ରୀକ୍ ଗଳ୍ପର ଅଭାବରେ ଏଠାରେ ଏହି ନାଟକ ଅନ୍ତର୍ନିହିତ Thisby and Pyramus ଗଳ୍ପ ସହିତ କେଦାର ଗୌରୀର ଆଲୋଚନା କରାଯାଉଛି । ସେକ୍ସପିୟର ନାଟକ ମଧ୍ୟରେ ଏହା ଗଳ୍ପଟି ଅବିକଳ ଭାବରେ ଦେଇ ନାହାନ୍ତି ଏବଂ ପୁନଶ୍ଚ ଗଳ୍ପର ଦୋଷ ଗୁଣ ତଥା ଗଳ୍ପ ଚରିତ୍ରାଭିନୟ କରୁଥିବା ବ୍ୟକ୍ତି ବିଶେଷଙ୍କୁ ନାଟକୀୟ ଚରିତ୍ରଗଣ ଦ୍ୱାରା ସମାଲୋଚନା କରିଛନ୍ତି । ଅର୍ଥାତ୍ ଇଂଲଣ୍ଡୀୟ ଦର୍ଶକ ସମ୍ମୁଖରେ ଏହି ଗ୍ରୀକ୍ ଗଳ୍ପର ଏକ ନାତିଦୀର୍ଘ ସମାଲୋଚନା ଦେଇ ଅବତାରିତ କରିଅଛନ୍ତି । A mid Summer - Nights Dream ର ନାୟକ The Seus ଙ୍କ ବିବାହ ଦିନରେ ଏଥେନ୍ସର କେତେକ ଗ୍ରାମ୍ୟ ଲୋକ ଏଇ Thisby and Pyramus ଉପାଖ୍ୟାନଟି ଅଭିନୟ କରିବେ, ସେଇ ସମ୍ବନ୍ଧରେ The Seus ପ୍ରୋଗ୍ରାମ ଦେଖି କହୁଛନ୍ତି-

A tedious brief scene of
young Pyramus
And his love Thisby; very tragical mirth '
That is, hot ice and wondrous
trange snow.
( Am. S. N. D. Act V sc 1 )

ଏହା ଶୁଣି Philostrate କହୁଛନ୍ତି

And tragical my noble lord, it is,
for Pyramus there in doth kill himself.
Which when I saw rehearsed, I must
confess
made mine eyes water; but more
merry tears
The passion loud laughter never she !.

ଅର୍ଥାତ୍ ଏହି ଗଳ୍ପର ରସ ପରିବେଷଣ କରିବାରେ ସେକ୍ସପିୟର ନିଃସନ୍ଦେହ ଥିଲେ, କିନ୍ତୁ ରାଧାନାଥଙ୍କ ପରି ସେକ୍ସପିୟର ଗଳ୍ପଟିକୁ ଆସ୍ୱାଦ କରିନାହାନ୍ତି, Bottom ମୁଖରେ କହୁଛନ୍ତି

Marry, our play is, the mo[illegible]
lamentable comedy and most cr[illegible]
death of Pyramus and thisby.
( Act I. Sc II )

ବର୍ତ୍ତମାନ କେଦାର ଗୌରୀ ଓ Thisby and Pyramus କିପରି ସମାନ୍ତରାଳ ଭାବରେ ଗତି କରିଛି ଏବଂ ରାଧାନାଥ କିପରି ଅବିକଳ ଅନୁକରଣ କରିପାରିଛନ୍ତି ତାହା ନିମ୍ନରେ ଦିଆଗଲା ।

କେଦାର ନାମରେ କିଶୋର କିଶୋରୀ
ଥିଲେ ଭୁବନଖଣ୍ଡରେ
ତରୁଣୀ ତିଳକ ଗୌରୀ କେଦାର
ତରୁଣ ତିଳକ ନରେ ।

[ ରାଧାନାଥ ]

This man is Pyramus ...,
This beauteous lady Thisby is certain
( M. S. N. D Act V. sc I

Now is the mural down detween
the two neighbours
( Act V.sc I )
wall, that wall, which these lovers sunder
( A Mid summer Night's Dream )

ପାଶ ପଡ଼ଶା ସେ ବେଳକାନ୍ତୁ ହେଲ
ବେଢ଼ା ମଧ୍ୟେ ଅନ୍ତରାଳ
[ ରାଧାନାଥ ]

And through Wall's Chink, poor souls,
they are content
To whisper - ( A. M. S. N. D. )

ନିର୍ମାଣ ଦନରୁ ପ୍ରାଚୀର ସନ୍ଧରେ
ରନ୍ଧ୍ର ଥିଲା ଅଲକ୍ଷ୍ୟରେ
ତରୁଣ ତରୁଣୀ କହୁଥାନ୍ତି ତହିଁ
କରୁଣ ଅସ୍ଫୁଟ ସ୍ୱରେ
[ ରାଧାନାଥ ]

Oh wicked wall, through whom I see no bliss
Cursed be thy stones for thus
deceiving me.
( A. M. S. N. D )

କହନ୍ତି କାନ୍ଥକୁ "ନଦାରୁଣ ! ଏଥି
କେଉଁ ବଡ ପଣ ତୋର
ତନୁରୁ ତନୁକୁ ଅନ୍ତର କରୁ ତୁ
ଲଭିବୁ ଦୁଷ୍କୃତ ଘୋର ।
[ ରାଧାନାଥ ]

And thou Oh wall, O sweet O Lovely wall
That stand'st between her father's ground
and mine !
Show me thy chink, to blink with
mine eyen !
( A. M. S. N. D. )

ସାଧୁଅଛୁ ହିତ କାନ୍ଥ ତୁ ବହୁତ
ଲକ୍ଷୀ ଅଟେ ତୋଠାରେ । ଇତ୍ୟାଦ
[ ରାଧାନାଥ ]

ଏହାପରେ ପ୍ରେମଦ୍ୱୟର ସନ୍ନ୍ୟାସୀ ସନ୍ନ୍ୟାସିନୀ ହୋଇ ପଳାଇଯିବାର ପଥ Pyramus ଓ Thisby ସ୍ଥିର କରୁଛନ୍ତି

Pyr - O kiss me through the hole
of this vile wall !
This - I kiss the wall's hole, not
your lips at all.

ଏହି ରୂପେ ନୂଆ କିଶୋର କିଶୋରୀ
ମେଲଣି ନାଅନ୍ତି ଦୁଃଖେ
ଯେ ଯାହା ପାଖରେ ଚୁମ୍ବ ଦେଉଥାନ୍ତି
ପ୍ରେମ ହେଲେ ରନ୍ଧ୍ର ମୁଖେ ।

Pyr. - wilt thou at Ninnys tomb meet me
straight way ?
This - 'Tide life 'tide death I come without
delay.

କେଦାର ଓ ଗୌରୀ Ninnys tomb ପାଖରେ ସାକ୍ଷାତ ହେବାପାଇଁ ଆଉ ସ୍ଥିର କରୁ ନାହାନ୍ତି । ଭୁବନେଶ୍ୱରରେ ଏପରି ଏକ ସଙ୍କେତ ସ୍ଥଳର ଅଭାବ ଦେଖି ରାଧାନାଥ କହୁଛନ୍ତି

ନଗର ପ୍ରାନ୍ତରେ ନିର୍ମଳ ନିର୍ଝର
କୁଞ୍ଜ ବନ ବେଷ୍ଟିତ
ବେଳକର ଭେଟ ତହି ହେବ ବୋଲି
ବେନିଏ କଲେ ନିଶ୍ଚିତ ।
ଗୌରୀହିଁ ପ୍ରଥମେ ସଙ୍କେତ ସ୍ଥଳକୁ ଗଲା—
ଅନ୍ଧାରେ ବାହାରି ପଙ୍କେରୁହମୁଖୀ
ସଙ୍କେତ ସ୍ଥଳକୁ ଗଲା
The trusty Thisby coming first by night
Did scare away, or rather did affright
And as she fled,
her mantle she did fall
Which lion vile with bloody

Digitized by srujanika@gmail.com

mouth did stain .

ବ୍ୟାଘ୍ର ଦେଖି ଯାଉ   ଗହ୍ୱର ଭିତରେ
ଲୁଚିଲା ଭୟେ ବିହ୍ୱଳେ
ତରତରେ ଯାଉଁ   ଉତ୍ତରୀୟ ଦେହୁ
ଖସି ପଡ଼ିଲା ଭୂତଳେ
ଜଳ ପାଇ ବନେ   ବାହୁଡ଼ନ୍ତେ ବ୍ୟାଘ୍ର
ଭେଟିଲା ସେହି ବସନ
ରକ୍ତ ଲିପ୍ତ ମୁଖେ   ଖଣ୍ଡ ଖଣ୍ଡ କରି
ପକାଇଲା ସେହିକ୍ଷଣ ।
[ ରାଧାନାଥ ]

ଗ୍ରୀକ୍ ଗଳ୍ପରେ ସିଂହହିଁ ଗୋରୁ ମାରି ଫେରୁଛି, ରାଧାନାଥ ସେହି ଭୂମିକାରେ ମୃଗ ବଧ କରାଇ ବ୍ୟାଘ୍ରକୁ ଆବତରଣ କରାଇ ଅଛନ୍ତି । ଏହାପରେ କେଦାରର -

" ଗୌରୀ କଥା ଭାଳି   ଅନିଷ୍ଟ ଶଙ୍କାରେ
ହୃଦୟେ ହେଲା ଆକୁଳ "

ସେହିପରି Pyramus କହୁଛି

But mark poor knight
What dreadful dole is here
Eyes do you see ?
How can it be ?
O dainty duck ! O dear !
Thy mantle good
What , stain'd with blood

ସଂକେତ ସ୍ଥଳରେ   ରକ୍ତାକ୍ତ ଉଢ଼ଣୀ
ଭେଟି ପଡ଼ିଗଲା ଭ୍ରମେ
ଭୁଟିଲା ଛାଟକେ   ହୃଦୟର ତନ୍ତ୍ରୀ
ଗାଳୀ ଫାଟିଲା ମରମେ ।

ଏହାପରେ Pyramus ନିଜର sword କାଢ଼ୁଛି- ତାହାର ବେଦନା ବ୍ୟଥିତ ବକ୍ଷରେ ଶାନ୍ତିର ଶୀତଳ ଅମୃତ ଢାଳିବା ପାଇଁ-

Come tears, confound
Out, sword, and wound
The paf of pyramus,
A y, that left pap,
Where heart doth hop (Stabs himself)
Thus die I, thus, thus, thus.

ଆଉ କେଦାର—

ଆଦରେ କେଦାର   ହୃଦେ ଜଡ଼ାଇଲା
ରୁଧିରେ ଆର୍ଦ୍ର ଉଢ଼ଣୀ
ଦାଉଦାଉ ଜାଳି   ନୟନ ଝରିଲା
ସରିଲା ସର୍ବ କାମନା ।
କୃପାଣ ଉଦରେ   ଭୁଷିଦେଇ ପୁଣି
ନୀଳ କରେ ନୌଳ କାଢ଼ି
ରକ୍ତ ସ୍ରୋତେ ତନ୍ତ୍ର   ଅବଶେ ଅବନୀ
ତଳେ ଢଳିଲା କରୁଣ ।

Pyramus ବକ୍ଷର କଳିଜା ସନ୍ଧିରେ କୃପାଣ ଭୁଷିଲାବେଳେ କେଦାର 'ଉଦରେ" ଭୁଷୁଅଛି ରାଧାନାଥ କେବଳ altaration " ହୃଦେ- ରୁଧିରେ ଆର୍ଦ୍ର - ଦାଉଦାଉ ସର୍ବ" ସଙ୍ଗରେ ରକ୍ଷିବା ଉଦ୍ଦେଶ୍ୟରେ ଆବିଷ୍କାର କରି ପାରିଥାନ୍ତି, କିମ୍ବା କେଦାର ହୃଦୟରେ ରୁଧିରେ ଆର୍ଦ୍ର ଉଢ଼ଣୀ ଜଡ଼ାଇଥିବା ହେତୁ ବକ୍ଷରେ କୃପାଣ ଭୁଷିବା ଅସୁବିଧା ହୋଇ ପାରିଥାଏ । ସେ ଯାହାହେଉ କୃପାଣ ଉଦରରେ ଭୁଷିବା ଦ୍ୱାରା ରାଧାନାଥ ଏକ କଦର୍ଯ୍ୟ ଦୃଶ୍ୟର ତଥା ବୀଭତ୍ସ ରସର ସୃଷ୍ଟି କରିଛନ୍ତି । ନିତାନ୍ତ କରୁଣ ରସ ଶରଣ ମଧ୍ୟରେ ବୀଭତ୍ସ ରସ ସୃଷ୍ଟି ଏକ ବିପରୀତ ଭାବ ସୃଷ୍ଟି କରୁଛି ମାତ୍ର । ତାପରେ Thisby ଆସି ଦେଖିଲା—

ପୁଂସ ପଡ଼ିଛି ଅଗ୍ରତେ
ମୃତ୍ୟୁ ଯନ୍ତ୍ରଣାରେ   କମ୍ପନ ଶରୀର
ରୁଧିର ସ୍ରୋତେ ଭାସୁଛେ !

ଏବଂ କହୁଛି

A sleap, my love ?
What, dead my dove ?
O Pyramus, arise

Digitized by srujanika@gmail.com

Speak, Speak, Quite dumb?
Dead, dead? A tomb
Must cover thy sweet eyes.
× × ×
Tongue, not a word.
Come trusty sword
Come, blade, my breast imbrue (stabs herself.

ତାହାର ଗୌରୀ—
ପଡ଼ିଲ ଭୂପୀଠେ   ମୂର୍ଚ୍ଛେ ମହାବେଗେ
ମୃତ କାନ୍ତ ମୁଖ ଚାହିଁ,
ବକ୍ଷୋରୁହ ମଧ୍ୟ-   ତଳେ ପଶି ଅସ୍ତ୍ର
ପୃଷ୍ଠେ ବାହାରିଲା ଯାଇ ।

ଏ ମଧ୍ୟ ଏକ ଅଦ୍ଭୁତ କିମାକାର ଧରଣର ଆତ୍ମହତ୍ୟା ! ଏହାଉପର କେଦାର ଗୌରୀ ଯେ ରାଧାନାଥଙ୍କ ନିଜସ୍ୱ ନୁହେଁ ତାହା ଉପରେ ଉଦାହରଣ ଶ୍ରେଣୀରୁ ପ୍ରମାଣିତ ହେବ । ଉପରେ ଦେଖାଯାଇଛି Pyramus ଥିଲା ଜଣେ Knight "But mark poor knight" ରାଧାନାଥ ମଧ୍ୟ ସଂକ୍ଷେପରେ କେଦାରକୁ ବୀର ବୋଲି ସମ୍ବୋଧନ କରିଛନ୍ତି । ପାଶ୍ଚାତ୍ୟ ଦେଶରେ ଅଭିଜାତ ସମ୍ଭୂତ ଯୁବକ ମାନେ knight ହୁଅନ୍ତି, କିନ୍ତୁ ସାଧାରଣ ଯୁବକ ପ୍ରେମିକ କେଦାରକୁ ରାଧାନାଥ କାହିଁକି ବୀର କଲେ ତାହା ସାଧାରଣ ବୁଦ୍ଧିକୁ ଅଗୋଚର । ଯଥା :—

ଗୌରୀକି ସମ୍ବୋଧି   କହେ ବୀର କାନ୍ତ
ଆହାରେ ପରାଣେଶ୍ୱରୀ ! ଇତ୍ୟାଦି

ବୋଧହୁଏ ଅନୁକରଣ ମୋହରେ ରାଧାନାଥ ପାଶାପାଶି ଜ୍ଞାନ ଭୁଲି ଯାଇଥିଲେ ।

ମୂଳ ପେନ୍ତ୍ର ଛାଡ଼ିଦେଲେ ବାକି ରାଧାନାଥୀ କୌଶଳ କେଦାର ଗୌରୀରେ କିଛି ନାହିଁ । ସମସ୍ତ କାବ୍ୟ ମଧ୍ୟରୁ କେବଳ ଏହି ଖଣ୍ଡକାବ୍ୟରେ ଗ୍ରାମ୍ୟ ଶବ୍ଦର ପ୍ରୟୋଗ ବିଶେଷରୂପେ ଦେଖିବାକୁ ମିଳେ । କେଦାର-ଗୌରୀଙ୍କ, ଚାତୁର ଚାତୁରି ରୂପେ ଅର୍ଘ୍ୟ ଦେବା, ପ୍ରାଣେଶ୍ୱରୀ ପ୍ରାଣାଧିକା, ଚନ୍ଦ୍ରାନନା ପ୍ରଭୃତି ଶବ୍ଦ ଦ୍ୱାରା ଗୌରୀକୁ ସମ୍ବୋଧନ କରିବା, କେଦାରକୁ "ବନ୍ଧୁ" "ପୁଂସ ପଡ଼ିଛି ଅଗ୍ରତେ" ରୂପେ ଚିତ୍ର କରିବା ନିତାନ୍ତ ଅମାର୍ଜିତ ରୁଚିର ପରିଚାୟକ । ବୈଷ୍ଣବ ପାଣିଙ୍କ ଗୀତାଭିନୟରେ ଏହାଠାରୁ ଅପେକ୍ଷାକୃତ ଅଧିକ ମାର୍ଜିତ ଶବ୍ଦର ବ୍ୟବହାର ଦେଖାଯାଏ ।

ବଙ୍ଗ ବଙ୍ଗଳାଶ୍ରୀ ଛନ୍ଦରେ ୬ । [illegible] । ୮ ଅକ୍ଷରରେ ଯତିପାତ ହେବା ବିଧେୟ, କିନ୍ତୁ ରାଧାନାଥ କେବଳ ଏହି କାବ୍ୟରେ ୫ । ୭ । ୮ ଅକ୍ଷରରେ ଦୁଇ ସ୍ଥଳରେ ଯତିପାତ କରିଛନ୍ତି । ଯଥା :—

କୁଟିଳା କେଶୀ   କୁଟିଳ ମୁକୁଳ ଦାମ
କାନ୍ତକୁ ରହିଲା ଗୃହ,
ଓ
ଭେଟି ନ ପାଇ   ନିରାଶେ ଚିର ବନ୍ଧୁ
ଏଡ଼ିବେ ମନ ଉଚ୍ଛୁଳ ।

ଏହି କାବ୍ୟରେ ପ୍ରକୃତ ବର୍ଣ୍ଣନାର ଗୋଟିଏ ପଦ-

ବନ୍ଧୁ ସରୋବର   ତଟପ୍ରଦେଶେ ସୌଧ
ସୌଧ ଅନ୍ତେ ଘୋର ବନ
ଇନ୍ଦୁ ତୃଟିଦେଶେ   ଧଳା ମେଘ ମାଳା
ନୀଳ ଗଗନେ ଯେସନ ।
ଏବଂ ନୀତିଶିକ୍ଷା ଗୋଟିଏ ପାଦ—
ନିନ୍ଦ୍ୟ ସେ ପ୍ରୀତିକି !   ମରଣ ଭୀତିକି
ପ୍ରୀତି ସେ ପାରଇ ଜିଣି ......

ଛଡ଼ା ଉଲ୍ଲେଖ ଯୋଗ୍ୟ ବିଶେଷ କିଛି ନାହିଁ । କେଦାର ଗୌରୀର ବିଷୟବସ୍ତୁ ମୂଳ ଗଳ୍ପରୁ ଲୋକପ୍ରିୟ ହୋଇଥିବାର ଆଗରୁ ଦେଖାଇ ଦିଆଯାଇଛି । ବସ୍ତୁତଃ କହିବାକୁ ଗଲେ ଏକ କଥାରେ କ ବିଷୟବସ୍ତୁ, କ ବର୍ଣ୍ଣନା ଚାତୁରୀ, କ ଶବ୍ଦ ସମ୍ଭାର, କ ରଚନାଶୈଳୀ ସବୁ ଦିଗରୁ ଏହି କାବ୍ୟ ରାଧାନାଥଙ୍କ କାବ୍ୟାବଳୀରେ କଳଙ୍କରୂପେ ପ୍ରତିଭାତ ହୋଇଅଛି ।

Digitized by srujanika@gmail.com

ଭାରତୀୟ ଶାସ୍ତ୍ରକାରଗଣ ବିୟୋଗାନ୍ତ ଉପାଖ୍ୟାନ (Tragedy) ରଚନା କରୁଁ ନଥିଲେ, ତଥା ଉତ୍କଳରେ ରାଧାନାଥ ପୂର୍ବବର୍ତ୍ତୀ କବିଗଣ ବିୟୋଗାନ୍ତ କାବ୍ୟରେ ହସ୍ତକ୍ଷେପ କରି ନଥିଲେ । ଗ୍ରୀକ୍ ବିୟୋଗାନ୍ତ ଗଳ୍ପର ଆମଦାନୀ କରି ରାଧାନାଥ ନିଶ୍ଚୟ ଉତ୍କଳର ରସପିପାସୁ ଆଗରେ ଏକ ନୂତନ ପର୍ଯ୍ୟାୟ ଆରମ୍ଭ କଲେ ତଥା ନିଜର ଖ୍ୟାତ ଗ୍ରନ୍ଥରେ ତାର ଚକାଇବାର ବନ୍ଦୋବସ୍ତ କରିଦେଲେ । କିନ୍ତୁ ରାଧାନାଥଙ୍କର [illegible] ଏହା ଗଳ୍ପାଂଶରେ ନିଜର [illegible] ସେ ଅମର କାବ୍ୟ ଲେଖି ପାରିଥାନ୍ତେ, କିନ୍ତୁ ତା ପରିବର୍ତ୍ତରେ ନୂତନ ଯୁଗର ପଥପ୍ରଦର୍ଶକ କବି ଆମ୍ଭମାନଙ୍କ କେବଳ ପ୍ରତାରଣ ମାତ୍ର କରିଛନ୍ତି ।

# ପୁସ୍ତକ ପରିଚୟ

ସତୀ ପାର୍ବତୀ — ଲେଖକ ଶ୍ରୀଯୁକ୍ତ ରଘୁନାଥ ଦେବ ବର୍ମା । ଧରାକୋଟର ପୂର୍ବତନ ପ୍ରସିଦ୍ଧ ରାଜା ଜୟସିଂହଙ୍କ କନ୍ୟା ପାର୍ବତୀ ଦେବୀଙ୍କ ସ୍ୱଭାବ ସୁଲଭ ନାରୀ ଜନୋଚିତ ଗୁଣାବଳୀ ତଥା ତାଙ୍କର ଏକନିଷ୍ଠ ଧର୍ମବିଶ୍ୱାସ, ସ୍ୱାମୀସେବାର ଉଜ୍ଜ୍ୱଳ ଚିତ୍ର ୩୦ ପୃଷ୍ଠା ବ୍ୟାପୀ ଏହି କ୍ଷୁଦ୍ର କାବ୍ୟ ଖଣ୍ଡରେ ବର୍ଣ୍ଣିତ ହୋଇଛି । କାବ୍ୟ ଖଣ୍ଡର ପ୍ରଥମ ପୃଷ୍ଠାରେ ଲେଖକ କାବ୍ୟବର୍ଣ୍ଣିତ ବିଷୟ ବସ୍ତୁର ସଂକ୍ଷିପ୍ତ ସୂଚନା ଦେଇଅଛନ୍ତି । ବହୁ ସ୍ଥଳେ କବିଙ୍କର କଳ୍ପନା-ସହିତ ପାଠକ ନିଜକୁ ମିଶାଇ ଦେଇପାରେ । ଉତ୍କଳର ପ୍ରାଚୀନ ଗୌରବମୟ କାହାଣୀକୁ ଅବଲମ୍ବନ କରି ଆହୁରି କେତେ ଖଣ୍ଡ କାବ୍ୟ ପ୍ରଣୟନ କରି କବି ଏହି ଏ ଦେଶକୁ ଦାନ ଦିଅନ୍ତୁ । ଏତିକି ତାଙ୍କ ପାଖରେ ଆମର ଅନୁରୋଧ ।

ଉତ୍କଳ ସମ୍ମିଳନୀ — ଗତ ୫।୪।୧୭ ଦିନ ଜମିରାଜ, ମେଦନୀପୁରଠାରେ ଅନୁଷ୍ଠିତ ବିଶେଷ ଅଧିବେଶନରେ ସଭାପତି ସ୍ୱାମୀ ବିବେକାନନ୍ଦ [illegible]ଙ୍କର ଭାଷଣ ଏହି କ୍ଷୁଦ୍ର ପୁସ୍ତିକାରେ ପ୍ରକାଶ ପାଇଛି ।

ଏପାରି ସେପାରି — ଲେଖକ କୃଷ୍ଣଚରଣ [illegible] ମହାନ୍ତି ; ପ୍ରକାଶକ [illegible] ଆଠଅଣା ମାତ୍ର । [illegible] ଉପନ୍ୟାସର ପ୍ରଗତି ବିଷୟ ନେଇ [illegible] ଯେ ଏ ଦେଶର ଔପନ୍ୟାସିକମାନଙ୍କ ମଧ୍ୟରୁ ଅନେକେ ଏବେ ତାଙ୍କର ବୁଦ୍ଧି ଲେଖନୀ [illegible] ଚାଳିଲେଣି । ଏହା ଆନନ୍ଦର କଥା । ସରଳ ଗାଉଁଲି ଜୀବନ ଅବଲମ୍ବନ କରି ଜୀବନ୍ତ ଚିତ୍ର ଥୋଇବାରେ ଏ [illegible] ସିଦ୍ଧହସ୍ତ ହୋଇଲେଣି । 'ଏପାରି ସେପାରି' [illegible] ଏକ ଆଦର୍ଶ ଉପନ୍ୟାସ । ଆମ୍ଭେମାନେ ଶ୍ରୀଯୁକ୍ତ କୃଷ୍ଣଚରଣ ବାବୁଙ୍କୁ ତାଙ୍କର ଏହି ଅମୂଲ୍ୟ ଦାନ ପାଇଁ ଧନ୍ୟବାଦ ଅର୍ପଣ କରୁଛୁଁ ।

Digitized by srujanika@gmail.com

# ଯୁଗଧାରା

ଭାରତ ବିଭକ୍ତି ପରେ :—

ପାକିସ୍ଥାନ, ଯାହା ମାତ୍ରକ ତଳେ ଅବାସ୍ତବ, ଖିଆଲୀ ମନର ଖିଆଲ ମାତ୍ର ଥିଲା ଏବେ ବାସ୍ତବତାରେ ପରିଣତ ହୋଇଛି । ଭାରତ ବିଭକ୍ତ ହୋଇଛି ସତ, କିନ୍ତୁ ଏହି ଖଣ୍ଡିତତା ଯେ ଚିରଦିନ ପାଇଁ ଏହା ମାନିନେବାକୁ ଆମେ ପ୍ରସ୍ତୁତ ନୋହୁଁ । ହିନ୍ଦୁସ୍ଥାନ ଓ ପାକିସ୍ଥାନ ନିଜ-ନିଜର ସଂଖ୍ୟା ଲଘିଷ୍ଠ ସମ୍ପ୍ରଦାୟମାନଙ୍କ ପ୍ରତି ଯେତେ ସଦ୍‌ବ୍ୟବହାର ଦେଖାଉ ରାଜନୀତିକ ମନରେ ଯେଉଁ ଫାଟ ହୋଇଛି ତାହା ଯୋଡିବା ପାଇଁ ଯେତେ ଚେଷ୍ଟା କରାଯାଉ ପଛକେ ପାକିସ୍ଥାନ ଦିନେ ଭାବୀ ଅଶାନ୍ତିର କାରଣ ହୋଇ ଉଠିବ । ଇତିହାସ ଯୁଗେ ଯୁଗେ ତାହାର ସାକ୍ଷ୍ୟ ଦେଉଛି । ଥରକୁ ଥର ଏହି ଦେଶର ଯୁବକ ସମ୍ପ୍ରଦାୟ ଏହି ଦେଶ ଓ ଜାତି ପ୍ରତି ଏତେ ଦୃଢ଼ ଅନୁରାଗୀ, ପାକିସ୍ଥାନ ପରି ଏତେ ବଡ଼ ଅପ୍ରାକୃତତା ମାନିନେବାକୁ ନାରାଜ ହେବେ । ଥରକୁ ଥର ଦେଶର ଦୁଇଖଣ୍ଡର ପୁନର୍ମିଳନ ଘଟାଇବା ଉଦ୍ଦେଶ୍ୟରେ ଅକ୍ଳାନ୍ତ ଚେଷ୍ଟା ମଧ୍ୟ ହେଉଥିବ । ହୁଏତ ଦିନେ କୌଣସି ଏକ କର୍ମବୀରର ଅନୁପ୍ରେରଣାରେ କୌଣସି ଏକ ଶୁଭ ଲଗ୍ନରେ ଏହି ପୁନର୍ମିଳନ ସମ୍ପାଦିତ ହେବ । ସେହି-ଦିନ ପାଞ୍ଚ ବର୍ଷ ପରେ କି ପଚାଶ ବର୍ଷ ପରେ ଆସିବ କେହି ଏକଥା କହି ପାରିବେ ନାହିଁ । କିନ୍ତୁ ସେ ଲଗ୍ନ ଦିନେ ଆସିବଇ ; ଏତେବଡ଼ ଅପ୍ରାକୃତତା ଚିରଦିନ ରହି ପାରିବ ନାହିଁ । ବର୍ତ୍ତମାନ ସମୟରେ କେନ୍ଦ୍ରାଭିସାରୀ ଶକ୍ତି ନିଶ୍ଚୟ ଏହି ମିଳନ ଘଟାଇ ଦେଇପାରେ ।

ତାହାହେଲେ ଭାରତ ବିଭକ୍ତିକରଣର କି ଦରକାର ଥିଲା ? ବର୍ତ୍ତମାନର ଜନନେତାମାନେ ଏହାକୁ ଏତେ ସହଜରେ ମାନିନେଲେ କାହିଁକି ? ଏହାର ଦରକାର ଥିଲା, ନହେଲେ ସାମ୍ରାଜ୍ୟବାଦର କାଳପାଶରୁ ଦେଶକୁ ମୁକ୍ତ କରିନେବାର ଅନ୍ୟ ଉପାୟ ନଥିଲା; ପୁଣି କୌଣସି ଏକ ଖଣ୍ଡର ଅଧିବାସୀମାନଙ୍କୁ ( ଯେଉଁ-ମାନଙ୍କ କି ସଂଖ୍ୟା ନଗଣ୍ୟ ନୁହେଁ ) ସେମାନଙ୍କ ଇଚ୍ଛା ବିରୁଦ୍ଧରେ ରଖାଯାଇ ନପାରେ । ଗଭୀର ଅନିଚ୍ଛା ସତ୍ତ୍ୱେ ନେତୃଗଣ ଅପରିହାର୍ଯ୍ୟ ମନ୍ଦ ହିସାବରେ ଏହାକୁ ମାନି-ନେଲେ ।

କିନ୍ତୁ ପାକିସ୍ଥାନର ଭବିତବ୍ୟତାରେ ପାକିସ୍ଥାନ ପ୍ରତି ବିରୋଧ ଆସ୍ତେ ଆସ୍ତେ ଶିଥିଳ ହୋଇଯିବାକୁ ବସୁଛି । ଭବିତବ୍ୟ ଜାଣି ଏ ଦେଶର ଅଧିବାସୀମାନେ ଆସ୍ତେ ଆସ୍ତେ ପାକିସ୍ଥାନ ଧାରଣା ସଙ୍ଗେ ନିଜ ମନର ଏକ ଆପୋଷ ମୀମାଂସା କରି ନେଉଛନ୍ତି । ଏହି ପ୍ରବୃତ୍ତି ଶୁଭସୂଚକ ନୁହେଁ ।

ଏଠାରେ ଏପରି ଏକ ଦଳ ରହିବା ଦରକାର ଯେଉଁମାନେ ପାକିସ୍ଥାନର ପ୍ରାକୃତତାରେ ବିଶ୍ୱାସ କରିବେ ନାହିଁ, ଯେଉଁମାନେ ପାକିସ୍ଥାନ ଧାରଣା ସଙ୍ଗେ ମନର କୌଣସି ପ୍ରକାର ଆପୋଷ ମୀମାଂସା କରିବାକୁ ଅମଙ୍ଗ ହେବେ, ଅଖଣ୍ଡ ଅବିଭାଜ୍ୟ ଭାରତ ଯେଉଁମାନଙ୍କ ଜୀବନ ଓ ମରଣର ଚରମ ସ୍ୱପ୍ନ ହୋଇ ରହିବ, ଦୁଇ ଖଣ୍ଡରେ ଯୋଡି ଲଗାଇବ। ଯେଉଁମାନେ ଆଜଠାରୁ କଥା-ଭାବନା ଓ କାର୍ଯ୍ୟରେ ଲାଗି ପଡ଼ିବେ । ଏମାନେ ମନେ ମନେ କହିବେ, “ବେଶ୍ ନିରୁପାୟ ହୋଇ ପାକିସ୍ଥାନକୁ ଆମେ ସାମୟିକ ଭାବରେ ମାନି ନେଇଛୁଁ । କିନ୍ତୁ ଅଖଣ୍ଡ ଭାରତ ଆମ ଜୀବନର ଚରମ ସ୍ୱପ୍ନ ହେଉ, ଯାର ପ୍ରାପ୍ତି ଲାଗି ଆମେ ପ୍ରାଣପାତ କରିବୁଁ ।”

କାରଣ ଦୁଇଖଣ୍ଡରେ ଭବିଷ୍ୟତରେ ଯଦି କେବେ ଯୋଡ଼ ଲାଗେ ତାହା ଏହିମାନଙ୍କ ପାଇଁହିଁ ସମ୍ଭବପର ହେବ ।

Digitized by srujanika@gmail.com

**ଉତ୍କଳ ବିଶ୍ୱବିଦ୍ୟାଳୟର ମେଟ୍ରିକ୍ୟୁଲେଶନ ପରୀକ୍ଷାଫଳ:-**

ଉତ୍କଳ ବିଶ୍ୱବିଦ୍ୟାଳୟର ମେଟ୍ରିକ୍ୟୁଲେଶନ ପରୀକ୍ଷା ଫଳରେ ଅସନ୍ତୁଷ୍ଟ ହୋଇ ଉତ୍କଳ ଛାତ୍ର ସମ୍ମିଳନୀର ସମ୍ପାଦକ ଶ୍ରୀ ଭଗବାନ ସାମ ଯେଉଁ କେତୋଟି କଥା କହୁଛନ୍ତି, ତାହା ସମସ୍ତଙ୍କର ଓ ବିଶେଷତଃ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କର ପ୍ରଣିଧାନଯୋଗ୍ୟ। ସମସ୍ତଙ୍କ ଏ ବିଷୟ ଜାଣିବା ଦରକାର ବୋଲି ତାଙ୍କ ବିବୃତିର କେତେକାଂଶ ଏଠାରେ ଦିଆଗଲା। ସେ କହୁଛନ୍ତି, "ଉତ୍କଳ ବିଶ୍ୱବିଦ୍ୟାଳୟର ମେଟ୍ରିକ୍ୟୁଲେଶନ ପରୀକ୍ଷା ଫଳ ବାହାର ପଡ଼ିଛି। ସେଥିରୁ ଜଣାଯାଉଛି, ଏ ବର୍ଷ ଶତକଡ଼ା ୪୧ ଜଣ ମାତ୍ର ପାସ୍ କରିଛନ୍ତି। ଦେଶର ଶିକ୍ଷା ବ୍ୟବସ୍ଥାରେ ଏପରି ଶୋଚନୀୟ ପରିସ୍ଥିତି ଆଣିବା ଦ୍ୱାରା ପ୍ରତ୍ୟକ୍ଷ ଭାବରେ ଉଚ୍ଚଶିକ୍ଷାକୁ ନିରୁତ୍ସାହିତ କରାଯାଉଛି। ନିରପେକ୍ଷ ଭାବରେ ଆଲୋଚନା କଲେ ଜଣାଯିବ ଯେ, ପରୀକ୍ଷାର ଏ ପ୍ରକାର ଫଳ ପାଇଁ ଛାତ୍ରମାନଙ୍କ ସାଧାରଣ ଦୁର୍ବଳତା ଯେତେଦୂର ଦାୟୀ ତାହା ଅପେକ୍ଷା ବେଶୀ ଦାୟୀ ବିଶ୍ୱବିଦ୍ୟାଳୟ ଓ ବିଭିନ୍ନ ସ୍କୁଲରେ ଶିକ୍ଷକ ଓ ଶିକ୍ଷା ବ୍ୟବସ୍ଥା। କାରଣ ଏ କଥା ଜଣାଶୁଣା ଯେ ପରୀକ୍ଷାର ମୁଖ ଦ୍ୱାର ଥିବାସ୍ଥଳେ ଶିକ୍ଷାଦାନର ସ୍ତର ଗତ କେତେ ବର୍ଷ ମଧ୍ୟରେ ଏତେ କମି ଯାଇଛି ଯେ ବର୍ତ୍ତମାନ ଶିକ୍ଷକମାନେ ଛାତ୍ରଙ୍କ ସହିତ ପ୍ରତ୍ୟକ୍ଷ ସମ୍ପର୍କ ରଖି ଯଥାର୍ଥ ଶିକ୍ଷା ପ୍ରତି ତାଙ୍କୁ ମନୋଯୋଗୀ କରିବାରେ ସମ୍ପୂର୍ଣ୍ଣ ଅସମର୍ଥ ହୋଇ ପଡ଼ିଛନ୍ତି। ତା' ଛଡ଼ା ଅଧିକାଂଶ ସ୍କୁଲରେ ଶିକ୍ଷକ ଓ ବିଜ୍ଞାନ ଯନ୍ତ୍ରପାତିର ଅଭାବ। ଇଂରେଜୀ ଇତ୍ୟାଦି ପାଠ୍ୟ ପୁସ୍ତକ ଅତି ଡେରିରେ ବାହାରିବା, ପ୍ରଶ୍ନରେ ନାନା ବିଭ୍ରାଟ ଓ ଇଂରେଜୀ ଶିକ୍ଷାରେ ବର୍ତ୍ତମାନ ପୂର୍ବପରି ଆଉ ଜୋର ଦିଆଯାଉ ନ ଥିବା ସ୍ଥଳେ ପରୀକ୍ଷା ପାଇଁ ପୂର୍ବପରି ନମ୍ବର ରଖିବାର ଆବଶ୍ୟକତା ଇତ୍ୟାଦି ବହୁ ଛାତ୍ରଙ୍କର ଅନିଚ୍ଛାକୃତ କାରଣ ଯୋଗେ ମଧ୍ୟ ଶିକ୍ଷା ବ୍ୟବସ୍ଥାରେ ବହୁ ଅସୁବିଧା ହୋଇଛି। ଏ ସବୁ ସ୍ଥଳେ ଏ ଫଳ ଦ୍ୱାରା ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କର ଦେଶର ଦରିଦ୍ର ଛାତ୍ର ସାଧାରଣଙ୍କ ପ୍ରତି କେବଳ ଅନୁଦାର ମନୋଭାବ ନୁହେଁ, ଦେଶର ବର୍ତ୍ତମାନ ଆବଶ୍ୟକତା ପ୍ରତି ଏକାନ୍ତ ଅବହେଳା ମଧ୍ୟ ପ୍ରମାଣିତ ହେଉଅଛି। ... ... ..."

ଶ୍ରୀ ଭଗବାନ ସାମଙ୍କ କଥା ଗୁଡ଼ିକରେ ସତ୍ୟତା ଅଛି। ବର୍ତ୍ତମାନ ପରିସ୍ଥିତିରେ ଓଡ଼ିଶା ଆହୁରି ଆହୁରି ମେଟ୍ରିକ୍ୟୁଲେଶନ, ଆହୁରି ଗ୍ରାଜୁଏଟ୍ସ୍ ଆବଶ୍ୟକ କରେ। ପଡ଼ୋଶୀ ପ୍ରଦେଶମାନଙ୍କରେ ଉଚ୍ଚଜାତିମାନଙ୍କ ଭିତରେ ଶିକ୍ଷିତ ସଂଖ୍ୟାର ଶତକଡ଼ା ହାର ଅତ୍ୟଧିକ ରହିଛି। ଓଡ଼ିଶାରେ ଉଚ୍ଚଜାତିମାନଙ୍କ ମଧ୍ୟରେ ଉଚ୍ଚଶିକ୍ଷିତମାନଙ୍କ ସଂଖ୍ୟା ସ୍ୱଳ୍ପତା ଯୋଗୁଁ ଦେଶର ଏ ବର୍ତ୍ତମାନ ପରିସ୍ଥିତିରେ ମେଟ୍ରିକ୍ୟୁଲେଶନ ପାସ ସଂଖ୍ୟା ଶତକଡ଼ା ୪୧ ରଖିବା ଦ୍ୱାରା ଦେଶରେ କି ଉପକାର ସାଧିତ ହେଉଅଛି, ଆମେମାନେ ବୁଝି ପାରୁନାହୁଁ। ମେଟ୍ରିକ୍ୟୁଲେଶନ ପାସ ସଂଖ୍ୟାର ଶତକଡ଼ା ହାର ଏତେ କମ କାହିଁକି? ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଜନସାଧାରଣଙ୍କୁ ଏର ଜବାବ ଦେବା କର୍ତ୍ତବ୍ୟ।

ଆହୁରି ମଧ୍ୟ କେହି ଛାତ୍ର ଜୀବନରୁ ଏକବର୍ଷର ଅମୂଲ୍ୟ ସମୟ ଅପଚୟ କରି କିଛି ଲାଭ ନାହିଁ। ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ କାହିଁକି ଏ ବିଷୟରେ ଟିକିଏ ଉଦାର ମନୋଭାବ ପୋଷଣ କରି ପାରୁନାହାନ୍ତି? ସେମାନେ କି ଭାବୁଛନ୍ତି ଯେ, ଅଯଥା କଡ଼ା ହେବା ଦ୍ୱାରା ସେମାନେ ଛାତ୍ର ସମାଜର ମଙ୍ଗଳ ସାଧନ କରୁଛନ୍ତି? ଯଦି ତାହା ହୋଇଥାଏ, ତାହାହେଲେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଏହି ମନୋଭାବ ଯେତେ ଶୀଘ୍ର କଟିଯାଏ ସେତିକି ମଙ୍ଗଳ।

ଆହୁରି ଶ୍ରୀ ଭଗବାନ ସାମ ଛାତ୍ରମାନଙ୍କ ଯେଉଁ ସବୁ ଅସୁବିଧା ବର୍ଣ୍ଣନା କରିଛନ୍ତି, ସେ ସବୁରେ ମଧ୍ୟ ସତ୍ୟତା ରହିଛି। ଆଜିକାଲି ଓଡ଼ିଶାର ଅଧିକାଂଶ ସ୍କୁଲରେ ଜଣେ ନିରପେକ୍ଷ ଦର୍ଶକଙ୍କୁ ମଧ୍ୟ ଏ ସବୁ ଅସୁବିଧା ରହିଥିବାର ସହଜରେ ଜଣାଯିବ। ଛାତ୍ରମାନଙ୍କ [illegible] ଏହି ସମସ୍ତ ଅସୁବିଧା ଦୂର କରିବା ପାଇଁ ଚେଷ୍ଟା କରାଯାଉନାହିଁ କାହିଁକି?

Digitized by srujanika@gmail.com

**ସମ୍ବଲପୁରରେ ମୌଳିକ ରାଷ୍ଟ୍ରୀୟ ଶିକ୍ଷା ପରିଷଦ :—**

ଆମେ ଖୁସି ହେଉଛୁଁ ଯେ ସମ୍ବଲପୁର ଜିଲ୍ଲାରେ ମୌଳିକ ରାଷ୍ଟ୍ରୀୟ ଶିକ୍ଷା ପରିଷଦ ଗଠିତ ହୋଇଛି । ଏହି ପରିଷଦର ଉଦ୍ଦେଶ୍ୟ ସମ୍ବଲପୁର ଜିଲ୍ଲାରେ ମୌଳିକ ରାଷ୍ଟ୍ରୀୟ ଶିକ୍ଷାର ବିକାଶ ।

ଶିକ୍ଷାର ଲକ୍ଷ୍ୟ ଚରିତ୍ର ଗଠନ କରିବା ଓ ମନୁଷ୍ୟତ୍ୱ ଉନ୍ନତି କରିବା । ଅଥଚ ଯେଉଁ ଶିକ୍ଷା ଆମକୁ ଏତେଦିନ ଧରି କେବଳ କିରାଣୀହିଁ ଯୋଗାଇ ଆସିଛି, ଯାହାର ପ୍ରଧାନ ଲକ୍ଷ୍ୟ ହେଲା ବିଦେଶୀ ଶାସନର ସୁବିଧା ପାଇଁ ଏବଂ ବିଦେଶୀ ମୂଳଧନର ଅବାଧ ବିସ୍ତାର ପାଇଁ କେତେଜଣ ଚାକିରିଆ ସୃଷ୍ଟି କରିବା, ତାହାର ଉତ୍ତର ଯେ କେତେଦୂର ଫମ୍ପା ଭାରତର ସ୍ୱାଧୀନତା-ସଂଗ୍ରାମ ଯେତିକି ଅଗ୍ରସର ହେଲା ଏହି ସତ୍ୟ ଆମ ଆଖି ଆଗରେ ସେତିକି ପରିସ୍ଫୁଟ ହୋଇ ଉଠିଲା । ଏହି ପରିସ୍ଥିତିରେ ମହାତ୍ମା ଗାନ୍ଧୀ ତାଙ୍କର ପ୍ରସିଦ୍ଧ ୱାର୍ଦ୍ଧା-ଶିକ୍ଷା-ଯୋଜନା ପ୍ରସ୍ତୁତ କଲେ ।

ଏହା ସତ ଯେ ଏହି ନୂତନ ଶିକ୍ଷା ଯୋଜନା ତା'ର ପରୀକ୍ଷାର ସ୍ତର ପାରି ହୋଇନାହିଁ । ତଥାପି, ଏହାର ସପକ୍ଷରେ ଓ ବିପକ୍ଷରେ ଯାହା କିଛି କୁହାଯାଉ ନା କାହିଁକି କେହି ଏ କଥା ଅସ୍ୱୀକାର କରିବେନାହିଁ ଯେ ଚରିତ୍ର ଓ ମାନବ ଗଠନ ବିଷୟରେ ଏହା ଶିକ୍ଷାର ମୌଳିକ ଓ ପ୍ରଧାନ ଉଦ୍ଦେଶ୍ୟ ପରିପୂରଣ କରୁଛି ନିଃସନ୍ଦେହ ଦେଶର ଶିକ୍ଷାବିତ୍‌ମାନେ ଏହି ଯୋଜନାକୁ ବିଶେଷ ପ୍ରଶଂସା କରିଅଛନ୍ତି ।

ବର୍ତ୍ତମାନ ଏହି ନୂତନ ଯୋଜନାର ଧାରଣା ଭାରତର ଧନ୍ୟଃସ୍ଥଳରେ, ଦୃଢ଼ମୂଳ ହେବାକୁ ବସିଛି । ବମ୍ବେ ଏହି ଯୋଜନା ମାନି ନେଇଛି । ମଧ୍ୟପ୍ରଦେଶ ଏହା ମାନି ନେଇଛି । ବଙ୍ଗ, ବିହାର ଓଡ଼ିଶା ସମ୍ବନ୍ଧରେ ଏହି ନୂତନ ଶିକ୍ଷା ବ୍ୟବସ୍ଥାର ପରୀକ୍ଷାକୁ ସୁଦୃଢ଼ କରିବାର ଆନ୍ତରିକ ଚେଷ୍ଟା ଚାଲିଛି ।

ସମ୍ବଲପୁରରେ ଏହି ନୂତନ ଶିକ୍ଷା ଧାରଣାର ବିସ୍ତୃତି ପାଇଁ ମୌଳିକ ରାଷ୍ଟ୍ରୀୟ ଶିକ୍ଷା ପରିଷଦ ଗଠନ ସୁଖର କଥା ।

**ବାଲ୍ୟ-ବିବାହ ନିରୋଧକ ଆଇନ :—**

ଅନେକ ବର୍ଷ ହେବ ଶାରଦା-ଆଇନ ଜାରି ହୋଇଥିଲେ ମଧ୍ୟ ଜାତି ବାଲ୍ୟବିବାହର ବିଭୀଷିକାରୁ ନିଜକୁ ସମ୍ପୂର୍ଣ୍ଣ ମୁକ୍ତ କରି ପାରିନାହିଁ । ଏହାର କାରଣ ଏହି ଆଇନକୁ ସମ୍ପୂର୍ଣ୍ଣ ଫଳପ୍ରଦ କରିବା ପାଇଁ ଏହା ପଛରେ ଉପଯୁକ୍ତ ବ୍ୟବସ୍ଥା ନାହିଁ । ଅନେକ ସମୟରେ ଅପରାଧୀକୁ ଜେଲ ଦଣ୍ଡ ନ ଦେଇ କେବଳ ଜରିମାନା କରି ଛାଡ଼ି ଦିଆଯାଉଥିଲା ଏବଂ କେତେକ ପ୍ରାଦେଶିକ ସରକାର ଏହି ମର୍ମରେ ସାର୍କୁଲାର ଜାରି ମଧ୍ୟ କରିଥିଲେ । ଫଳରେ ଏତେ ଦିନର ବିଶ୍ୱାସ ଓ ପ୍ରଥାର ବନ୍ଧନରେ ପଡ଼ିଥିବାରୁ ଅନେକେ, ବିଶେଷତଃ ମଫସଲ-ମାନଙ୍କର ଲୋକେ ଏହି ଆଇନ ଭାଙ୍ଗି ପରେ ଜରିମାନା ଦାଖଲ କରିବା ଅଧିକ ସ୍ପୃହଣୀୟ ମନେ କରୁଛନ୍ତି ।

ଜାତୀୟ ଜୀବନରୁ ଏହି ବିଷାକ୍ତ ଅଙ୍ଗର ମୂଳୋତ୍ପାଟନ କରିବା ପାଇଁ ଶ୍ରୀଯୁକ୍ତ ଠାକୁର ଦାସ ଭାର୍ଗବ କେନ୍ଦ୍ର ପରିଷଦରେ ଏକ ବିଲ ଆଗତ କରାଇଛନ୍ତି, ଯାହା ବାଲ୍ୟବିବାହ ନିରୋଧକ ଆଇନରେ କେତେକ ସଂଶୋଧନ ସମାଧିତ କରି ଏହି ଆଇନ ଭଙ୍ଗ ପାଇଁ ଧାର୍ଯ୍ୟ ବ୍ୟବସ୍ଥାରେ ଜେଲ ଦଣ୍ଡକୁ ବାଧ୍ୟତା ମୂଳକ କରିବ ।

ଆମର ସନ୍ଦେହ ନାହିଁ ଯେ ଏପରି କଲେ ବାଲ୍ୟ-ବିବାହର ଦୂଷଣୀୟତାରୁ ଜାତି ମୁକ୍ତ ଲଭିବ ।

ସମାପ୍ତ

Digitized by srujanika@gmail.com

## ନିୟମାବଳୀ:—

(୧) ଚତୁରଙ୍ଗ ପ୍ରତ୍ୟେକ ଓଡ଼ିଆ ମାସର ପ୍ରଥମ ଦିନ ପ୍ରକାଶିତ ହେବ । ଲେଖକମାନଙ୍କୁ ଅନୁରୋଧ ଯେ ନିଜ ନିଜର ରଚନା କାଗଜର ଗୋଟିଏ ପାଖରେ ପରିଷ୍କାର ଅକ୍ଷରରେ ଲେଖିବେ ।

(୨) କୌଣସି ପ୍ରବନ୍ଧ ବା ରଚନା ସାଧାରଣତଃ ଚତୁରଙ୍ଗର ୬ ପୃଷ୍ଠାରୁ ଅଧିକ ନ ହେବା ବାଞ୍ଛନୀୟ । ଉପଯୁକ୍ତ ଡାକ ଟିକଟ ଯୋଗାଇଲେ ଅମନୋନୀତ ରଚନା ଫେରସ୍ତ ଦିଆଯିବ । ଅମନୋନୀତ ରଚନା ପାଇଁ ସମ୍ପାଦକ କୌଣସି କାରଣ ଦର୍ଶାଇବାକୁ ବାଧ୍ୟ ନୁହନ୍ତି ।

(୩) କେବଳ ରଚନା ସମ୍ପାଦକଙ୍କ ପାଖକୁ ପଠାଇ ମୂଲ୍ୟ, ଗ୍ରାହକ, ବିଜ୍ଞାପନ ଇତ୍ୟାଦି ଯାବତୀୟ ପରିଚାଳନା ସଂକ୍ରାନ୍ତ ବିଷୟରେ ପରିଚାଳକ 'ଚତୁରଙ୍ଗ'କୁ ଲେଖିବେ ।

(୪) ପରସ୍ପର ଆଦାନ ପ୍ରଦାନର ସୁବିଧା ପାଇଁ ସ୍ୱ ପ୍ରବନ୍ଧ ଆଦିରେ ଆପଣା ଆପଣା ନାମ ସହିତ ଠିକଣା ଲେଖିବା ପାଇଁ ଲେଖକ ଲେଖିକା ମାନଙ୍କୁ ଅନୁରୋଧ ।

(୫) କେହି "ଚତୁରଙ୍ଗ" ସମ୍ବନ୍ଧରେ କୌଣସି ବିଷୟ ଜାଣିବାକୁ ଇଚ୍ଛାକଲେ ରିପ୍ଲାଇକାର୍ଡ କିମ୍ବା ୧୦-୨ ପାହର ଡାକଟିକଟ ପଠାଇବେ । ନଚେତ୍, ଆମେ କୌଣସି ଉତ୍ତର ଦେଇ ପାରିବୁ ନାହିଁ ।

ସମ୍ପାଦକ
'ଚତୁରଙ୍ଗ'

## ବିଜ୍ଞାପନ

୧—ଚତୁରଙ୍ଗର ଦ୍ୱିତୀୟ ବର୍ଷର ବାର୍ଷିକ ମୂଲ୍ୟ ସଡ଼ାକ ୧୨ ଷାଣ୍ମାସିକ [illegible] ।
ପ୍ରତ୍ୟେକ ସଂଖ୍ୟାର ମୂଲ୍ୟ ୧୦ ନୟା ମାତ୍ର । ଗ୍ରାହକ ମୂଲ୍ୟ ଅଗ୍ରିମ ଦେୟ ।
୨—ଚତୁରଙ୍ଗର ପ୍ରଥମ ଓ ସପ୍ତମ ସଂଖ୍ୟାରୁ ନୂତନ ଗ୍ରାହକ ଗ୍ରହଣ କରାଯାଏ ।
୩—ଗ୍ରାହକ ଇଚ୍ଛା କଲେ ଭି. ପି. ରେ ମଧ୍ୟ ପଠାଇ ଦିଆଯିବ
୪—ବିଜ୍ଞାପନ ହାର ସମ୍ବନ୍ଧରେ ପରିଚାଳକଙ୍କୁ ପତ୍ର ଲେଖିବେ ।
୫—ଯେଉଁମାନେ ବିଜ୍ଞାପନ ଦେବେ ନିଜର ବ୍ଲକ ଦେବାକୁ ଚାହୁଁଲେ ବ୍ଲକ ମଧ୍ୟ ପଠାଇବେ । ଅଧିକ ଡାକ ଖର୍ଚ୍ଚ ପଠାଇ ବ୍ଲକ ଫେରସ୍ତ ନେଇ ପାରିବେ । ବ୍ଲକ ଭାଙ୍ଗିଗଲେ ପରିଚାଳକ ଦାୟୀ ନୁହନ୍ତି ।
୬—କୌଣସି କାରଣ ବଶତଃ ଗ୍ରାହକ ଯଥା ସମୟରେ 'ଚତୁରଙ୍ଗ' ନ ପାଇଲେ ଗ୍ରାହକ ନମ୍ବର ସହ ପରିଚାଳକଙ୍କୁ ଜଣାଇବେ ।
୭—ଅଳ୍ପଦିନ ପାଇଁ ସ୍ଥାନାନ୍ତରକୁ ଗଲେ ସ୍ଥାନୀୟ ପୋଷ୍ଟ ଅଫିସକୁ ଏବଂ ବହୁଦିନ ପାଇଁ ଗଲେ ଆମ ଅଫିସକୁ ଜଣାଇଲେ ଗ୍ରାହକ ଗ୍ରାହିକା ମାନେ 'ଚତୁରଙ୍ଗ' ଠିକ୍ ସମୟରେ ପାଇବେ ।

ପରିଚାଳକ
[illegible]

—— ✻ ——

Digitized by srujanika@gmail.com

# ବିଶେଷ ବିଜ୍ଞପ୍ତି

୧। ନୃତ୍ୟ, ଚିତ୍ର, ସଙ୍ଗୀତ ପ୍ରଭୃତି କଳା। କୃଷ୍ଟି ଓ ଉଚ୍ଚ ନୀତି ସମ୍ବନ୍ଧରେ ଗବେଷଣାମୂଳକ ପ୍ରବନ୍ଧ ତଥା ପୃଥିବୀ ବିଖ୍ୟାତ ଭାରତୀୟ ନୃତ୍ୟ ଶିଳ୍ପୀ [illegible]-ଜୀବନ ଜାଣିବାକୁ ଇଚ୍ଛାଥିଲେ, 'ଚତୁରଙ୍ଗ'ର [illegible]-ସଂଖ୍ୟା ପଢ଼ନ୍ତୁ। ଏଗାର ଅଣା ମାତ୍ର ପଠାଇଲେ ପୋଷ୍ଟେଜ ସାର୍ଟିଫିକେଟ ଯୋଗେ ପଠାଇ ଦିଆଯାଏ।

୨। 'ଚତୁରଙ୍ଗ'ର ପ୍ରଥମ ବର୍ଷରେ ଯେ କୌଣସି ସଂଖ୍ୟାଠାରୁ ଗ୍ରାହକ ଶ୍ରେଣୀଭୁକ୍ତ ହୋଇ ପାରିବାର ପ୍ରଥା ଥିଲା, ଫଳରେ ନାନା ଅସୁବିଧା ଭୋଗିଛୁ। ୨ୟ ବର୍ଷରେ ସେ ପ୍ରଥା ଆମେ ଆଉ ରଖି ନାହୁଁ। 'ଚତୁରଙ୍ଗ'ର ୨ୟ ବର୍ଷରେ କେବଳ ୧ମ ଓ ୭ମ ସଂଖ୍ୟାଠାରୁ ଗ୍ରାହକ ଶ୍ରେଣୀଭୁକ୍ତ କରାଯିବ। ସୁତରାଂ ଗତବର୍ଷ ଯେଉଁ ସହୃଦୟ ଗ୍ରାହକମାନେ ୨ୟ, ୩ୟ, ୪ର୍ଥ, ୫ମ ବା ୬ଷ୍ଠ ସଂଖ୍ୟାରୁ ବାର୍ଷିକ ପାଇଁ ଗ୍ରାହକ ହୋଇଥିଲେ, ସେମାନଙ୍କୁ ବିଶେଷ ସୁବିଧା ଦେଇ 'ଚତୁରଙ୍ଗ'ର ଦ୍ୱିତୀୟ ବର୍ଷର ଗ୍ରାହକ ହିସାବରେ ଯଥାକ୍ରମେ ଟ ୫୧, ଟ ୨, ଟ ୪୧, ଟ [illegible] ଟ ୩୧ ଦେବାକୁ ଅନୁରୋଧ କରୁଁ। କିମ୍ବା ବାହାରେ [illegible] ଛପଙ୍କୁ ମନି ପଠାଇଲେ ସେମାନଙ୍କର ଗ୍ରାହକଶ୍ରେଣୀର ମିଆଦ [illegible] ଶେଷ ପର୍ଯ୍ୟନ୍ତ ରହିବ।

ଯେଉଁ ସଂଖ୍ୟାରେ ଯେଉଁମାନଙ୍କର ଗ୍ରାହକଶ୍ରେଣୀର ମିଆଦ ଶେଷ ହୋଇଯାଉଛି, ଠିକ ସେହି ସଂଖ୍ୟା ପାଇଲାପରେ ନୂତନ ବର୍ଷର ଦେୟ ସେମାନଙ୍କଠୁଁ ଯଦି ନ ପାଉଁ, ତା' ହେଲେ ପରବର୍ତ୍ତୀ ସଂଖ୍ୟା ଭି: ପି: ଯୋଗେ ପଠାଇବାକୁ ବାଧ୍ୟ ହେବୁ। ଯେଉଁମାନେ ୨ୟ ବର୍ଷ ପାଇଁ ଗ୍ରାହକ ହେବାକୁ ଅସମର୍ଥ ହେବେ, ସେମାନେ ଦୟାକରି ତୁରନ୍ତ ଜଣାଇବେ।

ପରିଚାଳକ
ଚତୁରଙ୍ଗ

Printed & Published by Ganga Prasad Panda at the Kalamandal Printing Press
Bulangir, Patna State.

# ଉତ୍କଳ

ଦ୍ୱିତୀୟ ବର୍ଷ | ପୌଷ ମାସ | ଅଷ୍ଟମ ସଂଖ୍ୟା ।

## କୋଶଳ-କଳା-ମଣ୍ଡଳର

ମୁଖପତ୍ର ରୂପେ ପ୍ରକାଶିତ


ସଂପାଦକ ସଂଘ:—

ଶ୍ରୀ କାଳନ୍ଦୀ ଚରଣ ପାଣିଗ୍ରାହୀ
କୁ ଶ୍ରୀ ବଳଭଦ୍ର ବହ୍ନିଦାର
କାଳୀ ଚରଣ ପଟ୍ଟନାୟକ
ଶ୍ରୀ ଗୁରୁ
ନାୟକ

ପରିଚାଳକ—
ଶ୍ରୀ ଗଙ୍ଗା ପ୍ରସାଦ ମିଶ୍ର


Digitized by srujanika@gmail.com

'ଓଡ଼ିଶା ସରକାରଙ୍କ ପତ୍ର ନଂ: ୫୯୬- ଆର୍ ତା ୩ - ୨ - ୧୯୪୭ ମତେ
'ଚତୁରଙ୍ଗ'
ଶିକ୍ଷା ବିଭାଗୀୟ ପ୍ରତ୍ୟେକ ଅନୁଷ୍ଠାନ ପାଇଁ
ଗୃହୀତ ହୋଇଛି ।

# ସୂଚୀ


| ବିଷୟ | | ଲେଖକମାନଙ୍କ ନାମ | ପୃଷ୍ଠା |
|---|---|---|---|
| ୧ କେଶବନ୍ତୀ | (ପଦ୍ୟ) | ଶ୍ରୀ ବେଣୁଧର ରାଉତ | ୩୪୬ |
| ୨ ସଙ୍ଗୀତ | | ଶ୍ରୀ ମଙ୍ଗୁଳ୍ ମୋହନ୍ ଦେବହେସ | ୩୪୭ |
| ୩ ଭାଗ୍ୟର ଉପହାସ | (ଗଳ୍ପ) | ଶ୍ରୀ ଶ୍ରଦ୍ଧାକର ସୂପକାର | ୩୫୧ |
| ୪ ଭ୍ରମର ପାଇଁ | (ପଦ୍ୟ) | ଶ୍ରୀ ଦୁର୍ଗାମାଧବ ମିଶ୍ର | ୩୫୯ |
| ୫ ଜାତୀୟ ବଳ ନା ବିଶ୍ୱାସ ଘାତକ | | ଶ୍ରୀ ବସନ୍ତ କୁମାର ବେହେରା | ୩୬୦ |
| ୬ ବିକାଶ | (ଗଳ୍ପ) | ଶ୍ରୀ ବିଧୁ ଭୂଷଣ ଗୁରୁ | ୩୬୪ |
| ୭ ଶିକ୍ଷା | (ପଦ୍ୟ) | ଶ୍ରୀ 'ସନ୍ଧାନୀ' | ୩୬୫ |
| ୮ ମାଁ ଗର୍ଜିଲରେ ଜନ | | ଶ୍ରୀ ଜଗନ୍ନାଥ ଦାସ | ୩୬୬ |
| ସେତ ଗୃହଁଛି ମୋତରେ | (ପଦ୍ୟ) | ରେବତୀକାନ୍ତ ଧୌନ୍ଧାଣୀ | ୩୭୦ |
| ୧୦ ଉର୍ବଶୀ | (ଗଳ୍ପ) | ଅଖିଳ ମୋହନ ପଟ୍ଟନାୟକ | ୩୭୧ |
| ୧୧ ସୁନାଫୁଲ | | ଶ୍ରୀ ନବକିଶୋର ଦାସ | ୩୭୫ |
| ୧୨ ଅଭିଜ୍ଞତା | (ପ୍ରବନ୍ଧ) | ଶ୍ରୀ ମୋହିନୀ ମୋହନ ମିଶ୍ର | ୩୮୧ |
| ୧୩ ଭାରତୀୟ ଭାସ୍କର୍ଯ୍ୟ | | ଶ୍ରୀ କମଳ କାନ୍ତ ମହାନ୍ତି | ୩୮୨ |
| ୧୪ ଦେଶର ମାଟି | (ପଦ୍ୟ) | ଶ୍ରୀ ବିନୋଦ ଚନ୍ଦ୍ର ନାଏକ | ୩୮୬ |
| ୧୫ ସମ୍ପାଦକଙ୍କ ପତ୍ର | | | ୩୮୯ |
| ୧୬ ସୂତ୍ରଧାର | | ସମ୍ପାଦକୀୟ | ୩୯୧ |


## ବିଶେଷ ବିଜ୍ଞପ୍ତି

ଆସନ୍ତା ୯ମ ସଂଖ୍ୟା 'ଗାନ୍ଧିଜୀ ସ୍ମୃତି ସଂଖ୍ୟା' ରୂପେ ପ୍ରକାଶିତ ହେବ । ଲେଖକ ଲେଖିକାମାନଙ୍କୁ ଅନୁରୋଧ ଯେ, ସେମାନେ ତା ୨୫ । ୨ । ୪୮ ପୂର୍ବରୁ ପୁଣ୍ୟାତ୍ମା ବାପୁଜୀଙ୍କ ସମ୍ବନ୍ଧରେ ପ୍ରବନ୍ଧାଦି ପଠାଇ ଆମର ସଦ୍ ଉଦ୍ୟମରେ ସହଯୋଗ କରିବେ !

ସମ୍ପାଦକ, ଚତୁରଙ୍ଗ ।

ଚତୁରଙ୍ଗ:—



ଚନ୍ଦ୍ରକୁରେ (ସେ)

ଚାରୁ ଶିଳ୍ପୀ— ଶ୍ରୀମତୀ [illegible] ଦେବୀ

Digitized by srujanika@gmail.com

# ଚତୁରଙ୍ଗ

ନାଟ୍ୟ-ସଙ୍ଗୀତ-ତତ୍ତ୍ୱଜ୍ଞାଃ ଯେ ସାହିତ୍ୟ-ବିଶାରଦାଃ ।
କଳାସୁ କୁଶଳାଃ ସର୍ବେ ମହୀୟନ୍ତାଂ ମହୀତଳେ ॥

ଦ୍ୱିତୀୟ ବର୍ଷ ✤ ପୌଷ ସଂକ୍ରାନ୍ତି; ଧନ୍ୱ ୧୮ । ୧୨ । ୪୭ ✤ ଅଷ୍ଟମ ସଂଖ୍ୟା

## —ସ୍ୱପ୍ନଭଙ୍ଗ—

ଶ୍ରୀ ବେଣୁଧର ରାଉତ

କେବେ କେଉଁ କଳ୍ପନାର ଖାଲେ
ପ୍ରିୟତମ କାତର ଗୋଧୂଳି ...... ।

ଘନନୀଳ ପ୍ରଚ୍ଛନ୍ନ ଆକାଶେ
ଲେଖିଥିଲା ରୁଗ୍ଣ ମେଘରେଖା
ଚୀନ୍ ଓ ଇଟାଲୀର ମାନଚିତ୍ର ସାମ୍ୟ ରଖି ଏକ—
ବିଚଳିତ ଶଙ୍କର ଆଲେଖ୍ୟ,
ଧୀରେ—
ଅତିଧୀରେ,
ବକ୍ର ଆଉ ଓଠ ହେଲା ଧଳାଭୁଇଁ କେମାର ଘୋଟକ,
ହସ୍ତୀ ହେଲା ଅକ୍ଟୋପସ୍—
କ୍ରମନତ ଅନ୍ଧକାର ସାଗରର ସାନ୍ଦ୍ର ନୀଳବାରି ।

ଗୃହିଣୀର ଫେଣ୍ଟଭଳି ଯହୁଁ
କାହିଁ ବା ନଗରେ ଯେଉଁ ମାଲସାଣ୍ଡୀ ଇଲାନଙ୍କ କୂଳ
ପଡ଼ିଅଛି ଦକ୍ଷିଣେ ବାହାର—
ଛାତରେ ତା' ଏକାଇ ସଉଧ ।

ଏ ସଉଧ ?
ଏ ସଉଧ ମାଲୁଣୀର ବାସ ।
ପାଶେ ତା'ର ହେମସ୍ତମ୍ଭେ ମାଣିକ—ପ୍ରଦୀପ
ସଞ୍ଚାରଇ ମୃଦୁଳ ଆଲୋକ;
ଉପକଣ୍ଠେ ପଙ୍ଗୁ ତରୁଶାଖୀ ·
ଶୂନ୍ୟ ନଡ଼େ ବିପୁଳ ଶୂନ୍ୟତା ......,
ଶୂନ୍ୟ ପୁଣି ଦୂରଦେଶୀ ରଜାପୁଅ ମନ
ଆଜି ମନ ତା'ର
କଳ୍ପନାର ପକ୍ଷ ତୋଳି
ଅତିକ୍ରମି ସହସ୍ର ଗତ
ଫେରିଯାଏ ନିବେଦ ଅତୀତେ—
...... ସେଇ ପଦ୍ମସରେ,
ଯହିଁ—
ଧିଦ୍ରଞ୍ଜୁ ମଞ୍ଜୁଳ ଦମ୍ପତି
ଅଛୁଥିଲେ ଗ୍ରୀବାଛନ୍ଦ ସ୍ନାନରତା କେଶବତୀ ପାଖରେ
ଦବାଲଗି ଭାଷାବନ୍ତ ପ୍ରେମର ସଙ୍କେତ,

Digitized by srujanika@gmail.com

ସିକ୍ତବାସେ ଭେଦିଥା'ର ଲାବଣ୍ୟ-ଉଚ୍ଛ୍ୱାସ
କରୁଥିଲା ଆହ୍ୱାନ ସଙ୍କେତର ଡାକ ।
ସେଉଦିନ ;
ବେଣୁ-ପାହାଡ଼ିରେ —
ତୃଷାକୁଳ ରଜାପୁଅ ସ୍ଖଳିତ-ସନ୍ଧାନୀ
ଉଠି ସେଇ ପଦ୍ମସର-ମାର୍ଗ-ସୋପାନେ ।
...... କେହି ନାହିଁ ।
ଚଉପାଶେ, ଅଗନାନ୍ତେ ବନସ୍ତ ଗହନେ
ସୁଗଭୀର ବିଜନ ମର୍ମର,
—ମଳୟାକ୍ତ ବସନ୍ତର ସୁବର୍ଣ୍ଣ ଯୁଆର
କେହି ନାହିଁ ।
ଥିଲା ସେଇ ଏକମାତ୍ର ମରାଳ ଦମ୍ପତି
ଥିଲା ରଜାପୁଅ,
ଆଉ—
ଥିଲେ ତନ୍ୱୀ କେମା କେଶବତୀ ।
—ଆଉ
ସ୍ୱପ୍ନ ସେଇ ଅତୀତର ପ୍ରଣୟ ଇଙ୍ଗିତ
—ସୁରଭିତ କୁସୁମ ସ୍ତବକେ
ଖଚି ନୀଳ କମଳ ପାଖୁଡ଼ା
ନାଗକେଶେ କୁଙ୍କୁମର ରାଗେ
ଦେଇଥିଲା ମୃଗମଦ-ଗନ୍ଧଭରା ଲେଖା—
ରଜାପୁଅ, କେଶବତୀ ପାଶେ ।
କି ଉତ୍ତର ଆଣିବ ମାଲୁଣୀ ......
ଉତ୍କଣ୍ଠା ଓ ଆଶଙ୍କାରେ ଭରେ ଶୂନ୍ୟ ମନ ।

—ଦିଶେ ଏଇ ସଉଧ ଶିଖରେ
ରାଜକନ୍ୟା କେଶବତୀ କନକ ଆବାସ,
ଦିଶେ ପୁଣି ଚନ୍ଦ୍ରଶାଳା ଚୂଡ଼ା,
ପାଶେ ତା'ର ପ୍ରସାଧନା ପୁରେ
ଦେହଳୀରେ ରଖି ତନୁଭାର
ବାରହାତ ଦୀର୍ଘ କେଶେ ସଞ୍ଚାରିଲି ଚମ୍ପକ ଅଙ୍ଗୁଳି,
ନୟନରେ କଜ୍ଜଳର ମନ୍ଥର ବିଳାସେ
ଯୁଗ ଯୁଗ ପ୍ରତୀକ୍ଷାର ଭାଷା,
ମନତଳ ଉତ୍କଣ୍ଠା-ମୁଖର,
ଜାଗରଣେ ସ୍ୱପ୍ନାୟିତ ମିଳନର ଉତ୍ସବ
ବାଜି ଉଠେ କାନେ ।

ଏଇ ଶୁଣିଲା,— ଜନମର ଉପାନ୍ତ ପ୍ରହର,
ଦୂରେ ଦୂରେ ଶୁଭେ ଟାପୁ ଧ୍ୱନି;—
ଘୋଟକରେ ଆସେ ରଜାପୁଅ ।

ହସ ଫୁଟେ କେଶବତୀ ଓଠେ,
ଦେହେ ଜାଗେ-ଅନାଗତ ଆଶ୍ଳେଷ-ରୋମାଞ୍ଚ ...... ।

ଦେଖିଚ ତ —
ଏବେ ବି ଯକ୍ଷ ଦମ୍ପତିରେ
ଉଡ଼ିବାର ଅଳକ ବାଦଲେ
ଇଥରର ସ୍ତର ଚିର, ଡେଇଁ ଝଞ୍ଜାଗତି—
କଣ୍ଠେ କଣ୍ଠ କରି ସମାବେଶ ?
କେଶବତୀ ରଜାପୁଅ ଛାୟାଲେଖ ଏଇ,
ଅତଳୀଣ, କିହାର ଅପୂର୍ଣ୍ଣ ।

# ସଙ୍ଗୀତ

ଶ୍ରୀ ମଥୁରା ମୋହନ ବେହେରା

ମୋର ୨୦, ୨୧ ବର୍ଷ ସମୟରେ ନିଜ ଗ୍ରାମରେ ଗୋଟିଏ ସଙ୍ଗୀତ ଦଳ ସଜାଇ ଥାଏଁ । ସେ ସମୟରେ ସଙ୍ଗୀତ ବିଦ୍ୟା ପ୍ରତି ମୋର ବିଶେଷ ସ୍ପୃହା ଥାଏ । ପୁରୀ, କଟକ, ଅଠଗଡ, ଢେଙ୍କାନାଳ, ପ୍ରଭୃତିରୁ ବହୁତ ଗୋଟି ପୁଅନାଚ, ସଙ୍ଗୀତ ଦଳମାନ ବାଲେଶ୍ୱରକୁ ଆସୁଥିଲା । ମୁଁ ସେମାନଙ୍କ ଦେଖିବାକୁ ଯିବାପାଇଁ ନିମନ୍ତ୍ରିତ

Digitized by srujanika@gmail.com

ହୋଇ ଯାଇଥାଏ । ଉକ୍ତ ଯାବା ଦଳର ଉସ୍ତାଦମାନଙ୍କୁ ଗୀତ ଓ ରାଗ ରାଗିଣୀମାନ ପରମାସ କରେଁ । ସେମାନେ ମୋର ବଡ଼ର ଅନୁସରେ ସମୟାନୁଯାୟୀ ଏପର ଗୀତ ରାଗ ରାଗିଣୀ ନୃତ୍ୟ ଆଦ ଦର୍ଶନ କରିଥିଲେ, ଯଦ୍ୱାରା ଦର୍ଶକବୃନ୍ଦ ଦୋଅଣି ଦୁଅଣି, ଅଠନ୍ନି, ଟଙ୍କା ଆଦ ରୁମାଲରେ ବାନ୍ଧି, ନର୍ତ୍ତକ ଗଳା ଉପରକୁ ପିଙ୍ଗୁଥିଲେ । ତାହା ଦେଖି ମୋର ମନେ ହେଉଥିଲା, ଯେପର ମୁଁ ଉପରେ ଉପରୁ ପୁଷ୍ପ ବୃଷ୍ଟି ହେଉଅଛି । ଆଜକୁ ୩୦ ବର୍ଷ ହେବ ମୁଁ ଉକ୍ତ ଧରଣର ନୃତ୍ୟ, ଗୀତ ରାଗ ରାଗିଣୀମାନ ଦେଖିବାକୁ, କମ୍ବା ଶୁଣିବାକୁ ପାଉ ନାହିଁ ।

ସେତେବେଳେ ନିମ୍ନଲିଖିତ ପ୍ରକାର ରାଗ ରାଗିଣୀର କାଳ ନିର୍ଣ୍ଣୟ ଥିଲା । ଯଥା :—

ଦିବା ଭାଗରେ ରାଗ ରାଗିଣୀ; ପ୍ରଭାତେ ଭୈରବ ।

ଏକଦଣ୍ଡଠାରୁ ପାଞ୍ଚଦଣ୍ଡ ପର୍ଯ୍ୟନ୍ତ :—
ଭୈରବୀ, ବଙ୍ଗାଳୀ, ରାମକେଲୀ, ଯୋଗିୟାଁ, ଖଟ; ଆଶାବରୀ, ଗାନ୍ଧାର, ଦେବଗାନ୍ଧାର, ଭାଟିୟାର, ଗୁଣକେଲି, ଓ ଆନନ୍ଦ ।

ଛଅ ଦଣ୍ଡଠାରୁ ଦଶଦଣ୍ଡ ପର୍ଯ୍ୟନ୍ତ :-
ବିଭାସ, ଦେବଗିର, କୋକର ବା କୁକୁଭ, ଅଲହିୟା, ବେଲାବଲୀ, ପଟମଞ୍ଜରୀ, ସେଫର୍ଦା ଓ ସୁହା ।

ଏଗାର ଦଣ୍ଡଠାରୁ ପଦର ଦଣ୍ଡ ପର୍ଯ୍ୟନ୍ତ :—
ସିନ୍ଧୁରା, ସିନ୍ଧୁ, କାପି, କାପସିନ୍ଧୁ, ତୋଡ଼ୀ, ଗୁର୍ଜ୍ଜରୀ ଓ ସୁଘରାଇ କାଫୀ

ଷୋଳ ଦଣ୍ଡଠାରୁ କୋଡ଼ିଏ ଦଣ୍ଡ ପର୍ଯ୍ୟନ୍ତ :—
ସାରଙ୍ଗ ବା ମଧ୍ୟମାଧବୀ, ଗୌଡ଼ସାରଙ୍ଗ, ହାଟହଂସିକା, ବା ବଡ଼ହଂସ, ଶୁଦ୍ଧସାରଙ୍ଗ, ଦେବସାକ, ବସନ୍ତସାରଙ୍ଗ, ମାନ୍ଦ ଓ ସାମନ୍ତସାରଙ୍ଗ ।

ଏକୋଇଶ ଦଣ୍ଡଠାରୁ ଚବିଶ ଦଣ୍ଡ ପର୍ଯ୍ୟନ୍ତ :—
ଭୀମପାଳଶ୍ରୀ, ରାଜବିଜୟ, ଧାନୀ, ଧବଲଶ୍ରୀ, ମୂଲତାନୀ, ବାରୋଁଆ, ପିଲୁ ଓ ମାଲଗୌରୀ ।

ପଚିଶ ଦଣ୍ଡଠାରୁ ଅଠାଇଶ ଦଣ୍ଡ ପର୍ଯ୍ୟନ୍ତ :—
ପୂରବୀ, ବରାଟୀ, ଆଭାରୀ, ଧାନଶ୍ରୀ, ମାଲଶ୍ରୀ, ପୂରିୟା ଧାନଶ୍ରୀ ଓ ଢୋଲ ।

ଅଣତିରିଶ ଦଣ୍ଡଠାରୁ ସନ୍ଧ୍ୟା ପର୍ଯ୍ୟନ୍ତ :—
ଶ୍ରୀରାଗ, ସାଜଗିରୀ, ମାଳବୀ, ତିହାଗୌରୀ ତିବଣୀ, ଶ୍ରୀଗୌରୀ ଓ ଶ୍ରୀଟଙ୍କ ।

ରାତ୍ରିକାଳର ରାଗ ରାଗିଣୀ

ସନ୍ଧ୍ୟା ଏକଦଣ୍ଡଠାରୁ ପାଞ୍ଚଦଣ୍ଡ ପର୍ଯ୍ୟନ୍ତ ।
ହାମ୍ବୀରୀ, ଶ୍ୟାମ, କେଦାରୀ, ଛାୟାନଟ, କାମୋଦ ଜୟନ୍ତ, ଓ ଜୟନ୍ତଶ୍ରୀ ।

ଛଅଦଣ୍ଡଠାରୁ ଦଶଦଣ୍ଡ ପର୍ଯ୍ୟନ୍ତ :-
କଲ୍ୟାଣ, ଶୁଦ୍ଧରାଗ, ପୂରିୟା, ଜୟନ୍ତଜୟନ୍ତୀ, ଭୁପାଲୀ ଇମନ, ଇମନକଲ୍ୟାଣ, ଇମନପୂରିୟା ଓ ଅହଂ ।

ଏଗାର ଦଣ୍ଡଠାରୁ ପନ୍ଦର ଦଣ୍ଡ ପର୍ଯ୍ୟନ୍ତ :—
ଶୁଦ୍ଧକାନଡ଼ା, ଖାମ୍ବାଜ, ପରଜ, ଆଡାନା, ସାହାନା, ବାଗୀଶ୍ୱରୀ, ଲୁମ, କାଲେଙ୍ଗ୍ରା, ଯହାଡ଼ୀ ବାହାର, କୌଶିକୀକାନଡ଼ା, ନାଗଧ୍ୱନୀକାନଡ଼ା ଇତ୍ୟାଦ ।

ଷୋଳ ଦଣ୍ଡଠାରୁ କୋଡ଼ିଏ ଦଣ୍ଡ ପର୍ଯ୍ୟନ୍ତ :—
ବେହାଗ, ବେହାଗଡ଼ା, ବିହଙ୍ଗବେହାଗ, ଦେବବହାଗ, ଅରୁଣବହାଗ, ଇମନବହାଗ, ସଙ୍କୀର୍ଣ୍ଣ, ସମ୍ପୂର୍ଣ୍ଣ, ଟଙ୍କ, ଶଙ୍କରା; ଶଙ୍କରାଭରଣ, ରତିବାମ୍ରୀ, ସୁରଟ ହିଣ୍ଡୋଳ ମେଘ, ମେଘମଲ୍ଲାର, ବସନ୍ତ ଓ ଦେଶ ।

ଏକୋଇଶ ଦଣ୍ଡଠାରୁ ପଚିଶ ଦଣ୍ଡ ପର୍ଯ୍ୟନ୍ତ :—
ନଟ ନାରାୟଣ କେଦାରନଟ, କର୍ଣ୍ଣାଟ ଓ ଦେଶକାର ।

ଛବିଶ ଦଣ୍ଡଠାରୁ ଉଣତିରିଶ ଦଣ୍ଡ ପର୍ଯ୍ୟନ୍ତ :—
ମାଲକୌଶ, ହିନ୍ଦୋଳ, ଓ ସୋହିନୀ ।

ତିରିଶ ଦଣ୍ଡ ସମୟରେ :— ଲଳିତ ।

Digitized by srujanika@gmail.com

ଆଧୁନିକ ଯୁଗରେ ଦେଶରେ ଯେଉଁ ଥିଏଟର, ନାଟକ-ଦଳମାନ ପ୍ରଚଳିତ ହେଉଅଛି, ସେମାନେ ସମୟର ଗତିଅନୁସାରେ କାଳାକାଳ କିଛି ବିଚାର ନ କରି ନାନା ରାଗ ରାଗିଣୀର ଗୀତମାନ ଗାନକରି ଚାଲିଯାନ୍ତି । ଏହାର କାରଣ ଦେଶରୁ କ୍ରମଶଃ ସଙ୍ଗୀତ ଚର୍ଚ୍ଚାର ଆଦର ହ୍ରାସ-ହୋଇ ପଡ଼ୁଛି । ପାଠରେ ଅଛି "ଅନୁଭବ ଥିଲେ କହି, ପାଠ ପଢ଼ିଥିଲେ ଗୀତ ଗାଉଥାନ୍ତି ବାଜଣା କଣ୍ଠର ପୁଅ" ; ତଦ୍ରୂପ, ନାଟକ ଚର୍ଚ୍ଚା ହେଉଛି । ନାନା ରାଗ ରାଗିଣୀ ଗୀତମାନ ଗାନ କରାଯାଉଛି, ମାତ୍ର କେଉଁ ସମୟରେ କେଉଁ ରାଗିଣୀ ଗୀତ ହେବାର କଥା ସେ କଥା ଲକ୍ଷ୍ୟ ରଖୁଛି କିଏ ? ସଙ୍ଗୀତ ଯେ ଏକ ମନୋମୁଗ୍ଧକର ଚିତ୍ର-କଳା, ଏକଥା କେହି ଅସ୍ୱୀକାର କରି ପାରିବେ ନାହିଁ । ତା ପାଇଁ ସୁଦକ୍ଷ ଚିତ୍ରକଳାନିପୁଣ କାରିଗର ଦରକାର । କାରିଗରମାନେ ନୃତ୍ୟ, ଗୀତ, ବାଦ୍ୟକୁ ଜନସାଧାରଣଙ୍କ ମନୋରଞ୍ଜନାର୍ଥେ ଏପରି ଚିତ୍ର କରୁଥିଲେ; ଯାହାକୁ ଦେଖିଲେ ଲୋକେ ପୂର୍ବକଷ୍ଟ ଦୁଃଖ ପାସୋରି ପକାଇ ସେଥିରେ ତନ୍ମୟ ହୋଇ ଯାଉଥିଲେ । ଆଧୁନିକ ନବ୍ୟ ସଭ୍ୟ ଯୁଗରେ ନାନା ଧରଣର ଲୋକ ରୁଚିକର ସଙ୍ଗୀତ-ମାନ ରଚିତ ଓ ଗୀତ ହେଉଅଛି, ମାତ୍ର ସେଗୁଡ଼ିକର କାଳାକାଳ ଯୋଗ୍ୟ ନୃତ୍ୟ, ବାଦ୍ୟ ସଙ୍ଗରେ ସାମଞ୍ଜସ୍ୟ ରହୁ ଥିବାର ଦେଖାଯାଏ ନାହିଁ । ନୃତ୍ୟ, ଗୀତ, ବାଦ୍ୟ ଏ ତିନୁ ପରସ୍ପର ଘନିଷ୍ଠ ଭାବରେ ସଂଶ୍ଳିଷ୍ଟ । ସମୟା-ନୁଯାୟୀ ବାଦ୍ୟ ବା ତାଳ, ତଦନୁଯାୟୀ ଗୀତ, ଗୀତା-ନୁଯାୟୀ ନୃତ୍ୟ ସଙ୍ଗୀତାଭିଜ୍ଞ ସୁଦକ୍ଷ ଚିତ୍ରକରମାନେ ଏପରି ଚିତ୍ର କରି ପାରୁଥିଲେ ଯାହାକି ଏ କ୍ଷୁଦ୍ର ଲେଖନୀରେ ବର୍ଣ୍ଣନାତୀତ ।

ଯେଉଁ ସମୟରେ ଦିବା ରାତ୍ର ସମାନ ଭାଗରେ ବିଭକ୍ତ, ସେହି ସମୟରେ ଏହି ନିୟମ ଚଳିବ । କିନ୍ତୁ ଦିବା ରାତ୍ରିର ହ୍ରାସ ବୃଦ୍ଧିଅନୁସାରେ ଉପର୍ଯ୍ୟୁକ୍ତ ସମୟ ବିଭାଗର ମଧ୍ୟ ହ୍ରାସ ବୃଦ୍ଧି କରି ନେବାକୁ ହେବ । ବାଉଲତ୍ୱର ପ୍ରାୟ ସର୍ବଦା ବ୍ୟବହୃତ ହୋଇ ପାରେ । ଉପର୍ଯ୍ୟୁକ୍ତ ନିର୍ଦ୍ଦିଷ୍ଟ ସମୟ ସମ୍ବନ୍ଧରେ ଦେଶ ଭେଦରେ ମତଭେଦ ଦେଖାଯାଏ । ସଙ୍ଗୀତନାରାୟଣରେ ଉକ୍ତଅଛି:—

"ଯସ୍ମିନ୍ ଦେଶେ ଯଥାଶିଷ୍ଟୈ ଗୀତ ବର୍ଣ୍ଣ ସ୍ତଥାଚରେତ୍":— ଅର୍ଥାତ୍ ଯେଉଁ ଦେଶରେ ଯେ ପ୍ରକାର ରୀତି, ସେହି ପ୍ରକାରେ ଚଳିବା ଉଚିତ । ଉପର୍ଯ୍ୟୁକ୍ତ ରାଗ ରାଗିଣୀ ଛଡ଼ା, ଅନେକ ମିଶ୍ର ରାଗ ରାଗିଣୀ ମଧ୍ୟ ଅଛି । ସେ ସମସ୍ତ ଯେଉଁ ଯେଉଁ ରାଗ ବା ରାଗିଣୀସହ ସଂଯୁକ୍ତ, ସେହି ସେହି ରାଗ ରାଗିଣୀ ଗାନର ନିର୍ଦ୍ଦିଷ୍ଟ ସମୟରେ ବ୍ୟବ-ହୃତ ହୁଅନ୍ତି । ଯଥା :— "ଯେ ରାଗେ ମିଶ୍ରତା ଯେ ସ୍ୟୁରାଗାଃ ସଂକୀର୍ଣ୍ଣକାଦୟଃ । ତେଷାଂ କାଳେ ତୁ ତେ ଗେୟା ଗାନ୍ଧର୍ବୈଃ ପ୍ରକୀର୍ତ୍ତିତାଃ । ଯେ, ଯେ ରାଗାଶ୍ଚ ଶାର୍ଙ୍ଗା ଯେଷାଂ ଯୋଗାଦ୍‌ଭବନ୍ତିବୈ; ତେ ତେ ରାଗାଶ୍ଚ ଗାତବ୍ୟା ସ୍ତେଷାଂ କାଳେତୁ ସର୍ବଦା" । ଇତି ରାଗବିବୋଧଃ ।

"ଯଥେଚ୍ଛୟା ବା ଗାତବ୍ୟା ସର୍ବର୍ତ୍ତୁଷୁ ସୁଖପ୍ରଦାଃ ।

ଅପରଞ୍ଚ — "ଯେଷାଂ ଶ୍ରୁତିସ୍ୱର ଗ୍ରାମ ଜାତ୍ୟାଦି ନିୟମୋ ନହି, ନାନା ଦେଶଗତଚ୍ଛାୟା ଦେଶୀରାଗା ସ୍ତୁତେ ସ୍ମୃତାଃ" । ଇତି ସଙ୍ଗୀତ ଦର୍ପଣେ ।

ଦ୍ୱାଦଶ ମଲ୍ଲାର;— ମେଘମଲ୍ଲାର, ସୁରଟମଲ୍ଲାର, ଦେଶମଲ୍ଲାର, ଗୌଡ଼ମଲ୍ଲାର, ନଟମଲ୍ଲାର, ଜୟଜୟନ୍ତୀ, ନାୟକୀମଲ୍ଲାର, ଅରୁଣମଲ୍ଲାର, ଧୂରିଆମଲ୍ଲାର, ସୁରଦାସୀ-ମଲ୍ଲାର, ଲାଜମଲ୍ଲାର ଓ ମିଆଁ ମଲ୍ଲାର ।

ଅଷ୍ଟାଦଶ କନଡ଼ା :— ଦରବାରୀ କନଡ଼ା, ବା ମହାକନଡ଼ା, ନାୟକୀକନଡ଼ା, କୌଶିକୀକନଡ଼ା, ମୁଦ୍ରା-କନଡ଼ା, ଶ୍ୟାମକନଡ଼ା, ଟଙ୍କକନଡ଼ା ବାଗଧ୍ୱନୀକନଡ଼ା, ଅଡ଼ନା, ସାହାନା, ସୁହାକନଡ଼ା, ସୁଘରାଇକନଡ଼ା, ହୋସେନୀକନଡ଼ା, ମିଆଁ ଜୟଜୟନ୍ତୀ, ବାଗୀଶ୍ୱରୀ-କନଡ଼ା, ନଟକନଡ଼ା, କାଫିକନଡ଼ା, କୋଲାହଲକନଡ଼ା ଓ ମଙ୍ଗଳକନଡ଼ା ।

ନବନଟ, :— ବୃହନଟ, କେଦାରନଟ, କଲ୍ୟାଣ-ନଟ, ମଲ୍ଲାରନଟ, ଛାୟାନଟ, କାମୋଦନଟ, କାମ୍ବୋଦନଟ, ହାମ୍ବୀରନଟ ଓ ଆହାରୀନଟ ।

Digitized by srujanika@gmail.com

ସପ୍ତସାରଙ୍ଗ :— ବୃନ୍ଦାବନୀ ସାରଙ୍ଗ, ମଧ୍ୟମାଦ ସାରଙ୍ଗ, ଗୌଡ ସାରଙ୍ଗ, ସାମନ୍ତ ସାରଙ୍ଗ, ବଡ଼ହଂସ ସାରଙ୍ଗ, ଶୁଦ୍ଧ ସାରଙ୍ଗ ଓ ମିଆଁ ସାରଙ୍ଗ, ।

ଦ୍ୱାଦଶ ତୋଡ଼ୀ :— କାଫି ତୋଡ଼ୀ, ଗୁଜ୍ଜରୀ ତୋଡ଼ୀ ମୁଦ୍ରା ତୋଡ଼ୀ, ଖଟ ତୋଡ଼ୀ, ଦରବାରୀ ତୋଡ଼ୀ, ସୁହା-ତୋଡ଼ୀ, ଧୁଧରିଇ ତୋଡ଼ୀ, ନାସ୍କରୀ ତୋଡ଼ୀ, ଜୋଆନ-ପୁରୀ ତୋଡ଼ୀ, ବାହାଦୁରୀ ତୋଡ଼ୀ, ଲକ୍ଷ୍ମୀ ତୋଡ଼ୀ, ଓ ଶୁଦ୍ଧ ତୋଡ଼ୀ ।

ବରାଡ଼ୀ ବା ବରାଡ଼ୀ ତ୍ରିବିଧ :— ଶୁଦ୍ଧ ବରାଡ଼ୀ, ଦ୍ରାବଡ଼ ବରାଡ଼ୀ, ଓ ଦେଶୀ ବରାଡ଼ୀ ।

ଗୌଡ଼ ଦ୍ୱିବିଧ :— ଦ୍ରାବଡ଼ ଗୌଡ଼, ଓ ତୁରଷ୍କ ଗୌଡ଼ ।

ଏ ସମସ୍ତ ବ୍ୟତୀତ କଲ୍ୟାଣ, କାମୋଦ, ପୂରବୀ, ବେଲାବଲୀ, ବାହାର, ଖାମ୍ବାଜ, ପ୍ରଭୃତି କେତେକ ରାଗ ରାଗିଣୀସହ ମିଶି ନାନାପ୍ରକାର ମିଶ୍ର ରାଗ ସୃଷ୍ଟି କରିଛନ୍ତି; ଯଥା :— ଇମନ କଲ୍ୟାଣ, ଢୁଲକ କାମୋଦ, ଧାନୀ-ପୁରିଆ, ଇମନ ବେଲାବଲୀ, ବସନ୍ତ ବାହାର, ଝିଁଝିଟ ଖାମ୍ବାଜ ଇତ୍ୟାଦି । ଆମ୍ଭମାନଙ୍କର ଓଡ଼ିଶା ପ୍ରଦେଶରେ ପ୍ରଚଳିତ ରାଗ ରାଗିଣୀରେ କେତେକ ପ୍ରକାର ବାଣୀ ଓ ବୃତ୍ତାଦି ଦେଖାଯାଏ । ଯଥା :— ଚକ୍ରକେଳୀ ବାଣୀ, ରସକୁଲ୍ୟା ବାଣୀ, ମୁକୁନ୍ଦରାଜ ବାଣୀ, ଅଷ୍ଟାଦଶଶୁକ୍ଳ ବାଣୀ, ସଙ୍ଗମ ଡଅର ବାଣୀ, ବାଳଚଉତିଶା ବାଣୀ, ଗୁଜ୍ଜ-ଲବଙ୍ଗଲତା ବାଣୀ, ଉଦ୍ଧବ ଚଉତିଶା ବାଣୀ, ରୁକ୍ମଣୀ-ଚଉତିଶା ବାଣୀ, କଳାକାଇଁଚ ବାଣୀ, ବମ୍ବାଧରୀ ଚଉତିଶା ବାଣୀ, ହର ଚଉତିଶା ବାଣୀ, ନଆଲିଗଭା ବାଣୀ, ଇତ୍ୟାଦି । ପୁଣି ପୋଇବୃତ୍ତ, କୃଷ୍ଣବଳବୃତ୍ତ, ରାମଦାସ କୋଇଲି ବୃତ୍ତ, ଶ୍ରୀ ଭାଗବତ ବୃତ୍ତ, ଉଦ୍ଧବ ଗୀତା ଦ୍ୱିଜୟ ଛାନ୍ଦ ବୃତ୍ତ ଇତ୍ୟାଦି । ଏ ସମସ୍ତ ତନାମଧେୟ ଗୀତମାନଙ୍କର ରାଗ ରାଗିଣୀର ସଙ୍କେତ ମାତ୍ର ।

ପ୍ରକୃତରେ ସମସ୍ତ ପ୍ରକାର ରାଗ ରାଗିଣୀ ଆଜି କାଲି ସମସ୍ତଙ୍କ ଜଣାନାହିଁ । ତହିଁ ମଧ୍ୟରୁ କେତେକ ସର୍ବତ୍ର ପ୍ରଚଳିତ ଅଛି । — ରାଗ ଜାତିରେ ତ୍ରିବିଧ :— ଯଥା ଶୁଦ୍ଧ, ଶାଲଙ୍କ ଓ ସଙ୍କୀର୍ଣ୍ଣ । ଯେଉଁ ରାଗ ସହିତ ଅନ୍ୟ ରାଗର ସମ୍ବନ୍ଧ ନ ଥାଏ ତାହାକୁ 'ଶୁଦ୍ଧ' ରାଗ କହନ୍ତି । ଯଥା :— ଆଦି ଛଅ ରାଗ । ଦୁଇଟି ରାଗ ମିଶିଲେ ଯେଉଁ ରାଗ ଉତ୍ପନ୍ନ ହୁଏ ତାହାର ନାମ 'ଶାଲଙ୍କ' । ଯଥା — ଗୁଜ୍ଜରୀ ଓ ଦେଶ ଯୋଗରେ ରାମକେଳୀ, ଶ୍ରୀରାଗ ଓ ନଟ ଯୋଗରେ ଗୌରୀ ଇତ୍ୟାଦି । ବହୁ ରାଗର ଏକତ୍ର ସଂଯୋଗରେ ଯେଉଁ ରାଗ ଉତ୍ପନ୍ନ ହୁଏ, ତାହାର ନାମ 'ସଂକୀର୍ଣ୍ଣ,' :— ଯଥା — ନଟ, କର୍ଣ୍ଣାଟ ଓ ବରାଡ଼ୀ ଯୋଗରେ କଲ୍ୟାଣ, ମଲ୍ଲାର, ଭୈରବୀ ଓ ତୋଡ଼ୀ ଯୋଗରେ ଆଶାବରୀ ଇତ୍ୟାଦି । ସାଧାରଣତଃ ସଂକୀର୍ଣ୍ଣ ରାଗ ଓ ରାଗିଣୀର ବ୍ୟବହାର ବିଶେଷ ପରିମାଣରେ ଦେଖାଯାଏ । ଉପର୍ଯ୍ୟୁକ୍ତ ତ୍ରିବିଧ ରାଗ ରାଗିଣୀ, ପୁଣି ତିନି ଶ୍ରେଣୀରେ ବିଭକ୍ତ, ଯଥା :— ଓଡ଼ବ, ଷାଡ଼ବ, ଓ ସମ୍ପୂର୍ଣ୍ଣ । ପଞ୍ଚସ୍ୱର ବିଶିଷ୍ଟ ରାଗ ଅର୍ଥାତ୍ ଯେଉଁ ରାଗ ବା ରାଗିଣୀରେ ପାଞ୍ଚୋଟି ମାତ୍ର ସ୍ୱର ବ୍ୟବହୃତ ହୁଏ, ତାହାର ନାମ 'ଓଡ଼ବ' । ଯେଉଁ ରାଗ ବା ରାଗିଣୀରେ ଛଅଟି ସ୍ୱର ବ୍ୟବହାର ହୁଏ, ତାହାର ନାମ 'ଷାଡ଼ବ' । ଏବଂ ଯେଉଁ ରାଗ ବା ରାଗିଣୀରେ ସପ୍ତସ୍ୱର ବ୍ୟବହୃତ ହୁଏ ତାହାକୁ 'ସଂପୂର୍ଣ୍ଣ' କହନ୍ତି ।

କୌଣସି ରାଗ ବା ରାଗିଣୀ ଆଲାପ କରିବା ସମୟରେ ପ୍ରଥମେ ଯେଉଁ ସ୍ୱର ବ୍ୟବହୃତ ହୁଏ, ତାହାକୁ 'ଗ୍ରହ' ବା 'ଗିର' ବୋଲନ୍ତି । ରାଗର ବିଶ୍ରାମକ ସ୍ୱର, ଅର୍ଥାତ୍ ଯେଉଁ ସ୍ୱରରେ ରାଗ ବା ରାଗିଣୀ ଶେଷ ହୁଏ ତାହାର ନାମ 'ନ୍ୟାସ' ବା 'ବିରାମ' । ରାଗ ବା ରାଗିଣୀରେ ଯେଉଁ ସ୍ୱର ଅଧିକ ପରିମାଣରେ ପ୍ରଯୁକ୍ତ ହୁଏ, ଅର୍ଥାତ୍ ପ୍ରଧାନ ହୋଇ ବ୍ୟବହୃତ ହୁଏ, ତାହାକୁ 'ବାଦୀ' ବା 'ଅଂଶ' କହନ୍ତି । ଏହାର ହିନ୍ଦି ନାମ 'ଜାନ୍' । ରାଗ ବା ରାଗିଣୀରେ ଯେଉଁ ସ୍ୱର ବାଦୀସ୍ୱରର ଅନୁଗତ ହୋଇ ବ୍ୟବହୃତ ହୁଏ, ତାହାର ନାମ 'ସମ୍ବାଦୀ' ଓ ଅନ୍ୟାନ୍ୟ ସ୍ୱରକୁ 'ଅନୁବାଦୀ' କହନ୍ତି । ରାଗ ରାଗିଣୀ ବିଶେଷରେ ଯେଉଁ ସ୍ୱରର

Digitized by srujanika@gmail.com

ସଂଯୋଗ କଲେ ରାଗ ଭ୍ରଷ୍ଟ ହୁଏ, ତାହାର ନାମ 'ବିବାଦୀ' ବା 'ବର୍ଜିତ' ସ୍ୱର ।

ଉପର କଥିତ ବାଦୀ, ସମ୍ବାଦୀ, ଅନୁବାଦୀ, ବିବାଦୀ ବା ବର୍ଜିତ ସ୍ୱର ଆଦି କେଉଁ ରାଗ ରାଗିଣୀରେ ମିଶ୍ର କଣ ସୃଷ୍ଟି କରିଛନ୍ତି, ପାଠକ, ପାଠିକାମାନଙ୍କ କୌତୁହଳ ଉଦ୍ଦୀପନାର୍ଥେ ନିମ୍ନରେ କେବଳ ଗୋଟିଏ ମାତ୍ର ସୂଚୀ ଦେଇ ଅନ୍ୟ ବିଷୟ ଚର୍ଚ୍ଚା କରିବି ।

| ରାଗ ରାଗିଣୀ | ବାଦୀ | ସମ୍ବାଦୀ | ବିକୃତ ସ୍ୱର ଓ ବର୍ଜିତ ସ୍ୱରମାନଙ୍କର ନାମ ଓ ଉକ୍ତ ରାଗ ରାଗିଣୀ, ଯେଉଁ ଯେଉଁ ରାଗ ରାଗିଣୀ ସଂଯୋଗରେ ଉତ୍ପନ୍ନ ସେମାନଙ୍କ ନାମ |
|---|---|---|---|
| ଅରୁଣ | ... | ... | ମଲ୍ଲାର-କନଡା-ଓ ନଟ ମିଶି |
| ଅଜୟପାଳ | ... | ... | ଝିଞ୍ଜିଟ, ବିହାଗ ଓ କେଦାର ମିଶି । |
| ଅଂଶୀ | ... | ... | ଧବଳଶ୍ରୀ, ଗୌଡ ଯୋଗରେ । |
| ଅଡନା | ରେ | ... | ଗ ଓ ନି କୋମଳ । ସୁଘରାଇ, କନଡା ଓ ସାରଙ୍ଗ ମିଶି |
| ଅଭୀରୀ ବା ଅହୀରୀ | ... | ... | ରେ ଓ ଧ କୋମଳ । |
| ଆଲେୟା | ମ | ... | |
| ଆଶାବରୀ | ଧ | ମ | ରେ, ଗ, ଧ ଓ ନି କୋମଳ । |
| ଆନନ୍ଦ ଭୈରବ | ... | ... | ଶଙ୍କରାଭରଣ ଓ ଭୈରବର ଯୋଗରେ । |
| ଇମନ୍ | ଗ | କଡ଼ିମଧ୍ୟମ | କଡ଼ିମଧ୍ୟମ, ଅଧୁନିକ ରାଗ ଯବନମାନଙ୍କର ସୃଷ୍ଟି । |
| ଇମନ୍ କଲ୍ୟାଣ | ଗ | ପ | ମଧ୍ୟମ ଓ କଡ଼ିମଧ୍ୟମ ଉଭୟ ବ୍ୟବହୃତ ହୁଏ । |

## ଭାଗ୍ୟର ଉପହାସ

ଶ୍ରୀ ଶଙ୍କାକର ସୂପକାର

( ୧ )

ସାମାନ୍ୟ କେତେ କୋଟି ନଗଦ ଟଙ୍କା, କେତେ ମହଣ ସୁନା ଓ ରୁପା, ଅଳ୍ପ କେତେ ଲକ୍ଷ ଟଙ୍କାର ଧନରତ୍ନ ଗହଣା, ସାମାନ୍ୟ କେତେ ଶହ ବର୍ଗ ମାଇଲ ପରିମିତ ଖଣ୍ଡିଏ ରାଜ୍ୟ, ଅନେକଗୁଡ଼ିଏ ହାତୀ ଓ ଘୋଡା, ଆଉ କ୍ରମରେ ଅଧଡଜନ ଖଣ୍ଡେ ପୁଅ ଝିଅ — ଏସବୁ କି ନିତାନ୍ତ ଲୋଭନୀୟ ବସ୍ତୁ ନୁହେଁ କି ? ଯେଉଁ ଲୋକ ଯଦି ଆପଣଙ୍କୁ ଏସବୁ ଜିନିଷ ମିଳିବାର ବନ୍ଦୋବସ୍ତ କରିଦିଏ, ତେବେ ଆପଣ ସେ ଲୋକ ପ୍ରତି କେତେକୁର କୃତଜ୍ଞ ହେବେ ? ଅବଶ୍ୟ ଆପଣଙ୍କର ଦେହରେ ମେଦ ଥିଲେ, ଓ ସ୍ୱାସ୍ଥ୍ୟ, ଆଦି ରୋଗ ନ ଥିଲେ ଏସବୁ ଜିନିଷ ଏତେ ଲୋଭନୀୟ ମନେ ହୋଇ ନ ପାରେ । ତେଣୁ ଏ ସମସ୍ତ ଜିନିଷ ମିଳିବା ସଙ୍ଗେ ସଙ୍ଗେ

Digitized by srujanika@gmail.com

ଆପଣଙ୍କର ଶରୀର ସୁସ୍ଥ ହୋଇ ଆୟୁ ଏକଶହ ଆଠ ବର୍ଷ ହୋଇ ଯିବାର ବ୍ୟବସ୍ଥା ଯଦି କେହି କରିଦିଏ ତେବେ ଏପରି ଉପକାରୀ ଲୋକଙ୍କୁ କେତେ ଟଙ୍କା ପଇସା ବା ଧନ ରତ୍ନ ଦେବା ଉଚିତ, ଟିକିଏ ଭାବନ୍ତୁ । ଆଉ ଭବିଷ୍ୟତରେ ଏ ସବୁ ଜିନିଷ ଯଦି ଆପଣଙ୍କୁ ଧୂଆଇ ଦିଆଯାଏ ତେବେ ଆପଣ ସେଥିପାଇଁ ଅଗ୍ରିମ ହିସାବରେ କୃତଜ୍ଞତାର ନିଦର୍ଶନ ସ୍ୱରୂପ ଅନେକ ଟଙ୍କା, ପଇସା, ଧାନ ଗୁଡ଼ଲ ଦେବା ଉଚିତ ନୁହେଁ କି ? କିନ୍ତୁ ଏ ସବୁ ମିଳିବାର ଉଚ୍ଚ ଆଶା ଦେବା ଲୋକଙ୍କୁ ଯଦି ଆପଣ କେବଳ ପଇସାଟିଏ ବା ଗୁଡ଼ଲ ମୁଠିଏ ଦିଅନ୍ତି, ତେବେ ତାହା ଉଚିତ ହେବ କି ?

ତେବେ ଆପଣ ହୁଏତ ପଚାରିବେ — ଏ କଳି-କାଳରେ ଦୁନିଆରେ ଏପରି ନିଃସ୍ୱାର୍ଥ ପରୋପକାରୀ ଲୋକ କିଏ ଅଛି ଯେ ଏତେଗୁଡ଼ିଏ ଦେବଲୋକର ଦୁର୍ଲଭ ପଦାର୍ଥ ନିଜେ ଆତ୍ମସାତ ନ କରି ଆପଣଙ୍କୁ ଦିଅନ୍ତେ ? ହଁ, ପରୋପକାରବ୍ରତୀ ଏପରି ଜଣେ ଲୋକଙ୍କୁ ମୁଁ ଜାଣେ । ସେ ହେଉଛନ୍ତି ଭଅରା ଗାଁର ଅର୍ଜୁନ ମିଶ୍ରେ । ମିଶ୍ରଙ୍କ ବୟସ ଷାଠିଏ ପାଖାପାଖି । ମୁଖମଣ୍ଡଳ-ରେ ନିଶ ଦାଢ଼ିର ପ୍ରାଚୁର୍ଯ୍ୟ ଯୋଗୁଁ ତାଙ୍କର ଗାମ୍ଭୀର୍ଯ୍ୟ ଅତୁଳ ବଢ଼ିଗଲା ପରି ଜଣାପଡ଼େ । କପାଳରେ, ଛାତିରେ ଓ ଉଭୟ ବାହୁରେ ଚନ୍ଦନର ଚିତା । ଗେରୁଆ କପଡ଼ା ପିନ୍ଧନ୍ତି । ବୟସ ଅଧିକ ହୋଇଥିଲେ ସୁଦ୍ଧା ଓ ବାଳ କିଛି କିଛି ପାଚି ଯାଇଥିଲେ ସୁଦ୍ଧା ତାଙ୍କର ଉଦ୍ୟମଶୀଳତାରେ ବା ଶାରୀରିକ ଶକ୍ତିରେ କୌଣସି ଉଲ୍ଲେଖ ଯୋଗ୍ୟ ହ୍ରାସ ଲକ୍ଷିତ ହୁଏ ନା ।

ପ୍ରତିଦିନ ସକାଳୁ ସମ୍ବଲପୁର ସହରର ଘରେ ଘରେ ସେ ଆଶୀର୍ବାଦ ଓ ଫୁଲ ପ୍ରସାଦ ବିତରଣ କରନ୍ତି । ସେ ଉଚ୍ଚସ୍ୱରରେ ଆଶୀର୍ବାଦ ଦିଅନ୍ତି —

"ଧନଂ ଧାନ୍ୟଂ ଧରାଂ ଧର୍ମଂ କୀର୍ତ୍ତିମାୟୁର୍ଯଶଃ ଶ୍ରିୟଃ
ତୁରଗାନ୍ ଦନ୍ତିନଃ ପୁତ୍ରାନ ମହାଲକ୍ଷ୍ମୀଃ ପ୍ରଯଚ୍ଛତୁ
ଅଷ୍ଟୋତ୍ତରି ଶତ ସମ୍ବତ୍ସର ଚିର ଜୀବିତାସ୍ତୁ
ମହାମାୟା ସୂ... ...ରଦା ...ଦିତୁ
ସର୍ବାରିଷ୍ଟ ଶାନ୍ତିର୍ଭବତୁ" ।

ଅର୍ଥାତ "ତୁମେ କୋଟିପତି ହୁଅ, ରାଜା ବା ଜମିଦାର ହୁଅ, ଧନ ଜନ ଗୋ-ଲକ୍ଷ୍ମୀରେ ତୁମେ ଘର ଭରି ଉଠୁ, ତୁମର ଆୟୁ ଶହେ ଆଠ ବର୍ଷ ହେଉ, ତୁମର ଅରିଷ୍ଟ ଦୂର ହେଉ, ଇତ୍ୟାଦି" । ତାଙ୍କର ଏ ନିଃସ୍ୱାର୍ଥ ଆଶୀର୍ବାଦରେ କେହି ଦିଏ ସାମାନ୍ୟ ପଇସା ଟିଏ, କିଏ ଦିଏ ଗୁଡ଼ଲ ମୁଠାଏ, କିଏ ବା ତାଙ୍କ ଆଶୀର୍ବାଦ କାନରେ ନ ପକାଇ ହାତରେ ଘଣ୍ଟି ଫେରାଇ ଦିଏ । ଏପରି ବି ଲୋକ ଅଛନ୍ତି ଯେଉଁମାନେ ଏ ସମସ୍ତ ଆଶୀର୍ବାଦ ସତ୍ତ୍ୱେ ମିଶ୍ରଙ୍କୁ ଗାଳିଦେବାକୁ ମଧ୍ୟ କୁଣ୍ଠିତ ହୁଅନ୍ତି ନାହିଁ । ଅଥଚ ଧରନ୍ତୁ, ଯଦି ମିଶ୍ରଙ୍କ ଆଶୀର୍ବାଦ ସତ ହୋଇ ଯାନ୍ତା, ଏତେ ଧନ, ରତ୍ନ, ରାଜ୍ୟ, କୀର୍ତ୍ତି, ପୁତ୍ର ସମ୍ପତ୍ତି ବଦଳରେ କଣ ? ନା-ଗାଳି ! କି ଘୋର କୃତଘ୍ନତା ! !

ମୁଁ କୃତଘ୍ନ ନୁହେଁ । ମୋ ପିଲା ଦିନରୁ ମୁଁ ଦେଖି ଆସିଛି ମିଶ୍ର ଅପଣେ ସପ୍ତାହରେ ଦୁଇ ତିନିଥର ଆମ ଘରକୁ ଆସି ଆଶୀର୍ବାଦ ଦେଇ ଯାନ୍ତି; ଆଉ ଘରୁ ଡାଲି ଗୁଡ଼ଲ, ପନିପରିବା, ପଇସାପତ୍ର, ଯେତେବେଳେ ଯାହା ଥାଏ ଯଥାଶକ୍ତି ତାଙ୍କୁ ଦିଆଯାଏ ।

ମୁଁ ଭାରି ଆଶାବାଦୀ । କିନ୍ତୁ ଦୁଃଖର ବିଷୟ, ଏତେବର୍ଷ ଧରି ମିଶ୍ରଙ୍କ ଆଶୀର୍ବାଦ ସତ୍ତ୍ୱେ ମୁଁ ଏ ପର୍ଯ୍ୟନ୍ତ ରାଜା, ଜମିଦାର ବା କୋଟିପତି କିଛି ହୋଇ ପାରି-ନାହିଁ । କୋଟିପତି ହେବା ତ ଦୂରର କଥା, ସାମାନ୍ୟ ଷାଠିଏ ଟଙ୍କା ବେତନରେ ସ୍କୁଲରେ ମାଷ୍ଟର ଚାକିରି କରେ । ଦରମାରୁ ଯାହାକିଛି ମାସିକ ସଞ୍ଚୟ ହୁଏ ତାହା ପୈତୃକ ଋଣ ପରିଶୋଧରେ ଖର୍ଚ୍ଚ ହୋଇଯାଏ । ମାସ ଶେଷକୁ ଗୃହ କପର୍ଦ୍ଦକ ଶୂନ୍ୟ ହୋଇଯାଏ । ଅବଶ୍ୟ ମହାଲକ୍ଷ୍ମୀ ମୋ ସବୁ ଦିନରୁ ବିମୁଖ, ଏହା କହିବା ଘୋର କୃତଘ୍ନତା ହେବ । ପୁତ୍ରରତ୍ନ ପ୍ରଦାନରେ ମହା-ଲକ୍ଷ୍ମୀ ଏକେବାରେ ମୁକ୍ତହସ୍ତ । ବିବାହିତ ଜୀବନର ଏହି ଦ୍ୱାଦଶ ବର୍ଷ ମଧ୍ୟରେ ଶ୍ରୀମତୀ ଗୃହିଣୀ ମହାଶୟା ମୋତେ ଆଠଗୋଟି ପୁତ୍ରରତ୍ନ ଉପହାର ଦେଇ ସାରି-ଲେଣି । ଏହି ହିସାବରେ ବୁଝିଲେ ଆଉ ପନ୍ଦର

Digitized by srujanika@gmail.com

ଚୋଦ୍ଦଏ ବର୍ଷ ମଧ୍ୟରେ ମୁଁ ଜଣେ ପୁତ୍ର-ରତ୍ନାକର ହୋଇ ପାରିବି ବୋଲି ଆଶା କରେଁ । ମୁଁ ପୁରାଣ ଓ ଇତିହାସ ଗ୍ରନ୍ଥମାନ ଅଧ୍ୟୟନ କରି ବୁଝି ସାରିଲଣି ଯେ କେବଳ ସଗର ଓ ଧୃତରାଷ୍ଟ୍ରଙ୍କୁ ଛାଡ଼ିଦେଲେ ମହାଲକ୍ଷ୍ମୀ ବା ଷଷ୍ଠୀଦେବୀଙ୍କ ପ୍ରସାଦରୁ ପୁତ୍ରରତ୍ନର ଆଧିକ୍ୟରେ ମୋର ସମକକ୍ଷ ଆଜି ପର୍ଯ୍ୟନ୍ତ ଚୋଦ୍ଦଏ ବର୍ଷ ମଧ୍ୟରେ କେହି ରହିବେ ନାହିଁ ।

ମୁଁ ଏ ବିଷୟରେ ଅନେକ ସମୟରେ ଖୁବ ଗଭୀର ଭାବରେ ଚିନ୍ତା କରିଛି ଓ ଏହି ସିଦ୍ଧାନ୍ତରେ ଉପନୀତ ହୋଇଛି ଯେ, ମିଶ୍ରଙ୍କର ଆଶୀର୍ବାଦର ସବୁଠାରୁ ବେଶୀ ସୁଫଳ ଯାହା ହୋଇପାରେ, ତାହା ମୁଁ ପାଇଛି । ଅବଶ୍ୟ ଦିନ ଥିଲା, ଯେତେବେଳେ ହାତୀ ଯାହା ମୁଣ୍ଡରେ ସୁନା କଳଶ ଢାଳୁଥିଲା, ସେ ଆଜି ଫକୀର ହୋଇଗଲେ ସୁଦ୍ଧା ଆସନ୍ତା କାଲି ଦେବତା ବ୍ରାହ୍ମଣଙ୍କର ଆଶୀର୍ବାଦରୁ ସିଂହାସନରେ ବସିବାର ସମ୍ଭାବନା ଥିଲା । କିନ୍ତୁ ଏ ବିଂଶ ଶତାବ୍ଦୀରେ ରାଜ୍ୟଲାଭ ସମସ୍ୟା ଅତି ଗୁରୁତର ହୋଇ ପଡ଼ିଛି । କଲମ୍ବସ୍ ଆମେରିକା ଆବିଷ୍କାର କରିବାର ସାମାନ୍ୟ କେତେକ ଶତାବ୍ଦୀ ମଧ୍ୟରେ ଜଳ, ସ୍ଥଳ, ଆକାଶ ଓ ଭୂଗର୍ଭରେ ଯାହା କିଛି ଅନଧିକୃତ ରାଜ୍ୟ ଥିଲା ସବୁ ଅଧିକୃତ ହୋଇ ସାରିଲଣି । ଏପରିକି, ଆଜି ସୂଚ୍ୟଗ୍ର ପରିମାଣ ମେଦିନୀ ସୁଦ୍ଧା କାହାର ଆଶୀର୍ବାଦରୁ ମିଳିବା ଅସମ୍ଭବ । ଧନ, ଧାନ୍ୟ କଥା ଧର ଯାଉ । ପୃଥିବୀ ଯେପରି ତା'ର କକ୍ଷାବୃତ୍ତରୁ ବାହାରିବା ବୈଜ୍ଞାନିକମାନଙ୍କ ମତରେ ଅସମ୍ଭବ, ସେହିପରି ମୋ ପକେଟରେ ପାଞ୍ଚଏ ଟଙ୍କାରୁ ଅଧିକ ରହିବା ଅସମ୍ଭବ । ବାହାରିଆ ବ୍ୟସନ୍ ମିଳୁ ନାହିଁ । ଥାଳି ରହିଲେ ହାତୀ, ଘୋଡ଼ା । ଶ୍ରୀମତୀ ଓ ଆଠ ଆଠଟି ପୁଅଙ୍କର ଭାତ ସମ୍ଭାଳିବା ତ ମୁସ୍କିଲ । ତା' ଉପରେ ଯଦି ମହାଲକ୍ଷ୍ମୀ ଅତି ପ୍ରସନ୍ନ ହୋଇ ସାମାନ୍ୟ କେତୋଟି ହାତୀ ଓ ଘୋଡ଼ା ଏ ଦୀନ କୁଟୀରକୁ ପଠାଇ ଦିଅନ୍ତି, ତେବେ ଅବସ୍ଥା ନିତାନ୍ତ ସାଙ୍ଘାତିକ ହେବାର ସମ୍ଭାବନା ।

ଏପରି ଅବସ୍ଥାରେ ସୁଲଭ୍ୟ ପୁତ୍ରରତ୍ନମାନଙ୍କ ଦ୍ୱାରା ମୋର ଦରିଦ୍ର କୁଟୀର ମଣ୍ଡିତ ହେବା ବିଶେଷ ସୌଭାଗ୍ୟର ପରିଚୟ । ଟିକିଏ ଦୂରଦର୍ଶିତାର ସହିତ କଥାଟା ବିଚାର କରାଯାଉ । ପରଲୋକରେ ପୁତ୍ର ନାମକ ନରକର ଭୟ ନାହିଁ । ଇହଲୋକରେ ସୁଦ୍ଧା ପୁତ୍ର ବାହୁଲ୍ୟ ମୋର ଯଶ ଓ କୀର୍ତ୍ତିର ସୌରଭକୁ ଚାରିଆଡ଼େ ବିସ୍ତାର କରିବ । ଧରନ୍ତୁ ମୋର ବୃଦ୍ଧାବସ୍ଥାରେ ପଚିଶ ତିରିଶଟି ପୁତ୍ର ସନ୍ତାନ ହୋଇଛନ୍ତି ଓ ମୁଁ ପୃଥିବୀରେ ସବୁଠାରୁ ଅଧିକ ପୁତ୍ରବିଶିଷ୍ଟ ଲୋକ ବୋଲି ଜଣା ପଡ଼ିଛି । ତେବେ ଆମେରିକା ଓ ଇଉରୋପର ପ୍ରତ୍ୟେକ ପ୍ରସିଦ୍ଧ ପତ୍ର ପତ୍ରିକାରେ ମୋର ଫଟୋ ଓ ସଂକ୍ଷିପ୍ତ ଜୀବନ-ବୃତ୍ତାନ୍ତ ବାହାରିବ । ସବୁ ଦେଶର ପ୍ରେସ୍ ପ୍ରତିନିଧି-ମାନେ ଦୁନିଆର ପ୍ରତ୍ୟେକ ସାମାଜିକ, ନୈତିକ, ରାଜ-ନୈତିକ ସମସ୍ୟାରେ ମୋର ବିବୃତି ଚାହିଁବେ । "କୀର୍ତ୍ତିର୍ଯସ୍ୟ ସ ଜୀବତି" । ତା ପରେ, ମୋ ପୁଅମାନଙ୍କ ମଧ୍ୟରୁ ଯଦି କେହି କେହି ବିଦ୍ୟାଦିଗ୍ଗଜ ବା ପ୍ରସିଦ୍ଧ ନେତା ହୋଇ ବାହାରନ୍ତି ତେବେ ସେମାନଙ୍କର ନାମ ସଙ୍ଗେ ସଙ୍ଗେ ଅମୁକର ପୁଅ ବୋଲି ମୋର ନାମ ମଧ୍ୟ ଚାରିଆଡ଼େ ବିଖ୍ୟାତ ହେବା ସମ୍ଭବ । ଅତଏବ ପୁତ୍ର-ବାହୁଲ୍ୟ — ଇହଲୋକ ଓ ପରଲୋକ — ଉଭୟ ଲୋକ ପାଇଁ ହିତକାରକ ଓ ମୋର ଧନଧାନ୍ୟ ଅଭାବ ସତ୍ତ୍ୱେ ମିଶ୍ରଙ୍କର ଆଶୀର୍ବାଦରୁ ସବୁଠାରୁ ବେଶୀ ସୁଫଳ ମୁଁ ପାଇଛି ବୋଲି ମୋର ଧାରଣା ।

ମୁଁ ଦିନେ ସନ୍ଧ୍ୟାରେ ମୋର ବାହାରିଆ ପଢ଼ାଘରେ ବସି ଭବିଷ୍ୟତର ଏହିପରି ମଧୁମୟ ସ୍ୱପ୍ନ ଦେଖୁଛି; ଏପରି ସମୟରେ ମୋର ବାଲ୍ୟବନ୍ଧୁ ସମ୍ବଲପୁର କଲେଜର ଅର୍ଥନୀତି ଅଧ୍ୟାପକ ରାମବାବୁ ଆସି ମୋର ସ୍ୱପ୍ନ ଭାଙ୍ଗିଦେଲେ । କହିଲେ "ଶୁଣିଲଣି ? କାଲି ରାତିରେ ରେଡ଼ିଓରେ ଖବର ଆସିଛି କଲିକତାରେ ପୁଣି ମାଡ଼ପିଟ ଆରମ୍ଭ ହୋଇଛି" ।

ମୁଁ କହିଲି, "ସତେ" ।

ରାମବାବୁ ମୋର ଘନିଷ୍ଠ ବନ୍ଧୁ । ତାଙ୍କ ସଙ୍ଗରେ ଦୁନିଆର ସବୁ ବିଷୟରେ ମୋର ଆଲୋଚନା ହୁଏ ।

Digitized by srujanika@gmail.com

ଆଜି ହିନ୍ଦୁ ମୁସଲମାନ ସମସ୍ୟା, ଅକର୍ମା ସମସ୍ୟା ଇତ୍ୟାଦି କଥା ଆଲୋଚନା ହେଉ ହେଉ ସନ୍ତାନ ବାହୁଲ୍ୟ ସମସ୍ୟା ଆସି ପହଞ୍ଚିଲା । ମୋର ଆଠଟା ପୁଅ ଥିବାରୁ ରାମବାବୁ ମୋତେ ଅନେକ ଥର ଥଟ୍ଟା କରନ୍ତି । ସେ ପଚାରିଲେ

"ତୁମର ନବମ ସଂସ୍କରଣ କେବେ ବାହାରୁଛି" ?

ମୁଁ କହିଲି "ଆଉ ବେଶୀ ଡେରି ନାହିଁ" ।

ସେ କହିଲେ "ବାଃ, କିନ୍ତୁ ଗୋବିନ୍ଦ ବାବୁ, ତୁମେ ଏତେ କମ୍ ଦରମାରେ ଏ ଡଗୁଡ଼ିଏ ପିଲାଙ୍କର ଭରଣ ପୋଷଣ, ଉପଯୁକ୍ତ ଶିକ୍ଷାର ବ୍ୟବସ୍ଥା କିପରି କରିବ ମୁଁ ବୁଝି ପାରେ ନା । ଖାଲି ପିଲାଙ୍କୁ ଜନ୍ମ କରିଦେଲେ ତ ହେବ ନାହିଁ" ।

ମୁଁ କହିଲି "ଜାୟତଃ କେନ ବାଧତେ"

ରାମବାବୁ ଏଥିର ଉତ୍ତରରେ ଜନ୍ମନିରୋଧ ବିଷୟରେ ଏକ ଦୀର୍ଘ ବକ୍ତୃତା ଦେଇ ସାବ୍ୟସ୍ତ କଲେ ଯେ ସନ୍ତାନ ବାହୁଲ୍ୟ ଓ ଦରିଦ୍ରତା ମଧ୍ୟରେ ସମ୍ପର୍କ ଅତି ଘନିଷ୍ଠ । ଭବିଷ୍ୟତରେ ପୁତ୍ର ବାହୁଲ୍ୟର ରେକର୍ଡ ଭଙ୍ଗ କରିବାଠାରୁ ଅଳ୍ପ ସନ୍ତାନ ଆଇ ସୁଖର ଜୀବନ କଟାଇବା ଶତ ଗୁଣରେ ଶ୍ରେୟସ୍କର ବୋଲି ମୁଁ ବୁଝି ପାରିଲି ।

ଠିକ ତା ପରଦିନ ମିଶ୍ରେ ଆପଣେ ଆମ ଘରକୁ ଆସି ତାଙ୍କର ଲମ୍ବା ଚଉଡ଼ା ଆଶୀର୍ବାଦ ଗାଇ ଦକ୍ଷିଣା ପାଇଁ ଡାକ ବସିଲେ । ଏହାଙ୍କର ଆଶୀର୍ବାଦ ମୋର କେତେଦୂର ଅନିଷ୍ଟ କରିଛି, ତାହା ମୁଁ ରାମବାବୁଙ୍କର ବକ୍ତୃତାରୁ ବୁଝି ପାରୁଥାଏ । ତେଣୁ ମିଶ୍ର ଆପଣଙ୍କୁ କହିଲି "ମିଶ୍ରେ ଆପଣେ, ଆପଣ ତ ଏତେ ହାତୀ ଘୋଡ଼ା ମିଳୁ ବୋଲି ଆଶୀର୍ବାଦ କରୁଛନ୍ତି, କାହିଁ, କାହାନ୍ତି ତ ଟଙ୍କା ପଇସା ବଢ଼ନାହିଁ । ଅଥଚ ଏ ଆଡେ ବଂଶବୃଦ୍ଧି ଚାଲିଛି" ।

ମିଶ୍ରେ ବୋଧହୁଏ ଭାବିଲେ ଯେ ମୁଁ ଏକଥାଟା ଥଟ୍ଟାରୁ କହୁଛି । ତେଣୁ ସେ ଟିକିଏ ଥଟ୍ଟା କଲା ଭଳିଆ କହିଲେ, "ବାବୁ ଏ ହେଲା କଳିକାଳ । ପଇସା ଜାଣି ଫଳ ହୁଏ ସବୁ କାମରେ । ତୁମେ ଦୁଇଅଣା ପଇସାରେ ସମ୍ବଲପୁରରୁ ଶାସନ ଷ୍ଟେଶନ ପର୍ଯ୍ୟନ୍ତ ସିନା ଯାଇ ପାରିବ, କଲିକତା କି ଦିଲ୍ଲୀ ତ ଯାଇ ପାରିବ ନାହିଁ । ଆମେ ବ୍ରାହ୍ମଣ, ଆମକୁ ଯେ ଯେତିକି ସନ୍ତୁଷ୍ଟ କରି ପାରିଲା ସେ ସେତିକି ଆଶୀର୍ବାଦର ଫଳ ପାଇବ । ଯେ ଗୁଡ଼ଲ ଗଣ୍ଡେ, କି ଅଧସାଠିଏ ଦେବ ସେ କିପରି ରାଜ୍ୟ ଧନ, ଜନ, ଗୋଲକ୍ଷ୍ମୀ ପାଇଯିବ ?" ।

କାଲିର କଥା ମନେଥାଏ ମୁଁ କହିଲି, "ଆଜି ଏ ଯେଉଁ ପିଲାପିଲି ବଢ଼ି ଚାଲିଛନ୍ତି, ଏଟା ଆଶୀର୍ବାଦ ନା ଆଉ କିଛି ......" ।

ସେ ଟିକିଏ ରାଗିଯାଇ କହିଲେ, "ବାବୁ, ଆଜି କାଲିର ପାଠ ପଢ଼ୁଆଙ୍କୁ ସବୁ ଭଲ ଜିନିଷ ଖରାପ ଲାଗୁଛି । ପୁଅ ହେଲେ ଭଲ ସିନା" ।

"କିନ୍ତୁ ସେମାନଙ୍କୁ ପୋଷିବା କଥା" ।

"ଯେ ଜନ୍ମ ଦେଇଛନ୍ତି, ସେ ତା ସାଙ୍ଗରେ କର୍ମ ବି ଦେଇଛନ୍ତି । ସେ ସବୁ ଚଳାଉଛନ୍ତି ଓ ଚଳାଇବେ ।"

ମୁଁ ଏଥର ଉତ୍ତରରେ ଗୋଟିଏ ଦୀର୍ଘ ବକ୍ତୃତା ଆରମ୍ଭ କରିଥାନ୍ତି, କିନ୍ତୁ ଶ୍ରୀମତୀଙ୍କର ବିଷାକ୍ତ କଟାକ୍ଷ ହଠାତ୍ ଦେଖି ପାରି ଭବିଷ୍ୟତ ଗାର୍ହସ୍ଥ୍ୟ ଶାନ୍ତି ପାଇଁ ନୀରବତା ହିଁ ଶ୍ରେୟସ୍କର ଭାବି ଆଉ ବେଶୀ କିଛି କହିଲି ନାହିଁ ।

(୨)

ମିଶ୍ରଙ୍କର ପୁଞ୍ଜୀଭୂତ ଆଶୀର୍ବାଦ ମୋତେ ଅଗାଧ ଧନ ଅରେ ଦେଇଥିଲା, କିନ୍ତୁ ନିଷ୍ଠୁର ଭାଗ୍ୟ ମୋର ହାତ ମୁଠାରୁ ଛଡ଼ାଇ ନେଲା ।

ସେ ଦିନ ଥାଏ ରବିବାର । ମୋର ବନ୍ଧୁ କୁଞ୍ଜବାବୁ ସେ ଦିନ ସକାଳେ ଆସି କହିଲେ 'ଆଜି ଗୋବିନ୍ଦବାବୁ,

Digitized by srujanika@gmail.com

ତୁମେ ଲଟେରୀ ଟିକେଟ୍ ଖଣ୍ଡେ କିଣ’’ ।

ମୁଁ ପଚାରିଲି ‘କି ଟିକେଟ୍’ ? ।

କୁଞ୍ଜ ବାବୁ କହିଲେ, ‘କଲିକତାରେ ଘୋଡ଼ଦୌଡ଼ ସମୟରେ ଲଟେରୀ ହୁଏ । ସେଠାକାର ରେଞ୍ଜର୍ସ କମ୍ପାନୀ ବାର୍ଷିକ ଯୌଥ ଅନୁଷ୍ଠାନ । ତୁମେ ଦୁଇଟଙ୍କା ଦେଲେ ତୁମ ପାଇଁ ଖଣ୍ଡେ ଟିକେଟ୍ ମିଳିବ । ସେହି ଟିକେଟ୍ ସେଠାରେ ଅନ୍ୟାନ୍ୟ ଲକ୍ଷ ଲକ୍ଷ ଟିକେଟ୍ ସଙ୍ଗେ ଲଟେରୀ ବା ଗୋଳିରେ ବଛାଯିବ । ତୁମ ନାଁରେ ପ୍ରଥମ ପୁରସ୍କାର ବାହାରିଲେ ଖୁବ୍ କମ୍‌ରେ ଚାଳିଶ ହଜାର ଟଙ୍କା ଲାଭ । ଦ୍ୱିତୀୟ ଓ ତୃତୀୟ ପୁରସ୍କାର ମଧ୍ୟ ଦଶହଜାରରୁ କମ୍ ନୁହେଁ । ଆଉ ଅନ୍ୟାନ୍ୟ ଛୋଟ ଛୋଟ ପୁରସ୍କାର ମଧ୍ୟ ଅନେକ ଅଛି । ଏପରି ଭାବରେ ସବୁଦିନ ‘ଧୀ ଅଳି, ଧୀ ଅଳି’ ହୋଇ ‘ମରିବା’ଠାରୁ ଥରେ ଅଧେ ଭାଗ୍ୟ ପରୀକ୍ଷା କରି ଦେଖ । ଏଇ ଗଲାଥର ବାଲେଶ୍ୱରର ଜଣେ କିରାଣି ପ୍ରଥମ ପୁରସ୍କାର ଚାଳିଶ୍ ହଜାର ଟଙ୍କା ପାଇଛି । ଭାବି ଦେଖ, ଜଣେ କିରାଣି ବା ସ୍କୁଲ ମାଷ୍ଟର ପକ୍ଷରେ ଚାଳିଶ ହଜାର ଟଙ୍କା ରାଜ୍ୟ ଲାଭଠୁ ଊଣା ନୁହେ’ ।

ମୁଁ କହିଲି ‘କିନ୍ତୁ ନ ମିଳିଲେ ଅଯଥା ଅପବ୍ୟୟ’ ।

କୁଞ୍ଜ ବାବୁ କହିଲେ, ‘ଦୁଇଟା ଟଙ୍କାର କଥା ତ । କେତେ କେତେ ଟଙ୍କା ପାନ ଖାଇବାରେ, ସିନେମା ଦେଖିବାରେ ନଇ ହୋଇ ଯାଉଛି, ଆଉ ଏଥିପାଇଁ ଟଙ୍କା ଦିଇଟା ହୋଇ ପାରିବେ ନାହିଁ ?

ମୁଁ କହିଲି, ‘ହଉ, ତୁମର କହିବା ଅନୁସାରେ ଥରେ ଭାଗ୍ୟ ପରୀକ୍ଷା କରି ଦେଖିବା । କିନ୍ତୁ ଭାଇ, ମୋର ବିଶ୍ୱାସ, ଭାଗ୍ୟ କେବଳ ତେଲିଆ ମୁଣ୍ଡରେ ତେଲ ଢାଳେ । ଗରିବକୁ ଭାଗ୍ୟ ସବୁବେଳେ ବିମୁଖ’ ।

ଦେଇ ଟଙ୍କା । ଦୁଇଟା ଟଙ୍କା ଦେଲି ଓ ତାଙ୍କର ଫାରମରେ ଦସ୍ତଖତ ଦେଲି । ଖଣ୍ଡେ କାଗଜରେ ନିଜର ସ୍ୱାକ୍ଷର, ଠିକଣା, ଓ ଛଦ୍ମ ନାମ ଦେବାକୁ ହୁଏ ।

ମୁଁ ମୋର ଛଦ୍ମ ନାମ ଦେଲି ‘ସୌଭାଗ୍ୟ’ ।

ଯଥା ସମୟରେ ଟିକେଟ୍ ଆସିଲା । କୁଞ୍ଜବାବୁ ଅସ ବୁଝାଇଦେଲେ ସେପ୍ଟେମ୍ବର ୧୮ ତାରିଖ ଶନିବାର ଲଟେରୀ ଫଳାଫଳ ଜଣାପଡ଼ିବ ଓ ପୁରସ୍କାର ମିଳିଥିଲେ ରବିବାର୍ ବା ସୋମବାର ଦିନ ତାର ଯୋଗେ ଖବର ଆସିଯାରେ । ପୁରସ୍କାର ମିଳିଥିବା ଖବର ଆସିଲେ ଟିକେଟ୍ ଖଣ୍ଡିକ ପଠାଇ ଦେବାକୁ ହୁଏ ଆଉ ସେମାନେ ଟିକେଟ ପାଇଲାରୁ ଟଙ୍କା ପଠାଇ ଦିଅନ୍ତି ।

ଟିକେଟ୍ ଆସିଲା ସେପ୍ଟେମ୍ବର ୧୧ ତାରିଖର ତିନି ଚାରିଦିନ ପୂର୍ବରୁ । ମନଟା ବହୁତ ଉତ୍ତେଜିତ ହେଲା ପରି ଜଣା ପଡ଼ୁଥାଏ । ଯଦି ମିଳିଯାଏ ଅନ୍ତତଃ ଚାଳିଶଟି ‘ହଜାର ଟଙ୍କା’— ଯଦି ଭାଗ୍ୟଲକ୍ଷ୍ମୀ ପ୍ରସନ୍ନ ହୁଅନ୍ତି । ରାତିରେ ଭଲ ନିଦ ହୁଏନାହିଁ, ଭବିଷ୍ୟତ କଥା ଭାବ ଭାବ । ନିଜର ବର୍ତ୍ତମାନର ଅଭାବ ଅସୁବିଧାରୁ, ସ୍ତ୍ରୀ ଓ ପୁତ୍ରମାନଙ୍କର ଜୀବନ ନାନା ରକମର ଜଞ୍ଜାଳରୁ ‘ଦୁଶ୍ଚିନ୍ତାରୁ ସବୁଦିନ ପାଇଁ ରକ୍ଷା ମିଳିଯିବ । ଟଙ୍କାଟା ଯଦି ମିଳେ, କଣ କରିବି ? କୌଣସି ବେଙ୍କରେ ରଖିବା ଭଲହେବ, ନା ମାଷ୍ଟରି କାମ ଛାଡ଼ିଦେଇ କୌଣସି ବ୍ୟବସାୟରେ ଲାଗିଗଲେ ଭଲହେବ ? ବ୍ୟବସାୟର ଅବଶ୍ୟ ‘ବ’ ଅକ୍ଷର ମୁଁ ଜାଣି ନାହିଁ, କିନ୍ତୁ ବ୍ୟବସାୟରେ ମନ ପ୍ରାଣ ଦେଇ ଲାଗିଗଲେ କଣ ଲାଭ ହେବ ନାହିଁ ? ଲକ୍ଷ୍ମୀ ଯଦି ଥରେ କୃପା ଦୃଷ୍ଟି ମୋ ଆଡ଼କୁ ଫେରାନ୍ତି, କଣ ସେ ସୁଦୃଷ୍ଟି ଚିରସ୍ଥାୟୀ ହେବ ନାହିଁ ? ରାତିରେ ଶୋଇଲା ବେଳେ ଏମିତି କେତେ ପ୍ରଶ୍ନ ମୁଁ ନିଜକୁ ପଚାରେ, କିନ୍ତୁ କୌଣସି ପ୍ରଶ୍ନର ଉପଯୁକ୍ତ ଉତ୍ତର ଖୋଜି ପାଏ ନା ।

ଏମିତି ଶେଷକୁ ଆସିଲା ସେପ୍ଟେମ୍ବର ୧୮ ତାରିଖ । ସେ ଦିନ ଉତ୍ତେଜନାରେ ଆଖିଟା ଖୁବ୍ ଭୋରରୁ ଖୋଲିଗଲା । ଶନିବାର ସକାଳ ସ୍କୁଲ ପଢ଼ା କାମ ସାରି ଖାଇ ପିଇ ବିଶ୍ରାମ ନେଉଛି, ଏପରି ସମୟରେ ଶ୍ରୀମତୀ ତାଙ୍କର ଖିଆ ପିଆ କାମ ସାରି ଆସି କହିଲେ, ‘ଗୋବିନ୍ଦର ପାଉଣା ଦୁଇଟଙ୍କା ହୋଇ ଗଲାଣି, ସେ କହୁଛି ଟଙ୍କା ନ ଦେଲେ ସେ ଆଉ କପଡ଼ା

Digitized by srujanika@gmail.com

ସଫା କରିବାକୁ ନେବନାହିଁ’ ।

ମୁଁ କହିଲି, ‘ରହ, କିଛିଦିନ ଅପେକ୍ଷା କରିବାକୁ ହେବ । ତିନି ଚାରି ଦିନ ପରେ ଦେଇଦେବା’ ।

ଶ୍ରୀମତୀ ‘ଧରମାତ ଅନେକ ଦିନରୁ ମିଳିଲାଣି । ଟଙ୍କା ନ ଦେଇ ଏମିତି ଦିନ ଗଡେଇ ଚାଲିଲେ ପଛେ ଦରମା ଟଙ୍କା କ ସରିଗଲେ ଆଉ କଣ କରିବ? ଏମାସ ବଚ୍ଛିନ (ଜ୍ୟେଷ୍ଠ ପୁତ୍ର) ପାଇଁ ଟେଡ଼ି ଦୁଇଖଣ୍ଡ ଆଉ ବିନୋଦ (ଦ୍ୱିତୀୟ ପୁତ୍ର) ପାଇଁ କାମିଜ ଅନ୍ତେ ଦୁଇଖଣ୍ଡ ନ ହେଲେ ଚଳିବ ନାହିଁ ସେମାନଙ୍କର ଧୋତି କାମିଜ ଚିରି ଗଲାଣି’ ।

ମୁଁ ଦେଖିଲି ଏମିତି ଧାର୍ମିକ ସ୍ତ୍ରୀ ମୁନି — ଅର୍ଥାତ୍ ସବୁ କଥାରେ କାଳକୁ ଦେଖିବା ବୋଲି କହିବା— ଗୃହିଣୀଙ୍କଠାରେ ପ୍ରଯୋଜ୍ୟ ନୁହେଁ, ବରଂ ଅଧିକ ମାରାତ୍ମକ । ଶ୍ରୀମତୀ ଆଉ ବ୍ୟୟର ତାଲିକା ବଢ଼ାଇ ମୋ ମନରେ ଯେପରି ବିଭୀଷିକା ସୃଷ୍ଟି ନ କରନ୍ତି, ସେଥିପାଇଁ କଥାର ସୂତ୍ର ପରିବର୍ତ୍ତନ କରିବା ଉଦ୍ଦେଶ୍ୟରେ ଶ୍ରୀମତୀଙ୍କୁ କହିଲି, “ଆଜି ଡାହାଣ ଆଖିଟା ଖୁବ୍ ଡେଇଁଛି, ନିଶ୍ଚୟ କିଛି ଶୁଭ ଅଛି” ।

ଶ୍ରୀମତୀ କହିଲେ, “ତୁମର ପୁଣି ଶୁଭ ! ତୁମର ଶୁଭ ଦିନ କେବଳ ପହିଲା ବା ତିନି ତାରିଖ ଯେଉଁ ଦିନ ମେ ଦରମା ପାଅ । ଆଉ ସବୁଦିନ ତ ଖାଲି ଖର୍ଚ୍ଚ ଆଉ ଖର୍ଚ୍ଚ” ।

ମୁଁ କହିଲି “ଓଃ, ତୁମକୁ କହି ନାହିଁ ପରା । ଦେଖ ମୁଁ ଏଥର ଖଣ୍ଡେ ଲଟେରୀ ଟିକେଟ୍ କିଣିଛି । ଆଜି ସେଥିର ଫଳ ଜଣା ପଡ଼ିବ । ସେଥିପାଇଁ ବୋଧହୁଏ ଆଖି ଏତେ ଡେଉଁଛି” ।

ଶ୍ରୀମତୀ କହିଲେ, “ଲଟେରୀ ଟିକେଟ ? ! ସେଟା କେଉଁ ଗଛ ଯେ, ତାର ଫଳ କଣ ମିଠା ? ଆଉ ତୁମ ପାଖକୁ ତାର ଫଳ କିପରି ଆସିବ ?”

ମୁଁ କହିଲି “ଓଃ, ଲଟେରୀ ବୁଝିଲ ନାହିଁ । ତେବେ ଶୁଣ” । ବୋଲି କୁଞ୍ଜବାବୁ ମୋତେ ଯାହା ଯାହା କହିଥିଲେ ତାହାର ପୁନରାବୃତ୍ତି କଲି ।

ଶ୍ରୀମତୀ କହିଲେ, “ତୁମେ ବୋକା ବୋଲି ତୁମକୁ ସମସ୍ତେ ଠକନ୍ତି । ସେଇ ଠକାମିରେ ପଡ଼ି ଏ ଭାଗ୍ୟର ସ୍ୱପ୍ନ ଦେଖୁଛ” ।

ମୁଁ କହିଲି “ତୁମେ ମୋତେ ଅବଜ୍ଞା କରୁଛ ! ଏଇ ଯେ ତିନି ଚାରିଦିନ ହେଲା, ତାହାର ଟିକେଟ ଆସି ଗଲାଣି । ଯଦି ଭାଗ୍ୟରେ ଥାଏ ତେବେ ଆମେ ଖୁବ୍ ସୁଖୀ ହେବା । ମିଶ୍ରେ ଆପଣେ ଯେତେ ଯେତେ ଆଶୀର୍ବାଦ ଦିଅନ୍ତି ସବୁ ଫଳିବ । ଧନଜନ, ଗୋଲକ୍ଷ୍ମୀରେ ଘର ଭରିଯିବ । ଆଉ ପେଟ ପାଇଁ ଚାକିରୀ କରି ଦିନ ସାରା ଖଟିବାକୁ ହେବ ନାହିଁ । ତୁମକୁ ମଧ୍ୟ ନିଜ ହାତରେ ରନ୍ଧା ବଢ଼ା ଘର କାମ କରିବାକୁ ପଡ଼ିବ ନାହିଁ । ବାବୁ-ଅଣୀମାନଙ୍କ ପରି କେବଳ ବସି ଖାଇବା ଓ ଚାକର ଚାକ-ରାଣୀଙ୍କୁ ହୁକୁମ ଦେବା ତୁମର କାମ ହେବ” ।

ଶ୍ରୀମତୀ କହିଲେ, “ଏପରି ଖଟି ଖଟି ତ ଏତେ ଦିନ ଗଲା । ସକାଳୁ ଆରମ୍ଭ ଯାଏ ନାକ ଫୋଡ଼ିବାକୁ ଫୁରୁସତ ନାହିଁ । ଆଉ ତା ପରେ, ଧୋବାର ପାଉଣା, ଚାକରାଣୀର ପାଉଣା, ପିଲାମାନଙ୍କ ଦାବୀ — ସବୁ ମୋ ମୁଣ୍ଡରେ ପଡ଼ୁଛି । ତୁମକୁ କହିଲେ କାଲି ପରଦିନ ବୋଲି ସମୟ ଗଡ଼ାଇ ଚାଲିଛ । ହଉ, ତୁମର ଭାଗ୍ୟରୁ ଯଦି ବାବୁଆଣୀ ସାଜିବାକୁ ପଡ଼େ, ତେବେ ତାହା ମଧ୍ୟ ଭୋଗ କରିବା” ।

ଏମିତି ଭାବରେ ରବିବାର ଦିନଟା ଗଲା ।

ରବିବାର ଦିନ ମନଟା ଅତିଶୟ ଉଚ୍ଛନ୍ନ ଲାଗୁଥାଏ । ଘରୁ ଥରକୁ ଥର ବାଟକୁ ଯାଉଥାଏ, କାଳେ ତାର୍ ଦିଅନ୍ତି ଶୁଭ ଖବରଟି ଆସୁଥିବ । କାଛିର ପାଠ ତିଆରି କରିବାରେ ବା ପିଲାମାନଙ୍କୁ ପଢ଼ାଇବାରେ ମନ ଆଦୌ ଲାଗୁ ନ ଥାଏ । ଏହିପରି ଭାବରେ ସେ ଦିନଟି କଟିଗଲା ।

ରାତିରେ ଶ୍ରୀମତୀ ଥଟ୍ଟା କରି କହିଲେ, “କାହିଁ

Digitized by srujanika@gmail.com

ଗୋ, ତୁମର ଟଙ୍କାର ତ ଏଯାଏଁ ଦେଖାନାହିଁ । ବହୁତ ଆଶା ଥିଲା ମୋର, ଏଣିକି ନିଶ୍ଚିନ୍ତରେ ବସି ଖାଇବ, କିନ୍ତୁ ସେ ଆଶା ପୂରା ହେବ ନାହିଁ ବୋଲି ଜଣା ପଡ଼ୁଛି" ।

ମୁଁ କହିଲି, "ହୁଁ । ଦୁନିଅର ଖିଆ ତ ସେଇଆ । ତେଲଅଁ ମୁଣ୍ଡରେ ତେଲ ଢାଳଯାଏ" ।

× × × ×

ତହିଁ ଆରଦିନ ସକାଳେ ଆସିଲା ତାର । ମୁଁ ବିଶ୍ୱାସ କରିପାରୁ ନ ଥାଏଁ । ଭାଗ୍ୟ ଏତେଶୀଘ୍ର ପ୍ରସନ୍ନ ହେବ ବୋଲି ଚିନ୍ତା ଅଧିକ କରୁଥାଏ, ହାତ ଥରୁଥାଏ, ମୁହଁ ନାଲି ଦିଶୁଥାଏ; କୌଣସି ପରି ଉତ୍ତେଜନାକୁ ଦମନ କରି କମ୍ପିତ ହସ୍ତରେ ତାର ଖୋଲି ଦେଖିଲି, ଲେଖାଅଛି :—

"ଅଭିନନ୍ଦନ, ଆପଣଙ୍କୁ ପ୍ରଥମ ପୁରସ୍କାର ମିଳିଛି । ଟିକଟ ପଠାନ୍ତୁ ।

ମେନେଜର
ରେଞ୍ଜର୍ସ"

ପିଅ । "ବାବୁ ବକ୍‌ଶିସ୍ ?" ତାର ପିଅନ କହିଲା । କଣ କରିବା, କିଛି ନ ଦେଲେ ନ ଚଳେ । ପାଞ୍ଚ ଟଙ୍କାଟିଏ ଆଣିଦେଲି ।

ଏପରି ସମୟରେ ମିଶ୍ର ମହାଶୟ ଆସି ଉପସ୍ଥିତ । ନିତ୍ୟନୈମିତ୍ତ ଆଶୀର୍ବାଦ ମିଳିଲାପରେ ମୁଁ ତାଙ୍କୁ ପ୍ରଣାମ କରି ସଙ୍ଗେ ସଙ୍ଗେ ଶୁଭ ଖବରଟି ଜଣାଇ ଦେଲି ।

ମିଶ୍ରେ କହିଲେ, "ଦେଖ ତ ତୁମେମାନେ ଆଜି କାଲିକାଳି ଇଂରେଜୀପଢ଼ୁଆମାନେ ବିଶ୍ୱାସ କର ନାହିଁ ନବ ? ଏବେ ବ୍ରାହ୍ମଣର ଆଶୀର୍ବାଦର ଫଳ । ମୁଁ କେତେଦିନ ମୋ ଲୋକଙ୍କ ମନ୍ଦିରରେ ଜଣାଇଛି, 'ହେ ମା ସୌମ୍ୟଲକ୍ଷ୍ମୀ, ବାବୁଙ୍କର ଘର ଧନ ଧାନ୍ୟରେ ଭରିଦିଅ' । ଆଉ, ଆମ ବାବୁଙ୍କ କପାଳ ଯେପରି ପ୍ରଶସ୍ତ ଅଛି, ମୁଁ ଆଗରୁ ଭାବିଥିଲି; ବାବୁ ନିଶ୍ଚୟ ଦିନେ ବଡ଼ ଲୋକ ହେବେ' ।

ମୁଁ କହିଲି, "ଆପଣମାନଙ୍କର ଆଶୀର୍ବାଦର ଫଳ ଏ ସବୁ" । ଏହା କହି ଟଙ୍କାଟିଏ ତାଙ୍କୁ ଦେଇ କହିଲି 'ଏହା ଆପଣଙ୍କର ମିଶ୍ରାଣୀଙ୍କ ମିଷ୍ଟାନ୍ନ ଭୋଜନ ପାଇଁ" ।

ଧୋବା ଆସିଲା ଟଙ୍କା ମାଗିବାକୁ । ଶ୍ରୀମତୀ ରୁଦ୍ର ମୂର୍ତ୍ତି ଧାରଣ କରି ଗର୍ଜି ଉଠିଲେ, 'ଆମେ କଣ କୁଆଡେ ପଳାଇ ଯାଉଛୁଁ ଯେ ପ୍ରତିଦିନ ଆସି ଖାଲି ଟଙ୍କା ଟଙ୍କା ହେଉଛୁ । ମୁଁ ତ କାଲି ତୋତେ କହିଥିଲି ଦୁଇଦିନ ପରେ ଆସିବୁ । ଫେର ଆଜି ଆସି ହାଜର । ଆଉ ଛଅ ଦିନ ଥାଉ । ପରେ ମୂଳ ସୁଧ ସହିତ ଅସୁଲ ନେବୁ" ।

ପଇସା କଥା ପଡ଼ିଲେ ଶ୍ରୀମତୀ ସବୁଦିନ ନରମ ପନ୍ଥାରେ କଥା କହନ୍ତି ! ଆଜି ହଠାତ୍ ତାଙ୍କର ଅସ୍ୱାଭାବିକ ରୁଦ୍ର ମୂର୍ତ୍ତି ଦେଖି ଧୋବା ମୁଣ୍ଡ, କାନ ଆଉଁସି ଚାଲିଗଲା ।

ଖାଇସାରି ଚାଲିଲି ଡାକ ଘରକୁ ଟିକଟ୍ ଖଣ୍ଡିକ ରେଜେଷ୍ଟ୍ରି କରି କଲିକତା ପଠାଇବାକୁ । ରାସ୍ତାରେ ଗଲାବେଳେ ମନେ ହେଲା ସଡ଼କରେ ଯାଉଥିବା ଓ ଦୋକାନମାନଙ୍କରେ ବସିଥିବା ସମସ୍ତ ଲୋକେ ମୋ ଆଡ଼କୁ ପ୍ରଶଂସମାନ ଦୃଷ୍ଟିରେ ଦେଖୁଛନ୍ତି । ଅନ୍ୟଦିନଠାରୁ ମୁଁ ଆଜି ଟିକିଏ ଅଧିକ ଡେଙ୍ଗା ଜଣା ପଡ଼ୁଥାଏଁ ।

ପୋଷ୍ଟ ଅଫିସରେ ପୋଷ୍ଟ ମାଷ୍ଟରବାବୁ ହସ ହସ ମୁହଁରେ କହିଲେ, "ଆରେ ଗୋବିନ୍ଦ ବାବୁ ଯେ ଶୁଭ ଅଭିନନ୍ଦନ ଜଣାଉଛି । ଆଜି କଣ କାମ ଥିଲା କି ? ଟିକଟ ଖଣ୍ଡି ରେଜେଷ୍ଟ୍ରି କରିକରୁ କହିଲେ, ଭୋଜି ସମୟରେ ଗରିବକୁ ଭୁଲିବ ନାହିଁ ଗୋବିନ୍ଦ ବାବୁ" ।

ସ୍କୁଲରେ ପହଞ୍ଚିଲା ବେଳକୁ ଟିକିଏ ଡେରି ହୋଇ ଯାଇଥାଏ । କମନ୍ ରୁମ୍‌ରେ ଅନ୍ୟ ଶିକ୍ଷକ କେହି ନ ଥାନ୍ତି । କ୍ଲାସରେ ପାଠପଢ଼ାଇଲାବେଳେ ମନେହେଲା ଆଜି ଯେପରି ଛାତ୍ରମାନେ ପ୍ରାଚୀନ ଯୁଗର ଆରୁଣି, ଉପମନ୍ୟୁପରି ସ୍ଥିର ଭାବରେ, ତନ୍ମୟ ଚିତ୍ତରେ ମୋର ପଢ଼ା ଶୁଣୁଛନ୍ତି ।

Digitized by srujanika@gmail.com

ଦେଢ଼ଟା ବେଳେ ସାମୟିକ ଛୁଟି ଘଣ୍ଟା । ହେଡମାଷ୍ଟରଙ୍କ ସମେତ ସମସ୍ତ ଶିକ୍ଷକ କମନ୍ ରୁମ୍‌ରେ ମୋର ଚାରିଆଡେ ଘେରି ଗଲେ । ହେଡମାଷ୍ଟର ମହାଶୟ କହିଲେ, 'କନ୍-ଗ୍ରେଚୁଲେଶନ୍‌ସ୍ (ଅଭିନନ୍ଦନ), ଗୋବିନ୍ଦ ବାବୁ । ମାଷ୍ଟରୀ ଜୀବନରେ ଆପଣଙ୍କପରି ଭାଗ୍ୟବାନ୍ ଲୋକ ବହୁତ୍ କମ୍ ଦେଖିଛି ମୁଁ । ଆମର ଦୋଷ ତ୍ରୁଟି ହୋଇଥାଏ ଯଦି, ସବୁ କ୍ଷମା କରିବେ, ଆଉ ଗରିବ ମାଷ୍ଟରମାନଙ୍କ ଉପରେ ଦୟା ରଖିଥିବେ । ଏଣୁଏଣିକି କଣ କରିବେ ବୋଲି ଠିକ୍ କରିଛନ୍ତି' ?

ମୁଁ କହିଲି, 'କିଛି ଠିକ୍ କରିନାହିଁ । ଅନ୍ତତଃ କିଛି ଦିନ ଏ କାମ୍ କରିବ ବୋଲି ଭାବୁଛି' ।

ହେଡମାଷ୍ଟର ମହାଶୟ କହିଲେ, 'ବୋଗ୍ସ୍ ତ । ଭାବ ଚିନ୍ତି ଗୋଟିଏ କିଛି ଅନ୍ୟ ରୋଜଗାର ଧରନ୍ତୁ । ମାଷ୍ଟରମାନଙ୍କର ଦୁର୍ଦ୍ଦଶା ତ ଦେଖୁଛନ୍ତି' ।

ଆଉ ଜଣେ ଶିକ୍ଷକ କହିଲେ, 'ଗୋବିନ୍ଦ ବାବୁ, ଆଜି ଏ ଶୁଭ ଦିନରେ ଟୀ ପାର୍ଟି ଗୋଟିଏ ହେଉ ଚାରିଟା ପରେ' ।

ସମସ୍ତେ ସମ ସ୍ୱରରେ ତାଙ୍କୁ ସମର୍ଥନ କଲେ ।

ମୁଁ କହିଲି, 'ମୁଁ ପ୍ରସ୍ତୁତ । କିନ୍ତୁ ଏତେ ଅଳ୍ପ ସମୟ-ରେ ବରାଦ ଦେଇ ଟିପାର୍ଟି କରାଇବା ତ ଅସମ୍ଭବ' ।

ପ୍ରଥମୋକ୍ତ ଶିକ୍ଷକ ମହାଶୟ କହିଲେ, 'ଆପଣ ଭାବୁଛନ୍ତି କାହିଁକି ? ଆପଣ ଖାଲି ଅନୁମତି ଦିଅନ୍ତୁ । ସବୁ ତିଆରି ହୋଇଯିବ' ।

ମୁଁ ବିନୀତ ଭାବରେ କହିଲି, 'ଏଥିରେ ଆଉ ଅନୁମତି ଦରକାର କଣ ? ଆପଣମାନଙ୍କର ଆଦେଶ ଶିରୋଧାର୍ଯ୍ୟ' ।

'ଗୋବିନ୍ଦ ବାବୁଙ୍କର ଉତ୍ତରୋତ୍ତର ବୃଦ୍ଧି ହେଉ' । ହାସ୍ୟ ରୋଳରେ କମନ୍‌ରୁମ୍ ମୁଖରିତ ହୋଇ ଉଠିଲା । ସେ ଦିନ ଜଳଖିଆ ଓ ଚା' ବାବଦ ବିଲ୍ ପଡିଲା କୋଡିଏ ଟଙ୍କା ।

( ୩ )

ତିନିଦିନ ପରେ । ସେ ଦିନଟା ଏ ଶୁକ୍ରବାର । ସ୍କୁଲରେ ପହଞ୍ଚିଲାବେଳେ ସ୍କୁଲ ପିଅନ ଖଣ୍ଡେ ଚିଠି ଦେଲା । ଖୋଲି ଦେଖିଲି ଲୋଟେରୀ କ୍ଲବ୍ ମେନେଜରଙ୍କଠାରୁ ଆସିଛି ଚିଠି ଖଣ୍ଡିକ । ଲେଖାଅଛି :—

'ପ୍ରିୟ ମହାଶୟ,

ଅତି ଦୁଃଖର ସହିତ ଲେଖିବାକୁ ହେଉଛି ଯେ ଆମ ଅଫିସରୁ ଆପଣଙ୍କ ପାଖକୁ ଯେଉଁ ତାର ଯାଇଥିଲା, ତାହା ଭୁଲରେ ଆପଣଙ୍କ ପାଖକୁ ପଠାଯାଇଛି । ଆମେ ଟିକେଟ୍ ତାଲିକା ଖୋଲି ଦେଖିଲୁ ସମ୍ବଲପୁରରେ ଦୁଇଜଣ ଗୋବିନ୍ଦଚନ୍ଦ୍ର ପଣ୍ଡା ଅଛନ୍ତି । ଅନ୍ୟ ଜଣଙ୍କ ହେଉଛନ୍ତି ଔଷଧ ବେପାରୀ । ତାଙ୍କର ଟିକେଟ ନମ୍ବର ୦୭୮୦୯୧ ଓ ଛଦ୍ମ ନାମ 'ବୈଦ୍ୟନାଥ' । ସେହି ଟିକେଟ୍ ଖଣ୍ଡିକ ଲଟେରୀରେ ଉଠିଛି । ଆପଣଙ୍କର ଟିକେଟ୍ ନମ୍ବର ଓ ଛଦ୍ମ ନାମ ଭିନ୍ନ ଅଟେ । ଭୁଲ ଜଣା ପଡିଲାପରେ ତାଙ୍କଠାକୁ ସ୍ୱତନ୍ତ୍ର ତାର ଆଜି ପଠାଯାଇଛି । ଏ ଭୁଲଯୋଗୁଁ ଆମେ ଆପଣଙ୍କୁ ଯେଉଁ ଅସୁବିଧାରେ ପକାଇଲୁଁ, ସେଥିପାଇଁ ଆପଣ ଆମକୁ କ୍ଷମାଦେବେ ବୋଲି ଆଶା । ଇତି

ଆପଣଙ୍କର ବିଶ୍ୱସ୍ତ ଇତ୍ୟାଦି' ।

ଚିଠି ଖଣ୍ଡିକ ପଢି ମୋର ମୁଣ୍ଡ ଘୂରିଗଲା । ହିମା-ଳୟର ସର୍ବୋଚ୍ଚ ଶୃଙ୍ଗରୁ ପ୍ରଶାନ୍ତ ମହାସାଗରର ଅତଳ-ସ୍ପର୍ଶ ତଳକୁ 'ଡିଙ୍ଗ' ହୋଇ ପରି ମନେ ହେଉଥାଏ । ମୁଣ୍ଡରେ ହାତ ଦେଇ ଘଣ୍ଟାଏ ଯାଏ ବସିରହିଲି ।

ତା ପରେ କମନ୍‌ରୁମରେ ଛୁଟି ଦରଖାସ୍ତ ଖଣ୍ଡିଏ ଲେଖି ହେଡମାଷ୍ଟରଙ୍କ ପାଖକୁ ନେଇ କହିଲି, 'ଆଜି ଖୁବ୍ ମୁଣ୍ଡବ୍ୟଥା ହେଉଛି, ମୋତେ ଛୁଟି ଦିଅନ୍ତୁ' ।

ହେଡମାଷ୍ଟର କହିଲେ 'ଆପଣ ବୃଥା ଏତେ ବେଶୀ ପରିଶ୍ରମ କରୁଛନ୍ତି, ଆପଣ କିଛିଦିନ ବିଶ୍ରାମ ନେବା ଉଚିତ ବା ପୁରୀ ପରି ସ୍ୱାସ୍ଥ୍ୟକର ଜାଗାକୁ ଯାଇ କିଛି ଦିନ ବାୟୁ ପରିବର୍ତ୍ତନ କରିବା ଉଚିତ । ଯାଅନ୍ତୁ' ।

Digitized by srujanika@gmail.com

ହେଡମାଷ୍ଟରଙ୍କ କଥା ବଜ୍ରରୂପ ପରି ଲାଗୁଥାଏ । ମୁଁ ସମସ୍ତ ଆଶା ଓ ଉଚ୍ଚାକାଙ୍କ୍ଷାକୁ ଚିତା ଦଗ୍ଧ କରି ଶ୍ମଶାନ-ପ୍ରତ୍ୟାଗତ ବ୍ୟକ୍ତିପରି ଶୁଷ୍କ ମୁଖରେ ନୈରାଶ୍ୟପୂର୍ଣ୍ଣ ମନରେ ଫେରିଲି ଘରକୁ ।

## —ତୁମରି ପାଇଁ—

ଶ୍ରୀ ଦୁର୍ଗାମାଧବ ମିଶ୍ର

ପରାଣ-ସଖୀ! ବାଞ୍ଛିତା ମୋ କଲ୍ୟାଣି ଗୋ କୁହ କେହ୍ନେ କଥା
ଧୂସର ମରୁ ପ୍ରାନ୍ତର ବୁକେ ଲୁକ୍କାୟିତ କହୁ ତୁମର ବ୍ୟଥା
ଆବେଗ-ଉଗ୍ର ନୟନ-କୋଣେ
ପିଆଲ ଭରି ଆଦର-ପେଟଣେ
ଅଛଗୋ ସଖି, ଜୀବନ କେତେ ଅସାର ଆଶା ମଉଳିମରେ,
ଗୋଧୂଳି ଶେଷେ ଫେରିଛି ସବୁ ତୁମରି ପାଇଁ ତୁମରି ପୁରେ ।

ଭ୍ରାନ୍ତ ମୁଁ ଗୋ ଜୀବନ-ରଣେ ଆହୁତି ଦେଇ ପରାଣ ମୋ'ର,
ପ୍ରବାହ ଯେତେ, ତାହାରି ଲକ୍ଷ୍ୟ ଝରିଲା ନିଶି, ସଞ୍ଜ, ଭୋର,
ଝରିଲା ନିତି ଯେ ଧାରି, ପାଇଁ,
ପାରିଲି କି ଗୋ ପାରିଲି ନାହିଁ,
ଫାଶିଲା ନାଇ ତଳେ ଗୋ ସଖି, ଶମାଇ ସେଇ ଅଶ୍ରୁ ଜଳ୍‌,
କୋଟିଏ ପ୍ରେତ ଉଡ଼ନ୍ତ ତଳେ କୁହୁଳି ଉଠେ ଏବେ ତା' ଧୂଆଁ ।

ଧମନୀ ବେଦ ଉଛୁଳନ୍ତୁ ଉଚ୍ଛ୍ୱସିଲେ ଏବେ ଗୋ ସଖି,
ମାନସେ ନାଚେ ଅତୀତର ମୋ ଚିର ଉଭୁଲା ପାଗଳା ପକ୍ଷୀ
ମାନସେ ନାଚେ କାହାର ଲୀଳା

ତୁଟାଇ କାଚ-ପୀରତି-ମାଳା
ଆଷାଢ଼-ମେଘ ଝରାଇଲା ସ୍ନେହ, ପଥ୍ୟ-ପଥ ବିରହୀ ଗାଇ,
ସେ ଲୁହ ବେଦ ପାରିଲା ସଖୀ ପାରିଲି ନାହିଁ ଗୋ ପାଞ୍ଚ ବିନାଇ

ସଦ୍ୟ-ଫୁଟା କୁସୁମ-କଳି ଶାଣିତ-ଧାର ଜୀର୍ଣ୍ଣ-ବାସ
ଜୁଳୁଳ ତେଜ ଯତନେ ରେଖ, ସାଉଣୀ ତୋଳି ଫୁଲାଇ ହାସ
କହିଲା, 'ସଖି, ଧରଗୋ ମୋ'ତେ
ଯତନେ ମୋ' ଅଙ୍କାଳେ ଝରେ,
ମୁଠାଏ ଭାତ, ଢୋପାଏ ପାଣି ପ୍ରତିଦାନ ମୋ' ଏ ଦେହପାଇଁ
ବଦାନ୍ୟତା'ର ବିଷାଦ ବୋଲି ଫେରାଇ ଦେଲି,-ପାରିଲି ନାହିଁ

ସପନ ପୁଣ୍ୟ ତମାଳ ତଳେ ତୁମରି ବାହୁ-ଭଜନ ଆଶା,
ତୁମରି ମୁଖେ ଭୋଳିଲି କୋଟି ନିବିଡ଼ ନର ପରାଣ-ଭାଷା
ତୁମରି ବୁକେ ବର୍ଣ୍ଣ-ଛବି
ରେଚାଇ ଦେଲି ମୁଁ କବି
କସ୍ତୁରୀ ମୋ ପାଇଲି ଶେଷେ ଭ୍ରାନ୍ତ ମୃଗ ଜଗତ ଧାଇଁ
ଲେଖନୀ ହେଲା ମୁଖର ମମ, ତୁମରି ପାଇଁ ତୁମର ପାଇଁ ।

Digitized by srujanika@gmail.com

ଭ୍ରମଣ ସାର

# ଜାତୀୟବୀର ନାଁ ବିଶ୍ୱାସଘାତକ ?

ଶ୍ରୀ ବସନ୍ତ କୁମାର ବେହୁରା

ଭାରତବର୍ଷର ପୂର୍ବକୁ ଯେଉଁ ଦ୍ୱୀପପୁଞ୍ଜ ଅଛି ତାହା ଇଷ୍ଟ ଇଣ୍ଡିଜ୍ ନାମରେ କଥିତ । ସୁମାତ୍ରା, ଜାଭା, ବୋର୍ଣ୍ଣିଓ, ସେଲିବିସ୍, ନିଉଗିନି ପ୍ରଭୃତି ଦ୍ୱୀପମାନ ଏଥିର ଅନ୍ତର୍ଗତ । ନିଉଗିନିର ପ୍ରାୟ ଅର୍ଦ୍ଧେକ ଓ ବୋର୍ଣ୍ଣିଓର କେତେକାଂଶ ବ୍ରିଟିଶ ସାମ୍ରାଜ୍ୟର ଅନ୍ତର୍ଗତ । ବାକି ବଡ଼ ବଡ଼ ପ୍ରଧାନ ଦ୍ୱୀପଗୁଡ଼ିକ ଡଚ୍ ସାମ୍ରାଜ୍ୟର ଅନ୍ତର୍ଭୁକ୍ତ । ହଲଣ୍ଡର ଅଧିବାସୀମାନଙ୍କୁ ଡଚ୍ କୁହାଯାଏ । ଭାରତର ଗୋଆ, ଡାମନ ଡିଉ ଏହି ତିନୋଟି ସ୍ଥାନ ଡଚ୍ ସାମ୍ରାଜ୍ୟ ଭିତରେ ।

ଏହି ଦ୍ୱୀପମାନଙ୍କରେ ବାହାରର ଲୋକେ ଯାଇ ସାମ୍ରାଜ୍ୟ ବିସ୍ତାର ଓ ବସତି କରିବାର କଥ ଇତିହାସ ଯେଉଁ ପର୍ଯ୍ୟନ୍ତ କହେ, ସେଥିରୁ ଜଣାପଡେ ଯେ କଳିଙ୍ଗ (ପ୍ରାଚୀନ ଓଡ଼ିଶାର) ଲୋକେ ସର୍ବପ୍ରଥମେ ଯାଇ ସେଠାରେ ବସବାସ କରିଥିଲେ । ପରେ ଏହି କଳିଙ୍ଗବାସୀମାନେ ସେଠାର ଆଦିମ ଲୋକଙ୍କ ଭିତରେ ଶିକ୍ଷା ଓ ଜ୍ଞାନର ଆଲୋକ ବିତରଣ କରିଥିଲେ । ଏହା ଖ୍ରୀଷ୍ଟପୂର୍ବର କଥା-ପ୍ରାୟ । ଆଜି ଏ ସବୁ ପ୍ରାଚୀନ ଇତିହାସର କଥାମାନ

ଇଣ୍ଡୋନେଶିଆର କଥା ଆଜିକାଲି ପ୍ରାୟ ବାର ଖବରକାଗଜରେ ବାହାରେ । ଏଠାର ଲୋକେ ତିନଶ ପଚିଶ ବର୍ଷର ଡଚ୍ ଅଧୀନରେ ପରାଧୀନତାର ବେଡ଼ି ଛିଣ୍ଡାଇବାକୁ ଚେଷ୍ଟା କରୁଛନ୍ତି । ସେମାନଙ୍କର ଏ ଆନ୍ଦୋଳନ ଆଜି ନୁହେଁ । ସେଇକଥା କହୁଛି ।

ଜାଭା ଦ୍ୱୀପର ପୁରୁଣା ବେଟାଭିଆର ଜାକାର୍ତ୍ତା ସହରରେ ଜାକାଗ୍ରା ନାମକ ରାସ୍ତାର ପାଖରେ ଏକ ପୁରୁଣା ପ୍ରାଚୀର ଅଛି । ପ୍ରାଚୀରର ଚାରିକଣ ଉପରି ଭାଗରେ ମଣିଷ ମୁଣ୍ଡର କଙ୍କାଳଟିଏ ଲାଗି ଅଛି । ପ୍ରାଚୀର ଗେବା ହୋଇ ଥିବାରୁ ଦେଖିବାକୁ ମିଳେ । ଏଥି ତଳେ ଫଳକରେ ଲେଖା ଅଛି ।

To Perpetuate
The Accursed Memory
Of The Condemned Traitor,
Pieter Elberfeld.
Shall No One Raise
On This Spot
House, Building Or Structure,
Nor Plant Any Living Thing
Now And Forevermore.
Batavia The 14 April Anno 1722

ଏର ଲିପିରେ ଓଡ଼ିଆ ଭାବ ଏଇପରି:—

-- ଦେଶ ବିଶ୍ୱାସ ଘାତକ
ପିଟାର ଏଲ୍‌ବାରଫେଲ୍‌ଡର
ଅଭିଶପ୍ତ ସ୍ମୃତି ରକ୍ଷା ପାଇଁ —
ଏହି ସ୍ଥାନରେ କେହି
ଘରଦ୍ୱାର ବା କୌଣସି ଅଟ୍ଟାଳିକା ତୋଳିବ ନାହିଁ
ବା କୌଣସି ବୃକ୍ଷଲତା ରୋପଣ କରିବ ନାହିଁ
ବର୍ତ୍ତମାନ ଓ ଆଉ କେବେ ନୁହେଁ
ବେଟାଭିଆ ଏପ୍ରିଲ ୧୪, ଖ୍ରୀଷ୍ଟାବ୍ଦ ୧୭୨୨.

ବର୍ତ୍ତମାନ ବିଶ୍ୱାସଘାତକ ଏଲ୍‌ବାରଫେଲ୍‌ଡଙ୍କ ଜୀବନ-ଇତିହାସ ଆଲୋଚନା କରିବା । ସେ ଥିଲେ ଜଣେ ବଡ଼ ବଂଶଧର । ଜଣେ ଜର୍ମାନ୍ ବଣିକ ଜାଭା ଆସି ବାଣିଜ୍ୟ ବ୍ୟବସାୟ କରି ବସତି କରିଥିଲେ । ଏଠାରେ ସେ କୌଣସି ଆଦିମ ମହିଳାଙ୍କୁ ବିବାହ କରି-ଥିଲେ । ତାଙ୍କର ପୁଅ ଏଲ୍‌ବାରଫେଲ୍‌ଡ । ପିଲାଦିନ ସେ ସ୍ଥାନୀୟ ଅଗ୍ରୁରରେ ରହିଥିଲେ ଓ ବିଦେଶୀ ଶାସକ ଜାତିକୁ ଘୃଣା କରିବାକୁ ଶିଖିଥିଲେ । ତାଙ୍କର ପ୍ରକୃତି ମାଆ, ମାତୃଭୂମି । ପରାଧୀନ ମାତୃଭୂମିକୁ ସ୍ୱାଧୀନ କରିବା ପାଇଁ ତାଙ୍କର ଆକୁଳ ପଣ ଥିଲା ।

Digitized by srujanika@gmail.com

ସେତେବେଳେ ହଲାଣ୍ଡର ପୂର୍ବ ସାମ୍ରାଜ୍ୟର ରାଜଧାନୀ ଥିଲା ଜାକାର୍ତ୍ତା । ସେଥିପାଇଁ ତାହା ଶିଳ୍ପ ଓ ସଂସ୍କୃତିର ଏକ ବିଶେଷ କେନ୍ଦ୍ର ହୋଇ ଉଠିଥିଲା । ସ୍ଥାନୀୟ ରୀତି ଅନୁସାରେ ଏଲ୍‌ବାରଫେଲ୍‌ଡଙ୍କ ଘର ଥିଲା ବାଦାମୀ ଟାଇଲର ଓ ଝରକା ସବୁ ହାଲୁକା ବର୍ଣ୍ଣରେ ରଞ୍ଜିତ । ଘର ସାମ୍ନାରେ ଥିଲା ପୁଷ୍ପ-ଶୋଭିତ ଏକ ଉଦ୍ୟାନ ।

ଜାଭାରେ ବୈଦେଶିକ ମାନଙ୍କର ଉତ୍ପୀଡ଼ନରେ ସ୍ଥାନୀୟ ଆଦିମ ରାଜାମାନେ ବ୍ୟତିବ୍ୟସ୍ତ ହୋଇ ଉଠିଥାନ୍ତି । ସେତେବେଳକୁ ଜାଭାବାସୀମାନେ ହୃଦୟଙ୍ଗମ କଲେଣି ଯେ ସେମାନଙ୍କ ଦ୍ୱୀପରେ ବାଣିଜ୍ୟ ପଦାର୍ଥ ଲୋଭରେ ଡଚ୍‌ମାନେ ଆସି ଅଛନ୍ତି ଓ ଯେତେସବୁ ଆଇନ୍ କାନୁନ୍ ଯେ ସବୁ ସେମାନଙ୍କର ବାଣିଜ୍ୟର ସୁବିଧା ଓ ଆଦିମ ଅଧିବାସୀଙ୍କୁ ଚିରକାଳ ପଦାନତ କରି ରଖିବା ପାଇଁ ।

ଏ ଉତ୍ପୀଡ଼ନର ନିରାକରଣ ପାଇଁ ଓ ଦେଶକୁ ସ୍ୱାଧୀନ କରିବା ପାଇଁ ଏଲ୍‌ବାରଫେଲ୍‌ଡଙ୍କ ଘରେ ନିତ ରାତିରେ ମନ୍ତ୍ରଣା ବସେ । କ୍ରମେ ଏଲ୍‌ବାରଫେଲ୍‌ଡଙ୍କର ଅନୁଚର ସଂଖ୍ୟା ବଢ଼ିବାକୁ ଲାଗିଲେ । ଏହି ସଂଖ୍ୟା ଶେଷରେ ତେଇଶ ହଜାରରେ ଆସି ପହଞ୍ଚିଲା । ସ୍ଥିର ହେଲା ଏଲ୍‌ବାରଫେଲ୍‌ଡଙ୍କ ନେତୃତ୍ୱରେ ବେଟାଭିଆରେ ଥିବା ଡଚ୍ ଦୁର୍ଗ ଓ ସୈନ୍ୟ ସାମନ୍ତଙ୍କୁ ଆକ୍ରମଣ କରି ଧ୍ୱଂସ କରାଯିବ ଓ ବେଟାଭିଆ ନଗରରେ ଥିବା ସମସ୍ତ ୟୁରୋପୀୟମାନଙ୍କୁ ହତ୍ୟା କରାଯିବ । ଦୁଇଜଣ ସ୍ଥାନୀୟ ରାଜା ସୁଲ୍ତାନ ଅନ୍ ପାକୁ ବୁଭନାଙ୍କୁ ରାଜ୍ୟଚ୍ୟୁତ କରିବେ । କାରଣ, ଜାଭାଦ୍ୱୀପର ଏକତୃତୀୟାଂଶ ଦ୍ୱାରା ଏମାନଙ୍କର ମେକ୍ଟରମ୍ ଗଠିତ ଥାଏ । ଏମାନଙ୍କୁ ଗାଦିଚ୍ୟୁତ କରି ଶେଷରେ ହଠାତ୍ ଦାବିହୀନ ନିଜକୁ ସମ୍ରାଟ ଓ ସୁଲ୍‌ତାନ ବୋଲି ଘୋଷଣା କରିବା ସ୍ଥିର ହେଲା । ଏଲ୍‌ବାରଫେଲ୍‌ଡ ହିଁ ଆହ୍ମଦ୍ ଖୁଣ୍ଟ ବା 'ମହାନ୍ ପ୍ରଭୁ' ଉପାଧି ଗ୍ରହଣ କରିବା ପ୍ରସ୍ତାବ ମଧ୍ୟ ଗୃହୀତ ହେଲା ।

ଏଲ୍‌ବାରଫେଲ୍‌ଡ ଯେଉଁଭଳି ଭାବେ 'ପ୍ଲାନ୍' କରିଥିଲେ ଓ ତାଙ୍କର ଯେତେ ଅନୁଚର ଥିଲେ, ଏ ବିଦ୍ରୋହ ନିଶ୍ଚୟ ସଫଳତା ଲାଭ କରିଥାନ୍ତା; କିନ୍ତୁ ଏଥିରେ କାଳ ହେଲା ତାଙ୍କର ଝିଅ ମିଡ଼ା ଏଲ୍‌ବାରଫେଲ୍‌ଡ ।

ଏଲ୍‌ବାରଫେଲ୍‌ଡଙ୍କ ସମ୍ମତି ତାଙ୍କର ଜଣେ ପେଟଝିଅ ଥିଲା । ସେ ଯୁଆଁଡୁ ତାର ଭାଇ ଭଉଣୀଙ୍କଠାରୁ ଅଲଗା କରି ନିଜ ପାଖରେ ରଖି ସ୍ଥାନୀୟ ଆଦିମ ରୀତି ଅନୁସାରେ ତାକୁ ଶିକ୍ଷା ଦେଉଥିଲେ; କିନ୍ତୁ ଏ ଝିଅଟିର ବିଦେଶୀ ରୀତି ନୀତି ପ୍ରତି ପ୍ରଗାଢ଼ ଆଗ୍ରହ ଥିଲା । ସେ ଅତ୍ୟନ୍ତ ସୁନ୍ଦରୀ ଥିଲା ଓ ଜଣେ ଡଚ୍ ଯୁବକକୁ ପ୍ରେମ କରୁଥିଲା ।

ଦିନେ ଗ୍ରୀଷ୍ମ ରାତିରେ ନିଦ ଭାଙ୍ଗି ଯିବାରୁ ମିଡ଼ା ବାହାରକୁ ଆସି ବାରଣ୍ଡା ଅଡ଼କୁ ଅନେଇ ଠିଆ ହେଲା । ଏହି ସମୟରେ ସେ ଦେଖିଲା ପାଖଘରୁ ଅଲ୍ପ ଆଲୁଅ ଆସି ପଡ଼ୁଛି, ମାତ୍ର ମଝିରେ ମଝିରେ ଆଲୋକ, ପଥ, ରୁଦ୍ଧ ହେଉଅଛି । ଆଉରି ନିରେଖି ସେ ଦେଖିଲା, 'ଲୋକ' ସେ ଘର ଭିତରକୁ ଗୋଟିଏ ଝରକା ଦେଇ ପ୍ରବେଶ କରୁଥିବାରୁ ଆଲୋକ ରଶ୍ମି ମଧ୍ୟେ ମଧ୍ୟେ 'ଅପସାରିତ ହେଉଅଛି । ଏହି ଦୃଶ୍ୟ ଦେଖି ମିଡ଼ା ବଡ଼ ବିଚଳିତ ହୋଇ ଉଠିଲା । ହୃଦୟ ତାର କମ୍ପିତ ହେବାକୁ ଲାଗିଲା । ସେ ଚିନ୍ତା କଲା କୌଣସି ବିପଦ ସନ୍ନିକଟ । ସେ ବାରଣ୍ଡାରୁ ନିଜ ଘର ଭିତରକୁ ଫେରି ଯାଇ ଭାବିଲା, ଦାଦକୁ ଉଠାଇବ । ଦାଦକୁ ଉଠାଇବାକୁ ଯିବ କଣ, ଦେଖିଲା ତାଙ୍କ ଖଟ ଶୂନ୍ୟ ଓ ସେଥିରେ ସେ ରାତିରେ ଶୋଇଥିବାର କୌଣସି ଚିହ୍ନ ନାହିଁ । ତା' ମନରେ ଆଉର ସଂଶୟର ଉଦୟ ହେଲା । ସେ ପୁଣି ନିଜ କୋଠରୀକୁ ଫେରି ଆସିଲା । ଏହି ସମୟରେ ଲୋକଙ୍କର ଧୀର ପଦକ୍ଷେପ ସେ ଶୁଣି ପାରିଲା । ସେ ଦେଖିଲା ତା'ର ଦାଦଙ୍କ କୋଠରୀ ଭିତରକୁ ଜଣେ କେହି ପଶି ଆସିଲା ଓ ତା' ପଛେ ପଛେ ତା'ର ଦାଦ । ବେଳକୁ ବେଳ ତାର ସନ୍ଦେହ ଓ କୌତୁହଳ ବୃଦ୍ଧି ପାଇବାକୁ ଲାଗିଲା । ସେ ବାହାରକୁ ଯାଇ ଅନ୍ଧାରରେ ଲୁଚି ସମସ୍ତ ଦେଖିବାକୁ ଲାଗିଲା ।

ସେ ଦେଖିଲା ତାଙ୍କ ଖାଇବା ଘରେ ଅଳ୍ପ ଆଲୋକ ଜଳୁଛି ଓ ଘରଟିରେ ଲୋକ ଭର୍ତ୍ତି । ସେ ଧୀରେ ଧୀରେ ଆସି ସେ ଘର ଜଳାରେ ଆଖି ରଖିଲା ଓ କାନ

Digitized by srujanika@gmail.com

ପାରନ୍ତି । ପ୍ରଥମେ ସେ ଭଲ କରି କିଛି ଶୁଣି ପାରିଲା ନାହିଁ । କାରଣ ବନ୍ଧୁ ବାନ୍ଧବ ମାନେ ସାଙ୍ଗରେ ଫିସ୍ ଫିସ୍ ହେଉଥିଲେ । ତା' ପରେ ସେ ଶୁଣି ପାରିଲା, ତାର ବାପା ସମବେତ ମଣ୍ଡଳୀକୁ ଏକ ଉଦ୍‌ବୋଧନ ଦେଇ, ଡଚ-ମାନଙ୍କ ପିଲା, ସ୍ତ୍ରୀ, ପୁରୁଷ ସମେତ ମୂଳପୋଛ କରିବାର ସ୍ଥାନ, ସମୟ ଓ ତାରିଖ ଘୋଷଣା କଲେ । ସେ ଜଳାରେ ଆଖି ରଖି ଦେଖିଲା ପ୍ରତ୍ୟେକ ଲୋକ ତାଙ୍କ କ୍ରୁସ (ଏକ ପ୍ରକାର ଖଣ୍ଡା, ଏହାର ଦାଣ୍ଡ ଖ୍ରୀଷ୍ଟଙ୍କ ମୂର୍ତ୍ତି) ଉପରେ ହାତ ରଖି ସେହି ହାତକୁ ଚୁମ୍ବନ କରି, ପୁଣି କୋରାନ୍‌ରେ ହାତ ରଖି ସେହି ହାତକୁ ଚୁମ୍ବନ କରି ଶପଥ ଗ୍ରହଣ କରୁଅଛନ୍ତି ।

ପରଦିନ ସକାଳେ ମିଡା ପାଇ ଡଚ୍ ପ୍ରେମିକ ପାଖକୁ ଏହି ବିଦ୍ରୋହ କଥା ଲେଖି ଜଣାଇଦେଲା । ଡଚ୍ ଯୁବକଟି ସଙ୍ଗେ ସଙ୍ଗେ କର୍ତ୍ତୃପକ୍ଷଙ୍କୁ ଖବର ଦେଲା । ଡଚ୍‌ମାନେ ଅବିଲମ୍ବେ ସେଠାର ସମ୍ରାଟ୍ ବୁଭନାଙ୍କୁ ସତର୍କ କରାଇ ଦେଲେ ଓ ତତ୍‌ସଙ୍ଗେ ନିଜ ସରକାରର ବିଭିନ୍ନ ସ୍ଥାନରେ ଥିବା ପ୍ରତିନିଧିମାନଙ୍କୁ ଖବର ଦେଲେ । ପୁଣି ତା ସାଙ୍ଗକୁ ବିଦ୍ରୋହୀ ମାନଙ୍କର ଷଡ଼୍‌ଯନ୍ତ୍ର ଯେ ଜଣାପଡ଼ିଯାଇଛି ଏକଥା ଯେପରି ପ୍ରକାଶ ନ ପାଏ ତାହାର ମଧ୍ୟ ବ୍ୟବସ୍ଥା କଲେ ।

ଫଳରେ ବିଦ୍ରୋହୀମାନେ କିଛି ନ ଜାଣି ଆଗପଛ ଏଲ୍‌ବାରଫେଲ୍‌ଡଙ୍କ ଘରେ ଆସି ଗୁପ୍ତ ମନ୍ତ୍ରଣା କରିବାକୁ ଲାଗିଲେ । ଯେଉଁ ରାତିରେ ଡଚ୍ ଛେଦନର ଦିନ ଧାର୍ଯ୍ୟ ହୋଇଥିଲା, ତା' ଆଗଦିନ ରାତିରେ ଶେଷ ଥର ପାଇଁ ବିଦ୍ରୋହୀମାନେ ଆସି ଏଲ୍‌ବାରଫେଲ୍‌ଡଙ୍କ ଘରେ ରୁଣ୍ଡ ହୋଇ ମନ୍ତ୍ରଣା କଲେ । ସେମାନଙ୍କ ଗୁପ୍ତ ସଭା ଶେଷ ହେବା ଆଗରୁ ଡଚ୍ ସୈନ୍ୟମାନେ ଘରଟିକୁ ଘେରାଉ କରି ସାରିଥିଲେ । ଯେମିତି ସେମାନଙ୍କର ମନ୍ତ୍ରଣା ସରିଛି ଡଚ୍ ସୈନ୍ୟମାନେ ଅସ୍ତ୍ର ଆଗକୁ କରି ଘର ଭିତରକୁ ପଶି ଆସି ସମସ୍ତ ସଙ୍ଗୀନ ସରଞ୍ଜାମ ସମର୍ପଣ କରିବାକୁ ଆଦେଶ ଦେଲେ ଓ ଯେ ଟିକିଏ ବାଧା ଦେଲା ତା'ର ଶିରଚ୍ଛେଦ ହେଲା ।

ଏଲ୍‌ବାରଫେଲ୍‌ଡ଼ ଓ ତାଙ୍କର ସହକର୍ମୀଗଣ ବନ୍ଦୀ ହେଲେ । ବନ୍ଦୀଶାଳାରେ ଛଅମାସ ଧରି ଅମାନୁଷିକ ଉତ୍ପୀଡ଼ନ ପରେ ସେମାନେ ଫାଶି କାଠରେ ଝୁଲିଲେ । ଏତିକିରେ ସେଠାର ଗଭର୍ଣ୍ଣର ଜେନେରାଲଙ୍କ ମନ ସନ୍ତୁଷ୍ଟ ହୋଇ ନ ଥିଲା । ସେ ଏଲ୍‌ବାରଫେଲ୍‌ଡଙ୍କ ଘର ଧୂଳିସାତ୍ କରାଇଲେ । ଘରର ପାଚେରିଟିକୁ ଭାଙ୍ଗି ପ୍ରାଚୀର ପକାଇ ସେଇଠାରେ ଏକ ପ୍ରସ୍ତର ଫଳକ ବସାଇଲେ । ଏ ବିଷୟ ଉପରେ ଉଲ୍ଲିଖିତ ହୋଇଅଛି ।

ଯୁଗେ ଯୁଗେ ଦେଶ-ପ୍ରେମୀମାନଙ୍କର ଏହି ଦଶା ହେଉଛି । ଆଜି ଯାହା 'ଏଲବାରଫେଲ୍‌ଡ ଷଡ଼ଯନ୍ତ୍ର' ନାମରେ ଆଖ୍ୟାତ ତାହା ଇଣ୍ଡୋନେସିଆର ସ୍ୱାଧୀନତା ପଥରେ ଅବଶ୍ୟ 'ପ୍ରଥମ ସ୍ୱାଧୀନତା ସଂଗ୍ରାମ' ରୂପେ ତାହାର ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ରହିବ । ଆଜି ଯେଉଁଠି ଗଛଟିଏ ସୁଦ୍ଧା ଲଗାଇବା ନିଷେଧ ହୋଇଅଛି ଦିନେ ସେହି ନିଷିଦ୍ଧ ସ୍ଥାନର ଏଲ୍‌ବାରଫେଲ୍‌ଡଙ୍କର ବିରାଟ ମୂର୍ତ୍ତି ମଝିରେ ସ୍ଥାପିତ ହୋଇ ସମଗ୍ର ଜାତି ଦ୍ୱାରା ସମ୍ମାନିତ ହେବ ।

Digitized by srujanika@gmail.com

# ସ୍ୱକାଣ

### ଶ୍ରୀ ଝଟଭୂଷଣ ପୁଷ୍ଟି

ବଜୟନଗର ପ୍ଲାଟଫର୍ମ ଉପରେ ବଛଣାପନ୍ଦରଖି ରାୟପୁର ମେଲର ପ୍ରତୀକ୍ଷାରେ ଥାଏଁ । ବହୁଦନ ପରେ ଦଶହବହୁଟି ଉପଲକ୍ଷରେ ଗାଆଁ କୁ କଟକରୁ ଫେରୁଥିଲି। ଶରତ୍ ସନ୍ଧ୍ୟା । ମେଘମୁକ୍ତ ଆକାଶରେ ଜ୍ୟୋତ୍ସ୍ନାର ଉଚ୍ଛୁଳା-ହାସ୍ୟ ବେଶ୍ ଆନନ୍ଦ ଦେଉଥାଏ ।

"ମୋତେ ଚିହ୍ନିପାରୁନ ?" ଅକସ୍ମାତ୍ ମୋପଛ ଅଡ଼ୁ ଏଇ ପ୍ରଶ୍ନଟି ଶୁଣିଲି । ଲେଉଟି ଚାହିଁଲି ଜଣେ ଭଦ୍ରମହିଳା- ବହୁବର୍ଷଆଗେ ଏକେବେ ତାଙ୍କୁ ଦେଖିଥିଲି ବୋଲି ମନେକଲି । ଆଧୁନିକ ଢଙ୍ଗରେ ଚାହିଁଲାପରି ଅନିଶ୍ଚିତ ସ୍ୱରରେ କହିଉଠିଲି-" ବହୁତ ଦିନର ପରେ ଆପଣଙ୍କ .......।" ଭଦ୍ରମହିଳା କହିଲେ "ମୁଁ ଆଜକାଲି ଖୋରଧା ଶିଶୁସେବା ସଦନରେ ଅଛି ତୁମେ ଜାଣିଥିବ । ସେ ଏଇ ଅନୁଷ୍ଠାନର ପ୍ରୋପ୍ରାଇଟର୍ ଆଉ ମୁଁ ପରିଚାଳିକା । କାର୍ଯ୍ୟନେଇ ଭିଜାଗାପଟମ୍ ଯାଇଥିଲି , ଏବେ ଫେରୁଛି ।"

ଏତିକିବେଳେ ଗୋଟିଏ ତୁଫାନି ରେଲଇଞ୍ଜିନ୍ ଆମ ଆଖିସାମନାଦେଇ ଚାଲିଗଲା । ଇଞ୍ଜିନ୍ ଆଲୁଅରେ ଭଦ୍ରମହିଳାଙ୍କ ମୁହଁ ଖୁବ୍ ଉଜ୍ଜ୍ୱଳ ଦେଖାଗଲା । ଏବେ ପରିଷ୍କାର ଚିହ୍ନିପାରିଲି ସେ ଆଉ କେହିନୁହନ୍ତି — ଛବିଳାଦେବୀ ।

ଛବିଳାଦେବୀଙ୍କୁ ଯେମିତ ଚିହ୍ନିପାରିଲି ଗୋଟିଏ ଅଜାଣିତ ଲଜ୍ଜା ମୋ ମୁଖମଣ୍ଡଳରେ ଦେଖାଗଲା । ମୁଁ ମୁହଁ ତଳକରି ରହିଲି । ଲଜ୍ଜା ସଙ୍ଗେ ସଙ୍ଗେ ଏକ ଅନିର୍ବଚନୀୟ ଆନନ୍ଦ ମଧ୍ୟ ଅନୁଭବ କଲି । ଛବିଳାଦେବୀ କହିଲେ " କଟକରେ ସଂଗୀତ ଚର୍ଚ୍ଚାର ତ ଯଥେଷ୍ଟ ସୁବିଧା ପାଉଥିବ ।" ମୁଁ କହିଲି " ନା ଆଜ୍ଞା ଚାକିରି ଜୀବନରେ ମୋତେ ଫୁରସତ୍ ମିଳେନାହିଁ ।"

ମୋର ଆଜ୍ଞା ସମ୍ବୋଧନରେ ତାଙ୍କର ମୁଖମଣ୍ଡଳ ପ୍ରସନ୍ନ ହେଲା ସତ, କିନ୍ତୁ ସେ ତାହାରେ ଆନ୍ତରିକତାର ଅଭାବ ଅନୁଭବ କଲେ ବୋଧହୁଏ । ପୁଣି ପଚାରିଲେ "ତୁମର ପୁଅଝିଅ କେତୋଟି ?" କ୍ଷୀଣକଣ୍ଠରେ ମୁଁ ଉତ୍ତରଦେଲି "ଆଜ୍ଞା, କେବଳ ଝିଅଟିଏ, ନାଁ ସ୍ନିଗ୍ଧା ।" ଛବିଳା-ଦେବୀ ପୁଣି କହିଲେ "ପ୍ରବୋଧ ତୁମଆଜ୍ଞା ସମ୍ବୋଧନ ମୋତେ ଆଉ ଭଲ ଲାଗୁନାହିଁ ତୁମେ ଏଣିକି ମୋତେ ଅପା ଡାକିବ !"

ଛବିଳାଦେବୀଙ୍କର ଆନ୍ତରିକତାର ପୂର୍ଣ୍ଣପରିଚୟ ପାଇଲି ସେଇଦିନ ସେତେବେଳେ ।

ଠିକ୍ ଏତିକିବେଳେ ହାବଡ଼ାମେଲ ଆସିଗଲା । ଛବିଳାଦେବୀ ଏକ ମହିଳାଡବାକୁ ଉଠିଲେ । ମୁଁ ତାଙ୍କୁ ଏତେ ଦୀର୍ଘଦିନପରେ ଦେଖିସୁଦ୍ଧା ଭଲବ୍ୟବ-ହାର ଦେଖାଇ ପାରିଲି ନାହିଁ ବୋଲି ବ୍ୟଥିତ ହେଲି । ବିଦାୟ ପ୍ରଣତି ଜଣାଇ ଫେରିଲାବେଳେ ସେ କହିଲେ, "ତୋରେ କିଛିଦିନପରେ ମୋର ଖଣ୍ଡିଏ ଚିଠି ପାଇବ ।" ଗାଡ଼ି ଛାଡ଼ିଦେଲା । ବାଲ୍ୟ ଜୀବନର ଗୋଟିଏ ମଧୁର ସ୍ମୃତିରେ ମୋର ହୃଦୟ ଆଲୋଡ଼ିତ ହେଲା ।

ସେତେବେଳେ ମୋର ବୟସ ନଅ । ଜୀବନାନନ୍ଦବାବୁ ନୂଆ ହୋଇ ଆମ ଗାଁକୁ ଡାକ୍ତର ଭାବରେ ଆସିଥାନ୍ତି । ଛବିଳାଦେବୀ ତାଙ୍କର ପତ୍ନୀ । ପହିଲି ହୋଇ ଯେଉଁଦିନ ମୁଁ ତାଙ୍କ ଘରକୁ ବୁଲିଯାଏଁ ସେଦିନ ଜୀବନାନନ୍ଦ-ବାବୁ ନଥାନ୍ତି । ଘରବାରଣ୍ଡାରେ ମଣିଣାଉପରେ ହାର-ମୋନିୟମ୍ଟିଏ ଥୁଆହୋଇଥାଏ । ଅଯାଚିତ ଭାବରେ ମୁଁ-ଦାଉଦୁପାଇ କେଁ କାଁ କରିଦେଲି । ଛବିଳାଦେବୀ ଆରକୋଠରୀରେ ବସି ରୁମାଲଟିଏ ବୁଣୁଥିଲେ । ଧୀରେ-

Digitized by srujanika@gmail.com

ଧୀରେ ଅଟି କହିଲେ "ବାରମୋନପୁମ୍ ଶିଖିବ ?" ମୁଁ ସଙ୍ଗେ ସଙ୍ଗେ କହିଲି "ଆଜ୍ଞା, ହଁ ।

ବଡ଼ଲୋକଙ୍କୁ, ଆଜ୍ଞା କହିବାପାଇଁ ବାପା ମୋତେ ଶିଖାଇ ଥିଲେ । ସେଇଦିନଠୁ ଛବିଳାଦେବୀ ମୋର ପ୍ରଥମ ସଂଗୀତ ଶିକ୍ଷାଦାତ୍ରୀ ହେଲେ ଆଉ ମୁଁ ବି ଅଳ୍ପଦିନ ଭିତରେ ତାଙ୍କର ଗୋଟିଏ ନିପୁଣ ଚେଲା ବନିଗଲି ।

ପ୍ରବୀରବାବୁ ସେଇ ସମୟରେ ଜଣେ ଷ୍ଟୋରିଂ ଅଫିସର । ଯେତେବେଳେ ସେ ଆମଗାଁକୁ ଆସନ୍ତି ଭଗିନୀ-ପ୍ରତିମ ଜୀବନାନନ୍ଦବାବୁ ତାଙ୍କୁ ଅଟକାଇ ନିଜଘରକୁ ନେଇ ଆସନ୍ତି । ଥରେ ଛବିଳାଦେବୀ ମୋତେ ଗୋଟିଏ ନୂଆଗୀତ ଶିଖାଉଥିଲେ । ପ୍ରବୀର ବାବୁ ମୋ କଣ୍ଠର ଗୀତଶୁଣି କହିଲେ "ଯେମିତି ଗୁରୁ ସେମିତି ଚେଲା ।" ଏବେ ମନେ ପଡ଼ୁଛି ଛବିଳାଦେବୀଙ୍କ ଚେହେରା । ଗୌରବପୁ ବଳିଷ୍ଠଗଠନ- ଅଂଗେ ଅଂଗେ ପରିପୂର୍ଣ୍ଣ ଯୌବନର ବିକାଶ । ପ୍ରବୀରବାବୁ ଓ ଛବିଳାଦେବୀଙ୍କ ମୁକ୍ତ ଆଳାପରେ ଜୀବନାନନ୍ଦବାବୁଙ୍କ ସରଳ ହୃଦୟ କଅଣ ଭାବୁଥିଲା କେଜାଣି ।

ଶେଷଦିନର ଗୋଟିଏ ଘଟଣା । ସରକାରୀ କାର୍ଯ୍ୟରେ ଥରେ ଜୀବନାନନ୍ଦବାବୁ କୁଆଡ଼େ ଯାଇଥାନ୍ତି । ମୁଁ ଗୀତ ଶିଖିବାପାଇଁ ଧାଇଁଧାଇଁ ଦଉଡ଼ି ତାଙ୍କ ଘରକୁ ଗଲି । ସାମନା କୋଠରୀର କବାଟ ବନ୍ଦଥିଲା । କବାଟ ପିଟି ଡାକିଲି । "ଅଜ୍ଞା" ଘରଭିତରୁ ଛବିଳାଦେବୀ ନରମ ଗଳାରେ କହିଲେ "ଏତେ ଖରାରେ ଗୀତ-- ଯାଅ ପରେ ଆସିବ ।" ମୁଁ କିନ୍ତୁ କଅଣ ମାନେ ? ବାଡ଼ି ପଟ ବାଟ ଦେଇ ଭିତରକୁ ପଶିଗଲି । ଦେଖିଲି ପ୍ରବୀରବାବୁ ଆଉ ଛବିଳାଦେବୀ ଏକା ଖଟରେ ବସିଛନ୍ତି । ସାମନାରେ ଥାଳି ଉପରେ ରଖାଯାଇଛି ପାନ, ଗୁଣ୍ଡି, ଲବଙ୍ଗ, ଗୁଆ ।

ଛବିଳାଦେବୀ ଉଠି ଆସିଲେ ମୋ ଗାଲ ଚିମୁଟି ନିକାଳି ଦେଲେ । କହିଲେ "ଭାରି ସଇତାନ" ।

ତୃତୀୟଥର ନଦରେ ଫେରିଲି । ଆଖିରୁ ଲୁହ ବି ଝରୁଥାଏ । ହସ୍‌ପିଟାଲ ସାମନା ଦେଇ ହୋଇ ଗଲାବେଳେ ଦେଖିଲି ବଳଦଗାଡ଼ିରେ ଜୀବନାନନ୍ଦବାବୁ ଆସୁଥିଲେ ।

× × ×

କଅଣ ଭାବିଲି କେଜାଣି ପୁଣିଥରେ ଛବିଳାଦେବୀ ପାଖକୁ ଛଳ ଛଳ ଆଖିରେ ଫେରି କହିଲି- "ବାବୁ ଆସୁଛନ୍ତି?" ତାପରେ ଛବିଳାଦେବୀଙ୍କ ପାଖକୁ ମୁଁ କେବେ ଯାଇନାହିଁ କି ଏଇ ଦୀର୍ଘ ବର୍ଷ ଭିତରେ ଥରେ ପାଇଁ ବି ଦେଖିନାହିଁ । ଯଦିଓ ସେ ବହୁବାର ମୋତେ ଡକାଇ ପଠାଇଥିଲେ ।

ସମ୍ବଲପୁର ମେଲରେ ଉଠିଲି । ସବୁ ଦେଖିଲି ଖାଲି ସେଇସ୍ମୃତି - ସେଇକଥା ମନେ ପଡ଼ୁଥାଏ । ଟାଟାରେ ଚିଠି ପାଇଲି, ପଢ଼ିଲି ।

"ପ୍ରିୟ ପ୍ରବୋଧ,

ପଚିଶଦିନର ଗୋଟିଏ କଥା ସ୍ମରଣ କର ତୁମେ ସେଇ ଦିନ ସଙ୍କେତ ଦେଇଥିଲ ବୋଲି ତାହା ମୋତେ ସ୍ଖଳନର ମାର୍ଗରୁ ରକ୍ଷା କରିଛି । ତୁମର ଶିଶୁ ସୁଲଭ ପ୍ରକୃତିର ବିକାଶରେ ମୁଁ ବାଧା ପହଞ୍ଚାଉଥିଲି । କିନ୍ତୁ ତୁମର ନିର୍ଭୀକତା ଓ ସତ୍ୟବାଦିତା ତୁମର ପ୍ରବୃତ୍ତିକୁ ସଜୀବ କରି ପାରିଛି । ଏହାହିଁ ଏତେବେଳେ ମୋତେ ଆନନ୍ଦ ଦେଉଛି । ମନରେ କିଛି ଭାବିନାହିଁ, ଚିଠି ଦେଉଥିବ । ଇତି ।

ତୁମର, ଅଗ୍ରଜୀ—
କୃତଜ୍ଞତାରେ ମନ ଉଲ୍ଲସିତ ଉଠିଲା ମୋର ।

—XOX—

# ଭିକ୍ଷା *

**ଲେଖକ— 'ସଙ୍ଗୀନୀ'**

କିପାଇଁରେ ରହିଛୁ ଅନାଇଁ
ଭିକ୍ଷା ପାଇଁ ?
ରେ ନିର୍ବୋଧ ଦୁର୍ଭାଗା ବାଳକ
ଏଠି କହ ଭିକ୍ଷା ଅଛି କାହିଁ ?
ଏଥି ଦେଖୁ ରୁକ୍ଷ ନାଲି ଇଟାର ପ୍ରାସାଦେ
କ୍ଷୁଦ୍ର ତୋର ପ୍ରାଣେ ଭୟ ହେବ
ଏଥି କରେ ଅଛି ନଗ୍ନ-ପ୍ରାଣ
ଯାନେ ତୋର ଆଳିଦେବ
ଭିକ୍ଷାର କଲ୍ୟାଣ ?-
ଏଥି ଅଛି ମାନବର ମେଳା
ଶିକ୍ଷା କୃଷ୍ଟି ସଭ୍ୟତାର ଭେଳା
ଜ୍ଞାନର ମେଖଳା
ରୁକ୍ଷ ଏଥି ପ୍ରାଣ ମାନବର
ଫିକା-ରକ୍ତ ପ୍ରାସାଦର
ଇଷ୍ଟକରୁ ପୁଣି ରୁକ୍ଷତର
ଏଥି କରେ ଥାଇ ପାରେ
ଦୟା ଭିକ୍ଷା ସ୍ନେହ-ଅବସର ?
ଏ ପରଟି ଶିକ୍ଷାର ମନ୍ଦର !
ନିର୍ବୋଧରେ କିପାଇଁ ରହୁ ତୁହି ?
ଭିକ୍ଷା ଏଥି ପାଇବୁ ତୁ କାହିଁ ।
ଛାଡ଼ି ତୁ ଆସିଛୁ ସ୍ଥାନ
ଯହିଁ ସ୍ନେହେ ପୂରି ଉଠିଥାନ୍ତା
[illegible] ତୋର [illegible] ଚରଣ ।

ଭିକ୍ଷା ଅଛି ଦୂରେ—
ସହରର ଶିକ୍ଷାମଣ୍ଡ ସଭ୍ୟତାର ଦୂରେ
ଅର୍ଦ୍ଧଭୁକ୍ତ ଉଟବାସୀ କୃଷକର ଘରେ
ଦୂର ପଲ୍ଲୀ ପୁରେ ।
ଭିକ୍ଷା ଅଛି କମାର ଶାଳରେ
ଧାନ୍ଦୁଆ ବେପାରୀ ଆଉ
ଭରବୁହା ମୂଲିଆ ଝାଳରେ ।
ଦାନ ଅଛି ତହିଁ,
କିଏ [illegible] ଦୂରେ ଠେଲି ତାକୁ
ଆଦୂରେ ଆସିଲୁ ଏଥି ଧାଇଁ ?
ଭିକ୍ଷା ଦେବ ତୋତେ,
ଭସାଇବ ପ୍ରାଣ ତୋର
ଦୟା ଆଉ ବାତ୍ସଲ୍ୟର ସ୍ରୋତେ ।
ବୃଦ୍ଧା ସେହି କୃଷକ ଘରଣୀ
ଆପଣା ସନ୍ତାନ ମୁଖେ ଦିଏ ଯେତୁ
ସେତୁ ଅ ଟୋରଣୀ
ପର ଘରୁ ଧାନ କୁଟି ଆଣି ।
ତହିଁ ଅଛି ଭିକ୍ଷା
ଏଠି ପ୍ରତ୍ତ ଖାଲି
ଶିକ୍ଷା ଓ ସଭ୍ୟତା ପୁଣି
ସଭ୍ୟତା ଓ ଶିକ୍ଷା ।

---

* କଲେଜକୁ ଭିକ୍ଷା ପାଇଁ ଆସି ହତାଶ ହୋଇ ଫେରି ଯାଇଥିବା ଏକ ବାଳକ ଉଦ୍ଦେଶ୍ୟରେ ।

Digitized by srujanika@gmail.com

# ଗାଁ ଗହଳରେ କଳା

( ଶ୍ରୀ ଜଗନ୍ନାଥ ଦାସ, ଶାନ୍ତିନିକେତନ ଗ୍ରନ୍ଥ । )

ଅଙ୍କାବଙ୍କା ଧୂଳି-ଧୂସରିଆ ରାସ୍ତା, ସାଗୁଆ ପ୍ରାନ୍ତର, ଘନନୀଳ ଆକାଶ ମୁକ୍ତ ପବନ ଭିତରେ ଜୀର୍ଣ୍ଣ, ଶୀର୍ଣ୍ଣ ପଲ୍ଲୀ ବର୍ଣ୍ଣନ ଶୋଭା ଯେପରି ପ୍ରକୃତ ଆଡକୁ ଢଳି ପଡୁଥିଲେ ବି ଆଜି ସମାଜରେ ଅବହେଳିତ । ଗ୍ରାମ୍ୟ ସଂସ୍କୃତି ସଭ୍ୟତା ପ୍ରତି ଆମେ ଉଦାସୀନ । ଅଭିନବ ପଲ୍ଲୀବର୍ଣ୍ଣ୍ୟ ଧର ଯେଉଁ ଛୋଟ ଗାଁ ଟିଏ ମୁଣ୍ଡ ଟେକିଛି, ତା ଭିତରେ ନାନା ପ୍ରକାର କଳାନୁରାଗ ଦେଖାଯାଏ । ଆର୍ଥିକ ରୂପରେ ରାଜନୈତିକ ନାନା ଜଟିଳ ଆଘାତରେ ଘର ଗୁଡ଼ିକର କାନ୍ଥ ଆଜି ପତନୋନ୍ମୁଖ । ତଥାପି କଳାବୋଧ କିପରି ବଂଶାନୁକ୍ରମେ ଗଢ଼ି ଉଠିଛି ଦେଖିଲେ ଆଶ୍ଚର୍ଯ୍ୟ ହେବାକୁ ହୁଏ ।

ପୂର୍ବ ପ୍ରତିଷ୍ଠିତ ଅନେକ ଗାଁରେ ପ୍ରାୟ ଠାକୁର ଘର ଭାଗବତ ଟୁଙ୍ଗୀ, ପାନ୍ଥଶାଳା, ଅଖାଡ଼ାଘର ଦେଖିବାକୁ ମିଳେ । ଘରର ଓସାର, ଶେଣି, କବାଟ ପ୍ରଭୃତିରେ ନାନା ପ୍ରକାର ଅଳଂକାରିକ କଳା ସୂଚନା ମିଳେ କାନ୍ଥ ଦେହରେ ମଧ୍ୟ ନାନା ପ୍ରକାର ଶାସ୍ତ୍ରୀୟ ଚିତ୍ର ଅର୍ଥାତ୍ ରାମାୟଣ, ମହାଭାରତ, କୃଷ୍ଣଲୀଳା, ଦଶ ଅବତାର ର ଛବି ଦେଖିବାକୁ ମିଳେ । ସେ ସବୁ ଚିତ୍ରକଳା ଆଧୁନିକ ରୁଚି ସଙ୍ଗେ ଖାପଖାଉ ନ ଥିଲେ ବି ଶିଳ୍ପୀ କିପରି ଦୃଢ଼ ତୂଳୀରେ ଅନାୟାସରେ ଶକ୍ତିଶାଳୀ ରେଖା ଟାଣି ପାରନ୍ତି ଏହା ଦେଖିବାର କଥା । ରଂଗ ବିନ୍ୟାସ ସମ୍ବନ୍ଧରେ ସେତେବେଳେ ଆଜି କାଲିକା ପରି କୃତ୍ରିମ ରଂଗ ପ୍ରୟୋଗ କରିବାକୁ ପସନ୍ଦ କରୁ ନ ଥିଲେ । ତେଣୁ ପ୍ରଧାନ ରଙ୍ଗ ତିନୋଟିକୁ ବ୍ୟବହାର କରୁଥିଲେ । ଅନେକ ସ୍ଥଳରେ ଦଳାରଂଗର ରେଖାହିଁ ଚିତ୍ରଣରେ ସାହାଯ୍ୟ ଦେଇଛି ବେଶି ।

ମାର୍ଗଶିର ମାସର ଲକ୍ଷ୍ମୀ ଚିତା, ଆଶ୍ୱିନ ମାସର କଳସ ଚିତା, କାର୍ତ୍ତିକ ମାସର ମୁରୁଜ ଲେଖା, ପୌଷ ମାସର ଖଳା ଚିତା, ପ୍ରାୟ ଓଡ଼ିଶା ଅଧିକେ ଉତ୍କଳର ଗାଁ ଗହଳରେ ଦେଖାଯାଏ । ବର୍ଷଟିର ବାରମାସ ଉତ୍କଳର ଗାଁ ଗହଳରେ ସ୍ତ୍ରୀମାନେ ସମସ୍ତ ପୂଜା ପର୍ବରେ ଚିତା ଲେଖାର ପ୍ରୟୋଜନୀୟତା ବେଶ୍ ଭାବରେ ଉପଲବ୍ଧି କରିଛନ୍ତି । ପାଶ୍ଚାତ୍ୟ ସଭ୍ୟତାର ପ୍ରଭାବରେ ତାହାଙ୍କମନେ ଲେପଯାଇ ଥିଲେ ବି ଜାତି ମୌଳିକ କଳାବୋଧକୁ ଏକାବେଳକେ ଭୁଲି ଯାଇନି । ଶତ ଅପରିଷ୍କାର ହୋଇ ମଧ୍ୟ ଏହା ଗଢ଼ି ଉଠିଛି । ଅନେକ ଗ୍ରାମରେ ଛାତ ହାର-ତଳ, ସତେଇ ପୋଡା କଳା ଚୂନରେ ଖୋଲ ଆଖିଆ ପଦ୍ମ, ଅଠଆଖିଆ ପଦ୍ମ, ହାତି, ଘୋଡା, ମଣିଷ, ଗୃହପାଳିତ ପଶୁମାନଙ୍କର ଛବି ଦେଖିବାକୁ ମିଳେ । ସେତେବେଳେ ଛାନ୍ଦ, ଚୌପଦୀ, ଶ୍ଳୋକାନ୍ତ ପ୍ରଭୃତିର ଲୋକ ପ୍ରଚଳନ ଥିଲା । ଗାଁରେ ପ୍ରାୟ ସନ୍ଧ୍ୟାବେଳେ ନିଜ ନିଜ ଭିତରେ ସଂଗୀତ ଚର୍ଚ୍ଚା, ନୀତିଶ୍ଳୋକ ଶିକ୍ଷା, ଶ୍ଳୋକାନ୍ତ ହେଉଥିବାରୁ ଅନେକ ଜାଗାରେ ବିଭିନ୍ନ ଶ୍ଳୋକ ବା ଛାନ୍ଦକୁ ସନ୍ନିବେଶିତ କରି ରଙ୍ଗିନ ବନ୍ଧ କରା ଯାଇଥାଏ ।

ଏହା ଛଡା ସମାଜର ଦୈନନ୍ଦିନ ଜୀବନର ବାଂଧୁ ଚର୍ଚ୍ଚାରେ କଳା କିପରି ଭାବରେ ପ୍ରାଧାନ୍ୟ ଲାଭ କରିଛି ଦେଖାଯାଉ । ବନ୍ଧୁ ବାନ୍ଧବମାନଙ୍କୁ ଅଭ୍ୟର୍ଥନା କଲାବେଳେ ଯେଉଁ ମୁଖବାସ ଓ ବସ୍ତ୍ର ବ୍ୟବହାର କରାଯାଏ, ସେ ଗୁଡ଼ିକୁ ନାନା ପ୍ରକାର ରୁଚିପୂର୍ଣ୍ଣ ଢଙ୍ଗରେ ଦିଆଯାଏ । ପାନ ବା ମୁଖବାସକୁ ନାନା ଢଙ୍ଗରେ ଭାଙ୍ଗି ହାତୀ, ଘୋଡ଼ା, ଚନ୍ଦ୍ର, ସୂର୍ଯ୍ୟ, ତାରା, ଫୁଲ, ହାର ପ୍ରଭୃତିର ଆକାରରେ କୌଣସି ଏକ କାରୁକାର୍ଯ୍ୟପୂର୍ଣ୍ଣ ଧାତୁବିଶିଷ୍ଟ ପାତ୍ରରେ ଦିଆଯାଏ । ରୁପାର ତାରକସି କାମ ଏପରି ପାନ ଥାଳିଆମାନଙ୍କରେ ବେଶି ଦେଖିବାକୁ ମିଳୁଥିଲା । ଅନେକ ଜାଗାରେ ସାଆନ୍ତିଆ ଘରେ ପ୍ରାୟ ଏପରି ଥାଳିଆ

Digitized by srujanika@gmail.com

ବ୍ୟବହାର କରାଯାଉଥିଲା । ଯେଉଁ ଲୋକମାନଙ୍କର ବସ୍ତ୍ର, ଖାଇବା, ମଇଳା, ଗୁଡ଼ି ରଖିବା ପାଇଁ ସ୍ୱତନ୍ତ୍ର ଲୁଗା ନିର୍ଦ୍ଦିଷ୍ଟ ଥିଲା । ଲୁଗା ଭାଙ୍ଗିବାର ଢଙ୍ଗ ସବୁଠାରୁ ଚମତ୍କାର ଓ ଦର୍ଶନାଭିରାମ । ଆଜିକାଲି ଘରେ କଣ୍ଟ୍ରୋଲ ଆଦି ଓ ସାଧାରଣ ଲୁଗା ସେମାନେ ବ୍ୟବହାର କରୁ ନ ଥିଲେ । ଚନ୍ଦ୍ରକାନ୍ତି ଲୁଗା, ମାଣି [illegible], ପାଟଣୀ ଖୋଲ ପାଟ ଧୋତି ପାଟ ଦ୍ରାଣ୍ଡ ସମାଜରେ ବିଶିଷ୍ଟ ସ୍ଥାନ ଅଧିକାର କରିଥିଲା । ଲୁଗାର କୁଞ୍ଚନ ଢଙ୍ଗକୁ ଅତ୍ୟୁତ୍କୃଷ୍ଟ ଓ କଳାମୟ କରିବା ପାଇଁ ଧରୁ ବାଉଁଶ ପାଢ଼ଆ, ଚେଲଙ୍ଗଳ ବ୍ୟବହୃତ ହେଉଥିଲା । କେବେ କେତେବେଳେ ମଠର ସମ୍ମାନୀୟ ବନ୍ଧୁଙ୍କ ପରିହାସରେ ଏପରି ଲୁଗା ଭାଙ୍ଗି କୋଚିଦିଆଯାଏ, ଯାହା ବନ୍ଧୁ ଖୋଲିବାକୁ ନାନା ଚେଷ୍ଟା କଲେବି ପାରନ୍ତିନି । ତାଙ୍କର ମଧ୍ୟର ସମ୍ପର୍କ ଥିବା ଲୋକ ବା ପାତ୍ରମାନେ ଅଲ୍ପବୟସ୍କ ଶିଷ୍ୟର ଉପର ହସାଇ ଦିଅନ୍ତି । ଏହିପରି ଲୁଗାରେ ଫୁଲଗଛ, ଚଣ୍ଡ୍ରାଟିଠା ପ୍ରଭୃତି ବିଭିନ୍ନ ପ୍ରକାରରେ ତଣି ବ୍ୟବହାର କରାଯାଏ । ନୂଆ ବୋହୂଟିଏ ଘରେ ପାଦ ଦେଲେ ଗୁରୁଜନମାନଙ୍କର ଲୁଗା କୁଞ୍ଚାଇ, ଚନ୍ଦନ ଘଷିବାରେ ନାନା ପ୍ରକାର ରୀତିରେ ଭିଜାଇବା କାମ ମଠରେ ଚନ୍ଦନ ସେବା ପାଇଁ ଚନ୍ଦନ ରଖା ହେଉଥିଲା ତାର ପ୍ରଚଳ କାମ । ମନର କଳ୍ପନାକୁ ନିଜର ଦୈନନ୍ଦିନ ବ୍ୟବହାର୍ଯ୍ୟ ପଦାର୍ଥର ମାଧ୍ୟମରେ ଚାରୁକଳା ସୃଷ୍ଟି କରି ଫୁଟାଇ ପାରେ, ତା ଲକ୍ଷ୍ୟ କରିବାର କଥା ।

ଶାଶୁଘରକୁ ଦୁଇ ଅଣା ପଇସାର ଜନ୍ମୁଡ଼ା ହାଣ୍ଡିଟିଏ ଗଲେ ବି ତାକୁ ନାନା ପ୍ରକାର ଆଲଙ୍କାରିକ ଛନ୍ଦରେ ଲିପିବଦ୍ଧ କରି ଦିଆଯାଇ ହେଉଥିଲା । କଳାହାଣ୍ଡି ଉପରେ ଧଳା ଖଡ଼ି ଧଳା ରେଖା ଗୁଡ଼ିକର ଗତି ଅତି ଚମତ୍କାର । ଆଜିକାଲି ନିର୍ଦ୍ଧୂମ ରେଖା ମାଟିର ଅନେକ ଯାଗାରେ ମିଳି ଯାଉଥିବାର ମାତ୍ର ଦିଅନ୍ତି । କିନ୍ତୁ କଳାନୁଭୂତି ଠିକ ସେଇଠି ଉତ୍କୃଷ୍ଟ, ସେଥିରେ ପ୍ରଶ୍ନ ନାହିଁ । ଭାର ଦେବାର ଆଠଦିନ ଆଗରୁ ହାଣ୍ଡିରେ ଚିତ୍ର କରିବା କାମ ଆରମ୍ଭ ହୋଇ ଯାଇଥାଏ । ବିବାହ ବ୍ରତ ପ୍ରଭୃତି ଆନୁସଙ୍ଗିକ ପର୍ବରେ ମଧ୍ୟ କଳାନୁରାଗର ଶ୍ରେଷ୍ଠ ପରିଚୟ ମିଳେ । ଗୁଜରାଟରେ ବିବାହ ବେଦୀରେ ବେଦୀ ଉପରେ ଅନେକ ଆଡ଼େ ଅନେକ ପ୍ରକାର ଚିତ୍ର ଅଙ୍କା ଯାଇଥିବାର ଦେଖିବାକୁ ମିଳେ । ସାଧାରଣତଃ ଯେଉଁ ଛବି ମଙ୍ଗଳକାର୍ଯ୍ୟ ଦିନ ମଣ୍ଡପ ଘରେ ଅଙ୍କାଯାଏ ତାହା ଏକ ଦର୍ଶନୀୟ ଛବି । ନବଦମ୍ପତିଙ୍କର ପ୍ରଥମ ମିଳନ ସ୍ମୃତିକୁ ଜଗାଇ ଦେବା ଏ ଛବିର ଉଦ୍ଦେଶ୍ୟ । ଏ ଛବିରେ ଦେବାନୁକୂଳରେ ଆରମ୍ଭ କରି ବିରି ବାହୁଡ଼ା ପର୍ଯ୍ୟନ୍ତ ସମସ୍ତ ଦୃଶ୍ୟ ଅଙ୍କା ଯାଇଥାଏ । ସବୁ ଜାତିରେ ସବୁ ସମାଜରେ ଏହି ଛବି ଅଙ୍କିବା ଅନେକ ଦିନରୁ ଚଳି ଆସୁଛି ।

ରନ୍ଧନ କଳାର ଉନ୍ନତ ସାଧନ ନିମନ୍ତେ ସମାଜର ନିୟମାନୁସାରେ ଏପରି ସବୁ ତିଥି, ବାର, ନକ୍ଷତ୍ର ସ୍ଥିର କରାଯାଇଛି ଯେଉଁ ଦିନ କି ବାଧ୍ୟ ହୋଇ ପ୍ରକାର ପିଠା ପଣା ଶାକ ଶନ୍ତୁଳା ତିଆରି କରି ଜ୍ଞାତି କୁଟୁମ୍ବଙ୍କୁ ପରିବେଷଣ କରିବାକୁ ହୁଏ । କୁଟୁମ୍ବର ବୃଦ୍ଧିହିଁ ଯୋଗ୍ୟତାର ମାପକାଠି ସ୍ୱରୂପ ବ୍ୟବହାର କରାଯାଉଥିଲା ।

ଶିକ୍ଷିତ ସମାଜକୁ ଛାଡିଦେଲେ ଆଜି ବି ଉତ୍କଳର ଅନେକ ଜାତିରେ ପୂର୍ବ ରୀତି ନୀତି ଅନୁସାରେ ଲୋକେ ଗହଣା ପିନ୍ଧନ୍ତି । ସାଧାରଣତଃ ବୈଶ୍ୟ କୁଳରେ ଏହି ପୁରୁଣାକାଳିଆ ଅଳଙ୍କାର ଓ ବେଶଭୂଷା ବେଶି ଦେଖିବାକୁ ମିଳେ । କେଉଁ କେଉଁଠି ବ୍ରାହ୍ମଣ ସମାଜରେ ମଧ୍ୟ କାନରେ କୁଣ୍ଡଳ, ତୋଡ଼ର, ଅଣ୍ଟାରେ ଚନ୍ଦ୍ରହାର ବା ରୁପାପଟା, ହାତରେ ସୁନା ବା ରୁପାର ଅନନ୍ତ ପିନ୍ଧିବାର ଦେଖାଯାଏ । ପୁରାଣ ଯୁଗର କଳ୍ପନାକୁ ଆଖି ଆଗରେ ମୂର୍ତ୍ତିମାନ କରି ଯେତେବେଳେ କୌଣସି ଲୋକ ପାଟ ପିନ୍ଧିବା ହୋଇ କାନରେ କୁଣ୍ଡଳ ଝୁଲାଇ ଅଣ୍ଟାରେ ଚନ୍ଦ୍ରହାର ଦେଇ ସାମନାକୁ ଆସେ ସେତେବେଳେ ମନେ ହୁଏ, ଆଧୁନିକ ପରିଚ୍ଛଦ ଏହାର ତୁଳନାରେ ଅତି ନିକୃଷ୍ଟ ଧରଣର । ସ୍ତ୍ରୀମାନେ ମଧ୍ୟ ନାନା ପ୍ରକାର ଧାତୁ - ନିର୍ମିତ ଅଳଙ୍କାର ବ୍ୟବହାର କରନ୍ତି । ବାହାର ଲୋକଙ୍କ ସଂସର୍ଗରେ ଆସି କେତେକ କାଂସା ବା ପିତ୍ତଳ ଅଳଙ୍କାର ଛାଡ଼ି ଦେଲେଣି । କୋଣାର୍କ ଭୁବନେଶ୍ୱରରେ ଯେଉଁ ସବୁ ମୂର୍ତ୍ତି ଆମେ ଦେଖୁଁ ସେଥିରେ

Digitized by srujanika@gmail.com

ଏପରି ଅଳଙ୍କାରର ବ୍ୟବହାର ପ୍ରାୟ ନାହିଁ । କିନ୍ତୁ ଯେଉଁ ଯୁଗରେ ଶିଳ୍ପୀ ନିଜ ରୁଚି ଏହି ଅଳଙ୍କାର ସବୁ ଆବିଷ୍କାର କରିଥିଲା, ତାହା ବିସ୍ମୟର କଥା କହିବା କଥା । ଯେତେବେଳେ ସମ୍ଭବ ଶିଳ୍ପୀ ସ୍ତ୍ରୀକୁ ନାନାବିଧ କୃତ୍ରିମ ଅଳଙ୍କାରରେ ସଜାଇ ନିଜର ଆଳଙ୍କାରିକ କଳାର ପ୍ରଭାବରେ ଅନେକ ଦୂର ପ୍ରଭାବିତ ହୋଇଥିଲା ପରି ଜଣାଯାଏ ।

ବେଶ ବିନ୍ୟାସ ଯେପରି ରୁଚିକର ଥିଲା ସେପରି ସୁଗନ୍ଧ ଲେପନ ମଧ୍ୟ । ଆଜି ବି ଗାଁରେ ଝିଅମାନେ ମେଥି, ହଳଦି, କୁଙ୍କୁମ ଲେପନ କରିଥାନ୍ତି । କୁଳ ଭୁଆସୁଣୀର ଅଙ୍ଗ ସୌରଭରେ ଆଜି ବି କିଏ ମାତାଲ ନହେବ ? କେମିକେଲ୍ କମ୍ପାନୀର କୃତ୍ରିମ ସ୍ନୋ, ପାଉଡ଼ରର ସେତେ ଆମୋଦ ଦିଏ ନାହିଁ, ଯେତେ ଆନନ୍ଦ ଦିଏ ନିର୍ବାଚିତ ଗନ୍ଧ-ମସଲାର ଲେପନ ।

କୁଟୀର ଶିଳ୍ପକୁ ଅଧିକ ଆଦରଣୀୟ କରିବା ପାଇଁ ଯେଉଁ କଳା —ମୂର୍ଚ୍ଛନା ଦିଆଯାଏ ତା' ଦେଖିବା ଓ ଉପଲବ୍ଧି କରିବାର କଥା । ବାଉଁଶ ପେଡ଼ି ପଲ-ଗୁଣ୍ଡ଼ି ଓ ପଙ୍ଖା ପ୍ରଭୃତି ବୁଣିବା ଆଜି ପ୍ରାୟ ପ୍ରତ୍ୟେକ ଗାଁ ଗହଳର ସ୍ତ୍ରୀଙ୍କ କଥା ।

ଏପରି ଏକ ଧାନ ଅଛି, ଯେଉଁ ଧାନ ପରିବାରର ସମସ୍ତେ ଏକାଠି ବସି ଜନ୍ତିରେ (ଗୁଣ୍ଡ ଚାନାକୁ ସିଝାଇ ପାଣିରେ ଚକଟିବା) ସାଦା ପିଠା ନକରି ଘରର ଆବଶ୍ୟକୀୟ ଘର ଉପକରଣ ଶିଳ, ଶିଳପୁଅ ପେଡ଼ି ରଜାରାଣୀ; କଜଳପାତି, ଦୁଆତ, କଲମ, ହଳଲଙ୍ଗଳ, ଖଣ୍ଡା ତରୱାଲ ଆକାରରେ ପିଠା ତିଆରି କରନ୍ତି । ଏପରି କରିବାର ଉଦ୍ଦେଶ୍ୟ କଣ ? ଏହାର ଉଦ୍ଦେଶ୍ୟ ଯେ କେତେ ମହତ୍, ତା ଯେ କୌଣସି କଳାନୁରାଗୀ ମୁହୂର୍ତ୍ତକରେ ଉପଲବ୍ଧି କରି ପାରିବେ । ପିଲାଟି ଧାନରୁ ଗଠନ କଳା ପ୍ରତି ମୋଟାମୋଟି ଧାରଣା ଆଣେ । ଓ ହାତକୁ ପ୍ରବୃତ୍ତ କରିବା ପାଇଁ ଏପରି ବ୍ୟବସ୍ଥା ଅନେକ ଦିନରୁ ଚାଲି ଆସୁଛି ।

ଏହିପରି ଅନେକ କଳାବୋଧର ପରିଚୟ ମିଳେ ବିଶେଷତଃ ଗଠନ କଳା, ଆଳଙ୍କାରିକ କଳା ଓ ରଞ୍ଜନ କଳାର ସ୍ଥାନ ବର୍ତ୍ତମାନ ଅଧିକ ।

ପ୍ରତ୍ୟେକ ଗୃହସ୍ଥ ଘରେ ଅବହେଳିତ ହୋଇଥିବା ଯାହା ଏ କଳାବୋଧ ଠିକ୍ ପ୍ରାଚୀନ କାଳରୁ ବଂଶାନୁକ୍ରମିକ ଭାବରେ ନିର୍ଦ୍ଦିଷ୍ଟ ହୋଇଛି । ଓଡ଼ିଆ ଜାତି ଜାଣିଥିଲା ମା ହେଉଛି ପ୍ରକୃତ ଶିଳ୍ପୀ, ମା'ର ରୁଚି ଅନୁସାରେ ଶିଶୁର ରୁଚି । ନାରୀସମାଜରେ ଏ କଳାବୋଧ ଠିକ୍ ଯଦି ପ୍ରେରିତ ହୋଇ ନଥାନ୍ତା, ତେବେ ଶିଳ୍ପର ସଂଗୀତ ଝଂକାରରେ ଧର୍ମ ପାଇଁ କାମନା ମନ୍ଦିର କଠିନ ପଥର କାଟି ପାରୁ ନ ଥାନ୍ତା, । କି ଅଦ୍ଭୁତ ପ୍ରେରଣା, କି ଅକୃତ୍ରିମ ଅନୁରାଗ ଓ ପ୍ରେମ ।

ଆଜି କୋଣାର୍କ ଅଛି, ଭୁବନେଶ୍ୱର ଅଛି । ସବୁ-ଦିନ ପରି ଦରିଆ ଆଜି ବି ଗର୍ଜୁଛି, ପାହାନ୍ତି ପବନର ପୁଲକରେ ଶାଳୁଆ ପତର ଉଲ୍ଲସି ଉଠୁଛି । କିନ୍ତୁ କାହିଁ ଆମର ସେ ରୁଚି ? ଆମେ ସବୁରି - ସଭ୍ୟତାର ଦାଉରେ ପଡ଼ି ଚାକଚକ୍ୟ ଜୋର ଦେଖି ସବୁ ଭୁଲିଛେଁ । ନିଜର ସଭ୍ୟତା ନିଜର କଳାକୁ ବଞ୍ଚାଇବା ପାଇଁ ଯେଉଁ ଜାତି ନାନା ବାଟରେ ନାନା ଉପାୟରେ ସମାଜର ନିୟମ ପର୍ଯ୍ୟନ୍ତ ଗଢ଼ି ଯାଇଛନ୍ତି, ତା'ର ମହତ୍ତ୍ୱ କିପରି ଏ ଜାତି ଭୁଲିଲା ? ତା'ର ବିକାଶ ପଥରେ କଣ ଅନ୍ତରାୟ ? ଯେଉଁ ଦେଶର ନାରୀଙ୍କ ନାରୀତ୍ୱ କେବଳ କଳାକୁ ମାପକାଠି କରି ନିର୍ଦ୍ଧାରିତ ହେଉଥିଲା - ଏହି ପରି ଭାବରେ ଲଭୁଥିଲା ତାର ପୂର୍ଣ୍ଣ ବିକାଶ ସେ ନାରୀ ଆଜି କାହିଁ ? ସେ ଗାଁ ଗହଳର ମଫସଲିଆ ପଥୁରିଆ ଟୋକା ପୁଣି କାହିଁ ?

ତେଣୁ ଆମକୁ ଗାଁ ଆଡ଼କୁ ଦୃଷ୍ଟି ପକାଇବାକୁ ହେବ । ଆମର ରୁଚି ବଦଳାଇବାକୁ ହେବ । ବିଦେଶୀ କଳାର ପ୍ରଭାବରେ ଚିହ୍ନାଇଥିବା ଚକ୍ରକୁ ଆମକୁ ଛାଡ଼ି ଦେବାକୁ ହେବ । ଭାରତୀୟ କଳାରେ ଓଡ଼ିଶୀ କଳାର ସ୍ଥାନ ବାଛିନେଇ ନିଜର କଳା ଲକ୍ଷ୍ମୀଙ୍କୁ ଉପଯୁକ୍ତ

Digitized by srujanika@gmail.com

ସ୍ଥାନରେ ଅଧିଷ୍ଠିତ କରିବାକୁ ହେବ । କୃତ୍ରିମ ନୟନ ଜାଳ ତଳେ କଳା-ସାମାନଙ୍କୁ ବାନ୍ଧି ନ ରଖି ଏହାକୁ ବିସ୍ତୃତ ଅର୍ଥରେ ଗ୍ରହଣ କରିବାକୁ ହେବ ।

ଦେଖାଯାଏ—ଅନେକ ଜାଗାରେ ଅନେକ ପ୍ରକାର ରୁଚି ନେଇ କେଶ ବିନ୍ୟାସ ବେଶଭୂଷା ହୋଇଥାଏ । କେହି କେହି ମରହଟିଆ କହି ଏ ସବୁକୁ ଅବହେଳା କରନ୍ତି । ଆଜି ସମୟ ଆସିଛି, ଲୁଚି ଯାଉଥିବା କଳାର ପୁନରୁଦ୍ଧାର କରିବାକୁ ହେବ । ସେଥିପାଇଁ ଯେପରି ଅନୁକୂଳ ବାୟୁମଣ୍ଡଳର ସୃଷ୍ଟି ହୁଏ । ଓଡ଼ିଶାର ପ୍ରତ୍ୟେକ କଳାକାର ସେଥିପ୍ରତି ଦୃଷ୍ଟି ଦେବା ପାଇଁ ଏକ ଦୃଢ଼ ସଙ୍ଗଠନ ହେବା ଦରକାର । କଳା କୁଶଳତା କେବଳ ଆତ୍ମ ପ୍ରଶଂସା ବୁକୁରେ ଠିଆ ହୋଇ ଗର୍ବ କରୁ ଅଥଚ କଳା କୌଶଳର ପ୍ରତିକୃତି ଆଙ୍କିବା ଛଡ଼ା ଆଉ କିଛି ନୁହେଁ । ଆମକୁ ଗାଁ ଗହଳର କଳାକୁ ପ୍ରାଣେ ପ୍ରାଣେ ଅନୁଭବ କରିବାକୁ ହେବ । ଲୋପ ପାଇ ଯାଉଥିବା କଳାକୁ ଯୁଗୋପଯୋଗୀ କରିବା ପାଇଁ ଉତ୍ସାହ ଦେବାକୁ ପଡ଼ିବ ।

ଦେଶରେ ନାନା ପ୍ରକାର ଅର୍ଥନୈତିକ ଓ ରାଜନୈତିକ ପ୍ରଶ୍ନ ନେଇ ସମସ୍ତେ ବ୍ୟସ୍ତ । ଏହା ଆଜି ଅଛି, ସବୁଦିନେ ରହିବ ମଧ୍ୟ । ଯେଉଁ ଦିନ ଯାଏ ସମାଜ ଅଛି ଏବଂ ଥାନ୍ତି, ସଙ୍ଗଠିତ ସମାଜ ହିସାବରେ ଉଚ୍ଚତା ସୀମା ଅତିକ୍ରମ କରି ଠିଆ ହୋଇଛି, ସେତେ ଦିନ ଯାଏ ଆମେ କୌଣସି ପ୍ରଶ୍ନର ସମାଧାନ କରି ପାରିନା ନାହିଁ । ଏଥିପାଇଁ ଆମକୁ ନୀତିବାନ୍ ହେବାକୁ ହେବ । ନିଜର ଦୃଷ୍ଟି ସହରର ସିନେମା, ଥିଏଟର ସ୍ଥାନରେ ବନ୍ଦ ନ ରଖି ଆମକୁ ଗାଁ ଗହଳର ଗୀତ, ଛନ୍ଦ, ପ୍ରଭୃତି ପ୍ରତି ଦୃଷ୍ଟି ଦେବାକୁ ହେବ । ଆମର ଚିନ୍ତାଧାରାକୁ ସଂକୀର୍ଣ୍ଣ ପ୍ରକୋଷ୍ଠ ମଧ୍ୟରେ ସୀମାବଦ୍ଧ ନ ରଖି ତାକୁ ଦୂର ଦୂରକୁ ପ୍ରସାରିତ କରିବାକୁ ହେବ ।

ଅତି ସୁଖର କଥା, ଗତ ମାର୍ଚ୍ଚ ମାସରେ ଉତ୍କଳୀୟ ଶିଳ୍ପୀ ମାନଙ୍କର ଗୋଟିଏ ସୂକ୍ଷ୍ମ କଳା ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା । ଅନେକ ଉତ୍କଳୀୟ ଶିଳ୍ପୀ ଛବିମାନ ପଠାଇ ପ୍ରଦର୍ଶନୀକୁ ସାଫଲ୍ୟ ମଣ୍ଡିତ କରିଥିଲେ । ଆହୁରି ସୁଖର କଥା, ଲୋକ ପ୍ରତିନିଧି ସରକାରର ପାଠ ମନ୍ତ୍ରୀଙ୍କ ପୌରହିତ୍ୟରେ ପ୍ରଦର୍ଶନୀଟି ଉଦ୍‌ଘାଟିତ ହୋଇଥିଲା । ଗାଁ ଗହଳିରେ କଳାର ପୁନରୁଦ୍ଧାର କରିବା କେତେ ଜରୁରୀ ପାଠମନ୍ତ୍ରୀ ନିଜ ବକ୍ତୃତାରେ ସମସ୍ତଙ୍କୁ ବୁଝାଇ ଦେଇଥିଲେ । ତାଙ୍କ ଭାଷଣ କେବଳ ଉପଦେଶ ଆକାରରେ ରହିଲା । ଅନ୍ୟମାନେ ମଧ୍ୟ ସେହିପରି ଉପଦେଶ ଦେଲେ, ମାତ୍ର ସେମାନେ ଯେପରି ଦେଲେ ଅନେକେ ଏମିତି ଦେଉଥିବେ । କିନ୍ତୁ ଯେଉଁ ଉପଦେଶ କେବଳ ଉପଦେଶ ହିସାବରେହିଁ ରହିଥାଏ ତାର ମୂଲ୍ୟ ବା କଣ ? ଯେଉଁ ଉପଦେଶ କାର୍ଯ୍ୟରେ ପରିଣତ ହୁଏ, ସେ ଉପଦେଶ ସମାଜର ଚିତ୍ର ବଦଳାଇ ଦିଏ । ତେଣୁ ଆମ ସରକାର ବର୍ତ୍ତମାନ ତାଙ୍କ ତୀକ୍ଷ୍ଣ ଦୃଷ୍ଟି ପକାଇ ଲୁପ୍ତ କଳାକୁ ବଞ୍ଚାଇବାର ପ୍ରଚେଷ୍ଟା କଲେ ଅନେକ ଶିଳ୍ପୀ ଯେଉଁମାନେ ଗାଁ ଗହଳରେ ନିଜର ପ୍ରତିଭା ବିକାଶ କରି ନ ପାରି ମଉଳି ଯାଇଛନ୍ତି, ସତେଜ ହୋଇ ଉଠନ୍ତେ ।

ପ୍ରଦର୍ଶନୀଟି ଏ ଦିଗରେ ପ୍ରଥମ ଉଦ୍ୟମ । ଏହା ଓଡ଼ିଶା ପକ୍ଷେ ସୌଭାଗ୍ୟର କଥା । ପ୍ରଦର୍ଶନୀର ଅନୁଷ୍ଠାନକୁ ସହର ଭିତରେ ସୀମାବଦ୍ଧ ନ ରଖି ଏହା ଯେପରି ଗାଁ ଗହଳରେ ମଧ୍ୟ ପଶି ପାରେ, ସେ ଦିଗରେ ଚେଷ୍ଟିତ ହେବା ଦରକାର ଯହିଁରେ ଏହା ଲୋକର ରୁଚି ପ୍ରବର୍ତ୍ତନରେ ଏବଂ ଯେଉଁ ଗାଁ ଗହଳରେ କଳା ବର୍ତ୍ତମାନ ନାନା ଅପଭ୍ରଂଶ ହୋଇ ପଡ଼ିଛି ତାହାର ପୁନରୁଦ୍ଧାର କରିବାକୁ ଯୁଗୋପଯୋଗୀ କରିବାରେ ସାହାଯ୍ୟ କରିବ । ଯେଉଁ ଛନ୍ଦ ଜୀବନକୁ ପ୍ରସାରିତ କରେ, ସେପରି ଚିତ୍ର ଅଙ୍କିବା ଶିଳ୍ପୀର ଲକ୍ଷ୍ୟ ହେବା ଦରକାର । ଗତ ପ୍ରଦର୍ଶନୀଟିରେ କେବଳ ମନୁଷ୍ୟର ପ୍ରତିକୃତି ବ୍ୟତୀତ ଅନ୍ୟ ଧରଣର ଛବି ନ ଥିଲା । ଶିଳ୍ପ-କଳା କହିଲେ ଆମେ ଯାହା ବୁଝୁଁ ତହିଁରେ ସବୁର ସ୍ଥାନ ରହିବା ଉଚିତ । ଏଥିପାଇଁ ଯେତେ ସାଧନା, କଷ୍ଟ

Digitized by srujanika@gmail.com

ଦରକାର । ଉଲଲୀସ୍ଥ ଶିଳ୍ପୀ ତେଂ ସବୁ ମଥାପାତ ବରଣ କରିନେବା ଉଚିତ ।

ଆମେ ଯେତେବେଳେ ଏ ସବୁ କଥା ଅନୁଭବ କରିବା ସେତେବେଳେ ଦେଖିବା ତାଠୁ ଅଧିକ ଆନନ୍ଦ ପାଇବା ନିଜେ ସୃଷ୍ଟି କରିବାରେ । ଯେଉଁ ଲୋକ ଖିଅଲ ବସ୍ତୁତଃ ଅନ୍ତରର ବାଣୀକୁ ଚୁନ ଚ । ହଳଦୀ ଗୋଳ, ଛାଉ ଲେପି ରୂପ ଦେଇପାରେ, ତାର ସ୍ଥାନ ଯେ ଆଧୁନିକ ଶିକ୍ଷକର ସମାଜରେ ନାହିଁ, ଏହାର ଜବାବ ଦେବ କିଏ ?

---

## "ସେ'ତ ଗୁହିଁଛି ମୋରେ" ।

ଶ୍ରୀ ରେବତୀକାନ୍ତ ସାହାଣି

ସେ ତ ଗୁହିଁଛି ମୋରେ
ନୀରବ ଅଶ୍ରୁ ନୀରେ
ସେତ ଫୁଟାଇଛି ଭାଷା
ସଜଳ ଚକ୍ଷୁ ତୀରେ ।

ସେତ ଗୁହେଁ ନାହିଁ ମୁକ୍ତି
ସେତ ଗୁହେଁ ନାହିଁ ପ୍ରାଣ
ଗୁହିଁଛି କେବଳ ବାରେ
ମୋର ହୃଦୟର ଦାନ ।

ସେତ କହୁଅଛି କଥା
ଧୀରେ ଧୀରେ କାନ୍ଦରେ
ସେତ, ମାଗିଛି ପ୍ରଣୟ ବ୍ୟଥା
ଗୁହିଁ ମୋ ନୟନ ଦ୍ୱାରେ ।

ସେତ, ଯାଚୁଛି ଅଦେୟ ହାର
ମୁଁ ତ, ପାରେନି ଗ୍ରହଣ କର
ସେ ଯେ ଦେଇଛି ଆଖିର ଧାର
ତାକୁ କିପରି ଯେ ରଖିବ ଧର ?

—×✻×—

Digitized by srujanika@gmail.com

# ଉର୍ବଶୀ

ଶ୍ରୀ ଅଖିଳମୋହନ ପଟ୍ଟନାୟକ

ସନ୍ନ୍ୟାସୀ ତପ-ରତ । ଯୌବନର ଅଧ ସ୍ପର୍ଶରେ ସେ ଉନ୍ମାଦ ହୋଇ ନାହାନ୍ତି-ଉପେକ୍ଷା କରିଛନ୍ତି ମାୟା-ମୃଗର ଅନୁସରଣ ପରିତ୍ୟାଗ କରି ସେ ବରଣ କରି ନେଇଛନ୍ତି କଠୋର ତପବ୍ରତ । ଆଜି ବୋଧହୁଏ ସେ ପଦପାତ କରିବେ ସପ୍ତୋବିଂଶତିତମ ବୟସରେ; ଦୀର୍ଘ ପାଞ୍ଚବର୍ଷ ହୋଇଗଲା ଏ କଠୋର ସାଧନା ।

କୈଳାସର ତୁଙ୍ଗ ଶିଖର ସୋପାନ ସୋପାନ ହୋଇ ଊର୍ଦ୍ଧ୍ୱଗାମୀ । ଜନ ଯାତାୟାତ ହେତୁ ପାଦପ ବ୍ରତତୀର ସାନ୍ଦ୍ରତା ଭେଦ ଆଖିପ୍ରକାଶ କରିଛି ଶୀର୍ଣ୍ଣ ଓ ବଙ୍କୁର ପଥଟିଏ । ପଥଟି କେବଳ ନାନା ଆକୃତିର ଶିଳାଚୟର କ୍ରମ ରଚନା । ଦୁଇ ପାର୍ଶ୍ୱରେ କେଉଁ ଅଜ୍ଞାତ ଦେଶ ନିଃସୃତ ଚଞ୍ଚଳ ଝରଣା କର୍ତ୍ତବ୍ୟ ଅନୁରୋଧରେ ନିମ୍ନବାହୀ, କେତେବେଳେ ମୁଖରା ହୋଇ ଆତ୍ମା ପ୍ରକାଶ କରୁଛି-ଅଟ୍ଟହାସ କରିଛି, ବୃନ୍ତଚ୍ୟୁତ ଶୁଷ୍କ ପତ୍ର ଗୁଡ଼ିକୁ ନିଜର ସ୍ୱଚ୍ଛ-କାନ୍ତ ଲାବଣ୍ୟରେ - ଓ ଅବଲୀଳା କ୍ରମେ ଭସାଇ ନେଇ ଯାଉଛି । କେତେବେଳେ ଶୁଷ୍କପତ୍ରର ତଳେ ତଳେ ପ୍ରକାଣ୍ଡ କାୟ ପାଦପର ଧାରେ ଧାରେ ଓ ବୃହତ୍ ଶିଳାଚୟର ଅଙ୍ଗେ ଅଙ୍ଗେ ଆତ୍ମ ଗୋପନ କରିଛି । ପ୍ରତୀକ ସ୍ୱରୂପ ଦୁଇ ପାର୍ଶ୍ୱର ଶିଳାଚୟ ଉପରେ ରଖି-ଯାଇଛି ଶୈବାଳର ଶେଯ, ସମସ୍ତଙ୍କ ପରି ଶୈବାଳ ମଧ୍ୟ ନିଜର ନୀଳିମାକୁ ମିଶାଇ ଦେଇଛି ପ୍ରକୃତିର ଚିର ଶ୍ୟାମ ନୀଳିମାରେ । ପ୍ରକୃତି ଏ ନବତମ ଅବଦାନକୁ ଅଭି-ନନ୍ଦନ ଜଣାଇଛି ।

ନୂପୁରର ସିଞ୍ଜିନୀ ବୋଧହୁଏ କୈଳାସ ଗିରି ଏଇ ଶୁଣିଲା ପ୍ରଥମ କରି ଅପ୍ରତ୍ୟାଶିତ ଭାବରେ । ଉପରେ ଉତ୍ସବ ନାହିଁ ତଥାପି ନୂପୁରର ନିକ୍ୱଣ ! ଶିଳାର ପ୍ରତି ଶ୍ଳେଷ ବକ୍ଷରେ ଶୀତ୍କାର ଆଣି ଆରୋହଣ କରି ଚାଲିଛି ଦୁଇଟି କୋମଳ ପାଦ । କେବେ ଧୀର କେବେ ଦ୍ରୁତ ଆରୋହଣ-ରତା କିଶୋରୀର ମସ୍ତକ ଅବନତ, ମୃଣାଳ-ବାହୁରେ ସଳଖି ରଖିଛି ବାମ ସ୍କନ୍ଧ ଉପରେ ପୁଷ୍ପ ଡାଲି, ସୁରଚିତ କବରୀ ଉପରେ କେତକୀ ପୁଷ୍ପର ବିଳାସ । କେବେ କେବେ ଛନ୍ନ ଚକ୍ଷୁ ପ୍ରକୃତିର ରୂପ ସମ୍ଭାର ଦେଖି ଅଟକି ଯାଏ ନୂପୁର ନୀରବ । ଗ୍ରୀବା ସଙ୍କୋଚାଇ ଥରେ ଅନୁଭବ କରିନିଏ କେଉଁ ଗୁପ୍ତ ପୁଷ୍ପର ସୌରଭ, ପୁଣି ନୂପୁର ମୁଖରା ହୋଇ ଉଠେ । ଶିଳାରେ ଶିଳାରେ ନହବତର ଛନ୍ଦ । ଅବିଶ୍ରାନ୍ତ ଚାଲିଛି କିଶୋରୀ ।

ପଦ୍ମାସନରେ ସନ୍ନ୍ୟାସୀ ତପ ରତ । ବିରାଟ ଶିଳା ଉପରିସ୍ଥ ମୃଗ ଚର୍ମାସୀନ । ଗୌର ତନୁ ଉପରେ ଲମ୍ବି ଯାଇଛି ଶୁଭ୍ର ଉପବୀତ ଓ ବିଶାଳ ନୟନ ଦୁଇଟିରେ ପୂରି ରହିଛି ଶାନ୍ତି । ଉନ୍ନତ କପାଳ ଉପରେ ଜ୍ୟୋତି-ର୍ମୟର ଆଭା । ଉଦାର ବପୁରେ ତିଳେ ମାତ୍ର ସ୍ପନ୍ଦନ ନାହିଁ । ସେ ଅଭିଭୂତ ।

କିଶୋରୀର ନୂପୁର ଧ୍ୱନି ନିକଟରେ ହେଲା...... । ଯେମିତି ଦୁଇଟି କ୍ଳାନ୍ତ କୋମଳ ଜାନୁ ଅବିରତ ଆରୋହଣ ରତ । ଶେଷଥର ପାଇଁ ଅବଶିଷ୍ଟ ତନୁଲତାକୁ ଚଞ୍ଚଳ କରି ଆରୋହି ଉଭା ହେଲା ଧ୍ୟାନମଗ୍ନ ତରୁଣ ସନ୍ନ୍ୟାସୀ ସମ୍ମୁଖରେ । ଫୁଲ ଡାଲିକୁ ନିକଟସ୍ଥ ଶିଳା ଉପରେ ରଖି ଦେଇ କିଶୋରୀ ନିରୀକ୍ଷଣ କଲା ...... କିଶୋରୀ ଚକ୍ଷୁରେ ବିଦ୍ୟୁତର କ୍ରୀଡା - କମ୍ର ନୟନ ଯୁଗଳରେ ତୀବ୍ର ଅନୁସନ୍ଧିତ୍ସା । ମନେ ହେଲା ଯେପରି ହର ଯୋଗ ଭଙ୍ଗରେ ରତ ଆତ୍ମପ୍ରକାଶ କରିଛନ୍ତି । କ୍ଳାନ୍ତ ସୁନ୍ଦରୀର କପାଳ ଉପରେ ଫୁଟାଇ ଦେଇଛି ବିନ୍ଦୁ ବିନ୍ଦୁ ସ୍ୱେଦ କଣା । କିଶୋରୀ ଥରେ ଅଞ୍ଚଳରେ ସ୍ୱେଦବାରି ପୋଛି ଆଣିଲା ।

ପୁନର୍ବାର ନୂପୁରର ନିକ୍ୱଣ,
ତରଙ୍ଗାୟିତ ଶବ୍ଦ କଣା ମୁଖରିତ କରିଗଲା ନୀରବ

Digitized by srujanika@gmail.com

ତପୋବନ । ସେ କ୍ଷୀଣ ଶବ୍ଦ ସ୍ପନ୍ଦନର ସ୍ପର୍ଶରେ ଯେପରି ସାରା ପ୍ରକୃତି ମୁଖରିତ ହୋଇ ଉଠିଲା । ମର୍ମର ଶବ୍ଦରେ ଖସିପଡ଼ିଲା ଦୁଇଟା ଶୁଷ୍କ ପତ୍ର ଓ ମନ୍ଦ ହିଲ୍ଲୋଳରେ ଆନ୍ଦୋଳିତ ହେଲା କୃଶାଙ୍ଗୀ ଦେବଦାରୁର ଅଗ୍ରଭାଗ, ଆନ୍ଦୋଳିତ ହେଲା ସନ୍ୟାସୀଙ୍କର ଗ୍ରନ୍ଥି କୁଞ୍ଚିତ ଶଇରବଜ । ଶରୀରର ଶିର ପ୍ରଶିରରେ ଯେପରି ଖେଳିଗଲା ମୃଦୁ ସ୍ପନ୍ଦନ, ବାତାହତ କମଳ ପରି ମୁଖ-ପଦ୍ମ ସ୍ପନ୍ଦିତ ହେଲା ସାମାନ୍ୟ, କଞ୍ଜ ନୟନ ଯୁଗଳ ପ୍ରସାରଣରେ ଖୋଲିଗଲେ ଆସ୍ତେ ··· ଆ—ସ୍ତେ' ଭ୍ରୁଦ୍ୱୟ ସାମାନ୍ୟ କୁଞ୍ଚିତ । ମୁଖରେ ଗୋଟାଏ ପ୍ରଶ୍ନ ବାଚକ ଚିହ୍ନ ।

'କିଏ ମା'ରୁ' ?ଆସିଲା ଧୀର ଗମ୍ଭୀର ପ୍ରଶ୍ନ

କିଶୋରୀ ଅପ୍ରସ୍ତୁତ ହେଲା, ସତେ ସେ ଯେପରି ଦୋଷୀ-ତପସ୍ୱୀଙ୍କର ଧ୍ୟାନ ଭଙ୍ଗ କରିଛି । ସାହସ ସଞ୍ଚୟ କରି କହିଲା

"ମୁଁ ଆଣିଥିଲି ଚନ୍ଦ୍ରଶେଖରଙ୍କ ପାଇଁ ଫୁଲ"

"ହଉମା' ହଉ ଭଲ କରିଛୁ" ସନ୍ୟାସୀ ଆସନ ଛାଡ଼ ଉଠିଲେ ।

ନୁଆଁଣିଆ ଗୁଳ ଘରଟିରେ ଗୋଟିଏ କୋଣରେ ଥାପନା ହୋଇଛନ୍ତି ଶିବଲିଙ୍ଗ । କପିଳାସର ରକ୍ଷାକର୍ତ୍ତା ଚନ୍ଦ୍ରଶେଖରଙ୍କ ଉପରେ ଯେଉଁ ବରାଟ ପ୍ରତିମୂର୍ତ୍ତି ଅଛି ଏଠାରେ ତାଙ୍କରି କ୍ଷୁଦ୍ର ପ୍ରତିକୃତି ମାତ୍ର ସ୍ଥାପିତ । କ୍ଷୁଦ୍ର ଉନ୍ନତ ଲିଙ୍ଗଙ୍କୁ ପରିବେଷ୍ଟନ କରି ରହିଛନ୍ତି ଅଷ୍ଟଧାତୁର ନାଗ, ଲିଙ୍ଗରେ ମାଳାଟି ଥାପୁ ଥାପୁ ସନ୍ୟାସୀ ପଚାରିଲେ "ମା ତୋ ନାଁ ?"

"ମୋ ନାଁ ?" କ୍ଷଣକାଳ ନୀରବତା ପରେ କିଶୋରୀ ସଲଜ୍ଜ ସ୍ୱରରେ କହିଲା "ଉର୍ବଶୀ" । "ବା ସୁନ୍ଦର ନାଁ ଟିଏତ" ସନ୍ୟାସୀ ହସିଲେ ।

ଉର୍ବଶୀ ପ୍ରଣାମ କରି କୁଳୁ କୁଳୁ ଝରଣାର ଅନୁକରଣରେ ଶିଳା ପରେ ଶିଳାରେ ଲମ୍ଫ ପ୍ରଦାନ କରି ଫେରି ଆସିଲା ପର୍ବତର ନିମ୍ନ ଦେଶକୁ ଯେଉଁଠି ତାର ଜରାଜୀର୍ଣ୍ଣ ବୃଦ୍ଧା ମାତା କୁଟୀରର ଦ୍ୱାର ଦେଶରେ ପଦଧ୍ୱନିକୁ କର୍ଣ୍ଣମାତ୍ର କରି ରହିଥିଲା ମୁହୂର୍ତ୍ତି ମୁହୂର୍ତ୍ତି ଗଣି ··· ଉର୍ବୁ ଯାଇଛି ଫୁଲ ଦେବାକୁ, ଫେରି ଆସିବ

ସନ୍ୟାସୀ ଶିଖର ଦେଶରୁ ଅନାଇ ରହିଥିଲେ ଉର୍ବଶୀ କିପରି ଦ୍ରୁତ ଚରଣ ପାତରେ ସ୍ଥଳପଦ୍ମ ଫୁଟାଇ ଡେଇଁ ଡେଇଁ ଚାଲି ଯାଉଥିଲା ତଳକୁ, ଦୀର୍ଘ ଶ୍ୱାସତ୍ୟାଗ କଲେ । ଉର୍ବଶୀ ଲଟଗଛ ଗହନ ପଛ ତଳେ

ପୃଥିବୀ ସେହି ମୁହୂର୍ତ୍ତିଠାରୁ ଥରେ ବୁଲି ଆସିଲା ତାର ଅକ୍ଷ ଚାରିପଟେ । ଚବିଶିଘଣ୍ଟା, ସନ୍ୟାସୀ ଗତାନୁଗତିକ କାର୍ଯ୍ୟକ୍ରମ ସମାପନ କରି ଆସୀନ ହେଲେ ସେହି ମୃଗଚର୍ମ ଉପରେ ଆରାଧନା ପାଇଁ, ଜୀବନର ସାରବସ୍ତୁ ଉପଲବ୍ଧି କରିବା ପାଇଁ ।

ପୁନର୍ବାର ସେହି ନୂପୁର ଧ୍ୱନି

ସନ୍ୟାସୀ ଆଖି ମେଲିଲେ ବୋଧହୁଏ ଆଶା କରୁଥିଲେ - ଉର୍ବଶୀ ଆସିବ ।

· · · ·

ପଚାରିଲେ 'ମା' ଆସିଛୁ ?

ଉର୍ବଶୀ ସାମାନ୍ୟ ହସି ଉତ୍ତର ଦେଲା "ହଁ"··· ସନ୍ୟାସୀ ଆସନ ଛାଡ଼ ଠିଆ ହେଲେ । 'ମା' ତୋର କିଏ ଅଛି' ? "କେହି ନାହିଁ, ଖାଲି ବୁଢ଼ୀ ମା' ହିଁ ଏବେ ସେ ବାଥିକ ପଡ଼ିଛି ।"

"ହଉ, ହଉ ଭଲ ହୋଇଯିବ ସେ ମା', ଭଲ ହୋଇଯିବ" । ସନ୍ୟାସୀ ଫଳ ଡାଲା ଧରି ପଶିଗଲେ ନୁଆଁଣିଆ ଗୁଳ ଭିତରକୁ । ଉର୍ବଶୀ ଦ୍ୱାରର ପାଖକୁ ଲାଗିଗଲା ।

ତା ମନରେ ଆଶା ଓ ନିରାଶାର ଦ୍ୱନ୍ଦ, ବୁଢ଼ୀ ମା' ଭଲ ହୋଇଯିବ, ତାର ଭଙ୍ଗା କୁଟୀର ପୁରି ଉଠିବ, ପୁଣି ଥରେ । ଚଞ୍ଚଳ ହୋଇ ଉଠିବ ବୁଢ଼ୀ ମା'ର ପଦ ସଞ୍ଚାଳନରେ - ବୁଢ଼ୀ ଡାକିବ କି କଲେ ମା' ଏତେବେଳ ହେଲାଣି ଶୋଇଛୁ ? ଟିକେ ଧୋଇ ଆସିବାକୁ ଏତେ ଉଚ୍ଚୁର

Digitized by srujanika@gmail.com

କାଲି କଅଁ, ଫୁଲ ଦେଇ ଯିବୁନିକି ? ......... ସେ ଅଳସଇ କହିବ "ହଁ ଯିବିଲୋ - ତୁ ମୋ ପାଇଁ ଆଜ ସବୁବେଳେ ଝଙ୍କଟ୍ ଲଗାନା" ।

ତୁଳସୀ ମାଁ ଆସେ ଶିଳାରେ ଶୀତକାର ଆଣି । ବୁଢ଼ୀ ମା' ଭଲ ହୋଇଯିବା ପରେ ତାର ଚନ୍ଦ୍ରଶେଖରଙ୍କ ଉପରେ ଅପରିଚ୍ଛ ଅଟଳ ବିଶ୍ୱାସ । ଗାଧୋଇ ଆସି ଫୁଲ ନଦେଲେ ସେ ଖାଇ ବସେ ନାହିଁ ତାର ଦୈନନ୍ଦିନ ଜୀବନରେ ଯେ ଗୋଟାଏ ନୂତନ କର୍ମ ପନ୍ଥା ।

ସନ୍ନ୍ୟାସୀ ସକାଳ ସଞ୍ଜ ସବୁ ଅନୁଭବ କରିଯାଏ ତାର କ୍ଷୁଦ୍ର କୁଟୀର ମଧ୍ୟରେ । ପାଖରେ ବୋହିଯାଉଥିବା ଝରଣାରୁ ପାଣି ଆଣେ - ଯେଉଁଠାକୁ ରାତିର ତୃତୀୟ ଯାମରେ ପର୍ବତ କନ୍ଦରରୁ ଓହ୍ଲାଇ ଆସନ୍ତି ତୃଷିତ ବନ୍ୟ ଜନ୍ତୁ । ପର୍ବତର ବିରାଟ ପ୍ରାକୃତିକ ସବୁଜିମା ମଧ୍ୟରୁ ସେ ଯେଉଁ କେତେକ କାଠି ନେଇ ନିଜର ଆଶ୍ରମ ତିଆରି କରିଛନ୍ତି ଓ ଚତୁର୍ଦ୍ଦିଗରେ ବେଢ଼ିଛନ୍ତି ପନି ପ ରି ବା, ସେଥିରୁ ଅସେ ତାଙ୍କର ଦୈନନ୍ଦିନ ଆହାର,-ସେ ଓ ପ୍ରକୃତି, ପ୍ରକୃତି ଓ ସେ ।

ବେଳେ ବେଳେ ଏକୁଟିଆ ଲାଗେ, ଚନ୍ଦ୍ରଶେଖର ମନୁଷ୍ୟଙ୍କ ବଞ୍ଚିବା ପାଇଁ ଯାହା ଲୋଡ଼ା ସବୁ ଦେଇ ପାରନ୍ତି ନାହିଁ । ଶର ସବୁଜ ପ୍ରକୃତି ଜୀବନକୁ ତେତ୍ୟ ସରସ କରି ରଖି ପାରେ ନାହିଁ ......ହୃଦୟର କେଉଁ ଅଜ୍ଞାତ କୋଣରେ ଅଘାତ ଲାଗେ । ହୃଦୟର କେତେଠା ଦରଦୀ ବନ୍ଧୁ ଦୁର୍ବଳ ମୁହୂର୍ତ୍ତରେ ଚିତ୍କାର କରି ଉଠନ୍ତି "ସନ୍ନ୍ୟାସୀ ବହୁତ ଆଧ୍ୟାତ୍ମିକ ଚର୍ଚ୍ଚା କଲ-ନିଜ ହୃଦୟ ପାଇଁ କଣ କରିଛ ?"

ସନ୍ନ୍ୟାସୀ ଚମକି ପଡ଼େ ସଚେତ ! କିଛି କହି ପାରି ନାହିଁ । ଗୋଧୂଳି କୁହୁଡ଼ିର ହୋଇ ଆସେ, ତାର ଅବରଣ ତଳେ ଲୁଚିଯାଏ ସାରା କୈଳାସ ଗିରି ଓ ବ୍ୟଥିତ ସନ୍ନ୍ୟାସୀ ।

ଦିନ ଗଡ଼ିଚାଲେ । ଉର୍ବଶୀ ଆସେ,- ଫେରିଯାଏ ଗୌର ଚନ୍ଦ୍ରଶେଖର ଠିକ ଷଣେ ଗୃହୀ ରହନ୍ତି ସନ୍ନ୍ୟାସୀ । କେତେବେ କେତେ କେତେ କଥା ପଚାରନ୍ତି । ଉର୍ବଶୀ ନିଃସଙ୍କୋଚରେ ସବୁ କହିଯାଏ । ନିଜର ଅନୁସନ୍ଧିତ୍ସୁ ହୃଦୟକୁ ସନ୍ତୋଷ କରାଇ ନେବା ଛଡ଼ା ସେ କୌତୁହଳୀ ହୋଇ ବେଳେ ବେଳେ ପ୍ରଶ୍ନ କରେ:-

"ଏଜୀବନ ତୁମେ କାହିଁକି ବାଛି ନେଲ ? କିଛି କାମ ନଥାଇ କେମିତି ଏଠାରେ ଏକୁଟିଆ ଥାଅ ? ରାତିରେ ଭୟ ଲାଗେ କି ନାହିଁ ?"

ପଚାରେ ଓ ପଚାରିଲା ଆଖିରେ ଅନେଇ ରହେ । ଅବ୍ୟକ୍ତ ଭାଷାକୁ ରୂପ ଦେଇପାରେ । ସେ ଯିବାକୁ ପାଦ ବଢ଼ାଏ । ସନ୍ନ୍ୟାସୀ ପଚାରେ "କାଲି ଆସିବୁ" ? ଉର୍ବୁ ହସେ, କହେ "କେତେ ଥର କହିବ ନ ଥରେ ସବୁ କହିଲ, ଆସିବ, ଆସିବ ପ୍ରତିଦିନ" ସେ ଓହ୍ଲାଇ ଯାଏ ।

ସନ୍ନ୍ୟାସୀ କେବଳ ଅନାଇଁ ରହନ୍ତି । ମନେହୁଏ ସେ ଯେପରି ଗନ୍ଧ ପାଇଛନ୍ତି ରକ୍ତ ମାଂସର ଯନ୍ତ୍ରଣାରେ ପବିତ୍ରତା ମିଳେଇ ଯାଉଛି । ପୂଜାରେ ଚ୍ୟନ୍ତ-ଏକାଗ୍ରତା ଆସେନି ଯେପରି ଅପେକ୍ଷା କରି ରହନ୍ତି କାହାର ପଦଧ୍ୱନିକୁ ।

ଏଇ କେତେଦିନ ଗଲା ଯାଇଛି ଉର୍ବଶୀ ଆସିନାହିଁ । ସନ୍ନ୍ୟାସୀ ସବୁବେଳେ ଭାବୁଛନ୍ତି ଉର୍ବଶୀ କଥା, ପୁନଶ୍ଚ ସଂଯତ ହୋଇଛନ୍ତି - ଏଜୀବନରେ ପୁଣି ସଂସାରର ଭାବନା କାହିଁକି ? ପୁଣି ଅମାନିଆ ମନ ଲୁଚି ପଳାଏ । କଳ୍ପନାରେ ଉର୍ବଶୀର ଲୀଳାୟିତ ରୂପଶ୍ରୀ ଉପରେ ବିଳାସ ପାଇଁ...ସନ୍ନ୍ୟାସୀ ଚମକି ଉଠେ ! ରାତିରେ ନିଦ ଆସେ ନାହିଁ, ମନ ଚଞ୍ଚଳ ହୁଏ । ନିଜର ଜୀବନ ପ୍ରତି ଅବିଶ୍ୱାସ ଆସେ । ଏଇ ଯନ୍ତ୍ରଣା କଣ ପ୍ରକୃତ ଜୀବନ ? ସଂଧାରୀ କଣ ଭଗବାନଙ୍କୁ ଲାଭ କରି ପାରେ ନାହିଁ, ମନ ଭିତରେ ଏ ଦ୍ୱନ୍ଦ୍ୱ ଲାଗିରହେ । ସନ୍ନ୍ୟାସୀ ଅଚଳ ହିମଗିରି ପରି ସହ୍ୟ କରିଯାନ୍ତି ଏ ପ୍ରଭଞ୍ଜନକୁ ଯାହାର ନାଭିକେନ୍ଦ୍ର, ଉର୍ବଶୀର ରୂପଜନକ । ତାଙ୍କର ମନେ ପଡ଼େ ସେଇ ଛୋଟ ଛୋଟ ଲାଲ୍ ପାଦ ଦୁଇଟି, ହସ ହସ ମୁହଁ ଚମ୍ପା ଆଙ୍ଗୁଳି । .........

Digitized by srujanika@gmail.com

ସେ ଦିନ ସନ୍ଧ୍ୟାରେ,

ସନ୍ନ୍ୟାସୀ ଗୁରୁ ଗମ୍ଭୀର ପାଦପାତରେ ଶିଳା ପରେ ଶିଳା ଅତିକ୍ରମ କରି ଅବତରଣ କରି ଚାଲିଛନ୍ତି ତଳକୁ, ମନେ ଅଛି ପାଞ୍ଚ ବର୍ଷ ତଳେ ଥରେ ସେହି ପଥକୁ ଅନୁସରଣ କରି ଉଠି ଆସିଥିଲେ ଉପରକୁ । ଆଉ ସେଦିନ ନାହାନ୍ତି, ଉର୍ଦ୍ଧ୍ୱ-କାଳେ ତଳକୁ ଗଲେ ଜନମାନବର ସଂସାର ମନୁଷ୍ୟକୁ ଆକର୍ଷଣ କରେ । ଆଜ କିନ୍ତୁ ସେ ଭୟ ଚାଲି ଯାଇଛି । ଆଖିର ତାରେ ତାରେ ତାଙ୍କର ଉର୍ବଶୀର ରୂପ ଛନ୍ଦର ପ୍ରତି ତନ୍ତ୍ରରେ ସଂସାର ରଚିବାର ଦୁର୍ବାର ବାସନା । ଯେ ନିଜ ମଧ୍ୟରେ ସଂସାରର ସନ୍ଧାନ ପାଇଛି ସେ ପୁଣି ବାହାରକୁ ଡରିବ କାହିଁକି ?
ଯତି ତଳକୁ ଓହ୍ଲାଇ ଯାଉଛନ୍ତି ।

ନାଗେଶ୍ୱର ବୃକ୍ଷ ରଚନା କରିଛି, ତାର ସଂସାର ଉପରେ ବିହଙ୍ଗମ ପାଇଁ ସେ ସଜାଇ ଦେଇଛି ଆଦର ଭରା ନୀଡ଼ । ତଳେ ବିଛେଇ ଦେଇ ଯାଇଛି ଝରା ଫୁଲ-ପୁଷ୍ପ ସ୍ତୂପର ବିରାଟ ସମାରୋହ ।
ସେହିଠାରେ......ସେହି ଫୁଲ ଶେଯ ଉପରେ......

ସନ୍ନ୍ୟାସୀ କ୍ଷଣେ ଅଟକି ଗଲେ । ଫୁଲ ଶେଯ ଉପରେ ପଡ଼ିରହିଛି ଶବଟାଏ, ଏଇ ଦିନେ ଦୁଇ ଦିନ ମଧ୍ୟରେ, କିପରି ମନରେ ସନ୍ଦେହ ଯାଉଥିଲା ! ନିକଟକୁ ଯାଇ ଦେଖିଲେ ଯୁବତୀ ... ନାଁ ନାଁ ଉର୍ବଶୀ ।

ସନ୍ନ୍ୟାସୀ ଆଉ ତଳକୁ ଗଲେ ନାହିଁ । ମୁହୂର୍ତ୍ତିକରେ ତାଙ୍କର କଳ୍ପନାରେ ଖେଳିଗଲା- ଉର୍ବଶୀ ପୁଷ୍ପ ଆହରଣ ଆଶାରେ ଅବାଟକୁ ଚାଲି ଯାଇଛି । କେତେ ଆଶାରେ ନଥାଇଥିବ ସେ ! ତାପରେ ପୁଷ୍ପ ଗନ୍ଧାକୁଳ ବିଷାକ୍ତ ନାଗ ଦଂଶନ କରିଛି ତାକୁ ଓ ସେ ଫୁଲ ଶେଯ ଉପରେ ଝରି ପଡ଼ିଛି ଝରା ଶେଫାଳୀ ପରି । ମନେ ପଡ଼ିଲା କିପରି ତାର ବୁଢ଼ୀ ମା' ଅପେକ୍ଷା କରିଥିବ ଉର୍ବଶୀର ପଦଧ୍ୱନିକୁ ।

ସନ୍ନ୍ୟାସୀ ଉଠି ଚାଲିଲେ ଉପରକୁ । ଶିଳା ଉପରେ ପାଦୁକାଦ୍ୱୟର ଆଘାତ ସୃଷ୍ଟି କରୁଥାଏ ନୀରବ ବନ ଭୂମିରେ କମ୍ପନ । ପ୍ରତି ପଦକ୍ଷେପରେ ଯେପରି ସେ ବଳି ଦେଇ ଚାଲିଛନ୍ତି । ଅଙ୍ଗେ ଅନଙ୍ଗ ପ୍ରବୃତ୍ତିର ଅମୃତକାଶ ଚକ୍ଷୁରେ ସ୍ଫୁଲିଙ୍ଗ, ନାସାପୁଟରେ ଘନଘନ ନିଶ୍ୱାସ ।

ଏ କଣ ସନ୍ନ୍ୟାସୀ ? ତୁମେ ପରା ଜିତେନ୍ଦ୍ରିୟ ।

ହାଃ ହାଃ କିଏ କହେ ମୁଁ ଜିତେନ୍ଦ୍ରିୟ- ମୁଁ ପୁଣି ସଂସାରୀ-ଭଗବାନ୍ ମିଛ-ଭଗବାନ୍ ମିଛ ଫଳ ଝରି ପଡ଼ିବାର ଥିଲେ ଏଠିବି - କେଉଁଠି ଝରିବ ? କିପରି ଝରିବ ? ଏ ସବୁ ପାରିପାର୍ଶ୍ୱିକ ଅବସ୍ଥା ଉପରେ ନିର୍ଭର କରେ - ସେଥିରେ ଭଗବାନଙ୍କର ହାତ ନାହିଁ - ସବୁ ମିଛ - ସବୁ ମିଛ......

ଦ୍ରୁତ ଚରଣରେ ସନ୍ନ୍ୟାସୀ ପହଞ୍ଚି ଗଲେ ତାଙ୍କର ଆଶ୍ରମରେ । ବଳିଷ୍ଠ ହସ୍ତରେ ସେ ଉଠାଇ ଆଣିଲେ ତାଙ୍କର ଶିବଲିଙ୍ଗଙ୍କୁ ଓ ପରିବେଷ୍ଟନ କରିଥିବା ଅଷ୍ଟଧାତୁ ନାଗକୁ । ସନ୍ନ୍ୟାସୀଙ୍କର ଆଶ୍ରମରୁ କିଛି ଦୂରରେ ଯେଉଁଠାରେ ଅଚଳ ଭାବରେ ଉଠିଛି ଏକ ପ୍ରକାଣ୍ଡ ଶିଳା-ତଳକୁ ଅନାଇଲେ ମସ୍ତକ ଭ୍ରମ ଆରମ୍ଭ ହୁଏ ଓ ବିରାଟ ମହୀରୁହ ସମସ୍ତ ପ୍ରତୀୟମାନ ହୁଅନ୍ତି ଯେପରି ସମତଳ ପ୍ରଦେଶରେ ବିଛୁଡ଼ି ପଡ଼ିଛି ତୃଣ ଗୁଛର ସବୁଜିମା - ସେହିଠାରେ - ସେହିଠାରେ ସନ୍ନ୍ୟାସୀଙ୍କର ହସ୍ତଚ୍ୟୁତ ହେଲା ଶିବଲିଙ୍ଗ ଓ ଅଷ୍ଟଧାତୁ ନାଗ ।

ବିଦ୍ୟୁତ୍ ବେଗରେ ତଳକୁ ଖସି ଚାଲିଲା ଦୁଇଟି ଜଡ଼ ପଦାର୍ଥ ମାଧ୍ୟାକର୍ଷଣ ଶକ୍ତିର ଅନୁବର୍ତ୍ତୀତାରେ । ସନ୍ନ୍ୟାସୀ ଅନୁଭବ କରୁଥିଲେ କିପରି ବସ୍ତୁମୟ ଜଗତରେ ସେ ଦୁଇଟି ଜଡ଼ ପଦାର୍ଥର ଗଚ୍ଛିତ ଶକ୍ତି ରାଶି (Potential Energy) ଚଳନ୍ତି ଶକ୍ତି ରାଶି (Kinctie Energy) ରେ ଫଳରେ ବାୟୁକୁ ଉତ୍ତାପ ପ୍ରଦାନ କରୁଥିଲା ଓ (Law of Conservation of energy) ଶକ୍ତିର ସମତା ଦୃଷ୍ଟିରୁ ଶକ୍ତି ସମାନ ରହୁଥିଲା । କେବଳ ଘଟ ପରିବର୍ତ୍ତିତ ହେଉଥିଲା ।

Digitized by srujanika@gmail.com

ସନ୍ନ୍ୟାସୀଙ୍କର ସ୍ମୃତି ପଟରେ ଜାଗି ଉଠୁଥିଲା ବ: ଏବ: ପି: ପାଣ୍ କରି ଯେଉଁ ଧନ ସେ ସଂସାରର ଜଟିଳତା ଛିଡ଼ା ବୀତଶ୍ରଦ୍ଧ ହୋଇ ପ୍ରଥମେ ସେଠାରେ ଆଶ୍ରମ ରଚନା କରିଥିଲେ ।

## ସୁନାଫୁଲ*

ଶ୍ରୀ ନବକିଶୋର ଦାସ

[ ୩ୟ ଅଙ୍କ ୧ମ ଦୃଶ୍ୟ ]

[ ସନ୍ଧ୍ୟା । ଜ୍ୟୋତ୍ସ୍ନା-ପକ୍ଷ ରାତ୍ରି । ମଞ୍ଜୁପୁର ରାଜଭବନର ଗୋଟିଏ କକ୍ଷ । ଶିଶୁ ଦୁଇଟି ସୁଶୀଳ ଓ ମାନସୀ ଶଯ୍ୟାଗତ । କୋଠରୀରେ କେତୋଟି ଶୂନ୍ୟ ଚୌକି । ସୁମନ, କାଳଜୟୀ ଆସୀନ । ଦ୍ୱାରେ ଦୁଇଜଣ ଦାସ ଦଣ୍ଡାୟମାନ ]

କାଳଜୟୀ — ଘରଟା ଯେ କହାତ ଅନ୍ଧାର ?

ପ୍ରଥମ ଦାସ — ମଣିମାଙ୍କ ହୁକୁମ ହୋଇଥିଲା ଝରକା ସବୁ ବନ୍ଦ କରି ଦେବାକୁ ।

କାଳଜୟୀ — ଦେଖିଲ ସୁମନ ! ଏହିତ ମଣିଷ ପ୍ରକୃତି !

ଆଲୁଅକୁ ବି ବାଧା ଦେଲେ —

ସୁମନ — ଅନ୍ଧାର ।

କାଳଜୟୀ — ଦିଅ ଦିଅ, ଶୀଘ୍ର ଝରକା ଗୁଡ଼ାକ ଖୋଲିଦିଅ ।

ସୁମନ — ହଁ, ଜ୍ୟୋତ୍ସ୍ନା-ଲୋକ କୋଠରୀକୁ ଆସୁ ।

[ ନୌକର ଦୁଇଜଣ ଅନିଚ୍ଛାରେ, ଭୟରେ କିନ୍ତୁ ଝରକା ସବୁ ପରସ୍ପରକୁ ଠିଆ ଠିଆ ହୋଇ ଖୋଲିଲେ । ଅବାଧିରେ ଜ୍ୟୋତ୍ସ୍ନା କୋଠରୀରେ ଖେଳିଗଲା । ଶିଶୁ ଦୁଇଟିଙ୍କ ମନ ପ୍ରଫୁଲ୍ଲିତ ହେଲା । ଉଭୟ ପ୍ରାୟ ମୂର୍ଚ୍ଛା ହୋଇ ପଡ଼ିଥିଲେ ଦୁଃଖ ଓ କଷ୍ଟରେ ! ହଠାତ୍ ସୁଶୀଳର ନିଦ ଭାଙ୍ଗି ଗଲା । ]

ସୁଶୀଳ — ମାନସୀ ! ମାନସୀ ! ଉଠ, ଉଠ ଦେଖ କିମିତିକା ସୁନ୍ଦର ଜହ୍ନ-ଆଲୁଅ ।

---

* ନିମ୍ନଲିଖିତ ଅଂଶଟି ଗତ ସଂଖ୍ୟାର ସୁନାଫୁଲର ଆଦ୍ୟରେ ପ୍ରକାଶିତ ହେବାର ଥିଲା । ଭ୍ରମ ବଶତଃ ତାହା ହୋଇ ପାରି ନ ଥିବାରୁ ନିମ୍ନରେ ଉଲ୍ଲେଖ କଲୁଁ । ସ: ବି:

୨ୟ ଅଙ୍କ, ୨ୟ ଦୃଶ୍ୟ

[ ସନ୍ଧ୍ୟା ଆଗତ । ମାନସ ପାହାଡ଼ର ଅନ୍ୟ ଏକ ଅଂଶ । ପାହାଡ଼ଟି ଶ୍ୟାମ ଗୁଳ୍ମ-ଲତା ପରି ଶୋଭିତ । ଚୂଡ଼ାଆଡ଼େ ଶାଗୁଆ ବଣ । ବଣ ମଧ୍ୟରେ ସେହି "ଜୀବନାନଈ" ପ୍ରବାହିତ । ଏଠାରେ "ଆନନ୍ଦ-ପ୍ରପାତ" ଅଛି । ଶ୍ରେଷ୍ଠତମ ବହୁ ବୃକ୍ଷ, ଲତା, ଫଳ, ପୁଷ୍ପ ସୁଶୋଭିତ । ସ୍ଥାନ ନିର୍ଜ୍ଜନ । ସୁମନ ବସିଛି ଓ ଆନନ୍ଦରେ ଅଭିଭୂତ । ଦୂରରୁ ଏକ କୁଣ୍ଡଆ ତାକୁ ଦେଖା ଯାଉଅଛି । କିନ୍ତୁ ସେ ସେହି କଣ୍ଡୁଆକୁ ଲକ୍ଷ୍ୟକରି ଯେତିକି ଆଗକୁ ଯାଉଛି, ସେତିକି ତାହା ଦୂରକୁ ଦୂରକୁ ଗଲାଭଳି ଜଣା ପଡ଼ୁଅଛି । କ୍ଳାନ୍ତ ହୋଇ ଝରଣା—କୂଳରେ ସୁମନ ବସିଛି । ସେ ଏକ ସଙ୍ଗୀତର ଶବ୍ଦ ଦୂରରୁ ଶୁଣିବାକୁ ପାଇଲା । ସଙ୍ଗୀତ କ୍ରମେ ସ୍ପଷ୍ଟ ଶୁଣାଗଲା । ]

ଗୀତ

ଗାଅ ସୁଖେ ଶ୍ୟାମଳ —ଗୀତ

ନୀଳ ନିଭ ସୁଖେ ଢାଳେ ବିଶ୍ୱ ବକ୍ଷେ

ଶାରଦୀୟ ସୁନୀଳ—ପ୍ରୀତି ।

Digitized by srujanika@gmail.com

**ମାନସୀ** — (ମେଚ୍ଚ ଉଠିଲା) ଅନ୍ଧାର ! ଅନ୍ଧାର !

**ସୁଶୀଳ** — (ହସି) ନାହିଁ ଆଖି ଫିଟାଉ ? (ସୁମନ ଓ କାଳଜୟୀଙ୍କ ଆଡକୁ ଅନାଇ) ସୁମନ ଭାଇ ଆସିଲେଣିକି ? ଉଠ୍‌ଲେ ମାନସୀ, ସୁମନ ଭାଇ ଆସିଲେଣି !

**ମାନସୀ** — ସତେ ! (ମାନସୀ କାଳଜୟୀ ଓ ସୁମନଙ୍କୁ ଦେଖିଲା ଉଭୟ ବିଛଣାରେ ଉଠି ବସି ପଡ଼ିଲେ ।) ସୁମନ ଭାଇ ! ପ୍ରଣାମ, ସୁନା-ଫୁଲ ଆଣିଛ ? (କାଳଜୟୀ ହସିବାକୁ ଲାଗିଲେ)

**ସୁମନ** -- ହଁ, କାଳଜୟୀଙ୍କୁ ପରା ସେଥିପାଇଁ ଧରି ଆଣିଛି !

**ସୁଶୀଳ ଓ ମାନସୀ** -- (ଉଭୟ ଏକାବେଳକେ) ନମ-ସ୍କାର କବି !

**କାଳଜୟୀ** — (ହସି) ସୁନାଫୁଲ ଦେଖିବ ପିଲାଏ ?

**ସୁଶୀଳ ଓ ମାନସୀ** — ନିଶ୍ଚୟ ! ନିଶ୍ଚୟ !

**କାଳଜୟୀ** — ଜହ୍ନ ଆଲୁଅଟା କପରି ଲାଗୁଛି ?

**ମାନସୀ** — ଆମେ ଯେ ସୁନାଫୁଲ ଚାହୁଁ ।

**କାଳଜୟୀ** — ହଁ ସୁନାଫୁଲ । ଜହ୍ନ ଆଲୁଅ ବିଷୟରେ କିଛି କହିଲ ନାହିଁ ?

**ସୁଶୀଳ** — ଜହ୍ନ ଆଲୁଅ ! ଏହିଟା ଯେ ଆମକୁ ଅନେ-ଯାଏ ଦେଖିବାକୁ କଥା ଯାଉ ନଥିଲା ।

**ସୁମନ** — ଦେହ ଖରାପ ଥିଲା ବୋଲି ।

**କାଳଜୟୀ** — କିମିତି ଜାଣିଲ, ପିଲା ଗୁଡ଼ିକଙ୍କର ଦେହ ଖରାପ ଥିଲା ?

**ପ୍ରଥମ ଭୃତ୍ୟ** — ବାବୁ, ଟୀକାଯୋଗ ଓ ଜ୍ୱରମାନଙ୍କର ଆଜିକି ଅନେକ ଦିନ ହେବ ଦେହ ଖରାପ । ଆପଣମାନଙ୍କ ଆସିବା ଖବର ପାଇ ଟିକିଏ ଜ୍ୱର କମିଛି ।

**କାଳଜୟୀ** — ଦେହ ଖରାପ ହୁଏ ନା ଯେ, ଆମେ ମନେ ମନେ ଧରି ନେଉଁ ଯେ ଦେହ ଖରାପ ହେଲା ବୋଲି ! [ଗୃହକରଟି କିନ୍ତୁ ନବୁଝି ଛିଡାହୋଇ ରହିଲା ]

**ମାନସୀ** — ସୁମନ ଭାଇ ! ସୁନାଫୁଲ ଆଣିଛ ତ ?

**ସୁଶୀଳ** — ହଁ, ସେଇଟାକଥା । ଆମକୁ ଆଉ ସୁମନ ଭାଇ ଭୁଲେଇ ନାହିଁ ।

**ମାନସୀ**— ନିଶ୍ଚୟ ସୁମନ ଭାଇ ! ସୁନାଫୁଲ ଆଣିଥିବେ ।

**ସୁମନ** — ଆରେ ପିଲାଏ ବୁଝିଲ ନାହିଁ, ମୋର ଆଉ ସୁନାଫୁଲ ଆଣିବାରେ କି ପ୍ରୟୋଜନ ? ମୁଁ ପରା କବି କାଳଜୟୀଙ୍କୁ ଧରି ଆଣିଛି !

**କାଳଜୟୀ** — (ହସି) ମୋତେ ଧରି ଆଣିଲେ କଣ ହେବ ?

**ମାନସୀ**— ଆପଣ ମାନଙ୍କ ହସଖେଳ ଯେ ଆମର କାଳ !

**କାଳଜୟୀ** — (ଗମ୍ଭୀର ହୋଇ) କାହିଁକି ମା ?

**ସୁଶୀଳ** — ଆମେ ଦୁହେଁ ଯେ ସୁନାଫୁଲ ପାଇଁ ଏତେ-ଦିନ ହେଲା ଏ ବିଛଣାରେ ପଡ଼ିଛୁ !

**କାଳଜୟୀ** — ଅଛା, ତମେ ଦେଖିଛ ନୀଳ ସରଗରେ ସଞ୍ଜବେଳେ କିମିତି ଗୋଟି ଗୋଟି ହୋଇ କୋଟିଏ ତାରା ଫୁଲ ଫୁଟି ଉଠନ୍ତି ! ଦେଖିଛ ଧଳା ବଉଦ କପରି ଭାସି ଯାଉଥାଏ, ଜହ୍ନ କପରି ବଉଦ ତଳେ ଏହି ଆମ ପୁରୁଣା ପୃଥିବୀକୁ ଆଖି ନ ପିଛୁଉ ଚାହିଁ ରହିଥାଏ —

Digitized by srujanika@gmail.com

ମାନସୀ — ହଁ କବ ! ଜାଣିଛୁଁ । ଦେଖିଛନ୍ତି ନା ସଞ୍ଜ ହେଲା ବେଳକୁ କିପରି ସୁନା-ସୂର୍ଯ୍ୟ ତା' ମା କୋଳକୁ ଚାଲିଯାଏ, ରଙ୍ଗ-ମେଘରେ ପଶ୍ଚିମ ଆକାଶ ଛାଇ ହୋଇଯାଏ, ଗାଈ ଗୋରୁ ହମ୍ବାରଡ଼ି ଛାଡ଼ି ଆମ ବଡ ଦାଣ୍ଡରେ ବାହୁଡ଼ି ଆସୁଥାଆନ୍ତି; ଧୂଳିରେ ଦାଣ୍ଡ ପୂରି ଯାଉଥାଏ, ପଛରେ ଗାଈଆଳ ସବୁ ବଂଶୀ ବଜାଇ ଆସୁଥାନ୍ତି; ସେମାନଙ୍କ ବଉଦ ଛଡାରେ କଇଁଫୁଲ ଓହଳାଇ ଥାନ୍ତି, ଛଡା ଭିତରେ ଭଦ ଭଦଳିଆ ପକ୍ଷୀ ଖୋସି ଥାଆନ୍ତି ; ଦେଖିଛନା ?

ସୁଶୀଲ — ହଁ, ଶୁଣିଛୁଁ ନା ମାନସୀ ! ସେହି ଗାଈଆଳ ଟୋକା ସେଦିନ କିପରି ଅଡବଇଁଶୀ ଫୁଙ୍କୁ ଥିଲା ।

ମାନସୀ — ସୁମନ ଭାଇ ! ତମର ଗାଈଆଳ ମ ! ଦେଖିଛନା ଭାଇ ! ସକାଳ ହେଲେ କିପରି ସୂର୍ଯ୍ୟ ପୂରୁବ ଆକାଶରୁ ଉଇଁ ଆସନ୍ତି । ନୀଳ ପାହାଡ଼, ଶାଗୁଆ ଧାନ ବିଲ, ଗଛ ପତ୍ରର, ଡାଳମାଳ କିମିଛି ଝଲମଲ ହୁଏ !

ସୁଶୀଲ — ଦେଖିଛୁନା, ନୀଳ ପାହାଡ଼ ଉପରେ କିମିତି ଧଳା, କଳା ମେଘ ଲୋଚଣି ଖେଳୁଥାଏ ...

ମାନସୀ — ହଁ ଭାଇ ! ହଁ, ଦେଖିଛୁନା ଯେତେବେଳେ କଳାହାଣ୍ଡିଆ ମେଘ ଘୋଟି ଆସେ, ପବନ ବହେ ସୁସୁ ହୋଇ, ବରକୋଳିଆ ଟୋପା ପକାଇ ଆସେ ।

କାଳଜୟୀ — ପିଲାଏ, ତମେତ ସବୁ ସୁନାଫୁଲ ଦେଖିଛ; ଆଉ କି ସୁନାଫୁଲ ଖୋଜୁଛ ?

ସୁଶୀଲ — ନା-ନା, କବି ! ଅମର ସୁନାଫୁଲ ଦରକାର ।

ମାନସୀ — ସୁମନ ଭାଇ ! ଆପଣ ପରା ସୁନାଫୁଲ ଆଣିବାକୁ ଯାଇଥିଲେ ?

ସୁମନ — ହଁ, ମୁଁ ଦିବ୍ୟଦ୍ରଷ୍ଟାଙ୍କ ଠାରୁଁ ଗୋଟିଏ ମଣି ଆଣିଛି, ସେହି ମଣି ଯାହା ଆଖିରେ ଛୁଇଁ ଦିଆଯିବ ସେ ସୁନାଫୁଲ ଦେଖି ପାରିବେ ।

ମାନସୀ ଓ ସୁଶୀଲ — (ବଛଣାରୁ ଡେଇଁ ପଡିଲେ) କାହିଁ ? କାହିଁ ?

ମାନସୀ — ମୋ ଆଖିରେ —

ସୁଶୀଲ — ନା, ଆଗେ ମୋ ଆଖିରେ ଛୁଇଁ ଦିଅ — ମୁଁ ଆଗ, ବଡ ବାପା !

ସୁମନ — ଖାଲି ଛୁଇଁ ଦେଲେ ହେବ ନାହିଁ !

ସୁଶୀଲ — (ଥକ୍କା ହୋଇ) ଆଉ ?

ମାନସୀ — ସୁମନ ଭାଇ ! ଆମକୁ ପୁଣି ବହଲାଉ ଅଛନ୍ତି ।

ସୁମନ — ନାଲୋ; ମନ୍ତ୍ରପଢି ଛୁଇଁଲେ ହେବ ନା ?

ମାନସୀ — ମନ୍ତ୍ର ପଢ଼ୁନା ?

ସୁମନ — ମୁଁ ଜାଣେନା —

ସୁଶୀଲ — ଆଉ କିଏ ଜାଣେ ?

କାଳଜୟୀ — କେହି ଜାଣନ୍ତି ନାହିଁ ।

ସୁଶୀଲ — ତେବେ ସୁମନ ଭାଇ ! ବୋକାଙ୍କ ଭଳି ଖାଲି ମଣିଟା ନେଇ କାହିଁକି ଆସିଲେ ?

କାଳଜୟୀ — ସବୁ ମଣିଷ କିଏ ବୋକା ଯେ-?

ସୁମନ — ମାନସୀ ! ମନ୍ତ୍ର ନଜାଣି ମୁଁ ମଣି କଣ ନୀଳି, ଆଣିଛି !

ମାନସୀ — ସତେ, ସୁମନ ଭାଇ !

Digitized by srujanika@gmail.com

ସୁମନ — ମୁଁ ମଧ୍ୟ ମନ୍ତ୍ର-ଗୁରୁଙ୍କ ସଙ୍ଗରେ ଦେଖା ଆସିଛି

ସୁଶୀଳ — ଜଣ କାଳଜୟୀ ନଜେ ?

ମାନସୀ — କଣ ! ମନ୍ତ୍ର ପଢ଼ନ୍ତୁ; ସୁମନ ଭାଇ ! ମୋ ଆଖିରେ ଆଗେ ମଣି ଛୁଇଁ ଦିଅ ।

ସୁଶୀଳ — ମଣି କାହିଁ ?

ସୁମନ — (ଧଳା ମଣି ଦେଖାଇ) ଏଇ ଯେ — [ତିନିଏ ସଙ୍ଗେ ସଙ୍ଗେ ମନ୍ତ୍ର ପଢ଼ାକୁ ଅପେକ୍ଷା ନକରି ଆଖିରେ ମଣି ଲଗାଇ ଦେଲେ]

ମାନସୀ — ଭାଇ ! ଭାରି ଥଣ୍ଡା

ସୁମନ — ଦେଖିଲ ସୁନାଫୁଲ ?

ମାନସୀ — କାହିଁ ? ଏ ପାଖରେ ଜଣ କାଳଜୟୀ, ସୁମନ ସେ ପାଖରେ ଆମ ଦାମା, ଶ୍ୟାମା !

ସୁଶୀଳ — ସୁମନ ଭାଇ ! ଆମକୁ ଖାଲି ଧଳା ପଥର ଖଣ୍ଡେ ଦେଖାଉଛନ୍ତି ପରା !

ସୁମନ — ନା, ମୁଁ ପରା କହୁଛି, ମନ୍ତ୍ର ନ ପଢ଼ିଲେ କିଛି ଫଳ ହେବ ନାହିଁ ।

ସୁଶୀଳ — ମନ୍ତ୍ର କିଏ ପଢ଼ିବ ?

କାଳଜୟୀ — ମୁଁ ନିଜେ ନିଜେ ।

ମାନସୀ — ତ୍ୱୟା ହୃଷୀକେଶ ହୃଦି ସ୍ଥିତେନ ଯଥା ନିଯୁକ୍ତୋଽସ୍ମି ତଥା କରୋମି (ସମସ୍ତେ ହୋ ହୋ ହୋଇ ହସି ଉଠିଲେ)

କାଳଜୟୀ — ସାପ ମନ୍ତ୍ର ଡାଆଣୀ ପାଖରେ ପଢ଼ିଲେ କ'ଣ ହେବ ? (ମାନସୀ ଅପ୍ରସ୍ତୁତ ହେଲା)

ସୁମନ — ଜଣ କାଳଜୟୀ ତ ମନ୍ତ୍ର ଜାଣନ୍ତି, ସେହି ମନ୍ତ୍ର ପଢ଼ିବେ !

ମାନସୀ ଓ ସୁଶୀଳ — ପଢ଼ନ୍ତୁ, ପଢ଼ନ୍ତୁ ।

କାଳଜୟୀ — ଏମିତ ବ୍ୟସ୍ତ କାହିଁକି ହେଉଛ ପିଲାଏ ? ତମ ଦେହ ଭଲ ହୋଇଗଲା —

ମାନସୀ — ନା, ପୁରା ଭଲ ହୋଇ ନାହିଁ ।

କାଳଜୟୀ — ରୋଗଟା ପୁରା ଭଲ ନହେଲେ ସୁନାଫୁଲ ତମେ ଦେଖି ପାରିବ ନାହିଁ ।

ସୁଶୀଳ — (ଡେଇଁ ପଡ଼ି) ମୋର ଦେହ ପୁରା ଭଲ ହୋଇ ଗଲାଣି, ମୋତେ ଆଗେ ଦେଖାଅ !

ମାନସୀ — ମୋର ଦେହବି ଭଲ ହୋଇ ଗଲାଣି ।

କାଳଜୟୀ — ତମର ତେବେ ରୋଗ କ'ଣ ହୋଇଥିଲା ?

ମାନସୀ — ମୁଁ ଜାଣେ ନାହିଁ ।

ସୁଶୀଳ — ମୁଁ କହି ପାରିବ ନାହିଁ ।

ସୁମନ — ଏ କିମିତିକା କଥା ?

ଦ୍ୱିତୀୟ ଗୃହକର — ଛୋଟ ପିଲା- ଜର ଭୟଙ୍କର ହେଉଥିଲା ଅଚେତ ହୋଇ ପଡ଼ି ଯାଉ ଥିଲେ । ଖାଲି ସୁନାଫୁଲ, ସୁନାଫୁଲ ବୋଲି ବକୁଥିଲେ ...

ସୁଶୀଳ ଓ ମାନସୀ — ଯାଃ, ପୁରା ମିଛକଥା ।

ମାନସୀ — ଦେଖିଲ ଭାଇ, କିମିତ ଶ୍ୟାମା ମିଛ କହୁଛି ଆମ ନାଁରେ —

ସୁଶୀଳ — ସେଇଟା ପରା ମିଛୁଆ ।

ମାନସୀ — ଗୃହକର ଗୁଡ଼ାକ ବେଳେ ବେଳେ ମିଛ କହନ୍ତି ।

କାଳଜୟୀ — ସବୁ ମଣିଷ ପ୍ରାୟ !

ମାନସୀ — ଏଥର ଆମକୁ ସୁନାଫୁଲ ଦେଖାଅ । [ଅନ୍ୟ ଏକ ରାଜ-ଭୃତ୍ୟର ପ୍ରବେଶ]

Digitized by srujanika@gmail.com

ରାଜଭୃତ୍ୟ — ସୁମନ ବାବୁ, ଆପଣଙ୍କୁ ମଣିମାଙ୍କ ଛାମୁରୁ ଡକରା ଆସିଛି ।

ସୁମନ — ଯାଉଛି ।

ସୁଶୀଳ ଓ ମାନସୀ — ଆମକୁ ସୁନାଫୁଲ ଦେଇ ଯାଅ ସୁମନ ଭାଇ !

ସୁମନ — ମୁଁ ଆସେ, କବି ତୁମେ ଏଠି ଥାଅ !

କାଳଜୟୀ — ଯାଆନ୍ତୁ !

ସୁମନ ଓ ରାଜଭୃତ୍ୟଙ୍କର ପ୍ରସ୍ଥାନ — ତିଲାଏ, ତୁମକୁ ସୁନାଫୁଲର ସନ୍ଧାନ ଦେବା ନିମିତ୍ତ ମୁଁ ଆସିଛି । ସୁମନ ବ ଦେବ୍ୟଙ୍କଙ୍କ ଠାରୁ ଧ୍ୟାନ-ମଣି ଆଣିଛନ୍ତି । କିନ୍ତୁ ଆଜି ଦେଖି ପାରିବ ନାହିଁ ସୁନାଫୁଲ, ଅପେକ୍ଷା କର ।

ମାନସୀ — କାହିଁକି ଆପଣ ମନ୍ତ୍ର ପଢ ନାହାନ୍ତି ?

କାଳଜୟୀ — ମୁଁ ପରା ମନ୍ତ୍ର ପଢ଼ିଲି !

ସୁଶୀଳ — କାହିଁ, ଆମେ ତ ଶୁଣି ନାହୁଁ !

କାଳଜୟୀ—(ହସି) ନାହିଁ ଶୁଣିଛ ?

ସୁଶୀଳ— ମିଛକଥା ।

କାଳଜୟୀ—(ହସି) ମୁଁ ତେବେ ମନେ ମନେ ପଢ଼ିଛି ।

ମାନସୀ—ମନ୍ତ୍ର କାହିଁକି ତ ?

[ରାଜ ଭୃତ୍ୟର ପୁଣି ପ୍ରବେଶ]

ରାଜଭୃତ୍ୟ—ଆପଣଙ୍କୁ ମଣିମା ଙ୍କର ଡାକରା ହୋଇଛି ।

କାଳଜୟୀ—ଅଚ୍ଛା, ତିଲାଏ, ଥାଅ, ମୁଁ ଆସେ । ତୁମକୁ ନିଶ୍ଚୟ ସୁନାଫୁଲ ଦେଖାଇ ଦେଇ ଯିବ ।

ମାନସୀ—ନା, ନା, ଆମ ବାଡ଼ ବଗିଚାରେ ସୁନାଫୁଲ ଭରକୁ ଭର ଫୁଟାଇ ଦେଇ ଯିବେ ।

କାଳଜୟୀ—(ହସି) ନିଶ୍ଚୟ, ନିଶ୍ଚୟ, ।
(କାଳଜୟୀ ଓ ରାଜ ଭୃତ୍ୟଙ୍କର ପ୍ରସ୍ଥାନ,
(ଅନ୍ୟ ଦ୍ବାରରେ ଦୁଇଜଣ ଚାଲିଗଲେ !)

ମାନସୀ—ଭାଇ !

ସୁଶୀଳ—(ଗମ୍ଭୀର ହୋଇ) କଅଣ ?

ମାନସୀ—ଆମକୁ କ'ଣ ସୁନାଫୁଲ ଦେଖାଇବେ ନାହିଁ

ସୁଶୀଳ—ସୁନାଫୁଲ ଆମେ ଦେଖିବା !

ମାନସୀ—କିପରି ?

ସୁଶୀଳ ଅପେକ୍ଷା କର ।

— ×o× —

୬ଷ୍ଠ ଅଙ୍କ, ୨ୟ ଦୃଶ୍ୟ

[ମାଧବ ପୁରର ଉଦ୍ୟାନ । ସନ୍ଧ୍ୟା । ସୁନିର୍ମଳ ଜ୍ୟୋତ୍ସ୍ନାରେ ଚାରିଦଗ ହସି ଉଠିଛି । ବଗିଚାରେ ସୁମନ, କାଳଜୟୀ ଓ ବିବେକୀ ଶାଗୁଆ ଘାସ ଉପରେ ବସିଛନ୍ତି । ବିବେକୀ ପାଖରେ ବୀଣାଟିଏ ଥୁଆ ହୋଇଛି] ।

ସୁମନ—କବିଙ୍କ ଆଗରେ ଗୀତ ଗାଇବାକୁ କି ଲଜ ?

କାଳଜୟୀ—ଗୁଣର ପରିଚୟ ଦେବାରେ ଲଜ୍ଜା ବାଧା ନ ଦେବା କଥା ।

(ବିବେକୀ ବୀଣା ହାତରେ ଧରିଲା)

କେଉଁଣେ ଯାଅ ଏକାକୀ ପକ୍ଷୀ !
ସଜ ହେଲଣି
ରଜନୀ ରାଣୀ

Digitized by srujanika@gmail.com

ବେଣୀ ବାନ୍ଧେ ତାରାଫୁଲେ ଅନ୍ଧାର ସଖୀ
ଏ ଜୀବନ ଜଙ୍ଗଲରେ ତୁ ଏକା ନାଚୁଣୀ ।
ସାରା ବିଶ୍ୱ ଲୋଡ଼େ ତୋତେ ଆସ ବାହୁଡ଼ି
ମିଳନ ରାଗେ
ଜଗତ ଜାଗେ
ଭାନୁ ଲୁଚେ ନୀଡ କେତେ ବିରହେ ରଖି ।
କେଉଁଣେ ଯାଉ ଏକାକୀ ପକ୍ଷୀ ।
[କାଳଜୟୀ ତନ୍ମୟ ହୋଇ ଶୁଣୁଥିଲେ]

ସୁମନ—କବି, ତନ୍ମୟ ହୋଇ ଗଲେକି ?

ବିବେକୀ—କବି ମଣିଷ ।

କାଳଜୟୀ—ନା, ଅସ୍ତରବି ଯେ ବିରହ ଦେବାଲା ।
କବିଙ୍କ ପ୍ରାଣରେ, ଏହିଟା ଭାବୁଥିଲି ।

ସୁମନ—ସବୁ କବିଙ୍କ ପ୍ରାଣ କ'ଣ ଏକା ନୁହେଁ ?

କାଳଜୟୀ—ସବୁ ନାରୀଙ୍କ ହୃଦୟ କ'ଣ ଏକା ?
(ବିବେକୀ ଲଜ୍ଜିତ ହେଲାଭଳି ଜଣା ପଡ଼ିଲା)

ବିବେକୀ—କବିଙ୍କ ପାଖରୁ ଆପଣମାନେ ଯେ ଗୀତଟିଏ ଶୁଣିଲୁ ନାହିଁ ?

ସୁମନ—ହଁ ଠିକ୍ କହିଲୁ । ସୁନାଟୁଲ ଭୂଶଯ୍ୟ କାଲି । ସେଥିପାଇଁ ରାଜାଙ୍କର ମହା ସମାରୋହ ଲାଗିବ । ଆଜି କବି ଗୋଟିଏ ଗୀତ ଗାଆନ୍ତୁ ।

ବିବେକୀ—(କବି କାଳଜୟୀଙ୍କର ଦ୍ୱିଧାଭାବ)
ଏ ଗରିବ ଘରେ କବିଙ୍କର ଦ୍ୱିଧା ନହେବା ଉଚିତ । କୁଆଡ଼େ ଦାରିଦ୍ର୍ୟକୁ କବି ନିହାତି ସୁଖ ପାଆନ୍ତି ।

କାଳଜୟୀ—(ହସି) ହଁ, ଯଦି ପ୍ରକୃତରେ ଏ ଗରିବ ଘର ହୋଇଥାନ୍ତା, ତେବେ ମୁଁ ନିଶ୍ଚୟ ଗାଆନ୍ତି ।

ବିବେକୀ—ମାଟି ଆଉ ସୁନାର ଫରକ କ'ଣ ?

କାଳଜୟୀ—ଅନ୍ୟ କବିଙ୍କ ଗୀତ ତ ବୋଲାଗଲା, ମୋ ଗୀତ ବୋଲାଗଲେ ଆଉ କି ଲାଭ ? ତୁମେ ଆଉ ଗୋଟିଏ ଗୀତ ଗାଅ !

ବିବେକୀ—ମୁଁ ?

ସୁମନ—ହଁ, ତୁ ଆଉ ଗୋଟିଏ ଗୀତ ଗା, କବି କାଳଜୟୀ ଗାଇବେ ।

ବିବେକୀ—ମୁଁ ? ମୋ ଗୀତ କ'ଣ ଭାଇ ଶୁଣିନାହିଁ ଯେ ମୋତେ କହୁଛ ଗୀତ ଗାଇବାକୁ ?

କାଳଜୟୀ—ମୋ ଗୀତଟା ମଧ୍ୟ ଭବିଷ୍ୟତ ପାଇଁ ରହୁ ।

ସୁମନ—କବି ଯଦି ମନା କରୁଛନ୍ତି, ତେବେ, ତାହାହିଁ ହେଉ ।

[ସାଧବାଣୀଙ୍କର ପ୍ରବେଶ]

ସାଧବାଣୀ—ସୁମନ, ଆସ ଖାଇବାକୁ । ପଦା ପରି ଶୁଖିଗଲ ?

କାଳଜୟୀ—ଆପଣଙ୍କ ଝିଅ ବହୁତ ଭଲ ଗୀତ ଗାଇ ପାରନ୍ତି ।

ସାଧବାଣୀ—(ମନେ ମନେ ଆନନ୍ଦ ଅନୁଭବ କରି) ହଁ, ବେଳେ ବେଳେ ଏହି ଗୀତ ଲେଖେ । ମଧ୍ୟ ଠିକ୍ ଏ ତା ଲେଖା ଗୀତ ସଂଶୋଧନ କରି ଦେଇଯିବେ !

ବିବେକୀ—(ଉତ୍ତେଜିତ) ନା, ମିଛରେ, ତାହା ସେପରି ଥିବନା !

ସାଧବାଣୀ—(ହସି) ଦେଖ ଝିଅକୁ ଲାଜ ଲାଗିଲା । ଆସ, ଆସ, ଖାଇବ ଆସ । (ବିବେକୀ ପ୍ରତି) ଯା, ତୋର ଲାଗା ହେଲା ନା
(ସମସ୍ତଙ୍କର ପ୍ରସ୍ଥାନ)

× ○ ×

# ଅଭିଷିକ୍ତ

ଶ୍ରୀ ମୋହିନୀ ମୋହନ ମିଶ୍ର

ଏହି ଯେ ଆସିଛି ନବ ଉଷା     କାନନକେ ! ଦେଖ ଆଖି ଖୋଲି
ବୁକୁ ପରେ ପୁଲକର ଫୁଲ     ବର୍ଷମାଳେ ପଡୁଛି ଝାଉଁଳି ।
ଚୂର୍ଣ୍ଣନୀଳ - ଊର୍ମିକେଶ ତାର     ଉଲ୍ଲସନ୍ତି ହୋଇଛି ଆକୁଳ
ଝରନ୍ତି କି ଅଦନା ପବନେ     ଜୀବନର ବିବଶ ବକୁଳ ?

ଫୁଟି ଫୁଲ ବେଳ ହେଲା ଏବେ     ଉଠ ସଖି ମନ୍ଦାର - ମଞ୍ଜରି
ସ୍ୱପ୍ନଜୀବୀ ଅଳଅଳ ଅଙ୍ଗ     ଶୁଣ ଏହି ଆସଇ ଗୁଞ୍ଜରି ।
ଆଜ ଗୋ ଆସିବେ ବୀର ପୁରେ     ଦିନେଶେଷେ ସୂନା - ଉଷା ବାହି
ପହଁଚିବା ମରଣର ନେଇ     ଜୀବନର ଜୟ ଗୀତ ଗାଇ ।

ଏହି ଯେ ଆସୁଛି ଉଷା ସଖି !     କଣ୍ଠେ ଘେନି କରୁଣ ସଂଗୀତ
ଦେବା ପାଇଁ ପୁରେ ପୁରେ ଆଜ     ବିଜୟୀର ଅଗମ ଇଙ୍ଗିତ ।
ତେବେ ଏ ରୂପସୀ ଉଷା-ମୁଖେ     କି ଲାଗି ଗୋ କାଳିମାର ଦାଗ
ଲୁହ ଲାଗି ଲିଭିଛି କଜଳ,     ଫିକା ତାର ଅଧରର ରାଗ ?
ତେବେ କିଏ ଭଗ୍ନ ଦୂତ ଖାଲି     ଥର ଥର ଆସୁଛି କହିବ
"ବିଜୟୀ ପତନ ଆଜ ହେଲା"     ଦାବ - ଦାହେ ପରାଣ ଦହିବ !

ଅଜଟ କହିବ ଯେତେ ସବୁ     ବିଜୟୀ ଯା କରିଥିଲା ରଣେ
ଯୁଝିଥିଲା ପ୍ରାଣ ଆଶା ଭୁଲି     କିନ୍ତୁ ନାହିଁ ପାରିଲା ମରଣେ,
ମରଣ ଗୋ ଘେନିଗଲା ତାରେ     ବରଣର ମାଳା ଦେଇ ଗଲେ
ସ୍ମୃତି ଖାଲି ରଖିଗଲା ଛଳେ     ଦରଜିଭ ତପନର ଛଳେ ।
ମୂର୍ଚ୍ଛିତ କାନନ କୋଳ ପରେ     କ୍ଳାନ୍ତ ବୀର ପଡ଼ିଥିଲା ଶୋଇ
ଦେଖିଲେ ଜଗତ ଜନେ ଯାଇ     ଦେହେ ଅଛି-ଜୀବନ-ତା' ନାହିଁ
ଝରିଲା ଅସର ଅଶ୍ରୁ ଧାର     ସ୍ଥିର ହେଲା 'ମାଣିକ ବଜାର'।
ରକ୍ତ ବୁକେ ରିକ୍ତ ଆଶା ଘେନି     କ୍ଷୁଣ୍ଣ ଜନ ହଜାର ହଜାର ।
ଜନତାର ଦୀର୍ଘ ଶ୍ୱାସ ଲାଗି     ଭଇରବେ ଭୀମ ବାତ୍ୟା ଉଠେ
ଚନ୍ଦ୍ରାତପ ହଲି ଛିଣ୍ଡି ଯାଏ     କଲପିତ "ଶିବ କଲା ପୀଠେ"।
'ଖେଉକାଇ' ମୂକ ହେଲା ଶେଷେ     ବିରମିଲା ତାର କଣ୍ଠ ଭାଷା
ଶାନ୍ତ ହେଲା ଉଗ୍ର ପିଶାଚୀର     ସର୍ବନାଶୀ ଅଶୁଭ ପିପାସା ।
ମୃତ୍ୟୁ ସୀନା ଧରିଗଲା ତାରେ     କିନ୍ତୁ ଶତ ନୟନ ଝର୍ଝର
ଲୋତକର ତୀକ୍ଷ୍ଣ ଶର ମାରି     ମରଣରେ କରିଲା ଜର୍ଜର ।

Digitized by srujanika@gmail.com

ଜନତା ରଖିଲା ହୃଦେ ନେଇ      ବିଜୟୀରେ ଚିରଦିନ ତାର
ଜଗତର ଦୈନ୍ୟ ମ୍ଳାନି ଭୁଲି      ସର୍ବହୃଦେ କଲା ହସ ବିହାର ।

କୋଟି କାରୁ ହୃଦୟ ମନ୍ଦିରେ      ସେ ଦିନର ଶୁଭ ଅନୁକ୍ଷଣେ
ଅଭିଷିକ୍ତ ବିଜୟୀ ଶୁଭେନ୍ଦ୍ର      ସମାରୋହେ ସମ୍ରାଟର ପଣେ ।

× × ×

ସେ ଦିନର ଅଭିଷେକ କଥା      ଅତୀତର ଆବରଣ ଖୋଲି
ସମ୍ରାଟର ସମ୍ବର୍ଦ୍ଧନା ପାଇଁ      ଆଜି ମୁଁ ଏ ଆଲେଖିକା ଦେଲି ।

—×○×—

# ଭାରତୀୟ ଭାସ୍କର୍ଯ୍ୟ, ଚିତ୍ରକଳା ଓ ସ୍ଥାପତ୍ୟର ଇତିବୃତ୍ତ ।

ଶ୍ରୀ କମଳାକାନ୍ତ ମହାନ୍ତି

ବାସ୍ତବିକ ଅତ୍ୟନ୍ତ ପରିତାପର ବିଷୟ ଯେ, ବର୍ତ୍ତମାନ ସମୟରେ ଆମଦେଶରେ କଳାପ୍ରତି ଯେଉଁ ଉତ୍ସାହ ଦେଖା ଯାଉଛି ତାହା ନିଛକ ବାହ୍ୟିକ । ତା’ମୂଳରେ ଅନ୍ତରର ଅନୁଭୂତିର ଏକାନ୍ତ ଅଭାବ । ଊନବିଂଶ ଶତାବ୍ଦୀର ଶିଳ୍ପୀମାନଙ୍କ ପରି ଆଜି ମଧ୍ୟ ଆଧୁନିକ ଅନେକ ଶକ୍ତିମାନ ଶିଳ୍ପୀଙ୍କ ମନ-ପ୍ରାଣରେ ପାଶ୍ଚାତ୍ୟ ଶିଳ୍ପ-କଳାର ଆଙ୍ଗିକ ଉତ୍ପାଦର ପ୍ରତି ଉତ୍କଟ ମୋହର ସଞ୍ଚାର ହୋଇଛି, ନିଜର ଗୌରବମୟ ଐତିହ୍ୟର କଥା ଭୁଲି ଯାଇ ସେମାନେ ଆରମ୍ଭ କରିଛନ୍ତି ପଶ୍ଚିମର ଅନ୍ଧ ଅନୁକରଣ । ଆଜିକାଲିର ଏହି ସାଧାରଣ-ତନ୍ତ୍ର ଯୁଗରେ ଲୋକେ ଚାହାନ୍ତି ମୂଲ୍ୟବାନ ଜିନିଷ, ଫେସନୀୟ ଜିନିଷ ଚାହାନ୍ତିନି ସେମାନେ ସତ୍ୟ ଆଉ ସୁନ୍ଦରକୁ, ଖୋଜନ୍ତିନି ଶୋଭନ ବସ୍ତୁକୁ । ପ୍ରକୃତ ସୌନ୍ଦର୍ଯ୍ୟର ଅନ୍ତରାଳରେ ପ୍ରଚ୍ଛନ୍ନ ଥାଏ ସତ୍ୟ ଆଉ ଆନନ୍ଦ । ଜୀବନରେ ସୁନ୍ଦରକୁ ଅପଳାପ କରି ଆମେ ସତ୍ୟ ଓ ଆନନ୍ଦକୁ ହତ୍ୟାକରୁଛୁଁ; କଳାର ଅହେତୁକ ବିନାଶ କରୁଛୁଁ ମିନା !!

‘ଭାରତୀୟ କଳା’ ଭାରତର ନିଜସ୍ୱ ଜିନିଷ, ଏହା ‘ଜଗତ ସଭା’ ନିକଟରେ ତାହାର ଅମୂଲ୍ୟ ଅନନ୍ୟ ଅପ୍ରାପ୍ୟ ଦାନ, ଏହି ବୋଲି ଆମେ ଗର୍ବ କରି ଆସିଛୁଁ । କିନ୍ତୁ ଅବନୀନ୍ଦ୍ର ବାବୁ ଓ ନନ୍ଦଲାଲଙ୍କ ବ୍ୟତୀତ ଆଧୁନିକ କଳାସାଧକଗଣ ଏହି ‘ନିଜସ୍ୱତା’ ଉପରେ ପରକୀୟ କଳାର ବିନ୍ୟାସ କରିବା ଛଡ଼ା ବିଶେଷ କିଛି କରି ପାରି ନାହାନ୍ତି । ସାଧାରଣତଃ ଆଧୁନିକ ଚିତ୍ର ଗୁଡ଼ିକ ଅଜନ୍ତା ଚିତ୍ରାବଳୀର ଅନୁକରଣ ମାତ୍ର କହିଲେ ଅତ୍ୟୁକ୍ତି ହେବ ନାହିଁ । ତଥାପି ସେହି ଅନୁକରଣରେହିଁ ଶିଳ୍ପୀର ଅପଟୁତା ପ୍ରାୟ ପରିଦୃଷ୍ଟ ହୁଏ । ଛବି ଆଙ୍କିବା ପୂର୍ବରୁ ନାନା ପରୀକ୍ଷା (Studies ଅଥବା Sketches) ପରେ ଚିତ୍ରର ଉପଯୋଗୀ ଅଙ୍ଗ-ଭଙ୍ଗୀଟି ଆବିଷ୍କାର ନକରି ସେମାନେ ଏକାଥରେ ଭାବ ବିକାଶ କରି ବସନ୍ତି । ପ୍ରଥମେ ହାତ ଠିକ କରିବା ନୀତି ସେମାନଙ୍କ ଦ୍ୱାରା ଅବହେଳିତ ହୋଇଥାଏ, ତାଙ୍କ ବିବେଚନାରେ ତାହା ଦାସୋଚିତ ନକଲ । କିନ୍ତୁ ର୍ୟାଫେଲ, ଲିଟନ୍, ଟାନେ-ନାର ବା ରୁଇଜଡେଲଙ୍କ ଚିତ୍ରରେ ଭାବର ଅଭାବ କିମ୍ବା ଦାସୋଚିତ ନକଲ ଅଛି ବୋଲି କେହି କେବେ କହି ନାହାନ୍ତି ! ଅଥଚ ତାଙ୍କ କୀର୍ତ୍ତି ପଛରେ କେତେ ଖସଡ଼ା ଚିତ୍ର, କେତେ anatomy, କେତେ

Digitized by srujanika@gmail.com

ଅଧ୍ୟୟନର ଆଭାସ ରହିଛି । ସାର ଫ୍ରେଡେରିକ ଲିଟନ (Sir Fredericks Leighton) ତାହାଙ୍କର Flaming Jenge ନାମକ ଛବି ନିମିତ୍ତ ପନ୍ଦର, ଷୋଳଟି ଖସଡ଼ା-ନକ୍ସା (first-draft) ଅଙ୍କି ଥିଲେ । ଦୁଃଖର ବିଷୟ, ଭାରତୀୟ କଳାର ନବ୍ୟ ସେବକଗଣ, ନୂତନ ଶିକ୍ଷାର୍ଥୀର ହାତ ଠିକ୍ କରିବା ନିମିତ୍ତ, ପ୍ରକୃତିର ଅନୁକରଣ ଯେ ଅବଶ୍ୟକ, ଶରୀର-ବିଜ୍ଞାନ ପଢ଼ା ଦରକାର, ନାନା ପରୀକ୍ଷା ଏବଂ ଖସଡ଼ା ଚିତ୍ର ଯେ ଏକାନ୍ତ ଉପଯୋଗୀ ଏହା ଉପଲବ୍ଧି କରି ପାରି ନାହାନ୍ତି ।

ଆଧୁନିକ ଭାରତୀୟ କଳା, ପ୍ରାଚୀନ କଳାର ଅନେକାଂଶରେ ବିକୃତି କରଣ; ବିଦେଶୀ ପ୍ରଭାବହିଁ ଏହାର କାରୟିତା । ଭାରତୀୟ କଳାର ଇତିବୃତ୍ତ ଅବଲୋକନ କଲେ ଦେଖାଯାଏ ଯେ ପ୍ରାଚୀନ ଭାରତୀୟ କିପରି ସୌନ୍ଦର୍ଯ୍ୟର ଅନବଦ୍ୟ ପୂଜାରୀ ଥିଲା, ଜୀବନକୁ ଶାଶ୍ୱତ ଓ ସୁନ୍ଦରମୟ କରି ତୋଳାଇଥିଲା କିପରି ତାହାର ସୁଗଭୀର କଳାନୁରାଗ । ଦୈନିକ ଜୀବନର ଅଚେତନ ଅଭିଜ୍ଞତାର ଭଗ୍ନାଂଶଗୁଡ଼ିକୁ କିପରି ଶୃଙ୍ଖଳ ଭାବରେ ବାଛି, ଗୋଟେଇ ସମ୍ପୂର୍ଣ୍ଣ କରି ମନର ସଚେତନ ସ୍ତରରେ ତୋଳି ଧରୁଥିଲେ ଭାରତୀୟ ଶିଳ୍ପୀଗଣ ! ମହେଞ୍ଜୋ ଦାଡ଼ୋରେ ଆବିଷ୍କୃତ ସିନ୍ଧୁ-ସଭ୍ୟତାର ନିଦର୍ଶନ ମଧ୍ୟରେ ସ୍ପଷ୍ଟ ଫୁଟି ଉଠେ ତାହାର ନୀରନ୍ଧ୍ର କଳା ମମତାର ଆଖ୍ୟାୟିକା ! ଉଦ୍‌ବୃନ୍ଦ ମୃଣ୍ମୟ ପାତ୍ର ସମୂହ ଦେଖିଲେ ଜଣାଯାଏ ଯେ ସେ ସମୟର କଳା-ପ୍ରୀତି କେତେ ଉଦାର, କେତେ ପ୍ରଗଳ୍ଭ । ସାଧାରଣ ବ୍ୟବହାର୍ଯ୍ୟ ପଦାର୍ଥକୁ ବି ସେମାନେ ଅପ୍ରସାଧିତ ରଖୁ ନଥିଲେ ।

ପ୍ରକୃତ ପକ୍ଷରେ ଭାରତୀୟ କଳା-ଇତିହାସର ସୃଷ୍ଟି-କାଳ ନିର୍ଣ୍ଣୟ କରିବା ବଡ଼ କଠିଣ । କିନ୍ତୁ ପୃଥିବୀର ପୁରାତନ ଶାସ୍ତ୍ର ଋଗ୍‌ବେଦରେ ଚମଡ଼ା ଉପରେ ଅଗ୍ନିଙ୍କ ଚିତ୍ରର ସମାଲୋଚନା ରହିଛି । ପାଣିନୀଙ୍କ ସମୟରେ ଖ୍ରୀ: ପୂର୍ବ ୮ମ ଶତାବ୍ଦୀରେ ଚିତ୍ରବିଦ୍ୟାର ବିପୁଳ ପ୍ରଚଳନ ରହିଥିଲା ଏବଂ ବୁଦ୍ଧଦେବଙ୍କ ସମୟରେ

ଏହାର ବିଲକ୍ଷଣ ବିନ୍ୟାସ ବିଶେଷତଃ ଧର୍ମକୁ ଆଶ୍ରୟ କରି ଗଢ଼ି ଉଠିଥିଲା । ପ୍ରାଗ୍ ବୌଦ୍ଧ କଳାର ବିଶେଷତ୍ୱ ଏହି ଯେ ସେଥିରେ ସର୍ବଦା ବୁଦ୍ଧଙ୍କ ମୂର୍ତ୍ତି ପରିହାର କରାଯାଇଥାଏ । ଯେଉଁଠି ତାଙ୍କର ଉପସ୍ଥିତି ଆବଶ୍ୟକ, ଶିଳ୍ପୀ ସେଠାରେ ଦକ୍ଷତାର ସହିତ, ପାଦୁକା, ପଦ୍ମାସନ କିମ୍ବା ଶିରୋଭୂଷଣ ଇତ୍ୟାଦି ଦ୍ୱାରା ସଙ୍କେତ ଦେଇ ଥାଆନ୍ତି । ସେ ସମୟରେ ଚିତ୍ରକଳାର ଏତେ ପ୍ରସାର ଥିଲା ଯେ ବୁଦ୍ଧଦେବ ତାଙ୍କ ଶିଷ୍ୟ ସାଧକମାନଙ୍କୁ ଏ ଦିଗରେ ପ୍ରବୃତ୍ତ ନହେବା ନିମିତ୍ତ ଆଦେଶ ଦେଇ ଥିଲେ । ବର୍ତ୍ତମାନ ଭାରତରେ ଯେତେ ଗୁଡ଼ିଏ ଗୁହା କୀର୍ତ୍ତି ଅଛି ସେମାନଙ୍କ ମଧ୍ୟରୁ ପ୍ରାୟ ତିନି ଭାଗ ବୌଦ୍ଧ ଧର୍ମୀ ବଲମ୍ବୀମାନଙ୍କର ।

ପାରସ୍ୟରୁ ଚୀନ ସାଗର ପର୍ଯ୍ୟନ୍ତ, ବରଫାବୃତ ସାଇବେରିଆ ମାଳଭୂମି ଅଞ୍ଚଳରୁ ଜାଭା ଓ ବୋର୍ଣ୍ଣିଓ ଦ୍ୱୀପ ପର୍ଯ୍ୟନ୍ତ, ଓ ସିନ୍ଧୁନଦୀଠାରୁ ଜାପାନ ପର୍ଯ୍ୟନ୍ତ ଭାରତର କଳା ସଂସ୍କୃତି ବିସ୍ତୃତି ଲାଭ କରିଥିଲା । ଭାରତୀୟ ସଂସ୍କୃତି ସେହି ପ୍ରଥମ ଶତାବ୍ଦୀର ପ୍ରାରମ୍ଭରୁ ଭାରତ ବର୍ଷ ପୂର୍ବ ଏବଂ ଦକ୍ଷିଣ ପୂର୍ବ ଏସିଆର ସିଲୋନ, ବ୍ରହ୍ମଦେଶ, ମାଳୟ, ଜାଭା, ସୁମାତ୍ରା, ବୋର୍ଣ୍ଣିଓ, ଶ୍ୟାମ, କାମ୍ବୋଡ଼ିଆ ଏବଂ ଇଣ୍ଡୋଚାଇନା ପ୍ରଭୃତି ସମୁଦ୍ର ପରିବେଷ୍ଟିତ ଦ୍ୱୀପ-ସମଷ୍ଟିରେ ଉପନିବେଶ ସ୍ଥାପନ କରିଥିଲା । ଆର୍ଯ୍ୟଗଣର ଧର୍ମ, ଶିଳ୍ପ, ଓ ସାହିତ୍ୟ ସେହି ପୁଞ୍ଜୀଭୂତ ଦ୍ୱୀପ ସମୂହର ବକ୍ଷରେ ଅପୂର୍ବ ଭାବେ ବିକୀର୍ଣ୍ଣ ହୋଇ ପଡ଼ିଲା । ପରିଶେଷରେ ଭାରତର ଏଇ ସାଂସ୍କୃତିକ ଅଭିଯାନ ପୂର୍ଣ୍ଣ-ଗରିମ ହୋଇ ଜଗତ ସଭାରେ ତୋଳିଧରିଥିଲା ଦିଗ୍‌ବିଜୟୀର କେତନ । ଜାଭା ଓ ବାଲି ଦ୍ୱୀପରେ ତାହାର ପ୍ରାଧାନ୍ୟ ଆଜିବି ଅକ୍ଷୁଣ୍ଣ ରହିଛି । ଭାରତୀୟ କଳାର ଜନ୍ମ-ଭୂମି ଭାରତବର୍ଷରୁ ଅନେକାଂଶରେ ବିଲୁପ୍ତ ହୋଇ ଯାଇ ଥିଲେବି ନାରିକେଳକୁଞ୍ଜ ପରିବେଷ୍ଟିତ ଦ୍ୱୀପମୟ କଳାରେ ତାହା ଆଜି ପର୍ଯ୍ୟନ୍ତ ଜୀବିତ ଅଛି । ସେଥିଲାଗି ବୋଧ ହୁଏ ସାର୍ ଜନ୍ ମାର୍ସାଲ କହିଛନ୍ତି — 'To know Indian art in India alone, is to know but half its Story.'

Digitized by srujanika@gmail.com

ଭାରତୀୟ-କଳା-ଚରିତ୍ର ର ବୈଶିଷ୍ଟ୍ୟ - ଏହି ଯେ ତାହା ଅଶେଷ ଯେପ ସଜୀବ ଏବଂ ପ୍ରବର୍ତ୍ତନ - ନମନୀୟ (flexible) ଗ୍ରୀସୀୟ କଳା ପରି ତାହା ମଧ୍ୟ ଯେଉଁ ଦେଶ, ଯେଉଁ ଜାତି ଓ ଦର୍ଶନ ଇତ୍ୟାଦି ସହିତ ମିଶି ଯାଉ ହୁଏ, ତାହାର ଆବଶ୍ୟକତାର ଉପଯୋଗୀ ହୋଇ ପାରେ ଅତି ସୂକ୍ଷ୍ମ ଏବଂ ସ୍ୱାଭାବିକ ଭାବରେ, ପ୍ରାୟ ସମସ୍ତ ଭାରତୀୟ ଉପନିବେଶ ଗୁଡ଼ିକ ଚୀନ ଓ ଭାରତ ଏହି ଦୁଇଟି ବଡ ଦେଶର ମଧ୍ୟରେ ଅବସ୍ଥିତ ଥିବାରୁ ସେମାନେ ଏହି ଦୁଇ ଦେଶର ସଂସ୍କୃତି, ଶିଳ୍ପ-କଳା, ଧର୍ମ ଇତ୍ୟାଦି ଦ୍ୱାରା ପ୍ରଭାବିତ ହେବା ସ୍ୱାଭାବିକ । ଅତଏବ ଏହି ଉପନିବେଶ ଗୁଡ଼ିକର ମାଟିରେ ଗୋଟିଏ ଇଣ୍ଡୋ-ଚାଇନିଜ୍ ( Indo-chinese) ମିଶ୍ର-ସଭ୍ୟତା ତାହାର ନିଜର ବୁନିଆଦ କରି ବସିଲା । ବିଶେଷ ଭାବରେ ଭାରତୀୟ କଳା ହିଁ ସେମାନଙ୍କର ସଂସ୍କୃତି ଓ ସଭ୍ୟତାର ଅଙ୍ଗ ସୌଷ୍ଠବର ବଶିଷ୍ଟ ଉପାଦେୟ ରୂପେ ପ୍ରବେଶ ଲାଭ କରିଥିଲା ଅନାୟାସେ ।

As a rule the methods of government and the general philosaphy of life came from China, religion and art from India — Nehru's Discovery of India. ଦ୍ୱୀପବାସୀ ଭାରତବର୍ଷରୁ ଯେଉଁ ଉପାଦାନ ଗ୍ରହଣ କଲେ ତାହାରି ମଧ୍ୟ ଦେଇ ସେ ଦେଶର ସ୍ୱକୀୟ-ଚିନ୍ତାନାଳକୁ ପ୍ରକାଶ କରିବାରେ ସକ୍ଷମ ହେଲା, ଆଙ୍ଗକୋରର ପୃଥିବୀ ବିଖ୍ୟାତ ମନ୍ଦିର ସ୍ଥାନୀୟ ଉପକରଣ ନେଇ ଗଠିତ ହୋଇ ଥିଲେହେଁ ତାହା ଭାରତୀୟ କଳାର ସୁପରିଣତରୂପ ବୋଲି ମନେ ହୁଏ, ଜାଭା ଓ କାମ୍ବୋଡିଆର ପ୍ରସିଦ୍ଧ ସ୍ଥାପତ୍ୟ ହିନ୍ଦୁକଳାର ସୃଜନ ବସ୍ତୁରେହିଁ ଗଢ଼ି ଉଠିଛି ।

ଚିତ୍ରକଳାପରି ଭାରତୀୟ ଭାସ୍କର୍ଯ୍ୟର ମଧ୍ୟ ଗୋଟିଏ ଗୌରବମୟ ଐତିହ୍ୟ ଅଛି । ଏହି ଭାରତୀୟ ଭାସ୍କର୍ଯ୍ୟ ଏକଦା ଚୀନ, ଜାପାନ, ବ୍ରହ୍ମଇଣ୍ଡୋଚୀନ, ଏବଂ ଇଣ୍ଡୋନେସିଆର ଯବଦ୍ୱୀପ ର ଯାଏଁ ଗଭୀର ପ୍ରଭାବ ବିସ୍ତାର କରିଥିଲା । ପାଲ ସମ୍ରାଟଙ୍କ ଅମଳରେ ବଙ୍ଗଳାର ଭାସ୍କର୍ଯ୍ୟ ହିଁ ନେପାଳରେ ସେଠାକାର ଶିଳ୍ପକଳାକୁ ନିବିଡ ଉଦ୍‌ବୋଧନ ଦେଇଥିଲା । ଲଣ୍ଠନ - କଳାବି ଭାରତରୁ ପଲିନେସିଆନ ଦ୍ୱୀପପୁଞ୍ଜକୁ ଯାଇଥିଲା । ଭାରତରୁ ହିଁ ଜାଭା ଓ ବାଲିର ବଣ୍ଣନା ନୃତ୍ୟର ଉତ୍ପତ୍ତି । ବିଶ୍ୱକବି ରବୀନ୍ଦ୍ରନାଥ ତାଙ୍କର 'ଜାଭା ଯାତ୍ରୀର ପତ୍ରରେ ଲେଖିଛନ୍ତି:— ହିନ୍ଦୁ ଧର୍ମର ଭଙ୍ଗାରୁଜା ଉପକରଣ ନେଇ ଏଠାକାର ମଣିଷ ଆପଣାର ଗୋଟାଏ ଧର୍ମ ଗୋଟାଏ ସମାଜ ଗଢ଼ି ତୋଳିଛି । ଏଠାକାର ଏକ ସମୟର ଶିଳ୍ପକଳାରେ ଦେଖାଯାଏ ପୁରା ପୁରି ହିନ୍ଦୁର ପ୍ରଭାବ —

ଭାରତ ବାହାରେ ଭାରତର ଏହି ସାଂସ୍କୃତିକ ବିକାଶରେ କଳିଙ୍ଗ ହିଁ ଅଗ୍ରଦୂତ । ଆଧୁନିକ ଓଡ଼ିଶାର ନାୟ୍ୟ ଦାବୀ ଯେପରି ପ୍ରାୟ ପ୍ରତ୍ୟେକ କ୍ଷେତ୍ରରେ ଅସ୍ୱୀକୃତ ଏବଂ ଉପେକ୍ଷିତ କରାଯାଉଛି, ହୁଏତ ଏହାକୁ ବି ସେହିପରି ମିଥ୍ୟାର ଦୋହାଇ ଦେଇ ଅବହେଳା କରାଯାଇ ପାରେ । କିନ୍ତୁ ପ୍ରକୃତ ପକ୍ଷରେ ଯେଉଁମାନେ ଇତିହାସ ଏବଂ ନ୍ୟାୟ ଦ୍ୱାରା ପରିଚାଳିତ ହୁଅନ୍ତି ସେମାନେହିଁ କେବଳ ଏହାର ସତ୍ୟତାର ପରିମାଣ ଉପଲବ୍ଧି କରି ପାରିବେ । କଳିଙ୍ଗର ବଣିକମାନେ ଭାରତୀୟମାନଙ୍କ ମଧ୍ୟରୁ ସର୍ବପ୍ରଥମେ ଉପନିବେଶ ସ୍ଥାପନ କରିବା ନିମିତ୍ତ ସମୁଦ୍ରର ଅନନ୍ତ ବକ୍ଷକୁ ଲଙ୍ଘି ଦେଇଥିଲେ ଏବଂ ସେମାନଙ୍କର ନୌକା ନିର୍ମାଣର ଅଭିନବ କଳା ଗୁଡ଼ିକ ସେମାନଙ୍କୁ ସମୁଦ୍ରର ଲହରୀ ବିରୁଦ୍ଧରେ ଲଢ଼େଇ କରିବାକୁ ଅପୂର୍ବ-ଦକ୍ଷତା ଯୋଗାଇଥିଲା ।

The early colonists are supp sed to have gone from kalingga on the east coast (Orissa) ପଣ୍ଡିତ ଜହରଲାଲ ନେହେରୁଙ୍କ 'Discovery of India' ର ଏହି ଉଦ୍ଧୃତ ଅଂଶ ସହିତ ଯଦି ଡାକ୍ତର ଏଚ୍: ଜି: କ୍ୱାରିଚଙ୍କ ନିମ୍ନଲିଖିତ ମତ ସଂଯୋଗ କରାଯାଏ ତାହାହେଲେ ବୋଧହୁଏ ଉପରୋକ୍ତ ଉକ୍ତିର ନୈସର୍ଗିକତା ଅଧିକ ସହଜରେ ପ୍ରମାଣିତ ହୋଇ ପାରିବ । ସେ (H G guaritch) ଲେଖିଛନ୍ତି This great conqueror (Sailendras of

Digitized by srujanika@gmail.com

Orissa) whose achievements can only be compared with those of the greatest soldiers known to western history .... ... made possible the marvellous flowering of Indian art and culture in java and cambodia, ଆଜି ମଧ୍ୟ ବର୍ତ୍ତମାନ ଜାଭା, ବାଲି ଦ୍ୱୀପ ମାନଙ୍କରେ ଯେଉଁ ସବୁ ମହଲ, ମନ୍ଦିରର ଭଗ୍ନାଂଶ, ସ୍ଥପତି ତଥା ଭାସ୍କର୍ଯ୍ୟ ଇତ୍ୟାଦି ଦେଖାଯାଏ ତାହା ସହିତ ଭୁବନେଶ୍ୱର ଓ କୋଣାର୍କ କଳା ଏବଂ ପୁରୀର ପ୍ରାଚୀନ ଚିତ୍ର ସମ୍ପଦ ସହିତ ଅଦ୍ଭୁତ ସାମଞ୍ଜସ୍ୟ ପରିଲକ୍ଷିତ ହୁଏ ।

ଉତ୍କଳର ସ୍ଥାପତ୍ୟ ବିଶ୍ୱପରିକୀର୍ତ୍ତିତ । ତାହାର ସ୍ଥାପତ୍ୟ କଳାରେ ଚିତ୍ର ପ୍ରଭାବ ଯେତେ ଅଧିକ ପରିସ୍ଫୁଟ ହୋଇ ଅଛି, ତାହା ଅନ୍ୟତ୍ର ସମ୍ଭବ ହୋଇ ନାହିଁ । କୋଣାର୍କ, ଭୁବନେଶ୍ୱରର ବିଶାଳ ମନ୍ଦିରମାନଙ୍କର ଦୃଢ଼ ପ୍ରସ୍ତର ଗାତ୍ରରେ ଯେ କାରୁକାର୍ଯ୍ୟର ସୃଜନ କରା ଯାଇଛି, ତାହାର ପ୍ରତ୍ୟେକ ରେଖା ଯେ ସୁନିପୁଣ ଶିଳ୍ପୀ-ଦ୍ୱାରା ଅଙ୍କିତ, ସେଥିରେ ସନ୍ଦେହର ଅବକାଶ ନାହିଁ ।

ପୁନରାଲୋଚନା କଲେ ଦେଖାଯାଏ ଯେ ଭାରତୀୟ କଳାର ପ୍ରାରମ୍ଭ ଯୁଗଟା ସମ୍ପୂର୍ଣ୍ଣରୂପେ ବହୁବର୍ଣ୍ଣମୟ, କେତେକାଂଶରେ ଚୈନିକ ପ୍ରଭାବ ଏହାର କାରଣ ଅଟେ । ଗୁପ୍ତ ଯୁଗରେ; ଚତୁର୍ଥ ଓ ଷଷ୍ଠ ଶତାବ୍ଦୀର ମଧ୍ୟଭାଗରେ ବହୁ ବିଶ୍ରୁତ ଅଜନ୍ତା ଗୁମ୍ଫାଗୁଡ଼ିକର ଖନନ କାର୍ଯ୍ୟ କରାଯାଇଥିଲା । ଅଜନ୍ତା ଭାରତୀୟ ଶିଳ୍ପ-ସୌନ୍ଦର୍ଯ୍ୟର ଶ୍ରେଷ୍ଠ ପ୍ରତୀକ, ଚିତ୍ରକଳାର ସର୍ବୋତ୍କୃଷ୍ଟ ନିଦର୍ଶନ ।

ଖ୍ରୀ: ଅ: ୬୭୬ ରେ ଲଲାଟେନ୍ଦୁକେଶରୀ ଭୁବନେଶ୍ୱରର ପ୍ରସିଦ୍ଧ ଲିଙ୍ଗରାଜ ମନ୍ଦିର ନିର୍ମାଣ କରିଥିଲେ ଏବଂ ଖଣ୍ଡଗିରିର ଗୁମ୍ଫା ଖୋଳାଇ ଥିଲେ । ଆକାର, ଶିଳ୍ପ ଓ ସ୍ଥାପତ୍ୟରେ ଏହି ମନ୍ଦିର ପୃଥିବୀ ପ୍ରସିଦ୍ଧ ।

ସପ୍ତମ ଏବଂ ଅଷ୍ଟମ ଶତାବ୍ଦୀରେ, କଠିଣ ପାଷାଣ ଗାତ୍ରରେ ଏଲୋରାର ଅପୂର୍ବ ଏବଂ ଅଦ୍ଭୁତ ଗୁମ୍ଫାବଳୀର ଖୋଦାଇ କାମ ଆରମ୍ଭ କରାଯାଇଥିଲା । ହସ୍ତୀଗୁମ୍ଫା ଏବଂ ତାହାର ମଧ୍ୟସ୍ଥିତ ଶକ୍ତିଶାଳୀ ଓ ସୂକ୍ଷ୍ମ ଚିତ୍ରମୂର୍ତ୍ତି ମଧ୍ୟ ଏହି ସମୟରେ ସୃଷ୍ଟ । ଦକ୍ଷିଣ ଭାରତରେ ମାମାଲ-ପୁରମ୍‌ର ସ୍ଥାପତ୍ୟ ଶିଳ୍ପରେ ସମନ୍ୱୟର ସୃଜନ-କ୍ରିୟା ଏହି ସମୟରେ କରା ଯାଇଥିଲା । ହସ୍ତୀ ଗୁମ୍ଫାରେ ନଟରାଜଙ୍କର ଗୋଟିଏ ଭଗ୍ନ ମୂର୍ତ୍ତି ଅଛି । ତାହାର ଏ ଅଙ୍ଗହୀନ ଅବସ୍ଥାରେ ବି ହାଭେଲ ସାହେବ ପ୍ରଶସ୍ତି ଗାଇଛନ୍ତି ଯେ, ଏହା ଗୋଟିଏ ମହତ୍ତ୍ୱ କଳ୍ପନା ଏବଂ ଦାନବିକ ଶକ୍ତିର ଗୋଟିଏ ମୂର୍ତ୍ତିରୂପ । ବ୍ରିଟିଶ ଚିତ୍ର ଶାଳୀକାରେ ମଧ୍ୟ ଆଉ ଗୋଟିଏ ନଟରାଜଙ୍କର ମୂର୍ତ୍ତି ରଖା ଯାଇଛି, ଯାହାକି ବର୍ଷ ବର୍ଷ ଧରି ଜାତୀୟକଳାର ବୈଶିଷ୍ଟ୍ୟ ଓ ମହିମା ନୀରବ ଭାଷାରେ ବ୍ୟକ୍ତ କରୁଛି ବିଦେଶରେ । ବରୋବୁଦୁରର ବୋଧିସତ୍ତ୍ୱର ଯେଉଁ ମହିମାନ ମୁଖ-ପ୍ରତିମା କୋପେନ୍‌ହାଗେନ୍‌କୁ ନିଆଯାଇଛି, ହାଭେଲ ସାହେବ ତାହାର କଳାରେ ପ୍ରଚ୍ଛନ୍ନ ଜୀବନୀ ଶକ୍ତିର ସମାଲୋଚନା କରିବାକୁ ଯାଇଁ କହିଛନ୍ତି — ଏହାର ମୁଖ ଉପରେ ସୁଗଭୀର ମହାସାଗରର ସ୍ତବ୍ଧତା ଏବଂ ମେଘହୀନ ସୁନୀଳ ଆକାଶର ସୁସ୍ଥିରତା ମୂର୍ତ୍ତ ହୋଇ ଉଠିଛି । ଏହା ମନୁଷ୍ୟ ଜ୍ଞାନ ପରିସୀମାର ବାହ୍ୟସ୍ଥ ଗୋଟିଏ ସୌନ୍ଦର୍ଯ୍ୟର ନମୁନା ।

ଅଷ୍ଟାଦଶ ଏବଂ ଊନବିଂଶ ଶତାବ୍ଦୀର ମଧ୍ୟଭାଗରେ, କାଳୀଘାଟର ଦକ୍ଷିଣସ୍ଥ କଲିକତା କାଳୀ ପ୍ରତିମୂର୍ତ୍ତିର ଚତୁଃପାର୍ଶ୍ୱରେ ଗୋଟିଏ ଶକ୍ତିମାନ ଜନ-କଳା ବିଦ୍ୟାଳୟ (School of Folk Art) ସଜାଗ ହୋଇ ଉଠିଥିଲା । କାଳୀଘାଟ ଚିତ୍ରାବଳୀର ବିଶେଷତ୍ୱ ଏହି ଯେ ତାହା ଯେ କୌଣସି ସମୟରେ, ଯେ କୌଣସି ଅନ୍ତର ଆକର୍ଷଣ କରିବା ସ୍ୱାଭାବିକ । ଅନ୍ୟାନ୍ୟ ଚିତ୍ରପ୍ରଦର୍ଶନୀ ମଧ୍ୟରେ ଏହି ଚିତ୍ରଗୁଡ଼ିକ ସେମାନଙ୍କର ଉଜ୍ଜ୍ୱଳ ରେଖା ଏବଂ ବର୍ଣ୍ଣନ-ପ୍ରଭା ଦ୍ୱାରା ସୁସ୍ପଷ୍ଟ ହୋଇ ଉଠେ । କାଳୀଘାଟ ଶିଳ୍ପୀ ମାନଙ୍କର କଳ୍ପନା ଓ ଚେତନା ମଧ୍ୟରେ ଗୋଟାଏ ସ୍ୱାଧୀନ ବାସ୍ତବିକତା ଏବଂ ସରଳତା ସାଧାରଣତଃ ଦେଖାଯାଉଥିଲା । କିନ୍ତୁ ଦୁଃଖର ବିଷୟ ଯେ

Digitized by srujanika@gmail.com

ବର୍ତ୍ତମାନ ସେ ଶିଳ୍ପୀ ନାହାନ୍ତି କି ସେ ଶିଳ୍ପ ନାହିଁ । ଏହି ଛବିଗୁଡ଼ିକର ଜନପ୍ରିୟତା ବିଦେଶୀ ବଣିକ-ମାନଙ୍କୁ ଯୋଗେଇଲା ସୁଯୋଗ । ସେମାନେ ସେଗୁଡ଼ିକର ହଜାର ହଜାର ଲିଥୋଗ୍ରାଫ୍ କପି (Lithograph copies) ଛପେଇ, ଦେଶସାରା ସେହି ନକଲ-ଛବିର ବିସ୍ତୃତ କରଣରେ ଲାଗି ପଡ଼ିଲେ । ଅତଏବ କାଳୀଘାଟ ଛବି ଗୁଡ଼ିକର ଚାହିଦା କ୍ରମେ କମି ଗଲା ଏବଂ ବର୍ତ୍ତମାନ କାଳୀଘାଟ ଶିଳ୍ପୀମାନେ ପ୍ରାୟ ସମସ୍ତେ ବିଲୀନ ହୋଇ ଗଲେଣି ଓ ସେମାନଙ୍କର ସନ୍ତାନ ସନ୍ତତି ଭିନ୍ନ ଭିନ୍ନ ପେଶା ଧରି ଜୀବନ ଯାପନ କରୁଅଛନ୍ତି ।

ଇଂରେଜମାନେ ଗୋଟାଏ ଜାତିର ସୃଷ୍ଟି ଉପରେ କଳଙ୍କ ବିନ୍ୟାସ କରିବା ନିମିତ୍ତ କେବଳ ଏତିକି ନୁହେଁ, ଅଧିକନ୍ତୁ ଅନେକ କିଛି ଦାୟିତା ଦେଖେଇ ଦେଇ ଯାଇ ଅଛନ୍ତି ଯାହାର ସମାଲୋଚନା କରିବା ଏ କ୍ଷୁଦ୍ର ପ୍ରବନ୍ଧର ଉଦ୍ଦେଶ୍ୟ ନୁହେଁ । ଦୁଃଖର ବିଷୟ ଯେ, ଖୁବ୍ ଅଳ୍ପ ଦିନ ପୂର୍ବେ ଜଣେ ଇଂରେଜ ଲେଖକ ଗୋଟିଏ ବହି ଲେଖିଛନ୍ତି ଯେଉଁଥିରେ ସେ ଭାରତୀୟ କଳା, ସାହିତ୍ୟ ଇତ୍ୟାଦି ଯାହାକିଛି ଭାରତୀୟ ସେ ସମସ୍ତ ଦୃଶ୍ୟ, ହେୟ ଏବଂ ନିତାନ୍ତ ନିମ୍ନ ସ୍ତରର ବୋଲି ପ୍ରମାଣ କରିବାକୁ ଚେଷ୍ଟା କରିଛନ୍ତି । ଅତ୍ୟନ୍ତ ଆଶ୍ଚର୍ଯ୍ୟର ବିଷୟ ଯେ ସେ ଭାରତୀୟ ସ୍ଥାପତ୍ୟ ମଧ୍ୟରେ କେବଳ ହାଇଦ୍ରାବାଦର ଓସ୍ମାନିଆ ବିଶ୍ୱବିଦ୍ୟାଳୟକୁ ପ୍ରଶଂସା କରି କହିଛନ୍ତି "my tribute to this Solitary example of Indian architectural prowess" — ଅଥଚ ଶତ ବର୍ଷ ଧରି ଯେଉଁ ଭାରତୀୟ ସ୍ଥାପତ୍ୟକଳା ପାଶ୍ଚାତ୍ୟ କଳା ପ୍ରେମିକ ମାନଙ୍କ ଦ୍ୱାରା ନିର୍ବିବାଦରେ ପ୍ରଶଂସିତ ହୋଇ ଆସିଛି ତାହା ବୋଧହୁଏ ଲେଖକ ମହାଶୟଙ୍କର ଏପର୍ଯ୍ୟନ୍ତ ଶ୍ରୁତିଗୋଚର ହୋଇ ନାହିଁ । ମୋଗଲ ରାଜତ୍ୱ ସମୟରେ ନିର୍ମିତ ମହଲ, ମସ୍‌ଜିଦ ଓ ମିନାର, ଆବୁ ପର୍ବତସ୍ଥ ଦିଲୱାରର ଜୈନ ମନ୍ଦିରାବଳି, ସାଞ୍ଚି ଓ ପାଟଲିପୁତ୍ରର ବୌଦ୍ଧ କୀର୍ତ୍ତି ସମୂହ, ଦକ୍ଷିଣ ଭାରତର ହିନ୍ଦୁ ମନ୍ଦିର ସବୁ, ପୃଥିବୀର ଗୋଟିଏ ଗୋଟିଏ ଆଶ୍ଚର୍ଯ୍ୟ ପଦାର୍ଥ ଏବଂ ଅମୂଲ୍ୟ ସମ୍ପଦ କହିଲେ ଅତ୍ୟୁକ୍ତି ହେବ ନାହିଁ । ସର୍ବୋପରି ବିଶ୍ୱବିଶ୍ରୁତ ତାଜମହଲରେ କଳାର ଯେଉଁ ଜୀବନୀଶକ୍ତି ଫୁଟି ଉଠିଛି ତାହା ଅନ୍ୟତ୍ର କେଉଁଠି ଦୃଷ୍ଟି ଗୋଚର ହୁଏ ନାହିଁ ।

ସତ୍ୟକୁ କେହି କେବେ ଫାଙ୍କି ଦେଇ ପାରେ ନା । କଳଙ୍କର ମଧ୍ୟ ଦେଇ ହିଁ ଘଟେ ତାର ଆତ୍ମବିକାଶ । ବର୍ତ୍ତମାନ ବି ଗାନ୍ଧାର ସ୍ଥାପତ୍ୟ (architecture of the Gandhora school) ଜାଭା ଦ୍ୱୀପରେ ଅକ୍ଷୁର୍ଣ୍ଣ ହୋଇ ରହିଛି ।

ପରିଶେଷରେ ଆମେ ଇଂରେଜ କବଳରୁ ମୁକ୍ତ ପାଇଲୁ, ଦେଶ ଆମର ହେଲା ସ୍ୱାଧୀନ । ତଥାପି ଆମେ ଜାତୀୟ ଶିଳ୍ପ-କଳାର ଅବହେଳନା କରୁଛୁଁ । ପୂର୍ବ ଗୌରବ ଓ ପୂର୍ବ ସଂସ୍କୃତିକୁ ଭୁଲିଯାଇ ଆମେ ନୂତନର ଉଦ୍ଭାବନ କରୁଛୁଁ ବିଦେଶୀ ଭଙ୍ଗୀରେ । କିନ୍ତୁ ଗୋଟିଏ ସ୍ୱାଧୀନ ଜାତିର କଳାରେ ସ୍ୱାଧୀନ ଦର୍ଶନ, ସ୍ୱାଧୀନ ଧର୍ମ, ସ୍ୱାଧୀନ କୃଷ୍ଟି ମୂର୍ତ୍ତିମନ୍ତ ହୋଇ ଫୁଟି ଉଠିବା ବାଞ୍ଛନୀୟ । ପୃଥିବୀର ସ୍ୱାଧୀନ ଦେଶମାନଙ୍କ ମଧ୍ୟରେ କେବଳ ରୁଷିଆ ସରକାର ଶିଳ୍ପକଳାର ଉନ୍ନତି କରିବାକୁ ଯଥାମତ ଚେଷ୍ଟା କରିବାରେ ଲାଗି ପଡ଼ିଛନ୍ତି । ରୁଷ ସରକାରଙ୍କ ବିଶ୍ୱାସ ଯେ ପ୍ରତ୍ୟେକ ଲୋକଠି କଳା ଲୁଚି ରହିଛି । ପ୍ରତ୍ୟେକ ଲୋକ ଗୋଟିଏ ଗୋଟିଏ ଶିଳ୍ପୀ ହୋଇ ଉଠି ପାରିବେ ଯଦି ସେମାନଙ୍କୁ ଉପଯୁକ୍ତ ପରିସ୍ଥିତି ମଧ୍ୟରେ ରଖା ଯାଏ । ଆମର ଏ ସ୍ୱାଧୀନ ଦେଶରେ କଳାର ମର୍ଯ୍ୟାଦା କ୍ରମେ ବୃଦ୍ଧି ପାଇବ । ଜାତିର ଜୀବନରେ କଳାର ଆବଶ୍ୟକତା ଅପରିହାର୍ଯ୍ୟ । ତେଣୁ ଆମର ଜାତୀୟ ସରକାର ଏହାର ଉନ୍ନତି ସାଧନ ନିମିତ୍ତ ଯଥାସାଧ୍ୟ ମନ-ପ୍ରାଣ ଓ ଅର୍ଥଶକ୍ତି ନିୟୋଗ କରିବା ଉଚିତ । ସେଇ ପୁରୁଣା ଭିତ୍ତିଭୂମି ଉପରେ ପୁନର୍ବାର ନୂତନର ସୃଜନ ନିମିତ୍ତ ଶୁଭ ମୁହୂର୍ତ୍ତ ଆସି ପହଞ୍ଚିଛି ।

Digitized by srujanika@gmail.com

# ଦେଶର ମାଟି *

ଶ୍ରୀ ବିନୋଦ ଚନ୍ଦ୍ର ନାୟକ, ଏମ୍. ଏ.

ଫେନିଲ ନୃତ୍ୟେ କରତାଳ ଦଏ ଝଞ୍ଜା   ସହସାତଡ଼ିତ ବିପୁଳ ମେଘରେ ମିଶେ
ଏକାକୀ ଗୃହଛଡ଼ି ଧରି ଦୀପ ଶିଖା ଧରି   ସାନ୍ଦ୍ରତମିସ୍ରେ କୂଳପଥ ନାହିଁ ଦିଶେ,
ଅଗ୍ରେ ଗର୍ଜଇ ମରଣ ଦେଉଳ ଶିଖା
କଣିଥିଲି ଭାଲେ ଅବା କଜ୍ଜଳ ଟୀକା
ଥୋଇ ଚଳ୍ପର ତଳେ ମୋ ପ୍ରଦୀପ ଟିକା
ଅବକାଶ ନେବି, କାହିଁଚିତ ଦଣଦାଗେ-
ରୁଦ୍ର ନୃତ୍ୟେ କରତାଳ ଦଏ ଝଞ୍ଜା   ସହସାତଡ଼ିତ ବିପୁଳ ମେଘରେ ମିଶେ । ୧ ।

ଜୀବନ ମତେ ତ ଦେଇ ପାରିଲାନି କିଛି   ମରଣ ଅଥବା କରିବ ନିଜର କଣେ
ଦୁର୍ଗମ ମୋର ଏଇ ଯେ ଯାତ୍ରା ପଥ   ଏ କିଷଣ ମୋତେ ସବୁ ସିନା ଅକାରଣେ
ଫେରି ଫେରି ପଥେ ଅନାଏ ଥରଇ ଛାତି
ରହିଲଣି ଦୂରେ ପ୍ରିୟତମା ଦେଶର ମାଟି
ଆଗରେ ନଗ୍ନ ଗର୍ଜିଣୀ ଦୋଳ ବାଟ
ଏକାକୀ ଯାଏ ଅସହାୟ ଅଜ ମଣେ
ପଥ ସଂକୁଳ ଜୀବନ ଯାତ୍ରା ମୋର   ଶତ ସନ୍ତାପ ସବୁ ସିନା ଅକାରଣେ । ୨ ।

ପ୍ରିୟତମ ଅୟି ! ହାୟ ମୋ ଦେଶର ମାଟି   ବିପୁଳ ବକ୍ଷେ ସନ୍ତାନ ସମ ଧରି
ସ୍ତନ୍ୟ ଦାନେ ଯେ ପୁଷ୍ଟ କଲୁ ଏ ତନୁ   ମରଣ ତାହାରେ ନଅଇ ଆପଣା କରି
ସାରାକ୍ଷଣ ଯେବେ ସକଳେ କରନ୍ତି ରତ
ଛିନ୍ନ ବାଧା ମୁଁ ଏକା ଭୀରୁ ପଳାତକ
ଡାକୁଅଛୁ ବେଣୁ ଜାଣ୍ଟେଲ ବେଳା ଶତ
ଜନନୀ ! ତୋ ପାଇଁ ପାରିନାହିଁ କିଛି କରି
ସ୍ତନ୍ୟ ଦାନରେ ପାଳିଲୁ ଯାହାରେ ମାଗୋ   ମରଣ ତାହାରେ ନଅଇ ଆଦରେ ବରି । ୩

ପଥ ଧାରେ ତୋର ଗୃହ ଯାଉ ଅକାରଣେ   ଅଳସ ନୟନ କଦାଚିତ ଦେଖେଁ ଏକା
ବେଦନା ବ୍ୟଥିତ ବିସ୍ମୃତ ମାନବ ଛବି   ଶତ ଶତାବ୍ଦୀ ଅପମାନ ମୁଖେ ଲେଖା
ଅନ୍ନ ମୁଠାକ ପାଇଁ ଗୃହଁ ପଥ ପାଶେ
ଶାନ୍ତ ନୟନେ ନୀରବ ଦୀର୍ଘ ଶ୍ୱାସେ
ପଥ କୁକ୍କୁର ସମ ସଙ୍କୋଚ ତ୍ରାସେ
ନଖ ଧାରେ କାଟେଁ ଭୂମି ପରେ ଭୀରୁ ରେଖା.
ବେଦନା ବ୍ୟଥିତ ବିସ୍ମୃତ ମାନବ ଛବି   ଅଳସ ନୟନେ କଦାଚିତ ଦେଖେଁ ଏକା -୪

Digitized by srujanika@gmail.com

ଧୂସର ମୁଖର ରାଜପଥେ ଜନନୀ ଗୋ ଘୁରୁଛୁ ତାଙ୍କୁ କରି ଘୋର ଅବହେଳା !
ଗାଇଛୁ କେବଳ ନିଷ୍ଫଳ ଗୀତ ମୋର ଶିଶୁ ସମ ରଚି ଖାଲି ଧୂଳି ଘର ଖେଳା
ଜୀବନ ପରେ ମୁଁ ହେବ ସିନା ଖାଲି ଜଣେ
ମରଣ ନେଇଛୁ ଯେ କବରେ ଅକାରଣେ
ଭୁଲେ ନାମ ଯାର ନ ପଡ଼ଇ ଲୋକ ମନେ ।
ବସ୍ତୁତ ଯାହେ କାଳ ମସି ଲେପ ଦେଲି
ଗାଇଛୁ କେବଳ ନିଷ୍ଫଳ ଗୀତ ମୋର ଶିଶୁ ସମ ରଚି ଖାଲି ଧୂଳି ଘର ଖେଳା । ୫ ।

କିପାଇଁ ମା ମତେ ଦେଲୁ ଏ ଖେଳାର ରେଣୁ ଆପଣା ଗୀତେ ମୁଁ ମୋହିତ
ହୋଇଲି ଖାଲି
ଗୋଷ୍ଠରେ ଆଜ ସନ୍ଧ୍ୟା ଆସିଛି ଧୀରେ ହେଲାଣି ଜନନୀ ! ବିଦାୟ ବାହୁଡ଼ା ପାଳି
ଏଇ ମାଟି ତୋର ଏଇ ପ୍ରଚ୍ଛନ୍ନ ଛାୟା
ନିର୍ଝର ଜଳ କାନନର ଶ୍ୟାମ କାୟା
ଭଲ ଲାଗେ ସବୁ; କିପାଇଁ ଲଗାଇ ମାୟା
ଏ ଅଭାଗା ବୁକେ ବେଦନା ଦେଲୁ ଗୋ ଢାଳି
କିପାଇଁ ମା ମତେ ଦେଲୁ ଏ ଖେଳାର ରେଣୁ ଆପଣା ଗୀତେ ମୁଁ ମୋହିତ
ହୋଇଲି ଖାଲି ୬ ।

କିନ୍ତୁ ମୁଁ କରନି ନେଇ ବି ଯାଉନି କିଛୁ ପାଇଅଛୁ ଭଲ କେବଳ ହୃଦୟ ଭରି
ବିପୁଳ ତୋହର ପବିତ୍ର ତଳର ଛାୟେ ଦୀର୍ଘ ଦିନ ମୋ ଯାଇଛୁ ବିଫଳେ ସରି
ମୃତ୍ୟୁ ନାଚଇ ବିକଟ ଅଟ୍ଟରୋଳେ
ଜୀବନ ଦୀପିକା ମୃତ୍ୟୁ ଦେବତା ତୋଳେ;......
ଫେରିବି କି ନାହିଁ ଆଉ ତୋ ନର୍ମ୍ମକୋଳେ—
ଜାଣେନା..., ତଥାପି ଏ କାମନା ଯାଏ କରି;
ଯୁଗେ ଯୁଗେ ଲଭି ଜନମ ଏ ଦେଶ ତଳେ ଯେସନ ଯାଏ ମୁଁ ଏ ଦେଶ
ମାଟିରେ ମରି । ୭ ।

---

* ଚତୁରଙ୍ଗର ୨ୟ ବର୍ଷ ୬ଷ୍ଠ ସଂଖ୍ୟାରେ ପ୍ରକାଶିତ 'ଅନିଶ୍ଚିତ' କବିତା ପାଠ କରି ମନରେ ଯେଉଁ ଭାବ ଜାଗରିତ ହୋଇଥିଲା, ଏଇ କବିତାଟି ତାହାରହିଁ ଆତ୍ମପ୍ରକାଶ !

—ଲେଖକ

Digitized by srujanika@gmail.com

# ସମ୍ପାଦକଙ୍କୁ ପତ୍ର

[ ୧ ]

ମାନନୀୟ ସମ୍ପାଦକ ମହୋଦୟ !

ଚତୁରଙ୍ଗର ନାମକରଣରୁ ସୂଚିତ ହୁଏ ଯେ ଏହା ପ୍ରଧାନତଃ ଗୋଟିଏ କଳା - ପତ୍ରିକା । କିନ୍ତୁ କଳାର ଗୃତେରେଟି ବିଭାଗରୁ କେବଳ ଗୋଟିଏ ବିଭାଗ ଅର୍ଥାତ୍ ସାହିତ୍ୟ ବିଭାଗ ଏଥିରେ ଆସ୍ଥାନ ଜମେଇ ବସିଛି ଓ ସାହିତ୍ୟର ଅଙ୍ଗ ରୂପେ ଏଥିରେ କବିତା ଓ ଗଳ୍ପ, ବିଶେଷ ଭାଗ ନେଉଛି । ଯାହା ଦ୍ୱାରା ଆପଣଙ୍କ ପତ୍ରିକାର ଆଦର୍ଶ ଯେ କ୍ଷୁନ୍ନ ହେଉଛି, ଏଥିରେ ସନ୍ଦେହ ନାହିଁ । ଫଳତଃ ପାଠକମାନେ ଆଶାନୁରୂପ କଳା-ପ୍ରବନ୍ଧ (ନୃତ୍ୟ, ସଙ୍ଗୀତ ଓ ଚିତ୍ର ସମ୍ବନ୍ଧୀୟ ଗବେଷଣା ମୂଳକ ପ୍ରବନ୍ଧ) ରୁ ବଞ୍ଚିତ ହେଉଛନ୍ତି । ଅବଶ୍ୟ ଏଥିପାଇଁ ମୁଁ ଆପଣଙ୍କୁ ଦୋଷାରୋପ କରୁ ନାହିଁ । ଏଥିପାଇଁ ମୁଁ ଦୋଷ ଦେଉଛି — କଳା-କୁଶଳ ଉତ୍କଳର ସାଂସ୍କୃତିକ ଓ କଳାବିତ୍‌ମାନଙ୍କୁ । ସେମାନେ ଯଦି ଆପଣଙ୍କ ମହତ ଉଦ୍ଦେଶ୍ୟ ଉପଲବ୍ଧି ନ କଲେ ବା ନିଜର ଅପାରଗତା ଦୃଷ୍ଟିରୁ ତଦ୍ରୂପ ପ୍ରବନ୍ଧ ଲେଖିବାକୁ ପ୍ରୟାସୀ ନ ହେଲେ, ଏହାରୁ ବଳି ଦୁଃଖ ଓ କ୍ଷୋଭର ବିଷୟ ଆଉ କଣ ହୋଇ ପାରେ !

ଗୋଟିଏ କଳା-ପତ୍ରିକା ଦୃଷ୍ଟିରେ 'ଚତୁରଙ୍ଗ' ର ପ୍ରତି ସଂଖ୍ୟାରେ ଅନ୍ତତଃ ଗୋଟିଏ ଲେଖାଏ ଏକ ବର୍ଣ୍ଣ ବା ଦ୍ୱିବର୍ଣ୍ଣ ବିଶିଷ୍ଟ ଛବି ପ୍ରକାଶ କରିବା ଏକାନ୍ତ ଅବଶ୍ୟକ । କିନ୍ତୁ ସେଥିପାଇଁ ଟାଣି ଦରକାର । ଯେଉଁ ଦେଶରେ ଖଣ୍ଡିଏ ପତ୍ରିକା ଶତାଧିକ ଲୋକଙ୍କ ପଠନେଚ୍ଛା ନିବୃତ୍ତ କରିପାରେ, ସେହି ଦେଶରେ ଗ୍ରାହକ ବୃନ୍ଦାନ୍ତୁ ପତ୍ରିକା ଚଳାଇବା ଏକ ଦୁରୂହ ବ୍ୟାପାର ନିଶ୍ଚୟ । କିନ୍ତୁ 'ଚତୁରଙ୍ଗ' ର ଆଦର୍ଶ ତଥା ପ୍ରାଧାନ୍ୟ ସଂରକ୍ଷଣ ପାଇଁ ଆପଣଙ୍କ କର୍ତ୍ତବ୍ୟ ରହିଛି । ରାଜନୀତିକୁ ବାଦ ଦେଇ କେବଳ କଳାକୁ ନେଇ ଯେ କୌଣସି ସମ୍ପାଦକୀୟ ଲେଖା ଯାଇପାରେ, ତାହା ଆପଣ ବାସ୍ତବିକ ଦେଖାଇ ଦେଇଛନ୍ତି । କିନ୍ତୁ କେବଳ ଆପଣ ସମ୍ପାଦକୀୟରେ କଳା ସମ୍ବନ୍ଧରେ ଆଲୋଚନା ଚଳାଇ ଥିଲେ ଯେ 'ଚତୁରଙ୍ଗ'ର ଆଦର୍ଶ ଅକ୍ଷୁଣ୍ଣ ରହିବ, ଏପରି ନୁହେଁ । ଏଥିପାଇଁ ବ୍ୟାପକ ଆନ୍ଦୋଳନ ଦରକାର । ଏଥିରୁ ଆପଣ ଅବଶ୍ୟ ଉପଲବ୍ଧି କରି ପାରୁଥିବେ ଯେ, ଆପଣଙ୍କ ଅଭାବ ରହିଛି-- କଳା - ପ୍ରବନ୍ଧ ଓ ଛବି । ଏହି ଅଭାବ ଯେ ଅଚିରେ ଦୂରୀଭୂତ ହେବ, ତାର କି ସମ୍ଭାବନା ନାହିଁ । ସୁତରାଂ 'ଚତୁରଙ୍ଗ'ର ଆଦର୍ଶକୁ କିଯତ୍ପରିମାଣରେ ବଜାୟ ରଖିବାକୁ ମୁଁ ଏହି ପ୍ରସ୍ତାବ କରୁଛି ଯେ, 'ଚତୁରଙ୍ଗ'ରେ "କଳା ଜଗତ" ଶୀର୍ଷକ ଗୋଟିଏ ବିଭାଗ ଏଣିକି ଖୋଲା ଯାଉ । ଏଥିରେ ଦେଶ ଓ ବିଦେଶର ନୃତ୍ୟ, ସଙ୍ଗୀତ ଓ ଚିତ୍ର ସମ୍ବନ୍ଧୀୟ ସଂକ୍ଷିପ୍ତ ସମ୍ବାଦ ପ୍ରକାଶିତ ହେଉ । ଆମ ଅନେକ ସାହିତ୍ୟଗୋଷ୍ଠୀ ରହିଛି । ସେ ସମସ୍ତଙ୍କରେ ଅନୁଷ୍ଠିତ ଓ ଆଲୋଚିତ ବିଷୟର ସଂକ୍ଷିପ୍ତ ବୃତ୍ତାନ୍ତ ମଧ୍ୟ ପ୍ରକାଶ କରାଯାଇ ପାରେ । ଇଂରାଜୀ, ହିନ୍ଦି, ବଙ୍ଗଳା ଓ ଓଡ଼ିଆ ସମ୍ବାଦ ପତ୍ରମାନଙ୍କରେ କମ୍ ବେଶୀ ପରିମାଣରେ କଳା ସମ୍ବନ୍ଧୀୟ ସମ୍ବାଦ ଦେଖିବାକୁ ମିଳେ । ସେ ଗୁଡ଼ିକ ସଂଗୃହିତ ଓ ଭାଷାନ୍ତରିତ ହୋଇ ପ୍ରକାଶ କରାଯାଉ । ଆମ୍ଭମାନଙ୍କ ଗାଁ ଗହଳରେ କେତେ ଯେ ଅଜ୍ଞାତ ନାମା ସଙ୍ଗୀତଜ୍ଞ ଓ ଚିତ୍ରଶିଳ୍ପୀ ଅଛନ୍ତି ତାର ଇୟତ୍ତା ନାହିଁ । ସେମାନଙ୍କ ସଂକ୍ଷିପ୍ତ ପରିଚୟ ଓ ବିଶେଷ କାର୍ଯ୍ୟାବଳୀ ମଧ୍ୟ ପ୍ରକାଶ ଯୋଗ୍ୟ । ମୋର ଆଶା, ଆମ୍ଭମାନଙ୍କ ଛାତ୍ର ବନ୍ଧୁମାନେ ଏତାଦୃଶ ସମ୍ବାଦ ସହଜରେ ଯୋଗାଇ ପାରିବେ । ଆପଣ ଏଥିପାଇଁ ସେମାନଙ୍କୁ ଆହ୍ୱାନ କରନ୍ତୁ ।

ଅନୁରୋଧ, ମୋର ଏହି ପତ୍ରଟି ଆପଣଙ୍କ 'ପ୍ରଶଂସିତ ପତ୍ରିକାରେ ପ୍ରକାଶ କରି ଏହାର ଉଚିତ ସମାଧାନ କରିବେ । ଇତି ।

ଆପଣଙ୍କର

ଶ୍ରୀ ରାଧାମୋହନ ମିଶ୍ର

ତୃତୀୟ ବାର୍ଷିକ କଳା ଛାତ୍ର, ରାଜେନ୍ଦ୍ର କଲେଜ ।

Digitized by srujanika@gmail.com

[ ୨ ]


ସମ୍ପାଦକ ମହାଶୟ,

'ଚତୁରଙ୍ଗ'ର କାର୍ତ୍ତିକ ସଂଖ୍ୟାରେ ଶ୍ରୀ କୁଳମଣି ମିଶ୍ରଙ୍କ ଦ୍ୱାରା ଲିଖିତ ସଂସ୍କୃତ ସାହିତ୍ୟକୁ ଓଡ଼ିଶାର ଦାନ ପ୍ରବନ୍ଧରେ "୨୫ - ବାସୁଦେବ ରଥ ସୋମଯାଜୀ (ଗଙ୍ଗ ବଂଶାନୁ ଚରିତ ଲେଖକ) ଏ ମହାଶୟଙ୍କ ଘର କିଡ଼ି ଖେମଣ୍ଡି" ବୋଲି ଲେଖାଯାଇ ଅଛି । ତାହା ଭ୍ରମ ଅଟେ, ଏହାଙ୍କ ନିବାସ ଗଞ୍ଜାମ ଜିଲ୍ଲା ଅନ୍ତର୍ଗତ "ଆଠ ଗଡ" ଅଟେ । ଗଙ୍ଗ ବଂଶାନୁଚରିତରେ ବନ୍ଧିଙ୍କ ସମସାମୟିକ ଗଞ୍ଜାମର ଅନେକ ରାଜ୍ୟାଧୀଶ୍ୱର-ମାନଙ୍କ ନାମ ଉଲ୍ଲେଖ ହୋଇ ଥିବାର ଦେଖାଯାଏ । କେବଳ ଖେମଣ୍ଡି ରାଜବଂଶର ସମସାମୟିକ ରାଜ୍ୟାଧୀ-ଶ୍ୱରଙ୍କ ସମ୍ବନ୍ଧ ସଙ୍ଗେ ମେଳ କରିବା କି ଦରକାର ? 'ଗଙ୍ଗବଂଶାନୁଚରିତ' ଲେଖକ ବାସୁଦେବ ସୋମଯାଜୀଙ୍କ ସମ୍ବନ୍ଧରେ History of Attagada ପ୍ରବନ୍ଧର "The Mayurbhanj Gazette January and April of 1935" ପ୍ରକାଶିତ ହୋଇ ଅଛି ଦେଖିଲେ ଜାଣି ପାରିବେ । ଉପରୋକ୍ତ ପ୍ରବନ୍ଧର ମାର୍ଗଶିର ସଂଖ୍ୟା ୮୩ - କବିସୂର୍ଯ୍ୟ ବଳଦେବ ରଥଙ୍କ ସମ୍ବନ୍ଧରେ ଟିପ୍ପଣୀ ଦିଆ ଯାଇଅଛି । କିନ୍ତୁ ତାହାଙ୍କ ସ୍ଥାନ ସମ୍ବନ୍ଧରେ କିଛି ଲେଖା ଯାଇନାହିଁ । ତାହାଙ୍କ ସ୍ଥାନ ଆଠଗଡ଼ ଅଟେ । ସେ ବାଲୁକେଶ୍ୱର ହରିଚନ୍ଦନଙ୍କ ସମ ସାମୟିକ ଅଟନ୍ତି । ଅତଏବ ଆଠଗଡ଼ ଅଧୀଶ୍ୱରଙ୍କ ନାମରେ ଚମ୍ପୂ ଉତ୍ସର୍ଗ କରା ଯାଇଅଛି ।

× × ×

ଶ୍ରୀ ଲକ୍ଷ୍ମୀ ନାରାୟଣ ହରିଚନ୍ଦନ ଜଗଦେବ
ରାଜାବାହାଦୁର୍

ଯୁଏଲ ଫିଟେଡ୍ ଲିଭର ୱ୍ୟାର୍



ସମସ୍ତ ଘଡ଼ି ସୁଇସ୍ ତିଆରି, ଠିକ୍ ସମୟ ରଖେ ମଜବୁତ କଳ କବ୍ଜା, ବେଶି ଦିନ ଚଳିବ ଏବଂ ଦେଖିବାକୁ ସୁନ୍ଦର । ୫ ବର୍ଷ ଗ୍ୟାରେଣ୍ଟି । ଗୋଲ ଓ ଚୌକୋଣିଆ କ୍ରୋମିୟମ୍ କେସ୍ ଟ ୨୦ ୧, ସର୍ବୋତ୍କୃଷ୍ଟ ଟ ୨୫ ୧, ସମକୋଣୀ ଉଜ୍ଜ୍ୱଳ କ୍ରୋମିୟମ୍ କେସ୍ ୫ ଯୁଏଲ ଥିବା ଟ ୩୫ ୧, ୭ ଯୁଏଲ ଥିବା ଟ ୫୦ ୧, ୧୫ ଯୁଏଲ ଥିବା ଟ ୬୨ ରୋଲ୍ଡ ଗୋଲ୍ଡ ୧୦ ବର୍ଷ ଗ୍ୟାରେଣ୍ଟି ଟ ୪୭ ୧ ୭ ଯୁଏଲ ଥିବା ଟ ୫୯ ୧, ୧୫ ଯୁଏଲ ଥିବା ଟ ୭୯ ସର୍ବୋତ୍କୃଷ୍ଟ ଟ ୯୦ ୧ । ବ୍ୟାଣ୍ଡ ଫ୍ରି, ଡାକଖର୍ଚ୍ଚ ଟ ୦ ୷ ତିଇଟି ଘଡ଼ି ନେଲେ, ଡାକଖର୍ଚ୍ଚ ଫ୍ରି । ଆଡ଼ଜେଷ୍ଟେବଲ୍ ୍ ଟ ୨୦ ୧ ସର୍ବୋତ୍କୃଷ୍ଟ ଟ ୨୨ ୧ । ବିଗ୍‌ବେନ୍ ଟ ୪୨

ଚଷମା :— ସନ୍ ଗ୍ଲାସ୍ ଟ ୧୫, ସର୍ବୋତ୍କୃଷ୍ଟ ଟ ୨ ୧ । ଡାକଖର୍ଚ୍ଚ ସ୍ୱତନ୍ତ୍ର ।

ନୂଆ: ଏସ: ଏ: ଫାଉଣ୍ଟେନ ପେନ୍

ଆଧୁନିକ ଧରଣର ବିଭିନ୍ନ ରଙ୍ଗର ୧୪ କେରେଟ୍ ନିବ ସହିତ ଟ ୪୧, ଉତ୍କୃଷ୍ଟ ଟ ୫୫, ସର୍ବୋତ୍କୃଷ୍ଟ ଟ ୮ ୧ ଡାକଖର୍ଚ୍ଚ ଟ ୦ ୷ ନୂଆ କ୍ୟାଟେଲଗ୍ ଦେଖନ୍ତୁ । ଇଂରେଜୀରେ ଚିଠି ଲେଖନ୍ତୁ

**Calcutta Watch Co.,** (Sec. O 55) Post Box No. 12203; Calcutta—5

Digitized by srujanika@gmail.com

# ଯୁଗଧାରା

## ଆତ୍ମ କଥା:—

ସମଗ୍ର ବିଶ୍ୱର ପ୍ରାୟ ସମସ୍ତ ଅଂଶ ଆଜି ଏକ ମହା ସଙ୍କଟର ସନ୍ଧିକ୍ଷଣରେ । ରାଜନୀତି ତଥା ସମାଜ ନୀତିର ଉଭୟ ସଙ୍କଟର ଅଭ୍ୟନ୍ତରରେ ଅର୍ଥନୀତିର ଦୁରବସ୍ଥା ଅତ୍ୟନ୍ତ ସୁସ୍ପଷ୍ଟ । ଆନ୍ତର୍ଜାତିକ ରାଷ୍ଟ୍ରମଞ୍ଚରେ ପ୍ରାୟ କୌଣସି ରାଷ୍ଟ୍ର ଏହି ବ୍ୟାଧିରୁ ଅବ୍ୟାହତି ପାଇ ନାହାନ୍ତି । ଏହି ସଙ୍କଟ ସମ୍ମୁଖରେ ସମସ୍ତଙ୍କୁ ଆଜି ମସ୍ତକ ଅବନତ କରିବାକୁ ପଡ଼ୁଛି । ଏହି ଅର୍ଥନୈତିକ ଭୂକମ୍ପରେ ବଡ଼ ବଡ଼ ପ୍ରାସାଦ ଯେତେବେଳେ ଟଳମଳ, ସେତେବେଳେ ସାମାନ୍ୟ କୁଟୀରର ପ୍ରଶ୍ନ ବା ଉଠୁଛି କାହିଁ ? ସେହିପରି ଏକ ଅର୍ଥନୈତିକ ସଙ୍କଟ ସମୟରେ ଜନ୍ମ ଗ୍ରହଣ କରିଥିଲା ଆମର ଏହି 'ଚତୁରଙ୍ଗ' । ଏ ପର୍ଯ୍ୟନ୍ତ ପୁଷ୍ଟ କଳେବରରେ ବହୁବିଧ ପରିକଳ୍ପନା ନେଇ ସେ ଅଗ୍ରସର ହୋଇ ଆସୁଛି । ତେବେ ଏ ମଧ୍ୟରେ ଅର୍ଥନୈତିକ ଭୂକମ୍ପର ବାତାବର୍ତ୍ତ- ଆନ୍ଦୋଳନରେ ପଡ଼ି 'ଚତୁରଙ୍ଗ' ବର୍ତ୍ତମାନ ଏକ ଅନିଶ୍ଚିତ ପରିସ୍ଥିତିରେ ଆସି ପହଞ୍ଚିଛି । ତଥାପି ଏ ଆନ୍ଦୋଳନ ଯେପରି ତାହାର ଶିଶୁ ଜୀବନଟିରେ ପ୍ରଭାବ ବିସ୍ତାର କରି ନ ପାରେ, ସେଥିପାଇଁ ଆମେ ସଜାଗ ଦୃଷ୍ଟି ବରାବର ଦେଇ ଆସିଛୁଁ । କିନ୍ତୁ ଅଦୃଷ୍ଟର ପରିହାସ କ୍ରମେ 'ଚତୁରଙ୍ଗ'ର କେତେକ ପାଣ୍ଠି ଏମଧ୍ୟରେ କୌଣସି ବେଙ୍କ ବିଭ୍ରାଟ ନେଇ ଆଶାହୀନ ଅବସ୍ଥାରେ ପଡ଼ି ଯାଇଛି । ତଥାପି ଆମେ ହତୋତ୍ସାହିତ ହୋଇ ନାହୁଁ । ତେବେ ଅତ୍ୟନ୍ତ ଦୁଃଖର ସହିତ ଜଣାଇ ଦେବାକୁ ହେଉଛି ଯେ, 'ଚତୁରଙ୍ଗ'ର ଏବମ୍ବିଧ ଆର୍ଥିକ ବିପର୍ଯ୍ୟୟ ଦୃଷ୍ଟିରୁ ଲେଖକମାନଙ୍କ ପ୍ରତି ପାରିଶ୍ରମିକ ପ୍ରଥା ଅନିଚ୍ଛା ସତ୍ତ୍ୱେ ସାମୟିକଭାବେ ସ୍ଥଗିତ ରଖିବାକୁ ବାଧ୍ୟ ହେଉଅଛୁଁ । ଆଶାକରୁଁ 'ଚତୁରଙ୍ଗ'ର ଲେଖକ, ଲେଖିକାମାନେ ଭବିଷ୍ୟତ 'ଚତୁରଙ୍ଗ'ର ପରିଚାଳନା ଦିଗରେ ଆମର ବନ୍ଧୁପରିକର ପରି ସହାୟତା କରିବେ ।

## କଟକରେ ବେତାର କେନ୍ଦ୍ର:—

ଗତ ତା ୨୮ ରିଖ ଜାନୁଏରୀ ୪୮ ଇ: ରେ ନିଖିଳ ଭାରତ ରେଡିଓର କଟକ କେନ୍ଦ୍ର ଉଦ୍‌ଘାଟନ ଉତ୍ସବ ଏକ ସମାରୋହରେ ଅନୁଷ୍ଠିତ ହୋଇ ଯାଇଛି । ପ୍ରଥମରେ ଓଡ଼ିଶାର ମାନ୍ୟବର ଗଭର୍ଣ୍ଣର ଓଡ଼ିଶାର ଭବିଷ୍ୟତ୍ର ଏକ ଉଜ୍ଜ୍ୱଳ ଚିତ୍ର ଦର୍ଶାଇ ବେତାର ଭାଷଣ ହିନ୍ଦିରେ ଦେଇଥିଲେ । ତା' ପରେ ଓଡ଼ିଶାର ପ୍ରଧାନ ମନ୍ତ୍ରୀ ମାନ୍ୟବର ମହତାବ ଏହି ବେତାର ଉଦ୍‌ଘାଟନ କରି ପ୍ରଥମରେ ଇଂରାଜୀରେ ଓ ପରେ ଓଡ଼ିଆରେ ଏକ ଭାଷଣ ପ୍ରଦାନ କରିଥିଲେ । ବେତାର କେନ୍ଦ୍ର ଭଳି ଏକ ପ୍ରକାର ଅନୁଷ୍ଠାନ ଓଡ଼ିଶାରେ ନିତାନ୍ତ ଆବଶ୍ୟକ ଥିଲା । ଶିକ୍ଷାଦୀକ୍ଷା ଦିଗରେ ଓଡ଼ିଶାକୁ ଅନେକ କିଛି କରିବାର ଅଛି । ସେ ଦିଗରେ ବର୍ତ୍ତମାନ ସଂସ୍ଥାପିତ ଏହି ଅନୁଷ୍ଠାନଟି ଏକ ବଡ଼ ଅଭାବ ପୂରଣ କରିଛି । ଏହା କୌଣସି ଶ୍ରେଣୀ ସ୍ୱାର୍ଥ ସଙ୍କୀର୍ଣ୍ଣ ମଧ୍ୟରେ ଆବଦ୍ଧ ନ ରହି ଯଦି ସମୂହଭାବେ ଜାତିର ଶିକ୍ଷା, ସ୍ୱାସ୍ଥ୍ୟ, ସୁଖ, ସମୃଦ୍ଧି ଦିଗରେ ବ୍ୟବହୃତ ହୁଏ, ତେବେ ଏହା ଦ୍ୱାରା ଜାତୀୟ ମଙ୍ଗଳ ଯୋଜନା ଅତି ସହଜରେ କାର୍ଯ୍ୟକାରୀ ହୋଇ ପାରିବ, ଏଥିରେ ସନ୍ଦେହର ଅବକାଶ ନାହିଁ । ଏହି ଅନୁଷ୍ଠାନର ଉଦ୍ୟୋକ୍ତାମାନଙ୍କୁ ଆମର ସାଦର ସାଧୁବାଦ ଜଣାଉଛୁଁ ।

## ରୂପ ଭାରତୀ:—

ସୁଖର ବିଷୟ ଓଡ଼ିଶାରେ 'ରୂପ ଭାରତୀ' ନାମରେ ଏକ ଚଳଚିତ୍ର ବ୍ୟବସାୟ ପ୍ରତିଷ୍ଠାନ ସମବାୟ ଭିତ୍ତିରେ ପ୍ରତିଷ୍ଠିତ ହୋଇଅଛି । ଓଡ଼ିଶାର ଆର୍ଥିକ ତଥା କଳା ନୈପୁଣ୍ୟ ପ୍ରଗତି ଦିଗରେ ଏହା ଏକ ସୁସମ୍ବାଦ କହିଲେ ଅତ୍ୟୁକ୍ତି ହେବ ନାହିଁ । ବର୍ତ୍ତମାନ ଏହି ଆର୍ଥିକ ଜଗତରେ ଅର୍ଥହୀନର କୌଣସି ସ୍ଥାନ ନାହିଁ ।

Digitized by srujanika@gmail.com

ସେ କ୍ଷେତ୍ରରେ ଆମେ ଯେ, ନିତାନ୍ତ ଅନଗ୍ରସର ତାହା ମୁଖରେ ସ୍ୱୀକାର କରିବାକୁ କୁଣ୍ଠିତ ଯଦି ହେଉଁ — ଆମର ପାରିପାର୍ଶ୍ୱିକ ଅବସ୍ଥା ତାହା କଦାପି ଛପାଇ ପାରିବ ନାହିଁ । ଏବେ ଦେଖାଯାଉଛି ଯେ ଆଜିକାଲିକାର ସୁସଭ୍ୟ ଦେଶଗୁଡ଼ିକ ଏହିପରି ଯୌଥ ବ୍ୟବସାୟ ବଳରେ ଅର୍ଥାଗମର ପନ୍ଥା ସୁଗମ କରି ଦେଶ ଓ ଜାତିକୁ ସମୃଦ୍ଧିଶାଳୀ କରିବାକୁ ଯଥେଷ୍ଟ ସଫଳତା ଅର୍ଜନ କରି ପାରିଛନ୍ତି । ଏହି ନୂତନ ପ୍ରତିଷ୍ଠାନ ସ୍ଥାପନ ଦ୍ୱାରା ଆଶା କରୁ ଆମର ଦେଶର ଆର୍ଥିକ ଦୁର୍ଗତି ମୋଚନ ସଙ୍ଗେ ସଙ୍ଗେ ଜାତିକୁ ଶିକ୍ଷାଲୋକ ଦିଗରେ ଜାଗରଣ ଆଣି ପାରିବ । ପ୍ରତିଷ୍ଠାନଟି ସାଧାରଣଙ୍କ ସହାୟତା ଲାଭକରି ଯଶସ୍ୱୀ ହେଉ, ଏହାହିଁ ଆମର କାମନା ।

ପ୍ରାପ୍ତି ସ୍ୱୀକାର :—

ଶ୍ରୀମତୀ ଶାନ୍ତି ଦେବୀ ଓ ଶ୍ରୀ ଉମାକାନ୍ତ ମିଶ୍ରଙ୍କ ସଂପାଦନାରେ ପୁରୀରୁ ପ୍ରକାଶିତ ପାକ୍ଷିକ ପତ୍ରିକା 'ଜାଗରଣ'ର ୪ର୍ଥ ବର୍ଷ ୧ମ ଓ ୨ୟ ସଂଖ୍ୟା ଦ୍ୱୟ ଆମେ ପାଇ ଧନ୍ୟବାଦ ଜଣାଉଛୁଁ । ପତ୍ରିକାଟି ପୁରୀରୁ ପ୍ରକାଶିତ ହୁଏ ଏବଂ ଏହାର ବାର୍ଷିକ ମୂଲ୍ୟ ୨୲ । ଆମ୍ଭେ ଏହି ସହଯୋଗୀ ପତ୍ରିକାର ଦୀର୍ଘ ଜୀବନ କାମନା କରୁଁ ।

୨ୟ ସଂଖ୍ୟାରେ ଚତୁରଙ୍ଗର ବର୍ତ୍ତମାନ ପରିସ୍ଥିତି ନେଇ ସମ୍ପାଦକୀୟରେ ଯେଉଁ ସହାନୁଭୂତି ପ୍ରଦର୍ଶିତ ହୋଇଅଛି, ଏବଂ ଏହାକୁ ବଞ୍ଚାଇ ରଖିବା ପାଇଁ ଲୋକପ୍ରିୟ ସରକାର ତଥା ଜନସାଧାରଣଙ୍କୁ ଯେଉଁ ଅନୁରୋଧ କରାଯାଇଛି, ତହିଁ ପାଇଁ ଆମ୍ଭେମାନେ କୃତଜ୍ଞତା ଜ୍ଞାପନ କରୁଅଛୁଁ ।

'କଳା-ଜଗତ' ବିଭାଗ:—

ଶ୍ରୀମାନ୍ ରାଧାମୋହନ ମିଶ୍ର ଜନୈକ କଲେଜ ଛାତ୍ର 'ଚତୁରଙ୍ଗ' ମୁଖ୍ୟତଃ ଏକ କଳା ପତ୍ରିକା ଥିବାରୁ ତହିଁରେ 'କଳା-ଜଗତ' ଶୀର୍ଷକ ଏକ ବିଭାଗ ଖୋଲାଯାଇ ତହିଁରେ ବିଭିନ୍ନ କଳାପ୍ରେମୀଙ୍କ ସଂକ୍ଷିପ୍ତ ବିବରଣୀ ପ୍ରକାଶ କରିବା ପାଇଁ ଆମ୍ଭମାନଙ୍କ ଦୃଷ୍ଟି ଆକର୍ଷଣ କରିଅଛନ୍ତି । 'ଚତୁରଙ୍ଗ' ପ୍ରତି ତାଙ୍କର ସହାନୁଭୂତି ଓ ଅନୁରାଗ ଦେଖି ଆମ୍ଭେମାନେ ତାଙ୍କୁ ଧନ୍ୟବାଦ ଜଣାଉଛୁଁ । ତାଙ୍କର ପତ୍ର ଏହି ସଂଖ୍ୟାରେ ପ୍ରକାଶ କରାଯାଇଛି । ବର୍ତ୍ତମାନ 'ଚତୁରଙ୍ଗ'ର ଅର୍ଥନୈତିକ ପରିସ୍ଥିତି ଏତେ ଜଟିଳ ହୋଇ ପଡ଼ିଛି ଯେ ଆମ୍ଭମାନଙ୍କର ମାନସିକ ବଳ ଯଥେଷ୍ଟ ଥିଲେହେଁ, ଆମ୍ଭେମାନେ କଳାରସିକମାନଙ୍କର କ୍ଷୁଧା ଦୂର କରିବାପାଇଁ ଯଥେଷ୍ଟ ଖାଦ୍ୟ ଯୋଗାଇ ପାରୁନାହୁଁ । ତେଣୁ ପତ୍ରିକାଟି ଆଜିଯାଏ ଗଳ୍ପ କବିତାର ସୌଷ୍ଠବରେ ବଞ୍ଚିତ ହୋଇ ପାରିଛି । ଉପଯୁକ୍ତ ପ୍ରବନ୍ଧର ଅଭାବ ବୋଧ ମଧ୍ୟ ଆମ୍ଭମାନଙ୍କୁ କଳାପ୍ରେମୀମାନଙ୍କ ନିକଟରେ ମୁଣ୍ଡ ନୁଆଁଇବାକୁ ବାଧ୍ୟ କରିଛି । ଶ୍ରୀମାନ୍ ରାଧାମୋହନଙ୍କ ପରି ଯଦି ପ୍ରତ୍ୟେକ ଛାତ୍ର ଏହି ଉଦୀୟମାନ ପତ୍ରିକା ପ୍ରତି ସହାନୁଭୂତି ଦେଖାନ୍ତେ, ତାହାହେଲେ ଆମର ଆଶା, 'ଚତୁରଙ୍ଗ'ର ଅର୍ଥନୈତିକ ଜଟିଳତା ଅନେକ ପରିମାଣରେ ଦୂରୀ ଯାଆନ୍ତା । ଯାହା ହେଉ, ଆମେ ଆସନ୍ତା ଦଶମ ସଂଖ୍ୟାରୁ କଳା-ଜଗତ ବିଭାଗ ଖୋଲିବୁଁ । ଚତୁରଙ୍ଗର ସହୃଦୟ ପାଠକ ପାଠିକା ଏହି ବିଭାଗରେ ଦେଶ ବିଦେଶର ନୃତ୍ୟ, ସଙ୍ଗୀତ ଓ ଚିତ୍ର ସମ୍ବନ୍ଧୀୟ ଛବିଳ ସଂକ୍ଷିପ୍ତ ବିବରଣୀ ଯୋଗାଇ ବିଭାଗଟିକୁ କଳେବରରେ ସଂବୃଦ୍ଧ କରନ୍ତୁ ।

Digitized by srujanika@gmail.com

## ଭାରତ ଭାଗ୍ୟର ଆକସ୍ମିକ ବିପର୍ଯ୍ୟୟ: —



ଭାରତର ରାଷ୍ଟ୍ରପିତା ମହାତ୍ମା ଗାନ୍ଧୀ ଆଜି ଆଉ ଇହ ଜଗତରେ ନାହାନ୍ତି । ଯେଉଁ ମହାମାନବଙ୍କ ବାଣୀ ଥିଲା ଅହିଂସା, ଅସ୍ତ୍ର ଥିଲା ପ୍ରେମ, ଆଦର୍ଶ ଥିଲା ସେବା, ଉଦ୍ଦେଶ୍ୟ ଥିଲା ଶାନ୍ତି, ସେ ଆଜି ଗୁପ୍ତ ଘାତକର ଅସ୍ତ୍ରହେତୁରୁ ଭାରତ ବକ୍ଷରେହିଁ ଶେଷ ରକ୍ତ ବିନ୍ଦୁ ଢାଳି ଯାଇଛନ୍ତି । ଜଦୀପ୍ତ ନୈରାଶ୍ୟର ଅମ୍ଳାନ ଆନନ୍ଦରେ ଭୋଗ ବାସନା, ବିଳାସ ଐଶ୍ୱର୍ଯ୍ୟକୁ ଅକ୍ଳେଶରେ ବର୍ଜନ କରି ଯେଉଁ ମହାପୁରୁଷ ଭାରତ କାହିଁକି ଜଗତକୁ ଆଲୋକିତ କରିଗଲେ, ସଂଯମ ଓ ପବିତ୍ର ସନ୍ନ୍ୟାସର ଅନୁପ୍ରେରଣାରେ ପ୍ରବୃତ୍ତିକୁ ଯେଉଁ ନରୋତ୍ତମ ସୁନିୟନ୍ତ୍ରିତ କରି ପାରିଥିଲେ ସେହି ତୁଙ୍ଗ ହିମାଳୟ ଶିଖରକୁ ଲକ୍ଷ୍ୟ ନିକ୍ଷେପ କରି ଭ୍ରାନ୍ତ, ଦଗ୍ଧ, ବର୍ବର ମାନବ ଗୃଧ୍ନୁ ପୈଶାଚିକ ପ୍ରବୃତ୍ତିକୁ ଚରିତାର୍ଥ କରିବ ! ମୂଢ଼ ମାନବ ବୁଝି ପାରିଲା ନାହିଁ, ଏହି ଅଣବିକ୍ ଶାସିତ, ଯାନ୍ତ୍ରିକ ଶିଳ୍ପ ମୁଖରିତ ବିଶ୍ୱ ସେହି ମହାପୁରୁଷଙ୍କ ଅନ୍ତରରେ ଯେଉଁ ଜ୍ୟୋତି ପର୍ଯ୍ୟବେକ୍ଷଣ କରି ପାରିଥିଲା ଯେ, ଆଜି ଜାତି, ଧର୍ମର ସଙ୍କୀର୍ଣ୍ଣ ସୀମା ଅତିକ୍ରମ କରି ତାଙ୍କର ବାଣୀ ସମଗ୍ର ପୃଥିବୀର ଅନ୍ତର୍ଲୋକ ସ୍ପର୍ଶ କରି ଯାଉଛି ? ନାନା ମତ, ନାନା ପଥ, ନାନା ଜାତି ଓ ସଂସ୍କୃତିର ସମର୍ଥକ ଏହି ବିଚିତ୍ର ବିଶ୍ୱ ଏକ ସଙ୍ଗେ ସମ ସ୍ୱରରେ ସେହି ମହାମାନବଙ୍କ ବିୟୋଗ ବ୍ୟଥାରେ ଶୋକ ସନ୍ତପ୍ତ ହୋଇ ମର୍ମ ବେଦନା ପ୍ରକାଶ କରୁଛି । ଆନ୍ତର୍ଜାତିକ ରାଷ୍ଟ୍ର ସଙ୍ଘର ସଭାପତି ମି: ଲଜାନଫ ସମସ୍ତ ରାଷ୍ଟ୍ର ଓ ଜାତିପକ୍ଷରୁ ମହାତ୍ମାଙ୍କ ବ୍ୟକ୍ତିତ୍ୱ, ପ୍ରତିଭା ଓ ବାଣୀ ଉଦ୍ଦେଶ୍ୟରେ ଯେଉଁ ଶ୍ରଦ୍ଧାଞ୍ଜଳି ନିବେଦନ କରିଛନ୍ତି, ତାହାହିଁ ବାପୁଜୀଙ୍କ ପ୍ରତି ସତ୍ୟ ବ୍ୟାଖ୍ୟାନ ଓ ସମ୍ମାନ ଔଦାର୍ଯ୍ୟରେ ମହନୀୟ ହୋଇ ଅମରାକ୍ଷରରେ ରହିଥିବ । ସେ କହିଛନ୍ତି :—

"ଏକ ଅତି ଶୋକାବହ ଘଟଣା ଆଜି ଆମର ସମସ୍ତଙ୍କୁ ପରିବ୍ୟାପ୍ତ କରିଅଛି । ଗାନ୍ଧୀଜୀଙ୍କ ମୃତ୍ୟୁକୁ କେନ୍ଦ୍ର କରି ସମଗ୍ର ଜଗତ ଆଜି ଯେଉଁ ଶୋକାବେଗରେ ଅଧୀର ହୋଇ ପଡ଼ିଛି, ତାହାରି ପ୍ରଭାବ ମଧ୍ୟରେ ଆଜି ଆମେ ଏହିଠାରେ ଏକତ୍ରୀତ ହୋଇଥାଉଁ । ଏହି ଘଟଣାର ଅର୍ଥ, ସମଗ୍ର ପୃଥିବୀ ନିକଟରେ ବିଶେଷତଃ ଭାରତବାସୀଙ୍କ ପକ୍ଷରେ କଣ, ତାହା ଆମେ ଭଲଭାବରେ ଜାଣୁ । ଜଣେ ଉନ୍ମାଦର କାର୍ଯ୍ୟ କଳାପ ଫଳରୁ ଯାହା ଘଟି ଯାଇଛି, ମୁଁ ନିରାପତ୍ତା ପରିଷଦ ପକ୍ଷରୁ ଭାରତ ବର୍ଷର ପ୍ରତିନିଧିମାନଙ୍କ, ସେମାନଙ୍କ ସରକାରଙ୍କ ଏବଂ ସମଗ୍ର ଜାତି ଉଦ୍ଦେଶ୍ୟରେ ସେଥିପାଇଁ ଆନ୍ତରିକ ସହାନୁଭୂତି ଓ ସମବେଦନା ଜଣାଉଛି । ଗାନ୍ଧୀଜୀ ସମଗ୍ର ଜଗତକୁ ଏକ ମହାଶିକ୍ଷା ଦେଇ ଯାଇଛନ୍ତି — ନିଜ ଅବଲମ୍ବିତ ବ୍ରତ ପ୍ରତି ଏତେ ବଡ଼ ଆନ୍ତରିକତାର ପରିଚୟ ଖୁବ୍ କମ୍ ଲୋକହିଁ ଦେଇଛନ୍ତି । ବହୁବାର ସେ ତାଙ୍କ ଆଦର୍ଶକୁ ଜୟଯୁକ୍ତ କରିବା ପ୍ରୟୋଜନରେ ତାଙ୍କ ବହୁମୂଲ୍ୟ ଜୀବନକୁ ଆହୁତି ଦେବାପାଇଁ ପ୍ରସ୍ତୁତ ହୋଇ ଆସିଛନ୍ତି । ବହୁ ଦୂରରେ ଅବସ୍ଥାନ କରି ମଧ୍ୟ ସମଗ୍ର ଜଗତ ସମ୍ମୁଖରେ ସେ ଏକ ମହାନ୍ ଆଦର୍ଶର ପ୍ରତୀକ ରୂପେ ବିଭାସିତ ହୋଇଛନ୍ତି । ସେହି ସଙ୍ଗେ ସେ ତାଙ୍କ ସ୍ୱଜାତିର ସ୍ୱାଧୀନତାର

Digitized by srujanika@gmail.com

ମୂର୍ତ୍ତି ସର୍ବୋଚ୍ଚ ଓ ସର୍ବୋତ୍ତମ ଆଦର୍ଶ ଥିଲେ । ଯେଉଁ ତାଙ୍କ ପ୍ରିୟ ଭୂମି ସ୍ୱଦେଶ ଭାରତବର୍ଷକୁ ସ୍ୱାଧୀନ ଭାବରେ ଦେଖି ଯାଇଛନ୍ତି, ତାଙ୍କ ଦୀର୍ଘ ଜୀବନର ତାହାହିଁ ହେଉଛି ସବୁଠାରୁ ବଡ ସାର୍ଥକତା କିନ୍ତୁ ସେ କେବଳ ସ୍ୱାଧୀନତାର ସାଧକ ନ ଥିଲେ — ସେ ତାହାଠାରୁ ଆହୁରି କିଛି ବଡ ଆଦର୍ଶର ଧାରକ ଓ ବାହକ ଥିଲେ । ସେ ସେହି ଅହିଂସା ଓ ମୈତ୍ରୀର ସମର୍ଥକ ଥିଲେ ଯାହାହିଁ ହେଉଛି ଆମର ଏହି ପ୍ରତିଷ୍ଠାନର ମୁଖ୍ୟ ମୂଳଗତ ପ୍ରେରଣା । ଏଥିପାଇଁ ତାଙ୍କ ସ୍ମୃତିକୁ ଚିରଦିନ ଶ୍ରଦ୍ଧା ସହିତ ବହନ କରିବୁଁ । ସେ ଥିଲେ ଐକ୍ୟ ବିଶ୍ୱର ମୂର୍ତ୍ତି ଓ ବିଶ୍ୱଭ୍ରାତୃତ୍ୱର ପ୍ରତୀକ — ଏଥିପାଇଁ ଅନେକଥର ତାଙ୍କ ନାମ ଆମର ବିଭିନ୍ନ ବିତର୍କରେ ଉଲ୍ଲେଖିତ ହୋଇ ଅଛି । ଆମର ବିଶ୍ୱ ମୈତ୍ରୀ ଓ ଶାନ୍ତିର ଅନୁକୂଳ ଚେଷ୍ଟାରେ, ଯେପରି ଭାବେ ହେଉ, ଆମେ ତାଙ୍କୁ ଆମର ପ୍ରଧାନ ମିତ୍ରରୂପେ ଗଣ୍ୟ କରି ଆସିଛୁଁ । ଗାନ୍ଧୀଙ୍କ ଜୀବନାବସାନରେ ତାଙ୍କ ଅରବ୍ଧ କାମ ଶେଷ ହୋଇ ଯିବ ନାହିଁ — ପୃଥିବୀରୁ ଅପସାରିତ ହୋଇ ମଧ୍ୟ ସେ ଦେହ ବିମୁକ୍ତ ଜ୍ୟୋତିଏ ଭାବ ଯେଉଁ ତାଙ୍କ ଜୀବନାଦର୍ଶ ନେଇ ଚିରଦିନ ଜାଗ୍ରତ ରହିଥିବେ । ତାଙ୍କ ସ୍ୱଦେଶରେ ଓ ବହିର୍ଦେଶରେ ଯେଉଁମାନେ ତାଙ୍କ ସ୍ମୃତିକୁ ସମ୍ମାନ କରିବେ, ସେହିମାନେ, ସେ ଯହିଁ ପାଇଁ ଜୀବନ ଧାରଣ କରିଥିଲେ ଏବଂ ଯେଉଁ କାମରେ ଜୀବନ ଦେଇଗଲେ ସେହି ମହାବ୍ରତ ପ୍ରତି ଚିରଦିନ ଶ୍ରଦ୍ଧାଶୀଳ ରହିଥିବେ'' ।

ଏହି ଉକ୍ତି ପ୍ରକୃତ ପକ୍ଷରେ ସମଗ୍ର ସଭ୍ୟ ଜଗତ ତରଫରୁ, ତାଙ୍କ ରାଷ୍ଟ୍ର ନାୟକଙ୍କ ତରଫରୁହିଁ, ଶ୍ରଦ୍ଧାଞ୍ଜଳି ରୂପେ ନିବେଦିତ ହୋଇ ଅଛି । ଏହାହିଁ ମହାତ୍ମାଗାନ୍ଧୀଙ୍କ ସର୍ବଭୌମ ମହତ୍ତ୍ୱର ସର୍ବୋତ୍ତମ ପରିଚାୟକ । ଆମେ ସେହି ମହାମାନବଙ୍କ ଜ୍ୟୋତିର୍ମୟ ଆତ୍ମା ପ୍ରତି ଆମର ଶ୍ରଦ୍ଧାଞ୍ଜଳି ବିନତ ମସ୍ତକରେ ଅର୍ପଣ କରୁଅଛୁଁ ।

ସମାପ୍ତ

Printed & Published by Ganga Prasad Panda at the Kalamandal Printing Press
Balangir, Patna State.

Digitized by srujanika@gmail.com

## ନିୟମାବଳୀ:—

(୧) ଚତୁରଙ୍ଗ ପ୍ରତ୍ୟେକ ଓଡ଼ିଆ ମାସର ପ୍ରଥମ ଦିନ ପ୍ରକାଶିତ ହେବ । ଲେଖକମାନଙ୍କୁ ଅନୁରୋଧ ଯେ ନିଜ ନିଜର ରଚନା କାଗଜର ଗୋଟିଏ ପାଖରେ ପରିଷ୍କାର ଭାବେ ଲେଖିବେ ।

(୨) କୌଣସି ପ୍ରବନ୍ଧ ବା ରଚନା ସାଧାରଣତଃ ଚତୁରଙ୍ଗର ୫ ପୃଷ୍ଠାରୁ ଅଧିକ ନ ହେବା ବାଞ୍ଛନୀୟ । ଉପଯୁକ୍ତ ଡାକ ଟିକଟ ଯୋଗାଇଦେଲେ ଅମନୋନୀତ ରଚନା ଫେରସ୍ତ ଦିଆଯିବ । ଅମନୋନୀତ ରଚନା ପାଇଁ ସମ୍ପାଦକ କୌଣସି କାରଣ ଦର୍ଶାଇ ବାକୁ ବାଧ୍ୟ ନୁହନ୍ତି ।

(୩) କେବଳ ରଚନା ସମ୍ପାଦକଙ୍କ ଠାକୁ ପଠାଇ ଚାନ୍ଦା, ଗ୍ରାହକ, ବିଜ୍ଞାପନ ଇତ୍ୟାଦି ଯାବତୀୟ ପରିଚାଳନା ସଂକ୍ରାନ୍ତ ବିଷୟରେ ପରିଚାଳକ 'ଚତୁରଙ୍ଗ'କୁ ଲେଖିବେ ।

(୪) ପତ୍ରାଦିର ଆଦାନ ପ୍ରଦାନର ସୁବିଧା ପାଇଁ ସ୍ୱ ପ୍ରବନ୍ଧ ଆଦ୍ୟରେ ଆପଣା ଆପଣା ନାମ ସହିତ ଠିକଣା ଲେଖିବା ପାଇଁ ଲେଖକ ଲେଖିକା ମାନଙ୍କୁ ଅନୁରୋଧ ।

(୫) କେହି "ଚତୁରଙ୍ଗ" ସମ୍ବନ୍ଧୀୟ କୌଣସି ତଥ୍ୟ ଜାଣିବାକୁ ଇଚ୍ଛାକଲେ ରିପ୍ଲାଇକାର୍ଡ଼ କିମ୍ବା ଟ ୦.୦୬ ପାଇସର ଡାକଟିକଟ ପଠାଇବେ । ତା'ନ ହେଲେ, ଆମେ କୌଣସି ଉତ୍ତର ଦେଇ ପାରିବୁ ନାହିଁ ।

ସମ୍ପାଦକ
'ଚତୁରଙ୍ଗ'
ବଲାଙ୍ଗିର

## ବିଜ୍ଞାପନ

୧—ଚତୁରଙ୍ଗର ଦ୍ୱିତୀୟ ବର୍ଷର ବାର୍ଷିକ ମୂଲ୍ୟ ସଡ଼ାକ ଟ ୬.୨୮ ଷାଣ୍ମାସିକ ମୂଲ୍ୟ ଟ ୩.୧୮ ମାତ୍ର । ପ୍ରତ୍ୟେକ ସଂଖ୍ୟାର ମୂଲ୍ୟ ଟ ୦.୫୦ ମାତ୍ର । ଗ୍ରାହକ ଚାନ୍ଦା ଅଗ୍ରିମ ଦେୟ ।

୨—ଚତୁରଙ୍ଗର ପ୍ରଥମ ଓ ସପ୍ତମ ସଂଖ୍ୟାରୁ ନୂତନ ଗ୍ରାହକ ଗ୍ରହଣ କରାଯାଏ

୩—ଗ୍ରାହକ ଇଚ୍ଛା କଲେ ଭି. ପି. ରେ ମଧ୍ୟ ପଠାଇ ଦିଆଯିବ

୪—ବିଜ୍ଞାପନ ହାର ସମ୍ବନ୍ଧରେ ପରିଚାଳକଙ୍କୁ ପତ୍ର ଲେଖିବେ ।

୫—ଯେଉଁ ମାନେ ବିଜ୍ଞାପନ ଦେବେ ନିଜର ବ୍ଲକ ଦେବାକୁ ଚାହିଁଲେ ବ୍ଲକ ମଧ୍ୟ ପଠାଇବେ । ଉପଯୁକ୍ତ ଡାକ ଖର୍ଚ୍ଚ ପଠାଇ ବ୍ଲକ ଫେରସ୍ତ ନେଇ ପାରିବେ । ବ୍ଲକ ଭାଙ୍ଗିଗଲେ ପରିଚାଳକ ଦାୟୀ ନୁହନ୍ତି ।

୬—କୌଣସି କାରଣ ବଶତଃ ଗ୍ରାହକ ଯଥା ସମୟରେ 'ଚତୁରଙ୍ଗ' ନ ପାଇଲେ ଗ୍ରାହକ ନମ୍ବର ସହ ପରିଚାଳକଙ୍କୁ ଜଣାଇବେ ।

୭—ଅଳ୍ପଦିନ ପାଇଁ ସ୍ଥାନାନ୍ତରକୁ ଗଲେ ସ୍ଥାନୀୟ ପୋଷ୍ଟ ଅଫିସକୁ ଏବଂ ବହୁଦିନ ପାଇଁ ଗଲେ ଆମ୍ଭ ଅଫିସକୁ ଜଣାଇଲେ ଗ୍ରାହକଙ୍କ ଗ୍ରାହକ ମାନେ 'ଚତୁରଙ୍ଗ' ସତ୍ୱର ପାଇ ପାରିବେ ।

ପରିଚାଳକ
'ଚତୁରଙ୍ଗ'

Digitized by srujanika@gmail.com

# ଚତୁରଙ୍ଗ

ଦ୍ୱିତୀୟ ବର୍ଷ | ମାଘ ଓ ଫାଲ୍‌ଗୁନ ମାସ | ୯ମ ଓ ୧୦ମ ସଂଖ୍ୟା

## କୋଶଳ-କଳା-ମଣ୍ଡଳର

ମୁଖପତ୍ର ରୂପେ ପ୍ରକାଶିତ


ସଂପାଦକ ସଂଘ:—

ଶ୍ରୀ କାଳନ୍ଦୀ ଚରଣ ପାଣିଗ୍ରାହୀ
ସଙ୍ଗୀତଜ୍ଞ ଶ୍ରୀ ବଳଭଦ୍ର ବହିଦାର
କବିଚନ୍ଦ୍ର ଶ୍ରୀ କାଳୀ ଚରଣ ପଟ୍ଟନାୟକ
ଶ୍ରୀ ବିଧୁଭୂଷଣ ଗୁହ
ଶ୍ରୀ ସାମୁଏଲ ନାୟକ



ପରିଚାଳକ—
ଶ୍ରୀ ଗଙ୍ଗା ପ୍ରସାଦ ପଣ୍ଡା


Digitized by srujanika@gmail.com

ଓଡ଼ିଶା ସରକାରଙ୍କ ପତ୍ର ନଂ ୫୧୭- ଅ'ର୍ ତା ୩ - ୨ - ୧୯୪୭ ମତେ 'ଚତୁରଙ୍ଗ'
ଶିକ୍ଷା ବିଭାଗୀୟ ପ୍ରତ୍ୟେକ ଅନୁଷ୍ଠାନ ପାଇଁ ଗୃହୀତ ହୋଇଛି ।

# ସୂଚୀ


| ବିଷୟ | | ଲେଖକମାନଙ୍କ ନାମ | ପୃଷ୍ଠା |
|---|---|---|---|
| ୧ ଶତାବ୍ଦୀ ସମ୍ବାଦ | (ପଦ୍ୟ) | ଶ୍ରୀ ଚକ୍ରଧର ସ୍ୱାଇଁ | ୩୯୫ |
| ୨ ଗାନ୍ଧିଜୀଙ୍କ ସଙ୍ଗୀତ | | ଶ୍ରୀ ଶ୍ରୀଧର ସ୍ୱାଇଁ | ୩୯୭ |
| ୩ ମୋହନ ଦାସ···ଗାନ୍ଧିଙ୍କ ବିୟୋଗ | | ଶ୍ରୀ ଶମ୍ଭୁନାଥ ମୋଦକ | ୪୦୨ |
| ୪ ଗାନ୍ଧିଜୀଙ୍କ ଆଦର୍ଶ | | ଶ୍ରୀ ନବକିଶୋର ଦାସ୍ | ୪୦୩ |
| ୫ ଅଭୁଲ ଭାରତ | (ପଦ୍ୟ) | ଶ୍ରୀ ପ୍ରମଥ ନାଥ ଦାସ | ୪୦୪ |
| ୬ ମହାତ୍ମାଗାନ୍ଧିଙ୍କ ଆଦର୍ଶ ବାଣୀ | | | ୪୦୭ |
| ୭ ପୁଣ୍ୟାତ୍ମା ବାପୁଜୀ | | ଶ୍ରୀ ଲକ୍ଷ୍ମୀ ନାରାୟଣ ଗୁରୁ | ୪୦୮ |
| ୮ ଅନ୍ତିମ ନିବେଦନ | (ପଦ୍ୟ) | ଶ୍ରୀ କାଳିନ୍ଦୀ ଚରଣ ପାଣିଗ୍ରାହୀ | ୪୧୩ |
| ୯ ମୃତ୍ୟୁଞ୍ଜୟ ମହାତ୍ମାଗାନ୍ଧି | | ଶ୍ରୀ ପ୍ରହ୍ଲାଦ ପ୍ରଧାନ | ୪୧୪ |
| ୧୦ ବିଶ୍ୱ ଇତିହାସ ପ୍ରସିଦ୍ଧ ମାନବଙ୍କ ଅନ୍ତିମବାଣୀ | | | ୪୧୮ |
| ୧୧ ଶତାବ୍ଦୀର ସୂର୍ଯ୍ୟ | | ଶ୍ରୀ ସୂର୍ଯ୍ୟ ନାରାୟଣ ପାଢ଼ୀ | ୪୨୦ |
| ୧୨ ମରଣକୁ କରିଅଛ ଅମୃତ ସୋପାନ | | ଶ୍ରୀ ବ୍ରଜକିଶୋର ରାୟ | ୪୨୧ |
| ୧୩ ଗାନ୍ଧି ଅବତାର | | ଶ୍ରୀ ରଘୁନାଥ ଦାସ | ୪୨୩ |
| ୧୪ ସ୍ୱର୍ଗତ ବାପୁଜୀ | (ପଦ୍ୟ) | ଶ୍ରୀ ରସାନନ୍ଦ ସାହୁ | ୪୨୫ |
| ୧୫ ବିଶ୍ୱବନ୍ଧୁ ମହାତ୍ମାଗାନ୍ଧି | | ଶ୍ରୀ ନିତ୍ୟାନନ୍ଦ ବହିଦାର | ୪୨୭ |
| ୧୬ ମହାତ୍ମାଙ୍କ ତିରୋଧାନ | | ଶ୍ରୀ ବଳଭଦ୍ର ବହିଦାର | ୪୩୦ |
| ୧୭ ତର୍ପଣ ବାସରେ | (ପଦ୍ୟ) | ଶ୍ରୀ ଗୋପାଳ କାନୁନଗୋ | ୪୩୩ |
| ୧୮ ଅଶୟ | | ଶ୍ରୀ ବିକ୍ରମଦେବ ବର୍ମା | ୪୩୪ |
| ୧୯ ଦିଅ ହେ ଆଶୀଷ | (ପଦ୍ୟ) | ଶ୍ରୀ ସତ୍ୟ ନାରାୟଣ ରାଜଗୁରୁ | ୪୩୫ |
| ୨୦ ମହାଯାତ୍ରା | | ଶ୍ରୀ ଉପେନ୍ଦ୍ର ପ୍ରସାଦ ଗୁରୁ | ୪୩୭ |
| ୨୧ ଜାନୁୟାରୀ ତିରିଶ | | ଶ୍ରୀ ଅଖିଳ ମୋହନ ପଟ୍ଟନାୟକ | ୪୪୧ |
| ୨୨ ମହାତ୍ମା ଗାନ୍ଧିଙ୍କ ଘଟଣା ବହୁଳ ଜୀବନ ପଞ୍ଜିକା | | ଶ୍ରୀ ରାମ ପ୍ରସାଦ ମିଶ୍ର (ଡାକ୍ତର) | ୪୪୨ |
| ୨୩ ଯୁଗଧାରା | | ସମ୍ପାଦକୀୟ | ୪୪୭ |

# ଚତୁରଙ୍ଗ

ନାଟ୍ୟ-ସଙ୍ଗୀତ-ତତ୍ତ୍ୱଜ୍ଞାଃ ଯେ ସାହିତ୍ୟ-ବିଶାରଦାଃ ।
କଳାସୁ କୁଶଳାଃ ସର୍ବେ ମହୀୟନ୍ତାଂ ମହୀତଳେ ॥

ଦ୍ୱିତୀୟ ବର୍ଷ ❖ ମାଘ ଓ ଫାଲ୍‌ଗୁନ ସଂକ୍ରାନ୍ତି; ମକର ଓ କୁମ୍ଭ ❖ ନବମ ଓ ଦଶମ ସଂଖ୍ୟା



## ❖ "ଶତାବ୍ଦୀ - ଶହୀଦ"

ଶ୍ରୀ ଚକ୍ରଧର ରାଉତ

ଭାରତର 'ଭାଗ୍ୟ - ରବି' ଅସ୍ତମିତ ଶରୁଦନ ଲାଗି ?
କୋଟି ମୁଖେ ଏଇ ପ୍ରଶ୍ନ, ଏଇବାର୍ତ୍ତା ଉଠୁଅଛି ଜାଗି
ଦିଲ୍ଲୀର-ଆକାଶ —
କାନ୍ଦି କହେ 'ଶେଷ-ସବୁ,' - ଏଇ' ତାର ଅନ୍ତର ପ୍ରକାଶ—
"ଅହିଂସା ଓ ସତ୍ୟ, ସେବା ଭରଦେଇ ଜୀବନଟା ଯା'ର—
ବିତରିଲା ପଳେ, ପଳେ ବିଶ୍ୱ: ପୁରେ, ଏଇ ତା'ର ଚରମ ପୁରସ୍କାର ?

❖ ଗାନ୍ଧିଜୀଙ୍କ ଆକସ୍ମିକ ତିରୋଧାନ ସମୟରେ ଯେଉଁ ଗଭୀର ଦୁଃଖ ଜାତ ହୋଇ ଥିଲା ତାହାର ସ୍ମୃତି ଉଦ୍ଦେଶ୍ୟରେ

Digitized by srujanika@gmail.com

ଏତୁକି ତା' ପ୍ରିୟ ପ୍ରତିଦାନ ? -
ଅଶ୍ରୁ ଭାରେ କ୍ଲାନ୍ତ ଉପଜେ    ସ୍ତବ୍ଧ, ମୂକ, ଅବାନ୍ଧି ଗାନ··· ।"
ଆଲୋକର ଶେଷ ଶିଖା···    ତମିସ୍ରାର ଛାୟାପଥ ଖୋଜି—
ସୀମାହୀନ ଅନ୍ଧକାରେ କ୍ଷଣେ    ହାୟ ! ଦେଲା ନେନ ବୁଜି···
ଖୋଜେ ଯାରେ' ଖିଲ-ଚରାଚର,—
ପ୍ରିୟ-ସନ୍ଧାନରେ ପୁଣି 'ବନ୍ଦେ-ମାତା' ମାଡି ଆସେ ଅଶ୍ରୁ ପାରାବାର···।
ମରମରେ କାନ୍ଦଉଠେ    ଯମୁନାର ନୀଳ ଜଳ ବେଣୀ-
ସାୟାହ୍ନର ମ୍ଳାନ - ଛାୟେ-    ଘନକୃଷ୍ଣ - ଯବନିକା ଟାଣି ···
ଉପର - ଆକାଶ - ଭେଦି    'ମେଘାଟଳେ କ' କ୍ଷିପ୍ର' ଅଶାଗୁଶ
କାନ୍ଦଇ; ଭାରତ - ବାସୀ    ପ୍ରତି ମୁଖେ ବର୍ଷାର - ଆଭାସ··
କାନ୍ଦେ କଇଁ, କଇଁ
ଅସମ୍ଭାଳ ହୋଇ -
ପ୍ରିୟତମ-ବାପୁଜୀ ତା' ନାହିଁ ଆଉ ହାଇ ।
ଦାଣ୍ଡୀ-ପଥ-ଧୂଳି—
ମଳହିଲ 'ମହାତୀର୍ଥ'    ମହାତ୍ମାର ଲକ୍ଷ ଅଙ୍ଗେ ଖେଳି···
ଯୁଗେ, ଯୁଗେ ସାକ୍ଷୀ ଏଥି    ବାଢ଼ିଯିବ ତାର ନମସ୍କାର··
ଜୀବନର ଇତିହାସରେ    ଯେ ରଖିଲା ଜ୍ୱଳନ୍ତ - ସ୍ୱାକ୍ଷର··· ।
କାହିଁ ଗଲା ଆଜି ସିଏ ?    ଦେ' ଉତ୍ତର ଦିଅ 'ରାଜଘାଟ' ।
ଝୁରେ ଯା'ରେ ଅହର୍ନିଶ    ଏ' ଦେଶର ଧୂଳି, ରାସ୍ତା, ଘାଟ···

× × × ×

ହେ ଆକାଶ ! ସ୍ତବ୍ଧ ଆକାଶ - ।
ଖୋଲ ତବ ନୀଳ-ଯବନିକା —
ଖୋଜିବ ମୁଁ ହଜିଅଛି ଯିଏ    ମୋ' ଦେଶର 'ଉତ୍କଳ - ମଣିକା'
ଖୋଜିବ ସେଠାରେ ଯହିଁ    ଯୁଗ, ଯୁଗାନ୍ତରେ········ -
ବିପୁଳ-ଆଲୋକ - ଧାର    ନଇଁ ଆସେ ଧରଣୀର ପରେ··· ।
ଶ୍ରାବଣର-ବଜ୍ର-ଅହଙ୍କାର······
ଠେଲି ଦେଇ ଯଦେ ପର    ମୁଁ କରିବ ତାର ଆବିଷ୍କାର ।
ଆହେ ହତ୍ୟାକାରୀ !
ନୁହେ - କି ଏ' ଅସମ୍ଭବ - କଥା ?
ଦପୋଜ୍ଜ୍ୱଳ ବକ୍ଷ ଭୂମି    ଫୁଲଉଠେ ବର୍ଷାନଦୀ ସମ—
ମାନେ ନାହିଁ ଅଶ୍ରୁ - ଆକୁଳତା ··· ।
ବାହାର-ପ୍ରାଙ୍ଗଣଭରା    ଯେ ଆଲୋକ ପଞ୍ଜୁରି ଥିଲା ଘର —
ସେ' ଆଲୋକେ ଦେଇ    ନିର୍ବାସନ ଅରଜକ ନାହିଁ ବାହାଦୁରୀ ? -

Digitized by srujanika@gmail.com

ଯେ' ହୃଦର 'ସମ୍ପନ୍ନ କାଳ-ଗୀତ' ମଣିଷରେ କରେ ମହାପ୍ରସ୍ଥାନ୍—
କମନୀୟ ଉଦାର ଉନ୍ନତି ତାରେ ବନ୍ଧୁ ! କଲଙ୍କ ସନ୍ଧାନ ?
କୁତ୍ସିତ-ଆନନ୍ଦ...ଲୋଭେ, ଅପଶାର ଛନ୍ଦ - ସ୍ୱାର୍ଥ - ଲାଗି—
ସବ୍ୟସାଚୀ - ସନ୍ନ୍ୟାସୀରେ ଦରଦାନ କଲ ଗୃହତ୍ୟାଗୀ;
ସେ' ପାପର ପ୍ରାୟଶ୍ଚିତ୍ତ କାହିଁ ?

ଭୁଲିବ ପାରିବ ତାର କ୍ଷମା- ଦୀପ୍ତ-ମୂର୍ତ୍ତି ? ତମସାର ତନ୍ଦ୍ରା-ତଳେ ଶୋଇ
ତା' ପ୍ରାଣ ଭଣ୍ଡାରେ ଯେତେ ଈର୍ଷାର ମୁଗ୍‌ଧ - ଅନୁଭୂତି...
ଦଗ୍‌ଧ ଏ' ମୃତ୍ତିକା ମନେ ବାଢ଼ିଯାଏ ଚରମ - ସ୍ୱୀକୃତି...।
ସ୍ୱ ଦୁର୍ଗମ ମଣିଷରେ ଦେଇ ମହା ଅଭୟର ଦାନ -
ଛୁଟିଗଲା ପ୍ରାଣେ ପିଏ ଉଦାରତା, ପୁଲକ - ସ୍ପନ୍ଦନ...
ଆଜି ତାରେ କର ଆରାଧନା -

ମହାକାଳ ସିନ୍ଧୁତୀରେ... ସେ' ଉଜ୍ଜ୍ୱଳ, ବିଶ୍ୱ-ବିଧାନ...
ଶତାବ୍ଦୀର 'ଶ୍ରେଷ୍ଠ ଫଳ' ଧୂଳିତଳେ ପଡିନାହିଁ ଝଡ଼ି
ସମ୍ପୂର୍ଣ୍ଣ ପ୍ରତିବାଦିନୀ 'ସତ୍ୟ- ଧ' ଉଠେ ତାର ବଢ଼ି,
ସେ ନୁହେଁ 'କ୍ଷଣିକ-ସ୍ୱପ୍ନ' ବିରାଟ ସେ' ଯୁଗ - ଅବତାର-
'ଶତାବ୍ଦୀ ଶହୀଦ' ସେହି ପ୍ରେମ, ଅଶ୍ରୁ କରି ଅଧିକାର-
ସବୁରି ଅନ୍ତରେ ସ୍ନେହ, କରୁଣା ଓ କଇଲାସ ଦୋଳି-
ଠେଲି ଦିଏ ମନେ ତାର ଅବିଶ୍ୱାସୀ, ସର୍ବନାଶୀ - ଧୂଳି...
ଅଲୋକର ପଥ ପିଏ କର ପରିଷ୍କାର-
ଆଗାମୀ ଶିଶୁରେ ତାଙ୍କ 'ସତ୍ୟ-ପଥେ' ଉଚରଖ ଶିର-
(ମହର୍ଷିଏ ଅବିନାଶୀ ତାର)
ଲେଖିଦେ ମାତା ପୋଛି ଅଶ୍ରୁ - ରେଖା
ପୁତ୍ର ତୋର ବିଶ୍ୱ-ଜୟୀ- ପ୍ରଦୀପର ଚିରଦୀପ୍ତ ଶିଖା ।

## ଗାନ୍ଧିଜୀଙ୍କ ରାଜନୀତି

ଶ୍ରୀ ଶଙ୍କରାକର ସୁପକାର

ମନୁଷ୍ୟ ଜାତିର ଜନ୍ମକାଳରୁ ଆଜି ପର୍ଯ୍ୟନ୍ତ ଅସଂଖ୍ୟ ନରହତ୍ୟା, ଯୁଗ ଯୁଗ ବ୍ୟାପି ଦ୍ୱନ୍ଦ୍ୱ, ବିପ୍ଳବ ମନୁଷ୍ୟଜାତିକୁ ଅଭିଭୂତ କରି ଆସିଛି । କେତେ ରାଷ୍ଟ୍ର, କେତେ ଜାତି ଏହିପ୍ରକାର ଗଣହିଂସା ଓ ଯୁଦ୍ଧରେ ବିଲୁପ୍ତ ହୋଇଛନ୍ତି । ଏହିସବୁ ଯୁଦ୍ଧ, ଦିଗ୍‌ବିଜୟ ପରେ ବିବେକ ବିଜୟୀକୁ ପ୍ରଶ୍ନ କରନ୍ତି "କାହିଁକି ଏ ଯୁଦ୍ଧ ? କାହିଁକି ଏ ଗଣହତ୍ୟା ?" କଳିଙ୍ଗ ବିଜୟ ପରେ ଅଶୋକ ଆପଣାକୁ ଏହି ପ୍ରଶ୍ନ ପଚାରିଥିଲେ । ସିକନ୍ଦର, ମହମ୍ମଦ ଗଜନୀ ଆଦି ବିଜେତା ମାନେ ମଧ୍ୟ ଏହି ପ୍ରଶ୍ନ ମୃତ୍ୟୁ ସମୟରେ

Digitized by srujanika@gmail.com

ଆପଣାକୁ ପଚାରୁଥିଲେ । କିନ୍ତୁ ଏ ପ୍ରଶ୍ନର ସଦୁତ୍ତର ବିବେକ ମନୁଷ୍ୟଠାରୁ ମିଳିପାଏନାହିଁ ।

ଜାତି ଜାତି ମଧ୍ୟରେ, ଦେଶ ଦେଶ ମଧ୍ୟରେ, ଭାଇ ଭାଇ ମଧ୍ୟରେ ଆଦିମ କାଳରୁ ସଂଘର୍ଷ ଚାଲିଛି ନିଜେ ଆକ୍ରମଣକାରୀ ନହେଲେ ମଧ୍ୟ ଆତ୍ମରକ୍ଷା ପାଇଁ ଅସ୍ତ୍ର ଶସ୍ତ୍ର ଓ ଯୁଦ୍ଧ ଅବଶ୍ୟମ୍ଭାବୀ ହୋଇଛି । ଆଭ୍ୟନ୍ତରୀଣ ଶାନ୍ତିରକ୍ଷା ପାଇଁ, ଚୋର ଉପଦ୍ରବକାରୀମାନଙ୍କଠାରୁ ଶାନ୍ତିପ୍ରିୟ ନାଗରିକମାନଙ୍କୁ ରକ୍ଷା କରିବାପାଇଁ; ଏବଂ ପ୍ରବଳ ବାହ୍ୟ ଶତ୍ରୁମାନଙ୍କଠାରୁ ଦେଶକୁ ରକ୍ଷା କରିବାପାଇଁ ତରବାରୀ, ଧନୁଃଶର, ଗୋଳାବାରୁଦ ଓ ଆଣବିକ ବୋମା ରାଜନୀତି କ୍ଷେତ୍ରରେ ଅପରିହାର୍ଯ୍ୟ ମନ୍ଦ ଅଥଚ ଅପରିହାର୍ଯ୍ୟ ପଦାର୍ଥ ବୋଲି ଅନୁଭୂତ ହୋଇଛି ।

ଏହି ସଙ୍ଗେସଙ୍ଗେ ରାଜନୀତିରେ କୁଟିଳତା, ଅସତ୍ୟ, ଦ୍ୱ୍ୟର୍ଥବୋଧକ ଭାଷା ପ୍ରୟୋଗର ଉପାଦେୟତା ମଧ୍ୟ ଅନୁଭୂତ ହୋଇଛି । ନୀତିକାର କହିଛନ୍ତି:—

ସତ୍ୟାନୃତା ଚ ପରୁଷା ପ୍ରିୟବାଦିନୀ ଚ
ହିଂସ୍ରା ଦୟାଳୁରପି ଚାର୍ଥପରା ବଦାନ୍ୟା
ନିତ୍ୟବ୍ୟୟା ପ୍ରଚୁର ରତ୍ନଧନାଗମା ଚ
ବାରାଙ୍ଗନେବ ନୃପନୀତିରନେକ ରୂପା ।

ସେଇଥିପାଇଁ ନିଜେ ଧର୍ମପୁତ୍ର ଯୁଧିଷ୍ଠିରଙ୍କୁ ମଧ୍ୟ 'ଅଶ୍ୱତ୍ଥାମା ହତ ଇତି ଗଜ' କହି ନରକ ଦର୍ଶନ କରିବାକୁ ପଡ଼ିଥିଲା । ରାଷ୍ଟ୍ରର ସର୍ବାଙ୍ଗୀନ ଉନ୍ନତି ଓ ସତ୍ୟ ମଧ୍ୟରେ ଯେଉଁଠାରେ ସଂଘର୍ଷ ଉପସ୍ଥିତ ହୋଇଛି, ସେଠାରେ ରାଜନୀତିଜ୍ଞମାନେ ବ୍ୟକ୍ତିଗତ ସାଧୁତାଠାରୁ ରାଷ୍ଟ୍ରର ଉନ୍ନତି ସାଧନାକୁ ଉଚ୍ଚତର ଆସନ ଦେଇଛନ୍ତି । ଶକୁନି, ଚାଣକ୍ୟ, ବିସ୍‌ମାର୍କ ଆଦି ରାଜନୀତିଜ୍ଞମାନେ ସେମାନଙ୍କର କୁଟିଳତା ପାଇଁ ଅତି ପ୍ରଶଂସାର ପାତ୍ର ।

କିନ୍ତୁ ଭାରତୀୟ ରାଜନୈତିକ ସଂସ୍କୃତିର ଇତିହାସ ଦେଖିଲେ ଜଣାଯାଏ ଯେ ଯେଉଁ ମହାପୁରୁଷ ଓ ବୀରମାନେ ସତ୍ୟ ଓ ସାରଲ୍ୟର ଏକନିଷ୍ଠ ସାଧକ ସେମାନେ ଏ ଦେଶରେ ରାଜନୀତି କ୍ଷେତ୍ରରେ ମଧ୍ୟ ପୂଜାର ଯୋଗ୍ୟ ଓ ଇତିହାସରେ ଚିରସ୍ମରଣୀୟ ହୋଇଛନ୍ତି । ଭଗବାନ୍ ରାମଚନ୍ଦ୍ର ପିତୃସତ୍ୟପାଳନ ପାଇଁ ନିଜର ଅଧିକାର, ପ୍ରଜାଙ୍କର ଭବିଷ୍ୟତ ସୁଖ ଦୁଃଖ କଥା ଭୁଲିଯାଇ ଚତୁର୍ଦ୍ଦଶ ବର୍ଷ ବନବାସ ଯାଇଥିଲେ । ଅତି ଆଦିମ କାଳରୁ ଭାରତୀୟ ବୀରମାନେ ବୀରତ୍ୱପୂର୍ଣ୍ଣ ସାମରିକ ପଦ୍ଧତି ଦ୍ୱାରା ଦେଶ ଓ ଦେଶର ରକ୍ଷାର ଏକମାତ୍ର ଉପାୟ ଜାଣିମଧ୍ୟ ଶତ୍ରୁକୁ ପୃଷ୍ଠ ପ୍ରଦର୍ଶନ କରୁ ନଥିଲେ ଏବଂ ରାଜ୍ୟକୁ ନଷ୍ଟ ହେଲେ ମଧ୍ୟ ସମ୍ମାନକୁ ଜୀବନଠାରୁ ଉଚ୍ଚତର ଆସନ ଦେଉଥିଲେ ।

ରାଜନୀତି ବୋଇଲେ ସାଧାରଣତଃ ବୁଝାଯାଏ କୁଟିଳତା, ସ୍ୱାର୍ଥପରତା, ଓ ହିଂସ୍ରତା । ବିଶେଷତଃ ଏ କଳିଯୁଗରେ, ଆଧୁନିକ ଯୁଗରେ ସରଳତା ଓ ସତ୍ୟପରାୟଣତାକୁ ରାଜନୈତିକ ପରିଭାଷାରେ ଦୁର୍ବଳତା ଓ ଅକ୍ଷମତା ବୋଲି ସମସ୍ତ ସମୟରେ ଧରି ନିଆଯାଏ । ଏପରି ବାତାବରଣରେ ମହାତ୍ମା ଗାନ୍ଧୀ,—ଭାରତୀୟ ସନାତନ ସଂସ୍କୃତିର ଆଧୁନିକ ପ୍ରତୀକ ମହାତ୍ମାଜୀ—ଭାରତର ରାଜନୈତିକ କ୍ଷେତ୍ରରେ ସତ୍ୟ ଓ ଅହିଂସାର ଅବତାରଣାଦ୍ୱାରା ଦେଶରେ ଏକ ନୂତନ ଭାବଧାରା, ନୂତନ ଓ ବ୍ୟାପକ ଜାଗୃତି ଖେଳାଇ ଦେଇଥିଲେ । ୧୯୨୦ ସାଲରେ ଭାରତୀୟ ହୋମରୁଲ୍ ଲିଗ୍ (ସେ ସମୟରେ ଏକ ଜାତୀୟ ଅନୁଷ୍ଠାନ)ର ସଭାପତିତ୍ୱ ଗ୍ରହଣ କଲା ସମୟରେ ସେ କହିଥିଲେ:—

"This brings me to my methods. I believe that it is possible to introduce uncompromising truth and honesty in the political life of the country. Whilst I would not expect the league to follow me in my civil Disobedience methods, I would strain every nerve

to make truth and non-violence accepted in all our national activities. Then we shall cease to fear or distrust Government and their measures"

ଅର୍ଥାତ୍ "ବର୍ତ୍ତମାନ ମୁଁ ମୋର ଇଚ୍ଛା ବା ଧାରଣା ବିଷୟରେ କହୁଛି । ମୁଁ ବିଶ୍ୱାସ କରେ ଯେ ଆମ ଦେଶର ରାଜନୈତିକ ଜୀବନରେ ପୂର୍ଣ୍ଣତମ ସତ୍ୟ ଓ ସାଧୁତା ପୁରାଇବା ସମ୍ଭବ । ଏହି ହୋମରୁଲ୍ ଲିଗ ମୋର ସବିନୟ ଆଇନ ଅମାନ୍ୟ ପଦ୍ଧତିକୁ ଅନୁସରଣ କରୁ ବୋଲି ମୁଁ କହୁନାହିଁ । କିନ୍ତୁ ଆମର ପ୍ରତ୍ୟେକ ଜାତୀୟ ଅନୁଷ୍ଠାନ ଓ କାର୍ଯ୍ୟପନ୍ଥାରେ ସତ୍ୟ ଓ ଅହିଂସା ନୀତି ଅନୁସୃତ ହେଉ ବୋଲି ମୁଁ ଯଥାସାଧ୍ୟ ଚେଷ୍ଟା କରିବି । ତାହାହେଲେ ଆମେ ସରକାର ବା ସରକାରୀ କାର୍ଯ୍ୟାବଳୀକୁ ଡରିବା ନାହିଁ ବା ଅବିଶ୍ୱାସ କରିବା ନାହିଁ" ।

ଗାନ୍ଧିଜୀଙ୍କ ଏହି ନୂତନ ନେତୃତ୍ୱ କାହିଁକି ସମଗ୍ର ଭାରତକୁ ଅତି ଅଳ୍ପ ସମୟ ମଧ୍ୟରେ ଅଭିଭୂତ ଓ ଓତପ୍ରୋତ କରିଥିଲା ତାହା ବିଚାର କରିବାକୁ ଗଲେ ଭାରତର ରାଜନୀତି କ୍ଷେତ୍ରରେ ମହାତ୍ମାଜୀଙ୍କର ଅବତରଣ ସମୟରେ ଭାରତର ବାତାବରଣ ଟିକିଏ ବିଶ୍ଳେଷଣ କରିବା ପ୍ରୟୋଜନ । ମହାତ୍ମାଗାନ୍ଧୀଙ୍କ ଭାଷାରେ ଭାରତବର୍ଷ ଶତ ... ବ୍ୟାପୀ ବ୍ରିଟିଶ ରାଜତ୍ୱଦ୍ୱାରା ନିଃଶୋଷିତ, କ୍ଲୀବ ନିଃସହାୟ ହୋଇ ପଡ଼ିଥିଲା । ଶିକ୍ଷିତ ସମାଜ ଭାରତର ଜନତାଠାରୁ ପୃଥକ୍ ଥିଲେ । ସୁଜଳା, ସୁଫଳା, ଶସ୍ୟଶ୍ୟାମଳା ଏହି ଭୂମିରେ ସାଧାରଣ ଲୋକର ଦୈନିକ ଆୟ ଥିଲା ଦୁଇଅଣାରୁ କମ୍, ଶିକ୍ଷିତ ସଂଖ୍ୟା ଥିଲା ଅତି ସୀମାବଦ୍ଧ । ରାଜନୈତିକ ଜାଗ୍ରତ ଚେତନା ବିନାଶୁଣିବଆ ମୁଷ୍ଟିମେୟ ଶିକ୍ଷିତଙ୍କ ମଧ୍ୟରେ ସୀମିତ ଥିଲା । ଶାସକଙ୍କର ଅନୁଗ୍ରହ ଭିକ୍ଷା କରିବା, ବ୍ୟବସ୍ଥା ସଭାରେ ଅଧିକ କ୍ଷମତା ଦାବୀ କରିବା ଆନ୍ଦୋଳନର ସର୍ବଶେଷ ଉପାୟ ଥିଲା । ୧୯୦୫ ସାଲରେ ବଙ୍ଗ ବିଚ୍ଛେଦ ଫଳରେ ଯେଉଁ ବିପ୍ଳବାତ୍ମକ ଆନ୍ଦୋଳନ ହୋଇଥିଲା ତାହା ମଧ୍ୟ ମହାଭାରତୀୟ ଆନ୍ଦୋଳନ ନଥିଲା । ସେଥିରେ ଗୁପ୍ତ ସଂଗଠନ ଓ ଆତଙ୍କବାଦର ପ୍ରାଧାନ୍ୟ ଥିଲା । ସରକାରକୁ ସମାଲୋଚନା କରିବା ରାଜଦ୍ରୋହ ବୋଲି ପରିଗଣିତ ହେଉଥିଲା । ଜନତା ଆଗରେ କୌଣସି ନିର୍ଦ୍ଦିଷ୍ଟ ଓ ସମସ୍ତଙ୍କଦ୍ୱାରା ଅନୁସରଣ ଯୋଗ୍ୟ କର୍ମପନ୍ଥା ନ ଥିଲା । ବ୍ୟାପକ ସଂଗଠନ ପଥରେ ବାଧା ଥିଲା ଗୋପନୀୟତାର ପ୍ରୟୋଜନ । ବାଗ୍ମିତା ଥିଲା ନେତୃତ୍ୱର ଶ୍ରେଷ୍ଠ ସୋପାନ । ଶାରୀରିକ ଶକ୍ତି ଓ ସାହସ ଥିବା ଯୁବକମାନଙ୍କ ଛଡ଼ା ଅନ୍ୟମାନଙ୍କ ପକ୍ଷରେ ଗୁପ୍ତ ସଂଗଠନରେ ମିଳିତ ହେବା ଅସମ୍ଭବ ଥିଲା ଏବଂ ବିଶେଷ ବାଗ୍ମିତା, ଶିକ୍ଷା ଓ ବୁଦ୍ଧିମତ୍ତା ଥିବା ଲୋକଙ୍କ ଛଡ଼ା ଅନ୍ୟ ଲୋକମାନଙ୍କ ପକ୍ଷରେ ପ୍ରକାଶ୍ୟ ରାଜନୀତିରେ ଯୋଗ ଦେବା ଅସମ୍ଭବ ଥିଲା । ଏ ଯନ୍ତ୍ର ଯୁଗରେ, ଏ ନିରସ୍ତ୍ର ଦେଶରେ ଶିବାଜୀଙ୍କ ପରି ଜଣେ ବୀରଙ୍କର ଜନ୍ମ ଅସମ୍ଭବ ଥିଲା । ତେଣୁ ଲୋକେ ହତାଶ ହୋଇ ନିଜର ଭାଗ୍ୟକୁ ନିନ୍ଦୁଥିଲେ ।

ଦେଶର ସୀମାବଦ୍ଧ ରାଜନୀତି କ୍ଷେତ୍ରରେ ଏହି ବିରାଟ ଶୂନ୍ୟତା, ଦେଶର ନେତାମାନଙ୍କ ନିଷ୍ଠୟ ଅନୁଭୂତ କରିଥିବ । ଏ ପରାଧୀନତା, ଏ ନିଃସହାୟତାରୁ ଉଦ୍ଧାର ମିଳିବ କିପରି ? ଏ ପ୍ରଶ୍ନର ଉଚିତ ଉତ୍ତର ମହାତ୍ମାଗାନ୍ଧୀ ଦେଇପାରିଥିଲେ ବୋଲି ସେ ଅତି ଅଳ୍ପ ସମୟ ମଧ୍ୟରେ ଭାରତର ଶୀର୍ଷ ନେତା ହୋଇ ପାରିଥିଲେ । ସେ ଥିଲେ ଭାରତୀୟ ସନାତନ ସଂସ୍କୃତିର ଆଧୁନିକ ପ୍ରତୀକ । ତାଙ୍କର ପ୍ରଥମ ଭୂମିକା ସ୍ପର୍ଶରେ ଦେଶର ହିନ୍ଦୁ ବୈଦିକ ଆସ୍ଥାତ୍ୟ ଆଦର୍ଶରେ ଅନୁପ୍ରାଣିତ, ରାଜନୈତିକ ସଂଘର୍ଷରେ ରଙ୍ଗଭୂମି ବ୍ୟବହାରିକ ସ୍ୱପ୍ନମାନଙ୍କରୁ ଅପସାରିତ ହୋଇ ପ୍ରାଚ୍ୟ ଆଦର୍ଶର ଉତ୍ପତ୍ତିଭୂମି ଆଶ୍ରମମାନଙ୍କରେ ସ୍ଥାପିତ ହେଲା । ଯେଉଁ ଆଶ୍ରମରୁ ଭାରତର ପ୍ରାଚୀନ ବେଦ, ଉପନିଷଦ୍

Digitized by srujanika@gmail.com

ପୁରାଣ, ଧର୍ମଗ୍ରନ୍ଥ, ମହାକାବ୍ୟ, ଚିକିତ୍ସା ଶାସ୍ତ୍ର, ଜ୍ୟୋତିଃଶାସ୍ତ୍ରର ଉଦ୍ଭବ ହୋଇଥିଲା, ଯେଉଁ ଆଶ୍ରମରୁ ପ୍ରାଚୀନ ଭାରତର ନେତାମାନେ ବାହାରି ଏ ଦେଶକୁ ପୃଥିବୀରେ ଶ୍ରେଷ୍ଠ କରିଥିଲେ ସେହି ଆଶ୍ରମ ପ୍ରତି ସେହି ଆଶ୍ରମଜୀବନର ଆଦର୍ଶ ଅହିଂସା, ସତ୍ୟ, ଅସ୍ତେୟ, ସଂଯମ, ପ୍ରେମ ପ୍ରଭୃତି ସେ ଭାରତର ଦୃଷ୍ଟି ଫେରାଇଥିଲେ। ନିଷ୍କ୍ରିୟ ଦାସତ୍ୱ ଓ ଭୀରୁ ସାହସିକତାରୁ ଲୋକଙ୍କର ଦୃଷ୍ଟି ଫେରାଇ ସେ ଏକ ବ୍ୟାପକ, କ୍ରିୟାଶୀଳ ଓ ପ୍ରକାଶ୍ୟ ସଂଗଠନ ସୃଷ୍ଟି କରିଥିଲେ। ନିରସ୍ତ୍ର ଦେଶକୁ ସମସ୍ତ ଅସ୍ତ୍ର ଶସ୍ତ୍ରଠାରୁ ଅଧିକ ଶକ୍ତିଶାଳୀ ଅହିଂସା ଅସ୍ତ୍ର ଦେଇଥିଲେ। ନିଃସହାୟ, ପଥଭ୍ରଷ୍ଟ ଦେଶକୁ ସବୁଠାରୁ ଅଧିକ ନିର୍ଭର ଯୋଗ୍ୟ ସତ୍ୟମାର୍ଗ ଦେଖାଇଥିଲେ।

ତାଙ୍କର ଜୀବନ ଏକନିଷ୍ଠ ସତ୍ୟସାଧନାର ଏକ ଜ୍ୱଳନ୍ତ ଦୃଷ୍ଟାନ୍ତ ଥିଲା। ସେ ନିଜର ଆତ୍ମଜୀବନୀର ନାମ କରଣ କରିଛନ୍ତି "My Experiments with Truth' ବା ସତ୍ୟରେ ମୋର ପରୀକ୍ଷା"। ସେ ବ୍ୟକ୍ତିଗତ ଓ ରାଜନୀତି କ୍ଷେତ୍ରରେ ଏକାନ୍ତ ସତ୍ୟନିଷ୍ଠା ଦେଖାଇଛନ୍ତି। ସରକାର ବା କେତେ ଲୋକେ ତାଙ୍କର ଏକାନ୍ତ ସତ୍ୟନିଷ୍ଠାରୁ, ତାଙ୍କର ବିଶ୍ୱାସ ପ୍ରବଣତାରୁ ଅଯଥା ଲାଭ ଉଠାଇଛନ୍ତି। ରାଜନୀତି କ୍ଷେତ୍ରରେ ସତ୍ୟ ଓ ଅହିଂସାର ଉପାଦେୟତା ସମ୍ବନ୍ଧରେ ବୁଦ୍ଧିଜୀବୀ ଲୋକେ ଗଭୀର ସନ୍ଦେହ ପ୍ରକାଶ କରିଛନ୍ତି। ଅହିଂସାର ସାମୟିକ ନିଷ୍ଫଳତାରେ ଲୋକେ ହତାଶ ହୋଇଛନ୍ତି। କିନ୍ତୁ ଗାନ୍ଧିଜୀଙ୍କର ନୀତି ଭାରତରେ ସଫଳ ହୋଇଛି। ତାଙ୍କର ଆଦର୍ଶରେ ହିମାଳୟଠାରୁ କୁମାରିକା ପର୍ଯ୍ୟନ୍ତ ଏକ ଅଭୂତପୂର୍ବ ଜାଗୃତି, ଦେଶାତ୍ମବୋଧ ଓ ବିପ୍ଳବୀ ମନୋବୃତ୍ତି ଜାଗ୍ରତ ହୋଇଛି। ଅନ୍ୟ କୌଣସି ଉପାୟରେ ଏତେ ବ୍ୟାପକ ଜାଗୃତି, ଏତେ ବିପ୍ଳବୀ, ଭୟଶୂନ୍ୟ ଓ ଅକ୍ଳାନ୍ତ କର୍ମଠତା ସମ୍ଭବ ହୋଇ ନ ଥାନ୍ତା। ତାଙ୍କର ନୀତିକୁ ଯେଉଁମାନେ ପ୍ରଥମରୁ ଉପହାସ କରୁଥିଲେ, ସନ୍ଦେହ କରୁଥିଲେ ସେମାନେ ଯେତେବେଳେ ଦେଖିଲେ ଯେ ଦେଶରେ ଜାଗୃତି, ଏକତା ଏବଂ ଗଭୀର ଦେଶାତ୍ମବୋଧ ଜାଗ୍ରତ କରିବାକୁ ହେଲେ ଗୁପ୍ତ ସଂଗଠନ, ବୋମା, ଆଗ୍ନେୟାସ୍ତ୍ର ବା ବ୍ୟବସ୍ଥାପକ ସଭାରେ ବହୁମତ ଅନିବାର୍ଯ୍ୟ ନୁହେଁ, ସେମାନେ ଯେତେବେଳେ ଦେଖିଲେ ଯେ ମୋହନଦାସଙ୍କର ମୋହନ ମନ୍ତ୍ର ଭାରତର ତିରିଶ କୋଟି ମୂଢ଼ ମୂକ ଜନତାକୁ ଏକ ଓ ଦେଶପ୍ରେମୀ କରିପାରିଛି, ସେମାନଙ୍କର ଅବିଶ୍ୱାସ ଦୂର ହେଲା। ସତ୍ୟ ଓ ନ୍ୟାୟ ପାଇଁ ଦେଶର ସ୍ୱାଧୀନତା ହାସିଲ କରିବାପାଇଁ ଯେଉଁମାନେ ଆନନ୍ଦରେ ଓ ବିନାପ୍ରତିରୋଧରେ ଲାଠି ଓ ଗୁଳିମାଡ଼ ସହିପାରନ୍ତି, କାରା ଓ ମୃତ୍ୟୁବରଣ କରିପାରନ୍ତି, ସେହି ସତ୍ୟାଗ୍ରହୀମାନଙ୍କୁ ଦମନ କରିବା କିପରି ଅସମ୍ଭବ ତାହା ସରକାର ମଧ୍ୟ ବୁଝିପାରିଥିଲେ। ୧୯୨୧ ସାଲର ଅସହଯୋଗ ସମୟରେ, ୧୯୩୦ ସାଲର ସତ୍ୟାଗ୍ରହ ସମରରେ ଏବଂ ୧୯୪୨ ସାଲର ଶେଷ ସମରରେ ଲୋକଙ୍କର ଅହିଂସ ପ୍ରତିରୋଧରେ ଇଂରେଜ ସରକାରଙ୍କର ଅସ୍ତ୍ର ଶସ୍ତ୍ର ସମସ୍ତ ବ୍ୟର୍ଥ ହୋଇଥିଲା। ଦମନ ଫଳରେ ଲୋକଙ୍କ ମନରେ ସ୍ୱାଧୀନତାର ପିପାସା ଦ୍ୱିଗୁଣିତ ହୋଇଥିଲା, ଏବଂ ପୃଥିବୀର ଜନମତ ଭାରତର ଲକ୍ଷ୍ୟପ୍ରତି ସହାନୁଭୂତିଶୀଳ ହୋଇଥିଲା। ମହାତ୍ମା ଗାନ୍ଧୀ ତାଙ୍କର ଅପୂର୍ବ ସତ୍ୟାଗ୍ରହରୂପକ ଅସ୍ତ୍ରଦ୍ୱାରା ଲୋକଙ୍କ ମନରେ ଏପରି ଶକ୍ତି, ସାହସ, ଦେଶାତ୍ମବୋଧ ଓ ତ୍ୟାଗପ୍ରବଣତା ଜାଗ୍ରତ କରିଥିଲେ, ଯାହାକି ବହୁବ୍ୟୟ ଓ ସାଧନା ଦ୍ୱାରା ସାଧ୍ୟ ହିଂସାତ୍ମକ ସୈନ୍ୟବିଭାଗୀୟ ଶିକ୍ଷା ଓ ଶୃଙ୍ଖଳା ଦ୍ୱାରା ସମ୍ଭବ ହୋଇ ପାରି ନ ଥାନ୍ତା।

ବିନା ରକ୍ତପାତରେ ବା ଯଥାସମ୍ଭବ ଅଳ୍ପ ରକ୍ତପାତରେ ଦେଶପାଇଁ ସ୍ୱାଧୀନତା ଅଳ୍ପ ସମୟ ମଧ୍ୟରେ ଆଣିଦେବା ପାଇଁ ସତ୍ୟ ଓ ଅହିଂସାର ସମ୍ପୂର୍ଣ୍ଣ ଉପଯୋଗିତା ମହାତ୍ମା ତାଙ୍କର ଜୀବନକାଳ ମଧ୍ୟରେ ସମ୍ପୂର୍ଣ୍ଣ ଭାବରେ ପ୍ରମାଣ କରି ଦେଇଛନ୍ତି। ତାଙ୍କରି ଯୋଗୁଁ ଆଜି ଆମେ ଭାରତବାସୀ ଓ ଆମର ପଡ଼ୋଶୀ ରାଜ୍ୟ ପାକିସ୍ଥାନ ସ୍ୱାଧୀନ ହୋଇ ପାରିଲେ

Digitized by srujanika@gmail.com

ଅଙ୍କୁଶ ହେବ ନାହିଁ । ଅବଶ୍ୟ ତାଙ୍କର ସାଧନା ସଙ୍ଗେ ଲକ୍ଷ ଲକ୍ଷ ଦେଶବାସୀଙ୍କର ତ୍ୟାଗ, ଓ ସାଧନା ଆମକୁ ଆମର ଲକ୍ଷ୍ୟସ୍ଥଳକୁ ପହଞ୍ଚାଇ ପାରିଛି । କିନ୍ତୁ ତାଙ୍କର ଅସାମାନ୍ୟ ନେତୃତ୍ୱ ଆମକୁ ଓ ଆମର ଦେଶପ୍ରେମୀ, ତ୍ୟାଗୀ, କର୍ମୀ ଓ ନେତାମାନଙ୍କୁ ଉଦ୍‌ବୁଦ୍ଧ ଓ ଅନୁପ୍ରାଣିତ କରିଛି ।

ପ୍ରେମଦ୍ୱାରା, ହିଂସାର - ହୃଦୟ ଜୟ କରିବା "ସତ୍ୟାଗ୍ରହ"ର ମୂଳମନ୍ତ୍ର । ସ୍ୱାର୍ଥକୁ ସତ୍ୟାଗ୍ରହଦ୍ୱାରା ଜୟ କରି ହେବ ନାହିଁ ବୋଲି, ବ୍ୟକ୍ତିସ୍ୱାର୍ଥ ଶାସକ-ମାନେ ନିଜର ସ୍ୱାର୍ଥ ଜଳାଞ୍ଜଳି ଦେଇ ଶାସିତମାନଙ୍କୁ ଶାସନଭାର କଦାପି ଫେରାଇ ଦେବେ ନାହିଁ ବୋଲି ଯେଉଁମାନେ କଳ୍ପନା କରୁଥିଲେ, ସେମାନେ ପ୍ରତ୍ୟକ୍ଷପ୍ରମାଣ ପାଇଛନ୍ତି, ଯେ ଆଜି ଇଂରେଜମାନେ ସ୍ୱଇଚ୍ଛାରେ ଭାରତକୁ ସ୍ୱାଧୀନତା ଦେଇଛନ୍ତି ।

ଗାନ୍ଧିଜୀଙ୍କ ରାଜନୈତିକ ପ୍ରଭାବ ବର୍ତ୍ତମାନ କାଳର ବା ଭାରତର ସୀମା ମଧ୍ୟରେ ସୀମିତ ନୁହେ । ମାନବ ଅତି ଆଦିମ କାଳରୁ ଯୁଦ୍ଧର ଭୟଙ୍କରତା ଓ ଅମାନୁଷିକତା ଉପଲବ୍ଧି କରି ଆସୁଛି । ଏପରିକି ମହାଯୋଦ୍ଧା ନେପୋଲିଅନ୍ ସୁଦ୍ଧା ତାଙ୍କର ବିଜୟ ସମୟରେ କହିଥିଲେ "ପୃଥିବୀରେ ଦୁଇଟି ମାତ୍ର ଶକ୍ତି ଅଛି । ଗୋଟିଏ ହେଉଛି ଆତ୍ମଶକ୍ତି ଅନ୍ୟଟି ତରବାରୀର ଶକ୍ତି । କିନ୍ତୁ ଶେଷରେ ଆତ୍ମ-ଶକ୍ତି ତରବାରୀ ଉପରେ ବିଜୟ ପାଇଥାଏ" । ସେଥିପାଇଁ ମନୁଷ୍ୟର ବୁଦ୍ଧିବଳରେ ଯେତିକି ଅଧିକ ମାରାତ୍ମକ ଅସ୍ତ୍ର ଶସ୍ତ୍ର ଉଦ୍ଭାବନ ହେଉଛି, ସେତିକି ଅଧିକ ସର୍ବଗ୍ରାସୀ ଯୁଦ୍ଧର ଭୟାନକତା ଓ ବ୍ୟାପକତା ବଢ଼ୁଛି, ଯୁଦ୍ଧ ପ୍ରତି ସେତିକି ଅଧିକ ଘୃଣା ଓ ଭୟ ମନୁଷ୍ୟ ମନରେ ଜାଗ୍ରତ ହେଉଛି । ସେଥିପାଇଁ ୧୯୧୪ - ୧୮ ସାଲ ପ୍ରଥମ ମହାଯୁଦ୍ଧ ପରେ ରାଷ୍ଟ୍ରସଙ୍ଘ ଗଠିତ ହୋଇଥିଲା ଏବଂ ଗତ ଦ୍ୱିତୀୟ ମହାଯୁଦ୍ଧ ପରେ ମିଳିତ ଜାତିସଙ୍ଘ ଗଠିତ ହୋଇଅଛି । ମହାତ୍ମାଜୀଙ୍କ ପ୍ରଦର୍ଶିତ ପନ୍ଥା ପୃଥିବୀର ସମସ୍ତ ଜାତି ଅନୁସରଣ କରିପାରିଲେ ପୃଥିବୀରୁ ଯୁଦ୍ଧ ବିଗ୍ରହ ସବୁଦିନପାଇଁ ବନ୍ଦ ହୋଇ ବିଶ୍ୱଶାନ୍ତି ପ୍ରତିଷ୍ଠା ହୋଇପାରନ୍ତା । ବିଗତ ମହାଯୁଦ୍ଧ ସମୟରେ ଜେକୋସ୍ଲୋଭାକିଆ, ଫ୍ରାନ୍ସ ଓ ପୋଲାଣ୍ଡ ଦେଶବାସୀଙ୍କୁ ଲକ୍ଷ୍ୟକରି ଗାନ୍ଧିଜୀ ଯେଉଁ ଲେଖାମାନ ଲେଖିଛନ୍ତି, ସେଥିରୁ ଅନେକ କିଛି ଶିଖିବାର ଅଛି । ଗାନ୍ଧିଜୀଙ୍କର ପ୍ରଦର୍ଶିତ ଅହିଂସା ମାର୍ଗ ଅନୁସରଣ କଲେ ପୃଥିବୀରୁ ଯୁଦ୍ଧ ଓ ଅଶାନ୍ତି ଚିରଦିନ ପାଇଁ ନିର୍ବାସିତ ହୋଇ ପାରିବ । କିନ୍ତୁ ଏଥିପାଇଁ ଯେଉଁ ପରିମାଣରେ ସଂଯମ, ସାଧନା ଓ ତ୍ୟାଗ ପ୍ରୟୋଜନ, ସେଥିପାଇଁ ପୃଥିବୀକୁ ପ୍ରସ୍ତୁତ ହେବାକୁ ପଡ଼ିବ । ଏପରି ଦିନ ହୁଏତ ଆସିପାରେ ଯେଉଁଦିନ ଯୁଦ୍ଧକ୍ଳାନ୍ତ ମାନବଜାତି ବୁଝିପାରିବ ଯେ ବସ୍ତୁ-ଯୁଦ୍ଧରେ ଲୋକକ୍ଷୟ, ଧନକ୍ଷୟ ଓ ସର୍ବନାଶ ଘଟେ, ଅହିଂସା, ସଂଯମ ଓ ତ୍ୟାଗର ପଥ ଅଧିକ କାମ୍ୟ । ସେଦିନ କେବେ ଆସିବ କିଏ ଜାଣେ ? କିନ୍ତୁ ଯଦି ସେ ଦିନ ଆସେ, ସେହି ଦିନ ଗାନ୍ଧିଜୀଙ୍କର ଅମର ଆଦର୍ଶର ପୂର୍ଣ୍ଣତା ଆସିବ ।

—x●x—

Digitized by srujanika@gmail.com

## ମୋହନ ଦାସ କରମ ଚାନ୍ଦ ଗାନ୍ଧୀଙ୍କ ବିୟୋଗେ

ଶ୍ରୀ ଶମ୍ଭୁନାଥ ମୋଦକ କାବ୍ୟବିନୋଦ

ଯେଉଁ ମାଟି ଉପରେ ଉଠି ହିମାଚଳ    ମଣ୍ଡିୟ ମହିମା ଗାଏ
ନିତି ସଲିଳ ବକ୍ଷରେ ବହି    ଗଙ୍ଗା ଯମୁନା ଧାଏଁ,
ସେହି ମାଟି ପୁଣ୍ୟ - ଧନ୍ୟ ଯେ ମାଟି    ବିଶ୍ୱ ଆଖିର ଆଗେ
ସେହି ଗରୀୟସୀ ମାଟି କଳଙ୍କ    ବାପୁଜୀ-ରକତ-ଦାଗେ ।
ପ୍ରଣାମ କରେ ଯେ ନର ଦେବତାକୁ    ବକ୍ଷରେ ନିଏ ଟାଣି
ଜଗତ ବାସୀଙ୍କୁ ହାତ ଯୋଡ଼ି ଯିଏ    ଶୁଣାଏ ଜୀବନ ବାଣୀ,
କୁଳବୃଦ୍ଧ ସେ ସ୍ୱର୍ଗ ଆଶୀଷ,    ଯିଏ ଯେ ପୁଣ୍ୟରାଶି
କିଏ ସେ ? କାହାକୁ ଉଠିଲା ହାତରେ ?    ଯନ୍ତ୍ର ଯେ କାର ଆସି ?
ଲଜ୍ଜିତ ମଥା ନୋଇଁ ପଡ଼େ ଲାଜେ,    ଆଖିର ଅନନ୍ତ ଝର
ଦେଇ ବି ଧାରନ୍ତୁ ନ ପାରିବୁ ପୋଛି    ଦେହରୁ କାଳିମା ଡୋର,
ପୃଥିବୀର ପାପ ମୋଚନର ପାଇଁ    ମୁର୍ଚ୍ଛିଲା ଯିଏ ପ୍ରାଣ
ସିଏହିଁ କରିବ ସଂସ୍କାର ତାର    ସେ କରିବ କ୍ଷମା ଦାନ ।
ଉଦୟରେ ତୁମ ଉଇଁଲା ଜଗତେ    ଦେଦୀପ୍ୟମାନ ରବି
ଅହିଂସାର ଏ ଅବତାର ବୋଲି    ପୂଜିଲେ ବିଶ୍ୱ କବି,
ସ୍ୱାଧୀନ କରିଛ ଅଧୀନ ବିଶ୍ୱ    ଆତ୍ମ ତ୍ୟାଗର ବଳେ
ସର୍ବହରାଙ୍କୁ ସମ୍ମାନ ଦେଲ    ମୁକ୍ତ ଜନନୀ କୋଳେ
ତୁମ ଭଗବାନ ଧୂଳିର ଶ୍ରମିକ    ମାଟିର ମଣିଷ ଯିଏ
ତୁମ ଆରାଧ୍ୟ ବଞ୍ଚିତ ଦୀନ    ପୀଡ଼ିତ ଘୃଣିତ ଯିଏ
ବର୍ତ୍ତମାନର ଭକ୍ତ କୁଳ ଏ    ତୁମ ଉଦ୍ଦେଶ୍ୟ ଆଜି
ଝଡ଼ ଦୁର୍ଯୋଗ - ଦଳିତ ଜୀବନ    ଆଣିଛୁ ଅର୍ଘ୍ୟ ସାଜି ।
କେ ତୁମେ ମାନବ ? କାହିଁ ଆସିଥିଲ ?    କି ଅବା ଯାଇଛ ଛାଡ଼ି
ଚିର ଭବିଷ୍ୟ ଗାଇବ ସେ ଗାଥା    ଅତୀତ ଗର୍ବ କାଢ଼ି ।

—୪୦୪—

## ଗାନ୍ଧିଜୀଙ୍କ ଆଦର୍ଶ

ଶ୍ରୀ ନବକିଶୋର ଦାସ

ମଣିଷ ମୃତ୍ୟୁ ଅନିବାର୍ଯ୍ୟ । ମୃତ୍ୟୁ ନାନା ଉପାୟରେ ହୋଇପାରେ । ମାତ୍ର ମଣିଷ ପ୍ରକୃତିର ଅବଶ ମୃତ୍ୟୁକୁ ଏଡ଼ାଇ ଅମରକୁ ଅମୃତର ସ୍ୱାଦ ଦିଏ । ଗାନ୍ଧିଜୀଙ୍କ ମୃତ୍ୟୁ ଯେତେ ଆକସ୍ମିକ ଏବଂ ମର୍ମଭେଦୀ ହେଲେ

Digitized by srujanika@gmail.com

ମଧ୍ୟ, ମୃତ୍ୟୁରେ ମର୍ମାହତ ହେବା ଅନାବଶ୍ୟକ । ବରଂ ମୃତ୍ୟୁ ମଧ୍ୟରେ ଅମୃତ - ସନ୍ଧାନୀ ହେବା ମନୁଷ୍ୟୋଚିତ ।

ଗାନ୍ଧିଜୀ ତାହାଙ୍କ ଦୀର୍ଘ ଜୀବନ ପର୍ଯ୍ୟନ୍ତ ଆଜିର ଆମ୍ଭମାନଙ୍କ ସମାଜ ଓ ରାଷ୍ଟ୍ର ସମ୍ମୁଖରେ ଯେଉଁ କେତେଗୁଡ଼ିଏ ଆଦର୍ଶ ଏବଂ ନୀତି ରଖି ଯାଇଛନ୍ତି, ଯାହାର ଆଲୋଚନା ନିଶ୍ଚୟ ଶୁଭପ୍ରଦ । କାରଣ ଗାନ୍ଧିଜୀ ଏକ ଅତି ଅଦ୍ଭୁତ ଧରଣର ଆଦର୍ଶବାଦୀ । ସେ ଆଦର୍ଶବାଦର ମୂଳଦୃଢ଼ ଭାରତୀୟ ଆଧ୍ୟାତ୍ମିକ ପରମ୍ପରା । ଏହି ଆଧ୍ୟାତ୍ମିକ ପରମ୍ପରାକୁ ଭିତ୍ତି କରି ଗାନ୍ଧିଜୀ ଭାରତରେ କିପରି ଏକ ବ୍ୟାପକ ଆନ୍ଦୋଳନ ସୃଷ୍ଟି କରିଥିଲେ, ତାହାର ମୂଳ ଦର୍ଶନ ଆମ୍ଭମାନଙ୍କର ଆଲୋଚ୍ୟ । କାରଣ ମୋର ବିଶ୍ୱାସ ତାହା ଆମ୍ଭମାନଙ୍କୁ ମୃତ୍ୟୁରୁ ଅମୃତକୁ, ଅନ୍ଧାରରୁ ଆଲୋକକୁ, ଅସତ୍ୟରୁ ସତ୍ୟକୁ, ହିଂସା-ଦ୍ୱେଷରୁ ଅହିଂସା - ପ୍ରେମ ମୈତ୍ରୀକୁ ନେବ ।

ଆଦର୍ଶର ଦାର୍ଶନିକ ଭିତ୍ତି :—

ଗାନ୍ଧିଜୀ ତାହାଙ୍କ ଜୀବନରେ ଦୁଇଟି ଦାର୍ଶନିକ ଚିନ୍ତା ଉପରେ ବେଶୀ ଜୋର ଦେଇଥିଲେ । ତାହାଙ୍କ ଚିନ୍ତାଧାରାର ମୂଳଭିତ୍ତି ଥିଲା ସତ୍ୟ ଏବଂ ଅହିଂସା । 'ସତ୍ୟ'-ପରିକଳ୍ପନା ଗାନ୍ଧିଜୀଙ୍କର କୌଣସି ମୌଳିକ ପରିକଳ୍ପନା ନ ହେଲେ ମଧ୍ୟ, ଏହାକୁ ନେଇ କରି ତାହାଙ୍କର ଜୀବନର ପରୀକ୍ଷା । ସେ ଜୀବନସାରା ସତ୍ୟସନ୍ଧାନୀ ଥିଲେ । ସତ୍ୟ-ସନ୍ଧାନ ତାହାଙ୍କ ଦାର୍ଶନିକ ଭୂମିରୁ ବାସ୍ତବ-କ୍ଷେତ୍ରକୁ ଟାଣି ଆଣିଥିଲା । କାରଣ ସତ୍ୟର ଏକ ସୃଷ୍ଟି-ଛଡ଼ା-ଛିଟ ନାହିଁ । ସତ୍ୟ ଏହି ପରିବର୍ତ୍ତନଶୀଳ ଚର ଚଞ୍ଚଳ ସସୀମ ସଂସାର ମଧ୍ୟରେ ପ୍ରତିଭାତ ଓ ସ୍ଫୁରିତ । ସତ୍ୟର ଏହି ଭିତ୍ତି ଯୋଗୁଁ ସଂସାର ସୁନ୍ଦର ଏବଂ ଶିବମୟ । ସତ୍ୟାର୍ଥୀ ତେଣୁ ଏହି ବ୍ୟାବହାରିକ ଦୁନିଆକୁ ଛାଡ଼ି ପାରିବ ନାହିଁ । ଏହି ସତ୍ୟପ୍ରୀତିର ଆତ୍ମଗାଥା ହେଉଛି ଅହିଂସା । କାରଣ ହିଂସା ଆମେ କାହାକୁ ଦେବା ?

ସବୁଠି ତ ସେହି ସତ୍ୟ ସ୍ଫୁରିତ । ଏହି ଦାର୍ଶନିକ ଭିତ୍ତିକୁ ଆଶ୍ରା କରି ଗାନ୍ଧିଜୀ ତାହାଙ୍କ 'ସତ୍ୟାଗ୍ରହ' ଏବଂ ଅହିଂସା ସଂଗ୍ରାମର ସୂତ୍ରପାତ କରିଥିଲେ । ଗାନ୍ଧିଜୀଙ୍କର ପୃଥିବୀ ଇତିହାସକୁ ସବୁଠାରୁ ବଡ଼ଦାନ ହେଉଛି ଏହି ସତ୍ୟାଗ୍ରହ ବା ଅହିଂସା - ସଂଗ୍ରାମ । ଗାନ୍ଧିଜୀ ତାହାଙ୍କ ଜୀବନ-କାଳ ମଧ୍ୟରେ ଭାରତୀୟଙ୍କ ଭଳି ଏକ ଅସ୍ତ୍ର-ଶସ୍ତ୍ରହୀନ ଜାତିକୁ ଏକ ନୂଆ ଅସ୍ତ୍ର (ଯାହା ସେମାନେ ବି ବ୍ୟବହାର କରିପାରେ) ଦେଇଥିଲେ; ଏବଂ ତାହାରି ବଳରେ ଭାରତୀୟମାନେ ସ୍ୱାଧୀନତା-ସଂଗ୍ରାମରେ ବହୁବର୍ଷ ଧରି ଯୁଦ୍ଧ ଚଳାଇଥିଲେ । ଗାନ୍ଧିଜୀଙ୍କ ସତ୍ୟାଗ୍ରହ ଯୋଗୁଁ ଭାରତ ଔପନିବେଶିକ ଅଧୀନତା ପାଇଲା କି ନାହିଁ, କିମ୍ବା ସତ୍ୟାଗ୍ରହ ଏକ ସମର କୌଶଳ ଭାବରେ ଖୁବ ଫଳପ୍ରଦ କି ନୁହେଁ, ସେ ବିଷୟରେ ମତ ପାର୍ଥକ୍ୟ ଥାଇପାରେ, ହେବା ମଧ୍ୟ ସ୍ୱାଭାବିକ । କାରଣ ଭାରତୀୟଙ୍କ ଭଳି ପରାଧୀନ ଜାତି ଏହି 'ସତ୍ୟାଗ୍ରହ' କୌଶଳର ଆଶ୍ରା ନେଇ ବହୁବାର ସ୍ୱାଧୀନତା ପାଇବା ଲାଗି ବିଦ୍ରୋହ କରିଥିଲେ ମଧ୍ୟ, ପୃଥିବୀର ଅନ୍ୟାନ୍ୟ ଜାତି ଏହି ଆଦର୍ଶ ଗ୍ରହଣ କଲେ ନାହିଁ । ଏପରିକି ଗାନ୍ଧିଜୀ ବଞ୍ଚିଥିବା ବେଳେ ପୃଥିବୀର ଦୁଇଟି ମହାସମର ସଂଘଟିତ ହୋଇଗଲା; ଆବିସିନିଆ, ଚୀନ, ଜାପାନ କିମ୍ବା ଫ୍ରାନ୍ସ, ଇଂଲଣ୍ଡ କେହି ଗାନ୍ଧିଜୀଙ୍କ ଆଦର୍ଶ ଗ୍ରହଣ କରିବାକୁ ଅଗ୍ରସର ହେଲେ ନାହିଁ । ଏପରିକି ତାଙ୍କର ମୁଖ୍ୟ ଶିଷ୍ୟ, ପଟ୍ଟଶିଷ୍ୟମାନଙ୍କ ମଧ୍ୟରେ ମଧ୍ୟ ଏହି ସତ୍ୟାଗ୍ରହ କୌଶଳ କେତେ ଦୂର ଫଳପ୍ରଦ, ସେ ବିଷୟରେ ମତପାର୍ଥକ୍ୟ ରହିଅଛି । ଏହାର ନମୁନା ଆମ୍ଭେମାନେ ନାନା ରାଷ୍ଟ୍ରୀୟ ବ୍ୟାପାରରେ ଦେଖୁଅଛୁଁ । ଏପରି ଅବସ୍ଥାରେ ପାଠକ - ପାଠିକାମାନଙ୍କ ମନରେ ପ୍ରଶ୍ନ ଉଠିବା ସ୍ୱାଭାବିକ ଯେ ଅହିଂସାତ୍ମକ ନୀତି କ'ଣ ବିଫଳ ହେଲା ? ଜାତି ଜାତି ମଧ୍ୟରେ, ଦେଶ ଦେଶ ମଧ୍ୟରେ, କନ୍ଦଳ, କଳହ ମୀମାଂସା କରିବାର ଏକମାତ୍ର ବାଟ 'କ'ଣ ହିଂସାତ୍ମକ ସମର ?

ପୂର୍ଣ୍ଣ କମେ ମଣିଷ ଯେପରି ସ୍ୱାଭାବିକ ମନେହୁଏ

Digitized by srujanika@gmail.com

ଯଥା:— ଆଣବିକ ବୋମାର ଆବିଷ୍କାର କଲାଣି, ତାହିଁରେ ଭବିଷ୍ୟତ ହିଂସାତ୍ମକ ସମରରେ ସମଗ୍ର ଦୁନିଆର ଅର୍ଥାତ୍ ମଣିଷ ସଭ୍ୟତା ଓ ସଂସ୍କୃତିର କି ପରିଣତି ହେବ ? ଏହିସବୁ ସମସ୍ୟା ଭାବିଲେ ତେଣୁ ମନରେ ପ୍ରଶ୍ନ ଆସେ, ଅହିଂସାର ପରୀକ୍ଷା ସମାଜରେ କମ୍ବା ରାଷ୍ଟ୍ରରେ ସଫଳିଲାଣି କି ? ଅବଶ୍ୟ ସମାଜ ଓ ରାଷ୍ଟ୍ରରେ ଅଖଣ୍ଡ ଅହିଂସା ସମ୍ଭବପର ନୁହେଁ, ଏହା ଗାନ୍ଧିଜୀ ନିଜେ ଅନୁଭବ କରୁଥିଲେ; କିନ୍ତୁ ଏହା ବୋଲି ଆମ ସମାଜ ତଥା ରାଷ୍ଟ୍ରରେ ଅହିଂସାର ନାନା କାର୍ଯ୍ୟକାରୀ ପ୍ରୟୋଗ କରାଯାଇ ପାରେ । ତାହାହେଲେ ଗଣତନ୍ତ୍ର ଶାସନ ଏକ ପ୍ରହସନରେ ପରିଣତ ହେବ । କେବଳ ଯେ ଗଣତନ୍ତ୍ର ଶାସନ ପାଇଁ 'ଅହିଂସା' ଦରକାର, ସେତିକି ନୁହେଁ, ସମାଜରେ ବହୁ ସମସ୍ୟା ସମାଧାନ କରିବାକୁ ଅହିଂସାତ୍ମକ ସତ୍ୟାଗ୍ରହ ଫଳପ୍ରଦ ହେବ ବୋଲି ମୋର ଦୃଢ଼ ବିଶ୍ୱାସ । କେବଳ ଗାନ୍ଧିଜୀଙ୍କ ଜୀବନ କାଳରେ ନୁହେଁ, ତାହାଙ୍କ ପୂର୍ବରୁ ମଧ୍ୟ ନାନା ଦେଶରେ ଏହି ପରୀକ୍ଷା କେତେକାଂଶରେ ସଫଳ ହୋଇଥିବା ପ୍ରମାଣ ଇତିହାସରୁ ମିଳେ ।

ଗାନ୍ଧିଜୀ ଭାରତୀୟ ସ୍ୱାଧୀନତା ଅପେକ୍ଷା ବେଶୀ ଦୃଷ୍ଟି ଦେଇଥିଲେ ଏହି ଅହିଂସାତ୍ମକ ସମାଜ ଗଠନ ପାଇଁ । ସ୍ୱାଧୀନତା ଲାଭ ଅହିଂସ ଆଦର୍ଶରୁ ଅତି ସାମାନ୍ୟ କଥା । କାରଣ ଅହିଂସାର କାର୍ଯ୍ୟ, ଗାନ୍ଧିଜୀ ଯେପରି ପରିକଳ୍ପନା କରୁଥିଲେ, ତାହା ଆହୁରି ବ୍ୟାପକ ଏବଂ ଜନ-କଲ୍ୟାଣ-ଦାୟକ । ମାତ୍ର ସେ ସ୍ୱପ୍ନ ଗାନ୍ଧିଜୀଙ୍କର କାର୍ଯ୍ୟରେ ପୂର୍ଣ୍ଣ ପରିଣତ ହୋଇ ପାରିନାହିଁ । ଆମ ନିଜ ଦେଶ, ସମାଜରେ ମଧ୍ୟ ନାନା ସାମାଜିକ, ଏବଂ ଧର୍ମ ସମ୍ପ୍ରଦାୟୀୟ କଳହ, କୋଳାହଳର ମୁନାମାନ ହୋଇଛୁ । ଆମ୍ଭେମାନେ କେତେ ଅହିଂସ ଏବଂ ତାହିଁ ସଙ୍ଗେ ସଙ୍ଗେ ସହନଶୀଳ ମନୋଭାବ (Spirit of toleration) ଦେଖାଇଲେ ଆମ ସମାଜ ଓ ଦେଶର ଭବିଷ୍ୟତ ଯେ କ'ଣ ହେବ, ତାହା ଭାବିବା ମୁସ୍କିଲ । ଚିନ୍ତାରାଜ୍ୟରେ ଗାନ୍ଧିଜୀଙ୍କର ଏହି ଅହିଂସ-ପରିକଳ୍ପନା ସବୁଠାରୁ ପୃଥିବୀକୁ ଶ୍ରେଷ୍ଠ ଦାନ ।

### ଆଦର୍ଶର ଅର୍ଥନୀତିକ ଦିଗ:—

ଦ୍ୱିତୀୟରେ ଗାନ୍ଧିଜୀଙ୍କ ଅର୍ଥନୀତିକ ଚିନ୍ତାଧାରାର କିଛି ଆଲୋଚନା କରିବା ଉଚିତ । ଗାନ୍ଧିଜୀ ବିଂଶ ଶତାବ୍ଦୀର ମହାସମର ଏବଂ ହିଂସା-ତାଣ୍ଡବ ମଧ୍ୟରେ ଯେପରି ଅହିଂସା-ମନ୍ତ୍ର ଉଚ୍ଚାରଣ କରୁଥିଲେ, ସେହିପରି ପୃଥିବୀର ଆଧୁନିକ ଯାନ୍ତ୍ରିକ ଏବଂ ବସ୍ତୁତାନ୍ତ୍ରିକ ସଭ୍ୟତାର ବିରୁଦ୍ଧରେ ଏକ ଦୃଢ଼ ଅଭିଯାନ ମଧ୍ୟ ଆରମ୍ଭ କରିଥିଲେ । ଗାନ୍ଧିଜୀଙ୍କ ପରିକଳ୍ପିତ ଅର୍ଥନୀତିର ମୂଳ କେନ୍ଦ୍ର—ଗ୍ରାମ । କାରଣ ଭାରତ ଗ୍ରାମ-ମୟ । ଗ୍ରାମ ଭାଙ୍ଗି ସହର ସୃଷ୍ଟି କରିବା ଗାନ୍ଧିଜୀଙ୍କର ଉଦ୍ଦେଶ୍ୟ ନଥିଲା, ବରଂ ତାହାଙ୍କ ଅର୍ଥନୀତିକ ଚିନ୍ତାଧାରାର ମୂଳଲକ୍ଷ୍ୟ ଥିଲା ସର୍ବାଙ୍ଗ ସୁନ୍ଦର ଗ୍ରାମ ତିଆରି କରିବା । ସେଥିପାଇଁ ଗାନ୍ଧିଜୀ ନିଜେ ସହର ଛାଡ଼ି ଗ୍ରାମରେ ରହୁଥିଲେ ଏବଂ ନିଜେ ଏକ ଆଦର୍ଶ ଗ୍ରାମବାସୀ ଭାବରେ କାଳ କଟାଇବାକୁ ସର୍ବଦା ଚେଷ୍ଟା କରୁଥିଲେ । ତାହାଙ୍କ ଗ୍ରାମ-ଅର୍ଥନୀତିର ମୂଳ ଯନ୍ତ୍ର ଥିଲା—ଅରଟ ବା ଚରଖା । ଏହି ଅରଟକୁ କେନ୍ଦ୍ର କରି ସେ ସମଗ୍ର ଗ୍ରାମୋଦ୍ୟୋଗର ପୁନର୍ଗଠନ ଚାହୁଁଥିଲେ ଏବଂ ଶିକ୍ଷା ଓ ସଂସ୍କୃତିକୁ ଏହି ଗ୍ରାମ ଦୃଷ୍ଟିରୁ ନିୟନ୍ତ୍ରଣ କରିବାକୁ ଯୋଜନା କରିଥିଲେ । ତାଙ୍କର ଇଚ୍ଛା ଥିଲା ଭାରତର ପ୍ରତ୍ୟେକ ଗ୍ରାମ ଯେତେ ଦୂର ପାରିବ ସ୍ୱାବଲମ୍ବୀ ହେଉ, ଅନ୍ତତଃ ଖାଇବା ଓ ପିନ୍ଧିବାରେ । ତାହାହେଲେ ଜୀବନ ଧାରଣ ପାଇଁ ମଣିଷର ସବୁଠାରୁ ଅସଲ ସମସ୍ୟା ସହଜରେ ସମାଧାନ ହୋଇଯିବ । ଗାନ୍ଧିଜୀ କେବଳ ପରିକଳ୍ପନା କରୁ ନଥିଲେ, ସେ ନିଜେ ତାଙ୍କର ପରିକଳ୍ପନା-ନୁଯାୟୀ ନାନା ଅନୁଷ୍ଠାନ ଗଢ଼ି ବେସରକାରୀ ଭାବରେ ସେହି କାର୍ଯ୍ୟ କରିବାକୁ ଚେଷ୍ଟା କରୁଥିଲେ । ଗାନ୍ଧିଜୀ ଆଶା କରୁଥିଲେ ସ୍ୱାଧୀନତା ପରେ ସ୍ୱାଧୀନ ଭାରତ ସେହି ସବୁ ଆଦର୍ଶରେ ତାହାର ଅର୍ଥନୀତିକ ନୀତି ନିୟନ୍ତ୍ରଣ କରିବ ।

Digitized by srujanika@gmail.com

ପାଶ୍ଚାତ୍ୟର ଆଧୁନିକ ସଭ୍ୟତା ବସ୍ତୁତାନ୍ତ୍ରିକ । ଗାନ୍ଧିଜୀ କିନ୍ତୁ ଥିଲେ ଏହି ସଭ୍ୟତାର ଘୋର ବିରୁଦ୍ଧବାଦୀ । କେବଳ ଏହା ବିରୁଦ୍ଧ ଘୋଷଣା କରି ସେ ନୀରବ ରହିଥିଲେ, ତାହା ନୁହେଁ, ସେ ତା ବଦଳରେ ଏକ ସଭ୍ୟତାର ସୂଚନା ମଧ୍ୟ ତାଙ୍କ ଚିନ୍ତାଧାରାରେ ଦେଇ ଯାଇଛନ୍ତି । ତାହା ଆଧ୍ୟାତ୍ମିକତା । କେବଳ ଆଧ୍ୟାତ୍ମିକତା ନୁହେଁ, ସରଳ ଜୀବନ ଯାପନ ସହିତ ସଙ୍ଗେ ଉଚ୍ଚ ଚିନ୍ତାର ସେ ସମନ୍ୱୟ ଗ୍ରହଣ କରିଥିଲେ । ଏହାହିଁ ପ୍ରାଚୀନ ଭାରତୀୟ ଆଦର୍ଶ ଥିଲା । ଗାନ୍ଧିଜୀଙ୍କ ସେ ଆଦର୍ଶ ଭାରତ କେତେ ଦୂର ଗ୍ରହଣ କରିବ ବା ପ୍ରକୃତରେ ଅନୁସରଣ କରିବ ତାହା ଦେଖିବାକୁ ବାକି ଅଛି । କାରଣ ଗାନ୍ଧିଜୀଙ୍କ ଦୀର୍ଘ ଜୀବନ କଟିଲା ଦାସତ୍ୱ ବିରୁଦ୍ଧରେ ଲଢ଼ି । ସେ ଯେଉଁ ସବୁ ଆର୍ଥ-ନୀତିକ ତଥା ସାଂସ୍କୃତିକ ଆଦର୍ଶ ଜାତି, ଦେଶ ଆଗରେ ରଖିଥିଲେ, ତାହା କାର୍ଯ୍ୟରେ ପରିଣତ ହେବାର ସୁଯୋଗ ନ ଥିଲା, କାରଣ ରାଷ୍ଟ୍ର ଆମମାନଙ୍କ ହାତରେ ନ ଥିଲା । ଭାରତରେ ଭାରତୀୟଙ୍କ ହାତକୁ ଶାସନ କ୍ଷମତା ଆସିଲା ପରେ ଗାନ୍ଧିଜୀଙ୍କ ଆଦର୍ଶକୁ ପରଖି ଦେଖିବାକୁ ପ୍ରକୃତ ସୁଯୋଗ ମିଳିଲା, ମାତ୍ର ଗାନ୍ଧିଜୀ ଆଉ ଆମ ଭିତରେ ନାହାନ୍ତି । କିନ୍ତୁ ତାଙ୍କ ଆଦର୍ଶ ରହିଅଛି; ସେହି ଆଦର୍ଶ କେତେ ଦୂର ଆଧୁନିକ ସମାଜ ତଥା ରାଷ୍ଟ୍ରରେ ଉପଯୋଗୀ ଓ କାର୍ଯ୍ୟକାରୀ, ତାହାର ପ୍ରମାଣ ବର୍ତ୍ତମାନ ଏବଂ ଭବିଷ୍ୟତ ଭାରତ ଉପରେ । କିନ୍ତୁ ମୋର ଦୃଢ଼ ବିଶ୍ୱାସ, ତାହାହିଁ ଭାରତୀୟ ଇତିହାସରେ ସବୁଠାରୁ ଏକ ବଡ଼ ଧରଣର ପରଖ ହେବ ! ତହିଁରେ ଯଥାର୍ଥରେ ଗାନ୍ଧିଜୀଙ୍କ ବ୍ୟକ୍ତିତ୍ୱ, ଆଦର୍ଶ ଓ ଚିନ୍ତାଧାରାର ମୂଲ୍ୟ ସମାଜ ଓ ରାଷ୍ଟ୍ରରେ କଳନା କରାଯାଇ ପାରିବ ।

## ଅଶ୍ରୁ-ତର୍ପଣ

ଶ୍ରୀ ପ୍ରମଥ ନାଥ ଦାଶ

ନଗର ଭିତରୁ-ସୁନେ ଐକ୍ୟ ଗୁଞ୍ଜ' ଶ୍ରେୟ ଆଉ ପ୍ରିୟ
ଅମୋଘ ମୈତ୍ରୀର ମନ୍ତ୍ରେ ଚଣ୍ଡାଳ ବି ବକ୍ଷେ ଟାଣି ନିଅ !
ଧାନେ ନୋଆଖାଲି ଦ୍ରୁ ବନେ ବନେ ଜାଗେ ନବ ଯୁଗର ମୈତ୍ରେୟ
ପୁଣ୍ୟଭୂମେ କା'ର ଦୃଷ୍ଟି ନିର୍ନିମେଷ ଆଜି ?
ହେ ଗାନ୍ଧୀ ମହାରାଜ !

ଅସ୍ଥି ଶୀର୍ଣ୍ଣ କୃଶ ତନୁ ଦୃଢ଼ ଦୀପ୍ତ କୃଶାନୁ ସୁନ୍ଦର
ତ୍ୟାଗର ସ୍ୱରୂପ ଧରେ ମହାବ୍ରତ ନିଷ୍କାମ-ଶଙ୍କର !
କଟି ବାସ ଖଣ୍ଡି ଶୋଭେ ତ୍ରିଂଶ କୋଟି ଦରିଦ୍ର-ନିର୍ଭର
ଧରଣୀର ଧୂଳି ଚୁରେ କେ ବହୁଛି ଲାଜ ?
ହେ ଗାନ୍ଧୀ ମହାରାଜ !

କ୍ଳୀବ କ୍ଷୀଣ ଲକ୍ଷ୍ୟ ହୀନ ଲକ୍ଷ ପ୍ରାଣେ ଦେଇ ବାକ୍ୟ ଯାର
ଢିଲେ ଢଳେ ଅଲକ୍ଷିତେ ଅଗ୍ନିତେଜ କରିଛି ସଞ୍ଚାର
ଝଙ୍କେଲେ ସଂଗୀତ ଧରି ବନ୍ଦୀ ଗାଏ ବନ୍ଦନା ତାହାର !
ମୁକ୍ତ ମନେ କା'ର ଦାନ୍ତା ସମୁଦ୍ୟତ ବାଜ ?
ହେ ଗାନ୍ଧୀ ମହାରାଜ !

Digitized by srujanika@gmail.com

କ୍ରୋଧକୁ ଅକ୍ରୋଧେ ଜିଣି  ଅପ୍ରେମକୁ ପ୍ରେମର ଆଗ୍ରହେ
ଆଲିଙ୍ଗନ ଦେଲ ତୁମେ  ଯେ ବେଦନେ ସର୍ପବିଷେ ଦହେ
ଶକ୍ତି ତାର ଅପ୍ରହତ ଜୀବ- ଯଜ୍ଞେ ଅନନ୍ତ ନିତ୍ୟହେ !
ମାନବ ମୂର୍ତ୍ତିର ଏକ ସମୂର୍ତ୍ତି ବିରାଜ !
ହେ ଗାନ୍ଧୀ ମହାରାଜ !

ଚିର ସ୍ମରଣୀୟ ତୁମେ — ତବ ସ୍ମୃତି ଭରିଅଛି ଜଗତ
ସ୍ୱଦେଶ କୃତାର୍ଥ ହୁଏ ତୁମରି ସ୍ମରଣ କରି ନିତ୍ୟ !
ତୁମରି ସ୍ମରଣ କରି ପୁଣ୍ୟ ଲଭେ ଅଗଣିତ ଭକ୍ତ
ତବ ମୂର୍ତ୍ତି ଧ୍ୟାନ କରି ଧନ୍ୟ ଆଜ ଯେତେ ଅନୁରକ୍ତ !
ଦୂର କରିଗଲ ସଂଶୟୀର ଦ୍ୱିଧା-ଦ୍ୱନ୍ଦ୍ୱ ଆଜ !
ଜୟ ଗାନ୍ଧୀ ମହାରାଜ !

—×○×—

## ମହାତ୍ମା ଗାନ୍ଧିଙ୍କ ଆଦର୍ଶବାଣୀ (ସଂଗୃହୀତ)



ଅହିଂସା ମୋ ନିକଟରେ କେବଳ ଦାର୍ଶନିକ ତତ୍ତ୍ୱ ନୁହେ, ତାହାହିଁ ମୋର ଜୀବନ ସ୍ୱରୂପ। ଜୀବନ ବ୍ୟାପୀ ଅଭିଜ୍ଞତାରୁ ମୋର ଏହି ଦୃଢ଼ ବିଶ୍ୱାସ ଜନ୍ମିଛି ଯେ, ଏକ ମାତ୍ର ଅହିଂସା ପଥରେହିଁ ମାନବ ସମାଜକୁ ରକ୍ଷା କରାଯାଇ ପାରେ। .....

ଯେପରି ଭାବେ ଅଫିମ ପ୍ରସ୍ତୁତ କରିବା ନିୟନ୍ତ୍ରଣ କରାଯାଏ, ସେହିପରି ଭାବେ ମାରଣାସ୍ତ୍ର ପ୍ରସ୍ତୁତ କରିବା ବନ୍ଦ କରାଇବାକୁ ହେବ। ଅଫିମ୍ ଅପେକ୍ଷା ତରବାରିହିଁ ଜଗତରେ ଅତ୍ୟଧିକ ଦୁଃଖ ଆନୟନ କରିଅଛି। .....

ଯେଉଁ ମୁହୂର୍ତ୍ତରେ ନିଷ୍ପେଷଣର ଭୟ ଅନ୍ତର୍ହିତ ହୋଇଯିବ, ସେହି ମୁହୂର୍ତ୍ତରେହିଁ ଅସ୍ତ୍ର ସଜ୍ଜା ଦୁର୍ବହ ଭାର ବୋଲି ମନେ ହେବ। ଜାତିଗୁଡ଼ିକ ପରସ୍ପର ଶୋଷଣରୁ ବିରତ ନ ହେବା ପର୍ଯ୍ୟନ୍ତ ପ୍ରକୃତ ନିରସ୍ତ୍ରୀକରଣ ସମ୍ଭବ ନୁହେ। .....

ଯେଉଁମାନେ ଅହିଂସ ଭାବେ ଯୁଦ୍ଧ କରନ୍ତି ସେମାନେହିଁ ବାସ୍ତବିକ ଅଜେୟ, କାରଣ ମେସିନ ଗନ୍ ବା ରାଇଫେଲ ସଂଖ୍ୟା ଉପରେ ସେମାନଙ୍କ ଶକ୍ତି ଆଦୌ ନିର୍ଭର କରେ ନାହିଁ। ...

ମନୁଷ୍ୟକୁ ଏକାବେଳକେ ଜୀବନରେ ମାରି ଦେଲେ ସେହି ପାପୀକୁ ସଂଶୋଧନ କରିବା ଆଉ ଉପାୟ ଥାଏ ନାହିଁ। ଭଗବାନହିଁ କେବଳ ପ୍ରାଣ ନେଇ ପାରନ୍ତି, କାରଣ ସେହି ଏକା ପ୍ରାଣ ଦାନ ମଧ୍ୟ କରି ପାରନ୍ତି। .....

ମୋ ଜୀବନର ମୂଳମନ୍ତ୍ରର ପ୍ରଥମ ଓ ଅନ୍ତିମ କଥା ହେଉଛି କେବଳ ଅହିଂସା। .....

[illegible]ରେ ସର୍ବାପେକ୍ଷା କଠିନତମ ପଦାର୍ଥ ମୁଦ୍ଧା ତରଳିଯାଏ, ଯଦି ତରଳାଇ ନ ହୁଏ, ବୁଝିବାକୁ ହେବ ସେହି ବହ୍ନିର ଶକ୍ତି ଅତ୍ୟନ୍ତ କମ୍। ..

Digitized by srujanika@gmail.com

ସ୍ୱଦେଶ ପ୍ରେମୀ ସନ୍ତ୍ରାସବାଦୀଙ୍କୁ ମୁଁ ଆନ୍ତରିକ ଶ୍ରଦ୍ଧା କରେଁ । ଯେଉଁ ମାନେ ଦେଶ ପାଇଁ ପ୍ରାଣ ଦେବାକୁ ପ୍ରସ୍ତୁତ, ତାଙ୍କୁ ମୁଁ ମୋର ସମ୍ମାନ ଜ୍ଞାପନ କରେଁ । କିନ୍ତୁ ମୋର ପ୍ରଶ୍ନ ହେଉଛି— ହତ୍ୟା କରିବା କଣ ପୁଣ୍ୟ କର୍ମ ?

ଶାରୀରିକ ସାମର୍ଥ୍ୟହିଁ ଶକ୍ତିର ଉପାଦାନ ନୁହେ । ଅଦମ୍ୟ ଇଚ୍ଛାହିଁ ହେଉଛି ତାହାର ଜୀବନ । ......

ଅସ୍ତ୍ର ଯେତେବେଳେ ହାତରୁ ଫିଙ୍ଗି ଦେଇଅଛି, ସେତେବେଳେ ଶତ୍ରୁକୁ ଅନ୍ତରର ପ୍ରେମ ଛଡ଼ା ଆଉ କଣ ଦେଇପାରେଁ ? ......

ମନ ଭିତରେ ଲୋଭ ନ ଥିଲେ, ଅସ୍ତ୍ରର ପ୍ରୟୋଜନ ହୁଅନ୍ତା ନାହିଁ । ......

ପୃଥିବୀର ଦୀନତମ ମନୁଷ୍ୟ ଯାହାଁ ଭୋଗ କରିବାକୁ ପାଏ ନାହିଁ, ପ୍ରକୃତ ଅହିଂସା ବ୍ରତୀ ପକ୍ଷରେ ତାହା ଆକାଂକ୍ଷା କରିବା ଅତ୍ୟନ୍ତ ଅନ୍ୟାୟ । ......

କ୍ରୋଧରେ ଉନ୍ମତ୍ତ ହେଲେ କୌଣସି ପ୍ରକାରେ ଲାଭ ହୁଏନାହିଁ । କ୍ରୋଧରୁ ଆକ୍ରୋଶ ଜନ୍ମେ । ଆଉ ଆକ୍ରୋଶର ଫଳରେହିଁ ବିଭତ୍ସ ଘଟଣା ସଂଘଟିତ ହୁଏ ।...

ଭାରତବର୍ଷ ତ' ପୃଥିବୀର ଉପହାସର ପାତ୍ର ହୋଇ ଉଠିଛି । ପୃଥିବୀର ଲୋକେ ପଚାରୁଛନ୍ତି, ଆଜି କାହିଁ ତୁମର ସେହି ଅହିଂସା —ଯେଉଁ ଅହିଂସା ଦ୍ୱାରା ତୁମେ ତୁମର ସ୍ୱାଧୀନତା ଅର୍ଜନ କରିଅଛ ? ଏହି ପ୍ରଶ୍ନ ଶୁଣି ଲଜ୍ଜାରେ ମୋର ମୁଣ୍ଡ ତଳକୁ ପୋତି ହୋଇ ପଡ଼ୁଅଛି । ସ୍ୱାଧୀନ ଭାରତ ପୃଥିବୀକୁ କଣ ଶାନ୍ତିର ଶିକ୍ଷା ଦେବ- ଅଥବା ଯେଉଁ ହିଂସା, ଯେଉଁ ଘୃଣାରେ, ପୃଥିବୀ ମୃତ ପ୍ରାୟ ହୋଇ ଉଠିଛି, ଭାରତ ସୁଦ୍ଧା ପୃଥିବୀକୁ କଣ ସେହି ଭୟଙ୍କର କଥାହିଁ ଶୁଣାଇବ ?

...ମୋର ବିଶ୍ୱାସ, ଭ୍ରାନ୍ତି ଧାରଣାର ଫଳରେହିଁ ଆମର ଅଧିକାଂଶ ଦୁଃଖ ଉପସ୍ଥିତ ହୋଇ ଥାଏ । ଖୁବ୍ ଭାବିଚିନ୍ତି ଆମର କଥା କହିବା ଉଚିତ । ଅନ୍ୟଥା ଗୋଟିଏ କଥା ସୁଦ୍ଧା କହିବାର ନୁହେ । ଆମରଚିନ୍ତା ଆମର କଥାରେହିଁ ଯଥାଯଥ ଭାବରେ ପ୍ରତିଫଳିତ ହେବା ଉଚିତ; ଏବଂ ସେହି କଥା କର୍ମରେହିଁ ରୂପାନ୍ତରିତ ହେବା ବିଧେୟ ।

ମୋର ପୁନର୍ବାର ଜନ୍ମ ଗ୍ରହଣ କରିବା ଇଚ୍ଛା ନାହିଁ । କିନ୍ତୁ ଯଦି ପୁନର୍ବାର ଜନ୍ମ ଗ୍ରହଣ କରେଁ, ତାହାହେଲେ ମୋର ଜନ୍ମ ଯେପରି ଅସ୍ପୃଶ୍ୟ ମାନଙ୍କ ମଧ୍ୟରେହିଁ ହୁଏ, ଯଦ୍ୱାରା ମୁଁ ସେମାନଙ୍କ ଅସୁବିଧାର ଅଂଶ ଗ୍ରହଣ କରିପାରିବି, ସେମାନଙ୍କ ମୁକ୍ତି ପାଇଁ ଶ୍ରମ ସ୍ୱୀକାର କରି ପାରିବି । ......

କର୍ମୀମାନଙ୍କ ମନରୁ ମୃତ୍ୟୁ ଭୟ ଦୂର କରିବାକୁ ହେବ ଏବଂ ଯେଉଁମାନେ ବିରୋଧୀତା କରିବେ ସେମାନଙ୍କ ଚିତ୍ତ ଜୟ କରିବାକୁ ହେବ । ଏହି ଚେଷ୍ଟା ଫଳରେ ହୁଏତ କେତେକ ଜଣଙ୍କୁ ଜୀବନ ହରାଇବାକୁ ସୁଦ୍ଧା ପଡ଼ି ପାରେ । ...

ମୁଁ ଯଦି ଆଲୁଅ ଦେଖିବାକୁ ପାଏଁ, ଯେଉଁମାନେ ଦୁର୍ଭୋଗ ଭୋଗୁଛନ୍ତି, ସେମାନେ ମଧ୍ୟ ସେହି ଆଲୁଅ ଅବଶ୍ୟ ଦେଖିବାକୁ ପାଇବେ । ପ୍ରୟୋଜନ ହେଲେ ଦୁଇ ସଂପ୍ରଦାୟ ମଧ୍ୟରେ ସମ୍ପ୍ରୀତି ସ୍ଥାପନ କରିବା କାମରେହିଁ ମୁଁ ଜୀବନ ବିସର୍ଜନ କରିବି !

ଶାସକ ସଂପ୍ରଦାୟର ହିଂସା ଦ୍ୱାରା [illegible] ରଖିବା ଅପେକ୍ଷା ହିଂସା ଦ୍ୱାରା ଭାରତକୁ ଯଦି ସ୍ୱାଧୀନ କରନ୍ତେ, ତେବେ ତାହା ସୁଦ୍ଧା ଭଲ । କିନ୍ତୁ ଏହା ଅସମ୍ଭବର କଳ୍ପନା ମାତ୍ର, କାରଣ ହିଂସାଦ୍ୱାରା ଭାରତ କଦାପି ସ୍ୱାଧୀନ ହୋଇ ପାରିବ ନାହିଁ । କେବଳ ଆତ୍ମାର ଶକ୍ତି ଦ୍ୱାରାହିଁ ପ୍ରବଳ ଲୋକ ସମ୍ପଦ ଏବଂ ଏହାହିଁ ଭାରତର ଉପଯୁକ୍ତ ଅସ୍ତ୍ର । ପ୍ରୀତି ହେଉଛି ସେହି ଅସ୍ତ୍ର, ସତ୍ୟହିଁ ତାହାର ଶକ୍ତି, ଏହାହିଁ ସତ୍ୟାଗ୍ରହ । ......

Digitized by srujanika@gmail.com

ସତ୍ୟ ତ ସୂର୍ଯ୍ୟ ଅପେକ୍ଷା ସୁଦ୍ଧା ଉଜ୍ଜ୍ୱଳ । ଧନେ ତାହାର ପ୍ରକାଶ ହେବହିଁ ହେବ ! ସତ୍ୟକୁ ପାଳନ କରିବା ଅବଶ୍ୟକ ହୁଏ ନାହିଁ । ସତ୍ୟର ଅତିରଞ୍ଜନ ନାହିଁ, ସତ୍ୟକୁ ଘୋଟି କରା ଯାଇ ପାରେ ନାହିଁ; ଶିଶୁମାନେ କ୍ରୀଡ଼ା ଛଳରେ ସୂର୍ଯ୍ୟକୁ ଆଡ଼ୁଆଳ କରନ୍ତି, କିନ୍ତୁ ସୂର୍ଯ୍ୟ ସେଥିରେ ଢାଙ୍କି ହୋଇ ଯାଏ ନାହିଁ । ...

ଅହିଂସା ଭିତ୍ତିରେ ଗଠିତ ସମାଜରେ ଅଧୀର ହୋଇ କେହି ଅପରର ଧ୍ୱଂସର ଅଯୋଜନ କରି ପାରେ ନାହିଁ । କାରଣ ଦୁଷ୍କୃତକାରୀ ନିଜ ସଂଶୋଧନ ନ କଲେ ନିଜକୁହିଁ ଧ୍ୱଂସ କରିବାକୁ ବାଧ୍ୟ ହୁଏ । ଅନ୍ୟାୟ ନିଜ ଶକ୍ତିରେ କଦାପି ବଞ୍ଚି ରହି ପାରେ ନାହିଁ । ......

ମୋର ମୃତ୍ୟୁ ଆଡ଼କୁ ଚାହିଁ, ମୁଁ ମୋର ଉଦ୍ଦେଶ୍ୟ ସାଧନ ପାଇଁ କୃତ ସଂକଳ୍ପ । ହୁଏ ତ ମୁଁ ମୋର ଲକ୍ଷ୍ୟ ସ୍ଥଳରେ ପହଞ୍ଚିବି ଅଥବା ଏହିଠାରେ ହିଁ ପ୍ରାଣ ବିସର୍ଜନ କରିବି । ...

ଯଦି ଭାରତର ହିନ୍ଦୁ-ମୁସଲମାନ ଓ ଅନ୍ୟାନ୍ୟ ସଂପ୍ରଦାୟ ପରସ୍ପର ବନ୍ଧୁ ରୂପେ ବସବାସ କରିବା ଆରମ୍ଭ କରନ୍ତି, ଏବଂ ପୋଲିସ ଓ ସୈନ୍ୟଦଳଙ୍କୁ କୌଣସି କ୍ଷେତ୍ରରେ ଆଉ ଅସ୍ତ୍ର ବ୍ୟବହାର କରିବାକୁ ନ ହୁଏ, ତାହାହେଲେ ତାହା କ୍ଳେଶ ବା ଆନନ୍ଦର ବିଷୟ ନ ହୁଅନ୍ତା । ସର୍ବ କ୍ଷେତ୍ରରେ ଆମ୍ଭେ ଗୁଣ୍ଡା-ମାନଙ୍କୁ ଦୋଷ ଦେବାରେ ଅଭ୍ୟସ୍ତ, କିନ୍ତୁ ଆମ୍ଭେହିଁ ଏହି ଗୁଣ୍ଡାମାନଙ୍କୁ ସୃଷ୍ଟି କରିଅଛୁଁ ଏବଂ ସେମାନଙ୍କୁ ଉତ୍ସାହ ଦେଇଅଛୁଁ । ପ୍ରତ୍ୟେକ ଅପକାର୍ଯ୍ୟର ଦୋଷାବଳି ଗୁଣ୍ଡାମାନଙ୍କ ଉପରେ ଲଦାଇବା ଠିକ୍ ନୁହେଁ । ...

କଳ୍ପିତ ତଉଲରେ ଅତ୍ୟାଚାରର ପରିମାଣ ବିଚାର ସମ୍ଭବ ନୁହେଁ । କୌଣସି ପକ୍ଷରେ ଦୋଷ କେତେ ବେଶୀ ବା କମ୍ ତାହା ବିଚାର କରିବା ପାଇଁ ତଥ୍ୟ ପ୍ରମାଣ ଆମ ହାତରେ ନାହିଁ ସତ, ତଥାପି ଏତିକି କହିଲେ ଯଥେଷ୍ଟ ହେବ ଯେ ଏହି ପ୍ରସଙ୍ଗରେ ଉଭୟ ପକ୍ଷହିଁ ସମାନ ଦୋଷୀ । ଏପରି ଅବସ୍ଥାରେ ଏକ ବାସ୍ତବ ରାଜନୀତିରେ ଉପନୀତ ହେବାକୁ ହେଲେ, ଉଭୟ ରାଷ୍ଟ୍ରକୁହିଁ ନିଜ ନିଜ ଦୋଷ ତ୍ରୁଟି ସହଜ ଓ ସଂପୂର୍ଣ୍ଣ ଭାବେ ସ୍ୱୀକାର କରି ଏକ ଆପୋଷ ମୀମାଂସା ସନ୍ଧିରେ ପହଞ୍ଚିବାକୁ ପଡ଼ିବ । ....

## ପୁଣ୍ୟାତ୍ମା ବାପୁଜୀ

ଶ୍ରୀ ଲକ୍ଷ୍ମୀନାରାୟଣ ଗୁରୁ

ବର୍ତ୍ତମାନ ଯୁଗରେ ଯେତେବେଳେ ସ୍ୱାର୍ଥାନ୍ଧ ମାନବ ପରପୀଡ଼ନ ଓ କୂଟନୀତି ପ୍ରୟୋଗରେ ନିଜର ସୁଖ-ସମୃଦ୍ଧି ଓ ଆତ୍ମଗୌରବ ବୃଦ୍ଧି କରୁଅଛି, ଦେହାତ୍ମବୋଧର ପ୍ରାବଲ୍ୟରେ ଦର୍ପାଭିମାନ, ହିଂସା ଦ୍ୱେଷ ଓ ଶଠତାର ଆଶ୍ରୟ ନେଇ ପରସ୍ପର ମଧ୍ୟରେ ବିବାଦ, ବିସମ୍ବାଦ, ଯୁଦ୍ଧବିଗ୍ରହ, ଅଶାନ୍ତି ଅଭିଯୋଗ ସୃଷ୍ଟି କରୁଅଛି, ପ୍ରବଳ ଜାତିମାନଙ୍କ ଅତ୍ୟାଚାରରେ ଦୁର୍ବଳ ଜାତି ପଦେ ପଦେ ନିର୍ଯ୍ୟାତନ, ବିପଦ ଓ ଅପମାନ ଭୋଗ କରୁଅଛି, ଏପରି ଏକ ଉତ୍ପୀଡ଼ିତ ଯୁଗରେ, ସୃଷ୍ଟିର ଏପରି ଏକ ବିପର୍ଯ୍ୟସ୍ତ ପରିସ୍ଥିତିରେ, ସୃଷ୍ଟିକର୍ତ୍ତାଙ୍କ ପ୍ରେରିତ ଧରାଧାମକୁ ଆସିବାର ଥିଲା, ଏହା ସ୍ୱତଃ ପ୍ରତୀୟମାନ ହୁଏ । ବାପୁଜୀ ମହାତ୍ମାଗାନ୍ଧିଙ୍କ ଜୀବନୀ ପର୍ଯ୍ୟାଲୋଚନା ତଥା ତାଙ୍କର ଅମାନୁଷିକ କାର୍ଯ୍ୟକଳାପ, ତାଙ୍କର ନିର୍ଲିପ୍ତ ବ୍ୟକ୍ତିତ୍ୱ ଓ ଚରିତ୍ରନିଷ୍ଠା, ଅସାଧାରଣ ପ୍ରତିଭା ଓ ପ୍ରଭାବ ପ୍ରଭୃତି ଚିନ୍ତା କଲେ ମନେହୁଏ, ଏହି ପୀଡ଼ିତ ଜଗତର ଦୁଃଖ ଦୂର

Digitized by srujanika@gmail.com

କରିବାକୁ, ଏହି ଅନ୍ଧ, ନିଦ୍ରିତ ଓ ଅସ୍ପୃଶ୍ୟଙ୍କ ଦୁନିଆକୁ ଚକ୍ଷୁଷ୍ମାନ୍; ଜାଗ୍ରତ ଓ ପ୍ରବୁଦ୍ଧ କରିବାକୁ ଶ୍ରୀଭଗବାନଙ୍କ ଗାନ୍ଧୀରୂପେ ଏହି ପୁଣ୍ୟଧାମରେ ଅବତୀର୍ଣ୍ଣ ହୋଇଥିଲେ । "ଧର୍ମସଂସ୍ଥାପନାର୍ଥାୟ ସମ୍ଭବାମି ଯୁଗେ ଯୁଗେ" ଶ୍ଳୋକର ଏହି ପୁଣ୍ୟବାଣୀ ମହାତ୍ମାଜୀଙ୍କ ଜୀବନରେ ସ୍ୱର୍ଣ୍ଣ ଅକ୍ଷରେ ଅକ୍ଷରେ ପ୍ରମାଣିତ ହୋଇଅଛି । ଆଧୁନିକ ଭାରତର ସର୍ବଶ୍ରେଷ୍ଠ ନେତା ସୁବିଖ୍ୟାତ ରାଜନୀତିଜ୍ଞ ମନୀଷୀବର୍ଯ୍ୟ ପଣ୍ଡିତ ଜବାହାରଲାଲ ନେହେରୁ ମହାପୁରୁଷ ଗାନ୍ଧୀଙ୍କ ସମ୍ବନ୍ଧେ କହିଛନ୍ତି, 'ରକ୍ତ-ମାଂସର ଶରୀର ଧାରଣ କରି ସେ ଯେ ମହାତ୍ମା-ଗାନ୍ଧୀଙ୍କ ସଙ୍ଗ ଲାଭ କରିପାରିଥିଲେ ଏହାହିଁ ତାଙ୍କର ଗର୍ବର ବସ୍ତୁ ।' ଏହାର ଅର୍ଥ ଏହି ଯେ, ସ୍ଥୂଳ ପ୍ରପଞ୍ଚମୟ ଦେହରେ ସ୍ୱପ୍ନାତୀତ ପରମାର୍ଥ ବସ୍ତୁ ଲାଭ ତାଙ୍କର ଭାଗ୍ୟରେ ଘଟିଥିଲା । ପଣ୍ଡିତ ନେହେରୁଙ୍କ ଭଳି ସୂକ୍ଷ୍ମତତ୍ତ୍ୱଦର୍ଶୀ ମନୀଷୀଙ୍କର ଏହି ମତ ନିର୍ବିବାଦରେ ବାପୁଜୀଙ୍କ ଈଶ୍ୱରତ୍ୱ ପ୍ରତିପାଦିତ କରେ । ଏପରି ସ୍ଥଳେ ମହତୋମହୀୟାନ୍ ବାପୁଜୀଙ୍କର ମହନୀୟ ଚରିତ୍ରର ବିଶଦ ବିଶ୍ଳେଷଣ ସାଧାରଣ ମାନବର ଯେ ସାଧ୍ୟାତୀତ ଏହା ସ୍ପଷ୍ଟ ଅନୁମିତ ହେବ । ତେବେ ମାନବ ଜଗତକୁ ବାପୁଜୀ ସାମାଜିକ ଓ ରାଜନୈତିକ ଜୀବନର ଯେଉଁ ଉଚ୍ଚକୋଟୀର ଆଦର୍ଶ ତଥା ନିତ୍ୟାଚରଣୀୟ ଚିନ୍ତା-ଶୃଙ୍ଖଳା ଯେଉଁ ନୀତି ଓ ଉପଦେଶାବଳୀ ପ୍ରଦାନ କରିଯାଇଅଛନ୍ତି, ତହିଁରୁ ତାଙ୍କର ଅସାଧାରଣ ଓ ଅମାନୁଷିକ ଚରିତ୍ରବତ୍ତାର ପ୍ରମାଣ ମିଳିବ । ତାଙ୍କର ନୀତି ବା ଉପଦେଶାବଳୀ କୌଣସି ଅବୋଧ୍ୟ ଦୁରଧିଗମ୍ୟ ବା ଅଚିନ୍ତ୍ୟ ବସ୍ତୁ ବିଶେଷ ନ ହେଲେହେଁ ସୂକ୍ଷ୍ମଦୃଷ୍ଟି କୋଣରୁ ପ୍ରଚ୍ଛନ୍ନ ନର-ବିଗ୍ରହ ଈଶ୍ୱର ବିଶେଷ ଥିବାରୁ ସେ ସ୍ୱୟଂ ଥିଲେ ଅବୋଧ ଦୁରଧିଗମ୍ୟ ଓ ଅଚିନ୍ତ୍ୟ । ଏହି ଯୁଗାବତାର ଋଷି ମାନବ-ଦେବତା ଏହି ପୁଣ୍ୟ ଭାରତ ଭୂମିରେ ଅବତୀର୍ଣ୍ଣ ହୋଇ ଦୀର୍ଘ ଅଣାଅଶୀ ବର୍ଷ ଧରି ତାଙ୍କର ଅଚିନ୍ତ୍ୟ ଶକ୍ତିରେ ପୃଥିବୀର କଳିକଳୁଷିତ ବିଷାକ୍ତ ବାୟୁମଣ୍ଡଳକୁ ଅମୃତମୟ ଓ ପୀଡିତ ଜଗତକୁ ସୁଖୀ, ଶାନ୍ତ, ଉନ୍ନତ, ଉଜ୍ଜ୍ୱଳ ଓ ସନ୍ତୋଷମୟ କରି ଗତ ଜାନୁୟାରୀମାସ ୩୦ ତାରିଖରେ ତିରୋହିତ ହୋଇଅଛନ୍ତି । ତାଙ୍କର ତିରୋଧାନରେ ସମଗ୍ର ଜଗତ୍ ଗଭୀର ଶୋକାକୁଳ ହୋଇ ପଡ଼ିଛି । ପ୍ରାଣର ପ୍ରିୟତମ ବସ୍ତୁକୁ କେଉଁଠି ହରାଇ ଦେଇ ସମସ୍ତେ ଯେପରି ଅନ୍ଧକାରରେ ତାକୁ ଖୋଜିବାରେ ଲାଗିଛନ୍ତି ।

ଅବସାଦ ଗ୍ରସ୍ତ ଶୋକାକୁଳ ଜଗତ୍ ତାଙ୍କର ଅଭାବ ଅତି ତୀବ୍ର-ଭାବେ ଅନୁଭବ କରୁଛି । କିନ୍ତୁ ବିଧିର ଅନୁକମ୍ପା ଆଜି ଶାନ୍ତି ଅନ୍ୱେଷଣ କରୁଛି । ସୁତରାଂ କିପରି ସମ୍ପ୍ରତି ଧରଣୀରେ ତାଙ୍କର ଚିନ୍ମୟୀ ଅପାଶୋଷସ୍ମୃତି ଚିର ଜୀବନ୍ତ ରଖାଯାଇ ତହିଁରୁ ସାନ୍ତ୍ୱନା ଲାଭ କରାଯାଇ ପାରେ, ଏହି ଭାବନା ସମସ୍ତଙ୍କର ହୃଦୟ ଉଦ୍‌ବେଳିତ କରୁଅଛି । ସେହି ବିନୟ ବିଶ୍ୱାତ୍ମା, ବିଶ୍ୱବିଜେତା, ବିଶ୍ୱପିତା, ବିଶ୍ୱଗୁରୁ ଆଜି ପ୍ରତ୍ୟେକ ହୃଦୟରେ ସ୍ପନ୍ଦିତ ହେଉଛନ୍ତି ।

ବାପୁଜୀଙ୍କର ଜୀବନର ପ୍ରଧାନ ଲକ୍ଷ୍ୟ ଥିଲା, ପରାଧୀନତାର ନିଗଡ ବନ୍ଧନରୁ ଦୁର୍ବଳକୁ ରକ୍ଷା କରି ତାକୁ ତାର ଜନ୍ମଗତ ଅଧିକାର ସ୍ୱାଧୀନତା ଦେବା ଏବଂ ସତ୍ୟ, ଅହିଂସା ଓ ସାର୍ବଜନୀନ ପ୍ରେମରେ ପ୍ରଥମେ ଭାରତକୁ ଐକ୍ୟବଦ୍ଧ କରି ଓ ସେହି ଆଦର୍ଶ ଜଗତକୁ ଦେଖାଇ ଶେଷରେ ସମଗ୍ର ଜଗତକୁ ଏକ ବିରାଟ ଭ୍ରାତୃଗୋଷ୍ଠୀରେ ପରିଣତ କରିବା । ତାଙ୍କର ଏହି ଲକ୍ଷ୍ୟ କେତେକାଂଶରେ ପୂର୍ଣ୍ଣ ହୋଇ ସମ୍ପୂର୍ଣ୍ଣ ହେବାର ନିଶ୍ଚିତ ପଥ [illegible] ହୋଇ ପାରିଥିବାର ଯେତେବେଳେ ସେ ଦେଖିଛନ୍ତି, ଇହଧାମରୁ ସେ ବିଦାୟ ଗ୍ରହଣ କରିଛନ୍ତି !

ସ୍ୱାଧୀନ ଭାରତର ସେ ଥିଲେ ଯୋଗ୍ୟ ପିତା ଓ ସୃଷ୍ଟି-କର୍ତ୍ତା, ସତ୍ୟ ଓ ଅହିଂସାର ଅମୋଘ ଅସ୍ତ୍ରରେ ବିନା ରକ୍ତପାତରେ ପୃଥିବୀର ଏକ ପ୍ରବଳ ପରାକ୍ରାନ୍ତ ଶକ୍ତିର ହାତରୁ ସେ ଭାରତର ସ୍ୱାଧୀନତା ହାସଲ କରିଥିଲେ । ଦୀର୍ଘ ତିରିଶ ବର୍ଷ ଧରି ତାଙ୍କର ସ୍ୱାଧୀନତା ସଂଗ୍ରାମ ଚାଲିଥିଲା । ତାଙ୍କ ନିଜ ସ୍ୱାର୍ଥପରତା ସମ୍ମୁଖରେ ଆସି

Digitized by srujanika@gmail.com

କୋଟି କୋଟି ଲୌହଖଣ୍ଡ ଶୁଦ୍ଧ କାଞ୍ଚନରେ ପରିଣତ ହୋଇ ଯାଉଥିଲେ । ଐଶୀଶକ୍ତିଶାଳୀ ତାଙ୍କର ଈକ୍ଷଣ, ଇଙ୍ଗିତ, ଓ ଦୃଢ଼ଭାର ବୈଦ୍ୟୁତିକ ପ୍ରଭାବରେ ସେ ଦରିଦ୍ରଠାରୁ କୋଟୀଶ୍ୱର ପର୍ଯ୍ୟନ୍ତ ସମସ୍ତଙ୍କୁ ମୁହୂର୍ତ୍ତିକେ ମୁଗ୍ଧ କରି ସେମାନଙ୍କୁ ନେଇ ତାଙ୍କର ଅହିଂସ-ସତ୍ୟା-ଗ୍ରହ-ବାହିନୀ ଗଠନ କରିଥିଲେ । ସେତେବେଳେ ଏକ ହୋଇ ମଧ୍ୟ ସେ ସମସ୍ତଙ୍କ ଶରୀରରେ ଶକ୍ତି ସଞ୍ଚାର କରି ଯେପରି ଅନେକ ହୋଇ ପଡ଼ିଥିଲେ । ଶକ୍ତ୍ୟବନ୍ଧ ଭାରତର ଏହି ପ୍ରବଳ ଗଣ-ଆନ୍ଦୋଳନ ଦମନ କରିବାକୁ ଯାହାଙ୍କ ପାଖେ ଯାହା ସମସ୍ତ ଉପାୟ ଶକ୍ତି ଓ ଯନ୍ତ୍ର ପ୍ରୟୋଗ କରିଥିଲା । ମାତ୍ର ଅହିଂସ ସତ୍ୟାଗ୍ରହ ଏହି ହିମାଳୟ ସଦୃଶ ବାଧା ବନ୍ଧନକୁ ମଧ୍ୟ ଲଙ୍ଘନ କରି ପରିଶେଷରେ ତାର ଅବଶ୍ୟମ୍ଭାବୀ ବିଜୟ ଲାଭ କଲା । ଜଗତ ଏଥିରେ ସ୍ତମ୍ଭିତ ଓ ମୁଗ୍ଧ ହୋଇ ରହିଲା ।

ଏହାଦ୍ୱାରା ଭାରତର ସ୍ୱାଧୀନତା କେବଳ ଯେ ହାସଲ ହେଲା ଏତିକି ନୁହେଁ, ଜଗତକୁ ମହାତ୍ମାଗାନ୍ଧୀ ଶିକ୍ଷା ଦେଲେ, ଯେଉଁ ରାଜନୀତି ହିଂସାଭାବଦ୍ୟୋତକ ଓ କୂଟନୀତିଦୁଷ୍ଟ ଏବଂ ଯହିଁରେ ଧର୍ମ ଅହିଂସାର ମୂଲ୍ୟ ସ୍ଥାନ ନାହିଁ, ତାହା କ୍ଷଣଭଙ୍ଗୁର ମାତ୍ର, ତାହା କେବେହେଁ ସ୍ଥାୟୀ ଶାନ୍ତିକର ସାର୍ବଜନୀନ ଧର୍ମ ଦାନୀତ ହୋଇ ନ ପାରେ । ଶାସକ ସମ୍ପ୍ରଦାୟ ସତ୍ୟ ଓ ଅହିଂସାନୁପ୍ରାଣିତ ହୋଇ ଜାତି, ଧର୍ମ ଓ ବର୍ଣ୍ଣ ନିର୍ବିଶେଷରେ ଭ୍ରାତୃତ୍ୱ ଚିନ୍ମୟରେ ଜାଗତିକ ଶୃଙ୍ଖଳା ରକ୍ଷା କରିବାକୁ ଚେଷ୍ଟା କଲେ ପୃଥିବୀରେ ସ୍ଥାୟୀ ଶାନ୍ତି ସ୍ଥାପନ କରି ପାରିବେ । ପ୍ରତ୍ୟେକ ବ୍ୟକ୍ତିଗତ ମାନବକୁ ମଧ୍ୟ ସେ ଯହିଁରେ ଏହା ଶିକ୍ଷା ଦେଲେ, ସତ୍ୟ ଓ ଅହିଂସାଚରଣ ଯାହା କେବଳ ନୀତିମୟ ଜୀବନାନୁସରଣରୁ ହିଁ ବିକଶିତ ହୋଇଥାଏ ଓ ଯାହା ପରିଶେଷରେ ଅବିଦ୍ୟାଜଡ଼ିତ ଜୀବାତ୍ମାକୁ ସତ୍ୟ ଶିବ ସୁନ୍ଦରର ସନ୍ଧାନ ଦେଇ, ତାକୁ ଜାଗତିକ ମୋହବନ୍ଧନରୁ ମୁକ୍ତ କରି ସେହି ସଚ୍ଚିଦାନନ୍ଦର ଅମଳ କମଳଚରଣର ସେବାଧିକାର ପ୍ରଦାନ କରିପାରେ ତାହାହିଁ ତାର ଦୈନନ୍ଦିନ ଉପାସ୍ୟବସ୍ତୁ ହେବା ଅବଶ୍ୟକ । ଯେତେବେଳେ ତାର ଏବଂବିଧ ନୀତିମୟ ଜୀବନର ଉନ୍ମେଷ ଆସିବ ଓ ତାହା କ୍ରମଶଃ ସାଧନାର ଉଚ୍ଚତମ ସୋପାନରେ ଅଧିଷ୍ଠିତ ହେବ, ସେତେବେଳେ ଏହି ପୃଥିବୀ ଯେ ଏକ ଅପାର୍ଥିବ ବସ୍ତୁରେ ପରିଣତ ହୋଇପାରିବ ଏଥିରେ ସନ୍ଦେହ କ'ଣ ?

ମହାତ୍ମାଗାନ୍ଧୀଙ୍କ ପକ୍ଷେ ଏହି ବିଜୟଲାଭ ଅବଶ୍ୟ କମ୍ ଗୌରବର ବସ୍ତୁ ନ ଥିଲା । ଗୌରବ ବା ପ୍ରଶଂସା ସେ ମୋଟେ ଖୋଜୁ ନ ଥିଲେ । ତାଙ୍କର ଅଦ୍ଭୁତ ସାଧନାରେ ଖୋଜୁଥିଲେ କେବଳ ତାଙ୍କରି ପ୍ରେମ ଓ ଆଶୀର୍ବାଦ, ଯାହାଙ୍କ ନିର୍ଦ୍ଦେଶରେ ତାଙ୍କୁ ଏହି କଳି ଦୁର୍ଦ୍ଦଶାଗ୍ରସ୍ତ ଅଜ୍ଞାନାନ୍ଧ ଜଗତକୁ ଆସିବାକୁ ହୋଇଥିଲା । ମାନବର ପ୍ରଶଂସା ତାଙ୍କଠାରେ ଅତି ତୁଚ୍ଛ ଅପ୍ରିୟ ଓ ଅକାଙ୍କ୍ଷିତକର ବସ୍ତୁହିଁ ଥିଲା ।

ଯୁଗ ଯୁଗଧର ମହାତ୍ମା ଥିଲେ ଭାରତର ପ୍ରାଣ, ସମଗ୍ର ଭାରତରେ ସେ ଥିଲେ କେନ୍ଦ୍ରଶକ୍ତି, ଯାର ଚତୁର୍ଦ୍ଦିଗରେ ଭାରତ ପରି ଶାନ୍ତ ମହିମାରେ ଘୂର୍ଣ୍ଣିତ ହେଉଥିଲା । ଏ ପର୍ଯ୍ୟନ୍ତ ପୃଥିବୀର କୌଣସି ଜନନାୟକ ଏପରି ପ୍ରବଳ ପ୍ରଭାବ ଜାତି ଉପରେ ରଖିପାରି ନାହାନ୍ତି । ପରାର୍ଥରେ ଜୀବନ ଯାପନ କରି ପରାର୍ଥରେ ସେ ପ୍ରାଣପାତ କରିଛନ୍ତି । ତାଙ୍କର ନିଜର ପ୍ରୟୋଜନ କିଛି ନ ଥିଲା । ସେ ଥିଲେ ଆପ୍ତକାମ । ଜଗତର ଉପକାର କରିବା ପାଇଁ, ଦୀନ ନିପୀଡ଼ିତର ଦୁଃଖ ଦୁର୍ଦ୍ଦଶା ମୋଚନ କରିବା ପାଇଁ, ଧର୍ମୋପଦେଶ ଦ୍ୱାରା କଳିହତ ଜୀବଗଣଙ୍କ ସାତ୍ତ୍ୱିକ ଉନ୍ମେଷ ଆଣିବା ପାଇଁ, ସ୍ୱୀୟ ଦର୍ଶନଦାନ ଦ୍ୱାରା ପତିତ ମାନବ ସମାଜକୁ ପବିତ୍ର କରିବା ପାଇଁ ଦୀର୍ଘ ଅଶୀଅଶୀ ବର୍ଷ ଧରି ଭଗବାନଙ୍କ ଏହି ଯୁଗାବତାର ମାନବ ବିଗ୍ରହରେ ଦୀନ ବେଶରେ ଜଗତ ପରିକ୍ରମଣ କରି ଥିଲେ ।

ମାନବ ହେଲେହେଁ ତାଙ୍କ ଶରୀରର ପ୍ରତ୍ୟେକ

Digitized by srujanika@gmail.com

ଅଣୁ ପରମାଣୁ ଅମୋଘ ଶକ୍ତିଶାଳୀ ଚିନ୍ମୟ ବସ୍ତୁ ବିଶେଷ ଥିଲ । ସୃଷ୍ଟି ଧ୍ୱଂସକାରୀ ଅଧୁନାତନ ଆବିଷ୍କୃତ କୋଟି କୋଟି ପରମାଣୁ -ବୋମାର ପ୍ରବଳ ବିନାଶକାରୀ ଶକ୍ତିକୁ କ୍ଷଣକରେ ନିରୋଧ କରିଦେବାକୁ ମଧ୍ୟ ସେହି ପ୍ରତ୍ୟେକ ଚିନ୍ମୟ ପରମାଣୁର ଅନ୍ତର୍ନିହିତ ଶକ୍ତି ରହିଛି । ତାଙ୍କର ଶରୀରର ଭସ୍ମରାଶିରୁ କୋଟି କୋଟି ଅହିଂସ ଶକ୍ତିଶାଳୀ ବୀରପୁରୁଷ ଯୁଗେ ଯୁଗେ ଜନ୍ମ ଲାଭ କରି ଜଗତକୁ ଧ୍ୱଂସ ମୁଖରୁ ରକ୍ଷା କରୁଥିବେ, ସନ୍ଦେହ ନାହିଁ ।

ସ୍ୱୀୟ କଳ୍ପିତ ରାଜ୍ୟରେ ସେ ଦେଖିଥିଲେ କେବଳ ଶାନ୍ତି, ଉତ୍ତରୋତ୍ତର ଉନ୍ନତି, ସୁଖ ସମୃଦ୍ଧି ଓ ବିକାଶ, ଯାହା କେବଳ ଧର୍ମର ଭିତ୍ତିରେ ସତ୍ୟ, ପ୍ରେମ ଓ ଅହିଂସାର ପାଳନରେହିଁ ସମ୍ଭବ ହୋଇ ପାରିବ । ତାଙ୍କର କଳ୍ପିତ ରାଜ୍ୟରେ ବସ୍ତୁ ନ ଥିଲ ବାଦବିସମ୍ବାଦ, ଯୁଦ୍ଧ ବିଗ୍ରହ, କଳହ ଓ ବିନାଶ । ଜାତିଗତ ବା ଧର୍ମଗତ ସଂକୀର୍ଣ୍ଣତାର ସେ ଘୋର ବିରୋଧୀ ଥିଲେ । ଦୁଃସ୍ଥ ନିପୀଡ଼ିତ ମାନବ ସମ୍ପ୍ରଦାୟକୁ ସେ ଉଦ୍ଧାର କରି ସେମାନଙ୍କୁ " ହରିଜନ" ଆଖ୍ୟା ଦାନ କରିଥିଲେ । ଯେ କୌଣସି ଶ୍ରେଣୀର ବା ସମାଜର ମାନବ ପ୍ରତି ସେ କେବେହେଁ ଅନାଦର ବା ଅବଜ୍ଞା ପ୍ରଦର୍ଶନ କରି ନାହାନ୍ତି । ମୋଟ କଥାରେ ଏହି ସ୍ଥାବରଜଙ୍ଗମାତ୍ମକ ଜୀବଜଗତ ତାଙ୍କର ଅନାବିଲ ପ୍ରେମରେ ଅବଦ୍ଧ ଥିଲା ।

ତାଙ୍କର ଧର୍ମପଥ ଅତି ଉଚ୍ଚ ସୋପାନରେ ଅଧିରୂଢ଼ ଥିଲା । ସେ କହୁଛନ୍ତି, " ଜୀବନ୍ତ ବିଶ୍ୱାସ ବଳରେ ବ୍ୟକ୍ତି ସ୍ୱୀୟ ଶରୀର ମଧ୍ୟରେ ଭଗବତ୍ ଅସ୍ତିତ୍ୱ ଉପଲବ୍ଧି କରି ପାରେ । ଅନବଶ୍ୟ ବାହ୍ୟ ଆଚରଣ ଦ୍ୱାରା ଏହି ବିଶ୍ୱାସ ଉତ୍ପାଦନ ବା ପ୍ରମାଣ କରାଇ ଦିଆଯାଇ ନ ପାରେ । ସମଗ୍ର ଜଗତ୍ ଏକ ନୈତିକ ଶାସନ-ତନ୍ତ୍ରରେ ଶୃଙ୍ଖଳିତ । ସୁତରାଂ ନୈତିକ ନିୟମ ତଥା ସତ୍ୟ ଓ ବିଶ୍ୱପ୍ରେମ ମୂଳକ ନିୟମର ଯେ ସର୍ବୋପରି ପ୍ରାଧାନ୍ୟ ରହିଛି ତହିଁରେ ବିଶ୍ୱାସ ରଖିବାର ଅଭ୍ୟାସ କଲେ ଏହି ଜୀବନ୍ତ ବିଶ୍ୱାସ ଜାଗ୍ରତ ହୋଇ ଉଠିବ । ଏହି ବିଶ୍ୱାସ ଜାଗ୍ରତ ହେଲେ ଜୀବ ଅନ୍ତର୍ମୁଖୀ ହୋଇ ଈଶ୍ୱର ଦର୍ଶନ ଲାଭ କରି ପାରିବ । ପ୍ରାଣ ବିନିମୟରେ ମଧ୍ୟ ଅସତ୍ ସଙ୍ଗେ ଯୁଦ୍ଧ ନ କଲେ ମାନବ ଜୀବନତତ୍ତ୍ୱ ବୁଝି ପାରିବା ଅସମ୍ଭବ । ଅସତ୍ ବର୍ଜନର ପ୍ରାଣପାତ ଚେଷ୍ଟାରେ ମନୁଷ୍ୟ ଧୀରେ ଧୀରେ ପବିତ୍ରରୁ ପବିତ୍ରତର ଅବସ୍ଥା-ପ୍ରାପ୍ତ ହୁଏ ଏବଂ ତାର ପବିତ୍ରତମ ଅବସ୍ଥା ପ୍ରାପ୍ତିରେ ଈଶ୍ୱର ସାନିଧ୍ୟ ଲାଭ ହୋଇଥାଏ ।" ସୁତରାଂ ଦେଖିବାକୁ ହେବ, ଉଜ୍ଜ୍ୱଳ ନୀତିମୟ ଜୀବନହିଁ ମନୁଷ୍ୟକୁ ଉତ୍ତରୋତ୍ତର ଆଧ୍ୟାତ୍ମିକ ଉନ୍ନତି ମାର୍ଗରେ ଗୃହୀତ କରିଥାଏ ଏବଂ ଶୁଦ୍ଧ ଅଟଳ ବିଶ୍ୱାସହିଁ ଭଗବଦ୍ ଲାଭର ପ୍ରଧାନ ଉପାୟ । " ବିଶ୍ୱାସେ ମିଲୟେ କୃଷ୍ଣ ତର୍କେ ବହୁଦୂର" ବୋଲି ଭଗବାନ ଶ୍ରୀଚୈତନ୍ୟଦେବ ମଧ୍ୟ ଇତି ପୂର୍ବେ ପ୍ରଚାର କରି ଥିଲେ । ମହାତ୍ମାଗାନ୍ଧୀ ବାଲ୍ୟ କାଳରେ ରାମତାରକ ମନ୍ତ୍ରରେ ଦୀକ୍ଷିତ ହୋଇ ବୈଷ୍ଣବ ଧର୍ମ ଗ୍ରହଣ କରିଥିଲେ । ସୁତରାଂ ସେ ନିରନ୍ତର ରାମନାମ ଜପ ସ୍ମରଣ କରୁଥିଲେ । ଭଗବତ୍ ନାମରେ ତାଙ୍କର ଅଟଳ ବିଶ୍ୱାସ ଥିଲା । ନାମୀ ଅପେକ୍ଷା ନାମର ଅଧିକତର ମହାତ୍ମ୍ୟ ଏବଂ କଳିଯୁଗରେ ନାମହିଁ ଏକମାତ୍ର ଉପାସ୍ୟ ବସ୍ତୁ ଥିବାର ଶାସ୍ତ୍ରସିଦ୍ଧ ଯୁକ୍ତି ଗ୍ରହଣ କରି ଗତ ହିନ୍ଦୁ ମୁସଲମାନ ଗଣ୍ଡଗୋଳ ସମୟରେ ସେ କହିଥିଲେ, " ଏକମାତ୍ର ରାମ ନାମହିଁ ଏହି ଦୁର୍ଦ୍ଦଶା ବ୍ୟାଧିର ମହୌଷଧ । ନାମାଶ୍ରୟ ପୂର୍ବକ ହୃଦୟ ଶୁଦ୍ଧ କଲେ ମନୁଷ୍ୟ ନିଜକୁ ଓ ବିଶ୍ୱକୁ ଚିହ୍ନି ପାରିବ ।" ଶ୍ରୀହରିନାମ ସଂକୀର୍ତ୍ତନ ପ୍ରଚାର କରିଥିଲେ ଶ୍ରୀଚୈତନ୍ୟ ଦେବ ଠିକ୍ ଏହି ପରି କହିଥିଲେ, " ହରେର୍ନାମ ହରେର୍ନାମ ହରେର୍ନାମୈବ କେବଳଂ କଳୌ ନାସ୍ତ୍ୟେବ ନାସ୍ତ୍ୟେବ ନାସ୍ତ୍ୟେବ ଗତିରନ୍ୟଥା ।" ବସ୍ତୁ ଏକ ଏବଂ ଅଦ୍ୱିତୀୟହିଁ ଥିବାସ୍ଥଳେ ସ୍ୱୟଂ ଈଶ୍ୱର ଅସନ୍ତି, ବା ତାଙ୍କର ଅଂଶ ବିଶେଷ ଆତ୍ମା, ଯେମାନେ ସେହି ଗୋଟିଏ ମତରେହିଁ ଚାଳିତ ହେବା ସ୍ୱାଭାବିକ । ଶ୍ରୀ ଚୈତନ୍ୟ ଦେବ ଯେପରି ଜାତି, ଧର୍ମ ଓ ବର୍ଣ୍ଣ ନିର୍ବିଶେଷରେ ସମସ୍ତଙ୍କୁ ପ୍ରେମ ଓ ନାମ - ସୁଧା ବିତରଣ

Digitized by srujanika@gmail.com

କରୁଥିଲେ, ଏବଂ ପତିତ ତାରକ ବୋଲି ପ୍ରସିଦ୍ଧି ଲାଭ କରିଥିଲେ, ମହାତ୍ମାଗାନ୍ଧୀ ମଧ୍ୟ ଠିକ୍ ସେହିପରି ଆଚରଣ କରି ପ୍ରସିଦ୍ଧି ଲାଭ କରିଛନ୍ତି । ଏହିରୂପେ ଏହି ଉଭୟ ଈଶ୍ୱରଙ୍କ ନୀତି ଓ କାର୍ଯ୍ୟକଳାପରେ ଅନେକ ସାମଞ୍ଜସ୍ୟ ଦେଖାଯାଏ । ସୁତରାଂ ମହାତ୍ମା ଗାନ୍ଧୀଙ୍କୁ ଦ୍ୱିତୀୟ ଚୈତନ୍ୟାବତାର କହିଲେ ମଧ୍ୟ ଅଯୁକ୍ତ ସଙ୍ଗତ ନୁହେଁ ।

ପ୍ରେମ, ସେବା ଓ କରୁଣାର-ପ୍ରତିମୂର୍ତ୍ତି ଶାନ୍ତଚେତା ବାପୁଜୀ ସ୍ୱୟଂ ଯେପରି ଉଦାର, ମହତ୍ ଓ ସୁବିବେକୀ ଥିଲେ, ତାଙ୍କର ବାଣୀ ଓ ଉପଦେଶାବଳୀ ସେହିପରି ଉଦାର, ମହତ୍ ଓ ଅନ୍ତର୍ଦୃଷ୍ଟି ସମ୍ପନ୍ନ ଥିଲା । ଚିରଶାନ୍ତିକାମୀ ଥିଲେହେଁ ସେ ଅସତ୍ ଅନ୍ୟାୟର ଚିରବିଦ୍ୱେଷୀ ଥିଲେ । ସଜ୍ଜନ ସଦ୍‌ଭାବରେ ତାଙ୍କର ଯେପରି ଶୁଦ୍ଧ, ଶାନ୍ତ ଓ କୋମଳ ବ୍ୟବହାର ଦେଖାଯାଉଥିଲା, ଅସଦାଚରଣ ବା ଅସତ୍ ପନ୍ଥ ଧ୍ୱଂସପାଇଁ ସେହିପରି ସେ ଭୀମ ପରାକ୍ରମରେ ତାଙ୍କର ଚିରାଚରିତ ଅହିଂସନୀତିରେ ସଂଘର୍ଷ କରୁଥିଲେ । ତାଙ୍କର ବିବିଧବାଣୀ ଓ ଉପଦେଶାବଳୀମଧ୍ୟରୁ ଉଦ୍ଧୃତ ନିମ୍ନୋକ୍ତ କେତୋଟି ପଂକ୍ତିରୁ ମଧ୍ୟ ତାଙ୍କର ସୁମହତ୍ ଉଦାରତା, ଶାନ୍ତିପ୍ରିୟତା ଏବଂ ସୁଦୃଢ଼ ନିର୍ଭୀକ ମନୋବୃତ୍ତିର ଯଥେଷ୍ଟ ପରିଚୟ ମିଳିବ । ସେ କହିଛନ୍ତି, "ମୁଁ ଶାନ୍ତିର ପୂଜାରୀ । ମୋର ବିଶ୍ୱାସ ଶାନ୍ତିରେ ପ୍ରତିଷ୍ଠିତ । କୌଣସି ଉପସର୍ଗଦ୍ୱାରା ଶାନ୍ତି କିଣିବାକୁ ମୁଁ ଚାହେଁ ନା । ପ୍ରସ୍ତରଦେହରେ ବା ସମାଧି-ଗର୍ଭରେ ଯେଉଁ ଶାନ୍ତି ନିହିତ ରହିଛି, ସେପରି ଶାନ୍ତି ମୋର କାମ୍ୟ ନୁହେ । ସମଗ୍ର ଜଗତର ହିଂସା ପ୍ରଣୋଦିତ ଆକ୍ରମଣ ସକାଶେ ଉନ୍ମୁକ୍ତ ଥାଇ ମଧ୍ୟ ଯେଉଁ ମାନବ ହୃଦୟ ସର୍ବଶକ୍ତିମାନର ଅଚଳ୍ୟ ଶକ୍ତିରେ ସମସ୍ତ ଉପଦ୍ରବରୁ ସୁରକ୍ଷିତ ହୋଇଛି, ସେହି ହୃଦୟ ନିହିତ ଶାନ୍ତିହିଁ ମୁଁ ଚାହେଁ ।" ଅନ୍ୟତ୍ର ସେ କହିଛନ୍ତି, "ସମସ୍ତ ଦେଶ ପାଇଁ ନିମ୍ନୋକ୍ତ ପ୍ରତିଜ୍ଞାପାଳନ ଆମର ପ୍ରଥମକର୍ତ୍ତବ୍ୟ ହେବା ଉଚିତ । 'ପୃଥିବୀର କାହାରିକୁ ମୁଁ ଭୟ କରିବି ନାହିଁ । ମୋର ଭୟ କେବଳ ଈଶ୍ୱରଙ୍କ ପ୍ରତି ରହିବ । କାହାର ପ୍ରତି ଅସଦ୍‌ଭିଳାଷ ମୁଁ ପୋଷଣ କରିବି ନାହିଁ । କାହାର ଅନ୍ୟାୟର ପଦାନତ ମୁଁ ହେବି ନାହିଁ । ସତ୍ୟଦ୍ୱାରା ଅସତ୍ୟ ମୁଁ ଜୟ କରିବି ଏବଂ ଅସତ୍ୟର ଦମନ ପାଇଁ ସମସ୍ତ ପ୍ରକାର କ୍ଲେଶ ବରଣ କରିବାକୁ ପ୍ରସ୍ତୁତ ରହିବି ।" ତାଙ୍କର ବାଣୀ ଓ ଉପଦେଶାବଳୀ ଚିରନ୍ତନ ଶାଶ୍ୱତବସ୍ତୁ ବିଶେଷ । କାଳର ବିଚିତ୍ର ପରିବର୍ତ୍ତନରେ ମଧ୍ୟ ସେଗୁଡ଼ିକ ଚିର ନୂତନ, ଚିରଜ୍ୟୋତିର୍ମୟ, ଚିରଜୀବନ୍ତ ତଥା ଶକ୍ତିଶାଳୀହିଁ ରହିବ ।

ତାଙ୍କର ସମଗ୍ର ଜୀବନ ଯେପରି ଏକ ବିରାଟ ଦର୍ଶନ । ତାଙ୍କର ଜୀବନର ପ୍ରତ୍ୟେକ କ୍ଷୁଦ୍ର କ୍ଷୁଦ୍ର ଘଟଣା ମଧ୍ୟ ବିଶ୍ଳେଷଣ କଲେ ଅଗାଧ ଦାର୍ଶନିକ ତତ୍ତ୍ୱର ଆଭାସ ମିଳିବ । ସେହି ଅପରିସୀମ ଅମାପ ଜଳଧିର ଆଦି, ଅନ୍ତ ଓ ଗଭୀରତା କିଏ କଳିବ ? କୋଟି କୋଟି ତତ୍ତ୍ୱରତ୍ନ ତାହାରି ଗର୍ଭରେ ଚୁପ ନିହିତ ରହିଛି । ତାଙ୍କର ପାର୍ଷଦ ବୃନ୍ଦ କହନ୍ତି, "ଶାଣିତ ଅସିଧାରରେ ନୃତ୍ୟ କରିବା ବରଂ ସହଜ, ମାତ୍ର ତାଙ୍କର ପ୍ରିୟପାତ୍ର ହୋଇ ପାରିବା ଦୁଷ୍କର ଥିଲା ।" କି ଏକ ଅଜ୍ଞେୟ, ଅପରିମେୟ, ଅସାଧାରଣ ତତ୍ତ୍ୱବସ୍ତୁ ସେ ନ ଥିଲେ !

ସେହି ତାମସିକ ଉନ୍ମାଦଗ୍ରସ୍ତ ଅନ୍ଧ ଉଦ୍ଧତ ଯୁବକର ଅସ୍ତ୍ରାଘାତରେ ମହାତ୍ମାଙ୍କର ବିନାଶ ଘଟି ନାହିଁ । କିଏ ତାଙ୍କର ଚିନ୍ମୟ ଶରୀର ଓ ଚିନ୍ମୟ ଆତ୍ମାର ବିନାଶ ସାଧନ କରିପାରେ ? କାଳର ଅଧିକାର ମଧ୍ୟ ସେ ତହିଁରେ ନାହିଁ । ଅବତାର ବିଶେଷଙ୍କ ତିରୋଭାବ ଏହିପରି ଅପ୍ରତ୍ୟାଶିତ ଭାବରେହିଁ ଘଟିଥାଏ । ଭବିଷ୍ୟତ୍ ଜଗତ୍ ସକାଶେ ଏକ ମଙ୍ଗଳମୟ ନିଦର୍ଶନ ରଖି ଏହିପରି ଭାବେ ସେମାନେ ଅନ୍ତର୍ହିତ ହୋଇଥାଆନ୍ତି । ତହିଁର ଦୃଷ୍ଟାନ୍ତ ଶ୍ରୀଭଗବାନ୍ ଶ୍ରୀକୃଷ୍ଣ ଓ ଯୀଶୁ । ମହାତ୍ମାଜୀଙ୍କର ଏତାଦୃଶ ତିରୋଧାନ ଦ୍ୱାରା ପୃଥିବୀରେ ହିଂସାତ୍ମକ ଓ ସ୍ୱାର୍ଥମୂଳକ ଯୁଦ୍ଧ ବିଗ୍ରହ ଅଶାନ୍ତ ଅଭିଯୋଗର ପରିସମାପ୍ତି ହୋଇପାରିବ ଏବଂ ପ୍ରେମବନ୍ଧ ଏକ ବିରାଟ ଭାତୃଗୋଷ୍ଠୀର କଲ୍ୟାଣକର

Digitized by srujanika@gmail.com

ଅନୁଷ୍ଠାନ ଦ୍ୱାରା ପରିଚାଳିତ ହୋଇ ପୃଥିବୀ ଯେ ଦିନେ ଦେବଭୂମିରେ ପରିଣତ ହୋଇ ପାରିବ, ଏଥିର ଶୁଭ ସଙ୍କେତ ବର୍ତ୍ତମାନ ତାହାଁରେ ନିହିତ ରହିଛି । ତାଙ୍କର ତିରୋଧାନ ଭବିଷ୍ୟତ ପାଇଁ ଏହି ଶୁଭ ସମ୍ବାଦ ଦିଏ—ହିଂସା ଉପରେ ଅହିଂସାର ଅବଶ୍ୟମ୍ଭାବୀ ବିଜୟ ।

# ଅନ୍ତରାଲୋକ

ଶ୍ରୀ କାଳନ୍ଦୀ ଚରଣ ପାଣିଗ୍ରାହୀ

ବାହାର ଆଲୋକ ନିଭିଲା ଭିତର
ଉଠିବ ବୋଲି ହେ ଜଳି
ସେହି ଦୀର୍ଘ ତୁମେ ଦେଇଛ ଦେବା ପାଇଁ
ଦେଲ କି ଅସ୍ତବଳି ?
ଦେଶ ଗୋଟାକର ଭିତର ଜଳିଲା
ହୁତୁ ହୁତୁ ଚିତା ସମ
ଭାରତ ଗଗନ କଲ ଆଲୋକିତ
ହେ ଭାରତ - ପ୍ରିୟତମ !
ପ୍ରତି ଭାରତୀୟ ଅନ୍ତରେ ତାର
ପଡ଼ିଲା ରଶ୍ମି-ରେଖା
ସବୁ କୁତ୍ସିତ ଘୃଣିତ ତହିଁ
ଦେଲା ଅବିକଳ ଦେଖା ।
ସବୁ ଖାଲ ଢିପ ସବୁ କଳା ଧଳା
ସକଳ ଅବର୍ଜନା
ସାନ ବଡ ଭେଦ ବିଦ୍ୱେଷବହ୍ନି
ଲଭେ ଯହିଁ ଅର୍ଚ୍ଚନା ।
ବିଶ୍ୱାସହୀନ ମିଛ ଅବସର
ଯୁକ୍ତି ବିହୀନ କଥା
ସେ ଆଲୋକପାତେ ପ୍ରତି ଅନ୍ତରେ
ଦେଖିବ ଅଛି କି ମଥା !
ପୁଞ୍ଜିତ ଘୋର ଅବିଳତା - ବିଷେ
ଜର୍ଜ୍ଜର ଯେତେ ସ୍ଥିତ
ସେତ ରଶ୍ମିର ଉତ୍ତାପ ଲଭି
ଉଠିବ କି ଆଜ ତାତ ?
ସେହି ରଶ୍ମିରେ ଜଳି ଉଠି ହେବ
ଭସ୍ମରେ ପରିଣତ
ମଣିଷ ଜାତିର କଲ୍ୟାଣ ଯେତେ
ବାଧ କରିଥିଲେ ପ୍ରତିହତ ?
ମଣିଷର ଗଢ଼ା ଅଭାବ ଦୀନତା
ଅନାଚାର ଉପୁଜିତ
ହେ ମହାମାନବ ! ରଶ୍ମିରେ ତବ
ମେଘ ସମ ଯାଉ ଭାଜି !
ଦୁନିଆର ଦରବାରେ ସେ ଦେଖାଉ
ଭାରତକୁ ନେଇ ଜାଗି
ସକଳ କଲୁଷ ଅବିଳତାବହ୍ନି
ଉଠୁ ମୁକ୍ତ ମୁକ୍ତ ତାତ !

Digitized by srujanika@gmail.com

# ମୃତ୍ୟୁଞ୍ଜୟ ମହାତ୍ମାଗାନ୍ଧି

ଶ୍ରୀ ପ୍ରହ୍ଲାଦ ପ୍ରଧାନ

ମହାତ୍ମା ଗାନ୍ଧୀଙ୍କର ମହାନିର୍ବାଣ ହୋଇଅଛି । ଏହା ଶୁଣି ସମସ୍ତ ଜାତି, ସମଗ୍ର ଦେଶ, ସ୍ତବ୍ଧ ହୋଇ ଯାଇଅଛି । ଏହା ପୂର୍ବରୁ ବୋଧହୁଏ ଭାରତ ଜାତୀୟ ଜୀବନରେ ଏପରି ନିଷ୍ଠୁର ଆଘାତ ପାଇ ନ ଥିଲା । ମହାତ୍ମା ଗାନ୍ଧୀଙ୍କର ମହାପ୍ରୟାଣ ଖବର ଶୁଣି ସମସ୍ତେ ଅବସନ୍ନ ହୋଇ ପଡିଥିଲେ, ସତେ ଯେପରି ନିଜର ଅତ୍ୟନ୍ତ ଘନିଷ୍ଠ ଆତ୍ମୀୟ, ଅତ୍ୟନ୍ତ ପରିଚିତ କେହି ନିଜର ସମ୍ମୁଖରୁ ଚିରଦିନ ପାଇଁ ଅନ୍ତର୍ହିତ ହୋଇଗଲେ । ଯେ ଯେଉଁଠାରେ ଥିଲେ, ସେ ସେହିଠାରେ ଅଶ୍ରୁ ବିସର୍ଜନ କରିବାକୁ ଲାଗିଲେ । କିନ୍ତୁ ତାଙ୍କ କେହି ସବୁ ଦିନ ଦେଖୁ ନ ଥିଲା, ତାଙ୍କ କଥା ତ କେହି ସବୁ ଦିନ ଶୁଣୁ ନ ଥିଲା । ଅନେକେ ହୁଏ ତ ନିଜ ଜୀବନରେ ମହାତ୍ମା ଗାନ୍ଧୀଙ୍କୁ କେବେ ଦେଖି ନ ଥିଲେ, ଅନେକଙ୍କର ହୁଏ ତ ସମ୍ଭାବନା ମଧ୍ୟ ନ ଥିଲା । ତାଙ୍କ ପାଇଁ ତ ବିଚ୍ଛେଦର ସଂକୀର୍ଣ୍ଣ ଅର୍ଥ ହୁଏ ନାହିଁ । କିନ୍ତୁ ଅଶ୍ରୁ ବିସର୍ଜନ ତ କରିଛନ୍ତି ସମସ୍ତେ ସମାନ ଭାବରେ, ବ୍ୟଥିତ ହୋଇଛନ୍ତି ସମସ୍ତେ ସମାନ ଭାବରେ । ଧନୀ ଦରିଦ୍ରର ଏଠାରେ ପାର୍ଥକ୍ୟ ନାହିଁ, ଜାତି ଗୋତ୍ରର ଏଠାରେ ପ୍ରଭେଦ ନାହିଁ ! ତେବେ ସେ କଣ ସମସ୍ତଙ୍କର ନିଜର ଥିଲେ ? ହୃଦୟର ସ୍ପନ୍ଦନ ଜୀବିତ ପ୍ରାଣ ଥିଲେ, ମାନବ ଜାତିର ଭରସା ଥିଲେ ? ମହା ଅନାଥ କରି ଦେଇଥିଲା ସେ ପୂର୍ବ ପରିଚିତ ଶାନ୍ତ ଅଜଣା ହୋଇ ଅଛନ୍ତି ।

ସେ ସମସ୍ତଙ୍କ ପାଇଁ ଥିଲେ । ପକ୍ଷ, ପ୍ରତିପକ୍ଷ ଉଭୟଙ୍କର ମିତ୍ର ଥିଲେ । ସମସ୍ତଙ୍କର ସେ ମଙ୍ଗଳ କାମନା କରିଥିଲେ, କୌଣସି କଥାରେ ନିର୍ଭୀକ, ହୃଦୟରେ ଅନୁକମ୍ପା ଥିଲା । ସେ କେବେ କଣ କାହାରି ଅନିଷ୍ଟ କଳ୍ପନା କରି ପାରନ୍ତି ? ହିନ୍ଦୁ ହେଉ, ମୁସଲମାନ ହେଉ, ବୌଦ୍ଧ ହେଉ ସେ ସମସ୍ତଙ୍କ ପାଖରେ । ଏହି ବୃଦ୍ଧ ବୟସରେ ମଧ୍ୟ ନୋଆଖାଲିର ଗଣ୍ଡ କାଦୁଅ ଭିତରେ ଦୁର୍ଦ୍ଦମ ସାହସ ସହକାରେ ପଦବ୍ରଜ ଆରମ୍ଭ କରିଥିଲେ, ଗାଁ ଗାଁ ବୁଲି ସମସ୍ତଙ୍କର ଦୁଃଖ ଶୁଣିଥିଲେ, କରୁଣ ମୁଖରେ ହସ ଆଣିଥିଲେ, ଅଶାନ୍ତମାନଙ୍କୁ ଅସାଧ୍ୟ ସାଧନ କରିଥିଲେ । ସେ ହିନ୍ଦୁମାନଙ୍କର ଘରେ ଘରେ ବୁଲି ଅଭୟବାଣୀ ଶୁଣାଇ ଥିଲେ । ସେହି ମହାପୁରୁଷ ପୁଣି ଦିଲ୍ଲୀରେ ମୁସଲମାନ ମାନଙ୍କର ଦୁଃଖରେ ବ୍ୟଥିତ ହୋଇ ଆମରଣ ଉପବାସ ଆରମ୍ଭ କରିଥିଲେ । ତାଙ୍କୁ କଣ କିଏ ମାରିବାକୁ କଳ୍ପନା କରି ପାରେ ? ଯେ ହିନ୍ଦୁ, ମୁସଲମାନ ଉଭୟଙ୍କ ନମସ୍ୟ, ଉଭୟଙ୍କ ବନ୍ଧୁ । ସେ ଥିଲେ ଦ୍ରୋଣାଚାର୍ଯ୍ୟ । କୁରୁ ପାଣ୍ଡବ କେହି କଣ ତାଙ୍କୁ ମାରି ପାରନ୍ତି । ସମଗ୍ର ବିଶ୍ୱକୁ ଦଗ୍ଧ କରିବା ନିମନ୍ତେ ଦହନ କିରଣ ନେଇ ଦ୍ୱାଦଶ ଆଦିତ୍ୟ ତ ଉଦିତ ହୋଇ ନାହାନ୍ତି, ପ୍ରଳୟ କାଳୀନ ୪୯ ପବନ ତ ଦଶଦିଗରେ ଭାଙ୍ଗି ପଡ଼ି ନାହାନ୍ତି, ପୁଷ୍କର ଆବର୍ତ୍ତକ ଆଦି ମେଘମାନ ଦ୍ୱାରା ତ ଗଗନତଳ ଆଚ୍ଛନ୍ନ ହୋଇ ନାହିଁ, ତଥାପି କଣ ଆମର ଶୌର୍ଯ୍ୟରାଶି ପିତାଙ୍କର କଣ କୌଣସି ଅନିଷ୍ଟ ଘଟିପାରେ ?

ଦଗ୍ଧଂ ବିଶ୍ୱଂ ଦହନକିରଣୈର୍ନୋଦିତା ଦ୍ୱାଦଶାର୍କା
ବାତା ବାତା ଦିଶି ଦିଶି ନ ବା ସପ୍ତଧା ସପ୍ତଭିନ୍ନାଃ
ଛନ୍ନଂ ମେଘୈର୍ନ ଗଗନତଳଂ ପୁଷ୍କର ବର୍ତ୍ତକାଦ୍ୟୈଃ
ମାପଂ ପାପଃ ! କଥୟତ କଥଂ ? ଶୌର୍ଯ୍ୟରାଶେଃ ପିତୁର୍ମେ ॥

ଏହା କଣ କେବେ ସମ୍ଭବ ? ଅସମ୍ଭବ ! କିନ୍ତୁ ସମ୍ଭବ ତ ହୋଇଅଛି ! ସେ ତ ଆଜି ନାହାନ୍ତି ! ସେ ଇହ ମର ଦେହ ତ୍ୟାଗ କରିଛନ୍ତି !

ଅବଶ୍ୟ ତାଙ୍କର ଦେହ ମର୍ତ୍ତ୍ୟ ଥିଲା । ଆମ୍ଭର ମତ ତାଙ୍କର ଦେହ ମଧ୍ୟ ରକ୍ତ ମାଂସରେ ଗଢ଼ା ।

Digitized by srujanika@gmail.com

ତାହାର ଶରୀରଂ ଏ ପର୍ଯ୍ୟନ୍ତ ଅକ୍ଷୟ ହୋଇ ନାହିଁ । ତାଙ୍କର ଦେହ ମଧ୍ୟ ଥିଲା ନଶ୍ୱର, ଭଙ୍ଗୁର, ଦୁର୍ବଳ । ବୟସ ଥିଲେ କ୍ଷୀଣକାୟ । କିନ୍ତୁ ସେହି ଦୁର୍ବଳ କ୍ଷୀଣ କାୟରେ କି ବଳିଷ୍ଠ ଅକ୍ଷୟ ଶକ୍ତି ! ଭାବିଲେ ସ୍ତବ୍ଧ ହେବାକୁ ହୁଏ । କ୍ଷୁଦ୍ର ବଟବୀଜରେ ପ୍ରକାଣ୍ଡ ବଟ ବୃକ୍ଷର ସମାବେଶ । କ୍ଷୁଦ୍ରତମ ପରମାଣୁରେ ଅଭାବନୀୟ ଶକ୍ତିର ସମାବେଶ । 'ଅଣୋରଣୀୟାନ୍ ମହତୋ ମହୀୟାନ୍' । ସେ ଅମର । ତାଙ୍କର କଣ ମୃତ୍ୟୁ ଅଛି ? ସେ ମୃତ୍ୟୁଞ୍ଜୟ । କେବଳ ନଶ୍ୱର ଶରୀର ଅଦୃଶ୍ୟ ହୋଇଅଛି ।

ତଥାପି କଣ ତାଙ୍କରି ପବିତ୍ର ଶରୀରରେ ଏହି ପରି ଗତି ? ତାଙ୍କୁ ମାରିବାକୁ କଣ କେହି କଳ୍ପନା କରି ପାରେ ? କିନ୍ତୁ ସମ୍ଭବ ତ ହୋଇଅଛି ! କି ଭୟଂକର ପାପ ! ଭାବିଲେ ଦେହ ଶିହରି ଉଠେ । ଯେ ସାରା ଜୀବନ କରୁଣା, ମୁଦିତା, ମୈତ୍ରୀର ସାଧନା କଲେ, ତାଙ୍କରି ଉପରେ ହିଂସା କଳୁଷିତ ଅସ୍ତ୍ରର ପ୍ରୟୋଗ । ଏ କଣ ଜଣକର ପାପରେ ସମ୍ଭବ ? ବୋଧହୁଏ ଏହା ସମଗ୍ର ଜାତିର ପୁଞ୍ଜୀକୃତ ପାପର ଫଳ । ସମଗ୍ର ଜାତିର ପୁଞ୍ଜୀକୃତ ପାପ ଏକ ବ୍ୟକ୍ତିରେ ବିଗ୍ରହ ଧାରଣ କରିଅଛି । ନାଥୁରାମ ଗଡ଼ସେ ନିମିତ୍ତ ମାତ୍ର । ଏଥିରେ ମରହଟ୍ଟା ଓଡ଼ିଆର କୌଣସି ସ୍ଥାନ ନାହିଁ, ହିନ୍ଦୁ ମୁସଲମାନର କୌଣସି ପ୍ରଶ୍ନ ନାହିଁ । ସମଗ୍ର ଭାରତ ଜାତି ଏଥିପାଇଁ ଶିର କଳଙ୍କିତ । ଯାର ହୃଦୟରେ ଯେତିକି ମାତ୍ରାରେ ପାପ ଅଛି, ଏହି ଅଚିନ୍ତନୀୟ ଦୁର୍ଘଟଣା ପାଇଁ ସେ ସେତିକି ମାତ୍ରାରେ ଦାୟୀ । ଏଥିରେ ପ୍ରତ୍ୟକ୍ଷ ଭାବରେ ଜଡ଼ିତ ନାହିଁ ବୋଲି ମନରେ ସାନ୍ତ୍ୱନା ପାଇବାର କୌଣସି ଅବସର ନାହିଁ । ଏଥିରେ ପ୍ରତ୍ୟେକେ ଜଡ଼ିତ, ପ୍ରତ୍ୟେକେ ସଂଶ୍ଳିଷ୍ଟ । କେହି କହି ପାରେ ଯେ ତାହାର ହୃଦୟ ପବିତ୍ର, ଅନ୍ୟ ବିଳ ହିଂସାକଳୁଷ ବିହୀନ ? ବର୍ତ୍ତମାନ ନିଜ ନିଜର ହୃଦୟ ପରୀକ୍ଷା କରିବାର ସମୟ ଆସିଅଛି । କେବଳ ନଦୀ ସମୁଦ୍ରରେ ସ୍ନାନ କଲେ ମହାତ୍ମାଙ୍କର ତର୍ପଣ ହେବ ନାହିଁ । ହୃଦୟକୁ ନିଷ୍ପାପ କରିବାକୁ ହେବ ।

କି ଭୀଷଣ ପାପ ! କି ପୁଞ୍ଜୀକୃତ ପାପରାଶି ! କେଉଁଠା ଥିଲା ଏତେଦିନ ? ଯୁଗ ଯୁଗ ଧରି ଏହି ପାପ ସଞ୍ଚିତ ହୋଇ ଆସିଅଛି । ପାପ ଏବଂ ପୁଣ୍ୟର ଚିରନ୍ତନ ସଂଘର୍ଷ ହୋଇ ଆସୁଅଛି । ପାପ ଅଧିକ ହୋଇ ଗଲେ, ଭଗବାନ୍ ନାନା ରୂପରେ ଦୈବଦଣ୍ଡକୁ ପଠାନ୍ତି । ମହାତ୍ମା ଗାନ୍ଧି ସ୍ୱୟଂ ବିହାର ଭୂକମ୍ପକୁ ଭଗବତ୍ ପ୍ରେରିତ ହରିଜନମାନଙ୍କ ପ୍ରତିକୃତ ପାପର ଦଣ୍ଡ ବୋଲି କହିଥିଲେ । ଏହି ନିନ୍ଦନୀୟ ଗଡ଼ସେ ମଧ୍ୟ ଆମ୍ଭମାନଙ୍କ ପାଇଁ ଭଗବତ୍ ପ୍ରେରିତ ଦୈବଦଣ୍ଡ କି ? ମହାତ୍ମା ଗାନ୍ଧିଙ୍କ ବିୟୋଗରେ ବିହାର ଭୂକମ୍ପ ଅପେକ୍ଷା ତ ଜାତିକୁ କମ କଷ୍ଟ ହୋଇ ନାହିଁ । କେବଳ ହରିଜନଙ୍କ ପ୍ରତି ପାପ ନୁହେଁ । ସେହିପରି କେତେ କେତେ ଯେ ପାପ ଅଛି, ତାର କଣ ହିସାବ କରି ହେବ ? କି ହିଂସା, କି ଦ୍ୱେଷ, ଭ୍ରାତୃବିରୋଧ, ଶୋଷଣ, ଉତ୍ପୀଡ଼ନ, ପରସ୍ପର ହତ୍ୟା ସାରା ଭାରତରେ ଚାଲିଅଛି । ଏହା କି ସାମାନ୍ୟ ପ୍ରାୟଶ୍ଚିତ୍ତରେ ପ୍ରକ୍ଷାଳିତ ହେବ ? ପାପର କି ବିକରାଳ ରୂପ ! ପାପାଗ୍ନିର କି ଲେଲିହାନ ଶିଖା ! ଶେଷ ପର୍ଯ୍ୟନ୍ତ ମହାତ୍ମା ଗାନ୍ଧିଙ୍କୁ ଗ୍ରାସ କଲା ।

କିନ୍ତୁ ଯେତେ ପ୍ରବଳ, ପ୍ରଜ୍ୱଳିତ ଅଗ୍ନି ହେଲେ ମଧ୍ୟ କଣ ଏତେ ବଡ଼ ଆହୁତି ସମ୍ଭାଳି ପାରିବ ? ଏହି ହିଂସା ବହ୍ନି ତୃପ୍ତ ନୁହେଁ ଯେ, ତାହାରି ଆହୁତି ପଡ଼ୁଅଛି ? ହିଂସା ଅପେକ୍ଷା ମୈତ୍ରୀ ଲକ୍ଷେ ଗୁଣରେ ପ୍ରବଳ । ମହାତ୍ମା ଗାନ୍ଧି ଏହି ହିଂସାର ଶାନ୍ତି ପାଇଁ, ପାପର ପ୍ରଶମନ । ଏହି ବିଦ୍ୱେଷାନଳ ଚିର-ଦିନ ପାଇଁ ପ୍ରଶମିତ ହେବ । ମହାତ୍ମା ଗାନ୍ଧିଙ୍କ ଆହୁତିରେ ? ଏହାହିଁ କାମ୍ୟ, ମହାପୁରୁଷମାନେ ମୃତ୍ୟୁରେ ମଧ୍ୟ ବିଶ୍ୱର ଉପକାର କରିଥାନ୍ତି । ଦଧୀଚି ଜନ୍ମ ଜନ୍ମାନ୍ତରରେ ନିଜର ଶରୀର ଦାନ କରିଥିଲେ, ଅନ୍ୟର ଦୁଃଖର ଦୁର୍ଦ୍ଦଶା ଦୂର କରିବାକୁ । ମହାତ୍ମା ଗାନ୍ଧିଙ୍କର ରକ୍ତ ମାଂସର ନିର ଶରୀର ମଧ୍ୟ ସେହିପରି କାମରେ ଆସିବ, ବିଦ୍ୱେଷାନଳ ନିର୍ବାପିତ ହେବ ।

Digitized by srujanika@gmail.com

କିନ୍ତୁ ତାଙ୍କୁ କିଏ ମାରି ପାରିଅଛି ? ସେ କଣ ମରିଛନ୍ତି ? ଗୁଳି ଲାଗିଲା ମାତ୍ରେ ତାଙ୍କର ହାତ ଯୋଡ଼ି ହୋଇଗଲା ଭଗବାନଙ୍କ ଉଦ୍ଦେଶ୍ୟରେ । ମୁଖରୁ ବାହାରି ପଡ଼ିଲା 'ହରେ ରାମ, ହରେ ରାମ' ଶବ୍ଦ ବୋଧହୁଏ କ୍ଷମା କରିବାକୁ । ଏହାଠାରୁ ବଳି କଣ ଅଉ ପ୍ରାର୍ଥନା ହୋଇ ପାରେ ? ସେହି ସମୟରେ ଥିଲେ ସେ ଜୀବନର ଉଚ୍ଚତମ ଭୂମିରେ, ଉତ୍କୃଷ୍ଟତମ ମୁହୂର୍ତ୍ତରେ । ଦିଲ୍ଲୀରେ ସେ ହିନ୍ଦୁ - ମୁସଲମାନମାନଙ୍କ ଭିତରେ ମୈତ୍ରୀ ସ୍ଥାପନ କରୁଥିଲେ । ସେ ନିଜେ ଥିଲେ ହିନ୍ଦୁ । ବିପନ୍ନ ଥିଲେ ମୁସଲମାନ । କୌଣସି ପ୍ରକାର ଜାତୀୟ ପକ୍ଷପାତିତା ନଥିଲା, କେବଳ ମାତ୍ର ମାନବିକତା । ସେ ପୁଣି ଯାଉଥିଲେ ପ୍ରାର୍ଥନା ସଭାକୁ ଜୀବନର ସବୁଠାରୁ ପ୍ରିୟତମ । ତାଙ୍କର ହୃଦୟ ସେତେବେଳେ ଭଗବତ୍ ଭକ୍ତିରେ ପୂର୍ଣ୍ଣ ଥିଲା । ସେ ସେହି ମୁହୂର୍ତ୍ତରେ ପାର୍ଥିବ ଅନାବିଳତାର ଅନେକ ଉଚ୍ଚରେ ଥିଲେ । କେବଳ ଭଗବତ୍ ପ୍ରେମ । ତାଙ୍କର ଚିତ୍ତ ଈଶ୍ୱରଙ୍କଠାରେ ସମାହିତ ଥିଲା ପୂର୍ଣ୍ଣ ମାତ୍ରାରେ । ଏହାଠାରୁ ବଳି କଣ ଆଉ ସୁନ୍ଦର ମୁହୂର୍ତ୍ତ ହୋଇପାରେ ? ଠିକ୍ ସେହି ସମୟରେ ପାପର ବିଗ୍ରହ ଆସି ଆକ୍ରମଣ କଲା । ମୁଖରେ ଶାନ୍ତି, କ୍ଷମାର ହସ, ପୂଜାର ବନ୍ଦାଞ୍ଜଳି, ପ୍ରାର୍ଥନାର ଶବ୍ଦ 'ହରେ ରାମ, ହରେ ରାମ' ସେ ଲୀନ ହୋଇଗଲେ 'ରାମ'ରେ । ସେ କି ନିଷ୍ଠାପର ହିନ୍ଦୁ ! ହିନ୍ଦୁର ବିଶ୍ୱାସ— ମଲାବେଳେ ଯାହାର ଚିନ୍ତା କରିବ, ଯାହାର ନାମ ଉଚ୍ଚାରଣ କରିବ, ମୃତ୍ୟୁ ପରେ ସେଠାରେ ଲୀନ ହେବ ।

ଓମିତ୍ୟେକାକ୍ଷରଂ ବ୍ରହ୍ମ ବ୍ୟାହରନ୍ ମାମନୁସ୍ମରନ୍ ।
ଯଃ ପ୍ରୟାତି ତ୍ୟଜନ୍ ଦେହଂ ସ ଯାତି ପରମାଂ ଗତିମ୍ ।

ତାଙ୍କର କି କଠୋର ସାଧନା ! ମଲାବେଳେ ଅଉ କୌଣସି ଚିନ୍ତା ନ ଥାଇ କେବଳ ଭଗବତ୍ ଚିନ୍ତା ଥିଲା । ଏହାଠାରୁ ବଳି ଆଉ କାମ୍ୟ ନିର୍ବାଣ କଣ ହୋଇପାରେ ? ସେ ଅବିନଶ୍ୱର ପରମ ବ୍ରହ୍ମରେ ଲୀନ ହେଲେ । ତାଙ୍କର କଣ ମୃତ୍ୟୁ ଅଛି ? ସେ ମୃତ୍ୟୁଞ୍ଜୟ

କିନ୍ତୁ ତଥାପି ମନରେ ପ୍ରଶ୍ନ ଉଠେ ଯେ, ମୃତ୍ୟୁର କଣ ଏହି ପନ୍ଥା ? ଆଉ କଣ ଅନ୍ୟ ପନ୍ଥା ନଥିଲା ? ଅଳ୍ପ କେତେ ଦିନ ଆଗରୁ ତ ସେ ଅନଶନ କରିଥିଲେ, ସେଥିରେ ସେ ତ ପରମ ଶାନ୍ତି ପାଇପାରି ଥାନ୍ତେ ! ସେଥିରେ ତେବେ ବାଧା କାହିଁକି ଘଟିଲା ? କିନ୍ତୁ ମହାପୁରୁଷମାନଙ୍କର ଅସାଧାରଣ ମୃତ୍ୟୁ ଯେ ଘଟି ନପାରେ । ମହାପ୍ରଭୁ ଯିଶୁ ଖ୍ରୀଷ୍ଟ ଅତ୍ୟନ୍ତ ଇତର ମନୁଷ୍ୟମାନଙ୍କ ପରି କ୍ରୁଶ ବିଦ୍ଧ ହେଲେ । ମହାପୁରୁଷ ଲିଙ୍କନ୍ ଗୁଳିରେ ନିହତ ହୋଇଥିଲେ । ମହାତ୍ମା ସକ୍ରେଟିସଙ୍କର ମୃତ୍ୟୁ ମଧ୍ୟ ସାମାନ୍ୟ ନଗଣ୍ୟ ଜୀବପରି । ଭଗବାନ୍ ବୁଦ୍ଧଙ୍କୁ ଶୂକରମାର୍ଦ୍ଦବ ଖୁଆଇ ମାରି ପକାଇଥିଲେ । ମହାପୁରୁଷମାନଙ୍କର ମୃତ୍ୟୁ ତ ନଗଣ୍ୟ ଜୀବପରି ହୋଇଥାଏ ! ମହାତ୍ମାଙ୍କର ବା ଅନ୍ୟଥା ହୁଅନ୍ତା କପରି ? ଅନ୍ୟଥା ହୋଇ ନ ପାରେ ଯେ ! ସେ ସାରା ଜୀବନ ସାଧନା କରି ଆସିଲେ ଯେ ସେ ଦୀନ ଦରିଦ୍ରମାନଙ୍କର ; ତାଙ୍କରି ଦୁଃଖରେ ସମଦୁଃଖୀ । ନିଜର କଠୋର ତପସ୍ୟା ବଳରେ ସେ ନିଜକୁ ଦୀନ, ଦରିଦ୍ର, ବିପନ୍ନମାନଙ୍କ ଭିତରୁ ଏକ କରି ପାରିଥିଲେ । ଦେଶରେ ସର୍ବତ୍ର ଯେତେବେଳେ ହିଂସା ବହ୍ନି ଜଳି ଉଠୁଥିଲା, ଲୋକେ ପୋକମାଛିଙ୍କ ପରି ଲକ୍ଷ ଲକ୍ଷ ମରୁଥିଲେ, ଅସଂଖ୍ୟ ନିରୀହ ନିରସ୍ତ୍ର ଲୋକ ଗୁଳିର ଆଘାତରେ ପ୍ରାଣ ହରାଉ ଥିଲେ, ସେ କଣ ବଞ୍ଚି ରହି ପାରନ୍ତେ ? କେତେ ଜଣଙ୍କର ପ୍ରତିଜ୍ଞାରେ ଅନଶନ ଭଙ୍ଗ କଲେ କଣ ଈଶ୍ୱରେଚ୍ଛା ଅନ୍ୟ ପ୍ରକାର ହୁଅନ୍ତା ? ହିଂସାର ନଗ୍ନ ତାଣ୍ଡବ ଦେଖି ଆଉ ସେ ବଞ୍ଚି ରହିବାକୁ ହୃଦୟ ସହିତ ଇଚ୍ଛା କରୁ ନ ଥିଲେ । ତାହା ହେଲା ମଧ୍ୟ । ଅତ୍ୟନ୍ତ ନିରୀହ ନିରସ୍ତ୍ର ଲୋକ ଲକ୍ଷ ଲକ୍ଷ ଉପଦ୍ରବ ଗୁଳିରେ, ହିଂସାର ତରବାରିରେ ପ୍ରାଣ ହରାଉ ଥିଲେ, ସେ ମଧ୍ୟ ସେହିପରି ପ୍ରାଣ ହରାଇଲେ ସାମାନ୍ୟ ଲୋକ ପରି ଏବଂ ମୃତ୍ୟୁରେ ମଧ୍ୟ ଦେଖାଇ ଦେଲେ ଯେ ସେ 'ଦୀନର ବନ୍ଧୁ' ।

ଏମନ୍ତ ମୃତ୍ୟୁରେ ମଧ୍ୟ ତାଙ୍କର ଗୌରବ ପ୍ରଦାନ

Digitized by srujanika@gmail.com

ନୀତି ହୋଇଅଛି । ଏତେ ଅସାଧାରଣ ମହାପୁରୁଷ, ଜାତିର ଶ୍ରେଷ୍ଠ ମାନବର ମୃତ୍ୟୁରେ ମଧ୍ୟ ତ ଦେଶରେ ସେପରି ଭୀଷଣ ପ୍ରତିକ୍ରିୟା ଦେଖା ଗଲା ନାହିଁ ! କି ଭୀଷଣ ରକ୍ତପାତର ଆଶଙ୍କା ଥିଲା ! କିନ୍ତୁ ସେ ତ ସାଧାରଣ ଲୋକପରି ଚାଲିଗଲେ । କି ମହାପୁରୁଷ, କି ସାଧନା ! ! ଅହିଂସା ଥିଲା ତାଙ୍କର ଜୀବନର ବ୍ରତ । ତାଙ୍କର ମୃତ୍ୟୁରେ କିଏ ହିଂସାର ପ୍ରତିକ୍ରିୟା ହୁଅନ୍ତା ? ସର୍ବତ୍ର ଶାନ୍ତି । କୋଟି ମଧ୍ୟ ଦୁଃଖୀ, ଅନୁତାପଦ୍ୱାରା ଅଭିଭୂତ ହୋଇଗଲେ । ଏପରି ମୃତ୍ୟୁରେହିଁ ତାଙ୍କର ଗୌରବ ।

ସେ କଣ ମୃତ୍ୟୁକୁ ଭୟ କରୁଥିଲେ ? ସେ ଯେ ମୃତ୍ୟୁଞ୍ଜୟ । ଅଳ୍ପ କେତେ ଦିନ ଆଗରୁ ମଦନଲାଲ ବୋମାପିଙ୍ଗି ତାଙ୍କୁ ମାରିବାକୁ ଚେଷ୍ଟା କରିଥିଲା । କିନ୍ତୁ ସେ ତ କୌଣସି ପ୍ରକାର ପ୍ରତିକାରର ବ୍ୟବସ୍ଥା କରାଇ ଦେଇ ନାହାନ୍ତି ! ସେ ସାରା ଜୀବନ ଏହି ମୃତ୍ୟୁ ସଙ୍ଗରେ ଯୁଦ୍ଧ କରି ଆସିଛନ୍ତି । ମୃତ୍ୟୁ କଣ ତାଙ୍କୁ ଭୟଭୀତ କରାଇ ପାରେ ? ହରିଜନ ଆନ୍ଦୋଳନ ବେଳେ ପାପର ଆଉ ଏକ ବିଗ୍ରହ, ଗୟାର ପଣ୍ଡାମାନେ ତାଙ୍କ ଉପରେ ଆକ୍ରମଣ କରିଥିଲେ । କିନ୍ତୁ ସେ ତ ଦେହରକ୍ଷାର ବଦଳରେ ପଦବ୍ରଜ ଆରମ୍ଭ କରିଦେଇଥିଲେ ! ସେ କହିଲେ, ମୋର ଯଦି କେହି ଶତ୍ରୁ ଥାଏ, ତେବେ ମୋତେ ରଖିବା ଅନାବଶ୍ୟକ । ସେ ଆସି ସହଜରେ ହତ୍ୟା କରିପାରୁ, ସେଥିରେ କୌଣସି ଆପତ୍ତି ନାହିଁ । କି ହୃଦୟର ଶକ୍ତି, ଆତ୍ମପ୍ରତ୍ୟୟ, ଈଶ୍ୱର ବିଶ୍ୱାସ ! କି କଠୋର ପରୀକ୍ଷା !

ତାଙ୍କର କଣ କେହି ଶତ୍ରୁ ହୋଇପାରେ ? ସେ ଥିଲେ ଅଜାତଶତ୍ରୁ ।

ତଥାପି ନାଥୁରାମ ତାଙ୍କୁ ମାରିଲା । କିନ୍ତୁ ତାଙ୍କୁ କଣ କିଏ ମାରି ପାରେ ? ଗଡସେ ପରି ଲକ୍ଷ ଲକ୍ଷ ଆସିଲେ ମଧ୍ୟ କଣ ତାଙ୍କୁ ମାରି ପାରନ୍ତି ? ସେ ଯେ ମୃତ୍ୟୁଞ୍ଜୟ ! କେବଳ ଗଡ଼ସେ ଦେଖାଇ ଦେଲା ଯେ, ପାପ କି ବିକଟାଳ ରୂପ ଧାରଣ କରିଅଛି । କିନ୍ତୁ କିପରି ତାର ହାତ ଚଳିଲା ? ସେ ମଧ୍ୟ ତ ହସ୍ତପଦ ବିଶିଷ୍ଟ ମନୁଷ୍ୟ ବିଶେଷ ! ସେହି ସୌମ୍ୟ ମୂର୍ତ୍ତି ଦେଖି କଣ ତାର ଆବିଳ ହୃଦୟ ପ୍ରେମ ଧୌତ ହୋଇଗଲା ନାହିଁ ? ପାପ କଣ ଏତେ ଘନୀଭୂତ ହୋଇପାରେ ? ଅସମ୍ଭବ । କେବଳ ଯୁଗ ଯୁଗ ଧରି ଭାରତର ମସ୍ତକ ଅବନତ କରି ଦେଲା, ଇତିହାସ କଳଙ୍କିତ କରି ଦେଲା । ଭାବୀ ବଂଶଧରମାନେ ଯେ ଆମ୍ଭମାନଙ୍କୁ କି ଅସଭ୍ୟ ବନ୍ୟ ପଶୁ ବୋଲି ଭାବିବେ କଳ୍ପନା କରି ହେଉ ନାହିଁ । ତଥାପି ସେ ଆଖି ଫିଟାଇ ଦେଲା ଯେ, ଭାରତର କେତେ ପାପ ପୁଞ୍ଜୀଭୂତ ହୋଇଅଛି । ଏହି ପାପ ପ୍ରକ୍ଷାଳନ ନ କଲେ, ଭାରତର ଅନ୍ୟ ଗତି ନାହିଁ । ସେ ମଧ୍ୟ ବର୍ବର ଶ୍ରେଣୀରେ ଗଣ୍ୟ ହେବ । ଏଣୁ ମହାତ୍ମାଙ୍କ ଠାରେ ଏହି ପ୍ରାର୍ଥନା ଯେ 'ହେ ମୃତ୍ୟୁଞ୍ଜୟ ! ଆଜି ମର୍ତ୍ତ୍ୟ ମନୁଷ୍ୟକୁ ସତ୍ପଥରେ ଚଳାଇ ଦିଅ, ମନୁଷ୍ୟକୁ ମନୁଷ୍ୟ କର !!"

"ପେତା ଜୋଃଷି, ତେତା ନେତା ବୋଧି" ।

×o×—

Digitized by srujanika@gmail.com

# ବିଶ୍ୱ ଇତିହାସ ପ୍ରସିଦ୍ଧ ମାନବଙ୍କ ଅନ୍ତିମ ବାଣୀ

[ ସଂଗୃହୀତ ]

ହତ୍ୟାକାରୀ ଗୁଳିବିଦ୍ଧ ସୋକ୍ରାଟିସଙ୍କ ଶେଷ ବାଣୀ:—

"ମନୁଷ୍ୟ ତାହାର ଆତ୍ମା ସମ୍ପର୍କରେ ହେବ ସ୍ଥିର ବିଶ୍ୱାସୀ, ସେ ଜୀବିତ କାଳରେ ଦୈହିକ ସମସ୍ତ ଆରାମକୁ ତାର ପ୍ରକୃତ ନିକଟରେ ବିଜାତୀୟ ମନେ କରିବ, ତାକୁ କଲ୍ୟାଣ କର ଅପେକ୍ଷା ଅଧିକ କ୍ଷତି-କର ମନେ କରି ଜ୍ଞାନ ପଥରେ ଯାତ୍ରା କରିବ ଏବଂ ତାହାର ଆତ୍ମାକୁ ବିଜାତୀୟ ଅଳଂକାରରେ ଭୂଷିତ ନ କରି, ନିଜସ୍ୱ ଅଳଂକାର— ସଂଯମ, ନ୍ୟାୟ, ଧୈର୍ଯ୍ୟ, ସ୍ୱାଧୀନତା ଏବଂ ସତ୍ୟ ଦ୍ୱାରା ଅଳଂକୃତ କରି ଲୋକାନ୍ତରକୁ ଯିବା ପାଇଁ ଅପେକ୍ଷା କରି ରହିବ ଏବଂ ଶେଷ ଆହ୍ୱାନ ପାଇଁ ସବୁବେଳେ ପ୍ରସ୍ତୁତ ରହିଥିବ ।"

+ +

ଜୀବନ୍ତ ବହ୍ନିନିକ୍ଷିପ୍ତ ଫ୍ରାନ୍ସର ମୁକ୍ତିସଂଗ୍ରାମରତ ବୀରତରୁଣୀ ଜୋଆନ ଅଫ୍ ଆର୍କ:—

" ମୋର ବାଣୀ ଭଗବାନଙ୍କରହିଁ ବାଣୀ ।"

+ + +

ଆତତାୟୀ ଗୁଳିବିଦ୍ଧ ମାର୍କିନ ଗୃହଯୁଦ୍ଧ ବିରୋଧୀ ଓ ନିଗ୍ରୋ ଦାସତ୍ୱ ବିରୁଦ୍ଧରେ ସଂଗ୍ରାମରତ ଏବ୍ରାହମ ଲିଙ୍କନ:—

"ହେଲେ ଗୌରବମୟ ବିଜୟ ନ ହେଲେ ହୀନ ପରାଜୟ" !

+ + +

ଆତତାୟୀ କୃତ ଅହତ ରୁଷ ଭାଗ୍ୟ ବିଧାତା ଲେନିନ: —

ମନୁଷ୍ୟର ପ୍ରିୟତମ ସମ୍ପଦ ତାହାର ଜୀବନ ଏବଂ ଯେହେତୁ ଏହି ଜୀବନ ସେ ଥରକରୁ ବେଶୀ ପାଇପାରେ ନାହିଁ, ସେଥିପାଇଁ ତାକୁ ଏପରି ଭାବେ ଚଳିବାକୁ ହେବ ଯଦ୍ୱାରା ନିଷ୍ଫଳ ଧନର ଅନ୍ତର୍ଦାହ ତାକୁ ଭୋଗିବାକୁ ନ ହୁଏ, ଏପରି ଭାବେ ବଞ୍ଚିବାକୁ ହେବ ଯଦ୍ୱାରା ଅତୀତ ଦିନର ଭୀରୁତା ଏବଂ ଅବହେଳାର ଲଜ୍ଜା ତାକୁ ଭୟଭୀତ ନ କରେ, ଏପରି ଭାବେ ବଞ୍ଚିବାକୁ ହେବ ଯଦ୍ୱାରା ମୃତ୍ୟୁ କାଳରେ ସେ କହି ପାରେ, ମୁଁ ମୋର ସମସ୍ତ ଜୀବନ, ସମସ୍ତ ଶକ୍ତି, ମନୁଷ୍ୟର ମୁକ୍ତିରୂପ ପରମ ସୁନ୍ଦର କାମରେ ନିଯୋଗ କରିଅଛି ।"

+ + +

ଆତତାୟୀ ଗୁଳିବିଦ୍ଧ ମହାମାନବ ମହାତ୍ମାଗାନ୍ଧୀଙ୍କ ଶେଷ ଲେଖା: —

"ସାମ୍ପ୍ରଦାୟିକ ମିଳନ ଆଦୌ ନୂତନ କଥା ନୁହେଁ । ଜାତୀୟ ସ୍ୱାଧୀନତାର ସ୍ତମ୍ଭ ହିସାବରେ ଏହି ଆଦର୍ଶ ସର୍ବଦା ଦେଶର ଅଗ୍ରଭାଗରେ ରଖା ହୋଇଅଛି । ସାମ୍ପ୍ରଦାୟିକ ମିଳନ ବ୍ୟତିରେକେ ସ୍ୱାଧୀନତା ସ୍ଥାୟୀ ହୋଇ ରହି ପାରେ ନାହିଁ । ଏହି ଆଦର୍ଶକୁ ଅଳ୍ପ ବିସ୍ତର ସ୍ୱତଃସିଦ୍ଧ ହିସାବରେହିଁ ଗ୍ରହଣ କରାହୋଇ-ଅଛି ।

ମିଳନର ସୌଧ ଯେ ଏକମାତ୍ର ଗଠନ ମୂଳକ କାମ ଉପରେହିଁ ଦଣ୍ଡାୟମାନ ହୋଇପାରେ, ଏ କଥା ପ୍ରତ୍ୟେକଙ୍କର ସ୍ମରଣ ରଖିବା ଆବଶ୍ୟକ । ପ୍ରଶ୍ନ ଉଠିପାରେ କି ଉପାୟରେ ଏହି ଅଭିଷ୍ଟଲାଭ କରାଯାଇପାରେ ! ମିଳନ ବିଶ୍ୱାସୀ ପ୍ରତ୍ୟେକ କର୍ମୀ ଏହି ଆଦର୍ଶ ତାଙ୍କ ଜୀବନର ଅଙ୍ଗୀଭୂତ କରି ନେବେ ଏବଂ ପ୍ରତିବେଶୀଙ୍କ ମନରେ ସୁଦ୍ଧା ତାହା ଜାଗ୍ରତ କରିବେ । ଗଠନମୂଳକ କାମର ବୈଜ୍ଞାନିକ ଭିତ୍ତି କଣ, ତାହା ବ୍ୟାଖ୍ୟା କରିଦେଲେ ସମସ୍ତଙ୍କ ଚିତ୍ତାକର୍ଷକ ହୋଇ ଉଠିବ ।

ସଂଖ୍ୟା ଲଘୁଙ୍କ ପ୍ରତି ସଂଖ୍ୟାଗୁରୁମାନେ ନ୍ୟାୟ ବିଚାର କରିବେ । ହିନ୍ଦୁ ଯଦି ଓ ମହମ୍ମଦ ମଣ୍ଡଳୀରେ ଏହି ବିଶ୍ୱାସ ଘୋଷଣା କରନ୍ତି [illegible] ସଂଖ୍ୟାଲଘୁଙ୍କ ଚିନ୍ତ

Digitized by srujanika@gmail.com

କରି ବିଶୁଦ୍ଧ ହିନ୍ଦୁ ରାଜ୍ୟ ପ୍ରତିଷ୍ଠା କରି ପାରନ୍ତି, ତାହାହେଲେ ହିନ୍ଦୁ ଧର୍ମ ଏବଂ ସଂଖ୍ୟାଗୁରୁ ସମ୍ପ୍ରଦାୟ ଧରାପୃଷ୍ଠରୁ ଅଚିରେ ଲୁପ୍ତ ହୋଇଯିବେ ।"

## ମରଣ ମୁହୂର୍ତ୍ତର ଶେଷ କଥା

ମହମ୍ମଦ :— ହେ ଆଲ୍ଲା ! କ୍ଷମା କର୍ରୁହି ମାଗି ନେଲି, ଆଜିଠାରୁ ମୁଁ ସ୍ୱର୍ଗର ଜ୍ୟୋତିସ୍ମ ସମାଜର ଅଧିବାସୀ ।

ଜେରୋମ୍ (ପ୍ରାଗ୍) :— ପ୍ରଭୋ !! ତୁମେ ଜାଣ, ସତ୍ୟହିଁ ମୋର ଜୀବନର ଲକ୍ଷ୍ୟ ଥିଲା ।

ପ୍ରେସିଡେଣ୍ଟ ଏଡାମସ୍ :— ଚିର ସ୍ୱାଧୀନର ଜୟ ।

ସ୍ପେନର ଦ୍ୱିତୀୟ ଆଲେକ୍ ଜେଣ୍ଡାର :— ମୁଁ ଶେଷ ଶଣ୍ଡର ଭକ୍ତ ଯୌନ ତୋରଣ ଅତିକ୍ରମ କରି ଚାଲିଛି ।

ବୋହେମିଆନମାନଙ୍କ ନେତା ଜିସ୍କା :—

ମୋର ଚମଡାରେ ଦୁନ୍ଦୁଭି ପ୍ରସ୍ତୁତ କରି ବୋହେମିଆନମାନଙ୍କ କଲ୍ୟାଣରେ ବ୍ୟବହାର କର ।

ସ୍ମିଃ ଜୋ: ରେଡନ୍ :— ଏତେ କାମ ବାକି ଅଛି, ଅଥଚ ଏତେ ଅଳ୍ପ ଜୀବନ ହେଲା ।

ଟଲେ :— (ଘାତକ ହାତରେ ମୃତ୍ୟୁ ପୂର୍ବରୁ) ମୁଣ୍ଡ ଉପର ଶଣେ ରହିବ ବର୍ତ୍ତମାନ ତାହା ଛାଡିବା ବୃଥା ।

ନେଲସନ୍ :— ମୁଁ ମୋର କାମ କରିଛି, ଭଗବାନଙ୍କ ପ୍ରତି ମୁଁ କୃତଜ୍ଞ ।

ଲେଟିମାର :— ଆଜି ଏପରି ଆଲୁଅ ଜଳିଛି ଯାହା କେବେହେଁ ଲିଭିବ ନାହିଁ ।

ବାର୍କ :— ଭଗବାନ ତୁମର କଲ୍ୟାଣ କରନ୍ତୁ

ବେଟୋଫେନ :— ମୁଁ ପର ଲୋକରେ ଶୁଣିବାକୁ ପାଇବି ।

ମାଇକେଲ ଏଞ୍ଜେଲୋ :— ମୋ ଆତ୍ମା ଈଶ୍ୱରଙ୍କୁ, ଦେହ ପୃଥିବୀକୁ ଏବଂ କାମ ସଂସାରକୁ ସମର୍ପଣ କଲି ।

ଜୋୟାନ ଅଫ୍ ଆର୍କ :— ଜୀସସ୍, ତୁମେ କଲ୍ୟାଣ ମୟ ।

ଯୀଶୁଖ୍ରୀଷ୍ଟ :— ପିତଃ, ଏମାନଙ୍କୁ କ୍ଷମା କର, ଏମାନେ କଣ କରନ୍ତି ଜାଣନ୍ତି ନାହିଁ ।

ଗ୍ରହାମ ଷ୍ଟାଇନ୍ସ :— ହା ! ଜୀସସ୍ !!

ମହାତ୍ମାଗାନ୍ଧୀ :— ହା ! ରାମ !!

Digitized by srujanika@gmail.com

# ଶତାବ୍ଦୀର ସୂର୍ଯ୍ୟ

ଶ୍ରୀ ସୂର୍ଯ୍ୟ ନାରାୟଣ ପାଢ଼ୀ

ଭାରତ ଭାଗ୍ୟ ବିଧାତା ହେ ପୂଜ୍ୟ ବାପୁଜୀ !
ଶତାବ୍ଦୀର ହେ ପ୍ରଦୀପ୍ତ ଅଗ୍ରଦୂତ ରବି
ସୀମାକାଶ ଅତିକ୍ରମି- ସୀମାହୀନ ଲୋକେ
ଉଦ୍‌ଭାସିତ ଆଜି ତବ ଉର୍ଜସ୍ୱଳ ଛବି ।
ମହାମାନବର ମୃତ୍ୟୁ-ମୃତ୍ୟୁ ନୁହେ ଯେ ଯେ
ଚିରନ୍ତନ କାଳ ବକ୍ଷେ ଶାଶ୍ୱତ ଜୀବନ
ଅଖିଳ ବିଶ୍ୱର ହୃଦ ଉଦୟ ଅଚଳେ
ଜାଗ୍ରତ ହେ ସୂର୍ଯ୍ୟ ନିତ୍ୟ ଅମୃତ କିରଣ ।
ତୁମେ ଯେ ଥିଲ ସତ୍ୟର ପାଗଳ ପ୍ରେମିକ
ଆଲିଙ୍ଗନେ ତେଣୁ ତାର ହେଲ ଗାଢ଼ବନ୍ଧ
ଅହିଂସା ମନ୍ଦିରେ ଶୁଚି ବ୍ରତ ହେ ପୂଜାରୀ
ଅହିଂସାର ସିଦ୍ଧାସନେ ରହିଲ ନିଷ୍ପନ୍ଦ ।
ଧରଣୀର ବିଷ ପିଇ ହେଲ ନୀଳକଣ୍ଠ
ବକ୍ଷେ ତାର ଢାଳି ଶାନ୍ତି ପୀୟୂଷ ଝରଣା
ମରତ ଭୂମିରେ ବଳି ଆସେ ଧନ୍ୟ ତେଣୁ
ରଚିଲ ଦିଗଦିଗନ୍ତେ ଶୁଭ୍ର ନୀରାଜନା ।
ତୁମେ ଯୁଗ ଦଧୀଚି ଓ ତୁମେ ଯୁଗ ଖ୍ରୀଷ୍ଟ
ଏକ ତନୁ ଦେଲ ବଳି ବିଶ୍ୱର ଲାଗି
ଏକ ପ୍ରାଣ ପରିମ୍ୱେର ଶତ କୋଟି ପ୍ରାଣେ
ବିପୁଳ ଗୌରବେ ତୁମେ ରହିଲ ତ ଜାଗି !!

× × ×

କୋଟି ମୂଢ଼ ମୂକ ମୁଖେ ତୁମେ ହେ ବାପୁଜୀ
ଦେଲ ଯଗ ଅଗ୍ନିଶିଖ ପ୍ରାଣ ଦୀପ୍ତ ଭାଷା
କୋଟି ନଗ୍ନ ଭଗ୍ନ କକ୍ଷେ ଶ୍ରାନ୍ତ ଶୁଷ୍କ ବକ୍ଷେ
ତରଙ୍ଗିତ କଲ ପୁନଃ ସ୍ଫୀତ ସ୍ୱପ୍ନ ଆଶା ।
ଦେଲ କେଶରୀ ସନ୍ତାନ - ପରିଚୟ ଗର୍ବ-
ଦୀନ ସଙ୍କୁଚିତ ଭୀତ କ୍ରୀତଦାସ ପ୍ରତି

ଚକିତ ଅନ୍ୟାୟ ଭୀରୁ ସ୍ୱେଚ୍ଛାଚାରୀ ପଲଟଣ
ଉପୁଲ ହେ ଅନ୍ୟାୟର ଉପ୍ରମୂର୍ତ୍ତି ମୂରତ ।
ହିମାଚଳୁ ସିନ୍ଧୁଗର୍ଭେ ତବ ବହ୍ନିଶିଖା
ଲେଖିଲ ତରଙ୍ଗେ ଲୋକେ ସ୍ୱାଧୀନତା ମନ୍ତ୍ର
ଜାଗିଲ ଉଚ୍ଛ୍ୱସି ଜାତି-ଶୌର୍ଯ୍ୟ ସିଂହ ବୀର୍ଯ୍ୟେ
ଭୁଲି କ୍ଲୀବ ବିକଳତା ନୀଚ ପରତନ୍ତ୍ର ।
ତ୍ୟାଗ ପୁଣ୍ୟ ହୋମାନଳେ ଦେଇ ଆତ୍ମାହୁତି
ଅତ୍ୟୁତ ଅବ୍ୟୟ ଦ୍ୟୁତି ଧରିଲ ବିଶ୍ୱେ
ଦୁଃଖର ଦାରୁଣ ଦୀପ-ଆଲୋକେ ଉଜ୍ଜ୍ୱଳ
ଉଦାରି ମୁକ୍ତିର ପଥ ଗଢ଼ିଲ ନିର୍ଭୟେ ।
ଦୂର କଲ ଆବର୍ଜନା ଶତ ଶତାବ୍ଦୀର
ଚୂର୍ଣ୍ଣି କଲ ଲାଞ୍ଛନାର ଦୃଶ୍ୟ ଇତିହାସେ
ତ୍ରିଂଶକୋଟି କଙ୍କାଳର ଧୂସର ଶ୍ମଶାନେ
ସୃଜିଲ କନକ ସ୍ୱର୍ଗ ଦିବ୍ୟ ଜୀବନ୍ୟାସେ ।
ଛିନ୍ନକଲ ଜାତି ଦାରିଦ୍ର୍ୟର ନାଗ ପାଶ
ଅରଟର ସୁଦର୍ଶନ ଚକ୍ର ଆବର୍ତ୍ତନେ
ମାନବରେ ମାନବତ୍ୱ ଦେଲ ହେ ଫେରାଇ
ବାନ୍ଧିଲ ଭାରତେ ପ୍ରେମ ଅଖଣ୍ଡ ବନ୍ଧନେ ।
ରାମ ଓ ରହିମ ଜୟ ଗାନ ଏକ ବୀଣା-
ତାରେ ହେ ନବ କବୀର କଲ ବିଲସିତ
ମହାମାନବର ତୀର୍ଥ ରଚିଲ ଭାରତେ
ସନାତନ ଆର୍ଯ୍ୟ ଧର୍ମେ କରି ବିଭୂଷିତ ।
ଆଜି ତବ ତପୋମୂର୍ତ୍ତି ସମୁନ୍ନତ ଭାଲେ
ରାଜେ ସହୃଦର ଚିରକାନ୍ତ ଜୟ ମାଲ୍ୟ
କ୍ଷମାଶୀଳ ମୁଖେ ତବ ପ୍ରଶାନ୍ତ ମହିମା
ଭାରତ ମହା ଆଦର୍ଶ ପାବନ ନିର୍ମାଲ୍ୟ !

—×--✤--×—

# "ମରଣକୁ କରୁଅଛି ଅମୃତ ସୋପାନ"

ଅଧ୍ୟାପକ ଶ୍ରୀ ରାଜକିଶୋର ରାୟ

ବାପୁଜୀଙ୍କର ତିରୋଧାନ ପରେ ମାତ୍ର ଯାହା କହିବାର ଥିଲା, ସେତିକି କହି ବିଶ୍ୱର ପ୍ରଧାନ ପ୍ରଧାନ ମନୀଷୀ ଅଶ୍ରୁ ତର୍ପଣ କରିସାରିଛନ୍ତି। ଗୋଟାଏ ମୁହୂର୍ତ୍ତ ବେଳାରେ, ବର୍ଷକ ପୂର୍ବର ଏଇ, ବାପୁଜୀ ପୃଥିବୀରୁ ଅନ୍ତିମ ବିଦାୟ ନେଲେ, ଆଉ ଗୋଟିଏ ମୁହୂର୍ତ୍ତ ବେଳାରେ ତାଙ୍କର ମର ଶରୀର ଦଗ୍ଧ ହୋଇଗଲା। ଏହି ଦୁଇଟି ମୁହୂର୍ତ୍ତ ବ୍ୟବଧାନରେ ବିଶ୍ୱର ଅପୂର୍ବ ବିଧାନ ଦିବସଟିଏ କଟିଗଲା; ପୁଣି ଅତିବାହିତ ହୋଇଗଲା। ସେହି ଦିନଠାରୁ ସୂର୍ଯ୍ୟ ଉଦିତ ହେଉଛି, ଅସ୍ତ ଯାଉଛି। କାଳର କରାଳ ଚକ୍ର ଅନୁପମ ଛନ୍ଦରେ କ୍ୱଣିତ ହୋଇ ଗତି କରୁଛି।

ନିଷ୍ପେଷିତ କ୍ରିୟାଶୀଳ କାଳ ସବୁ ପଦାର୍ଥରେ ସମତା ଆଣେ। କାଳର ଶାସନକୁ ଲୋକ ଅଦୃଷ୍ଟ କହି ସାମୟିକ ବନ୍ଧୁବନ୍ଧ ଭାବ ଦେଖାଇଲେ ବି ଶେଷରେ ସେହି କାଳର ଶରଣାପନ୍ନ ହୁଏ। ମହାତ୍ମାଜୀଙ୍କର ତିରୋଧାନରେ ମଧ୍ୟ କାଳର ଏହି ବିଧାନ ମାନିନେବାକୁ ହେବ। ଯେପରି ମନେହୁଏ ଯାହା ଘଟିଗଲା, ତାହା ଘଟିବାର ଥିଲା, ତାହାରି ଅନ୍ୟଥା କଳ୍ପନା କରି ହୁଏ ନାହିଁ।

ସମସ୍ତେ କହୁଛନ୍ତି ଜୀବନରେ ବାପୁଜୀ ଯାହା ଅପୂର୍ଣ୍ଣ ରଖିଗଲେ, ମରଣରେ ତାହା ପୂର୍ଣ୍ଣ ହେବ। କିନ୍ତୁ ଯଦି ମରଣ ପରେ ଦେଶ ତାଙ୍କ କ୍ରିୟାର ଧାରାକୁ ମାଡ଼ିଗୋଡ଼ି ପକାଏ, ତାଙ୍କ ଅପୂର୍ଣ୍ଣ କାମକୁ ପୁଣି ଅପୂର୍ଣ୍ଣ ରଖେ, ତେବେ ମହାମାନବଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଦେବାରେ ଲାଭ କଅଣ?

ଧୂଳିରୁ ଉଠାଇ ସ୍ୱର୍ଗକୁ ଦୃଷ୍ଟି ଦେବାକୁ ଶିଖିବାକୁ ମହାତ୍ମାଜୀ ଦେଶକୁ ଉଦ୍‌ବୋଧନ ଦେଇଛନ୍ତି। ଦେଶ ସ୍ୱାଧୀନ ହେଲା। ବିଦେଶୀର ଶୋଷଣଛାୟା ଅପସୃତ ହୋଇଗଲା। ଗୋଟାଏ ବୈଦେଶିକ ଶକ୍ତିର ପରାଜୟରେ ଦେଶ ନବ ପ୍ରଭାତରେ ସୁବର୍ଣ୍ଣ ଆଲୋକର ସନ୍ଧାନ ପାଇଲା। ଯେଉଁ ଅପୂର୍ବ ବିଧାଣୀ ଅହିଂସା ପନ୍ଥା ଭାରତର ଜନମାନଙ୍କୁ ବିଶ୍ୱରେ ପରିଚିତ କରାଇଦେଲେ, ସେହି ମହା ଶକ୍ତିଶାଳୀ ମହା ମାନବ ଗାନ୍ଧିଜୀଙ୍କର କର୍ମଧାରାକୁ ଭୁଲିଗଲେ ଚଳିବନାହିଁ।

ଦେଶ ସ୍ୱାଧୀନ ହେଲେ ବି ଆମର ମନ ସ୍ୱାଧୀନତା ରୂପକ ଅମୃତକୁ ଗ୍ରହଣ କରିବାରେ ତତ୍ପର ହୋଇପାରୁନାହିଁ। ଶତାଧିକ ବର୍ଷ ବିଦେଶୀର ଅତ୍ୟାଚାରରେ କ୍ଷୀଣବଳ ହୋଇ ଭାରତର ନରନାରୀଙ୍କର ନୈତିକ ଶକ୍ତି ହ୍ରାସ ହୋଇଛି। ତେଣୁ ଦେଶରେ ଆଜି କଳହ; ସାଂପ୍ରଦାୟିକତା ବିଷ, ଜାତି ଜାତି ଭିତରେ ବିଦ୍ୱେଷ ଓ ସମସ୍ତଙ୍କ ମନରେ ପରସ୍ପର ପ୍ରତି ଅସହନୀୟ ଭାବ ଉତ୍କଟ ହୋଇ ଯାଇଛି। ଏ ଅଗ୍ନିକୁ ନିର୍ବାପିତ କରିବା ଦୂରରେ ଥାଉ, ଦେଶର ପ୍ରତିକ୍ରିୟାଶୀଳ ବିଭିନ୍ନ ଶକ୍ତି ବିଶୃଙ୍ଖଳାକୁ ପରମ ସୁବିଧା ମନେ କରି ତାହାକୁ ପରପ୍ରଚାର ଦ୍ୱାରା ପ୍ରଖର କରୁଛନ୍ତି। ଫଳରେ ଦେଶର ଅଭ୍ୟନ୍ତରରେ ବିପ୍ଳବ; ପ୍ରାନ୍ତରେ ରକ୍ତପାତ।

ସନ୍ଧ୍ୟା ପରେ ସନ୍ଧ୍ୟାରେ ବିରଳା ଉଦ୍ୟାନରେ ବାପୁଜୀ ଏହି କଥା ଦେଶବାସୀଙ୍କୁ ବୁଝାଇ ଭାରତର ଭୂମିରେ ହିଂସା ଓ ସାଂପ୍ରଦାୟିକତା ବିଷର ମୂଳୋତ୍ପାଟନ କରିବାକୁ ଚେଷ୍ଟା କରୁଥିଲେ। ଜଣେ ତ୍ୟାଗୀ ପକ୍ଷରେ ଯାହା ସହଜରେ ଉଚ୍ଚାରିତ ହୋଇଥିଲା, ଯାହା ସହଜରେ ଆଦର୍ଶ ବୋଲି ପରିଗୃହୀତ ହୋଇଥିଲା, ତାହା ସର୍ବସାଧାରଣଙ୍କ ପକ୍ଷରେ ଅସମ୍ଭବ ବୋଧହେଲା। ହିଂସା ଦ୍ୱାରା ହିଂସାର ଉଚ୍ଛେଦ ସାଧନ ଏହାହିଁ ବୋଲି ଦଳେ ଲୋକଙ୍କର ନୀତି। ଶ୍ରୀମ

Digitized by srujanika@gmail.com

ଓ ବୁଦ୍ଧଙ୍କ ଭଳି ମହାତ୍ମା ଗାନ୍ଧି ମଧ୍ୟ ତୁଳ ହସ୍ତ ଉତ୍ତୋଳନ କରି କ୍ଷମାର ବାଣୀ ଶୁଣାଇଥିଲେ, ଅହିଂସାର ବାଣୀ ଶୁଣାଇଥିଲେ । ସେ ବାଣୀ ଭୀରୁ ଓ ଦୁର୍ବଳର ବାଣୀ ନୁହେଁ, ସେଥିରେ ବୀର୍ଯ୍ୟ ଓ ଶୌର୍ଯ୍ୟର ପର୍ଯ୍ୟାପ୍ତ ପରିଚୟ ମିଳୁଛି । ଅଖଣ୍ଡ ଓ ଅବିଭକ୍ତ ଭାରତର ଦୁଇ ସଂପ୍ରଦାୟ ହିନ୍ଦୁ ଓ ମୁସଲମାନ ଆଜି ନହେଲେ କାଲି ପୁଣି ସୁଖ ଓ ଶାନ୍ତିରେ ବାସ କରିବେ । ପାକିସ୍ଥାନ ରାଜନୀତିର ପ୍ରଚ୍ଛନ୍ନ ଓ ଏକ ଭୀଷଣ ରୂପ । ଆତ୍ମନିୟନ୍ତ୍ରଣର ଅର୍ଥ ନୁହେ ଯେ, ଦେଶର ସଂସ୍କୃତି ଓ ପରଂପରାକୁ ତୁଚ୍ଛଜ୍ଞାନ କରି କେବଳ ନିଜ ସମ୍ପ୍ରଦାୟକୁ କେନ୍ଦ୍ର କରି ଏକ ଅନୁଷ୍ଠାନରେ ଆବଦ୍ଧ କରି ରଖିବା ।

ବାପୁଜୀଙ୍କ ପ୍ରତି ସଦ୍‌ଭାବ ଓ ସୌଜନ୍ୟ ହିନ୍ଦୁସ୍ଥାନରେ ଯେପରି ହିନ୍ଦୁମାନେ ରକ୍ଷା କରିଥିଲେ, ପାକିସ୍ଥାନର ମୁସଲମାନମାନେ ମଧ୍ୟ ତାଙ୍କ ପ୍ରତି ସଦ୍‌ଭାବ ମୈତ୍ରୀଭାବ ଦେଖାଇଛନ୍ତି । ତାଙ୍କର ଚିନ୍ତା ଓ କର୍ମ ସଙ୍କୀର୍ଣ୍ଣ ଓ ସାମ୍ପ୍ରଦାୟିକ ନଥିଲା । ତାଙ୍କର ଦର୍ଶନ ବିଶ୍ୱଦର୍ଶନ, ତାଙ୍କର କର୍ମଧାରା ବ୍ୟାପକ, ତାଙ୍କର ପ୍ରୀତି ଇତର ପ୍ରତି ସେବାପାଇଁ ଅଭିପ୍ରେତ ଥିଲା ।

ସାମାଜିକ ଓ ଅର୍ଥନୈତିକ ସଂସ୍କାର ବିଷୟ ଗାନ୍ଧୀଜି ଭାବରେ ଚିନ୍ତା କରୁଥିବା ବେଳେ ଏବଂ ସ୍ୱାଧୀନ ଭାରତ ବର୍ଷକୁ ଉନ୍ନତ ଓ ଜାଗ୍ରତ ଦେଖିବାକୁ କଳ୍ପନା କରୁଥିବା ବେଳେ, ବାପୁଜୀ ଦେହାନ୍ତ ହୋଇଗଲେ । ତେଣୁ ତାଙ୍କର ଅମିତତେଜ, ବଳିଷ୍ଠ ବ୍ୟକ୍ତିତ୍ୱ ଅଭାବରେ ଦେଶରେ ନାନା ସଙ୍କୀର୍ଣ୍ଣ ବିଦ୍ରୋହ ଦେଖା ଦେଇଛି । ତାଙ୍କର ମୃତ୍ୟୁପରେ ପରେ ଆମକୁ ଶୁଣିବାକୁ ହେଉଛି ନେହେରୁ ଓ ପଟେଲଙ୍କର ମତଦ୍ୱୈଧ କଥା । ତାଙ୍କ ମୃତ୍ୟୁ ପରେ ପରେ ଆମେ ଶୁଣୁଚୁ, ସୋସିଆଲିଷ୍ଟଙ୍କର ଅଭିଯୋଗ ଯେ ଭାରତ ସରକାର ଏ ହତ୍ୟା ପାଇଁ ଦାୟୀ, ତେଣୁ ସେମାନେ ଗୃହଳିପ୍ସାଅନ୍ତୁ । ନିବପକ୍ଷ ଭାବରେ ପାକିସ୍ଥାନ ଆଜି ଏ ହତ୍ୟାକୁ ଏକ ସୁବର୍ଣ୍ଣ ସୁଯୋଗ ନିଜ ପକ୍ଷର ସୁଯୁକ୍ତ ଭାବରେ କାଶ୍ମୀର ସଂଖ୍ୟା ଲଘିଷ୍ଠ ସମସ୍ୟା ଓ ହିନ୍ଦୁ ମୁସଲମାନ କଳହକୁ ଅତିରଞ୍ଜିତ କରିବାକୁ ଚାହାନ୍ତି । ବିଶୃଙ୍ଖଳା ଓ ଅନୀତିରେ ଦେଶ ଜର୍ଜରିତ । କର୍ଣ୍ଣଧାର ଅନ୍ତର୍ହିତ ହୋଇ ଯିବାରେ ବାତକ୍ଷିପ୍ତ ନୌକାର ଅବସ୍ଥା ଯେପରି ଭୟାବହ ହୋଇଯାଏ, ଭାରତର ଅବସ୍ଥା ଆଜି ସେହିପରି ଉଦ୍‌ବେଗଜନକ ହୋଇ ଯାଇଛି ।

କିଏ ଭାରତକୁ ଏଥିରୁ ଉଦ୍ଧାର କରିବ ? କୌଣସି ଜାତୀୟ ବିପତ୍ତି ଘଟିବାବେଳେ ଦେଶର ସନ୍ତାନ ଓ ସେବକ ଜାତି ଓ ଦେଶର ଆଦର୍ଶକୁ ଅନୁଗତ୍ୟ ଦେଖାଇବା ଉଚିତ । ପାଶ୍ଚାତ୍ୟ ଦେଶରେ ବହୁ ଜାତୀୟ ବିପତ୍ତି ଘଟିଛି । ତଥାପି ସରକାର ତଥା ଜନସାଧାରଣ କ୍ଳେଶ ସହ୍ୟ କରି ଦେଶର ଗୌରବ ରକ୍ଷା କରିଥାନ୍ତି । ଯଦି ସେହିପରି ଭାରତକୁ ଉଦ୍ଧାର କରିବାକୁ ହେବ, ଭ୍ରାତୃଭାବ, ପ୍ରେମ, ଅହିଂସା ଓ ସତ୍ୟକୁ ସଂଗ୍ରହ କରି ମହାତ୍ମାଙ୍କର ଜୀବନର ନୀତି ଓ ଆଦର୍ଶକୁ ବଞ୍ଚାଇବାକୁ ହେବ । ତାହା ନହେଲେ ଏ ଦେଶର କ୍ଷୟ ଅବଶ୍ୟମ୍ଭାବୀ । ଏଥିପାଇଁ ଯୁବଶକ୍ତି ଉଦ୍‌ବୁଦ୍ଧ ହୋଇ ସ୍ଥିର ମନରେ କାର୍ଯ୍ୟ କରୁ ! ବାପୁଜୀ ମରଣକୁ ଅମୃତ ସୋପାନ କରିଯାଇଛନ୍ତି । ଭାରତର ବାସିନ୍ଦାମାନେ ଅମୃତ ସନ୍ତାନ ହୁଅନ୍ତୁ ! ଭାରତର ଆତ୍ମା ମୁକ୍ତ ହେଉ !

**ପୁରୀ ସହର ପାଇଁ 'ଚତୁରଙ୍ଗ'ର ଏଜେଣ୍ଟ**
ଶ୍ରୀ ଚିନ୍ତାମଣି ମହାପାତ୍ର
ଶକ୍ତି ପ୍ରେସ. ପୋ: ଅ: ପୁରୀ

Digitized by srujanika@gmail.com

# ଗାନ୍ଧି ଅବତାର

ଶ୍ରୀ ରଘୁନାଥ ଦାସ

ଗାନ୍ଧିଜୀଙ୍କ ମୂର୍ତ୍ତିର ପୂଜା ଲାଗି ମନ୍ଦିର ତିଆରି ହେବାର ପ୍ରସ୍ତାବ ଉଠିଛି । କେତେ ସ୍ଥାନରେ ଦେବଦେବୀଙ୍କ ପାର୍ଶ୍ୱରେ ଗାନ୍ଧିଜୀଙ୍କ ପ୍ରତିକୃତି ସ୍ଥାପନ କରାଗଲାଣି ଓ ଧୂପଦୀପ ନୈବେଦ୍ୟରେ ଅର୍ଚ୍ଚନା ଯଥାବିଧି ହେଲାଣି । ପ୍ରମାଣ ଅତି ପ୍ରବଳ ଯେ ଗାନ୍ଧିଜୀ ଭଗବାନଙ୍କର ଅବତାର ଥିଲେ । ଅର୍ଥାତ୍ ଗୋଡ଼ସେ ଯେଉଁ କାର୍ଯ୍ୟର ଆରମ୍ଭ ମାତ୍ର କରିଥିଲା, ତାହା ସମ୍ପୂର୍ଣ୍ଣ କରିବାକୁ ଯାହା କିଛି କରିବା ଦରକାର ସେଥିଲାଗି ଉଦ୍ୟମ ହେଉଛି ଖୁବ୍ ଜୋରସୋରରେ । ଗାନ୍ଧିଜୀଙ୍କୁ ଉପାସନା କରିବା ଲାଗି ଏହି ଯେଉଁ କୁତ୍ସିତ ଷଡ଼ଯନ୍ତ୍ର, ତାହା ଗଡ଼ସେର ହତ୍ୟାକାଣ୍ଡଠାରୁ ଲକ୍ଷଗୁଣ ଅଧିକ ମାରାତ୍ମକ, କୋଟିଗୁଣ ନୃଶଂସ ।

ଅତୀତରେ ଏ ପ୍ରକାର ଷଡ଼ଯନ୍ତ୍ର କେବେ ବିଫଳ ହୋଇ ନାହିଁ । ମାନବ ଜାତିର ଉନ୍ନତି କାମନା କରି ଯେଉଁ ମହାପୁରୁଷମାନେ ସମଗ୍ରତା ସହିତ ବିପ୍ଳବ ଚଳାଇ ଜନତାକୁ ଉଦ୍‌ବୁଦ୍ଧ କରିଛନ୍ତି, ସେମାନଙ୍କୁ ମାଟିରୁ ଉପରକୁ ଉଠାଇ ଦିଆଯାଇଛି... ସେମାନେ ଅବତାର ରୂପରେ ପୂଜା ପାଇଛନ୍ତି... ତାଙ୍କର ବାଣୀ ହୋଇଛି ସ୍ୱର୍ଗପୁରୀର ବାଣୀ... ଏ ମର୍ତ୍ତ୍ୟରେ ତାକୁ ପାଳନ କରିବା ଅସମ୍ଭବ... ମନୁଷ୍ୟ ପ୍ରତି ତାର ପ୍ରୟୋଗ ନାହିଁ । ଶେଷରେ ସମାଜ ତାକୁ ଗ୍ରହଣ କରେ ଗଳ୍ପ-ଗୁଜବରେ ... ରଙ୍ଗୀନ୍ ଓ ଅବାସ୍ତବ ସ୍ୱପ୍ନରୂପେ । ଯୁଗଯୁଗର ସମ୍ମାନର ଛଳନା ଦ୍ୱାରା ମହାପୁରୁଷମାନଙ୍କର ବିପ୍ଳବବାଣୀକୁ ଏହି ପ୍ରକାର ଉଡ଼ାଇ ଦିଆ ଯାଇଛି । ଜନତାଠାରୁ ସେମାନଙ୍କ ସମ୍ପର୍କ ଛୁଟାଇ ଦିଆହୋଇଛି ... ସେମାନଙ୍କୁ ମନ୍ଦିର ମଧ୍ୟରେ ବନ୍ଦୀ କରାଯାଇଛି । ସେମାନଙ୍କର ଜୀବନର ସାଧନା ତାଙ୍କର ମୃତ୍ୟୁର ଅଳ୍ପକାଳ ମଧ୍ୟରେ ବ୍ୟର୍ଥ ନିଷ୍ଫଳ ହୋଇଯାଇଛି । ସେମାନଙ୍କ ଉଦ୍‌ବୋଧନ କେବଳ ଅରଣ୍ୟରୋଦନରେ ପରିଣତ ହୋଇଛି । ସମାଜ ପୂର୍ବପରି ତାର ଦେହରେ ଶତ ଶତ, ସହସ୍ର ଆବର୍ଜନା ବହି ଚାଲିଛି । ମିଥ୍ୟା ନାଗପାଶ ସମାଜର ଗଳାରୁ ଫିଟି ନାହିଁ । ଅସଂଖ୍ୟ ଅବତାର ପରେ ବି, ଭଗବାନଙ୍କର ସମସ୍ତ ଚେଷ୍ଟା ସତ୍ତ୍ୱେ, ଏ ପୃଥିବୀରେ ସତ୍ୟ ଓ ମଙ୍ଗଳର ପ୍ରତିଷ୍ଠା ହୋଇପାରି ନାହିଁ । ମଣିଷ ଉପରେ ସପ୍ରଧାନ ତାର କର୍ତ୍ତୃତ୍ୱ ବାହାର ଲଦି ଆସିଛି ।

ଲୋକଙ୍କ ଭେକରେ ଭୁଲାଇବାର ଆଜି ଯେଉଁ ଚେଷ୍ଟା ହେଉଛି, ରାମ, କୃଷ୍ଣ, ଯିଶୁ, ମହମ୍ମଦ, ଚୈତନ୍ୟ ପ୍ରଭୃତି ବହୁ ବିପ୍ଳବୀ ନେତାଙ୍କଦ୍ୱାରା ଅନୁପ୍ରାଣିତ ଅନୁଗତ ଜନତାଙ୍କୁ ଠିକ୍ ସେହିପରି ଉପାୟରେ ପ୍ରତାରିତ କରାଯାଇଛି । ସେମାନେ ଆଜି ଦେବତା, ଈଶ୍ୱରଙ୍କ ପୁତ୍ର, ଆଲ୍ଲାଙ୍କର ଦୂତ । କିନ୍ତୁ ତାଙ୍କର ବାଣୀ ଆଜି ଚାହାଣୀ ... ପୁରାଣ... ପୋଥିଗତ ବିଦ୍ୟା । ଗଡ଼ସେ ହତ୍ୟା କରିଛି ଗାନ୍ଧିଜୀଙ୍କର ନରଶରୀରକୁ । ତାଙ୍କର ଆଦର୍ଶକୁ ହତ୍ୟା କରିବାର ସାମର୍ଥ ତାର ନାହିଁ । ତାଙ୍କର ଆଦର୍ଶକୁ ଯେଛୁ, ଦେବା ଲାଗି ଅବତାର, ପାଦପୂଜା ଓ ଉପାସନାର ସୂତ୍ରପାତ । ଏ ଷଡ଼ଯନ୍ତ୍ର ଯଦି ସଫଳ ହୁଏ, ଆଜିଠାରୁ ଶହେ ବର୍ଷ ପରେ ଜାଲ ମନ୍ଦିରମାନଙ୍କରେ ଜୀବନ୍ମୁକ୍ତ ହେବା ଲାଗି ସାହୁକାର ଗାନ୍ଧିଙ୍କ ମାନସିକ କରୁଥିବ ଖଦଡ଼ର ଚିରଙ୍ଗ କାଠଚଣ୍ଡୀ, ଲେଣ୍ଡୁ ଓ କମଳା ଲେମ୍ବୁ । ଅବତାରର ଜାଲଆଡ଼କୁ ଅସ୍ୱୀକାର କରିବା ଓ ପାଦପୂଜା ବିରୁଦ୍ଧରେ ବିଦ୍ରୋହ କରିବାହିଁ ଗାନ୍ଧିଜୀଙ୍କୁ ସମ୍ମାନ କରିବାର ପ୍ରକୃତ ପନ୍ଥା ।

ଗାନ୍ଧି ଥିଲେ ମଣିଷ; ଆଉ ଏହି ମଣିଷ ଯେ

Digitized by srujanika@gmail.com

କେତେ ଉନ୍ନତ ହୋଇପାରେ, ତା'ର ସେ ଥିଲେ ଜୀବନ୍ତ ଉଦାହରଣ । ତାଙ୍କର ସଦ୍‌ଗୁଣ ଆମର ମନୁଷ୍ୟତ୍ୱକୁ ଧିକ୍କାର କରୁ ନ ଥିଲା । କରୁଥିଲା ସମ୍ମାନିତ, ଗୌରବମଣ୍ଡିତ । ସତ୍ୟ ଓ ଅହିଂସା କେବଳ ଭାଷା ନୁହେଁ, ତାହା ଜୀବନର ଅନୁଭୂତିରୁ ସମୁତ୍ଥିତ ସ୍ଫୁଲିଙ୍ଗ । ଗାନ୍ଧି ମନୁଷ୍ୟ ହୋଇ ଥିଲେ ବି ଭାରତର ଲୋକ ତାଙ୍କୁ ଅବତାର ବୋଲି ମାନନ୍ତି କାହିଁକି? ଏହା ଭାରତୀୟମାନଙ୍କର ନିର୍ବୋଧତା ନୁହେଁ ···ସଦ୍‌ଜ୍ଞାନ, ପିପାସା ନିବୃତ୍ତି ··· ବନ୍ଦେର କଳ୍ପ ।

ଭାରତର ଜନସାଧାରଣ ବ୍ରିଟିଶ ଶାସନରେ ମନୁଷ୍ୟତ୍ୱ ହରାଇଥିଲେ । ସେମାନେ ଥିଲେ କ୍ରୀତଦାସ ··· । ସେମାନେ ଶିକ୍ଷିତ, ତାଙ୍କର ମିହନତରୁ ପାଇପା ନଥାଇ ବିଲାତର ପୁଞ୍ଜିପତି ବିଳାସବ୍ୟସନ କରେ । ଏହି ବୈଦେଶିକ ଶୋଷଣ ଭାରତର ସବୁ ଶ୍ରେଣୀର ଲୋକଙ୍କ ଭିତରେ ଅସନ୍ତୋଷ ଜାତ କରାଇଥିଲା । ଯେଉଁମାନେ ମଝିଆ, ଗୃହୀ, କୁଲି, ଶିକ୍ଷକ, କିରାନି, ସେମାନେ ଅଭାବରେ ପଡୁଥିଲେ ; ଅପର ପକ୍ଷରେ ଭାରତୀୟ ଲୁଣ୍ଠିଆ ସମ୍ପ୍ରଦାୟ — ରାଜା, ଜମିଦାର ଓ ପୁଞ୍ଜିପତିମାନଙ୍କର ଏକଚ୍ଛତ୍ର ଆଧିପତ୍ୟକୁ ଏହା ଦୃଢ଼ କରୁଥିଲା । ଏଥିଲାଗି ଭାରତରେ ଜାତୀୟତା ଆନ୍ଦୋଳନ ସୃଷ୍ଟି ହେଲା । ଗାନ୍ଧିଜୀଙ୍କ ବହୁ ପୂର୍ବରୁ ଏହି ଆନ୍ଦୋଳନ ଆରମ୍ଭ ହୋଇଥିଲା ସତ୍ୟ, କିନ୍ତୁ ଏହା ଭାରତୀୟ ଜନତାଙ୍କ ଭିତରେ ଜାଗରଣ ଆଣିଦେଇ ପାରି ନ ଥିଲା । ଏହା ମୁଖ୍ୟତଃ ଥିଲା ବିଲାତର ଶୋଷଣବାଦୀ ଓ ଭାରତୀୟ ଶୋଷଣବାଦୀଙ୍କ ଭିତରେ ଝଗଡ଼ାଝାଟି କଳି— ମଝିଆଙ୍କ ସେଥିରେ ଯାଏ ଆସେ କେତେ ? ଏତିକି ବେଳେ ଗାନ୍ଧିଜୀଙ୍କର ଭାରତୀୟ ରାଜନୀତିରେ ପଦାର୍ପଣ । ଗାନ୍ଧିଜୀ ଭାରତୀୟ ରାଜନୀତିକ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିଦେଲେ । ତାଙ୍କର ନେତୃତ୍ୱରେ ଭାରତର ସ୍ୱାଧୀନତା ଆନ୍ଦୋଳନ ମଝିଆ ସେମାନଙ୍କର ଦଳମାନଙ୍କ ମଧ୍ୟରେ ଆଉ ସୀମାବଦ୍ଧ ରହିଲା ନାହିଁ । ଏହାର ଉଦ୍ଦେଶ୍ୟ ହେଲା ଭାରତୀୟ ଜନସାଧାରଣଙ୍କ ଜୀବନକୁ ଉନ୍ନତ କରିବା, ମଝିଆଙ୍କର ଜୀବନରୁ ଅଭାବ ଓ ଦୈନ୍ୟ ଦୂର କରିବା । ସମାଜର ଜୀବନରେ ଏହି ବିପ୍ଳବ ଲାଗି ଗାନ୍ଧି ଯେତେବେଳେ ଡାକରା ଦେଲେ, କଂଗ୍ରେସର ଆନ୍ଦୋଳନ ମଞ୍ଚରେ ଭାରତର ଜନସାଧାରଣ ଏକଜୁଟ ହୋଇ ଛିଡ଼ା ହେଲେ; ଏହି ଆନ୍ଦୋଳନ ପ୍ରଥମ ଥର ପାଇଁ ଜନତାର ପ୍ରାଣକୁ ସ୍ପର୍ଶ କଲା । ଏହା ବ୍ୟବସ୍ଥାପକ ସଭାରେ ବ୍ୟର୍ଥ ଚିତ୍କାର ହୋଇ ଆଉ ରହିଲା ନାହିଁ, ଦେଶବାସୀ ଗ୍ରହଣ କଲେ ଗଣ-ଆନ୍ଦୋଳନ··· ଏଣି ମୁକ୍ତି ପାଇଁ···ବଞ୍ଚିବା ପାଇଁ । ଏହା ଥିଲା ମୁଖ୍ୟତଃ ମଝିଆଙ୍କର ସଂଗ୍ରାମ । କୃଷକ ଓ ଶ୍ରମିକମାନେ ଏହାକୁ ସ୍ୱାଗତ କଲେ, କାରଣ ଏହା ସେମାନଙ୍କୁ ଶୋଷଣରୁ ମୁକ୍ତ କରି ବଞ୍ଚିବାର ଅଧିକାର ଦେବ । ଅବଶ୍ୟ ଭାରତର ପୁଞ୍ଜିପତିମାନେ ଏହି ଆନ୍ଦୋଳନକୁ ସମର୍ଥନ କଲେ, କାରଣ ବିଲାତବର୍ଜନଦ୍ୱାରା ସେମାନେ ଅଧିକ ଲାଭବାନ ହେବେ । ଭାରତର ଜନସାଧାରଣ ଯେଉଁ ଶାନ୍ତି କାମନା କରୁଥିଲେ, ଗାନ୍ଧିଜୀ ସେହି ବିପ୍ଳବର ରୂପରେଖ ଦେଲେ, ତାହାର ଅଧିନାୟକ ହୋଇ ସଂଗ୍ରାମ ଚଳାଇଲେ । ତେଣୁ ଗାନ୍ଧିଜୀଙ୍କୁ କଲା ପ୍ରତି ଭାରତୀୟ ଗୃହରେ ଦେବତା····· ଭଗବାନଙ୍କର ଅବତାର । ଶୋଷଣ ବିରୁଦ୍ଧରେ ସଂଗ୍ରାମହିଁ ଗାନ୍ଧିଜୀଙ୍କର ପ୍ରକୃତ ଆଦର୍ଶ ··· ତାଙ୍କ ଜୀବନର ସାଧନା ତାଙ୍କ ଅବତାରର ମହାତ୍ମ୍ୟ । ଯେଉଁଠି ସମାଜରେ ଜଣେ ଅନ୍ୟମାନଙ୍କୁ ଲୁଟି କରି ଖାଉଛି; ଜଣେ ଅନ୍ୟମାନଙ୍କ ଉପରେ ଅସ୍ଥାନି ଚାପି ରଖିଛି, ସେଠାରେ ନ୍ୟାୟ କାହିଁ, ସତ୍ୟ କାହିଁ ? ସ୍ୱାଧୀନ ଜନ ଆନ୍ଦୋଳନଠାରୁ ସାମ୍ପ୍ରଦାୟିକତା ବିରୁଦ୍ଧରେ ଅଭିଯାନ ସବୁଥିରେ ସେହି ଶୋଷଣର ବିରୁଦ୍ଧରେ ଅବିରାମ ସଂଗ୍ରାମହିଁ ତାଙ୍କର ଜୀବନରୁ ସ୍ପଷ୍ଟ ହୋଇଉଠେ । ଜନତାର ମୁକ୍ତିରେହିଁ ନିହିତ ସମାଜରେ ରାମରାଜ୍ୟର ପ୍ରତିଷ୍ଠା ହେବ । ପ୍ରୀତି ଓ ସୌହାର୍ଦ୍ଦ୍ୟରେ ପରସ୍ପର ଆବଦ୍ଧ ହୋଇ··· ଅହିଂସାର ଯୁଗ ଆରମ୍ଭ ହେବ, ପୃଥିବୀରେ ।

Digitized by srujanika@gmail.com

ଶାନ୍ତି ପ୍ରତିଷ୍ଠିତ ହେବ । ଯାହା ଜୀବନର ବିକାଶ ପଥରେ ଅନ୍ତରାୟ, ଯାହା ପ୍ରାଣୀକୁ ଦୁଃଖ ଦେବ, ତାହା ସତ୍ୟ ହୋଇ ନ ପାରେ । ସେହି ମିଥ୍ୟା ଆଗରେ ବିପ୍ଳବୀ କୌଣସି ପରାଜୟ ସ୍ୱୀକାର କରି ନ ପାରେ । ମିଥ୍ୟା ସହିତ ସାଲିସ୍ ନାହିଁ । ଗାନ୍ଧିଜୀ ଭାରତର, ନା, ପୃଥିବୀର ଜନତା ନିକଟରେ ପରିଚିତ ଏହି ବଳିଷ୍ଠ ବିପ୍ଳବୀରୂପରେ । ଗାନ୍ଧିଜୀଙ୍କର ନିର୍ଦ୍ଦେଶିତ ମୁକ୍ତିସଂଗ୍ରାମକୁ ସତ୍ୟ ଓ ଅହିଂସାର ଫାଙ୍କା ଆବାଜରେ ଘେରିବାକୁ ଚେଷ୍ଟା କରିବା ଗାନ୍ଧିଜୀଙ୍କୁ ପରିହାସ କରିବା... ତାଙ୍କ ମାଟିତଳେ ପୋତି ଦେବା । ପ୍ରତିକ୍ରିୟାଶୀଳମାନେ—ଯେଉଁମାନେ ଗୃହାନ୍ତ ଲଢ଼ିର ଯୁଗ ଦୀର୍ଘଜୀବୀ ହେଉ— ସେମାନେ ଆଜ ଗାନ୍ଧିଜୀଙ୍କର ସ୍ୱରୂପକୁ ଛପାଇ ଦେଇ ଜନତାର ଆଖିରେ ଧୂଳି ଦେବାକୁ ଚେଷ୍ଟା କରୁଛନ୍ତି, ଗାନ୍ଧିଜୀଙ୍କର ବାହାର ଆବରଣ ପ୍ରତି ଦୁନିଆର ଦୃଷ୍ଟି ଆକର୍ଷଣ କରିବା ଦ୍ୱାରା ଖଦଡ଼ର ଅଣ୍ଟା ନ ଲଗା ଧୋତି, ନିରାମିଷ ଆହାର ବା 'ରଘୁପତି ରାଘବ' ଭଜନ ଗାନ୍ଧିଜୀଙ୍କର ପରିଚୟ ନୁହେଁ । ଅତି ଅସହିଷ୍ଣୁ ବିପ୍ଳବୀରୂପରେ ତାଙ୍କର ବିକାଶ ! କାହାରି ଅନ୍ତରରେ ବି ମିଥ୍ୟାର ଅଙ୍କୁରକୁ ପ୍ରଶ୍ରୟ ଦେବାକୁ ସେ ନାରାଜ । ଆଜି ଯେଉଁମାନେ ଜନତାର ବିପ୍ଳବକୁ ସମର୍ଥନ କରୁଛନ୍ତି, ଗାନ୍ଧିଜୀଙ୍କ ସହସ୍ର କଟୁ ସମାଲୋଚନା କଲେ ବି ସେହିମାନେହିଁ ମହାତ୍ମାଙ୍କର ମହତ୍ତ୍ୱ ଉପଲବ୍ଧି କରିଛନ୍ତି... ସେହିମାନେ ଗାନ୍ଧିଜୀଙ୍କର ପ୍ରକୃତ ଶିଷ୍ୟ ଆଉ ଯେଉଁମାନେ ସ୍ତୁତି ମନ୍ଦିରର ନିର୍ମାଣରେ ବ୍ୟସ୍ତ, ସେମାନେ ଯାହୁଛନ୍ତି... ଗଢ଼ସେ ସହଯୋଗୀ ।

## ସ୍ୱର୍ଗେ ବାପୂଜୀ

### ଶ୍ରୀ ରମାନନ୍ଦ ସାହୁ

ନଟିକା-ବଦ୍ଧୁର-ଜଳେ ମହା ଜ୍ୟୋତିଷ୍କର—
ସମ ଥିଲ ବିରାଜିତ,—ସ୍ୱର୍ଗର ଅଂଚଳ ।
ହିଂସାର ପ୍ରଳୟ-ଗୀତରେ ତୁମେ ଦୃଢ଼ ଚିତ୍ତେ
ଅହିଂସା-ମନ୍ତ୍ର ରଚିଲ ଜୀବନ-ସଙ୍ଗୀତେ ।
ଅସତ୍ୟ-ଅନୀତି ଭୁଲେ କର ପ୍ରାଣପାତ
ସଂଘର୍ଷ ଦୃଜିଲ ଦେବ ! କର ପ୍ରତିଘାତ
ଅସ୍ପୃଶ୍ୟତା ଶିରେ—ଦଳି ରକ୍ଷଣଶୀଳତା
ପତିତେ, ଦଳିତେ ଦେଲ ମହାମାନବତା ।
ଭୀଷଣ ଦାରିଦ୍ର୍ୟ-ଦୈନ୍ୟ-ବିନାଶ ସାଧନେ
ଚରଖା-ପ୍ରେରଣା ଦେଲ ଦେଶବାସୀ ମନେ ।
ଜଗତ-କଲ୍ୟାଣ ଲାଗି ଚିନ୍ତି ଦିବା ଯାମି
କ୍ଷୀଣ କଲ ଅଙ୍ଗ ଆହେ ବିଶ୍ୱ-ଶାନ୍ତିକାମୀ !
ମାନବର ସେବା ଭୁଲେ ଅନାହାର କ୍ଳିଷ୍ଟ—
ତବ ମହାପ୍ରାଣ ଥିଲ ସର୍ବଦା ନିବିଷ୍ଟ
ପରାଧୀନା ଜନନୀର ଧ୍ୱଂସିବ୍ୟ ବନ୍ଧନ
ଛିଣ୍ଡାଇ ଅର୍ପିଲ ସ୍ୱାଧୀନତା-ସିଂହାସନ ।
ଅବଶେଷେ ଏ ମଣିଷ-ଅଜ୍ଞାନ-କୃତଘ୍ନ
ସମୀପୁ ଲଭିଲ ଆହା ନିଷ୍ଠୁର ମରଣ
ପୁରସ୍କାର ପରିବର୍ତ୍ତେ, ଧିକ୍ ପ୍ରତିଦାନ !
ମାନବ-କଲ୍ୟାଣକାମୀ ଭୁଲେ ଏ ସମ୍ମାନ !!
ଏହି ଲଜ୍ଜା ଏହି ଗ୍ଳାନି ମାନବ-ଅନ୍ତରେ
ଦଗ୍ଧ କରୁଥିବ ଚିରା ଯୁଗ ଯୁଗାନ୍ତର ।
ହେ ଋଷି ପ୍ରତିମ,ଯୋଗୀ, ପୂତ ମହାପ୍ରାଣ,
ମଣିଷର ହିଂସା-ମୁଖେ ଦେଇ ପ୍ରାଣଦାନ
ଅମରତ୍ୱ ଲଭିଛ କଲ ଯୁଗ ଯୁଗ ବ୍ୟାପି,—
କାଳ ଯାହା ପାରିନାହିଁ ଲିଭାଇ କଦାପି ।
ତୁମରି ମହାନ କୀର୍ତ୍ତି,ପୂତ ଯଶ-ଗୀତ
ଯୁଗ-କଣ୍ଠେ ନବ ସ୍ୱରେ ଝଂକୁଥିବ ନିତ

-·××୦××·-

Digitized by srujanika@gmail.com

# ବିଶ୍ୱବନ୍ଧୁ ମହାତ୍ମାଗାନ୍ଧି

ଶ୍ରୀ ନିତ୍ୟାନନ୍ଦ ବହ୍ନିଦାର

ମହାତ୍ମାଗାନ୍ଧୀ, ଯେଉଁ ମହାମାନବଙ୍କ ସେ ଦିନର ଶୋଚନୀୟ ହତ୍ୟା କଥା ସ୍ମରଣ କଲେ କୋଟି କଣ୍ଠ ହାହୁତାଶରେ ବାଷ୍ପରୁଦ୍ଧ ହୋଇ ଆସେ, ସେ ମହାପୁରୁଷ ଆମର କିଏ ଥିଲେ, ଯାହା ତଳ ଅନ୍ଧାର ମନ୍ଦ, ଏ ପ୍ରଶ୍ନର ପ୍ରତ୍ୟୁତ୍ତର ଦେବା ଭଳି ସେମାନଙ୍କ ଧାରଣା ଏବେ ସୁଦ୍ଧା ଆମର ଅଛି କିନା,—ମନରେ ଟିକିଏ ସନ୍ଦେହ ହୁଏ । ସେହି ରାଷ୍ଟ୍ରପିତା ବାପୁଜୀଙ୍କ ସର୍ବମୁଖୀ ନେତୃତ୍ୱର ଯେଉଁ ଅଂଶଟି ଅଗଣିତ ଲାଞ୍ଛିତ ମନୁଷ୍ୟତ୍ୱର ଉନ୍ନୟନ କ୍ରିୟାରେ ନିୟୋଜିତ ଥିଲା, ଦେଶ ଓ ଜାତିର ଅଗ୍ରଗତି ପଥରେ ତାହା ଯେ କେତେ ବଡ଼ ଦାନ, ତାହାର ପୂର୍ଣ୍ଣାଙ୍ଗ ବିବରଣୀ ଏବେ ସୁଦ୍ଧା ପାଇବା ସମ୍ଭବ ନୁହେଁ । ବୈଦେଶିକ ଶାସନ ଓ ତତ୍ସହ ଅନ୍ତର ଉଦ୍ୟୋଗୀ ବାଣିଜ୍ୟର ନୈତିକ ଭଙ୍ଗୀ ଭରା ଏକ ଅଭିନବ ଧାରା ଭାରତ ଭୂଇଁରେ ଶିକ୍ଷିତ ମଧ୍ୟବିତ୍ତ ଶ୍ରେଣୀ ନାମରେ ଅଦ୍ଭୁତ କିମାକାର ସଂପ୍ରଦାୟଟିଏ ସୃଷ୍ଟି କରିଥିଲା । ଏହି ସମାଜଟିହିଁ ଆମ ପଲ୍ଲୀଜୀବନର ଶିକ୍ଷା ସଂସ୍କୃତିରୁ ଏକାନ୍ତ ଭାବେ ବିଚ୍ଛିନ୍ନ ହୋଇ ଏ ଦେଶର ଶିଳ୍ପ, ସାହିତ୍ୟ ଓ ରାଜନୀତି ପ୍ରଭୃତି ସର୍ଜନା କଲା । କାଳକ୍ରମେ ଏହି ସଂପ୍ରଦାୟର ଜୀବନ ଓ ଚଳାଚଳ ଦେଶର ବୃହତ୍ତମ ଜନ ସମଷ୍ଟି କୃଷି ମୂଲିଆ ଓ ଦାନଦାତ୍ରଙ୍କ ଜୀବନ ଧାରାରୁ ଏପରି ଭାବେ ସ୍ୱତନ୍ତ୍ର ହୋଇ ପଡ଼ିଲା ଯେ, ତାହାର ପ୍ରତିକ୍ରିୟା ସ୍ୱରୂପ ଏବେ ସୁଦ୍ଧା ସେହି ସହରବାସୀ ଭଦ୍ରଲୋକଙ୍କ ଭାଷା ପଲ୍ଲୀବାସୀ କୃଷି ମୂଲିଆ ମୋଟେ ବୁଝି ପାରନ୍ତି ନାହିଁ । ସେହି ଶିକ୍ଷିତମାନଙ୍କ ସହିତ ଅଶିକ୍ଷିତଙ୍କର କୌଣସି ପାରସ୍ପରିକ ଜୀବନବୃତ୍ତି ସଂପର୍କ ପର୍ଯ୍ୟନ୍ତ ଆଜି ନାହିଁ । ଫଳତଃ ଭାରତରେ ରାଜନୈତିକ, ଆର୍ଥିକ ଓ ସାଂସ୍କୃତିକ ପ୍ରଭୃତିର ଯେଉଁ ସବୁ ଆନ୍ଦୋଳନ ହୋଇ ଯାଇଅଛି, ପ୍ରାୟ ସମସ୍ତହିଁ ସେହି ଶିକ୍ଷିତ ମଧ୍ୟବିତ୍ତ ଶ୍ରେଣୀ ଭିତରେହିଁ ସୀମାବଦ୍ଧ ଦେଶର ବୃହତ୍ତମ ଜନ ସଂଖ୍ୟା ସେମାନଙ୍କ ଦୁଃଖ, ବେଦନା ଓ ସଂଶୟ ସଂଗ୍ରାମ ନେଇ ଏକାନ୍ତ ଭାବେ ଉପେକ୍ଷିତ ହୋଇ ପଡ଼ୁ ଭୂମିରେ କି ସେହି ଭୂମିରେ ରହି ଯାଇଅଛନ୍ତି । ଏହି ନୂଆ ସାଂସ୍କୃତିକ ଓ ଅର୍ଥନୈତିକ ଗରମାର ବିରାଟ ପ୍ରାଚୀର ଛିଡ଼ା ହୋଇ ଏକ ଜାତିକୁ ଭାଙ୍ଗି ଦୁଇ ଭାଗରେ ପରିଣତ କରିଦେଲା, ତାହାହିଁ ହେଉଛି ଔପନିବେଶିକ ଦାସତ୍ୱର ବୃହତ୍ତମ ଅଭିଶାପ । ଏହା କେବଳ ନାଗରିକ ଶ୍ରୀବୃଦ୍ଧି କଲେବରକୁ ପୁଷ୍ଟ କରି ପଲ୍ଲୀ ଅର୍ଥନୀତିକୁ ଏକାବେଳକେ ନିଷ୍ପେଷ୍ଟ କରିଦେଲା । ତାହାରି ଫଳରେ ଆମର କୃଷି ଓ ବୃତ୍ତିଜୀବୀମାନେ ଧୀରେ ଧୀରେ ସର୍ବସ୍ୱାନ୍ତ ହୋଇ ପଡ଼ିଲେ । ଏତିକରେ ତାହା କ୍ଷାନ୍ତ ନ ରହି ନଗରରେ ସୁଦ୍ଧା ଧନ ବଣ୍ଟନର ବିରାଟ ବୈଷମ୍ୟରେ ଧନୀ ଦରିଦ୍ର ନାମରେ ଦୁଇ ଶ୍ରେଣୀ ସୃଷ୍ଟି କରି ପୁଣି ନାଗରିକ ଜୀବନର ସାମଗ୍ରିକ ଏକତାକୁ ଦ୍ୱିଧା ବିଚ୍ଛିନ୍ନ କରିଦେଲା । ସେଥିପାଇଁ ଆମର ସ୍ୱାଧୀନତା ସଂଗ୍ରାମ ଏକ ଅନିର୍ଦ୍ଦେଶ୍ୟ ଆଦର୍ଶକୁ କେନ୍ଦ୍ର କରିହିଁ ପରିଚାଳିତ ହେବାକୁ ଲାଗିଲା,—ଅନେକ କେବଳ ସ୍ୱାଧୀନତା ପାଇଁହିଁ ସ୍ୱାଧୀନ ହେବାର ଆଶା ପୋଷଣ କଲେ, ମାନବ ସମାଜ ପାଇଁ ଯେଉଁ ସ୍ୱାଧୀନତା, ସେ ବିଷୟରେ ଚର୍ଚ୍ଚା କରିବା ଭଳି ସାଂସ୍କୃତିକ ବାୟୁମଣ୍ଡଳ ଆମର ନ ଥିଲା ।

ସେହି ସାଂସ୍କୃତିକ ବାୟୁମଣ୍ଡଳକୁ ସର୍ବପ୍ରଥମରେ ଏ ଦେଶରେ ସୃଷ୍ଟି କଲେ ମହାତ୍ମାଗାନ୍ଧୀ । ସେହି ଏକା ପ୍ରଥମରେ ଚରଖା ଓ ଖଦଡ଼କୁ ସ୍ୱାଧୀନତା ସଂଗ୍ରାମର ଲକ୍ଷ୍ୟ ବସ୍ତୁ ରୂପେ ରାଜନୈତିକ ପରିକଳ୍ପନାରେ ସ୍ଥାନ ଦେଇ ସେହି ଉପେକ୍ଷିତ, ଅପମାନିତ ମନୁଷ୍ୟତ୍ୱକୁ ମାନବିକ ଅଧିକାରରେ ପୁନଃପ୍ରତିଷ୍ଠିତ କରିବାହିଁ ଥିଲା ସ୍ୱରାଜର ଆଦର୍ଶ

Digitized by srujanika@gmail.com

ବୋଲି ଦୃଢ଼ବାଣୀ ପ୍ରଚାର କଲେ । ସେଥିପାଇଁ ତାଙ୍କ ଏକ ହାତରେ ବହୁ-ଶତାବ୍ଦୀର ଗଭୀର ଚେର ପ୍ରସାରି ଅସ୍ପୃଶ୍ୟତା ବିରୁଦ୍ଧରେ ସଂଗ୍ରାମ କରିବାକୁ ହେଲା, ଅପର ହାତଟିକୁ ଧନତନ୍ତ୍ରରେ ନିଃଶୋଷିତ ସର୍ବସ୍ୱାନ୍ତ ମାନବ ସମାଜକୁ ପୁନଃ ସଂସ୍ଥାପନ ଆନ୍ଦୋଳନରେ ନିଯୁକ୍ତ କରିବାକୁ ହେଲା । କେବଳ ମାନବୋଚିତ କରୁଣାର ପ୍ରେରଣାରେହିଁ ସେ ଅସ୍ପୃଶ୍ୟତାକୁ ଅଲଙ୍ଘନ ଦେବାକୁ ଯାଇ ନାହାନ୍ତି, କିମ୍ବା ଚାଷୀ ମୂଲିଆଙ୍କ ସୁଦ୍ଧା ସମ୍ପତ୍ତି ଏବଂ ଅର୍ଥନୀତିକ ସ୍ୱାଧୀକାର, ସିଂହାସନରେ ପ୍ରତିଷ୍ଠିତ କରିବାକୁ ଚାହିଁ ନାହାନ୍ତି । ଦେଶ ଓ ଜାତିର ପ୍ରାଣ କେନ୍ଦ୍ର ଯେଉଁଠାରେ ନିବଦ୍ଧ, ଶ୍ରେଣୀ ଓ ଜନସାଧାରଣଙ୍କ ମଧ୍ୟରେ ଆବହମାନକାଳର ଏହି ଦୁରଧିଗମ୍ୟ ବ୍ୟବଧାନର ପ୍ରତିକ୍ରିୟା ଜାତିକୁ କେତେଦୂର ପଙ୍ଗୁ କରି ଦେଇଅଛି, ତାହା ସେ ପୂର୍ଣ୍ଣ ଭାବେ ହୃଦୟଙ୍ଗମ କରି ପାରିଥିଲେ ବୋଲି ଚରଖା ଓ ଖଦଡ଼ ସପକ୍ଷରେ ଆନ୍ଦୋଳନ ଚଳାଇ ହରିଜନ ଉତ୍ଥାପନରେ ସମସ୍ତ ଶକ୍ତି ନିୟୋଜିତ କରିଥିଲେ । ଐତିହାସିକ ବସ୍ତୁବାଦର ବ୍ୟାଖ୍ୟା କେବେ ଓସ କରି ନାହାନ୍ତି । ସମାଜ ବିନ୍ୟାସର ମୌଳିକ ଶକ୍ତି ରୂପେ ଅର୍ଥନୀତିକୁ ସେ ମୁଖ୍ୟ ବୋଲି କେବେ ପ୍ରଚାର କରି ନାହାନ୍ତି । ମନୁଷ୍ୟତ୍ୱର ଭିତ୍ତି ଆଶ୍ରୟ କରିହିଁ ତାଙ୍କ ଆନ୍ଦୋଳନ ମୂର୍ତ୍ତିମାନ୍ ହୋଇ ଉଠିଛି । କିନ୍ତୁ ଚକ୍ଷୁଷ୍ମାନ୍ ମାତ୍ରେହିଁ ବୁଝିଛନ୍ତି ଗାନ୍ଧୀ ନୀତିର ଏହି ଲକ୍ଷ୍ୟ କେଉଁ ପଥରେ ପ୍ରସାରିତ,— ରକ୍ଷଣଶୀଳତାର ତଥା କ୍ଷୁଦ୍ର ସ୍ୱାର୍ଥ ହସ୍ତରେ ତାଙ୍କ ଚାଷୀ ମୂଲିଆ-ରାଜର କଳ୍ପନା, ତାଙ୍କ ହରିଜନ ଆନ୍ଦୋଳନର ସାଧନା ପ୍ରଚଣ୍ଡ ଭାବେ ବାଧା ପ୍ରାପ୍ତ ହୋଇଛି । କିନ୍ତୁ ଏହି ବାଧାହିଁ ସମଗ୍ର ଭାରତୀୟ ଜୀବନ ଓ ଚିନ୍ତା କ୍ଷେତ୍ରରେ ଏକ ନିଃଶବ୍ଦ ବିପ୍ଳବର ଏକ ବ୍ୟାପକ ମହାପ୍ଲାବନ ବୁହାଇ ଦେଇଛି—ଯାହା ଭିତରେ ପଡ଼ିରହି ତରଙ୍ଗାୟିତ ହୋଇ ଆଜି ସମାଜ ଚେତନାର ସବୁ ସ୍ତରରେ ପରିବ୍ୟାପ୍ତ ହୋଇ ଉଠିଅଛି, ଏବଂ ତାହାହିଁ ଧୀରେ ଅନନ୍ତ ଜନଜାଗରଣରେ ରୂପାନ୍ତରିତ ହୋଇ ଗାନ୍ଧୀଜୀଙ୍କ ସ୍ୱପ୍ନରେ ଯାହା 'ଗ୍ରାମ ରାଜ୍ୟ' ରୂପେ ପ୍ରତିଭାତ ହୋଇ ଉଠିଥିଲା, ସେହି ମାନବ-ରାଜହିଁ ପ୍ରତିଷ୍ଠିତ ହେବାକୁ ଯାଉଅଛି । ଏହାହିଁ ମନୁଷ୍ୟତ୍ୱ ସାଧନାର ସର୍ବଶ୍ରେଷ୍ଠ ଦାନ— ତାଙ୍କର ମାନବ ସମାଜକୁ ଏହି ଦାନର ଗୌରବ ଚିରଦିନ ଇତିହାସ ବକ୍ଷରେ ସର୍ବଦିନ ସ୍ୱୀକୃତ ଓ ସମ୍ମାନିତ ହୋଇ ରହିବ ।

ମନୁଷ୍ୟତ୍ୱର ଉଦ୍‌ବୋଧନରେ ସମସ୍ତ ମନୁଷ୍ୟର ଶାନ୍ତି ଓ ସାମାଜିକ ଉନ୍ନତି ବିଧାନରେ ମହାତ୍ମା-ଗାନ୍ଧୀଙ୍କ ଯେଉଁ ଦାନ, ଲେନିନ୍‌ଙ୍କ ପରେ ତାହାର ଗୌରବ ଏ ଯୁଗରେ ଆଉ କିଏ ଦାବୀ କରି ପାରେ ? ଗାନ୍ଧୀବାଦର ଏହି ବୈପ୍ଳବିକ ଶକ୍ତି ସମଗ୍ର ଜାତିରେ ଅନ୍ତର୍ଲୋକରେ ସଞ୍ଚାରିତ ହୋଇ ଯାଇ ଅଛି—କିଏ ତାହା ହୃଦୟଙ୍ଗମ କରି, କେହି ବା ହୃଦୟଙ୍ଗମ ନ କରି ସୁଦ୍ଧା ଏହି ଦାନର ପ୍ରଭାବକୁ ପୂର୍ଣ୍ଣପ୍ରାଣରେ ସ୍ୱୀକାର କରି ନେଇଛନ୍ତି, ସ୍ୱାଧୀନ ଭାରତ ଏହି ମତବାଦକୁ ଅବଲମ୍ବନ କରିହିଁ ଅଗ୍ରଗତି ପଥରେ ଅଗ୍ରସର ହୋଇ ଚାଲିଛି, ଏହାହିଁ ପ୍ରମାଣ କରେ, ଗାନ୍ଧୀ-ବାଦ୍ କେବଳ କୌଣସି ବାଦ୍ ମାତ୍ର ନୁହେଁ, ତାହା ଅତ୍ୟନ୍ତ ସୁସ୍ପଷ୍ଟ ପ୍ରତ୍ୟକ୍ଷ ଜୀବନ ଦର୍ଶନ । ଏହି ଦୃଷ୍ଟିଭଙ୍ଗୀର ପୃଷ୍ଠଭୂମିକାକୁ ସମ୍ମୁଖରେ ରଖି ବିଚାର କରି ଦେଖିଲେ, କୁଟୀର ଶିଳ୍ପର ପୁନର୍ଗଠନ ଓ ହରିଜନ ଉତ୍ଥାନର ଆନ୍ଦୋଳନ ମହାତ୍ମାଗାନ୍ଧୀଙ୍କ ଅସାମାନ୍ୟ କୀର୍ତ୍ତି ରୂପରେହିଁ ବିବେଚିତ ହେବ । ଏତେ ବଡ଼ କୀର୍ତ୍ତି ଏ ଯୁଗରେ ଆଉ କାହାର ନାହିଁ ।

ଧର୍ମାୟତନର ସୀମା ଭିତରେ, ସାହିତ୍ୟ ଓ ଦାର୍ଶନିକ ତତ୍ତ୍ୱକଳ୍ପନାରେ ମାନବୀୟ ବିକାଶ, ସବୁ ମାନବୀୟ ସର୍ବାଧିକାରର ପ୍ରସ୍ତାବ ଚିରଦିନ ଉଦ୍‌ଘୋଷିତ ହୋଇ ଆସିଛି—କିନ୍ତୁ ସେହି ଉପଲବ୍ଧି ଜୀବନର ବାସ୍ତବ କ୍ଷେତ୍ରରେ ଅତୀତରେ କୌଣସି ଦିନହିଁ ରୂପରେଖା ପାଇ ପାରି ନାହିଁ । ରାଷ୍ଟ୍ର ଓ ସମାଜ କର୍ତ୍ତୃତ୍ୱରୁ ବହିର୍ଭୂତ ଶୂନ୍ୟାଗ୍ରହୀ ଚୌଧାର

Digitized by srujanika@gmail.com

ଆଦର୍ଶ କଦାପି ଛିଣ୍ଡି ପାରିବା ସମ୍ଭବ ନୁହେଁ: ତାକୁ ତିଷ୍ଠାଇବାକୁ ହେଲେ—ତାକୁ ସାର୍ଥକ କରିବାକୁ ହେଲେ ବାସ୍ତବ ଭିତ୍ତିଟାକୁ ଜନସାଧାରଣଙ୍କ ଅଧିକାର କ୍ଷେତ୍ରରେ ପ୍ରତିଷ୍ଠିତ କରାଇବା ସର୍ବ ପ୍ରଥମରେହିଁ ଆବଶ୍ୟକ । ଫରାସି ବିପ୍ଳବରୁ ରୁଷ ବିପ୍ଳବ ପର୍ଯ୍ୟନ୍ତ ପ୍ରବାହିତ ଏହି ଚେତନା ଅବଶେଷରେ ଆଜି ସାଫଲ୍ୟ ମଣ୍ଡିତ ହୋଇ ପାରିଛି, ପୃଥିବୀର ଅନ୍ତତଃ ଗୋଟିଏ ରାଷ୍ଟ୍ରରେ ମନୁଷ୍ୟ ଆଜି ମାନବୀୟ ଅଧିକାରରେ ଅଧିଷ୍ଠିତ ହୋଇ ପ୍ରମାଣ କରି ଦେଇଛି ଯେ, ମନୁଷ୍ୟ ମନୁଷ୍ୟ ଭିତରେ ଧନଗତ ବୈଷମ୍ୟ ଓ ସେହି ବୈଷମ୍ୟକୁ କେନ୍ଦ୍ରକରି ପ୍ରବର୍ତ୍ତିତ ସାମାଜିକ ଅଧିକାରଗତ ବୈଷମ୍ୟ ନୈତିକ ବିଧାନ ନୁହେଁ । ସମାଜ ବିଧାନର ଅନ୍ତର୍ନିହିତ ତ୍ରୁଟିହିଁ ଏହାର ମୂଳ କାରଣ । ଏହି ତ୍ରୁଟିକୁ ଅପସାରିତ କରିବା ଦ୍ୱାରାହିଁ ମନୁଷ୍ୟ ମନୁଷ୍ୟକୁ ଉଚ୍ଚ ସ୍ତରରେ ନେଇ ପ୍ରତିଷ୍ଠିତ କରିପାରେ,—ସେହି ଶ୍ରେଷ୍ଠତ୍ୱ ଦାନ କରୁଣା ନୁହେଁ, ମହତ୍ତ୍ୱ ନୁହେଁ, ତାହା କେଉଁଠି ମନୁଷ୍ୟର ହୃତ ଅଧିକାରକୁ ପୁନର୍ବାର ତାକୁ ଫେରାଇ ଦେବା । ମୂଳ ଲକ୍ଷ୍ୟ ସମ୍ପର୍କରେ ଗାନ୍ଧୀବାଦ୍ ବାସ୍ତବରେ ଏହାହିଁ ଗ୍ରହିଁଛି, ଅବଶ୍ୟ ଏହାର ପ୍ରୟୋଗ ପଦ୍ଧତିରେ ମହାତ୍ମାଗାନ୍ଧୀ ତାଙ୍କ ସ୍ୱକୀୟ ମନନଶୀଳତାକୁ, ତାଙ୍କ ନିଜସ୍ୱ ବଣତାକୁ ଅନୁସରଣ କରିଛନ୍ତି । ବିଚାର ଶକ୍ତିହୀନ ସଚେତନ ଦାମ୍ଭିକ ଲୋକେ ବାହାରର ଏହି ଆଙ୍ଗିକ ରୂପକୁ ଦେଖିହିଁ ଗାନ୍ଧୀବାଦକୁ ପ୍ରତିକ୍ରିୟା-ବାଦ୍ ଓ ଧର୍ମ କେନ୍ଦ୍ରୀକ ମାନବତ୍ୱ ବାଦ୍ ବୋଲି ନାନା ଭାବେ ପ୍ରଚାର କରିଛନ୍ତି । ବାସ୍ତବ ପକ୍ଷରେ ତାହାହିଁ ଯଦି ହୋଇ ଥାଆନ୍ତା, ତାହାହେଲେ ସାଂପ୍ରତିକ ଏହି ସାର୍ବଭୌମ ଶୋକ ପ୍ରବାହ କଣ ମହାତ୍ମାଗାନ୍ଧୀଙ୍କୁ କେନ୍ଦ୍ରକରି ଏପରି ଭାବେ ସମଗ୍ର ଜଗତରେ ଆଜି ବ୍ୟାପ୍ତ ହୋଇ ପାରିଥାନ୍ତା ?

କିନ୍ତୁ ହାୟ ! ସେହି ଆମର ପ୍ରାଣ ପ୍ରିୟତମ ମହାତ୍ମାଗାନ୍ଧୀ ଆଉ ଇହ ଜଗତରେ ନାହାନ୍ତି । ଅନ୍ତରର ଭକ୍ତିମୟ ପ୍ରାଣ ପ୍ରତିଷ୍ଠିତ ପ୍ରତିମାକୁ ଆଜି ନିଷ୍ଠୁର ଭାବେ କାଳର ପ୍ରଖର ସ୍ରୋତରେ ବିସର୍ଜନ ଦେଇଛୁ । ଦିଲ୍ଲୀ ନଗରୀର ଯମୁନା ତଟରେ ତାଙ୍କର ଚିତାନଳ ଆଜି ଲିଭି ଯାଇଛି । ତାଙ୍କର ପବିତ୍ର ଚିତା ଭସ୍ମ ଭାରତର ସର୍ବତ୍ର ଶାନ୍ତ ଶୀତଳ ପବିତ୍ର ସଲିଳ ସ୍ରୋତରେ ପ୍ରବାହିତ ହୋଇ ଯାଇଅଛି । କିନ୍ତୁ ଭାରତ ବାସୀର ପ୍ରତ୍ୟେକ ହୃଦୟରେ ଯେଉଁ ଚିତାନଳ ଆଜି ଜଳି ଉଠିଛି, ତାକୁ କେଉଁ ହିମ ସ୍ରୋତ-ସ୍ୱିନୀର ସାନ୍ତ୍ୱନା ଧାରା କେବେ ନିର୍ବାପିତ କରିବାକୁ ସମର୍ଥ ହେବ; କହି ହେଉ ନାହିଁ । ସେଠି ବ୍ୟଥିତ ହୃଦୟ ଆଜି ଆଉ କୌଣସି ପ୍ରବୋଧ ମାନୁ ନାହିଁ । ବୁଦ୍ଧ ଖ୍ରୀଷ୍ଟ, ଶଙ୍କରଙ୍କ ପରି ବାପୁଜୀ ମଧ୍ୟ ଲୋକାତୀତ—ଦେଶ କାଳାତୀତ ମହିମାରେ ସେ ଆଜି ଅଧିରୂଢ଼ । କୌଣସି ପ୍ରକାର ଶୋକ ଅଉ ତାଙ୍କୁ ସ୍ପର୍ଶ କରି ପାରିବ ନାହିଁ—କୌଣସି ବେଦନା ଆଜି ବିଚଳିତ କରିବ ନାହିଁ,—କୌଣସି ଆକୁଳତା ତାଙ୍କୁ ଆହ୍ୱାନ କରି ପାରିବ ନାହିଁ,—ସେ ଆଜି ମୂର୍ତ୍ତିମାନ୍ ଶାନ୍ତି, ଜ୍ୟୋତିଃମାନ୍ ଜୀବନ୍ତ-ସତ୍ୟ ! ଅସୀମର ପଥ ଯାତ୍ରୀ ସେହି ମହାମାନବଙ୍କୁ ସ୍ମରଣ କରି ଭାରତକୁ ମଧ୍ୟ ଆଜି ଅଶ୍ରୁ ସମ୍ବରଣ କରିବାକୁ ହେବ । ତାଙ୍କ ଆଦର୍ଶ, ତାଙ୍କ ନିର୍ଦ୍ଦେଶକୁ ନତ ମସ୍ତକରେ ଗ୍ରହଣ କରି କର୍ମପଥରେ ଅଗ୍ରସର ହେବାକୁ ହେବ । ଯେଉଁ ମହାବ୍ରତରେ ସେ ଜୀବନ ଦେଇଗଲେ, ସେହି ବ୍ରତକୁ ସାର୍ଥକ କରିବା ମହାନ୍ ଦାୟିତ୍ୱ ଆଜି ପ୍ରତ୍ୟେକ ଭାରତୀୟଙ୍କ ଉପରେ । ତାହାହିଁ ହେବ ଭାରତବାସୀର ପ୍ରକୃତ ଗାନ୍ଧୀ ପୂଜା - ବିହ୍ୱଳ ଅଶ୍ରୁର ବ୍ୟାକୁଳତା । ଶୋକାର୍ତ୍ତ ହୃଦୟର ଉଚ୍ଛ୍ୱାସ କେବଳ ଅଳ୍ପ କେଇ ଦିନ ପାଇଁ; କିନ୍ତୁ ଚିର ଦିନ ପାଇଁ ଯେଉଁ ମହାମାନବ ସଜୀବ ସତ୍ୟର ପାଥେୟ ଦେଇଗଲେ, ଚିରଦିନର ଗୌରବରେହିଁ ଆମେ ତାଙ୍କୁ ଯେପରି ସ୍ମରଣ କରୁଁ, ଏ ସନ୍ଧ୍ୟାରେ ଆମର ଶ୍ରଦ୍ଧା ନିବେଦନ ଜଣାଉ !!

ଯୁକ୍ତି ଦ୍ୱାରା ଆମେ କହୁଁ ଯାହା ବୁଝୁଁ, କିମ୍ବା ଅପରକୁ ବୁଝାଇବା ଚେଷ୍ଟା କରୁଁ, ହୃଦୟାବେଗ

Digitized by srujanika@gmail.com

ହେଉଛି ଆମ ନିକଟରେ ଯେଉଁ ଏକ ମାନବୀୟ ମନୋବୃତ୍ତି ରହିଛି ତାକୁ ଅସ୍ୱୀକାର କରିବା ଆମର ସାଧ୍ୟାତୀତ । ଆମେ ତାଙ୍କର ଯେଉଁ ମଙ୍ଗଳ ମନୁଷ୍ୟତ୍ୱର ସ୍ପର୍ଶ ଉପଲବ୍ଧି କରିବା ସୌଭାଗ୍ୟ ପାଇ ଥିଲୁଁ, ତାହା ଏବଂ ତାଙ୍କର ସେହି ସଦା ବିନମ୍ର ଲଳିତ ପ୍ରଫୁଲ୍ଲ ହାସ୍ୟପୂର୍ଣ୍ଣ କୋମଳ ମୁଖଶ୍ରୀ ଆଉ ଦେଖିବାକୁ ପାଇବୁଁ ନାହିଁ । ବନ୍ୟା ପ୍ଲାବିତ ବାତ୍ୟା ଗ୍ରାସ ହୀନ ନର ନାରୀର ହା ହୁତାଶ ମଧ୍ୟରେ କିଏ ଆଉ ଆଜି ସାନ୍ତ୍ୱନାର ଆଶୀର୍ବାଦ ବାଣୀ ଉଚ୍ଚାରଣ କରି ପର୍ଣ୍ଣ କୁଟିର ଦୁଆରେ ଯାଇ ଠିଆ ହେବ ! ଅସ୍ଥି କଂକାଳ ସାର ଦୁର୍ଭିକ୍ଷ ପ୍ରପୀଡ଼ିତ ବିକଟ ଶ୍ମଶାନ କ୍ଷେତ୍ରରେ କିଏ ଆଉ ଆଜି ସମଗ୍ର ଦେଶର ସହାନୁଭୂତି ନେଇ କରୁଣା କର ପ୍ରସାରଣ କରି ସହାୟତା କରିବ !! ଦୟା, ମାୟା, ନ୍ୟାୟ ନୀତି ବିବର୍ଜିତ ହିଂସ୍ର ସାଂପ୍ରଦାୟିକ ଆତତାୟୀର ବର୍ବର ଆଘାତରେ ଛିନ୍ନ ଭିନ୍ନ ବେଦନାର୍ତ୍ତ ଦେଶବାସୀର ରକ୍ତ ରଂଜିତ ଦୁର୍ଗମ କର୍ଦ୍ଦମାକ୍ତ ଜଳା ଭୂମିରେ 'ହିନ୍ଦୁ ଅଲ୍ଲା'ର ମାନବୀୟ ମଧୁର ନିର୍ଦ୍ଦେଶ କରୁଣ କଣ୍ଠର ଆବେଦନ କିଏ ଆଉ ଦୁଆରେ ଦୁଆରେ ଯାଇ ଶୁଣାଇବ !!! ଆମ ନିକଟରେ ତାଙ୍କ ବିୟୋଗ ବ୍ୟଥାର ଯେଉଁ ଏକ ବ୍ୟକ୍ତିଗତ ଦିଗ ରହିଛି, ତାକୁ କି ପୃଥକ କରି ରଖିବା ଶକ୍ତି ଆମର ଅଛି ? ସମଗ୍ର ଭାରତର ତିରିଶି କୋଟି ନରନାରୀ ଅଶ୍ରୁ ସିକ୍ତ ନୟନରେ, ବେଦନାହତ କରୁଣ କଣ୍ଠରେ "ରଘୁପତି ରାଘବ ରାଜାରାମ" ସଂକୀର୍ତ୍ତନର ବ୍ୟାକୁଳ ପ୍ରତିଧ୍ୱନି ତୋଳି ବାପୁଜୀଙ୍କ ଯେଉଁ ଶେଷ କୃତ୍ୟ ସମ୍ପନ୍ନ କରିଗଲେ, ତାହାହିଁ ସେହି ବ୍ୟକ୍ତିଗତ ବେଦନାର ପ୍ରତିଛବି । ଏତେ ବଡ଼ ଭାରତ ବ୍ୟାପୀ ଶୋକ ଦିନ ଆଉ କୌଣସି ଦିନ ଦେଖା ଦେଇ ନାହିଁ, — ଏତେ ବଡ଼ ଶ୍ରଦ୍ଧାନୁଷ୍ଠାନର ବ୍ୟାପ୍ତି ପୂର୍ବରୁ ଆଉ କୌଣସି ଦିନ ଘଟି ନାହିଁ । ମହାତ୍ମା ଗାନ୍ଧୀ ଭାରତୀୟ ଜୀବନ-ଚିନ୍ତା, ଜ୍ଞାନ-କର୍ମର ପ୍ରତ୍ୟେକ ସ୍ତରରେ ଯେ କେତେ ଦୂର ବ୍ୟାପ୍ତ ହୋଇ ପଡ଼ିଥିଲେ, ତାଙ୍କ ଆକସ୍ମିକ ତିରୋଧାନରେ ଦେଶର ଜୀବନାଲୋକ ଦେହରେ କେତେ ସ୍ଥାନ ଯେ ଶୂନ୍ୟ ହୋଇ ପଡ଼ିଲା, ତାହା ଏହି ସର୍ବମୁଖୀ ବେଦନା ବିଦାହ ଶେଷ କରେହିଁ ପ୍ରକାଶମାନ ହୋଇ ଉଠିଅଛି । ଏହି ବ୍ୟଥା, ଏହି ଦେଶବ୍ୟାପୀ ହୃଦୟାବେଗର ଦାବାନଳ ସହଜରେ ପ୍ରଶମିତ ହେବାର ନୁହେ ।

କେବଳ ଭାରତ ନୁହେ, ସମଗ୍ର ପୃଥିବୀରେହିଁ ବାପୁଜୀଙ୍କ ଲୋକାନ୍ତର ଆଧୁନିକ ଇତିହାସର ଏକ ଅଦ୍ୱିତୀୟ ଘଟଣା ରୂପେ ସ୍ୱୀକୃତ ହୋଇଅଛି । ସମସ୍ତ ସଭ୍ୟଦେଶର ରାଷ୍ଟ୍ର ନାୟକମାନେ ବ୍ୟକ୍ତିଗତ ଭାବେ ସେମାନଙ୍କ ଆନ୍ତରିକ ଶୋକ ଜ୍ଞାପନ କରିଛନ୍ତି । ସମସ୍ତ ରାଷ୍ଟ୍ରୀୟ ସୌଧ ଉପରେ ଶୋକ ପତାକା ଉତ୍ତୋଳିତ ହୋଇଛି, ସମସ୍ତ ବର୍ଣ୍ଣର ଶ୍ରେଣୀ ଜ୍ଞାନୀ, ପ୍ରତ୍ୟେକ ଚିନ୍ତାନାୟକ, କୁଟନୀତି ଓ ରାଷ୍ଟ୍ର ନୀତି ବିଦ୍ମାନେ ସାମ୍ୟ, ମୈତ୍ରୀ, ଓ ସ୍ୱାଧୀନତାର ମୂର୍ତ୍ତ ବିଗ୍ରହ ମହାମାନବ ମହାତ୍ମାଗାନ୍ଧୀଙ୍କ ଅମର ସ୍ମୃତି ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ପ୍ରଦାନ କରିଅଛନ୍ତି । ସମଗ୍ର ପୃଥିବୀରେ କି ପ୍ରାଚୀନ, ମଧ୍ୟ କିମ୍ବା ଆଧୁନିକ ଯୁଗରେ ଏପରି କୌଣସି ସମ୍ରାଟ, ରାଷ୍ଟ୍ରପତି ବୀର, ଯୋଦ୍ଧା, କବି ବା ଧର୍ମ ଗୁରୁ ଦେଖା ଦେଇ ନାହାନ୍ତି, ଯାହାଙ୍କୁ ଧକାଡି ବିକାଡି, ପରିଚିତ-ଅପରିଚିତ, ଜ୍ଞାନୀ-ଅଜ୍ଞାନୀ, ଧନୀ-ନିର୍ଦ୍ଧନ ନିର୍ବିଶେଷରେ ସମସ୍ତେ ଏତେ ଘନିଷ୍ଠ ଭାବେ ଅତି ଆପଣାର କରି ପାରିଥିଲେ । ଏତେ ବଡ ସାର୍ବଭୌମ ଶ୍ରଦ୍ଧାଞ୍ଜଳିର ପଟାନ୍ତର ମାନବ ଇତିହାସରେ ଏହାହିଁ ସର୍ବ ପ୍ରଥମ । ଏଥିରୁ ପ୍ରମାଣିତ ହୁଏ ଯେ, ମହାତ୍ମା ଗାନ୍ଧୀ କେବଳ ଭାରତର ନୁହନ୍ତି, କେବଳ ଏସିଆର ନୁହନ୍ତି, ସେ ସମଗ୍ର ଜଗତର ସମସ୍ତ ମାନବ ଜାତିରହିଁ ହୃଦୟ ଧନ । ସବଳର ଏହି ଦୁର୍ବଳ ଦଳନ ଯୁଗରେ, ହିଂସାର ଏହି ଦର୍ପ ବିଦାଗ ଜ୍ଞାନଶୂନ୍ୟ ବୀଭତ୍ସ ତାଣ୍ଡବ ଯୁଗରେ, ଅହିଂସା ଥିଲା ଯାହାଙ୍କ ମନ୍ତ୍ର, ପ୍ରେମ ଥିଲା ଅସ୍ତ୍ର, ମୈତ୍ରୀ ଥିଲା ବ୍ରତ, ତ୍ୟାଗ, ବୈରାଗ୍ୟ, ବିନୟ ଥିଲା ଜୀବନର ଆଦର୍ଶ, ସେହି କଟିବାସ ପରିହିତ "ଅର୍ଦ୍ଧ ନଗ୍ନ ଫକୀର"ଙ୍କ ଜୀବନ ଓ ବାଣୀ, ଚିନ୍ତା ଓ କର୍ମ

Digitized by srujanika@gmail.com

ମଧ୍ୟରେ ଏପରି ଜଣେ ଗୋଟାଏ ପରଶ ମଣିର ଶକ୍ତି ନିହିତ ଥିଲା, ତାଙ୍କୁହିଁ ସାଥୀରୂପେ ଗ୍ରହଣ କରି ଏହି ଯାନ୍ତ୍ରିକ ଯୁଗର ବ୍ୟସ୍ତ ବିବ୍ରତ ମାନବ ପର୍ଯ୍ୟନ୍ତ ବିଶ୍ୱସମସ୍ୟାର ତୀକ୍ଷ୍ଣ କଣ୍ଟକିତ ଜଟିଳ ପଥ ଅତି-କ୍ରାନ୍ତ ହେବା ସମାଧାନ ପାଇ ପାରିଲା, — ସେହି ସମାଧାନ ପଥରେ ସେ ଏପରି କିଛି ଅଲୌକିକ ରଶ୍ମି ରଖିଗଲେ, ଯାହାର ଆଲୋକ ଦେଶ କାଳର କ୍ଷୁଦ୍ର ମେଘ ପଟଳରେ ଆବୃତ ହୋଇ ରହି ନାହିଁ । ସେହି ବିଶ୍ୱବନ୍ଦ୍ୟ, ମାନବ ମୁକ୍ତିର ଅଗ୍ରଦୂତ, ସତ୍ୟ-ସନ୍ଧ ଶାନ୍ତ ମୂର୍ତ୍ତି ଆଜି ଆଉ ସଦେହରେ ନାହାନ୍ତି,— ତାଙ୍କ ପାର୍ଥିବ ଅସ୍ତିତ୍ୱର ଅବସାନ ଘଟି ଯାଇଅଛି; କିନ୍ତୁ ଏହି ଅବସାନ ଶେଷ ଅବସାନ ନୁହେଁ । ଏହି ଅକ୍ଷୟ-ଅମର-ଭାସ୍ୱର ଗାନ୍ଧୀବାଦ୍ ସମଗ୍ର ବିଶ୍ୱରେ ଯେଉଁ ନୂତନ ଜୀବନ ଦର୍ଶନର ଉଦ୍‌ବୋଧନ କରିବ, ଏହା ତାହାରି ସୂଚନା ମାତ୍ର, — ଏହି ସମାପ୍ତିର ମଧ୍ୟ ଦେଇ ନୂତନ ଆରମ୍ଭର ଜ୍ୟୋତିର୍ମୟ ଆଭାସ ଏକ ଦିଗ୍‌ବଳୟରେ ଉଦ୍ଭାସିତ ହୋଇ ଉଠିଛି; ବର୍ତ୍ତମାନର ଏହି ଅନ୍ତରବର୍ତ୍ତୀ ପୂର୍ଣ୍ଣ ଶୋକାନ୍ଧକାରରେ ହିଁ ସେହି ନୂତନ ଯୁଗର ଅଭିଷେକ ବିଧି ଏକ ଅନୁଷ୍ଠିତ ହେଲା !!

## ମହାତ୍ମାଙ୍କ ତିରୋଧାନ

ରାଜ୍ୟରତ୍ନ ଶ୍ରୀ ବଳଭଦ୍ର ବହିଦାର

ମହାମାନବ ମହାତ୍ମା ଗାନ୍ଧୀଜୀଙ୍କର ସ୍ଥୂଳ ଶରୀର ଆଜି କାହାରି ଦୃଷ୍ଟି ଗୋଚରରେ ପଡ଼ିବ ନାହିଁ । ଗତ ଏବର୍ଷ ଜାନୁୟାରୀ ମାସ ୩୦ ତାରିଖରେ ସମଗ୍ର ପୃଥିବୀକୁ ବିଶେଷତଃ ଭାରତବାସୀଙ୍କୁ ଶୋକ ସାଗରରେ ଭସାଇ ଅମର ଧାମକୁ ପ୍ରୟାଣ କରିଛନ୍ତି । ତାଙ୍କର ଜନ୍ମ ହୋଇଥିଲା ୧୮୬୯ ବର୍ଷ ଅକ୍ଟୋବର ମାସ ୨ ତାରିଖ ଦିନ କାଥିଆୱାଡ଼ ଅଞ୍ଚଳର ପୋରବନ୍ଦରରେ । ଏହି ଜନପଦର ପ୍ରାଚୀନ ନାମ ସୁଦାମାପୁର; ଯେଉଁଠାରେ କି ବୋଧହୁଏ ଶ୍ରୀକୃଷ୍ଣସଖା ସୁଦାମା ପୂର୍ବେ ବାସ କରୁଥିଲେ । ମହାତ୍ମାଗାନ୍ଧିଜୀ ତାଙ୍କର ଜୀବନୀ ନିଜେ ଲେଖି ଯାଇଛନ୍ତି ଏବଂ ତାଙ୍କର ଅକାଳ ମୃତ୍ୟୁ ପରେ ତାଙ୍କର ସମ୍ପୂର୍ଣ୍ଣ ଜୀବନୀ ନାନା ଭାଷାର ପତ୍ର ପତ୍ରିକାରେ ବହୁ ଲୋକଙ୍କ ଦ୍ୱାରା ଆଲୋଚିତ ହୋଇ ସାରିଅଛି । ତେଣୁ ସେ ସବୁର ସମାଲୋଚନା ଅନାବଶ୍ୟକ ବୋଧହୁଏ । ପୁଣି ତାଙ୍କର ବହୁମୁଖୀ ପ୍ରତିଭାର ଆଲୋଚନା କରିବା ଏହି କ୍ଷୁଦ୍ର ପ୍ରବନ୍ଧରେ ଏବଂ ମୋ ପରି ଅଳ୍ପ ଜ୍ଞାନ ବିଶିଷ୍ଟ ଲେଖକ ପକ୍ଷରେ ଅସମ୍ଭବ । ଏ ହେଉଛି ତାଙ୍କର ତିରୋ-ଧାନରେ ତାଙ୍କ ପ୍ରବର୍ତ୍ତିତ ସତ୍‌କାର୍ଯ୍ୟାବଳୀର ପ୍ରଗତି ବାଧାପ୍ରାପ୍ତ ହେବ କି ଏହାହିଁ ଏ ପ୍ରବନ୍ଧର ଆଲୋଚ୍ୟ ବିଷୟ ।

ଲୋକେ କହନ୍ତି, "ପରମେଶ୍ୱର ଯାହା କରନ୍ତି ମଙ୍ଗଳ ସକାଶେ" । ଏହା କି ପ୍ରକୃତରେ ସତ୍ୟ ? ମହାତ୍ମାଙ୍କର ମୃତ୍ୟୁରେ କାହାର କି ମଙ୍ଗଳ ହେଲା ? ଶ୍ରୀରାମ ଦାସ ଓ ଶ୍ରୀଦେବୀ ଦାସ ପ୍ରଭୃତି ତାଙ୍କର ପୁତ୍ର ମାନେ ପିତୃହୀନ ହେଲେ । କଂଗ୍ରେସର ନେତା ମାନେ ମହାତ୍ମାଙ୍କ ସଦୁପଦେଶ ପ୍ରାପ୍ତିରୁ ବଞ୍ଚିତ ହେଲେ, ସେବାଗ୍ରାମବାସୀଏ ତାଙ୍କର ସାହାଚର୍ଯ୍ୟ କିମ୍ବା ଦୈନିକ ଦର୍ଶନ ଆଉ ପାଇବେ ନାହିଁ । ହରିଜନ ପତ୍ରିକାରେ ତାଙ୍କର ଯେଉଁ ପ୍ରବନ୍ଧ ଗୁଡ଼ିକ ଲୋକେ ପଢ଼ିବା ପାଇଁ ଆଗ୍ରହାନ୍ୱିତ ଥିଲେ, ତାହା

Digitized by srujanika@gmail.com

ସେମାନଙ୍କୁ ମିଳିବ ନାହିଁ । ଅସ୍ପୃଶ୍ୟତା ଦୁରୀକରଣରେ ହରିଜନମାନେ ମହାତ୍ମାଙ୍କଠାରୁ ଯେଉଁ ସହାନୁଭୂତି ପାଉଥିଲେ, ସେମାନେ ଆଉ ପାଇବେ ନାହିଁ ଏବଂ ଭାରତର ଜାତି ହୃଦୟରେ ପୋଷିତ ଘୃଣାଭାବର ଦୂରୀକରଣ ପାଇଁ ତାଙ୍କର ଯେଉଁ ଅଦମ୍ୟଚେଷ୍ଟା ତାହା ତାଙ୍କଠାରୁ ଏଣିକି ମିଳିବ ନାହିଁ । ଏ ସବୁତ ସ୍ଥୁଳ ବିବେଚନାରୁ ଜଣାଯାଏ । କିନ୍ତୁ ପ୍ରକୃତିର ନିୟମ ଅନୁଧ୍ୟାନ କଲେ ସ୍ପଷ୍ଟ ରୂପେ ପ୍ରମାଣିତ ହୁଏ ଯେ, ମାନବ ଚକ୍ଷୁରେ ଯାହା ଅପ୍ରୟୋଜନୀୟ ବା ଅହିତକର ତାହାର ଶେଷ ପରିଣାମ ସୁଖପ୍ରଦ । ଗ୍ରୀଷ୍ମ ଋତୁରେ ଜଳାଶୟ ଶୁଷ୍କ ହୋଇଯାଏ । ସେତେବେଳେ ଜଳାଭାବ ହେତୁରୁ ଅନେକ ସ୍ଥାନରେ କଷ୍ଟ ବୋଧହୁଏ ଏବଂ ଦୂରବର୍ତ୍ତୀ ନଦୀ ବା ସରୋବରର ଜଳ ଆଣିବା ଦ୍ୱାରା ଲୋକେ ଏହି କଷ୍ଟରୁ ରକ୍ଷା ପାଆନ୍ତି । ଜଳ ଏପରି ଶୁଖିଯାଏ କାହିଁକି ? ସେହି ଜଳ ବାଷ୍ପାକାରରେ ଉପରକୁ ଉଠି ମେଘ ଏବଂ ପରିଶେଷରେ ବର୍ଷାରେ ପରିଣତ ହୋଇ ନାନାବିଧ ଶସ୍ୟୋତ୍ପାଦନ ପାଇଁ ସାହାଯ୍ୟ କରେ ନାହିଁ କି ? ବସନ୍ତ ଋତୁର ଆଗମରେ ବୃକ୍ଷମାନଙ୍କର ପତ୍ର ଝଡ଼ିଯାଏ, ଏପରି କି କୌଣସି କୌଣସି ବୃକ୍ଷରେ ଆଦୌ ପତ୍ର ରହେ ନାହିଁ ଏବଂ ସେତେବେଳେ ବୃକ୍ଷ କଦାକାର ଦେଖାଯାଏ । ପରେ ବସନ୍ତ ପବନ ପ୍ରବାହିତ ହେଲେ ବୃକ୍ଷ ଏପରି ପଲ୍ଲବିତ ହୁଏ ଯେ ତାହାର ଶୋଭା ପୂର୍ବାପେକ୍ଷା ବହୁ ପରିମାଣରେ ବଢ଼ିଯାଏ ।

ଏହା ପ୍ରାକୃତିକ ଜଗତର କଥା । ମହାତ୍ମାମାନଙ୍କ ଜୀବନୀ ପର୍ଯ୍ୟାଲୋଚନା କଲେ ଆମ୍ଭେମାନେ କଅଣ ପାଉଁ ? ଶ୍ରୀକୃଷ୍ଣଙ୍କ ଜନ୍ମ ଦ୍ୱାପର ଯୁଗରେ ହୋଇଥିଲା । ସେ ଦେବତା ରୂପେ ହିନ୍ଦୁମାନଙ୍କଦ୍ୱାରା ପୂଜିତ ହେଉଅଛନ୍ତି । ଲୋକଙ୍କର ବିଶ୍ୱାସ ଯେ, ସେ ପରମେଶ୍ୱରଙ୍କ ଅଂଶ ନେଇ ପୃଥିବୀରେ ଅବତୀର୍ଣ୍ଣ ହୋଇଥିଲେ । ତାଙ୍କ ପରି ଜ୍ଞାନବୀର ଆଜ ପର୍ଯ୍ୟନ୍ତ ଜନଗ୍ରହଣ କରିନାହାନ୍ତି, ଏହା ମଧ୍ୟ ଅନେକେ ସ୍ୱୀକାର କରନ୍ତି । ମହାଭାରତରେ ଅଛି ଯେ, ସେ ଯୁଦ୍ଧଭୂମିରେ ଅର୍ଜ୍ଜୁନଙ୍କୁ ଭଗବତଗୀତା ଶୁଣାଇ ତାଙ୍କର ମନର ପରିବର୍ତ୍ତନ କରାଇଥିଲେ ଏବଂ ତାଙ୍କୁ ଯୁଦ୍ଧରେ ପ୍ରବୃତ୍ତ କରାଇଥିଲେ । ଶ୍ରୀକୃଷ୍ଣଙ୍କ ମୃତ୍ୟୁ ଘଟିଲା ଆକସ୍ମିକ କାରଣରୁ । ଜଙ୍ଗଲରେ ଦୋଳି ଝୁଲିବା ବେଳେ ଶବରର କାଣ୍ଡରେ ବିଦ୍ଧ ହୋଇ ସେ ପ୍ରାଣ ହରାଇଲେ । ତାଙ୍କର ଜୀବଦ୍ଦଶାରେ ଗୀତାର ମହାତ୍ମ୍ୟ ଯାହା ଥିଲା, ଆଜି ତାହା ଶତଗୁଣରେ ପରିବର୍ଦ୍ଧିତ । କେବଳ ଭାରତରେ ନୁହେଁ କି ପୃଥିବୀର ଅନ୍ୟାନ୍ୟ ଦେଶରେ ମଧ୍ୟ ଜ୍ଞାନୀମାନେ ଏହା ପଢ଼ି ବିମୁଗ୍ଧ ହେଉଅଛନ୍ତି । ଏ ଗ୍ରନ୍ଥ ଯେତେ ଦିନ ଥିବ ବେଳୁଁ ବେଳ ଏହାର ଆଦର ବଢ଼ିବ, ସିନା, ଊଣା ହେବ ନାହିଁ ।

ମହାତ୍ମା ଯୀସୁଙ୍କୁ ଖ୍ରୀଷ୍ଟଧର୍ମବଲମ୍ବୀମାନେ ଈଶ୍ୱରଙ୍କ ପୁତ୍ର ବୋଲି ମାନ୍ୟ କରନ୍ତି । ଏହାଙ୍କ ଦ୍ୱାରା ପ୍ରଥମେ ପେଲେଷ୍ଟାଇନରେ ଖ୍ରୀଷ୍ଟଧର୍ମ ପ୍ରଚାରିତ ହେଲା । ଏହାଙ୍କ ଜୀବନ କାଳରେ ଏ ଧର୍ମରେ ଅଳ୍ପ ସଂଖ୍ୟକ ବ୍ୟକ୍ତି ଦୀକ୍ଷିତ ହୋଇଥିଲେ । ଏ ମହାତ୍ମା କ୍ରୁଶବିଦ୍ଧ ହୋଇ ପ୍ରାଣତ୍ୟାଗ କଲେ । ଏହାଙ୍କ ମୃତ୍ୟୁ ପରେ ଏହାଙ୍କ ଶିଷ୍ୟମାନେ ଗୁରୁଆଡ଼େ ବୁଲି ଏ ଧର୍ମର ପ୍ରଚାର କରିବାକୁ ଲାଗିଲେ । ଆଜି ପୃଥିବୀର ଅନେକ ଅଞ୍ଚଳରେ ଏହା ପରିବ୍ୟାପ୍ତ ହୋଇଅଛି । କହିବାକୁ ଗଲେ ସଭ୍ୟ ଏପରି ଦେଶ ନାହିଁ ଯେଉଁଠାରେ ଖ୍ରୀଷ୍ଟଧର୍ମବଲମ୍ବୀମାନେ ନ୍ୟୁନାଧିକ ପରିମାଣରେ ନାହାନ୍ତି । ସ୍ୱାମୀଦୟାନନ୍ଦ ସରସ୍ୱତୀ ମଧ୍ୟ ଜଣେ ଧର୍ମ ସଂସ୍କାରକ । ଏ ମହାତ୍ମା ଯେଉଁ ଧର୍ମ ପ୍ରଚାର କଲେ, ତାହାର ନାମ ଆର୍ଯ୍ୟ ଧର୍ମ ବା ବୈଦିକ ଧର୍ମ । ଏ ଧର୍ମର ପ୍ରଚାର ପ୍ରଥମେ ସେ ହରିଦ୍ୱାରରେ କୁମ୍ଭମେଳା ସମୟରେ ଆରମ୍ଭକଲେ ଏବଂ କାଶୀ ପ୍ରଭୃତି ସ୍ଥାନରେ ବିଖ୍ୟାତ ପଣ୍ଡିତମାନଙ୍କୁ ଯୁକ୍ତିରେ ପରାସ୍ତକଲେ । ଏ ଧର୍ମର କ୍ରମୋନ୍ନତି ଦେଖି ଜଣେ ବିଷ ଦାନ ଦ୍ୱାରା ଏହାଙ୍କର ପ୍ରାଣ ସଂହାର କଲା । ତଥାପି ଦେଖିବାକୁ ମିଳେ ଯେ, ଏବେ ଏ ଧର୍ମରେ ଲକ୍ଷାଧିକ ବ୍ୟକ୍ତି ଦୀକ୍ଷିତ ହୋଇଛନ୍ତି

Digitized by srujanika@gmail.com

ଏବଂ ଏ ସଂଖ୍ୟା ବର୍ଷାନୁବର୍ଷ ବୃଦ୍ଧିପ୍ରାପ୍ତ ହେଉଅଛି ।

ଉପର୍ଯ୍ୟୁକ୍ତ ଦୃଷ୍ଟାନ୍ତରୁ ଏହା ପ୍ରତିପନ୍ନ ହୁଏ ଯେ, ମହାତ୍ମାମାନଙ୍କ ଆକସ୍ମିକ ଶୋକାବହ ମୃତ୍ୟୁରେ ତାଙ୍କ ପ୍ରଦର୍ଶିତ ପନ୍ଥାର ଅବନତି ନ ହୋଇ ବରଂ ଉନ୍ନତି ହୁଏ । ତେବେ ପ୍ରଶ୍ନ ହେବ ଇପାରେ, "ମହାତ୍ମାଗାନ୍ଧିଙ୍କ ଆକସ୍ମିକ ମୃତ୍ୟୁରେ ଦେଶର ଉନ୍ନତି ହୋଇଛି ?" ସେ ଦିନ ଗୋଟିଏ ଇଂରେଜୀ ଖବର କାଗଜରେ ପଢ଼ିଲି ଯେ, ମହାତ୍ମା ଗାନ୍ଧିଙ୍କ ଚିତାଭସ୍ମ ପ୍ରବାହ କରିବା ହକାଶେ ଜାମ୍ମୁ, ସତଲେଜ, ହରଦ୍ୱାର, ଦିଲ୍ଲୀ, ରାମପୁର, ଗଡ଼ମୁକ୍ତେଶ୍ୱର, ଅଯୋଧ୍ୟା, ମଥୁରା, ପୁଷ୍କର, ଗୁଆଲର, ଅହମଦନଗଡ଼, ଇନ୍ଦୋର, ପ୍ରୟାଗ, ବନାରସ, ପାଟନା, ଭାଗଲପୁର, ଗୟା, ଗୌହାଟି, ତେଜପୁର, ଦିବ୍ରୁଗଡ, ଶିଲଚର, ଢାକା, ନୂଆଖାଲି, ବେରେକପୁର; ରାଞ୍ଚି, ତ୍ରିପୁରୀ, କଟକ, ପୁରୀ, ବେଜୱାଡ଼ା, ଓ୍ୱାରଙ୍ଗଲ, ସେବାଗ୍ରାମ, ଭୁଜ୍, ରାଜକୋଟ, ପୋରବନ୍ଦର, ଗଡ଼, ସୁରାଟ୍, ନାସିକ, ବମ୍ବାଇ, ନରସିଂହମ୍, ଗୋଦାବରୀ ଗୋକର୍ଣ୍ଣ, ମଇସୁର, ମାନ୍ଦ୍ରାଜ, ଶ୍ରୀରଙ୍ଗମ୍, ରାମେଶ୍ୱରମ୍, ହରଟ ଓ କୁମାରିକାକୁ ପଠାଯାଇଥିଲା । ସେହି ସ୍ଥାନ ସମୀପସ୍ଥ ସମୁଦ୍ର କିମ୍ବା ନଦୀ ପ୍ରଭୃତି ପବିତ୍ର ଜଳରେ ଯେ ତାହା ପ୍ରବାହ କରାଯାଇଥିବ, ଏବଂ ଅସଂଖ୍ୟ ନରନାରୀ ଯେ ଏ ସମ୍ପର୍କୀୟ ଶୋଭାଯାତ୍ରାରେ ଯୋଗ ଦେଇଥିବେ, ଏଥିରେ ସନ୍ଦେହ ନାହିଁ । ମହାତ୍ମା ଗାନ୍ଧୀ ଭାରତୀୟମାନଙ୍କ ମଙ୍ଗଳ ପାଇଁ ଯାହା କରିଛନ୍ତି, ଏହା ସେମାନଙ୍କ କୃତଜ୍ଞତାର ନିଦର୍ଶନ ଏବଂ ମନୋବୃତ୍ତିର ଉନ୍ନତି ନୁହେଁ କି ? ଯେପରି ଶାରୀରିକ ବଳ ଅପେକ୍ଷା ମାନସିକ ବଳର ମହତ୍ତ୍ୱ ବେଶୀ, ସେପ୍ରକାର ଶାରୀରିକ ଉନ୍ନତି ଠାରୁ ମାନସିକ ଉନ୍ନତି ବେଶୀ ହିତକାରୀ । ଏ ହେତୁରୁ ହିଁ ମହାତ୍ମା ଗାନ୍ଧିଜୀ ଅହିଂସ ଅସହଯୋଗକୁ ହିଂସାତ୍ମକ କାର୍ଯ୍ୟ ଅପେକ୍ଷା ଶ୍ରେଷ୍ଠସ୍ଥାନ ଦେଇଥିଲେ ।

ମହାତ୍ମା ଗାନ୍ଧିଜୀଙ୍କ ଅକାଳ ମୃତ୍ୟୁ ଦେଶରେ ଅନ୍ୟ ଏକ ପ୍ରକାର ମଙ୍ଗଳ ସାଧନ କରିଅଛି, ବର୍ତ୍ତମାନ ବର୍ଷର କରିବା । ମହାତ୍ମାଙ୍କ ମୃତ୍ୟୁ ପରେ ପୋଲିସ ଭାରତର କେତେକ ସ୍ଥାନରେ ଖାନାତଲାସି କରିବାରୁ ଜଣାଯାଇଅଛି ଯେ, କେତେକ ଷଡ଼ଯନ୍ତ୍ରକାରୀ ବଡ଼ ବଡ଼ ନେତାମାନଙ୍କର ପ୍ରାଣ ବିନାଶ କରିବା ପାଇଁ ନାନା ପ୍ରକାର ଅସ୍ତ୍ରଶସ୍ତ୍ର ଲୁକ୍କାୟିତ ଭାବରେ ରଖିଥିଲେ । ମହାତ୍ମାଙ୍କ ମୃତ୍ୟୁ ହେତୁରୁ ହିଁ ଶାସକମାନେ ଏଥି ପ୍ରତି ବିଶେଷ ଧ୍ୟାନ ଦେଲେ ! ଏପରି ନ ହୋଇ ନଥିଲେ ଷଡ଼ଯନ୍ତ୍ରକାରୀମାନେ ଅନେକ ପ୍ରସିଦ୍ଧ ନେତାଙ୍କର ପ୍ରାଣନାଶ କରିବାକୁ ସୁଯୋଗ ପାଇ ନ ଥାନ୍ତେ କି ? ଏବଂ ଏହି ଜଘନ୍ୟ କାର୍ଯ୍ୟ ଦ୍ୱାରା ଭାରତର ବିସ୍ତର କ୍ଷତି ହୋଇ ନ ଥାନ୍ତା କି ? ସାମ୍ପ୍ରଦାୟିକ ଅନୁଷ୍ଠାନମାନଙ୍କ ଦ୍ୱାରା ବ୍ୟକ୍ତି ବ୍ୟକ୍ତି ମଧ୍ୟରେ ଜାତି ଜାତି ମଧ୍ୟରେ ଓ ଧର୍ମ ଧର୍ମ ମଧ୍ୟରେ ତିକ୍ତ ମନୋଭାବ ବଢୁଥିଲା । ଏବେ ଏପରି କେତେକ ଅନୁଷ୍ଠାନର କର୍ମକର୍ତ୍ତାମାନେ ସଭାପତି ବା ସମ୍ପାଦକ ପଦ ପରିତ୍ୟାଗ କଲେଣି । କେତେକ ଅନୁଷ୍ଠାନ ଭାଙ୍ଗି ଦିଆଗଲଣି ଏବଂ ଆଉ କେତେକ ପ୍ରତିଷ୍ଠାନରେ ରାଜନୀତି ଚର୍ଚ୍ଚା ହେବନାହିଁ ବୋଲି ସ୍ଥିର ହେଲଣି । କେତେକ ଅନୁଷ୍ଠାନ ବେଆଇନ ବୋଲି ଘୋଷିତ ହେଲଣି ଏବଂ ଭାରତବର୍ଷରେ ସୁପ୍ରସିଦ୍ଧ ପୁରୀର ଶ୍ରୀଜଗନ୍ନାଥ ମନ୍ଦିରକୁ ଏବଂ ବାଲେଶ୍ୱର ଜିଲ୍ଲାର ଅଖଣ୍ଡଳେଶ୍ୱର ଶିବ ମନ୍ଦିରକୁ ହରିଜନମାନେ ବିନା ବାଧାରେ ପ୍ରବେଶ କଲେଣି, ପୁଣି କଟକ ଜିଲ୍ଲାରେ ଅବସ୍ଥିତ ବିଦ୍ୟାର ଅଧିଷ୍ଠାତ୍ରୀ ରୂପେ ପ୍ରତିଷ୍ଠିତ ସାରଳା ଦେବୀଙ୍କ ମନ୍ଦିରକୁ ଏମାନେ ପ୍ରବେଶ କରି ପାରିବା ପାଇଁ ମନ୍ଦିର ପରିଚାଳକମାନେ ସିଦ୍ଧାନ୍ତ କଲେଣି । ଏସବୁ କାର୍ଯ୍ୟ ଦ୍ୱାରା ମହାତ୍ମାଙ୍କ ଉଦ୍ଦେଶ୍ୟ ସାଧିତ ହେଉ ନାହିଁ କି ? ଗୋଟିଏ ପ୍ରବାଦ ଅଛି, ହାତୀ ଜୀଇଁ ଥିଲେ ଯେତେ ମରିଗଲେ ସେତେ ଅର୍ଥାତ ଜୀବିତ ହାତୀ ଯେତିକି ବହୁମୂଲ୍ୟ, ମୃତ ହସ୍ତୀର ଅସ୍ଥି ଓ ଦନ୍ତ ସେପରି ମୂଲ୍ୟବାନ୍ । ସେହିପରି ମହାତ୍ମାମାନଙ୍କ ଜୀବଦ୍ଦଶାରେ ପୃଥିବୀର ଯେତିକି କଲ୍ୟାଣ ସାଧିତ ହୁଏ, ତାଙ୍କର ମୃତ୍ୟୁରେ ତଦପେକ୍ଷା ତାହା ବହୁଗୁଣ ବଢ଼ିଯାଏ । ମହାତ୍ମା ବାପୁଜୀ ଭାରତବାସୀଙ୍କ ଦୁଃଖରେ ମ୍ରିୟମାଣ ହେଉଥିଲେ ଏବଂ ସେହି ଦୁଃଖର

Digitized by srujanika@gmail.com

ନିବାକରଣ ପାଇଁ ସର୍ବଦା ଯତ୍ନଶୀଳ ଥିଲେ । ସେ ବୁଝିଥିଲେ ଯେ, ଭାରତର ପରାଧୀନତା ଏହାର ପ୍ରଧାନ କାରଣ । ତେଣୁ ଭାରତକୁ ସ୍ୱାଧୀନ କରିବା ସକାଶେ ସେ ସନ ୧୯୨୦ ଖ୍ରୀଷ୍ଟାବ୍ଦରୁ କଂଗ୍ରେସର ନେତୃତ୍ୱ ଗ୍ରହଣ କଲେ । ଏହାର ଫଳ ସ୍ୱରୂପ ତାଙ୍କୁ ସେହି ବର୍ଷରୁ ସନ ୧୯୪୨ ଖ୍ରୀଷ୍ଟାବ୍ଦ ମଧ୍ୟରେ ସାତ ଥର ବନ୍ଦୀ ହେବାକୁ ପଡ଼ିଲା । ସମ୍ପ୍ରତି ଭାରତ ସ୍ୱାଧୀନ ଏବଂ ଏହି ସ୍ୱାଧୀନତା ତାଙ୍କ ପ୍ରଦର୍ଶିତ ପନ୍ଥାନୁସରଣର ସୁଫଳ । ସନ ୧୯୨୧ ଖ୍ରୀଷ୍ଟାବ୍ଦରେ ଅସହଯୋଗର ଆରମ୍ଭ ଏବଂ ସନ ୧୯୪୭ ଖ୍ରୀଷ୍ଟାବ୍ଦରେ ସ୍ୱାଧୀନତା ପ୍ରାପ୍ତି । ପ୍ରାୟ ୨୦୦ ବର୍ଷ ପରାଧୀନତା ଶୃଙ୍ଖଳରେ ଆବଦ୍ଧ ହୋଇ ଭାରତ ତାହାର ଆର୍ଥିକ ଏବଂ ନୈତିକ ବଳ ହରାଇ ସାରିଥିଲା । ଏପରି ଦୁଃସମୟରେ ମହାତ୍ମା ଗାନ୍ଧିଜୀ ସାମାନ୍ୟ ୨୭ ବର୍ଷ ମାତ୍ର କଂଗ୍ରେସର ପ୍ରଧାନ ଚାଳକ ହୋଇ ଯେଉଁ ସ୍ୱାଧୀନତା ଆଣିଲେ ତାହା କମ୍ ମନୀଷା ଏବଂ ମନସ୍ୱିତାର ବିଷୟ ନୁହେଁ । ଭାରତ ପରି ବିଶାଳ ଦେଶକୁ ଅହିଂସା ନୀତି ଅବଲମ୍ବନରେ ସ୍ୱାଧୀନ କରିବାର ଦୃଷ୍ଟାନ୍ତ କୁତ୍ରାପି ପରିଦୃଷ୍ଟ ହୁଏ ନାହିଁ । ମହାତ୍ମା ଯାହା କରିଗଲେ, ତାହା ଅଲୌକିକ ଏବଂ ଅପ୍ରତ୍ୟାଶିତ । ସ୍ୱାଧୀନତା କାଗଜପତ୍ରରେ ମିଳିଅଛି ସତ୍ୟ, ମାତ୍ର ଏହାର ସୁଫଳ ଲୋକେ ଅନୁଭବ କରିନାହାନ୍ତି । ଏହି ଅପୂର୍ଣ୍ଣତା ପୂର୍ଣ୍ଣ କରିବା ନେତାମାନଙ୍କ ଉପରେ ଯେପରି ନିର୍ଭର କରେ, ସେମାନଙ୍କୁ ଏ କାର୍ଯ୍ୟରେ ପୂର୍ଣ୍ଣ ପ୍ରାଣରେ ସାହାଯ୍ୟ କରିବା ଦେଶବାସୀଙ୍କର ସେହିପରି କର୍ତ୍ତବ୍ୟ । ପ୍ରାଦେଶିକ ସରକାରମାନେ ଯେ ଏ ବିଷୟର ଗୁରୁତ୍ୱ ଉପଲବ୍ଧି କରୁଛନ୍ତି, ଏଥିର ସୂଚନା ମିଳିଲାଣି । କାରଣ ଓଡ଼ିଶା ସରକାର ମନ୍ଦିର ପ୍ରବେଶ ଆଇନ ଏବଂ ପଶ୍ଚିମବଙ୍ଗ ସରକାର ନାଗରିକ ଅସୁବିଧା ଦୂରୀକରଣ ଆଇନ ପ୍ରଣୟନରେ ହାତ ଦେଲେଣି ।

— ୪୦୫ —

## ତର୍ପଣ-ବାସରେ

ଶ୍ରୀ ଗୋପାଳ କାନୁନଗୋ

କୋଟି ଦୀନ-ଜନ କନ୍ଦନ ଯାର ପ୍ରାଣେ
ସରଜିଲା ସାମ୍ୟ-ମୈତ୍ରୀ ପରମବାଣୀ,
ଦେଶମାତୃର ପବିତ୍ର ଲକ୍ଷ୍ୟ ଦାନେ,
ଜୀବନର ଜୟ ମୃତ୍ୟୁରେ ଦେଲା ଆଣି,—
ନିଖିଳ ବିଶ୍ୱ ଆଜି ଏ ସାଗର-କୋଳେ,
ତାର ଅବଶେଷ ଭସ୍ମ ଭସାଇ
ଜୟ ଗାନ୍ଧିଜୀ ବୋଲେ ॥

ମୁକ୍ତି ମନ୍ତ୍ର ଗାଇଲା ଯେ ବଳୀୟାନ,
ଜୟ ଗାନ୍ଧିଜୀ ବୋଇଲେ ସହିଦ୍ ଶତ,
ମୁକ୍ତି ସମରେ ଢାଳିଲେ ଆପଣା ପ୍ରାଣ,
ଉଡ଼େଇଲା କାହିଁ ବନ୍ଧନ ଚିରଗତ;

ମୁକ୍ତି-ସୂର୍ଯ୍ୟ ଦୀପ୍ତ ଆଲୋକ ତଳେ
ନିଖିଳ-ଜନତା ଏ ମହାପ୍ରୟାଣେ
ଜୟ ଗାନ୍ଧିଜୀ ବୋଲେ ॥
ମରତର ଲାଗି ବ୍ୟଥାର ଯେ ଦାବାନଳି,
ତନୁ ମନ ଦେଇ ମୁକତିର ଅଭିଯାନେ,
ଏଇ ଧରା ଦେହ ଧୂଳିରେ ଯେ ଗଲା ମିଶି,
ସେଇ ମହାଜନ୍ମ ପବିତ୍ର ସ୍ମୃତି-ଗାନେ,
ଦିଗ ଦିଗ ବାହି ପବନର ହିଲ୍ଲୋଳେ
ଅନ୍ତରେ ବ୍ୟଥା ବହି ଏ ଜନତା
ଜୟ ଗାନ୍ଧିଜୀ ବୋଲେ ॥
ଦୁଃଖୀ ଜୀବନ, ଦୁଃଖର ଚିର-ସାଥୀ
ଯା ରକତେ କରି ରଞ୍ଜି ନିଜ କର

Digitized by srujanika@gmail.com

ତା ପରଶେ ଗଲ ଅଜ୍ଞାନ -ଅମା - ରାତି
ବର୍ବର ନର, କଳୁଷ ଧୌତ କର ।
ସଭ୍ୟତାର ଏ ଉତ୍କଟ କୋଳାହଳେ
ଅନୁତପ୍ତ ଏ ନିଖିଳ ମାନବ
ଜୟ ଗାନ୍ଧିଜୀ ବୋଲେ ॥

ଖ୍ରୀଷ୍ଟ, ଜୈନ, ହିନ୍ଦୁ, ମୁସଲମାନ
ଶତ ଶତାବ୍ଦୀ ବିଦ୍ୱେଷ ଆଜି ଭୁଲି
ଅମ୍ବର-ଚୁମ୍ବୀ ବିଶ୍ୱ ମୈତ୍ରୀ-ଗାନ
ଅନନ୍ତ ଧ୍ୱନି ଗମ୍ଭୀରେ ଦିଏ ତୋଳି
ତର୍ପଣ କରେ ବାରିଧି ଶୁଦ୍ଧି-ଜଳେ
ନମ୍ର ନତଶିରେ, ରୁଦ୍ଧ କଣ୍ଠେ
ଜୟ ଗାନ୍ଧିଜୀ ବୋଲେ ॥

ପବିତ୍ର ଯାର ଜୀବନର ପ୍ରତି ରେଣୁ
ପବିତ୍ର-ତର ତାହାରି ଭସ୍ମ ଲାଗି
ତା ପରଶେ ହେଉ କଳୁଷ-କାଳିମା ଶେଷ
ରହୁ ତାର ନାମ ଅନ୍ତର ତଳେ ଜାଗି,
ସ୍ୱଚ୍ଛ ସଙ୍ଗୀତ ତା' ରୂପ ମରମେ ଦୋଳେ
ନିଖିଳ ଜନତା ସେ ରୂପ ଧିଆନେ
ଜୟ ଗାନ୍ଧିଜୀ ବୋଲେ ॥

ହିଂସା ଅନଳେ ଆହୁତି ଲଭିଲା ଯେହୁ
ଚିର ଅହିଂସ ଶାନ୍ତ ସ୍ୱରୂପ ବହି,
ବିଶ୍ୱବନ୍ଦ୍ୟ ଚିର ଆରାଧ୍ୟ ସେହୁ,
ତାହାର ଭସ୍ମ ବଇଭବେ ଏହି ମହୀ
ହେଲା ମହୀୟାନ; କ୍ରନ୍ଦନ ମହାରୋଳେ
ସେ ନର ଦେବତା ବନ୍ଦନା କରି ଜୟ ଗାନ୍ଧିଜୀ ବୋଲେ ॥

## ଅଶନ୍ଧ

ଶ୍ରୀ ବିକ୍ରମ ଦେବ ବର୍ମା

ଜଗତ୍ ବିଖ୍ୟାତ ଜାନୁଆରି ତାରିଖରେ ଜଗତର ବ୍ୟକ୍ତିଙ୍କ ମଧ୍ୟରେ ଅତ୍ୟନ୍ତ ହୋଇଥିଲେ ମହାତ୍ମାଙ୍କ ଅତି ଦୁଃଖକର ମରଣ ହତ୍ୟା ଘଟିଲା କାରଣରୁ ଭାରତ-ରାଜଧାନୀ—ନୂତନ ଦିଲ୍ଲୀ ପୁରବର ନତମସ୍ତକ । ସେ ଅତ୍ୟନ୍ତ ବିଷାଦକର ସମ୍ବାଦ ଦାବାନଳ ସଦୃଶ ସହସା ସମଗ୍ର ଜଗତ୍ ବ୍ୟାପ୍ତ ହୁଅନ୍ତେ, ଜାତି ମତ ପ୍ରଭେଦ ରହିତ ଆବାଳବୃଦ୍ଧ ନରନାରୀଙ୍କ ମୂର୍ଚ୍ଛିତ ମହାତ୍ମାଙ୍କଠାରେ ଥିବା ଆସକ୍ତି ଏବଂ ଭକ୍ତି ପ୍ରକଟି ଥିଲା ।

ତାହାଙ୍କ ଦୈନିକ ପ୍ରବର୍ତ୍ତିତ ସକଳମତସାର ଧର୍ମ ଏବଂ ନିଷ୍ଠିତବାଚନୀୟ ଜଗନ୍ମାନ୍ୟ, ସେପରି ବ୍ୟକ୍ତି କି ଜଗତ ଆଉ ଦେଖି ପାରିବ ନାହିଁ ?

ଇତିହାସକମାନେ ଏବଂ ରାଜନୀତିଜ୍ଞମାନେ ଉଚ୍ଚସ୍ୱରରେ ଉଚ୍ଚାରି ଦେଲେ ଯେ, ବୀରଙ୍କ ରକ୍ତପାତ ବିନା ଭାରତ ସ୍ୱାଧୀନତା ଲଭି ପାରିବ ନାହିଁ, ତଥାପି ମହାତ୍ମା ନିଜଙ୍କ ଅହିଂସା ସତ୍ୟନାମକ ଅସ୍ତ୍ରଜାଲର ମନ୍ତ୍ରବଳରୁ ସେମାନଙ୍କ ସିଦ୍ଧାନ୍ତ ପଣ୍ଡ କରି ନ ଥିଲେ କି ?

ତାହାଙ୍କ ସତ୍ୟାଗ୍ରହ ଦୀକ୍ଷା ନାମକ ପରମାଣୁ ବୋମା ମହା ଯୁଦ୍ଧାନନ୍ତର ସଙ୍ଗଠିତ ନାନାଦେଶୀୟ ସମାଜ ସାଧ୍ୟାତୀତ ବିଶ୍ୱ ସଂଘ ଶ୍ରେୟ କଳହକୁ ବିନାଶ କରି ନ ଥିଲା କି ?

ଖ୍ରୀଷ୍ଟଙ୍କ ଏବଂ ଅର୍ଦ୍ଧଦିଗମ୍ବର ଫକୀର୍ ସ୍ୱର୍ଗୀୟ ପ୍ରେମ ବିସ୍ତାରି ବଳୀୟ ପ୍ରଭୁବସିଦ୍ଧ ଶାନ୍ତି ସ୍ଥାପନ କରି ନ ଥିଲେ କି ?

ପ୍ରପଞ୍ଚରେ ଶାନ୍ତି ସ୍ଥାପନ ମାତ୍ର କରିବାକୁ ବୋଲି ବଚନରେ ମାତ୍ର ଲାଗିଥିବା ବିବିଧ ରାଜନୀତିଜ୍ଞ ସଂଘମାନ ସ୍ୱାର୍ଥପରତା ବଶରୁ ଅଦ୍ୟ ମାନବରକ୍ତ ପାନାଭିଳାଷୀ । ଅତଏବ ସ୍ୱର୍ଗତ ମହାତ୍ମାଙ୍କ ଆତ୍ମା ନିଜର ଅହିଂସାପ୍ରେମ ଧର୍ମ ... ଇତି ।

# ଦଅ ହେ ଆଶୀଷ

ଶ୍ରୀ ସତ୍ୟ ନାରାୟଣ ରାଜଗୁରୁ

ହେ ସ୍ୱର୍ଗୀୟ ମହାତ୍ମା !
ଭାରତର ଭାଗ୍ୟାକାଶେ - ଉଜ୍ଜ୍ୱଳ-ଭାସ୍କର,
ସତ୍ୟସନ୍ଧ, ପୁଣ୍ୟ-ପୂର୍ଣ୍ଣ, ଶାନ୍ତିର ଆକର !
ମାନବର ସ୍ୱାର୍ଥମୟ ପଙ୍କିଳ-ଜୀବନେ
ଢାଳିଗଲ ପୀୟୂଷର ଧାର;
ଉନ୍ମୁଖ ତୁମରି ପ୍ରାଣ ସତ୍ୟ-ସୂର୍ଯ୍ୟାଲୋକେ
ଧ୍ୱାନ୍ତ ପରିହରି !

ହେ ମହାତ୍ମା !
ଭାରତର ଅନ୍ଧ-ମୂକ-ପରାଧୀନ-ମାନବ
ପାଇଲେ ଅପୂର୍ବ ଶକ୍ତି ତବ ପ୍ରେରଣାରେ ;
ଶାନ୍ତି-ସଂଗ୍ରାମରେ ବୀର ଅମିତ ଗୌରବ
ପ୍ରତିଷ୍ଠିତ କଲ ଆଜି ପୃଥିବୀ-ପୃଷ୍ଠରେ
ବିସ୍ଫାରିତ ନୟନରେ ବିଶ୍ୱର ମାନବ
ଦେଖିଲେ ସେ ମହିମାର ସମୁନ୍ନତ ଛବି ;
ରାଜନୀତି-ଜଟିଳତା-ତମିସ୍ରା ସମ୍ଭବ
ହେଲା ତବ ପ୍ରଚେଷ୍ଟାରେ ପୁଣ୍ୟ-ସତ୍ୟ-ରବି !
ସୁମେରୁ ଠାରୁ କୁମେରୁ ସାରା ପୃଥ୍ୱୀ ପୂରି
ଶୁଭେ ସର୍ବ ଦେଶେ ଜୟ ଗାନ ହେ ତୁମରି !

ହେ ବୀର ତାପସ !
କୃଷ୍ଣ, ବୁଦ୍ଧ, ଯିଶୁ, ମହମ୍ମଦ ପୁଣ୍ୟପ୍ରାଣ !
ତୁମରି ଆତ୍ମାରେ ଯାଙ୍କ ମହିମା କୀର୍ତ୍ତନ !
ନିଖିଳ ଜଗତ ଦୁଃସ୍ଥ-ପ୍ରପୀଡ଼ିତ ପାଇଁ
ସନ୍ତାପିତ ତୁମ୍ଭ ଚେତ ସଦା;
ସହସ୍ର ବର୍ଷର ଯେତେ କୁସଂସ୍କାର ତହିଁ
ଲଂଘିଗଲ ଶତ ବର୍ଣ୍ଣ-ବାଧା !
ଅହମିକା-ଅସତ୍ୟକୁ କରି ନିର୍ବାସିତ,
କଠୋର ସଂଯମ କଲ ଜୀବନ-ସମ୍ବଳ
ସବୁ ପାଶବିକ-ଶକ୍ତି କରି ପରାଭୂତ;
ଦେଖାଇଲ ଜଗତରେ ଆତ୍ମ-ବଳ ବଳ !!

ଯେଉଁ ତେଜୋମୟୀ-ଦୀପ୍ତି ତବ ପ୍ରତିଭାରୁ
ପ୍ରସରିଲା ପୃଥିବୀ-ପୃଷ୍ଠରେ ;
କେତେ ଶତାବ୍ଦୀର-ଅଜ୍ଞ-ଅନ୍ଧ-ମୂକ - ଜାତି
ଧାଇଁ ଅଛି ସ୍ୱାଧୀନ- ପଥରେ !!!
ମୁକ୍ତି-ବ୍ରତ-ଯୁକ୍ତ ତୁମେ ଭାରତ ବକ୍ଷରେ
ଜନମିଲ ରକ୍ତ-ମାଂସ ବହି;
କେତେ ସେ ଯୁଗର ଗ୍ରନ୍ଥି ଅର୍ଦ୍ଧ ଶତାବ୍ଦୀରେ
ଛିନ୍ନ କଲ ଆତ୍ମ- ବଳି ଦେଇ !
ପ୍ରତି ରକ୍ତ-ବିନ୍ଦୁ କଲ ଉତ୍ସର୍ଗ ହେ ବୀର,
ଦଳିତ ଲାଞ୍ଛିତ-ଦୁଃସ୍ଥ ଭାରାକ୍ରାନ୍ତ ଲାଗି
ପର ପାପେ ପ୍ରାୟଶ୍ଚିତ୍ତ କରି ଆପଣାର
ଅନଶନ ଧରିଲ ବିରାଗୀ !!!
ସ୍ୱାଧୀନ-ପ୍ରବୁଦ୍ଧ ପ୍ରାଣ
ଆତ୍ମୋତ୍ସର୍ଗ-ମନ୍ତ୍ର କଲ ସାର !
ନିର୍ଭୀକ ! ହେ ନିର୍ବିକାର !
ଶାନ୍ତ-ଦୀପ୍ତ ଅନ୍ତର-ବାହାର !!!

ହେ ମୂର୍ତ୍ତ ମହର୍ଷି !
ମୃତ୍ୟୁମୟ-ଭାରତର ଭାଗ୍ୟ-ସମ୍ରାଟ !
ତୁମରି ଆଦର୍ଶ ଆଜି ମହାନ୍-ବିରାଟ !!
ଶିଥିଳ ବୁକୁରେ ତବ ଶକ୍ତି-ତେଜୋମୟୀ-
ଯାର ସମ୍ମୁଖରେ ତୁଚ୍ଛ ବୈଜ୍ଞାନିକ-ବଳ !
ବିନ୍ଦୁ ଏ ଶୋଣିତ ବ୍ୟୟ ନ କଲେ ଏ ମହି,
ଲଭିଲ ବିଜୟ ଲକ୍ଷ୍ମୀ ମହା ଯୁଦ୍ଧ ସ୍ଥଳ !!!
ମୁଗ୍ଧ ହେଲା ବିଶ୍ୱ ଦେଖି ନବ ଜାଗରଣ;
ରଣ କଲ ତବ ଶାନ୍ତି-ଅସ୍ତ୍ର,
ହେ ମହା ତାପସ-ବୀର ବିଶ୍ୱ ବିମଣ୍ଡନ !
ଭାରତ - ସମ୍ରାଟ କିନ୍ତୁ ମୁକୁଟ ବିହୀନ !!!

ହେ ମହାତ୍ମା !
ଅସୀମ ସାହସ-ଶକ୍ତି-ମନୋବଳ ଦେଇ
ଗାଥ ତବ ବନ୍ଧୁର ପଥରେ,

Digitized by srujanika@gmail.com

ସମସ୍ତ ବିପଦ-ଝଞ୍ଜା ମସ୍ତକରେ ବହି
ଅନ୍ଧକାର ନାଶିଲ ଅଚିରେ !
ଦୁର୍ବଳର ଅତ୍ୟାଚାର କୁହେଳିକା ଘେରି
ଥିଲା ଯହିଁ ଆକ୍ରୋଶି ଏ ମହୀ;
ସତ୍ୟ-ଆଲୋକରେ ତାହା ନେଲ ଦୂର କରି
ବୀର ତୁମେ, ମହା ଶକ୍ତି ନେଇ !
ବଜ୍ରଠାରୁ-କଠିନ ଯେ ତବ ମନୋବଳ !
(ପୁଣି) ଚପଳ ଶିଶୁର ଠାରୁ ସୁମିଷ୍ଟ-ସରଳ !!

ହେ ଋଷୀ ପ୍ରତିମ !
ଭାରତ ବର୍ଷର ଶ୍ରେଷ୍ଠ ସତ୍ୟ-ଶାନ୍ତି-ଧନ !
ଏ ଦେଶର ଇତିହାସ ତୁମରି-କଳ୍ପନା-
ତୁମରି ସାଧନା ବହି ହେବ ମହୀୟାନ !
ଜଗତ ପାଠରେ ଚିର ଧନ୍ୟ ହେ ମହାତ୍ମା,
ତୁମରି ପ୍ରଣୀତ ସତ୍ୟ-ମନ୍ତ୍ର ହେବ ଗାନ !!
ପୃଥିବୀ ଶୁଣିଲା ଯେବେ ତବ ଶକ୍ତି-କଥା,
ବନ୍ଧୁ-ଦରବାରେ ।
ବୌଦ୍ଧ-ଶିଖ-ଇସଲାମ୍-ଖ୍ରୀଷ୍ଟୀୟ ସର୍ବଥା
ମୁଗ୍ଧ ହେଲେ ତୁମରି ମର୍ମରେ !
ହାୟ ! ଆଜ କାନ୍ଦେ ପ୍ରାଣ ହେ ମହାତ୍ମା ଗାନ୍ଧି,
କେଉଁ ସ୍ୱର୍ଗ ରାଜ୍ୟେ ତୁମେ ରହିଛ ଅନାଇ;
ଏହି ସେ ଭାରତବର୍ଷ, ଯାହା ପାଇଁ କାନ୍ଦି
ତେଜିଲୁ ଜୀବନ ଅହା ! କି କୃତଘ୍ନ ସେହି
ଭାରତ ସନ୍ତାନ-ଏହୋ ତୁମରି ରକତେ
କଳଙ୍କିତ କଲା ଇତିହାସ !
ହେ ମହା ମହିମାମୟ ! ନିଜ କରୁଣାରେ
କ୍ଷମା କର ! ଦିଅ ହେ ଆଶିଷ !!!

—×○×—

# ମହାଯାତ୍ରା

ଶ୍ରୀ ଉପେନ୍ଦ୍ର ପ୍ରସାଦ ଗୁରୁ

Life is real, life is earnest,
And the grave is not its goal.
—Longfellow.

ନବ ବର୍ଷର ଆଗମନରେ ସଞ୍ଚାରିତ ହୁଏ ଏକ ନବୀନ ପ୍ରେରଣା । ଯିମିତି ମଙ୍ଗଳମଙ୍ଗଳମୟରେ କାଟନ୍ତି ଦିନ । ଏହିବର୍ଷ ମଧ୍ୟ ତାହିଁରୁ ବାଦ୍ ଯାଇ ନ ଥିଲା । କିନ୍ତୁ ନୂତନ ବର୍ଷ (New years, Day) ପାଳନରେ ଥିଲା ଏଥର ପ୍ରଭେଦ ଭାରତ ପକ୍ଷରେ । ଇଂରାଜ ରାଜତ୍ୱ ଥିଲା ସମୟରେ ଯେପରି ଆନନ୍ଦର ଜୁଆର ଉଠୁଥିଲା ଏହି ଦିନରେ, ଏ ବର୍ଷ ସେପରି କିଛି ଜଣାଗଲା ନାହିଁ । ଏହି ନୂତନ ବର୍ଷର ପ୍ରଥମ ମାସରେ ଭାରତର 'ଜନମନଗଣଅଧିନାୟକ'ଙ୍କ ହେଲା ଅନ୍ତିମଯାତ୍ରା । ମନେ ହୁଏ, ସତେ ଯେପରି କାଳ ଜାଣି ପାରିଥିଲା ବାପୁଜୀଙ୍କ ଶେଷଯାତ୍ରା ହେବ ଏହି ନବ ବର୍ଷର ଆଦ୍ୟଭାଗରେ ! ତେଣୁ ତାର ଆନନ୍ଦ ଓ ଉଦ୍‌ବେଗର ସମ୍ଭାର ଯେମିତି ଠିଆ ହେଲା ନାହିଁ ସେ ଏ ବର୍ଷର ପ୍ରଥମ ଦିନେ ।

ସେ ଦିନ ଜାନୁୟାରୀ ୩୦ ତାରିଖ, ଶୁକ୍ରବାର । ମୁଁ ଫେରୁଥିଲି କ୍ରିକେଟ ଖେଳସାରି । କଲେଜର ବୋଟାନିକେଲ ଗାର୍ଡେନ (Botanical Garden) ପାଖରେ ମ୍ଳାନ ମୁଖରେ ବ୍ରଜବାବୁ କହିଲେ; "Gandhiji is killed"—ଗାନ୍ଧିଜୀ ଆଉ ନାହାନ୍ତି । ମୁଁ ଅବିଶ୍ୱାସ କରି ଚିତ୍କାର କରି ଉଠିଲି "Gandhiji killed" ? ମୋତେ ପ୍ରଥମେ ଆଦୌ ବିଶ୍ୱାସ ହେଲା ନାହିଁ । କିନ୍ତୁ ସମସ୍ତଙ୍କ ମୁଖରୁ ଶୁଣିବାକୁ ପାଇଲି ଏହି ଦାରୁଣ ସମ୍ବାଦ । ବ୍ରଜବାବୁ ଓ ମୁଁ ସାଙ୍ଗେ ସାଙ୍ଗେ ଚଲୁ ରେଡ଼ିଓ ପାଖକୁ । ରେଡ଼ିଓରୁ ମଧ୍ୟ ଶୁଣିବାକୁ ପାଇଲୁ ସେହି ମର୍ମନ୍ତୁଦ ବାର୍ତ୍ତା । ମନେ ମନେ ଭାବୁଥିଲି, ମୁଁ କଣ ଶୁଣୁଛି ? କେଜାଣେ କାହିଁକି ଏହା

Digitized by srujanika@gmail.com

ବିଶ୍ୱାସ କରିବାକୁ ପ୍ରସ୍ତୁତ ନ ଥିଲୁ । କିନ୍ତୁ ରେଡ଼ିଓରେ ଦକ୍ଷୀଣେସ୍ପନେହରୁ ଶର ଏଲେଟା ପଣ୍ଡିତ ନେହେରୁଙ୍କ ମୁଖରୁ ଯେତେବେଳେ ଶୁଣିଲୁ···

“ବନ୍ଧୁ ଓ ସହଚର ଗଣ ! ଆମ୍ଭମାନଙ୍କ ଜୀବନର ଆଲୋକ ଶିଖା ଲିଭି ଯାଇଛି । ଚାରିଆଡ଼େ ଅନ୍ଧକାର ବ୍ୟାପି ଯାଇଛି । ମୁଁ ଆପଣମାନଙ୍କୁ କଣ କହିବି କିପରି ବା କହିବି ବୁଝିପାରୁନାହିଁ । ଆମ୍ଭମାନଙ୍କ ଶ୍ରଦ୍ଧେୟ ବାପୁଜୀ, ଜାତିର ପିତା ଆଉ ଏ ଜଗତରେ ନାହାନ୍ତି ।”

ଆଉ ଅବିଶ୍ୱାସ କରିବା ଅବକାଶ କାହିଁ ? ଏହା ବିଶ୍ୱାସ କରିବା ପରେ କ'ଣ ହେଲା ତାହା ମୋର କହି ହେବ ନାହିଁ ! ସେହି ଜାନୁଆରୀ ୩୦ ତାରିଖ ଠାରୁ ପଛତ ସ୍ୱାଧୀନ ଭାରତର ଏକ ଅଙ୍କର ଯବନିକା ଓ ଖୋଲିଗଲା ଅନ୍ୟ ଦୃଶ୍ୟ ।

ଗାନ୍ଧିଜୀ ଯେ କେଉଁ ସ୍ୱଜାତିର ଲୋକହାତରେ ମରିଛନ୍ତି, ଏଥିରୁ ବଳି ଆମମାନଙ୍କର ଦୁଃଖ ଆଉ କ'ଣ ହୋଇପାରେ ? ଏହା ଅବଶ୍ୟ ଆମ୍ଭମାନଙ୍କର ଆଖି ଫିଟାଇ ଦେଇଛି । କିପରି ଭାରତମାତା ଏପରି ଜଣେ ଅଧମ ସନ୍ତାନଙ୍କୁ ଧାରଣ କରିଥିଲା, ଏହା ସମସ୍ତଙ୍କ ଚିନ୍ତାର ବିଷୟ ହୋଇଛି । ପ୍ରାଚ୍ୟ ଜଗତରେ ଅବଶ୍ୟ ଏପରି ମରଣ ବିରଳ । ଶଙ୍କର, ଚୈତନ୍ୟ, ବୁଦ୍ଧ ପ୍ରଭୃତି ମହାପୁରୁଷମାନେ ମରିଥିଲେ ସ୍ୱାଭାବିକ ଭାବରେ । କୌଣସି ଆତତାୟୀ ସେମାନଙ୍କୁ ଛୁଇଁ ପାରି ନ ଥିଲେ । ତେଣୁ ଆଜି ଗାନ୍ଧିଜୀଙ୍କ ଅସ୍ୱାଭାବିକ ମରଣ ଆମକୁ ନୂତନ ପରି ବୋଧ ହେଉଛି, କିନ୍ତୁ ଆଶ୍ଚର୍ଯ୍ୟ ହେବାର କୌଣସି କାରଣ ନାହିଁ । ପାଶ୍ଚାତ୍ୟ ଜଗତର ଇତିହାସ ଖୋଲିଲେ, ଏପରି ମରଣ ଅନେକ ଦେଖି ପାରିବା । ପୃଥିବୀରେ ଏହା ପ୍ରଥମ ଥରକ ପାଇଁ ନୁହେଁ ଯେ ଜଣେ ସହୀଦ୍ ରକ୍ତରେ ରଞ୍ଜିତ ହୋଇଛି । ଏହା ଆଗରୁ ଅନେକ ସହୀଦଙ୍କ କରୁଣ କାହାଣୀ ଲିପିବଦ୍ଧ ହୋଇଛି-- ଇତିହାସର ଉଜ୍ଜ୍ୱଳ ପୃଷ୍ଠାରେ । ଯୀଶୁଖ୍ରୀଷ୍ଟ, ସକ୍ରେଟିସ୍, ଆବ୍ରାହାମ୍ ଲିଙ୍କନ୍ ପ୍ରଭୃତି ମହାପୁରୁଷମାନେ ଏପରି ଅସ୍ୱାଭାବିକ ମରଣର କବଳରେ ପଡ଼ିଥିଲେ । ଶାନ୍ତି, ପ୍ରୀତି ଓ ମୈତ୍ରୀର ବାଣୀ ପ୍ରଚାର କରୁଥିଲେ ଯୀଶୁଖ୍ରୀଷ୍ଟଙ୍କ ବିନ୍ଧିବାକୁ ହୋଇଥିଲା କ୍ରୁଶ ଉପରେ । ଜ୍ଞାନର ପରସର ବଢ଼ାଇବାକୁ ଯାଇ, ସକ୍ରେଟିସଙ୍କୁ ହସି ହସି ବିଷ ପାନ କରିବାକୁ ପଡ଼ିଥିଲା । ଆମେରିକାର ଏକତା ଅକ୍ଷୁଣ୍ଣ ରଖିବାପାଇଁ ଯେଉଁ ଲୋକ ଲଢ଼ି ଆସିଥିଲେ, ସେହି ଆବ୍ରାହାମ୍ ଲିଙ୍କନଙ୍କୁ ମରିବାକୁ ହୋଇଥିଲା ଜଣେ ସ୍ୱଦେଶବାସୀର ଗୁଳି ଚୋଟରେ । ଏଥିରୁ ସ୍ପଷ୍ଟ ବୁଝା ପଡୁଛି ଯେ, ମହାପୁରୁଷମାନଙ୍କୁ ଧାରଣ କରିବା ପାଇଁ ଏହି ପୃଥିବୀ ଅତି କ୍ଷୁଦ୍ର । ସେମାନେ ସାଧାରଣ ଲୋକଙ୍କ ଅତି ଉଚ୍ଚରେ ଓ ସମୟର ବହୁ ଆଗରେ । ତେଣୁ ଏ ଦୁର୍ଦ୍ଦଶା ଆଜି । କିନ୍ତୁ ଏଥିରୁ ଅନେକ ଶିଖିବାର ଅଛି ଆମର । ଆମ୍ଭମାନଙ୍କର ଦୁର୍ବଳତାକୁ ଦୂରକରିବା ପ୍ରଧାନ କର୍ତ୍ତବ୍ୟ । ତେବେ ଯାଇ ଭବିଷ୍ୟତରେ ଖ୍ରୀଷ୍ଟ, ସକ୍ରେଟିସ୍ ବା ଗାନ୍ଧିଙ୍କୁ ଆଉ ଥରେ ଏପରି ମରଣର ସମ୍ମୁଖୀନ ହେବାକୁ ପଡ଼ିବ ନାହିଁ । ସେମାନେ ସ୍ୱଚ୍ଛନ୍ଦରେ ନିଜର କର୍ତ୍ତବ୍ୟ କରି ଜଗତର ଉପକାର କରିବେ ଓ କାଳର ସ୍ୱାଭାବିକ ଆହ୍ୱାନ ପରେ ନିଜର ଅଭିନୟ ସାରି ଚାଲିଯିବେ ସେହି ପରପାରକୁ ।

ଗାନ୍ଧିଜୀ ଚାଲି ଯାଇଛନ୍ତି ସତ, ଫେବୃୟାରୀ ୧୨ ତାରିଖରେ ତାଙ୍କର ଭସ୍ମ ବିସର୍ଜନ ପରେ ତାଙ୍କର ଶରୀର ସମ୍ବନ୍ଧୀୟ ଆଉ କିଛି ନାହିଁ । ତାହାବୋଲି ତାଙ୍କର ଆଦର୍ଶ ଓ ଲକ୍ଷ୍ୟ ମରି ଯାଇନାହିଁ । ତାହା ଭାବିବା ସମ୍ପୂର୍ଣ୍ଣ ଭୁଲ । ତାଙ୍କ ମୃତ୍ୟୁ ପରେ ଶୋକାକୁଳ ହୋଇ କର୍ତ୍ତବ୍ୟ ଭୁଲିବା ଅନୁଚିତ । ବର୍ତ୍ତମାନ କାନ୍ଦିବାର ବେଳ ନୁହେଁ, କାମ କରିବାର ବେଳ । ଦେଶ କେଣି ଗଢ଼ିବେ ଓ ଗାନ୍ଧିଜୀ କ'ଣ ଚାହୁଁଥିଲେ, ଏ ସମସ୍ତ ବିଷୟ ଭଲ ଭାବରେ ଚିନ୍ତାକରି ନିଜର କର୍ମପନ୍ଥା ସେହି ଦିଗରେ ନିୟନ୍ତ୍ରଣ କରିପାରିଲେ, ଆମେ ଗାନ୍ଧିଜୀଙ୍କ ଦାୟାଦ ବୋଲି କହିବାର ହକ୍ ଅଛି । ତେଣୁ ବର୍ତ୍ତମାନ କାନ୍ଦିବାର ବେଳ ଆଦୌ ନୁହେଁ । ଯୀଶୁଖ୍ରୀଷ୍ଟଙ୍କୁ ଯେଉଁ କେଲଭେରୀ (Calvery) କୁ ନିଆ ହେଉଥିବା ବେଳେ, କେତେ ଜଣ ସ୍ତ୍ରୀ ତାହା ଦେଖି କାନ୍ଦି ପକାଇ ଥିଲେ । ଯୀଶୁଖ୍ରୀଷ୍ଟ ସେମାନଙ୍କୁ ସେହି ସମୟରେ କହିଥିଲେ :—

Digitized by srujanika@gmail.com

" ହେ ଜେରୁଜାଲେମର ଦୁହିତାଗଣ ! ମୋ ପାଇଁ ଶୋକ କର ନାହିଁ । ନିଜପାଇଁ ଓ ତୁମ୍ଭମାନଙ୍କ ସନ୍ତାନ ପାଇଁ କାନ୍ଦ ।" ଏହା ଆଜ ଭାରତବାସୀଙ୍କୁ ସମ୍ପୂର୍ଣ୍ଣ ରୂପେ ପ୍ରଯୁଜ୍ୟ । ଗାନ୍ଧିଜୀ ମରିବା ପରେ ବେଶୀ ଶକ୍ତିଶାଳୀ ହୋଇଛନ୍ତି । ତେଣୁ ତାଙ୍କ ପାଇଁ ଶୋକ କରିବା ନିଷ୍ପ୍ରୟୋଜନ । ଆମ୍ଭମାନଙ୍କ ଭବିଷ୍ୟତ କର୍ମପନ୍ଥା କିଏ ଠିକ କରିବ, ବିପଦ୍ ବେଳେ କିଏ ସାହାଯ୍ୟ କରିବ, ଏଥିପାଇଁ ଆମ୍ଭେମାନେ ଶୋକ କରିବା । କିନ୍ତୁ ଶୋକରେ ଅଧୀର ହୋଇ ବର୍ତ୍ତମାନର ସମସ୍ୟା ପ୍ରତି ଅବହେଳା କରିବା ଉଚିତ ନୁହେଁ । ମହାତ୍ମା ଗାନ୍ଧି ନିଜେ ମଧ୍ୟ ଏହି ବିଷୟରେ ଅନେକ ଥର କହିଛନ୍ତି ଯେ, ଶୋକାତୁର ହୋଇ ଯେପରି ଅତେ ନିଜର କାର୍ଯ୍ୟ ଭୁଲି ନ ଯାଉଁ । ମୃତବ୍ୟକ୍ତିର ଆଦର୍ଶକୁ ବଞ୍ଚାଇ ରଖିବା ଅନ୍ୟମାନଙ୍କ କର୍ତ୍ତବ୍ୟ । ମୃତବ୍ୟକ୍ତିର ଆଦର୍ଶ ଓ ଜୀବନର ଆକାଂକ୍ଷାକୁ ସଜୀବ କରି ରଖିବାର ପ୍ରଚେଷ୍ଟା ସେହି ବ୍ୟକ୍ତିର ଉପଯୁକ୍ତ ଉପାସନା । କେବଳ ମୁହଁରେ ବଡ଼ ବଡ଼ କଥା କହି କାର୍ଯ୍ୟର ଗତି ଅନ୍ୟଆଡେ ନିୟନ୍ତ୍ରିତ କରିବା-ଠାରୁ ବଳି ନିନ୍ଦାର ବିଷୟ ଆଉ କିଛି ନାହିଁ । ଗାନ୍ଧିଜୀ ତାଙ୍କ ମରିବା କେତେ ସପ୍ତାହ ପୂର୍ବରୁ ମୃତାତ୍ମାର ସ୍ମୃତି ଉଦ୍ଦେଶ୍ୟରେ କ'ଣ କରିବା ଉଚିତ, ତାହା ଏକ ଚିଠିରେ ଲେଖି ଯାଇଥିଲେ । ତାଙ୍କର ପୁରୁଣା ପାର୍ସିବନ୍ଧୁ-ଦସ୍ତୁର କୋରସେଟ୍‌ଜି ପାଭ୍ରି (*Dastur Coursetji Pavry*)ଙ୍କ ମୃତ୍ୟୁରେ ଦୁଃଖ ପ୍ରକାଶ କରି ତାଙ୍କ ପୁଅ ଡା: ଜାଲ ପାଭ୍ରି (*Dr. Jal Pavry*) ଓ ଝିଅ ମିସ୍ ବାପସି ପାଭ୍ରି (*Miss Bapsy Pavry*)ଙ୍କୁ ସାନ୍ତ୍ୱନା ଦେବା ପାଇଁ ଏକ ଚିଠିରେ ଲେଖିଥିଲେ ଯେ, "କୌଣସି ମୃତ ଆତ୍ମାର ଶାନ୍ତି ବିଧାନ ପାଇଁ ସେହି ବ୍ୟକ୍ତିର ଜୀବନ ସ୍ୱପ୍ନକୁ କାର୍ଯ୍ୟରେ ପରିଣତ କରିବା ଅନ୍ୟମାନଙ୍କ କର୍ତ୍ତବ୍ୟ । ଜୀବନର ସେହି ଲକ୍ଷ୍ୟ ସାଧିତ ହୋଇ-ପାରିଲେ ଆମେ ଦାବୀ କରିବା ଯେ, ଆମ୍ଭେମାନେ ସେହି ବ୍ୟକ୍ତିଙ୍କ ଉପଯୁକ୍ତ ବଂଶଧର" । ତେଣୁ ବାପୁଜୀଙ୍କ ଲକ୍ଷ୍ୟ ଥିଲା- ସତ୍ୟ ଓ ଅହିଂସା ପ୍ରଚାର କରିବା ତାହା ପ୍ରତ୍ୟେକ ଭାରତବାସୀଙ୍କ ବ୍ରତ ହେବା ଉଚିତ । ହିଂସାର ବିରୋଧରେ ଆଜୀବନ ଯୁଦ୍ଧ କରି ତାଙ୍କୁ ସେହି ହିଂସାର କବଳରେ ପଡିବାକୁ ହୋଇଥିଲା । ତାହା ପୁଣି ଜଣେ ସ୍ୱଦେଶୀର ହାତରେ । ଇଂରାଜୀ ଶାସନକାଳେ ଯେ କୌଣସି ସମୟରେ ଗୁହିଁଥିଲେ ତାଙ୍କର ଜୀବନ ନେଇ ପାରି-ଥାନ୍ତା । କିନ୍ତୁ ତାର ସେହି ସାହସ ବା ଆସ୍ପର୍ଦ୍ଧା ହୋଇ ପାରିଲା ନାହିଁ । ସେହି ସାହସ ହେଲା ଜଣେ ସ୍ୱାଧୀନ ଭାରତୀୟ ଯୁବକର । ଜାତିର ପିତାକୁ ଧର୍ମ ନାମରେ ମାରିବା କ'ଣ ସ୍ୱାଧୀନତାର ନିଦର୍ଶନ ଜଗତ ଆଗରେ ? ସେ ଯାହାହେଉ, ସେହି ପାପଗ୍ଳାନିକୁ ଭୁଲିଯାଇ ପ୍ରତ୍ୟେକ ମନରେ ସତ୍ୟ ଓ ଅହିଂସାର ମହତ୍ତ୍ୱ ଉଦ୍ରେକ କରିବାର ଗୁରୁ ଦାୟିତ୍ୱ ଆମ ଉପରେ । ତେଣୁ ଆଜ ଆମ୍ଭେ ଶରୀର ପତନ ବା କର୍ମର ସାଧନ ନୀତି ଅନୁସରଣ କରିବା ପାଇଁ ବଦ୍ଧପରିକର ହେବା ଉଚିତ । ମହାତ୍ମାଜୀଙ୍କ ମୃତ୍ୟୁ ସାଙ୍ଗେ ତାଙ୍କର ଜୀବନର ଆଦର୍ଶ ଓ ଆକାଂକ୍ଷା କେବେ ମରି ନ ପାରେ । ଶ୍ରୀମତୀ ସରୋଜିନୀ ନାଇଡୁ * ଯାହା କହିଥିଲେ ଗାନ୍ଧିଜୀଙ୍କ ମୃତ୍ୟୁ ପରେ ତାହା କେବଳ ସତ୍ୟ ଓ ତାହା ସମସ୍ତଙ୍କ ଅନୁଶୀଳନର ବିଷୟ । ସେ କହିଥିଲେ, "ମହାତ୍ମାଗାନ୍ଧିଙ୍କ ଜୀବନ୍ତ ପ୍ରତୀକ ଆମ୍ଭେମାନେ । ସେହି ନାୟକଙ୍କ ସୈନ୍ୟବୃନ୍ଦ ଆମେ । ପୃଥିବୀର ସମର ପ୍ରାଙ୍ଗଣରେ ସଂଗ୍ରାମ ଟେକି ରଖିବା ତାଙ୍କର ଧ୍ୱଜା । ସତ୍ୟ ଆମର ପତାକା, ଅହିଂସା ଆମର ଢାଲ ଓ ଆମର ତରବାରି ବିନା ରକ୍ତପାତରେ କରିପାରେ ଶତ୍ରୁର ବିନାଶ ।" ଏହା ଯଦି ସମସ୍ତେ ଅନୁଭବ କରିପାରନ୍ତି, ତେବେ ଆମେ ଏସିଆରେ କାହିଁକି, ସାରା ପୃଥିବୀରେ ଆଣିଦେବା ଏକ ଅଭିନବ ବିପ୍ଳବ । ଆମେମାନେ ଅନ୍ୟ ଦେଶ ବାସୀଙ୍କୁ ସତ୍ୟ ଓ ଅହିଂସାର ଦୀକ୍ଷା ଦେଇ ପାରିଲେ, ଆଧୁନିକ ବୈଜ୍ଞାନିକମାନଙ୍କ ପରମାଣୁ ବୋମା-ଠାରୁ ବଳି ମାରାତ୍ମକ ମାରଣ ଅସ୍ତ୍ର ଉଦ୍‌ଭାବନ କରିବା ପାଇଁ ଦିନ ରାତି ଉଜାଗର ରହିବା ଆବଶ୍ୟକ ହେବ ନାହିଁ । ମହାତ୍ମାଜୀ ଯଦି ଆଉ ଦୁଇ ଶତାବ୍ଦୀ ପୂର୍ବରୁ .

---

* ଯୁକ୍ତ ପ୍ରଦେଶର ଗଭର୍ଣ୍ଣର, ଫେବ୍ରୁଆରୀ ୨ ତାରିଖରେ ଏକ ବେତାର ବାର୍ତ୍ତାରେ କହିଥିଲେ ।

Digitized by srujanika@gmail.com

ଜନ୍ମ ହୋଇଥାନ୍ତେ, ବୋଧହୁଏ ବନ୍ଧୁଙ୍କ ପ୍ରମାଣ ତାଆର ହୋଇ ପାରି ନ ଥାନ୍ତା । ଗାନ୍ଧିଜୀଙ୍କ ମୃତ୍ୟୁ ଖବର ପାଇ ହଜାର ହଜାର ମାଇଲ ଦୂରରେ ଥାଇ ମୁଗ୍ଧା ଆମେରିକାର ଲେଖିକା ପର୍ଲବକ୍‌ଙ୍କ ୨୦ ବର୍ଷର ପୁଅ ଲୁହଭରା ଆଖିରେ କହି ଉଠିଥିଲା, "ଗୋଲ୍ଡବାରୁଦ କେହି ତିଆରି କରିବା ଶିଖି ନ ଥିଲେ ଭଲ ହୋଇଥାନ୍ତା ।" ଆଉ ଜଣେ ଆମେରିକାର ଚାଷୀ ପର୍ଲବକ୍‌ଙ୍କ ରାସ୍ତାରେ ଯାଉଥିବା ଦେଖି ପଚାରିଲା, "ଗାନ୍ଧିଙ୍କୁ ତ ଜଗତର ଭଲ ବୋଲି ଜାଣେ, ସେମାନେ କାହିଁକି ମାରିଲେ ?" ପର୍ଲବକ୍ ନିରୁତ୍ତର ହୋଇ କେବଳ ମୁଣ୍ଡ ହଲାଇ ଥିଲେ । ଏହା ପରେ ସେହି ବୃଦ୍ଧ କୃଷକ ଦୀର୍ଘ ନିଶ୍ୱାସ ମାରି କହିଲା, '*I reckoned they killed him just the way they did Jesus.*' ସେ ଠିକ୍ କହିଥିଲା । ଦୁନିଆ ଦ୍ୱିତୀୟ ଥର ପାଇଁ ଆଉ ଜଣେ ମହାମାନବଙ୍କୁ କ୍ରୁଶ ଉପରକୁ ଚଢିବାର ଦେଖିଲା । ବୟସ୍କ କୃଷକ ଓ କିଶୋର ବାଳକର କ୍ଷୁଦ୍ର ଉକ୍ତି ଦୁଇଟି ଆଜି କୁଠାର ଘାତ କରୁଛି ଆଧୁନିକ ସଭ୍ୟତାର ମୂଳରେ ।

ତେଣୁ ଆଧୁନିକ ସଭ୍ୟତାର ପୁରୋଧାମାନଙ୍କ ଦୃଷ୍ଟି-ଭଙ୍ଗି ପରିବର୍ତ୍ତନ କରାଇବା ନିତାନ୍ତ ଆବଶ୍ୟକ । ଏହି ପରିବର୍ତ୍ତନ ଆଣିବାରେ ସ୍ୱାଧୀନ ଭାରତ ସତ୍ୟ, ଅହିଂସା ଓ ଆଧ୍ୟାତ୍ମିକତା ଦ୍ୱାରା । ଆଧ୍ୟାତ୍ମିକ ନେତୃତ୍ୱ ପାଇଁ ସାରା ପୃଥିବୀ ଭାରତକୁ ଚାହିଁ ବସିଛି । ଏହା ଆମେରିକା ବା ରୁଷିଆ ଦ୍ୱାରା ହୋଇ ପାରିବ ନାହିଁ । ସ୍ୱାଧୀନ ଜାତି ହିସାବରେ ଆମେରିକାର ବୟସ ୧୫୦ ବର୍ଷ । ଏହାର ଲକ୍ଷ୍ୟ କେବଳ ବାଣିଜ୍ୟ ଓ ବିଜ୍ଞାନର ପ୍ରସାରରେ ଏବଂ ପାର୍ଥିବ ଉନ୍ନତି ପାଇବାରେ । ବିଜ୍ଞାନର ଉନ୍ନତି ଯୋଗୁଁ ଶିଳ୍ପବାଣିଜ୍ୟର ଅନେକ ପ୍ରସାର ହୋଇଛି ସତ, କିନ୍ତୁ ଆମେରିକାର ଇତିହାସରେ ଆସିଛି ଦେଶୀୟ ସଂକୀର୍ଣ୍ଣତା ଓ ନାସ୍ତିକତା । ଆଧ୍ୟାତ୍ମିକ ଉନ୍ନତି ପାଇଁ ଆମେରିକାବାସୀ ସୁଯୋଗ ସୁବିଧା ପାଇନାହାନ୍ତି ଓ ଆନ୍ତର୍ଜାତିକ ସମସ୍ୟାର ସମାଧାନ ପାଇଁ ସେମାନଙ୍କ ଦୃଷ୍ଟିକୋଣର ପ୍ରସାରତା ନାହିଁ ।

ସୋଭିଏଟ ୟୁନିଅନ (Soviet union) ର ମଧ୍ୟ ଆଧ୍ୟାତ୍ମିକ ନେତୃତ୍ୱ ପାଇଁ ବଳ କାହିଁ ? କମ୍ ବର୍ଷ ହେଲା ରୁଷିଆବାସୀ ମାନଙ୍କ ଜୀବନର ନିମ୍ନସ୍ତରରୁ ଉପରକୁ ଉଠିଛନ୍ତି । ସେମାନଙ୍କ ସଭ୍ୟତାର ପରମ୍ପରା ନାହିଁ । ତେଣୁ ଆଧୁନିକ ଜଗତକୁ ଦାନ କରିବା ପାଇଁ ଆଧ୍ୟାତ୍ମିକ ବା ଅର୍ଥନୈତିକ ଦିଗରେ ହେଉ କିଛି ଆଉ କିଛି ନାହିଁ । ରୁଷିଆ ଓ ଆମେରିକା ପ୍ରଭୃତି ତଥାକଥିତ ସଭ୍ୟ ଦେଶ ଜଗତକୁ ଦେଇ ପାରିବେ ଶତ ଶତ ସ୍ତ୍ରୀପୁରୁଷଙ୍କ ଲୁହ ଓ ଲହୁ । ଏମାନେ ଜଗତକୁ ଶିଖାଇ ପାରନ୍ତି ବର୍ବରତା ଓ ପଶୁତ୍ୱ । କିନ୍ତୁ ସତ୍ୟ, ଅହିଂସା ଓ ଆଧ୍ୟାତ୍ମିକତାର ନାୟକ ହେବାର ଯଦି କୌଣସି ଦେଶର ବଳ ଥାଏ, ତା ହେଉଛି ଆମର ପୁଣ୍ୟଭୂମି ଭାରତବର୍ଷର । ବୁଦ୍ଧ, ଶଙ୍କର, ବିବେକାନନ୍ଦ ଓ ଗାନ୍ଧିଙ୍କ ଭାରତ ହେବ ଜଗତର ନାୟକ । ଅଳ୍ପ ଦିନ ତଳେ (*New Times Syndicate*) ର ଜଣେ ପ୍ରତିନିଧିଙ୍କୁ ନ୍ୟୁୟର୍କ ସହରରେ ପର୍ଲବକ୍ କହିଥିଲେ— "ଆଧୁନିକ ଜଗତର ଆଧ୍ୟାତ୍ମିକ ନେତୃତ୍ୱ ଭାରତବର୍ଷକୁ ନେବାକୁ ହେବ । କାରଣ ଯୁକ୍ତରାଜ୍ୟ ଓ ସୋଭିଏଟ୍ ୟୁନିୟନ ପ୍ରଭୃତି ପାଶ୍ଚାତ୍ୟ ଦେଶର ଆଧ୍ୟାତ୍ମିକ ପରିପକ୍ୱତା ନାହିଁ ।" ଆମେ ଏହି ଦିଗରେ ସଫଳ ହୋଇ ପାରିବା ଗାନ୍ଧିଜୀଙ୍କ ପ୍ରଦର୍ଶିତ ପଥ ଅନୁସରଣ କରି । ସେ ଯାହା ନିର୍ଦ୍ଦେଶ ଦେଇଛନ୍ତି, ତାହା ପାଳନ କରି ପାରିଲେ ଆମେ ଦେଶ ବିଦେଶକୁ ଦେଖାଇ ପାରିବା ମୁକ୍ତିର ପଥ ଓ ଶାନ୍ତିର ଉତ୍ସ । ଜଗତ ଯାହା ପାଇଁ ଆମର ନେତୃତ୍ୱକୁ ଚାହିଁ ରହିଛି, ତାର ସାଧନ ପାଇଁ ପ୍ରାଣ ପଣେ ଲାଗି ଯିବା ଉଚିତ ।

ବାପୁଜୀଙ୍କ ମୃତ୍ୟୁ ଖବର ପାଇ ବିଖ୍ୟାତ ନାଟ୍ୟକାର ଜର୍ଜ ବାର୍ଣ୍ଣାର୍ଡ ଶ କହିଥିଲେ ଯେ, ଏହା ଅତିଶୟ ଭଲ ହେବାର ବିପଦ୍ । ଅତି କ୍ଷୁଦ୍ର ବାକ୍ୟରେ ସେ ପୁଞ୍ଜୀଭୂତ କରି ପାରିଛନ୍ତି ଉଚ୍ଚ ଭାବନା ରାଶି । ଏହାର ଅର୍ଥ ସମସ୍ତେ ଭଲଭାବରେ ବୁଝି ନ ପାରି ପଚାରି ପାରନ୍ତି, ଭଲ ହେବାର ଲାଭ କଣ ? ସତ୍ୟ ଓ ଅହିଂସାର ସ୍ଥାନ କେଉଁଠାରେ ? କିନ୍ତୁ ଚିନ୍ତାଧାରାର ଗତି ଏଆଡେ ନହେଲେ ମଙ୍ଗଳ । ସାଧୁତା, ସତତାର ପରିଣତି ଯଦି

Digitized by srujanika@gmail.com

ଶୋଚନୀୟ ହୁଏ, ସତ୍ୟତା ଓ ସାଧୁତା ନିନ୍ଦନୀୟ ନୁହେ । ନିନ୍ଦନୀୟ ଅସତ୍ୟମାନେ, ଯେଉଁମାନେ ବୁଝି ପାରୁନାହାନ୍ତି ସେମାନଙ୍କ ମହତ୍ତ୍ୱ । ଖ୍ରୀଷ୍ଟ ଓ ଗାନ୍ଧି ଭଲ କରିବାକୁ ଚାହିଁବେଲେ ମୃତ୍ୟୁବରଣ କରିଥିଲେ ବୋଲି ସେମାନଙ୍କ ଆଦର୍ଶ ଖରାପ ନୁହେଁ । ଏହା ଭାବିବା ମୂର୍ଖତାର ପରିଚାୟକ । ଏପରି ମନୋବୃତ୍ତି ଯେପରି ଗ୍ରାସ ନ କରେ ସେଥିପାଇଁ ସତର୍କତା ଆବଶ୍ୟକ । ଗାନ୍ଧିଜୀଙ୍କ ମୃତ୍ୟୁ ଆମକୁ ନୂତନ ଶକ୍ତି ଦେଉ, ଏହାହିଁ ପ୍ରାର୍ଥନା । ଗାନ୍ଧିଜୀ ମରିବା ପରେ ଭାରତର ଗତି ବିଧି ଦେଖିବା ପାଇଁ ଅନ୍ୟାନ୍ୟ ଦେଶବାସୀ ଚାହିଁ ରହିଛନ୍ତି । ଜଣେ ପାଶ୍ଚାତ୍ୟ ଭାବୁକ ଏହି ବିଷୟରେ କହିଛନ୍ତି,'ଗାନ୍ଧିଜୀଙ୍କ ମୃତ୍ୟୁ ବିଜୟ ନା ପରାଜୟର ସୂଚନା, ତାହା ଭାରତବାସୀଙ୍କୁ ଦେଖାଇବାକୁ ହେବ । ତାଙ୍କ ମରଣ ଯଦି ଆଣିଦିଏ ନୂତନ ବଳ ଓ ସ୍ଥିରଚିତ୍ତତା, ତେବେ ତାହା ଭାରତ ପକ୍ଷରେ ଓ ଯେଉଁମାନେ ବିଶ୍ୱାସ କରନ୍ତି ମାନବିକତାରେ, ସେମାନଙ୍କ ପକ୍ଷରେ ଏହା ଅଶେଷ ମଙ୍ଗଳକାରକ । ଯଦି ତାଙ୍କର ମୃତ୍ୟୁ ଆଣିଦିଏ ହତୋତ୍ସାହ ଓ ପରାସ୍ତ-ମନୋବୃତ୍ତି, ତେବେ ମାନବିକତା ଲଭିଲା ପରାଜୟ ଦୁନିଆର ସମ୍ମୁଖରେ ।

ଫେବୃୟାରି ୧୨ ତାରିଖରେ ଗାନ୍ଧିଜୀଙ୍କ ଭସ୍ମ ବିସର୍ଜନ ହେଲା ପରେ ତାଙ୍କ ଶାରୀରିକ ଚିହ୍ନ କିଛି ନାହିଁ । କିନ୍ତୁ ସେହି ଦିନଠାରୁ ସେ ଜଗତ ଆଗରେ ନୂତନ ତେଜରେ ତେଜୀୟାନ ଓ ବଳବାନ । ମରଣ ଅନ୍ୟମାନଙ୍କୁ ଶକ୍ତିହୀନ କରି ଫିଙ୍ଗି ଦିଏ ବିସ୍ମୃତି ଗର୍ଭରେ, କିନ୍ତୁ ପରିଣତି ଫିଙ୍ଗି ଗାନ୍ଧିଜୀଙ୍କ । ମନେ ହୁଏ, ଗାନ୍ଧିଜୀ ମୃତ୍ୟୁକୁ ଉପହାସ କରି ଯେପରି କହୁଛନ୍ତି ପରପାରରୁ—


"The world recedes; it disappears;
Heav'n opens on my eyes; my ears
with sounds seraphic ring:
Lend, lend your wings ! I mount ! I fly !
O Grave ! where is thy victory ?
O Death ! where is thy sting ?"

ଓଁ

ଶାନ୍ତିଃ ! ଶାନ୍ତିଃ ! ଶାନ୍ତିଃ !

—×卐×卐×—

## ଯୁଏଲ ଫିଟେଡ୍ ଲିଭର ଓ୍ୱାଚ୍



ସମସ୍ତ ଘଡ଼ି ସୁଇସ୍ ତିଆରି, ଠିକ୍ ସମୟ ରଖେ ମଜବୁତ କଳ କବଜା, ବେଶି ଦିନ ଚଳିବ ଏବଂ ଦେଖିବାକୁ ସୁନ୍ଦର । ୫ ବର୍ଷ ଗ୍ୟାରେଣ୍ଟି । ଗୋଲ ଓ ଚୌକ କୋଣିଆ କ୍ରୋମିୟମ୍ କେସ୍ ଟ ୨୦ ୯, ସର୍ବୋଳୃଷ୍ଟ ଟ ୨୫ ୯, ସମଚୌକୋଣୀ ଉଜ୍ଜ୍ୱଳ କ୍ରୋମିୟମ୍ କେସ୍ ୫ ଯୁଏଲ ଥିବା ଟ ୩୫ ୯, ୬ ଯୁଏଲ ଥିବା ଟ ୪୦ ୯, ୧୫ ଯୁଏଲଥିବା ଟ ୬୨ ରୋଲ୍ଡ ଗୋଲ୍ଡ ୧୦ବର୍ଷ ଗ୍ୟାରେଣ୍ଟି ଟ ୪୬ ୯ ୭ ଯୁଏଲ ଥିବା ଟ ୫୫ ୯, ୧୫ ଯୁଏଲ ଥିବା ଟ ୭୫ ସର୍ବୋଳୃଷ୍ଟ ଟ୯୦ ୯ । ବ୍ୟାଣ୍ଡ ଫ୍ରି ଡାକଖର୍ଚ୍ଚ ଟ ॥୦ ।

ଦୁଇଟି ଘଡ଼ି ନେଲେ, ଡାକଖର୍ଚ୍ଚ ଫ୍ରି । ଅଡ଼ିନେରି ଟାଇମ୍ ପିସ୍ ଟ ୨୦ ୯ ସର୍ବୋଳୃଷ୍ଟ ଟ ୨୬ ୯ । ବିଗ୍‌ବେନ୍ ଟ ୪୪ ଦେଖ: — ସନ୍ ଟେଲେସ ଟ ୧୫, ସର୍ବୋଳୃଷ୍ଟ ଟ ୨ ୯ । ଡାକଖର୍ଚ୍ଚ ସ୍ୱତନ୍ତ୍ର ।

ଦ୍ରଷ୍ଟବ୍ୟ: ଏସ: ଏ: ଫାଉଣ୍ଟେନ ପେନ୍

ଅନେକ ଧରଣର ବିଭିନ୍ନ ରଙ୍ଗର ୧୪ କେରେଟ୍ ନିବ ସହିତ ଟ ୪ ୯, ଉତ୍କୃଷ୍ଟ ଟ ୫ ୫, ସର୍ବୋତ୍କୃଷ୍ଟ ଟ ୮ ୯ ଡାକଖର୍ଚ୍ଚ ଟ ॥୦ ନୂଆ କ୍ୟାଟେଲଗ୍ ପଠାନ୍ତୁ । ଇଂରେଜୀରେ ଚିଠି ଲେଖନ୍ତୁ

**Calcutta Watch Co.**, (Sec. O 55) Post Box No. 12203, Calcutta—5

Digitized by srujanika@gmail.com

# ଜାନୁୟାରୀ ତିରିଶ୍

ଶ୍ରୀ ଅଖିଳ ମୋହନ ପଟ୍ଟନାୟକ

ଥାଅ, ଚୁପ୍‌କର ଭାରତ ସନ୍ତାନ
ଶୁଣ ଶୁଣ ବେତାରର ବାଣୀ
ମୁହୁର୍ମୁହୁ ଚିତ୍କାର କେ' କରେ
ତ୍ରସ୍ତେ କିଏ ଘୋଷି ଯାଏ
ଭାରତୀୟ ପିତାର କୁର୍ବାଣୀ ।
ଭାରତର ଭାରକେନ୍ଦ୍ର ଉଠେ ଦୋଳି ଥରି
ମିଳନର ପୂଜାପୀଠେ ବଜାଏ କେ ଧ୍ୱଂସର କିଙ୍କିଣୀ
କିଏ ଅଛ ଦିଅ ଅମ୍‌ଜାନ
ଥରି ଉଠେ ଭାରତୀୟ ପକ୍ଷା
ବନ୍ଦ ହୋଇଆସେ ଆଜ ଆର୍ଯ୍ୟାବର୍ତ୍ତ ହୃତପିଣ୍ଡ ସ୍ପନ୍ଦନ ।
ଦିଲ୍ଲୀ ରାଜପଥେ ଶୁଣ
ତ୍ରସ୍ତ ବ୍ୟସ୍ତ ମର୍ମାହତ ଜନତାର କ୍ଷୁବ୍ଧ କୋଳାହଳ
ପ୍ରତ୍ୟୟ ଯାଉନି କେହି
ଏତେ ଶୀଘ୍ର ମ୍ଳାନ ପାରେ ହୋଇ
ସନାତନ ସଭ୍ୟତାର ସେ ହୀରକ ସକାଳ ।

ଶୁଣୁଛ ତ ! ଶିଶୁ ସମ ନେହେରୁର ବିକଳ କ୍ରନ୍ଦନ
ବାର ବାର ଥରି ଉଠେ ବେତାର ଯନ୍ତ୍ରରେ
ସାରଥୀ ବିହୁନେ ଏବା କାନ୍ଦ ଉଠେ ଅଗ୍ରଗାମୀ ତୀକ୍ଷ୍ଣ
ବ୍ୟୋମଯାନ ।
କାହିଁକେ କିଶୋରା
ବାପୁଜୀର ପ୍ରିୟ ଗୀତ ରାମଧୁନ୍ ଗାଏ
ସଂପ୍ରଦାୟ ଗିରିଶୃଙ୍ଗ ସମତଳ କରି
ଏବେ ବି ତ କ୍ରନ୍ଦନଶୀଳ' ବେତାରରେ ଅସ୍ପଷ୍ଟ ପହଁରୀ ।
ରଘୁପତି ରାଘବ ରାଜାରାମ୍……
ପତିତ ପାବନ ସୀତାରାମ୍……
କାହିଁ ପୁଣି ଗାଇଉଠେ ରୁଦ୍ଧସ୍ୱର ଯବନବାଳିକା
ମୃତ୍ୟୁ ଅଙ୍କ ଧୀରେ ହାତେ ଜୀବନର କ୍ରୁଦ୍ଧ ଯବନିକା
ହସ୍ତେ ତା'ର ପବିତ୍ର କୋରାନ୍
ଏକ୍‌ଥେ ହାମ୍ ଏକ୍ ରହେଙ୍ଗେ ହିନ୍ଦୁ ମୁସଲମାନ
ଆମେ ଏକା ମାଟି ସନ୍ତାନ,
ଅଲ୍ଲା ହୋ ଅକ୍‌ବର… ଆଲ୍ଲାହୋ…
ହିନ୍ଦୁ ମୁସଲମାନ୍ ଏକ୍ ଏକ୍‌ହୋ- ତୁମ୍ ଏକ୍ ହୋ

ଚୁପ୍‌କର ! ଚୁପ୍‌କର !
ବାପୁଜୀର ପ୍ୟାରା ଦେଶ୍
ହିନ୍ଦୁସ୍ଥାନ ଆଉ ପାକିସ୍ଥାନ୍
ଭାରତ ମାତାର ଦୁଇ ଯାମଳ ସନ୍ତାନ୍
ଶୁଣ ଶୁଣ ବେତାରରେ ବାପୁଜୀର ଅନ୍ତିମ କହେ କଥା
ଚିତ୍ତ ଅଗ୍ନି ଅଦେଶ ଏ ପୁତ୍ର ତାରେ ନ କର ଅନ୍ୟଥା ।
ଭାଙ୍ଗିଦିଅ ନିଜ ଗଢ଼ା ଭେଦର ପ୍ରାଚୀର
ପିତାର ମରଣେ
ପୁତ୍ର ମଧ୍ୟେ ଲଭିଯାଉ
ଧର୍ମଗତ ଯାହା କିଛି ଦୂରତା ।

—+✱+—

Digitized by srujanika@gmail.com

# ମହାତ୍ମାଗାନ୍ଧୀଙ୍କ ଘଟଣା ବହୁଳ ଜୀବନ-ପଞ୍ଜିକା (ସଂଗୃହୀତ)

ଡାକ୍ତର ଶ୍ରୀ ରାମପ୍ରସାଦ ମିଶ୍ର

ତା ୨ ରିଖ ଅକ୍ଟୋବର ୧୮୬୯ - ରାଜକୋଟରୁ ୧୨୦ ମାଇଲ ଦୂରବର୍ତ୍ତୀ ସୁଦାମାପୁର (ପୋରବନ୍ଦର) ଗ୍ରାମରେ ଶ୍ରୀ କରମ ଚାନ୍ଦ (ଉପନାମ କବ୍ୟ) ଗାନ୍ଧିଙ୍କର ଚତୁର୍ଥ ପତ୍ନୀ ପୁତଳୀ ବାଈଙ୍କ ଗର୍ଭରୁ ସେହି ପ୍ରାତଃ ସ୍ମରଣୀୟ ମୋହନ ଦାସ କରମ ଚାନ୍ଦ ଗାନ୍ଧି ଜନ୍ମ ଗ୍ରହଣ କରିଥିଲେ । ସନ ୧୮୭୬ ରେ ବାଳକ ଗାନ୍ଧିଙ୍କର ପିତା ପୋରବନ୍ଦରଠାରୁ ରାଜକୋଟକୁ ପ୍ରଧାନ ମନ୍ତ୍ରୀ ରୂପେ ଆସିଥିଲେ । ଏହି ବର୍ଷ ଶ୍ରୀ ଗୋକୁଳ ଦାସ ମାକନଜୀଙ୍କର ଝିଅ କସ୍ତୁରୀବାଈଙ୍କ ସହିତ ଗାନ୍ଧିଜୀଙ୍କର ବିବାହ ପ୍ରସ୍ତାବିତ ହୋଇଥିଲା ।

ସନ ୧୮୮୩ ରେ ତ୍ରୟୋଦଶ ବର୍ଷୀୟ ଗାନ୍ଧି ନିଜଠାରୁ ୭ ମାସର ଜ୍ୟେଷ୍ଠ କସ୍ତୁରୀବାଈଙ୍କୁ ବିବାହ କରିଥିଲେ ଏବଂ ସେ ବିଷୟରେ ସେ ଉଲ୍ଲେଖ କରିଛନ୍ତି, "ଏପରି ମୂର୍ଖତା-ପୂର୍ଣ୍ଣ ବାଲ୍ୟ-ବିବାହର ସମର୍ଥନରେ ମୁଁ କୌଣସି ନୈତିକ ଯୁକ୍ତି ଦେଇ ପାରେ ନା ।"

ସନ ୧୮୮୪ ଇ:ରେ ତାଙ୍କର ଭାଇ ୨୫ ଟଙ୍କା କରଜ ଆଣି ପରିଶୋଧ କରି ପାରୁ ନଥିଲେ ଏହା ଦେଖି ତାହା ପରିଶୋଧ କରିବା ପାଇଁ ସେ ମା'ଙ୍କ ବାଜୁରୁ ସୁନା ଚୋରି କରି ଧରା ପଡିଥିଲେ ଓ ପିତାଙ୍କ ନିକଟରେ କ୍ଷମା ମାଗି ଭବିଷ୍ୟତରେ କେବେ ଚୋରି କରିବେ ନାହିଁ ବୋଲି ଶପଥ କରିଥିଲେ । ଏଥିରେ ପିତାଙ୍କର ଆଖିରୁ ଲୁହ ଗଡ଼ି ପଡ଼ିଥିଲା । ଏ ସମ୍ପର୍କରେ ମହାତ୍ମାଜୀ ନିଜେ କହିଛନ୍ତି— "ସ୍ନେହର ଏହି ଲୋତକରେ ମୋର ହୃଦୟ ନିର୍ମଳ ହୋଇଗଲା ଓ ମୋର ପାପ ଧୋଇ ହୋଇଗଲା । ଅହିଂସା ମୁଁ ପ୍ରଥମ ଥର ପାଇଁ ଏଠି ଶିକ୍ଷା କଲି । ଏହା ପୂର୍ବରୁ ଗାନ୍ଧିଜୀ ୧୨ ବର୍ଷ ବୟସରେ ସିଗାରେଟ ଖାଇବା ପାଇଁ ଚାକରର ପକେଟରୁ ପଇସା ଚୋରି କରିଥିଲେ । ସିଗାରେଟ ସେ ନିଜଠାରୁ ବୟସ୍କ ବ୍ୟକ୍ତିଙ୍କ ଆଗରେ ଖାଇପାରିଲେ ନାହିଁ । ଏହା ତାଙ୍କୁ ଭାରି ଅସହ୍ୟ ହୋଇ ଉଠିଲା । ତେଣୁ ସେ ଆତ୍ମହତ୍ୟା କରିବାକୁ ସ୍ଥିର କରି ଜଙ୍ଗଲରୁ ଧୁତୁରା ମଞ୍ଜି ଆଣି ମନ୍ଦିରକୁ ଯାଇ ଖାଇବା ପାଇଁ ଉଦ୍ୟତ ହେଲେ ସିନା ସାହସ ହେଲା ନାହିଁ । ସେ ଦିନଠୁଁ ସେ ଧୂଆଁ ଖାଇବା ପରିତ୍ୟାଗ କଲେ । ଏ ସମ୍ପର୍କରେ ସେ କହିଛନ୍ତି, "ମୁଁ ବଡ ହେବାକୁ ଲାଗିଲି କିନ୍ତୁ ମୁଁ ବଡ ହେଲେ ଆଉ ଧୂଆଁ ଖାଇବାକୁ ଇଚ୍ଛା କରିନାହିଁ; ଧୂଆଁ ଖାଇବା ଗୋଟିଏ ଅଭଦ୍ରୋଚିତ, ଘୃଣ୍ୟ ଏବଂ ସ୍ୱାସ୍ଥ୍ୟ ହାନିକର କାର୍ଯ୍ୟ ବୋଲି ବିବେଚନା କଲି ।"

ତା ୪ ରିଖ ସେପ୍ଟେମ୍ବର ୧୮୮୮ - ସାମାଜିକ ପ୍ରତିବନ୍ଧକକୁ ଉପେକ୍ଷା କରି ଆଇନ ପଢ଼ିବା ପାଇଁ ଇଂଲଣ୍ଡ ଯାତ୍ରା । ଯିବା ପୂର୍ବରୁ ମାତାଙ୍କ ନିକଟରେ ମଦ୍ୟ, ମାଂସ ଓ ସ୍ତ୍ରୀ ସଂସର୍ଗ ନ କରିବା ପାଇଁ ଶପଥ ଗ୍ରହଣ । ଇଂଲଣ୍ଡରେ ପାଶ୍ଚାତ୍ୟ ନୃତ୍ୟ ଏବଂ ବେହେଲା ଶିଖିବାର ପ୍ରଯତ୍ନ ଏବଂ ଶୀଘ୍ର ପାଶ୍ଚାତ୍ୟ ଭଦ୍ରତା ଅନୁକରଣ କରିବାକୁ ଯାଇ ନିମେଷରେ ଆଡ଼ମ୍ବରପୂର୍ଣ୍ଣ ଜୀବନ ପରିତ୍ୟାଗ କରିବାର ସଂକଳ୍ପ ।

୧୨ ଜୁନ ୧୮୯୧-ବାରିଷ୍ଟରୀ ଶିକ୍ଷା ଶେଷ କରି ଭାରତକୁ ପ୍ରତ୍ୟାବର୍ତ୍ତନ । ଅପ୍ରେଲ ୧୮୯୩-ପୋରବନ୍ଦରର ଗୋଟିଏ ମୁସଲମାନ କମ୍ପାନୀର କାର୍ଯ୍ୟ କରିବାକୁ ସ୍ୱୀକାର କରି ଦକ୍ଷିଣ ଆଫ୍ରିକା ଯାତ୍ରା । ସନ ୧୮୯୩-୯୫-ଦକ୍ଷିଣ ଆଫ୍ରିକାରେ ଭାରତୀୟଙ୍କ ପ୍ରତି ପ୍ରତ୍ୟକ୍ଷ ଉପେକ୍ଷାର ଅନୁଭୂତ ଓ ନିଜେ କେତେଥର ଉପେକ୍ଷିତ ଓ ଅପମାନିତ ହୋଇ ସୁଦ୍ଧା ପ୍ରତିଶୋଧର ସଂକଳ୍ପ ଦମନ କରି ଶାନ୍ତ ଭାବେ ଭାରତୀୟମାନଙ୍କ ସମସ୍ୟାର ସମାଧାନ ପାଇଁ ଉଦ୍‌ଯୋଗ । ନେଟାଲଠାରେ ଓକିଲାତି ଆରମ୍ଭ ।

Digitized by srujanika@gmail.com

୨୨ ମଇ ୧୮୯୪ - ନେଟାଲ ଭାରତୀୟ କଂଗ୍ରେସର ପ୍ରତିଷ୍ଠା ।

ଜୁନ ୧୮୯୬ - ୬ ମାସ ନିମନ୍ତେ ଭାରତକୁ ଫେରି ଆସି ଦକ୍ଷିଣ ଆଫ୍ରିକାର ଭାରତୀୟ ଅଧିବାସୀମାନଙ୍କ ପାଇଁ ଭାରତୀୟ ନେତାମାନଙ୍କଠାରୁ ଉତ୍ସାହ ସହାନୁଭୂତି ଅର୍ଜନ ।

୨୮ ନଭେମ୍ବର ୧୮୯୬ — ନେଟାଲକୁ ଫେରି ଯାଇ ନିଜ ପତ୍ନୀ ଏବଂ ୮ମ ଓ ୪ର୍ଥ ବର୍ଷୀୟ ଦୁଇଟି ଶିଶୁଙ୍କୁ ସଙ୍ଗରେ ନେଇ ଦ୍ୱିତୀୟ ଥର ଦକ୍ଷିଣ ଆଫ୍ରିକା ପ୍ରସ୍ଥାନ ।

ସନ୍ ୧୮୯୭-୯୮ — ଗାନ୍ଧିଜୀଙ୍କ ଉପରକୁ ଟେକା ପଥର ମାରି ଇଉରୋପୀୟମାନଙ୍କ ଆକ୍ରମଣ ଏବଂ [illegible] ଆହତ । ଆକ୍ରମଣକାରୀଙ୍କ ବିରୁଦ୍ଧରେ ମୋକଦ୍ଦମା କରିବାକୁ ଭାରତୀୟଙ୍କ ପରାମର୍ଶ କିନ୍ତୁ ସେ ପ୍ରସଙ୍ଗରେ ଗାନ୍ଧିଜୀ ଉତ୍ତର ଦେଇ ଥିଲେ "ନା, ସେମାନେ ଯେତେବେଳେ ନିଜ ଭୁଲ ବୁଝିପାରିବେ, ସେତେବେଳେ ସେମାନେ ଅନୁତାପ ନିଜେ ନିଜେ କରିବେ ।"

ସନ୍ ୧୮୯୯ ବୋଅର ଯୁଦ୍ଧରେ ଆହତ ହୋଇଥିବା ବ୍ୟକ୍ତିମାନଙ୍କ ସେବା କରିବା ପାଇଁ ଗୋଟିଏ ସେବା ସମିତି ସ୍ଥାପନ ।

ନଭେମ୍ବର ୧୯୦୧ — ଦକ୍ଷିଣ ଆଫ୍ରିକାରୁ ଭାରତକୁ ପ୍ରତ୍ୟାବର୍ତ୍ତନ ।

ସନ୍ ୧୯୦୨ — ରେଲ ଗାଡ଼ିର ତୃତୀୟ ଶ୍ରେଣୀରେ ଦେଶ ପର୍ଯ୍ୟଟନ ।

୪ ଜାନୁୟାରୀ ୧୯୦୩ — ଟ୍ରାନସ୍‌ଭାଲର ସର୍ବୋଚ୍ଚ ବିଚାରାଳୟରେ ନିୟମିତ ଭାବେ ଓକିଲାତି ଆରମ୍ଭ ଏବଂ ସେଠାରେ "ବ୍ରିଟିସ୍ ଇଣ୍ଡିଏନ୍ ଏସୋସିଏସନ୍"ର ପ୍ରତିଷ୍ଠା ।

ସନ୍ ୧୯୦୪ — ଇଂରେଜୀ, ହିନ୍ଦୀ, ତାମିଲ ଏବଂ ଗୁଜରାଟୀରେ ପ୍ରକାଶିତ ହେବାକୁ ଯାଉଥିବା "ଇଣ୍ଡିଏନ ଓପିନିଅନ" ପତ୍ରିକାର ସମ୍ପାଦନ ଭାର ଗ୍ରହଣ ।

ସନ୍ ୧୯୦୬ — ୩୭ ବର୍ଷ ବୟସରେ ଆମରଣ ବ୍ରହ୍ମଚର୍ଯ୍ୟ ସଂକଳ୍ପ ଓ କସ୍ତୁରବାଈଙ୍କର ସମର୍ଥନ ଲାଭ ।

ସନ୍ ୧୯୦୭ — ପ୍ରବାସୀ ଭାରତୀୟ ଆଇନ ବିରୁଦ୍ଧରେ ସତ୍ୟାଗ୍ରହ ଆନ୍ଦୋଳନ ଆରମ୍ଭ । ପ୍ରତିବର୍ଷ ଓକିଲାତିରୁ ଆୟ ହେଉଥିବା ୫ ହଜାର ପାଉଣ୍ଡର ମୋହ ଛାଡ଼ି ସମଗ୍ର ସଞ୍ଚିତ ସମ୍ପତ୍ତି ସତ୍ୟାଗ୍ରହ ଚାଳନା ନିମନ୍ତେ ଦାନ ।

ସନ୍ ୧୯୧୦ - ସତ୍ୟାଗ୍ରହୀମାନଙ୍କ ନିମନ୍ତେ "ଟଲଷ୍ଟୟ ଆଶ୍ରମ" ସ୍ଥାପନ ଏବଂ ଧର୍ମ ଓ ସେବା ଶିକ୍ଷା ଦେବାର ବ୍ୟବସ୍ଥା । ଏ ସମୟରେ ଦିନେ ୫୫ ମାଇଲ ଚାଲି ପାଦରେ ଭ୍ରମଣ ।

ମାର୍ଚ୍ଚ ୧୯୧୪ - ପତ୍ନୀଙ୍କର ନେତୃତ୍ୱରେ ମହିଳାମାନଙ୍କର ସର୍ବ ପ୍ରଥମରେ ସତ୍ୟାଗ୍ରହରେ ଯୋଗଦାନ । ଅନ୍ୟାନ୍ୟ ସ୍ତ୍ରୀ ମାନଙ୍କ ସହିତ କସ୍ତୁରବାଈଙ୍କ ଗିରଫ ।

ସନ୍ ୧୯୧୪ - ସତ୍ୟାଗ୍ରହୀମାନଙ୍କର ନୈତିକ ଭୁଲରେ ପ୍ରାୟଶ୍ଚିତ୍ତ ସ୍ୱରୂପ ୧୪ ଦିନ ଅନଶନ । ୪ ଅଗଷ୍ଟରେ ପ୍ରଥମ ମହାଯୁଦ୍ଧର ଆରମ୍ଭ ହେବାରୁ ଆହତ ବ୍ୟକ୍ତିମାନଙ୍କ ପାଇଁ ସେବା ସମିତି ସ୍ଥାପନ । ଡିସେମ୍ବରରେ ପ୍ଲୁରେସି ରୋଗରେ ଆକ୍ରାନ୍ତ ହୋଇ ଭାରତ ପ୍ରତ୍ୟାବର୍ତ୍ତନ ।

୧୭ ଫେବ୍ରୁଆରୀ ୧୯୧୫ — ରବୀନ୍ଦ୍ର ନାଥ ଠାକୁରଙ୍କର ଗାନ୍ଧିଜୀଙ୍କୁ "ମହାତ୍ମା" ବୋଲି ପଦରେ ସମ୍ବୋଧନ ।

୪ ଫେବୃଆରୀ ୧୯୧୬ — ବିଶ୍ୱ ବିଦ୍ୟାଳୟର ଉଦ୍‌ଘାଟନ କରିବାକୁ ଯାଇ ବକ୍ତୃତାରେ କହିଥିଲେ, "ଯଦି ଭାରତର ମୁକ୍ତି ନିମନ୍ତେ ଇଂରେଜମାନେ ଏଠାରୁ ଚାଲିଯିବା ଆବଶ୍ୟକ ବୋଲି ମୁଁ ମନେକରେ, ତା' ହେଲେ ସେ କଥା କହିବାକୁ ମୁଁ ସଙ୍କୋଚ ବୋଧ କରିବି ନାହିଁ । ସେମାନଙ୍କୁ ସେପରି କରିବାକୁ ପଡ଼ିବ ଏବଂ ଆଶାକରେ ଏଥି ନିମିତ୍ତ ମୁଁ ମରିବା ପାଇଁ ପ୍ରସ୍ତୁତ ରହିବି" ଏହି ଦିନ [illegible] ତାଙ୍କର

Digitized by srujanika@gmail.com

ଯୋଗଦାନ ଏବଂ ପ୍ରଥମ ଥର ପଣ୍ଡିତ ଜବାହାର ଲାଲ ନେହେରୁଙ୍କ ସହିତ ତାଙ୍କର ପରିଚୟ ।

୧୦ ଅପ୍ରେଲ ୧୯୧୭—ରାଜେନ୍ଦ୍ର ବାବୁଙ୍କ ସହିତ ପ୍ରଥମ ସାକ୍ଷାତ ।

ଜୁନ ୧୯୧୭ — ସାବରମତୀ ଆଶ୍ରମ ସ୍ଥାପନ ।

୧୧ ଅପ୍ରେଲ ୧୯୧୯ —'ରାଉଲେଟ ଏକ୍ଟର' ବିରୋଧ କରିବାକୁ ଦିଲ୍ଲୀ ଯିବା ବାଟରେ ପଲବଲଠାରେ ଗିରଫଦାର ।

୧୮ ଅପ୍ରେଲ ୧୯୧୯—ମହାତ୍ମାଜୀଙ୍କ କର୍ତ୍ତୃକ ସତ୍ୟାଗ୍ରହ ସ୍ଥଗିତ କରଣ ।

୮ ଅକ୍ଟୋବର ୧୯୧୯ — ମହାତ୍ମାଜୀଙ୍କ ତତ୍ତ୍ୱାବଧାନରେ "ଇଅଙ୍ଗ ଇଣ୍ଡିଆ" ଏବଂ "ନବଜୀବନ" ନାମକ ଦୁଇଟି ମାସିକ ପତ୍ରିକା ସଙ୍କଳନ ଆରମ୍ଭ ।

୨୪ ନଭେମ୍ବର ୧୯୧୯ — ଅଖିଳ ଭାରତୀୟ ଖିଲାଫତ ସମ୍ମିଳନୀର ସଭାପତିତ୍ୱ କରଣ ।

୧୮ ଜାନୁୟାରୀ ୧୯୨୦—ମୌଲାନା ଆଜାଦଙ୍କ ସଙ୍ଗେ ପ୍ରଥମ ସାକ୍ଷାତ ।

ନଭେମ୍ବର ୧୯୨୦ — ମହାତ୍ମାଜୀଙ୍କ ଦ୍ୱାରା ଗୁଜରାଟ ବିଦ୍ୟାପୀଠ ସ୍ଥାପନ ।

ଜାନୁୟାରୀ ୧୯୨୧—ଗାନ୍ଧିଙ୍କ ଦ୍ୱାରା ବମ୍ବେଇର ପ୍ରଥମରେ ଖଦି ଭଣ୍ଡାର ସ୍ଥାପନ ।

୧ ଅଗଷ୍ଟ ୧୯୨୧—ଦେଶର ସ୍ଥାନେ ସ୍ଥାନେ ବିଦେଶୀ ବସ୍ତ୍ରର ଦାହ ।

୨୨ ଅଗଷ୍ଟ ୧୯୨୧—ଟୋପି ଏବଂ କାମିଜ ପରିତ୍ୟାଗ କରି ଅଣ୍ଟାବନ୍ଧା ଧୋତି ପିନ୍ଧିବାର ସିଦ୍ଧାନ୍ତ ।

୧୯ମାର୍ଚ୍ଚ ୧୯୨୨—୬ ବର୍ଷ କାରାବାସ ଦଣ୍ଡ । ମାତା କସ୍ତୁରବାଈଙ୍କର ଲୋକମାନଙ୍କୁ ଶାନ୍ତି ସହିତ ରଚନାତ୍ମକ କାର୍ଯ୍ୟାବଳୀର ଅନୁସରଣ କରିବା ପାଇଁ ଅନୁରୋଧ । ଏହି ବର୍ଷ କାରାବାସରେ ଗୁଜରାଟି ଭାଷାରେ ନିଜର ଆତ୍ମକଥା ଲେଖିନ ।

ଡିସେମ୍ବର ୧୯୨୩ - "ହିନ୍ଦୁସ୍ଥାନ ସେବାଦଳ" ସ୍ଥାପନ ।

୫ ଫେବ୍ରୁଆରି ୧୯୨୪-ଅସୁସ୍ଥତା ହେତୁ କାରାମୁକ୍ତ ।

୨୭ଜୁନ ୧୯୨୪ - ଅହମଦାବାଦ କଂଗ୍ରେସ ମହାସମିତିର ଅଧିବେଶନରେ ଗୋପୀନାଥ ସାହାଙ୍କଦ୍ୱାରା କରାଯାଇଥିବା "ଅର୍ନେଷ୍ଟ ଡେ" ହତ୍ୟାରୁ କ୍ଷମାବାଦର ପ୍ରସ୍ତାବ ଆଗତ । ଏଥିରେ ଚିତ୍ତରଞ୍ଜନ ଦାସ ପ୍ରଭୃତିଙ୍କ ବିରୁଦ୍ଧ । ଚରଣ ଦେଖି ମହାତ୍ମାଙ୍କ କ୍ରନ୍ଦନ ।

୧୮ ସେପ୍ଟେମ୍ବର ୧୯୨୪— କୋହାଟର ସାମ୍ପ୍ରଦାୟିକ ହଙ୍ଗାମା ଲାଗି ୨୧ ଦିନ ଅନଶନ ।

ଡିସେମ୍ବର ୧୯୨୪ - ବେଲଗାଁରେ ପ୍ରଥମ ଥର ପାଇଁ କଂଗ୍ରେସ ସଭାପତିତ୍ୱ ଗ୍ରହଣ ।

୨୬ ଜାନୁୟାରୀ ୧୯୩୦ — ସ୍ୱାଧୀନତାର ସଂକଳ୍ପ । ପ୍ରତିବର୍ଷ ସ୍ୱାଧୀନତା ଦିବସ ପାଳନ କରିବାର ସିଦ୍ଧାନ୍ତ ।

୧୨ ମାର୍ଚ୍ଚ ୧୯୩୦ — ଐତିହାସିକ ଦାଣ୍ଡିଯାତ୍ରା ।

୬ଅପ୍ରେଲ ୧୯୩୦— ଲବଣ ମାରି ସରକାରଙ୍କର ଆଇନ ଭଙ୍ଗ ।

୫ ମଇ ୧୯୩୦— ରାତି ଘ ୧୨-୪୫ମିନିଟରେ ଗିରଫଦାର ।

୨୫ ଜାନୁୟାରୀ ୧୯୩୧— ଆରୱିନ୍ ଘୋଷଣା । ଗାନ୍ଧିଙ୍କ ସହିତ ଅନ୍ୟାନ୍ୟ ୩୦ ଜଣ ନେତାଙ୍କ ମୁକ୍ତିଲାଭ ।

୪ମାର୍ଚ୍ଚ ୧୯୩୧— ଗାନ୍ଧି ଆରୱିନ୍ ପ୍ୟାକ୍ଟ ।

୨୫ମାର୍ଚ୍ଚ ୧୯୩୧— କରାଚୀ ସଭାରେ ଭାଷଣ ଦେଇ କହିଥିଲେ, "ଗାନ୍ଧି ମରି ଯାଇପାରେ କିନ୍ତୁ ଗାନ୍ଧିବାଦ ସବୁବେଳେ ଜୀବିତ ରହିବ"

୨୩ଅଗଷ୍ଟ ୧୯୩୧ ଇଂଲଣ୍ଡରୁ ପ୍ରତ୍ୟାବର୍ତ୍ତନ କଲାବେଳେ ରୋମରେ ମୁସୋଲିନିଙ୍କ ସହିତ ସାକ୍ଷାତ ।

୦୪ ଜାନୁୟାରୀ ୧୯୩୨ — ପୁନର୍ବାର ସତ୍ୟାଗ୍ରହ ଆରମ୍ଭ କଂଗ୍ରେସସଂସ୍ଥା ବେଆଇନ ଘୋଷଣା—ଗାନ୍ଧି ଗିରଫଦାର ।

୨୦ ଡିସେମ୍ବର ୧୯୩୨ — ଅନୁନ୍ନତ ଜାତିମାନଙ୍କ ପାଇଁ

Digitized by srujanika@gmail.com

ପୃଥକ ନିର୍ବାଚନର ବିରୋଧ କରି ଯରବଦା ଜେଲରେ ଐତିହାସିକ ଆମରଣ ଅନଶନ ଆରମ୍ଭ ।

୨୬ ସେପ୍ଟେମ୍ବର ୧୯୩୨—ସରକାରୀ ବିଜ୍ଞପ୍ତିରେ ସନ୍ତୋଷ ପ୍ରକାଶ କରି ଅନଶନ ଭଙ୍ଗ ।

ଫେବୃୟାରୀ ୧୯୩୩—ହରିଜନ ସେବକ ସଂଘ ସ୍ଥାପିତ ଏବଂ ସାପ୍ତାହିକ "ହରିଜନ" ପତ୍ରିକା ପ୍ରକାଶ ।

୮ମଇ ୧୯୩୩— ଆତ୍ମଶୁଦ୍ଧି ନିମନ୍ତେ ୨୧ ଦିନ ଅନଶନ ଆରମ୍ଭ—ଏହି ଦିନ ଜେଲରୁ ମୁକ୍ତି ଲାଭ ।

୨୯ମଇ ୧୯୩୩—ପୁନା କୁଟୀରରେ ସଫଳତାର ସହିତ ଅନଶନ ସମାପ୍ତି ।

୭ଅପ୍ରେଲ୧୯୩୪— ସତ୍ୟାଗ୍ରହୀମାନଙ୍କ ନୈତିକ ଆଚରଣରେ ଅସନ୍ତୁଷ୍ଟ ହୋଇ ସତ୍ୟାଗ୍ରହ ସ୍ଥଗିତ ରଖିବାକୁ ଆଦେଶ ।

ଅକ୍ଟୋବର ୧୯୩୪—କଂଗ୍ରେସ ସଭ୍ୟପଦରୁ ଇସ୍ତଫା ।

ଅପ୍ରେଲ୧୯୩୫ ଇନ୍ଦୋର ହିନ୍ଦି ସାହିତ୍ୟ ସମ୍ମିଳନୀର ସଭାପତିତ୍ୱ ଏବଂ ହିନ୍ଦିକୁ ରାଷ୍ଟ୍ରଭାଷା କରିବାପାଇଁ ଆବେଦନ ।

ଜୁଲାଇ୧୯୩୭—ପତ୍ର ଦ୍ୱାରା ହିଟଲରଙ୍କୁ ଯୁଦ୍ଧ ନ କରିବା ପାଇଁ ଆବେଦନ ।

୧୧ଅକ୍ଟୋବର୧୯୪୦—ବ୍ୟକ୍ତିଗତ ସତ୍ୟାଗ୍ରହର ସୂତ୍ରପାତ ।

୨୭ମାର୍ଚ୍ଚ୧୯୪୨--ଦିଲ୍ଲୀରେ ସାର ଷ୍ଟାଫୋର୍ଡ କ୍ରିପସ୍‌ଙ୍କ ସହିତ ଭେଟ । କ୍ରିପସ୍ ଯୋଜନାକୁ "ଗତ ତାରିଖର ଚେକ୍" କହି ପ୍ରତ୍ୟାଖ୍ୟାନ ।

୯ଅଗଷ୍ଟ୧୯୪୨— କଂଗ୍ରେସ କାର୍ଯ୍ୟକାରୀ ସମିତିର ଅନ୍ୟ ନେତା ମାନଙ୍କସହ ଗିରଫଦାର ।

ଅଗଷ୍ଟ୧୯୪୨-- ଗାନ୍ଧିଜୀଙ୍କର ଦକ୍ଷିଣ ହସ୍ତ ମହାଦେବ ଦେଶାଇଙ୍କ ମୃତ୍ୟୁ ।

୧୦ଫେବୃୟାରୀ ୧୯୪୩-- ଆଗାଖାଁ ପ୍ରାସାଦରେ ୨୧ଦିନ ଅନଶନ ।

୩ମାର୍ଚ୍ଚ୧୯୪୩-- ସାଫଲ୍ୟର ସହିତ ଅନଶନର ସମାପ୍ତି ।

୨୨ଫେବୃୟାରୀ୧୯୪୪-- ଶିବରାତ୍ରି ଦିନ ମହାତ୍ମାଙ୍କର ଜୀବନ ସଙ୍ଗିନୀ କସ୍ତୁରୀବାଈଙ୍କର ବିୟୋଗ ।

୬ମଇ୧୯୪୪- ଅସୁସ୍ଥତା ନିମନ୍ତେ ଜେଲରୁ ମୁକ୍ତି ।

୭ସେପ୍ଟେମ୍ବର୧୯୪୪- ଜିନ୍ନାଙ୍କ ସହିତ ଐତିହାସିକ ସାକ୍ଷାତ— ୧୭ଦିନ ଅକ୍ଳାନ୍ତ ପରିଶ୍ରମ ପରେ ବିଫଳ ମନୋରଥ ।

ଜୁନ ଓ ଜୁଲାଇ ୧୯୪୫— ସିମଲାରେ ସ୍ୱାଧୀନତା ପ୍ରସଙ୍ଗରେ ୱାଭେଲଙ୍କ ସଙ୍ଗେ ଆଲୋଚନା ।

୩ ଜାନୁୟାରୀ ୧୯୪୬- ସୁଭାଷ ବୋଷ ଜୀବିତ ବୋଲି ଗାନ୍ଧିଜୀଙ୍କର ବିଶ୍ୱାସ ।

୭ ଜାନୁୟାରୀ ୧୯୪୬—୧୮ ପ୍ରକାର ରଚନାତ୍ମକ କାର୍ଯ୍ୟାବଳୀର ପ୍ରକାଶ ।

୨୯ଜାନୁୟାରୀ ୧୯୪୬-- ବ୍ରିଟିଶ ପ୍ରତିନିଧି ମଣ୍ଡଳ ସହିତ ସାକ୍ଷାତ ।

୧୦ଫେବୃୟାରୀ୧୯୪୬-- ୩ବର୍ଷ ପରେ ହରିଜନ ପତ୍ରିକାର ପୁନଃ ପ୍ରକାଶ ।

୧୫ମାର୍ଚ୍ଚ ୧୯୪୬ --ଶ୍ରୀପୁରରେ ଗାନ୍ଧିମନ୍ଦିର ସ୍ଥାପନ ।

୨ଅପ୍ରେଲ ୧୯୪୬--ବ୍ରିଟିଶ ମନ୍ତ୍ରୀମଣ୍ଡଳ ସହିତ ସାକ୍ଷାତ କରିବାପାଇଁ ଦିଲ୍ଲୀ ପ୍ରସ୍ଥାନ କରି ଭଙ୍ଗୀ କଲୋନୀରେ ଅବସ୍ଥାନ ।

ଏହି ମଧ୍ୟରେ ଦ୍ୱିତୀୟ ମହାସମରର ଅବସାନ ହୋଇ ଇଂଲଣ୍ଡର ଶ୍ରମିକ ସରକାର ସ୍ଥାପିତ ହେବା ଦ୍ୱାରା ଭାରତର ରାଜନୈତିକ ପରିବର୍ତ୍ତନ ଘଟିଲା । ଏଥିରେ ଭାରତର ମୁକ୍ତି ପ୍ରାପ୍ତିର ଆଶା ଦେଖି ମହାତ୍ମା ଗାନ୍ଧି ନିଜର ଅଧିକାଂଶ ସମୟ ସେ ଦିଗରେ ନିୟୋଜିତ କରିବାକୁ ଲାଗିଲେ । ୨ ଅପ୍ରେଲ ୧୯୪୬ରେ ମନ୍ତ୍ରୀମିଶନକୁ ସାକ୍ଷାତ କରିବା ପାଇଁ ସେ ଦିଲ୍ଲୀ ଆସି କଂଗ୍ରେସ ତଥା ମନ୍ତ୍ରୀ ମିଶନକୁ ଆପଣା ପରାମର୍ଶ ଦ୍ୱାରା ଅନୁପ୍ରାଣିତ କରିଥିଲେ । ଆଶାର ଜ୍ୟୋତି ସବୁବେଳେ ତାଙ୍କୁ ପଥ ଦେଖାଉଥିଲା ।

Digitized by srujanika@gmail.com

ଯେତେବେଳେ କଂଗ୍ରେସର ବଡ଼ ବଡ଼ ନେତାମାନେ ମନ୍ତ୍ରୀ ମିଶନର କାର୍ଯ୍ୟରେ ଅତ୍ୟନ୍ତ ବ୍ୟସ୍ତ ଥିଲେ, ସେତେବେଳେ ଗାନ୍ଧିଜୀ ସେମାନଙ୍କୁ "ଇମାର୍ଜି ଦାଁଓ" ବୋଲି କହୁଥିଲେ । ଆଜି ସେହି ମହାପୁରୁଷଙ୍କର ଆଶା ଫଳବତୀ ହୋଇଛି ଏବଂ ଭାରତ ସ୍ୱାଧୀନତା ଲାଭ କରିଛି ।

ଭାରତର ସ୍ୱାଧୀନତା ଲାଭ ପରେ ସେ ଅବାଧ ସାଂପ୍ରଦାୟିକ ଭେଦଭାବ ଦୂର କରିବାରେ ଯତ୍ନଶୀଳ ଥିଲେ । ଯେଉଁଠି ସାମ୍ପ୍ରଦାୟିକ ଗଣ୍ଡଗୋଳ ହେଉଥିଲା, ସେଠିକି ଅହିଂସ ସୈନିକଙ୍କ ପରି ବାରମ୍ବାର ଯାଉଥିଲେ । ନୂଆଖାଲିରେ ଏକା ସେ ଯେଉଁ କାର୍ଯ୍ୟ କରିଥିଲେ, କଲିକତାରେ ଉପବାସ ଦ୍ୱାରା ସେ ଯେଉଁ ଶାନ୍ତି ଆଣିଥିଲେ, ଭାରତର ଇତିହାସରେ ତାହା ଗୋଟିଏ ଅଭୂତପୂର୍ବ ଘଟଣା ହୋଇ ରହିବ । ଏଣେ ଦିଲ୍ଲୀର ସାଂପ୍ରଦାୟିକ ଗଣ୍ଡଗୋଳ ତାଙ୍କୁ ବିଚଳିତ କରିଦେଇଥିଲା । ପାକିସ୍ଥାନ ଯିବା ପୂର୍ବରୁ ସେ ଦିଲ୍ଲୀରେ ଉପସ୍ଥିତ ଥାଇ ଦିଲ୍ଲୀର ରକ୍ଷା କରିବାକୁ ଲାଗିପଡ଼ିଲେ । କେତେ ଦିନ ପରେ ଦିଲ୍ଲୀର ସାଂପ୍ରଦାୟିକ ଗଣ୍ଡଗୋଳ ନିମନ୍ତେ ଉପବାସ ମଧ୍ୟ କରିଥିଲେ; ଏହି ଉପବାସର ପ୍ରଭାବ ଭାରତ, ପାକିସ୍ଥାନ ତଥା ସମଗ୍ର ପୃଥିବୀକୁ ପ୍ରଭାବିତ କରିଥିଲା । କ୍ରମେ ସାଂପ୍ରଦାୟିକ ଗଣ୍ଡଗୋଳ ଶାନ୍ତ ହେବାକୁ ଲାଗିଲା । ଗାନ୍ଧିଜୀ କହୁଥିଲେ, "ମୋର ମନ କହୁଛି ମୁଁ ୧୨୫ ବର୍ଷ ବଞ୍ଚିବି; କିନ୍ତୁ ଭଗବାନଙ୍କର ମନ ହୁଏତ ଆଉ କିଛି କହୁଥିବ ।" ଉତ୍କ୍ଷିପ୍ତ ଲୋକ ଗାନ୍ଧିଙ୍କ ଉପରେ ବୋମା ମଧ୍ୟ ପକାଇଥିଲେ । କିନ୍ତୁ ଗାନ୍ଧିଜୀଙ୍କର କିଛି ଅନିଷ୍ଟ ସାଧନ ହୋଇନାହିଁ । ୩୦ ଜାନୁୟାରୀ ସନ୍ଧ୍ୟାରେ ଯେତେବେଳେ ସେ ପ୍ରାର୍ଥନା ସଭାକୁ ଯାଉଥିଲେ ସେତେବେଳେ ଜଣେ ଦୁର୍ବୃତ୍ତ ତାଙ୍କୁ ଗୁଳିମାରି ହତ୍ୟାକଲା । ଜଣେ ବୀର, ଯୁଗ ପ୍ରବର୍ତ୍ତକ ମହାତ୍ମାଙ୍କୁ ଯେପରି ମରଣ ମିଳିବା କଥା ଗାନ୍ଧିଜୀଙ୍କୁ ସେପରି ମରଣ ପ୍ରାପ୍ତ ହୋଇଥିଲା । ଅବଶେଷରେ "ହା ରାମ" କହି ସେ ଦେହ ତ୍ୟାଗ କଲେ ।

--××○××--

**କୈଫିୟତ**

ପ୍ରେସର କେତେଗୋଟି ଅସୁବିଧା, ବିଶେଷତଃ ବିଶେଷଜ୍ଞ କର୍ମଚାରୀଙ୍କ ଅଭାବ ହେତୁ ଆମର ଅନୁମୋଦିତ ପ୍ରେସରୁ ମଗାଇ ଥିବା ଗୋଟିଏ ବୁକ ମେସିନ ତାରିଖ ୨୦-୪-୪୮ ରେ ପହଞ୍ଚିବା ଦିନ ସେଠାରୁ ଅମ ଉଦ୍ଦେଶ୍ୟରେ ପ୍ରେରିତ ହୋଇଥିଲେ ମଧ୍ୟ ନାନା କାରଣରୁ ଅଦ୍ୟାବଧି ଆମର ହସ୍ତଗତ ହୋଇ ନ ଥିବା ହେତୁ ପତ୍ରିକା ପ୍ରକାଶରେ ବିଳମ୍ବ ଘଟିଛି । ଏଥିପାଇଁ 'ନବରଙ୍ଗ'ର ପାଠକ ପାଠିକା ମାନଙ୍କଠାରେ କ୍ଷମାପ୍ରାର୍ଥନା କରୁଛୁ । ଏଣିକି ପତ୍ରିକା ଯଥାରୀତି ନିୟମିତ ପ୍ରକାଶ ପାଇ ସେ ଦିଗରେ ସଜାଗ ରହୁଛୁ !

ପରିଚାଳକ ନବରଙ୍ଗ ।

Digitized by srujanika@gmail.com

# ଯୁଗଧାରା

## ଶ୍ରଦ୍ଧାଞ୍ଜଳି

'ଯା' ପର 'ଲୋକ ହଜାର ଦୁଇହଜାର ବରଷ ପରେ ମାନବର କଲ୍ୟାଣ ପାଇଁ ମନ୍ତ୍ର ଧରେ ଅବତୀର୍ଣ୍ଣ ହୁଏ—

ଯିଏ ଅବତୀର୍ଣ୍ଣ ହୋଇ ଖାଲି ନିଜକୁ ନୁହେ ସେଥି ସଙ୍ଗେ ସଙ୍ଗେ ସମସ୍ତ ମାନବ ସମାଜକୁ ଆମର ସମସ୍ତ ଦୈନ୍ୟ ଦୁର୍ବଳତାର ଊର୍ଦ୍ଧ୍ୱକୁ ଉଠାଇ ନିଏ—

ଭଗବାନଙ୍କ ଅସରନ୍ତି କରୁଣ ଧାରା ବଣ୍ଟନ କରି ଦେବା ପାଇଁ ଯାର ଜନ୍ମ—

ଯାର ଜୀବନ ଏକ ବରିଷ୍ଠ କର୍ମର ଅବିଚ୍ଛିନ୍ନ ସଙ୍ଗୀତ । ଯାର ଜୀବନ-ଇତିହାସ ମାନବଜାତିର ସୁଖ-ସ୍ୱର୍ଗ ର ପ୍ରତି ଏକ ପ୍ରଶସ୍ତ ରାଜପଥ ରଚନାର ଗୌରବମୟ କାହାଣୀ—

ଯିଏ ଏହି ମରଲୋକର ହୋଇ ସୁଦ୍ଧା ପର ଅମର ଲୋକର । ମୃତ୍ୟୁ ଯାର କେବେ ହୁଏ ନାହିଁ-ମର ଯିଏ ହୁଏ ଅମର—

ଯିଏ ବର୍ତ୍ତମାନର ହୋଇ ସୁଦ୍ଧା ଅତୀତ ଯୁଗର ଏବଂ ଅନାଗତ ସୁଦୂର ଭବିଷ୍ୟତର -ଯିଏ ସର୍ବ ଯୁଗର, ସର୍ବଜାତିର ଓ ସର୍ବ ଦେଶର --

ଯାର ଧର୍ମ ମାନବତା—ଯିଏ ହିନ୍ଦୁର ହୋଇ ମଧ୍ୟ ମୁସଲମାନ ଓ ଖ୍ରୀଷ୍ଟାନର; ଯିଏ ସର୍ବ ଗୋଷ୍ଠୀର, ସର୍ବ ସମ୍ପ୍ରଦାୟର ଓ ସର୍ବ ଧର୍ମର —

ଯିଏ ନିରସ୍ତ୍ର ହୋଇ ମଧ୍ୟ ପର ସଶସ୍ତ୍ର; ଅକିଞ୍ଚନ ହୋଇ ମଧ୍ୟ ବିଭବବାନ୍; ଯାର ପ୍ରେମର ସିଂହାସନ ଅଗଣିତ ନରନାରୀର ହୃଦୟ ରାଜ୍ୟରେ ପ୍ରତିଷ୍ଠିତ—

ଯିଏ ନିଷ୍ପେଷିତ, ପୀଡ଼ିତ, ପଦଦଳିତ ମାନବ ଗୋଷ୍ଠୀର—ଯାର ନିଜସ୍ୱ କିଛି ବ୍ୟଥା ବେଦନା ନାହିଁ; ଯାର ବେଦନାରେ ସମସ୍ତ ବିଶ୍ୱମାନବର ବେଦନା ହୁଏ ପ୍ରତିଫଳିତ

'ଝଙ୍କାର' ସେହି ମହୀୟାନ୍ ଆତ୍ମାକୁ ଶ୍ରଦ୍ଧାଞ୍ଜଳି ଜଣାଉଛି ।

ମହାତ୍ମା ଗାନ୍ଧୀ,

ଜାନୁୟାରୀ ୩୦ ତାରିଖରେ ଏ ଯୁଗର ସର୍ବଶ୍ରେଷ୍ଠ ମହାମାନବ ଆମକୁ ଛାଡ଼ି ଚାଲିଗଲେ । ଜଣକର ଖିଆଲବଶତଃ କୋଟି କୋଟି ଲୋକର ଯିଏ ଥିଲେ ଶ୍ରଦ୍ଧା ଓ ଭକ୍ତିର ପାତ୍ର, ଯିଏ ଅଗଣିତ ନରନାରୀଙ୍କୁ ଆଶା, ପ୍ରେରଣା, ଉତ୍ସାହ ଓ ସାନ୍ତ୍ୱନା ଯୋଗାଇ ଆସିଥିଲେ, ତାଙ୍କ ମର ଦେହ ଧୂଳିରେ ମିଶିଗଲା । ଏହି ଦୁନିଆରେ ଲକ୍ଷ ଲକ୍ଷ ହିଟଲର ଓ ଚର୍ଚ୍ଚିଲ ଆସିବେ ଓ ଯିବେ । କିନ୍ତୁ ଜଣେ ଗାନ୍ଧୀଙ୍କୁ ପାଇବା— ସେ ତ ସହଜ କଥା ନୁହେ ! ଆମ ପରେ ଯେଉଁ-ମାନେ ଆସିବେ, ସେମାନଙ୍କୁ ହୁଏତ ବିଶ୍ୱାସ କରିବାକୁ କଠିନ ହେବ ଯେ, ଏହିପରି ଏକ ମାନବ ରକ୍ତ ମାଂସର ଶରୀର ଧରି ଏହି ଧୂଳି ଧରଣୀ ଉପରେ ପଦଚାରଣା କରୁଥିଲେ !

ଗାନ୍ଧିଜୀର ମରଦେହ ଭସ୍ମରେ ପରିଣତ ହୋଇଛି କିନ୍ତୁ ତାଙ୍କର ଅମର ଆତ୍ମା ତ କେବେ ମରିବ ନାହିଁ ! ଯେଉଁ ନିଃସ୍ୱାର୍ଥ ସେବା-ଧର୍ମର ପବିତ୍ର ମନ୍ଦାକିନୀ ଧାରା ସେ ଢାଳି ଏହି ମାଟିରେ ବୁହାଇଦେଇ ଯାଇଛନ୍ତି, ତାହାହିଁ ତାଙ୍କୁ କେବଳ ପରବର୍ତ୍ତୀ ଯୁଗମାନଙ୍କରେ ନୁହେଁ ହଜାର ହଜାର ବରଷ ପରେ ମଧ୍ୟ ଜୀଆଇଁ ରଖିବ । ତାଙ୍କ ଜୀବିତ କାଳରେହିଁ ଲୋକେ ତାଙ୍କୁ ବୁଦ୍ଧ ଓ ଯୀଶୁଖ୍ରୀଷ୍ଟ ସଙ୍ଗେ ତୁଳନା କରୁଥିଲେ । ସେ ତୁଳନା ପରମ ନାସ୍ତିକର ମଧ୍ୟ ସନ୍ଦେହ ରହିଲା ନାହିଁ ଯେ, ଏ ଯୁଗର ବୁଦ୍ଧ,

Digitized by srujanika@gmail.com

ଏ ଯୁଗର ଯୀଶୁଖ୍ରୀଷ୍ଟ ଆମକୁ ଛାଡ଼ି ଚାଲିଗଲେ। ଦୁଇ ହଜାର ବରଷ ଆଗେ ଯୀଶୁଖ୍ରୀଷ୍ଟ ଶାନ୍ତି ଓ ପ୍ରେମର ବାଣୀ ପ୍ରଚାର କରିଥିଲେ। ତାଙ୍କୁ ଶେଷରେ କ୍ରୁଶବିଦ୍ଧ ହେବାକୁ ହେଲା। ଦୁଇହଜାର ବରଷ ପରେ ମହାତ୍ମାଜୀଙ୍କ ଉପରେ ପୁଣି ଶାନ୍ତି ଓ ମୈତ୍ରୀର ବାଣୀ ପ୍ରଚାର କରିବା ପାଇଁ ଭାର ପଡ଼ିଲା। ତାଙ୍କୁ ମଧ୍ୟ ସେହି ଏକ ପରିଣାମ ଭୋଗ କରିବାକୁ ପଡ଼ିଲା! ଗାନ୍ଧିଜୀ ଜୀବନର ସବୁଠାରୁ ବଡ଼ କାମ ଯୁଧ୍ୟମାନ ଦୁଇଟି ସମ୍ପ୍ରଦାୟ ଭିତରେ ଭ୍ରାତୃଭାବ ଫେରାଇ ଆଣିବାର ଚେଷ୍ଟା—ହୁଏତ ଏହା ସ୍ୱାଧୀନତା ଅର୍ଜନଠାରୁ ବି ବଡ଼। ଏହି ଚେଷ୍ଟା କେତେଦୂର ସଫଳ ହୋଇଛି ବା ହେବ ପରବର୍ତ୍ତୀ ଯୁଗ ତାହାର ବିଚାର କରିବ। କିନ୍ତୁ ଏହି ସାମ୍ପ୍ରଦାୟିକତାର ବିଷବହ୍ନି ଲିଭାଇବାକୁ ଯାଇ ମହାତ୍ମାଜୀଙ୍କୁ ଯେ ତାଙ୍କ ଅମୂଲ୍ୟ ଜୀବନ ଉତ୍ସର୍ଗ କରିବାକୁ ପଡ଼ିଲା, ଏହା ଚିରଦିନ ପାଇଁ ଗାନ୍ଧିଜୀଙ୍କ ମହତ୍ତ୍ୱହିଁ ଘୋଷଣା କରି ଚାଲିବ।

ନିରକ୍ଷର, ନିରସ୍ତ୍ର ଚାଳିଶ କୋଟି ନରନାରୀ ମନରେ ଆତ୍ମ-ପ୍ରତ୍ୟୟ ଓ ଆତ୍ମ ସମ୍ମାନ ବୋଧ ଆଣି-ଦେବା—ଏହା ତ କେତେଟି ବର୍ଷ ମାତ୍ରର କାମ ନୁହେ। ଏହା ଶତାବ୍ଦୀବ୍ୟାପୀ ଚେଷ୍ଟା ଫଳରେ ସମ୍ଭବ ହେଲେ ହୁଅନ୍ତା। ସେମାନଙ୍କୁ ପୁଣି ସ୍ୱାଧୀନତା ସଂଗ୍ରାମର ସୈନିକ ତିଆରି କରି ପୃଥିବୀର ସର୍ବଶ୍ରେଷ୍ଠ ଶକ୍ତି ହାତରୁ ବିନା ରକ୍ତପାତରେ ସ୍ୱାଧୀନତା ଛଡ଼ାଇ ଆଣିବା କାମ—ଏହା ବି ତ ସହଜ ନୁହେ! କେବଳ ଏତିକି କରିଥିଲେ ବି ଗାନ୍ଧିଜୀଙ୍କ ନାମ ଇତିହାସରେ ଅମର ହୋଇ ରହନ୍ତା। କିନ୍ତୁ ଗାନ୍ଧିଜୀ କେବଳ ରାଜନୀତିକ ନେତା ନୁହନ୍ତି। ରାଜନୀତିର ବହୁ ଊର୍ଦ୍ଧ୍ୱରେ ତାଙ୍କର ଆସନ। ବୁଦ୍ଧ ଓ ଯୀଶୁଖ୍ରୀଷ୍ଟଙ୍କ ପରି ସେ ଦେଶ ଓ ଜାତିର ସୀମାରେଖା ପାର ହୋଇ କେତେଜଣ ଜାଗ୍ରତ ବନ୍ଧୁ ମାନବଙ୍କ ସଙ୍ଗେ ନିଜ ଆସନ ପାଇଛନ୍ତି। ଗାନ୍ଧିଜୀଙ୍କ ମୃତ୍ୟୁ କେବଳ ଭାରତର ନୁହେଁ, ଏହା ସମଗ୍ର ମାନବ ଜାତିର ଅପୂରଣୀୟ କ୍ଷତି।

ଚାରିଆଡ଼େ ଯେତେବେଳେ ହିଂସା, ଦ୍ୱେଷ ଓ ଈର୍ଷାର ଅନ୍ଧାର ପୃଥିବୀକୁ ଛାଇ ରହିଛି, ସେତେବେଳେ ଗୋଟିଏ କ୍ଷୁଦ୍ର ପ୍ରଦୀପ ସେବାଗ୍ରାମରେ ଜଳୁଥିଲା। ହିଂସା ଓ ପ୍ରତିହିଂସାର ବନ୍ୟାରେ ସାରା ମାନବ ଜାତି ଯେତେବେଳେ ପଥଭ୍ରଷ୍ଟ ହେଲା ଭଳି ଜଣା ପଡ଼ୁଥିଲା ସେତେବେଳେ ଜଣକଠାରୁହିଁ ମହାମନ୍ତ୍ର ଉଚ୍ଚାରିତ ହେଉଥିଲା। ସେହି ଜରାଜୀର୍ଣ୍ଣ, କ୍ଷୀଣ, କମ୍ପମାନ କଣ୍ଠ ଚିରଦିନ ପାଇଁ ଶାନ୍ତ ହୋଇ ଯାଇଛି। ଯେପରି ଅଟଳ କୈଳାସର ଅଚଳ ହିମାଳୟ ଅପ୍ରାକୃତିକ ଭାବରେ ଖସି ପଡ଼ୁଛି। କିନ୍ତୁ ଗାନ୍ଧିଜୀର ବାଣୀ କେବେ ମ୍ରିୟମାଣ ହେବାର ନୁହେ। ପଚାଶ ବରଷ ଧରି ସେହି ବାଣୀ ଦୃଢ଼ ଗଳାରେ ଭାରତକୁ ଏବଂ ଭାରତର ଜରିଆରେ ସମସ୍ତ ପୃଥିବୀକୁ ସଠିକ ପଥର ସନ୍ଧାନ ଦେଇ ଆସିଥିଲା। ହଜାର ହଜାର ବରଷ ପରେ ମଧ୍ୟ ସେହି ବାଣୀ ମାନବ ସମାଜକୁ ସତ୍ୟର ଦିଗକୁ, ଆଲୋକର ଦିଗକୁ, ଜ୍ୟୋତିର ଦିଗକୁ ଆହ୍ୱାନ କରି ଚାଲିବ।

ଗାନ୍ଧିଜୀର ମୃତ୍ୟୁରେ ପତିତ ଯେଉଁମାନେ, ପୀଡ଼ିତ ଯେଉଁମାନେ, ଦଳିତ ଯେଉଁମାନେ ସେମାନେ ସେମାନଙ୍କର ସର୍ବଶ୍ରେଷ୍ଠ ବନ୍ଧୁ ହରାଇଲେ। ଦଳିତ ଓ ପତିତର ଏତେ ବଡ଼ ମିତ୍ର ପୃଥିବୀରୁ ସାରା ଇତିହାସ ଖୋଜି ବାହାର କରିବା କଠିଣ। ଏହିମାନଙ୍କ ପାଇଁ ତ ତାଙ୍କ ଅମୂଲ୍ୟ ଜୀବନର ପ୍ରତ୍ୟେକଟି ମୁହୂର୍ତ୍ତ ଉତ୍ସୃଷ୍ଟ ହୋଇଥିଲା!

ଏହି ପୃଥିବୀରେ ଶକ୍ତିରହିଁ ରାଜୁତି ଚାଲୁଥିଲା। ଦୁର୍ବଳ ଯେଉଁମାନେ, ନିରସ୍ତ୍ର ଯେଉଁମାନେ, ଯେଉଁମାନେ ଜୀବନର ମୌଳିକ ଅଧିକାରରୁ ବଞ୍ଚିତ ସେମାନଙ୍କର ସ୍ଥାନ ଏଠାରେ କେଉଁଠାରେ ଥିଲା? ହଠାତ୍ ସବୁଠାରୁ ଦୁର୍ବଳ ଏକ ମାନବ ସବୁଠାରୁ ଶକ୍ତିମାନ୍ ଅସ୍ତ୍ର ଆବିଷ୍କାର କଲେ। ସେହି ଅସ୍ତ୍ର ଆଟମିକ ବୋମା ପରି ମାରାତ୍ମକ ନୁହେଁ, କିନ୍ତୁ ଆଟମିକ ବୋମାଠାରୁ ଶକ୍ତି-ଶାଳୀ। ଗାନ୍ଧିଜୀର ଅହିଂସା-ପ୍ରତିରୋଧ-ମନ୍ତ୍ର କେବଳ ଭାରତ-

Digitized by srujanika@gmail.com

ଟାୟୁକୁ ନୂଚେ ଦକ୍ଷିଣ ଆଫ୍ରିକାର କାଫ୍ରିଠାରୁ ଆରମ୍ଭ କରି ଆମେରିକାର ନିଗ୍ରୋ ପର୍ଯ୍ୟନ୍ତ ପୃଥିବୀର ସମସ୍ତ ଦୁର୍ବଳ ଜାତିକୁ ଅଗ୍ରାପଣୀୟ ଆଶାର ଅନୁଦ୍ଘାଟିତ ଦ୍ୱାର ଖୋଲି ଦେଇ ଯାଇଛନ୍ତି ।

ଏହି ଯୁଗ—ଯେଉଁ ଯୁଗର ଧର୍ମ ହୋଇଛି ଏକ ମାରଣାସ୍ତ୍ରଠୁ ଅଧିକ ଭର ମାରଣାସ୍ତ୍ରର ଆବିଷ୍କାର--ଏହି ଯୁଗ ସମସ୍ତ ମାନବ ସମାଜକୁ ଅନିବାର୍ଯ୍ୟ ଧ୍ୱଂସର ମୁଖକୁ ଟାଣି ନେଇ ଯାଉଛି । ନିଜ ଜୀବନରେ ସତ୍ୟ ଓ ଅହିଂସା-ବ୍ରତର ଜୟ ଗାନ୍ଧିଜୀ ଦେଖି ଯାଇଛନ୍ତି; ତଥାପି ଏହି ଜୟକୁ ସାମୟିକ ଛଡା ଅନ୍ୟ କିଛି କୁହାଯାଇ ନ ପାରେ । ଗାନ୍ଧିଜୀର ଅହିଂସା-ବ୍ରତ ତାର ବିଶାଳ ଅଗ୍ନି ପରୀକ୍ଷା ପାର ହୋଇଛି କି ନାହିଁ, ଏ ବିଷୟରେ ଅନେକର ସନ୍ଦେହ ହୋଇପାରେ । ଯେଉଁ ଆଦର୍ଶ - ଅର୍ଥାତ୍ ସାରା ପୃଥିବୀରେ ଧର୍ମ ରାଜ୍ୟର ପ୍ରତିଷ୍ଠା ପାଇଁ ଗାନ୍ଧିଜୀ ଆଜୀବନ ଚେଷ୍ଟା ଚଳାଇଥିଲେ, ସେହି ଆଦର୍ଶର ପ୍ରତିଷ୍ଠା ଗାନ୍ଧିଜୀ ନିଜ ଜୀବନରେ ଦେଖି ଯାଇ ପାରିଲେ ନାହିଁ । ଏଠାରେ ଏତେ ଅସତ୍ୟ, ଏତେ ହିଂସା, ଏତେ କଳହ ରହିଛି, ଯାହା ଆମମାନଙ୍କ ଭିତରେ ରହି ବୋଲି ବାପୁଜୀ ଚାହାନ୍ତେ ନାହିଁ । ପ୍ରତ୍ୟେକ ମହାପୁରୁଷ ପରି ଗାନ୍ଧିଜୀ ନିଜ ଯୁଗର ବହୁ ଆଗରେ ଜନ୍ମଗ୍ରହଣ କରିଥିଲେ । ତାଙ୍କୁ ବରଣ କରିବା ପାଇଁ ଏହି ପୃଥିବୀ ପ୍ରସ୍ତୁତ ହୋଇନାହିଁ । ତେଣୁ ଏହି ହିଂସାର ଝଡଝଞ୍ଜାରେ ସତ୍ୟ ଓ ଅହିଂସାର ପ୍ରଦୀପଟି ଲିଭିଗଲା ପରି ଜଣା ପଡୁଛି । ତଥାପି ଏହା ଖୁବ୍ ସୁସ୍ପଷ୍ଟ ଯେ, ଯଦି ମାନବ ଜାତି ତିଷ୍ଠିବାକୁ ଚାହେ ଚାହାନ୍ତେ ତାର ଗାନ୍ଧୀୟ ନୀତି ଓ ଗାନ୍ଧୀୟ ପନ୍ଥା ଅନୁସରଣ କରିବା ଛଡା ଅନ୍ୟ ଉପାୟ ନାହିଁ ।

** କ୍ଷମାଭିକ୍ଷା :-**

ବାପୁଜୀଙ୍କ ପ୍ରତି ଶ୍ରଦ୍ଧା ଓ ଭକ୍ତିର ନିଦର୍ଶନ ସ୍ୱରୂପ ଆମର ଅନେକ ସହୃଦୟ ଲେଖକ ଲେଖିକା ଏ ସଂଖ୍ୟା ପାଇଁ ପ୍ରବନ୍ଧାଦି ପଠାଇ ଥିଲେ । କିନ୍ତୁ ସ୍ଥାନାଭାବରୁ ସେ ସମସ୍ତ ପ୍ରକାଶିତ ହୋଇ ପାରିଲା ନାହିଁ । ସେଥିପାଇଁ ଆମେ ଆନ୍ତରିକ ଦୁଃଖିତ ଓ ଆମର ଏହି ଅକ୍ଷମତା ପାଇଁ କ୍ଷମାଭିକ୍ଷା କରୁଛୁ !

ସମାପ୍ତ

Printed & Published by Ganga Prasad Panda at the Kalamandal Printing Press
Balangir Patna.

Digitized by srujanika@gmail.com

## ନିୟମାବଳୀ

(୧) ଚତୁରଙ୍ଗ ପ୍ରତ୍ୟେକ ଓଡ଼ିଆ ମାସର ପ୍ରଥମ ଦିନ ପ୍ରକାଶିତ ହେବ । ଲେଖକମାନଙ୍କୁ ଅନୁରୋଧ ଯେ ନିଜ ନିଜର ରଚନା କାଗଜର ଗୋଟିଏ ପାଖରେ ପରିଷ୍କାର ଭାବେ ଲେଖିବେ ।

(୨) କୌଣସି ପ୍ରବନ୍ଧ ବା ରଚନା ସାଧାରଣତଃ ଚତୁରଙ୍ଗର ୬ ପୃଷ୍ଠାରୁ ଅଧିକ ନ ହେବା ବାଞ୍ଛନୀୟ । ଉପଯୁକ୍ତ ଡାକ ଟିକଟ ଯୋଗାଇଲେ ଅମନୋନୀତ ରଚନା ଫେରସ୍ତ ଦିଆଯିବ । ଅମନୋନୀତ ରଚନା ପାଇଁ ସମ୍ପାଦକ କୌଣସି କାରଣ ଦର୍ଶାଇବାକୁ ବାଧ୍ୟ ନୁହନ୍ତି ।

(୩) କେବଳ ରଚନା ସମ୍ପାଦକଙ୍କ ପାଖକୁ ପଠାଇ ଚାନ୍ଦା, ଗ୍ରାହକ, ବିଜ୍ଞାପନ ଇତ୍ୟାଦି ଯାବତୀୟ ପରିଚାଳନା ସମ୍ପର୍କୀୟ ବିଷୟରେ ପରିଚାଳକ 'ଚତୁରଙ୍ଗ'କୁ ଲେଖିବେ ।

(୪) ପରେ ଆଦାନ ପ୍ରଦାନର ସୁବିଧା ପାଇଁ ସ୍ୱ ପ୍ରବନ୍ଧ ଆଦିରେ ଆପଣା ଆପଣା ନାମ ସହିତ ଠିକଣା ଲେଖିବା ପାଇଁ ଲେଖକ ଲେଖିକା ମାନଙ୍କୁ ଅନୁରୋଧ ।

(୫) କେହି "ଚତୁରଙ୍ଗ" ସମ୍ବନ୍ଧୀୟ କୌଣସି ବିଷୟ ଜାଣିବାକୁ ଇଚ୍ଛାକଲେ ରିପ୍ଲାଇକାର୍ଡ଼ କିମ୍ବା ୧୦/୬ ପାଇର ଡାକଟିକଟ ପଠାଇବେ । ତାହା ନ ହେଲେ, ଆମ୍ଭେ କୌଣସି ଉତ୍ତର ଦେଇ ପାରିବୁ ନାହିଁ ।

ସମ୍ପାଦକ
'ଚତୁରଙ୍ଗ'
ବଲାଂଗିର

## ବିଜ୍ଞାପନ

୧—ଚତୁରଙ୍ଗର ଦ୍ୱିତୀୟ ବର୍ଷ ବାର୍ଷିକ ମୂଲ୍ୟ ସଡ଼ାକ ୧୬୦ ଷାଣ୍ମାସିକ ମୂଲ୍ୟ ୧।୦ ମାତ୍ର । ପ୍ରତ୍ୟେକ ସଂଖ୍ୟାର ମୂଲ୍ୟ ୧୦ ୬/ ମାତ୍ର । ଗ୍ରାହକ ଚାନ୍ଦା ଅଗ୍ରିମ ଦେୟ ।

୨—ଚତୁରଙ୍ଗର ପ୍ରଥମ ଓ ସପ୍ତମ ସଂଖ୍ୟାରୁ ନୂତନ ଗ୍ରାହକ ଗ୍ରହଣ କରାଯାଏ

୩—ଗ୍ରାହକ ଇଚ୍ଛା କଲେ ଭି. ପି. ରେ ମଧ୍ୟ ପଠାଇ ଦିଆଯିବ

୪—ବିଜ୍ଞାପନ ହାର ସମ୍ବନ୍ଧରେ ପରିଚାଳକଙ୍କୁ ପତ୍ର ଲେଖିବେ ।

୫—ଯେଉଁମାନେ ବିଜ୍ଞାପନ ଦେବେ ନିଜର ବ୍ଲକ ଦେବାକୁ ଚାହିଁଲେ ବ୍ଲକ ମଧ୍ୟ ପଠାଇବେ । ଉପଯୁକ୍ତ ଡାକ ଖର୍ଚ୍ଚ ପଠାଇ ବ୍ଲକ ଫେରସ୍ତ ନେଇ ପାରିବେ । ବ୍ଲକ ଭାଙ୍ଗିଗଲେ ପରିଚାଳକ ଦାୟୀ ନୁହନ୍ତି ।

୬—କୌଣସି କାରଣ ବଶତଃ ଗ୍ରାହକ ଯଥା ସମୟରେ 'ଚତୁରଙ୍ଗ' ନ ପାଇଲେ ଗ୍ରାହକ ନମ୍ବର ସହ ପରିଚାଳକଙ୍କୁ ଜଣାଇବେ ।

୭—ଅଳ୍ପଦିନ ପାଇଁ ସ୍ଥାନାନ୍ତରକୁ ଗଲେ ସ୍ଥାନୀୟ ପୋଷ୍ଟ ଅଫିସକୁ ଏବଂ ବହୁଦିନ ପାଇଁ ଗଲେ ଆମ୍ଭ ଅଫିସକୁ ଜଣାଇଲେ ଗ୍ରାହକ ଗ୍ରାହିକା ମାନେ 'ଚତୁରଙ୍ଗ' ସତ୍ୱର ପାଇ ପାରିବେ ।

ପରିଚାଳକ
'ଚତୁରଙ୍ଗ'

Digitized by srujanika@gmail.com

# ଚତୁରଙ୍ଗ

ଓଡ଼ିଶା ସରକାରଙ୍କ ପତ୍ର ନଂ ୫୧୬-ଆର୍ ତା ୩-୨-୧୯୬୭ ମତେ
'ଚତୁରଙ୍ଗ'
ଶିକ୍ଷା ବିଭାଗୀୟ ପ୍ରତ୍ୟେକ ଅନୁଷ୍ଠାନ ପାଇଁ
ଗୃହୀତ ହୋଇଛି

## ସୂଚୀ


| ବିଷୟ | | ଲେଖକମାନଙ୍କ ନାମ | ପୃଷ୍ଠା |
|---|---|---|---|
| ୧ ନିଷ୍ଠା | ପଦ୍ୟ | ଶ୍ରୀ ଲକ୍ଷ୍ମୀ ନାରାୟଣ ଗୁରୁ | ୪୫୦ |
| ୨ ମେକ୍ସିମ୍ ଗର୍କୀ | | ଶ୍ରୀ ଶୁକଦେବ ଶର୍ମା | ୪୫୧ |
| ୩ ପ୍ରତିଘାତ | ଗଳ୍ପ | ଶ୍ରୀ ସତ୍ୟନାରାୟଣ ରାଜଗୁରୁ | ୪୫୬ |
| ୪ ମଲ୍ଲାଇର ଶେଷରାଗ | ପଦ୍ୟ | ଶ୍ରୀ ଶ୍ରୀବତ୍ସ ନାୟକ | ୪୬୦ |
| ୫ ରାଧାନାଥଙ୍କ ଉଷା ଓ ଆଣ୍ଟଲଣ୍ଡାସ୍ ବେସ୍ | | ଶ୍ରୀ ବିନୋଦ ଚନ୍ଦ୍ର ନାୟକ | ୪୬୧ |
| ୬ ପଣ୍ଡିତ ଦାବୀ | ଗଳ୍ପ | ଶ୍ରୀ ବାଳ ଗୋପାଳ ପୁରୋହିତ | ୪୬୮ |
| ୭ ଗୁପ୍ତକଳା ଓ ତାର ବୈଶିଷ୍ଟ୍ୟ | | ଶ୍ରୀ ଜୟବିହାରୀ ମିଶ୍ର | ୪୭୨ |
| ୮ ସଂଖ୍ୟା ସ୍ୱପ୍ନ | ପଦ୍ୟ | ଶ୍ରୀ ସୂର୍ଯ୍ୟନାରାୟଣ ପାଢ଼ୀ | ୪୭୬ |
| ୯ ପ୍ରାକ୍ଟିକାଲ୍ ଇଶ୍ୱର (୨) | | ଶ୍ରୀ ଗୌର କୁମାର ବ୍ରହ୍ମା | ୪୭୬ |
| ୧୦ କଥା ଶିଳ୍ପୀ | ଗଳ୍ପ | ଶ୍ରୀ କମଳାକାନ୍ତ ମହାନ୍ତି | ୪୮୨ |
| ୧୧ ସାର୍ଥକ-କଥା | ପଦ୍ୟ | ଶ୍ରୀ ପ୍ରମଥନାଥ ମିଶ୍ର | ୪୮୮ |
| ୧୨ ସୁନାଫୁଲ | ନାଟିକା | ଶ୍ରୀ ନବକିଶୋର ଦାସ | ୪୮୮ |
| ୧୩ ପୂଜାରୀ | ଗଳ୍ପ | ଶ୍ରୀ ସିଦ୍ଧେଶ୍ୱର ହୋତା | ୪୯୩ |
| ୧୪ ସୂତ୍ରଧାର | | | ୪୯୬ |


Digitized by srujanika@gmail.com

## ବିଜ୍ଞପ୍ତି

ନାନା ବାଧାବିଘ୍ନ ଅତିକ୍ରମ କରି 'ଚତୁରଙ୍ଗ' ପୁଣି ପ୍ରକାଶିତ ହେଲା, ତା ପୁଣି ୨ୟ ବର୍ଷର ୧୧ଶ ଓ ୧୨ଶ ଯୁଗ୍ମ ସଂଖ୍ୟା ରୂପରେ, ଯାହାକି ଅନେକ ପାଠକମାନଙ୍କ ପ୍ରାୟ ଦୁଇବର୍ଷ ତଳେ ପାଇବାର ଥିଲା । ଯେଉଁ ଅସୁବିଧାର ସମ୍ମୁଖୀନ ହୋଇ ୨ୟ ବର୍ଷରେ ଆମେ ଦୁଇଟି ଯୁଗ୍ମ ସଂଖ୍ୟା ପ୍ରକାଶ କରିବାରେ ବାଧ୍ୟ ହୋଇଛୁଁ, ତାହା ଆମର ପାଠକ ପାଠିକାମାନଙ୍କୁ ବେଶ୍ ଜଣା, ଏଥିପାଇଁ ଆମେ ସେମାନଙ୍କୁ କ୍ଷମା ଭିକ୍ଷା କରୁଛୁଁ । ପରବର୍ତ୍ତୀ ସଂଖ୍ୟା ତୃତୀୟ ବର୍ଷର ୧ମ ସଂଖ୍ୟା ରୂପେ ଆସନ୍ତା ଫେବୃୟାରୀ ପ୍ରଥମ ସପ୍ତାହରେ ପ୍ରକାଶ ପାଇବ । ଯେଉଁ ସହୃଦୟ ଗ୍ରାହକମାନେ ୧ମ ସଂଖ୍ୟାରୁ ଗ୍ରାହକ ଶ୍ରେଣୀଭୁକ୍ତ ହୋଇଛନ୍ତି, ସେମାନଙ୍କୁ ଆମର ଅନୁରୋଧ ଯେ, ସେମାନେ ନୂତନ ବର୍ଷର ଦେୟ ଛଅ ଟଙ୍କା ମାତ୍ର ପରବର୍ତ୍ତୀ ସଂଖ୍ୟା ପ୍ରକାଶିତ ହେବା ପୂର୍ବରୁ ପ୍ରେରଣ କରି ଏତେ ଦିନ ଧରି ପ୍ରତିଷ୍ଠିତ ହୋଇଥିବା ସୌହାର୍ଦ୍ଦ୍ୟ ଅକ୍ଷୁଣ୍ଣ ରଖିବେ । ଯେଉଁମାନେ ଭି:ପି: ଯୋଗେ ପତ୍ରିକା ପଠାଇବାକୁ ଲେଖିବେ କେବଳ ସେହିମାନଙ୍କୁ ଭି:ପି: ଯୋଗେ ପଠାଇ ଦିଆଯିବ, ଅନ୍ୟମାନଙ୍କୁ ନୁହେ । କାରଣ ତଦ୍ୱାରା ଆମେ କ୍ଷତିଗ୍ରସ୍ତ ହୋଇଥାଉଁ ।

ପରିଚାଳକ,
"ଚତୁରଙ୍ଗ"

## ସଂକ୍ଷିପ୍ତ କୈଫିୟତ

ଚତୁରଙ୍ଗର ପ୍ରକାଶ ନିମନ୍ତେ ଆମ୍ଭେ ଗତ ତା ୯ । ୧୧ । ୪୯ ଇ: ଦିନ ବଲାଙ୍ଗିର ଜିଲ୍ଲା ମାଜିଷ୍ଟ୍ରେଟଙ୍କ ପାଖରେ ଡିକ୍ଲେରେସନ (Declaration) ଉପସ୍ଥାପିତ କରିଥିଲୁଁ । କିନ୍ତୁ ସେ ପାଞ୍ଚଶହ ଟଙ୍କା ଅମାନତ ଦାବି କଲେ । ସୁତରାଂ ଗତ ତା ୨ । ୧୨ । ୪୯ ଇ: ଦିନ ଡିକ୍ଲାରେସନର ବିଶଦ ବ୍ୟାଖ୍ୟା କରି ଅମାନତ ଟଙ୍କାରୁ ଅବ୍ୟାହତି ହେବା ନିମନ୍ତେ ଦରଖାସ୍ତ କଲୁଁ କିନ୍ତୁ ତଥାପି ସେ ଅମାନତ ଟଙ୍କା ଦାବି ଛାଡ଼ି ପାରି ନ ଥିଲେ । ଏ ବିଷୟରେ ଆମ୍ଭେ ସଂପୂର୍ଣ୍ଣ ଅନଭିଜ୍ଞ ଥିବାରୁ ପରାମର୍ଶ ଦେବାପାଇଁ ଓଡ଼ିଶାର ପ୍ରାୟ ସମସ୍ତ ପତ୍ର ପତ୍ରିକାର ସଂପାଦକ, କେତେକ ସଂବାଦ-ପ୍ରତିଷ୍ଠାନ ଓ ବ୍ୟବସ୍ଥାସଭାର କେତେକ ସଭ୍ୟଙ୍କୁ ଅନୁରୋଧ କରିଥିଲୁଁ । କେତେକେ ନିଜ ନିଜର ପତ୍ରିକାର ମାଧ୍ୟମରେ କେତେକେ ବା ସ୍ୱତନ୍ତ୍ର ପତ୍ର ପ୍ରଦାନ କରି ଅମାନତ ଟଙ୍କା ଦେବା ବିପକ୍ଷରେ ପରାମର୍ଶ ଦେଲେ । ସୁତରାଂ ଗତ ତା ୧୯ । ୧୨ । ୪୯ ଇ:ର ଦରଖାସ୍ତରେ ଆମ୍ଭେ ଜିଲ୍ଲା ମାଜିଷ୍ଟ୍ରେଟଙ୍କୁ ପରିଷ୍କାର ଭାବେ ଜଣାଇ ଦେଇଥିଲୁଁ ଯେ କୌଣସି ପ୍ରକାର ଜାମିନ ଦେବାକୁ ଆମ୍ଭେ ଆଦୌ ପ୍ରସ୍ତୁତ ନୋହୁଁ ଓ ସେ ତାଙ୍କର ଶେଷ ସିଦ୍ଧାନ୍ତ ଆମ୍ଭଙ୍କୁ ଜଣାଇ ଦିଅନ୍ତୁ । ଫଳରେ ଜିଲ୍ଲା ମାଜିଷ୍ଟ୍ରେଟ ତା ୨୫ । ୧୨ । ୪୯ ଇ: ଦିନ ଆମ୍ଭଙ୍କୁ ନିଜ ବାସଭବନକୁ ଡକାଇ ନେଇ ଅନ୍ୟ ଗୋଟିଏ ନୂତନ ଡିକ୍ଲାରେସନ ଉପସ୍ଥାପିତ କରିବାକୁ ପରାମର୍ଶ ଦେଲେ । ଆମ୍ଭେ ତଦନୁସାରେ ଡିକ୍ଲାରେସନ ଦେଇ ଆଜି 'ଚତୁରଙ୍ଗ' ପ୍ରକାଶ କଲୁଁ ।

ଯେଉଁ ପତ୍ର ପତ୍ରିକା ଓ ସଂପାଦକଗଣ ଆମ୍ଭଙ୍କୁ ସହାନୁଭୂତି ଦେଖାଇ ସତ୍ ପରାମର୍ଶ ଦେଇଥିଲେ ସେମାନଙ୍କୁ ଆମ୍ଭେ ଆନ୍ତରିକ କୃତଜ୍ଞତା ଜ୍ଞାପନ କରୁଛୁଁ ।

ତା ୨[illegible] । ୧୨ । ୪୯

ଶ୍ରୀ ପରମେଶ୍ୱର ତ୍ରିପାଠୀ
ମୁଦ୍ରାକର ଓ ପ୍ରକାଶକ,
ଚତୁରଙ୍ଗ

Digitized by srujanika@gmail.com

# ଚତୁରଙ୍ଗ

ନାଟ୍ୟ-ସଙ୍ଗୀତ-ତତ୍ତ୍ୱଜ୍ଞାଃ ଯେ ସାହିତ୍ୟ-ବିଶାରଦାଃ ।
କଳାସୁ କୁଶଳାଃ ସର୍ବେ ମହୀୟନ୍ତାଂ ମହୀତଳେ ॥

ଦ୍ୱିତୀୟବର୍ଷ * ଚୈତ୍ର ଓ ବୈଶାଖ ସଂକ୍ରାନ୍ତି; ମୀନ ଓ ମେଷ * ଏକାଦଶ ଓ ଦ୍ୱାଦଶ ସଂଖ୍ୟା


## ନିଷ୍ଠା


ଶ୍ରୀ ଲକ୍ଷ୍ମୀନାରାୟଣ ଗୁଣ୍ଡ


ଫୁଟା ଫଗୁଣର    ମଧୁର ଗୋଧୂଳି ସାଥୀ
ପାଲଟିଛି ଆଜ    ବିରସେ ଘନ ଅମାରାତି,
ସାରସ ପୂରିତ
ସରସୀ ତୁରିତ
ରଂଜିତ କା'ର    ନିର୍ମମ ଅଭିସାରେ,
କଜ୍ଜଳ ବରନ    ଗଭୀର ତିମିର ଧାରେ । ୧ ।

ଝରା ଶେଫାଳୀର    ମଉଳି ପଡ଼ୁଛି ଶିଖା,
ଚକୋର କାନ୍ଦୁଛି    ବିଷାଦିତ ବୁକୁ ଚିରି,
ଆସି ଥରେ ଶଶି
ଚାଲ ହସି ହସି
ପିପାସିତ ମୁଖେ    ଜୋଛନା ପୀୟୂଷ ଧାରା,
ଝଳ ଉଠୁ ମୋର    ମଳିନ-ଜୀବନ-ତାରା । ୨ ।

ରଜନୀ ଗନ୍ଧା    ରଖିଛି ନୟନେ ପାଣି
ନ ଦେଖି ତୁମର    ଶାନ୍ତ ମୋହନ ଠାଣି,
ବିଷାଦର ଗୀତ
ଦେଲଣି ଲଗାଇ
ଏଇ ମୋ' ସରସୀ    ସରଳ ତରଳ - ହାସ
ଗଲାଣି ଉଭେଇ    ମଧୁର ପୀରତି - ଶ୍ୱାସ । ୩ ।

ମିଳନର ପଛେ    ବିଚ୍ଛେଦ ବିଷଭରା
ତୁମ ଅନାଘାତେ    ମନେହୁଏ ସୁଧାଝରା,
ଅତୀତ ସୋହାଗ
ସୁଖ ଅନୁରାଗ,
ସବୁ କଥା ଏବେ    କହେଁ ମୋ ଜପାମାଳ
ମୁକ୍ତ ମାନସେ    ତୁମରି ମୂରତି ଭାଳ । ୪ ।

ଦୀପ୍ତ ତାରକା    ଶାନ୍ତ ଗଗନେ ରହି
ଦେଉଛି ମଞ୍ଜନେ    ତୁମ ରୂପ ରେଖ କହି,
ବେଦନାର ଗୀତେ
ବିରହର ତାପେ
ହେଉଛି ଶୀର୍ଣ୍ଣ    କୋମଳ ଜୀବନ ଲତା,
ଲୋତକର ଭାରେ    ନଇଁ ପଡେ ଆଖିପତା । ୫ ।

ଝିଂକାରି ରବେ    ପବନ ପାଖୁଡ଼ା ଥରେ,
ପେଚକର ବାଣୀ    ବିପଦର ସୁର ଧରେ,
କ୍ଷୁବ୍ଧ ଲହରୀ
ସରସୀ ଆବରି
ଘନ ଅନ୍ଧାରେ    ପାଶେ ମୋର ଆସେ ଧାଇଁ
ମୃତ୍ୟୁ ସୂଚନା    ସତେକି ସେ ଦେବାପାଇଁ । ୬ ।

ଆସୁ ପଛେ ସଂଖ୍ୟା    ରୁଦ୍ର ବତାସ ଶତ,
ଘେର ଥାଉ ପଛେ    ଅମା - ନିଶା ଅବିରତ
ଯାଉ ପଛେ ଝଡ଼ି
ଏ' ଜୀବନ - କଳି
ତୁମ ମଧୁ ରୂପ    ଅତୁଳ ସେନେହ ଲଭେ
ଭୁଲିଯିବ ନାହିଁ    ଏଇ କୁମୁଦିନୀ କେବେ । ୭ ।

—xox—


Digitized by srujanika@gmail.com

# ମେକ୍ସିମ୍ ଗର୍କୀ

ଶ୍ରୀ ଶୁକଦେବ ଶର୍ମା

ମୋରେଲ ଧୀର କିନ୍ତୁ ଦୃଢ଼ ସ୍ୱରରେ କହିଲା, "ମୁଁ ଯେଉଁ ବହି ପଢ଼ୁଛି, ସେ ବହି ପଢ଼ିବା ମନା । ଏ ବହି ବେଆଇନ, କାରଣ ଏଥିରେ ଶ୍ରମିକମାନଙ୍କର ଜୀବନର ଖାଣ୍ଟି ଛବି ଅଂକା ହୋଇଛି । ଏ ବହି ଲୁଚେଇ କରି ଛପାହୁଏ । ...... ଆଜି ମୋ ହାତକୁ ଏ ବହି ଆସେ, ଏ କଥା ଯଦି ଜଣାପଡେ, ତା ହେଲେ ମୋତେ ଜେଲ ହେବ । ମୋତେ ଜେଲ ହେବ । ମୋର ଅପରାଧ, ମୁଁ ସତକଥା ଜାଣିବାକୁ ଚାହୁଁଛି ।"

ଏ କଥା ବି ଯେଉଁ ବହିରେ ଲେଖାଥିଲା ସେ ବହି ବହୁବର୍ଷ ଧରି ବେଆଇନ ଥିଲା, ତାହା ଲୁଚେଇ କରି ଛପା ହେଉଥିଲା, ଆଉ ସେ ବହି କେହି ରଖିଥିବାର ଜଣା ପଡ଼ିଲେ, ତାକୁ ଜେଲ ହେଉଥିଲା । ଯେଉଁ ସତକଥା କେବଳ ଜାର୍ ସରକାରକୁ ନୁହେଁ, ପୃଥିବୀର ବହୁ ସରକାରକୁ ଆତଙ୍କିତ କରିଥିଲା, ତାହା କେବଳ ନିର୍ଭୀକ ଭାବରେ ବର୍ଣ୍ଣନା କରିଥିଲା ଜନ ସାଧାରଣଙ୍କ ଜୀବନ, ସେମାନଙ୍କର ଦୁଃଖ ଦୁର୍ଦ୍ଦଶା...... ଆଉ ପ୍ରଶ୍ନ କରିଥିଲା, ଏ କୁତ୍ସିତ ବାୟୁ ମଣ୍ଡଳ କାହାର ସୃଷ୍ଟି, ଆଉ [illegible]କ ସନ୍ଧାନ ଦେଇଥିଲା ସମାଜର ସବୁରି ପାଇଁ ଉଜ୍ଜ୍ୱଳତର ଜୀବନର ପନ୍ଥା ।

ଗର୍କୀଙ୍କ ଯେତେବେଳେ ଜନ୍ମ ଖ୍ରୀ ୧୮୬୮ ସାଧ- ରୁଷ ଦେଶର ରୂପ ସେତେବେଳେ ଅନ୍ୟ ପ୍ରକାର ଥିଲା । ରୁଷରେ ଜାରଙ୍କର ଏକଚ୍ଛତ୍ର ଶାସନ, ଏକ ଦିଗରେ ରାଜପ୍ରସାଦରେ ଐଶ୍ୱର୍ଯ୍ୟର ଅନ୍ତ ନାହିଁ, ଅପର ଦିଗରେ ଜନ ସାଧାରଣ ଆଉ ମାନବତାର ସ୍ତରରେ ନ ଥିଲେ । "ହଜାର ହଜାର ଲୋକ ଗୋରୁଗାଈ ଭଳି ଜୀବନ କାଟି କ ଗର୍ବ କରନ୍ତି, ସେମାନେ ଅସ୍ତିତ୍ୱରେ ଅଛନ୍ତି ବୋଲି । କିନ୍ତୁ ଜୀବନରେ ଅଗ୍ରିମ କାହିଁ ବା କ୍ଷମାନଙ୍କର ? ଏବେ ପାଇଛି ଖାଇବେ, ଯାଇ ଶୋଇବେ । କାଲି ପାଇଛି ଖାଇବେ, ଯାଇ ଶୋଇବେ, ପରର ଦିନ ବି ଠିକ୍ ସେଇ କଥା ... ଦିନ ପରେ ଦିନ, ବରଷ ପରେ ବରଷ, ସେଇ ଏକା ରୁଟିନ୍ ...... କାମ କରିବେ ଖାଇବେ, ଖଟିବେ ଖାଇବେ । ଏଥିସଙ୍ଗେ ଅଣ୍ଡାବଚ୍ଚା କରି ଦିନେ ଆମଦାନି, ଦିନେ ଦିନ ତାଙ୍କୁ ଯୋଗା ଆମୋଦ । ତାପରେ ରୁଟିନ୍‌ରେ ପେଶି ହୋଇ କେ ପିଲାଙ୍କ ଉପରେ ରାଗ ଝାଡ଼ିବା, 'ଖାଲି ବସି ଅସୁର ଭଳି ଗେଲୁଛନ୍ତି, ଟିକେ ଟିକେ ବଡ଼ ହୋଇଯାଆନ୍ତେ, ମଣିଷଙ୍କୁ ପାଇଁ ପାଉଁରେ ଟିକିଏ ସାହାଯ୍ୟ ହୁଅନ୍ତେ, ତା ନାଇଁ' ଲିଲୁଆଙ୍କୁ ସେମାନେ ଭାରବାହୀ ପଶୁ କରି ଗଢ଼ନ୍ତି ! ପେଟପାଇଁ ଖଟନ୍ତି, ଜୀବନକୁ ଯୋଗୁ ଝାଡ଼ନ ପରି ଘୋଷାରି ଘୋଷାରି ଦିନାକେତେ ଟାଣନ୍ତି । ଆନନ୍ଦ ଉଚ୍ଛ୍ୱାସରେ କେବେ ସେମାନଙ୍କ ପ୍ରାଣ ଚଞ୍ଚଳ ହୋଇ ଉଠେନାହିଁ, ହୃଦୟ-ଦ୍ରାବୀ ଭାବ ଆବେଗରେ କେବେ-କେବେ ସେମାନଙ୍କର ବୁକୁର ସ୍ପନ୍ଦନ ଦ୍ରୁତ ହୁଏନାହିଁ । କିଏ ବା ଫକୀର ଭଳି ଭଣ୍ଡାର ଝୁଲି ସମ୍ବଳ କରି ବସେ, କିଏ ବା ଜୀବନ କଟାଏ ଚୋରଭଳି ଅପରର ଦ୍ରବ୍ୟ ଅପହରଣ କରି । ଚୋର ଦଣ୍ଡ ଦେବାର ନ୍ୟାୟ ଓ ଆଇନ କର୍ତ୍ତୃପକ୍ଷ ଗଢ଼ିଛନ୍ତି, ଲାଠି ଧରି ଜଗୁଛନ୍ତି, ସେମାନଙ୍କୁ କହୁଛନ୍ତି—'ଆମେ ଯେଉଁ ଆଇନ ଗଢ଼ିଛୁ, ତାକୁ ରକ୍ଷାକର ।' ଅତି ସୁବିଧାଜନକ ଆଇନ ଏହିସବୁ । ଜନସାଧାରଣଙ୍କର ରକ୍ତ ଶୋଷି ନେବାର ଅଧିକାର ଲାଗି ଏ ନ୍ୟାୟର ଯନ୍ତ୍ର ସକଳ ।" (ଗର୍କୀ—'ମା')

ଆପଣା ଜୀବନରେ ପଦେ ପଦେ ଯେଉଁ କରୁଣ ଅଭିଜ୍ଞତା ଦେଇ ଗର୍କୀ ତାଙ୍କର ଜୀବନ କଟାଇଥିଲେ, ଏହା ହିଁ ତାହାର ସର୍ବଶ୍ରେଷ୍ଠ ଛବି । ଗର୍କୀ ଶ୍ରମିକ ଓ କୃଷକମାନଙ୍କର ଦୁଃଖ ଦୁର୍ଦ୍ଦଶାର ଛବି ଅଙ୍କ-

Digitized by srujanika@gmail.com

ସନ୍ତୁଷ୍ଟ ନ ଥିଲେ । ତାଙ୍କୁ ପର୍ଯ୍ୟବେକ୍ଷଣ କରିଥିବାରୁ ସେ ତାଙ୍କର ସମସ୍ତ ଶକ୍ତି ନିୟୋଜିତ କରିଥିଲେ । ଗର୍କୀଙ୍କ ସମୟରେ ରୁଷିଆର କୃଷକ ଓ ଶ୍ରମିକ ମାନଙ୍କର ଜୀବନ ଅନ୍ଧକାରାଚ୍ଛନ୍ନ ଥିଲା, ଯାହାର ନଗ୍ନ ଚିତ୍ର ଅଶ୍ରୁସିକ୍ତ ହୋଇ ଉଠିଥାଏ, ଲେନିନ୍‌ଙ୍କ ପ୍ରତିଷ୍ଠିତ ସେ ମାନବ ଜାତି ନୂଆ ମାଟି ଉପରେ ସେମାନଙ୍କୁ ପୁନର୍ଗଠିତ କରିବାର କଳ୍ପନା କରୁଥିଲେ...... କାର୍ଲ ମାର୍କସଙ୍କର ଦର୍ଶନ ଜନସାଧାରଣଙ୍କ ମଧ୍ୟରେ ନୂତନ ସତ୍ୟର ଆଲୋକପାତ କରିଥାଏ ...... ରୁଷ ମାଟିରେ ନବ୍ୟ ଯୁଗର ନିଆଁ.. କୁହୁଳି ଉଠୁଥାଏ ।

ଅଳ୍ପ ବୟସରୁ ପିତୃହୀନ ହୋଇ ଗର୍କୀ ତାଙ୍କର ବାଲ୍ୟଜୀବନ ମାମୁଁ ଘରେ (କଜାନ୍ ନୋଭ୍‌ଗ୍ରାଡ୍ ସହରରେ) କାଟିଥିଲେ । ମାମୁଁ ଘର ଥିଲା ନରକ, ସବୁବେଳେ ଗାଳିମନ୍ଦ, ମାଡ଼ପିଟ ଓ ପରସ୍ପର ପ୍ରତି ବିଦ୍ୱେଷଭାବ । ଏହି କୁତ୍ସିତ ପରିବେଶ ଭିତରେ ଅଇ ମା'ଟି ଥିଲା ତାଙ୍କର ଏକମାତ୍ର ଆଶ୍ୱାସନା ଓ ଆନନ୍ଦ । ଏଲେକ୍ସା ପେଶ୍‌କଭ୍‌ଙ୍କୁ ଭଲଲାଗେ ଅଇ ମା'ର ବାତ୍ସଲ୍ୟ, ସ୍ନେହ ଓ ଗଳ୍ପ ।

ଯେତେବେଳେ ଏଲେକ୍ସା ତାର ମାକୁ ହରାଇଲା ମାମୁଁ ଘର ଅବସ୍ଥା ସେତେବେଳକୁ ଖରାପ ହୋଇଥିଲା । ଦଶବର୍ଷର ପିଲା, ତାକୁ ଏ ସଂସାରରେ ଜୀବନସଂଗ୍ରାମ ଚଳାଇବାକୁ ପଡ଼ିଲା । କାହିଁ ବା ଷ୍ଟିମଲଞ୍ଚରେ କାମ କଲା, କାହିଁ ବାସନ ମାଜି, କେତେବେଳେ ବା ଚାକର ହୋଇ ସେ ଆପଣାର ଜୀବନଟା କୌଣସି ପ୍ରକାରେ ବଞ୍ଚାଇ ରଖିଲା । ଏହି ସମୟରୁ ଗର୍କୀ ଜୀବନର କୁତ୍ସିତତମ ଅଧ୍ୟାୟ ସହିତ ଘନିଷ୍ଠଭାବେ ପରିଚିତ ହେବାକୁ ଲାଗିଲେ । ଜୀବନର ମରୁରେ ଠିକ୍ ଠିକ୍ ମରୁଦ୍ୱୀପ ଭଳି ବହି ପଢ଼ା ଗର୍କୀଙ୍କ ଆଖିରେ ହଠାତ୍ ପ୍ରତିଭାତ ହୋଇ ଉଠିଲା । ବହିପ୍ରତି ଗର୍କୀଙ୍କର ମନ ଧାଇଁଲା, ଯାଠୁ ତାଠୁ ମଗା ମଗି କରି ଯେତେବେଳେ ଯୋଉ ବହି ମିଳିଲା, ଗର୍କୀ ପଢ଼ିବସନ୍ତି, ଏପରିକି କାମ କଲାବେଳେ ଆଗରେ ଖଣ୍ଡେ ବହି ମେଲାକରି ରଖିଥାଆନ୍ତି ପଢ଼ିବାକୁ ।

ବିଦ୍ୟାନୁରାଗୀ ଗର୍କୀ ନିଜନି—ନୋଭଗ୍ରାଡ଼ରୁ ପନ୍ଦରବର୍ଷ ବୟସରେ ଗଲେ କଜାନ୍ ସହରକୁ ସେଠିକାର ରାଜକୀୟ ବିଶ୍ୱବିଦ୍ୟାଳୟରେ ବିଦ୍ୟାର୍ଜନ କରିବାକୁ । କିନ୍ତୁ ଜଣେ ଗରିବ ବାଳକର ଆସ୍ପର୍ଦ୍ଧା ! ଗର୍କୀ ସେଠି ପ୍ରବେଶ କରିବାକୁ ବହୁମତେ ଚେଷ୍ଟା କଲେ, କିନ୍ତୁ ସବୁ ଚେଷ୍ଟା ବିଫଳ ହେଲା । ଅନ୍ୟ ଏକ ବିଶ୍ୱବିଦ୍ୟାଳୟ କିନ୍ତୁ ଗର୍କୀଙ୍କୁ ଜ୍ଞାନ ପ୍ରଦାନ କରିଥିଲା, ତାହା ପୁସ୍ତକଗତ ବିଦ୍ୟା ନୁହେଁ, ଅନୁଭୂତିଗତ ବିଦ୍ୟା । ମଜୁରିଆ, ପକେଟମାରୁ, ଭିକାରି ଓ ଶ୍ରମିକମାନଙ୍କ ସହିତ ଏକତ୍ର ବାସକରି ଗର୍କୀ ସେମାନଙ୍କର ଜୀବନ ପୁଙ୍ଖାନୁପୁଙ୍ଖ ଭାବେ ଅନୁଧ୍ୟାନ କରିବାର ସୁଯୋଗ ପାଇଲେ । ଏମାନେ ସମାଜର ତଥାକଥିତ ଆବର୍ଜନା—ଏହି ଲୋକମାନଙ୍କ ଭିତରେ କିନ୍ତୁ ଗର୍କୀ ଉଦାର ହୃଦୟବତ୍ତା ଓ ମାନବିକତା ଲକ୍ଷ୍ୟ କରିପାରିଥିଲେ । ଏ ଲୋକଗୁଡ଼ାକ ମଦ ପିଅନ୍ତି, ଗାଳିମନ୍ଦ; ମାଡ଼ ଫଉଜଦାରି କରନ୍ତି ସତ, କିନ୍ତୁ ସେମାନେ ଅର୍ଥଲୋଭୀ ନୁହନ୍ତି, ଅର୍ଥ ସେମାନଙ୍କର ଜୀବନକୁ ନିୟନ୍ତ୍ରିତ କରି ନ ଥାଏ ।

ଏହିଭଳିରେ ଅବସ୍ଥାନ କରୁଥିବା ସମୟରେ ଗର୍କୀ ବିପ୍ଳବପନ୍ଥୀ ଛାତ୍ର ଯୁବକ ବିଶେଷତଃ ନାରୋଦ୍‌ନିକ୍‌ମାନଙ୍କ ସଂସ୍ପର୍ଶରେ ଆସିଲେ । ଏହି ବିପ୍ଳବୀମାନଙ୍କଠାରୁ ଶିକ୍ଷା ମିଳିଥାଏ । ସେମାନେ ଇତିହାସ, ଅର୍ଥନୀତି, ବିଜ୍ଞାନ ପ୍ରଭୃତି ବିଷୟ ପଢ଼ନ୍ତି, ଆଲୋଚନା ଓ ବିତର୍କ କରନ୍ତି । ଏହିମାନଙ୍କ ସଂସର୍ଗରେ ଆସି ଗର୍କୀ ପୃଥିବୀର ବଡ଼ ବଡ଼ ଚିନ୍ତାବୀରମାନଙ୍କର ନାମ ଶୁଣିବାକୁ ପାଇଲେ, ସେମାନଙ୍କର ଗ୍ରନ୍ଥ ଅଧ୍ୟୟନ କଲେ । ଜୀବିକାନିର୍ବାହ କରିବା ପାଇଁ ଗର୍କୀଙ୍କୁ ନାନା କାମ କରିବାକୁ ପଡ଼ୁଥିଲା । କେତେବେଳେ ରୁଟି ତିଆରି କରିବା, କେତେବେଳେ ବା ଦୋକାନରେ କାମ କରିବା, କେବେ ବା ରେଲବାଇ ଗୋଦାମରେ ପହରା ଦେବା । ଅବସର ସମୟରେ ଗର୍କୀ ନାନାଦି ପୁସ୍ତକ ଅଧ୍ୟୟନ କରୁଥିଲେ ଓ [illegible] ରେ

Digitized by srujanika@gmail.com

ଯୋଗଦେଇ ଆଲୋଚନା କରୁଥିଲେ । ପୁଲିସ ଗର୍କୀଙ୍କୁ ସନ୍ଦେହ କରିବାକୁ ଲାଗିଲେ ।

ବାଇଶ ବର୍ଷ ବୟସରେ ଗର୍କୀ ନିଜନି—ନୋଭ-ଗ୍ରାଡକୁ ଫେରି ଆସିଲେ । ଏହି ସମୟକୁ ସେ ରୁଷ ତଥା ଅନ୍ୟାନ୍ୟ ବହୁ ପ୍ରସିଦ୍ଧ ୟୁରୋପୀୟ ସାହିତିକଙ୍କର ରଚନାବଳୀ ଆ ଯ୍ତ କରି ସାରିଲେଣି ଓ ନିଜେ ଖଣ୍ଡେ କାବ୍ୟ ଲେଖିଥିଲେ—ବୃଦ୍ଧ ଓକ୍ ବୃକ୍ଷର ଗୀତିକା । ଏହି କାବ୍ୟଟି ସେ ରୁଷର ତତ୍କାଳୀନ ପ୍ରସିଦ୍ଧ କବି କୋରୋଲେନ୍‌କୋଙ୍କୁ ଦେଖାଇ ଥିଲେ, ଏହି କାବ୍ୟରେ ଗର୍କୀଙ୍କର କବିପ୍ରତିଭାର ଆଭାସ ମିଳୁଥିଲେ ବି ବହୁସ୍ଥଳରେ ତାଙ୍କର ତ୍ରୁଟି ଦେଖାଯାଉଥିଲା । କୋରୋଲେନ୍‌କୋ କାବ୍ୟଟି ପଢ଼ି ତରୁଣ କବିଙ୍କ ପ୍ରତି ବିଶେଷ ସହାନୁଭୂତି ପ୍ରକାଶ କରି ତାଙ୍କର ଦୋଷ-ଦୋଷ ଦର୍ଶାଇ ଦେଇଥିଲେ । ଏହି ଘଟଣା ପରେ ଗର୍କୀ ବହୁଦିନ ଧରି ଆଉ କଲମ ଧରି ନାହାନ୍ତି ।

ଏହାପରେ ବିପ୍ଳବୀ ଓ କୃଷକଙ୍କୁ ଆମେ ଦେଖିବାକୁ ପାଉଁ ଏକ ପରିବ୍ରାଜକ ବେଶରେ । ସମଗ୍ର ରୁଷ ଦେଶସେ ଘୁରି ବୁଲୁଛନ୍ତି ଲକ୍ଷ୍ୟହୀନ ଭାବରେ, ପଦ ବ୍ରଜରେ । ଯେଉଁଠି ଯାହା ପାଇଛନ୍ତି ମିଳେ, ତା କରିଦେଇ ବାଟ ଖର୍ଚ୍ଚଟା କୌଣସି ମତେ ଉଠାଇ ନେଉଥାନ୍ତି । ବହୁ ଗାଁ ଗଣ୍ଡା, ବହୁ କିସିମର ଲୋକ, ବହୁତ ଅଦ୍ଭୁତ- ଚମତ୍କାର ପ୍ରଥା, ନାନା ପ୍ରକାରର ଭାବଧାରା ସଂସ୍ପର୍ଶରେ ଆସିବାର ସୁଯୋଗ ସେ ପାଇଲେ ଏହିପରି ଭାବରେ । ଏହି ଦୀର୍ଘ ଭ୍ରମଣ ପରେ ଗର୍କୀ ଟିଫ୍‌ଲିସ୍ ସହରରେ ରେଳବାଇ ମରାମତି କାରଖାନାରେ କିଛି ଦିନ କାମକଲେ । ଏଠି ପୁଣି ବିପ୍ଳବୀମାନଙ୍କ ସହିତ ତାଙ୍କର ସଂଯୋଗ ସ୍ଥାପିତ ହେଲା ଓ ସେମାନେ ରେଲ-ବାଇ ଶ୍ରମିକମାନଙ୍କ ଭିତରେ ବିପ୍ଳବର ବହ୍ନି ପ୍ରସ୍ତୁତରେ ଲାଗିଗଲେ । ଏହି ବିପ୍ଳବପନ୍ଥୀ ସାଥିମାନଙ୍କ ଭିତରେ କଲୁଜ୍ନୀ ବୋଲି ଜଣେ ଥିଲେ । ଗର୍କୀଙ୍କର ଲେଖାପଢ଼ି ସେ ତାଙ୍କର ପ୍ରତିଭାର ଆଭାସ ପାଇ ତାହାର ବିକାଶଲାଗି ଗର୍କୀଙ୍କୁ ନାନା ଉପଦେଶ ଦେଇ ଉତ୍ସାହିତ କରିଥିଲେ । ଗର୍କୀଙ୍କର ଅଭିଜ୍ଞତା ଥିଲା ବହୁତ; ଜୀବନର ବହୁ ଦିଗ ଦେଖିଥିଲେ ସେ । କଲୁଜ୍ନୀଙ୍କ ଉପଦେଶ "ତୁମେ ଲେଖ ତୁମର ଅଭିଜ୍ଞତାର କଥା ।" ପ୍ରଥମ କେତେତକ ଗଳ୍ପରେ ଗର୍କୀ ଏହି ଉପଦେଶ ସଂପୂର୍ଣ୍ଣଭାବରେ କାର୍ଯ୍ୟକାରୀ କରିପାରି ନ ଥିଲେ । କିନ୍ତୁ ଥରେ ଦିନେ ଯାଯାବରଙ୍କଠାରୁ ଶୁଣିଥିବା ଗୋଟିଏ ଗଳ୍ପ ତାଙ୍କର ବନ୍ଧୁମାନଙ୍କ ଆଗରେ ଅତି ସରଳଭାବରେ ପ୍ରକାଶ କରି ସେମାନଙ୍କୁ ସେ ମନ୍ତ୍ରମୁଗ୍ଧ କରିଦେଇଥିଲେ । ଏହି ଗଳ୍ପଟି ଗର୍କୀ ସେହିପରି ସରଳଭାଷାରେ ପରେ ଲେଖିଥିଲେ, କଲୁଜ୍ନୀ ତାହା ପ୍ରକାଶ କରିବାକୁ ଦେଲେ କାଭ୍‌କାଜ୍ ନାମକ ଗୋଟିଏ ସମ୍ବାଦପତ୍ରକୁ । ୧୮୯୨ ସେପ୍ଟେମ୍ବର ମାସରେ ଗର୍କୀଙ୍କର ଗଳ୍ପ---ମକର୍ ଚୁଡ୍ରା—ପ୍ରଥମେ ପ୍ରକାଶ ପାଏ ଲେଖକଙ୍କର ଏକ ଛଦ୍ମନାମରେ, 'ମେକ୍ସିମ୍ ଗର୍କୀ' ଅର୍ଥାତ୍ 'କଟୁ ମୀତ' । ଏହାପରେ ସେହି ଛଦ୍ମନାମରେ ନାନା ପତ୍ର ପତ୍ରିକାରେ ତାଙ୍କର ଗଳ୍ପ ପ୍ରକାଶ ପାଇଲା । ଗର୍କୀ ଇତିମଧ୍ୟରେ ନିଜନି—ନୋଭ୍‌ଗ୍ରାଡ୍‌କୁ ଫେରି ଆସି ମୋହରିରି କରୁଥାନ୍ତି । କବି କୋରୋଲେନ୍‌କୋ ଗର୍କୀଙ୍କର ଏହି ଗଳ୍ପଗୁଡିକ ପଢ଼ି ମନେ ମନେ ସେ-ସବୁକୁ ପ୍ରଶଂସା କରୁଥାନ୍ତି । ଦିନେ ପୁଣି ଗର୍କୀ ଯେତେବେଳେ କବିଙ୍କୁ ଦେଖା କରିବାକୁ ଗଲେ, ଗଳ୍ପ-ଗୁଡିକର ଲେଖକ ତାଙ୍କର ପୂର୍ବପରିଚିତ ସେହି ଯୁବକ ଜାଣିପାରି ସେ ବିସ୍ମିତ ଓ ଆନନ୍ଦିତ ହୋଇଥିଲେ । କୋରୋଲେନ୍‌କୋ ଏହି ଦିନଠାରୁ ହେଲେ ଗର୍କୀଙ୍କର ସାହିତ୍ୟଗୁରୁ, ଗର୍କୀଙ୍କର ଲେଖାକୁ ମାର୍ଜିତ କରିବାରେ ତାଙ୍କର ହାତଥିଲା ବହୁପରିମାଣରେ ।

କୋରୋଲେନ୍‌କୋଙ୍କର ପ୍ରଚେଷ୍ଟାରେ ଗର୍କୀ ସ୍ଥାନୀୟ ଗୋଟିଏ ଖବରକାଗଜର ଲେଖକମଣ୍ଡଳୀରେ ସ୍ଥାନ ପାଇଲେ । ଏହି ଦିନଠାରୁ ଲେଖନୀ ହେଲା ଗର୍କୀ-ଙ୍କର ଏକମାତ୍ର ଅସ୍ତ୍ର, ସାହିତ୍ୟ ସାଧନା କରିବାକୁ ତାଙ୍କୁ ସୁବିଧା ଓ ସୁଯୋଗ ମିଳିଲା । ଅଳ୍ପକାଳ ମଧ୍ୟରେ ଗର୍କୀ ରୁଷର ବିଶିଷ୍ଟ ଲେଖକଙ୍କ ମଧ୍ୟରେ ଅନ୍ୟତମ ବୋଲି ପରିଗଣିତ ହେଲେ । ଗର୍କୀଙ୍କର ଏହି

Digitized by srujanika@gmail.com

ଗଳ୍ପଗୁଡ଼ିକରେ ଅତିରଞ୍ଜନ ନ ଥିଲା, ଥିଲା ଜୀବନର ସର୍ବୋଚ୍ଚ ନିଖୁଣ ଛବି । ନିର୍ଯାତିତ ମାନବ—ଶୋଷିତ ନିମ୍ନ ସ୍ତରର କରୁଣ ନିତ୍ୟ ଅନୁଭୂତି, ତାହାକୁ ସରଳ-ଭାଷାରେ ଗର୍କୀ ପ୍ରକାଶ କରୁଥିଲେ । ଆଉ ଏହାକୁ ପଢ଼ି ପାଠକ କହିଉଠୁଥିଲା, "ଯେ ତ ମୋରି ଜୀବନୀ !" ଏହି ଗଳ୍ପ ଭିତରେ ଚଳନ୍ତି ସମାଜର ଦୋଷ ଦୁର୍ବଳତା ଓ ଅମାନୁଷିକତା ପ୍ରାଞ୍ଜଳଭାବରେ ଫୁଟି ଉଠୁଥିଲା, କାହିଁପାଇଁ ଯେ ମନୁଷ୍ୟ ତାର ମନୁଷ୍ୟତ୍ୱ ହରାଇ କୁତ୍ସିତ କଦାକାର ହୋଇ ଉଠୁଛି, ସେଥିପ୍ରତି ପାଠକମାନଙ୍କର ଆଖି ଖୋଲି ଯାଉଥିଲା । କେବଳ ସେତିକି ନୁହେଁ, ଗର୍କୀ ଖବରକାଗଜ ଜରିଆରେ ଜାର ଓ ଜାରତନ୍ତ୍ରକୁ ନିର୍ଭୀକଭାବରେ ତୀବ୍ରମତ ସମାଲୋଚନା କଲେ ।

ଏହି ବିପଜ୍ଜନକ ଲେଖକଙ୍କୁ ଜବତ କରିବାକୁ ପୋଲିସ ଓ ଗୋଇନ୍ଦା ଗର୍କୀଙ୍କ ଘର ଚାରିପାଖରେ ଚକ୍କର ଦେବାକୁ ଲାଗିଲେ । ଏକାଧିକ ବାର ଗର୍କୀଙ୍କୁ କାରାଗାରରେ ଅବରୁଦ୍ଧ କରାହୋଇଛି, ନିର୍ବାସନରେ ରହିବାକୁ ହୋଇଛି । କିନ୍ତୁ ପ୍ରତ୍ୟେକ ଥର ଗର୍କୀଙ୍କର ଅସଂଖ୍ୟ ପାଠକଙ୍କର ତୀବ୍ର ପ୍ରତିବାଦରେ ସରକାର ଭୟଭୀତ ହୋଇ ତାଙ୍କୁ ଖଲାସ କରିଦେଇଛି । ଜନତାର ମୁକ୍ତି ଅଭିଯାନର ସେ କେବଳ ଦର୍ଶକ ନ ଥିଲେ, ଲେଖନୀବଳରେ ବିପ୍ଳବକୁ ସାହାଯ୍ୟ କରୁଥିଲେ । ପ୍ରତ୍ୟକ୍ଷ ଭାବରେ ଶ୍ରମିକମାନଙ୍କୁ ସଂଗଠିତ କରିବା, ସେମାନଙ୍କୁ ଉତ୍ତେଜିତ କରିବା, ସେମାନଙ୍କ ଭିତରେ ବିପ୍ଳବର ବୀଜବପନ କରିବା ଥିଲା ତାଙ୍କ ଜୀବନର ପବିତ୍ର ବ୍ରତ ।

ମସ୍କୋରେ ଶ୍ରମିକମାନଙ୍କଦ୍ୱାରା ପରିଚାଳିତ ଆର୍ଟ ଥିଏଟର ଦେଖି ଗର୍କୀ ଅତିଶୟ ମୁଗ୍ଧ ହୋଇଯାଇଥିଲେ, ଧନିକମାନଙ୍କର ପ୍ରିୟ ମସ୍କୋ ଥିଏଟର ପ୍ରଭୃତି ରଙ୍ଗମଞ୍ଚର ଚମତ୍କାର ସାଜସଜ୍ଜା ଏଠି ନ ଥିଲା । କିନ୍ତୁ ଏଠିକାର ଅଭିନେତା ବା ନାଟ୍ୟକାର ଅର୍ଥଲୋଭରେ କଳାଚର୍ଚ୍ଚା କରୁ ନ ଥିଲେ । ଜନସାଧାରଣଙ୍କ ଜୀବନକୁ ଚେକଭ୍ ତାଙ୍କର ସେଇ ଉଚ୍ଚ କୋଟୀର ନାଟକମାନ ରଙ୍ଗମଞ୍ଚସ୍ଥ କରାଉଥାନ୍ତି, ତାକୁ ଦେଖି ଗର୍କୀ ରଙ୍ଗମଞ୍ଚ ପ୍ରତି ଆକୃଷ୍ଟ ହେଲେ ଓ ଆର୍ଟ ଥିଏଟର ଲାଗି ଏକ ନାଟକ ଲେଖି ବସିଲେ । ଗର୍କୀଙ୍କର ପ୍ରଥମ ଅବଦାନ — 'ଅର୍ଥଲିପ୍ସୁ'ରେ ଗର୍କୀ ତାଙ୍କର ଆବାଲ୍ୟ ପରିଚିତ ନିମ୍ନ ମଧ୍ୟବିତ୍ତ ସମାଜର ଚିତ୍ର ଆଙ୍କିଛନ୍ତି' ନିମ୍ନ ମଧ୍ୟବିତ୍ତ......ଯେଉଁମାନେ ସହରରେ ଛୋଟ ଛୋଟ ଘରଟିମାନଙ୍କରେ ବାସ କରନ୍ତି, ସଂପତ୍ତି ଭିତରେ ଥାଏ କେତୋଟି ବାସନ, କଣ୍ଢେଇ ଓ ମାଟିଆ, ଆଉ ଟୋକିଏ ଟଙ୍କା ଯୋଉଥିରେ ସେମାନେ ସେମାନଙ୍କର ସ୍ୱଳ୍ପ ସଂପତ୍ତିକୁ ଯତ୍ନରେ ସଂପାଦ ରଖନ୍ତି ।

ଏ ନାଟକ ଗର୍କୀଙ୍କ ମନକୁ ପାଇ ନ ଥିଲା । ଏହା ପରେ ସେ ଲେଖିଲେ 'ତଳିଆ ଜୀବନ' (Lower Depths) । ଏଥିରେ ସେ ଚିତ୍ରଣ କରିଥିଲେ ସର୍ବହରା ଜନତାକୁ । ଜୀବନ ଅନ୍ତିମ ଅବସ୍ଥା ଚକ୍ରରେ ଦରିଦ୍ର ହୋଇ ସାଧାରଣ ହୋଟେଲରେ ଆସି ବାସ କରୁଛନ୍ତି । ସେଠି ପ୍ରତ୍ୟେକ ଲୋକ ପ୍ରତ୍ୟେକଙ୍କୁ ଘୃଣା କରେ । ଶେଷରେ ବସନ୍ତର ଆବିର୍ଭାବରେ ଏହି କୁତ୍ସିତ ଆବାସ ପରିତ୍ୟାଗ କରି ପରସ୍ପର ବିଦ୍ୱେଷଭାବ ଭୁଲିଯାଇ ସେମାନେ ଗଲେ ଆଲୋକର ଦେଶକୁ । ଗର୍କୀ ଏହି ସର୍ବହରା ଜନତା ସହିତ ଅତି ଅନ୍ତରଙ୍ଗ ଭାବେ ପରିଚିତ ଥିଲେ, ସେମାନଙ୍କର ଆଚରଣ ବ୍ୟବହାର ଓ ଜୀବନ ପ୍ରଣାଳୀ ତାଙ୍କର ଅଙ୍ଗ ଲାଗିଥିଲା କଥା । ସେମାନଙ୍କର ଜୀବନର ସତ୍ୟମୂଳକ ଚିତ୍ର ବଳଶାଳୀ ଭାଷାରେ ଏହି ନାଟକରେ ଫୁଟିଉଠିଛି । ଏହି ନାଟକରେ ଥିବା ବିପ୍ଳବାତ୍ମକ ବାକ୍ୟାବଳୀକୁ ସରକାର ଉଚ୍ଛେଦ କରିଦେଇଥିଲେ ବି ଏହାର ଅଭିନୟ ଦେଖି ଦର୍ଶକମଣ୍ଡଳୀ ମୁଗ୍ଧ ଚମତ୍କୃତ ହୋଇଯାଇଥିଲେ ।

ଏହାପରେ ରୁଷରେ ବିପ୍ଳବର ବାତ୍ୟା ବହିଲା ଅନବରତ । ଜନତାର ମୁକ୍ତି ଆନ୍ଦୋଳନ ତୀବ୍ରତର ହେଲା ଓ ଏହାକୁ ଦମନ କରିବାକୁ ଜାର୍ ହୁକୁମ

Digitized by srujanika@gmail.com

ଦେଲା, "ଗୁଳି ଚଳାଅ, ସେନାପତି, ତୁମେ ଅବଶ୍ୟ ଗୁଳି ଚଳାଅ"। ଏହି ରକ୍ତାକ୍ତ ମୁକ୍ତିସଂଗ୍ରାମରେ ଜନତାର ନୈତିକ ବଳକୁ ସଂଗଠିତ କରିବା, ବୃଦ୍ଧି କରିବା ଓ ଜନସାଧାରଣଙ୍କ ଅଧିକ ଉତ୍ସାହିତ କରିବାରେ ଗର୍କିଙ୍କର ହାତ ଯେତିକି ଥିଲା, ଅସ୍ତ୍ରଶସ୍ତ୍ର ଯୋଗାଇବା, ଶ୍ରମିକମାନଙ୍କୁ ତାଲିମ କରିବା ଆଦି କାର୍ଯ୍ୟରେ ମଧ୍ୟ ସେ ସେତିକି ଲିପ୍ତ ଥିଲେ। ୧୯୦୫ ବିଦ୍ରୋହରେ ଯେତେବେଳେ ହଜାର ହଜାର ଲୋକ ଜାରର ସଙ୍ଗୀନମୁନରେ ପ୍ରାଣ ହରାଇଲେ, ଗର୍କିଙ୍କର ବାଣୀ ପୁଣି ଜନତାର ହୃଦୟରେ ନବ ଆଶା ଓ ଉନ୍ମାଦନା ଆଣି ଦେଇଥିଲା।

"ଯୁଦ୍ଧର ସର୍ବହରା ଅନେକ ଆଗେଇ ଚାଲିଛି। ତାହାର ବିଜୟ ସୁନିଶ୍ଚିତ। ତାର କାରଣ କେବଳ ଏହି ଶ୍ରେଣୀ ନୈତିକ ବଳରେ ବଳୀୟାନ୍, ନିଜର ବୁଦ୍ଧିରେ ଗୃହୀତ ଏବଂ ଅପଣାର ଅବଶ୍ୟମ୍ଭାବୀ ଭବିଷ୍ୟତ ଉପରେ ଆସ୍ଥା ସ୍ଥାପନ କରେ। ମୋର ବାକ୍ୟ ସତ୍ୟ ଏବଂ ଏହି ସତ୍ୟକୁ ପ୍ରତ୍ୟେକ ସତ୍ ଓ ସ୍ୱାଧୀନ ମତବାଦୀ ଐତିହାସିକ ଗ୍ରହଣ କରିବେ"।

ଗର୍କିଙ୍କ ନାମରେ ଓ୍ୱାରେଣ୍ଟ ବାହାରିଲା। ତାଙ୍କ ବନ୍ଧୁମାନଙ୍କର ଉପଦେଶ କ୍ରମେ ଆମେରିକା ଚାଲିଗଲେ। ଏହିଠାରେ ନିଭୃତ ଅବସ୍ଥାନ କାଳରେ ତାଙ୍କର ବିଖ୍ୟାତ 'ମା' ଉପନ୍ୟାସ ଲେଖାହେଲା। ଏଥିରେ ଜନସାଧାରଣଙ୍କର ଜୀବନ ସେ ଯଥାଯଥ ଭାବରେ ବର୍ଣ୍ଣନା କରିଛନ୍ତି ଏବଂ ତାହା ମଧ୍ୟ ଦେଇ କିପରି ରୁଷରେ ଜନତାର ମୁକ୍ତି ଆନ୍ଦୋଳନ ବିକାଶ ଲାଭ କଲା, କିପରି ଦିନୁ ଦିନ ସର୍ବହରା ବଳଶାଳୀ ହୋଇଉଠୁଛି ଓ ସରକାର ଏଥିରେ ଭୀତତ୍ରସ୍ତ ହୋଇ ଅମାନୁଷିକ ଅତ୍ୟାଚାର କରୁଛି, ତାହାର ଚିତ୍ର ପ୍ରଦାନ କରିଛନ୍ତି। ଗର୍କି ତାଙ୍କର ଯେଉଁ ଦରିଦ୍ର ସମାଜର ଚିତ୍ର ଦେଇଛନ୍ତି, ସହାନୁଭୂତି ସମ୍ପନ୍ନ ଲେଖକ ସାଧାରଣତଃ ସେ ସମାଜକୁ ସରଳ, ନିଷ୍କପଟ, ଓ ସହୃଦୟତା ସମ୍ପନ୍ନ କରି ଆଙ୍କି ଆସନ୍ତି। ଗର୍କି କିନ୍ତୁ ସତ୍ୟର ଉପାସକ ଥିଲେ। ସେ ଏହି ସମାଜରେ ଯେଉଁ କୁତ୍ସିତତା, ଯେଉଁ ଅବଳତା ଭରି ରହିଛି ତା ଠିକ ନକ୍ସା କରି ଦେଖାଇ ଦେଇଛନ୍ତି।

"...... ଯୁବକମାନେ ମଦ ପିଅନ୍ତି, ଆଉ ଯାଁ ତାଁ ଘରେ ଅଡ୍ଡା ମାରି ବୁଲନ୍ତି, ଅଶ୍ଳୀଳ ଗୀତ ବୋଲନ୍ତି, ନାଚନ୍ତି, କୁତ୍ସିତ କଥା ଉଚ୍ଚାରଣ କରନ୍ତି। ଛୁଟିଦିନ ରାତିକ ଘରକୁ ଫେରନ୍ତି — ଫୁଙ୍ଗୁଳା ଦେହ, ଛିଣ୍ଡା ପୋଷାକ, ଅଝୁଡ଼ା ମୁହଁ— କାହାକୁ ମାଡ଼ ମାରିଛି ଯେ ତାରି ବଡ଼ାଇ କରୁଛି, କାହାଠୁ ପିଟୁଣି ଖାଇଛି ଯେ ସେଇ ଅପମାନରେ କାନ୍ଦୁଛି। କେବେ କେବେ ବା ବାପମାମାନେ ସେମାନଙ୍କୁ ରାସ୍ତାରୁ ନୋହିଲେ ତାଡ଼ିଖଟିରୁ ଠେକି ଠେକି ଆଣନ୍ତି ମାତାଲ ଅବସ୍ଥାରେ, କ୍ରୁଦ୍ଧ କଣ୍ଠରେ ଗାଲିମନ୍ଦ କରନ୍ତି — ସ୍ପଞ୍ଜ ପରି ମଦସିକ୍ତ ଶରୀରରେ ଦପୁଞ୍ଜା ଛେଚି ଦିଅନ୍ତି, ତା ପରେ ବିଛଣାରେ ଶୁଆଇ ଦିଅନ୍ତି; ପର ଦିନ ଭୋରରେ ନିଦରୁ ଉଠାଇ କାମକୁ ପଠାନ୍ତି"।

ଆଉ ପ୍ରଶ୍ନ କରିଛନ୍ତି; ମନୁଷ୍ୟ ଆଜି କାହିଁକି ଏ ନର୍କରେ? ଏଥିପାଇଁ ଦାୟୀ କିଏ?

୧୯୦୭ ମସିହାରେ ଗର୍କି ଲେନିନ୍‌ଙ୍କ ସହିତ ପ୍ରଥମେ ପରିଚିତ ହୁଅନ୍ତି। ପ୍ରଥମ ପରିଚୟ ପରେ ଦୁହିଁଙ୍କ ଭିତରେ ଅନ୍ତରଙ୍ଗ ବନ୍ଧୁତା ସ୍ଥାପିତ ହେଲା, ପରସ୍ପର ପରସ୍ପର ପ୍ରତି ଶ୍ରଦ୍ଧା ଓ ସମ୍ମାନ ଆଜୀବନ ପୋଷଣ କରିଥିଲେ। ଉଭୟେ ଜନତାର ମୁକ୍ତିସଂଗ୍ରାମରେ ଅଗ୍ରଣୀ ଥିଲେ, ରୁଷମାଟିରେ ଜନତାର ରାଜ ପ୍ରତିଷ୍ଠିତ କରିବାକୁ ଲଢ଼ିଥିଲେ। ୧୯୧୭ ଫେବୃୟାରୀ ମାସରେ ଲେନିନ୍ ଓ ଗର୍କିଙ୍କର ନେତୃତ୍ୱରେ ନୂଆ ଏକ ସମାଜ ଜନ୍ମଲାଭ କଲା— ସୋଭିଏଟ୍।

ଏହି ନୂତନ ପ୍ରତିଷ୍ଠିତ ସରକାରକୁ ସଂଗଠିତ କରିବା ଓ ନୂଆ ଆଦର୍ଶକୁ ରୂପରେଖ ଦେଇ ବାସ୍ତବରେ ପରିଣତ କରିବାର ଗୁରୁ କର୍ତ୍ତବ୍ୟର ସମ୍ମୁଖୀନ

Digitized by srujanika@gmail.com

ହେବାକୁ ପଡ଼ିଥିଲା ସୋଭିଏଟ୍ ନେତା ଓ କର୍ମୀମାନଙ୍କୁ । ବୃଦ୍ଧ ଗର୍କିଙ୍କ ଉପରେ ଅପିଲା ଭାର, ସୋଭିଏଟ୍‌ର ସାହିତ୍ୟକୁ ସଂଗଠିତ କରିବା । ଗର୍କିଙ୍କୁ ଏହି ସମୟରେ ଅନେକ ପତ୍ରପତ୍ରିକାର ପରିଚାଳନା କରିବାକୁ ପଡ଼ିଲା, ବହୁ ଗ୍ରନ୍ଥ ସଙ୍କଳିତ କରିବାକୁ ପଡ଼ିଲା । ଗର୍କି କିନ୍ତୁ କୌଣସି ସମୟରେ ତାଙ୍କର କର୍ତ୍ତବ୍ୟରେ ହେଳା କରି ନ ଥିଲେ, କେତେବେଳେ ତାଙ୍କର ପରିଶ୍ରମ କୋହଳ କରି ନ ଥିଲେ ! ଫଳରେ ସୋଭିଏଟ୍‌ର ସାହିତ୍ୟକମାନେ ଅଳ୍ପଦିନ ମଧ୍ୟରେ ଜାତୀୟ ଜୀବନର ପୁନର୍ଗଠନ ଲାଗି ଯେଉଁ ଅସମ୍ଭବ କାର୍ଯ୍ୟମାନ କରିପାରିଥିଲେ, ସେଥିରେ ସମଗ୍ର ଜଗତ ଆଶ୍ଚର୍ଯ୍ୟାନ୍ୱିତ ହୋଇଯାଇଥିଲା । କାମର ଏ ଚାପ ସତ୍ତ୍ୱେ ଗର୍କି ଅନେକ ଗୁଡ଼ିଏ ନାଟକ ଓ ରଚନା ଲେଖିପାରିଥିଲେ । ତାଙ୍କର ଚମତ୍କାର ନାଟକ ଯେଗର୍ ବୁଲିଚଭ୍ ଏହି ସମୟର ଲେଖା ।

୧୯୩୬ ମସିହା ଜୁନ ମାସରେ ଗର୍କି ହଠାତ୍ ବେମାର ପଡ଼ିଲେ । ଅଧୁରା ନାଟକ ଲେଖିବାକୁ ତାଙ୍କର ବାସନା ଅପୂର୍ଣ୍ଣ ରହିଗଲା । ଅଚେତନ ଅବସ୍ଥାରେ ସେ ଯେଉଁ ପ୍ରଳାପ କରୁଥିଲେ ତହିଁରୁ ସୋଭିଏଟ୍ ପ୍ରତି ତାଙ୍କର କର୍ତ୍ତବ୍ୟନିଷ୍ଠା ପ୍ରକାଶ ପାଏ ।

"ଯୁଦ୍ଧ ଆସୁଛି···ଆମକୁ ସଜାଗ ହେବାକୁ ପଡ଼ିବ ···ଅଲକ୍ଷିତ ଥାଇ ଆମେ ଯେପରି ଧରା ନ ପଡ଼ୁ ।"

ତାଙ୍କର ଶୋକସଭାରେ ମୋଲୋଟୋଭ୍ କହିଥିଲେ, "ଲେନିନଙ୍କ ମୃତ୍ୟୁ ପରେ ଗର୍କିଙ୍କର ବିୟୋଗ ··ଆମ ଦେଶ ଓ ସମସ୍ତ ମାନବସମାଜ ପକ୍ଷରେ ସବୁଠାରୁ ଗୁରୁତର କ୍ଷତି ।" ଏହିଥିରୁ ସୋଭିଏଟ୍ ସମାଜରେ ଗର୍କିଙ୍କର ସ୍ଥାନ ନିର୍ଦ୍ଧାରିତ ହୋଇଯାଏ । ଗର୍କିଙ୍କର ପ୍ରତିଭାର ପରିଚୟ ଦେବା ମୋ ପକ୍ଷରେ ଧୃଷ୍ଟତା ହେବ ।

## ପ୍ରତିଘାତ

ଶ୍ରୀ ସତ୍ୟ ନାରାୟଣ ରାଜଗୁରୁ

ସେ ଦିନ ଶ୍ରାବଣ ସନ୍ଧ୍ୟାର ବର୍ଷଣୋନ୍ମୁଖ ଗାଢ଼ ଆକାଶରେ ଉଡ଼ି ଯାଉଥିବା ବକ ପଂକ୍ତିର ଶ୍ୱେତ-ଚମକ ପ୍ରତି ଚାହିଁ ରହି ଦେବେନ୍ଦ୍ର ଯେତେବେଳେ ବିଜୁଳିବତିର ସୁଇଚ ଟିପିଦେବାକୁ ହାତ ବଢ଼ାଇଛି, ପରଦାଟା ଖୋଲିଇ ଦେଇ ଘର ଭିତରକୁ ଝଡ଼-ପରି ଚାଲି ଆସିଲା—ମୈତ୍ରୀ । ଦେବର ହାତ ଅଟକି ରହିଲା ସେଇ ସୁଇଚ୍ ଉପରେ । ମୈତ୍ରୀ ଅଭିଯୋଗ କଣ୍ଠରେ କହିଲା,—"ଅଚ୍ଛା ଭଦ୍ର ଲୋକ ତ ! କୈଫିୟତ୍ ଦିଆଯିବ ବୋଧହୁଏ—ଘଡ଼ିଟା ସ୍ଲୋ ଚାଲୁଛି--ନାଁ ?"

ଦେବର ଚିନ୍ତା-ସ୍ରୋତ ଆକାଶରେ ଭାସି ଯାଉଥିବା ସୁଦୂର ମେଘ-ଖଣ୍ଡ ପରି କେଉଁ ଅଜଣା ପ୍ରଦେଶରୁ ଯେତେବେଳେ ବାସ୍ତବତାକୁ ଆସି ଫେରିଲା, ସେଇ ସପ୍ରଶ୍ନ-ସରସ-ମୁହଁର ଓଷ୍ଠ ଜାଇ ଚାହିଁଛି ଭିତରେ ଲୀନ ହୁଏ, ମୈତ୍ରୀ ତେତେବେଳକୁ ସୁଇଚଟା ଟିପିଦେଇ ବିଜୁଳି ଆଲୁଅରେ ନିଜ ରୂପ--ଶିଖା ଖେଳାଇ ଦେଇ ସାରିଛି । ଅଭିଭୂତ ପରି ଦେବ ଟିକିଏ ଅର୍ଥଶୂନ୍ୟ ହାସ୍ୟରେଖା ଫୁଟାଇ ଶାନ୍ତ ସ୍ୱରରେ ପଚାରିଲା,—"କଥା କଣ ମୈତ୍ରୀ ?"

ଦେବ ବସିଥିବା ସୋଫାଟାନରେ ବସି ପଡ଼ି ବିଦ୍ରୂପ କଣ୍ଠରେ ମୈତ୍ରୀ ଉତ୍ତର ଦେଲା "ଇସ୍, ଯେମିତି କିଛି ମନେନାହିଁ ! କଥାଟା ମୋ ମୁହଁରୁ ଛଡ଼ାଇ ନେବା କୌଶଳ ତମର ଏ ତ ପ୍ରଥମ ନୁହେଁ ! ଆଜ

Digitized by srujanika@gmail.com

ପରି ପ୍ରଭାତରେ "ପୃଥ୍ୱୀରାଜ"ର କଉଁ ସକାଳୁ ସୀନ୍ ଯେ ଉଜଡ ହୋଇ ସାରଲାଣି; ଉଠ ! ସ୍ୱରଟା ଯେମିତ ଟିକଏ ଆଦେଶାତ୍ମକ —

ମନ୍ତ୍ରମୁଗ୍ଧ ପରି ଉଠିପଡ଼ି ଦେବ ପଞ୍ଜାବୀର ବୋତାମରେ ହାତ ଦେଇଚି କି ନା—ଘର ଭିତରୁ ଗୋଟିଏ କ୍ଷୀଣ-ସ୍ୱର ତୀବ୍ର--ସୂଚି--ମୁନ ପରି ତା କାନରେ ଆସି ବାଜିଲା—କହି ଦେବୁ ତ ରମା, ଖାଇବା ବେଳଟି କେତେବେଳୁ ସେକା ହୋଇ ସାରିଲାଣି—"

ଦେବ ଜାଣେ, ରାତ ସାଢେ ଆଠଟା ଆଗରୁ ବେଳଟି ସେକାଟା କେବେ ହୋଇନି,--କିମ୍ବା ସେ ଖବରଟା ଦେବାକୁ ରମାର ସାହାଯ୍ୟ ଦରକାର ପଡ଼ିନି । ଏଇ ଛୋଟ ଦୈନନ୍ଦିନ ବ୍ୟତିକ୍ରମ ଭିତରେ ଯେଉଁ ବିଶୃଙ୍ଖଳା--ବେସୁରଟା ଝଙ୍କାର ଦେଇ ଗୁଲିଗଲା, ସେଥିର ପ୍ରତିଧ୍ୱନି ଏକା ଦେବର ନୁହେଁ, ବରଂ ମୈତ୍ରୀର ମନକୁ ସୁଦ୍ଧା ଦୋହଲାଇ ଦେଲା--ହାଲୁକା ପବନରେ ଦୁର୍ବଳ ଝାଉଁ ଗଛଟା ପରି । ଆତ୍ମ--ସମ୍ମାନର ବୃଥା ଆଡମ୍ବରକୁ ମୈତ୍ରୀ ଆଗରେ ଉଚ୍ଚ କରି ଟେକି ଧରିବା ପ୍ରୟାସରେ ଦେବ ଗମ୍ଭୀର ଅଥଚ ଧୀର କଣ୍ଠରେ କହିଲା-- "ରମା, କହିଦେ--ଆଜି ମୋର ଗୋଟିଏ ନିମନ୍ତ୍ରଣ ଅଛି, ରାତ୍ରେ ଫେରି ନ ପାରେ—"

ହାଣ୍ଡିଶାଳର ଧୂଆଁଳିଆ ବାତାୟନ ତଳେ ଆଉଜି ପଡ଼ିଥିବା ଜଣେ ଅଶ୍ରୁଭରାକୁଳ ଷୋଡଶୀର ମୁହଁ ଉପରେ ବାହାରୁ ଗୋଟାଏ ଝାପସା ପବନ ଆସି କେଶଗୁଚ୍ଛକୁ ତାର ଖେଳାଇ ଦେଇ ଗଲାଯାଏ । ତୀବ୍ର ଉପହାସ ପରି ! ସେଇ ଛୋଟ ବୁକୁ ଭିତରର ନାରୀତ୍ୱ ଉପରେ ଆଉ ଏକ ପ୍ରସ୍ତ ଅଭିମାନ ବଢ଼େଇ ହୋଇ ।

କଟକର ଏକ ଦୋତାଲା କୋଠାରେ ଅଳକା ଅଢ଼େଇ ବର୍ଷ ଏଇ ଯେଉଁ ଛୋଟ ସଂସାରଟି ଦୁଇଟି ତରୁଣ ମାନବର ସୁଖ ଦୁଃଖ ଦୋଳିରେ ଝୁଲାଇ ୨ କେଉଁ ଅଜ୍ଞାତ ପଥରେ ଗତି ବିସ୍ତାର କରୁଛି—ସେଥିର ଏକ ଘନ ତମସାଚ୍ଛନ୍ନ ଘଟଣା ; ଏଇ ବିରାଟ ହିନ୍ଦୁ ସଂସାରର ଉଜ୍ଜ୍ୱଳ ଇତିହାସରେ ବାଲି କଣା ପରି ତୁଚ୍ଛ ନଗଣ୍ୟ ହୋଇ ସୁଦ୍ଧା ଆନ୍ତରିକ ଶକ୍ତି ଭୁଲ୍ଡ ସମାଜର ଗତିକୁ ଯେ ନିୟନ୍ତ୍ରିତ କରେ ଏ ତଥ୍ୟଟି ବୁଝି ସୁଦ୍ଧା ବୁଝିବାକୁ ବୋଧହୁଏ ଅନେକେ ପ୍ରସ୍ତୁତ ନୁହନ୍ତି !

ଓଡ଼ିଶାର କେଉଁ କୁଳୀନ ବ୍ରାହ୍ମଣ ପରିବାରରେ ଦେବର ଜନ୍ମ । ଲ' ପାସକରି ସେ ଏଇ ୨୬ ବର୍ଷ ବୟସରେ ତାର ଦୀର୍ଘ ଭବିଷ୍ୟତଟାକୁ ବୈଚିତ୍ର୍ୟମୟ କଳ୍ପନା--ରଙ୍ଗମଞ୍ଚରେ ଏକ ଆଦର୍ଶ 'ହିରୋ' (ନାୟକ) କରି ଗଢ଼ିଲା ଯେତେବେଳେ, ତା' ପାଖରେ ମାଳତୀ ପରି ନିହାତ ଅଶିକ୍ଷିତା ପଲ୍ଲୀ ଯୁବତୀ ଯେ 'ହିରୋଇନ୍' (ନାୟିକା) ପାର୍ଟ୍ ପୂର୍ଣ୍ଣ କରିପାରେ—ଏ ଅସମ୍ଭବ ଆଶା ତା ମନରେ ଟିକିଏ ହେଲେ ସ୍ଥାନ ପାଇନାହିଁ । ସୁତରାଂ ଜଣେ ସୁବିଖ୍ୟାତ ବ୍ୟବସାୟୀଙ୍କର ଏକମାତ୍ର ଉତ୍ତରାଧିକାରିଣୀ କନ୍ୟା । ମୈତ୍ରୀର ହୋମ୍ ଟ୍ୟୁଟର୍ (ଗୃହ ଶିକ୍ଷକ) ରୂପେ ଯେଉଁ ଦିନ ସେ ନିଯୁକ୍ତ ହୁଏ -- ମାସିକ ଦେଢ଼ଶ' ଟଙ୍କା ଦରମା ଭିତରେ ଆଉ କିଛି ବେଶି ଲୋଭ ଯେ ତା ମନରେ ନଥିଲା—ଏକଥା କିଏ କହିବ ? ଛଅଟି ମାସ ଭିତରେ ମୈତ୍ରୀର ସଙ୍ଗେ ତା'ର ସମ୍ବନ୍ଧଟା କର୍ଣ୍ଣାଟି ରାଗର ଏକ ଅସରନ୍ତି ମୂର୍ଚ୍ଛନା ପରି ଭାସି ୨ ଶୂନ୍ୟରେ ଯେଉଁ ଆତ୍ମପ୍ରକାଶ କରି ବୁଲୁଛି, ସେଥିର ମଧୁମୟ ଝଙ୍କାର ଉଭୟ ପ୍ରାଣକୁ ଖାଲି ମୁଗ୍ଧ କରିନି । ପରନ୍ତୁ ଉଭୟ ମନରେ ଭବିଷ୍ୟତର ଏକ ରଙ୍ଗିନ୍ ଅଲେଖ୍ୟ ଚିତ୍ରକୁ ରୂପରେଖ ଦେଇ ଗଢ଼ିଛି । ସେ ଭିତରେ ମାଳତୀର ଅସ୍ତିତ୍ୱଟା ବେଳେ ୨ ଯୋଜକ--ନାଳୀକୁ ଛିନ୍ନ କରିପରି ଯେ ଉଲଟ ହୋଇପଡେ--ପୁଣି ତାରି ବ୍ୟଥାରେ ଗୁରୁ-ଓ ଶିଷ୍ୟା କେତେଦୂର ବିବ୍ରତ,—ଏ ତଥ୍ୟଟା ବୁଝି-

Digitized by srujanika@gmail.com

ବାଟେ଼ ସେଇ ଅଶିକ୍ଷିତା ପଲ୍ଲୀ ବାଳା କେତେବ ଅପାରଗ ହୋଇଣ । ନାରୀ–ପ୍ରାଣର ଟେଲିଫୋନ୍ ଯନ୍ତ୍ରରେ ସେ ଆଜ ଶୁଣି ପାରିଚ ଏମିତି ଗୋଟିଏ ସମ୍ବାଦ । ଯା' ପ୍ରଭାବରେ ଶତ ଶତାବ୍ଦୀର ସମାଜର ସଂସ୍କାର ବନ୍ଧନ ଛିଣ୍ଡି ତାର ଛୋଟ ବୁକୁଟି ଏତେ ଦୂର ହାଲୁକା ହୋଇ ଆସିଲାଣି—ବୋଧହୁଏ ଅବିଳମ୍ବେ ତାର ଆତ୍ମବନ୍ଧନଟା ପୃଥିବୀରେ ମୁକ୍ତ ହୋଇ ପଡ଼ିବ-- ସ୍ୱାଧୀନ ପଥରେ ଚାଲି ଯିବାକୁ । ନାରୀସମ୍ମାନ ଏବଂ ଆତ୍ମ-ପ୍ରତ୍ୟୟ ଭିତରେ ଆଜ ଯେଉଁ ଦୁର୍ଭେଦ୍ୟ ଯୋଗ-ସୂତ୍ର ଖଞ୍ଜା ହୋଇଚି, ସେଥିରୁ ଏମିତି ଗୋଟାଏ ଆଲୋକ ତା ଆଖି ଆଗରେ ଉଦ୍ଭାସିତ ହେଲାଣି, ଯାର ପ୍ରଭାବରେ ସେ ଦୁନିଆର–ସମାଜର ଗଭୀରତମ ଅଭ୍ୟନ୍ତରକୁ ଭଲକରି ଦେଖିପାରିଚି—ନୈସର୍ଗିକ ତତ୍ତ୍ୱରେ । ଏଇ ତତ୍ତ୍ୱର ଗବେଷଣା ପାଇଁ ପ୍ରକୃତ ରୂପ ତା' ବୁକୁଭିତରେ ଗୋଟାଏ ବିଶ୍ଲେଷଣାଗାର ତିଆରି କରି ରଖିଲାଣି ! ଟେଲିଫୋନ୍ ଯନ୍ତ୍ରରୁ କଥା ବାହାରିଲା ପରି ତାର ପ୍ରାଣ ଆଜ ନାରୀତ୍ୱକୁ ଯେଉଁ ଭାଷାରେ ବର୍ଣ୍ଣନା କରିଦେଇଚି, ସେଥି ଭିତରେ ତାରା, ମନ୍ଦୋଦରୀ, ଅହଲ୍ୟାଙ୍କ ପରି ପୁରାଣ ବର୍ଣ୍ଣିତା ସତୀ ଶିରୋମଣୀଙ୍କ ରୂପରାଶି ଉଜ୍ଜ୍ୱଳି ପଡେ !!

ନୀବିଡ଼ ଆକାଶରେ ବିଜୁଳିର ଏକ ତୀବ୍ର ଝଲକ ସଙ୍ଗେ ଗୁରୁ ଗମ୍ଭୀର - ବଜ୍ରପାତର ଚମକରେ ଠିକଏ ଚମକି ପଡ଼ି ଖୋଲା ଝରକା ଭିତରୁ ମଲତୀ ଦେଖିଲା —ସମ୍ମୁଖରେ ଥିବା ଆଉ ଘରଟି ଦେବର 'ବାବୁ' ଡାକ୍ତର୍ ଗଫୁର୍‌ର ସିଗାରେଟ୍ ଧୂଆଁରେ ଗୋଟାଏ ପତଳା ପରଦା ଟାଣି ଦେଇଛି । ଆଉ ସେଇ ଅଗ୍ନି ବିଜୁଳିବତୀକୁ ଛୁଞ୍ଚି କରି ଯୋଡ଼ାଏ ତୀବ୍ର ଆଖି ଜ୍ୱଳନ୍ତ ଅଙ୍ଗାର ଖଣ୍ଡ ପରି ତାରି ଆଡ଼କୁ ପ୍ରସାରିତ । ମାଲତୀର ଅଭ୍ୟସ୍ତ ହାତଟା ମୁଣ୍ଡ ଉପର ଓଢ଼ଣାକୁ ଛୁଇଁ ଅଧବାଟରେ ଅଟକି ଗଲା । ସେ ଦେଖିଲା-- ଆଉ ଘରର ଟେବୁଲ୍ ଉପରେ ବୋତଲ ଓ ଗ୍ଲାସ୍ ଭିତରୁ କିଛି ଗୋଟାଏ ନାଲିଆ-ତରଳ-ବସ୍ତୁ ବ୍ୟବହାର ଅପେକ୍ଷାରେ ଜଳୁଛନ୍ତି । ଏଇ ଯୁବକ ଡାକ୍ତର୍ ତାର ନିତାନ୍ତ ଅପରିଚିତ ନୁହେଁ ଥରେ ଦୁଇ ଥର କୁଇନାଇନ୍-ଇଞ୍ଜେକ୍‌ସନ୍ ତା ବାହୁରେ ଦେଇ ଯାଇଛନ୍ତି ସେ — ପୁଣି ଇଞ୍ଜେକ୍‌ସନ୍ ଦେବା ଭିତରେ ହାତ-ଟାକୁ ଧରି ଏମିତି କିଛି ଅନୁଭୂତ ଯୋଡ଼ି ଦେଇ ଯାଇଚ୍ଛି — ଯାର ତୀବ୍ର ଜ୍ୱାଳାକୁ ସେ ଲିଭାଇ ପାରିନି କେତେ ଚେଷ୍ଟା କରି ମଧ୍ୟ ଏ ପର୍ଯ୍ୟନ୍ତ !!

ଆଜି ଏଇ ଘନ ତମସାଚ୍ଛନ୍ନ ପ୍ରକୃତିର କୁହେଳିକା ଭିତରେ ଅତୀତର ସେଇ ଛୋଟ ଛୋଟ ସ୍ମୃତି-ପୁଞ୍ଜ ଖଦ୍ୟୋତ ପରି ଲୁଚକାଳି ଖେଳୁଛନ୍ତି ।

ଆଉ ଘରୁ ଠଂ - ଠଂ - ଢଂ - ଢଂ କରି ଶୁଭିଲା ପାଶ୍ଚାତ୍ୟ ସଙ୍ଗୀତରେ ନ' ଘଣ୍ଟା । ମାଲତୀ ବଡ ସାହାସରେ ଡାକ୍ତର୍ ହାତର ସେଇ ନାଲିଆ କାଚ ଗ୍ଲାସ୍‌ଟା ପ୍ରତି ଦେଖୁ ଦେଖୁ ଟାଣି ନେଲା - ଝରକା ଉପରେ ସେଇ ପତଳା ସାଗୁଆ ରଙ୍ଗର ପରଦାଟା । ଆଉ ସଙ୍ଗେ ସଙ୍ଗେ ତା ବୁକୁର ନାରୀତ୍ୱକୁ ଲୁଚାଇ ବଞ୍ଚାଇବାକୁ ବୋଧହୁଏ ଶୋଇବା ଘର ଖଟ ଉପରେ ଧଡାସ୍ କରି ଫୋପାଡି ଦେଲା ତାର ଅସଂଯତ ଭାରାକ୍ରାନ୍ତ ଶରୀରଟା । ବାହାରେ ଝଡ଼-ବର୍ଷାର ଗୁରୁ ଗମ୍ଭୀର ସଙ୍ଘର୍ଷରେ ଲାଗି ରହିଲା ତା ପ୍ରାଣର ସେ ମହାଭାରତ ଯୁଦ୍ଧ !!!

× × ×

ପ୍ରଭାତର କୋମଳ-ଅରୁଣ-ଲେଖା ଯେତେବେଳେ ସ୍ନେହ-ସ୍ନିଗ୍ଧ କର ସ୍ପର୍ଶରେ ମାଲତୀର ଉତ୍ତପ୍ତ କପୋଳକୁ ଚୁମ୍ବନ କଲେ — ସେ ଆଖି ମେଲାଇ ଦେଖିଲା - ବାହାରେ ସେଇ କୁସୁମ ଗଛର ଡାଳରୁ ବର୍ଷା ପାଣି ଟୋପା ଟୋପ ଝରି ଉଲୁଗ୍ନ ଝରକାର କାଚ ଉପରୁ ଝୁଣ୍ଟିଆସି ହୋଇ ଆସି ସେଇଠାର ପାଦପ ଖଣ୍ଡା ଭିଜାଇ ଦେଇଚି । ସେ ଭୁଲି ଯାଇଥିଲା ଝରକା ବନ୍ଦ କରିବା ପାଇଁ ଶୋଇବା ଆଗରୁ । ମାଲତୀ ସବୁ ଦିନ

Digitized by srujanika@gmail.com

ମଧ୍ୟ ଉଠିବାକୁ ଚେଷ୍ଟା କଲା;-କିନ୍ତୁ ପାରିଲାନି ! ଉଃ, ମୁଣ୍ଡଟା କି ଭାରି ବୋଧ ହେଉଛି ! ଦେହ ସାରା କି ଦରଜ !! ବ୍ୟାପାରଟା ଜାଣି ନେଇ ପୁଣି ଶୋଇ ପଡ଼ିଲା ମୁହଁ ମାଡ଼ି

× × ×

ଏ ଘଟଣାର ତୃତୀୟ ଦିନ ଏକ ମେଘାବୃତ ଅପରାହ୍ଣରେ ଯେତେବେଳେ ଡାକ୍ତର୍ ଗପୁର୍ ଷ୍ଟିଥାସ୍କୋପ୍‌ଟା ବେକରେ ଝୁଲାଇ ଦେଇ ଗୋଟାଏ ଉଜ୍ଜ୍ୱଳ-କଟାକ୍ଷରେ ରୋଗିଣୀକୁ ଚାହିଁ ଧୀରେ ଧୀରେ ମନ୍ତବ୍ୟ ଦେଲେ "Crisis is Passed" (ବିପଦ ଟଳି ଯାଇଛି) ସେତେବେଳେ ଡାକ୍ତର୍ ପ୍ରତି ସନ୍ତୁଷ୍ଟ ଦୃଷ୍ଟିରେ ଅନାଇ ଥିବା ଦୁଇ ଜଣ ନିର୍ବାକ ବ୍ୟକ୍ତି ମୁହଁରୁ ଏକା ସଙ୍ଗେ ଉଚ୍ଚାରିତ ହେଲା, - "ଭଗବାନ୍" — ଦେବ ଓ ମୈତ୍ରୀ ଉଭୟେ ଦୀର୍ଘ ନିଃଶ୍ୱାସ ପକାଇ କହିଲେ "Thank God" (ଈଶ୍ୱରଙ୍କୁ ଧନ୍ୟବାଦ୍) ରୋଗିଣୀର ନିଷ୍ପ୍ରଭ ଚକ୍ଷୁ ପ୍ରଥମେ ଦେବ, ତାପରେ ମୈତ୍ରୀ ଓ ଶେଷରେ ଡାକ୍ତର୍‌ଙ୍କ ମୁହଁ ଉପରେ ଯାଇ ଅଟକି ଗଲା—କୃତଜ୍ଞତାର ଅଞ୍ଜଳି ପରି ଅଜାଣତ ହେଲା ପରି ।

× × ×

ଏ ଘଟଣାର ବର୍ଷକ ପରେ ପୃଥିବୀ ଇତିହାସରେ ଯେତେ ସବୁ ପରିବର୍ତ୍ତନ ଘଟି ଯାଇଛି, ତାକୁ ଟପି ଗଲା ମାଳତୀର ସେଇ କ୍ଷୁଦ୍ର ଅମ୍ଳ-ପରିବର୍ତ୍ତନର ଗତି-ଧାରା ! ଯେଉଁ ଭୀଷଣ ଅନ୍ତର୍ଦ୍ୱନ୍ଦ୍ୱରେ ତାଙ୍କୁ ସମ୍ମୁଖୀନ ହେବାକୁ ପଡ଼ୁଛି ଏଇ କେତେ ଦିନ, ଭୀଷ୍ମ-ଦ୍ରୋଣଙ୍କ ପରି ମହାଯୁଦ୍ଧରେ ଥାଉଛି ସବୁ ବ୍ରହ୍ମାସ୍ତ୍ରକୁ ପ୍ରୟୋଗ କରି ଦେଇ ଶେଷରେ ଯେତେବେଳେ ସେ ସର୍ବସ୍ୱାନ୍ତ ହୋଇ ପଡେ ସେ ବୁଝିପାରିଲା ଯେ, ପ୍ରକୃତ ତା' ନିଜର କର୍ତ୍ତବ୍ୟ ସୁରୁରୁ କେବେ ସମ୍ପାଦନ କରିବାରେ ଥିଲେ ହେଲେ ପଶ୍ଚାତପଦ ହୋଇ ନାହିଁ । ଦେବର ସମ୍ମୁଖରେ ଯେଉଁ ଦିନ ମୈତ୍ରୀ ନିର୍ଲଜ୍ଜ

ପରି ଠିଆ ହୋଇ ହାସ୍ୟ ରୋଳର ବ୍ୟଙ୍ଗ ପ୍ରତି-ଧ୍ୱନି ସଙ୍ଗେ ତାଳ ପକାଇ କହିଲା — "ଦେବ ବାବୁ, ଗୁଡ଼ିଆକୁ ତେବେ ଖବର ପଠାଏଁ ରସଗୋଲା ପାଇଁ" ? — ଆଉ ଘରେ ମାଳତୀର ଅସହ୍ୟ-ପ୍ରସବ-ବେଦନା କ୍ଷଣକର ପାଇଁ କ୍ରନ୍ଦନରେ ମିଳେଇ ଗଲା — ଯେମିତି ଏକ ଅପ୍ରତ୍ୟାଶିତ ବଜ୍ରର ଦୁଃସହ-ଆଘାତରେ ! ସେ କିଛିକ୍ଷଣ ପାଇଁ ବେହୋସ୍ ହୋଇ ଓଲଟି ପଡ଼ିଲା ଅଦୂରେ ବସିଥିବା ରମାର ଗୋଡ ପାଖିରେ ଯାଇ !

× × ×

ଡାକ୍ତର୍ ଗପୁର୍ ରୁମାଲ୍‌ରେ କପୋଳ ଦେଶରୁ ଝାଳ ପୋଛୁ ପୋଛୁ ପ୍ରସୂତି ଘରୁ ବାହାରି ପଡ଼ି ବ୍ୟଗ୍ର କଣ୍ଠରେ ଦେବକର ସେଇ ସ୍ତିମିତ ମଳିନ ମୁହଁକୁ ଅନାଇ ପଚାରିଲା, - "କହ - କହ - ଦେବ ବାବୁ, Whom do you want ? Mother or child ?" (କାହାକୁ ତମେ ଚାହଁ ? ମା' ନା ପିଲା ?) ଦେବ ଥରେ ମୈତ୍ରୀର ମୁହଁକୁ ଅପରାଧୀଙ୍କ ପରି ନିରୀକ୍ଷଣ କରି ଧୀର-ଅସ୍ପଷ୍ଟ କଣ୍ଠରେ ଯାହା ଉଚ୍ଚାରଣ କଲା — ବୋଧହୁଏ ଡାକ୍ତର୍ ଶୁଣି ନପାରି ପୁଣି କହିଲା, "Beg your parden" ? (କଣ କହିଲେ) ମୈତ୍ରୀର ଦୀନ-ଛଳ ଛଳ-ନେତ୍ର ପ୍ରତି ଦୃଷ୍ଟି ରଖି ଭଙ୍ଗା ଭଙ୍ଗା ସ୍ୱରକୁ ଯୋଡ଼ି ଯୋଡ଼ି କହିଲା - "ମା -ଦା —"

ମନୁଷ୍ୟର ସବୁ ଚେଷ୍ଟା ସବୁବେଳେ ଯେବେ ଘଡ଼ିର ଘଣ୍ଟା ପରି ନିର୍ଦ୍ଦିଷ୍ଟ ପଥରେ ଗତି କରନ୍ତା, - ତାହାହେଲେ ଆଉ ଏକ ଅଦୃଶ୍ୟ ବସ୍ତୁର ବାହାଦୁରି କେଉଁଠାରେ ? — ଡାକ୍ତର୍‌ର ଶତ ଚେଷ୍ଟା ସତ୍ତ୍ୱେ ଫଳ ହେଲା ବିପରୀତ ।

ରମାର କମ୍ପିତ ବାହୁରେ ସଦ୍ୟ ପ୍ରସ୍ଫୁଟିତ କୁସୁମ କୋରକ ତୁଲ୍ୟ ଶିଶୁ ପୁତ୍ରକୁ ଦେଖି ସବୁ ଦୁଃଖକୁ ଭେଦ କରି ଯେତେବେଳେ ଦେବ ବାବୁ

Digitized by srujanika@gmail.com

ବୁକୁଭିତରେ ମିତ୍ରତ୍ୱର ଗର୍ବ ଅସ୍ତ୍ର ପ୍ରକାଶ କରିବାକୁ ଖୁଜୁଥିଲା, ଅନ୍ତରେ ଡାକ୍ତର୍‌ର ନିର୍ମମ କଣ୍ଠରୁ ଘୋଷିତ ହେଲା, "*It is my property*" !!! (ଏ ମୋର ସମ୍ପତ୍ତି ।)

—×○×—

## ମଲ୍ଲାରର ଶେଷରାଗ

(ଗଦ୍ୟ କବିତା)

ଶ୍ରୀ ଶ୍ରୀବତ୍ସ ନାୟକ

ମୟୂରର ନୃତ୍ୟ ଶେଷ ହୋଇଛି···
ଶ୍ରାନ୍ତ.. କ୍ଲାନ୍ତ.. ମ୍ଲାନ-ମୁଖ ମୟୂର ପୁଚ୍ଛ ଝାଡ଼ି
ବସିଛି କୋଠାଘରର ଉପରେ ।
ସେତେବେଳେ ବି ବନ୍ଦ ହୋଇନି ବର୍ଷାର ମଲ୍ଲାର···
ଝମ୍.. ଝମ୍.. ଝମ୍.. !!···
କଟକ ସହରର ଏକ ନିର୍ଜନ କୋଣରେ ..
ବନ୍ୟା-ସ୍ଫୀତା ମହାନଦୀର ତୀରେ ତୀରେ
ଜାଗିଛି ନବ କୁସୁମର ଫେନ
ଲାଗିଛି ଦୂର୍ବାଦଳର ଅଶ୍ରୁ ..
ମାଗିଛି ଶେଷ-ଶ୍ରାବଣର ଶୃଙ୍ଗାର !

ଝମ୍.. ଝମ୍.. ଝମ୍...!
ବର୍ଷା ଝୁଲିଛି ଅବିରାମ.. ଅଫୁରନ୍ତ ଗତିରେ !
ଦୂରରେ ଶୁଭୁଛି କାରଖାନାର ଚିମ୍‌ନୀର ଫୁତ୍କାର···
ଆଉ ଷ୍ଟେସନ୍‌ରୁ ଏକ୍‌ସପ୍ରେସର ବଂଶୀ !!
ପଥେ ପଥେ ଭଙ୍ଗା ନର୍ଦ୍ଦମାର ଖଲ୍ ଖଲ୍ ଶବ୍ଦ···
ଗଳିର ବାଙ୍କ ପାଖରୁ ଆସୁଛି ନିଷ୍ପ୍ରଭ କେରୋସିନ୍-
ବତୀ-ସ୍ତମ୍ଭର ମ୍ଲାନ-ଆଲୋକ-ରଶ୍ମି !!
ସେ'କି ପୈଶାଚିକ ଆଲୋକ ?
ରୂପକଥାର ଦୁରନ୍ତ ରାକ୍ଷସର ତୃତୀୟ-ନୟନର ଅଗ୍ନି ?!!
···ଅସାର ସିକ୍ତ ମୟୂଖର ସବୁଜ..ନୀଳ ରେଖାରେ ?
.. ଲକ୍ଷ ପ୍ରତିବିମ୍ବ ସୃଷ୍ଟି କରି-
ଜଳ ଝୁଲିଛି······
କଟକ ମ୍ୟୁନିସି-ପାଲିଟିର ନିଷ୍ପ୍ରଭ କେରୋସିନ୍-ଦୀପ !
ଝମ୍.. ଝମ୍..ଝମ୍.. !!
··· ..
ମୋର କେବିନ୍‌ର ସାମ୍ନା ଦୋମହଲାର ଝର୍କା ଭିତରୁ
ବିଦ୍ୟୁତ ଆଲୋକର ରଶ୍ମି ବୁହାଇ···
ଭାସି ଆସୁଥିଲା ତା'ର ରୂପ.. ;
ତା'ର ଦେହର ଗନ୍ଧ ···
ତା'ର ନବ ପୁଷ୍ପବତୀ ତନୁର ଅପୂର୍ବ-ନିମନ୍ତ୍ରଣ !!
ଏକମାତ୍ର କଟାକ୍ଷ !
କେବଳ ଗୋଟିଏ ମାତ୍ର କଟାକ୍ଷ !!
ତା'ପରେ ଘୋର ଅନ୍ଧାର ।···
ବାହାରେ ବାରଟା ରାତିରେ
ବର୍ଷାର ତୋଫାନ୍ ପିଟି ପିଟି ଫାଟି ଯାଉଛି--
ଦୁର୍ଭେଦ୍ୟ-ଯାମିନୀର ଦୁର୍ଭାଗ୍ୟ ଅଟ୍ଟହାସ ପରି !!!
ରାସ୍ତାର ଏ ଧାରରେ ..
ଏକ ମହଲା ବୋର୍ଡିଂ'ର ସିଙ୍ଗଲ କେବିନ୍‌ରେ···
ନିତିଦିନ ପଡ଼ି ପଡ଼ି ହୋଇଛି--
ମୋ'ର ଛାତ୍ର--ଜୀବନର
କୁମାର-ଶଯ୍ୟା ! ···
ଆଉ ମୁଁ ?
ବନର ପୁଷ୍ପିତ--ତନୁ ତଟେ ତଟେ,
ନୀପନୀଡ଼ର ଜାଗ୍ରତା କପୋତୀର କୁଳାୟେ···

Digitized by srujanika@gmail.com

ଝଡ଼ ସ୍ଫୀତ-ପକ୍ଷ କପୋତର ପରି
ଆଶ୍ରୟ ଲୋଡ଼େଁ…
ମୁହେଁ ଖାଲି ଟିକିଏ ଆଶ୍ରୟ !
ମୁହେଁ ଖାଲି ଗୋଟିଏ ରାତିର ଆଶ୍ରୟ !!
ଗୋଟିଏ ଭୀରୁ-ବର୍ଷା-ରାତିର ଆଶ୍ରୟ !!!
ମୋର ଜୀବନର ପ୍ରଥମ… ସବୁଜ-ମଧୁଶଯ୍ୟା !!!…
ବାତାୟନ ବନ୍ଦ ହେଲା…
ମହାନଦୀର କୂଳକୁ ବହି ଆସିଲା…
ଦୁଉ…ଦୁଉ…ଦୁଉ…!!!

## ରାଧାନାଥଙ୍କ ଉଷା ଓ ଆଟ୍‌ଲାଣ୍ଟା'ସ୍ ରେସ୍

ଶ୍ରୀ ବିନୋଦଚନ୍ଦ୍ର ନାୟକ ଏମ୍. ଏ

"୨୦ ଆଷାଢ଼ ୧୨୭୫ । ୨ ଜୁଲାଇ ୧୮୬୮" ସଂଖ୍ୟା ଅମୃତ ବଜାର ପତ୍ରିକାରେ ନିମ୍ନଲିଖିତ ଅଂଶ ପ୍ରକାଶ ହୋଇଥିବା ବିଷୟରେ ବଙ୍ଗ ସାହିତ୍ୟିକ ଶ୍ରୀ ବ୍ରଜେନ୍ଦ୍ର-ନାଥ ବନ୍ଦ୍ୟୋପାଧ୍ୟାୟ "ଶନିବାରେର ଚିଠି" ୧୯ଶ ବର୍ଷ ୩ୟ ଖଣ୍ଡ ପୌଷ ୧୩୫୩ ସଂଖ୍ୟାରେ ଲେଖିଛନ୍ତି:-

'ଅମୃତ ବଜାର ପତ୍ରିକାର' ଆଲୋଚ୍ୟ ସଂଖ୍ୟା ସମୂହରେ କେତେ ଗୁଡ଼ିଏ ପୁସ୍ତକ-ପତ୍ରିକାର ସମାଲୋଚନା ଅଛି । ସଂକ୍ଷେପରେ ଏହି ମଧ୍ୟରୁ କେତୋଟିର ଉଲ୍ଲେଖ କରୁଅଛୁ; ବଙ୍ଗଳା-ସାହିତ୍ୟର ଇତିହାସକାରଙ୍କର ଏହା କାର୍ଯ୍ୟରେ ଲାଗିପାରେ:—

(୧) ହିତ ସାଧକ……
(୨) (ଅଷ୍ଟମ) ପ୍ରୟାଗ ଦୂତ……
(୩) କବିତାବଳି ।… ଏ ଗ୍ରନ୍ଥ ଖଣ୍ଡିକ ବାଲେଶ୍ୱର ନିବାସୀ ଶ୍ରୀଯୁକ୍ତ ରାଧାନାଥ ରାୟ କୃତ । ୧୨ ପେଜୀ ଫର୍ମାରେ ୫୧ ପୃଷ୍ଠାସଂପନ୍ନ । କଲିକତା ନୂତନ ସଂସ୍କୃତ ଯନ୍ତ୍ରରେ ଅତି ଉତ୍କୃଷ୍ଟରୂପେ ମୁଦ୍ରିତ ହୋଇଅଛି । ଏ ଖଣ୍ଡିକ କାବ୍ୟ ଗ୍ରନ୍ଥ ।… ବଙ୍ଗଭାଷାରେ ବୀରାଙ୍ଗନା, ସଦ୍‌ଭାବ ଶତକ ପଦ୍ୟପାଠ ପ୍ରଭୃତି କେତେ ଖଣ୍ଡ ପ୍ରସିଦ୍ଧ କୋଷ-କାବ୍ୟ ଅଛି । ଏହି ଗ୍ରନ୍ଥ ଖଣ୍ଡିକ କୋଷ କାବ୍ୟ ହେଲେହେଁ ଚତୁର୍ଦ୍ଦଶ ପଦୀ କବିତାବଳି ଭିନ୍ନ ଅନ୍ୟ ସହିତ ଏହାର ସାଦୃଶ୍ୟ ନାହିଁ । ଏହାକୁ ଇଂରେଜରେ ସନେଟ୍ କୁହାଯାଏ । ଇଟାଲି ଦେଶୀୟ ପ୍ରସିଦ୍ଧ କବି ପେଟ୍ରାର୍କ୍ ଏହାର ସ୍ରଷ୍ଟା । ମଧୁସୂଦନ (ମାଇକେଲ୍) ବାବୁ ବଙ୍ଗ ଭାଷାରେ ଏରୂପ କାବ୍ୟ ପ୍ରଥମ ଲେଖନ୍ତି ଏବଂ ପ୍ରସ୍ତାବିତ ଗ୍ରନ୍ଥଖଣ୍ଡିକ ଏହି ଶ୍ରେଣୀର ଦ୍ୱିତୀୟ କାବ୍ୟ । ଏଥିରେ ବିଲକ୍ଷଣ ଭାଷାଲାଳିତ୍ୟ, ଶବ୍ଦଚାତୁର୍ଯ୍ୟ, ଏବଂ ଭାବମାଧୁର୍ଯ୍ୟ ଓ ଗାଢ଼ତା ପ୍ରଭୃତି କାବ୍ୟର ଅବଶ୍ୟ ପ୍ରୟୋଜନୀୟ ବିଷୟ ଗୁଡ଼ାକ ଦୃଷ୍ଟହୁଏ ।…(୨୦ ଆଷାଢ଼ ୧୨୭୫ । ୨ ଜୁଲାଇ ୧୮୬୮)

ଶ୍ରୀ ଆର୍ତ୍ତତ୍ରାଣ ଷଡ଼ଙ୍ଗୀ (ହଂସାନାବାଦ, କଟକ) ମଧ୍ୟ ରାୟ ରାଧାନାଥ ରାୟ ବାହାଦୁରଙ୍କ ସଂକ୍ଷିପ୍ତ ଜୀବନ ଚରିତରେ ଲେଖିଅଛନ୍ତି, ରାଧାନାଥ ଔପନିବେଶିକ ବଙ୍ଗୀୟ ଦକ୍ଷିଣ ରାଢ଼ୀୟ କାୟସ୍ଥ ବଂଶ ସମ୍ଭୂତ ଅଟନ୍ତି ।…ରାଧାନାଥଙ୍କ ଜାତୀୟ ଉପାଧି 'ଦେ' ।… × ×

"କେତେକ ମାସ ଉତ୍ତାରୁ ରାଧାନାଥ ବଙ୍ଗ ପ୍ରଦେଶାନ୍ତର୍ଗତ ବାଂକୁଡ଼ା ଜିଲ୍ଲା ଦ୍ୱିତୀୟ ଶିକ୍ଷକ ପଦରେ ନିଯୁକ୍ତ ହେଲେ ।…(ମହାରଜା) ବୈକୁଣ୍ଠନାଥ ଦେ'ଙ୍କ

Digitized by srujanika@gmail.com

'ସାହାଯ୍ୟରେ ତାହାଙ୍କର ଦ୍ୱିତୀୟଭାଗ ବର୍ଣ୍ଣନା କବିତା ବଳୀ ପ୍ରକାଶ କଲେ । ......

ଅର୍ଥାତ୍ ରାଧାନାଥ ଖୁବ୍ ଶୁଭ ସମୟରେ ବଙ୍ଗ ସାହିତ୍ୟ ରଚନାରେ ହସ୍ତକ୍ଷେପ କରିଥିଲେ । ଜାତିରେ ବଙ୍ଗାଳି, ଶିକ୍ଷାସ୍ଥଳ ବଙ୍ଗଳା, ପ୍ରଥମ ରଚନା ବଙ୍ଗଳାରେ ଆଜି ସୁଦ୍ଧା ବଙ୍ଗର ସାହିତ୍ୟ ଐତିହାସିକ ରାଧାନାଥ ନାମରେ ଗର୍ବ ଅନୁଭବ କରେ । ବଙ୍ଗ ଓଡିଶା ବକ୍ଷରେ ବିଜୟ ପତାକା ପ୍ରୋଥିତ କରିବାର ଏ ମଧ୍ୟ ଏକ ନିଦର୍ଶନ !!

କିନ୍ତୁ ରାଧାନାଥ ବଙ୍ଗସାହିତ୍ୟକୁ ଯାହା ତାଙ୍କର 'କବିତାବଳୀ'ରେ ଦେଲେ ଉତ୍କଳ ସାହିତ୍ୟକୁ ତାହା ଦେଇ ନାହାନ୍ତି । ରାଧାନାଥ ଗ୍ରନ୍ଥାବଳୀରେ 'ଚତୁର୍ଦ୍ଦଶପଦୀ' କବିତା ନାହିଁ, ତଥା... ଭାବ ମାଧୁର୍ଯ୍ୟ ଓ ଗାଢତା ପ୍ରଭୃତି କାବ୍ୟର ଅବଶ୍ୟ ପ୍ରୟୋଜନୀୟ ବିଷୟ ଗୁଡାକ ଲକ୍ଷ୍ୟ ହୁଏନାହିଁ । ମଧୁସୂଦନ (ମାଇକେଲ) ବାବୁଙ୍କର ତୁଲ୍ୟ ଚତୁର୍ଦ୍ଦଶପଦ କବିତା, ପ୍ରେଟ୍ରାର୍କଙ୍କ ଅନୁସରିତ କୋଷକାବ୍ୟ ରାଧାନାଥ ଆମକୁ ନଦେଇ ଦେଇଯାଇଛନ୍ତି ଅନ୍ୟ ବୈଦେଶିକ ସାହିତ୍ୟର ରୋମାଣ୍ଟିକ ଉଚ୍ଛିଷ୍ଟ ମାତ୍ର । * ଆଜି ସେଇ ଉଚ୍ଛିଷ୍ଟ ସାହିତ୍ୟର ରସ ଗ୍ରହଣ କରି ଉତ୍କଳ ରସପିପାସୁ ନିଜକୁ ଧନ୍ୟବାଦାର୍ହ ମନେକରେ ଏବଂ ବିଂଶ ଶତାବ୍ଦୀର ପ୍ରଥମ ଭାଗର ଶ୍ରେଷ୍ଠ କବି ରୂପେ ଔପନିବେଶିକ ବଙ୍ଗ ବ୍ୟକ୍ତିଙ୍କ ସ୍ତୁତିଗାନ କରି ବୁଲେ ।

ଏହି ରୋମାଣ୍ଟିକ ବୈଦେଶିକ ସାହିତ୍ୟର ଉଚ୍ଛିଷ୍ଟ ମଧ୍ୟରୁ ରାଧାନାଥଙ୍କର 'ଉଷା' କାବ୍ୟ ଅନ୍ୟତମ । ରାଧାନାଥ ଉଷାର କଥାବସ୍ତୁ ତଥା ବର୍ଣ୍ଣନା ରହସ୍ୟ Morrisଙ୍କର ଆର୍ଥ୍‌ଲି ପାରାଡାଇଜ୍'ସ୍ ରେସ୍‌ରୁ ଆହରଣ କରିଛନ୍ତି । Morrisଙ୍କ ମଧ୍ୟ ଏହା ନିଜସ୍ୱ ନୁହେଁ, ତାଙ୍କ ପୂର୍ବେ ଅନେକ ଗ୍ରୀକ୍ ଏବଂ ଲାଟିନ୍ କବି ଏ ବିଷୟରେ ହସ୍ତକ୍ଷେପ କରି ଯାଇଛନ୍ତି । ଏମାନଙ୍କ ମଧ୍ୟରେ କାଲିମେକସ୍ (Callimachus), ଏଲେନ୍ (Aelien) ଏପୋଲୋଡୋରସ୍ (Apollodorus), ପ୍ରପେରଟିସ୍ (Propetius) ଇଉରିପିଡିସ୍ (Euripidus), ଥିଓକ୍ରିଟସ୍ (Theocritus), ଏବଂ ଓଭିଡ୍ (Ovid) ପ୍ରଧାନ । ସ୍ମିଥ୍ Smith ଙ୍କର Classical Dictionary ରେ ଏସମସ୍ତଙ୍କ ଅନୁଧ୍ୟାନ କରି ଦୁଇଶ୍ରେଣୀର ଆଖ୍ୟାୟିକା ନିର୍ଣ୍ଣୟ କରିଛନ୍ତି:— ପ୍ରଥମ ଅର୍କେଡିଆନ୍ ଏବଂ ଦ୍ୱିତୀୟ ବୋଏସିଅନ୍ ଆଖ୍ୟାୟିକା । ତଥାପି ପ୍ରତ୍ୟେକ କବି ନିଜ ନିଜର ଭିନ୍ନଦୃଷ୍ଟି କୋଣରୁ ଜୀବନର ବିଭିନ୍ନ ଅନୁଶୀଳନ ଆଖ୍ୟାୟିକା କାବ୍ୟରେ ପ୍ରକାଶ କରି ଯାଇଛନ୍ତି; ଉପାଖ୍ୟାନ କେବଳ ଅଶ୍ରୟ ମାତ୍ର । ମୋରିସ୍ ମଧ୍ୟ ନିଜେ ଏଥି ବାଛି ନେଇଯାଇ ପୁରାତନ ଘଟଣାକୁ ବାଦ ଦେଇଛନ୍ତି, ତାଙ୍କ କାବ୍ୟରେ ମଧ୍ୟଯୁଗ ଇଂଲଣ୍ଡ ଶ୍ରେଣୀପୁଞ୍ଜର ଇଂଗିତ ଅଛି, କାରଣ ମୋରିସ୍ ଜଣେ ସୋସିଏଲିଷ୍ଟ । କେବଳ କଥାବସ୍ତୁକୁ ଆହରଣ କରିଥିଲେ ରାଧାନାଥଙ୍କ କିଛି କହିବାର ନଥିଲା । ଲୋକମନରଂଜକ କରିବାକୁ ଯାଇ ରାଧାନାଥ ଏହି ଆଖ୍ୟାୟିକାକୁ ଭିନ୍ନ ନାମରେ ପରିଚିତ କରାଇ ଏକ ଐତିହାସିକ ପରିଚ୍ଛଦ ଦେଇଛନ୍ତି । ଏପରିକି କାବ୍ୟର ଫୁଟ୍ ନୋଟରେ ଅମ୍ଳାନ ବଦନରେ ଅବାନ୍ତର ଐତିହାସିକ ଯୁକ୍ତି ବାଢ଼ିଛନ୍ତି, ଯଥା:— ଶୋଣିତପୁର— ପ୍ରଚଳିତ ନାମ ସୁନହାଟ । କିମ୍ବା- ନୀଳଗିରି ରାଜଧାନୀର ସନ୍ନିହିତ କେବଳରେ ନାମ ସ୍ୱର୍ଣ୍ଣଚୂଡ଼ ବା ସୁନାଚଟ...(ରା: ଗ୍ର: ୪ସଂ; ପୃ୧୦ଓ୮୭)

ଓଡ଼ିଶାରେ ସୁନ୍ଦର କିମ୍ବଦନ୍ତୀର ଅଭାବ ନାହିଁ, ପୁରୁଷୋତ୍ତମଙ୍କ କାଞ୍ଚିବିଜୟ, ସାକ୍ଷୀଗୋପାଳଙ୍କ ମାନବୀ-ପ୍ରେମ, ଶିଖିମନାଇଙ୍କର କୁଟିଳ ଚକ୍ରାନ୍ତ, ଧର୍ମପଦର ଆତ୍ମହତ୍ୟା, କାଳାପାହାଡ଼ର ଜଗନ୍ନାଥ ଯାହାଙ୍କ ଗୋଡ଼ା ବରଣ, ନଗୋପବନ୍ଧୁ, ମାନସିଂହ ଇତ୍ୟାଦି ପରେ ଆହରଣ କରିଛନ୍ତି, ସେ ସମସ୍ତକୁ ନେଇ ରାଧାନାଥ ପ୍ରଥମ୍

* 'ଚତୁରଙ୍ଗର' ପ୍ରଥମ ବର୍ଷ ନବମ ସଂଖ୍ୟାରେ ପ୍ରକାଶିତ 'ରାଧାନାଥଙ୍କ ମହାଯାତ୍ରାରେ ସ୍ପେନ୍ସାର ଓ, ମିଲଟନ୍' ଓ ଦ୍ୱିତୀୟ ବର୍ଷ ଚତୁର୍ଥ ସଂଖ୍ୟାରେ ପ୍ରକାଶିତ 'ରାଧାନାଥଙ୍କ କେଦାର ଗୌରୀ ଓ ଗ୍ରୀକ୍ ଗଳ୍ପ' ସମାଲୋଚନା ଦ୍ୱୟ ଦ୍ରଷ୍ଟବ୍ୟ ।

Digitized by srujanika@gmail.com

ଶ୍ରେଣୀର କାବ୍ୟ ଲେଖିପାରିଥାନ୍ତେ । ସେ ଯାହା ହେଉ ଉଷା ଓଡ଼ିଶାର ନିଜସ୍ୱ ନୁହେଁ, ତାହା ସାତ ସମୁଦ୍ର ତେର ନଦୀ ପାରିର ଆଟ୍‌ଲାଣ୍ଟା । ଏଇ ଉଷା ଉପାଖ୍ୟାନକୁ ଭିତ୍ତି କରି ବାଲେଶ୍ୱରର କୌଣସି ବିଦ୍ୟାଳୟ ଉଷାନାମ୍ନୀ ବିଦ୍ୟାଳୟର ପତ୍ରିକା ପ୍ରକାଶ କରୁଥିଲେ ଏବଂ ଜବା ରୋପଣ କରି ଉଷାରାଗ ବିକୀରଣର ଚେଷ୍ଟା କରୁଥିଲେ ବୋଲି ଜଣେ ପ୍ରଖ୍ୟାତନାମା ସାହିତ୍ୟିକ ପରେ ଲେଖିଥିଲେ । ଏହା ଆତ୍ମଘାତୀ ପ୍ରଦର୍ଶନ ମାତ୍ର !! ରାଧାନାଥ ମୋରିସ୍‌ଙ୍କୁ ପଦେ ପଦେ କିପରି ଅନୁକରଣ କରିଛନ୍ତି, ତାହା କ୍ରମଶଃ ଆଲୋଚନା କରାଗଲା ।

ରାଜା ସ୍କୋନିୟସ୍ (Schoeneus) ଙ୍କର ଗୋଟିଏ କନ୍ୟା ଜାତ ହେବାରୁ ଜନ୍ମ ପରେ କନ୍ୟାକୁ ଜଙ୍ଗଲରେ ଛାଡ଼ି ଦେଇ ଆସିଲେ । କନ୍ୟାଟିକୁ ଗୋଟିଏ ଭଲ୍ଲୁକୀ ପାଳନ କଲା । ପରେ ଭଲ୍ଲୁକୀଟିକୁ ହତ୍ୟାକରି ଜଣେ କାଠୁରିଆ କନ୍ୟାକୁ ନେଇ ଆସିଲା । ରାଜବଂଶୀୟ ସୁଲଭ ଗୁଣରେ ପ୍ରଣୋଦିତ ହୋଇ କନ୍ୟାଟି ବନଜନ୍ତୁ ଶିକାରରେ ଦ୍ୱାରା ପାରଙ୍ଗମ ହେଲା । ପରେ ରାଜା ନିଜ କନ୍ୟାକୁ ଚିହ୍ନି ଗ୍ରହଣ କଲେ । ଏହି କନ୍ୟାଟିର ନାମ ଆଟ୍‌ଲାଣ୍ଟା ।

ରାଧାନାଥ ଉଷାକୁ ନୃପଙ୍କ ରାଜପ୍ରାସାଦରେ ଜନ୍ମ ଗ୍ରହଣ କରାଇଛନ୍ତି ଏବଂ ସ୍ୱଭାବତଃ ତାକୁ ଶିକାର ପଟୁ କରିଛନ୍ତି । ତାଙ୍କର କବି ସ୍ୱାଧୀନତା (Poet's Liberty) ପାଠକ ମନକୁ ମୂଳ କଥାବସ୍ତୁ ପରି ଗ୍ରହଣ କରି ପାରେ ନାହିଁ । ମୂଳ କଥାବସ୍ତୁ ମିଳନାନ୍ତିକ, ସେଥିରେ କୁମାରୀ ଦେବୀ ଡାଏନା (Diana) ଙ୍କର ପ୍ରଭାବକୁ ଶୂନ୍ୟ କରିବା ପାଇଁ ଭେନସ୍ (Venus) ଙ୍କ ପ୍ରଭାବ ସହ ତାଙ୍କର ବିବାଦର ସୂତ୍ରପାତ ହୋଇଛି । ଅର୍ଥାତ୍ କଠୋର କୌମାର୍ଯ୍ୟ ଉପରେ ପ୍ରେମର ଆଧିପତ୍ୟ ମାନବ ଜୀବନକୁ ପୂର୍ଣ୍ଣତା ପ୍ରଦାନ କରିଛି । ରାଧାନାଥ କିନ୍ତୁ ଏହି ଉପାଖ୍ୟାନକୁ ବିୟୋଗାନ୍ତ କରିବାକୁ ଯାଇ ଉଷା ଜନ୍ମର ଗୋଟିଏ ଅଦ୍ଭୁତ କଳ୍ପନା କରିଛନ୍ତି । ନୃପଙ୍କ ମହିଷୀ ସ୍ୱପ୍ନରେ ଦେଖିଛନ୍ତି ଯେ, ଦୁଇଟି ଆକାଶ ଜ୍ୟୋତି ଆସି ଗୋଟିଏ ତାଙ୍କର ଦେହରେ ବିଲୀନ ହେଲା, ଅପର —

"ଏକ ଜ୍ୟୋତି ଗଲା ମନୋରଥ ଗତି ବାୟୁବ୍ୟ-ଦିଗେ," ଅର୍ଥାତ୍ ଏହି ଜ୍ୟୋତିଟି ଜୟନ୍ତର ପ୍ରତୀକ । ଏହା ପରେ ରାଧାନାଥଙ୍କ ଦୀର୍ଘ ପ୍ରକୃତି ବର୍ଣ୍ଣନା ଓ ଉଷା ରୂପ ବର୍ଣ୍ଣନା । ଶ୍ରୀଯୁକ୍ତ ମନମୋହନ ମିଶ୍ର 'ଆରତି'ରେ ଏହି ବିଷୟରେ ଲେଖିଛନ୍ତି, "କିନ୍ତୁ ରାଧାନାଥଙ୍କ ଆଖି ମଣିଷ ବା ପ୍ରକୃତିର ଆବରଣ-ଭେଦ ତଳକୁ ଯାଇ ପାରୁ ନ ଥିଲା । ସେ କେବଳ ବାହାରର ଛବିରେ ମୁଗ୍ଧ ହୋଇଥିଲେ, ଏବଂ କେବଳ ସୁନ୍ଦର ଛବିରେ ଜଗତରେ ବିଭତ୍ସ ଜଘନ୍ୟ ଛବି ଯେ ଅଛି, ସେଥିକି ସେ ଆଖି ବୁଜି ଦେଇ ଅଛନ୍ତି ଏବଂ ମନୁଷ୍ୟ ଭିତରେ ଚିନ୍ତା, ଅନୁଭୂତି, ଜିଜ୍ଞାସା, ସନ୍ଦେହ ପ୍ରଭୃତିର ଯେଉଁ ଝଞ୍ଜା ଅନବରତ ବହୁଛି, ସେ ସବୁକୁ ସେ ପ୍ରକାଶ କରି ପାରି ନାହାନ୍ତି । ତାଙ୍କର ସଂସାର ଏ ସଂସାର ନୁହେଁ, ସେଠି ନରନାରୀର ଚାଲୁଛି କେବଳ ରୋମାନ୍ସ ଅଥବା ଇତିହାସର ଭୂତ ସବୁ ସେଠି ଚଳାଫେରା କରନ୍ତି ।" ଶ୍ରୀଯୁକ୍ତ ମିଶ୍ର ଜଣେ କମ୍ୟୁନିଷ୍ଟ, ରୋମାନ୍ସ ପ୍ରତି ତାଙ୍କର ନଜର କମ୍, ତଥାପି ରାଧାନାଥଙ୍କ ପ୍ରକୃତି ବର୍ଣ୍ଣନା ବିଷୟରେ ସେ ଉପଯୁକ୍ତ କଥା କହିଛନ୍ତି ।

ଆଟ୍‌ଲାଣ୍ଟା'ଜ୍ ରେସ୍‌ରେ ନାୟିକା ଆଟ୍‌ଲାଣ୍ଟା ଏବଂ ନାୟକ ମିଲାନିୟନ୍ (Milanian) । ବର୍ତ୍ତମାନ ଉଷା ଏବଂ ଆଟ୍‌ଲାଣ୍ଟା'ଜ୍ ରେସ୍ କିପରି ସମାନ୍ତରାଳ ଭାବରେ ଗତି କରୁଛି ତାହା ନିମ୍ନରେ ପ୍ରଦର୍ଶିତ ହେଲା ।

ଆଟ୍‌ଲାଣ୍ଟାର ପ୍ରତିଜ୍ଞା

The maid has vowed e'en such
a man to wed.

Digitized by srujanika@gmail.com

As in the course her swift feet
can outrun,
But who so fails hear in his days
are done
(X X IV 186 - 188 A. R)

ଶପଥ ପ୍ରତିଜ୍ଞା ମନେ ମନା ହିଲ ନନ୍ଦନ ସାର
ଗଣ୍ଡ ବେଗେ ତାକୁ ଯେ ଜିଣିବ ହେବ ପତି ସେ ତାର

×     ×     ×

ହାରି ଗଲେ ଶିର- ଚ୍ଛେଦ ଦଣ୍ଡ ତାର ହେବ ନିଶ୍ଚୟ ।
[ଉଷା, ରାଧାନାଥ]

ଆଟାଲାଣ୍ଟା କୁମାରୀ । ସୁତରାଂ କୁମାରୀ ଦେବୀ ଡାଏନାଙ୍କର ସେ ପୂଜାରିଣୀ । ତାକୁ ଲାଭ କରିବା ପାଇଁ ମିଲାନିୟନ୍ ପ୍ରେମ ଦେବୀ ଭେନସ୍‌ଙ୍କର ଶରଣାପନ୍ନ ହେଲ । ରାଧନାଥ କିନ୍ତୁ ଅପୌରୁଷକ ଭାବରେ ଜୟନ୍ତକୁ କୁମାର ଦେବତା କାର୍ତ୍ତିକେୟଙ୍କର ଶରଣାପନ୍ନ କରିଛନ୍ତି । ଜଣେ କୁମାର ଦେବତା ତାର ଭକ୍ତକୁ ନାରୀପ୍ରେମର ବରଦାନ କରୁଛନ୍ତି ! ଆଟାଲାଣ୍ଟା କୁମାରୀ ଦେବୀଙ୍କ ଆଶ୍ରୟ କରୁଥିବାରୁ ଏବଂ ଉତ୍କଳ ସାହିତ୍ୟରେ ଏପରି ଏକ ଦେବୀଙ୍କ ଅଭାବରୁ ଜୟନ୍ତ ପାଇଁ ରାଧାନାଥ ଙ୍କ କୁମାର ଦେବତା କାର୍ତ୍ତିକେୟଙ୍କ ଆଣି ଥୋଇବା ବଡ ଦୁର୍ବିନୀତ ବିଷୟ । ବରଂ ତାଙ୍କ ସ୍ଥଳରେ ମଦନଙ୍କୁ ଉପସ୍ଥାପନ କରିଥିଲେ ସୁନ୍ଦର ହୋଇ ଥାନ୍ତା । ଉଷାର କିନ୍ତୁ କୌଣସି ଉପାସନା ନାହିଁ !!

ମିଲାନିୟନ୍ ଆଟାଲାଣ୍ଟାକୁ ପ୍ରଥମ ଜଣେ ପାଣିପ୍ରାର୍ଥୀ ସଙ୍ଗେ ଦୌଡିବାକୁ ଦେଖିଲ, ଜୟନ୍ତ ଉଷାକୁ ଶିକାର ସ୍ଥଳରେ ବନ୍ୟପଶୁଙ୍କର ହସ୍ତରୁ ରକ୍ଷା କଲ । ମିଲାନିୟନ୍ ମଧ୍ୟ ଜଣେ ଶିକାରୀ । ପରେ ମିଲାନିୟନ ଆସି ଆଟାଲାଣ୍ଟାର ପିତା Schoeneus ନିକଟରେ ନିଜର ପରିଚୟ ଦେଇ ଆଟାଲାଣ୍ଟାର ପାଣିଗ୍ରାହୀ ହେଲ, ଯେପରି ଜୟନ୍ତ ଆସିଃ —

ସବିନୟେ ନିଜ-ପରିଚୟ ଦେଲ ଶିର ନୋଆଇ
ଅର୍ଥୀ ହେଲ ସାର ତରୁଣ ଦାରୁଣ ପ୍ରତିଜ୍ଞା ପାଇଁ (ଉଷା)

ପରେ —

ଜୟନ୍ତକୁ ଦେଖି ନୃପଙ୍କର ହେଲ ହର୍ଷବିଷାଦ
ଅର୍ଥୀ ହେବାରୁଟି ସଜଳ ନୟନେ କଲେ ନିଷେଧ

ସେହିପରି Schoeneus କହୁଛନ୍ତି ମିଲାନିୟନ୍‌କୁ
O son ! be wise and harken to me

×     ×     ×

But if thou hosest life than all is lost
(X L V11)

ତା ଶୁଣି —
Milanion said"......
Fulfilled delight or death to
end my pain (XLVII)
- Atlanta's Race -

ସେହିପରି ଜୟନ୍ତ କହନ୍ତି —
ମଣିଲଭ ହେବ ଅଥବା ପଡିବ ମୁଣ୍ଡ ଅଗ୍ରନ । (ଉଷା)
Schoe neus ମିଲାନିୟନ୍‌କୁ ଗୋଟିଏ ମାସ ମଧ୍ୟରେ ପୁନଶ୍ଚ ଆସି ପ୍ରତିଯୋଗିତା କରିବା ପାଇଁ କହିଥିଲେ ମିଲାନିୟନ୍ ଭେନସଙ୍କର କୃପାରେ ବରପ୍ରାପ୍ତ ହେଲ । ଜୟନ୍ତକୁ କିନ୍ତୁ ଆଗର ଦିନ ପାଇଁ ଅନୁମତି ମିଳିଗଲ, ଆଉ ସମୟ ନାହିଁ, ଦୌଡିବା ଆଗରୁ ସ୍କନ୍ଦ ଆସି ଲୋକ ଲୋଚନ ଅଗୋଚରରେ ଭକ୍ତକୁ ମାନସ ପଦ୍ମ ଦେଇ ପକାଇଲେ ମିଲାନିୟନ୍ ଭେନସଙ୍କୁ ପ୍ରାର୍ଥନା ଜଣାଉଛନ୍ତି:-

" O thou who oft
Hast holpen man and maid in their
distress
Despise me not for this my
wretchedness.

ଜୟନ୍ତ କାର୍ତ୍ତିକେୟଙ୍କ ପ୍ରାର୍ଥନା କରୁଛନ୍ତି: —
ହେ ଦେବ କୁମାର ଭକତଙ୍କ କର ସଙ୍କଟୁ ତ୍ରାଣ

+     +     +

Digitized by srujanika@gmail.com

କୃପା କଟାକ୍ଷରେ ଦେବୀ ପାର ପ୍ରଭୁ ସଙ୍କଟେ ଗାତ
··· ରକ୍ଷାକର ଦାସେ ଦାସବତ୍ସଳା ।

ମିଲାନିୟନ୍:—

Atlast his eyes were cleared and he could see
Through happy tears the goddess face to face
That said, "Milanion, wherefore d'ost thou fear ?

× × ×

See by my feet three golden apples lie
Such fruits among the heavy roses fall,
··· ··· ··· ···
Store up within the best loved of my walls
(Ancient Damuscus - - - L X X I V)
And thou shalt see thy well girt maid
By sight of these amids her glory stayed ( L X X V.)

For bearing these within a scrip with thee
When first she heads thee from the starting place
Cast down the first one for her eyes to see
And when she turns aside make on apace
And if again she heads thee in the race
Spare not the other two to cast aside
If she not long enough behind will bide. (L X X V I)

ଜୟନ୍ତ—

ଅନେ୍ୟ ନୃପ୍ୟ ଟନୋକ୍ ସ୍ୱପ୍ନ ଭଗ୍ନ ହେଲେ ଭକ୍ତ ଅଗ୍ରତେ
କହି ଦେଲେ ବୀର ଉଦ୍ଧବ ଯେ ନୃପେ ହୁହୁହ ନୃତେ
ମାନସର ଜାତ ତିନି ସ୍ୱର୍ଣ୍ଣ ପଦ୍ମ ଦେଲେ ତା କରେ
ଯଦେଖିଲେ ତାକୁ ପଥେ ଫିଙ୍ଗିବାକୁ ଗତ କାଳରେ ।
(ଓ ଏ)

ଦେନସ୍ ଡାମାସ୍କସର ଉନୋନ୍ଦି ହୃତି ଆଟ ଦେବୀ
ଦେଲେ ସ୍ୱପ୍ନ ମାନସର ତନୋଟି ସ୍ୱର୍ଣ୍ଣ ପଦ୍ମ ଦେଲେ ।
ସ୍ୱର୍ଣ୍ଣ ଅପର ଦୈବ ଶକ୍ତି ସୁବର୍ଣ୍ଣ ପ୍ରସିଦ୍ଧ । ମାନ
ସର ସ୍ୱର୍ଣ୍ଣ ପଦ୍ମର ଦୈବୀ ଶକ୍ତି ଦେ ଆନାଥଙ୍କର କାମ
ଶକ୍ତି ପ୍ରସୂତ ମାତ୍ର ।

ଭେନାସ୍ ନିଜ ମନ୍ଦିରରେ ମିଲାନିୟନଙ୍କ ଅଗ୍ରେ
କହିଛନ୍ତି— .

ସ୍ୱପ୍ନ ଯେତେବେଳେ ଭକ୍ତ ଅଗ୍ରତେ ପ୍ରତିଯୋଗିତା
ଆରମ୍ଭ ବେଳକୁ ଲୋକ ଲୋଚନ ଅଗୋଚରେ ସ୍ୱର୍ଣ୍ଣ
ପଦ୍ମ ଦେଇଛନ୍ତି, ଏତେ ବିଷୟ ଶିକ୍ଷ ଦେବାକୁ
ଆଉ ଗ୍ରନ୍ଥାନାଥଙ୍କର ସମୟ ନଥିଲା । ମିଲାନିୟନ୍
ଯେତେବେଳେ ତାହାର ବିଜୟ ବିଷୟରେ ନିଃସନ୍ଦେହ,
ଜୟନ୍ତ କେବଳ ସ୍ୱର୍ଣ୍ଣ ପଦ୍ମ ଫିଙ୍ଗିବା ଛଡା ଅନ୍ୟ
ବିଷୟରେ ଅନଭିଜ୍ଞ; ଅର୍ଥାତ୍ ଏକ କଥାରେ ନେଇ
ଥାଣି ଥୋଇ ଜାଣିଲେ ସେରି ବିଦ୍ୟା ଭଲ ବିଷୟରେ
ନଧନାଥ ସମ୍ପୂର୍ଣ୍ଣ ଅନଭିଜ୍ଞ । ଏହାପରେ ପ୍ରତିଯୋଗିତା—
ଦର୍ଶକମଣ୍ଡଳୀ ଚାଲିଛନ୍ତି ରଙ୍ଗସ୍ଥଳୀକୁ

ତାଙ୍କ ପଛେ ପଛେ ଗୁରୁ ପୁରୋହିତ, ପଛେ ଜ୍ୟୋତିଷ
ରାଜପାତ୍ରମନ୍ତ୍ରୀ ରାଜ ପରିଷଦ ସେନାଅଧୀଶ
ସବୁ ଶେଷେ କସ୍ତୁ ପୃଷ୍ଠେ ନୃତ୍ୟ ରାଜ ନନ୍ଦନୀ ସହ, (ଋକ୍ଷା)

Whence he beheld a broidered canopy
Neath which in fair arry king Schoeneus sat
Upon his throne with councillors thereby (Atlanta's Race)

ହଠାତ୍ ଜୟନ୍ତକୁ ଦେଖି ଉଷାର ଭାବାନ୍ତର ଜାତ
ହେଲା ।

ବିଧାତା ସୌନ୍ଦର୍ଯ୍ୟ ସୃଷ୍ଟିରେ ସାର ଏ ରାଜକିଶୋର
ହୋଇ ନ ଥିବଟି କେତେ ରସବତୀ ହୃଦୟଚୋର

Digitized by srujanika@gmail.com

ପଙ୍କଜାକ୍ଷୀ କେତେ ଭୁବନେ ହେଉନ ଥିବେଟି ଚଙ୍ଗ
· ମଣ୍ଡିବାକୁ ଏହି ତରୁଣ ତଳକ ଅଙ୍କପଲ୍ୟଙ୍କ । (ଉଷା)
ଆଉ ମିଲନସ୍ଥନ୍ —
Be wise ! be sure that many a maid there lives
Gentler, she of beauty little less,
Whose swimming eyes—
thy loving words shall bless
When in some garden, knee sat close to knee,
Thou sing'st the song that love may teach to thee

—Atlanta's raee (x x v iii )

ଜୟନ୍ତକୁ ରଙ୍ଗେ ଦେଖି ରାଜବାଳା ହେଲ ସ୍ତମ୍ଭିତ,
ବିଦ୍ୟୁତ ଗତିରେ ହୃଦେ ପ୍ରବାହିତ ହେଲ ଶୋଣିତ
ମନୁ କରିଥିଲ ନାରଣେ ପ୍ରତିଜ୍ଞ ପ୍ରସଙ୍ଗହୁର
· ଏବେ ଅଙ୍କୁରିଲ ହୃଦୟେ ଉଦ୍ଧାମେ ପ୍ରେମ ଅଙ୍କୁର
ତନ ପୁଲକିଲ . ଅଭିନବ ପ୍ରେମ ମୋହନ ବଳେ
ସୁରଞ୍ଜିତ ହେଲ ଅମଳ କପୋଳ ଲଜ ପାଠଲେ ।
ସେହିକ୍ଷଣି ଚିତ୍ତେ ହର୍ଷେ ଉପୁଜିଲ ଘୋର ବିଷାଦ,
(ଉଷା)

Why must she drop her lids before his gaze
And even as she casts adown her eyes
Redden to note his eager glance of pride

× × ×

What makes these longings vague without a name.
And this vain pity never felt before
This sudden lar.gure, this contempt of fame.

—A.R LXXXVI

ତା ପର—
ବାଜଣ ଉଠିଲ ଉଚ୍ଚ ରବେ ରଙ୍ଗ ଭୂମିରେ ଭେରୀ (ଉଷା)
Now through the hush there broke the trumpet's clang (A.R)

ଦଉଡ଼ିଲେ ରାଜକୁମାର କୁମାରୀ ଦ୍ରୁତ ଚରଣେ (ଉଷା)
And swiftly were they running side by side (A.R.)

ଜୟନ୍ତ ନିଜର ଶକ୍ତି ହ୍ରାସ ଦେଖି —
ସୁବର୍ଣ୍ଣ କମଳ ଫିଙ୍ଗିଲ ଗୋଟିଏ ସର୍ବପ୍ରଥମେ
ଶୁଭ୍ର ରଙ୍ଗେ ଗଡ଼ି ଗଡ଼ିଣ ଯାଉଛି ପଦ୍ମ ସଘନେ,(ଉଷା)
ସେପରି ମିଲନସ୍ଥନ୍—
But with no sound he raised aloft his hand
And thence what seemed a ray of light there flew
And past the maid rolled on along the sand (A,R)

ଦେଖି ଲୁବ୍ଧା ପ୍ରିୟ ଉଦାସମନ ହେଲ ତୃଷା ତରଳ ।
ତୋଳି ନେଲ ଗଡ଼ି ଯାଉଥିବା ଫୁଲ ଫୁଲବରଣା (ଉଷା)
Then trembling she her feet together drew
And in her heart a strong desire there grew
To have the toy; (A.R.)
ଜୟନ୍ତକୁ ଅଗ୍ର ଗତ ହେବା ଦେଖି —
ପଦ୍ମନେତ୍ରା ନେତ୍ର ପଲକେ କଲ ସେ କ୍ଷତିପୂରଣ
ଯେତେ ପଛେ ଥିଲ ତେତିକ ଆଗକୁ ଗଲ ବହନ । (ଉଷା)
ଆଉ ଅହେଲ୍ୟା —
Then from the course witn eager steps she ran
Sprang up and followed him in hot pursuit
Quickly she gained when him at last ( A.R )

ପୁଣି ସେହି ରୂପେ କୁମାର ଫିଙ୍ଗିଲ ଅନ୍ୟ କମଳ
ସେହି ରୂପେ ତାକୁ ତୋଳି ନେଲ ବାଳା ନଇଁ ଭୂତଳ (ଉଷା)
Then he the second fruit cast by the maid
She ran a while and then as one afraid
Wavered and stopped ...

Digitized by srujanika@gmail.com

ଲକ୍ଷ୍ୟଛୁଇଁବାକୁ ଏବେ ଆଉ ନାହିଁ 'ବହୁ ବଳୟ
ଜକ ଜକ ହୋଇ ଅଗ୍ରେ ଝଟକଇ ମାଣିକ୍ୟ ଗମ୍ଭ। (ଉଷା)

To win the day, though now but scanty space
Was left bewixt him and the winning place (A R)

ଅଭ ସମୟ ନ ଦେଖି ଜୟନ୍ତ—

ଚିନ୍ତା ବକଲେ
ତୃତୀୟ କମଳ ମାର୍ଗ ବହୁଦୂରେ ପେଙ୍ଗିଲ୍ ବଳେ
ଦୂରୁ ଅଣିବ କି ନ ଆଣିବ ପୂର୍ବେ ଭଲି ତରୁଣୀ
ପ୍ରଲୋଭନେ ପଡ଼ି ଦଉଡ଼ ଦଉଡ଼ ନେଲା ତା ପୁଣି। (ଉଷା)

ମିଲନାୟନ୍ ମ—
And from his hand the third fair apple cast
She wavered not but turned and ran so fast
After the prize that should her bliss ful-fil- (A-R)

ଏହାପରେ ଜୟନ୍ତ ଓ ମିଲନାୟନ୍ ଉଭୟେ ବିଜୟ ଲକ୍ଷ୍ମୀ ହାସଲ କଲେ। ହାରି କରି ମଧ ଉଷା ଓ ଆଟ୍ଲାଣ୍ଟା ଜିଣିବା ଅପେକ୍ଷା ନାରୀର ଅଧିକାର ମୂଳ୍ୟ-ଷର ପ୍ରେମ ଲାଭ କଲେ। ତାଙ୍କ ପରାଜୟ ଏବଂ ଭେନସ୍‌ଙ୍କର ବିଜୟ ଗୌରବ ଗାନ କରି ମୋରିସ୍ ତାଙ୍କ ଅଟାଲାଣ୍ଟା'ସ୍ ରେସ୍ ଶେଷ କରିଛନ୍ତି। କିନ୍ତୁ ରାଧାନାଥ ଆଗେଇ ଯାଇ ବିୟୋଗାନ୍ତ କାବ୍ୟର ମୋହ ଭୁଲି ନପାରି ଜୟନ୍ତ ଓ ଉଷାଙ୍କୁ ହତ୍ୟା କରି ଅଛନ୍ତି, ଫଳତଃ ଦୃଶ୍ୟଟି ମନୋରମ ନ ହୋଇ ହୋଇଛି ଅବନାଟକୀୟ (melo dramatic) ପୁରାଣରେ ଯେମିତି ବିୟୋଗାନ୍ତ ଦୃଶ୍ୟକୁ ମନୋରମ କରିବା ପାଇଁ ପ୍ରାଚୀନ କବି ପୂର୍ବ ଜନ୍ମ ବୃତ୍ତାନ୍ତ ଉପାଖ୍ୟାନ ଦେଇଛନ୍ତି, ରାଧାନାଥ ପୁଣି ତାହାର ପୁନାରାବୃତ୍ତି କରି ଛନ୍ତି। ଫଳତଃ ବିୟୋଗଅନ୍ତ ପରେ ଆଶ୍ୱାସନା ଅଣାଯାଇଥିବାରେ ପରି ବେଷ୍ଟିତ ମାତ୍ର ହୋଇଛି। ବିଶେଷତଃ ନିୟତିହିଁ ଏସମସ୍ତ ଘଟଣାର ମୂଳ କାରଣ ବୋଲି କବି କହିଛନ୍ତି:—

ନିୟତି ଫଳରୁ ଜନ୍ମିଥିଲା ଉଷା ଶୃହେ ଭୂମ୍ବର
ନିୟତି ଫଳରୁ ଜୟନ୍ତ ଆସିଲା ନୃତ୍ୟ ନଗର
ଉଷା ସ୍ୱୟମ୍ବରେ ମଲେ ଆସି ଯେତେ ନୃପସନ୍ତାନ
ଅଲଂଘ୍ୟ ନିୟତି - ଶାସନ ସରବେ କଲେ ପ୍ରମାଣ।

ଶର ନଲ୍ଗତ ସାଧାରଣ ଧରଣର ଆଶ୍ୱାସନା ପାଠକ ମନକୁ ଦୃଢ଼ ଘେନ ପାରେ ନାହିଁ। କାବ୍ୟଟି ମରିସ୍‌ଙ୍କ ପରି ମିଳନାନ୍ତକ କମ୍ବା ଓଭିଡ୍‌ଙ୍କ ପରି ବିୟୋଗାନ୍ତକରି ଛାଡ଼ ଦେଇ ଥିଲେ ଯଥେଷ୍ଟ ମନୋରମ ହୋଇ ପାରିଥାନ୍ତା। କାବ୍ୟରେ କାବ୍ୟ ନ୍ୟାୟ (Poetic Justice) ର ପ୍ରୟୋଜନ ନଥିବା ବେଳେ, ଅବାନ୍ତର ପୁନର୍ଜନ୍ମ ବିଷୟର ଅବତାରଣା ଅତିରଞ୍ଜନ ମାତ୍ର।

ଉଷା କାବ୍ୟର ପ୍ରାଥମିକ ପ୍ରକୃତି ବର୍ଣ୍ଣନା ମନରେ ଗୋଟିଏ ବ୍ୟକ୍ତ ସ୍ଥଳର ଭୌତିକ ଭାବ ମନରେ ଆଣେ, ଯେପରି ଏଇ ପ୍ରକୃତିର ସହ ମନୁଷ୍ୟର ସହାନୁଭୂତି ନାହିଁ ଯଥା:-

ଡେମୁହାଣି ନାମେ ଏହୁ ସ୍ଥାନ ଏବେ ବଦିତଲୋକେ
ତଣ୍ଡୁକୁଞ୍ଜେ ଜାୟା-ସଙ୍ଗେ ରଙ୍ଗେ ଯହିଁ କ୍ରୀଡନ୍ତି କୋକେ
ନିର୍ଜନେ ନିରତେ ନୀର ଆସ୍ତରଣ କରନ୍ତ ରଙ୍କ
ବାର ବାର ହୋଇ ଯହିଁ ଭଙ୍ଗ ଭୂମି ବନି ବଙ୍କ!
ଡନ ନଦୀ ଜଳ ନଜ ପୁଣ୍ୟ ବଟେ ବଳାଗୀ ବହୁ
ଯୋଜନାନ୍ତେ ଯାଇ ନିଜେ ମହାସିନ୍ଧୁ ସଙ୍ଗେ ମିଶଇ
ଇତ୍ୟାଦି,

ଅଥଚ ଗଙ୍ଗାଧରଙ୍କ ପ୍ରକୃତି ମାନବ ସୃଷ୍ଟିର ଏକ ଅଙ୍ଗ, ସୁଖ ଦୁଃଖର ସଙ୍ଗ ଏବ ଅଭଙ୍ଗ ଯୋଗସୂତ୍ରରେ ସ୍ଥିତ।

Digitized by srujanika@gmail.com

ସୁଧାନାଥ ସଂସ୍କୃତ ଶବ୍ଦ ସହିତ ଦେଶଜ ଶବ୍ଦ ତଥା ବାକ୍ୟ ମିଶ୍ରଣରେ ସିଦ୍ଧହସ୍ତ, କିନ୍ତୁ ଏଇ ଶକୁନ୍ତ ଶୈଳୀ ପାଇଁ ତାଙ୍କୁ ଥରେ ଥରେ ଲକ୍ଷ୍ୟଭ୍ରଷ୍ଟ ଦେଖୁଁ । ଅନେକ ସମୟରେ ସେ କ୍ଳିଷ୍ଟ ଶବ୍ଦର ମଧ୍ୟ ପ୍ରୟୋଗ କରିଛନ୍ତି, ଯଥା:- ନାକ- ନାଓର ଟୀକା । ସ୍ୱର୍ଗ ପରି- ବର୍ତ୍ତିରେ 'ନାକ ପ୍ରୟୋଗ ଯଥାର୍ଥ ହୋଇନାହିଁ ।

ଉଷା କାବ୍ୟକୁ ଦୁଇ ଭାଗରେ ବିଭକ୍ତ କରାଯାଇ ପାରେ, ପ୍ରଥମ ମୂଳ ଗଳ୍ପ ଏବଂ ଦ୍ୱିତୀୟ ପ୍ରକୃତି ବର୍ଣ୍ଣନା । ପାଠକର ମନକୁ କେବଳ ମୂଳ ଗଳ୍ପହିଁ ଆକର୍ଷଣ କରିଥାଏ । ଅମ୍ଭେ ଯେତେବେଳେ ମନେକରୁଁ ଯେ ଉତ୍କଳ ସାହିତ୍ୟର ଲୋକପ୍ରିୟ କବି ଏଇ ଗଳ୍ପ ମଧ୍ୟ ଦେଇ ଆମ୍ଭକୁ ପ୍ରତାରଣା କରିବାକୁ ଚେଷ୍ଟା କରୁଛନ୍ତି, ଆମ୍ଭର ରସ ଗ୍ରହଣ ଭାବ ସନ୍ଦିଗ୍ଧ ହୋଇ ଉଠେ । ଆଜ ଆମ୍ଭେମାନେ ପ୍ରଶ୍ନବାଚକ ଦୃଷ୍ଟିରେ କବିଙ୍କ ଆଡକୁ ଏକ ଉତ୍ତର ପାଇଁ ଅନାଇ ରହୁଁ; ହୁଏତ ସେ ଆମର ଏଇ ଉତାଙ୍ଗ ଭ କ୍ତ ର ପାଖ ହିନ୍ତି !

## ଅଶ୍ରୁର ଦାବୀ

ଶ୍ରୀ ବାଳଗୋପାଳ ପୁରୋହିତ

ରାତିପାହେ ।
ସୂର୍ଯ୍ୟଉଠେ -
ନଈ ଆର ପାଖେ ବରଗଛ ମୂଳର ଧୂଳି ଉଡ଼ାଇ ଦଉଡ଼େ ।
ଭଜନ କେଉଟ ବଉଟିଏ ଖଣ୍ଡି ଘାଟ ଉପରେ ।
କାଲି ବଉଁଶିଏ ବଡମୁଣ୍ଡିଆ ପଥର ଢାଳର ଧାର ବାନ୍ଧୁଛି ।
ତା ପୁଅ ଘାଣ୍ଟିମୁଣ୍ଡ ପିପଳ ତଳେ ଠିଆ ହୋଇ ରଡ଼ଛାଡେ-
"ବା ଜଲଦି ଆଇବୁ......... ।"
ଭଜନ ପୂର୍ବ ଆକାଶରେ ବେଳ ଦେଖେ ।
ବଡ଼ ସଡ଼କରେ ଗହଳି ହେଲି ଲାଗିଯାଏ । ବସ ଚାଲେ । ସାଇକଲ ଛୁଟେ । ରମଜାନ ଚୁଡ଼ି ପସରାଟା ଧରି ବଡହାଟକୁ ଚାଲି ଆସିଥାଏ ।"
ବ୍ରାହ୍ମଣ ହଟେଲରେ ଚୌଁ ଚୌଁ.......
କୁମାର ନିଦରୁ ଉଠିଲା ବେଳକୁ ସାଢେ ଆଠଟା ।

ସକାଳ ବେଳାଟା ତ ସହଜେ ଯାଏ । କୌଣସି କୌଣସି ପ୍ରକାରେ କଲେଜ ତ ଯିବାକୁ ହେବ । ଚଉକିରେ ବସି ଆଳସ ଭାଙ୍ଗେ । ମନଟା ଫୁଲ ଫୁଲ—ରାତିର ସପନ ମନେ ପକେଇ ।

କାଠି ଘାରେ, ମୁହଁଧୋଏ । ତେଲ ଲଗାଇ ସଫା ଗାମୁଛାଟା କାନ୍ଧରେଇ ହୋଇ ଲୋଟ ଗଲଟି ଭିତରୁ ବାହାର ପଡେ ।

ଖରା ସଡକ ଯାକ ଛାଇ ଗଲଣି । ସବୁଦିନ ପରି ଦେଉଳ ତଳ ପାନ ଦୋକାନରେ ପୋଲ ଏ ଲମା । କୁମାର ଛଆଡ଼ି ସେପଟେ ଦେଖେ ନାହିଁ । ସିଧା ଦେଉଳ ଘାଟ ପାଉଚରେ ଯାଇ ପାଦ ପକାଏ । ଉପର ଘାଟ ପାଡିଚକୁ ଆପଣା ଛାଏଁ ଆଖିଟା ଯୋଇ ପଡେ । ମନରେ ତାର ପୁଲକ ଖେଳିଯାଏ ।

ମୁକୁତା ସେ ଘାଟ ପାଉଚରେ ପାଦ ପକାଇ ଦେଉଳ ଘାଟ ଆଡେ ଆଖି ପକାଏ । ମୁ ଦ୍ରି ତ ମଲ୍ଲି ଫୁଲ ପରି ଆଖି ତାର, ଆ ବେ ଗ ର ସରସ

Digitized by srujanika@gmail.com

ଜ୍ୟୋତିଷ୍ଟି ଫୁଟାଇ କୁମାରର ଉଜ୍ଜ୍ୱଳ ମୁଖଟି ଉପରେ ଦୃଷ୍ଟି ପକାଏ । କୁମାରର ଭସା ଆଖିରେ ନିଜର ଅଙ୍କଟି ମିଶାଏ । ସ୍ୱଚ୍ଛକର ବ୍ୟଥା ତାର ଲାଘବ ହୁଏ । ସେଇ ଅଖି ଯୋଡ଼କ ଲାଗି ମୁକୁତା ତାର ସ୍ୱପ୍ନର ସ୍ୱର୍ଗ ସୃଷ୍ଟି ରଖିଥାଏ । ନିତ୍ୟ ସୂର୍ଯ୍ୟ ଉଇଁଛି, ନିତ୍ୟ ସୂର୍ଯ୍ୟ ବୁଡ଼ୁଛି । ତାର ଛୁଟୁଳା ମରମର ଚଞ୍ଚଳ ମନଟିକୁ ଗୁପି ରଖେ - ସେଇ ମୁଖ ଲାଗି । କୋମଳ ପ୍ରଭାତର କୋମଳ ଧୂପରଶ୍ମିର ସେଇ ସରସ ସତେଜ ମୁଖଲାଗି; ସେ ତାର ଗହ୍ୱରୀ ଛାତି ଭିତରେ ବେଦନା ଅଣିଛି - ଅନେକ ଦିନ ଧରି । ଶୁଭ ପ୍ରଭାତର କୁମାରର ସେଇ ମୁଖଟିକୁ ମୁକୁତା ପକ୍ଷେ ସାମାନ୍ୟ ନୁହେଁ ।

ମୁକୁତା ହସେ ନାହିଁ, କେବଳ ଦେଖିଯାଏ । ଅର୍ଦ୍ଧ ଅଖି ତାର ଅଖିର ଭାଷା ବୁଝେ ।

କୁମାରର କବି ପ୍ରାଣରେ ସ୍ୱତଃ ମଳୟ ବାଜେ । ଏଇ ଅଖିର ଦେଖାରେ କୁମାରର ଆଗରେ ଗୋଟିଏ ବଡ଼ ପ୍ରଶ୍ନଚିହ୍ନ ଦେଖାଯାଏ । ଏଇ ସରସ ଅଥଚ ବସନ୍ତ ପ୍ରଶ୍ନଟିକୁ ଏଡ଼ ଦେବାର ସାହସ ହୋଇ ନାହିଁ ତାର । ସେ ତହିଁର ଉତ୍ତର ଦିଏ - ଅଖିରେ ।

କୁମାରର ସ୍ୱାଧୀନ ମନ ଉପରେ ପ୍ରଭାବ ପଡ଼େ । ଅଧୁନିକ ରଙ୍ଗ ସମ୍ପନ୍ନ ସପ୍ତମ ଯୁବକ-ହୃଦୟ ଶିହରି ଉଠେ । ତାର ଚଞ୍ଚଳ ମନ ପୁଲକରେ ମାତି ଉଠେ । ସହଜ ମନ ସରସ ଓ ସୁନ୍ଦର କବିତା ତୋଳେ, ନଦୀର ଶିହରିତ ପବନ ତାର ସଙ୍ଗୀତ ଶୁଣାଏ - ନୂପୁରର ଛନ୍ଦେ ଛନ୍ଦେ ।

ଦୁଇ ମରମର ଭାଷା ଦୁଇଟି ମରମ ବୁଝେ । ଅନନ୍ଦ ଖୋଳେ, ବେଦନା ଅଣେ ।

ମୁକୁତା ମୁଣ୍ଡ ନୁଆଇଁ ଧୀରେ ଧୀରେ ଗୁଳିଯାଏ ପଛକୁ ଲେଉଟି ଚାହିଁବାକୁ ଛାତରେ ତାର ଜୋର ନ ଥାଏ । ତାର ସାରା ଦେହରେ ସହଜ ଦୁର୍ବଳତା ଖେଳିଯାଏ । ପାଣିଧାରରେ ଯାଇ ପହଞ୍ଚେ । ଥଣ୍ଡା ପାଣିରେ ତାର କମ୍ପମାନ ଦେହଟି ଜଡ଼ାଇ ଦିଏ-ତା ପରେ ଯାଇ ଚେତା ଆସେ ।

ସୂର୍ଯ୍ୟ ଅଧା ମୁଣ୍ଡ ଉପରକୁ ଉଠେ ଅସନ୍ତି । ଗାଢ଼ୁଆ ସ୍ୱରେ ।

କୁମାର ଦେଉଳ ଘାଟି ପାଉଁଚ ଚଢ଼େ । ମୁକୁତା ସେ ଘାଟର ଉପର ପାଉଁଚରୁ ଅନାଇ ରହିଥାଏ, କୁମାର ଲେଉଟି ଯିବାଯାଏ ।

ଏଇ ଅଳପ ଦେଖାରେ ସେମାନଙ୍କର ମରମ ବୁଝେ - ଏଇଥିରେହିଁ ସେମାନଙ୍କର ଆନନ୍ଦ ।

ଇତିହାସ ସାକ୍ଷୀ କେତେ ଦିନର ନଈଟି କୂପରେ, ଦୁଇଟି ଜୀବନର ଶ୍ରେଷ୍ଠ ଇତିହାସଟି ଗଢ଼ିଗଲେ । ଭବିଷ୍ୟତର ଅନିର୍ଦ୍ଦିଷ୍ଟ ଅନ୍ଧକାରକୁ ଆଖି ପକାଏ ନାହିଁ । ଦୁଇଟି ଅବଚ୍ଛିନ୍ନ ଅନ୍ତରର ଅତୃପ୍ତ ବାସନା ଅଖିର ଦେଖାରେ ନିଶ୍ୱାସ ମାରେ - ଦିନ ଦିନ ଧରି ।

× × ×

କୁମାର କଲେଜରୁ ଆସି ଦିନ ଗୋଟାକ ଯେମିତି ସେମିତି କଟାଏ । ଦିନେ ସଞ୍ଜ ସନ୍ଧ୍ୟା-ବେଳେ 'ନୀଳ-ମାଧବ" ମନ୍ଦିର ପଛର ନଈଖଣ୍ଡିକୁ ବୁଲିଯାଏ । ଅସ୍ତଗାମୀ ସୂର୍ଯ୍ୟର ରକ୍ତ ଗାଢ଼ଲିମାରେ ଢେଢ଼େବେଳେ ପଶ୍ଚିମାକାଶ ରଙ୍ଗେଇ ହୁଏ, କୁମାର ଏଇ ସ୍ମୃତି-ମନ୍ଦିରର ଜୀର୍ଣ୍ଣ ପ୍ରସ୍ତର ଦେହରେ ବର୍ଷ-ସପନ ଦେଖେ । 'ନୀଳ ମାଧବ'ର ଜୀର୍ଣ୍ଣ ପ୍ରସ୍ତର ଦେହରେ ଚମକ ଖେଳାଇ ଭାବଯାଏ - ସେ ଦିନର କଥା । ଅମୃତତୋଟାକୁ ଲାଗି ଏଇ ଲୁପ୍ତ ନଈଖଣ୍ଡିର ଇତିହାସର ସତ୍ୟତା ମନେ ମନେ ଖୋଜେ ।

× × ଏଇ ମହାନଦୀ—ସେ ଦିନ ଚିତ୍ରୋତ୍ପଳା । ଏଇ ଅନ୍ଧାରୁଆ ଅମୃତତୋଟାର କୋଣରେ ସେ ଦିନ 'ନୀଳେନ୍ଦ୍ର ଓ ମାଧବୀଙ୍କ ଯୁଗଳ-ଆତ୍ମା ହସିଛି,

Digitized by srujanika@gmail.com

କାନ୍ଦୁଛି - ଦିନ ପରେ ଦିନ ଧରି । ଧାରା ଶ୍ରାବଣର ଉଚ୍ଛୁଳ ସ୍ରୋତରେ ଦୁଇଟି ଶୁଦ୍ଧ ଜୀବନର ପ୍ରଣୟ-ସେ ଦେଖି-ଯାଇଥିବ । ଫୁଲ୍ଲ ଜ୍ୟୋତ୍ସ୍ନା ରାତିର ମନ୍ଥରିଆ ରଜତ କିରଣରେ ଦୁଇଟି ଶୁଦ୍ଧ ଆତ୍ମାର ପ୍ରେମର ମିଳନ ଦେଖି 'ନାଚି ନାଚି' ବହି ଯାଇଥିବ ।

ଦୁଇଟି ଅତୃପ୍ତ ଆତ୍ମା, ଦୁନିଆର ସଂସ୍ଥା ଭିତରୁ ଖୋଜୁଛନ୍ତି ମୁକ୍ତି । ଶତ ବାଧା ବିପଦର ବୁକୁରେ ରହି ଶାଶ୍ୱତ ମିଳନ ଖୋଜୁଛନ୍ତି ଓ ମିଳନର ଶେଷ ପନ୍ଥା ବାଛି ନେଇଛନ୍ତି ମୃତ୍ୟୁ । ସେମାନଙ୍କର ମନଦେହ ଉପରେ ତୋଳା ହୋଇଛି ଏହି ସ୍ମୃତି-ମନ୍ଦିର ନୀଳମାଧବ ।

ଦୁଇଟି ଜୀବନର ଅନ୍ତିମ ପରିଣତିରେ ସେ ଚିତ୍ରୋତ୍ପଳା ନୀରବରେ କାନ୍ଦିଥିବ ସେ ଦିନ । ସେଇ ଚିତ୍ରୋତ୍ପଳା ଆଜିର ମହାନଦୀ । ତାର ଜଡ଼ ପଥର ଦେହରେ ଲିଭି ରହିଛି—ଅମର ପିରୀତିର ଜୟଗାନ ।

ଲଛମି ଓଗ୍ଙ୍କ ପାଦତଳ ଦେଇ ଅନ୍ଧାର ନଇଁ ଆସେ । ଗଛ ପତ୍ରର ଅନ୍ତରାଳରୁ ଦୁର୍ଗାପାଲିର କ୍ଷୀଣ ଆଲୁଅ ରେଖାଟି ଭାସି ଆସେ ।

ମେଘ ମୁକ୍ତ ଆକାଶରେ ଜହ୍ନ ଉଠେ । ନେଳିଆ ପାଣି ଚକ୍ ଚକ୍ କରେ । କୁମାରର ସ୍ମୃତି ଥରି ଉଠେ, ପ୍ରେମ ଅଙ୍କୁର ଉଠେ । ଦୁଇଟି ତପ୍ତ ଲୁହଧାର ବହି ଆସି ତାର ଗଣ୍ଡଦେଶ ଫୁଲାଇଦିଏ ।

ଅଦୂରରେ ଧଳା କବରର ପଛପଟୁ ବିଲୁଆଟିଏ ରଡ଼-ଛାଡ଼େ 'ହୁକେ—ହୋ' । ଉତ୍ତପ୍ତ ଭାବନା ନେଇ ଆମ୍ବତୋଟାର ଅନ୍ଧାରୁଆ ରାସ୍ତାଦେଇ କୁମାର ଘରକୁ ଫେରେ ।

ସଭା ଲାଗି ଗହଳ ଚହଳ ଲାଗିଯାଏ । ମୁକ୍ତା ସେ ଦିନ ନିଜକୁ ବେଶ୍ ସୁନ୍ଦର ପରିପାଟୀରେ ସଜାଇ ନେଇଥାଏ । ଗୋରା ଦେହରେ କଳାଶାଢ଼ୀର ବେଷ୍ଟନୀ, କ୍ଷୀଣ କଟିରେ ନେଇ ବେଢ଼ି ଦେଇଥାଏ । ଘନକୃଷ୍ଣ ଚିକୁର ବେଣୀ ଉପରେ ସଜଫୁଲ ଗୋଲାପଟିଏ ମାରି ଦେଇଥାଏ । ସହଜ-ସୁନ୍ଦର ପଦ୍ମପାଖୁଡ଼ା ପରି ମୁହଁରେ ପତଳା ପାଉଡ଼ର ଜକି ଯାଇଥାଏ ।

କୁମାର ଯେତେବେଳେ ଜାତୀୟ ସଙ୍ଗୀତ ଗାଇ-ସାରି ପଛାକୁ ପରୁ ଓହ୍ଲାଇ ଆସେ—ମୁକ୍ତା ସେତେ-ବେଳେ ସଙ୍ଗୀମାନଙ୍କ ମଧ୍ୟରୁ ତାର ସୁନ୍ଦର ମୁହଁଟି ତୋଳିଦିଏ; ତାର ଆଖିରେ ଥାଏ ଆନ୍ତରିକ ପ୍ରଶଂସାର ଅଯାଚିତ ଉପହାର, ଅବେଗର ମିନତି !

ସେ ଦିନ କୁମାରର ଆଖିରେ ନିଦ ଆସେ-ନାହିଁ କି ତରୁଣୀ ମୁକ୍ତାର ଆଖିରେ ନିଦ ଆସେନାହିଁ ।

କୁମାର ଭାବେ--ମୁକ୍ତା ସବୁଦିନ ଲାଗି ଯଦି ତାର ପାଖରେ ରହନ୍ତା ! ମୁକ୍ତାର କୋମଳ ପ୍ରାଣ ତନ୍ତ୍ରୀରେ କୁମାରର ସଙ୍ଗୀତର ମୂର୍ଚ୍ଛନା ଝଂକୃତ ହୁଏ ! ମୁକ୍ତାର ସରଳ--ସୁଲଭ ଆତ୍ମା କୁମାରକୁ ପଞ୍ଚ ଯୁବକର ମଧ୍ୟରୁ ନିଜର ଅତି ନିଜର ବୋଲି ମାନି ନେଇଥାଏ । ଉଭୟ ପ୍ରାଣର ମିଳନ--ଉଭୟ ପ୍ରାଣର କାମ୍ୟ ।

ମୁକ୍ତାର ବାପା ତାର ବିବାହ ଅନ୍ୟଠାରେ କରିବାର ପ୍ରସ୍ତାବ କରନ୍ତି । କୁମରକୁ ଦେବାକୁ ସେ ରାଜି ନୁହନ୍ତି । କୁମାରଠାରୁ ବଡ଼ ବଡ଼ ଘରର ପାତ୍ର ଆସି ଜୁଟୁଛନ୍ତି । ଯେଉଁଠାରେ କି ମୁକ୍ତା ଖୁବ୍ ସୁଖରେ ରହିପାରେ । କୁମାର ଘରେ ସେତେ ବେଶୀ କିଛି ନାହିଁ ଯେଉଁଠି ତାଙ୍କର ଝିଅ ରାଣୀ ସାଜି ରହିପାରିବ । ପ୍ରକାଶ--ଚିନ୍ତା ବେଶ୍ ଭଲ । ନୂଆ ଏମ୍: ଏ ପାଶ କରି ଦେଢ଼ଶହ ଟଙ୍କାର ବେଶ୍ ଗୋଟିଏ ସୁନ୍ଦର ଚାକିରୀ ପାଇଛି । କୁମାରର ବା କ'ଣ ଠିକ୍ ଅଛି--ତା ଭାଗ୍ୟରେ ଅଛି ଦୁଇ ହଳର ଜମି । ସରକାରୀ ଚାକିରୀ ତ ତାଙ୍କ ବଂଶରେ ଲେଖା ନାହିଁ । ଜାଣୁ ଜାଣୁ ଝିଅକୁ କୁମାରକୁ ଦେଇ ସନ୍ତୁଳା ମାରିବେ କାହିଁକି?

Digitized by srujanika@gmail.com

ମୁକୁତା ବାମାଠାରେ କରସି କିଛି କହିପାରେ ନାହିଁ । ତାର ମନ କୁହୁଳି ଉଠେ । ଆଖିରୁ ଲୁହ ଶୁଖେ ନାହିଁ ।

ମୁକୁତାର ଅବସ୍ଥାକୁ ଲକ୍ଷ୍ୟକରି ତାର ବାପା ଅନୁସନ୍ଧାନ କରି ସବୁ ଜାଣି ଶିଖିଛନ୍ତି । ସେଇଥା ଏତେ ବଡ଼ ସମ୍ବନ୍ଧରେ ନାଁ ଜଗେଇବ । ତାଙ୍କର ଏକାକଦ୍--କୁମାରକୁ ବିଷ ଦେଖନ୍ତିନାହିଁ ।

ମୁକୁତାର ତନ୍ତ୍ରୀ ମରମ ଅନୁଭୂତି ଗରମ ହୋଇ ଉଠେ । ତାର ଅନ୍ତର ଭିତରେ ପ୍ରବଳ ବତାସ ଛୁଟିଯାଏ । ଉତ୍ତପ୍ତ ଅଶ୍ରୁଧାରାରେ ବକ୍ଷ ତାର ଭିଜାଇ ଦିଏ ବେଳେବେଳେ ।

ମୁକୁତା ନଦୀ ଘାଟରେ ଆଉ ମୁହଁ ଦେଖାଇ ପାରେ ନାହିଁ । କୁମାର ଗାଧୋଇ ଗଲା ବେଳକୁ ଆଉ ସେ ଯାଏନାହିଁ । ଯେଉଁଦିନ ଅକାଳ କୁମାର ମୁକୁତା ଆଡେ ଚାହେଁ, ତାର ଆଖିରେ ନିଜର ଆଖିଟି ମିଶାଇ ଗୋପନରେ କ'ଣ ପଚାରିବାକୁ ଚେଷ୍ଟାକରେ

ଉଭୟ ମରମ କୁହୁଳି ଉଠେ ।
ଅଶ୍ରୁର ଧାର ଶ୍ରାବଣ ଝରେ । ...

× × ×

ବିବାହ ସବୁ ସରିଛି । ମୁକୁତା ତାର ଜଡ଼ ହାତଟା ନେଇ ପ୍ରକାଶର ହାତରେ ଛନ୍ଦି ଦେଇଛି—ତାପରେ ଅଶ୍ରୁପାତରେ ସିକ୍ତ କରି । ଦୁହିଙ୍କର ବନ୍ଧନ ହସ୍ତ ସ୍ଥିର ରହିଛି । ମୁକୁତା ପ୍ରମାଣିର ଦେହଟାକୁ ନେଇ ବସିଛି—ବେଦୀ ଉପରେ । ଅଚଳ ମୁକୁତା ମଠ ସାଜିଛି । ମୁକୁତା ଏ କଠୋର ନିୟମ ଓ ହୃଦୟ ମାନି ନେଇଛି—କୁଳର ମର୍ଯ୍ୟାଦା ଲାଗି, ପିତା ମାତାଙ୍କ ଅଭିପ୍ରାୟକୁ ସାର୍ଥକ କରିବା ଲାଗି ।

କୁମାର ସାରାଜୀବନ ଅବିବାହିତ ରହିବା ଲାଗି ଠିକ୍ କରି ନେଇଛି । ମୁକୁତାର ମୁଦ୍ରିତ ପଦ୍ମ--ଫୁଲ ପରି ଆଖିର ଚାହାଁଣୀର ସ୍ମୃତିରେ ନିଜକୁ ଭୁଲାଇ ରଖିବାର ଚେଷ୍ଟା କରୁଛି; କିନ୍ତୁ ରଖି ପାରେନାହିଁ ।

ନିତି ସଞ୍ଜବେଳେ ଯାଇ ସେଇ 'ନୀଳ-ମାଧବ' ତଳେ ହାଜର ହୁଏ । ସତେ ଅବା ମୁକୁତା ସେଠାରେ ନିଜକୁ ପଥର କରି ରଖିଛି । ସେଇ ବିମଳ--ଆତ୍ମା ଦୁଇଟିର ପାଦତଳେ ଲୋଟି ପଡ଼ିବାକୁ ଚାହିଁ ପଥର ଧାଲିଟି ଯାଇଛି ।

କୁମାର ଯାଇ ସେଇଠି ବସେ ......। ନିତି ସୂର୍ଯ୍ୟ ପଶ୍ଚିମ ଆକାଶ ରଂଜିତ କରି ଉବୁଯାନ୍ତି । ଅଂଧାର ମାଡ଼ିଆସେ । କୁମାରର ଛାତି ଭରି କୋହ ମାଡ଼ିଆସେ ।

ପାଗଳ ପରି ଅଶ୍ରୁ-ଧାରାରେ କଠିଣ ପ୍ରସ୍ତର ଦେହ ଓଦାକରି ସେଇଠି ଲୋଟିଯାଏ । ଜଡ଼, ପଥର ମୁକୁତାକୁ ତାର ସଜୀବ କରିବାକୁ ଚାହେଁ । 'ନୀଳ ମାଧବ'ର ଜଡ଼, ପଥର ଆତ୍ମା-ଦୁଇଟିରୁ ସେ ଚାହେଁ—ତା'ର ଅଶ୍ରୁର ଦାବୀ ।

ନିଛାମି ତୁଙ୍ଗଗିରି ପାଦତଳେ ଦେଇ ଅଂଧାର ନାଇଁ ଅସେ । ମହାନଦୀର ବକ୍ଷ ଚମକାଇ ଚଢେଇଟା କାନ୍ଦି-ଉଠେ । ଧଳା କାଦୁଅର ପଥରକୁ ଢାଲିଆଟିଏ ଉଡ଼ୁଛିତ—ଲୁଚେ ଚୁହା...

Digitized by srujanika@gmail.com

# ଗୁପ୍ତକଳା ଓ ତାର ବୈଶିଷ୍ଟ୍ୟ

ଶ୍ରୀ ଜୟ ବିହାରୀ ମିଶ୍ର—ଅନୁବାଦକ

ଖ୍ରୀଷ୍ଟାବ୍ଦ ଚତୁର୍ଥ ଶତାବ୍ଦୀର ଉପସ୍ଥିତ ସଙ୍ଗ ସଙ୍ଗେ ଭାରତୀୟ କଳା ତାର ସ୍ୱର୍ଣ୍ଣ ଯୁଗରେ ପ୍ରବିଷ୍ଟ ହୋଇଥିଲା । କୁଶାଣ ଯୁଗରେ ଏତଦ୍‌ସମ୍ପର୍କୀୟ ଯେଉଁ ସୁଷମା ଓ ସୌନ୍ଦର୍ଯ୍ୟ ଆରମ୍ଭର ସୂତ୍ରପାତ ସ୍ଥିତିପ୍ରମାଣ ହୋଇଥିଲା, ବର୍ତ୍ତମାନ ସେ ଗୁଡ଼ିକ ପରିପକ୍ୱତା ଲାଭ କଲା । ତେଣୁ ଭାସ୍କର୍ଯ୍ୟ ଓ ଚିତ୍ରଣ; ଅଳଙ୍କାର ଓ ପରିଚ୍ଛଦ, ଭାଷା ଓ ସାହିତ୍ୟର ଗଠନଶୈଳୀରେ ଆଦ୍ୟ ସର୍ବସ୍ୱ କମନୀୟତା ଓ ମହନୀୟତାର ସମ୍ମିଳନ ହୋଇଛି । ସୌନ୍ଦର୍ଯ୍ୟର ଏପରି ଏକ ସାର୍ବଜନୀନ ଆରାଧନାର ମଧ୍ୟଭାଗରେ ପାର୍ଥକ୍ୟ ନିରୂପଣ ସମାଲୋଚକର ଦୃଷ୍ଟିରେ ଦୃଷ୍ଟି ଉପଭୋଗ୍ୟ ସଂପନ୍ନ ଏହି କଳା କେବଳ ସୁନ୍ଦରପୁର ସୌନ୍ଦର୍ଯ୍ୟର ପ୍ରତିଛବି ମାତ୍ର ଥିଲା । ଯାହାକି ମେଘଦୂତ ପ୍ରଥମ ଅଧ୍ୟାୟ ଦ୍ୱିତୀୟ ପଂକ୍ତିରେ "ବଳୟ କାନ୍ତିମତ୍ ଖଣ୍ଡମେକଂ" ରୂପେ ବର୍ଣ୍ଣିତ ହୋଇଛି ।

ଗଠନ ଓ ପ୍ରସାଧନର କମନୀୟତା ହିଁ ଗୁପ୍ତକଳାର ସୃଷ୍ଟିରେ ଅନୁପମ ଶ୍ରେଷ୍ଠତା ଆନୟନ କରିଥିଲା । ଯାହାକି ବାରାଣସୀ ନିକଟସ୍ଥ ରାଜଘାଟରେ ମୃତ୍ତିକା-ପ୍ରତିମୂର୍ତ୍ତିରୁ ଆରମ୍ଭ କରି ଅଜନ୍ତାର ସ୍ଥାପତ୍ୟ ନିଦର୍ଶନୀୟ ପ୍ରାଚୀର-ଚିତ୍ର ପର୍ଯ୍ୟନ୍ତ ସୁବିନ୍ୟସ୍ତ । ସୁଷମାର ଏକ ଅବିରାମ ସ୍ରୋତ ଏହି କଳା-ପ୍ରତିମାଙ୍କୁ ସମ୍ପୂର୍ଣ୍ଣ ରୂପେ ଭେଦ କରିଅଛି ।

ଏଥିରୁ ପ୍ରତୀତ ହୁଏ, ସତେ ଯେପରି ଲୋକେ ଲଳିତ କଳାର ମୂଲ୍ୟ ସର୍ବ ପ୍ରଥମେ ସମ୍ପୂର୍ଣ୍ଣ ରୂପେ ଉପଲବ୍ଧି କଲେ ଏବଂ କଳା ଓ କଳା-ପ୍ରବୃତ୍ତିର ଶ୍ରେଷ୍ଠତା ଏକ ବାସ୍ତବତାର ରୂପ ନେଇ ଉଭାହେଲା । ମହାକବି କାଳିଦାସ ତାଙ୍କ ରଘୁବଂଶ ଅଷ୍ଟମ ଅଧ୍ୟାୟ ସପ୍ତଷଷ୍ଠିତମ ପଂକ୍ତିରେ ସ୍ତ୍ରୀ ଓ ପୁରୁଷଙ୍କ ଲଳିତ କଳା ଶିକ୍ଷା କଥା ବିଶିଷ୍ଟ ରୂପେ 'ଲଳିତ କଳା' ବୋଲି ଉଲ୍ଲେଖ କରନ୍ତି । ନଗରବାସୀର କୃଷ୍ଟି ନିମନ୍ତେ ଚିତ୍ରଣ, ସଙ୍ଗୀତ ଓ ନୃତ୍ୟବିଦ୍ୟା 'ଶିକ୍ଷା ସମ୍ବନ୍ଧୀୟ ନିର୍ଦ୍ଧାରିତ ପାଠ୍ୟାବଳୀ' ରୂପେ ନିର୍ଦ୍ଧାରିତ ହେଲା ।

ଅନ୍ତରାତ୍ମା ସ୍ପର୍ଶ କରିବାରେ ଗୁପ୍ତ-କଳାର ପ୍ରାଧାନ୍ୟ ସୁପରିସ୍ଫୁଟ । ଏହା ଆତ୍ମାର ନୈତିକତ୍ୱ ତଥା ବାହ୍ୟ ସଂସ୍କାରକୁ ଆଲୋକିତ କରିବାକୁ ଅନ୍ୱେଷଣ କରେ । ଅଜନ୍ତା ପ୍ରଥମ ଗୁମ୍ଫାସ୍ଥିତ ସୁପ୍ରସିଦ୍ଧ ଅବଲୋକିତେଶ୍ୱର ପଦ୍ମପାଣି, ଧର୍ମଚକ୍ର ଆବର୍ତ୍ତନ କରୁଥିବା ଭଙ୍ଗୀରେ ଉପବେଶିତ ବୁଦ୍ଧଙ୍କ ସାରନାଥ ବିଗ୍ରହ ଏବଂ ମଥୁରାର ଦଣ୍ଡାୟମାନ ବୁଦ୍ଧ ଅତ୍ୟୁଜ୍ଜ୍ୱଳ ସୁଷମାର ଉତ୍କୃଷ୍ଟ ଉଦାହରଣ । କିନ୍ତୁ ସେ ଗୁଡ଼ିକ ତାହାଠାରୁ ବି ଅଧିକ, ସେ ଗୁଡ଼ିକ ସେ ଯୁଗର ପରିବ୍ୟାପ୍ତ ଆଦର୍ଶ ରୂପେ ପରିଗଣିତ ସର୍ବଶ୍ରେଷ୍ଠ ପାଣ୍ଡିତ୍ୟ 'ଅନୁତ୍ତରବୋଧି' ଆଦର୍ଶର ବିଶିଷ୍ଟ ନିଦର୍ଶନ । ସେ ଗୁଡ଼ିକ ଆମ୍ଭମାନଙ୍କ ଦୃଷ୍ଟିରେ ଶାନ୍ତି ଓ ତୃପ୍ତିର ଚରମ ସତ୍ୟକୁ ପ୍ରତ୍ୟକ୍ଷୀଭୂତ କରେ ଏବଂ ତାହା ମହାଜାଗତିକ ଆଦର୍ଶର ଅକ୍ଷୁଣ୍ଣ ନିତ୍ୟାତ୍ମକ ସତ୍ତ୍ୱ ଅଟେ । ସର୍ବୋଚ୍ଚ କଳା ସୁଷମା-କୃତ ଅଭିବ୍ୟକ୍ତିର ମାଧ୍ୟମ ଅଟେ; ଏତଦ୍ ବ୍ୟତୀତ ଏହା ଅନ୍ତରର ଭାଷା ସ୍ୱରୂପରେ ମଧ୍ୟ ବିଦ୍ୟମାନ । ଯେଉଁ ସୁସ୍ପଷ୍ଟ ଲକ୍ଷଣ ପାଇଁ କୁଶାଣ କଳା ଅଦ୍ୟାବଧି ଗୌରବାନ୍ୱିତ, ସେହି ଅଦମ୍ୟ ପ୍ରବଳ ମନୋଭାବରେ ଅନ୍ୟମାନଙ୍କୁ ଅନୁପ୍ରାଣିତ କରିବା ନିମିତ୍ତ ଗୁପ୍ତ-କଳା ବାହ୍ୟ ଆୟତନ ଓ ପ୍ରଭୁତ୍ୱସମ୍ପନ୍ନ ଆକାରରେ ଦେଇ ଯାଇଛି । ବର୍ତ୍ତମାନ ପ୍ରଣାଳୀଟି ଅଧିକ ପରିମାର୍ଜିତ ହେଲା ଏବଂ ତଦ୍ୱାରା ପ୍ରତିମୂର୍ତ୍ତିକୁ ସୁଷମାନ୍ୱିତ କରିବା ନିମିତ୍ତ ଅଙ୍ଗପ୍ରତ୍ୟଙ୍ଗର ସୌଷ୍ଠବ, ଆବରଣ ଓ ପ୍ରସାଧନକୁ ଏକ ବିଶିଷ୍ଟ ଉଦ୍ୟମରେ ମିଳିତ

Digitized by srujanika@gmail.com

କରାଗଲା । ଇତ୍ୟବସରେ ଉଭୟ ସ୍ଥାପତ୍ୟ ଓ ଚିତ୍ରଣ ଏକ ବିଶୁଦ୍ଧ ଅଲୌକିକ ବୋଧଭାବ ନେଇ ଏପରି ସଂଗଠିତ ହେଲା ଯେ, ତାହା ଚିରସ୍ଥାୟୀ ଆକର୍ଷଣର ବିଷୟ ବସ୍ତୁ ଅଟେ ।

ମଥୁରା ଏବଂ ସାରନାଥ ଗୁପ୍ତ-ଭାସ୍କର୍ଯ୍ୟର ଦୁଇଟି ପ୍ରଧାନ କେନ୍ଦ୍ର ଥିଲା । କିନ୍ତୁ ମଧ୍ୟ-ଭାରତ ମଧ୍ୟ ଗୁପ୍ତ-କଳାର ଅନୁକୂଳ ଅଂଚଳ ଥିଲା । ଝାନ୍‌ସି ଜିଲ୍ଲାରେ ବେତ୍ରାବତୀ ନଦୀର ଚତୁର୍ଦ୍ଦିଗସ୍ଥ ଯେଉଁ ବିଚିତ୍ର ରମଣୀୟ ଦୃଶ୍ୟ ଦୃଷ୍ଟି ପଥାରୂଢ଼ ହୁଏ, ତନ୍‌ମଧ୍ୟରେ ଦେବଗଡ଼ର ବ୍ରାହ୍ମଣ୍ୟ ମନ୍ଦିର ଅନ୍ୟତମ । ଯାହାକି ତାତ୍‌କାଳୀନ ଭାରତୀୟ ସ୍ଥାପତ୍ୟ ଓ ଭାସ୍କର୍ଯ୍ୟର ବିଶୁଦ୍ଧ ରୀତିର ସ୍ୱରୂପ ଅଟେ । ମନ୍ଦିରର ମୁଖଶାଳା—ତାର ଆୟତନ, ସ୍ଥାପତ୍ୟ ଓ ପ୍ରସାଧନର ସୌନ୍ଦର୍ଯ୍ୟ ଦୃଷ୍ଟିରେ ଏକ ସ୍ୱତନ୍ତ୍ର ଦର୍ଶନୀୟ ଆଦର୍ଶ ।

ଦ୍ୱାରର ବାଜୁଗୁଡ଼ିକ ସ୍ତ୍ରୀ ଓ ପୁରୁଷ ପ୍ରତିହାରୀ, ବାମନ, ଦମ୍ପତି, ମଙ୍ଗଳଘଟ, ଶ୍ରୀବୃକ୍ଷ ଦ୍ୱାରା ପ୍ରସାଧିତ। ଉର୍ଦ୍ଧ୍ୱଦେଶର କୌଣିକ ସ୍ଥାନମାନଙ୍କରେ ଗଙ୍ଗା ଓ ଯମୁନାଙ୍କ ଦଣ୍ଡାୟମାନ ପ୍ରତିମୂର୍ତ୍ତି ଯାହାକି ଗୁପ୍ତ-ମନ୍ଦିର ମାନଙ୍କ ପ୍ରସିଦ୍ଧ ସୁସ୍ପଷ୍ଟ ଲକ୍ଷଣ ଏବଂ ଯାହାକୁ କବି କାଳିଦାସ କୁମାର ସମ୍ଭବ (୭.୪୨)ରେ "ମୂର୍ତ୍ତି ଚ ଗଙ୍ଗା ଯମୁନେ ତଦାନୀଂ ସଚାମରେ ଦେବ ମସେବିଷାତାମ୍ "ବୋଲି ଉଲ୍ଲେଖ କରିଛନ୍ତି ।

ଏହି ନଦୀ-ଦେବୀ ଦ୍ୱୟର ଅଙ୍ଗଭଙ୍ଗୀ ଚିତ୍ରପୁଟରୁ ପରିତ୍ୟକ୍ତ ହୋଇ ଏହି ମଧ୍ୟ ଯୁଗ ପର୍ଯ୍ୟନ୍ତ ସମସ୍ତ ହିନ୍ଦୁ ମନ୍ଦିର ମାନଙ୍କରେ ନିୟମାନୁଗତ ସୁସ୍ପଷ୍ଟ ଲକ୍ଷଣ ରୂପେ ପ୍ରତିଷ୍ଠିତ ରହିଲା । ଏହି ମନ୍ଦିରର ଚୌକାଠ-କପାଳୀରେ ବିଷ୍ଣୁଙ୍କ ଗୋଟିଏ ବର୍ହି ଫଳିତ ପ୍ରତିମୂର୍ତ୍ତି ଅଛି, ଯାହାକି ଶିଳ୍ପବିଜ୍ଞାନ ମତରେ 'ଲଲାଟ- ବିମ୍ବ' ନାମରେ ଅଭିହିତ । ଏହା କ୍ରମେ ମନ୍ଦିରର ପ୍ରବେଶ ଦ୍ୱାର ଦେଶରେ ଓ ଘରର ଚୌକାଠ- କପାଳୀରେ ଖୋଦିତ ହେବା ପରମ୍ପରାଗତ ପ୍ରଣାଳୀ ରୂପେ ପରିଗଣିତ ହେଲା । କିନ୍ତୁ ମନ୍ଦିରର ବାହ୍ୟଦେଶରେ ଯେଉଁ ତିନୋଟି ବଡ଼ ପ୍ରସ୍ତର ଖଣ୍ଡ ସ୍ଥୂଳ ଅବୟବ ବିଶିଷ୍ଟ ଖୋଦିତ ଚିତ୍ର ସୁନ୍ଦର ଭାବେ ବେଷ୍ଟନୀଯୁକ୍ତ ହୋଇ ବର୍ହି ଫଳିତ ଭାବେ ସଂଯୋଜିତ ହୋଇଛି, ତାହାହିଁ ଶ୍ରେଷ୍ଠତାର ନିଦର୍ଶନ । ସେଗୁଡ଼ିକ ଉପରେ ତିନୋଟି ଆଦର୍ଶ ବ୍ରାହ୍ମଣ୍ୟ ପୌରାଣିକ ବିଷୟ ଖୋଦିତ ହୋଇଛି —କ୍ରମାନୁଯାୟୀ ବଦ୍ରିକାଶ୍ରମରେ ନର ଓ ନାରାୟଣଙ୍କର ସ୍ୱ ସ୍ୱ ଆଶ୍ରମରେ ତପସ୍ୟା ସାଧନାରତ ଦୃଶ୍ୟ, ଅର୍ଦ୍ଧ ଶାୟିତ ଅବସ୍ଥାରେ ଥିବା ବିଷ୍ଣୁ ଏବଂ ଅଧିଶକ୍ତି ସମ୍ପନ୍ନ କୁଣ୍ଡଳୀ ବିଶିଷ୍ଟ ଜଳଦୈତ୍ୟ ସହିତ ଗଜେନ୍ଦ୍ରର ଅସମକକ୍ଷ ସଂଗ୍ରାମରେ ବିଷ୍ଣୁ କର୍ତ୍ତୃକ ଗଜେନ୍ଦ୍ର ମୋକ୍ଷଣ । ମନ୍ଦିର ଗଠନ ସମ୍ବନ୍ଧୀୟ ବିଷୟରେ ଏହାଭିନ୍ନ ଚତୁଷ୍କୋଣୀୟ ଚିତ୍ର ଫଳକଗୁଡ଼ିକ 'ରଥିକା ବିମ୍ବ' ନାମରେ ଅଭିହିତ, ଯାହାକି ମନ୍ଦିରର କୁଳୁଙ୍ଗି ମାନଙ୍କରେ ସଂସ୍ଥାପିତ ପ୍ରତିମୂର୍ତ୍ତି ସ୍ୱରୂପ ଅଟେ । ଅତି ଶୃଙ୍ଖଳିତ ଓ ସୁବିନ୍ୟସ୍ତ ପଦ୍ମାକାର ପ୍ରସାଧନ ଶୋଭିତ ଲିପି ଗୁପ୍ତ-କଳାର ସାଧାରଣତଃ ସୁସ୍ପଷ୍ଟ ଲକ୍ଷଣ, ଯାହାକି ସାହିତ୍ୟରେ ପଦ୍ମ ଲତା, ପଦ୍ମାଙ୍ଗୁଳି, ପଦ୍ମାବଳୀ, ପଦ୍ମାର୍ଚ୍ଚନା ପ୍ରଭୃତି ନାମରେ ବ୍ୟବହୃତ । ଏତଦ୍ ବ୍ୟତୀତ ଶୂନ୍ୟ ସ୍ଥାନ ପୂରଣ କରିବା ନିମିତ୍ତ ଚିତ୍ର ସଜ୍ଜା ପରିକଳ୍ପନା ମଧ୍ୟ ସୁସ୍ପଷ୍ଟ ଥିଲା । ମୟୂର ପରି ପକ୍ଷୀମାନଙ୍କ ପକ୍ଷ-ସୌନ୍ଦର୍ଯ୍ୟକୁ ପ୍ରାୟତଃ ସୁବିନ୍ୟସ୍ତ ଲେଖ ଦ୍ୱାରା ରୂପାୟିତ କରାଯାଉଥିଲା ।

ମୃତ୍ତିକା ପ୍ରତିମୂର୍ତ୍ତି ମଧ୍ୟ ଗୁପ୍ତକଳାର ଗୋଟିଏ ବିଶିଷ୍ଟ ଅଙ୍ଗ ରୂପେ ପରିଚିତ, ଯେହେତୁ ମୃତ୍ତିକାର ଏହି ପ୍ରତିମୂର୍ତ୍ତି ସବୁ ସମାଜର ପ୍ରତ୍ୟେକ ସ୍ତରରେ କଳା ଓ ସୌନ୍ଦର୍ଯ୍ୟର ସାର୍ବଜନୀନ ଅନୁଭୂତି ଆଣିବାରୁ ପରିକଳ୍ପନାକୁ ସ୍ୱଳ୍ପ ମୂଲ୍ୟତା ଏବଂ ସହଜ ଉତ୍ପାଦନ ହେତୁ ଅସଂଖ୍ୟ ମାଧ୍ୟମକୁ ପ୍ରକାଶ କରି ପାରିଥିଲା । ସ୍ତ୍ରୀ ଓ ପୁରୁଷଙ୍କ ମୂର୍ତ୍ତିମାନଙ୍କର ମସ୍ତକ ବା ଇଷ୍ଟକାଦି ପରି କ୍ଷୁଦ୍ର କ୍ଷୁଦ୍ର ପଦାର୍ଥ ଗୁଡ଼ିକ ଅନେକାଂଶରେ ଛାଞ୍ଚରେ ପିଷ୍ଟ ହୋଇ ନିର୍ମିତ ହେଉଥିଲା । ସେଗୁଡ଼ିକ ମଧ୍ୟ ପରିପାଟିରେ ରଙ୍ଗବେର

Digitized by srujanika@gmail.com

ଚଳାର ସମକକ୍ଷ ଥିଲା । ସେ ଗୁଡ଼ିକରୁ ଅଧିକାଂଶ ମୂଳତଃ ନାନା ରଙ୍ଗରେ ଓ ସୂକ୍ଷ୍ମ ତୁଳି ରେଖା ଦ୍ୱାରା ଚିତ୍ରିତ ହେଉଥିଲା ଏବଂ ଚିତ୍ରକଳାର ଯାବତୀୟ ମାପଜୋଖ ଓ ଯତ୍ନ ଏଥିରେ ମଧ୍ୟ ଆବଶ୍ୟକ ହେଉଥିଲା । ମିଟା, ସରକୋଟ ଏବଂ ଅଫଗାନିସ୍ଥାନର କେତେକାଞ୍ଚଳର ନମୁନାଗୁଡ଼ିକରେ ମୂଳ ରଙ୍ଗ ଓ ରେଖା ଅଦ୍ୟାବଧି ସଂରକ୍ଷିତ ରହିଛି; ଯହିଁରୁ ଉକ୍ତ କାରୁକାର୍ଯ୍ୟ ଦକ୍ଷତାର ସୁସ୍ପଷ୍ଟ ଧାରଣା ପ୍ରତିପନ୍ନ ହେଉଛି । ଆମ୍ଭେମାନେ ଯେପରି ଚିତ୍ରିତ ଭାବରେ ଡୋରା ଓ ବିଭିନ୍ନ ରଙ୍ଗରେ ରଞ୍ଜିତ ପରିଚ୍ଛଦ ଦେଖୁଁ, ଠିକ ସେହି ପ୍ରକାରେ ଏହି ମୃଣ୍ମୟୀ ମୂର୍ତ୍ତିଗୁଡ଼ିକ ଗଠିତ ହେଉଥିଲା ।

ପୁରୁଷ ଓ ସ୍ତ୍ରୀ ଲୋକମାନଙ୍କ ମୁଣ୍ଡର କେଶ ପ୍ରସାଧନର ବିଭିନ୍ନ ଧରଣ ସର୍ବାପେକ୍ଷା ଅତୀବ ପ୍ରୀତିପ୍ରଦ, ତନ୍ ମଧ୍ୟରୁ କେତେକ ଅତ୍ୟନ୍ତ ମନୋମୁଗ୍ଧକର ଏବଂ ଅତୁଳନୀୟ । କୁଞ୍ଚିତ କେଶଗୁଚ୍ଛ ଏପରି ଭାବରେ ସୁସଜ୍ଜିତ ଯେ, ତାହା ମଥାର ଦୁଇ ପାଖରେ ବାହ୍ୟାଡମ୍ବରମୟ ଅଳଙ୍କରଣ ସଦୃଶ ମନେ ହୁଏ, ଯାହାକି ସାଧାରଣତଃ 'ଅଳକାବଳୀ ପଦ୍ଧତି' ନାମରେ ଅଭିହିତ । 'ମୟୂର ପୁଚ୍ଛ-ଧରଣ'ରେ କେଶ ସଜ ଏପରି ଭାବରେ ସଜ୍ଜିତ ଯେ, ତାହା ସୀମନ୍ତର ଉଭୟ ପାଖରେ ସମାନ୍ତରାଳ ସଦୃଶ 'ମନେହୁଏ, ଏହା 'ବାର୍ହିବର୍ କେଶ' ନାମରେ ପରିଚିତ । 'ମଧୁ-ଚକ୍ର ପଦ୍ଧତି'ର କେଶ ପ୍ରସାଧନ ଭାରତୀୟ ଓ ସମସାମୟିକ ରୋମୀୟ ସମାଜର ସମ୍ଭ୍ରାନ୍ତ ଶ୍ରେଣୀୟ ମହିଳାମାନଙ୍କର ଶିରସ୍ତ୍ରାଣ ସଦୃଶ ଅଟେ ।



ଯକ୍ଷ ଦମ୍ପତି ( ଅଜନ୍ତା)

ଗୁପ୍ତ-ସାତ୍ତ୍ୱତ୍ୟ ଶିଳ୍ପ କଳାର ସୁସ୍ପଷ୍ଟ ଲେଖ ନିପୁଣ-ତାର ପ୍ରମାଣ ଦିଏ । ଯେହେତୁ ଉଦାହରଣ ସ୍ୱରୂପ, ମନୁଷ୍ୟର ଶରୀରର ଗଠନ ବିସ୍ତୃତ ଭାବରେ ସମ୍ପାଦିତ ହୋଇଛି ଏବଂ ଏହା ଜାତୀୟ ବୈଷମ୍ୟବସ୍ତ୍ରାର ସର୍ବା-

Digitized by srujanika@gmail.com

ଶୀନ ପରିପୁଷ୍ଟି ଭଙ୍ଗିକୁ ପ୍ରାୟତଃ ନିର୍ଦ୍ଦେଶ କରୁଛି । ଅଜନ୍ତା ଗୁମ୍ଫା ଗୁପ୍ତ ଯୁଗର ଜାତୀୟ ଭବନ ରୂପେ ଦଣ୍ଡାୟମାନ ଏବଂ ଗୁପ୍ତ-ଚିତ୍ରଣ, ଭାସ୍କର୍ଯ୍ୟ ଓ ସ୍ଥାପତ୍ୟ ପ୍ରେମିକମାନଙ୍କ ସର୍ବଶ୍ରେଷ୍ଠ କେନ୍ଦ୍ର ତୀର୍ଥ ରୂପେ ବିଦ୍ୟମାନ । ଷଷ୍ଠଦଶ ଗୁମ୍ଫାର ବାକାଟକ (Vakataka) ଖୋଦିତ ଲିପି ଏବଂ ପାରସ୍ୟ-ରାଜଦୂତାବାସର ଦୃଶ୍ୟରୁ ଜଣାଯାଏ ଯେ, ଅଧିକାଂଶ ଚିତ୍ରଣ ପଞ୍ଚମ ଓ ସପ୍ତମ ଶତାବ୍ଦୀର ମଧ୍ୟ ଭାଗରେ ସମ୍ପାଦିତ ହୋଇଥିଲା ।

ଗ୍ୱାଲିୟର ଷ୍ଟେଟର 'ବାଗ୍ ଗୁମ୍ଫା'ର ଚିତ୍ରଣ ସଂଦ୍ୟାବଧି ସ୍ୱାଧୀନତାର ବାତାବରଣ ସୃଷ୍ଟି କରୁଛି; ଉଦାହରଣ ସ୍ୱରୂପ ସେଥିରେ ଥିବା 'ହଲ୍ଲିସକ' ନାମରେ ପରିଚିତ ବିଶୃଙ୍ଖଳିତ ଗ୍ରାମ୍ୟନୃତ୍ୟର ଦୃଶ୍ୟ ଉଲ୍ଲେଖ ଯୋଗ୍ୟ । ରଙ୍ଗ ଓ ପ୍ରଣାଳୀ ଅଭିବ୍ୟଞ୍ଜକତା ଦୃଷ୍ଟିରେ ଅଜନ୍ତା ଓ ବାଗ୍ ଗୁମ୍ଫାର ପ୍ରାଚୀର-ଚିତ୍ରାଙ୍କନ ସିଦ୍ଧହସ୍ତ ଚିତ୍ର-ଶିଳ୍ପୀମାନଙ୍କର କାର୍ଯ୍ୟ, ଯେଉଁମାନେ କି ସେମାନଙ୍କ ଚିତ୍ରକଳା ଦ୍ୱାରା ସମଗ୍ର ଏସିଆକୁ ପ୍ରଭାବିତ କରି ପାରିଥିଲେ । ଉତ୍ତରରେ ମଧ୍ୟ ଏସିଆର ଖୋତାନ, ମିରାନ, ତୁର୍ଫାନ, ତୁନହୁଙ୍ଗ (ପ୍ରାଚୀନ ନାମ ଶା-ଚାଉ, ଯାହାର ଗୁହାମାନଙ୍କରେ ସହସ୍ର ବୁଦ୍ଧମୂର୍ତ୍ତି ପ୍ରତିଷ୍ଠିତ), ସିତ୍ତାନଭସାଲ (ପଦୁକୋଟାଇର ସିଦ୍ଧନିବାସ) ଏବଂ ସିଗିରିୟା (ସିଂହଳର ସିଂହଗିରି)ର ଚିତ୍ରଣରେ ସର୍ବତ୍ର ଅଜନ୍ତାର ସୁସ୍ପଷ୍ଟ ପ୍ରଭାବ ଓ ପାରମ୍ପାରିକତା ପରିଲକ୍ଷିତ ହୁଏ । ଏହା ଭାରତୀୟ ଜାତୀୟ-କଳା । ଡଣ୍ଡନ-ୟୁଇଲିକ (Dandan uilik) ର ଗୋଟିଏ ପ୍ରାଚୀର ଚିତ୍ରଣରେ ଥିବା ଜଣେ ସ୍ତ୍ରୀଲୋକ ପଦ୍ମଫୁଲମାନଙ୍କ ମଧ୍ୟରେ ଦଣ୍ଡାୟମାନ ହୋଇ ଅବନତ ଅବସ୍ଥାରେ ଗୋଟିଏ କ୍ଷୁଦ୍ର ଶିଶୁର ଉଚ୍ଚ ଦେଶରେ ମୃଦୁ ଚପେଟାଘାତ କରି ସ୍ନେହ ଦେଖାଉଥିବା ଛବିଟି ତାହାର ଜୀବନ୍ତ ଅଭିବ୍ୟକ୍ତି ହେତୁ ଜଣେ ସିଦ୍ଧହସ୍ତ ଶିଳ୍ପୀର ମାନବୀୟ ଗାର୍ହସ୍ଥ୍ୟ ଜୀବନର ସହାନୁଭୂତି (ପ୍ରାୟ ସପ୍ତମ ଶତାବ୍ଦୀର) ପ୍ରତି ଗଭୀର ଅନ୍ତର୍ଦୃଷ୍ଟି ଥିବାର ପରିଚୟ ଦିଏ । ଅଜନ୍ତା ବିଦ୍ୟାପୀଠର ଚିତ୍ରଣ ଖ୍ରୀଷ୍ଟାବ୍ଦ ୪ର୍ଥ ଓ ୮ମ ଶତାବ୍ଦୀ ମଧ୍ୟରେ ଭାରତ ଓ ବୃହତ୍ ଭାରତର ସର୍ବୋତ୍ତମ କଳାର ପରିଚୟ ଦିଏ ।

ଏହା ବିଶେଷ ଭାବରେ ଉଲ୍ଲେଖ ଯୋଗ୍ୟ ଯେ, ଗୁପ୍ତ-କଳା ଓ ସାହିତ୍ୟ ମଧ୍ୟରେ ଗୋଟିଏ ଗଭୀର ଅବିଚ୍ଛିନ୍ନ ସମ୍ପର୍କ ରହିଛି । କାଳିଦାସ ଓ ବାଣଙ୍କ ସାହିତ୍ୟିକ ଛବିକୁ ଚିତ୍ରଣରେ ଦୃଶ୍ୟମାନ କରି ଯାଇ ପାରେ । ମଧ୍ୟ ଭାଗରେ ମଣିକ ଶୋଭିତ ଏକ ତନ୍ତୁରେ ଗ୍ରଥିତ ଗୋଟିଏ ଏକାବଳୀ ମୁକ୍ତାର ମାଳା ଯାହାକି ଅଜନ୍ତାରେ ଏବଂ ଅନ୍ୟାନ୍ୟ ସ୍ଥାନରେ ବିଶିଷ୍ଟ ଭାବରେ ଚିତ୍ରିତ ହୋଇଛି, ତାହାର କାବ୍ୟମୟ ବର୍ଣ୍ଣନା ତତ୍କାଳୀନ ସମସାମୟିକ ଜୀବନ୍ତ ଜୀବନରୁ ଉଦ୍ଭୂତ ହୋଇଛି । ଉଦ୍ରୁପ ନବ ବଧୂର ହଂସଦୁକୂଳ ଦ୍ୱାରା ପ୍ରସାଧିତ ପରିଚ୍ଛଦ କେବଳ କବିର ଅନୁରକ୍ତ ନୁହେଁ; ତାହା ମଧ୍ୟ ଚିତ୍ରଶିଳ୍ପୀମାନଙ୍କ ଦ୍ୱାରା ସମସାମୟିକ ଜୀବନରୁ ଗୃହୀତ ଅଟେ । ପରିଚ୍ଛଦ, ଅଳଙ୍କାର, ଅଙ୍ଗନ୍ୟାସ, ଏବଂ ଜୀବନର ଅନ୍ୟାନ୍ୟ ସୂତ୍ର ବର୍ଣ୍ଣନାର ଦୃଷ୍ଟିରେ କଳା ଓ କବିତା ମଧ୍ୟରେ ସମ୍ପୂର୍ଣ୍ଣ ଓ ପାରସ୍ପରିକ ସୁବୋଧକରଣ ସେ ଯୁଗର କଳାରେ ଅପର୍ଯ୍ୟାପ୍ତ ରହିଛି ଏବଂ ଏହା ଅନୁଧ୍ୟାନର ସୁଯୋଗ ସୃଷ୍ଟି କରି ସେଗୁଡ଼ିକ ପରସ୍ପର ଏକ ମନୋମୁଗ୍ଧକର ପଦ୍ଧତିରେ ସଂଗଠିତ ଅଟେ । ✱

---

✱ The All India fine Arts and Craftse society ର ସଂପାଦକଙ୍କ ଅନୁମତି କ୍ରମେ ଉକ୍ତ ଅନୁଷ୍ଠାନର ମୁଖପତ୍ର "Roopa lekka "(Vol. /// No. 1 ରେ ପ୍ରକାଶିତ Dr. V. S. Agarwala Ph. d ଙ୍କ The charming role of gupta Art ର ଅନୁବାଦ ।

Digitized by srujanika@gmail.com

## ସଂଧ୍ୟା ସ୍ୱପ୍ନ

ଶ୍ରୀ ସୂର୍ଯ୍ୟ ନାରାୟଣ ପାଢ଼ୀ

କନକ ସଂଧ୍ୟା ଅସିତ୍ତ ରେ ଏଇ
ବିବଶ ନଗରୀ ପ୍ରାନ୍ତେ
ବିବ୍ରତ କାନ୍ତି ଧରନ୍ତ୍ତି ନୀରବେ
ଶାନ୍ତିବ୍ରତ ଏକାନ୍ତେ
ଶ୍ରାନ୍ତ ମନ ଏ କାନ୍ତ ଲଗନେ
ନଇଁ ପଡ଼ୁ ନା ରେ ଶୟନେ
ନ ରହିବରେ ମଜି ଗତ ଦିବସର
ଶତ ବ୍ୟଥା ଝଡ ଚୟନେ
ଯେତେ କ୍ଲାନ୍ତି ଛତ ଜାଲ୍ ଚିର ଧୀରେ
ଜାଗ ଏ ଗୋଧୂଳି ବେଳାରେ
ଅରୁଣ ଗଗନ ରକ୍ତ ଅଧରେ
ରଚ ଭାବେ ହୋଇ ଖେଳାରେ
ଆଶାର ନମ୍ର ଛାୟା ଛବି ରେଖା
ଯଦି ବା ହଜଇ ମରମେ
ପ୍ରେମର କମ୍ର ପୁଷ୍ପ ଯଦି ବା
ଝରଇ ଦୁଃଖ ସରମେ
ତୋ ଲାଗି ରହିଛି ଫଗୁ ରଂଗୀନ
ନବୀନ ମଧୁ ରସଂଧ୍ୟା

ସକଳ ବେଦନା କ୍ଷଣେ ଅପସରେ
ମାଦୁକରୀ ମଧୁଛନ୍ଦା ।
ଏହାର ଗାତ୍ରେ ବସେ ଅମରାର
ରହସ୍ୟ ଭାରି ସଭାରେ
ଏହାର ପାତ୍ରେ ଢ଼ଳେ ଅମୃତ-
ପ୍ରବାହ ଯାତନା ଦ୍ୱାରରେ !
ରକ୍ତ ମାନସ ଛୁଟି ଅସ ବାରେ
ତକ୍ତ ସେ ଦୀନ ଭବନେ
ଗିର ପରେ ଯହିଁ ଗିରି ଠୁଳ, ଝରେ
ଅନୁରାଗ ନବ ଲପନେ ।
ସ୍ୱପନର ସେଇ ଅତଳ ସାଗର
ତଟେ ଛୁଟା ହୁଅ ହୃଦୟ
ଅମଳ ହରଷ- ଚନ୍ଦ୍ରିକା ମନ-
ଅଚଳେ ଲଭିବ ଉଦୟ ।
ଜାଗ ଉଦାସୀନ ସ୍ୱପ୍ନ ଚିତ୍ତ
କନକ ସଂଧ୍ୟା ଲଗନେ
ବନ୍ଧନ ହରି ତରଳ ଛନ୍ଦ
ବାଜୁ ଅତନ୍ଦ୍ର ମରମେ ।

×୦×

## ପ୍ରାକ୍‌ଟିକଲ୍ ଈଶ୍ୱର

( ୬ )

ଶ୍ରୀ ଗୌରୀ କୁମାର ବ୍ରହ୍ମା

ମହାମାନବ ମହମ୍ମଦଙ୍କୁ ଯେତେବେଳେ ସ୍ୱୀୟ କନ୍ୟାର ମୃତ୍ୟୁସମ୍ବାଦ ଦିଆଗଲା, ସେ ଅବଚଳିତ ହୃଦୟରେ ଉନ୍ମୀଳିତ ନୟନରେ କ୍ଷଣକାଳ ଈଶ୍ୱରଙ୍କୁ ଶନ୍ମାନକରି କହିଥିଲେ, "ପ୍ରଭୋ ! ଦୟାମୟ ! ଆପଣ ଦେଇଥିଲେ ଯାହା, ନେଇଗଲେ ତାହା" । ସାଧାରଣ ପିତା ପରି ସେ ଲୋତକ ମୋଚନ କଲେ ନାହିଁ, ଦୁଃଖ ବାରିଧିର ଅତଳ ଗର୍ଭରେ ନିମଜ୍ଜିତ ହେଲେ ନାହିଁ, କରୁଣ କନ୍ଦନରୋଳରେ ଦିଗବିଦିଗ ପ୍ରକମ୍ପିତ କଲେ ନାହିଁ । ମୃତ କନ୍ୟାଟିର ପ୍ରାଣ ରକ୍ଷାଲାଗି ଯଥା ସାଧ୍ୟ ଚେଷ୍ଟା କରି ଯାଇଥିଲେ । ତାହା ସତ୍ତ୍ୱେ ଯେତେବେଳେ

Digitized by srujanika@gmail.com

ବିଶ୍ୱର ନିୟମ କାର୍ଯ୍ୟକାରୀ ହେଲା, ବିଧିବିଧାନ ଲଂଘନ କରିବା ସମ୍ଭବ ହେଲା ନାହିଁ, ତହିଁର ବୃଥା ଦୁଃଖାଗ୍ନିରେ ଶରୀର ଦହନ କରିବାକୁ ପ୍ରବୃତ୍ତ ହେବା ବୁଦ୍ଧିମନ୍ତର କାର୍ଯ୍ୟ ମନେ ନକରି ମହାତ୍ମାଦ ଧୀର ନିଶ୍ଚଳ ରହିଥିବା ସହଜରେ ଅନୁମେୟ । ଅଳ୍ପଦର୍ଶୀ ଓ କେବଳ ଭୌତିକଦୃଷ୍ଟି ସମ୍ପନ୍ନ ସାଧାରଣ ଲୋକ ହୁଏତ ମହାମାନବଙ୍କର ଏହି ମହତ୍ତ୍ୱ ଉପଲବ୍ଧି କରି ନପାରି ତାଙ୍କର ହୃଦ-ପିତୃତ୍ୱ ଉପରେ ଦୋଷାରୋପ କରିବାକୁ ପଶ୍ଚାତ୍‌ପଦ ହେବ ନାହିଁ । କିନ୍ତୁ ପ୍ରତ୍ୟେକ ବିବେକୀ ପରିସ୍ଥିତିର ମହାନୀୟତା ହୃଦୟଙ୍ଗମ କରିପାରୁଥିବେ । ମହାତ୍ମାଦଙ୍କର ଥିଲା ଜଗତର ପରମ ନିୟାମକ ସେହି ଅଜ୍ଞେୟ, ଅଖଣ୍ଡ, ଅନନ୍ତ ଅଦୃଶ୍ୟ ଆଧ୍ୟାତ୍ମ ଶକ୍ତି ଉପରେ ଅଟଳ ବିଶ୍ୱାସ। ଏହି ଘଟଣାର ଉପଯୋଗିତା ପ୍ରମାଣର ବହୁର୍ଯ୍ୟ ବିଷୟ ଦୃଷ୍ଟିରୁ ଏଠାରେ ଯେତେବେଶୀ, ଲୋକ ସାଧାରଣ ଏଥିରୁ ଗୋଟିଏ ଚରିତ୍ରାଳନୀୟ ନୀତି ଶିକ୍ଷା କରିବାର ଅବକାଶ ତାଠାରୁ କମ୍ ନୁହେଁ ।

ଏକଥା ଆଲୋଚନା କଲାବେଳେ ମନେପଡ଼େ, ଅନ୍ୟ ଦେଶର ଧର୍ମ ଓ 'ଈଶ୍ୱର' ବାଦ ସଙ୍ଗେ ଭାରତରେ ଆଉ ଗୋଟିଏ "ବାଦ" ବହୁ ଘନିଷ୍ଠ ଭାବରେ ସମ୍ପୃକ୍ତ । ଏହା ଭାଗ୍ୟବାଦ, କର୍ମବାଦ, ଅଦୃଷ୍ଟବାଦ ପ୍ରଭୃତି ବିଭିନ୍ନ ନାମରେ ପରିଚିତ । ହିନ୍ଦୁ ଧର୍ମର ଦୁଇଟି ଅସାଧାରଣ ବିଶେଷତ୍ୱ ଦେଖାଯାଏ — ବର୍ଣ୍ଣାଶ୍ରମଧର୍ମ ବ୍ୟବସ୍ଥା ଓ ଜନ୍ମାନ୍ତର ବାଦ । ଜନ୍ମାନ୍ତରବାଦ ଓ ଭାଗ୍ୟବାଦ ଗୋଟିଏ ବସ୍ତୁର ଦୁଇ ଦିଗ ମାତ୍ର । ଗୋଟିଏ ବ୍ୟତୀତ ଅନ୍ୟଟିର ସ୍ଥିତି କଳ୍ପନାଜଗତରେ ମଧ୍ୟ ଅସମ୍ଭବ । ଦ୍ୱିତୀୟଟି ସମ୍ପର୍କରେ ଆଉ ପଦେ କୁହାଯାଇପାରେ । ଅନ୍ୟ ଧର୍ମରେ ଯେ ଉକ୍ତବାଦ ଏକାନ୍ତ ଭାବରେ ପରିତ୍ୟକ୍ତ ବା ଅନାଦୃତ, ତାହା ନୁହେଁ । କିନ୍ତୁ ଦର୍ଶନ ପ୍ରେମୀ ଓ ଦାର୍ଶନିକ ମନୋଭାବାପନ୍ନ ହିନ୍ଦୁମାନେ ଯେଉଁ ଗୁରୁତ୍ୱ, ପ୍ରାଧାନ୍ୟ ଓ ଅନିବାର୍ଯ୍ୟତା ଏହା ଉପରେ ସ୍ଥାପନ କରନ୍ତି, ଅନ୍ୟ ଧର୍ମାବଲମ୍ବୀମାନେ ସେପରି କରନ୍ତି ନାହିଁ । ଯେଉଁମାନେ ଦର୍ଶନଶାସ୍ତ୍ରର ତୁଳନାତ୍ମକ ଚର୍ଚ୍ଚା କରିଛନ୍ତି, ସେମାନେ ଏଥିରେ ଏକମତ ନହେବାର କାରଣ ପରିଦୃଷ୍ଟ ହେଉନାହିଁ ।

ସୁଖପ୍ରେପ୍ସା (ପାଇବା ଇଚ୍ଛା) ଓ ଦୁଃଖ ଜିହାସା (ନାଶ ହେବା ଇଚ୍ଛା) ପ୍ରତ୍ୟେକ ଜୀବର ସମସ୍ତ କର୍ମ-ପ୍ରବାହର ଆଦିମ ଉତ୍ସ । ପର୍ଯ୍ୟବେକ୍ଷଣ କଲେ ଜଣାଯିବ, ଭୂମିଷ୍ଠ ହେବାଠାରୁ ଇହଲୀଳା ସାଙ୍ଗ କରିବା ଯାଏ ପ୍ରତ୍ୟେକ ମୁହୂର୍ତ୍ତରେ ଯେ ଯେଉଁ କର୍ମରେ ପ୍ରବୃତ୍ତ ହେଉନା କାହିଁକି, ପ୍ରତ୍ୟେକର ଉଦ୍ଦେଶ୍ୟ ଲକ୍ଷ୍ୟ ସିଦ୍ଧି ଓ ସେହି ସିଦ୍ଧିର ସ୍ୱରୂପ ସୁଖ ସମ୍ପାଦନ ତଥା ଦୁଃଖ-ଦୂରୀକରଣ । ଯେଉଁଠାରେ ମଧ୍ୟ ସାଧାରଣ ଦୃଷ୍ଟିରେ ଜଣେ କଠୋର ପୀଡ଼ା ସହ୍ୟ କରିବାକୁ ପ୍ରସ୍ତୁତ, ସେଠାରେ ବାସ୍ତବରେ ହର୍ଷ ବା ସୁଖ ଅପେକ୍ଷା ବିଷାଦ ବା ଦୁଃଖର ମାତ୍ରା ଅଧିକ ନୁହେଁ । କର୍ତ୍ତବ୍ୟପାଳନ ଜନିତ ସୁଖ କିମ୍ବା ଅନ୍ୟ କୌଣସି ଧରଣର ଆନନ୍ଦ ପ୍ରାପ୍ତ ନଥିଲେ ତହିଁରେ କଦାପି ତାହାର 'ପ୍ରବୃତ୍ତି' ହୁଅନ୍ତା ନାହିଁ । ଯେଉଁ ସ୍ତ୍ରୀ ସ୍ୱେଚ୍ଛାରେ ଅନ୍ୟମାନଙ୍କର ନିବୃତ୍ତ ଚେଷ୍ଟା ସତ୍ତ୍ୱେ ପତିର ଅନୁଗମନ କରିବାକୁ ସିଂହ ବିକ୍ରମରେ ଓ ଲୋକାତୀତ ସାହସ ସହକାରେ ଉଦ୍ୟତ, ସେ ହୁଏତ ଆମର ଦୃଷ୍ଟିରେ, ସାଧାରଣ ବିଚାରରେ ଦାହ ଜନିତ ଅସହ୍ୟ ଯନ୍ତ୍ରଣା ଭୋଗ କରୁଥିଲା । ହୁଏତ ସ୍ୱନାମ ଧନ୍ୟ କବି ପ୍ରବର ଶ୍ରୀହର୍ଷଙ୍କ ବିଖ୍ୟାତ କାବ୍ୟ ନୈଷଧରୁ ଶ୍ଳୋକ ଉଦ୍ଧାର କରି କୁହାଯାଇ ପାରେ —

ଦହନଜା ନ ପୃଥୁର୍ଦ୍ଦବଥୁ ବ୍ୟଥା
ବିରହଜୈବ ପୃଥୁର୍ଯଦିନେଦୃଶମ୍
ଦହନମାଶୁ ବିଶନ୍ତି କଥଂସ୍ତ୍ରିୟଃ
ପ୍ରିୟମପାସ୍ୟ ମୁ ପାସିତୁ ମୁଦ୍ଧୁରାଃ -୪-୪୨

ଅର୍ଥାତ ଭାସ୍ତବରେ ଅଗ୍ନିଦାହ ଅପେକ୍ଷା ବିରହ ଦାହର ଜ୍ୱାଳା ଅଧିକ ଅସହ୍ୟ । ନ ହେଲେ କି ଭର୍ତ୍ତାର ମୃତ୍ୟୁ ପରେ ନାରୀମାନେ ଭର୍ତ୍ତା ସହ ଦଗ୍ଧ ହେବା ଉଦ୍ଦେଶ୍ୟରେ ଚିତାଗ୍ନିରେ ପ୍ରବେଶ କରୁ ଥାଆନ୍ତେ ? ଏଥିରେ

Digitized by srujanika@gmail.com

କେବଳ କବିତ୍ୱ ନୁହେ ଗଳ୍ପର ଦାର୍ଶନିକ ତତ୍ତ୍ୱ ମଧ୍ୟ ଧରି ରହିଛି । ଯେଉଁ ନାବିକ ନିଜ ଜୀବନ ଦାନ କରି ଅନ୍ୟର ଜୀବନ ରକ୍ଷାର୍ଥରେ ସେ ମୃତ୍ୟୁର ବିଭୀଷିକା ପ୍ରତି ଭ୍ରୂକ୍ଷେପ କରି ନଥାଏ । ବରଂ ଏ କଥା ଗଭୀର ଅନୁଚିନ୍ତାସହରେ କୁହାଯାଇ ପାରିବ ମୃତ୍ୟୁରେ ନିଜର ଅମୂଲ୍ୟ ପ୍ରାଣ ଦାନରେ ସେ ପାଇଥାଏ ଆନନ୍ଦର ସନ୍ଧାନ । ସନ୍ତାନର ସୁଖଭିଳାଷରେ, ଯେଉଁ ଅନେକ ଯନ୍ତ୍ରଣା ସହ୍ୟକରେ ତାହା ପକ୍ଷରେ ତହିଁରେ ଦୁଃଖ ଅପେକ୍ଷା ସୁଖର ପରିମାଣ ବହୁତ ଅଧିକ । ଦେଶପ୍ରେମିକ ଦେଶର ଉନ୍ନତି କାମନାରେ ଅମ୍ଳାନ ଦେଇ ସଂସାରର ଆଦର୍ଶର ଯେଉଁ ଅନେକ ସ୍ତମ୍ଭ ସ୍ଥାପନ କରିଯାଏ ତହିଁରେ ସେ ଦୁଃଖଠାରୁ ସୁଖର ମାତ୍ରା ଅଧିକ ଭାବରେ ଅନୁଭବ କରେ । ତେବେ ଦେଖାଯାଉଛି କର୍ମର ଧାରା ଯେପରି ନିରବଚ୍ଛିନ୍ନ ଭାବେ ଗୃହୀତ ସୁଖାଭିଳାଷର ପରିସର ସେହିପରି ବିଶାଳରୁ ବିଶାଳତର ହେଉଛି ।

ମାନବ ସମାଜର ଏ ବ୍ୟାପକ କର୍ମପରିସରରେ ସୁଖପ୍ରାପ୍ତିର ଧାରା ଅଖଣ୍ଡ ଓ ଅବିଚ୍ଛେଦ୍ୟ ରୂପେ ପ୍ରବାହିତ ହୁଏ ନାହିଁ । ଯେତେଦିନ ଯାଏଁ ଶରୀରରେ ବଳ ଥାଏ, ଧମନୀର ରକ୍ତ ପ୍ରବାହ ଉତ୍ତପ୍ତ ଥାଏ, ଦେହ ରୋଗବ୍ୟାଧି ବିମୁକ୍ତ ଥାଏ, ଅର୍ଥାଗମର ପନ୍ଥା ନିଷ୍କଣ୍ଟକ ଥାଏ, ସେତେଦିନ ମାନବ ଭାସୁଥାଏ ସୁଖ ସ୍ୱପ୍ନରେ । ତାର ଦୃଷ୍ଟିରେ ସେତେବେଳେ ଜଗତର ପ୍ରତ୍ୟେକ ବସ୍ତୁ ସୁନ୍ଦର । ତାହାର ନୟନରେ ସେତେବେଳେ କମଳାଙ୍କ ପରି କୁସୁମ ପଲ୍ଲବ ଲମ୍ବା ଦାଣ୍ଡର ଧୂଳି କଣା ସୁଦ୍ଧା ବିଶାଳ ହିମାଚଳଠାରୁ ଆକାର ବିଭବରେ କ୍ଷୁଦ୍ର ନୁହେଁ । ମନେପଡ଼େ କବି ଗଙ୍ଗାଧରଙ୍କ ଅମର କାବ୍ୟ ତପସ୍ୱିନୀର ପଦ୍ୟଟିଏ—

ଯାବତ ଦୁଃଖ ଥାଏ ନିଜ ଜୀବନେ
ସୁଖ ନ ଦିଏ ଦେଖା ବିଶ୍ୱ ଭୁବନେ
ନିଜ ଜୀବନେ ହେଲେ ସୁଖ ଅଙ୍କୁର
ସୁଖରେ ପରିପୂର୍ଣ୍ଣ ଦିଶେ ଜଗତ ।

ଏପରି ସୁଖପ୍ରବାହରେ ଭାସି ଯାଉ ଯାଉ ଯେତେବେଳେ ହଠାତ୍ ଅପ୍ରତ୍ୟାଶିତ ଭାବରେ ଦୁର୍ଭାଗ୍ୟର ଘାତପ୍ରତିଘାତ ଆସି ଉପସ୍ଥିତ ହୁଏ, ଜନ୍ମଗର୍ଭରୁ ହଠାତ୍ ମସ୍ତକ ଉତ୍ତୋଳନ କରି ଏକ ବିଶାଳ ଶିଳାଖଣ୍ଡ ପଥ ଅବରୁଦ୍ଧ କରିବା ସଙ୍ଗେ ସଙ୍ଗେ ଦାରୁଣ ଧକ୍କା ଦେଇ ଅବସନ୍ନ କରିଦିଏ, ସେତେବେଳେ ମାନବ ଆଖି ଖୋଲି ଦେଖେ ଯେ "ବସନ୍ତ କାଳେ ସୁପ୍ରାପ୍ତେ, କାକଃ କାକଃ, ପିକଃ ପିକଃ", ସେତେବେଳେ ସେ ବୁଝେ ତାର ପୌରୁଷ ବଳରେ ସେ ସବୁ ସିଦ୍ଧ କରି ପାରିନାହିଁ ଏବଂ ଅନ୍ତରେ ଅନ୍ତରେ ଅନୁଭବ କରେ ଯେ ବାସ୍ତବରେ ମନୁଷ୍ୟର ସାମର୍ଥ୍ୟ ଓ ଉଦ୍ୟୋଗ ସତ୍ତ୍ୱେ କିଛି, ଗୋଟାଏ ଅଦୃଷ୍ଟ (ଯାହା ଦୃଷ୍ଟ ନୁହେଁ) ପ୍ରତିବନ୍ଧକ ତାହାର ବାଟ ବନ୍ଦ କରି ଦେଇଛି । ସମସ୍ତ ପୌରୁଷ ବଳରେ ଅଳ୍ପ ପଦେ ମାତ୍ର ଅଗ୍ରସର ହେବା ସମ୍ଭବପର ହେଉନାହିଁ । ପ୍ରତ୍ୟେକ ମାନବ ଏଭଳି ଅବସ୍ଥାରେ ନିଜର ଶକ୍ତିହୀନତା ଅନୁଭବ କରେ । ବେଳେ ବେଳେ ବିଖ୍ୟାତ ତଳ ଲିଖିତ ଶ୍ଳୋକର ଅନୁରୂପ ଚିନ୍ତା ସାଗରରେ ନିମଜ୍ଜିତ ହୋଇ ଯାଉଥିବ ।

ଭାଗ୍ୟବନ୍ତଂ ପ୍ରସୂୟେଥାଃ
ମାଶୂର ମାଚ ପଣ୍ଡିତାଃ
ଶୂରାଶ୍ଚ କୃତ ବିଦ୍ୟାଶ୍ଚ
ବନେ ସୀଦନ୍ତି ମେ ସୁତାଃ

ଅର୍ଥାତ୍, ମା ଯେବେ ପ୍ରସବ କରିବ, ତେବେ ଭାଗ୍ୟବାନ୍ ସନ୍ତାନ ପ୍ରସବ କରିବା ଉଚିତ । ଶୂର, ପଣ୍ଡିତ, ଓ କୃତବିଦ୍ୟ ସନ୍ତାନ ଜନ୍ମ କରି କିଛି ଫଳ ନାହିଁ; ଯେଉଁ ହେତୁ ସବୁ ବିଦ୍ୟାରେ ଧୁରନ୍ଧର ହେଲେହେଁ ଆଜି ମୋ ପୁତ୍ରମାନେ ବଣରେ ସଢ଼ୁଅଛନ୍ତି ଏହା ବିଶ୍ୱବିଶ୍ରୁତ କୀର୍ତ୍ତି ପାଣ୍ଡବମାନଙ୍କ ଜନନୀ କୁନ୍ତୀଙ୍କର ଭାବନା ଯେ ବେଳେ ପାଣ୍ଡବମାନେ ବନବାସୀ ହୋଇ କଠୋର ଦୁଃଖ ଯନ୍ତ୍ରଣାରେ କାଳାତିପାତ କରୁଥିଲେ ।

ବାସ୍ତବରେ ପୌରୁଷର ନିଃସାରତା ଯେଉଁ ଦିନ ମାନବର ଅନୁଭୂତିରେ ଆସେ, ସେଠାରେ ତଥାକଥିତ ଦୁର୍ବଳତା—ଏକ ଅଦୃଷ୍ଟ ଶକ୍ତିରେ ବିଶ୍ୱାସର ହୃଦୟରେ ପ୍ରବେଶ କରେ । କୌଣସି ମାନବ ଜୀବନର ଆରମ୍ଭରୁ

Digitized by srujanika@gmail.com

ସେଥିପର୍ଯ୍ୟନ୍ତ ଅବଚ୍ଛିନ୍ନ ସୁଖ ପାଏନାହିଁ । ସୁଖ ଦୁଃଖର ମିଶ୍ରିତ ଓ ଖଣ୍ଡିତ ପ୍ରବାହ ଜୀବ ମାତ୍ରର ଜୀବନ ଉପରେ ପ୍ରବାହିତ ହେଉଥାଏ । ସମୟ ଆସେ, ଯେତେବେଳେ ଶତଚେଷ୍ଟାରେ ମଧ୍ୟ ସେ ଏକ ନଗଣ୍ୟ ପ୍ରତିବନ୍ଧକ ନିଜର ଅଭୀପ୍ସିତ ମାର୍ଗରୁ ଦୂର କରି ପାରେ ନାହିଁ ! ସେତେବେଳେ ସେ ସ୍ୱୀୟ ଶକ୍ତିର ସସୀମତା ଉପଲବ୍ଧି କରେ । ଏ ସସୀମତା ବୋଧ ପ୍ରକାରାନ୍ତରରେ ପୂର୍ବ କଥିତ ଦୁର୍ବଳତାର(ବା ଅଦୃଷ୍ଟ ଶକ୍ତିରେ ବିଶ୍ୱାସର) ପ୍ରଥମ ସୋପାନ । ଯେଉଁଦିନ ପର୍ଯ୍ୟନ୍ତ ଦୁଃଖର ନିବୃତ୍ତି ନ ହୋଇଛି, ଯେ ପର୍ଯ୍ୟନ୍ତ ସମସ୍ତ ଶାରୀରିକ ତଥା ମାନସିକ ବଳରେ ପ୍ରୟୋଗ ସତ୍ତ୍ୱେ ମାନବ କର୍ମମାର୍ଗରେ ଉପସ୍ଥିତ ନିଃସ୍ପୃହ ଏକ କ୍ଷୁଦ୍ର କଣ୍ଟକକୁ ଦୂର କରିବାକୁ ଅସମର୍ଥ ଯେ ପର୍ଯ୍ୟନ୍ତ ସେ ନିଜର ଚତୁର୍ଦ୍ଦିଗରେ ଦେଖୁଛି ଅଯୋଗ୍ୟତାର ପୂଜା, ଦୁର୍ବଳର ଉନ୍ନତି ଓ ସୁଯୋଗ୍ୟର ତଥା ସବଳର ଅବନତି, ସେହିଦିନ ପର୍ଯ୍ୟନ୍ତ ତା ମନରେ ସେ ଦୁର୍ବଳତା ସେ ଲୋକଲୋଚନ ଅଗୋଚର ଅନନ୍ତ ଅଜ୍ଞେୟ ଅସୀମ ଶକ୍ତିରେ ବିଶ୍ୱାସ, ସେ ଅଧ୍ୟାତ୍ମ ବାଦରେ ଅଗାଧ ଆସ୍ଥା ଦୂର ହୋଇ ପାରିବ ନାହିଁ । ମାୟା ଯନ୍ତ୍ରରେ ମନୁଷ୍ୟ ଯେ ପର୍ଯ୍ୟନ୍ତ ଅଦ୍ଭୁତ ପୌରୁଷ ବଳରେ କେବଳ ଜୀବନର ସମସ୍ତ ଜଟିଳତାର ସମୀକରଣ ତାର ସାମର୍ଥ୍ୟ — ସୀମାର ଅନ୍ତର୍ଗତ ନୁହେଁ ।

ତେଣୁ ବର୍ତ୍ତମାନ ଏହା ଦୃଢ଼ଭାବରେ ଉଦ୍‌ଘୋଷିତ କରି ଯାଇ ପାରିବ, ଏ ଦୁର୍ବଳତା ଜୀବର ଧର୍ମ -ଏହା ସର୍ବଥା ରହିବ । ଏହାର ମୂଳ ଉତ୍ପାଟନ କରିବା କେବଳ କଷ୍ଟସାଧ୍ୟ ନୁହେଁ, ଅସମ୍ଭବ ମଧ୍ୟ । ତେଣୁ ବିବେକୀ ଓ ବୁଦ୍ଧିମାନ ମାନବ ଏ ଦୁର୍ବଳତା ଦୋଷକୁ ନିତାନ୍ତ ହେୟ ଓ ଅବଜ୍ଞାପୂର୍ଣ୍ଣ ଦୃଷ୍ଟିରେ ନ ଦେଖି ତାହାରୁ କି ସୁଫଳ ଲାଭ କରାଯାଇ ପାରିବ, ଏବଂ ଏହାର କି ବିନିଯୋଗ କଲେ ସେ ହତଧୈର୍ଯ୍ୟ ଓ କ୍ଷୁବ୍ଧ ନହୋଇ ଦ୍ୱିଗୁଣ ଉତ୍ସାହରେ କର୍ମ କ୍ଷେତ୍ରରେ ଦଣ୍ଡାୟମାନ ହୋଇ ପାରିବ, ତାର ନିରୂପଣ ଓ ନିର୍ଦ୍ଧାରଣ ତା ପକ୍ଷେ ସର୍ବ ପ୍ରଧାନ ଓ ସର୍ବ ପ୍ରଥମ କର୍ତ୍ତବ୍ୟ । ଏଠାରେ ଈଶ୍ୱର ବିଶ୍ୱାସର practical ଦିଗଟି ଅତି ନିର୍ମଳ ଭାବେ ଉପସ୍ଥାପନ କରାଯାଇ ପାରିବ ।

ଏ ସମ୍ପର୍କରେ ଆଗରୁ କହିରଖିବା ଦରକାର ଯେ ଭାରତୀୟ ଭାଗ୍ୟବାଦରେ ଉଦ୍‌ଯୋଗର ସ୍ଥାନ ନାହିଁ ବୋଲି ଅନେକଙ୍କର ଧାରଣା । କିନ୍ତୁ ବିଶ୍ଳେଷଣ କଲେ ଦେଖାଯିବ, ଏ ଧାରଣା ଆଦୌ ଯୁକ୍ତି ସଙ୍ଗତ ନୁହେଁ । ଯେଉଁ ଧୁରୀଣ ଦାର୍ଶନିକ ମାନେ ନିଜ ନିର୍ଦ୍ଦେଶରେ କହୁଛନ୍ତି, ଶ୍ରୁତି, ଯୁକ୍ତି ଓ ଅନୁଭୂତି, ଏ ପ୍ରମାଣ ତ୍ରୟର ଦୃଢ଼ ଭିତ୍ତି ଉପରେ ନିଜର ଅଭ ଅଟ୍ଟାଳିକାମାନ ନିର୍ମାଣ କରିଛନ୍ତି, ଓ ପ୍ରଚୁର କରିଆସିଛନ୍ତି ଯେ, ମନୁଷ୍ୟର ଭାଗ୍ୟ ବା ପ୍ରାକ୍‌କର୍ମ ତାହାର ଇହପାରଲୌକିକ ନିୟାମକ, ସେମାନେ କର୍ମ କାଣ୍ଡର ବ୍ୟବସ୍ଥା ଦ୍ୱାରା ବୁଦ୍ଧି ହୀନତାର ଜୀବନ୍ତ ଧାମ ଦେଇ ନାହାନ୍ତି କି ? — ଏ ପ୍ରଶ୍ନ ଉଠିପାରେ । ଏ ପ୍ରଶ୍ନ ଉଠିବାର ଅବକାଶ ସାଧାରଣ ଭାବୁକ ପକ୍ଷେ ଯଥେଷ୍ଟ ବେଶୀ । ଦାର୍ଶନିକ ଚିନ୍ତାର ସ୍ତର ଏତେ ଉଚ୍ଚ ଯେ ତାହାର ପରିଶୀଳନ ସାଧାରଣ ମାନବ ପକ୍ଷେ କେବେ ସମ୍ଭବ ନୁହେଁ । କେବଳ ଭାରତର ନୁହେଁ, ବିଶ୍ୱ ମାନବ ସମାଜର ପରମ ପୂଜ୍ୟପାଦ ଆର୍ଯ୍ୟ ଋଷିବୃନ୍ଦ କି କାରଣରୁ ପୌରୁଷ ସାପେକ୍ଷ କର୍ମକାଣ୍ଡର ବ୍ୟବସ୍ଥା ସଙ୍ଗେସଙ୍ଗେ ଅଟଳ ଅଚଳ ଭିତ୍ତି ଉପରେ ଭାଗ୍ୟ ବାଦର ଉତ୍ତୁଙ୍ଗ ସୌଧ ନିର୍ମାଣ କରି ଯାଇଛନ୍ତି, ତାହା ଚିନ୍ତା କରିବାର କଥା । ପରବର୍ତ୍ତୀ ଆଲୋଚନାରୁ ଜଣାଯିବ, ବାସ୍ତବରେ ଏ ବାଦ ଦୁଇଟିର ପରସ୍ପର ବିରୁଦ୍ଧତା ମୌଳିକ କିମ୍ବା ଅସମାଧେୟ ନୁହେଁ । ତୁଳାଦଣ୍ଡ ନ୍ୟାୟରେ ଭାଗ୍ୟବାଦ ଓ ପୌରୁଷବାଦ ଉଭୟର କାର୍ଯ୍ୟକାରିତା ଜୀବ ବର୍ଗର କର୍ମ ନିୟନ୍ତ୍ରଣ ଦିଗରେ ଅତ୍ୟନ୍ତ ପ୍ରଖର ।

ଶାସ୍ତ୍ରରେ କୁହାଯାଇଛି, "ଦୈବମ୍ ନିହତ୍ୟ କୁରୁ ପୌରୁଷମ୍" ଅର୍ଥାତ୍ ମନୁଷ୍ୟ ଦୈବ ବା ଭାଗ୍ୟ କିନ୍ତୁ ଅତିଶୟ (ଅନୁଭବ ଅର୍ଥାତ୍ କାନ୍ଦି ବୁଲିବା ଭଳି) ଚେଷ୍ଟା କରିବା ଉଚିତ ନୁହେଁ । ଅନେକଦିନ ମାନବ ନିଜର ଆଖି ଆଗରେ ଦେଖୁଛି, ଜଣେ ଅତି ଅଳ୍ପ ଚେଷ୍ଟାରେ ଏକ କାର୍ଯ୍ୟ ସିଦ୍ଧ କରିଦେଇ ପାରୁଛି, ଅନ୍ୟ ଜଣେ ଶତ ଚେଷ୍ଟାରେ ତାହା କରି ପାରୁ ନାହିଁ । ଦୁଇଜଣର ପ୍ରାୟ ସମାନ ଯୋଗ୍ୟତା ଥିବା ବେଳେ ଅପେକ୍ଷାକୃତ ଅଳ୍ପ-ଯୋଗ୍ୟ ଲୋକ ଅଧିକ କୃତକାର୍ଯ୍ୟ ହେଉଛି । ନେଲେ

Digitized by srujanika@gmail.com

କେବଳ ଜଣେ ଲେଖକ ଶତଚେଷ୍ଟା ସତ୍ତ୍ୱେ ଗୋଟିଏ କ୍ଷୁଦ୍ର କାର୍ଯ୍ୟ କରି ପାରୁ ନାହିଁ; ଅନ୍ୟ ସମୟରେ ସେହି ଲୋକ ଅକ୍ଳେଶରେ ଅତି ମହତ୍ କାର୍ଯ୍ୟମାନ କରିଦେଇ ପାରୁଛି । ମନୁଷ୍ୟର ଇତର ପ୍ରାଣୀମାନଙ୍କ ଠାରୁ ଏହି ବିଶେଷତ୍ୱ ନିଂସେ ,ସମଧିକ ଜ୍ଞାନ ସଫଳ । ତାହାର ବିବେକ ଶକ୍ତି ଅନ୍ୟ ସମସ୍ତ ପ୍ରାଣୀଠାରୁ ବହୁ ଗୁଣରେ ବେଶୀ । ସେ ଯେତେ ଭାବ ପ୍ରବଣ (Emotional) ତାଠାରୁ ବହୁ ଅଂଶରେ ତର୍କ ପ୍ରୟାସୀ (Rational)

ସେହି କାରଣରୁ ସେ ଚିନ୍ତା କରିବାର କଥା, ଏ ବୈଷମ୍ୟର ମୂଳରେ କିଛି ରହସ୍ୟ ବର୍ତ୍ତମାନ । ଯେବେ Darwin ଙ୍କ ବିବର୍ତ୍ତନବାଦ (Evolution Theory) ଅନୁସାରେ କେବଳ ଜଡବାଦରେ ଜୀବନର ଚରମ ପରିଣତି ଓ ପ୍ରାଥମିକ ବିକାଶର ମୂଳ ଖୋଜିବାକୁ ହୁଏ, ତେବେ ସୁଖ ଦୁଃଖ ବାଧାଥିବା ଏ ବୈଷମ୍ୟର ସମାଧାନ [illegible] ପାରିବ କିପରି ? ଆଜି ଜଣେ ଧନୀ ଘରେ [illegible] ଯେଉଁ ସ୍ୱର୍ଗ ସମ୍ଭୋଗର ଅଧିକାରୀ ହୋଇ [illegible] ଅନ୍ୟ ଜଣେ ଗରିବର କୁଟୀରରେ ଭୂମିଷ୍ଠ [illegible] ପୌରୁଷ ସତ୍ତ୍ୱେ ଧନୀକ ସନ୍ତାନର ଶତାଂଶ ସୁଖ ପାଉନାହିଁ । ଅବଶ୍ୟ ସୁଖ ଗୋଟାଏ ଆନ୍ତରିକ ଭାବ (Subjective feeling) । କେବଳ ଭୌତିକ ଧନ ସଂପଦରୁ ତାର ଉତ୍ପତ୍ତି ହୋଇ ନପାରେ କିନ୍ତୁ ଯେଉଁ ନିର୍ଦ୍ଧନ ସେହି ସମ୍ପଦର ପ୍ରୟାସୀ ଏ ଯୁକ୍ତି ଦ୍ୱାରା କଣ ତାଙ୍କୁ ଆଶ୍ୱାସନା ଦିଆଯାଇ ପାରିବ ? ଭାରତରେ ଶତ ସହସ୍ର ନିରୀହ ବ୍ୟକ୍ତି କେବଳ ଜନ୍ମ ଦୋଷରେ, ଗରିବ ଘରେ ଜନ୍ମ ହେବା ଫଳରେ ଯେଉଁ ଦୁଃଖ ଦୁର୍ଦ୍ଦଶାଗ୍ରସ୍ତ ଜୀବନ ଯାପନ କରୁଛନ୍ତି, ସେମାନଙ୍କଠାରୁ ଜଣେ ଜଣେ 'ବାବୁ'ଙ୍କର କୁକୁର ଅଧିକ ଭୌତିକ ସୁଖ ସ୍ୱାଚ୍ଛନ୍ଦ୍ୟରେ ରହିବାର ଦେଖାଯାଏ । ଜଣେ ମହାଜ୍ଞାନୀ ହୋଇ ଭିକ୍ଷା ଦ୍ୱାରା ମଧ୍ୟ ନିଜର ଭରଣ ପୋଷଣ କରିବାକୁ ଅସମର୍ଥ ହେବାବେଳେ ଅନ୍ୟ ଜଣେ ଗଣ୍ଡ ମୂର୍ଖ କେବଳ ଧନୀଘର ଗୃହରେ ଭୂମିଷ୍ଠ ହୋଇଥିବାରୁ ତା ଅପେକ୍ଷା ଅତୁଳନୀୟ ସୁଖ, ସୌଭାଗ୍ୟ ଉପଭୋଗ କରି ଜ୍ଞାନୀ ମାନଙ୍କୁ ଭ୍ରୂକ୍ଷେପ କରି ନଥାଏ । ଏ ସବୁ ଦେଖିଲେ ମନୁଷ୍ୟର ଏ ପ୍ରଶ୍ନ ସ୍ୱତଃ ଉଠେ, କଣ କଲେ ଦୁଃଖୀର ଏ ଦୁଃଖ ସମୂଳେ ବିନଷ୍ଟ ହେବ ?

ଅନ୍ୟ ପକ୍ଷରେ ଦେଖିବାକୁ ଗଲେ ମାନବ ସମାଜ ଯୁଗେ ଯୁଗ ସତ୍ତରେ ବିଶ୍ୱାସ ସ୍ଥାପନ କରି ଆସିଛି । ଆଜି ବେଦ ମାନ ମିଥ୍ୟା କହୁଥିଲେ ଯେ ଭୌତିକ ସୁଖ ସଂପଦ ଭୋଗ କରି ପାରି ଥାନ୍ତା, ସେ ତାହା କରିବାକୁ ଚାହିଁ କି ପଶ୍ଚାତ୍ପଦ ହେଉଛି ? ଯେଉଁ ଅହିଂସ ବ୍ୟକ୍ତି ଇଚ୍ଛା କରିଥିଲେ ଅନ୍ୟର ମାଂସରେ ନିଜେ ପୁଷ୍ଟ ହୋଇ ପାରି ଥାନ୍ତା, ସେ ତହିଁରୁ ବିରତ ହେବାର କାରଣ କଣ ? "ସତ୍ୟ" ବସ୍ତୁ ଅନୁଧାବନ କରିବାର କଣ ବାସ୍ତବରେ କିଛି ସନାତନ ସାର୍ଥକତା ଅଛି ନା ଏହାର ଅନ୍ତରାଳ ବନ୍ଧ୍ୟାପୁତ୍ର ବତ୍ ଶୂନ୍ୟଗର୍ଭ ? ଭାରତୀୟ ଭାଗ୍ୟବାଦ ଏ ସବୁ ତନ୍ନ ତନ୍ନ ବିଶ୍ଳେଷଣ କରି ଶେଷ ସିଦ୍ଧାନ୍ତରେ ଉପନୀତ ହୋଇଛି । ଜନ୍ମ ମରଣର ଧାରା ଯେବେ ଅନାଦି ନହୁଏ ତେବେ ପ୍ରାକ୍‌କର୍ମର ସତ୍ତା ନିତାନ୍ତ ଅସମ୍ଭବ ହୋଇ ପଡିବ । ଏହାର ମୂଳ ଅଛି ବୋଲି ଧରିଗଲେ ପ୍ରାଥମିକ ବୈଷମ୍ୟର ମୂଳକାରଣ ନିରୂପଣ କରିବାକୁ ପଡିବ । କିନ୍ତୁ ତାହା କି କେବେ ସମ୍ଭବ ? ଯେଉଁ ବିଖ୍ୟାତ ବିବର୍ତ୍ତନବାଦୀ ବୈଜ୍ଞାନିକ Darwin,( ଜଣେ ଭାରୁକଙ୍କ ମତରେ ) କେବଳ ଜଡବାଦର ପ୍ରତିଷ୍ଠା କରିବାକୁ ଯାଇ ମନର ସ୍ୱତନ୍ତ୍ର ସତ୍ତା ପର୍ଯ୍ୟନ୍ତ ସ୍ୱୀକାର କରିନଥିଲେ (Divorced mind from the universe) ସେ ସ୍ୱୟଂ ପ୍ରାଥମିକ ବୈଷମ୍ୟର କାରଣ ନିର୍ଦ୍ଦେଶ କରିପାର ନାହାନ୍ତି । ଯେବେ ଗୋଟାଏ ଜନ୍ମ ପୂର୍ବେ ଅନ୍ୟ ଏକ ଜନ୍ମର ସିଦ୍ଧାନ୍ତ ଓ ତହିଁର ବିଶ୍ୱାସ ଅମୂଳକ ହୁଏ, ତେବେ ହଠାତ୍ ଏହି ପ୍ରଶ୍ନ ଉଠିବ, ଜୀବର କର୍ମ ଆସିଲା କାହୁଁ ? ସୁଖ ଦୁଃଖର ନିୟାମକ କର୍ମବ୍ୟତିରେକେ ତାର ଜନ୍ମ ସମ୍ଭବ ହେବ କିପରି ? ତେଣୁ ଜନ୍ମମରଣର ମୂଳ ଚିନ୍ତା କରିବସିଲେ ଯୁଗଯୁଗ ଚାଲିଯିବ, କିନ୍ତୁ ସିଦ୍ଧାନ୍ତ କର ହେବ ନାହିଁ । ସିଦ୍ଧାନ୍ତ କର ହେବ ନାହିଁ ବୋଲି

Digitized by srujanika@gmail.com

ଯେ ତାହାର ମୂଳ ନାହିଁ, ଏ ଯୁକ୍ତି ବଶ୍ୟପାଳନ ତାହା ନୁହେ । ଜନ୍ମମରଣର ମୂଳ ନିର୍ଦ୍ଦେଶ ଓ ତାହାର ସାମ୍ଭବ୍ୟ ଯୁକ୍ତିଯୁକ୍ତ ହେଁମ୍ବା ବାସ୍ତବ ନୁହେ କାରଣ ଏହା ଯେବେ ସତ୍ୟହୁଏ, ଜଗତ ସୃଷ୍ଟି, ଓ ଜୀବ ସୃଷ୍ଟି ଅସମ୍ଭବ ହୋଇ ପଡ଼ିବ । ସଂସାର ( ଜନ୍ମମରଣର ପ୍ରବାହ ) ଯଦ୍ୟପି ଅନାଦି, ଏହା ଅନନ୍ତ ନୁହେ, ଶାନ୍ତ । ଯେପରି ଗୋଟିଏ ମାଠିଆ ଗଢ଼ା ଯିବା ଆଗରୁ ମାଠିଆର ଅଭାବ ଥିବା ଏବଂ ସେହି ଅଭାବ କିଣ୍ଟପ୍ରୁ ଅନାଦି ଥିଲା, ଅଥଚ ମାଠିଆ ତିଆର ହେବା ସଙ୍ଗେ ସଙ୍ଗେ ସେ ଅଭାବ ଲୁପ୍ତ ହେଲା ସେହିପରି ସଂସାର ଅନାଦି ହେଲେ ମଧ୍ୟ ସଂସାରୀର ଆତ୍ମଜ୍ଞାନ ଲାଭରେ ତାହା ଲୁପ୍ତ ହୁଏ । ଅତଏବ ଜୀବନର ମୁକ୍ତି ଲାଗି ଆତ୍ମଜ୍ଞାନ ଏକମାତ୍ର ସମ୍ବଳ ।

ଜୀବନର ଗତି ଖଣ୍ଡିତ ନୁହେ—ମରଣରେ ଆତ୍ମାର ବିନାଶ ହୁଏ ନାହିଁ, ହୁଏ କେବଳ ସ୍ଥୂଳ ଶରୀରର । ଅଥଚ ଗୁଣ୍ଡାଇଲେ ସେହି କୁଙ୍କୁମ ଚନ୍ଦନ ବିଲେପିତ ସୁନ୍ଦର କଳେବର ଗଢ଼ି ରହିଥାଏ ଯାହା ଉପରେ ମୃତ୍ୟୁମାନବ ସମସ୍ତ ଆଶା ଭରସା ଓ ଲକ୍ଷ୍ୟ ରଖି ଅହରହ କର୍ମତତ୍ପର ଥାଏ । ଅତୀତକୁ ବର୍ତ୍ତମାନ କେବେ ଭୁଲି ନ ପାରେ । ଅତୀତ ବ୍ୟତୀତରେକେ ବର୍ତ୍ତମାନ ଓ ବିନା ବର୍ତ୍ତମାନରେ ଭବିଷ୍ୟତର ସୃଷ୍ଟି ସମ୍ଭବ ନୁହେ । ସେହିପରି ଗତ ଜୀବନ ବିନା ଇହ ଜନ୍ମର (ଜୀବନ) ଓ ଇହକାଳ ବ୍ୟତୀତ ପରକାଳର ସୃଷ୍ଟି ଅସମ୍ଭବ । ଏ ଜୀବନ ପ୍ରବାହର ଧାରାବାହିକତା ନ ଥିଲେ ଜଗତର ପ୍ରତିକ୍ଷେତ୍ରରେ ପ୍ରତ୍ୟେକ ଜୀବନରେ ଉଦ୍‌ଭଟ ବିଭ୍ରାଟ ଅନିବାର୍ଯ୍ୟ ହୋଇ ପଡ଼ନ୍ତା । ଜଗତ ମୁକୁରରେ ଦୁଇଟି ଭାଳିମାର ଗାଢ଼ଦାଗ ରହିଯାନ୍ତା — ପ୍ରଥମଟି ଅକୃତାଭ୍ୟାଗମ ଓ ଦ୍ୱିତୀୟଟି କୃତବିପ୍ରନାଶ । ମାନବ ଦୈନନ୍ଦିନ ଜୀବନରେ ଯେଉଁ ଅନାଚାର, ଅତ୍ୟାଚାର ଓ ଅଶାନ୍ତ ଧାର ପ୍ରସାର ଦେଖି ପାରୁଛୁ, ସେଗୁଡ଼ିକର ସରଳ ବିଶ୍ଳେଷଣ କଲେ ଉଲ୍ଲିଖିତ ଦୋଷ ଦୁଇଟିର ଗୁରୁତ୍ୱ ଓ ରୂପ ଅବଧାରଣ କରି ହୁଅନ୍ତା । ଦେଖାଯାଏ, କେହି ସତ୍ୟବାଦୀ, ସରଳ, ନିଷ୍କପଟ, ସଂଯମୀ ଓ ସାଧୁ ହେବା ସତ୍ତ୍ୱେ, ଅନ୍ୟ ଜଣେ ଏସବୁ ଗୁଣବିହୀନ କେବଳ ନୁହେଁ, ଏ ଗୁଣଙ୍କର ଠିକ ବିପରୀତ ଅସତ୍-ଗୁଣ-ଯୁକ୍ତ ହୋଇ ମଧ୍ୟ ବାସ୍ତବ ସଂସାରରେ ଉତ୍ତରୋତ୍ତର ଉନ୍ନତି ଲାଭ କରି ପାରୁଛି । ପ୍ରଶ୍ନ ଉଠେ, ଯେଉଁ ସାଧୁ ପୁରୁଷ ପ୍ରାଣ ବିନିମୟରେ ସୁଦ୍ଧା ସତ୍ୟ କହିବା ପାଇଁ ଦୃଢ଼ଧାରକର ଓ ସତ୍ୟବାଦୀ ହେବା ସତ୍ତ୍ୱେ ଭୋଗୁଛନ୍ତି, ତାହାର ସତ୍ୟ ସାଧନାର କଣ କିଛି ପୁରସ୍କାରତ ନାହିଁ ? ଏଭଳି କଠୋର ସାଧନାରେ ଯେଉଁମାନେ ସିଦ୍ଧିଲାଭ କରନ୍ତି, ସେମାନେ କଣ କିଛୁ ବାସ୍ତବ ଉତ୍କର୍ଷ ଭୋଗ କରିବା ଉଚିତ ନୁହେ ? ଅକ୍ରିୟାନୁଷ୍ଠାନ କ'ଣ ତେବେ ପ୍ରକୃତରେ ଜୀବନର ଆଦର୍ଶ ହେବା ବିଧେୟ ଯେହେତୁ ନାନା କ୍ଷେତ୍ରରେ ଅକ୍ରିୟାଚରଣ କରି ବ୍ୟକ୍ତି ବିଶେଷ ମହୋଲ୍ଲାସର ସୁକୋମଳ ଅଙ୍କରେ ଆଶ୍ରୟ ପାଉଥିବାର ଦେଖାଯାଏ ? ଯେବେ ଜୀବନର ଶେଷ ସତ୍ତା ମରଣର ପର ମୁହୂର୍ତ୍ତରେ ବିଲୁପ୍ତ ହୁଏ, ସତ୍‌କର୍ମାନୁଷ୍ଠାନର ଶୁଭ ପରିଣାମରେ ଅଉ ସମ୍ଭବ ହେବକି ? ବୌଦ୍ଧ ଦର୍ଶନ ଏଠାରେ ଗର୍ଜିଉଠି କହିପାରେ, ମନୁଷ୍ୟ ସତ୍‌କର୍ମ କରେ ନିଜ ସାମାଜିକ ସଦ୍‌ଭାବର ସୁନିୟନ୍ତ୍ରଣ ଲାଗି । କିନ୍ତୁ ଏ ଦୁର୍ବଳ କ୍ଷୀଣଯୁକ୍ତି କେତେକୁର ଗତ କରିପାରେ ? ଏହା ଫଳରେ ସତ୍‌କ୍ରିୟାର ପୂଜା ହେବାତ ଦୂରର କଥା, ଅସତ୍ କ୍ରିୟାର ନିବୃତ୍ତି ମଧ୍ୟ ହୁଏ ନାହିଁ । ଅନ୍ୟ ପକ୍ଷରେ ଯେଉଁ କେତେକ ମନୁଷ୍ୟର ମୁଣ୍ଡପୋଷ ଅତ୍ୟୁତ୍କଷ କରିବାର ଅନୁକୂଳ ପରିସ୍ଥିତି ସୃଷ୍ଟି କରିପାରେ ଏବଂ ଶତ ସହସ୍ର ଅକାର୍ଯ୍ୟ କରି ସୁଦ୍ଧା ନିଜର ପଦମର୍ଯ୍ୟାଦା ନାନା ମନ୍ଦ ଉପାୟରେ ବଜାୟ ରଖିପାରେ, ବୌଦ୍ଧ ଦର୍ଶନକୁ ସେ ପାଇବ କେବଳ ସେହି ଅକାର୍ଯ୍ୟରେ ପ୍ରବର୍ତ୍ତନ ଲାଗି ପ୍ରେରଣା । ଏ ତ ଗଲା କୃତ ବିପ୍ରନାଶ ଅର୍ଥାତ୍ ଅନୁଷ୍ଠିତ (କୃତ) ସତ୍‌କର୍ମର ନିଷ୍ଫଳତାଜନିତ ଧ୍ୱଂସ (ବିପ୍ରନାଶ) । ଅକୃତାଭ୍ୟାଗମର ବିଭୀଷିକା ଅଧିକ ମାରାତ୍ମକ । ପ୍ରତ୍ୟେକ ପ୍ରାଣୀର ଜନ୍ମଠାରୁ ଯେବେ ଜୀବନର ଉତ୍ପତ୍ତି ହୁଏ, ଜଣକ ଅପେକ୍ଷା ସକଳ ଦିଗରେ ଅନ୍ୟ ଜଣେ ଲୋକର ନ୍ୟୂନତା ବା ଅଧିକ୍ୟ ରହେ କାହିଁକି ? ଜଣେ ଅଜନ୍ମ

ଅନ୍ଧ, ଦୁରାରୋଗ୍ୟ ରୋଗାକ୍ରାନ୍ତ, ବିକଳାଙ୍ଗ; ଅନ୍ୟ ଜଣେ ସୁଖୀ, ସ୍ୱସ୍ଥ ଓ ସୁଠାମ। ଏ ଦୁହେଁ, ତ ଅଂଶରୁ କେହି କିଛି କରି ନଥିଲେ, ଏ ବୈଷମ୍ୟ ଅତି ପ୍ରକାଶ କଲା କାହିଁକି? କୁହାଯାଇପାରେ ବିଭିନ୍ନ ପରିସ୍ଥିତିରେ, ପାରିବାରିକ, ଖାଦ୍ୟଗତ, ଜଳବାୟୁ ମୂଳକ ପାର୍ଥକ୍ୟ ହେତୁ ଉପସ୍ଥାପିତ ଦୃଷ୍ଟାନ୍ତରେ ବୈଷମ୍ୟ ଅତି ପ୍ରକାଶ କରିଛି। ଏ ଯୁକ୍ତିକୁ ଦୁଇ ଦିଗରୁ ଆଲୋଚନା କରାଯାଇପାରେ। ପ୍ରଥମତଃ ଏହାର ପ୍ରମାଣ ଦେବ କିଏ? ଏ ପର୍ଯ୍ୟନ୍ତ କୌଣସି ଦେଶରେ କୌଣସି କାଳରେ ଏହା ନିରୂପିତ ହୋଇ ପାରିଛି କି? ରାଜଗୃହରେ ଜନ୍ମ ହୋଇ, ବୈଦ୍ୟ ମାନଙ୍କର ସଯତ୍ନ ପରାମର୍ଶ ଅନୁସାରେ ପରିଚାଳିତ ହୋଇ ଭୀଷଣ ଭାବରେ ଲୋକେ ପୀଡ଼ିତ ହେବା ଶତଶଃ ଆଖି ଆଗରେ ଦେଖା ଯାଉଛି। ଗରିବ, ନିରନ୍ନ, ଅନିୟମିତ ଭୋଜୀ ତଥା ଅପୁଷ୍ଟିକର ଆଦ୍ୟ ଭୋଜୀ ହୋଇ ମଧ୍ୟ ଆଜୀବନ କେତେ ନିରୋଗ ହୋଇ ରହିବା ଲୋକର ଗରିବ ଗୃହରେ ମଧ୍ୟ ଅଭାବ ନାହିଁ। ଏଠାରେ ପୁଣି କୁହା ଯାଇପାରେ, ସ୍ୱକୃତ ଅଜ୍ଞ ଦୋଷରୁ ବା ନିଷ୍ଠା ଫଳରେ ରୋଗ ବା ରୋଗଶୂନ୍ୟତା ସମ୍ଭୂତ ହୋଇଥାଏ। କିନ୍ତୁ ଯେଉଁ ସହୋଦରମାନଙ୍କ ମଧ୍ୟରେ ଜନ୍ମର ଅଳ୍ପ କେତେ ବର୍ଷ ମଧ୍ୟରେ ଯେଉଁ ବୈଷମ୍ୟ ବିକଟ ଓ ବିଶାଳ ଭାବେ ପ୍ରକାଶ ପାଇଛି, ତାର କାରଣ ନିରୂପିତ କିପରି? ବୈଜ୍ଞାନିକ ଏଠାରେ ପୂର୍ବଧାରା ଦର୍ଶନର ଜନମତ ପ୍ରତିଷ୍ଠା କରି ନ ପାରିଲେ ମଧ୍ୟ ଅନ୍ୟର ଯୁକ୍ତି ଖଣ୍ଡନ କରିବା ପାଇଁ ପ୍ରଗାଢ଼ ଚେଷ୍ଟା କରି ପାରେ। କିନ୍ତୁ ଅନୁଭୂତ ପକ୍ଷ ଅକାଟ୍ୟ ଶସ୍ତ୍ରରେ ତାହାର ସମସ୍ତ ଉଦ୍ୟମ ଛିନ୍ନଭିନ୍ନ ହୋଇଯିବ। ଧରାଯାଉ, ପ୍ରଥମ ଯୁକ୍ତିର ମୂଳରେ ତଥ୍ୟ ବିଦ୍ୟମାନ। କିନ୍ତୁ ଆଂଶିକ ତଥ୍ୟ ଥିଲେ ପୂର୍ଣ୍ଣ ତଥ୍ୟମୂଳକତା ସ୍ୱୀକାର କଲେ ମଧ୍ୟ ପୁଣି ପ୍ରଶ୍ନ ଉଠିବ, ଏ ପରିସ୍ଥିତିର ବୈଷମ୍ୟ କାହିଁକି? ସମସ୍ତେ ତ ପ୍ରାଣୀ, ସମସ୍ତେ ତ ଜନ୍ମ ହେଉଛନ୍ତି, ସମସ୍ତେ ତ ଭୋଗ କରନ୍ତି ସେହି ସୁଖ ବା ଦୁଃଖ, ସମସ୍ତେ ତ ସେହି ବିକାର ଷଟ୍କ (ଜନ୍ମ, ସ୍ଥିତି, ବୃଦ୍ଧି, ବିପରିଣାମ, ଅପକ୍ଷୟ ଓ ନାଶ) ମଧ୍ୟରେ ଗତି କରିବେ ତେବେ ପରିସ୍ଥିତିର ବୈଷମ୍ୟ ଅବା ଘଟିବ କାହିଁକି? ଜନ୍ମ କ'ଣ ସତରେ ଗୋଟାଏ Chance (ଆକସ୍ମିକ ଘଟଣା)? ଏହି ଅନିର୍ଦ୍ଦିଷ୍ଟ, ଅନିୟମିତ, ଅବ୍ୟବସ୍ଥିତ Chance ଉପରେ କଣ ଜଗତ ଚାଲିଛି। ଏ Chance କଣ କେବଳ ଜନ୍ମ ସମ୍ପର୍କରେ ପ୍ରଯୁଜ୍ୟ? ଜନ୍ମ ପରେ, ଜନ୍ମ ମରଣର ମଧ୍ୟବର୍ତ୍ତୀ କାଳରେ କ'ଣ ଏ ପ୍ରଯୁଜ୍ୟ ନୁହେଁ? ଯେବେ ହୁଏ, ମନୁଷ୍ୟ ଉଦ୍ୟମୀ ହେବ କାହିଁକି?—Chance ରେ ତ ସବୁ ଘଟିବ। 'Chance-ବାଦ' ଟୋକେ ଭୌତିକ—ଜଡ଼ବାଦର ଗୋଟାଏ ଜାରଜ ସନ୍ତାନ। ଏଠାରେ ଦୁଇଟି ଦୋଷ ଆସୁଛି ପ୍ରତ୍ୟେକବାଦ ସ୍ୱୀକାର କଲେ ଏହା ଧରାଯିବ ଯେ କର୍ମ ନ କଲେ ମଧ୍ୟ (ଅକୃତ + ) ଫଳ ସ୍ୱୟଂ (କି ବିନା ଚେଷ୍ଟାରେ) ଫଳ ମିଳିବ (ଅଭ୍ୟାଗମ) ଏହାହିଁ ଅକୃତାଭ୍ୟାଗମ ଦୋଷ।

--XOX--

## କଥା ଶିଳ୍ପୀ

ଶ୍ରୀ କମଳକାନ୍ତ ମହାନ୍ତି

ଅନ୍ଧକାର-----

ଘଉଡ଼ ଅନ୍ଧକାର। ଆଗରେ, ପଛରେ, ଉପରେ, ତଳେ, ଦାନ୍ତରେ, ବାହାରେ—କେଉଁଠି ଠିକିଏ ହେଲେ ଅବକାଶ ନାହିଁ। ମିଣିଏ ଗୁହିଁବାକୁ ଚେଷ୍ଟା କଲେ ବି ଦୃଷ୍ଟି ଆହତ ହୋଇ ଅଟକିଯାଏ। ଉପରେ ଖିଆଲିଭୂତ ଯେତେ ସବୁ କଳା-ମେଘର, ମହାକାଶ,

Digitized by srujanika@gmail.com

ଆଉ ଚଲେ ପ୍ରେତାତ୍ମିତ ଛାୟା ସମ ଅପୂରନ୍ତ ଅନ୍ଧକାରର ତାଣ୍ଡବ-ନୃତ୍ୟ । ଚତୁର୍ଦ୍ଦିଗେ ହସ୍ତ-ପଦ ମେଲି ବିସ୍ମିତ ହୋଇ ପଡ଼ିଛି ଅନ୍ଧ-ସହରର ନାଗରିକଙ୍କ ନୀଥର ମୂର୍ତ୍ତି । ବର୍ଷା-ସିକ୍ତ-ବତାସରେ ଉଲେ ଜୁଳୁଜୁଳି ପୋକ, ଝିଁ, ଝିଁ ଡାକେ ଅବିଶ୍ରାନ୍ତ । ମଝିରେ ମଝିରେ ଦମକା ହାଉଆ ଆସେ ଦୀର୍ଣ୍ଣ ବୁଢ଼ୀର ଦୀର୍ଘଶ୍ବାସ ପରି । ଗଛର ପତ୍ରରେ ପତ୍ରରେ ଉଠେ ଟୁପ୍ ଟୁପୁ ଭୁଟୁ ଭଟୁ ବରଷାର କଥା ।

ସହରର ପ୍ରତ୍ୟେକ ରାଜ ପଥ, ପ୍ରତ୍ୟେକ ଗଳି-ପଥ ବର୍ତ୍ତମାନ ପ୍ରାୟ ନିସ୍ତବ୍ଧ । ଏଠୁ ସେଠ ଥରକ ପାଇଁ ବୋଧହୁଏ ଗୋଟାଏ ଟ୍ୟାକ୍ସି ଚୁଁ ଚୁଁ ଶବ୍ଦେ ହଜିଯାଏ ସେଇ ଅନ୍ଧକାରର ଅସୀମତା ଭିତରେ । କୋଠା ବାଡ଼ି, ଗଛପତ୍ର, ପଥଘାଟ, ଆକାଶ ବତାସ ସବୁ ଯେପରି ଗୋଟାଏ ବିପନ୍ନତାରେ ଆଚ୍ଛନ୍ନ । କିନ୍ତୁ 'କୁକୁର ପଦା' ଭିତରୁ ଯେଉଁ ପାଦଚଲା ଅପ୍ରଶସ୍ତ ଗଳିପଥଟି କ୍ରମେ ବଢ଼ିଯାଇ ଆସି ବାଙ୍ଗାବଜାର ଧର୍ମଶାଳା ନିକଟରେ ରାଜପଥର ପାର୍ଶ୍ବ ଛୁଇଁଛି, ସେହି ପଥର ଆଗ ମୋଡ଼ରେ ମ୍ୟୁନିସିପାଲିଟିର ଗୋଟିଏ କରୋସିନ-ବତୀ-ସ୍ତମ୍ଭ ପାଖରେ ଛିଡ଼ା ହୋଇ ରହିଛି ଗୋଟିଏ ମନୁଷ୍ୟ ମୂର୍ତ୍ତି—ନିର୍ବାକ୍, ନିଶ୍ଚଳ । ସେଇ ଦୂର-ପ୍ରସାରିତ ଆଲୋକରେ ଅସ୍ପଷ୍ଟ ଦେଖାଯାଏ ତା' ଦେହର କେତୋଟାଂଶ ମାତ୍ର ଲୁଗାଖଣ୍ଡ ଯେପରି ମଇଳା ସେହିପରି ଛିନ୍ନବିଚ୍ଛିନ୍ନ, ଜାଗାଏ ଜାଗାଏ ତାଳିମରା । ଶୁଷ୍କ ମୁଖ, ଚକ୍ଷୁରେ ନିଦ୍ରାହୀନତାର ଚିହ୍ନ । ରୁକ୍ଷ ଅସଂଯତ କେଶ ଯେପରି ଦର୍ଶାଇ ଦେବାର ଚାହୁଁଛି ବିଦ୍ରୋହୋନ୍ମୁଖୀ ।

ରାତ ପ୍ରାୟ ବାରଟା । ସି:ଆଇ:ଡି: ଇନ୍‌ସ୍‌ପେକ୍ଟର ସେଇ ବାଟରେ ଫେରୁଥିଲେ ବୋଧହୁଏ କୌଣସି ଅନୁସନ୍ଧାନରୁ । ତାଙ୍କ ନଜର ତ ସନ୍ଦେହ-ସନ୍ଧାନୀ ! ମୂର୍ତ୍ତିଟି ଉପଲକ୍ଷ୍ୟରେ ପ୍ରଶ୍ନ କଲେ— କିଏ ତୁମେ ? କଲେ— କିଏ ତୁମେ ?

ସେ ଗମ୍ଭୀର, ନିରୁତ୍ତର,

—ଜବାବ ଦିଅ !

କେବଳ ମନ୍ଦ ମନ୍ଥର ଗତିରେ ତାର ମୁହଁ ଫେରାଇଲା, ଚକ୍ଷୁପ୍ରାନ୍ତେ ଯେପରି କୌଣସି ବିଦ୍ରୋହାତ୍ମକ ଭାଷା ମୂର୍ତ୍ତି ହୋଇ ଉଠିଛି !

—ଦେଖୁଛ କ'ଣ, ଶୀଘ୍ର ଉତ୍ତର ଦିଅ ! ନଚେତ୍ ଏଇ ଦେଖ ମୋ ହାତରେ ପିସ୍ତଲ—

—ହା' ହା' ହା' ହା'......ଝଲକ ଦେଇ ଦେଇ ସେ ହସିଲା, କଟିଣ ଶବ୍ଦରୂପ ବିକଟ ହସ; ଅନ୍ଧକାରର ବୁକୁ ଯେପରି ବିଦୀର୍ଣ୍ଣ ହୋଇଗଲା ! ସେଇ ପିସ୍ତଲ-ସେହି ପିସ୍ତଲହିଁ ତ ତୁମଠୁଁ ମନୁଷ୍ୟତ୍ୱ ଛଡ଼ାଇ ନେଇଛି । ସୁତରାଂ ଯିଏ ତୁମ ହାତରେ ଏ ପିସ୍ତଲ ଦେଲା ସେ କେଡ଼େ ମୂର୍ଖ ଆଉ ତୁମେ କେଡ଼େ ନିର୍ବୋଧ !! ମୁଁ କିନ୍ତୁ ଏ ପିସ୍ତଲକୁ ଭୟ କରେନା । ଦେହରୁ ତ ସମସ୍ତ ରକ୍ତ ନିଃଶେଷିତ ହୋଇ ଯାଇଛି; ମାତ୍ର ହାଡ଼-ମାଂସର ଯେଉଁ ଶୁଷ୍କ ଅବଶିଷ୍ଟାଂଶ ରହିଛି, ତାହା ବରଷ ବରଷ ଧରି ବୃଷ୍ଟି ଅନାବୃଷ୍ଟି, ଅଭାବ ଅନାଟନ, ଅତ୍ୟାଚାରର ଉତ୍ପୀଡ଼ନ ସହି ସହି ପଥର ଠାରୁ ଆହୁରି କଠିନ, ନିର୍ମମ ନିଃଶଙ୍କ ପାଲଟି ଗଲାଣି । ପିସ୍ତଲର ଗୁଳି କ'ଣ କାଟିବ ?

—କିଏ ତୁମେ ସାହାସୀ, ତୁମର ପରିଚୟ ? ଓଷ୍ଠପ୍ରାନ୍ତରୁ ତାଙ୍କର ଚଞ୍ଚଳ୍ୟର ମନ୍ଦ ହାସ୍ୟ ।

—ଏ ପୃଥିବୀ ଯାହାର ।

—ମାନେ ?

—ମାନେ ଖୁବ ସହଜ; ଯେ ଏହି ପୃଥିବୀର ଅଧିବାସୀ । ସୃଜନର ଆଦ୍ୟ ପ୍ରଭାତ ଯୁଗରୁହିଁ ପୃଥିବୀରେ ଦୁଇଟି ଦଳ ପ୍ରାଣୀ ବରାବର ପାଖାପାଖି ରହି ଆସିଛନ୍ତି । ଦଳେ ଧନ ଉତ୍ପାଦନ କରନ୍ତି, ଆଉ ଦଳେ ତାହା ଧ୍ୱଂସ କରିବାର ପ୍ରତିକ୍ରିୟା କରନ୍ତି । ନଚେତ ପ୍ରତ୍ୟେକ ପଦାର୍ଥ କାହିଁକି କ୍ଷଣସ୍ଥାୟୀ ହୋଇ ରହୁଥାଆନ୍ତା ? ଯେଉଁମାନେ ପ୍ରତ୍ୟକ୍ଷଭାବରେ ଧନୋତ୍ପାଦନ କରୁଛନ୍ତି, ଯେପରି ଶ୍ରମିକ, ଯେପରି କୃଷକ, କବି, ଶିଳ୍ପୀ, ପୃଥିବୀ ବାସ୍ତବରେ ସେହିମାନଙ୍କର । ମୁଁ ଜଣେ କଥାଶିଳ୍ପୀ; ଅତଏବ ପୃଥିବୀ ମୋରି ହେବା ସ୍ବାଭାବିକ !

Digitized by srujanika@gmail.com

—ପାଗଳ ନା' କ'ଣ ?

—ଠିକ୍, ବିପକ୍ଷୀତ, ପାଗଳ ମୁଁ ନୁହେଁ ତୁମେ । ଏହି ପିସ୍ତଲ, ଏଇ ଗୋଳା ବାରୁଦ ନେଇ ହିଂସା ବିଦ୍ବେଷ, ଅର୍ଥଲିପ୍ସା ପାଇଁ ପୃଥିବୀମୟ ଧ୍ୱଂସର ଝଡ-ଝଞ୍ଜା ଚଳାଏ ଯେଉଁ ସଭ୍ୟତା, ସେହି ସଭ୍ୟତାହିଁ ତୁମକୁ ପାଗଳ କରି ଦେଇଛି । ସାଧାରଣତଃ କବି, ଲେଖକ, ଶିଳ୍ପୀ ଗୁଡ଼ାକୁ ପାଗଳ ବୋଲି ଲୋକେ କହିଥାନ୍ତି । ସେମାନେ ସୌନ୍ଦର୍ଯ୍ୟର ସୃଷ୍ଟି-କର୍ତ୍ତା; ପୃଥିବୀର ପ୍ରତ୍ୟେକ ପ୍ରତ୍ୟେକ ପଦାର୍ଥକୁହିଁ ସେମାନେ ଭଲ ପାଆନ୍ତି । କିନ୍ତୁ ଅସଲ ପାଗଳ ସେହିମାନେ, ଯେଉଁମାନେ ସୃଷ୍ଟିର ସୁନ୍ଦରତାର ଧ୍ୱଂସ କରନ୍ତି, ଅନୁକ୍ଷଣ ଅହମିକା ଓ ସ୍ୱାର୍ଥପରତାର କାଳକୂଟ ଖାଜି । ଯୁଦ୍ଧର ଏ ଯେଉଁ ଭୀଷଣ ବାତାବର୍ତ୍ତ ବହିଚାଲିଛି ବିଶ୍ୱବ୍ୟାପୀ ଜଳପଥ ବିକ୍ଷେପଣ କରି, କିଏ କାହିଁକି ବିଜୟର ବୈଜୟନ୍ତୀ ଉଡ଼େଇଲା ? ଯୁଦ୍ଧରେ କେହି କେବେ ଜୟୀ ହୁଏ ନା, ସମସ୍ତେହିଁ ପରାସ୍ତ ହୁଅନ୍ତି ।

—ଏ ସବୁ କଥା ମୁଁ ଶୁଣିବାକୁ ଆସିନି । ତୁମ ପରିଚୟ ? ଇନ୍‌ଫ୍ଲୁଏନ୍‌ଜର କର୍ଣ୍ଣେଲ ବିରକ୍ତିରେ ପଚାରିଲେ ।

—ମୋର ପରିଚୟ ! ହଁ ମୋର ପରିଚୟ ଅତି ନିଷ୍ପ୍ରୟୋଜନ; କିନ୍ତୁ ସେ ଗୋଟାଏ ଇତିହାସ, ଅଳ୍ପ ହେଲେ ବି ଅବହେଳା ନୁହେଁ, ଶୁଣ—

ବେଶୀ ଦିନ ତଳରୁ ଚଳେଇ ଯାଉଥିବା କଥା ନୁହେଁ । ସେତେବେଳକୁ ମୁଁ କଲେଜରେ ଆଇ.ଏ.ସି. ପଢୁଥାଏ । ପିଲାଟି ଦିନରୁ ମୁଁ ଅତ୍ୟନ୍ତ ଲାଜକୁଳୀ, ସେଥିରୁ ସହପାଠୀମାନେ କେହିହେଲେ ମୋ' ସଙ୍ଗେ ମିଶିବାକୁ ଚାହାନ୍ତି ନାହିଁ । ସନ୍ଧ୍ୟା ବେଳା, ଉଦୟପେ, ପଶ୍ଚିମ ଆକାଶରେ ଧୀରେ ଉଙ୍କି । ପଥଘାଟ ମୁଖରିତ କରି କଲେଜ ପିଲାମାନେ ଦଳ ଦଳ ହୋଇ ବାହାରି ଯାଆନ୍ତି ଭ୍ରମଣାର୍ଥେ । କିନ୍ତୁ ମୁଁ ଏକୁଟିଆ ଗାଁ ଛାଡ଼ି ସହରର ପ୍ରାନ୍ତ ଜନତାର ଭିଡ଼ରୁ ଆଡ଼େଇ ହୋଇ ବାହାରି ଯାଏ ଦୂରକୁ, ଯେଉଁଠି ନିର୍ଜନତାର ଏକାଧିପତ୍ୟ, ପକ୍ଷୀର କୂଜନରେ ଯେଉଁଠି ପ୍ରକୃତ ମାଧୁରୀ ଉଛୁଳିଉଠେ କରିଯାଏ — — ସବୁଜ ପ୍ରାନ୍ତର, ସବୁଜ ବନ, ସବୁଜକ୍ଷେତ, ସବୁଜତାର ଯେଉଁଠି ଅଶେଷତା ।

ବିସ୍ତୀର୍ଣ୍ଣ ପ୍ରାନ୍ତର—ସବୁଜ ଘାସର ଅସ୍ତୃତ ଆସ୍ତରଣ ପରି । ସେ ପାଖର ଲୋକେ ତାକୁ କହନ୍ତି 'ଚଣ୍ଡୀମଇଦାନ' । ସେଇ ମଇଦାନର ଉତ୍ତରରେ ଗୋଟିଏ ଛୋଟ ନଦୀର ବାଙ୍କ । ନଦୀର ଉପପାରରେ ଗୋଟିଏ ମନ୍ଦିର । ମନ୍ଦିରର ଊର୍ଦ୍ଧ୍ୱମୁଖୀ ଚକ୍ରଚୂଡ ଧର୍ମ-ପ୍ରଥର ନିର୍ଦ୍ଦେଶକ ପରି ମନେହୁଏ । ତାହାର ମୂଳଶାଳାରୁ ପଥରର ପାହାଚ କମାନ୍ୱୟରେ ଗଡି ଆସି ନଦୀର ଦେହ ସାଙ୍ଗରେ ବିଲୀନ ହୋଇଯାଇଛି । ଆଖ ପାଖରେ, ଏଠି ସେଠି ଉଣ୍ଡିଫୁଲ, ପୁଞ୍ଜ-ସୋରିଷଫୁଲ, କ୍ଷୀଣ ବତାସରେ ହେଲେ ଦୋଳେ ହସି ହସି ଗଡ଼ିଯାଆନ୍ତି । ଆଉ ବାସନ୍ତୀ ଗଛରେ କଅଁଳିଆ ପତ୍ର, ଶିମୁଳ ନିଦଉଙ୍ଗା ଆଖି ପରି ରଙ୍ଗା; ତା'ର ଫୁଲର ଘନ ଗନ୍ଧ, ଭାରି ହୋଇ ଜମି ଉଠେ, ଗନ୍ଧର କୁହୁଡ଼ି ପରି । ଏ ସବୁ ମିଳି ଗୋଟିଏ ରୁପକଥାର ଆବହାଉଆ ସୃଷ୍ଟି କରି ଥାଆନ୍ତି ସେଠି ।

ଦିନକର କଥା ।

ଶୀତର ଶେଷ ବେଳା । ଗୋଠବାହୁଡ଼ା ଗୋଧନ ପଥର ଧୂଳିରେ ଗୋଧୂଳିଗଗନକୁ ଧୂମାୟିତ କରି ତୋଳୁଥାଆନ୍ତି । ଗଛ ପତ୍ର, ପଥଘାଟ, ନଦୀର ବୁକୁ ଏଠି ସେଠି ଅସ୍ତମ ସୂର୍ଯ୍ୟର ଲାଲିମାର ଅପୂର୍ବ ବିଚ୍ଛୁରଣ । ନଦୀର ଏପାଖରେ ଯେଉଁ ବିଶାଳ ବୃକ୍ଷବଟ ଗୋଟିଏ ମୂର୍ତ୍ତିମାନ ତ୍ୟାଗୀ ପରି ତାହାର ଚତୁର୍ଦ୍ଦିଗରେ ବୈରାଗ୍ୟର ଛାୟା ମେଲି ଛିଡ଼ା ହୋଇ ରହିଛି, ତା'ରି ତଳେ ବସି ମୁଁ ପକ୍ଷୀର କାକଳି ଶୁଣୁଥାଏ । ଝର ଝର କରି ଗାଆ ଶେଷ କଟି ଉଦାଲଗା ପଡ ପଡେଇ ଟିଅଟିଏ କଳସୀ କାଖେଇ ଦୋଦୋହୋଲ ଦୋହଲକା ମନ୍ଦିରର ପାହାଚ ଉପରକୁ ଉଠିଆସିଲା-ବତାସରେ ନୂପୁର ଶବ୍ଦ ଖେଳେଇ, ବିଦ୍ୟୁତ ବିଳା ପରି କେଜାଣି କାହା ଉପରେ, କାହା ଉପରେ ଘନ ଗଛ ଛେର ଶ୍ୟାମଶ୍ରୀ ଅନ୍ତରାଳରେ ସେ ଲଟଟେଳ ।

Digitized by srujanika@gmail.com

ମୋ' ହୃଦୟଭିତରେ ଦେଇ ଖେଳିଗଲା ଗୋଟିଏ କ୍ଷୀଣ ଅନୁଭୂତିର ସୂକ୍ଷ୍ମ ଶିହରଣ । ତା'ର ଚାଲିଗଲା ବାଟକୁ ମୁଁ ଚାହିଁରହିଥିଲି ନିର୍ନିମେଷ ନୟନେ ।

ଅପୂର୍ବ ଗଢ଼ଣ ତା'ର ; ବିଧାତା ସୌନ୍ଦର୍ଯ୍ୟର ଲେଶମାତ୍ର ସୃଷ୍ଟି ରଖି ନଥିଲେ ତା'ଠି । ଆଜାନୁଲମ୍ବିତ କୁଞ୍ଚିତ-କାଳନ୍ଦୀ-କୁନ୍ତଳ ନୂତନ ଆଷାଢ଼ ମେଘ ପରି କମନୀୟ । ଚକ୍ଷୁ ଦୁଇଟିରେ ଘନୀଭୂତ ଅପରିମେୟ କରୁଣା । ପୂର୍ଣ୍ଣିମା ଚନ୍ଦ୍ରପରି ଦେହର ରଙ୍ଗ । ସୁଢଳ, ସୁଠାମ—ଲଳିତ ଲବଙ୍ଗ-ଲତିକା ! ମୋତେ ସେତେବେଳେ ମୋର ମନେ ହେଲା ଯେପରି ଯମୁନା ଘାଟରେ ବୃଷଭାନୁର କନ୍ୟାକୁ ମୁଁ ଦେଖୁଛି ।
ସେଇ ପ୍ରଥମ ଦେଖାରେ ହିଁ ମୁଁ ତାକୁ ଭଲ ପାଇଥିଲି ।

ପରଦିନ ମୁଁ ଏକାନ୍ତରେ ବସିଛି । କଳସୀ କାଖେଇ ଗୁଣୁ ଗୁଣୁ ହୋଇ ଗୀତ ଗାଇ ଗାଇ ସେପାଖ ଗାଁଜରର ଢିଙ୍କିଅ ପରି ସେ ନାଚି ନାଚି ପାହାଚ ତଳକୁ ଗଡ଼ି ଆସିଲା । ମୁଣ୍ଡରୁ ଅମାନିଆ ଓଢ଼ଣା ପ୍ରାୟ ନିରବଧି ଖସି ଖସି ପଡ଼ୁଥାଏ । ମୁହଁ ଉପରେ ଲାଜର ଆବରଣ ଥିଲା, ନ ଥିଲା ପରି । କେଜାଣି କେତେବେଳ ଯାଏଁ ଦେହାବରଣ ଖୋଲି ସେ ନଦୀରେ ନଦୀରେ ଗାଧୋଇଲା. ତା'ର ଗଭୀର ଅନାଇବା, ଛନ୍ଦକପଟ ତେ ମୋତେ ଯେମିତି ସେ ଦିନ କ'ଣ କହିଥିଲେ ।

ତା' ଆଖିର ଦୁର୍ନିବାର ଯାଦୁମନ୍ତ୍ର ମୋତେ ପ୍ରତିଦିନ ନଈକୂଳକୁ ଟାଣିନିଏ । ସେ ଯେତେ ଆଖିରେ ମୋତେ ଚାହେଁ, ମୁଁ ତା'ର ସ୍ୱତନ୍ତ୍ର ଦିଏ । ଆଖି ଆଖିର ନୀରବ କଥାବାର୍ତ୍ତା—ସ୍ନେହ ବିନିମୟ । ମନେ ହେଲା, ଯେପରି ସେ ମୋ' ଅନ୍ତରର ସମସ୍ତ ଗୋପନ-ଭାଷା ବୁଝି ପାରିଛି ।

ମରା ନଦୀ ; ଗ୍ରୀଷ୍ମର ଦାରୁଣ ଉତ୍ତାପରେ ଓଡ଼ିଶାର ପ୍ରାୟ ନଦୀନାଳ ଏହିପରି ଶୁଖି ଖାଁ ଖାଁ କରୁଥାନ୍ତି । କେବଳ ଦେବତାଙ୍କ କୃପାରୁ କି କ'ଣ ସେପାଖ ଖାଲୁଆରେ ପାହ୍ଲା ଚୋପାଏ ପାଣି ଥାଏ ବାରମାସ ଦେଖିକ । ଆଜ ଚାରିଆଡ଼େ କେବଳ ବାଲୁକାମୟ, ଠିକ୍ ଯେପରି କଳାମେଘର ଉପକଣ୍ଠରେ ଦେଖାଯାଏ ଫିକା ଜ୍ୟୋତ୍ସ୍ନା । ନଦୀର ସେଇ ସ୍ୱଚ୍ଛ ବାଲୁକାମୟ ବୁକୁ ଉପରେ ଗୋଟିଏ ପାଦଚଲା ରାସ୍ତା ସର୍ପାକାରରେ ଦେଖାଯାଏ । ସେ ପାଖ ଗାଁ ଗଣ୍ଡାରୁ ଲୋକେ ସବୁ ବିକାକିଣା, ମାଲି ମାମଲା କରିବାକୁ ସହରକୁ ଆସନ୍ତି ସେଇ ବାଟରେ ।

ଥରେ ମୁଁ ଅନ୍ୟମନା ହୋଇ ବୁଲୁଛି, ସେପାଖ ମନ୍ଦିରରେ ସନ୍ଧ୍ୟାଳତୀର ମର୍ଦ୍ଦଳ ବାଜିଉଠିଲା । ଭକ୍ତ-ପ୍ରାଣ, ଉଚ୍ଛୁଳ ମନକୁ ଆଉ ଶୃଙ୍ଖଳିତ କରି ରଖି ପାରିଲି ନାହିଁ । ପଲ୍ଲୀ ଆଉ ସହରର ସଂଯୋଜକ ସେଇ ପଥଟିରେ ଧୀରେ ଧୀରେ ମନ୍ଦିରାଭିମୁଖୀରେ ଅଗ୍ରସର ହେଲି । ମୁଖଶାଳା ଭିତରକୁ ପଶୁ ନ ପଶୁଣୁ ସଜ୍ଜ ଅଶା ଅକାଂକ୍ଷାକୁ ଉଦ୍ବୁଦ୍ଧ ହେଇ ଆଗେଇ ଆସିଲା ଗୋଟିଏ ଲୋଲିତ-ଚର୍ମା, ଜୀର୍ଣ୍ଣା ବୃଦ୍ଧା ମାଲ୍ୟାଣୀ ।
—ବାବୁ ! ଗଙ୍ଗଶିଉଳି ମାଳ ଦିଅଙ୍କୁ ଲାଗି କରିନ୍ତୁ । ବଶୀଭୂତ ହେବେ ଭଗ୍ବ
—କେତେ ?
—ପଇସାଟିଏ ବାପ !

ତା'ର ମିନତି-ଭରା କଣ୍ଠରୁ ଜଣା ପଡ଼ୁଥାଏ ଯେପରି କି ସେ ଏଇ ପଇସାଟି ଲାଗି ଯୁଗ ଯୁଗ ଧରି ଶ୍ରାନ୍ତ କ୍ଳାନ୍ତ ହୋଇ ଅପେକ୍ଷା କରି ଆସିଛି ! ତା' ହାତକୁ ପଇସାଟି ବଢ଼େଇ ଦେଇ ଗଙ୍ଗଶିଉଳି ଫୁଲର ମାଳଟି ନେଇ ଦେଲି ପୂଜାରୀ ହାତରେ । ମନ୍ଦିର—ତା' ଭିତରେ ସିଂହାସନ ଉପରେ ଶାନ୍ତ ସୌମ୍ୟ କୃଷ୍ଣ ଗୋପାଳଙ୍କ ସୁନ୍ଦର ମୂର୍ତ୍ତି ଉପବିଷ୍ଟ । ପରମ ଭକ୍ତିରେ ଦେବତାଙ୍କ ଚରଣତଳେ ଶିର ମୋର ଆପେ ଆପେ ନଇଁ ପଡ଼ିଲା ।
—କି'ଏ ଲକ୍ଷ୍ମୀ, ଆଇଲୁ ମା' ?
ପୂଜାରୀର ଏଇ ସୋହାଗ ଓ ସ୍ନେହ ମିଶା କଣ୍ଠରେ

Digitized by srujanika@gmail.com

ହଠାତ୍ ମୋର ଧ୍ୟାନ ଭାଙ୍ଗିଗଲା । କାହାର ମୁଖଶ୍ରୀ ଦେଖିବା ଲାଗି ମନ ଯେପରି ଉଦ୍‌ଭ୍ରାନ୍ତ । ଦେଖିଲି ଭିଡ଼ ଭିତର କରି ସେହି ଝିଅଟି କେତୋଟି ଗୁଡ଼ାଏ ଫୁଲ ଥୋଇ ଦେଇ ଦିଅଁଙ୍କ ଉପଲକ୍ଷ୍ୟରେ ପ୍ରଦୀପଟିଏ ଜାଳିଦେଇ ବିଜୁଳି ମେଲାର୍କ ପରି କୁଆଡ଼େ ଚାଲିଗଲା ।

ଉତ୍ତରୋତ୍ତର ତା'ର ରୂପର ଚମକ, ପ୍ରତି ଗତି ବିଧି ମୋର ହୃଦୟକୁ ନିଜର ଅଥୟ ଚେତନାର ଉଦ୍‌ବେଳିତ କରି ତୋଳିଲା । ଏଥର କି ମୁଁ ପ୍ରତିଦିନ ମନ୍ଦିରକୁ ଯାଏ, ମୁଁ ବି ନିତି ଆଣେ ଆସେ ଫୁଲ ଦେବାକୁ, ଦୀପ ଜାଳିବାକୁ । ଦୀପାଲୋକରେ ଉଦ୍‌ଭାସିତ ତା'ର ଛବି ମୋର ଆଖିକୁ ସଙ୍କୋଳି ନିଏ । ତା' ସଙ୍ଗରେ ପଦେ ଅଧେ କଥା ବିନିମୟ ପାଇଁ ମନ ହୁଏ ଆବେଗ-ଚଞ୍ଚଳ । କିନ୍ତୁ କଥା କହିବି କହିବି ବୋଲି ଆଉ କହିପାରେ ନା, କେମିତିକା ଗୋଟାଏ ସଙ୍କୋଚ ବୋଧହୁଏ । ମାତ୍ର ସେଇ ମନ୍ଦିର, ନଦୀର ଘାଟ, ଅଣ୍ଟା ପାଖରୁ ପୁଷ୍ପିତ ବାସନ୍ତୀ ଓ କୃଷ୍ଣଚୂଡ଼ାର ଗଛ, ସନ୍ଧ୍ୟା ଆକାଶରେ ଯା' ତା' ମେଘ, ଆଉ ସେହି ଝିଅଟି ସମସ୍ତେ ମିଳିମିଶି ମୋତେ ଯୋଗେଇଲେ ଅପୂର୍ବ ଉପାଦାନ; ଆଉ ମୁଁ ଲେଖିଲି ଗଳ୍ପ, ଉପନ୍ୟାସ । ମାତ୍ର ଅଳ୍ପ କେତୋଟି ଗଳ୍ପ ମୋର ପ୍ରକାଶିତ ହେବା ସଙ୍ଗେ ସଙ୍ଗେ କଥା-ଶିଳ୍ପୀ ହିସାବରେ ସମ୍ବାଦପତ୍ରମାନେ ଗାଇ ଉଠିଲେ ମୋର ପ୍ରଶସ୍ତି ।

—"ସେଇ ଝିଅଟିର ବିଷୟ" ? ଉଦ୍‌ବିଗ୍ନ ହୋଇ ପଚାରି ବସିଲେ ଇନ୍‌ସ୍‌ପେକ୍ଟର ବାବୁ ।

ହଁ, ସେଇ କଥା ତ କହୁଛି ! ଦିନକରେ ମୁଁ ଏହି ବୁଢ଼ୀଠାରୁ ଫୁଲ କିଣୁଛି, ଯେତିକି ବେଳେ ସେ ଦେବତାଙ୍କୁ ପ୍ରଣାମ କରି ଉଠି ଆସୁଥିଲା । ତା' ପ୍ରତି ମୋର ଅନନ୍ତ ମମତାର ଅର୍ଘ୍ୟ ନେଇ ହାତ ମୋର ଆଗେଇ ଗଲା; ସେଇ ମାଳାଟି ଯାଇଁ ପଡ଼ିଲା ତାର ଗଳାରେ । ମନେ ହେଉଛି ଯେତେବେଳେ ମୁଁ ସମସ୍ତ ଜଗତ, ମୋର ସମସ୍ତ ଆବେଷ୍ଟନୀକୁ ଭୁଲିଯାଇ ଆତ୍ମହରା ହୋଇ ପଡ଼ିଥିଲି ତା'ର ଚିନ୍ତାରେ । ସେ ମୋତେ କିଛିକ୍ଷଣ ପାଇଁ ପରିପୂର୍ଣ୍ଣ ଦୃଷ୍ଟିରେ ଚାହିଁଲା, ତା' ପରେ ନୀଳମେଘର ଉପକଣ୍ଠରେ ଦ୍ୱିତୀୟାର ବଙ୍କା ଜହ୍ନପରି ହସିଦେଇ ଚାଲିଗଲା ।

ସେଇ ଦିନ ମୁଁ ମୁଖାସିକୁ ପଚାରିଥିଲି, 'ଗୋସେଇଁ ଏ ଝିଅଟି କିଏ, ପ୍ରତିଦିନ ତ ଆସେ ?

ମୋର ମନର ଦୁର୍ବଳତା ବୁଝି ପାରିଲା ପରି ମୁରୁକି ହସ ହସି ସେ ଉତ୍ତର ଦେଇଥିଲା—ହଁ, କାହିଁକି ?
—ଏତେ କୋମଳ ବୟସରେ ସେ ଏକା ଏକା ଆସେ, ସଙ୍ଗରେ ତ କେହି ଆସନ୍ତି ନା !

ମୁଖାସି ହସିଲା । ବାବୁ, ସେ ମୋ'ରି ଝିଅ ; ସେଇ ଗୋଟିଏ ମାତ୍ର ଦୁଲାଳୀ । ସଂସାରରେ ମୋର ଆଉ କେହି ନାହାନ୍ତି ଏଇ ଲକ୍ଷ୍ମୀଟି ଛଡ଼ା । ଛୋଟଦିନରୁ ତା'ର ମା...... ।

ଅମାବାସ୍ୟା ତିଥି ସେଦିନ । ଶ୍ରାବଣର ମେଘର ସ୍ନିଗ୍ଧ ଅନ୍ଧକାର ବିଛାଇ ହୋଇ ରହିଥାଏ । ତଥାପି ମୁଁ ମନ୍ଦିରକୁ ଯାଇଥାଏ । ସେଦିନ ମୁଖାସି ମୋତେ ଖୁବ୍ ପାଖକୁ ଡାକି ନେଇ ଅବନମିତ ଶ୍ରଦ୍ଧାରେ କହି ବସିଲା—ବାବୁ ! ଗୋଟିଏ କଥା ?
—କ'ଣ କୁହ ।

ବାବୁ ! ଆମେ ହେଲୁ ଗରିବ, ଆମ ପାଟିରେ ସେ କଥା ଶୋଭା ପାଉନି । ମୁଁ ହେଲି ବାମନ ଆପଣ ହେଲେ ସରଗର ଚାନ୍ଦ । ତଥାପି ଦେହର ରକ୍ତ, ହୃଦୟ ଯାକର ସ୍ନେହ ମମତା ଦେଇ ଗଢ଼ିଛି ଏଇ ଲକ୍ଷ୍ମୀଟିକୁ ମୋର । ତା'ର ଏତେଟିକିଏ ଦୁଃଖ ଦେଖିଲେ ମୋର ବୁକୁ ଫାଟେ । ହୃଦୟ ବିଦୀର୍ଣ୍ଣ ହୋଇ ଯାଉଛି, କିନ୍ତୁ ଠିକ୍ କରି ପାରୁନି—କାଲିଠୁଁ ସେ ଅନଶନ ଲଗେଇଛି ଯେ ଆପଣଙ୍କୁ ହିଁ ବିଭା କରିବ । ଶେଷ ପଦକ କହିଦେଇ ସେ ପ୍ରଶଂସା ନମିତ ନେତ୍ରରେ ଚାହିଁ ରହିଲା ମୋ'ର ଆଡ଼କୁ ।

Digitized by srujanika@gmail.com

ଉତ୍ପୀଡ଼ିତର ଗୋଟିଏ ଘୃଣ୍ୟ ପ୍ରବାହ ଖେଳିଗଲା ମୋର ଶିରା ଶିରାରେ । ମନର ଆବେଗ ଲୁଚେଇ ମୁଁ କହିଲି—ଏଇ ଯେଉଁ ଧନୀ ଗରିବ ମଧ୍ୟରେ ଭେଦ-ଭାବ ଦେଖୁଛ ତ ଏ ସବୁ ବିଶୃଙ୍ଖଳା ଓ ଜାତି ଜାତି, ଦେଶ ବିଦେଶ ଭିତରେ ସଂଘର୍ଷର କାରଣ । ଏ ବୈଷମ୍ୟ ମନୁଷ୍ୟର ହାତଗଢ଼ା; ଦେବତାଙ୍କ ପାଖରେ ଏହାର ସ୍ଥାନ ତ ନାହିଁ । ତୁମେ ହେଲ ଦେବତାଙ୍କ ଏକନିଷ୍ଠ ଉପାସକ । ତୁମ ମନରେ ଏ ବୈଷମ୍ୟର ବିଦ୍ୱେଷ ଭାବ ରହିବା ନିତାନ୍ତ ଅନୁଚିତ । ତମର ଏ ପ୍ରସ୍ତାବରେ ମୁଁ କଦାପି ରାଜି ହେବି ।

ମୂର୍ଖ ମୁଁ ଯେମିତି କୋଟିନିଧି ପାଇଲି !

ବିଭାଘର ବିଷୟ ନେଇ ବାପାଙ୍କୁ ଚିଠି ଲେଖିଲି । ସେ ଉତ୍ତରରେ ଲେଖିଲେ ତୋ'ର ଇଚ୍ଛା । ମାତ୍ର ବିଭାଘରର ଆୟୋଜନ ଆଗରୁ ମୋତେ କାରାଗାରର ଅବାଧ ଅନ୍ଧକାର ଦେଖିବାକୁ ପଡ଼ିଲା ।

—"କାହିଁକି, କ'ଣ ହେଲା" ? ଇନ୍‌ସ୍ପେକ୍ଟର ବାବୁଙ୍କ କଣ୍ଠରେ ବିସ୍ମୟ !

ସରକାରଙ୍କ ନିକଟରେ ନ୍ୟାଯ୍ୟ ଅଧିକାରର ଦାବୀ ଉପସ୍ଥାପିତ କଲି ବୋଲି ! ଆମ ସ୍ୱାଧୀନତାର ପ୍ରତିବନ୍ଧକ ଏଇ ଇଂରେଜ, ଶାସକ-ଗୋଷ୍ଠୀକୁ ମୁଁ ମୋର 'ବିଦେଶୀ' ନାମକ ଗଳ୍ପରେ ଭୀଷଣ ଭାବରେ ଆଘାତ କରିଥିଲି । ସେମାନଙ୍କ ଏ ଦେଶରୁ ଶୀଘ୍ର ଅପସରି ଯିବାପାଇଁ ଯଥାର୍ଥ ଯୁକ୍ତି ଦେଖେଇଥିଲି ବୋଲି ମୋତେ ଦୁଇବର୍ଷ କାରାଦଣ୍ଡରେ ଦଣ୍ଡିତ ହେବାକୁ ପଡ଼ିଥିଲା । ଏଇତ ଅଦାଲତର ନ୍ୟାୟ ବିଚାର !

—ତା' ପରେ ?

ହଁ ତାପରେ ଅଟକୁ ଫେରିଲି, ମୁଁ କହୁଛି ।

ତା'ପରେ ଦୁଃଖର ଦ୍ୱିତୀୟ ଉପସର୍ଗ—ଜେଲରୁ, ଫେର ଦେଖେଁ, ଲକ୍ଷ୍ମୀ ମୋର ବିରହରେ ଆତ୍ମହତ୍ୟା କରିଛି । ଦେଖ ଦେଖି, ଶକ୍ତିହୀନର ଉପରେ ଶକ୍ତିମାନଙ୍କର ନିର୍ମମ ଉତ୍ପୀଡ଼ନ ? ସୃଷ୍ଟିର ଆରମ୍ଭରୁ ଆମେ ଏଇ ମାଟି ସାଙ୍ଗରେ ମିଳାମିଶି ଏକ ହୋଇ, ପୃଥିବୀକୁ ମୂଲ୍ୟ କରି, ଶସ୍ୟ ଉତ୍ପାଦନ କରି, ଗଢ଼ିଲୁ ଏଇ ନିଖିଳ ମାନବ ସମାଜ । ଆମରି ଶସ୍ୟକୁ ନେଇ ଯେଉଁମାନେ କଳ-କାରଖାନାରେ ଉପୁଜେଇ ଶୃଙ୍ଖଳ କଲେ, ଅସ୍ତ୍ର କଲେ, ପେଟ ବଞ୍ଚେଇ ଗୋଳାବାରୁଦର ଉଦ୍ଭାବନ କରି ପୃଥିବୀକୁ ଧ୍ୱଂସ କରି ଶିଖିଲେ, ପୃଥିବୀ ହେଲା ସେଇମାନଙ୍କର ଆପଣାର, ଆଉ ଆମେ ହେଲୁ ପର !! ମନୁଷ୍ୟ ପରି ବଞ୍ଚି ରହିବାର ଅଧିକାର ଆମର ରହିଲା ତାଙ୍କରି ହାତରେ ! ଏ ସୃଷ୍ଟିର ମୂଳରେ କି' ଗୂଢ଼ ରହସ୍ୟ ନିହିତ ଅଛି ମୁଁ ବୁଝିପାରୁନି !

ଚାଲୁ ଚାଲୁ ସେମାନେ ଗଳିରାସ୍ତା ଛାଡ଼ି ପ୍ରାୟ ରାଜପଥ ଉପରକୁ ଚାଲି ଆସିଥିଲେ । ହଠାତ୍ ଗୋଟାଏ ମିଲିଟାରୀ ଲରୀ କେଜାଣି କେଉଁଠୁ ସେଇ ଅନ୍ଧକାର ଭିତରୁ ଛୁଟି ଆସି ଦୈତ୍ୟ ପରି ମାଡ଼ି ଚାଲିଗଲା ସେ ଲୋକଙ୍କ ଉପରେ—ନିର୍ଦ୍ଦୟ ନିଷ୍ଠୁର ଭାବରେ । ମୁହୂର୍ତ୍ତେ ମାତ୍ର—ଚିର୍ ଚିର୍ ରକ୍ତର ପିଚକାରୀ, ଛଟପଟ, ବାସ୍ ସବୁ ଶେଷ ।

କେବଳ ପଛରୁ ସେଇ ଛୁଟନ୍ତା ଲରୀ ଭିତରୁ ଶୁଣାଯାଉଥାଏ ଗୋରା ସୈନ୍ୟଙ୍କ ମାଟିର ଅସ୍ପଷ୍ଟ ଶବ୍ଦ— ବ୍ଲଡ଼ି, ଡା'-ମ୍ ।

ଇନ୍‌ସ୍ପେକ୍ଟରବାବୁ ଅଳ୍ପକେ ରକ୍ଷା ପାଇଯାଇଥିଲେ । ହାତରୁ ତାଙ୍କର ପିସ୍ତଲ ଖସି ପଡ଼ିଲା ସେ ଜାଣିବାକୁ ଜାଣିଲେ ।

## ସାର୍ଥକ-କଥା

ଶ୍ରୀ ପ୍ରମଥନାଥ ମଣ୍ଡଳ

ମନର ଭୀରୁ-କଥା
ରଖି ମୁଁ ଥିଲି ମନେ ,
ନିଭୃତ ସାବଧାନେ
ଗୋପନେ ସଯତନେ;-
ଅସାବଧାନ କ୍ଷଣେ
ସକଳ ମାୟା ଟୁଟି
ଏକଦା ମନ-କଥା
ଉଠିଲା ମୁଖେ ଫୁଟି!
ହୃଦୟ ଥର -ଥର
ଶଙ୍କା-କଣ୍ଟକିତ;—
ଚାହିଁବା ଦୃଷ୍ଟି-ପଥେ
ହେଲି ମୁଁ ନିପୀଡ଼ିତ

× × ×

ଚରମ କଥାଟି ମୋ'
ସରମ ମୁଖେ ବୋଲି'
ପରମ ସମାଦରେ
ମରମେ ନେଲ ତୋଳି
ଧନ୍ୟ ହେଲା କଥା,
ଧନ୍ୟ ହେଲି ମୁହିଁ,
ସହସା ଧରଣୀକୁ
ସ୍ୱରଗ ଗଲା ଛୁଇଁ !!

—o—

## ସୁନାଫୁଲ

ଶ୍ରୀ ନବକିଶୋର ଦାସ

୨ୟ ଅଙ୍କ, ୩ୟ ଦୃଶ୍ୟ

[ ମଣିପୁରୀ ରାଜ ନଗରର ଏକ କୋଠାର ବାରଣ୍ଡା । ସମ୍ମୁଖରେ କଇଁଫୁଲ ଭରା "ସୃଷ୍ଟି-ସାଗର"। ଏହି ପୋଖରୀର ଗୋଟିଏ କୂଳରେ 'ବିଷ୍ଣୁଦେବ'ଙ୍କ କାରୁକାର୍ଯ୍ୟ ଖଚିତ ମନ୍ଦିର । ରାଜ ନଗର ବାରଣ୍ଡାରେ ଅନେକ ଗୁଡ଼ିଏ ଚୌକି ପଡ଼ିଛି । ମହାରାଜା, ମନ୍ତ୍ରୀ, କାଳଜୟୀ, ସୁମନ, ସୁଶୀଳ, ଓ ମାନସୀ ବସିଛନ୍ତି । ପ୍ରହରୀ ଗଣ କିଛି ଦୂରରେ ଦଣ୍ଡାୟମାନ । ]

ବିଶ୍ୱମିତ୍ର :—
ତେବେ କ'ଣ ଜନତାଙ୍କୁ ଘଉଡ଼ାଇଦେବାକୁ ହେବ ।

କାଳଜୟୀ :—
ନା ଘଉଡ଼ାଇ ଦେବାକୁ ମୁଁ କହୁ ନାହିଁ, ଏ ଦୃଶ୍ୟ ମୁଁ ଜନତାଙ୍କୁ ଦେଖାଇବାକୁ ଅପି ନାହିଁ ।

ବିଶ୍ୱମିତ୍ର :—
କ'ଣ କରାଯିବ ତେବେ ? (ମନ୍ତ୍ରୀଙ୍କ ଆଡ଼କୁ ଅନାଇଚା)

ମାୟାବୀ :—
ଯେପରି ଆଦେଶ ଦେବେ ।

ବିଶ୍ୱମିତ୍ର :—
ହଁ, ମୁଁ ତ ସେହିଆ ଭାବୁଛି; କିନ୍ତୁ ଏତେ ବଡ଼ ଜନତାଙ୍କୁ କିପରି ଅଟକା ଯିବ?

ମନ୍ତ୍ରୀ :—

ସିଂହଦ୍ୱାର ବନ୍ଦ କର ଦେଲେ !

ବିଶ୍ୱମିତ୍ର :—

ଆଚ୍ଛା, ଜନତାକୁ ଏଦୃଶ୍ୟ ଦେଖାଇଲେ କ୍ଷତି କ'ଣ ?

କାଳଜୟୀ :—

କ୍ଷତି କିଛି ନାହିଁ । ଜନତା ହିଁ ଜନତା । ସେମାନେ ବା ଏଦୃଶ୍ୟର କି ଧାରଣା କରିବେ ?

ବିଶ୍ୱମିତ୍ର :—

କାହିଁକି ?

କାଳଜୟୀ :—

ଜନମତ ଜଣଙ୍କ ମତ ଉପରେ ନିର୍ଭର କରେ । ଆପଣ ଏହି ଦୃଶ୍ୟ ଦେଖି ଯଦି କହନ୍ତି ଯେ ଆପଣ ସୁନାଫୁଲ ଦେଖିଛନ୍ତି, ସମସ୍ତେ କହିବେ,-ହଁ । ପୁଣି ଆପଣ ଯଦି କହନ୍ତୁ ନାହିଁ, ସମସ୍ତେ କହିବେ- ନାହିଁ ।

ବିଶ୍ୱମିତ୍ର :

ଏପରି କାହିଁକି ହେବ ?

କାଳଜୟୀ :—

ଜନତାଙ୍କ ପ୍ରକୃତି ସେହିଆ । ଜନମତ ମାନେ ସେହିଆ ।

ବିଶ୍ୱମିତ୍ର :—

ଜନମତର କ'ଣ ମୂଲ୍ୟ ତମ ପାଖରେ କିଛି ନାହିଁ ?

କାଳଜୟୀ :—

ହଁ, ଅଛି । ସୁଚିନ୍ତିତ ଜନମତର । 'ହୋ-ହୋ'ର ନୁହେଁ ।

ବିଶ୍ୱମିତ୍ର :—

(ଭାବି) ତେବେ କ'ଣ କରାଯିବ ?

ମନ୍ତ୍ରୀ ମହାଶୟ ଯାହା କହିଲେ । ଆପଣ ନିଜେ ଦେଖନ୍ତୁ, ତାପରେ ଆପଣ ଦରବାର ହଲରେ ବସି ସମସ୍ତଙ୍କ ଆଗରେ ଘୋଷଣା କରି ଦେବେ । ସୁମନ୍, ମଣିଟି କାଢ଼ !

(ସୁମନ ମଣି ବାହାର କଲେ)

ହଁ, ଆପଣ ସିଂହଦ୍ୱାର ବନ୍ଦ କରିବାକୁ ଆଦେଶ ଦିଅନ୍ତୁ !

ବିଶ୍ୱାମିତ୍ର :—

(ହସି) ଆଦେଶ ଦେବା କ'ଣ ଏବେ କେବଳ ଯାଏ ବାକି ଅଛି । ତାହା ହୋଇ ନ ଥିଲେ ଏପରି ଲୋକ ଭିତରେ ଏଠି ଘୋଷଣା ପକାଇବାକୁ ସାହା ନ ଥାନ୍ତା—!

ସୁମନ :—

(କାଳଜୟୀଙ୍କ ପ୍ରତି) ଆଗେ ଆପଣ ମନ୍ତ୍ର ପଢ଼ନ୍ତୁ !

[ସମସ୍ତେ ଉଦ୍‌ବିଗ୍ନ ଓ ଅଧୈର୍ଯ୍ୟ ହୋଇ ଚାହିଁ ରହିଲେ ।]

କାଳଜୟୀ :—

ଆସ ଚିଲଏ ! ତୁମ୍ଭେ ମାନେ ଆଗେ ଦେଖ । ତୁମ୍ଭମାନଙ୍କ ପାଇଁ ମୁଁ ଏଠାକୁ ଆସିଛି । [ସୁମନ ହାତରୁ ମଣିଟି ନେଇ ଅଗ୍ନି ମାନସୀ ଆଖିରେ ଛୁଇଁ ଦେଲେ ।]

କ'ଣ ଦେଖିଲ ?

ମାନସୀ :—

କାହିଁ ? ଏହିତ ଧୋବ ଧୋବ କଇଁ ଫୁଲ ଆଉ ଏହିତ ପଥର ।

ସୁଶୀଳ :—

ଯାଃ, ତୋ ଆଖି ଖରାପ, ମୁଁ ଦେଖେ-

[ସୁଶୀଳ ଆଖିରେ ଛୁଇଁ ଦେଲେ ।]

(ଆନନ୍ଦରେ) ହଁ, ହଁ, ସତେତ ମନ୍ଦିରର ଚୂଡ଼ାଟା କେବଳ ସୁନା, ଆଉ ଫୁଲର ପାଖୁଡ଼ା ଅଗ ଗୁଡ଼ାକ ମଧ୍ୟ କେବଳ ସୁନା ।

ବାବା ! ବାବା ! ଦେଖତ !

[ ମହାରାଜା ଏ ଦେଖି ବାକୁ ଉଦ୍‌ବିଗ୍ନ ହେଲେ ।]

ମାନସୀ :—

ଭାଇ ! ଫୁସ୍ ମିଛ କହୁଛନ୍ତି !

କାଳଜୟୀ :—

ମା, ଆ, ପୁଣି ଥରେ ଦେଖ । ତୋ ମନ ଚଞ୍ଚଳ ଅଛି । [କାଳଜୟୀ ପୁଣି ମଣିଟି ଆଖିରେ ଛୁଆଁଇ ଦେଲେ ।]

ମାନସୀ :—

ହାଃ, ଦାଦା, ବାବା, ଦେଖନ୍ତୁ ବଜ୍ର-ବେଦ

Digitized by srujanika@gmail.com

ମନ୍ଦରଟି ଗୋଟି ପୁଣି ସୁନା !

**ସୁଶୀଳ :—**

... ! ଆଉ ଥରେ ଛୁଅଁଇ ଦିଅନ୍ତୁ !

(କବି ପୁଣି ମଣି ସୁଶୀଳ ଆଖିରେ ଛୁଆଇଁ ଦେଲେ )

ବାବା, ବାବା ଦେଖିଲି, କମିତ ସୃଷ୍ଟି-ସାଗରର କେଉଁଠିବେ କଇଁ-ଫୁଲ ଏକା ବେଳକେ ସୁନା ପାଲଟି ଗଲା ।

[କାଳଜୟୀ ମନେ ମନେ ମନ୍ତ୍ର ପଢ଼ିଲେ । ତାପରେ ସୁମନ ମହାରାଜା ଓ ମନ୍ତ୍ରୀଙ୍କ ଆଖିରେ ମଣି ଛୁଆଇଁ ଦେଲେ । ପ୍ରହରୀ ଦୁଇ ଜଣ ମଧ୍ୟ ଆଶ୍ଚର୍ଯ୍ୟ ହୋଇ ସୁମନଙ୍କୁ ଆଗ୍ରହରେ ଚାହିଁ ରହିଲେ, ସେମାନଙ୍କ ଆଖିରେ ମଧ୍ୟ ମଣି ସୁମନ ଛୁଆଇଁ ଦେଲେ ।]

**ବିଶ୍ୱମିତ୍ର :—**

ଓହୋ ! ଆଜି ମୋର ଜୀବନ ଧନ୍ୟ ।

**ମାୟାବୀ :—**

ସତେ, ଆମ ଆଖି ଆଗରେ କଏ ଅନ୍ଧ ପୁଟୁଳି ବାନ୍ଧି ଦେଇ ଥିଲା ?

[ସମସ୍ତେ ଅପଲକ ଦୃଷ୍ଟିରେ ବସୁ-ଦେବ ମନ୍ଦିର ଓ ସୃଷ୍ଟି-ସାଗରକୁ ଚାହିଁ ରହିଲେ—ସମସ୍ତେ ପୁଣି ଯେଝା ଚୌକିରେ ବସିଲେ । ବିଶ୍ୱମିତ୍ର ଚିନ୍ତାମଗ୍ନ ହେଲା ଭଳି ଜଣା ପଡୁଥିଲେ ।]

**କାଳଜୟୀ :—**

ମହାରାଜା, ଆପଣ କିପାଇ ଚିନ୍ତିତ ଜଣାଯାଉଛନ୍ତି ହେଲେ ?

**ବିଶ୍ୱମିତ୍ର :—** ହଁ !

**ମାୟାବୀ :—**

ଆପଣ ମହାରାଜଙ୍କ ରାଜ୍ୟରେ ରହନ୍ତୁ ।

**କାଳଜୟୀ :—**

ମୁଁ ? ନା, ନା, ମୁଁ କଳ୍ପନା-ବିହାର ଘୁଡ ମଂଚପୁରର ଅନ୍ୟ କେଉଁଠି ରହିବାକୁ ଚାହେଁ ନାହିଁ । ମହାରାଜ ! ଆପଣ କ'ଣ ଭାବୁଛନ୍ତି ? (ଟିକିଏ ରହି) ଆମ୍ଭେମାନେ ଆପଣଙ୍କ ରାଜ୍ୟରୁ ଅଧେ ଭାଗ ନେବୁ ?

**ବିଶ୍ୱମିତ୍ର :—**

ସେତ ଚନ୍ତାର ବିଷୟ ନୁହେଁ । ମୋର ତ ସେହିଅ ପ୍ରତିଜ୍ଞା ଥିଲା । ମୁଁ ତ ତାହା ଦେବାକୁ ପ୍ରସ୍ତୁତ କିନ୍ତୁ ମୋର ଭାବନାର କାରଣ— ?

**କାଳଜୟୀ :—**

ଜାଣେ ମହାରାଜ !

**ମାୟାବୀ :—**

ଆପଣ ତ ଜାଣିଥିବେ !

**କାଳଜୟୀ :—**

ମୋର ବନ୍ଧୁ ସୁମନ ରାଜପେମା — ଲକ୍ଷ୍ମୀଙ୍କର ଉପଯୁକ୍ତ ପାତ୍ର । ଆପଣ ଆପଣଙ୍କ ପଣ ... ତାହାଙ୍କୁ ରାଜକନ୍ୟା ପ୍ରଦାନ କରନ୍ତୁ ।

**ବିଶ୍ୱମିତ୍ର :—**

କାଳଜୟୀ !

**କାଳଜୟୀ :—**

କହନ୍ତୁ !

**ବିଶ୍ୱମିତ୍ର :—**

ଲକ୍ଷ୍ମୀର ଯୋଗ୍ୟ ସୁମନ, ମୁଁ ଜାଣେ । ଆପଣଙ୍କୁ ମୁ କିପରି ଅଭ୍ୟର୍ଥନା କରିବି ?

**କାଳଜୟୀ :—**

ଆପଣଙ୍କ ପ୍ରାଣ ରାଜ୍ୟ ଏହି କବି ପାଖେ ଛାଡ଼ି ଦେଇ ପାରିଲେ ହୁଏ ! କବି ଲକ୍ଷ୍ମୀ ଖୋଜେ ନାହିଁ, ମଞ୍ଚପୁର ଭଳି ବିଶାଳ ସାମ୍ରାଜ୍ୟ ଖୋଜେ ନାହିଁ, କବି ଖୋଜେ ପ୍ରାଣ — ପ୍ରାଣଟା କାଳ ମହାରାଜ !

**ବିଶ୍ୱମିତ୍ର :—**

କବି ଯେ ଚିରଦିନ ପ୍ରାଣ-ରାଜ୍ୟର ସମ୍ରାଟ ହୋଇ ଅଛିଛନ୍ତି !

**କାଳଜୟୀ :—**

ତାହା ଆପଣମାନଙ୍କ ଭଳି ମହାରାଜାମାନଙ୍କ ଦୟା !

Digitized by srujanika@gmail.com

ବିଶ୍ୱମିତ୍ର :—

ନା, ନା, କବିର ସିଂହାସନ ରାଜସିଂହାସନ ଠାରୁ ଅତି ଉଚ୍ଚରେ, କବିଙ୍କ ରାଜ୍ୟ ରାଜାର ରାଜ୍ୟଠାରୁ ଆହୁରି ବିଶାଳ, ମହାନ୍ । କବିଙ୍କର ପ୍ରେମ-ଶାସନ, ରାଜାଙ୍କର ଭୟ—ଶାସନଠାରୁ ଆହୁରି ସୁଖକର !

କାଳଜୟୀ :—

ସେ କେବଳ ବିଶ୍ୱ-ଦେବଙ୍କର କରୁଣା ! ଲକ୍ଷ୍ମୀ ଓ ସୁମନଙ୍କର ଶୁଭ ବିବାହ ସମାହିତ କରବେ, ମୁଁ କାଲି ଆପଣମାନଙ୍କଠାରୁ ବିଦାୟ ନେଇ କଳ୍ପନା-ବିହାରକୁ ଚାଲିଯିବି ।

ବିଶ୍ୱମିତ୍ର :—

ଏତେ ଶୀଘ୍ର କବି ଚାଲିଯିବେ ।

ମାୟାବୀ :—

ନା, ନା, ଆପଣ କ'ଣ ସେ ଶୁଭ ବିବାହ ଦେଖିବେ ନାହିଁ ?

ବିଶ୍ୱମିତ୍ର :—

କିନ୍ତୁ ଆପଣ ଯେଉଁ ଋଣରେ ମୋତେ ଋଣୀ କରିଗଲେ, ତାହା ମୁଁ ସୁଝି ପାରିବି ନାହିଁ ।

ସୁମନ :—

ମୋତେ ଯଦି କହିବାକୁ ଅନୁମତି ମିଳେ ମୁଁ କହିବି !

ବିଶ୍ୱମିତ୍ର :—

କୁହ !

ସୁମନ :—

ଝୋଲର ସ୍ୱାଦ ଚଖା ପାଏ ନାହିଁ । ମୁଁ ଏ ମଣିର ସନ୍ଧାନ ପାଇ ନଥିଲି । କିମ୍ବା ମୁଁ ତ ଏ ମଣିର ମୂଲ୍ୟ ଜାଣେ ନାହିଁ । କବି କାଳଜୟୀଙ୍କ ଲାଗି ଆପଣ-ମାନେ ସ୍ୱର୍ଣ୍ଣ-ମୟ ସୃଷ୍ଟି ଦେଖିଥିଲେ ; ବିଶ୍ୱଦେବ ମନ୍ଦିର ପୂଜା ମିଳିଥିଲା ଓ ସୃଷ୍ଟି-ସାଗରର ଗୋଟିଏ କଇଁଫୁଲ ପୁନା ଦେଖାଗଲା । ତେଣୁ ଲକ୍ଷ୍ମୀ ଓ ଅଙ୍ଗପୁରର ଅର୍ଦ୍ଧେକ ରାଜ୍ୟ ପ୍ରାପ୍ୟ କବିଙ୍କର । ତେଣୁ କ୍ଷମ ମହାରାଜ ! ବିଚାର କରନ୍ତୁ । ମହାରାଜଙ୍କ ନ୍ୟାୟ ବିଚାର ପ୍ରତି ମୁଁ ଅପେକ୍ଷା କରି ରହିଲି ।

(ସମସ୍ତେ ମନେ ହୋଇ ପରସ୍ପରଙ୍କୁ ମୁହଁ ଚାହିଁଲେ)

କାଳଜୟୀ :—

ସୁମନ ! ମୋତେ ଶେଷରେ ଏହି ଚକ୍ରାନ୍ତ ଘଟାଇବା ପାଇଁ ତୁମ୍ଭେ ଆଣିଥିଲ ? ସୁ... ଭବିଦେବ, ତୁମେ କି ଭୁଲ କରୁଛ ? ... ଏହା କହିଥିଲେ କ'ଣ ମୁଁ କଳ୍ପନା-ବିହାର ଛାଡ଼ି ଆସିଥାନ୍ତି !

ବିଶ୍ୱମିତ୍ର :—

ମାୟାବୀ !

ମାୟାବୀ :—

ମହାରାଜ !

କାଳଜୟୀ :— [ମହାରାଜାଙ୍କ ପ୍ରତି]

ଆପଣ ବିଚାର କରନ୍ତୁ । ନ୍ୟାୟ ବିଚାର କରିବା ପୂର୍ବରୁ ଯେତେବେଳେ ମୁଁ ସମସ୍ତ ଦାବି ଅସ୍ୱୀକାର କରୁଛି, ସେତେବେଳେ ସନ୍ୟାସୀର ଝିଅପଣ ଉପରେ କି ଦାଗ ଥାଏ ?

ସୁମନ :—

ଆପଣ ଯେ ସନ୍ୟାସୀ ଏହାର ପ୍ରମାଣ ?

କାଳଜୟୀ :—

ପ୍ରମାଣ ମୋର ନିଜ ଭିତରର କଥା !

ସୁମନ :—

ନା, ନା, କବି ଭିତରେ ଏ ଉଦାସୀନତା ଶୋଭା ପାଏ ନାହିଁ । ମୁଁ ବଣିକ୍, ସାଧବ ପୁଅ ! ରାତି ପାହିଲେ ବୋଇତ ନେଇ ମୁଁ ସାତ ସମୁଦ୍ର, ତେର ନଈ ଡେଇଁ, ଭାସି ଯିବି ସୁଦୂର ଦ୍ୱୀପପୁଞ୍ଜ ଆଡକୁ । ମୋର—ନୀଳ ସମୁଦ୍ର, ନୀଳ ସଙ୍ଗ, ମୁକୁଳା ପବନ । ଆଉ ମୋର ସାଥି ବୋଇତ, ପାଲ, ନାଉରୀ । ରାଜପ୍ରେମା-ଲକ୍ଷ୍ମୀ, ମଞ୍ଜୁଳାର ରାଜ୍ୟ ସେ ସବୁ ଜନୋଚିତ ନୁହେଁ ?

କାଳଜୟୀ :—

ତେବେ କବି ଜନୋଚିତ ପଥ ?

ବିଶ୍ୱମିତ୍ର :—

ମାୟାବୀ

Digitized by srujanika@gmail.com

ମାୟାବୀ :—

ମହାରାଜ !

ମାୟାବୀ :—

(ମହାରାଜାଙ୍କ ପ୍ରତି) ଆପଣ ତ ନ୍ୟାୟ ବିଚାର ପତି, ବିଚାର କରନ୍ତୁ ।

ବିଶ୍ୱମିତ୍ର :—

ମାୟାବୀ ତୁମ୍ଭ ମତ କ'ଣ ?

ମାୟାବୀ :—

(ଭାବି) ମୋ ମତରେ ରାଜ୍ୟଟକ ସୁମନଙ୍କର, ଆଉ ରାଜଯୋଗ୍ୟ କବି —

କାଳଜୟୀ :—

ନା, ନା, ମୁଁ ଏ ବିଚାର ଗ୍ରହଣ କରିବାକୁ ଅପ୍ରସ୍ତୁତ ।

ସୁମନ :—

ବିଚାର ହିଁ ବିଚାର !

କାଳଜୟୀ :—

ମଂଗଳ ପୁରର ମହାରାଜ ବିଶ୍ୱମିତ୍ରଙ୍କ ରାଜ-ଦରବାରରେ କ'ଣ ଏହି ନ୍ୟାୟ ବିଚାର ?

ବିଶ୍ୱମିତ୍ର :—

ମୋର ଶେଷ ବିଚାର ସର ନାହିଁ । ମୁଁ ମନ୍ତ୍ରୀ—ମାୟାବୀଙ୍କର ମତ ମାତ୍ର ନେଉଥିଲି ।

କାଳଜୟୀ :— କହନ୍ତୁ !

ବିଶ୍ୱମିତ୍ର :—

କହିଲେ, ତାହା ଆଉ ଫେର ପାରିବନାହିଁ ।

ସୁମନ :—

ନା ।

ବିଶ୍ୱମିତ୍ର :—

କବି କାଳଜୟୀ କ'ଣ କହୁଛନ୍ତି ?

କାଳଜୟୀ :—

ମୋର ଆଉ କହିବାକୁ କିଛି ନାହିଁ । ମୁଁ ଉପଯୁକ୍ତ ଗ୍ରହଣ କରିବାକୁ ଏକାବେଳକେ ନାରାଜ

ବିଶ୍ୱମିତ୍ର :—

କବି ! ପୁଣି ଭାବନ୍ତୁ ।

କାଳଜୟୀ :—

ମୁଁ ବହୁବାର ଭାବି, ମୋର ବକ୍ତବ୍ୟ କରିଛି ।

ବିଶ୍ୱମିତ୍ର :—

ଆଚ୍ଛା, ଆପଣମାନେ ବିଶ୍ରାମ କରନ୍ତୁ । ମୁଁ ପରେ ବିଚାରର ଶେଷ ନିଷ୍ପତ୍ତି ଜଣାଇବି । ଯାଅ ମାୟାବୀ, ଜନତାଙ୍କୁ 'ସୁନାପୁଲ' ସମ୍ବାଦ ଦିଅ । ନା-ମୁଁ ନିଜେ ଯିବି ।

[ମହାରାଜାଙ୍କର ପ୍ରସ୍ଥାନ, ମାୟାବୀ ମଧ୍ୟ ପଛେ ପଛେ ଗଲେ— ଅନ୍ୟମାନଙ୍କର ଅନୁଗମନ

—XOX—

Digitized by srujanika@gmail.com

# ପୂଜାରୀ

ଅଧ୍ୟାପକ ଶ୍ରୀସିଦ୍ଧେଶ୍ୱର ହୋତା ଏମ୍. ଏ.

ଅମ୍ବରତଳର ରଙ୍ଗିନ ବୋଲା ପଶ୍ଚିମ ସନ୍ଧ୍ୟା ।
ଶିବମନ୍ଦିରରେ ଆରତିର ଶଙ୍ଖଧ୍ୱନି । ...

କାଳମଧୁ ଅନ୍ତରର ସହଯାତ୍ରୀ । ଦାନପାତ୍ର କଟି ଯାଇଛି ଫୁଲବଣି । ବେଲ ତୁଳସୀ ଓ ଜଳ ଶାନ୍ତିରେ, ଜଗତର ପାପ ତାପ ତାକୁ ଲାଗେନି । ସଂସାରର ମାୟା ବନ୍ଧନ ଶତ, ଦୁନିଆର ବାହାଦୁରୀରେ ମନ ଚଞ୍ଚଳ । ଦେବମନ୍ଦିରରେ ପାଣି ଢାଳି ଢାଳି ପଥ ଶୁଷ୍କ ରକ୍ତର ତାର ହାଡ଼ ମାଂସ ଗଢ଼ା ଶରୀର ।

ଅନେକ ବର୍ଷପରେ ଗୋଟିଏ କୁମାରୀ ଅନାଗତ ପଥ ଜଗତକୁ ଅସିତ କାଳମଧୁର ଶ୍ରେଷ୍ଠ ସଂସାରଟିକୁ ମଧୁମୟ କରିବାକୁ । ଘରବାହିରେ ସଂସାରଟି ମାଟି ଝାଡ଼ିପକା ଭଳି ଅନ୍ଧକାର ହୋଇଛି - ନବାଗତ କନ୍ୟାଟି ନେଇ ଘରକରିବା କାଳମଧୁ ପକ୍ଷରେ ବଡ଼ ଦୁରୁହ ।

କାଳମଧୁର ବୟସ ଗଡ଼ି ଯାଉଛି । ସବୁ ଦେହରୁ ଛୁଟି ଯାଉଛି ଯଉବନ ମଦନ ଶତ୍ରୁ ପଦତଳରେ ବଢ଼ି ଯାଉଛି ଶିବ ମନ୍ଦିରରେ ପୂଜକ ହେବା ପାଇଁ । ଏଥିଅନ୍ତରେ ନବାଗତ କୁମାରୀ କଳାବତୀ କଳା କରିକୁ ବଢ଼ି ଯାଉଛି । ପିତାର ପ୍ରଦାନ ନେଇ ସକଳ ଶାସ୍ତ୍ରରେ ଗୋଟିଏ ହେଉଛି ମୂର୍ତ୍ତିମତୀ । ଯାହା ଜଗତରେ ଦେଉଛି ନବୀନ ଭଙ୍ଗୀର ଏକ ଚମକ କାହାଣୀ । ଏଇ ଗୃହିଣୀ ଶିବମନ୍ଦିରରେ ଥିବା ଚନ୍ଦ୍ରର ଦାଉଦାଉ ହୋଇ ଝଟକୁଛି । ଅନ୍ତରରେ ମୃଗନୟନୀ ଯେଉଁ ବୋଲା ଶିବ ଗଙ୍ଗାପରି ହେଉଛି ସ୍ୱଚ୍ଛ, ସଜଳ, ସୁନ୍ଦର ।

ଚିରମନ୍ଦିରର ଅଗଣାରେ କାଳମଧୁ ତୋର ମଧୁ

ସଙ୍ଗୀତର ମୂର୍ଚ୍ଛନା, ଅନୁଭବ ଯୁଗ ଯୁଗ ସଞ୍ଚିତ କାହାଣୀ ପାଣି ପରି ତରଳେ । ଏଥିରେ ମିଶେ କଳା-ବଣାର ଅଙ୍ଗ ଭଙ୍ଗିରେ ଜଗତ ଗଢ଼ା ଚମକ, ଜୀବନ ଭୁଏ ବୋଇଲି ପରି ମିଷ୍ଟ ସ୍ୱରର କଲ୍ଲୋଳ ଭିଡ଼ । ଜଣେ ଲଭେ ଜଗତ ଅନ୍ୟ ଜଣକ ପାଲେ ସଂସାର । ଜଣେ ଢାଳେ, ଅନ୍ତର ଢାଳାଏ । ଏଇପରି ଶ୍ରେଷ୍ଠ ସଂସାରଟିରେ ମଧୁରତା ଫୁଟିଉଠେ ।

\+ × ×

ଚେତ ଗୃହଙ୍କ ସ୍ତରର ପୂର୍ଣ୍ଣମା ସୌନ୍ଦର୍ଯ୍ୟ ଫୁଲବଣରେ ମଧୁପ ହୋଇଛି ଅନନ୍ତ ଲକ୍ଷ୍ୟ ଧରି ଅମରଯାତ୍ରୀ ସାର ସହାବସ୍ଥାନରେ ଅମୃତଧାର ଶତଛନ୍ଦରେ ବହୁଗୁଲିଛି । ସେଥିରେ କଳାବତୀ ଏ ଦୃଶ୍ୟ ଦେଖି ଉତ୍ତଳ ପ୍ରାଣରେ ଗୃହ ବସିଛି, ଏହି ସୌ... ବୃନ୍ଦାବନଲୀଳାକୁ । ସେ ଜାଣେ ନା ଏଥିର କଥା କାହିଁକି ?

ବଣ୍ଟ ସଙ୍ଗୀତରେ ମାନବ ଜୀବନର ଗୂଢ଼ ବନ୍ଧନ ଅଛି ବୋଲି ଏଇ ତାର ପ୍ରଥମ ଧାରଣା । ଦେଖିଲେ ଅପଲକ ଚକ୍ଷୁରେ ଜଟିଳ ଦୁନିଆରେ ସବୁ ଅଳୀକ ସବୁ ଭଙ୍ଗୁର, କେବଳ ସମ୍ବନ୍ଧ ସତ୍ୟ । ଏ ସତ ସରସ ସୌନ୍ଦର୍ଯ୍ୟ ଖେଳଭୂମି । ସାଗର-ବେଳାରେ ଉଦ୍‌ବେଳିତ ଢେଉ ଛନ୍ଦରେ ମଧୁର ମୂର୍ତ୍ତି ହୋଇଛି ପ୍ରତିବିମ୍ବ ଉଦର ଶୁଦ୍ଧ ସଙ୍ଗୀତ ମଉଜରେ, ଏହା ଜୀବନ ନାଟକର ଏକାକୀକରଣରେ । ନାରୀର ମାତୃତ୍ୱ ନାରୀର ଅପଲକ ସୌନ୍ଦର୍ଯ୍ୟ, ନାରୀର ସହିଷ୍ଣୁ ମଧୁଲୁବ୍ଧ ହୋଇଛି ମଧୁରତର ନରର ସାହସ, ବୁଦ୍ଧି ଓ ସାହାଯ୍ୟ ଲଭି । କଳାବତୀ ଏ ସବୁ ଦେଖୁଛି, ଥରେ ଥରେ କରି ଦେଖୁଛି, କୁଳକନ୍ୟାର ଗାମ୍ଭୀର୍ଯ୍ୟ,

Digitized by srujanika@gmail.com

ଅନ୍ଧାରରେ ଦେଖୁଚି, [illegible] ନୂଆ ନୂଆ ଷ୍ଟୁଚି ମଧୁରତାର ସ୍ରୋତ ଢାଳେ ଢାଳେ । ସଙ୍ଗୀତର ସ୍ୱର ମୂର୍ଚ୍ଛନା ଜୀବନ୍ତ ହୋଇ ନଟବରଙ୍କର ଧୀଣ ନୃତ୍ୟର ପଦକ୍ଷେପରେ ଅବଧାରଣା କରି ପାରୁନି - ସ୍ୱରହସ୍ୟ ପାଇଁ ଅସଂଯତ ମନକୁ ନିଜ ଅଜ୍ଞତାଅରରେ ଘ୍ରାଣଦେଇ ଜିତିବାକୁ ଚେଷ୍ଟା କରୁଛି କିନ୍ତୁ ହିଁକି ବା ପାରୁନି ସେ ଜାଣେ ।

ଶିବମନ୍ଦିରରେ ଭୂତମନଙ୍କ ରଙ୍ଗ ଆଖି ଧୀରଲୟରେ । ଶିବସ୍ୱମାଧୁରୀ ବଳି । ପଦ୍ମାସନର ଶୁଭ୍ରକୁଟ, ଜଟାଜାଳର ଦୋଳପର୍ବର ନୀଳସୌନ୍ଦର୍ଯ୍ୟ ଅଙ୍କ ଅଟ୍ଟହାସ୍ୟର ରଚନ୍ତି । ବାଦ୍ୟ ବାଜୁଛି, ଶଙ୍ଖରୁ ପାଣି ଧାରଧାର ହୋଇ ଗଡୁଛି ର ସେ ମଧୁରତା ନାହିଁ । ଏ ରକ୍ତତା କହଚି ଅନ୍ୟମତ ଉଚ୍ଚାରହୁଚି ବା କାହିଁକି ? ଯାହା ଥିଲା ଆଗରୁ ସରଳ, ସୁନ୍ଦର, ଜୀବନ୍ତ କୁଟିଳ, ଅପୂର୍ଣ୍ଣ, ନୀରସ ଓ ରୁଷ । ରଚକହି ଲିର ବା କିଏ ?

ରୁଦ୍ରଘଣ୍ଟା ପରେ । କଳାବତୀ ଆରମ୍ଭର [illegible] ଏକଥି ଲାଗି ନୂପୁରର ମୋହନ ରବ ଭଙ୍ଗୀରେ । କାଳମଧୁର ଭାଙ୍ଗିଚି ସମାଧି । ର ଆଶାକୁ ଝଲକ ଜାଉଦାରୁ ହୋଇ ଉଠେ ବିନ୍ଦୁରେ ଖେଳିଚି ବିଦ୍ୟୁତର ଏକ ଯାହାକୁ କେ ଧରାଇ ପାରିନି । ମଳୁସ ଭାଇ ବୈଚିତ୍ର୍ୟ, କଳାବତୀ ନୃତ୍ୟରେ ସୃଜା ଇତ ଜନକଥା ପ୍ରତ୍ୟକ୍ଷ ଖୋଲି କହୁଚି । କିନ୍ତୁ ରାଜୁଛି [illegible] । ଯାହା ଆଜନ୍ମ ଭାବରେ ରୁହିଁଚି ଅନ୍ତଃସ୍ଥରେ ସ୍ପର୍ଶବ

ହିତଟି ସନ୍ଧ୍ୟାକାଳି କାଳିଦାସଙ୍କର ଚିତ୍ର ଳନୃତ୍ୟ କୁଞ୍ଜରେ । କେଉଁ କାଳର ମନ୍ଦିର, କେଉଁ କାଳର ଶିଳ୍ପକଳା ଯେ ଫୁଟିଚି, ତାହା ଇତିହାସ ଆଜଯାଏ ଅନ୍ବେଷଣ କରିପାରିନି । ସେଥିକି ମିଳେ ଯେ ମନ୍ଦିରଟି ରାଜା କାଳବେତୁଙ୍କର ହାତଗଢ଼ା, ଦେବତା ତାଙ୍କର ସେ ଇଷ୍ଟ । [illegible] ତାଙ୍କ ମହଲରେ ସେତେବେଳେ ଶିଳ୍ପୀ [illegible] ନୃତ୍ୟ ସେମାନଙ୍କରେ ଭିଷ୍ମ ଦୈତ୍ୟ [illegible] । [illegible] ଓଡ଼ିଶାର ସହିତ ଅପୂର୍ବ କଳାର ଏକ ଅବଦାନ । ସେହି କଳାର ପୂର୍ଣ୍ଣ ବିକାଶ ଓ ଜୀବନ୍ତ ମଧୁରତା ଅନ୍ତର ରାଜାଙ୍କୁ କରେଚି ଅମର । ତେଣୁ କଳାବତୀର ଶ୍ରେଷ୍ଠ ସଙ୍ଗୀତଜ୍ଞ ସେ । ଏ ସଙ୍ଗୀତଶାଳା ମଧ୍ୟ ମନ୍ଦିରର ରଙ୍ଗଭୂମିର ମଧ୍ୟରେ । ଏଥିରେ କଳ୍ପିତବସ୍ତୁର ଅବସର ନାହିଁ । ଯାହା ପ୍ରକୃତରେ ଥିଲା ଚହଲି, ସଦାସୁନ୍ଦର, କଳାକୁଞ୍ଜ, ସେଥିରେ ବେଳ ଅନୁସାରେ ଅସମ୍ଭବର ସତ୍ତା ବାଧା ନ ମାନି ଫୁଟିଉଠେ । ଦୁନିଆକୁ ହସାଇ ନ ଜେ ହସେ ।

ଏକ ଦିନର ଗୋଧୂଳି ଲଗନ । ରାଜା ଶିକାର ପାଇଁ ବନବିହାର କରନ୍ତି । କଳାବତୀ ଗୋଧୂଳି ଛବିର ମଧୁରତା ଭରି ବସୁଚି ମନମତାଣିଆ ସଙ୍ଗୀତର ମୂର୍ଚ୍ଛନା ଭରି । ପ୍ରକୃତରେ ପଶୁପକ୍ଷୀ ବଣବିଲ ହସୁଚନ୍ତି । ସାରା ଭୂଖଣ୍ଡ ଉଚ୍ଛୁଳି ପଡୁଚି । ଜଗତର ହିଂସା ମାୟା ନାହିଁ, ବାଘ ଛେଳି ଏକାଠି ଅପଲକ ଚକ୍ଷୁରେ ସଙ୍ଗୀତର ହୋଇଛନ୍ତି ସହଯାତ୍ରୀ । ମଧୁ ଶୋଭାର ନିସର୍ଗ ସମ୍ଭାରରେ ବୁଲି ବୁଲି ରାଜା ଆଜି ନିଜର ବନ୍ଧୁ, ଧନ ଜଳଜ ମଣିଛନ୍ତି ଭୁଲି । ମନ ଆଉ ଲାଗୁଛି କଳାବତୀର ନର୍ତ୍ତନ କଳାରେ । ଯେଉଁଠାରେ ଘନ ନୀଳିମା ବିଜୁଳିପରି ଝଲସାଉଛନ୍ତି ଏକ । ଦୂରରୁ ଶୁଭୁଚି ଏକ ଡମ୍ବରୁ ଧ୍ୱନି । ଉଦ୍ବେଗ ଆନମନା । ଅନ୍ତରର କେଉଁ ଅଜଣା ଦେଶ ଥୁରୁ ଥୁରୁ ହୋଇ ଉଠେଚି । ଏକ ଅଜଣା ଆଚମ୍ବିତ କଥା । କେହି ଠିକ୍ କହିପାରୁନାହାନ୍ତି ଏଇ ଦୃଶ୍ୟ ଭିତରେ ଯେ ଉଭୟ ଅନ୍ତରର ଚିରଦିନ ପାଇଁ ମିଳନ - ତାହା ଜାଣନ୍ତି ଏକା ମହାଦେବ ।

ଏତ ଦିନ ପରେ, କଳାବତୀ ରଚେ ନୃତ୍ୟ, କାଳମଧୁ ଦିନ [illegible] । ଅନ୍ତର୍ନିହିତ ମନ୍ଦିରଦେବତା ଅଲୌକିକ ।

Digitized by srujanika@gmail.com

ମୁରଜାଙ୍କଠାରେ ଅଲୋକ ହୁଏ ଗାବନ୍ତ ଓ ହୃତ । ସଂସାରରେ ଲୁଟନ୍ତି ରଚନ୍ତି ସୁଖଶାନ୍ତି । ଏକ ଅପାର ଦୁନିଆ । ସେଉଁଥିରେ ସ୍ୱାର୍ଥ ରାଜ୍ୟ କରେ ମୃତ୍ୟୁ ପରି ନୀରବ, ନିସ୍ପନ୍ଦ, ନିର୍ବାକ ।

ମାନବ ସମାଜ ଏ ନୂତନ, ସୁନ୍ଦର, ଅସୀମ କଥା ସହିପାରେ ନା ! ମନୁଷ୍ୟ ମନର ଧକ୍କାରେ ଚୂର୍ଣ୍ଣ ହେଉ ରହିଛି ସ୍ୱପ୍ନ । ତାର ଶକ୍ତି କାହିଁ ଏଦୁନିଆରେ ସତ୍ୟ ସୌନ୍ଦର୍ଯ୍ୟର ମୋହନଛବି ଲଭି ହେବ ଅମର । କଳାମଧୁ ମଧୁପୂର୍ଣ୍ଣ । କଳାମଧୁ କଳାବତୀର ଏ ଗୁପ୍ତ ବନ୍ଧ ଶୁଣିଛି ରାଜାର ପ୍ରଜାମାନଙ୍କଠାରୁ - ପରିଲେ ବିଶ୍ୱାସ ନାହିଁ । ପ୍ରମାଣ ଲୁହିଛି । ଗୁପ୍ତରେ ଗୋଇନ୍ଦା ପୁଲିସ ସାଥିରେ ଲତାକୁଞ୍ଜରେ ଲୁଚି ଦେଖିବାକୁ ପାଇଛି କାଳକେତୁ କଳାବତୀର ପ୍ରଣୟ ମିଳନ । ଯେଉଁଥିରେ ଦେବତାମାନେ ରାସଲୀଳା ଫୁଟିଛି, ଶିବପାର୍ବତୀର ସୃଜନଶକ୍ତି ପାଇଁ ଲାସ୍ୟ ନୃତ୍ୟର ମୋହନ ଛବି ମଧୁମୟ ହୋଇଛି । ସୀତାରାମଙ୍କର ଅନ୍ତରଙ୍ଗ ଲୀଳା ଆଗବାଣୀ ଲହରେ ଲହରେ ଲୁଟିଛି । ଏ କଥା ବା କାଳକେତୁ ବୁଝିବ କାହୁଁ । ସେ ସେ ମଧୁପୁରର ଗୋଟାଏ କାଳ !—

ଏଣୁ କଳାବତୀ ସହୁଛି ନାନା ଲାଞ୍ଛନା, ଗଞ୍ଜନା ଓଞ୍ଚଣା । କଳାମଧୁ ତାକୁ ଦେଖାଇ ଦେଉଛି ତାର ଜଗତରେ ଜନ୍ମ କରାଇ, ସେ ଆଜିକା ସାଧାରଣ ମାନବ ପରି ପ୍ରେମରଥ ଶୃଙ୍ଖଳଗଢ଼ି ଗୋଲକିଭି ଧୂଳିରେ ମିଶିବା ପାଇଁ । ସେ ଅର୍ପିତ ସାଧ୍ୱୀ ସମର୍ଥ, ଲଭିବ ଶକ୍ତି । ସେଇ ଚେତନା ରଚନା ଜାଗରଣ ଆଜି କଳାବତୀ ଫୁଟନ୍ତା ଫୁଲର ସୌନ୍ଦର୍ଯ୍ୟଛଟାରେ ଶରଣ୍ୟ ନୈବେଦ୍ୟ ରଚିବ ନିତ୍ୟ ଲୀଳା । ଏଣୁ ଚନ୍ଦନ ଲଭିବ ମୁକ୍ତିପଥଠାରୁ ଅଶେଷ ବାଣୀ, ହେବ ଅମର ।

କଳାବତୀ ସେ କଳାକାରର ଅନ୍ତର ମୁଦ୍ରିତ ଛବି, ମଧୁରତର, ଜୀବନମୟ, ଶିଳ୍ପୀର କଳ୍ପନାର ପ୍ରତିଛବି ମିଳନ ଆଶା ଅଜ୍ଞାନ ତୃଷ୍ଣା ଏ ସଂସାରରେ ଉଚ୍ଛ୍ୱସିତ ଦେହ ବଶୀଭୂତ ଓ ଯାତ୍ରାପଥରେ

ସେଦିନ ଅଗ୍ରଣୀ । ଯାତ୍ରୀ [illegible] ଅବସର ପାଇନି । ଶିକ୍ଷାଦେବ ହେଲେ ଏଇଥିପାଇଁ କାଳକେତୁ ଅନେକ ଥର ଫଳ କିଛି ହେଉନାହିଁ ।

କାଳ ଦେବଦାନବ ମାନେନା । [illegible] ବାରମ୍ବାର ଘଟଣାଟିକୁ ଗୋଟିଏ ନୂଆ [illegible] ଯାହାକେହି ବୁଝି ପାରେନି । ଦଇବ [illegible] କାଳକେତୁ ଏକା ଗୃହତ୍ୟାଗୀ, ବାରମ୍ବାର ଅନ୍ତରର ପୂର୍ଣ୍ଣତା ପାଇଁ ବରିଲା ଭି[illegible] ପଇସେ ଦୁଃଖ ପାଇଁ ଦେହେ, [illegible] ପ୍ରେମତୃଷା । ଏ ଭାଷାର ଆଦରିଣୀ ଏ[illegible] ପିତାର ଅଜାଣାରେ ଦାହିଁକଲ ମିଳନ [illegible] ଦିନ ସୁନ୍ଦର ହୋଇଉଠିଛି । ପଥଭୁଲା [illegible] ସେଥିରେ ଭୁଲିଛି ।

ଆଜି କାଳ ଯାକୁ କହିଛି ଅସୁନ୍ଦର ହେଲଛି ସୁନ୍ଦର । ଆଜି ସେ ମଣିବାକୁ [illegible] କାଲି ସେ ଜୀବନ ଲଭି ଫୁଟନ୍ତା ଗୋଲାପି [illegible] ଲଭୁଛି । ଏଠା ମରଦୁନିଆର ଅକଳା ସ୍ରୀଡ଼[illegible] ମନଟା ଏକ ଗୋଲକଧନ୍ଦାରେ ପଡ଼ି[illegible] ଯାହା ଯୋଗୁଁ କଳାବତୀ ହେବ ଆଜି [illegible]

ସବୁ ଦିନ ପରି କାଳମଧୁ ଶିବମନ୍ଦିର [illegible] ପୂଜାକରିବ, ଗିରିଜା ମଣିପର ଦେଉଳ [illegible] କରିବ ସେ ପଥର [illegible] ହୃଦୟ [illegible] ଅର୍ଘ୍ୟ କରି ମନର [illegible] ସଙ୍କଳ୍ପ [illegible] ଲୋକଙ୍କୁ ଦେବ ସତ୍ୟ, ଶାନ୍ତି, ମୁକ୍ତି । [illegible] ନିସିଦ୍ଧ କଳ୍ପ ମନ ଚଞ୍ଚଳ, [illegible] ବିଚିତ୍ର, [illegible] ବନରେ ଯେ [illegible] ବଢ଼ିଛି [illegible] ଲହରୀ [illegible] ଟଣା ଗଢ଼ିଉଠୁ କଳା [illegible] ବାଟଚାଲିଲା [illegible] ମନ ଧୂଳି [illegible] ପଣ ସେଥିରେ କଳା [illegible] କଳାବତୀ [illegible] [illegible] ଅଧା ଜୀବନଟା [illegible]

Digitized by srujanika@gmail.com

ରିବ୍ବ ଆରତର ପୂର୍ଣ୍ଣତା ଏକ
ନ ଭଙ୍ଗୀର ଅଭାବରେ କଳ୍ପ ପାଦପ ପରି
ଅତୁଳ୍ଳକ ଉଦାର୍ଯ୍ୟ ପାରବନି । ତା
ଅନ୍ତ କାହାଣୀ କଦାପି ସହିପାରିବନି ।
ହେଉ ବଡ ଲାଗି ସେ ଆଜ ପ୍ରତୀକ୍ଷା
ରହି ଲାଗି ଯାହା ଦୁଃଖ ଦରଦ ଭୋଗି
ଛନ୍ତି, ସମସ୍ତ ନୀରବରେ ମୁ ପାତ
ଘଟନାର ଫଳ ନେଇ ସେ ... ଚାହୁଁ
ଲେ ।

ରାଜ ରାଜରାଣୀ । ସ୍ୱାକାରେ ନର୍ତ୍ତକୀ ପତି
ନେଇ ଦିନର ଅନ୍ୟେକ ଉଷ୍ମ ରକ୍ତ ହେଉ
ଆନ୍ତି । ରାଜକୁଳର ସକଳ ସୀମା
ନୀଳର ପଦବୀ ତଳେ ପକାଇ ଦେଇ,
ୀ ଗୁରୁଜନର ଆଜ୍ଞା ଫିଙ୍ଗି କିପରି ବା ଗାଡ
ସ୍ୱପ୍ନରେ ଜାଣେ । ରାଜକୁମାର ଅନ୍ତରରେ
ନ, ସହାସ୍ତ୍ରୀ ଜବରେ ସହିବ ବା କିପରି ?
ନେ ନାନା କୁତ୍ସିତ ଗାଳି କରିବେ ।
ପ୍ରେମର ବନ୍ଦୀ ତ କାଳକେତୁର କୁଳରେ
ଏବେ ବପ୍ରର ଅମିତ - ତେଜ, ପୂଜକର
ଳନ୍ୟ ସେତା ହୃଦୟର ବିରହରେ ବୁଲୁଥିବା
ବାଧ୍ୟଜୀବର ଅରତ, ପତର ମନରେ
ଉଚବା ଯୋଗୁ ତାର ପ୍ରାପ୍ୟ ଜୀବନ
ନ ମୃତ୍ୟୁ ଛଟରେ ପ୍ରୀତିର ଅମର କାହାଣୀ
ରେ ଅନୁଭୂତି । ଦୃଶ୍ୟ ଆଜ ଦେଇ ଏ

ଯେଉଁ ଲୀଳା ଲାଗିଚ, ତାହା ସେଇ ଜାଣନ୍ତି । ଏ ଦୃଶ୍ୟରେ ରାଜରାଣୀ ହେବାକୁ ଯେ ଗୃହେନା - ତାର କଳ୍ପିତ ଆରତରେ ନୃତ୍ୟ କଳାର ମଧୁର ରଚ ପିତାଙ୍କୁ ଦେଇ ଆତ୍ମସମର୍ପଣୀ । ଏଇଥି ଲାଗି ଯଦି ଜୀବନଟା ... ହୋଇ ଜଳେ, ସେଥିପାଇଁ ସେ କଷ୍ଟ ପାଇବ, ମନରେ ତାର ଧକ୍କା ନାହିଁ ।

କାଳମଧୁ ଶିବପଦଶାସ୍ତ୍ରୀ, କଳାବତୀ ନୃତ୍ୟରତା । ଧୀରେ ଧୀରେ ପିତୃ ହୃଦୟରେ ପଶୁଚ ଚେତନା ... କାଳକେତୁ ଅଗଣିତ ସୈନ୍ୟ ସାମନ୍ତ ନେଇ ମନ୍ଦିର-ଭିତରେ ହେଲେ ଉପସ୍ଥିତ । ଉଦ୍ଧତ କୁଳଟା ନର୍ତ୍ତକୀ କଳାବତୀର ପ୍ରାଣ ନେବା ପାଇଁ ।

ତତ୍‌ପଲକରେ ନଗରବାସୀଙ୍କର ଆବିର୍ଭାବ । ମଧୁଛୁବ ହେତୁ ମନର ଆଲୋକିତ, ଶଙ୍କାମୁକ୍ତ, ସୈନ୍ୟ ସାମନ୍ତ ସ୍ତବଧ, କାଳକେତୁ ମନ୍ତ୍ରମୁଗ୍ଧ, କାଳମଧୁ ଙ୍କର କଳାବତୀ ଦାସୀ । ଏ ମିଳନରେ ଅପୂର୍ବ ମଧୁ ଉଛୁଳେ ଯାହା କାଳିକେତୁର ପ୍ରୀତିକୁ କରିଚି ଅମର ।

ଏ ଅପୂର୍ବ କଥା କାଳକେତୁ ନୀରବରେ ଆନନ୍ଦରେ ଅନୁମୋଦନ କରିଚି । ପ୍ରଜାମାନେ ସନ୍ତୁଷ୍ଟ ଶାନ୍ତି ମୁକ୍ତି ପ୍ରୀତି ହୋଇଲେ ।

ସେ ଦିନଠୁ କାଳମଧୁ ଦଳାଏ ବାଦ୍ୟ, କଳାବତୀ କରେ ନୃତ୍ୟ । କାଳିକେତୁ କଳାବତୀର ପ୍ରଣୟ ପଥୁକ ।

# ଯୁଗଧାରା

**ପୁନଃପ୍ରକାଶ**

ଅନେକ ଦିନ ଧରି "ଚତୁରଙ୍ଗ"ର ପ୍ରକାଶ ବନ୍ଦ ଥିଲା । ଆପଣମାନଙ୍କ ନିକଟରେ ଠିକ ସମୟରେ 'ଚତୁରଙ୍ଗ' ଯୋଗାଇ ପାରିନାହିଁ ଏହା ଆମ ପକ୍ଷେ ଲଜ୍ଜା ଓ କ୍ଷୋଭର ବିଷୟ । ଓଡ଼ିଶାରେ କେତେ ପତ୍ର ପତ୍ରିକା ବାହାରି, କିଛିଦିନ ଯାଏ ଧରା ଓ ଦୁନିଆରେ ନିଜ ନିଜର ଜୀବନ ଇତିହାସ ରଚନା କରି, କେତେବେଳେ ଯେ ଅତୀତରେ କାଳଗର୍ଭର ଅନ୍ତରାଳରେ ଅନ୍ତର୍ହିତ ହୋଇ ଯାଇଛନ୍ତି ତାର ଠିକଣା ନାହିଁ । ସେପରି ପତ୍ର ପତ୍ରିକାର ଅଳ୍ପାୟୁ ପରମ୍ପରା ଭିତରେ "ଚତୁରଙ୍ଗ" ର ନାମ ଯେତେବେଳେ ବହୁବାର କରାଯାଉଛି । ଏହି କଥା ଭାବି ଆମେ ମନରେ ସାନ୍ତ୍ୱନା ପାଇ ପାରନ୍ତୁ । କିନ୍ତୁ ଆମେମାନେ ତାହା କଲୁ ନାହିଁ । କାରଣ "କଳାମଣ୍ଡଳ" କର୍ମୀ ଏପରି ଘଟିବାକୁ ଦେଲେ ନାହିଁ । ସାମୟିକ ସ୍ଥଗିତ ପରେ "ଚତୁରଙ୍ଗ"ର ପୁନଃପ୍ରକାଶ ଏହି କର୍ମୀମାନଙ୍କର ଅଦମ୍ୟ ଉତ୍ସାହବଳରୁ ସମ୍ଭବପର ହୋଇଛି ଏବଂ ଏଥିପାଇଁ ସେହି କର୍ମୀମାନଙ୍କ ମୋର ଆନ୍ତରିକ ଶ୍ରଦ୍ଧା ଜ୍ଞାପନ କରୁଛି ।

**କୋଶଳ କଳାମଣ୍ଡଳ ରାଜନୈତିକ ପ୍ରତିଷ୍ଠାନ ନୁହେଁ:—**

'କୋଶଳ କଳାମଣ୍ଡଳ' ରାଜନୈତିକ ପ୍ରତିଷ୍ଠାନ ବୋଲି ଅନେକଙ୍କର ଭୁଲ ଧାରଣା ରହିଛି । ଅତଏବ ମୁଁ ଜଣାଇ ଦିଏଁ, କଳାମଣ୍ଡଳ ରାଜନୈତିକ ପ୍ରତିଷ୍ଠାନ ନୁହେ । ରାଜନୀତି ସଙ୍ଗେ ଏହାର ସମ୍ପର୍କ ନାହିଁ । କଳା, କୃଷ୍ଟି ଓ ସଂସ୍କୃତିର ଉନ୍ନତି ହେବାକୁ ଏହି ପ୍ରତିଷ୍ଠାନଟି ଗଠିତ ହୋଇଥିଲା ଏବଂ ଯେତେ ଦିନ ଧରି ଏହି ପ୍ରତିଷ୍ଠାନ କୋଶଳ କଳା ମଣ୍ଡଳ ହିସାବରେ କାମ କରୁଛି, ସେତେବେଳେ ଯାଏ ଆମରୁ ଏ ଅଞ୍ଚଳର କଳା ଓ କୃଷ୍ଟିର ଉନ୍ନତି କଥାକୁ [illegible] ଯତ୍ନ ଦିଆ କରାଯାଇଛି, [illegible] କଥା କଳା ମଣ୍ଡଳର ଅଭିନ୍ନ ନୀତି ଓ ଆଜ ରାଜନୈତିକ ପରିବର୍ତ୍ତନ [illegible] ଉଦ୍ଦେଶ୍ୟ ଓ ଲକ୍ଷ୍ୟ ପରିଷ୍କାର ରୂପେ [illegible] ଜଣାଇଦେବା ଆମର କର୍ତ୍ତବ୍ୟ ଏବଂ ଜୋର ସହିତ କହିପାରୁ ଯେ 'କଳା[illegible] ଆଦର୍ଶଚ୍ୟୁତ ହୋଇନାହିଁ ବା ଭବି[illegible] ଏପରି ହେବାର ଆଶା ରଖେନାହିଁ ।

**'ଚତୁରଙ୍ଗର' ଅତକଥା:—**

ପାଟଣା ମହାରାଜାଙ୍କ ବଦାନ୍[illegible] 'ଚତୁରଙ୍ଗ'ର ପ୍ରକାଶ ସମ୍ଭବପର [illegible] ବଦାନ୍ୟତା ଆଜ ପର୍ଯ୍ୟନ୍ତ ଯାଇନାହିଁ କଳା ଓ ସାହିତ୍ୟର ସେ ଗୁଣଗ୍ରାହୀ 'ଚତୁରଙ୍ଗ' ପ୍ରତି ତାଙ୍କର ସ୍ନେହାର୍ଦ୍ର [illegible] ଏହା ଆମର ପରମ ସୌଭାଗ୍ୟର [illegible] ମହାରାଜଙ୍କ ପ୍ରଶଂସା ଏ ଯୁଗରେ ଶ୍ରୁତି ପ୍ରିୟ ହେବନାହିଁ ଏ କଥା ଆମକୁ ଜଣା ଅଛି । କିନ୍ତୁ ଯାହାଙ୍କ କର୍ମନିଷ୍ଠା[illegible] ଅନୁ ପ୍ରେରଣାରେ 'କଳାମଣ୍ଡଳ' ଗ[illegible] ହୋଇ ଥିଲା, ଆଜ ଯଦି ତାହାଙ୍କୁ [illegible] ଯାଉଁ, ତେବେ କୃତଘ୍ନତା ଅପରାଧ[illegible] ହେବୁ । ପାଟଣା ମହାରାଜଙ୍କ ବଦାନ୍[illegible] 'କଳାମଣ୍ଡଳ' ଚିରଋଣୀ [illegible] ଥିଲା [illegible] ଏହାର ଅସ୍ତିତ୍ୱ ଥିବା ସେପର୍ଯ୍ୟନ୍ତ [illegible] ରହିବ ଏ କଥା ମଧ୍ୟ ସେମାନଙ୍କୁ ଭଲ [illegible] ଦେବାର ସମୟ ଆସିଛି । [illegible] ଭିତରେ ଜନ୍ମ ଲଭିଥିବା 'ଚତୁ[illegible] ସଂଖ୍ୟାରେ ମୁଁ [illegible] 'କଳାମଣ୍ଡଳ'ର କର୍ମପ୍ରୟାସ, [illegible] ପତ୍ରିକା ପରିଚାଳନା [illegible] ଉଦ୍ୟମଶୀଳ କର୍ମଧାରୀଙ୍କୁ [illegible] ଭଲ ସମୟ ହେଉ ଦେଉଛି [illegible]

Digitized by srujanika@gmail.com

…ରେ …ଗାଗର ଯେ
…ଦୃଷ୍ଟି ଓ ଲକ୍ଷ୍ୟଙ୍କୁ
…ାଇ ପାରିବୁ ନାହିଁ । ସେ
… ଓ 'ନବଜୀବନ' — କୌଣସି
…ହେବୁ ନଥିବା କେବଳ
… ମାନସିଂହଙ୍କ ସମ୍ପାଦନାରେ
ହୋଇ ଦେଶରେ ସାହିତ୍ୟିକ
…ା କୌଣସି ପରିମାଣରେ ଦୂର
…ାହୁଥିଲା । ସାହିତ୍ୟ ପ୍ରେମୀ ମାନଙ୍କର
ପ୍ରକାଶର ପଥ ମାର୍ଜିତ କରିବାର
…ଳା ମଣ୍ଡଳ' …ଙ୍କ ମନରେ
। ଏହି ଅଭାବ ଦୂର କରିବା ପାଇଁ
…ଏକ କର୍ତ୍ତବ୍ୟ ରହିଛି, ଏଥିରେ
…ଲେ । ୧୯୪୬ ମସୀହା ଡିସେମ୍ବର
…ଳ'ର ଦେଗାଁ ଅଧିବେଶନରେ
…ସ୍ଥା ନିବନ୍ଧ ଅନ୍ୱେକ୍ଷଣୀ ଭିତରେ
ମୁଖପତ୍ର ଓ ସାହିତ୍ୟିକ ପତ୍ରିକା
…ରଙ୍ଗ'ର ପ୍ରକାଶ କରିବାର ସିଦ୍ଧାନ୍ତ
… । ସେହିଠାରେ 'ଚତୁରଙ୍ଗ'ର
କରାଯାଏ ଓ ତାର ସମ୍ପାଦନାର
…ରେ ଦିଆ ଯାଏ । ସେହି ବର୍ଷ
…ରେ 'କଳା ମଣ୍ଡଳ'ର ସିଦ୍ଧାନ୍ତ
…ଙ୍ଗ'ର ପ୍ରଥମ ସଂଖ୍ୟା ପ୍ରକାଶିତ ହୁଏ ।
…ଭିତ୍ତିରୁ 'ଚତୁରଙ୍ଗ'ର ପରିକଳ୍ପନା
… ଆମେ ଭୁଲୁଛୁ ନାହିଁ

…ମାନଙ୍କ ସହାନୁଭୂତି ଓ ସାହାଯ୍ୟ:—

…ସାହିତ୍ୟ ପ୍ରେମୀ ମାନଙ୍କ ଠାରୁ
… ସାହାଯ୍ୟ ପାଇଛୁ, ତାହା
… ଏବେ ସହାନୁଭୂତି
… ଥିବୁ ଏ …

କଳ୍ପନାରେ ମଧ୍ୟ ଥିବା ନଥିଲୁ । ପ୍ରକାଶ ହେବା ପରେ ଓଡ଼ିଶାର ଲବ୍ଧପ୍ରତିଷ୍ଠ ସାହିତ୍ୟ ସେବୀମାନେ ଆମକୁ ଯେଉଁ ଭାଷାରେ ସମ୍ବର୍ଦ୍ଧନା ଜଣାଇଛନ୍ତି, ତାହା 'ଚତୁରଙ୍ଗ' ପ୍ରକାଶରେ ଆମକୁ ସବୁଠାରୁ ଅନୁପ୍ରେରଣା ଯୋଗାଇଛି । … କେତେକ ଗ୍ରାହକ ସଂଖ୍ୟା ଆଶା କରୁ ଥାଉଁଥିଲୁ; କେତେକ ଗ୍ରାହକ ସଂଖ୍ୟା ହେଲା ନାହିଁ । ଓଡ଼ିଶାର ମାସିକ ପତ୍ରିକା ମାନଙ୍କୁ ଯଥେଷ୍ଟ ବିଜ୍ଞାପନ ମିଳେ ନାହିଁ—ଯଥେଷ୍ଟ ତ ଦୂରର କଥା, ବିଜ୍ଞାପନ ମିଳିବା କଠିନ ହୋଇ ପଡ଼େ । ଏହି ଏକ ଅଭାବ ଓଡ଼ିଶାର ପତ୍ରିକା ମାନଙ୍କୁ ପଙ୍ଗୁ କରିଦିଏ । ଗ୍ରାହକ ସଂଖ୍ୟା ବେଶୀ ହୋଇଥିଲେ ଏହି ଅଭାବର ଗୁରୁତ୍ୱ ଅନେକାଂଶରେ ଲାଘବ ହୁଅନ୍ତା । କିନ୍ତୁ ଗ୍ରାହକ ସଂଖ୍ୟା ମଧ୍ୟ ଆଶାନୁରୂପ ହୁଏ ନାହିଁ । 'ଚତୁରଙ୍ଗ' ପରିକଳ୍ପନା ବେଳେ ସମୟରେ ଲାଭର ଆଶା ରଖା ଯାଇନାହିଁ କିନ୍ତୁ କ୍ଷତିର ଆଶା ମଧ୍ୟ ରଖା ଯାଇ ନାହିଁ । ଅଥଚ 'ଚତୁରଙ୍ଗ'ର କ୍ଷତି ହେବାକୁ ଲାଗିଲା । ଦ୍ୱିତୀୟ ବର୍ଷରେ ଏ ଅବସ୍ଥାର ଉନ୍ନତି ହେବ ବୋଲି ଆମେ ଆଶା କରୁଥିଲେ, କିନ୍ତୁ ଦ୍ୱିତୀୟ ବର୍ଷରେ ବି ଅବସ୍ଥାର ଯଥେଷ୍ଟ ଉନ୍ନତି ହେଲା ନାହିଁ । ଅବଶ୍ୟ 'କଳାମଣ୍ଡଳ' ଏ କ୍ଷତି ବହନ କଲା ଓ ଭବିଷ୍ୟତରେ ଏ କ୍ଷତି ବହନ କରିବାକୁ ସ୍ୱୀକାର ମଧ୍ୟ କଲା । କିନ୍ତୁ ଠିକ୍ ଏହି ସମୟରେ କଳାମଣ୍ଡଳ ଭାଗ୍ୟରେ ବି ଦୁର୍ଘଟଣାର ମେଘ ଘନାଇ ଆସିଲା ।

**ଆର୍ଥିକ କ୍ଷତି**

ଗୁଣ୍ଡା ଅଦାୟ କରି କଳାମଣ୍ଡଳ ଅନେକ ଟଙ୍କା ଉଠାଇଥିଲା । ପାଠଶାଳା ସ୍ତରେ ମଧ୍ୟ ଅର୍ଥକୁ ସାହାଯ୍ୟ ଦେଉଥିଲା । ୧୯୪୭ ମସୀହା ଫେବୃୟାରୀ ମାସରେ କଟକରେ ପୃଷ୍ଠପୋଷକତା ଓ 'କଳାମଣ୍ଡଳ'ର ଉଦ୍ୟୋଗରେ କଲେଜର ଠାରେ ଏକ ବସନ୍ତ କୃଷି ଓ ଶିଳ୍ପ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା । ଏଥିରେ ବସନ୍ତ

Digitized by srujanika@gmail.com

ଆକାରରେ ଏବଂ ଏପରି ସଂଗଠିତ ଭାବରେ ଏହା ପୂର୍ବରୁ ଓଡ଼ିଶାର କୌଣସି ସ୍ଥାନରେ ଶିଳ୍ପପ୍ରଦର୍ଶନୀ ହୋଇ ନାହିଁ । 'କଳାମଣ୍ଡଳ'ର କର୍ମକୁଶଳତାରେ ସନ୍ତୁଷ୍ଟ ହୋଇ ଏହାକୁ ଭଲଭାବରେ ଆରମ୍ଭ କରିବା ପାଇଁ ପାଟଣା [illegible] ଗତ ଲୋକ ଅନେକ ଟଙ୍କା ଦାନ କରିଥିଲେ । ଏହି ସବୁ ଟଙ୍କା କଲିକତା ସିଟିବେଙ୍କରେ ଗଚ୍ଛିତ ରହିଥିଲା । ୧୯୪୭ ମସିହା ମଇ ମାସରେ ହଠାତ୍ ଖବର ଆସିଲା; ସିଟିବେଙ୍କ୍ ଫେଲ ମାରିଛି । ଅନେକ ଲୋକଙ୍କର ପରି ଅନେକ ଟଙ୍କା ବୁଡ଼ିଲା ଏବଂ ସେଥିସଙ୍ଗେ 'କଳାମଣ୍ଡଳ'ର ପ୍ରାୟ ୫୩୦୦୦୦ ।- ଷଷ୍ଠ ହେଲା । ଏହିପରି 'ଚତୁରଙ୍ଗ'ର ପ୍ରକାଶ ବନ୍ଦ ହେଲା । ଏହି ଦାରୁଣ କ୍ଷତିରେ ମଧ୍ୟ 'କଳାମଣ୍ଡଳ'ର କର୍ମୀମାନେ ହତୋତ୍ସାହିତ ହୋଇ ନାହାଁନ୍ତି । ପୁଣି ତାଙ୍କ ଉପରେ ଘଟିଥିବା ଏଥିରେ ସେମାନଙ୍କର ସନ୍ଦେହ ହେଲା ନାହିଁ । ସମସ୍ତେ [illegible] ଜାଣିଲେ ପୂର୍ବପରି ସ୍ୱଚ୍ଛନ୍ଦ ଅବସ୍ଥାକୁ [illegible] ଆସିବା ପାଇଁ ସମୟ ଲାଗିବ । କଳାମଣ୍ଡଳର [illegible] ନିକଟ ଭବିଷ୍ୟତରେ କାର୍ଯ୍ୟକାରୀ [illegible] ଏ ଦୁଃଖ ଘଟଣାରେ ସେ ସବୁକୁ [illegible] କରିବା ସମ୍ଭବପର ମନେ ହେଲା ନାହିଁ । କଳାମଣ୍ଡଳର ଉପରେ ଦୃଷ୍ଟି ସଂଚିତ କରିବାକୁ 'କଳାମଣ୍ଡଳ'ର କର୍ମୀମାନେ ବାଧ୍ୟ ହେଲେ । [illegible] 'ଚତୁରଙ୍ଗ', [illegible] ବିଭାଗ, [illegible] ବିଭାଗ [illegible] ଅନାଥାଶ୍ରମ ବ୍ୟତୀତ ଅନ୍ୟାନ୍ୟ ବିଭାଗମାନଙ୍କୁ [illegible] ଭାବରେ ବନ୍ଦ କରିଦେବାକୁ ପଡ଼ିଲା ।

## [illegible] ପରିବର୍ତ୍ତନ

[illegible] ଏହା ପରେ ପରେ ଗଡ଼ଜାତମାନଙ୍କ [illegible] ସବୁଠାରୁ [illegible] [illegible] [illegible] ଓଡ଼ିଶା ସଙ୍ଗେ ସଂଯୋଗ ହୋଇ [illegible] ଏ [illegible] ପ୍ରତିଷ୍ଠାନ ପ୍ରତି ନୂତନ ସରକାରଙ୍କ [illegible] କେଉଁଠି ହେବ ବୁଝି ହେଲା ନାହିଁ । ଅନିଶ୍ଚିତତା ରହିଲା । [illegible] ମୁଖ୍ୟ କର୍ମୀମାନେ ହଠାତ୍ [illegible] ଅନ୍ୟ ସ୍ଥାନକୁ ଚାଲିଗଲେ [illegible] 'କଳାମଣ୍ଡଳ'ର କାର୍ଯ୍ୟକର୍ମରେ [illegible] ଅନିଶ୍ଚିତତା ହେତୁ କୌଣସି କାର୍ଯ୍ୟ [illegible] ହୋଇ ପାରିଲା ନାହିଁ ।

## ପ୍ରଧାନ ମନ୍ତ୍ରୀଙ୍କ ପାଖକୁ ପତ୍ର

'କଳାମଣ୍ଡଳ'ର ସଭାପତି [illegible] 'ଅନାଥାଶ୍ରମ' କଳାମଣ୍ଡଳର ଏହି ଦୁଇ [illegible] ବିଭାଗକୁ ଖୋଲା ରଖିବା ପାଇଁ [illegible] ମହୋଦୟଙ୍କ ପାଖକୁ ପତ୍ର ଲେଖିଲେ [illegible] ଭାବେ ଏ ସବୁ ବିଷୟ ପ୍ରଧାନ ମନ୍ତ୍ରୀଙ୍କ ଉପସ୍ଥାପନ ପାଇଁ ଓ ସାହାଯ୍ୟ [illegible] ସମ୍ପର୍କରେ ପ୍ରଧାନମନ୍ତ୍ରୀଙ୍କ [illegible] 'କଳାମଣ୍ଡଳ' ତରଫରୁ ପ୍ରତିନିଧି [illegible] ରାଜ୍ୟରତ୍ନ ଶ୍ରୀ ବଳଭଦ୍ର ବେହେରା [illegible] ଗଲେ । ରାଜ୍ୟରତ୍ନେ ପ୍ରଧାନମନ୍ତ୍ରୀଙ୍କୁ [illegible] କଲେ ଓ ତାଙ୍କଠାରୁ ଆଶ୍ୱାସନା [illegible] ଫେରି ଆସିଲେ । [illegible] ଦେଲେ, ଏ ବିଷୟରେ [illegible] ସିଦ୍ଧାନ୍ତ କରିଛନ୍ତି, ଆମକୁ ଜଣାନାହିଁ ।

ଆମେ କେବଳ [illegible] ପ୍ରତିଷ୍ଠାନ [illegible] ସବୁ ପ୍ରତିଷ୍ଠାନ ଦେଶରେ [illegible] କରୁଥିଲେ, ସେସବୁକୁ [illegible] ଜାତୀୟ ଏବଂ [illegible] ସମ୍ପତ୍ତି [illegible]

Printed & Published by Jameswar Tripathy at the K. M. Press [illegible]

Digitized by srujanika@gmail.com

Digitized by srujanika@gmail.com

# [illegible]


ଦ୍ୱିତୀୟ ବର୍ଷ    ଆଶ୍ୱିନ ମାସ    ପ୍ରଥମ ସଂଖ୍ୟା


## କୋଶଳ-କଳା-ମଣ୍ଡଳର

ମୁଖପତ୍ର ରୂପେ ପ୍ରକାଶିତ


ସଂସ୍ଥାପକ ସଂଘ:—

ଶ୍ରୀ ଜାନକୀ ଚରଣ ପାଣିଗ୍ରାହୀ
ସାହିତ୍ୟରତ୍ନ ଶ୍ରୀ ବଳଭଦ୍ର ମିଶ୍ରଶର୍ମା
[illegible] ଶ୍ରୀ [illegible] ଚରଣ [illegible]
ଶ୍ରୀ [illegible]
ଶ୍ରୀ ଗୁରୁଦେବ ନାୟକ

ସମ୍ପାଦକ—
ଶ୍ରୀ ଗଙ୍ଗା ପ୍ରସାଦ ଗୁରୁ



Digitized by srujanika@gmail.com

'ଚତୁରଙ୍ଗ'

ଓଡ଼ିଶା ସରକାରଙ୍କ ପତ୍ର ନଂ ... ଶୀଯୁ ପ୍ରତ୍ୟେକ ... - ୨୧୪୭ ... ମଞ୍ଜୁର
'... ଅନୁମୋଦିତ ହୋଇଛି ।

ଷଷ୍ଠ ବର୍ଷ ...

# ସୂଚୀ


| | | ଲେଖକମାନଙ୍କ ନାମ |
|---|---|---|
| ... | (ପ୍ରବନ୍ଧ) | ଶ୍ରୀ ... ମଣି ବଳାଇ |
| ... ଉଠେ ... | (ଗଳ୍ପ) | ଶ୍ରୀ ଗୋପୀନାଥ ପଟ୍ଟନାୟକ |
| ୩ ... ଶ୍ରୀ | (ପଦ୍ୟ) | ଶ୍ରୀ ଭବେନ୍ଦ୍ର ... ତ୍ରିପାଠୀ |
| ... ଅଟେ ... | (ଗଳ୍ପ) | ଶ୍ରୀ ରାଜ କିଶୋର ... ସିଂହ |
| ... ମନସ୍ତତ୍ତ୍ୱ ଓ ଧର୍ମ ... | | ଶ୍ରୀ କପିଳେନ୍ଦ୍ର ... ଦାସ |
| ୬ ... ଶୋକ | (ପଦ୍ୟ) | ଶ୍ରୀ ନରସିଂହ ଦେଓ |
| ୭ ... ବସ ... | (ଗଳ୍ପ) | ଶ୍ରୀ ପ୍ରହ୍ଲାଦ ମହାନ୍ତି |
| ୮ ଛନ୍ଦ ଜଗତରେ ଅଳଙ୍କାର ସ୍ଥାନ | | ଶ୍ରୀ ବଳ ରାମ ସାହୁ |
| ୯ ମହାତ୍ମା ... | (ଗଳ୍ପ) | ଶ୍ରୀ ଶ୍ୟାମ କୁମାର ଷଡ଼ଙ୍ଗୀ |
| ୧୦ ସୁନାଫୁଲ | (ନାଟିକା) | ଶ୍ରୀ ନବ କିଶୋର ... |
| ୧୧ ସଂସ୍କୃତ ସାହିତ୍ୟକୁ ଓଡ଼ିଶାର ଦାନ | | ଶ୍ରୀ କୁଳମଣି ମିଶ୍ର |
| ୧୨ ନୂତନ ଜୀବନର ପ୍ରଥମ ପୃଷ୍ଠା | (ଗଳ୍ପ) | |
| ୧୩ ଶିକ୍ଷକ ଏବ ଶିକ୍ଷା କଥାରେ ସାମଗ୍ରୀ | | ଶ୍ରୀ ନୀଳମଣି ବେହେରା |
| ୧୪ ... ସ୍ମୃତି | (ପଦ୍ୟ) | ଶ୍ରୀ ବ୍ରଜେନ୍ଦ୍ର ନାରାୟଣ ସିଂହ ଦେବ |
| ୧୫ ଇଂରାଜୀ ସାହିତ୍ୟର ... | | ଶ୍ରୀ ... |
| ୧୬ ... ଗଧାମ୍ | | ସମ୍ପାଦକୀୟ |


## ବିଶେଷ ବିଜ୍ଞପ୍ତି

ଯେଉଁ ସହୃଦୟ ଗ୍ରାହକମାନେ ୧ ମ ବର୍ଷର ୭ ମ ସଂଖ୍ୟାରୁ ଗ୍ରାହକ ହୋଇଥିଲେ ସେମାନଙ୍କୁ ଅନୁରୋଧ ... ସେମାନେ ... ବର୍ଷର ଚାନ୍ଦା ଛଅ ଟଙ୍କା ମାତ୍ର ତୁରନ୍ତ ପ୍ରେରଣ କରିବେ । କହିବା ବାହୁଲ୍ୟ ... ଉପଯୁକ୍ତ ମୂଲ୍ୟ ପାଇଲେ ସେମାନଙ୍କର ଗ୍ରାହକତ୍ୱର ମିଆଦ ୬ଷ୍ଠ ବର୍ଷର ୬ଷ୍ଠ ସଂଖ୍ୟା ପର୍ଯ୍ୟନ୍ତ ରହିବ । ୬ଷ୍ଠ ବର୍ଷ ୬ଷ୍ଠ ସଂଖ୍ୟାରେ ... ମାନଙ୍କର ଗ୍ରାହକତ୍ୱର ମିଆଦ ଶେଷ ହେବାର ଅଛି, ଠିକ୍ ସେହି ସଂଖ୍ୟା ପାଇଲା ... ନୂତନ ବର୍ଷର ଦେୟ ସେମାନଙ୍କ ... ପଠାଇଲେ ପରବର୍ତ୍ତୀ ସଂଖ୍ୟା ଭି: ପି: ରେ ... ବାକୁ ବାଧ୍ୟ ହେବୁ । ଯେଉଁମାନେ ... ବର୍ଷ ପାଇଁ ଗ୍ରାହକ ହେବାକୁ ଅନିଚ୍ଛା ... କରି ତୁରନ୍ତ ଜଣାଇବେ । ... ଭ: ପି: ରେ ପଠାଇବା ଦ୍ୱାରା ଆମେ ... ହୋଇପାରୁଁ ।

ପରିଚାଳକ
ଚତୁରଙ୍ଗ

Digitized by srujanika@gmail.com

# [illegible]

[illegible] ବର୍ଷ　　କାର୍ତ୍ତିକ ମାସ　　ଷଷ୍ଠ ସଂଖ୍ୟା

## କୋଶଳ-କଳା ମଣ୍ଡଳର

ମୁଖପତ୍ର [illegible]

[illegible]—

ଶ୍ରୀ ଭାଗବତୀ ଚରଣ ପାଣିଗ୍ରାହୀ
[illegible] ଶ୍ରୀ ବଳଭଦ୍ର [illegible]
[illegible] ଶ୍ରୀ [illegible]
[illegible]
[illegible]

ପ୍ରକାଶକ—
ଶ୍ରୀ ଗଙ୍ଗା ପ୍ରସାଦ [illegible]

Digitized by srujanika@gmail.com

ଓଡ଼ିଶା ସରକାରଙ୍କ ପତ୍ର ନଂ ... - ୧୯୪୭ ...

... ବର୍ଷ ... ସଂଖ୍ୟା

## ସୂଚୀ / ଲେଖା


| ବିଷୟ | | ଲେଖକଙ୍କ ନାମ | ପୃଷ୍ଠା |
|---|---|---|---|
| ୧ ଜାତୀୟ ଉତ୍ସବେ | (ପଦ୍ୟ) | ... ବିହାରୀ ମହାନ୍ତି | [illegible] |
| ୨ ... ସାହିତ୍ୟ ସମାଜ ... ଉତ୍ସବ | | ଶ୍ରୀ ରଘୁନାଥ ପ୍ରସାଦ ବର୍ଦ୍ଧୀଦାର | [illegible] |
| ୩ ଛିଦ୍ର | (ଗଳ୍ପ) | ଶ୍ରୀ ରାଜ...ର ରାୟ | [illegible] |
| ୪ ଅ... | (ପଦ୍ୟ) | ଶ୍ରୀ ...ରାଣୀ ... | [illegible] |
| ୫ ...ଲୋକେ | (ଗଳ୍ପ) | ଶ୍ରୀ ପୁଲିନ ବିହାରୀ ରାୟ | [illegible] |
| ୬ ସଂସ୍କୃତ ସାହିତ୍ୟକୁ ଓଡ଼ିଶାର ଦାନ | | କୁଳମଣି ମିଶ୍ର | [illegible] |
| ୭ ଅନ୍ଧକାର | (ଗଳ୍ପ) | ଶ୍ରୀ ...କର ... | [illegible] |
| ୮ ବାବପଣ୍ଡିତ | | ଶ୍ରୀ ପ୍ରହ୍ଲାଦ ... | [illegible] |
| ୯ ସୁନ୍ଦର ଏ ସୃଷ୍ଟି ସୁନ୍ଦର ଏ ଧରା | (ପଦ୍ୟ) | ଶ୍ରୀ ଅନନ୍ତ ପ୍ରସାଦ ପଣ୍ଡା | [illegible] |
| ୧୦ ସୁନାଫୁଲ | | ନନ୍ଦକିଶୋର ଦାସ | [illegible] |
| ୧୧ ...ର ଡାକ | (ଗଳ୍ପ) | ଶ୍ରୀ କୃଷ୍ଣବିହାରୀ ... | [illegible] |
| ୧୨ କବିତାର ... | | ଶ୍ରୀ ବେଣୀମାଧବ ପାଢ଼ୀ | [illegible] |
| ୧୩ ଆଲୋଚନା | | ... ଶର୍ମା | [illegible] |
| ୧୪ ପୁସ୍ତକ ପରିଚୟ | | | [illegible] |
| ୧୫ ସୁଗନ୍ଧାସ୍ୱ ... | | ସମ୍ପାଦକୀୟ | [illegible] |


## ବିଶେଷ ବିଜ୍ଞପ୍ତି

ଯେଉଁ ସହୃଦୟ ଗ୍ରାହକମାନେ ୧୧ ମ ବର୍ଷର ୭ ମ ସଂଖ୍ୟାରୁ ଗ୍ରାହକ ହୋଇଥିଲେ ସେମାନଙ୍କୁ ଅନୁରୋଧ ଯେ, ସେମାନେ ଦ୍ୱାଦଶ ବର୍ଷର ବକେୟା ... ଟଙ୍କା ମାତ୍ର ତୁରନ୍ତ ପ୍ରେରଣ କରିବେ। କହିବା ବାହୁଲ୍ୟ ଯେ, ଉପର୍ଯ୍ୟୁକ୍ତ ମୂଲ୍ୟ ପଠାଇଲେ ସେମାନଙ୍କର ଗ୍ରାହକତ୍ୱ ... ବର୍ଷର ... ସଂଖ୍ୟା ପର୍ଯ୍ୟନ୍ତ ରହିବ। ... ସଂଖ୍ୟାରେ ଯେଉଁମାନଙ୍କର ଗ୍ରାହକତ୍ୱ ... ଅଛି, କିନ୍ତୁ ସେହି ସଂଖ୍ୟା ... ନୂତନ ବର୍ଷର ଦେୟ ସେମାନଙ୍କୁ ... ବର୍ଷ ... ହେଲେ ପରବର୍ତ୍ତୀ ... ପଠାଇବାକୁ ବାଧ୍ୟ ହେବୁ। ଯେଉଁମାନେ, ଭି: ପି: ରେ ପତ୍ରିକାର ଗ୍ରାହକ ହେବାକୁ ଅସମର୍ଥ ... ସେମାନେ କୃପାକରି ତୁରନ୍ତ ଜଣାଇବେ। ... ନଚେତ୍ ... ଭି: ପି: ଦ୍ୱାରା ... ହୋଇଥାଉ।

ପରିଚାଳକ

...

Digitized by srujanika@gmail.com

# ସହକାର

ଦ୍ୱିତୀୟ ବର୍ଷ | ମାର୍ଗଶିର ମାସ | ସପ୍ତମ ସଂଖ୍ୟା

## କୋଶଳ-କର୍ମ୍ମ-ମଣ୍ଡଳର

ମୁଖପତ୍ର ରୂପେ ପ୍ରକାଶିତ


ସଂପାଦକ ସଂଘ—

ଶ୍ରୀ କାଳିନ୍ଦୀ ଚରଣ ପାଣିଗ୍ରାହୀ

ସାଙ୍ଖ୍ୟରତ୍ନ ଶ୍ରୀ ବଳଭଦ୍ର ନନ୍ଦଧାର

କବିଚନ୍ଦ୍ର ଶ୍ରୀ କାଳୀଚରଣ ପଟ୍ଟନାୟକ

ଶ୍ରୀ ... ନାୟକ



ପ୍ରକାଶକ—

ଶ୍ରୀ ଗଙ୍ଗା ପ୍ରସାଦ ଗୁପ୍ତ



Digitized by srujanika@gmail.com

ଓଡ଼ିଶା ସରକାରଙ୍କ ପତ୍ର ନଂ: ... ତା ... - ୧୯୪୭

ଚତୁରଙ୍ଗ ...

... ଶିକ୍ଷା ବିଭାଗ ... ଦିଆଯାଇଛି ।

... ବର୍ଷ ... ସଂଖ୍ୟା

ସୂଚୀ

| | | |
|---|---|---|
| ... ପାଷାଣ ... ତାହାର ସୀମା | | ଶ୍ରୀ ପ୍ରହ୍ଲାଦ ... ଦାସ |
| ... ଭାରତ ... ଓ କୃଷିର ଉନ୍ନତି | (ପଦ୍ୟ) | ଶ୍ରୀ ପ୍ରଫୁଲ୍ଲଚନ୍ଦ୍ର ... |
| | | ଶ୍ରୀ ଜୟବିହାରୀ ମିଶ୍ର ... |
| ୪ ସ୍ନେହ ... | (ଗଳ୍ପ) | ଶ୍ରୀ ବଟକୃଷ୍ଣ ... |
| ୫ ବର୍ଷାମିଳନ ... ତପୋଭଙ୍ଗ | (ପଦ୍ୟ) | ଶ୍ରୀ ପ୍ରଭାକର ପାଣି |
| ୬ ... ମନ ... | | ଶ୍ରୀ ରାମଚନ୍ଦ୍ର ରଥ |
| ୭ ... [ ୧ ] | | ଶ୍ରୀ ଗୌରୀକୁମାର ବ୍ରହ୍ମା |
| ୮ ଅଭିସାରିକା | (ପଦ୍ୟ) | ଶ୍ରୀ ନଟବର ପ୍ରଧାନ |
| ୯ ଫଲଗୁ ... | (ଗଳ୍ପ) | ଶ୍ରୀ ଶିବପ୍ରସାଦ ପଣ୍ଡା |
| ୧୦ ସଂସ୍କୃତ ସାହିତ୍ୟକୁ ଓଡ଼ିଶାର ଦାନ | | ଶ୍ରୀ କୁଳମଣି ମିଶ୍ର |
| ୧୧ ସୁନାଫୁଲ | (ଲୀଳା) | ଶ୍ରୀ ନବକିଶୋର ଦାସ |
| ୧୨ ମଧୁମୋହନ | | ଶ୍ରୀ ବ୍ରଜକିଶୋର ରାୟ |
| ୧୩ ଦୀପଦାନ | (ପଦ୍ୟ) | ଶ୍ରୀ କାଳିନ୍ଦୀ ଚରଣ ପାଣିଗ୍ରାହୀ |
| ୧୪ ପୁସ୍ତକ ପରିଚୟ | | |
| ୧୫ ସମ୍ପାଦକଙ୍କୁ ପତ୍ର | | ଶ୍ରୀ ଚନ୍ଦ୍ରଶେଖର ମିଶ୍ର |
| ୧୬ ଯୁଗଧାରା | | ସଂପାଦକୀୟ |

## ବିଶେଷ ବିଜ୍ଞପ୍ତି

୧ । ଆମର ଅନେକେକ ସହୃଦୟ ପାଠକ, ପାଠିକା 'ଚତୁରଙ୍ଗ'ର ପ୍ରଥମ ବର୍ଷରେ ପ୍ରକାଶିତ ସଂଖ୍ୟାମାନ ପାଇବାକୁ ଆବେଦନ କରିଅଛନ୍ତି । ଏଣୁ ସେ ବିଷୟରେ ସେମାନଙ୍କୁ ଜଣାଇ ଦେଉଛୁ ଯେ ପ୍ରଥମ ବର୍ଷର ୨ୟ, ୪ର୍ଥ, ୫ମ ଓ ୬ଷ୍ଠ ସଂଖ୍ୟା ବ୍ୟତୀତ ସ୍ୱତନ୍ତ୍ର ସଂଖ୍ୟା ... ସମସ୍ତ ସଂଖ୍ୟାରୁ କେତେଖଣ୍ଡ ଲେଖାଏଁ ... ଉପଯୁକ୍ତ ମୂଲ୍ୟ ପଠାଇଲେ ପାଇ ...

... । 'ଚତୁରଙ୍ଗ'ର ୨ୟ ବର୍ଷ ୬ଷ୍ଠ ସଂଖ୍ୟାରେ ପ୍ରକାଶିତ 'ଅନାକାଙ୍କ୍ଷିତ' କବିତାର ଲେଖିକା ଶ୍ରୀମତୀ ରାଧାରାଣୀ ଦେବୀ ବି. ଏ ... ଠିକଣା ଆମର ଦରକାର ... not kr... ପ୍ରକାଶ ... ପତ୍ର ... ହୋଇ ... ରୁ: ଡି: ରେ ...

ଚତୁରଙ୍ଗ

# ଉତ୍କଳ

ଦ୍ୱିତୀୟ ବର୍ଷ　　ପୌଷ ମାସ　　ଅଷ୍ଟମ ସଂଖ୍ୟା ।

## କୋଶଳ-କଳା-ମଣ୍ଡଳର

ମୁଖପତ୍ର ରୂପେ ପ୍ରକାଶିତ

ସଂପାଦକ ସଂଘ:—

ଶ୍ରୀ କାଳନ୍ଦୀ ଚରଣ ପାଣିଗ୍ରାହୀ
ଶ୍ରୀ ବଳଭଦ୍ର ବହିଦାର
କାଳୀ ଚରଣ ପଟ୍ଟନାୟକ
ଗୁରୁ
ନାୟକ

ପରିଚାଳକ—
ଶ୍ରୀ ଗଙ୍ଗା ପ୍ରସାଦ ପଣ୍ଡା

Digitized by srujanika@gmail.com

'ଓଡ଼ିଶା ସରକାରଙ୍କ ପତ୍ର ନଂ: ୫୯୬- ଆର୍ ତା ୩ - ୨ - ୧୯୪୭ ମତେ
'ଚତୁରଙ୍ଗ'
ସ୍କୁଲ ବିଭାଗୀୟ ପ୍ରତ୍ୟେକ ଅନୁଷ୍ଠାନ ପାଇ
ଗୃହୀତ ହୋଇଛି ।

# ସୂଚୀ


| ବିଷୟ | | ଲେଖକମାନଙ୍କ ନାମ | ପୃଷ୍ଠା |
|---|---|---|---|
| ୧ କେଶବନ୍ତୀ | (ପଦ୍ୟ) | ଶ୍ରୀ ବେଣୁଧର ରାଉତ | ୩୪୬ |
| ୨ ସଙ୍ଗୀତ | | ଶ୍ରୀ ମହେଶ୍ ମୋହନ୍ ବୈଦେହେସ | ୩୪୭ |
| ୩ ଭାଗ୍ୟର ଉପହାସ | (ଗଳ୍ପ) | ଶ୍ରୀ ଶ୍ରଦ୍ଧାକର ସୂପକାର | ୩୫୧ |
| ୪ ଭ୍ରମର ପାଇଁ | (ପଦ୍ୟ) | ଶ୍ରୀ ଦୁର୍ଗାମାଧବ ମିଶ୍ର | ୩୫୯ |
| ୫ ଜାତୀୟ ବୀର ନାଁ ବିଶ୍ୱାସ ଘାତକ | | ଶ୍ରୀ ବସନ୍ତ କୁମାର ବେହେରା | ୩୬୦ |
| ୬ ବିକାଶ | (ଗଳ୍ପ) | ଶ୍ରୀ ବିଧୁ ଭୂଷଣ ଗୁରୁ | ୩୬୪ |
| ୭ ଶିକ୍ଷା | (ପଦ୍ୟ) | ଶ୍ରୀ 'ସନ୍ଧାନୀ' | ୩୬୫ |
| ୮ ମୋ ଗଳିଲରେ ଜନ୍ମ | | ଶ୍ରୀ ଜଗନ୍ନାଥ ଦାସ | ୩୬୬ |
| ସେତ ଗୁହାଁନ୍ତି ମୋତେ | (ପଦ୍ୟ) | ରେବତୀକାନ୍ତ ମହାନ୍ତି | ୩୭୦ |
| ୧୦ ଉର୍ବଶୀ | (ଗଳ୍ପ) | ଅଖିଳ ମୋହନ ପଟ୍ଟନାୟକ | ୩୭୧ |
| ୧୧ ସୁନାଫୁଲ | | ଶ୍ରୀ ନବକିଶୋର ଦାସ | ୩୭୫ |
| ୧୨ ଅଭିବ୍ୟକ୍ତି | (ପ୍ରବନ୍ଧ) | ଶ୍ରୀ ମୈଥିଲୀ ମୋହନ ମିଶ୍ର | ୩୮୧ |
| ୧୩ ଭାରତୀୟ ଭାସ୍କର୍ଯ୍ୟ | | ଶ୍ରୀ କମଳ କାନ୍ତ ମହାନ୍ତି | ୩୮୨ |
| ୧୪ ଦେଶର ମାଟି | (ପଦ୍ୟ) | ଶ୍ରୀ ବିନୋଦ ଚନ୍ଦ୍ର ନାଏକ | ୩୮୬ |
| ୧୫ ସମ୍ପାଦକଙ୍କ ପତ୍ର | | | ୩୮୯ |
| ୧୬ ଖୁରଧାର | | ସମ୍ପାଦକୀୟ | ୩୯୧ |


**ବିଶେଷ ବିଜ୍ଞପ୍ତି**

ଆସନ୍ତା ୯ମ ସଂଖ୍ୟା 'ଗାନ୍ଧିଜୀ ସ୍ମୃତି ସଂଖ୍ୟା' ରୂପେ ପ୍ରକାଶିତ ହେବ । ଲେଖକ ଲେଖିକାମାନଙ୍କୁ ଅନୁରୋଧ ଯେ, ସେମାନେ ତା ୨୫ । ୨ । ୪୮ ପୂର୍ବରୁ ପୁଣ୍ୟାତ୍ମା ବାପୁଜୀଙ୍କ ସମ୍ବନ୍ଧରେ ପ୍ରବନ୍ଧାଦି ପଠାଇ ଆମର ସତ୍ ଉଦ୍ୟମରେ ସହଯୋଗ କରିବେ ! ସମ୍ପାଦକ, ଚତୁରଙ୍ଗ ।

Digitized by srujanika@gmail.com